# ସ୍ୱାମୀ ବିବେକାନନ୍ଦଙ୍କ
# ବାଣୀ ଓ ରଚନା

## ନବମ ଖଣ୍ଡ

ରାମକୃଷ୍ଣ ମଠ
ଭୁବନେଶ୍ୱର

ପ୍ରକାଶକ
ସ୍ୱାମୀ ଆତ୍ମପ୍ରଭାନନ୍ଦ
ଅଧ୍ୟକ୍ଷ, ରାମକୃଷ୍ଣ ମଠ
ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର—୭୫୧ ୦୦୨
ଓଡ଼ିଶା

ସର୍ବସ୍ୱତ୍ୱ ସଂରକ୍ଷିତ

ଦ୍ୱିତୀୟ ସଂସ୍କରଣ : ଡିସେମ୍ବର ୧୯୯୦
**ପ୍ରଥମ ପୁନର୍ମୁଦ୍ରଣ : ୨୮ ଅଗଷ୍ଟ ୨୦୧୩**
ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ
୫୦୦

ମୂଲ୍ୟ– ଟ. ୧୩୦.୦୦

ମୁଦ୍ରାକର :
ହିନ୍ଦୁସ୍ଥାନ ପ୍ରିଣ୍ଟିଙ୍ଗ୍ ଏଣ୍ଡ୍ ବାଇଣ୍ଡିଂ ୱାର୍କ୍ସ୍
ଏ/୪୮, ରାମେଶ୍ୱର ପାଟଣା
ଭୁବନେଶ୍ୱର—୭୫୧ ୦୦୨

***SWAMI VIVEKANANDANKA VANI O RACHANA Vol. - IX :*** by Swami Vivekananda; Published by Ramakrishna Math, Vivekananda Marg, Bhubaneswar - 751 002; 1st Reprint on 28th August 2013; **Price : ₹ One Hundred Thirty only.**

# ପ୍ରକାଶକଙ୍କ ନିବେଦନ

ଶ୍ରୀଭଗବାନଙ୍କ ଆଶୀର୍ବାଦରୁ 'ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା'ର ନବମ ଖଣ୍ଡ ପ୍ରକାଶିତ ହେଲା ।

ଏହି ଖଣ୍ଡରେ ପ୍ରଧାନତଃ କଥୋପକଥନ-ମୂଳକ ବିଷୟଗୁଡ଼ିକ—ସ୍ୱାମୀଜୀଙ୍କ ସହିତ ଦେଶ-ବିଦେଶରେ ଚିନ୍ତାଶୀଳ ବ୍ୟକ୍ତିମାନଙ୍କର ଯେଉଁସବୁ ଆଲୋଚନା ହୋଇଥିଲା—ତାହା ସନ୍ନିବେଶିତ ହୋଇଛି । ଏଗୁଡ଼ିକ ତାଙ୍କର ବକ୍ତୃତା ଓ ଲେଖା ଭଳି ଜୀବନପ୍ରଦ, ଉପରନ୍ତୁ ବ୍ୟକ୍ତିଗତ ଓ ଜାତିଗତ ନାନା ସମସ୍ୟାର ସମାଧାନ ପାଇଁ ସୁଚିନ୍ତିତ ଇଙ୍ଗିତରେ ପରିପୂର୍ଣ୍ଣ ।

ସ୍ୱାମୀଜୀଙ୍କର ଶିଷ୍ୟ ଶ୍ରୀଯୁକ୍ତ ଶରଚ୍ଚନ୍ଦ୍ର ଚକ୍ରବର୍ତ୍ତୀ 'ସ୍ୱାମୀଜୀ-ଶିଷ୍ୟ-ସମ୍ବାଦ'ରେ ସ୍ୱାମୀ ବିବେକାନନ୍ଦଙ୍କର ଉଦ୍ଦୀପନାମୟ ବହୁ କଥା ଲିପିବଦ୍ଧ କରିଛନ୍ତି ।

ଭଗିନୀ ନିବେଦିତାଙ୍କ ଲିଖିତ 'Notes of some Wanderings with the Swami Vivekananda' ପୁସ୍ତକଟିରୁ ସ୍ୱାମୀଜୀଙ୍କର କଥା ଓ ମତାମତକୁ ନିର୍ବାଚିତ କରି ଏବଂ ମୂଳ ଅଧ୍ୟାୟର ଧାରାବାହିକତା ରକ୍ଷା କରି 'ସ୍ୱାମୀଜୀଙ୍କ ସହ ହିମାଳୟରେ' ନାମରେ ସନ୍ନିବେଶିତ କରାଯାଇଛି ।

'ସ୍ୱାମୀଜୀଙ୍କ କଥା' ଅଂଶଟି ସ୍ମୃତିକଥା-ମୂଳକ । ସ୍ମୃତିକଥା ଯେଉଁମାନେ ଲେଖିଛନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ସ୍ୱାମୀଜୀଙ୍କର ଶିଷ୍ୟ—ଯଥା ସ୍ୱାମୀ ଶୁଦ୍ଧାନନ୍ଦ ସ୍ୱାମୀଜୀଙ୍କର ସନ୍ନ୍ୟାସୀ ଶିଷ୍ୟ, ହରିପଦ ମିତ୍ର ଗୃହସ୍ଥ ଶିଷ୍ୟ, ପ୍ରିୟନାଥ ସିଂହ ତାଙ୍କର ବାଲ୍ୟବନ୍ଧୁ ଓ ଶିଷ୍ୟ । ଏହି ଲେଖାଗୁଡ଼ିକରେ ସ୍ୱାମୀଜୀଙ୍କର ବିଭିନ୍ନ ଭାବର ଚିତ୍ର ଫୁଟିଉଠିଛି ।

ସର୍ବଶେଷରେ 'କଥୋପକଥନ' ପୁସ୍ତକଟି ସନ୍ନିବେଶିତ । ଏହା ପ୍ରଧାନତଃ ଦେଶ-ବିଦେଶର ସମ୍ବାଦପତ୍ର-ପ୍ରତିନିଧିଗଣଙ୍କ ସହ ସାକ୍ଷାତ୍କାରର ପ୍ରକାଶିତ ବିବୃତି । ଏହାର ଶେଷାଂଶରେ କେତୋଟି ପ୍ରଶ୍ନୋତ୍ତରର ବିବରଣ ଲିପିବଦ୍ଧ କରାଯାଇଛି ।

ଅନ୍ୟାନ୍ୟ ଖଣ୍ଡ ଭଳି ଏହି ଖଣ୍ଡରେ ମଧ୍ୟ ତଥ୍ୟପଞ୍ଜୀ ଓ ନିର୍ଦ୍ଦେଶିକା ସଂଯୋଜିତ ।

ଏହି ଖଣ୍ଡର ବିଭିନ୍ନ ଅଂଶର ସମ୍ପାଦନା କରିଛନ୍ତି ସର୍ବଶ୍ରୀ ସତ୍ୟନାରାୟଣ ମିଶ୍ର, ନରସିଂହ ନନ୍ଦ, ନଟବର ମହାନ୍ତି, ସ୍ୱାମୀ ବୈରାଗ୍ୟାନନ୍ଦ ଓ ଶ୍ରୀମତୀ ପଦ୍ମିନୀ ତ୍ରିପାଠୀ । ଅଧ୍ୟାପକ ଶ୍ରୀ ଚନ୍ଦ୍ରକାନ୍ତ ମିଶ୍ର ଅନ୍ୟାନ୍ୟ ଖଣ୍ଡଭଳି ଏହି ଖଣ୍ଡର ସମ୍ପାଦନ ଓ ଭାଷା-ସଂଶୋଧନରେ ବିଶେଷ ଭୂମିକା ଗ୍ରହଣ କରିବା ସଙ୍ଗେ ସଙ୍ଗେ ମୁଦ୍ରଣ-ସମ୍ବନ୍ଧୀୟ ସମସ୍ତ ଦାୟିତ୍ୱ ନିଃସ୍ୱାର୍ଥପର ଭାବରେ ତୁଲାଇଛନ୍ତି । ଏମାନଙ୍କୁ ଆମେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ଗ୍ରନ୍ଥର ପ୍ରକାଶନ ପାଇଁ ଆର୍ଥିକ ଅନୁଦାନ ନିମନ୍ତେ ଆମେ କେନ୍ଦ୍ର ସରକାରଙ୍କ-ଠାରେ ଗଭୀର ଭାବରେ ଋଣୀ । ଓଡ଼ିଶା ସରକାର ମଧ୍ୟ ଏଥିପାଇଁ ଆର୍ଥିକ ସହାୟତା କରିବାର ପ୍ରତିଶ୍ରୁତି ଦେଇଥିବାରୁ ଆମମାନଙ୍କର ଧନ୍ୟବାଦାର୍ହ ।

ଏହି ଗ୍ରନ୍ଥପାଠରେ ଓଡ଼ିଶାବାସୀମାନେ ବିଶେଷ ଉପକୃତ ହେବେ ବୋଲି ଆମମାନଙ୍କର ଆଶା ଓ ବିଶ୍ୱାସ ।

ଶ୍ରୀରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦଙ୍କ ନିକଟରେ ପ୍ରାର୍ଥନା—ସେ ସମସ୍ତଙ୍କୁ ଆଧ୍ୟାତ୍ମିକ କଲ୍ୟାଣ-ମାର୍ଗରେ ଉନ୍ନୀତ କରନ୍ତୁ ।

ରାମକୃଷ୍ଣମଠ, ଭୁବନେଶ୍ୱର
୨୭ ନଭେମ୍ବର ୧୯୯୦

ସ୍ୱାମୀ ଶିବେଶ୍ୱରାନନ୍ଦ
ଅଧ୍ୟକ୍ଷ

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ସ୍ୱାମୀଜୀ-ଶିଷ୍ୟ-ସମ୍ବାଦ | ୧—୨୨୨ |
| (୪୬ ଅଧ୍ୟାୟ—ଖ୍ରୀ: ୧୮୯୭ରୁ୧୯୦୨) | |
| ସ୍ୱାମୀଜୀଙ୍କ ସହ ହିମାଳୟରେ | ୨୨୩—୨୮୦ |
| (୧୨ ଅଧ୍ୟାୟ—୧୮୯୮ ଖ୍ରୀ: ମାର୍ଚ୍ଚରୁ ସେପ୍ଟେମ୍ବର) | |
| ସ୍ୱାମୀଜୀଙ୍କ କଥା | ୨୮୧—୩୬୧ |
| ସ୍ୱାମୀଜୀଙ୍କ ଅସ୍ପଷ୍ଟ ସ୍ମୃତି | ୨୮୩ |
| ସ୍ୱାମୀଜୀଙ୍କ କଥା | ୩୦୬ |
| ସ୍ୱାମୀଜୀଙ୍କ ସହିତ କେତୋଟି ଦିନ | ୩୦୮ |
| ସ୍ୱାମୀଜୀଙ୍କ ସ୍ମୃତି | ୩୩୫ |
| ତିନଦିନର ସ୍ମୃତିଲିପି | ୩୬୧ |
| କଥୋପକଥନ | ୩୬୩—୪୩୨ |
| ଲଣ୍ଡନରେ ଭାରତୀୟ ଯୋଗୀ | ୩୬୫ |
| ଭାରତର ଜୀବନବ୍ରତ | ୩୬୮ |
| ଭାରତ ଓ ଇଂଲଣ୍ଡ | ୩୮୫ |
| ଇଂଲଣ୍ଡରେ ଭାରତୀୟ ଧର୍ମ-ପ୍ରଚାରକ | ୩୯୨ |
| ସ୍ୱାମୀଜୀଙ୍କ ସହ ମଦୁରାରେ ଏକ ଘଣ୍ଟା | ୩୯୫ |
| ଭାରତ ଓ ଅନ୍ୟାନ୍ୟ ଦେଶର ନାନା ସମସ୍ୟା ଆଲୋଚନା | ୩୯୯ |
| ପାଶ୍ଚାତ୍ୟରେ ପ୍ରଥମ ହିନ୍ଦୁ ସନ୍ନ୍ୟାସୀଙ୍କର ପ୍ରଚାର | ୪୦୬ |
| ଜାତୀୟ ଭିତ୍ତିରେ ହିନ୍ଦୁଧର୍ମର ପୁନର୍ବୋଧନ | ୪୧୩ |
| ଭାରତୀୟ ନାରୀ—ସେମାନଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ | ୪୧୬ |
| ହିନ୍ଦୁ ଧର୍ମର ସୀମା | ୪୨୧ |
| ପ୍ରଶ୍ନୋତ୍ତର | ୪୨୩ |
| ତଥ୍ୟପଞ୍ଜୀ | ୪୩୩—୪୫୪ |
| ନିର୍ଦ୍ଦେଶିକା | ୪୫୫—୪୬୩ |

# ସ୍ୱାମୀଜୀ-ଶିଷ୍ୟ-ସମ୍ବାଦ

# ପୁସ୍ତକ ପରିଚୟ

ଦେଶ, ସମାଜ, ଆଚାର, ନୀତି, ଧର୍ମ ପ୍ରଭୃତି ଯେଉଁସବୁ ବିଷୟର କର୍ତ୍ତବ୍ୟାକର୍ତ୍ତବ୍ୟ ଅନୁଧାବନ ଏବଂ ମୀମାଂସା କରିବାକୁ ଯାଇ ମାନବ-ମନ ସନ୍ଦେହରେ ଦୋଲାୟମାନ ହୋଇ ଦିକ୍-ନିର୍ଣ୍ଣୟରେ ଅକ୍ଷମ ହୁଏ, ତତ୍ତଦ୍‌ବିଷୟ ସମ୍ବନ୍ଧରେ ପୂଜ୍ୟପାଦାଚାର୍ଯ୍ୟ ଶ୍ରୀବିବେକାନନ୍ଦ ସ୍ୱାମୀଜୀଙ୍କର ଅଲୌକିକ ଦୂରଦୃଷ୍ଟି ଏବଂ ଅସାଧାରଣ ବହୁଦର୍ଶିତା ତାହାଙ୍କୁ କି ମୀମାଂସାରେ ଉପନୀତ କରାଇଥିଲା, ଗ୍ରନ୍ଥକାର[1] ଏହି ପୁସ୍ତକରେ ତାହାର କିଞ୍ଚିତ୍ ପରିଚୟ ଦେବାର ପ୍ରୟତ୍ନ କରିଛନ୍ତି । କେବଳ ସେତିକି ନୁହେଁ, ଯେଉଁ ଶକ୍ତିମାନ୍ ପୁରୁଷଙ୍କର ଅଦ୍ଭୁତ ପ୍ରତିଭା ଏବଂ ଦିବ୍ୟ ଚରିତ୍ରବଳରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଜଗତର ମନୀଷିଗଣ ସ୍ତମ୍ଭିତ ହୋଇ ଅନତିକାଳ ପୂର୍ବେ ତାହାଙ୍କୁ ଉଚ୍ଚାସନ ପ୍ରଦାନ କରିଥିଲେ, ସେହି ମହାମହିମ ସ୍ୱାମୀ ଶ୍ରୀବିବେକାନନ୍ଦ ଲୋକଚକ୍ଷୁର ଅନ୍ତରାଳରେ ମଠରେ ସର୍ବଦା କିପରି ଉଚ୍ଚଭାବରେ କାଳକ୍ଷେପ କରୁଥିଲେ, କିପରି ସ୍ନେହରେ ତାଙ୍କର ଶିଷ୍ୟବର୍ଗଙ୍କୁ ସର୍ବଦା ଶିକ୍ଷାଦୀକ୍ଷାଦି ପ୍ରଦାନ କରୁଥିଲେ, ନିଜ ଗୁରୁଭାଇମାନଙ୍କୁ କିପରି ଉଚ୍ଚ ସମ୍ମାନ ପ୍ରଦାନ କରୁଥିଲେ ଏବଂ ସର୍ବୋପରି ନିଜ ଗୁରୁ ଶ୍ରୀଶ୍ରୀରାମକୃଷ୍ଣଦେବଙ୍କୁ ଜୀବନ-ମରଣରେ କିପରି ଭାବରେ ଅନୁସରଣ କରୁଥିଲେ, ମଝିରେ ମଝିରେ ତଦ୍‌ବିଷୟର ପରିଚୟ କିଛି କିଛି ପ୍ରଦାନ କରାଯାଇଛି । ପୁନଶ୍ଚ ସ୍ୱାମୀଜୀଙ୍କର ମତାମତ ଲିପିବଦ୍ଧ କରିବାକୁ ଅଗ୍ରସର ହେବାର ଗୁରୁଦାୟିତ୍ୱ ଅନୁଭବ କରି ଗ୍ରନ୍ଥକାର ପୁସ୍ତକଟିର ଆଦ୍ୟୋପାନ୍ତ, ସ୍ୱାମୀଜୀଙ୍କ ବେଲୁଡ଼ମଠସ୍ଥ ଗୁରୁଭାଇମାନଙ୍କ ଦ୍ୱାରା ସଂଶୋଧିତ କରାଇ ନେଇଛନ୍ତି । ଗ୍ରନ୍ଥନିବଦ୍ଧ ବିଷୟଗୁଡ଼ିକର ସ୍ଥାନକାଳାଦିର ନିର୍ଣ୍ଣୟ ମଧ୍ୟ ଯଥାସାଧ୍ୟ ବିଭାଗ କରି ପୁସ୍ତକଟିକୁ ଦୁଇ ଖଣ୍ଡରେ[2] ବିଭକ୍ତ କରିଦିଆହୋଇଛି ।…

ବିନୀତ

**ଶ୍ରୀସାରଦାନନ୍ଦ**

---

୧ ଶିଷ୍ୟ—ଶ୍ରୀ ଶରଚ୍ଚନ୍ଦ୍ର ଚକ୍ରବର୍ତ୍ତୀ ।

୨ ବର୍ତ୍ତମାନ ସଂକଳନରେ ଆଦ୍ୟ ଦୁଇ ଖଣ୍ଡର ଅଧ୍ୟାୟଗୁଡ଼ିକ ଗୋଟିଏ ଖଣ୍ଡରେ କ୍ରମିକ ସଂଖ୍ୟାନୁସାରେ ନିବଦ୍ଧ ହେଲା ।

# ୧

ସ୍ଥାନ—କଲିକତା, ପ୍ରିୟନାଥ ମୁଖୋପାଧ୍ୟାୟଙ୍କ ଗୃହ, ବାଗ୍‌ବଜାର

କାଳ—୧୮୯୭ ଖ୍ରୀଷ୍ଟାବ୍ଦ (ଫେବୃଆରି ଶେଷ ସପ୍ତାହ)

ତିନି ଚାରିଦିନ ହେଲା ସ୍ୱାମୀଜୀ ପ୍ରଥମ ଥର ବିଲାତରୁ ଭାରତକୁ ଫେରିବା ପରେ କଲିକତାରେ ପଦାର୍ପଣ କରିଛନ୍ତି । ଆଜି ମଧ୍ୟାହ୍ନରେ ବାଗ୍‌ବଜାରର ରାଜବଲ୍ଲଭ ପଡ଼ାରେ ଶ୍ରୀରାମକୃଷ୍ଣ-ଭକ୍ତ ଶ୍ରୀଯୁକ୍ତ ପ୍ରିୟନାଥ ମୁଖୋପାଧ୍ୟାୟଙ୍କ ଗୃହକୁ ସ୍ୱାମୀଜୀଙ୍କ ନିମନ୍ତ୍ରଣ । ସମ୍ବାଦ ପାଇ ବହୁ ଭକ୍ତ ଆଜି ତାଙ୍କ ଗୃହରେ ସମାଗତ ହେଉଛନ୍ତି । ଲୋକମୁଖରୁ ସମ୍ବାଦ ପାଇ ଶିଷ୍ୟ ମଧ୍ୟ ମୁଖାର୍ଜୀ ମହାଶୟଙ୍କ ଗୃହରେ ଦିନ ପ୍ରାୟ ୩ଟା ସମୟରେ ଉପସ୍ଥିତ ହେଲା । ସ୍ୱାମୀଜୀଙ୍କ ସହିତ ଶିଷ୍ୟର ଏପର୍ଯ୍ୟନ୍ତ ଆଳାପ ହୋଇ ନାହିଁ । ଶିଷ୍ୟର ଜୀବନରେ ସ୍ୱାମୀଜୀଙ୍କ ଦର୍ଶନ-ଲାଭ ଏହି ପ୍ରଥମ ।

ଶିଷ୍ୟ ଉପସ୍ଥିତ ହେବା ମାତ୍ରେ ସ୍ୱାମୀ ତୁରୀୟାନନ୍ଦ ତାକୁ ସ୍ୱାମୀଜୀଙ୍କ ନିକଟକୁ ନେଇଯାଇ ପରିଚୟ କରାଇଦେଲେ । ସ୍ୱାମୀଜୀ ମଠକୁ ଆସି ଶିଷ୍ୟ-ରଚିତ ଗୋଟିଏ 'ଶ୍ରୀରାମକୃଷ୍ଣସ୍ତୋତ୍ର' ପାଠ କରି ଇତିପୂର୍ବରୁ ତା'ର କଥା ଶୁଣିଥିଲେ । ଶ୍ରୀରାମକୃଷ୍ଣଦେବଙ୍କ ଶ୍ରେଷ୍ଠ ଭକ୍ତ ନାଗ-ମହାଶୟଙ୍କ (ଦୁର୍ଗାଚରଣ ନାଗ) ପାଖକୁ ତା'ର ଯେ ଯିବା ଆସିବା ଅଛି, ଏହା ମଧ୍ୟ ସ୍ୱାମୀଜୀ ଜାଣିଥିଲେ ।

ଶିଷ୍ୟ ସ୍ୱାମୀଜୀଙ୍କୁ ପ୍ରଣାମ କରି ଉପବେଶନ କଲା ଉତ୍ତାରୁ ସ୍ୱାମୀଜୀ ତାକୁ ସଂସ୍କୃତରେ ସମ୍ଭାଷଣ କରି ନାଗ-ମହାଶୟଙ୍କର କୁଶଳାଦି ପଚାରିଲେ ଏବଂ ତାଙ୍କର ଅମାନୁଷିକ ତ୍ୟାଗ, ଉଦ୍ଦାମ ଭଗବଦାନୁରାଗ ଓ ଦୀନତାର ବିଷୟ ଉଲ୍ଲେଖ କରୁ କରୁ କହିଲେ—'ବୟଂ ତତ୍ତ୍ୱାନ୍ୱେଷାଦ୍ ହତାଃ ମଧୁକର ତ୍ୱଂ ଖଳୁ କୃତୀ'—(ଅଭିଜ୍ଞାନଶକୁନ୍ତଳମ୍) । କଥାଗୁଡ଼ିକ ନାଗ-ମହାଶୟଙ୍କୁ ଲେଖି ଜଣାଇବାକୁ ଶିଷ୍ୟକୁ ଆଦେଶ କଲେ । ପରେ ବହୁ ଲୋକଙ୍କ ଭିତରେ ଆଳାପ କରିବାର ସୁବିଧା ହେଉ ନ ଥିବାର ଦେଖି ତାକୁ ଓ ସ୍ୱାମୀ ତୁରୀୟାନନ୍ଦଙ୍କୁ ପଶ୍ଚିମର ଗୋଟେ ଘରକୁ ଡାକି ନେଇ ଶିଷ୍ୟକୁ ଲକ୍ଷ୍ୟ କରି 'ବିବେକଚୂଡ଼ାମଣିର' ଏହି କଥାଗୁଡ଼ିକ ଆବୃତ୍ତି କଲେ—

'ମା ଭୈଷ୍ଟ ବିଦ୍ୱନ୍ ତବ ନାସ୍ତ୍ୟପାୟଃ
ସଂସାରସିନ୍ଧୋସ୍ତରଣେଽସ୍ତ୍ୟୁପାୟଃ ।
ଯେନୈବ ଯାତା ଯତୟୋଽସ୍ୟ ପାରଂ
ତମେବ ମାର୍ଗଂ ତବ ନିର୍ଦ୍ଦିଶାମି ।'

[—'ହେ ବିଦ୍ୱାନ୍ ! ଭୟ କର ନାହିଁ, ତୁମର ବିନାଶ ନାହିଁ; ସଂସାର-ସାଗର ପାର ହେବାର ଉପାୟ ଅଛି । ଯେଉଁ ପଥ ଅବଲମ୍ବନ କରି ଶୁଦ୍ଧସତ୍ତ୍ୱ ଯୋଗୀଗଣ ଏହି ସଂସାର-ସାଗର ପାର ହୋଇଅଛନ୍ତି, ସେହି ପଥ ମୁଁ ତୁମକୁ ନିର୍ଦ୍ଦେଶ କରିଦେବି ।']—ଏବଂ ତାଙ୍କୁ ଆଚାର୍ଯ୍ୟ ଶଙ୍କରଙ୍କର 'ବିବେକଚୂଡ଼ାମଣି' ନାମକ ଗ୍ରନ୍ଥ ଖଣ୍ଡିକ ପଢ଼ିବାକୁ ସ୍ୱାମୀଜୀ ଆଦେଶ କଲେ ।

ବିଭିନ୍ନ ପ୍ରସଙ୍ଗ ଚାଲିଛି, ଏପରି ସମୟରେ ଜଣେ ଆସି ସମ୍ବାଦ ଦେଲା ଯେ, 'ମିରର୍'-ସମ୍ପାଦକ ଶ୍ରୀଯୁକ୍ତ ନରେନ୍ଦ୍ରନାଥ ସେନ୍ ସ୍ୱାମୀଜୀଙ୍କ ସହିତ ଦେଖା କରିବାକୁ ଆସିଛନ୍ତି । ସ୍ୱାମୀଜୀ ସଂବାଦ-ବାହକକୁ କହିଲେ—ତାଙ୍କୁ ଏଠାକୁ ନେଇଆସ । ନରେନ୍ଦ୍ରବାବୁ ସେହି ଛୋଟ ଘରଟିରେ ଆସି ବସିଲେ ଏବଂ ଆମେରିକା ଓ ଇଂଲଣ୍ଡ ସମ୍ବନ୍ଧରେ ସ୍ୱାମୀଜୀଙ୍କୁ ନାନା ପ୍ରଶ୍ନ କରିବାକୁ ଲାଗିଲେ ।

ଉତ୍ତରରେ ସ୍ୱାମୀଜୀ କହିଲେ—ଆମେରିକାବାସୀଙ୍କ ପରି ସହୃଦୟ, ଉଦାରଚିତ୍ତ, ଅତିଥିସତ୍କାରପରାୟଣ, ନବ ନବ ଭାବ ଗ୍ରହଣରେ ଏକାନ୍ତ ସମୁତ୍ସୁକ ଜାତି ଜଗତରେ ଆଉ ଦ୍ୱିତୀୟ ଦେଖାଯାଏ ନାହିଁ । ଆମେରିକାରେ ଯାହା କିଛି କାର୍ଯ୍ୟ ହୋଇଛି, ତାହା ମୋର ଶକ୍ତିରେ ହୋଇ ନାହିଁ । ଆମେରିକା ଦେଶର ଲୋକେ ଏଡ଼େ ସହୃଦୟ ବୋଲି ସେମାନେ ବେଦାନ୍ତର ଭାବ ଗ୍ରହଣ କରିଛନ୍ତି ।

ଇଂଲଣ୍ଡର କଥା ଉପଲକ୍ଷ୍ୟ କରି କହିଲେ—'ଇଂରେଜଙ୍କ ପରି conservative (ରକ୍ଷଣଶୀଳ) ଜାତି ଜଗତରେ ଆଉ ଦ୍ୱିତୀୟ ନାହିଁ । ସେମାନେ କୌଣସି ନୂତନ ଭାବ ସହଜରେ ଗ୍ରହଣ କରିବାକୁ ଚାହାଁନ୍ତି ନାହିଁ । କିନ୍ତୁ ଅଧ୍ୟବସାୟ ସହିତ ଯଦି ସେମାନଙ୍କୁ ଥରେ କୌଣସି ଭାବ ବୁଝାଇ ଦିଆଯାଏ, ତେବେ ସେମାନେ କୌଣସିମତେ ତାହା ଆଉ ଛାଡ଼ନ୍ତି ନାହିଁ । ଏପରି ଦୃଢ଼ ପ୍ରତିଜ୍ଞା ଅନ୍ୟ କୌଣସି ଜାତିଠାରେ ମିଳେ ନାହିଁ । ସେଥିନିମିତ୍ତ ସେମାନେ ସଭ୍ୟତା ଓ ଶକ୍ତିସଞ୍ଚୟରେ ଜଗତର ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି ।

ଉପଯୁକ୍ତ ପ୍ରଚାରକ ପାଇଲେ ଆମେରିକା ଅପେକ୍ଷା ଇଂଲଣ୍ଡରେ ହିଁ ବେଦାନ୍ତ କାର୍ଯ୍ୟ ସ୍ଥାୟୀ ହେବାର ଅଧିକତର ସମ୍ଭାବନା ଜଣାଇ କହିଲେ—'ମୁଁ କେବଳ କାର୍ଯ୍ୟର ମୂଳପତ୍ତନ ମାତ୍ର ଦେଇ ଆସିଛି । ପରବର୍ତ୍ତୀ ପ୍ରଚାରକମାନେ ଏହି ପନ୍ଥା ଅନୁସରଣ କଲେ କାଳକ୍ରମେ ଅନେକ କାର୍ଯ୍ୟ ହେବ ।'

ନରେନ୍ଦ୍ରବାବୁ ପଚାରିଲେ—ଏହିପରି ଧର୍ମ-ପ୍ରଚାର ଦ୍ୱାରା ଭବିଷ୍ୟତରେ ଆମର କଅଣ ଲାଭ ହୋଇପାରେ ?

ସ୍ୱାମୀଜୀ : ଆମ ଦେଶରେ ଅଛି ଏକମାତ୍ର ଏହି ବେଦାନ୍ତ ଧର୍ମ । ପାଶ୍ଚାତ୍ତ୍ୟ ସଭ୍ୟତାର ତୁଳନାରେ ଆମର ବର୍ତ୍ତମାନ ଆଉ କିଛି ନାହିଁ କହିଲେ ଚଳେ । କିନ୍ତୁ ଏହି ସାର୍ବଭୌମ ବେଦାନ୍ତବାଦ—ଯାହାକି ସବୁ ମତର, ସବୁ ପଥର ଲୋକଙ୍କୁ ଧର୍ମଲାଭରେ ସମାନ ଅଧିକାର ପ୍ରଦାନ କରେ—ଏହାର ପ୍ରଚାର ଦ୍ୱାରା ପାଶ୍ଚାତ୍ତ୍ୟ ସଭ୍ୟ ଜଗତ ଜାଣିପାରିବେ ଭାରତବର୍ଷରେ ଏକ ସମୟରେ କି ଆଶ୍ଚର୍ଯ୍ୟ ଧର୍ମଭାବର ସ୍ଫୁରଣ ହୋଇଥିଲା ଏବଂ ଏବେ ମଧ୍ୟ ରହିଛି ।

ଏହି ମତର ଚର୍ଚ୍ଚା ଦ୍ୱାରା ପାଶ୍ଚାତ୍ୟ ଜାତିର ଆମ ପ୍ରତି ଶ୍ରଦ୍ଧା ଓ ସହାନୁଭୂତି ହେବ। ଅନେକ ପରିମାଣରେ ଏହା ବର୍ତ୍ତମାନ ହିଁ ହୋଇଛି। ଏହିପରି ଯଥାର୍ଥ ଶ୍ରଦ୍ଧା ଓ ସହାନୁଭୂତି ଲାଭ କରିପାରିଲେ ଆମେ ସେମାନଙ୍କ ନିକଟରୁ ଐହିକ ଜୀବନର ବିଜ୍ଞାନାଦି ଶିକ୍ଷା କରି ଜୀବନ-ସଂଗ୍ରାମରେ ଅଧିକତର ପଟୁ ହେବୁ। ପକ୍ଷାନ୍ତରେ ସେମାନେ ଆମ ନିକଟରୁ ଏହି ବେଦାନ୍ତମତ ଶିକ୍ଷା କରି ପାରମାର୍ଥିକ କଲ୍ୟାଣ-ଲାଭରେ ସମର୍ଥ ହେବେ।

ନରେନ୍ଦ୍ରବାବୁ : ଏହି ଆଦାନ-ପ୍ରଦାନରେ ଆମର ରାଜନୈତିକ କୌଣସି ଉନ୍ନତିର ଆଶା ଅଛି କି ?

ସ୍ୱାମୀଜୀ : ସେମାନେ (ପାଶ୍ଚାତ୍ୟ ଲୋକମାନେ) ମହାପରାକ୍ରାନ୍ତ ବିରୋଚନର (ଛାନ୍ଦୋଗ୍ୟ ଉପନିଷଦୋକ୍ତ ଦେହାତ୍ମବାଦୀ ଅସୁର) ସନ୍ତାନ। ସେମାନଙ୍କ ଶକ୍ତିରେ ପଞ୍ଚଭୂତ କ୍ରୀଡ଼ାପୁତ୍ତଳିକାବତ୍ କାର୍ଯ୍ୟ କରୁଛି। ଆପଣମାନେ ଯଦି ମନେକରୁଛନ୍ତି ଯେ—ଆମେମାନେ ଏମାନଙ୍କ ସହିତ ସଂଘର୍ଷରେ ଏହି ସ୍ଥୂଳ ପାଞ୍ଚଭୌତିକ ଶକ୍ତି ପ୍ରୟୋଗ କରିବା ଦ୍ୱାରା ହିଁ ଦିନେ ସ୍ୱାଧୀନ ହେବୁ, ଆପଣମାନେ ନିହାତି ଭୁଲ ବୁଝୁଛନ୍ତି। ହିମାଳୟର ସାମନାରେ ସାମାନ୍ୟ ଉପଳଖଣ୍ଡ ଯେପରି, ସେମାନଙ୍କର ଓ ଆମର ଏହି ଶକ୍ତି-ପ୍ରୟୋଗ-କୁଶଳତାରେ ତଦ୍ରୂପ ପ୍ରଭେଦ। ମୋର ମତ କଅଣ ଜାଣନ୍ତି ? ଆମେମାନେ ଏହିପରି ବେଦାନ୍ତୋକ୍ତ ଧର୍ମର ଗୂଢ଼ ରହସ୍ୟ ପାଶ୍ଚାତ୍ୟ ଜଗତରେ ପ୍ରଚାର କରି, ସେହି ମହାଶକ୍ତିଧରମାନଙ୍କ ଶ୍ରଦ୍ଧା ଓ ସହାନୁଭୂତି ଆକର୍ଷଣ କରି ଧର୍ମ ବିଷୟରେ ଚିରଦିନ ସେମାନଙ୍କର ଗୁରୁସ୍ଥାନୀୟ ହୋଇ ରହିବା ଏବଂ ସେମାନେ ଇହଲୌକିକ ଅନ୍ୟାନ୍ୟ ବିଷୟରେ ଆମମାନଙ୍କର ଗୁରୁ ହୋଇ ରହିବେ। ଧର୍ମ ଜିନିଷଟାକୁ ସେମାନଙ୍କ ହାତରେ ଛାଡ଼ିଦେଇ ଭାରତବାସୀ ଯେଉଁଦିନ ପାଶ୍ଚାତ୍ୟର ପାଦତଳେ ଧର୍ମ ଶିଖିବାକୁ ବସିବେ, ସେହିଦିନ ଏହି ଅଧଃପତିତ ଜାତିର ନିଜତ୍ୱ ଏକାବେଳକେ ସରିଯିବ। ଦିନରାତି ଚିତ୍କାର କରି ତାଙ୍କୁ 'ଏଇଟା ଦିଅ, ସେଇଟା ଦିଅ' କହିଲେ କିଛି ହେବ ନାହିଁ। ଏହି ଆଦାନ-ପ୍ରଦାନରୂପ କାର୍ଯ୍ୟଦ୍ୱାରା ଯେତେବେଳେ ଉଭୟ ପକ୍ଷ ଭିତରେ ଶ୍ରଦ୍ଧା ଓ ସହାନୁଭୂତିର ଗୋଟାଏ ସମ୍ପର୍କ ଆସିଯିବ, ସେତେବେଳେ ଆଉ ପାଟିତୁଣ୍ଡ କରିବାକୁ ପଡ଼ିବ ନାହିଁ। ସେମାନେ ଆପଣାଛାଏଁ ସବୁ କରିବେ। ମୋର ବିଶ୍ୱାସ ଏହିପରି ଧର୍ମଚର୍ଚ୍ଚାଦ୍ୱାରା ଏବଂ ବେଦାନ୍ତ-ଧର୍ମର ବହୁଳ ପ୍ରଚାରଦ୍ୱାରା ଏ ଦେଶ ଏବଂ ପାଶ୍ଚାତ୍ୟ ଦେଶ ଉଭୟଙ୍କର ବିଶେଷ ଲାଭ ହେବ। ରାଜନୀତି ଚର୍ଚ୍ଚା ଏହା ତୁଳନାରେ ମୋ ନିକଟରେ ଗୌଣ (secondary) ଉପାୟ ବୋଲି ବୋଧହୁଏ। ମୁଁ ଏହି ବିଶ୍ୱାସକୁ କାର୍ଯ୍ୟରେ ପରିଣତ କରିବାକୁ ଜୀବନ କ୍ଷୟ କରିବି। ଭାରତର କଲ୍ୟାଣ ଅନ୍ୟ ଭାବରେ ସାଧିତ ହୋଇପାରିବ ବୋଲି ଯଦି ଆପଣମାନେ ବୁଝିଥାଆନ୍ତି, ତେବେ ସେହି ଭାବରେ କାର୍ଯ୍ୟ କରିଯାଆନ୍ତୁ।

ନରେନ୍ଦ୍ରବାବୁ ସ୍ୱାମୀଜୀଙ୍କ କଥାରେ ସମ୍ମତି ପ୍ରକାଶ କରି କିଛିକ୍ଷଣ ପରେ ଉଠିଗଲେ। ଶିଷ୍ୟ ସ୍ୱାମୀଜୀଙ୍କ ପୂର୍ବୋକ୍ତ କଥାସବୁ ଶୁଣି ଅବାକ୍ ହୋଇ ତାଙ୍କ ଦୀପ୍ତ ମୂର୍ତ୍ତି ଆଡ଼କୁ ଅନିମେଷ ନୟନରେ ଚାହିଁ ରହିଲା।

ନରେନ୍ଦ୍ର ବାବୁ ଗ୍ଳସିବା ପରେ ଗୋରକ୍ଷିଣୀ ସଭାର ଜନୈକ ଉଦ୍ୟୋଗୀ ପ୍ରଚାରକ ସ୍ୱାମୀଜୀଙ୍କ ସହିତ ସାକ୍ଷାତ୍ କରିବାକୁ ଉପସ୍ଥିତ ହେଲେ । ପୂରା ନ ହେଲେ ମଧ୍ୟ ଏହାଙ୍କ ବେଶଭୂଷା ଅନେକ ପରିମାଣରେ ସନ୍ନ୍ୟାସୀଙ୍କ ପରି । ମୁଣ୍ଡରେ ଗେରୁଆ ରଙ୍ଗର ପଗଡ଼ି ବନ୍ଧା —ଦେଖିଲେ ହିଁ ଜଣାଯାଏ ଏ ବ୍ୟକ୍ତି ହିନ୍ଦୁସ୍ଥାନୀ । ଗୋରକ୍ଷା ପ୍ରଚାରକଙ୍କ ଆଗମନ-ବାର୍ତ୍ତା ପାଇ ସ୍ୱାମୀଜୀ ବାହାର ଘରକୁ ଆସିଲେ । ପ୍ରଚାରକ ସ୍ୱାମୀଜୀଙ୍କୁ ଅଭିବାଦନ କରି ଗୋମାତାର ଖଣ୍ଡିଏ ଛବି ତାଙ୍କୁ ଉପହାର ଦେଲେ । ସ୍ୱାମୀଜୀ ତାହାକୁ ହାତରେ ନେଇ ନିକଟବର୍ତ୍ତୀ ଅପର ଏକ ବ୍ୟକ୍ତିଙ୍କ ହାତକୁ ଦେଇ ତାଙ୍କ ସହିତ ନିମ୍ନଲିଖିତ ଆଳାପ କରିଥିଲେ ।

ସ୍ୱାମୀଜୀ : ଆପଣମାନଙ୍କ ସଭାର ଉଦ୍ଦେଶ୍ୟ କଅଣ ?

ପ୍ରଚାରକ : ଆମେମାନେ ଦେଶର ଗୋମାତାମାନଙ୍କୁ କଂସେଇ ହାତରୁ ରକ୍ଷା କରିଥାଉଁ । ସ୍ଥାନେ ସ୍ଥାନେ ଗୋଶାଳା ସ୍ଥାପନ କରାହୋଇଛି । ସେଠାରେ ରୁଗ୍ଣ, ଅକର୍ମଣ୍ୟ ଏବଂ କଂସେଇଠାରୁ କ୍ରୀତ ଗୋମାତାମାନେ ପ୍ରତିପାଳିତ ହୁଅନ୍ତି ।

ସ୍ୱାମୀଜୀ : ଏ ଅତି ଉତ୍ତମ କଥା । ଆପଣମାନଙ୍କ ଆୟର ପନ୍ଥା କଅଣ ?

ପ୍ରଚାରକ : ଦୟାପରବଶ ହୋଇ ଆପଣମାନଙ୍କ ପରି ମହାପୁରୁଷମାନେ ଯାହାକିଛି ଦିଅନ୍ତି, ତାହାଦ୍ୱାରା ସଭାର ଏହି କାର୍ଯ୍ୟ ନିର୍ବାହ ହୁଏ ।

ସ୍ୱାମୀଜୀ : ଆପଣମାନଙ୍କର ଗଚ୍ଛିତ କେତେ ଟଙ୍କା ଅଛି ?

ପ୍ରଚାରକ : ମାରୁଓ୍ୱାଡ଼ି ବଣିକ୍-ସମ୍ପ୍ରଦାୟ ଏହି କାର୍ଯ୍ୟର ବିଶେଷ ପୃଷ୍ଠପୋଷକ । ସେମାନେ ଏହି ସତ୍ କାର୍ଯ୍ୟରେ ବହୁ ଅର୍ଥ ଦେଇଛନ୍ତି ।

ସ୍ୱାମୀଜୀ : ମଧ୍ୟ-ଭାରତରେ ଏଥର ଭୟାନକ ଦୁର୍ଭିକ୍ଷ ପଡ଼ିଛି । ଭାରତ ଗଭର୍ଣ୍ଣମେଣ୍ଟ ଅନଶନରେ ନଅ ଲକ୍ଷ ଲୋକଙ୍କ ମୃତ୍ୟୁର ତାଲିକା ପ୍ରକାଶ କରିଛନ୍ତି । ଆପଣଙ୍କ ସଭା ଏହି ଦୁର୍ଭିକ୍ଷକାଳରେ କୌଣସି ସାହାଯ୍ୟ-ଦାନର ଆୟୋଜନ କରିଛନ୍ତି କି ?

ପ୍ରଚାରକ : ଆମେମାନେ ଦୁର୍ଭିକ୍ଷାଦିରେ ସାହାଯ୍ୟ କରୁ ନାହିଁ । କେବଳ ମାତ୍ର ଗୋ-ମାତାଗଣଙ୍କ ରକ୍ଷାକଳ୍ପେ ଏହି ସଭା ସ୍ଥାପିତ ।

ସ୍ୱାମୀଜୀ : ଯେଉଁ ଦୁର୍ଭିକ୍ଷରେ ଆପଣଙ୍କ ଜାତଭାଇ ଲକ୍ଷ ଲକ୍ଷ ମନୁଷ୍ୟ ମୃତ୍ୟୁ-ମୁଖରେ ପତିତ ହେଲେ, ସାମର୍ଥ୍ୟ ଥାଇ ସୁଦ୍ଧା ଆପଣମାନେ ଏହି ଭୀଷଣ ଦୁର୍ଦ୍ଦିନରେ ସେମାନଙ୍କୁ ଅନ୍ନ ଦେଇ ସାହାଯ୍ୟ କରିବା ଉଚିତ ମନେକଲେ ନାହାନ୍ତି ?

ପ୍ରଚାରକ : ନା, ଲୋକଙ୍କର ନିଜ କର୍ମଫଳଯୋଗୁଁ—ପାପ ନିମିତ୍ତ ଏହି ଦୁର୍ଭିକ୍ଷ ହୋଇଥିଲା । ଯେପରି କର୍ମ ସେହିପରି ଫଳ ହୋଇଛି ।

ପ୍ରଚାରକଙ୍କ କଥା ଶୁଣି ସ୍ୱାମୀଜୀଙ୍କ ବିଶାଳ ନୟନ-ପ୍ରାନ୍ତରୁ ଯେପରି ଅଗ୍ନିକଣା ସ୍ଫୁରିତ ହେବାକୁ ଲାଗିଲା, ମୁଖ ଆରକ୍ତିମ ହୋଇଗଲା । କିନ୍ତୁ ମନର ଭାବକୁ ଗୁପିରଖି କହିଲେ—'ଯେଉଁ ସଭାସମିତି ମନୁଷ୍ୟ ପ୍ରତି ସହାନୁଭୂତି ପ୍ରକାଶ କରେ ନାହିଁ, ନିଜର ଭାଇ ଅନଶନରେ ମରୁଛନ୍ତି ଦେଖି ସୁଦ୍ଧା ତାଙ୍କର ପ୍ରାଣରକ୍ଷା ନିମିତ୍ତ ମୁଠାଏ ଅନ୍ନ ନ ଦେଇ

ପଶୁପକ୍ଷୀଙ୍କ ରକ୍ଷା ନିମିତ୍ତ ରାଶି ରାଶି ଅନ୍ନ ବିତରଣ କରନ୍ତି, ତାଙ୍କ ପ୍ରତି ମୋର କିଛି ମାତ୍ର ସହାନୁଭୂତି ନାହିଁ । ତାହାଦ୍ୱାରା ସମାଜର ବିଶେଷ କିଛି ଉପକାର ହେବ ବୋଲି ମୋର ବିଶ୍ୱାସ ନାହିଁ । କର୍ମଫଳରେ ମନୁଷ୍ୟ ମରୁଛନ୍ତି—ଏହିପରି କର୍ମର ଦୁହାଇ ଦେଲେ ଜଗତରେ କୌଣସି ବିଷୟ ନିମିତ୍ତ ଚେଷ୍ଟା କରିବାଟା ଏକାବେଳକେ ବିଫଳ ବୋଲି ସାବ୍ୟସ୍ତ ହୁଏ । ଆପଣମାନଙ୍କ ପଶୁରକ୍ଷା କାମଟି ମଧ୍ୟ ବାଦ୍ ଯାଏ ନାହିଁ । ସେହି କାର୍ଯ୍ୟ ସମ୍ବନ୍ଧରେ ମଧ୍ୟ କୁହାଯାଇପାରେ—ଗୋମାତାମାନେ ଆପଣା ଆପଣା କର୍ମଫଳ ଯୋଗୁଁ କଂସେଇଙ୍କ ହାତକୁ ଯାଇଛନ୍ତି ଏବଂ ମରୁଛନ୍ତି । ଆମମାନଙ୍କର ସେଥିରେ କିଛି କରିବାର ପ୍ରୟୋଜନ ନାହିଁ ।

ପ୍ରଚାରକ ଟିକିଏ ଅପ୍ରତିଭ ହୋଇ କହିଲେ, 'ହଁ, ଆପଣ ଯାହା କହୁଛନ୍ତି ତାହା ସତ୍ୟ; କିନ୍ତୁ ଶାସ୍ତ୍ର କହେ—ଗୋରୁ ଆମମାନଙ୍କ ମାତା ।'

ସ୍ୱାମୀଜୀ ହସି ହସି କହିଲେ, 'ହଁ, ଗୋରୁ ଆମମାନଙ୍କର ଯେ ମାତା, ତାହା ମୁଁ ନିଶ୍ଚିତ ଭାବରେ ବୁଝୁଛି । ତାହା ନ ହେଲେ ଏପରି ସବୁ କୃତୀ ସନ୍ତାନ ଆଉ କିଏ ପ୍ରସବ କରିବ ?'

ହିନ୍ଦୁସ୍ଥାନୀ ପ୍ରଚାରକ ଏ ବିଷୟରେ ଆଉ କିଛି ନ କହି—ବୋଧହୁଏ ସ୍ୱାମୀଜୀଙ୍କ ବିଷମ ବିଦ୍ରୂପ ସେ ବୁଝିପାରିଲେ ନାହିଁ—ସ୍ୱାମୀଜୀଙ୍କୁ କହିଲେ ଯେ, ଏହି ସମିତି ଉଦ୍ଦେଶ୍ୟରେ ସେ ତାଙ୍କ ନିକଟରେ କିଛି ଭିକ୍ଷାପ୍ରାର୍ଥୀ ।

ସ୍ୱାମୀଜୀ : ମୁଁ ତ ସନ୍ନ୍ୟାସୀ, ଫକିର ଲୋକ । ମୁଁ କେଉଁଠୁ ଅର୍ଥ ପାଇବି, ଯଦ୍ଦ୍ୱାରା ଆପଣମାନଙ୍କୁ ସାହାଯ୍ୟ କରିବି ? ତେବେ ମୋ ହାତକୁ ଯଦି କେବେବେଳେ ଅର୍ଥ ଆସେ, ଆଗେ ମନୁଷ୍ୟ-ସେବାରେ ବ୍ୟୟ କରିବି; ମନୁଷ୍ୟକୁ ଆଗେ ବଞ୍ଚାଇବାକୁ ହେବ । ଅନ୍ନଦାନ, ବିଦ୍ୟାଦାନ, ଧର୍ମଦାନ କରିବାକୁ ହେବ । ଏସବୁ କରି ଯଦି ଅର୍ଥ ବଳେ ତେବେ ଆପଣ-ମାନଙ୍କ ସମିତିକୁ କିଛି ଦିଆଯିବ ।

କଥା ଶୁଣି ପ୍ରଚାରକ ମହାଶୟ ସ୍ୱାମୀଜୀଙ୍କୁ ଅଭିବାଦନ କରି ପ୍ରସ୍ଥାନ କଲେ । ତା' ପରେ ସ୍ୱାମୀଜୀ ଆମମାନଙ୍କୁ କହିଲେ, 'କି କଥା ଯେ କହିଲେ । କହୁଛନ୍ତି କ'ଣ ନା, କର୍ମଫଳ ଯୋଗୁଁ ମନୁଷ୍ୟମାନେ ମରୁଛନ୍ତି, ତାଙ୍କୁ ଦୟାକରି କ'ଣ ହେବ ? ଦେଶଟା ଯେ ରସାତଳକୁ ଯାଇଛି ଏହା ହିଁ ତା'ର ଚୂଡ଼ାନ୍ତ ପ୍ରମାଣ । ତୁମର ହିନ୍ଦୁଧର୍ମର କର୍ମବାଦ କେଉଁଠି ଆସି ପହଞ୍ଚିଲାଣି ଦେଖିଲ ? ମନୁଷ୍ୟ ହୋଇ ମନୁଷ୍ୟ ପାଇଁ ଯେଉଁମାନଙ୍କର ପ୍ରାଣ ନ କାନ୍ଦେ, ସେମାନେ ପୁଣି, କି ମନୁଷ୍ୟ ?'

ଏହିକଥା କହୁ କହୁ ସ୍ୱାମୀଜୀଙ୍କ ସର୍ବାଙ୍ଗ ଯେପରି କ୍ଷୋଭରେ, ଦୁଃଖରେ ଶିହରି ଉଠିଲା । ଅନନ୍ତର ସ୍ୱାମୀଜୀ ଶିଷ୍ୟକୁ କହିଲେ—ପୁଣି ମୋ ସହିତ ଦେଖାକର ।

ଶିଷ୍ୟ : ଆପଣ କେଉଁଠି ରହିବେ ? ହୁଏତ କୌଣସି ବଡ଼ଲୋକଙ୍କ ଘରେ ରହିବେ । ମୋତେ ସେଠାକୁ ଯିବାକୁ ଦେବେ ତ ?

ସ୍ୱାମୀଜୀ : ସମ୍ପ୍ରତି ମୁଁ କେବଳ ଆଲମବଜାର ମଠରେ ଓ ବେଳେ ବେଳେ

କାଶୀପୁରରେ ଗୋପାଳଲାଲ ଶୀଲଙ୍କ ବଗିଚାଘରେ ରହିବ । ତୁମେ ସେଠାକୁ ଯିବ ।

ଶିଷ୍ୟ : ମହାଶୟ, ଆପଣଙ୍କ ସଙ୍ଗେ ନିର୍ଜ୍ଜନରେ କଥା କହିବାକୁ ବିଶେଷ ଇଚ୍ଛା ।

ସ୍ୱାମୀଜୀ : ସେଇଆ ହେବ । ସକାଳେ ସେଠାରେ ଯିବ । ଖୁବ୍ ବେଦାନ୍ତ-ଚର୍ଚ୍ଚା ହେବ ।

ଶିଷ୍ୟ : ମହାଶୟ ! ଆପଣଙ୍କ ସଙ୍ଗେ କେତେଗୁଡ଼ିଏ ଇଂରେଜ ଓ ଆମେରିକାନ୍ ଆସିଥିବାର ଶୁଣୁଛି । ସେମାନେ ମୋର ବେଶଭୂଷା ଓ କଥାବାର୍ତ୍ତାରେ ରୁଷ୍ଟ ହେବେ ନାହିଁ ତ ?

ସ୍ୱାମୀଜୀ : ସେମାନେ ମଧ୍ୟ ସମସ୍ତେ ମନୁଷ୍ୟ । ବିଶେଷତଃ ବେଦାନ୍ତଧର୍ମନିଷ୍ଠ । ତୁମ ସହିତ ଆଳାପ କରି ସେମାନେ ଖୁସି ହେବେ ।

ଶିଷ୍ୟ : ମହାଶୟ ! ବେଦାନ୍ତରେ ଯେଉଁସବୁ ଅଧିକାରୀର ଲକ୍ଷଣ ଅଛି, ତାହା ଆପଣଙ୍କ ପାଶ୍ଚାତ୍ୟ ଶିଷ୍ୟମାନଙ୍କ ଭିତରେ କିପରି ଆସିଲା ? ଶାସ୍ତ୍ର କହେ—ଅଧୀତବେଦ-ବେଦାନ୍ତ, କୃତପ୍ରାୟଶ୍ଚିତ୍ତ, ନିତ୍ୟନୈମିତ୍ତିକ-କର୍ମାନୁଷ୍ଠାନକାରୀ, ଆହାର-ବିହାରରେ ପରମ ସଂଯତ, ବିଶେଷତଃ ଚତୁଃ-ସାଧନସମ୍ପନ୍ନ ନ ହେଲେ ବେଦାନ୍ତର ଅଧିକାରୀ କେହି ହୁଅନ୍ତି ନାହିଁ । ଆପଣଙ୍କ ପାଶ୍ଚାତ୍ୟ ଶିଷ୍ୟମାନେ ଏକେ ଅବ୍ରାହ୍ମଣ, ତଦୁପରି ଅଶନବସନରେ ଅନାଚାରୀ । ସେମାନେ ବେଦାନ୍ତବାଦ ବୁଝିଲେ କିପରି ?

ସ୍ୱାମୀଜୀ : ସେମାନଙ୍କ ସଙ୍ଗେ କଥାବାର୍ତ୍ତା କଲେ ଜାଣିପାରିବ ସେମାନେ ବେଦାନ୍ତ ବୁଝିଛନ୍ତି କି ନାହିଁ ।

ଅନନ୍ତର ସ୍ୱାମୀଜୀ କେତେଜଣ ଶ୍ରୀରାମକୃଷ୍ଣ-ଭକ୍ତ-ପରିବେଷ୍ଟିତ ହୋଇ ବାଗ୍‌ବଜାରର ଶ୍ରୀଯୁକ୍ତ ବଳରାମ ବସୁ ମହାଶୟଙ୍କ ଘରକୁ ଗଲେ । ଶିଷ୍ୟ 'ବଟତଳା'ରୁ ଖଣ୍ଡେ 'ବିବେକଚୂଡ଼ାମଣି' ଗ୍ରନ୍ଥ କିଣିକରି ଦର୍ଜିପଡ଼ାର ନିଜ ବସା ଆଡ଼କୁ ଅଗ୍ରସର ହେଲା ।

## ୨

ସ୍ଥାନ—କଲିକତାରୁ କାଶୀପୁର ଯିବା ବାଟରେ ଓ ଗୋପାଳଲାଲ ଶୀଲଙ୍କ ବଗିଚା
କାଳ—୧୮୯୭ ଖ୍ରୀଷ୍ଟାବ୍ଦ ଫେବୃଆରି ବା ମାର୍ଚ୍ଚ ମାସ

ସ୍ୱାମୀଜୀ ଆଜି ଶ୍ରୀଯୁକ୍ତ ଗିରିଶଚନ୍ଦ୍ର ଘୋଷ ମହାଶୟଙ୍କ* ଘରେ ମଧ୍ୟାହ୍ନରେ ବିଶ୍ରାମ କରୁଥିଲେ । ଶିଷ୍ୟ ସେଠାକୁ ଆସି ପ୍ରଣାମ କରି ଦେଖିଲା—ସ୍ୱାମୀଜୀ ସେତେବେଳେ ଗୋପାଳଲାଲ ଶୀଲଙ୍କର ବଗିଚା ଘରକୁ ଯିବା ପାଇଁ ପ୍ରସ୍ତୁତ । ଗାଡ଼ି ଠିଆ ହୋଇଛି । ଶିଷ୍ୟକୁ

* ବଙ୍ଗଳାର ସୁବିଖ୍ୟାତ ନଟ ଓ ନାଟକ-ରଚୟିତା ଶ୍ରୀରାମକୃଷ୍ଣ-ଭକ୍ତ ଗିରିଶଚନ୍ଦ୍ର ଘୋଷ ।

କହିଲେ—'ଚାଲ ମୋ ସଙ୍ଗରେ ।' ଶିଷ୍ୟ ସମ୍ମତ ହେବାରୁ ସ୍ୱାମୀଜୀ ତାକୁ ସଙ୍ଗରେ ନେଇ ଗାଡ଼ିରେ ଉଠିଲେ, ଗାଡ଼ି ଛାଡ଼ିଲା । ଚନ୍ଦ୍ରପୁରର ରାସ୍ତାକୁ ଆସି ଗଙ୍ଗା ଦର୍ଶନ ହେବାମାତ୍ରେ ସ୍ୱାମୀଜୀ ନିଜ ମନକୁ ମନ ଗାଇବାକୁ ଲାଗିଲେ—'ଗଙ୍ଗା-ତରଙ୍ଗ-ରମଣୀୟ-ଜଟା-କଳାପଂ' ଇତ୍ୟାଦି* । ଶିଷ୍ୟ ମୁଗ୍ଧ ହୋଇ ସେହି ଅଦ୍ଭୁତ ସ୍ୱରଲହରୀ ନିଃଶବ୍ଦରେ ଶୁଣିବାକୁ ଲାଗିଲା । ଏହିପରି କିଛି ସମୟ ଗଲାପରେ ଗୋଟିଏ ରେଲଇଞ୍ଜିନ ଚନ୍ଦ୍ରପୁର 'ହାଇଡ୍ରୋଲିକ ବ୍ରିଜ୍' ଆଡ଼କୁ ଯାଉଥିବାର ଦେଖି ସ୍ୱାମୀଜୀ ଶିଷ୍ୟକୁ କହିଲେ—'ଦେଖ୍ ତ, ଏ କିପରି ସିଂହପରି ଯାଉଛି ।' ଶିଷ୍ୟ କହିଲା—'ଏହା ତ ଜଡ଼ । ତା' ପଛରେ ମନୁଷ୍ୟର ଚେତନଶକ୍ତି କ୍ରିୟା କରୁଛି । ତେବେ ତ ସେ ଚାଲୁଛି । ଏହିପରି ଚାଲିବାରେ ତା'ର ନିଜର ବାହାଦୁରୀ ଆଉ କଅଣ ଅଛି ?'

ସ୍ୱାମୀଜୀ : କହ ଦେଖି ଚେତନର ଲକ୍ଷଣ କ'ଣ ?

ଶିଷ୍ୟ : କାହିଁକି ମହାଶୟ ! ଯାହାଠାରେ ବୁଦ୍ଧିପୂର୍ବକ କ୍ରିୟା ଦେଖାଯାଏ ତାହା ହିଁ ଚେତନ ।

ସ୍ୱାମୀଜୀ : ଯାହା କିଛି ହିଁ nature against-ରେ rebel କରେ (ପ୍ରକୃତି ବିରୋଧରେ ଲଢ଼େଇ କରେ) ତାହା ହିଁ ଚେତନ; ତହିଁରେ ହିଁ ଚୈତନ୍ୟର ବିକାଶ ରହିଛି । ଦେଖୁନ, ଗୋଟିଏ ସାମାନ୍ୟ ପିମ୍ପୁଡ଼ିକୁ ମାରିବାକୁ ଯାଅ, ସେ ମଧ୍ୟ ଜୀବନରକ୍ଷା ପାଇଁ ଥରେ rebel (ଲଢ଼େଇ) କରିବ । ଯେଉଁଠାରେ struggle (ଚେଷ୍ଟା ବା ପୁରୁଷକାର) ଯେଉଁଠାରେ rebellion (ବିଦ୍ରୋହ), ସେହିଠାରେ ହିଁ ଜୀବନର ଚିହ୍ନ—ସେହିଠାରେ ହିଁ ଚୈତନ୍ୟର ବିକାଶ ।

ଶିଷ୍ୟ : ମନୁଷ୍ୟ ଏବଂ ମନୁଷ୍ୟଜାତିସମୂହ ସମ୍ବନ୍ଧରେ କଅଣ ଏହି ନିୟମ ଖାଟିବ ମହାଶୟ ?

ସ୍ୱାମୀଜୀ : ଖାଟେ କି ନାହିଁ ଥରେ ଜଗତର ଇତିହାସଟା ପଢ଼ି ଦେଖ ତ । ଦେଖିବୁ, ତୁମମାନଙ୍କ ଛଡ଼ା ଆଉ ସବୁ ଜାତି ସମ୍ବନ୍ଧରେ ସେହି ନିୟମ ଖାଟେ । ତୁମେମାନେ କେବଳ ଜଗତରେ ଆଜିକାଲି ଜଡ଼ବତ୍ ପଡ଼ିରହିଛ । ତୁମକୁ hypnotise (ମନ୍ତ୍ରମୁଗ୍ଧ) କରି ପକାଇଛନ୍ତି । ବହୁ ପ୍ରାଚୀନ କାଳରୁ ତୁମକୁ ଅନ୍ୟମାନେ କହି ଆସୁଛନ୍ତି—ତୁମେସବୁ ହୀନ, ତୁମର କୌଣସି ଶକ୍ତି ନାହିଁ । ତୁମେ ମଧ୍ୟ ତାହା ଶୁଣି ଆଜିକି ହଜାର ବର୍ଷ ହେଲା ଭାବୁଛ—ଆମେମାନେ ହୀନ, ସବୁ ବିଷୟରେ ଅକର୍ମଣ୍ୟ । ଭାବି ତାହା ହିଁ ହୋଇପଡ଼ିଛ । (ନିଜର ଶରୀର ଦେଖାଇ) ଏ ଦେହ କି ତ ତୁମ ଦେଶମାଟିରୁ ଜନ୍ମିଛି ? ମୁଁ କିନ୍ତୁ କେବେଁ ସେପରି ଭାବି ନାହିଁ । ସେଥିପାଇଁ ଦେଖନା, ତାଙ୍କର (ଈଶ୍ୱରଙ୍କର) ଇଚ୍ଛାରେ, ଯେଉଁମାନେ ଆମକୁ ଚିରକାଳ ହୀନ ମନେକରନ୍ତି, ସେହିମାନେ ହିଁ ମୋତେ ଦେବତା ପରି ଖାତିର୍ କରିଛନ୍ତି ଓ କରୁଛନ୍ତି । ତୁମେ ବି ଯଦି ତଦ୍ରୂପ ଭାବିପାରିବ ଯେ, 'ଆମ ଭିତରେ ଅନନ୍ତ ଶକ୍ତି, ଅପାର ଜ୍ଞାନ, ଅଦମ୍ୟ ଉତ୍ସାହ ଅଛି' ଏବଂ ଅନନ୍ତଙ୍କର ଏହି ଶକ୍ତିକୁ ଜାଗ୍ରତ କରିପାରିଲେ ତୁମେ ମଧ୍ୟ ମୋ ପରି ହୋଇପାରିବ ।

---

* ବ୍ୟାସକୃତ 'ବିଶ୍ୱନାଥସ୍ତବଃ'

ଶିଷ୍ୟ : ଏପରି ଭାବିବା ପାଇଁ ଶକ୍ତି କାହିଁ ମହାଶୟ ? ବାଲ୍ୟକାଳରୁ ଏହି କଥା ଶୁଣାଇବେ ଓ ବୁଝାଇଦେବେ—ଏପରି ଶିକ୍ଷକ ବା ଉପଦେଷ୍ଟା କାହାନ୍ତି ? ଲେଖାପଢ଼ା କରିବା ଆଜିକାଲି କେବଳ ଚାକିରି ପାଇବା ପାଇଁ । ଏହି କଥା ହିଁ ଆମେମାନେ ସମସ୍ତଙ୍କ ପାଖରୁ ଶୁଣିଛୁଁ ଓ ଶିଖିଛୁଁ ।

ସ୍ୱାମୀଜୀ : ସେଥିପାଇଁ ତ ଆମେମାନେ ଆସିଛୁ ଅନ୍ୟ ପ୍ରକାରେ ଶିଖାଇବାକୁ ଓ ଦେଖାଇବାକୁ । ତୁମେ ଆମ ପାଖରୁ ଏହି ତତ୍ତ୍ୱ ଶିଖ, ବୁଝ, ଅନୁଭବ କର—ତା'ପରେ ନଗରେ ନଗରେ, ଗ୍ରାମେ ଗ୍ରାମେ, ପଲ୍ଲୀରେ ପଲ୍ଲୀରେ ଏହି ଭାବ ବିସ୍ତାର । ସମସ୍ତଙ୍କୁ ଯାଇ କୁହ—ଉଠ, ଜାଗ, ଆଉ ଶୁଅ ନାହିଁ । ସମସ୍ତ ଅଭାବ, ସମସ୍ତ ଦୁଃଖ ଦୂର କରିବାର ଶକ୍ତି ତୁମ ନିଜ ଭିତରେ ରହିଛି, ଏକଥା ବିଶ୍ୱାସ କର । ତାହାହେଲେ ହିଁ ସେହି ଶକ୍ତି ଜାଗି ଉଠିବ । ଏକଥା ସମସ୍ତଙ୍କୁ କହ ଓ ସେଥି ସଙ୍ଗେ ସଙ୍ଗେ ସରଳ କଥାରେ ବିଜ୍ଞାନ, ଦର୍ଶନ, ଭୂଗୋଳ ଓ ଇତିହାସର ମୂଳକଥାଗୁଡ଼ିକ mass (ସାଧାରଣ)-ଙ୍କ ଭିତରେ ଭର୍ତ୍ତି କରିଦିଅ । ମୁଁ ଅବିବାହିତ ଯୁବକମାନଙ୍କୁ ନେଇ ଗୋଟିଏ centre (ଶିକ୍ଷାକେନ୍ଦ୍ର) ଗଢ଼ିବି—ପ୍ରଥମେ ତାଙ୍କୁ ଶିକ୍ଷା ଦେବି, ତା'ପରେ ତାଙ୍କ ଦ୍ୱାରା ଏହି କାର୍ଯ୍ୟ କରାଇବାକୁ ମନସ୍ଥ କରିଛି ।

ଶିଷ୍ୟ : କିନ୍ତୁ ମହାଶୟ ! ଏପରି କରିବା ତ ବହୁତ ଅର୍ଥସାପେକ୍ଷ, ଟଙ୍କା କେଉଁଠୁ ପାଇବେ ?

ସ୍ୱାମୀଜୀ : ତୁ କ'ଣ କହୁଛୁ ? ମନୁଷ୍ୟ ହିଁ ତ ଟଙ୍କା କରେ । ଟଙ୍କା ମନୁଷ୍ୟ କରେ, ଏକଥା କେବେ କେଉଁଠି ଶୁଣିଛୁ ? ତୁ ଯଦି ମନ-ମୁହଁ ଏକ କରିପାରୁ, କଥାରେ ଓ କାର୍ଯ୍ୟରେ ଏକ ହୋଇପାରୁ, ତେବେ ପାଣିପରି ଟଙ୍କା ଆପେ ଆପେ ତୋ ଗୋଡ଼ତଳେ ଆସି ପହଞ୍ଚିବ ।

ଶିଷ୍ୟ : ଆଚ୍ଛା, ମହାଶୟ ! ନୋହିଲେ ସ୍ୱୀକାର କଲି ଯେ, ଟଙ୍କା ଆସିଲା ଏବଂ ଆପଣ ଏହିପରି ସତ୍‌କାର୍ଯ୍ୟର ଅନୁଷ୍ଠାନ କଲେ । ତାହାହେଲେ ବା କ'ଣ ହେବ ? ଏଥିପୂର୍ବେ ମଧ୍ୟ କେତେ ମହାପୁରୁଷ କେତେ ଭଲ ଭଲ କାମ କରିଯାଇଛନ୍ତି, ସେସବୁ ଏବେ କାହିଁ ? ଆପଣଙ୍କ ପ୍ରତିଷ୍ଠିତ କାର୍ଯ୍ୟର ମଧ୍ୟ କାଳକ୍ରମେ ଏହିପରି ଦଶା ନିଶ୍ଚୟ ହେବ । ତେବେ ଏପରି ଉଦ୍ୟମର ଆବଶ୍ୟକତା କ'ଣ ?

ସ୍ୱାମୀଜୀ : ପରେ କ'ଣ ହେବ, ସଦା ଏହି କଥାଟି ଯେ ଭାବେ, ତା'ଦ୍ୱାରା କୌଣସି କାର୍ଯ୍ୟ ହୋଇପାରେ ନାହିଁ । ଯାହା ସତ୍ୟ ବୋଲି ବୁଝିଛୁ, ତାହା ଏହିକ୍ଷଣି କରିପକା । ପରେ କ'ଣ ହେବ, ସେକଥା ଭାବିବା ଦରକାର କ'ଣ ? ଏତେ ଟିକିଏ ତ ଜୀବନ—ତା' ଭିତରେ ଏତେ ଫଳାଫଳର ହିସାବ କଲେ କ'ଣ କୌଣସି କାର୍ଯ୍ୟ ହୋଇପାରେ ? ଫଳାଫଳଦାତା ଏକମାତ୍ର ସେହି (ଈଶ୍ୱର), ଯାହା ହୁଏ କରିବେ; ସେ କଥାରେ ତୋର କାମ କ'ଣ ? ତୁ ସେଆଡ଼କୁ ନ ଚାହିଁ କେବଳ କାମ କରି ଯା' ।

କଥା ହେଉ ହେଉ ଗାଡ଼ି ବଗିଚ୍ଚାସରେ ପହଞ୍ଚିଲା । କଲିକତାରୁ ଅନେକ ଲୋକ ସ୍ୱାମୀଜୀଙ୍କୁ ଦର୍ଶନ କରିବା ନିମିତ୍ତ ସେଦିନ ବଗିଚାକୁ ଆସିଛନ୍ତି । ସ୍ୱାମୀଜୀ ଗାଡ଼ିରୁ ଓହ୍ଲାଇ

ଘର ଭିତରେ ଯାଇ ବସିଲେ ଏବଂ ସମସ୍ତଙ୍କ ସହିତ କଥାବାର୍ତ୍ତା କରିବାକୁ ଲାଗିଲେ । ସ୍ୱାମୀଜୀଙ୍କ ବିଲାତ ଶିଷ୍ୟ ଗୁଡ୍‌ଉଇନ୍ ସାହେବ (Goodwin) ମୂର୍ତ୍ତିମାନ୍ ସେବାରୂପ୍ ଅନତିଦୂରରେ ଠିଆ ହୋଇଥିଲେ । ଇତିପୂର୍ବେ ତାଙ୍କ ସହିତ ପରିଚୟ ହୋଇଥିବାରୁ ଶିଷ୍ୟ ତାଙ୍କ ନିକଟକୁ ଗଲେ ଏବଂ ଉଭୟେ ସ୍ୱାମୀଜୀଙ୍କ ସମ୍ବନ୍ଧରେ ନାନା ପ୍ରକାର କଥୋପକଥନରେ ନିଯୁକ୍ତ ହେଲେ ।

ସନ୍ଧ୍ୟା ପରେ ସ୍ୱାମୀଜୀ ଶିଷ୍ୟକୁ ଡାକି କହିଲେ—'ତୁ କଅଣ କଠୋପନିଷଦ୍ କଣ୍ଠସ୍ଥ କରିଛୁ ?'

ଶିଷ୍ୟ : ନା ମହାଶୟ ! ଶଙ୍କରଭାଷ୍ୟ ସମେତ ତାହା ପଢ଼ିଛି ମାତ୍ର ।

ସ୍ୱାମୀଜୀ : ଉପନିଷଦ୍ ମଧ୍ୟରେ ଏପରି ସୁନ୍ଦର ଗ୍ରନ୍ଥ ଆଉ ଦେଖାଯାଏ ନାହିଁ । ଇଚ୍ଛା ହୁଏ, ତୁମେମାନେ ଏ ଖଣ୍ଡିକ କଣ୍ଠସ୍ଥ କରି ରଖ । ନଚିକେତା ପରି ଶ୍ରଦ୍ଧା, ସାହସ, ବିଚାର ଓ ବୈରାଗ୍ୟ ଜୀବନରେ ଆଣିବାକୁ ଚେଷ୍ଟା କର । ଖାଲି ପଢ଼ିଲେ କଅଣ ହେବ ?

ଶିଷ୍ୟ : କୃପା କରନ୍ତୁ, ଯହିଁରେ ଦାସର ଏସବୁ ଅନୁଭୂତ ହୋଇପାରିବ ।

ସ୍ୱାମୀଜୀ : ଠାକୁରଙ୍କ କଥା ଶୁଣିଚୁ ତ ? ସେ କହୁଥିଲେ, 'କୃପା-ପବନ ତ ବହୁଛି, ତୁ ପାଲ ଟେକି ଦେ ନା' । କେହି କାହାକୁ କିଛି କରିଦେଇପାରେ କିରେ ବାପ ? ଆପଣା ନିୟତି ଆପଣା ହାତରେ—ଗୁରୁ ଏଇ ଟିକିଏ ବୁଝାଇ ଦିଅନ୍ତି ମାତ୍ର । ବୀଜର ଶକ୍ତିରେ ହିଁ ଗଛ ହୁଏ, ଜଳବାୟୁ କେବଳ ତାହାର ସହାୟକ ମାତ୍ର ।

ଶିଷ୍ୟ : ବାହାରର ସହାୟତାର ମଧ୍ୟ ଆବଶ୍ୟକତା ଅଛି କି ମହାଶୟ ?

ସ୍ୱାମୀଜୀ : ତାହା ଅଛି, ତେବେ କଅଣ ଜାଣୁ—ଭିତରେ ପଦାର୍ଥ ନ ଥିଲେ ଶତ ସହାୟତାରେ ମଧ୍ୟ କିଛି ହୁଏ ନାହିଁ । ତେବେ ସମସ୍ତଙ୍କର ଆତ୍ମାନୁଭୂତିର ଗୋଟିଏ ସମୟ ଆସେ । କାରଣ ସମସ୍ତେ ତ ବ୍ରହ୍ମ । ଉଚ୍ଚନୀଚ-ପ୍ରଭେଦ କରିବାଟା କେବଳ ସେହି ବ୍ରହ୍ମ-ବିକାଶର ତାରତମ୍ୟ ମାତ୍ର । ସମୟରେ ସମସ୍ତଙ୍କର ହିଁ ପୂର୍ଣ୍ଣ ବିକାଶ ହୁଏ । ସେଥିପାଇଁ ଶାସ୍ତ୍ର କହେ—'କାଳେନାତ୍ମନି ବିନ୍ଦତି' ।

ଶିଷ୍ୟ : କେବେ ଆଉ ଏପରି ହେବ ମହାଶୟ ? ଶାସ୍ତ୍ର-ମୁଖରୁ ଶୁଣେ କେତେ ଜନ୍ମ ଆମେମାନେ ଅଜ୍ଞାନତାରେ କଟାଇଛୁ !

ସ୍ୱାମୀଜୀ : ଭୟ କଅଣ ? ଏଥର ଯେତେବେଳେ ଏଠାରେ ଆସି ପଡ଼ିଛୁ, ସେତେବେଳେ ଏହି ଥରକରେ ହିଁ ହୋଇଯିବ । ମୁକ୍ତି, ସମାଧି—ଏସବୁ କେବଳ ବ୍ରହ୍ମ-ପ୍ରକାଶ-ପଥର ପ୍ରତିବନ୍ଧକଗୁଡ଼ିକୁ ଦୂର କରିଦେବା ମାତ୍ର । ନଚେତ୍ ଆତ୍ମା ସୂର୍ଯ୍ୟ ପରି ସର୍ବଦା ଜଳୁଛନ୍ତି । ଅଜ୍ଞାନ-ମେଘ ତାଙ୍କୁ ଘୋଡ଼େଇ ରଖିଛି ମାତ୍ର । ସେହି ମେଘକୁ ଆଡ଼େଇ ଦିଅ, ସୂର୍ଯ୍ୟଙ୍କର ପ୍ରକାଶ ହେବ । ସେତେବେଳେ 'ଭିଦ୍ୟତେ ହୃଦୟଗ୍ରନ୍ଥିଃ' (ମୁଣ୍ଡକ ଉପନିଷଦ୍ ୨ । ୨ । ୮) ଇତ୍ୟାଦି ଅବସ୍ଥା ହେବ । ଯେତେ ପଥ ଦେଖୁଛୁ ସେସବୁ ଏହି ପଥର ପ୍ରତିବନ୍ଧକ ଦୂର କରିବାକୁ ଉପଦେଶ ଦେଉଛନ୍ତି । ଯେ ଯେଉଁ ଭାବରେ ଆତ୍ମାନୁଭବ କରିଛନ୍ତି, ସେ ସେହି ଭାବରେ ଉପଦେଶ ଦେଇଯାଇଛନ୍ତି । କିନ୍ତୁ ସମସ୍ତଙ୍କର ଉଦ୍ଦେଶ୍ୟ ଆତ୍ମଜ୍ଞାନ—

ଆତ୍ମଦର୍ଶନ । ଏଥିରେ ସର୍ବଜାତିର ସର୍ବଜୀବର ସମାନ ଅଧିକାର । ଏହା ହିଁ ସର୍ବବାଦସମ୍ମତ ମତ ।

ଶିଷ୍ୟ : ମହାଶୟ ! ଶାସ୍ତ୍ରର ଏହି କଥା ଯେତେବେଳେ ପଢ଼େ ବା ଶୁଣେ, ସେତେବେଳେ ଆଜି ସୁଦ୍ଧା ଆତ୍ମବସ୍ତୁର ପ୍ରତ୍ୟକ୍ଷ ହେଲା ନାହିଁ ଭାବି ପ୍ରାଣ ଯେପରି ଛଟପଟ ହୁଏ ।

ସ୍ୱାମୀଜୀ : ଏହାର ନାମ ବ୍ୟାକୁଳତା । ଏହା ଯେତେ ବଢ଼ିଯିବ, ସେତେ ପ୍ରତିବନ୍ଧରୂପକ ମେଘ କଟିଯିବ, ସେତେ ଶ୍ରଦ୍ଧା ଦୃଢ଼ତର ହେବ । କ୍ରମେ ଆତ୍ମା 'କରତଳାମଲକବତ୍' ପ୍ରତ୍ୟକ୍ଷ ହେବ । ଅନୁଭୂତି ହିଁ ଧର୍ମର ପ୍ରାଣ । କେତେଗୁଡ଼ିଏ ଆଚାର ନିୟମ ସମସ୍ତେ ପାଳନ କରିପାରନ୍ତି, କେତେଗୁଡ଼ିଏ ବିଧି-ନିଷେଧ ସମସ୍ତେ ମାନି ଚଳନ୍ତି ; କିନ୍ତୁ ଅନୁଭୂତି ପାଇଁ କେତେ ଜଣ ବ୍ୟାକୁଳ ହୁଅନ୍ତି ? ବ୍ୟାକୁଳତା—ଈଶ୍ୱରଲାଭ ବା ଆତ୍ମଜ୍ଞାନ ନିମିତ୍ତ ଉନ୍ମାଦ ହେବା ହିଁ ଯଥାର୍ଥ ଧର୍ମପ୍ରାଣତା । ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ଗୋପୀମାନଙ୍କର ଯେପରି ଉଦ୍ଦାମ ଉନ୍ମତ୍ତତା ଥିଲା, ଆତ୍ମଦର୍ଶନ ନିମିତ୍ତ ମଧ୍ୟ ସେହିପରି ବ୍ୟାକୁଳତା ଆବଶ୍ୟକ । ଗୋପୀମାନଙ୍କ ମନରେ ମଧ୍ୟ କିଛିଏ ପୁରୁଷ-ନାରୀ-ଭେଦ ଥିଲା । ଠିକ୍ ଠିକ୍ ଆତ୍ମଜ୍ଞାନରେ ଲିଙ୍ଗଭେଦ ଏକାବେଳେକେ ନ ଥାଏ ।

କହୁ କହୁ ଗୀତଗୋବିନ୍ଦ ସମ୍ବନ୍ଧରେ କଥା ଉଠାଇ ସ୍ୱାମୀଜୀ କହିବାକୁ ଲାଗିଲେ— ଜୟଦେବ ହିଁ ସଂସ୍କୃତ ଭାଷାର ଶେଷ କବି । ତେବେ ଜୟଦେବ ଭାବ ଅପେକ୍ଷା ଅନେକ ସ୍ଥଳରେ jingling of words (ଶ୍ରୁତିମଧୁର ବାକ୍ୟବିନ୍ୟାସ) ଆଡ଼କୁ ଅଧିକ ଦୃଷ୍ଟି ଦେଇଛନ୍ତି । ଦେଖିତ ଦେଖି—'ଗୀତଗୋବିନ୍ଦର 'ପତତି ପତତ୍ରେ'* ଇତ୍ୟାଦି ଶ୍ଳୋକରେ ଅନୁରାଗ ବ୍ୟାକୁଳତାର କି culmination (ପରାକାଷ୍ଠା) କବି ଦେଖାଇଛନ୍ତି ? ଆତ୍ମଦର୍ଶନ ନିମିତ୍ତ ଏହିପରି ଅନୁରାଗ ହେବା ଆବଶ୍ୟକ । ପ୍ରାଣ ଭିତରଟା ଛଟପଟ କରିବା ଆବଶ୍ୟକ । ପୁଣି ବୃନ୍ଦାବନ-ଲୀଳାର କଥା ଛାଡ଼ି କୁରୁକ୍ଷେତ୍ରରେ କୃଷ୍ଣ କିପରି ହୃଦୟଗ୍ରାହୀ ତାହା ବି ଦେଖ— ଏପରି ଭୟାନକ ଯୁଦ୍ଧକୋଳାହଳ ଭିତରେ ମଧ୍ୟ କୃଷ୍ଣ କିପରି ସ୍ଥିର, ଗମ୍ଭୀର, ଶାନ୍ତ ଯୁଦ୍ଧକ୍ଷେତ୍ରରେ ସୁଦ୍ଧା ଅର୍ଜୁନଙ୍କୁ 'ଗୀତା' କହୁଛନ୍ତି କ୍ଷତ୍ରିୟର ସ୍ୱଧର୍ମ—ଯୁଦ୍ଧ କରିବାକୁ ଲଗେଇ ଦେଉଛନ୍ତି ! ଏହି ଭୟଙ୍କର ଯୁଦ୍ଧର ପ୍ରବର୍ତ୍ତକ ହୋଇ ସୁଦ୍ଧା ନିଜେ ଶ୍ରୀକୃଷ୍ଣ କିପରି କର୍ମହୀନ— ଅସ୍ତ୍ର ଧରିଲେ ନାହିଁ ! ଯେଉଁଆଡ଼କୁ ଚାହିଁ ଦେଖିବୁ, ଶ୍ରୀକୃଷ୍ଣ-ଚରିତ୍ର perfect (ସର୍ବାଙ୍ଗସମ୍ପୂର୍ଣ୍ଣ) । ଜ୍ଞାନ, କର୍ମ, ଭକ୍ତି, ଯୋଗ—ସେ ଯେପରି ଏସବୁର ମୂର୍ତ୍ତିମାନ ବିଗ୍ରହ । ଶ୍ରୀକୃଷ୍ଣଙ୍କର କେବଳ ଏହି ଭାବଟିର ଆଜିକାଲି ବିଶେଷ ଭାବରେ ଆଲୋଚନା ଆବଶ୍ୟକ । ଏବେ ବୃନ୍ଦାବନର ବଂଶୀବାଦକ କୃଷ୍ଣଙ୍କୁ କେବଳ ଦେଖିଲେ ଚଳିବ ନାହିଁ; ସେଥିରେ ଜୀବର ଉଦ୍ଧାର ହେବ ନାହିଁ । ବର୍ତ୍ତମାନ ଦରକାର ଗୀତାରୂପ ସିଂହନାଦକାରୀ ଶ୍ରୀକୃଷ୍ଣଙ୍କର ପୂଜା; ଧନୁର୍ଦ୍ଧାରୀ ରାମ, ମହାବୀର, ମା-କାଳୀ—ଏମାନଙ୍କର ପୂଜା । ତେବେ ଯାଇ ଲୋକେ ମହା-

---

* ପତତି ପତତ୍ରେ ବିଚଳିତ ପତ୍ରେ ଶଙ୍କିତଭବଦୁପଯାନମ୍ ।
ରଚୟତି ଶୟନଂ ସଚକିତନୟନଂ ପଶ୍ୟତି ତବ ପନ୍ଥାନମ୍ ॥

ଉଦ୍ୟମରେ କର୍ମରେ ଲଗିଯାଇ ଶକ୍ତିମାନ୍ ହୋଇ ଉଠିବେ । ମୁଁ ବେଶ୍ ଭଲକରି ବୁଝି ଦେଖିଛି, ଏ ଦେଶରେ ବର୍ତ୍ତମାନ ଯେଉଁମାନେ 'ଧର୍ମ ଧର୍ମ' କରନ୍ତି ସେମାନଙ୍କ ମଧ୍ୟରୁ ଅନେକେ full of morbidity—cracked brains ଅଥବା fanatic (ମଜ୍ଜାଗତ ଦୁର୍ବଳତା-ସମ୍ପନ୍ନ, ବିକୃତମସ୍ତିଷ୍କ ଅଥବା ବିଚାରଶୂନ୍ୟ ଧର୍ମୋନ୍ମାଦ) । ମହା ରଜୋଗୁଣର ଉଦ୍ଦୀପନା ଭିନ୍ନ ତୁମର ଇହକାଳ ନାହିଁ କି ପରକାଳ ନାହିଁ । ଦେଶକୁ ଘୋର ତମୋଗୁଣ ଘୋଡ଼ାଇ ପକାଇଛି । ଫଳ ମଧ୍ୟ ସେହିପରି ହେଉଛି—ଇହଜୀବନରେ ଦାସତ୍ୱ, ପରଲୋକରେ ନରକ ।

ଶିଷ୍ୟ : ପାଶ୍ଚାତ୍ୟଦେଶୀୟମାନଙ୍କର ରଜୋଭାବ ଦେଖି ଆପଣଙ୍କର କଅଣ ଆଶା ହୁଏ, ସେମାନେ କ୍ରମେ ସାତ୍ତ୍ୱିକ ହେବେ ?

ସ୍ୱାମୀଜୀ : ନିଶ୍ଚୟ, ମହାରଜୋଗୁଣସମ୍ପନ୍ନ ସେମାନେ ବର୍ତ୍ତମାନ ଭୋଗର ଶେଷ ସୀମାକୁ ଉଠିଛନ୍ତି । ସେମାନଙ୍କର ଯୋଗ ହେବ ନାହିଁ ତ କଅଣ ପେଟଦାଉରେ ଲାଳାୟିତ ତୁମର ହେବ ? ସେମାନଙ୍କର ଉତ୍କୃଷ୍ଟ ଭୋଗ ଦେଖି ମୋର 'ମେଘଦୂତ'ର 'ବିଦ୍ୟୁଦ୍ୱନ୍ତଃ ଲଳିତବନିତାଃ'* ଇତ୍ୟାଦି ଚିତ୍ର ମନେପଡ଼ୁଥିଲା । ଆଉ ତୁମର ଭୋଗ ଭିତରେ ହେଉଚି କ'ଣ ନା, ସନ୍ତସନ୍ତିଆ ଘରେ ଛିଣ୍ଡା କନ୍ଥାରେ ଶୋଇ ବର୍ଷକୁ ବର୍ଷ ଘୁଷୁରି ପରି ବଂଶବୃଦ୍ଧି, begetting a band of famished beggars and slaves (ପଲେ କ୍ଷୁଧାତୁର ଭିକ୍ଷୁକ ଓ ଦାସଙ୍କୁ ଜନ୍ମ ଦେବା) । ସେଥିପାଇଁ କହୁଛି, ଏବେ ମନୁଷ୍ୟଙ୍କୁ ରଜୋଗୁଣରେ ଉଦ୍ଦୀପିତ କରି କର୍ମପ୍ରାଣ କରିବାକୁ ହେବ । କର୍ମ—କର୍ମ—କର୍ମ । ବର୍ତ୍ତମାନ ଆଉ 'ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ'—ଏହା ଛଡ଼ା ଉଦ୍ଧାରର ଆଉ ଅନ୍ୟ ପଥ ନାହିଁ ।

ଶିଷ୍ୟ : ମହାଶୟ, ଆମ ପୂର୍ବପୁରୁଷମାନେ କଅଣ ରଜୋଗୁଣସମ୍ପନ୍ନ ଥିଲେ ?

ସ୍ୱାମୀଜୀ : ନ ଥିଲେ ? ଆମର ଇତିହାସ ତ କହୁଛି ସେମାନେ କେତେ ଦେଶରେ ଉପନିବେଶ ସ୍ଥାପନ କରିଛନ୍ତି—ତିବ୍ବତ, ଚୀନ, ସୁମାତ୍ରା, ସୁଦୂର ଜାପାନ ପର୍ଯ୍ୟନ୍ତ ଧର୍ମ-ପ୍ରଚାରକ ପଠାଇଛନ୍ତି । ରଜୋଗୁଣର ଭିତର ଦେଇ ନ ଗଲେ ଉନ୍ନତ ହେବାର କୁ ଅଛି କି ?

କଥା ହେଉ ହେଉ ସନ୍ଧି ହୋଇଗଲା । ଏପରି ସମୟରେ ମିସ୍ ମୁଲର୍ (Miss Muller) ଆସି ପହଞ୍ଚିଗଲେ । ଏ ଜଣେ ଇଂରେଜ ରମଣୀ; ସ୍ୱାମୀଜୀଙ୍କ ପ୍ରତି ବିଶେଷ ଶ୍ରଦ୍ଧାସମ୍ପନ୍ନା । ସ୍ୱାମୀଜୀ ଶିଷ୍ୟଙ୍କୁ ଏହାଙ୍କ ସହିତ ପରିଚୟ କରାଇଦେଲେ । ଅଳ୍ପକ୍ଷଣ ବାକ୍ୟାଳାପ ପରେ ମିସ୍ ମୁଲର୍ (Miss Muller) ଉପରକୁ ଚାଲିଗଲେ ।

ସ୍ୱାମୀଜୀ : ଦେଖୁଚୁ କିପରି ବୀର ଜାତି ଏମାନେ ! କେଉଁଠି ଘରଦ୍ୱାର, ବଡ଼ ଲୋକର ଝିଅ, ତଥାପି ଧର୍ମଲାଭ ଆଶାରେ କେଉଁଠି ଆସି ପଡ଼ିଚି !

ଶିଷ୍ୟ : ହଁ ମହାଶୟ ' ଆପଣଙ୍କ କ୍ରିୟାକଳାପ କିନ୍ତୁ ଆହୁରି ଅଦ୍ଭୁତ । କେତେ

* ବିଦ୍ୟୁଦ୍ୱନ୍ତଂ ଲଳିତବନିତାଃ ସେନ୍ଦ୍ରଚାପଂ ସଚିତ୍ରାଃ
ସଙ୍ଗୀତାୟ ପ୍ରହତମୁରଜାଃ ସ୍ନିଗ୍ଧଗମ୍ଭୀରଘୋଷମ୍ ।—କାଳିଦାସ

ଯାହେବ ମେମ୍ ଆପଣଙ୍କ ସେବା ପାଇଁ ସର୍ବଦା ପ୍ରସ୍ତୁତ । ଏ କାଳରେ ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା ।

ସ୍ୱାମୀଜୀ : (ନିଜ ଦେହ ଦେଖାଇ) ଶରୀର ଯଦି ରହେ, ତେବେ ଆହୁରି କେତେ ଦେଖିବୁ । ଉତ୍ସାହୀ ଓ ଅନୁରାଗୀ କେତେଗୁଡ଼ିଏ ଯୁବକ ପାଇଲେ ମୁଁ ଦେଶଟାକୁ ଓଲଟପାଲଟ କରିଦେବି । ମାନ୍ଦ୍ରାଜରେ କେତେ ଜଣ ଅଛନ୍ତି । କିନ୍ତୁ ବଙ୍ଗଳାରେ ମୋର ଆଶା ବେଶୀ । ଏପରି ପରିଷ୍କାର ମସ୍ତିଷ୍କ କେଉଁଠି ପ୍ରାୟ ଜନ୍ମେ ନାହିଁ । କିନ୍ତୁ ଏମାନଙ୍କର Muscles-ରେ (ମାଂସପେଶୀରେ)ଶକ୍ତି ନାହିଁ । Brain (ମସ୍ତିଷ୍କ) ଓ Muscles (ମାଂସପେଶୀସମୂହ) ସମାନ ଭାବରେ **developed** (ସୁଗଠିତ, ପରିପୁଷ୍ଟ) ହେବା ଆବଶ୍ୟକ । **Iron nerves with a well-intelligent brain and the whole world is at your feet** (ଲୁହାପରି ଶକ୍ତ ସ୍ନାୟୁ ଓ ତୀକ୍ଷ୍ଣ ବୁଦ୍ଧି-ସମ୍ପନ୍ନ ହେଲେ ସମଗ୍ର ଜଗତକୁ ପଦାନତ କରିହୁଏ ।)

ସମ୍ବାଦ ଆସିଲା, ସ୍ୱାମୀଜୀଙ୍କ ଆହାର ପ୍ରସ୍ତୁତ ହେଲାଣି । ସ୍ୱାମୀଜୀ ଶିଷ୍ୟକୁ କହିଲେ, 'ଚାଲ ମୋର ଖାଇବା ଦେଖିବୁ ।' ଆହାର କରୁ କରୁ ସେ କହିବାକୁ ଲାଗିଲେ—'ବେଶୀ-ଗୁଡ଼ାଏ ତେଲ ଚର୍ବି ଖାଇବା ଭଲ ନୁହେଁ । ଲୁଚିଠାରୁ ରୁଟି ଭଲ । ଲୁଚି ରୋଗୀର ଆହାର । ମାଛ, ମାଂସ, **fresh vegetables** (ତାଜା ତରକାରିପତ୍ର) ଖାଇବୁ; ମିଠା କମ୍ ।' କହୁ କହୁ ପ୍ରଶ୍ନ କଲେ—'ହଇରେ କେତେଖଣ୍ଡ ରୁଟି ଖାଇଲି ? ଆହୁରି କଅଣ ଖାଇବାକୁ ହେବ ?' କେତେ ଖାଇଛନ୍ତି ତାହା ସ୍ୱାମୀଜୀଙ୍କର ସ୍ମରଣ ନାହିଁ । କ୍ଷୁଧା ଅଛି କି ନାହିଁ, ତାହା ମଧ୍ୟ ବୁଝିପାରୁ ନାହାନ୍ତି ।

ଆଉ କିଛି ଖାଇ ସ୍ୱାମୀଜୀ ଆହାର ଶେଷ କଲେ । ଶିଷ୍ୟ ମଧ୍ୟ ବିଦାୟ ନେଇ କଲିକତାକୁ ଫେରିଲା । ଗାଡ଼ି ନ ମିଳିବାରୁ ପଦବ୍ରଜରେ ଚାଲିଲା । ଚାଲୁ ଚାଲୁ ଭାବିବାକୁ ଲାଗିଲା—କାଲି ପୁଣି କେତେବେଳେ ସ୍ୱାମୀଜୀଙ୍କୁ ଦର୍ଶନ କରିବାକୁ ଆସିବ ।

## ୩

ସ୍ଥାନ—କାଶୀପୁର ଗୋପାଳଲାଲ ଶୀଲଙ୍କ ବଗିଚା

କାଳ—୧୮୯୭ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସ

ସ୍ୱାମୀଜୀ ପ୍ରଥମ ଥର ବିଲାତରୁ ଫେରି କିଛିଦିନ କାଶୀପୁରରେ ଗୋପାଳଲାଲ ଶୀଲଙ୍କ ବଗିଚାରେ ଅବସ୍ଥାନ କରିଥିଲେ । ଶିଷ୍ୟ ସେତେବେଳେ ପ୍ରତିଦିନ ସେଠାକୁ ଯିବା ଆସିବା କରୁଥିଲା । ସ୍ୱାମୀଜୀଙ୍କ ଦର୍ଶନ-ଇଚ୍ଛାରେ ସେତେବେଳେ ବହୁ ଉତ୍ସାହୀ ଯୁବକଙ୍କର ସେଠାରେ

ଭିଡ଼ ଜମୁଥିଲା । କେହି ଔତ୍ସୁକ୍ୟର ବଶବର୍ତ୍ତୀ ହୋଇ, କେହି ତତ୍ତ୍ୱାନ୍ୱେଷୀ ହୋଇ, କେହି ବା ସ୍ୱାମୀଜୀଙ୍କ ଜ୍ଞାନଗରିମା ପରୀକ୍ଷା କରିବା ନିମିତ୍ତ ସେତେବେଳେ ସ୍ୱାମୀଜୀଙ୍କୁ ଦର୍ଶନ କରିବାକୁ ଆସୁଥିଲେ । ପ୍ରଶ୍ନକର୍ତ୍ତାମାନେ ସ୍ୱାମୀଜୀଙ୍କର ଶାସ୍ତ୍ରବ୍ୟାଖ୍ୟା ଶୁଣି ମୁଗ୍ଧ ହୋଇଯାଉଥିଲେ; ସ୍ୱାମୀଜୀଙ୍କ କଣ୍ଠରେ ବୀଣାପାଣି ଯେପରି ସର୍ବଦା ଅବସ୍ଥାନ କରୁଥିଲେ ।

କଲିକତାର ବଡ଼ ବଜାରରେ ଅନେକ ପଣ୍ଡିତ ବାସ କରୁଥିଲେ । ମାରୱାଡ଼ି ବଣିକମାନଙ୍କ ଅନ୍ନରେ ହିଁ ଏମାନେ ପ୍ରତିପାଳିତ । ସ୍ୱାମୀଜୀଙ୍କ ସୁନାମ ଶୁଣି ଏମାନଙ୍କ ମଧ୍ୟରୁ କେତେଜଣ ବିଶିଷ୍ଟ ପଣ୍ଡିତ ସ୍ୱାମୀଜୀଙ୍କ ସଙ୍ଗେ ତର୍କ କରିବା ପାଇଁ ଦିନେ ଏହି ବଗିଚାରେ ଉପସ୍ଥିତ ହେଲେ । ଶିଷ୍ୟ ସେଦିନ ସେଠାରେ ଉପସ୍ଥିତ ଥିଲା ।

ଆଗନ୍ତୁକ ପଣ୍ଡିତମାନେ ସମସ୍ତେ ସଂସ୍କୃତ ଭାଷାରେ ଅନର୍ଗଳ କଥାବାର୍ତ୍ତା କରିପାରୁଥିଲେ । ସେମାନେ ଆସିବାମାତ୍ରେ ମଣ୍ଡଳୀ-ପରିବେଷ୍ଟିତ ସ୍ୱାମୀଜୀଙ୍କୁ ସମ୍ଭାଷଣ କରି ସଂସ୍କୃତ ଭାଷାରେ କଥାବାର୍ତ୍ତା ଆରମ୍ଭ କଲେ । ସ୍ୱାମୀଜୀ ମଧ୍ୟ ସଂସ୍କୃତରେ ସେମାନଙ୍କୁ ଉତ୍ତର ଦେବାକୁ ଲାଗିଲେ । ପଣ୍ଡିତମାନେ ସମସ୍ତେ ପ୍ରାୟ ଏକା ସାଙ୍ଗରେ ଚିତ୍କାର କରି ସଂସ୍କୃତରେ ସ୍ୱାମୀଜୀଙ୍କୁ ଦାର୍ଶନିକ କୂଟ ପ୍ରଶ୍ନମାନ କରୁଥିଲେ ଏବଂ ସ୍ୱାମୀଜୀ ପ୍ରଶାନ୍ତ ଗମ୍ଭୀର ଭାବରେ ଧୀରେ ଧୀରେ ସେମାନଙ୍କୁ ସେହି ବିଷୟରେ ନିଜର ମୀମାଂସାଦ୍ୟୋତକ ସିଦ୍ଧାନ୍ତସବୁ କହୁଥିଲେ । ଏହା ମଧ୍ୟ ବେଶ୍ ମନେଅଛି ଯେ, ସ୍ୱାମୀଜୀଙ୍କ ସଂସ୍କୃତ ଭାଷା ପଣ୍ଡିତମାନଙ୍କ ଭାଷା ଅପେକ୍ଷା ଶ୍ରୁତିମଧୁର ଓ ସୁଲଳିତ ହେଉଥିଲା । ପଣ୍ଡିତମାନେ ଏକଥା ପରେ ସ୍ୱୀକାର କରିଥିଲେ ।

ସଂସ୍କୃତ ଭାଷାରେ ସ୍ୱାମୀଜୀଙ୍କୁ ଏପରି ଅନର୍ଗଳ କଥାବାର୍ତ୍ତା କରିବାର ଦେଖି ତାଙ୍କ ଗୁରୁଭାଇମାନେ ସେଦିନ ସ୍ତମ୍ଭୀଭୂତ ହୋଇଯାଇଥିଲେ । କାରଣ, ଗତ ଛଅ ବର୍ଷକାଳ ୟୁରୋପ ଓ ଆମେରିକାରେ ଅବସ୍ଥାନ ସମୟରେ ସ୍ୱାମୀଜୀ ଯେ ସଂସ୍କୃତ ଆଲୋଚନା କରିବାର ସେପରି ସୁବିଧା ପାଇ ନାହାନ୍ତି, ତାହା ସମସ୍ତଙ୍କୁ ଜଣାଥିଲା । ଶାସ୍ତ୍ରଦର୍ଶୀ ଏହି ସମସ୍ତ ପଣ୍ଡିତମାନଙ୍କ ସହିତ ଏପରି ତର୍କାଲାପରେ ସେଦିନ ସମସ୍ତେ ବୁଝିପାରିଲେ ଯେ, ସ୍ୱାମୀଜୀଙ୍କ ମଧ୍ୟରେ ଅଦ୍ଭୁତ ଶକ୍ତିର ସ୍ଫୁରଣ ହୋଇଅଛି । ସେଦିନ ଏହି ସଭାରେ ରାମକୃଷ୍ଣାନନ୍ଦ, ଶିବାନନ୍ଦ, ଯୋଗାନନ୍ଦ, ନିର୍ମଳାନନ୍ଦ ଓ ତ୍ରିଗୁଣାତୀତାନନ୍ଦ ସ୍ୱାମୀ ମହାରାଜମାନେ ଉପସ୍ଥିତ ଥିଲେ ।

ସ୍ୱାମୀଜୀ ପଣ୍ଡିତମାନଙ୍କ ସହିତ ବାଦରେ ସିଦ୍ଧାନ୍ତପକ୍ଷ ଅବଲମ୍ବନ କରିଥିଲେ ଏବଂ ପଣ୍ଡିତମାନେ ପୂର୍ବପକ୍ଷବାଦୀ ହୋଇଥିଲେ । ଶିଷ୍ୟର ମନେପଡ଼ୁଛି, ବିଚାର ସମୟରେ ସ୍ୱାମୀଜୀ ଥରେ 'ଅସ୍ତି' ସ୍ଥଳରେ 'ସ୍ୱସ୍ତି' ପ୍ରୟୋଗ କରିବାରୁ ପଣ୍ଡିତମାନେ ହସିଉଠିଲେ । ତାହା ଦେଖି ସ୍ୱାମୀଜୀ ତତ୍‌କ୍ଷଣାତ୍ କହିଲେ, 'ପଣ୍ଡିତାନାଂ ଦାସୋଽହଂ କ୍ଷନ୍ତବ୍ୟମେତତ୍ ସ୍ଖଳନମ୍'— ମୁଁ ପଣ୍ଡିତମାନଙ୍କ ଦାସ; ମୋର ଏହି ସ୍ଖଳନ କ୍ଷମା କରନ୍ତୁ । ପଣ୍ଡିତମାନେ ମଧ୍ୟ ସ୍ୱାମୀଜୀଙ୍କ ଏପରି ଦୀନ ବ୍ୟବହାରରେ ମୁଗ୍ଧ ହୋଇଗଲେ । ଅନେକକ୍ଷଣ ବାଦାନୁବାଦ ପରେ ଶେଷରେ ସିଦ୍ଧାନ୍ତପକ୍ଷର ମୀମାଂସା ପର୍ଯ୍ୟାପ୍ତ ବୋଲି ପଣ୍ଡିତମାନେ ସ୍ୱୀକାର କଲେ ଏବଂ ପ୍ରୀତି-ସମ୍ଭାଷଣ କରି ଗମନୋଦ୍ୟତ ହେଲେ । ଦୁଇଚାରିଜଣ ଆଗନ୍ତୁକ ଭଦ୍ରଲୋକ ଏହି ସମୟରେ ସେମାନଙ୍କ ପଛେ ପଛେ ଯାଇ ପଚାରିଲେ, "ମହାଶୟଗଣ ! ସ୍ୱାମୀଜୀ କିପରି ବୋଧହେଲେ ?"

ଉତ୍ତରରେ ବସ୍ତ୍ରୋକେ୍ୟଷ୍ଟ ପଣ୍ଡିତ କହିଥିଲେ, 'ବ୍ୟାକରଣରେ ଗଭୀର ବ୍ୟୁତ୍ପତ୍ତି ନ ଥିଲେ ମଧ୍ୟ ସ୍ୱାମୀଜୀ ଶାସ୍ତ୍ରର ଗୂଢ଼ାର୍ଥଦ୍ରଷ୍ଟା, ମୀମାଂସା କରିବାରେ ଅଦ୍ୱିତୀୟ ଏବଂ ସ୍ୱୀୟ ପ୍ରତିଭା ବଳରେ ବାଦଖଣ୍ଡନରେ ଅଦ୍ଭୁତ ପାଣ୍ଡିତ୍ୟ ଦେଖାଇଛନ୍ତି ।'

ପଣ୍ଡିତମାନେ ଚାଲିଯିବା ପରେ ସ୍ୱାମୀଜୀ ଶିଷ୍ୟକୁ କହିଲେ ଯେ, ପୂର୍ବ-ପକ୍ଷକାରୀ ଉକ୍ତ ପଣ୍ଡିତମାନେ ପୂର୍ବମୀମାଂସା ଶାସ୍ତ୍ରରେ ସୁପଣ୍ଡିତ । ସ୍ୱାମୀଜୀ ଉତ୍ତରମୀମାଂସା ପକ୍ଷ ଅବଲମ୍ବନ କରି ସେମାନଙ୍କ ନିକଟରେ ଜ୍ଞାନକାଣ୍ଡର ଶ୍ରେଷ୍ଠତା ପ୍ରତିପାଦନ କରିଥିଲେ ଏବଂ ପଣ୍ଡିତମାନେ ମଧ୍ୟ ସ୍ୱାମୀଜୀଙ୍କ ସିଦ୍ଧାନ୍ତ ମାନି ନେବାକୁ ବାଧ୍ୟ ହୋଇଥିଲେ ।

ବ୍ୟାକରଣଗତ ଗୋଟିଏ ଭୁଲ୍ ଧରି ପଣ୍ଡିତମାନେ ଯେ ସ୍ୱାମୀଜୀଙ୍କୁ ବିଦ୍ରୂପ କରିଥିଲେ, ସେହି ବିଷୟରେ ସ୍ୱାମୀଜୀ କହିଲେ ଯେ, ଅନେକ ବର୍ଷ ଯାବତ୍ ସଂସ୍କୃତରେ କଥାବାର୍ତ୍ତା କହି ନ ଥିବାରୁ ତାଙ୍କର ଏପରି ଭ୍ରମ ହୋଇଥିଲା । ପଣ୍ଡିତମାନଙ୍କ ଉପରେ ସେ ଟିକିଏ ହେଲେ ଦୋଷାରୋପ କରି ନାହାନ୍ତି । କିନ୍ତୁ ଏ ବିଷୟରେ ସ୍ୱାମୀଜୀ ଏହା ମଧ୍ୟ କହିଥିଲେ ଯେ : 'ପାଶ୍ଚାତ୍ୟ ଦେଶରେ ବାଦର ମୂଳ ବିଷୟ ଛାଡ଼ି ଏପରି ଭାଷାର ସାମାନ୍ୟ ଭୁଲ ଧରିବା ପ୍ରତିପକ୍ଷ ପକ୍ଷରେ ମହା ଅସୌଜନ୍ୟସୂଚକ । ସଭ୍ୟ ସମାଜରେ ଏପରି ସ୍ଥଳରେ ଭାବକୁ ହିଁ ଗ୍ରହଣ କରନ୍ତି । ଭାଷା ଆଡ଼କୁ ଲକ୍ଷ୍ୟ କରନ୍ତି ନାହିଁ । ତୁମ ଦେଶରେ କିନ୍ତୁ ଚୋପା ନେଇ ମରାମରି ଚାଲିଛି—ଭିତରର ଶସଟି କେହି ଅନୁସନ୍ଧାନ କରନ୍ତି ନାହିଁ ।'

ପରେ ସ୍ୱାମୀଜୀ ଶିଷ୍ୟ ସହିତ ସେଦିନ ସଂସ୍କୃତରେ ଆଳାପ କରିବାକୁ ଆରମ୍ଭ କଲେ । ଶିଷ୍ୟ ମଧ୍ୟ ଭଙ୍ଗା ଭଙ୍ଗା ସଂସ୍କୃତରେ ଜବାବ ଦେବାକୁ ଲାଗିଲା । ତଥାପି ସେ ତାକୁ ଉତ୍ସାହିତ କରିବା ନିମିତ୍ତ ପ୍ରଶଂସା କରିବାକୁ ଲାଗିଲେ । ସେହିଦିନଠାରୁ ଶିଷ୍ୟ ସ୍ୱାମୀଜୀଙ୍କ ଅନୁରୋଧରେ ତାଙ୍କ ସହିତ ପ୍ରାୟ ମଝିରେ ମଝିରେ ଦେବଭାଷାରେ କଥାବାର୍ତ୍ତା କରୁଥିଲା ।

'ସଭ୍ୟତା' କାହାକୁ କୁହାଯାଏ—ଏହାର ଉତ୍ତରରେ ସେଦିନ ସ୍ୱାମୀଜୀ କହିଲେ ଯେ : 'ଯେଉଁ ସମାଜ ବା ଯେଉଁ ଜାତି ଆଧ୍ୟାତ୍ମିକ ଭାବରେ ଯେତେ ଅଗ୍ରସର, ସେ-ସମାଜ ଓ ସେ-ଜାତି ସେତେ ସଭ୍ୟ । ନାନା କଳକାରଖାନା କରି ଐହିକ ଜୀବନର ସୁଖସ୍ୱାଚ୍ଛନ୍ଦ୍ୟ ବୃଦ୍ଧି କରିପାରିଲେ ଯେ ଜାତିବିଶେଷ ସଭ୍ୟ ହୋଇଅଛି, ତାହା କୁହାଯାଇ ନ ପାରେ । ବର୍ତ୍ତମାନ ପାଶ୍ଚାତ୍ୟ ସଭ୍ୟତା ଲୋକଙ୍କର ହା'ହା'କାର ଓ ଅଭାବକୁ ଦିନୁଦିନ ହିଁ ବୃଦ୍ଧି କରିଦେଉଛି, ପରନ୍ତୁ ଭାରତୀୟ ପ୍ରାଚୀନ ସଭ୍ୟତା ସର୍ବସାଧାରଣଙ୍କୁ ଆଧ୍ୟାତ୍ମିକ ଉନ୍ନତିର ପନ୍ଥା ପ୍ରଦର୍ଶନ କରି ଲୋକଙ୍କର ଐହିକ ଅଭାବ ଏକାବେଳେକେ ଦୂର କରି ନ ପାରିଥିଲେ ମଧ୍ୟ ଅନେକ ପରିମାଣରେ କମାଇବାକୁ ନିଃସନ୍ଦେହରେ ସମର୍ଥ ହୋଇଥିଲା । ବର୍ତ୍ତମାନ ଯୁଗରେ ଏହି ଉଭୟ ସଭ୍ୟତାର ଏକତ୍ର ସଂଯୋଗ କରିବା ନିମିତ୍ତ ଭଗବାନ ଶ୍ରୀରାମକୃଷ୍ଣଦେବ ଜନ୍ମଗ୍ରହଣ କରିଛନ୍ତି । ଏ ଯୁଗରେ ଏକ ଦିଗରେ ଯେପରି ଲୋକକୁ କର୍ମତତ୍ପର ହେବାକୁ ହେବ, ଅପର ଦିଗରେ ତାହାକୁ ସେହିପରି ଗଭୀର ଅଧ୍ୟାତ୍ମଜ୍ଞାନ ଲଭ କରିବାକୁ ହେବ । ଏହିପରି ଭାରତୀୟ ଓ ପାଶ୍ଚାତ୍ୟ ସଭ୍ୟତାର ଅନ୍ୟୋନ୍ୟ-ସମ୍ମିଶ୍ରଣରେ ଜଗତରେ ଏକ ନବଯୁଗର ଅଭ୍ୟୁଦୟ ହେବ ।'—ଏହି କଥା ସ୍ୱାମୀଜୀ ସେଦିନ ବିଶେଷ ଭାବରେ ବୁଝାଇ ଦେଇଥିଲେ । ଏକଥା ବୁଝାଉ ବୁଝାଉ

ଏକ ସ୍ଥଳରେ ସ୍ୱାମୀଜୀ କହିଥିଲେ—ଆଉ ଗୋଟିଏ କଥା—ସେଦେଶର ଲୋକମାନେ ଭାବନ୍ତି, ଯେଉଁ ଲୋକ ଯେତେ ଧର୍ମପରାୟଣ ହେବେ, ସେ ବାହାର ଚାଲିଚଳଣରେ ସେତେ ଗମ୍ଭୀର ହେବେ । ମୁହଁରେ ଅନ୍ୟ କଥା ରହିବ ନାହିଁ । ଏଣେ ପକ୍ଷରେ ମୋ ମୁହଁରୁ ଉଦାର ଧର୍ମକଥା ଶୁଣି ସେଦେଶର ଧର୍ମଯାଜକମାନେ ଯେପରି ଅବାକ୍ ହୋଇଯାଉଥିଲେ, ବକ୍ତୃତା ପରେ ବନ୍ଧୁବାନ୍ଧବମାନଙ୍କ ସହିତ ପରିହାସ ଦେଖି ପୁଣି ସେମାନେ ସେହିପରି ଅବାକ୍ ହୋଇଯାଉଥିଲେ । ମୁହଁ ଉପରେ ସମସ୍ତ ସମୟରେ କହି ପକାଉଥିଲେ, ସ୍ୱାମୀଜୀ, ଆପଣପରି ଜଣେ ଧର୍ମଯାଜକ ! ସାଧାରଣ ଲୋକଙ୍କ ପରି ଏପରି ହାସ୍ୟକୌତୁକ କରିବା ଆପଣଙ୍କର ଉଚିତ ନୁହେଁ । ଆପଣଙ୍କ ପକ୍ଷରେ ଏପରି ଚପଳତା ଶୋଭାପାଏ ନାହିଁ । ତାହାର ଉତ୍ତରରେ ମୁଁ କହୁଥିଲି—We are children of bliss—why should we look morose and sombre ? (ଆମେମାନେ ଆନନ୍ଦର ସନ୍ତାନ, ଆମେ ବିରସ ବଦନରେ ରହିବୁ କାହିଁକି ?) ଏକଥା ଶୁଣି ସେମାନେ ଏହାର ମର୍ମ ଗ୍ରହଣ କରିପାରୁଥିଲେ କି ନା ସନ୍ଦେହ ।

ସେଦିନ ସ୍ୱାମୀଜୀ ଭାବସମାଧି ଓ ନିର୍ବିକଳ୍ପ ସମାଧି ସମ୍ବନ୍ଧରେ ମଧ୍ୟ ନାନା କଥା କହିଥିଲେ—ମନେକର ଜଣେ ହନୁମାନଙ୍କ ପରି ଭକ୍ତିପୂର୍ଣ୍ଣ ହୃଦୟରେ ଈଶ୍ୱରଙ୍କର ସାଧନା କରୁଅଛି । ଭାବର ଯେତେ ଗାଢ଼ତା ହେବାକୁ ଲାଗିବ, ସେହି ସାଧକର ଚାଲିଚଳଣି, ଭାବଭଙ୍ଗୀ ଏପରିକି ଶାରୀରିକ ଗଠନାଦି ମଧ୍ୟ ସେହିପରି ହୋଇଆସିବ । 'ଜାତ୍ୟନ୍ତର ପରିଣାମ'* ଏହିପରି ହୋଇଥାଏ । ଏହିପରି ଗୋଟିଏ ଭାବ ନେଇ ସାଧକ କ୍ରମେ ତଦାକାରାକାରିତ ହୋଇଯାଏ । କୌଣସି ପ୍ରକାର ଭାବର ଚରମାବସ୍ଥାର ନାମ ହେଲା 'ଭାବସମାଧି' । ଆଉ ମୁଁ 'ଦେହ ନୁହେଁ', 'ମନ ନୁହେଁ', 'ବୁଦ୍ଧି ନୁହେଁ'—ଏହିପରି 'ନେତି' 'ନେତି' କରୁ କରୁ ଜ୍ଞାନୀ ସାଧକ ଚିନ୍ମାତ୍ର ସତ୍ତାରେ ଅବସ୍ଥିତ ହେଲେ ତାଙ୍କର ନିର୍ବିକଳ୍ପ ସମାଧି ଲାଭ ହୁଏ । ଗୋଟାଏ ଗୋଟାଏ ଭାବ ନେଇ ସିଦ୍ଧ ହେବାକୁ ବା ସେହି ଭାବର ଚରମାବସ୍ଥାରେ ପହଞ୍ଚିବାକୁ କେତେ ଜନ୍ମର ଚେଷ୍ଟା ଲାଗେ । ଭାବ-ରାଜ୍ୟର ରାଜା ଆମ ଠାକୁର, କିନ୍ତୁ ଅଠରଟି ଭାବରେ ସିଦ୍ଧି ଲାଭ କରିଥିଲେ । ଭାବ ମୁଖରେ ନ ଥିଲେ ତାଙ୍କ ଶରୀର ରହି ନ ଥାଆନ୍ତା—ଏକଥା ମଧ୍ୟ ଠାକୁର କହୁଥିଲେ ।

କଥାରେ କଥାରେ ସେଦିନ ଶିଷ୍ୟ ପଚାରିଲା, 'ମହାଶୟ ! ସେଦେଶରେ କିପରି ଆହାରାଦି କରୁଥିଲେ ?'

ସ୍ୱାମୀଜୀ—ସେ ଦେଶପରି ଖାଉଥିଲି । ଆମେ ସନ୍ନ୍ୟାସୀ, ଆମର କାହିଁରେ କି ଜାତି ଯାଏ ନାହିଁ ।

ଏ ଦେଶରେ ସେ ଭବିଷ୍ୟତରେ କି ପ୍ରଣାଳୀରେ କାର୍ଯ୍ୟ କରିବେ, ସେ ସମ୍ବନ୍ଧରେ ସେଦିନ ସ୍ୱାମୀଜୀ କହିଲେ ଯେ, ମାନ୍ଦ୍ରାଜ ଓ କଲିକତାରେ ଦୁଇଟି କେନ୍ଦ୍ର କରି ସର୍ବବିଧ ଲୋକକଲ୍ୟାଣାର୍ଥ ନୂତନ ଧରଣର ସାଧୁ ସନ୍ନ୍ୟାସୀ ତିଆରି କରିବାକୁ ହେବ । ଆଉ ମଧ୍ୟ

* ଯୋଗସୂତ୍ର—୪।୨ ଦ୍ରଷ୍ଟବ୍ୟ

କହିଲେ ଯେ, **destruction** (ଧ୍ୱଂସ) ଦ୍ୱାରା ବା ପ୍ରାଚୀନ ରୀତିସମୂହ ଅଯଥା ଭାଙ୍ଗିଦେଇ ସମାଜ ବା ଦେଶର ଉନ୍ନତି କରାଯାଏ ନାହିଁ । ସବୁ କାଳରେ, ସବୁ ଯୁଗରେ ଉନ୍ନତି ଲାଭ **constructive process** (ଗଠନମୂଳକ ପ୍ରଣାଳୀ) ଦ୍ୱାରା ଅର୍ଥାତ୍ ପ୍ରାଚୀନ ରୀତି ପ୍ରଭୃତିକୁ ନୂତନ ଭାବରେ ପରିବର୍ତ୍ତିତ କରି ଗଢ଼ାହୋଇଛି । ଭାରତବର୍ଷର ଧର୍ମପ୍ରଚାରକମାନେ ହିଁ ପୂର୍ବ ଯୁଗରେ ଏହିରୂପେ କାର୍ଯ୍ୟ କରିଯାଇଅଛନ୍ତି । ଏକମାତ୍ର ବୁଦ୍ଧଦେବଙ୍କ ଧର୍ମ **destructive** (ଧ୍ୱଂସମୂଳକ) ଥିଲା । ସେଥିନିମିତ୍ତ ସେହି ଧର୍ମ ଭାରତବର୍ଷରୁ ନିର୍ମୂଳ ହୋଇଯାଇଛି ।

ସ୍ୱାମୀଜୀ ଏହିପରି ଭାବରେ କଥା କହୁ କହୁ କହିବାକୁ ଲାଗିଲେ—ଗୋଟିଏ ଜୀବ ମଧ୍ୟରେ ବ୍ରହ୍ମର ବିକାଶ ହେଲେ ହଜାର ହଜାର ଲୋକ ସେହି ଆଲୋକରେ ପଥ ପାଇ ଅଗ୍ରସର ହୁଅନ୍ତି । ବ୍ରହ୍ମଜ୍ଞ ପୁରୁଷମାନେ ହିଁ ଏକମାତ୍ର ଲୋକଗୁରୁ । ଏକଥା ସବୁ ଶାସ୍ତ୍ର ଓ ଯୁକ୍ତି ଦ୍ୱାରା ସମର୍ଥିତ ହୁଏ । ଅବୈଦିକ, ଅଶାସ୍ତ୍ରୀୟ କୁଳଗୁରୁ-ପ୍ରଥା ସ୍ୱାର୍ଥପର ବ୍ରାହ୍ମଣମାନେ ହିଁ ଏ ଦେଶରେ ପ୍ରଚଳନ କରିଅଛନ୍ତି । ସେଥିପାଇଁ ସାଧନ କରି ସୁଦ୍ଧା ଲୋକ ବର୍ତ୍ତମାନ ସିଦ୍ଧ ବା ବ୍ରହ୍ମଜ୍ଞ ହୋଇପାରୁ ନାହିଁ । ଧର୍ମର ଏହିସବୁ ଗ୍ଲାନି ଦୂର କରିବାକୁ ହିଁ ଭଗବାନ ଶ୍ରୀରାମକୃଷ୍ଣ ଶରୀର ଧାରଣ କରି ବର୍ତ୍ତମାନ ଯୁଗରେ ଜଗତରେ ଅବତୀର୍ଣ୍ଣ ହୋଇଅଛନ୍ତି । ତାଙ୍କ ପ୍ରଦର୍ଶିତ ସାର୍ବଭୌମ ମତ ଜଗତରେ ପ୍ରଚାରିତ ହେଲେ ଜଗତର ଏବଂ ଜୀବର ମଙ୍ଗଳ ହେବ । ଏପରି ଅଦ୍ଭୁତ ମହା ସମନ୍ୱୟାଚାର୍ଯ୍ୟ ବହୁ ଶତାବ୍ଦୀ ଯାବତ୍ ଭାରତବର୍ଷରେ ଜନ୍ମଗ୍ରହଣ କରି ନାହାନ୍ତି ।

ସ୍ୱାମୀଜୀଙ୍କର ଜଣେ ଗୁରୁଭାଇ ଏହି ସମୟରେ ପଚାରିଲେ—'ତୁମେ ସେଦେଶରେ ସର୍ବଦା ସର୍ବସମକ୍ଷରେ ଠାକୁରଙ୍କୁ ଅବତାର ବୋଲି ପ୍ରଚାର କଲ ନାହିଁ କାହିଁକି ?'

ସ୍ୱାମୀଜୀ : ସେମାନେ ଦର୍ଶନ-ବିଜ୍ଞାନର ବଡ଼ ଗର୍ବ କରନ୍ତି । ସେଥିନିମିତ୍ତ ଯୁକ୍ତିତର୍କ-ଦର୍ଶନ-ବିଜ୍ଞାନ ଦ୍ୱାରା ସେମାନଙ୍କ ଜ୍ଞାନ ଗରିମା ଚୂର୍ଣ୍ଣ କରିଦେଇ ନ ପାରିଲେ କୌଣସି କିଛି ପ୍ରତିଷ୍ଠା କରିହେବ ନାହିଁ । ତର୍କର ଖିଅ ହରାଇ ଯେଉଁମାନେ ଯଥାର୍ଥ ତତ୍ତ୍ୱାନ୍ୱେଷୀ ହୋଇ ମୋ ନିକଟକୁ ଆସୁଥିଲେ, ସେମାନଙ୍କ ନିକଟରେ ଠାକୁରଙ୍କ କଥା କହୁଥିଲି । ନଚେତ୍ ବା ଏକାବେଳକେ ଅବତାରବାଦ କଥା କହିଲେ ସେମାନେ କହନ୍ତେ, 'ଏ ଆଉ ତୁମେ ନୂଆ କଅଣ କହୁଛ—ଆମର ପ୍ରଭୁ ଈଶାଇ ତ ରହିଛନ୍ତି ।'

ତିନି ଚାରି ଘଣ୍ଟାକାଳ ଏହିପରି ମହାନନ୍ଦରେ ଅତିବାହିତ କରି ଶିଷ୍ୟ ସେଦିନ ଅନ୍ୟାନ୍ୟ ଆଗନ୍ତୁକ ବ୍ୟକ୍ତିମାନଙ୍କ ସହିତ କଲିକତାକୁ ଫେରି ଆସିଥିଲା ।

# ୪

ସ୍ଥାନ—ଦକ୍ଷିଣେଶ୍ୱର କାଳୀମନ୍ଦିର ଓ ଆଲମ ବଜାର ମଠ
କାଳ—୧୮୯୭ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସ, ପ୍ରଥମ ସପ୍ତାହ

ସ୍ୱାମୀଜୀ ଯେତେବେଳେ ଇଂଲଣ୍ଡରୁ ଫେରିଆସନ୍ତି, ସେତେବେଳେ ଆଲମ ବଜାରରେ ରାମକୃଷ୍ଣ ମଠ ପ୍ରତିଷ୍ଠିତ ଥିଲା ।

ଶ୍ରୀରାମକୃଷ୍ଣଦେବଙ୍କ ଜନ୍ମୋତ୍ସବ । ଦକ୍ଷିଣେଶ୍ୱରରେ ରାଣୀ ରାସମଣିଙ୍କ କାଳୀ ମନ୍ଦିରରେ ଏଥର ଉତ୍ସବର ବିପୁଳ ଆୟୋଜନ ହୋଇଛି । ସ୍ୱାମୀଜୀ ତାଙ୍କର କେତେଜଣ ଗୁରୁଭାଇଙ୍କ ସହ ବେଳ ଅନ୍ଦାଜ ୯ଟା ୧୦ଟା ସମୟରେ ଉପସ୍ଥିତ ହୋଇଛନ୍ତି । ତାଙ୍କର ନଗ୍ନ ପଦ, ମସ୍ତକରେ ଗୈରିକ ବର୍ଣ୍ଣର ଉଷ୍ଣୀଷ । ଜନସମୁଦାୟ ତାଙ୍କୁ ଲକ୍ଷ୍ୟ କରି ଇତସ୍ତତଃ ଧାବିତ ହେଉଅଛନ୍ତି—ତାଙ୍କର ସେହି ଅନିନ୍ଦିତ ରୂପଦର୍ଶନ କରିବେ, ସେହି ପାଦପଦ୍ମ ସ୍ପର୍ଶ କରିବେ ଏବଂ ତାଙ୍କ ଶ୍ରୀମୁଖର ସେହି ଜ୍ୱଳନ୍ତ ଅଗ୍ନିଶିଖାସମ ବାଣୀ ଶ୍ରବଣ କରି ଧନ୍ୟ ହେବେ ବୋଲି । ସ୍ୱାମୀଜୀ ଶ୍ରୀଶ୍ରୀଜଗନ୍ନାଥଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କରିବା ସଙ୍ଗେ ସଙ୍ଗେ ସହସ୍ର ଶିର ଅବନତ ହୋଇଗଲା । ପରେ ଶ୍ରୀରାଧାକାନ୍ତ ଜୀଉଙ୍କୁ ପ୍ରଣାମ କରି ସେ ଏଥର ଠାକୁରଙ୍କ ବାସଗୃହକୁ ଆଗମନ କଲେ । ସେ ପ୍ରକୋଷ୍ଠରେ ବର୍ତ୍ତମାନ ଆଉ ତିଳେମାତ୍ର ସ୍ଥାନ ନାହିଁ । 'ଜୟ ରାମକୃଷ୍ଣ' ଧ୍ୱନିରେ କାଳୀମନ୍ଦିରର ଚତୁର୍ଦ୍ଦିଗ ମୁଖରିତ ହେଉଛି । ଶତ ସହସ୍ର ଦର୍ଶକଙ୍କୁ କୋଳରେ ଘେନି ବାରମ୍ବାର କଲିକତାରୁ ହୋର୍-ମିଲର କମ୍ପାନିର ଜାହାଜ ଥରକୁ ଥର ଯାତାୟାତ କରୁଛି । ନହବତର ତାନ-ତରଙ୍ଗରେ ସୁରଧୁନୀ ନୃତ୍ୟ କରୁଅଛନ୍ତି । ଉତ୍ସାହ, ଆକାଙ୍କ୍ଷା, ଧର୍ମପିପାସା ଓ ଅନୁରାଗ ମୂର୍ତ୍ତିମାନ୍ ହୋଇ ଶ୍ରୀରାମକୃଷ୍ଣଙ୍କ ପାର୍ଷଦଗଣ ରୂପରେ ଇତସ୍ତତଃ ବିରାଜ କରୁଛନ୍ତି ।

ସ୍ୱାମୀଜୀଙ୍କ ସହିତ ଆଗତ ଦୁଇଜଣ ଇଂରେଜ ମହିଳା ମଧ୍ୟ ଉତ୍ସବକୁ ଆସିଛନ୍ତି । ସ୍ୱାମୀଜୀ ତାଙ୍କୁ ସଙ୍ଗରେ ନେଇ ପବିତ୍ର ପଞ୍ଚବଟୀ ଓ ବିଲ୍ୱମୂଳ ଦର୍ଶନ କରାଉଥିଲେ । ଶିଷ୍ୟ ଏହି ଉତ୍ସବ ସମ୍ବନ୍ଧୀୟ ସ୍ୱରଚିତ ଗୋଟିଏ ସଂସ୍କୃତ ସ୍ତବ ସ୍ୱାମୀଜୀଙ୍କ ହସ୍ତରେ ପ୍ରଦାନ କଲା । ସ୍ୱାମୀଜୀ ମଧ୍ୟ ଏହା ପଢ଼ି ପଢ଼ି ପଞ୍ଚବଟୀ ଆଡ଼କୁ ଅଗ୍ରସର ହେବାକୁ ଲାଗିଲେ । ଯାଉ ଯାଉ ଶିଷ୍ୟ ଆଡ଼କୁ ଥରେ ଅନାଇ କହିଲେ, 'ବେଶ୍ ହୋଇଚି, ଆହୁରି ଲେଖିବ ।'

ପଞ୍ଚବଟୀର ଏକ ପାର୍ଶ୍ୱରେ ଠାକୁରଙ୍କ ଗୃହୀ ଭକ୍ତଗଣଙ୍କ ସମାବେଶ ହୋଇଥିଲା । ଗିରିଶବାବୁ* ପଞ୍ଚବଟୀର ଉତ୍ତରରେ ଗଙ୍ଗା ଆଡ଼କୁ ମୁହଁ କରି ବସିଥିଲେ ଏବଂ ତାଙ୍କୁ ଘେରି ଅନ୍ୟାନ୍ୟ ଭକ୍ତଗଣ ଶ୍ରୀରାମକୃଷ୍ଣଙ୍କର ଗୁଣଗାନ ଓ କଥାପ୍ରସଙ୍ଗରେ ଆତ୍ମହରା ହୋଇ ବସିଥିଲେ । ଇତ୍ୟବସରରେ ବହୁଜନ ସମଭିବ୍ୟାହାରରେ ସ୍ୱାମୀଜୀ ଗିରିଶବାବୁଙ୍କ ନିକଟରେ ଉପସ୍ଥିତ ହୋଇ 'ଏଇ ଯେ ଘୋଷଜ !' କହି ଗିରିଶବାବୁଙ୍କୁ ପ୍ରଣାମ କଲେ । ଗିରିଶବାବୁ

* ମହାକବି ଗିରିଶଚନ୍ଦ୍ର ଘୋଷ ।

ମଧ୍ୟ ତାଙ୍କୁ କର ଯୋଡ଼ି ପ୍ରତିନମସ୍କାର କଲେ । ଗିରିଶବାବୁଙ୍କ ପୂର୍ବକଥା ସ୍ମରଣ କରାଇ ଦେଇ ସ୍ୱାମୀଜୀ କହିଲେ, 'ଘୋଷଜୀ, ସେ ଗୋଟିଏ ଦିନ, ଆଉ ଏ ଗୋଟିଏ ଦିନ ।' ଗିରିଶବାବୁ ମଧ୍ୟ ସ୍ୱାମୀଜୀଙ୍କ କଥାରେ ସମ୍ମତି ଜଣାଇ କହିଲେ, 'ତା ସତ; ତଥାପି ଏବେ ମଧ୍ୟ ମନେହୁଏ ଆହୁରି ଦେଖେ ।' ଏହିପରି ଉଭୟଙ୍କ ମଧ୍ୟରେ ଯେଉଁ ସବୁ କଥା ହେଲା ତାହାର ମର୍ମ ବାହାର ଲୋକଙ୍କ ମଧ୍ୟରୁ ଅନେକେ ଗ୍ରହଣ କରିବାକୁ ସମର୍ଥ ହେଲେ ନାହିଁ । କିଛି ସମୟ କଥାବାର୍ତ୍ତା ପରେ ସ୍ୱାମୀଜୀ ପଞ୍ଚବଟୀର ଉତ୍ତର-ପୂର୍ବ ଦିଗରେ ଅବସ୍ଥିତ ବିଲ୍ୱବୃକ୍ଷ ଆଡ଼କୁ ଅଗ୍ରସର ହେଲେ ।

ସେଦିନ ଦକ୍ଷିଣେଶ୍ୱରର ଠାକୁର ମନ୍ଦିରରେ ସର୍ବତ୍ର ଗୋଟିଏ ଦିବ୍ୟ ଭାବର ବନ୍ୟା ଏହିପରି ବହିଯାଉଥିଲା । ଏଥର ସେହି ବିରାଟ ଜନସମୁଦ୍ର ସ୍ୱାମୀଜୀଙ୍କ ବକ୍ତୃତା ଶୁଣିବାକୁ ଉଦ୍‌ଗ୍ରୀବ ହୋଇ ଦଣ୍ଡାୟମାନ ହେଲା, କିନ୍ତୁ ବହୁ ଚେଷ୍ଟା କରି ସୁଦ୍ଧା ସ୍ୱାମୀଜୀ ଲୋକଙ୍କ କଲରବ ଅପେକ୍ଷା ଉଚ୍ଚ ସ୍ୱରରେ ବକ୍ତୃତା କରିପାରିଲେ ନାହିଁ । ଅଗତ୍ୟା ବକ୍ତୃତାର ଉଦ୍ୟମ ପରିତ୍ୟାଗ କରି ସେ ପୁଣି ଇଂରେଜ ମହିଳା ଦୁଇଜଣଙ୍କୁ ସଙ୍ଗରେ ନେଇ ଠାକୁରଙ୍କ ସାଧନା-ସ୍ଥାନ ଦେଖାଇବାକୁ ଏବଂ ଠାକୁରଙ୍କ ବିଶିଷ୍ଟ ଭକ୍ତ ଓ ଅନ୍ତରଙ୍ଗମାନଙ୍କ ସଙ୍ଗେ ଆଳାପ କରାଇଦେବାକୁ ଲାଗିଲେ ।

ଦିନ ତିନଟା ପରେ ସ୍ୱାମୀଜୀ ଶିଷ୍ୟକୁ କହିଲେ, 'ଝଟ୍ କେ ଗାଡ଼ି ଦେଖ୍—ମଠକୁ ଯିବାକୁ ହେବ ।' ଅନନ୍ତର ଆଲମବଜାର ପର୍ଯ୍ୟନ୍ତ ଯିବାର ଭଡ଼ା ଦୁଇଅଣା ଠିକ୍ କରି ଶିଷ୍ୟ ଗାଡ଼ି ନେଇ ଉପସ୍ଥିତ ହୁଅନ୍ତେ ସ୍ୱାମୀଜୀ ସ୍ୱୟଂ ଗାଡ଼ିର ଏକ ପାଖରେ ବସି ଏବଂ ସ୍ୱାମୀ ନିରଞ୍ଜନାନନ୍ଦ ଓ ଶିଷ୍ୟକୁ ଆର ପାଖରେ ବସାଇ ଆଲମବଜାର ମଠ ଆଡ଼କୁ ଆନନ୍ଦରେ ଅଗ୍ରସର ହେଲେ । ଯାଉଁ ଯାଉଁ ଶିଷ୍ୟକୁ କହିବାକୁ ଲାଗିଲେ, କେବଳ abstract idea (କେବଳ ମାତ୍ର ଶୁଷ୍କ ଭାବ) ନେଇ ପଡ଼ି ରହିଲେ କଅଣ ହେବ ? ଏହିସବୁ ଉତ୍ସବ ପ୍ରଭୃତି ମଧ୍ୟ ଦରକାର । ତେବେ ଯାଇ mass (ଜନସାଧାରଣ) ଭିତରେ ଏହିସବୁ ଭାବ କ୍ରମଶଃ ଫେଲେଇ ହୋଇଯିବ । ଏହି ଯେ ହିନ୍ଦୁମାନଙ୍କର ବାର ମାସରେ ତେର ପର୍ବ— ଏହାର ଅର୍ଥ ହେଉଛି, ଧର୍ମର ବଡ଼ ବଡ଼ ଭାବଗୁଡ଼ିକ କ୍ରମଶଃ ଲୋକଙ୍କ ଭିତରେ ପ୍ରବେଶ କରାଇଦେବା । ତାହାର ଗୋଟିଏ ଦୋଷ ମଧ୍ୟ ଅଛି । ସାଧାରଣ ଲୋକେ ଏସବୁର ପ୍ରକୃତ ଭାବ ନ ବୁଝି ଏହିଥିରେ ମତ୍ତ ହୋଇଯାନ୍ତି, ଆଉ ଏହି ଉତ୍ସବ-ଆମୋଦ ବନ୍ଦ ହୋଇଗଲେ ପୁଣି ଯାହା ଥିଲା ତାହା ହିଁ ହୁଏ । ସେଥିନିମିତ୍ତ ଏସବୁ ଧର୍ମର ବହିରାବରଣ ପ୍ରକୃତ ଧର୍ମ ଓ ଆତ୍ମଜ୍ଞାନକୁ ଘୋଡ଼ାଇ ରଖିଦିଏ, ଏ କଥା ସତ୍ୟ ।

'କିନ୍ତୁ ଯେଉଁମାନେ ଧର୍ମ କଅଣ, ଆତ୍ମା କଅଣ, ଏସବୁ କିଛିମାତ୍ର ବୁଝିପାରନ୍ତି ନାହିଁ, ସେମାନେ ଏହି ଉତ୍ସବ ଆମୋଦ ମଧ୍ୟଦେଇ କ୍ରମେ ଧର୍ମ ବୁଝିବାକୁ ଚେଷ୍ଟା କରନ୍ତି । ମନେକର, ଏହି ଯେ ଆଜି ଠାକୁରଙ୍କ ଜନ୍ମୋତ୍ସବ ହୋଇଗଲା, ଏହା ଭିତରକୁ ଯେଉଁମାନେ ସବୁ ଆସିଛନ୍ତି, ସେମାନେ ଥରେ ହେଲେ ଠାକୁରଙ୍କ ବିଷୟ ଭାବିବେ । ଯାହାଙ୍କ ନାମରେ ଏତେ ଲୋକ ଏକତ୍ରିତ ହୋଇଥିଲେ ସେ କିଏ, ତାଙ୍କ ନାମରେ ବା ଏତେ ଲୋକ ଆସିଲେ

କାହିଁକି, ଏକଥା ତାଙ୍କ ମନରେ ଉଦିତ ହେବ । ଯେଉଁମାନଙ୍କର ତାହା ମଧ୍ୟ ନ ହେବ, ସେମାନେ ମଧ୍ୟ ଏହି କୀର୍ତ୍ତନ ଦେଖିବାକୁ ଏବଂ ପ୍ରସାଦ ପାଇବାକୁ ବ ବର୍ଷରେ ଅନ୍ତତଃ ଥରେ ଆସିବେ. ଆଉ ଠାକୁରଙ୍କ ଭକ୍ତମାନଙ୍କୁ ଦେଖିଯିବେ । ସେଥିରେ ସେମାନଙ୍କର ଉପକାର ଛଡ଼ା ଅପକାର ହେବ ନାହିଁ ।

ଶିଷ୍ୟ : କିନ୍ତୁ ମହାଶୟ ! ଏହି ଉତ୍ସବ କୀର୍ତ୍ତନକୁ ହିଁ ଯଦି କେହି ସାର ବୋଲି ବୁଝିନିଏ, ତେବେ ସେ ଆଉ ଅଧିକ ଅଗ୍ରସର ହୋଇପାରିବ କି ? ଆମ ଦେଶରେ ଷଷ୍ଠୀ-ପୂଜା, ମଙ୍ଗଳଚଣ୍ଡୀ ପୂଜା ପ୍ରଭୃତି ଯେପରି ନିତ୍ୟ ନୈମିତ୍ତିକ ହୋଇପଡ଼ିଚି, ଏହା ମଧ୍ୟ ସେହିପରି ଗୋଟାଏ ହୋଇ ଛିଡ଼ା ହେବ । ମରଣ ପର୍ଯ୍ୟନ୍ତ ଲୋକେ ଏହିସବୁ ଅନୁଷ୍ଠାନ କରିଯାଉଛନ୍ତି, କିନ୍ତୁ କାହିଁ ଏପରି ଲୋକ ତ ଦେଖିଲି ନାହିଁ, ଯେ ଏହିସବୁ ପୂଜା କରୁ କରୁ ବ୍ରହ୍ମଜ୍ଞ ହୋଇପାରିଛନ୍ତି ।

ସ୍ୱାମୀଜୀ : କାହିଁକି ? ଏହି ଭାରତରେ ଯେ ଏତେ ଧର୍ମବୀର ଜନ୍ମିଥିଲେ ସେମାନେ ତ ସମସ୍ତେ ଏହିସବୁକୁ ଧରି ଉଠିଛନ୍ତି ଏବଂ ଏତେବଡ଼ ହୋଇଛନ୍ତି । ଏହିସବୁକୁ ଧରି ସାଧନା କରୁ କରୁ ଯେତେବେଳେ ଆତ୍ମାର ଦର୍ଶନ ଲାଭ ହୁଏ, ସେତେବେଳେ ଆଉ ଏସବୁ ପ୍ରତି ଧ୍ୟାନ ନ ଥାଏ । ତଥାପି ଲୋକସଂଗ୍ରହ ନିମିତ୍ତ ଅବତାରକଳ୍ପ ମହାପୁରୁଷମାନେ ମଧ୍ୟ ଏହିସବୁ ମାନି ଚଳନ୍ତି ।

ଶିଷ୍ୟ : ଲୋକଦେଖାଣିଆ ବୋଲି ମାନିପାରନ୍ତି—କିନ୍ତୁ ଆତ୍ମଜ୍ଞଙ୍କ ନିକଟରେ ଯେତେବେଳେ ଏହି ସଂସାରଟା ହିଁ ଇନ୍ଦ୍ରଜାଲବତ୍ ଅଲୀକ ବୋଧହୁଏ, ସେତେବେଳେ ସେମାନଙ୍କର କଅଣ ପୁଣି ଏହିସବୁ ବାହ୍ୟ ଲୋକ-ବ୍ୟବହାର ସତ୍ୟ ବୋଲି ମନେ-ହୋଇପାରେ ?

ସ୍ୱାମୀଜୀ : କାହିଁକି ନ ହେବ ? ସତ୍ୟ ବୋଲି ଆମେମାନେ ଯାହା ବୁଝୁ, ତାହା ତ relative—(ଆପେକ୍ଷିକ), ଦେଶକାଳପାତ୍ର ଭେଦରେ ଭିନ୍ନ ଭିନ୍ନ । ଅତଏବ ଅଧିକାରୀ-ଭେଦରେ ସବୁ ପ୍ରକାର ବ୍ୟବହାରର ପ୍ରୟୋଜନ ଅଛି । ଠାକୁର ଯେପରି କହନ୍ତି—'ମା' କେଉଁ ପୁଅକୁ ପଲଉ-କାଲିଆ ରାନ୍ଧି ଦଅନ୍ତି, କେଉଁ ପିଲାକୁ ବା ସାଗୁପଥ୍ୟ ଦଅନ୍ତି'—ସେହିପରି ।

ଦେଖୁ ଦେଖୁ ଗାଡ଼ି ଆଲମବଜାର ମଠରେ ଉପସ୍ଥିତ ହେଲା । ଶିଷ୍ୟ ଗାଡ଼ି-ଭଡ଼ା ଦେଇ ସ୍ୱାମୀଜୀଙ୍କ ସଙ୍ଗରେ ମଠ ଭିତରକୁ ଗଲା ଏବଂ ସ୍ୱାମୀଜୀ ତୃଷା ଅନୁଭବ କରୁଥିବାରୁ ଜଳ ଆଣି ଦେଲା । ସ୍ୱାମୀଜୀ ଜଳପାନ କରି ଜାମା ଖୋଲିପକାଇଲେ ଏବଂ ମେଜିଆରେ ପଡ଼ିଥିବା ସତରଞ୍ଜି ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ ଅବସ୍ଥାନ କରିବାକୁ ଲାଗିଲେ । ସ୍ୱାମୀ ନିରଞ୍ଜନାନନ୍ଦ ପାଖରେ ବସି କହିବାକୁ ଲାଗିଲେ—ଉତ୍ସବରେ ଏପରି ଭିଡ଼ ଆଉ କେବେ ହୋଇ ନାହିଁ । ଯେପରି କି ସାରା କଲିକତାଟା ଉଠି ଆସିଥିଲା ।

ସ୍ୱାମୀଜୀ : ତାହା ହେବ ନାହିଁ ? ଏହା ପରେ ଆହୁରି କେତେ କଅଣ ହେବ ।

ଶିଷ୍ୟ : ମହାଶୟ ! ପ୍ରତ୍ୟେକ ଧର୍ମ-ସମ୍ପ୍ରଦାୟ ମଧ୍ୟରେ ଦେଖାଯାଏ କୌଣସି ନା

କୌଣସି ବାହ୍ୟ ଉତ୍ସବ ଆନନ୍ଦ ଅଛି । କିନ୍ତୁ କାହାର ସଙ୍ଗେ କାହାର ମେଳ ନାହିଁ, ଏପରିକି ଉଦାର ମହମ୍ମଦଙ୍କ ଧର୍ମ ମଧ୍ୟରେ ବି ତାହା ସହରରେ ଦେଖିଛି ସିୟା ସୁନ୍ନିଙ୍କ ଭିତରେ ପିଟାପିଟି ହୁଏ ।

ସ୍ୱାମୀଜୀ : ସମ୍ପ୍ରଦାୟ ହେଲେ ହିଁ ସେଇଟା ଅଳ୍ପାଧିକ ହେବ । ତେବେ ଏଠାକାର ଭାବ କ'ଣ ଜାଣୁ ? ସମ୍ପ୍ରଦାୟବିହୀନତା । ଆମ ଠାକୁର ଏହା ହିଁ ତ ଦେଖାଇବାକୁ ଜନ୍ମିଥିଲେ । ସେ ସବୁ ମାନୁଥିଲେ—ପୁଣି କହୁଥିଲେ, 'ବ୍ରହ୍ମଜ୍ଞାନ-ଆଡ଼ୁ ଦେଖିଲେ ସେସବୁ ମିଥ୍ୟା ମାୟା ମାତ୍ର ।'

ଶିଷ୍ୟ : ମହାଶୟ ! ଆପଣଙ୍କ କଥା ବୁଝିପାରୁ ନାହିଁ । ବେଳେ ବେଳେ ମନେହୁଏ ଆପଣମାନେ ଏହିପରି ଉତ୍ସବ ପ୍ରଚାରାଦି କରି ଠାକୁରଙ୍କ ନାମରେ ଆଉ ଗୋଟିଏ ସମ୍ପ୍ରଦାୟର ସୂତ୍ରପାତ କରୁଛନ୍ତି । ମୁଁ ନାଗ ମହାଶୟଙ୍କ ମୁହଁରୁ ଶୁଣିଚି, ଠାକୁର କୌଣସି ଦଳଭୁକ୍ତ ନ ଥିଲେ । ଶାକ୍ତ, ବୈଷ୍ଣବ, ବ୍ରହ୍ମଜ୍ଞାନୀ, ମୁସଲମାନ, ଖ୍ରୀଷ୍ଟାନ ସବୁ ଧର୍ମ ପ୍ରତି ସେ ବହୁ ମାନ୍ୟ ଦେଖାଉଥିଲେ ।

ସ୍ୱାମୀଜୀ : ତୁ କିପରି ଜାଣିଲୁ ଆମେ ସବୁ ଧର୍ମକୁ ସେହିପରି ବହୁ ମାନ୍ୟ ଦେଉ ନାହୁଁ । ଏହା କହି ସ୍ୱାମୀଜୀ ନିରଞ୍ଜନ ମହାରାଜଙ୍କୁ କହିଲେ—'ଆରେ ଏ ବାଙ୍ଗାଲ କହେ କ'ଣ ?'

ଶିଷ୍ୟ : ମହାଶୟ ! କୃପା କରି ସେହି କଥା ମୋତେ ବୁଝାଇ ଦିଅନ୍ତୁ ।

ସ୍ୱାମୀଜୀ : ତୁ ତ ମୋର ବକ୍ତୃତା ପଢ଼ିଚୁ । କାହିଁ, କେଉଁଠି ଠାକୁରଙ୍କ ନାମ ଧରିଛି ? ଖାଣ୍ଟି ଉପନିଷଦ୍‌ର ଧର୍ମ ହିଁ ତ ଜଗତରେ କହି ବୁଲିଛି ।

ଶିଷ୍ୟ : ତାହା ସତ, କିନ୍ତୁ ଆପଣଙ୍କ ସହିତ ପରିଚିତ ହୋଇ ଦେଖୁଛି, ଆପଣ-ମାନଙ୍କର ରାମକୃଷ୍ଣଗତ ପ୍ରାଣ । ଯଦି ଠାକୁରଙ୍କୁ ଭଗବାନ ବୋଲି ଜାଣିଥାଆନ୍ତି, ତେବେ କାହିଁକି ଇତର ସାଧାରଣଙ୍କୁ ତାହା ଏକାବେଳକେ କହିଦେଉ ନାହାନ୍ତି ?

ସ୍ୱାମୀଜୀ : ମୁଁ ଯାହା ବୁଝିଚି ତାହା କହୁଚି । ତୁ ଯଦି ବେଦାନ୍ତର ଅଦ୍ୱୈତ ମତଟିକୁ ଠିକ୍ ଧର୍ମ ବୋଲି ବୁଝିଥାଉ, ତାହାହେଲେ ଲୋକଙ୍କୁ ତାହା ବୁଝାଇ ଦେଉ ନାହୁଁ କାହିଁକି ?

ଶିଷ୍ୟ : ଆଗେ ଅନୁଭବ କରିବି, ତେବେ ତ ବୁଝାଇବି । ଏହି ମତ ମୁଁ କେବଳ ପଢ଼ିଛି ମାତ୍ର ।

ସ୍ୱାମୀଜୀ : ତେବେ ଆଗେ ଅନୁଭବ କର । ତା'ପରେ ଲୋକଙ୍କୁ ବୁଝାଇଦେବୁ । ବର୍ତ୍ତମାନ ଲୋକେ ପ୍ରତ୍ୟେକେ ଯେ ଗୋଟାଏ ଗୋଟାଏ ମତରେ ବିଶ୍ୱାସ ରଖି ଚାଲୁଛନ୍ତି, ସେଥିରେ ତୋର ତ କହିବାର କିଛି ଅଧିକାର ନାହିଁ । କାରଣ ତୁ ବି ତ ବର୍ତ୍ତମାନ ତାଙ୍କ ପରି ଗୋଟାଏ ଧର୍ମମତରେ ବିଶ୍ୱାସ କରି ଚାଲିଛୁ, ଏହା ଛଡ଼ା ଆଉ କ'ଣ ?

ଶିଷ୍ୟ : ହଁ, ମୁଁ ବି ଗୋଟାଏ ବିଶ୍ୱାସ କରି ଚାଲୁଛି ସତ; କିନ୍ତୁ ମୋର ପ୍ରମାଣ ଶାସ୍ତ୍ର । ମୁଁ ଶାସ୍ତ୍ରର ବିରୋଧୀ ମତ ମାନେ ନାହିଁ ।

ସ୍ୱାମୀଜୀ : ଶାସ୍ତ୍ର ମାନେ କଅଣ ? ଉପନିଷଦ୍ ପ୍ରମାଣ ହେଲେ, କେନ୍ଦାବେସ୍ତା ବା ପ୍ରମାଣ ନ ହେବ କାହିଁକି ?

ଶିଷ୍ୟ : ଏସବୁ ଗ୍ରନ୍ଥର ପ୍ରାମାଣ୍ୟ ସ୍ୱୀକାର କଲେ ମଧ୍ୟ ବେଦ ପରି ଏମାନେ ତ ଆଉ ପ୍ରାଚୀନ ଗ୍ରନ୍ଥ ନୁହନ୍ତି । ପୁଣି ଆତ୍ମତତ୍ତ୍ୱ-ସମାଧାନ ବେଦରେ ଯେପରି ଅଛି, ଏପରି ତ ଆଉ କେଉଁଠି ନାହିଁ ?

ସ୍ୱାମୀଜୀ : ବେଶ୍, ତୋ କଥା ନ ହେଲେ ମାନି ନେଲି । କିନ୍ତୁ ବେଦ ଛଡ଼ା ଆଉ କେଉଁଠି ଯେ ସତ୍ୟ ନାହିଁ, ଏ କଥା କହିବାରେ ତୋର କି ଅଧିକାର ?

ଶିଷ୍ୟ : ବେଦ ଛଡ଼ା ଅନ୍ୟ ସମସ୍ତ ଧର୍ମଗ୍ରନ୍ଥରେ ସତ୍ୟ ଥାଇପାରେ, ତଦ୍‌ବିଷୟର ବିରୋଧରେ ମୁଁ କିଛି କହୁ ନାହିଁ, କିନ୍ତୁ ମୁଁ ଉପନିଷଦ୍‌ର ମତ ହିଁ ମାନି ଚାଲିବି । ମୋର ଏଥିରେ ଖୁବ୍ ବିଶ୍ୱାସ ।

ସ୍ୱାମୀଜୀ : ତାହା କର । ତେବେ ଅନ୍ୟ କାହାର ଯଦି ସେହିପରି କୌଣସି ମତରେ 'ଖୁବ୍' ବିଶ୍ୱାସ ହୁଏ, ତେବେ ତାକୁ ମଧ୍ୟ ସେହି ବିଶ୍ୱାସରେ ଚାଲିବାକୁ ଦେ । ଦେଖିବୁ, ପରେ ତୁ ଏବଂ ସେ ଏକ ଜାଗାରେ ପହଞ୍ଚିବ । ମହିମ୍ନସ୍ତବରେ ପଢ଼ିନାହୁଁ ? 'ତ୍ୱମସି ପୟସାମର୍ଣ୍ଣବ ଇବ ।'*

ଃ

ସ୍ଥାନ—କଲିକତା
କାଳ—୧୮୯୭ ଖ୍ରୀଷ୍ଟାବ୍ଦ, ମାର୍ଚ୍ଚ

ସ୍ୱାମୀଜୀ କିଛିଦିନ ହେଲା କଲିକତାରେ ହିଁ ଅବସ୍ଥାନ କରୁଅଛନ୍ତି । ବାଗ୍‌ବଜାରରେ ବଲରାମ ବସୁ ମହାଶୟଙ୍କ ଘରେ ରହିଛନ୍ତି । ମଝିରେ ମଝିରେ ପରିଚିତ ବ୍ୟକ୍ତିମାନଙ୍କ ଘରକୁ ମଧ୍ୟ ବୁଲାବୁଲି କରିବାକୁ ଯାଉଛନ୍ତି । ଆଜି ସକାଳେ ଶିଷ୍ୟ ସ୍ୱାମୀଜୀଙ୍କ ନିକଟକୁ ଆସି ଦେଖିଲା, ସ୍ୱାମୀଜୀ ଏହିପରି ବାହାରକୁ ଯିବାକୁ ପ୍ରସ୍ତୁତ ହୋଇଛନ୍ତି । ଶିଷ୍ୟକୁ କହିଲେ, 'ଚାଲ—ମୋ ସଙ୍ଗରେ ଯିବୁ ।' କହୁ କହୁ ସ୍ୱାମୀଜୀ ତଳକୁ ଓହ୍ଲାଇବାକୁ ଲାଗିଲେ । ଶିଷ୍ୟ ମଧ୍ୟ ପଛେ ପଛେ ଚାଲିଲା । ଖଣ୍ଡେ ଭଡ଼ା ଗାଡ଼ିରେ ସେ ଶିଷ୍ୟ ସହିତ ଉଠିଲେ, ଗାଡ଼ି

---

* ତ୍ରୟୀ ସାଂଖ୍ୟଂ ଯୋଗଃ ପଶୁପତିମତଂ ବୈଷ୍ଣବମିତି
ପ୍ରଭିନ୍ନେ ପ୍ରସ୍ଥାନେ ପରମିଦମଦଃ ପଥ୍ୟମିତି ଚ ।
ରୁଚୀନାଂ ବୈଚିତ୍ର୍ୟାଦ୍ ଋଜୁ-କୁଟିଳ-ନାନା-ପଥଜୁଷାମ୍
ନୃଣାମେକୋ ଗମ୍ୟସ୍ତ୍ୱମସି ପୟସାମର୍ଣ୍ଣବ ଇବ ।। (ଶିବମହିମ୍ନସ୍ତୋତ୍ରମ୍)

ଦକ୍ଷିଣମୁହାଁ । ହୋଇ ଚାଲିଲ ।

ଶିଷ୍ୟ : ମହାଶୟ ! କେଉଁଠାକୁ ଯିବା ହେବେ ?

ସ୍ୱାମୀଜୀ : ଚାଲ ନା—ଏବେ ଦେଖିବୁ !

ଏହିପରି କେଉଁଠାକୁ ଯାଉଛନ୍ତି ସେ-ବିଷୟରେ କିଛି ନ କହି ଗାଡ଼ି ବିଡନ ଷ୍ଟ୍ରିଟ୍‌ରେ ଆସି ପହଞ୍ଚିବାରୁ କଥାଛଳରେ କହିବାକୁ ଲାଗିଲେ, ତୁମ ଦେଶର ନାରୀମାନଙ୍କୁ ଲେଖାପଢ଼ା ଶିଖାଇବାର କିଛିମାତ୍ର ଚେଷ୍ଟା ଦେଖାଯାଏ ନାହିଁ । ତୁମେ ଲେଖାପଢ଼ା ଶିଖି ମଣିଷ ହେଉଛ, କିନ୍ତୁ ଯେଉଁମାନେ ତୁମର ସୁଖଦୁଃଖର ଭାଗୀ, ସବୁ ସମୟରେ ପ୍ରାଣ ଦେଇ ସେବା କରନ୍ତି, ତାଙ୍କୁ ଶିକ୍ଷା ଦେବାକୁ—ତାଙ୍କୁ ଉନ୍ନତ କରିବାକୁ ତୁମେ କଅଣ କରୁଛ ?

ଶିଷ୍ୟ : କାହିଁକି ମହାଶୟ ! ଆଜିକାଲି ନାରୀମାନଙ୍କ ପାଇଁ କେତେ ସ୍କୁଲ, କଲେଜ ହୋଇଛି । କେତେ ସ୍ତ୍ରୀଲୋକ ଏମ୍. ଏ., ବି. ଏ. ପାସ୍ କରୁଛନ୍ତି ।

ସ୍ୱାମୀଜୀ : ସେ ତ ବିଲାତି ଢଙ୍ଗରେ ହେଉଚି । ତୁମର ଧର୍ମାନୁଶାସନରେ ତୁମ ଦେଶର ଢଙ୍ଗରେ କେଉଁଠି କେଇଟା ସ୍କୁଲ ହୋଇଛି ? ଦେଶରେ ପୁରୁଷମାନଙ୍କ ଭିତରେ ତ ସେହିପରି ଶିକ୍ଷାର ବିସ୍ତାର ନାହିଁ, ପୁଣି ସ୍ତ୍ରୀଲୋକମାନଙ୍କ ଭିତରେ ! ଗଭର୍ଣ୍ଣମେଣ୍ଟର statistics-ରେ (ଗଣନ-ତାଲିକାରେ) ଦେଖାଯାଏ, ଭାରତବର୍ଷରେ ଶତକଡ଼ା ୧୦ । ୧୨ ଜଣ ମାତ୍ର ଶିକ୍ଷିତ । ତେବେ ବୋଧହୁଏ ସ୍ତ୍ରୀଲୋକମାନଙ୍କ ଭିତରେ one percent (ଶତକଡ଼ା ଜଣେ) ମଧ୍ୟ ହେବ ନାହିଁ ।

ତାହା ନ ହେଲେ କଅଣ ଦେଶର ଏପରି ଦୁର୍ଦ୍ଦଶା ହୁଅନ୍ତା ? ଶିକ୍ଷାର ବିସ୍ତାର, ଜ୍ଞାନର ଉନ୍ମେଷ—ଏସବୁ ନ ହେଲେ ଦେଶର ଉନ୍ନତି କିପରି ହେବ ? ତୁମେ ଦେଶର ଯେଉଁ କେଇଜଣ ଲେଖାପଢ଼ା ଶିଖିଚ, ଦେଶର ଭାବୀ ଆଶାର ସ୍ଥଳ—ସେହି କେଇଜଣଙ୍କ ଭିତରେ ବି ଏ ବିଷୟରେ କୌଣସି ଚେଷ୍ଟା ବା ଉଦ୍ୟମ ଦେଖିବାକୁ ପାଉ ନାହିଁ । କିନ୍ତୁ ଜାଣ ? ସାଧାରଣଙ୍କ ଭିତରେ ଆଉ ସ୍ତ୍ରୀମାନଙ୍କ ମଧ୍ୟରେ ଶିକ୍ଷାର ବିସ୍ତାର ନ ହେଲେ କିଛି ହେବାର ଜୁ ନାହିଁ । ସେଥିପାଇଁ ମୋର ଇଚ୍ଛା ଅଛି—କେତେଗୁଡ଼ିଏ ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀ ତିଆରି କରିବି । ବ୍ରହ୍ମଚାରୀମାନେ ସମୟରେ ସନ୍ନ୍ୟାସ ଗ୍ରହଣ କରି ଦେଶେ ଦେଶେ ଗାଁକୁ ଗାଁ ଯାଇ mass (ଜନସାଧାରଣଙ୍କ) ମଧ୍ୟରେ ଶିକ୍ଷାବିସ୍ତାରର ଯତ୍ନ କରିବେ । ଆଉ ବ୍ରହ୍ମଚାରିଣୀମାନେ ନାରୀମାନଙ୍କ ମଧ୍ୟରେ ଶିକ୍ଷାର ବିସ୍ତାର କରିବେ । କିନ୍ତୁ ଦେଶୀ ଧରଣରେ ଏ କାମ କରିବାକୁ ହେବ । କିନ୍ତୁ ପୁରୁଷମାନଙ୍କ ନିମିତ୍ତ ଯେପରି କେତେଗୁଡ଼ିଏ centre (ଶିକ୍ଷାକେନ୍ଦ୍ର) କରିବାକୁ ହେବ, ନାରୀମାନଙ୍କୁ ଶିକ୍ଷା ଦେବା ନିମିତ୍ତ ମଧ୍ୟ ସେହିପରି କେତେଗୁଡ଼ିଏ କେନ୍ଦ୍ର କରିବାକୁ ହେବ । ଶିକ୍ଷିତା ଓ ସଚ୍ଚରିତ୍ରା ବ୍ରହ୍ମଚାରିଣୀମାନେ ସେସବୁ କେନ୍ଦ୍ରରେ ନାରୀମାନଙ୍କ ଶିକ୍ଷାର ଭାର ନେବେ । ପୁରାଣ, ଇତିହାସ, ଗୃହକାର୍ଯ୍ୟ, ଶିଳ୍ପ, ଘରକରଣାର ନିୟମ ଓ ଆଦର୍ଶ ଚରିତ୍ରଗଠନର ସହାୟକ ନୀତିଗୁଡ଼ିକ ବର୍ତ୍ତମାନ ବିଜ୍ଞାନର ସହାୟତାରେ ଶିକ୍ଷା ଦେବାକୁ ହେବ । ଛାତ୍ରୀମାନଙ୍କୁ ଧର୍ମପରାୟଣ ଓ ନୀତି-ପରାୟଣ କରିବାକୁ ହେବ । ତାହାପରେ ଯଥାସମୟରେ ସେମାନେ ଯେପରି ସୁଗୃହିଣୀ

ହୁଅନ୍ତି, ତାହା ହିଁ କରିବାକୁ ହେବ । ଏହିସବୁ ନାରୀମାନଙ୍କ ସନ୍ତାନସନ୍ତତିମାନେ ପରେ ଏ ବିଷୟରେ ଆହୁରି ଉନ୍ନତି ଲାଭ କରିପାରିବେ । ଯେଉଁମାନଙ୍କ ମା' ଶିକ୍ଷିତା ଓ ନୀତିପରାୟଣା ହୁଅନ୍ତି, ସେହିମାନଙ୍କ ଘରେ ହିଁ ବଡ଼ଲୋକ ଜନ୍ମନ୍ତି । ନାରୀମାନଙ୍କୁ ତୁମେ ବର୍ତ୍ତମାନ ଯେପରି କେତେଗୁଡ଼ିଏ manufacturing machine (ଉତ୍ପାଦନ-ଯନ୍ତ୍ର) କରି ଗଢ଼ିଛ । ରାମ, ରାମ, ଏହିପରି କଅଣ ତୁମ ଶିକ୍ଷାର ଫଳ ହେଲା ? ନାରୀମାନଙ୍କୁ ଆଗେ ଉଠାଇବାକୁ ହେବ । Massକୁ (ଜନସାଧାରଣଙ୍କୁ) ଜାଗ୍ରତ କରିବାକୁ ହେବ । ତେବେ ଯାଇ ଦେଶର କଲ୍ୟାଣ, ଭାରତର କଲ୍ୟାଣ ।

ଗାଡ଼ି ବର୍ତ୍ତମାନ କର୍ଣ୍ଣଓ୍ୱାଲିସ୍ ଷ୍ଟ୍ରିଟ୍‌ର ବ୍ରାହ୍ମସମାଜ ପାର ହୋଇ ଅଗ୍ରସର ହେବାର ଦେଖି ଗାଡ଼ିବାଲାକୁ କହିଲେ, 'ଗୋୟର-ବାଗାନର ରାସ୍ତାରେ ଚାଲ ।' ଗାଡ଼ି ଯେତେବେଳେ ସେହି ରାସ୍ତାରେ ପ୍ରବେଶ କଲା, ସେତେବେଳେ ସ୍ୱାମୀଜୀ ଶିଷ୍ୟ ନିକଟରେ ପ୍ରକାଶ କଲେ—ମହାକାଳୀ ପାଠଶାଳାର ସ୍ଥାପନକର୍ତ୍ତ୍ରୀ ତପସ୍ୱିନୀ ମାତା ତାଙ୍କ ପାଠଶାଳା ଦର୍ଶନ କରିବାକୁ ନିମନ୍ତ୍ରଣ କରି ତାଙ୍କୁ ଚିଠି ଲେଖିଛନ୍ତି । ସେ ପାଠଶାଳା ସେତେବେଳେ ଗୋୟର ବାଗାନରେ ରାଜେନ୍ଦ୍ର ମଲ୍ଲିକ ମହାଶୟଙ୍କ ଘରର ସାମାନ୍ୟ ପୂର୍ବ ଦିଗରେ ଗୋଟିଏ ଦୋତାଲା ଭଡ଼ାଘରେ ଥିଲା । ଗାଡ଼ି ଠିଆ ହେଲାକ୍ଷଣି ଦୁଇ ଚାରିଜଣ ଭଦ୍ରଲୋକ ତାଙ୍କୁ ପ୍ରଣାମ କରି ଉପରକୁ ନେଇଗଲେ ଏବଂ ତପସ୍ୱିନୀ ମାତା ଠିଆ ହୋଇ ସ୍ୱାମୀଜୀଙ୍କୁ ଅଭ୍ୟର୍ଥନା କଲେ । ଅଳ୍ପ ସମୟ ପରେ ତପସ୍ୱିନୀ ମାତା ସ୍ୱାମୀଜୀଙ୍କୁ ସଙ୍ଗରେ ନେଇ ଗୋଟିଏ କ୍ଲାସକୁ ନେଇଗଲେ । କୁମାରୀମାନେ ଦଣ୍ଡାୟମାନ ହୋଇ ସ୍ୱାମୀଜୀଙ୍କୁ ଅଭ୍ୟର୍ଥନା କଲେ ଏବଂ ମାତାଜୀଙ୍କର ଆଦେଶରେ ପ୍ରଥମତଃ 'ଶିବଙ୍କ ଧ୍ୟାନ' ସ୍ୱର ଲଗାଇ ଆବୃତ୍ତି କରିବାକୁ ଲାଗିଲେ । ପରେ କେଉଁ ପ୍ରଣାଳୀରେ ପାଠଶାଳାରେ ପୂଜାଦି ଶିକ୍ଷା ଦିଆହୁଏ, ମାତାଜୀଙ୍କ ଆଦେଶରେ କୁମାରୀମାନେ ତାହା କରି ଦେଖାଇବାକୁ ଲାଗିଲେ । ସ୍ୱାମୀଜୀ ମଧ୍ୟ ଉତ୍ଫୁଲ୍ଲ ମନରେ ଏହିସବୁ ଦର୍ଶନ କରି ଅନ୍ୟ ଏକ ଶ୍ରେଣୀର ଛାତ୍ରୀମାନଙ୍କୁ ଦେଖିବାକୁ ଗଲେ । ବୃଦ୍ଧା ମାତାଜୀ ସ୍ୱାମୀଜୀଙ୍କ ସଙ୍ଗେ ସବୁ କ୍ଲାସ ବୁଲିପାରିବେ ନାହିଁ ବୋଲି ସ୍କୁଲର ଦୁଇ ତିନିଜଣ ଶିକ୍ଷକଙ୍କୁ ଡାକି ସବୁ କ୍ଲାସ ଭଲ କରି ସ୍ୱାମୀଜୀଙ୍କୁ ଦେଖାଇବା ପାଇଁ କହିଗଲେ । ତା'ପରେ ସ୍ୱାମୀଜୀ ସବୁ କ୍ଲାସ ବୁଲି ପୁନରାୟ ମାତାଜୀଙ୍କ ନିକଟକୁ ଫେରିଆସିଲା ପରେ ସେ ଜଣେ କୁମାରୀଙ୍କୁ ଡକାଇ ଆଣିଲେ ଏବଂ ରଘୁବଂଶର ତୃତୀୟ ଅଧ୍ୟାୟର ପ୍ରଥମ ଶ୍ଳୋକଟିର ବ୍ୟାଖ୍ୟା କରିବାକୁ କହିଲେ । ଛାତ୍ରୀଟି ମଧ୍ୟ ସଂସ୍କୃତରେ ତାହାର ବ୍ୟାଖ୍ୟା କରି ସ୍ୱାମୀଜୀଙ୍କୁ ଶୁଣାଇଲା । ସ୍ୱାମୀଜୀ ଶୁଣି ସନ୍ତୋଷ ପ୍ରକାଶ କଲେ ଏବଂ ସ୍ତ୍ରୀ-ଶିକ୍ଷା ପ୍ରଚାରକଳ୍ପେ ମାତାଜୀଙ୍କ ଅଧ୍ୟବସାୟ ଓ ଯତ୍ନପରତାର ଏତେଦୂର ସାଫଲ୍ୟ ଦର୍ଶନ କରି ତାଙ୍କର ଭୂୟସୀ ପ୍ରଶଂସା କରିବାକୁ ଲାଗିଲେ । ମାତାଜୀ ତାହା ଶୁଣି ବିନୀତ ଭାବରେ କହିଲେ, 'ମୁଁ ଭଗବତୀ ଜ୍ଞାନରେ ଛାତ୍ରୀମାନଙ୍କର ସେବା କରିଥାଏ, ନଚେତ୍ ବିଦ୍ୟାଳୟ କରି ଯଶୋଲାଭ କରିବାର ଆମର କୌଣସି ଉଦ୍ଦେଶ୍ୟ ନାହିଁ ।'

ବିଦ୍ୟାଳୟ ସମ୍ବନ୍ଧୀୟ କଥାବାର୍ତ୍ତା ସମାପନ କରି ସ୍ୱାମୀଜୀ ବିଦାୟ ନେବାକୁ ଉଦ୍ୟୋଗ କରନ୍ତେ ମାତାଜୀ ସ୍କୁଲ ସମ୍ବନ୍ଧରେ ମତାମତ ଲିପିବଦ୍ଧ କରିବା ନିମନ୍ତେ

ଦର୍ଶକମାନଙ୍କ ପାଇଁ ଉଦ୍ଦିଷ୍ଟ ବହି (visitors' book) ଖଣ୍ଡିକରେ ସ୍ୱାମୀଜୀଙ୍କୁ ମତାମତ ଲେଖିବାକୁ କହିଲେ । ସ୍ୱାମୀଜୀ ମଧ୍ୟ ସେହି ପରିଦର୍ଶକ ପୁସ୍ତକରେ ନିଜ ମତ ବିଶଦ ଭାବରେ ଲିପିବଦ୍ଧ କଲେ । ଲିଖିତ ବିଷୟର ଶେଷ ଧାଡ଼ିଟି ଏବେ ସୁଦ୍ଧା ଶିଷ୍ୟର ମନେଅଛି । ତାହା ଏହି—The movement is in the right direction (କାମଟି ଠିକ୍ ବାଟରେ ଚାଲିଛି) ।

ଅନନ୍ତର ମାତାଜୀଙ୍କୁ ଅଭିବାଦନାନ୍ତେ ସ୍ୱାମୀଜୀ ପୁନର୍ବାର ଗାଡ଼ିରେ ଉଠିଲେ, ଏବଂ ଶିଷ୍ୟ ସହିତ ସ୍ତ୍ରୀ-ଶିକ୍ଷା ସମ୍ବନ୍ଧରେ ନାନା କଥୋପକଥନ କରୁ କରୁ ବାଗ୍‌ବଜାର ଅଭିମୁଖରେ ଅଗ୍ରସର ହେବାକୁ ଲାଗିଲେ । ତାହାର ଯତ୍କିଞ୍ଚିତ ବିବରଣ ନିମ୍ନରେ ଲିପିବଦ୍ଧ ହେଲା ।

ସ୍ୱାମୀଜୀ : ଏହାଙ୍କର (ମାତାଜୀଙ୍କର) କେଉଁଠାରେ ଜନ୍ମ ! ସର୍ବସ୍ୱତ୍ୟାଗୀ—ତଥାପି ଲୋକହିତ ନିମିତ୍ତ କିପରି ଯତ୍ନବତୀ ! ସ୍ତ୍ରୀଲୋକ ନ ହେଲେ କ'ଣ ଛାତ୍ରୀମାନଙ୍କୁ ଏପରି ଭାବରେ ଶିକ୍ଷା ଦେଇପାରେ ? ସବୁ ଭଲ ଦେଖିଲି, କିନ୍ତୁ ଏହି ଯେ କେତେଗୁଡ଼ିଏ ଗୃହୀ ପୁରୁଷ-ମାଷ୍ଟର ଅଛନ୍ତି—ଏହା ଭଲ ବୋଧ ହେଲା ନାହିଁ । ଶିକ୍ଷିତା ବିଧବା ଓ ବ୍ରହ୍ମଚାରିଣୀ-ମାନଙ୍କ ଉପରେ ହିଁ ସ୍କୁଲର ଶିକ୍ଷାର ଭାର ସର୍ବଦା ରଖିବା ଉଚିତ । ଏ ଦେଶରେ ସ୍ତ୍ରୀ-ବିଦ୍ୟାଳୟରେ ପୁରୁଷ-ସମ୍ପର୍କ ଏକାବେଳେକେ ନ ରଖିବା ହିଁ ଭଲ ।

ଶିଷ୍ୟ : କିନ୍ତୁ ମହାଶୟ ! ଗାର୍ଗୀ, ଖନା, ଲୀଳାବତୀମାନଙ୍କ ପରି ଗୁଣବତୀ ଶିକ୍ଷିତା ସ୍ତ୍ରୀ-ଲୋକ ଦେଶରେ ଏବେ କେଉଁଠି ମିଳୁଛନ୍ତି ?

ସ୍ୱାମୀଜୀ : ଦେଶରେ ଏବେ ସୁଦ୍ଧା କଅଣ ସେପରି ସ୍ତ୍ରୀ-ଲୋକ ନାହାନ୍ତି ? ଏ ସୀତା-ସାବିତ୍ରୀଙ୍କ ଦେଶ । ପୁଣ୍ୟକ୍ଷେତ୍ର ଭାରତରେ ଏବେ ବି ସ୍ତ୍ରୀଲୋକମାନଙ୍କର ଯେପରି ଚରିତ୍ର, ସେବାଭାବ, ସ୍ନେହ, ଦୟା, ତୁଷ୍ଟି ଓ ଭକ୍ତି ଦେଖାଯାଏ, ପୃଥିବୀର କୁତ୍ରାପି ସେପରି ଦେଖିଲି ନାହିଁ । ସେଦେଶରେ (ପାଶ୍ଚାତ୍ୟରେ) ନାରୀମାନଙ୍କୁ ଦେଖି ମୋର ଅନେକ ସମୟରେ ସ୍ତ୍ରୀ-ଲୋକ ବୋଲି ବୋଧ ହୁଏ ନାହିଁ—ଠିକ୍ ଯେପରି ପୁରୁଷଲୋକ ! ଗାଡ଼ି ଚଳାଉଛି, ଅଫିସକୁ ବାହାରୁଛି, ସ୍କୁଲକୁ ଯାଉଛି, ପ୍ରଫେସରି କରୁଛି । ଏକମାତ୍ର ଭାରତବର୍ଷରେ ହିଁ ନାରୀମାନଙ୍କର ଲଜ୍ଜା, ବିନୟ ପ୍ରଭୃତି ଦେଖି ଚକ୍ଷୁ ତୃପ୍ତ ହୋଇଯାଏ । ଏପରି ସବୁ ଆଧାର ପାଇ ସୁଦ୍ଧା ତୁମେ ଏମାନଙ୍କର ଉନ୍ନତି କରି ପାରିଲ ନାହିଁ । ଏମାନଙ୍କ ଭିତରେ ଜ୍ଞାନାଲୋକ ପ୍ରବେଶ କରାଇବାକୁ ଚେଷ୍ଟା କଲ ନାହିଁ । ଠିକ୍ ଠିକ୍ ଶିକ୍ଷା ପାଇଲେ, ଏମାନେ ideal ଆଦର୍ଶ ସ୍ତ୍ରୀ-ଲୋକ ହୋଇପାରନ୍ତି ।

ଶିଷ୍ୟ : ମହାଶୟ ! ମାତାଜୀ ଛାତ୍ରୀମାନଙ୍କୁ ଯେଉଁ ଭାବରେ ଶିକ୍ଷା ଦେଉଛନ୍ତି, ତହିଁରେ କଅଣ ତଦ୍ରୂପ ଫଳ ହେବ ? ଏସବୁ ଛାତ୍ରୀମାନେ ବଡ଼ ହୋଇ ବିବାହ କରିବେ ଏବଂ ତାର ଅଳ୍ପକାଳ ପରେ ଅନ୍ୟ ସବୁ ସ୍ତ୍ରୀ-ଲୋକଙ୍କ ପରି ହୋଇଯିବେ । ମନେହୁଏ, ଏମାନଙ୍କୁ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରାଇପାରିଲେ ଯାଇ ଏମାନେ ସମାଜର ଏବଂ ଦେଶର ଉନ୍ନତିକଳ୍ପେ ଜୀବନୋତ୍ସର୍ଗ କରିବେ ଏବଂ ଶାସ୍ତ୍ରୋକ୍ତ ଉଚ୍ଚ ଆଦର୍ଶ ଲାଭ କରିପାରିବେ ।

ସ୍ୱାମୀଜୀ : କମେ ସବୁ ହେବ । ଦେଶରେ ଏପରି ଶିକ୍ଷିତ ଲୋକ ବର୍ତ୍ତମାନ ଜନ୍ମି ନାହାନ୍ତି, ଯେଉଁମାନେ ସମାଜ-ଶାସନ ଭୟରେ ଭୀତ ନ ହୋଇ ନିଜର କନ୍ୟାମାନଙ୍କୁ ଅବିବାହିତା ରଖିପାରିବେ । ଦେଖୁ ନାହଁ, ବର୍ତ୍ତମାନ ସୁଦ୍ଧା ଝିଅ ବାର ତେର ବର୍ଷ ପାର ହେଉ ନ ହେଉଣୁ ଲୋକଭୟରେ, ସମାଜ-ଭୟରେ ବିଭା ଦେଇ ପକାନ୍ତି । ଏହି ସେଦିନ consent (ସମ୍ମତିସୂଚକ) ଆଇନ କରିବା ସମୟରେ ସମାଜର ନେତାମାନେ ଲକ୍ଷ ଲୋକ ଏକାଠି କରି ଚିତ୍କାର କରିବାକୁ ଲାଗିଲେ, 'ଆମେ ଆଇନ ଗ୍ରହଣ କରିବୁଁ ନାହିଁ' । ଅନ୍ୟ ଦେଶ ହୋଇଥିଲେ ସଭା କରି ଚିତ୍କାର କରିବା ଦୂରେ ଥାଉ, ଲୋକେ ଲଜ୍ଜାରେ ମୁଣ୍ଡ ଗୁଞ୍ଜି ଘରେ ବସି ରହନ୍ତେ ଓ ଭାବନ୍ତେ ଆମ ସମାଜରେ ଏବେ ସୁଦ୍ଧା ଏପରି କଳଙ୍କ ରହିଛି ?

ଶିଷ୍ୟ : କିନ୍ତୁ ମହାଶୟ ' ସଂହିତାକାରମାନେ ଗୋଟାଏ କିଛି ନ ଭାବି ନ ଚିନ୍ତି କଅଣ ଆଉ ବାଲ୍ୟ-ବିବାହର ଅନୁମୋଦନ କରିଥିଲେ ? ନିଶ୍ଚୟ ତାହା ଭିତରେ ଗୋଟାଏ ଗୂଢ଼ ରହସ୍ୟ ଅଛି ।

ସ୍ୱାମୀଜୀ : କି ରହସ୍ୟ ?

ଶିଷ୍ୟ : ଏହି ଦେଖନ୍ତୁ, ଅଳ୍ପ ବୟସରେ ଝିଅମାନଙ୍କୁ ବିବାହ ଦେଲେ, ସେମାନେ ସ୍ୱାମୀଗୃହକୁ ଆସି କୁଳଧର୍ମଗୁଡ଼ିକ ବାଲ୍ୟକାଳରୁ ଶିଖିପାରିବେ । ଶ୍ୱଶୁର ଶାଶୁଙ୍କ ଆଶ୍ରୟରେ ଥାଇ ଗୃହ-କର୍ମ-ନିପୁଣା ହୋଇପାରିବେ । ପୁଣି ପିତା-ଗୃହରେ ବୟସ୍କା କନ୍ୟାର ଉଚ୍ଛୃଙ୍ଖଳ ହେବାର ବିଶେଷ ସମ୍ଭାବନା । ବାଲ୍ୟକାଳରେ ବିବାହ ଦେଲେ ଆଉ ଉଚ୍ଛୃଙ୍ଖଳ ହେବାର ସମ୍ଭାବନା ନ ଥାଏ । ଅଧିକନ୍ତୁ ଲଜ୍ଜା, ନମ୍ରତା, ସହିଷ୍ଣୁତା ଓ ଶ୍ରମଶୀଳତା ପ୍ରଭୃତି ଲଳନା-ସୁଲଭ ଗୁଣଗୁଡ଼ିକ ତାହାଠାରେ ବିକଶିତ ହୋଇଉଠେ ।

ସ୍ୱାମୀଜୀ : ଅପର ପକ୍ଷରେ ପୁଣି କୁହାଯାଇପାରେ ଯେ, ବାଲ୍ୟ-ବିବାହ ଦ୍ୱାରା ସ୍ତ୍ରୀ-ଲୋକମାନେ ଅକାଳରେ ସନ୍ତାନ ପ୍ରସବ କରି ଅଧିକାଂଶ ମୃତ୍ୟୁମୁଖରେ ପତିତ ହୁଅନ୍ତି; ସେମାନଙ୍କର ସନ୍ତାନ-ସନ୍ତତି ମଧ୍ୟ କ୍ଷୀଣଜୀବୀ ହୋଇ ଦେଶରେ ଭିକାରୀଙ୍କର ସଂଖ୍ୟା ବୃଦ୍ଧି କରନ୍ତି । କାରଣ, ପିତାମାତାଙ୍କର ଶରୀର ସଂପୂର୍ଣ୍ଣ ସକ୍ଷମ ଓ ସବଳ ନ ହେଲେ, ସବଳ ଓ ନିରୋଗ ସନ୍ତାନ ଜନ୍ମିବେ କିପରି ? ଲେଖାପଢ଼ା ଶିଖାଇ ଟିକିଏ ବୟସ ହେଲା ପରେ ବିବାହ ଦେଲେ ସେହି ଝିଅମାନଙ୍କର ଯେଉଁ ସନ୍ତାନସନ୍ତତି ଜନ୍ମିବେ, ତାଙ୍କ ଦ୍ୱାରା ଦେଶର କଲ୍ୟାଣ ହେବ । ତୁମର ଯେ ଘରେ ଘରେ ଏତେ ବିଧବା, ତା'ର କାରଣ ହେଉଛି—ଏହି ବାଲ୍ୟ-ବିବାହ । ବାଲ୍ୟ-ବିବାହ କମିଗଲେ ବିଧବାଙ୍କ ସଂଖ୍ୟା ମଧ୍ୟ କମିଯିବ ।

ଶିଷ୍ୟ : କିନ୍ତୁ ମହାଶୟ, ମୋର ମନେହୁଏ, ଅଧିକ ବୟସରେ ବିବାହ ଦେଲେ ସ୍ତ୍ରୀ-ଲୋକମାନେ ଗୃହ-କାର୍ଯ୍ୟରେ ସେପରି ମନୋଯୋଗୀ ହୁଅନ୍ତି ନାହିଁ । ଶୁଣିଛି କଲିକତାରେ ଅନେକ ସ୍ଥାନରେ ଶାଶୁମାନେ ରାନ୍ଧନ୍ତି ଓ ଶିକ୍ଷିତା ବୋହୂମାନେ ଗୋଡ଼ରେ ଅଳତା ପିନ୍ଧି ବସିଥାନ୍ତି । ଆମ ବାଙ୍ଗାଲ ଦେଶରେ ଏପରି କେବେ ହୋଇ ନ ଥାଏ ।

ସ୍ୱାମୀଜୀ : ଭଲ ମନ୍ଦ ସବୁ ଦେଶରେ ଅଛି । ମୋ ମତରେ ସମାଜ ସବୁ ଦେଶରେ ଆପେ ଆପେ ଗଢ଼ିଉଠେ । ଅତଏବ ବାଲ୍ୟବିବାହ ଉଠାଇ ଦେବା, ବିଧବାମାନଙ୍କର

ପୁନର୍ବିବାହ ଦେବା ପ୍ରଭୃତି ବିଷୟ ନେଇ ଆମର ମୁଣ୍ଡ ଘୁରେଇବା ଦରକାର ନାହିଁ । ଆମର କାମ ହେଉଛି, ସ୍ତ୍ରୀ-ପୁରୁଷ, ସମାଜର ସମସ୍ତଙ୍କୁ ଶିକ୍ଷା ଦେବା । ସେହି ଶିକ୍ଷା ଫଳରେ ସେମାନେ ନିଜେ ନିଜେ କେଉଁଟି ଭଲ, କେଉଁଟି ମନ୍ଦ, ସବୁ ବୁଝିପାରିବେ ଓ ଆପେ ଆପେ ମନ୍ଦ କାମ ଛାଡ଼ିଦେବେ । ସେତେବେଳେ ଜୋର୍ କରି ସମାଜର କୌଣସି ବିଷୟ ଭାଙ୍ଗିବାକୁ ବା ଗଢ଼ିବାକୁ ହେବ ନାହିଁ ।

ଶିଷ୍ୟ : ସ୍ତ୍ରୀଲୋକମାନଙ୍କର ବର୍ତ୍ତମାନ କିପରି ଶିକ୍ଷାର ପ୍ରୟୋଜନ ?

ସ୍ୱାମୀଜୀ : ଧର୍ମ, ଶିଳ୍ପ, ବିଜ୍ଞାନ, ଘରକରଣା, ରନ୍ଧନ, ସିଲେଇ, ଶରୀରପାଳନ— ଏହିସବୁ ବିଷୟର ସ୍ଥୂଳ ମର୍ମଗୁଡ଼ିକ ଝିଅମାନଙ୍କୁ ଶିଖାଇବା ଉଚିତ । ନଭେଲ, ନାଟକ ଛୁଇଁବାକୁ ଦେବା ଉଚିତ ନୁହେଁ । ମହାକାଳୀ ପାଠଶାଳାଟି ଅନେକାଂଶରେ ଠିକ୍ ପଥରେ ଚାଲୁଛି । ତେବେ କେବଳ ପୂଜାପଦ୍ଧତି ଶିଖାଇଲେ ହେବ ନାହିଁ । ସବୁ ବିଷୟରେ ଆଖି ଖୋଲିଦେବାକୁ ହେବ । ଆଦର୍ଶ ନାରୀ-ଚରିତ ସବୁ ଛାତ୍ରୀମାନଙ୍କ ସମ୍ମୁଖରେ ସର୍ବଦା ଧରି ଉଚ୍ଚ ତ୍ୟାଗରୂପକ ବ୍ରତରେ ସେମାନଙ୍କର ଅନୁରାଗ ଜନ୍ମାଇବାକୁ ହେବ । ସୀତା, ସାବିତ୍ରୀ, ଦମୟନ୍ତୀ, ଲୀଳାବତୀ, ଖନା, ମୀରା—ଏମାନଙ୍କ ଜୀବନ-ଚରିତ ଝିଅମାନଙ୍କୁ ବୁଝାଇ ଦେଇ ତାଙ୍କର ନିଜ ନିଜ ଜୀବନ ସେହିପରି ଗଠିତ କରିବାକୁ ହେବ ।

ଗାଡ଼ି ଏଥର ବାଗ୍‌ବଜାରର ବଳରାମ ବସୁ ମହାଶୟଙ୍କ ଘରେ ପହଞ୍ଚିଲା । ସ୍ୱାମୀଜୀ ଅବତରଣ କରି ଉପରକୁ ଉଠିଗଲେ ଏବଂ ତାଙ୍କର ଦର୍ଶନାଭିଳାଷୀ ହୋଇ ଯେଉଁମାନେ ସେଠାରେ ଉପସ୍ଥିତ ଥିଲେ, ସେସମସ୍ତଙ୍କୁ ମହାକାଳୀ ପାଠଶାଳାର ବୃତ୍ତାନ୍ତ ଆଦ୍ୟପ୍ରାନ୍ତ କହିବାକୁ ଲାଗିଲେ ।

ପରେ ନୂତନ ଗଠିତ 'ରାମକୃଷ୍ଣ ମିଶନ'ର ସଭ୍ୟମାନଙ୍କର କି କି କାର୍ଯ୍ୟ କରିବା କର୍ତ୍ତବ୍ୟ, ସେ ବିଷୟରେ ଆଲୋଚନା କରୁ କରୁ 'ବିଦ୍ୟାଦାନ' ଓ 'ଜ୍ଞାନଦାନ'ର ଶ୍ରେଷ୍ଠତ୍ୱ ବହୁଧା ପ୍ରତିପାଦନ କରିବାକୁ ଲାଗିଲେ । ଶିଷ୍ୟକୁ ଲକ୍ଷ୍ୟ କରି କହିଲେ—Educate, Educate (ଶିକ୍ଷା ଦେ' ଶିକ୍ଷା ଦେ'), 'ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ' । ଶିକ୍ଷାଦାନର ବିରୋଧୀ ଦଳପ୍ରତି କଟାକ୍ଷ କରି କହିଲେ, 'ଯେପରି ପ୍ରହ୍ଲାଦର ଦଳକୁ ନ ଯାଉ ।' ସେକଥାର ଅର୍ଥ ପଚାରିବାରୁ ସ୍ୱାମୀଜୀ କହିଲେ, 'ଶୁଣି ନାହୁଁ ? 'କ' ଅକ୍ଷର ଦେଖି ପ୍ରହ୍ଲାଦର ଆଖିରେ ଲୁହ ଆସିଥିଲା—ତେଣୁ ଆଉ ପଢ଼ାଶୁଣା କିପରି ହେବ ? ଅବଶ୍ୟ ପ୍ରହ୍ଲାଦଙ୍କ ଆଖିରେ ପ୍ରେମଲୁହ ଆସିଥିଲା ଓ ମୂର୍ଖମାନଙ୍କ ଆଖିରେ ଭୟର ଲୁହ ଆସିଥାଏ । ଭକ୍ତମାନଙ୍କ ଭିତରେ ବି ଅନେକେ ସେହିପରି ଅଛନ୍ତି ।' ସମସ୍ତେ ସେକଥା ଶୁଣି ହସିବାକୁ ଲାଗିଲେ । ସ୍ୱାମୀ ଯୋଗାନନ୍ଦ ଏକଥା ଶୁଣି କହିଲେ, 'ତୁମର ଯେତେବେଳେ ଯେଉଁଆଡ଼କୁ ଝୁଙ୍କ୍ ଉଠିବ— ତା'ର ଗୋଟାଏ କିଛି ନ ହେଲେ ତ ଆଉ ଶାନ୍ତ ନାହିଁ । ବର୍ତ୍ତମାନ ଯାହା ଇଚ୍ଛା ହେଉଛି, ତାହା ହିଁ ହେବ ।'

# ୨

ସ୍ଥାନ—କଲିକତା
କାଳ—୧୮୯୭ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ

ଆଜିକି ଦଶଦିନ ହେଲା ଶିଷ୍ୟ ସ୍ୱାମୀଜୀଙ୍କ ନିକଟରେ ଋକ୍‌ବେଦର ସାୟନଭାଷ୍ୟ ପାଠ କରୁଛି । ସ୍ୱାମୀଜୀ ବାଗ୍‌ବଜାରରେ ବଲରାମ ବସୁଙ୍କ ଘରେ ଅବସ୍ଥାନ କରୁଛନ୍ତି । Max Muller ('ମାକ୍ସ ମୁଲର)ଙ୍କ ମୁଦ୍ରିତ ବହୁ ସଂଖ୍ୟାରେ ସମ୍ପୂର୍ଣ୍ଣ ଋଗ୍‌ବେଦ ଗ୍ରନ୍ଥ ଖଣ୍ଡିକ କୌଣସି ବଡ଼ଲୋକଙ୍କଠାରୁ ଅଣାଯାଇଛି । ନୂତନ ଗ୍ରନ୍ଥ, ତହିଁରେ ପୁଣି ବୈଦିକ ଭାଷା, ଶିଷ୍ୟ ପଢ଼ୁ ପଢ଼ୁ ଅନେକ ସ୍ଥଳରେ ଅଟକି ଯାଉଛି । ତାହା ଦେଖି ସ୍ୱାମୀଜୀ ସ୍ନେହରେ ତାକୁ ବେଳେ ବେଳେ 'ବାଙ୍ଗାଲ' ବୋଲି ଥଟ୍ଟା କରୁଛନ୍ତି ଏବଂ ଏହି ସ୍ଥଳ ସବୁର ଉଚ୍ଚାରଣ ଓ ପାଠ କହିଦେଉଛନ୍ତି । ବେଦର ଅନାଦିତ୍ୱ ପ୍ରମାଣ କରିବାକୁ ସାୟନ ଯେଉଁ ଅଦ୍ଭୁତ ଯୁକ୍ତି-କୌଶଳ ପ୍ରୟୋଗ କରିଅଛନ୍ତି, ସ୍ୱାମୀଜୀ ତାହାର ବ୍ୟାଖ୍ୟା କରୁ କରୁ କେତେବେଳେ ଭାଷ୍ୟକାରଙ୍କର ଭୂୟସୀ ପ୍ରଶଂସା କରୁଅଛନ୍ତି, ପୁଣି କେତେବେଳେ ବା ପ୍ରମାଣ ପ୍ରୟୋଗ ଦ୍ୱାରା ସେହି ପଦର ଗୂଢ଼ାର୍ଥ ସମ୍ବନ୍ଧରେ ସ୍ୱୟଂ ଭିନ୍ନ ମତ ପ୍ରକାଶ କରି ସାୟନଙ୍କ ପ୍ରତି କଟାକ୍ଷ କରୁଛନ୍ତି ।

ଏହିରୂପେ କିଛି ସମୟ ପାଠ ଚାଲିବା ପରେ ସ୍ୱାମୀଜୀ Max Muller (ମାକ୍ସ ମୁଲର)-ଙ୍କ ପ୍ରସଙ୍ଗ ଉତ୍ଥାପନ କରି କହିବାକୁ ଲାଗିଲେ, ମନରେ କ'ଣ ହେଲା ଜାଣୁ—ସାୟନ ହିଁ ନିଜର ଭାଷ୍ୟ ନିଜେ ଉଦ୍ଧାର କରିବାକୁ Max Muller (ମାକ୍ସ ମୁଲର୍) ରୂପରେ ପୁନର୍ବାର ଜନ୍ମିଛନ୍ତି । ମୋର ଅନେକ ଦିନରୁ ଏହି ଧାରଣା । Max Muller (ମାକ୍ସ ମୁଲର)-ଙ୍କୁ ଦେଖି ସେ ଧାରଣା ଆହୁରି ବଦ୍ଧମୂଳ ହୋଇଯାଇଛି । ଏପରି ଅଧ୍ୟବସାୟୀ, ଏପରି ବେଦ-ବେଦାନ୍ତସିଦ୍ଧ ପଣ୍ଡିତ ଏ ଦେଶରେ ଦେଖାଯାଆନ୍ତି ନାହିଁ । ତଦୁପରି ପୁଣି ଠାକୁରଙ୍କ (ଶ୍ରୀରାମକୃଷ୍ଣଦେବଙ୍କ) ପ୍ରତି କି ଅଗାଧ ଭକ୍ତି ! ତାଙ୍କୁ ଅବତାର ବୋଲି ବିଶ୍ୱାସ କରନ୍ତି । ଘରେ ଅତିଥି ହୋଇଥିଲି—କି ଯତ୍ନ କରିଥିଲେ ! ବୁଢ଼ାବୁଢ଼ୀଙ୍କୁ ଦେଖି ମନେହୁଏ, ଯେପରି ବଶିଷ୍ଠ, ଅରୁନ୍ଧତୀଙ୍କ ପରି ଦୁହେଁ ମିଳି ସଂସାର କରୁଛନ୍ତି । ମୋତେ ବିଦାୟ ଦେଲାବେଳେ ବୁଢ଼ା ଆଖିରୁ ଲୁହ ଝରିପଡ଼ୁଥିଲା ।

ଶିଷ୍ୟ : ଆଚ୍ଛା—ମହାଶୟ ! ସାୟନ ଯଦି Max Muller (ମାକ୍ସ ମୁଲର) ହୋଇଥାନ୍ତି, ତେବେ ପୁଣ୍ୟଭୂମି ଭାରତରେ ନ ଜନ୍ମି ମ୍ଳେଚ୍ଛ ହୋଇ ଜନ୍ମିଲେ କାହିଁକି ?

ସ୍ୱାମୀଜୀ : ଅଜ୍ଞାନରୁ ମନୁଷ୍ୟ 'ମୁଁ ଆର୍ଯ୍ୟ, ସେ ମ୍ଳେଚ୍ଛ' ଇତ୍ୟାଦି ଅନୁଭବ ଓ ବିଭାଗ କରେ । କିନ୍ତୁ ଯେ ବେଦର ଭାଷ୍ୟକାର, ଜ୍ଞାନର ଜ୍ୱଳନ୍ତ ମୂର୍ତ୍ତି, ତାଙ୍କ ପକ୍ଷରେ ପୁଣି ବର୍ଣ୍ଣାଶ୍ରମ, ଜାତି ବିଭାଗ କ'ଣ ? ତାଙ୍କ ନିକଟରେ ସେସବୁ ଏକାବେଳକେ ଅର୍ଥଶୂନ୍ୟ । ଜୀବର ଉପକାର ନିମିତ୍ତ ସେ ଯଥା ଇଚ୍ଛା ଜନ୍ମିପାରନ୍ତି । ବିଶେଷତଃ ଯେଉଁ ଦେଶରେ ବିଦ୍ୟା ଓ

ଅର୍ଥ ହିଁ ଭଗ୍ନ ଅଛୁ, ସେଠାରେ ନ ଜନ୍ମିଲେ ଏହି ପ୍ରକାଣ୍ଡ ଗ୍ରନ୍ଥ ଛପାଇବାର ଖର୍ଚ୍ଚ ବା କେଉଁଠି ପାଆନ୍ତେ ? ଶୁଣି ନାହୁଁ ? East India Company (ଇଷ୍ଟ ଇଣ୍ଡିଆ କମ୍ପାନି) ଏହି ଋକ୍‌ବେଦ ଛପାଇବା ପାଇଁ ନଅ ଲକ୍ଷ ଟଙ୍କା ନଗଦ ଦେଇଥିଲେ । ତାହା ବି ଅଣ୍ଟିଲା ନାହିଁ । ଏ ଦେଶର (ଭାରତର) ଶତ ଶତ ବୈଦିକ ପଣ୍ଡିତଙ୍କୁ ବେତନ ଦେଇ ଏ କାର୍ଯ୍ୟରେ ନିଯୁକ୍ତ କରାଯାଇଥିଲା । ବିଦ୍ୟା ଓ ଜ୍ଞାନ ନିମିତ୍ତ ଏହିପରି ବିପୁଳ ଅର୍ଥବ୍ୟୟ, ଏପରି ପ୍ରବଳ ଜ୍ଞାନତୃଷ୍ଣା ଏଦେଶରେ ଏଯୁଗରେ କେହି କଅଣ କେବେ ଦେଖିଛନ୍ତି ? Max Muller (ମାକ୍ସ ମୁଲର) ସ୍ୱୟଂ ଭୂମିକାରେ ଲେଖିଛନ୍ତି ଯେ, ସେ ୨୫ ବର୍ଷକାଳ କେବଳ Manuscripts (ପାଣ୍ଡୁଲିପି) ଲେଖିଛନ୍ତି । ତା' ପରେ ଛାପିବାକୁ ୨୦ ବର୍ଷ ଲାଗିଛି । ୪୫ ବର୍ଷକାଳ ଖଣ୍ଡିଏ ବହି ନେଇ ଏପରି ଲାଗିପଡ଼ିଥିବା ସାମାନ୍ୟ ମନୁଷ୍ୟର କର୍ମ ନୁହେଁ । ଏଥିରୁ ବୁଝ, ବୃଥାରେ କଅଣ କହୁଛି ସେ ସାୟନ ।

ମାକ୍ସ ମୂଲରଙ୍କ ସମ୍ବନ୍ଧରେ ଏହିପରି କଥାବାର୍ତ୍ତା ହେଲାପରେ ପୁନର୍ବାର ଗ୍ରନ୍ଥ ପାଠ ଚାଲିବାକୁ ଲାଗିଲା । ଏଥର ବେଦକୁ ଅବଲମ୍ବନ କରି ଯେ ସୃଷ୍ଟିର ବିକାଶ ହୋଇଛି—ସାୟନଙ୍କ ଏହି ମତ ସ୍ୱାମୀଜୀ ସର୍ବଥା ସମର୍ଥନ କରି କହିଲେ—ବେଦ ମାନେ—ଅନାଦି ସତ୍ୟର ସମଷ୍ଟି; ବେଦପାରଗ ଋଷିଗଣ ସେହିସବୁ ସତ୍ୟ ପ୍ରତ୍ୟକ୍ଷ କରିଥିଲେ; ଅତୀନ୍ଦ୍ରିୟ-ଦର୍ଶୀ ବ୍ୟତୀତ ଆମପରି ସାଧାରଣ ଲୋକର ଦୃଷ୍ଟିରେ ସବୁ ପ୍ରତ୍ୟକ୍ଷ ହୁଏ ନାହିଁ । ସେଥିପାଇଁ ବେଦରେ 'ଋଷି' ଶବ୍ଦର ଅର୍ଥ ମନ୍ତ୍ରାର୍ଥଦ୍ରଷ୍ଟା; ଗଳାରେ ପଇତାପକା ବ୍ରାହ୍ମଣ ନୁହେଁ । ବ୍ରାହ୍ମଣାଦି ଜାତିବିଭାଗ ପରେ ହୋଇଥିଲା । ବେଦ ଶବ୍ଦାତ୍ମକ ଅର୍ଥାତ୍ ଭାବାତ୍ମକ ବା ଅନନ୍ତ ଭାବରାଶିର ସମଷ୍ଟି ମାତ୍ର । 'ଶବ୍ଦ' ପଦର ପ୍ରାଚୀନ ବୈଦିକ ଅର୍ଥ ହେଉଚି ସୂକ୍ଷ୍ମଭାବ, ଯାହା ପରେ ସ୍ଥୂଳାକାର ଗ୍ରହଣ କରି ଆପଣାକୁ ପ୍ରକାଶିତ କରେ । ସୁତରାଂ ଯେତେବେଳେ ପ୍ରଳୟ ହୁଏ, ସେତେବେଳେ ଭାବୀ ସୃଷ୍ଟିର ସୂକ୍ଷ୍ମ ବୀଜସମୂହ ବେଦରେ ହିଁ ସମ୍ପୁଟିତ ଥାଏ । ସେଥିପାଇଁ ପୁରାଣରେ ପ୍ରଥମେ ମୀନାବତାରରେ ହିଁ ବେଦର ଉଦ୍ଧାର ଦୃଷ୍ଟ ହୁଏ । ପ୍ରଥମାବତାରରେ ହିଁ ବେଦର ଉଦ୍ଧାର ସାଧିତ ହେଲା । ତା'ପରେ ସେହି ବେଦରୁ କ୍ରମେ ସୃଷ୍ଟିର ବିକାଶ ହେବାକୁ ଲାଗିଲା, ଅର୍ଥାତ୍ ବେଦନିହିତ ଶବ୍ଦାବଲମ୍ବନରେ ବିଶ୍ୱର ସମସ୍ତ ସ୍ଥୂଳ ପଦାର୍ଥ ଗୋଟିଏ ଗୋଟିଏ କରି ତିଆରି ହେବାକୁ ଲାଗିଲା । କାରଣ ସକଳ ସ୍ଥୂଳ ପଦାର୍ଥର ହିଁ ସୂକ୍ଷ୍ମ ରୂପ ହେଉଛି ଶବ୍ଦ ବା ଭାବ । ପୂର୍ବ ପୂର୍ବ କଳ୍ପରେ ମଧ୍ୟ ଏହିରୂପେ ସୃଷ୍ଟି ହୋଇଥିଲା । ଏକଥା ବୈଦିକ ସନ୍ଧ୍ୟାର ମନ୍ତ୍ରରେ ହିଁ ଅଛି—'ସୂର୍ଯ୍ୟଚନ୍ଦ୍ରମସୌ ଧାତା ଯଥା ପୂର୍ବମକଳ୍ପୟତ୍ ଦିବଂ ଚ ପୃଥିବୀଞ୍ଚାନ୍ତରୀକ୍ଷମଥୋ ସ୍ୱଃ' ବୁଝିଲୁ ?

ଶିଷ୍ୟ : କିନ୍ତୁ ମହାଶୟ ! କୌଣସି ଜିନିଷ ନ ଥିଲେ କାହା ଉଦ୍ଦେଶ୍ୟରେ ଶବ୍ଦ ପ୍ରଯୁକ୍ତ ହେବ ? ଆଉ ପଦାର୍ଥର ନାମ ସବୁ ବା କିପରି ତିଆରି ହେବ ?

ସ୍ୱାମୀଜୀ : ଆପାତତଃ ତାହା ହିଁ ମନେହୁଏ ସତ । କିନ୍ତୁ ବୁଝ, ଏହି ଘଟଟା ଭାଙ୍ଗିଗଲେ, ଘଟତ୍ୱର ନାଶ ହୁଏ କି ? ନା, କାହିଁକି ନା ଘଟଟା ହେଉଛି ସ୍ଥୂଳ; କିନ୍ତୁ ଘଟତ୍ୱଟା ହେଉଛି ଘଟର ସୂକ୍ଷ୍ମ ବା ଶବ୍ଦାବସ୍ଥା । ଏହିପରି ସକଳ ପଦାର୍ଥର ଶବ୍ଦାବସ୍ଥାଟି

ହେଉଛି ସେହିସବୁ ଜିନିଷର ସୂକ୍ଷ୍ମାବସ୍ଥା । ଆଉ ଆମେମାନେ ଯେଉଁ ଜିନିଷଗୁଡ଼ାକୁ ଦେଖି, ଶୁଣି, ଧରି, ଛୁଇଁ ସେଗୁଡ଼ାକ ହେଉଛି ଏହିପରି ସୂକ୍ଷ୍ମ ବା ଶବ୍ଦାବସ୍ଥାରେ ଅବସ୍ଥିତ ପଦାର୍ଥ-ସକଳର ସ୍ଥୂଳବିକାଶ । ଯେପରି କାର୍ଯ୍ୟ ଆଉ କାରଣ । ଜଗତ୍ ଧ୍ୱଂସ ହୋଇଗଲେ ମଧ୍ୟ ଜଗଦ୍‌ବୋଧାତ୍ମକ ଶବ୍ଦ ବା ସ୍ଥୂଳ ପଦାର୍ଥ ସକଳର ସୂକ୍ଷ୍ମ ସ୍ୱରୂପସମୂହ ବ୍ରହ୍ମରେ କାରଣ ରୂପେ ଥାଏ । ଜଗଦ୍‌ବିକାଶର ପ୍ରାକ୍‌କାଳରେ ପ୍ରଥମରେ ହିଁ ସୂକ୍ଷ୍ମ ସ୍ୱରୂପସମୂହର ସମଷ୍ଟିଭୂତ ଏହି ପଦାର୍ଥ ଉଦ୍‌ବେଳିତ ହୋଇଉଠେ ଓ ତାହାର ପ୍ରକୃତ ସ୍ୱରୂପ ଶବ୍ଦଗର୍ଭାତ୍ମକ ଅନାଦି ନାଦ 'ଓଁ'କାର ଆପେ ଆପେ ଉଠିବାକୁ ଲଗେ । କ୍ରମେ ଏହି ସମଷ୍ଟିରୁ ଗୋଟିଏ ଗୋଟିଏ ବିଶେଷ ପଦାର୍ଥର ପ୍ରଥମେ ସୂକ୍ଷ୍ମ ପ୍ରତିକୃତି ବା ଶାବ୍ଦିକ ରୂପ ଓ ପରେ ସ୍ଥୂଳରୂପ ପ୍ରକାଶ ପାଏ । ଏହି ଶବ୍ଦ ହିଁ ବ୍ରହ୍ମ—ଶବ୍ଦ ହିଁ ବେଦ । ଏହା ହିଁ ସାୟନଙ୍କ ଅଭିପ୍ରାୟ, ବୁଝିଲୁ ?

ଶିଷ୍ୟ : ମହାଶୟ, ଭଲଭାବେ ବୁଝିପାରୁ ନାହିଁ ।

ସ୍ୱାମୀଜୀ : ଜଗତରେ ଯେତେ ଘଟ ଅଛି, ସେହିସବୁଗୁଡ଼ାକ ନଷ୍ଟ ହୋଇଗଲେ ବି ଘଟ ଶବ୍ଦ ରହିପାରେ, ଏହା ତ ବୁଝିଲୁ ? ତେବେ ଯେଉଁସବୁ ଜିନିଷଗୁଡ଼ିକୁ ନେଇ ଜଗତ୍, ସେଗୁଡ଼ାକ ସବୁ ଭାଙ୍ଗିଚୁରି ଗଲେ ମଧ୍ୟ ତତ୍ତ୍ୱବୋଧାତ୍ମକ ଶବ୍ଦଗୁଡ଼ିକ କାହିଁକି ନ ରହି-ପାରିବ ? ଆଉ ତହିଁରୁ ପୁନଃ ସୃଷ୍ଟି କାହିଁକି ବା ନ ହୋଇପାରିବ ?

ଶିଷ୍ୟ : କିନ୍ତୁ ମହାଶୟ, 'ଘଟ' 'ଘଟ' ବୋଲି ଚିତ୍କାର କଲେ ତ ଘଟ ତିଆରି ହୁଏ ନାହିଁ ?

ସ୍ୱାମୀଜୀ : ତୁ ମୁଁ ଏହିପରି ଚିତ୍କାର କଲେ ହୁଏ ନାହିଁ । କିନ୍ତୁ ସିଦ୍ଧସଙ୍କଳ୍ପ ବ୍ରହ୍ମରେ ଘଟସ୍ମୃତି ହେବାମାତ୍ରେ ଘଟର ପ୍ରକାଶ ହୁଏ । ସାମାନ୍ୟ ସାଧକର ଇଚ୍ଛାରେ ହିଁ ଯେତେବେଳେ ନାନା ଅଘଟନ-ଘଟନ ହୋଇପାରେ—ସେତେବେଳେ ସିଦ୍ଧସଙ୍କଳ୍ପ ବ୍ରହ୍ମଙ୍କର କଥା କ'ଣ । ସୃଷ୍ଟିର ପ୍ରାକ୍‌କାଳରେ ବ୍ରହ୍ମ ପ୍ରଥମ ଶବ୍ଦାତ୍ମକ ହୁଅନ୍ତି, ପରେ 'ଓଁ'କାରାତ୍ମକ ବା ନାଦାତ୍ମକ ହୋଇଯାନ୍ତି । ତା'ର ପରେ ପୂର୍ବ ପୂର୍ବ କଳ୍ପର ନାନା ବିଶେଷ ବିଶେଷ ଶବ୍ଦ ଯଥା—'ଭୂଃ, ଭୁବଃ, ସ୍ୱଃ' ବା ଗୋ, ମାନବ, ଘଟ, ପଟ, ଇତ୍ୟାଦି ଏହି 'ଓଁ'କାରରୁ ବାହାରିବାକୁ ଲଗେ । ସିଦ୍ଧ-ସଙ୍କଳ୍ପ ବ୍ରହ୍ମରେ ଏହି ଏହି ଶବ୍ଦ କ୍ରମେ ଗୋଟାଏ ଗୋଟାଏ କରି ହେବାମାତ୍ରେ ସେହି ସେହି ଜିନିଷସବୁ ସେମିତି ତତ୍‌କ୍ଷଣାତ୍ ବାହାରି କ୍ରମେ ବିଚିତ୍ର ଜଗତର ବିକାଶ ହୋଇଯାଏ । ଏଇଥର ବୁଝିଲୁ—ଶବ୍ଦ କିପରି ସୃଷ୍ଟିର ମୂଳ ?

ଶିଷ୍ୟ : ହଁ, ଏକ ପ୍ରକାର ବୁଝିଲି ସିନା । କିନ୍ତୁ ଠିକ୍ ଠିକ୍ ଧାରଣା ହୋଇପାରି ନାହିଁ ।

ସ୍ୱାମୀଜୀ : ଧାରଣା ହେବା—ପ୍ରତ୍ୟକ୍ଷ ଅନୁଭବ କରିବାଟା କ'ଣ ସହଜ କଥାରେ ବାପ ? ମନ ଯେତେବେଳେ ବ୍ରହ୍ମାବଗାହୀ ହେବାକୁ ଯାଏ, ସେତେବେଳେ ଗୋଟାକପରେ ଗୋଟାଏ କରି ଏସବୁ ଅବସ୍ଥାର ଭିତର ଦେଇ ଯାଇ, ଶେଷରେ ନିର୍ବିକଳ୍ପରେ ଉପସ୍ଥିତ ହୁଏ । ସମାଧିମୁଖରେ ପ୍ରଥମେ ବୁଝାଯାଏ—ଜଗତଟା ଶବ୍ଦମୟ; ତା'ପରେ ଗମ୍ଭୀର 'ଓଁ'-କାର ଧ୍ୱନିରେ ସବୁ ମିଳେଇଯାଏ । ତା'ପରେ ତାହା ବି ଶୁଣାଯାଏ ନାହିଁ । ତା' ବି ଅଛି କି

ନାହିଁ, ଏହିପରି ବୋଧହୁଏ । ଏହା ହିଁ ହେଉଛି ଅନାଦି ନାଦ । ତା'ପରେ ପ୍ରତ୍ୟକ୍ଷ-ବ୍ରହ୍ମରେ ମନ ମିଶିଯାଏ । ବାସ୍—ସବୁ ଚୁପ୍ ।

ସ୍ୱାମୀଜୀଙ୍କ କଥାରେ ଶିଷ୍ୟର ପରିଷ୍କାର ବୋଧହେବାକୁ ଲାଗିଲା—ସ୍ୱାମୀଜୀ ଏହିସବୁ ଅବସ୍ଥାର ଭିତର ଦେଇ ଅନେକଥର ସ୍ୱୟଂ ସମାଧି-ଭୂମିରେ ଗମନାଗମନ କରିଛନ୍ତି, ନଚେତ୍ ଏପରି ବିଶଦ୍‌ଭାବରେ ଏହିସବୁ କଥା କିପରି ବୁଝାଇ କହୁଛନ୍ତି ? ଶିଷ୍ୟ ଅବାକ୍ ହୋଇ ଶୁଣିବାକୁ ଓ ଭାବିବାକୁ ଲାଗିଲା—ନିଜର ଦେଖାଶୁଣା ଜିନିଷ ନ ହେଲେ କେହି କେବେ ହେଁ ଏପରି ଭାବରେ କହି ବୁଝାଇପାରେ ନାହିଁ ।

ସ୍ୱାମୀଜୀ ପୁଣି କହିବାକୁ ଲାଗିଲେ—'ଅବତାରକଳ୍ପ ମହାପୁରୁଷମାନେ ସମାଧି ଭଙ୍ଗପରେ ପୁଣି ଯେତେବେଳେ 'ମୁଁ' 'ମୋର' ରାଜ୍ୟକୁ ଖସି ଆସନ୍ତି, ସେତେବେଳେ ପ୍ରଥମେ ହିଁ ଅବ୍ୟକ୍ତ ନାଦର ଅନୁଭବ କରନ୍ତି; କ୍ରମେ ନାଦ ସୁସ୍ପଷ୍ଟ ହୋଇ 'ଓଁ'କାର ଅନୁଭବ କରନ୍ତି । 'ଓଁ'କାରରୁ ପରେ ଶବ୍ଦମୟ ଜଗତର ପ୍ରତ୍ୟକ୍ଷ କରନ୍ତି । ତତ୍ପରେ ସର୍ବ-ଶେଷରେ ସ୍ଥୂଳଭୂତ-ଜଗତର ପ୍ରତ୍ୟକ୍ଷ ହୁଏ । ସାମାନ୍ୟ ସାଧକ କିନ୍ତୁ ଅନେକ କଷ୍ଟରେ କୌଣସି ପ୍ରକାରେ ନାଦର ପାରକୁ ଯାଇ ବ୍ରହ୍ମକୁ ସାକ୍ଷାତ୍ ଉପଲବ୍ଧି କରିପାରିଲେ ପୁନର୍ବାର ସ୍ଥୂଳ ଜଗତର ପ୍ରତ୍ୟକ୍ଷ ହୁଏ ଯେଉଁ ନିମ୍ନ ଭୂମିରେ, ସେଠାକୁ ଆଉ ଓହ୍ଲାଇପାରନ୍ତି ନାହିଁ । ବ୍ରହ୍ମରେ ହିଁ ମିଳେଇ ଯାଆନ୍ତି—'କ୍ଷୀରେ ନୀରବତ୍' ।

ଏହିସବୁ କଥା ହେଉଅଛି, ଏପରି ସମୟରେ ମହାକବି ଶ୍ରୀଯୁକ୍ତ ଗିରିଶଚନ୍ଦ୍ର ଘୋଷ ମହାଶୟ ସେଠାରେ ଉପସ୍ଥିତ ହେଲେ । ସ୍ୱାମୀଜୀ ତାହାଙ୍କୁ ଅଭିବାଦନ ଓ କୁଶଳପ୍ରଶ୍ନାଦି କରି ପୁନର୍ବାର ଶିଷ୍ୟକୁ ପାଠ ଶୁଣାଇବାକୁ ଲାଗିଲେ । ଗିରିଶବାବୁ ମଧ୍ୟ ତାହା ନିବିଷ୍ଟ ଚିତ୍ତରେ ଶୁଣିବାକୁ ଲାଗିଲେ ଏବଂ ସ୍ୱାମୀଜୀଙ୍କର ସେପରି ଅପୂର୍ବ ବିଶଦ ବେଦ-ବ୍ୟାଖ୍ୟା ଶୁଣି ମୁଗ୍ଧ ହୋଇ ବସି ରହିଲେ ।

ପୂର୍ବ ବିଷୟର ଅନୁସରଣ କରି ସ୍ୱାମୀଜୀ ପୁନର୍ବାର କହିବାକୁ ଲାଗିଲେ—ବୈଦିକ ଓ ଲୌକିକ ଭେଦରେ ଶବ୍ଦ ପୁଣି ଦ୍ୱିଧା ବିଭକ୍ତ । 'ଶବ୍ଦଶକ୍ତିପ୍ରକାଶିକା'ରେ* ଏହି ବିଷୟର ବିଚାର ଦେଖିଛି । ବିଚାରଗୁଡ଼ିକ ଖୁବ୍ ଚମତ୍କାର ପରିଚାୟକ ସତ, କିନ୍ତୁ Terminology (ପରିଭାଷା)-ର ଦାଉରେ ମୁଣ୍ଡ ଗୋଳମାଳ ହୋଇଯାଏ ।

ଏଥର ଗିରିଶ ବାବୁଙ୍କ ଆଡ଼କୁ ଚାହିଁ ସ୍ୱାମୀଜୀ ପଚାରିଲେ—'କ'ଣ ଜି. ସି. ! ଏ ସବୁ ତ କିଛି ପଢିଲ ନାହିଁ—କେବଳ କୃଷ୍ଣ ବିଷ୍ଣୁ ନେଇ ଦିନ କଟେଇଲ ?'

ଗିରିଶବାବୁ—କ'ଣ ଆଉ ପଢିବି ଭାଇ ? ଏତେ ଅବସର ବି ନାହିଁ, ବୁଦ୍ଧି ବି ନାହିଁ ଯେ ସେଥିରେ ପଶିବି । ତେବେ ଠାକୁରଙ୍କ କୃପାରେ ସେସବୁ ବେଦବେଦାନ୍ତ ମୁଣ୍ଡରେ ଥୋଇ ପାର ହୋଇଯିବି । ତୁମମାନଙ୍କୁ ନେଇ ତାଙ୍କର ବହୁତ କାମ କରେଇବେ ବୋଲି ସେସବୁ ପଢାଇନେଇଛନ୍ତି, ମୋର ସେସବୁ ଦରକାର ନାହିଁ—କହି ଗିରିଶବାବୁ ସେହି ପ୍ରକାଣ୍ଡ ଋଗ୍‌ବେଦ ଗ୍ରନ୍ଥ ଖଣ୍ଡିକୁ ପୁନଃ ପୁନଃ ପ୍ରଣାମ କରି କହିବାକୁ ଲାଗିଲେ—'ଜୟ ବେଦରୂପୀ

* ନ୍ୟାୟଦର୍ଶନର ଗ୍ରନ୍ଥବିଶେଷ

ଶ୍ରୀରାମକୃଷ୍ଣଙ୍କ ଜୟ' ।

ସ୍ୱାମୀଜୀ ଅନ୍ୟମନା ହୋଇ କଅଣ ଭାବୁଥିଲେ । ଇତିମଧ୍ୟରେ ଗିରିଶବାବୁ କହି ଉଠିଲେ—ହଇହେ ନରେନ୍, ଗୋଟିଏ କଥା କହେଁ । ବେଦ-ବେଦାନ୍ତ ତ ଢେର୍ ପଢ଼ିଲ, କିନ୍ତୁ ଏଇ ଯେ ଦେଶରେ ଘୋର ହା-ହାକାର, ଅନ୍ନାଭାବ, ବ୍ୟଭିଚାର ଭ୍ରୁଣହତ୍ୟା, ମହାପାତକାଦି ଆଖି ଆଗରେ ଦିନରାତି ଘଟୁଛି, ଏହାର ପ୍ରତିକାର ତୁମ ବେଦରେ କିଛି ରହିଛି ? ସେଇ ଅମୁକ ଘରର ଗୃହିଣୀ—ଏକ ସମୟରେ ଯାହା ଘରେ ରୋଜ ପଚାଶ ଖଣ୍ଡେ ପତ୍ର ପଡ଼ୁଥିଲା, ସେ ଆଜିକି ତିନିଦିନ ହେଲା ଚୁଲିରେ ହାଣ୍ଡି ବସାଇ ନାହିଁ; ସେଇ ଅମୁକ ଘରର କୁଳ-ସ୍ତ୍ରୀକୁ ଗୁଣ୍ଡାମାନେ ଅତ୍ୟାଚାର କରି ମାରି ପକାଇଛନ୍ତି; ସେଇ ଅମୁକର ଘରେ ଭ୍ରୁଣହତ୍ୟା ହୋଇଛି; ଅମୁକ ଜୁଆଚୋରି କରି ବିଧବାର ସର୍ବସ୍ୱ ହରଣ କରିଛି—ଏସବୁ ଦୂର କରିବାର କୌଣସି ଉପାୟ ତୁମ ବେଦରେ ଅଛି କି ? ଗିରିଶବାବୁ ଏହିରୂପେ ସମାଜର ବିଭୀଷିକାପ୍ରଦ ଛବିଗୁଡ଼ିକ ଉପର୍ଯ୍ୟୁପରି ଅଙ୍କନ କରି ଦେଖାଇବାକୁ ଆରମ୍ଭ କଲାରୁ ସ୍ୱାମୀଜୀ ନିର୍ବାକ୍ ହୋଇ ରହିଲେ । ଜଗତର ଦୁଃଖକଷ୍ଟ କଥା ଭାବୁ ଭାବୁ ସ୍ୱାମୀଜୀଙ୍କ ଆଖିରେ ଲୁହ ଆସିଲା । ସେ ତାଙ୍କ ମନର ସେହି ଭାବକୁ ଆମକୁ ଜାଣିବାକୁ ଦେବେ ନାହିଁ ବୋଲି ଯେପରି ଉଠି ବାହାରକୁ ଚାଲିଗଲେ ।

ଇତିମଧ୍ୟରେ ଗିରିଶବାବୁ ଶିଷ୍ୟକୁ ଲକ୍ଷ୍ୟ କରି କହିଲେ, 'ଦେଖିଲୁ ବାଙ୍ଗାଲ୍, କେତେ ବଡ଼ ପ୍ରାଣ ତୋର ସ୍ୱାମୀଜୀଙ୍କୁ କେବଳ ବେଦଜ୍ଞ ପଣ୍ଡିତ ବୋଲି ମାନେ ନାହିଁ; କିନ୍ତୁ ଏଇ ଯେ ଜୀବର ଦୁଃଖରେ କାନ୍ଦି କାନ୍ଦି ବାହାରିଗଲେ, ଏହି ମହାପ୍ରାଣତା ପାଇଁ ମୁଁ ସମ୍ମାନ ଦେଖାଏ ' ଆଖି ଆଗରେ ଦେଖିଲୁ ତ, ମନୁଷ୍ୟର ଦୁଃଖକଷ୍ଟର କଥାଗୁଡ଼ିକ ଶୁଣି କରୁଣାରେ ହୃଦୟ ପୂର୍ଣ୍ଣ ହୋଇ ସ୍ୱାମୀଜୀଙ୍କ ବେଦ-ବେଦାନ୍ତ କୁଆଡ଼େ ଉଡ଼ିଗଲା ।'

ଶିଷ୍ୟ : ମହାଶୟ, ଆମର ବେଶ୍ ବେଦ ପଢ଼ା ହେଉଥିଲା; ଆପଣ ମାୟା-ଜଗତର କଅଣ ଗୁଡ଼ାଏ ନିଆଁ ପାଉଁଶ କଥା ଉଠାଇ ସ୍ୱାମୀଜୀଙ୍କ ମନ ଖରାପ କରିଦେଲେ ।

ଗିରିଶବାବୁ : ଜଗତରେ ଏତେ ଦୁଃଖକଷ୍ଟ, ଆଉ ଏଇ ସିଆଡ଼କୁ ଥରେ ନ ଅନାଇ ଚୁପ୍ କରି ବସି କେବଳ ବେଦ ପଢ଼ୁଛନ୍ତି ! ରଖିଦେ' ତୋର ବେଦବେଦାନ୍ତ ।

ଶିଷ୍ୟ : ଆପଣ କେବଳ ହୃଦୟର ଭାଷା ଶୁଣିବାକୁ ହିଁ ଭଲ ପାଆନ୍ତି; ନିଜେ ହୃଦୟବାନ୍ କି ନା ! କିନ୍ତୁ ଏହିସବୁ ଶାସ୍ତ୍ର, ଯାହାର ଆଲୋଚନା ର ଜଗତ୍ ଭୁଲ ହୋଇଯାଏ, ତହିଁରେ ଆପଣଙ୍କ ଆଦର ଦେଖିବାକୁ ପାଏ ନାହିଁ; ନତୁବା ଏପରି ଭାବରେ ଆଜି ରସଭଙ୍ଗ କରିନଥାନ୍ତେ ।

ଗିରିଶବାବୁ : ପଚାରେଁ, ଜ୍ଞାନ ଆଉ ପ୍ରେମର ପୃଥକତ୍ୱ କେଉଁଠି ମୋତେ ବୁଝେଇ ଦେ' ଦେଖି । ହେଇ ଦେଖନା, ତୋର ଗୁରୁ (ସ୍ୱାମୀଜୀ) ଯେପରି ପଣ୍ଡିତ ସେହିପରି ପ୍ରେମିକ । ତୋର ବେଦ କ'ଣ କହୁ ନାହିଁ—ସତ୍, ଚିତ୍, ଆନନ୍ଦ ତିନୋଟା ଗୋଟାଏ ଜିନିଷ ? ହେଇ ଦେଖନା, ସ୍ୱାମୀଜୀ ଏତେ ପାଣ୍ଡିତ୍ୟ ପ୍ରକାଶ କରୁଥିଲେ, କିନ୍ତୁ ଯେତେବେଳେ ଜଗତର ଦୁଃଖର କଥା ଶୁଣିଲେ, ଯେତେବେଳେ ସେସବୁ ମନେପଡ଼ିଲା, ସେତେବେଳେ ଜୀବର

ଦୁଃଖରେ କାନ୍ଦିବାକୁ ଲାଗିଲେ । ଜ୍ଞାନ ଆଉ ପ୍ରେମ ମଧ୍ୟରେ ଯଦି ବେଦବେଦାନ୍ତ ବିଭିନ୍ନତା ପ୍ରମାଣ କରିଥାନ୍ତି, ତେବେ ସେପରି ବେଦବେଦାନ୍ତ ମୋ ମୁଣ୍ଡରେ ଥାଆନ୍ତୁ !

ଶିଷ୍ୟ ନିର୍ବାକ୍ ହୋଇ ଭାବିବାକୁ ଲାଗିଲା—ସତେତ, ଗିରିଶବାବୁଙ୍କ ସିଦ୍ଧାନ୍ତଗୁଡ଼ିକ ବେଦର ଅବିରୋଧୀ ।

ଇତମଧ୍ୟରେ ସ୍ୱାମୀଜୀ ପୁଣି ଫେରି ଆସିଲେ ଏବଂ ଶିଷ୍ୟକୁ ସମ୍ବୋଧନ କରି କହିଲେ, 'କରେ, ତୁମର କଅଣ କଥା ହେଉଥିଲା ?'

ଶିଷ୍ୟ : ଏଇ ସବୁ ବେଦର କଥା ହେଉଛି । ଏ ମହାଶୟ ଏସବୁ ଗ୍ରନ୍ଥ ପଢ଼ି ନାହାନ୍ତି, କିନ୍ତୁ ସିଦ୍ଧାନ୍ତଗୁଡ଼ିକ ବେଶ୍ ଠିକ୍ ଠିକ୍ ଧରିପାରିଛନ୍ତି—ବଡ଼ ଆଶ୍ଚର୍ଯ୍ୟର ବିଷୟ !

ସ୍ୱାମୀଜୀ : ଗୁରୁଭକ୍ତି ଥିଲେ ସବୁ ସିଦ୍ଧାନ୍ତ ପ୍ରତ୍ୟକ୍ଷ ହୁଏ—ପଢ଼ିବାର, ଶୁଣିବାର ଦରକାର ହୁଏ ନାହିଁ । ତେବେ ଏଭଳି ଭକ୍ତି ଓ ବିଶ୍ୱାସ ଜଗତରେ ଦୁର୍ଲ୍ଲଭ । ତାଙ୍କ (ଗିରିଶବାବୁଙ୍କ) ପରି ଯେଉଁମାନଙ୍କର ଭକ୍ତି ଓ ବିଶ୍ୱାସ, ସେମାନଙ୍କର ଶାସ୍ତ୍ର ପଢ଼ିବା ଦରକାର ନାହିଁ । କିନ୍ତୁ ତାଙ୍କୁ (ଗିରିଶବାବୁଙ୍କୁ) imitate (ଅନୁକରଣ) କରିବାକୁ ଗଲେ ଅପରର ସର୍ବନାଶ ଉପସ୍ଥିତ ହେବ । ତାଙ୍କ କଥା ଶୁଣିଯିବୁ, କିନ୍ତୁ କେବେଁ ତାଙ୍କ ଦେଖା-ଦେଖି କାମ କରିବାକୁ ଯିବୁ ନାହିଁ ।

ଶିଷ୍ୟ : ଆଜ୍ଞା, ହଁ ।

ସ୍ୱାମୀଜୀ : ଆଜ୍ଞା 'ହଁ' ନୁହେଁ ! ଯାହା କହୁଛି ସେ କଥାକୁ ବୁଝିନେବୁ, ମୂର୍ଖପରି କଥାରେ କେବଳ 'ହଁ' ମାରିଦେଇ ଯିବୁ ନାହିଁ । ମୁଁ କହିଲେ ବି—ବିଶ୍ୱାସ କରିବୁ ନାହିଁ । ବୁଝି ସାରିବୁ, ତେବେ ଗ୍ରହଣ କରିବୁ । ମୋତେ ଠାକୁର ତାଙ୍କ କଥା ବୁଝିନେବାକୁ ସର୍ବଦା କହନ୍ତି । ସଦ୍‌ଯୁକ୍ତି, ତର୍କ ଓ ଶାସ୍ତ୍ର ଯାହା କହୁଛି, ଏସବୁକୁ ନେଇ ବାଟ ଚାଲିବୁ । ବିଶ୍ୱାସ କରୁ କରୁ ବୁଦ୍ଧି ପରିଷ୍କାର ହୋଇଯିବ । ତେବେ ଯାଇ ତହିଁରେ ବ୍ରହ୍ମ reflected (ପ୍ରତିଫଳିତ) ହେବେ ବୁଝିଲୁ ?

ଶିଷ୍ୟ : ହଁ, କିନ୍ତୁ ନାନା ଲୋକଙ୍କର ନାନା କଥାରେ ମୁଣ୍ଡ ଠିକ୍ ରହେ ନାହିଁ । ସେଇ ଜଣେ (ଗିରିଶବାବୁ) କହିଲେ, 'କଅଣ ହେବ ସେ ସବୁ ପଢ଼ି ?' ପୁଣି ଆପଣ କହୁଛନ୍ତି ବିଚାର କରିବାକୁ । ଏବେ ମୁଁ କରେ କଅଣ ?

ସ୍ୱାମୀଜୀ : ଆମ ଉଭୟଙ୍କ କଥା ହିଁ ସତ୍ୟ । ତେବେ ବିଭିନ୍ନ ଦିଗ (stand-point)-ରୁ ଆମ ଦୁଇଜଣଙ୍କ କଥାସବୁ କୁହାହେଉଛି—ଏହି ପର୍ଯ୍ୟନ୍ତ । ଗୋଟିଏ ଅବସ୍ଥା ଅଛି, ଯେଉଁଥିରେ ଯୁକ୍ତିତର୍କ ସବୁ ଚୁପ୍ ହୋଇଯାଏ—'ମୂକାସ୍ୱାଦନବତ୍' । ଆଉ ଗୋଟିଏ ଅବସ୍ଥା ଅଛି ଯହିଁରେ—ବେଦାଦି ଶାସ୍ତ୍ରଗ୍ରନ୍ଥର ଆଲୋଚନା, ପଠନ-ପାଠନ କରୁ କରୁ ସତ୍ୟ-ବସ୍ତୁ ପ୍ରତ୍ୟକ୍ଷ ହୁଏ । ତୋତେ ଏସବୁ ପଢ଼ି ଶୁଣିବାକୁ ହେବ ? ତେବେ ତୋର ସତ୍ୟ ପ୍ରତ୍ୟକ୍ଷ ହେବ—ବୁଝିଲୁ ?

ନିର୍ବୋଧ ଶିଷ୍ୟ ସ୍ୱାମୀଜୀଙ୍କର ଏପରି ଆଦେଶ ଲାଭରେ ଗିରିଶବାବୁଙ୍କ ପରାଜୟ ହୋଇଗଲା ମନେକରି ଗିରିଶବାବୁଙ୍କ ଆଡ଼କୁ ଅନାଇ କହିଲା—ଆଜ୍ଞା, ଶୁଣିଲେ ତ—

ସ୍ୱାମୀଜୀ ମୋତେ ବେଦବେଦାନ୍ତ ପଢ଼ିବାକୁ ଓ ବିଚାର କରିବାକୁ କହିଲେ ।

ଗିରିଶବାବୁ : ତା' ତୁ କରିଯା' । ସ୍ୱାମୀଜୀଙ୍କ ଆଶୀର୍ବାଦରେ ତୋର ତାହା କରିଲେ ହିଁ ସବୁ ଠିକ୍ ହୋଇଯିବ ।

ସ୍ୱାମୀ ସଦାନନ୍ଦ ଏହି ସମୟରେ ସେଠାରେ ଆସି ଉପସ୍ଥିତ ହେଲେ । ସ୍ୱାମୀଜୀ ତାଙ୍କୁ ଦେଖିବା ମାତ୍ରେ କହିଲେ—'ଆରେ, ଏଇ ଜି. ସି. ମୁହଁରୁ ଦେଶର ଦୁର୍ଦ୍ଦଶାର କଥା ଶୁଣି ପ୍ରାଣଟା କଳବଳ ହେଉଛି । ଦେଶ ପାଇଁ କିଛି କରିପାରିବୁ ?'

ସଦାନନ୍ଦ : ମହାରାଜ ! ଯୋ ହୁକୁମ—ବନ୍ଦା ତୈୟାର ହୈ ।

ସ୍ୱାମୀଜୀ : ପ୍ରଥମେ ଗ୍ରେଟଖାଟ Scale (ହାର)-ରେ Relief Centre (ସେବାଶ୍ରମ) ଖୋଲ, ଯେଉଁଠାରେ ଗରିବ ଦୁଃଖୀମାନେ ସବୁ ସାହାଯ୍ୟ ପାଇବେ । ରୋଗୀ-ମାନଙ୍କର ସେବା କରାଯିବ—ଯେଉଁମାନଙ୍କୁ କେହି ଦେଖିବାର ନାହିଁ, ଏପରି ଅସହାୟ ଲୋକମାନଙ୍କର ଜାତିବର୍ଣ୍ଣନିର୍ବିଶେଷରେ ସେବା କରାଯିବ । ବୁଝିଲୁ ?

ସଦାନନ୍ଦ : ଯୋ ହୁକୁମ ମହାରାଜ !

ସ୍ୱାମୀଜୀ : ଜୀବସେବାଠାରୁ ଆଉ ଧର୍ମ ନାହିଁ । ସେବା-ଧର୍ମର ଠିକ୍ ଠିକ୍ ଅନୁଷ୍ଠାନ କରିପାରିଲେ ଅତି ସହଜରେ ହିଁ ସଂସାର-ବନ୍ଧନ କଟିଯାଏ—'ମୁକ୍ତିଃ କର-ଫଳାୟତେ ।'

ଏହିପରି ଗିରିଶବାବୁଙ୍କୁ ସମ୍ବୋଧନ କରି ସ୍ୱାମୀଜୀ କହିଲେ, 'ଦେଖ ଗିରିଶବାବୁ, ମନେହୁଏ—ଏହି ଜଗତର ଦୁଃଖ ଦୂର କରିବାକୁ ଯଦି ମୋର ହଜାର ଜନ୍ମ ନେବାକୁ ହୁଏ, ତା' ବି ନେବି । ତହିଁରେ ଯଦି କାହାରି ଏତେ ଟିକିଏ ଦୁଃଖ ଦୂର ହୁଏ, ତେବେ ତା' କରିବି । ମନେହୁଏ, ଖାଲି ନିଜର ମୁକ୍ତି ନେଇ କ'ଣ ହେବ ? ସମସ୍ତଙ୍କୁ ସଙ୍ଗରେ ନେଇ ସେହି ବାଟରେ ଯିବାକୁ ହେବ । କାହିଁକି କହି ଦେଖି ଏପରି ଭାବ ଉଠେ ?

ଗିରିଶବାବୁ : ତା ନ ହେଲେ ଆଉ ସେ (ଠାକୁର) ତୁମକୁ ସମସ୍ତଙ୍କଠାରୁ ବଡ଼ ଆଧାର କହୁଥିଲେ ! ଏହା କହି ଗିରିଶବାବୁ କାର୍ଯ୍ୟାନ୍ତରେ ଯିବେ ବୋଲି କହି ବିଦାୟ ନେଇ ଚାଲିଗଲେ ।

## ୭

ସ୍ଥାନ—ଆଲମବଜାର ମଠ, କଲିକତା
କାଳ—ଅପ୍ରେଲ, ୧୮୯୭

ସ୍ୱାମୀଜୀ ପ୍ରଥମ ଥର ବିଲାତରୁ ଫେରି ଯେତେବେଳେ କଲିକତାକୁ ଆସନ୍ତି, ସେତେ-ବେଳେ ବହୁ ଉତ୍ସାହୀ ଯୁବକ ସ୍ୱାମୀଜୀଙ୍କ ନିକଟକୁ ଯିବା ଆସିବା କରୁଥିଲେ । ଦେଖାଯାଇଛି,

ସେହି ସମୟରେ ସ୍ୱାମୀଜୀ ଅବିବାହିତ ଯୁବକମାନଙ୍କୁ ବ୍ରହ୍ମଚର୍ଯ୍ୟ ଓ ତ୍ୟାଗର ବିଷୟ ସର୍ବଦା ଉପଦେଶ ଦେଉଥିଲେ ଏବଂ ସନ୍ନ୍ୟାସ ଅଥବା ଆପଣାର ମୋକ୍ଷ ଓ ଜଗତର କଲ୍ୟାଣାର୍ଥ ସର୍ବସ୍ୱ ତ୍ୟାଗ କରିବାକୁ ବହୁଧା ଉତ୍ସାହିତ କରୁଥିଲେ । ଆମେମାନେ ତାହାଙ୍କୁ ଅନେକ ସମୟରେ କହିବାର ଶୁଣିଛୁ ଯେ, ସନ୍ନ୍ୟାସ ଗ୍ରହଣ ନ କଲେ କାହାର ଯଥାର୍ଥ ଆତ୍ମଜ୍ଞାନ ଲାଭ ହୋଇପାରେ ନାହିଁ । କେବଳ ସେତିକି ନୁହେଁ; ବହୁଜନ-ହିତକର, ବହୁଜନ-ସୁଖକର କୌଣସି ଐହିକ କାର୍ଯ୍ୟର ଅନୁଷ୍ଠାନ ଓ ତହିଁରେ ସିଦ୍ଧି ଲାଭ କରିବା ମଧ୍ୟ ସନ୍ନ୍ୟାସ ଭିନ୍ନ ହୁଏ ନାହିଁ । ସେ ସର୍ବଦା ତ୍ୟାଗର ଉଚ୍ଚାଦର୍ଶ ଉତ୍ସାହୀ ଯୁବକମାନଙ୍କ ସମ୍ମୁଖରେ ସ୍ଥାପନ କରୁଥିଲେ ଏବଂ କେହି ସନ୍ନ୍ୟାସ ଗ୍ରହଣ କରିବେ—ଏହିପରି ଅଭିପ୍ରାୟ ପ୍ରକାଶ କଲେ ତାହାକୁ ସମଧିକ ଉତ୍ସାହ ପ୍ରଦାନ କରୁଥିଲେ ଏବଂ କୃପା କରୁଥିଲେ । ତାଙ୍କର ଉତ୍ସାହ-ବାକ୍ୟରେ ସେତେବେଳେ କତିପୟ ଭାଗ୍ୟବାନ୍ ଯୁବକ ସଂସାର-ଆଶ୍ରମ ତ୍ୟାଗ କରି ତାହାଙ୍କ ଦ୍ୱାରା ହିଁ ସନ୍ନ୍ୟାସାଶ୍ରମରେ ଦୀକ୍ଷିତ ହୋଇଥିଲେ । ଏମାନଙ୍କ ମଧ୍ୟରୁ ଯେଉଁ ଚାରିଜଣଙ୍କୁ* ସ୍ୱାମୀଜୀ ପ୍ରଥମେ ସନ୍ନ୍ୟାସ ଦିଅନ୍ତି, ସେହି ସନ୍ନ୍ୟାସବ୍ରତ ଗ୍ରହଣ ଦିନ ଶିଷ୍ୟ ଆଲମବଜାର ମଠରେ ଉପସ୍ଥିତ ଥିଲା ।

ଏମାନଙ୍କ ମଧ୍ୟରୁ ଜଣକୁ ଯେପରି ସନ୍ନ୍ୟାସ ଦିଆନଯାଏ, ସେଥିନିମିତ୍ତ ସ୍ୱାମୀଜୀଙ୍କର ଗୁରୁଭାଇମାନେ ତାହାଙ୍କୁ ଅନେକ ଅନୁରୋଧ କରିଥିଲେ । ସ୍ୱାମୀଜୀ ତଦୁତ୍ତରରେ କହିଥିଲେ —'ଆମେମାନେ ଯଦି ପାପୀ, ତାପୀ, ଦୀନ, ଦୁଃଖୀ, ପତିତର ଉଦ୍ଧାର-ସାଧନରେ ପଶ୍ଚାତ୍‌ପଦ ହେଉ, ତାହାହେଲେ କିଏ ଆଉ ଦେଖିବ ? ତୁମେମାନେ ଏ ବିଷୟରେ କୌଣସି ପ୍ରକାର ପ୍ରତିବାଦୀ ହୁଅ ନାହିଁ । ସ୍ୱାମୀଜୀଙ୍କ ବଳବତୀ ଇଚ୍ଛା ହିଁ ପୂର୍ଣ୍ଣ ହେଲା । ଅନାଥଶରଣ ସ୍ୱାମୀଜୀ ନିଜ କୃପା-ଗୁଣରେ ତାଙ୍କୁ ସନ୍ନ୍ୟାସ ଦେବାକୁ କୃତସଂକଳ୍ପ ହେଲେ ।

ଶିଷ୍ୟ ଆଜକୁ ଦୁଇଦିନ ହେଲା ମଠରେ ରହିଛି । ସ୍ୱାମୀଜୀ ଶିଷ୍ୟକୁ କହିଲେ, 'ତୁ ତ ଭଟ୍ଟାଚାର୍ଯ୍ୟ ବ୍ରାହ୍ମଣ, ଆଗାମୀ କାଲି ତୁ ଏମାନଙ୍କର ଶ୍ରାଦ୍ଧ** କରାଇଦେବୁ । ପରଦିନ ଏମାନଙ୍କୁ ସନ୍ନ୍ୟାସ ଦେବି । ଆଜି ପାଞ୍ଜିପୋଥି ସବୁ ପଢ଼ି ଶୁଣି ଦେଖିନେ ।' ଶିଷ୍ୟ ସ୍ୱାମୀଜୀଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରିନେଲା ।

ଶ୍ରାଦ୍ଧାନ୍ତେ ଯେତେବେଳେ ବ୍ରହ୍ମଚାରୀ ଚତୁଷ୍ଟୟ ନିଜ ନିଜ ପିଣ୍ଡ ଅର୍ପଣ କରି ପିଣ୍ଡାଦି ନେଇ ଗଙ୍ଗା ନଦୀ କୂଳକୁ ଚାଲିଗଲେ, ସେତେବେଳେ ସ୍ୱାମୀଜୀ ଶିଷ୍ୟର ବ୍ୟାକୁଳତା ଦର୍ଶନ କରି କହିଲେ—'ଏସବୁ ଦେଖି ଶୁଣି ତୋ ମନରେ ଭୟ ହୋଇଚି—ନା' ର ? ଶିଷ୍ୟ ନତମସ୍ତକରେ ସମ୍ମତିଜ୍ଞାପନ କରିବାରୁ ସ୍ୱାମୀଜୀ ଶିଷ୍ୟକୁ କହିଲେ, ସଂସାରରେ ଆଜିଠାରୁ ଏମାନଙ୍କର ମୃତ୍ୟୁ ହେଲା । କାଲିଠାରୁ ଏମାନଙ୍କର ନୂତନ ଦେହ, ନୂତନ ଚିନ୍ତା, ନୂତନ ପରିଚ୍ଛଦ ହେବ—ଏମାନେ ବ୍ରହ୍ମବୀର୍ଯ୍ୟରେ ପ୍ରଦୀପ୍ତ ହୋଇ ଜ୍ୱଳନ୍ତ ପାବକତୁଲ୍ୟ ଅବସ୍ଥାନ

* ନିତ୍ୟାନନ୍ଦ, ବିରଜାନନ୍ଦ, ପ୍ରକାଶାନନ୍ଦ ଓ ନିର୍ଭୟାନନ୍ଦ ।

** ଶାସ୍ତ୍ରମତରେ ଯେଉଁମାନେ ସନ୍ନ୍ୟାସ-ଆଶ୍ରମ ଗ୍ରହଣ କରନ୍ତି, ସେମାନେ ନିଜର ଶ୍ରାଦ୍ଧ କରାଇ ନିଅନ୍ତି; କାରଣ ସନ୍ନ୍ୟାସ ଗ୍ରହଣ କଲେ ଲୌକିକ ବା ବୈଦିକ କୌଣସି ବିଷୟରେ ଆଉ ଅଧିକାର ରହେ ନାହିଁ ।

କରିବେ । 'ନ ଧନେନ ନ ଚେଜ୍ୟୟା···ତ୍ୟାଗେନୈକେ ଅମୃତତ୍ୱମାନଶୁଃ' ।*

ସ୍ୱାମୀଜୀଙ୍କ କଥା ଶୁଣି ଶିଷ୍ୟ ନିର୍ବାକ ହୋଇ ଠିଆ ହୋଇ ରହିଲା । ସନ୍ନ୍ୟାସର କଠୋରତା ସ୍ମରଣ କରି ତା'ର ବୁଦ୍ଧି ସ୍ତମ୍ଭିତ ହୋଇଗଲା ।—ଶାସ୍ତ୍ରଜ୍ଞାନାସ୍ଫାଳନ ଦୂରୀଭୂତ ହେଲା ।

କୃତଶ୍ରାଦ୍ଧ ବ୍ରହ୍ମଚାରୀ ଚତୁଷ୍ଟୟ ଇତିମଧ୍ୟରେ ଗଙ୍ଗାରେ ପିଣ୍ଡାଦି ନିକ୍ଷେପ କରି ଆସି ସ୍ୱାମୀଜୀଙ୍କ ପାଦପଦ୍ମ ବନ୍ଦନା କଲେ । ସ୍ୱାମୀଜୀ ଆଶୀର୍ବାଦ କରି କହିଲେ, "ତୁମେମାନେ ମାନବଜୀବନର ଶ୍ରେଷ୍ଠ ବ୍ରତ ଗ୍ରହଣ କରିବାରେ ଉତ୍ସାହିତ ହୋଇଅଛ । ଧନ୍ୟ ତୁମର ଜନ୍ମ, ଧନ୍ୟ ତୁମର ବଂଶ, ଧନ୍ୟ ତୁମର ଗର୍ଭଧାରିଣୀ—'କୁଳଂ ପବିତ୍ରଂ ଜନନୀ କୃତାର୍ଥା' ।"

ସେଦିନ ରାତିରେ ଆହାରାନ୍ତେ ସ୍ୱାମୀଜୀ କେବଳ ସନ୍ନ୍ୟାସଧର୍ମ ବିଷୟରେ ହିଁ କଥାବାର୍ତ୍ତା କରିବାକୁ ଲାଗିଲେ । ସନ୍ନ୍ୟାସବ୍ରତ ଗ୍ରହଣୋତ୍ସୁକ ବ୍ରହ୍ମଚାରୀଗଣଙ୍କୁ ଲକ୍ଷ୍ୟ କରି କହିଲେ : 'ଆତ୍ମନୋ ମୋକ୍ଷାର୍ଥଂ ଜଗଦ୍ଧିତାୟ ଚ'—ଏହା ହେଉଛି ସନ୍ନ୍ୟାସର ପ୍ରକୃତ ଉଦ୍ଦେଶ୍ୟ । ସନ୍ନ୍ୟାସୀ ନ ହେଲେ କେହି କଦାପି ବ୍ରହ୍ମଜ୍ଞ ହୋଇପାରେ ନାହିଁ—ଏକଥା ବେଦ-ବେଦାନ୍ତ ଘୋଷଣା କରିଛନ୍ତି । ଯେଉଁମାନେ କହନ୍ତି—ଏ ସଂସାର ବି କରିବି, ବ୍ରହ୍ମଜ୍ଞ ବି ହେବି—ତାଙ୍କ କଥା ଆଦୌ ଶୁଣିବ ନାହିଁ । ସେସବୁ ପ୍ରଚ୍ଛନ୍ନ ଭୋଗୀମାନଙ୍କର ସ୍ତୋକ-ବାକ୍ୟ । ଏତେଟିକିଏ ସଂସାରର ଭୋଗେଚ୍ଛା ଯାହାର ରହିଛି, ଏତେ ଟିକିଏ କାମନା ଯାହାର ରହିଛି, ଏ କଠିନ ପନ୍ଥା ଭାବି ତା'ର ଭୟ ହୁଏ; ସେଥିପାଇଁ ନିଜକୁ ପ୍ରବୋଧ ଦେବା ଲାଗି କହି ବୁଲନ୍ତି, 'ଏକୂଳ ସେକୂଳ ଦୁଇକୂଳ ରଖି ଚାଲିବାକୁ ହେବ ।' ସେସବୁ ପାଗଳର କଥା, ଉନ୍ମତ୍ତର ପ୍ରଳାପ, ଅଶାସ୍ତ୍ରୀୟ ଅବୈଦିକ ମତ । ତ୍ୟାଗ ଛଡ଼ା ମୁକ୍ତି ନାହିଁ । ତ୍ୟାଗ ଛଡ଼ା ପରାଭକ୍ତି ଲାଭ ହୁଏ ନାହିଁ । ତ୍ୟାଗ, ତ୍ୟାଗ—'ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ' । ଗୀତାରେ ମଧ୍ୟ ଅଛି—'କାମ୍ୟାନାଂ କର୍ମଣାଂ ନ୍ୟାସଂ ସନ୍ନ୍ୟାସଂ କବୟୋ ବିଦୁଃ' । (ଗୀତା, ୧୮।୨)

ସଂସାରର ଝଞ୍ଜଟ ଛାଡ଼ି ନ ଦେଲେ କାହାରି ମୁକ୍ତି ହୁଏ ନାହିଁ । ସଂସାରାଶ୍ରମରେ ଯେ ରହିଛି, ଗୋଟାଏ ନା ଗୋଟାଏ କାମନାର ଦାସ ହୋଇ ସେ ସେ ଏପରି ବଦ୍ଧ ହୋଇ ରହିଛି, ତହିଁରୁ ହିଁ ଏହା ପ୍ରମାଣିତ ହେଉଛି । ନ ହେଲେ ସଂସାରରେ ରହିବ କାହିଁକି ? ହୁଏତ କାମିନୀର ଦାସ, ନ ହେଲେ ଅର୍ଥର ଦାସ, ନାହିଁ ତ ମାନ, ଯଶ, ବିଦ୍ୟା ଓ ପାଣ୍ଡିତ୍ୟର ଦାସ । ଏହି ଦାସତ୍ୱରୁ ବାହାରି ପଡ଼ିଲେ ଯାଇ ମୁକ୍ତିର ପନ୍ଥାରେ ଅଗ୍ରସର ହେବା ସମ୍ଭବ ହୋଇପାରେ । ଯେ ଯେତେ କରୁନା କାହିଁକି, ମୁଁ ବୁଝିଛି, ଏସବୁ ଛାଡ଼ିଛୁଡ଼ି ନ ଦେଲେ, ସନ୍ନ୍ୟାସ ଗ୍ରହଣ ନ କଲେ କେବେହେଁ ଜୀବର ପରିତ୍ରାଣ ନାହିଁ—କୌଣସିଥିରେ ହିଁ ବ୍ରହ୍ମଜ୍ଞାନ ଲାଭର ସମ୍ଭାବନା ନାହିଁ ।

ଶିଷ୍ୟ : ମହାଶୟ ! ସନ୍ନ୍ୟାସ ଗ୍ରହଣ କଲେ ହିଁ କଅଣ ସିଦ୍ଧି ଲାଭ ହୁଏ ?

ସ୍ୱାମୀଜୀ : ସିଦ୍ଧି ହୁଏ କି ନ ହୁଏ ସେ ପରର କଥା । ତୁ ଯେତେକାଳ ଏହି ଭୀଷଣ ସଂସାରର ଗଣ୍ଡିରୁ ବାହାରି ନ ପାରୁଛୁ—ଯେତେକାଳ ବାସନାର ଦାସତ୍ୱ ଛାଡ଼ି ନ ପାରୁଛୁ

* କୈବଲ୍ୟ ଉପନିଷଦ୍, ୩

—ସେତେବେଳେ ତୋର ଭକ୍ତି ମୁକ୍ତି କିଛି ହିଁ ଲାଭ ହେବ ନାହିଁ । ବ୍ରହ୍ମଙ୍କ ନିକଟରେ ସିଦ୍ଧି ଋଦ୍ଧି ଅତି ତୁଚ୍ଛ କଥା ।

ଶିଷ୍ୟ : ମହାଶୟ, ସନ୍ନ୍ୟାସର କୌଣସି କାଳାକାଳ ବା ପ୍ରକାରଭେଦ ଅଛି କି ?

ସ୍ୱାମୀଜୀ : ସନ୍ନ୍ୟାସଧର୍ମ-ସାଧନାର କାଳାକାଳ ନାହିଁ । ଶ୍ରୁତି କହୁଛନ୍ତି, 'ଯଦହରେବ ବିରଜେତ୍ ତଦହରେବ ପ୍ରବ୍ରଜେତ୍'*—ଯେଉଁକ୍ଷଣି ବୈରାଗ୍ୟର ଉଦୟ ହେବ, ସେହିକ୍ଷଣି ପ୍ରବ୍ରଜ୍ୟା କରିବ । ଯୋଗବାଶିଷ୍ଠରେ ମଧ୍ୟ ରହିଛି—

ଯୁବୈବ ଧର୍ମଶୀଳଃ ସ୍ୟାତ୍ ଅନିତ୍ୟଂ ଖଳୁ ଜୀବିତଂ ।
କୋ ହି ଜାନାତି କସ୍ୟାଦ୍ୟ ମୃତ୍ୟୁକାଲୋ ଭବିଷ୍ୟତି ।।

—ଜୀବନର ଅନିତ୍ୟତାବଶତଃ ଯୁବାକାଳରେ ହିଁ ଧର୍ମଶୀଳ ହେବ । କିଏ ଜାଣେ କାହାର କେତେବେଳେ ଦେହ ଖସିଯିବ ? ଶାସ୍ତ୍ରରେ ଚତୁର୍ବିଧ ସନ୍ନ୍ୟାସର କଥା ଦେଖିବାକୁ ମିଳେ । (୧) ବିଦ୍ୱତ୍ ସନ୍ନ୍ୟାସ (୨) ବିବିଦିଷା ସନ୍ନ୍ୟାସ (୩) ମର୍କଟ ସନ୍ନ୍ୟାସ ଏବଂ (୪) ଆତୁର ସନ୍ନ୍ୟାସ । ହଠାତ୍ ଠିକ୍ ଠିକ୍ ବୈରାଗ୍ୟ ହେଲା ଓ ସଙ୍ଗେ ସଙ୍ଗେ ସନ୍ନ୍ୟାସ ନେଇ ବାହାରି ପଡ଼ିଲା—ପ୍ରାକ୍‌ଜନ୍ମ ସଂସ୍କାର ନ ଥିଲେ ଏହା ହୁଏ ନାହିଁ । ଏହାର ନାମ ବିଦ୍ୱତ୍ ସନ୍ନ୍ୟାସ । ଆତ୍ମତତ୍ତ୍ୱ ଜାଣିବାର ପ୍ରବଳ ବାସନାରୁ ଶାସ୍ତ୍ରପାଠ ଓ ସାଧନାଦି ଦ୍ୱାରା ସ୍ୱ-ସ୍ୱରୂପ ଅବଗତ ହେବା ନିମିତ୍ତ କୌଣସି ବ୍ରହ୍ମଜ୍ଞ ପୁରୁଷଙ୍କ ନିକଟରୁ ସନ୍ନ୍ୟାସ ନେଇ ସ୍ୱାଧ୍ୟାୟ ଓ ସାଧନ-ଭଜନ କରିବାକୁ ଲାଗିଲା—ଏହାକୁ ବିବିଦିଷା ସନ୍ନ୍ୟାସ କୁହାଯାଏ । ସଂସାରର ତାଡ଼ନା, ସ୍ୱଜନ ବିୟୋଗ ବା ଅନ୍ୟ କୌଣସି କାରଣରୁ କେହି କେହି ବାହାରି ପଡ଼ି ସନ୍ନ୍ୟାସ ନିଅନ୍ତି; କିନ୍ତୁ ଏ ବୈରାଗ୍ୟ ସ୍ଥାୟୀ ହୁଏ ନାହିଁ, ଏହାର ନାମ ମର୍କଟ ସନ୍ନ୍ୟାସ । ଠାକୁର ଯେପରି କହୁଥିଲେ—'ବୈରାଗ୍ୟ ନେଇ ପଶ୍ଚିମକୁ ଯାଇ ପୁଣି ଗୋଟାଏ ଚାକିରି ବାଗେଇନେଲା । ତାହାପରେ ହୁଏତ ପରିବାର ନେଇ ଆସିଲା ବା ପୁଣି ବିଭା ହୋଇପଡ଼ିଲା ।' ଆଉ ଏକ ପ୍ରକାର ସନ୍ନ୍ୟାସ ଅଛି—ଯେପରି—ମୁମୂର୍ଷୁ, ରୋଗଶଯ୍ୟାରେ ଶାୟିତ, ବଞ୍ଚିବାର ଆଶା ନାହିଁ, ସେତେବେଳେ ତାକୁ ସନ୍ନ୍ୟାସ ଦେବାର ବିଧି ଅଛି । ସେ ଯଦି ମରେ ତ ପବିତ୍ର ସନ୍ନ୍ୟାସ ଧର୍ମ ଗ୍ରହଣ କରି ମଲା—ପରଜନ୍ମରେ ଏହି ପୁଣ୍ୟରେ ଉତ୍ତମ ଜନ୍ମ ହେବ । ଆଉ ଯଦି ବଞ୍ଚିଯାଏ, ତେବେ ଆଉ ଘରକୁ ନ ଯାଇ ବ୍ରହ୍ମଜ୍ଞାନ-ଲାଭର ଚେଷ୍ଟାରେ ସନ୍ନ୍ୟାସୀ ହୋଇ କାଳଯାପନ କରିବ । ତୋର କକାଙ୍କୁ ଶିବାନନ୍ଦ ସ୍ୱାମୀ 'ଆତୁର ସନ୍ନ୍ୟାସ' ଦେଇଥିଲେ । ସେ ମରିଗଲେ, କିନ୍ତୁ ଏହିପରି ସନ୍ନ୍ୟାସ ଗ୍ରହଣ ହେତୁ ତାଙ୍କର ଉଚ୍ଚ ଜନ୍ମ ହେବ । ସନ୍ନ୍ୟାସ ନ ନେଲେ କିନ୍ତୁ ଆତ୍ମ-ଜ୍ଞାନ-ଲାଭର ଉପାୟାନ୍ତର ନାହିଁ ।

ଶିଷ୍ୟ : ମହାଶୟ ! ଗୃହସ୍ଥମାନଙ୍କର ତେବେ ଉପାୟ ?

ସ୍ୱାମୀଜୀ : ସୁକୃତବଶତଃ କୌଣସି ନା କୌଣସି ଜନ୍ମରେ ତାଙ୍କର ବୈରାଗ୍ୟ ହେବ । ଆସିଲେ ହିଁ ହୋଇଗଲା—ଜନ୍ମ-ମୃତ୍ୟୁ-ପ୍ରହେଳିକାର ପାରକୁ ଯିବାର ଆଉ ଡେରି

* ଜାବାଲ ଉପନିଷଦ୍, ୪

ହୁଏ ନାହିଁ । ତେବେ ସବୁ ନିୟମର ଦ'ଟା ଗୋଟାଏ exception (ବ୍ୟତିକ୍ରମ) ଅଛି । ଠିକ୍ ଠିକ୍ ଗୃହସ୍ଥର ଧର୍ମ ପାଳନ କରି ମଧ୍ୟ ଗୋଟାଏ ଦ'ଟା ମୁକ୍ତ ପୁରୁଷ ହେବାର ଦେଖାଯାଏ । ଯେପରି ଆମ ଭିତରେ 'ନାଗ ମହାଶୟ' ।

ଶିଷ୍ୟ : ବୈରାଗ୍ୟ ଓ ସନ୍ନ୍ୟାସ ବିଷୟରେ ଉପନିଷଦାଦି ଗ୍ରନ୍ଥରେ ମଧ୍ୟ ବିଶଦ ଉପଦେଶ ମିଳେ ନାହିଁ ।

ସ୍ୱାମୀଜୀ : ପାଗଳ ପରି କ'ଣ କହୁଛୁ ! ବୈରାଗ୍ୟ ହିଁ ଉପନିଷଦ୍‌ର ପ୍ରାଣ । ବିଚାର-ଜନିତ ପ୍ରଜ୍ଞା ହିଁ ଉପନିଷଦ୍-ଜ୍ଞାନର ଚରମ ଲକ୍ଷ୍ୟ । ତେବେ ମୋର ବିଶ୍ୱାସ—ଭଗବାନ ବୁଦ୍ଧଦେବଙ୍କ ପରଠାରୁ ହିଁ ଭାରତବର୍ଷରେ ଏହି ତ୍ୟାଗବ୍ରତ ବିଶେଷ ରୂପେ ପ୍ରଚାରିତ ହୋଇ-ଅଛି ଏବଂ ବୈରାଗ୍ୟ ଓ ବିଷୟ-ବିତୃଷ୍ଣା ହିଁ ଧର୍ମର ଚରମ ଲକ୍ଷ୍ୟ ବୋଲି ବିବେଚିତ ହୋଇ-ଅଛି । ବୌଦ୍ଧଧର୍ମର ସେହି ତ୍ୟାଗ ବୈରାଗ୍ୟ ହିନ୍ଦୁଧର୍ମ absorb (ନିଜ ଭିତରେ ଗ୍ରହଣ) କରିନେଇଅଛି । ଭଗବାନ ବୁଦ୍ଧଙ୍କ ପରି ତ୍ୟାଗୀ ମହାପୁରୁଷ ପୃଥିବୀରେ ଆଉ ଜନ୍ମି ନାହାନ୍ତି ।

ଶିଷ୍ୟ : ମହାଶୟ ! ତେବେ କଅଣ ବୁଦ୍ଧଦେବଙ୍କ ଜନ୍ମର ପୂର୍ବରୁ ଦେଶରେ ତ୍ୟାଗ, ବୈରାଗ୍ୟର ସ୍ୱଳ୍ପତା ଥିଲି ଏବଂ ଦେଶରେ ସନ୍ନ୍ୟାସୀ ନ ଥିଲେ ?

ସ୍ୱାମୀଜୀ : ତା' କିଏ କହିଲା ? ସନ୍ନ୍ୟାସାଶ୍ରମ ଥିଲା । କିନ୍ତୁ ତାହା ହିଁ ଜୀବନର ଚରମ ଲକ୍ଷ୍ୟ ବୋଲି ସାଧାରଣଙ୍କୁ ଜଣା ନ ଥିଲା । ବୈରାଗ୍ୟରେ ଦୃଢ଼ତା ନ ଥିଲା, ବିବେକ-ନିଷ୍ଠା ନ ଥିଲା । ସେଥିନିମିତ୍ତ ବୁଦ୍ଧଦେବ କେତେ ଯୋଗୀ, କେତେ ସାଧୁଙ୍କ ନିକଟକୁ ଯାଇ ଶାନ୍ତି ପାଇଲେ ନାହିଁ । ତତ୍ପରେ 'ଇହାସନେ ଶୁଷ୍ୟତୁ ମେ ଶରୀରଂ'* କହି ଆତ୍ମଜ୍ଞାନ ଲାଭ ନିମିତ୍ତ ନିଜେ ହିଁ ବସିପଡ଼ିଲେ ଏବଂ ପ୍ରବୁଦ୍ଧ ହୋଇ ତେବେ ଉଠିଲେ । ଭାରତବର୍ଷରେ ଏହି ଯେ ସବୁ ସନ୍ନ୍ୟାସୀମାନଙ୍କର ମଠ, ଫଠ ଦେଖିବାକୁ ପାଉଛ—ଏସବୁ ବୌଦ୍ଧଧର୍ମର ଅଧିକାରରେ ଥିଲା, ହିନ୍ଦୁମାନେ ସେହି ସବୁକୁ ବର୍ତ୍ତମାନ ସେମାନଙ୍କର ନିଜ ରଙ୍ଗରେ ରଞ୍ଜିତ କରି ନିଜସ୍ୱ କରି ବସିଛନ୍ତି । ଭଗବାନ ବୁଦ୍ଧଦେବଙ୍କଠାରୁ ଯଥାର୍ଥ ସନ୍ନ୍ୟାସ-ଧର୍ମର ସୂତ୍ରପାତ ହୋଇଥିଲା । ସେ ହିଁ ସନ୍ନ୍ୟାସାଶ୍ରମର ମୃତ କଙ୍କାଳରେ ପ୍ରାଣ ସଞ୍ଚାର କରି ଯାଇଛନ୍ତି ।

ସ୍ୱାମୀଜୀଙ୍କ ଗୁରୁଭ୍ରାତା ସ୍ୱାମୀ ରାମକୃଷ୍ଣାନନ୍ଦ କହିଲେ, 'ବୁଦ୍ଧଦେବଙ୍କ ଜନ୍ମିବା ଆଗରୁ ମଧ୍ୟ ଭାରତରେ ଯେ ଆଶ୍ରମ-ଚତୁଷ୍ଟୟ ଥିଲା, ସଂହିତା ତା'ର ପ୍ରମାଣସ୍ଥଳ ।' ଉତ୍ତରରେ ସ୍ୱାମୀଜୀ କହିଲେ, 'ମନ୍ୱାଦି ସଂହିତା, ପୁରାଣସବୁର ଅଧିକାଂଶ ଏବଂ ମହାଭାରତର ଅଧିକାଂଶ ମଧ୍ୟ ସେଦିନର ଶାସ୍ତ୍ର । ଭଗବାନ ବୁଦ୍ଧ ତା'ର ତେର ଆଗର ।' ସ୍ୱାମୀ ରାମକୃଷ୍ଣାନନ୍ଦ କହିଲେ, 'ତାହାହେଲେ ବେଦରେ, ଉପନିଷଦ୍‌ରେ, ସଂହିତାରେ, ପୁରାଣରେ, ବୌଦ୍ଧଧର୍ମର ସମାଲୋଚନା ନିଶ୍ଚୟ ଥାନ୍ତା; କିନ୍ତୁ ଏସବୁ ପ୍ରାଚୀନ ଗ୍ରନ୍ଥରେ ଯେତେବେଳେ ବୌଦ୍ଧଧର୍ମର ସମାଲୋଚନା ଦେଖାଯାଏ ନାହିଁ, ସେତେବେଳେ ତୁମେ କିପରି କହିବ, ବୁଦ୍ଧଦେବ ତା'ର ଆଗର ଲୋକ ? ଦୁଇ-ଚାରିଖଣ୍ଡ ପ୍ରାଚୀନ ପୁରାଣାଦିରେ ବୌଦ୍ଧମତର ଆଂଶିକ ବର୍ଣ୍ଣନା ରହିଛି—ତାହା ଦେଖି କିନ୍ତୁ କୁହାଯାଏ ନାହିଁ ଯେ, ହିନ୍ଦୁର ସଂହିତା ପୁରାଣାଦି ଆଧୁନିକ ଶାସ୍ତ୍ର ।'

* ଲଳିତବିସ୍ତର

ସ୍ୱାମୀଜୀ : History (ଇତିହାସ) ପଢ଼ି ଦେଖ । ଦେଖିପାରିବୁ, ହିନ୍ଦୁଧର୍ମ ବୁଦ୍ଧଦେବଙ୍କର ସବୁ ଭାବଗୁଡ଼ିକୁ absorb (ହଜମ) କରି ଏତେ ବଡ଼ ହୋଇଛି ।

ରାମକୃଷ୍ଣାନନ୍ଦ : ମୋର ବୋଧହୁଏ, ତ୍ୟାଗ ବୈରାଗ୍ୟ ପ୍ରଭୃତି ଜୀବନରେ ଠିକ୍ ଠିକ୍ ଅନୁଷ୍ଠାନ କରି ବୁଦ୍ଧଦେବ ହିନ୍ଦୁଧର୍ମର ଭାବଗୁଡ଼ିକୁ ସଜୀବ କରିଯାଇଛନ୍ତି ମାତ୍ର ।

ସ୍ୱାମୀଜୀ : ସେକଥା କିନ୍ତୁ ପ୍ରମାଣ କରାଯାଏ ନାହିଁ । କାରଣ, ବୁଦ୍ଧଦେବଙ୍କ ଜନ୍ମିବାର ଆଗର କୌଣସି History (ପ୍ରାମାଣ୍ୟ ଇତିହାସ) ମିଳେ ନାହିଁ । Historyକୁ (ଇତିହାସକୁ) authority (ପ୍ରମାଣ) ବୋଲି ମାନିଲେ ଏକଥା ସ୍ୱୀକାର କରିବାକୁ ହୁଏ ଯେ, ପୂର୍ବକାଳରେ ଘୋର ଅନ୍ଧକାର ମଧ୍ୟରେ ଭଗବାନ ବୁଦ୍ଧଦେବ ହିଁ ଏକମାତ୍ର ଜ୍ଞାନାଲୋକପ୍ରଦୀପ୍ତ ହୋଇ ଅବସ୍ଥାନ କରୁଅଛନ୍ତି । (ପୁନରାୟ ସନ୍ନ୍ୟାସଧର୍ମର ପ୍ରସଙ୍ଗ ଚାଲିଲା) । ସ୍ୱାମୀଜୀ କହିଲେ, 'ସନ୍ନ୍ୟାସର origin (ଉତ୍ପତ୍ତି) ଯେତେବେଳେ ହେଉନା କାହିଁକି, ମାନବଜନ୍ମର goal (ଉଦ୍ଦେଶ୍ୟ) ହେଉଛି ତ୍ୟାଗବ୍ରତ ଅବଲମ୍ବନ କରି ବ୍ରହ୍ମଜ୍ଞ ହେବା । ସନ୍ନ୍ୟାସ-ଗ୍ରହଣ ହିଁ ହେଉଛି ପରମ ପୁରୁଷାର୍ଥ । ଯେଉଁମାନଙ୍କ ବୈରାଗ୍ୟ ଉପସ୍ଥିତ ହୋଇ ସଂସାର ପ୍ରତି ବୀତରାଗ ହୋଇଛନ୍ତି, ସେହିମାନେ ହିଁ ଧନ୍ୟ ।'

ଶିଷ୍ୟ : ଆଜ୍ଞା ! ଆଜିକାଲି ଅନେକେ କହୁଥାନ୍ତି ଯେ, ତ୍ୟାଗୀ ସନ୍ନ୍ୟାସୀମାନଙ୍କ ସଂଖ୍ୟା ବଢ଼ିଯିବା ହେତୁ ଦେଶର ବ୍ୟାବହାରିକ ଉନ୍ନତି ପକ୍ଷରେ କ୍ଷତି ହୋଇଅଛି । ଗୃହସ୍ଥଙ୍କ ମୁଖାପେକ୍ଷୀ ହୋଇ ସାଧୁମାନେ ନିଷ୍କର୍ମା ହୋଇ ବୁଲି ବୁଲନ୍ତି ବୋଲି ଏମାନେ କହନ୍ତି 'ସେମାନେ ସମାଜ ଓ ସ୍ୱଦେଶର ଉନ୍ନତିକଳ୍ପେ କୌଣସିରୂପେ ସହାୟକ ହୁଅନ୍ତି ନାହିଁ ।'

ସ୍ୱାମୀଜୀ : ଲୌକିକ, ବା ବ୍ୟାବହାରିକ ଉନ୍ନତି କଥାଟାର ମାନେ କ'ଣ, ଆଗେ ମୋତେ ବୁଝାଇ ଦେ' ଦେଖି ?

ଶିଷ୍ୟ : ପାଶ୍ଚାତ୍ୟ ଯେପରି ବିଦ୍ୟା ସହାୟତାରେ ଦେଶରେ ଅନ୍ନବସ୍ତ୍ରର ସଂସ୍ଥାନ କରୁଅଛି, ବିଜ୍ଞାନର ସହାୟତାରେ ଦେଶରେ ବାଣିଜ୍ୟ, ଶିଳ୍ପ, ପୋଷାକ ପରିଚ୍ଛଦ, ରେଲ, ଟେଲିଗ୍ରାଫ୍ ପ୍ରଭୃତି ନାନା ବିଷୟରେ ଉନ୍ନତିସାଧନ କରୁଅଛି, ସେହିପରି କରିବା ।

ସ୍ୱାମୀଜୀ : ମନୁଷ୍ୟ ମଧ୍ୟରେ ରଜୋଗୁଣର ଅଭ୍ୟୁଦୟ ନ ହେଲେ ଏସବୁ କ'ଣ ହୁଏ ? ଭାରତବର୍ଷ ବୁଲି ଦେଖିଲି, କୌଣସିଠାରେ ରଜୋଗୁଣର ବିକାଶ ନାହିଁ । କେବଳ ତମୋ—ତମୋ—ଘୋର ତମୋଗୁଣରେ ଇତର ସାଧାରଣ ସମସ୍ତେ ପଡ଼ି ରହିଛନ୍ତି । କେବଳ ସନ୍ନ୍ୟାସୀମାନଙ୍କ ଭିତରେ ହିଁ ଦେଖିଛି, ରଜଃ ଓ ସତ୍ତ୍ୱଗୁଣ ରହିଛି । ଏହିମାନେ ହିଁ ଭାରତର ମେରୁଦଣ୍ଡ । ଯଥାର୍ଥ ସନ୍ନ୍ୟାସୀ ଗୃହୀମାନଙ୍କର ଉପଦେଷ୍ଟା । ସେମାନଙ୍କ ଉପଦେଶ ଓ ଜ୍ଞାନାଲୋକ ପାଇବା ଦ୍ୱାରା ପୂର୍ବେ ଅନେକ ସମୟରେ ଗୃହୀମାନେ ଜୀବନ-ସଂଗ୍ରାମରେ କୃତକାର୍ଯ୍ୟ ହେଉଥିଲେ । ସନ୍ନ୍ୟାସୀମାନଙ୍କର ବହୁମୂଲ୍ୟ ଉପଦେଶର ବିନିମୟରେ ଗୃହୀମାନେ ସେମାନଙ୍କୁ ଅନ୍ନବସ୍ତ୍ର ଦିଅନ୍ତି । ଏହି ଆଦାନ-ପ୍ରଦାନ ନ ଥିଲେ ଭାରତବର୍ଷର ଲୋକେ ଏତେଦିନେ ଆମେରିକାର Red Indians (ଆଦିମନିବାସୀମାନଙ୍କ) ପରି extinct (ଲୋପ) ପାଇଯାଇଥାନ୍ତେ । ସନ୍ନ୍ୟାସୀମାନଙ୍କୁ ଗୃହୀମାନେ ଦି' ମୁଠା ଖାଇବାକୁ ଦିଅନ୍ତି ବୋଲି

ଗୃହସ୍ଥମାନେ ବର୍ତ୍ତମାନ ସୁଦ୍ଧା ଉନ୍ନତିର ପଥରେ ଯାଉଛନ୍ତି । ସନ୍ନ୍ୟାସୀମାନେ କର୍ମହୀନ ନୁହନ୍ତି । ସେହିମାନେ ହିଁ ହେଉଛନ୍ତି କର୍ମର fountain-head (ଉତ୍ସ) । ଉଚ୍ଚ ଆଦର୍ଶସବୁ ସେମାନଙ୍କ ଜୀବନରେ ବା କାର୍ଯ୍ୟରେ ପରିଣତ କରିବାର ଦେଖି ଏବଂ ତାଙ୍କ ନିକଟରୁ ଏହିସବୁ idea (ଉଚ୍ଚଭାବ) ନେଇ ଗୃହସ୍ଥମାନେ କର୍ମକ୍ଷେତ୍ରରେ ଜୀବନସଂଗ୍ରାମରେ ସମର୍ଥ ହୋଇଛନ୍ତି ଓ ହେଉଛନ୍ତି । ପବିତ୍ର ସନ୍ନ୍ୟାସୀମାନଙ୍କୁ ଦେଖି ଗୃହସ୍ଥମାନେ ପବିତ୍ର ଭାବ-ସବୁକୁ ଜୀବନରେ ପରିଣତ କରୁଛନ୍ତି ଓ ଠିକ୍ ଠିକ୍ କର୍ମ-ତତ୍ପର ହେଉଛନ୍ତି । ସନ୍ନ୍ୟାସୀମାନେ ନିଜ ଜୀବନରେ ଈଶ୍ୱରାର୍ଥେ ଓ ଜଗତର କଲ୍ୟାଣାର୍ଥେ ସର୍ବସ୍ୱ-ତ୍ୟାଗରୂପ ତତ୍ତ୍ୱ ପ୍ରତିଫଳିତ କରି ଗୃହସ୍ଥମାନଙ୍କୁ ସବୁ ବିଷୟରେ ଉତ୍ସାହିତ କରୁଛନ୍ତି, ଆଉ ବଦଳରେ ସେମାନେ ତାଙ୍କୁ ଦି'-ମୁଠା ଅନ୍ନ ଦେଉଛନ୍ତି । ସେହି ଅନ୍ନ ଜନ୍ମାଇବାର ପ୍ରବୃତ୍ତି ଓ କ୍ଷମତା ମଧ୍ୟ ପୁଣି ସର୍ବତ୍ୟାଗୀ ସନ୍ନ୍ୟାସୀମାନଙ୍କର ସ୍ନେହ-ଆଶୀର୍ବାଦ ଦ୍ୱାରା ଦେଶର ଲୋକଙ୍କର ବର୍ଦ୍ଧିତ ହେଉଛି । ନ ବୁଝି ଲୋକେ ସନ୍ନ୍ୟାସ instititution (ଆଶ୍ରମ)-ର ନିନ୍ଦା କରନ୍ତି । ଅନ୍ୟ ଦେଶରେ ଯାହା ହେଉ ନା କାହିଁକି, ଏ ଦେଶରେ କିନ୍ତୁ ସନ୍ନ୍ୟାସୀମାନେ ମଙ୍ଗ ଧରିଅଛନ୍ତି ବୋଲି ସଂସାର-ସାଗରରେ ଗୃହସ୍ଥମାନଙ୍କ ନୌକା ବୁଡ଼ୁ ନାହିଁ ।

ଶିଷ୍ୟ : ଆଜ୍ଞା ! ଲୋକ-କଲ୍ୟାଣରେ ତତ୍ପର ଯଥାର୍ଥ ସନ୍ନ୍ୟାସୀ କେଇଜଣ ଦେଖିବାକୁ ମିଳନ୍ତି ?

ସ୍ୱାମୀଜି : ହଜାର ବର୍ଷ ଅନ୍ତରରେ ଯଦି ଠାକୁରଙ୍କ ପରି ଜଣେ ସନ୍ନ୍ୟାସୀ ମହାପୁରୁଷ ଆସନ୍ତି ତେବେ ତ ଭରପୂର । ସେ ଯେଉଁ ସବୁ ଉଚ୍ଚ ଆଦର୍ଶ ଓ ଭାବ ଦେଇଯିବେ, ତାହା ତାଙ୍କ ଜନ୍ମର ହଜାର ବର୍ଷ ପର ପର୍ଯ୍ୟନ୍ତ ଲୋକେ ନେଇ ଚାଲିବେ । ଏହି ସନ୍ନ୍ୟାସ institution (ଆଶ୍ରମ) ଦେଶରେ ଥିଲା ବୋଲି ତ ତାଙ୍କ ପରି ମହାପୁରୁଷମାନେ ଏ ଦେଶରେ ଜନ୍ମ ଗ୍ରହଣ କରିଛନ୍ତି । ଦୋଷ ସବୁ ଆଶ୍ରମରେ ହିଁ ଅଛି, ତେବେ ଅଳ୍ପାଧିକ । ଦୋଷ ଥିବା ସତ୍ତ୍ୱେ ଏତେଦିନ ପର୍ଯ୍ୟନ୍ତ ଯେ ଏହି ଆଶ୍ରମ ସବୁ-ଆଶ୍ରମର ଶୀର୍ଷସ୍ଥାନ ଅଧିକାର କରି ଦଣ୍ଡାୟମାନ ରହିଛି—ତା'ର କାରଣ କ'ଣ ? ଯଥାର୍ଥ ସନ୍ନ୍ୟାସୀମାନେ ନିଜର ମୁକ୍ତି ପର୍ଯ୍ୟନ୍ତ ଉପେକ୍ଷା କରନ୍ତି, ଜଗତର ମଙ୍ଗଳ କରିବା ନିମିତ୍ତ ହିଁ ସେମାନଙ୍କର ଜନ୍ମ । ଏପରି ସନ୍ନ୍ୟାସାଶ୍ରମ ପ୍ରତି ଯଦି ତୁମେ କୃତଜ୍ଞ ନ ହୁଅ, ତେବେ ତୁମକୁ ଧିକ୍—ଶତଧିକ୍ ।

କହୁ କହୁ ସ୍ୱାମୀଜିଙ୍କ ମୁଖମଣ୍ଡଳ ପ୍ରଦୀପ୍ତ ହୋଇଉଠିଲା । ସନ୍ନ୍ୟାସାଶ୍ରମର ଗୌରବ ପ୍ରସଙ୍ଗରେ ସ୍ୱାମୀଜି ଯେପରିକି ମୂର୍ତ୍ତିମାନ୍ ସନ୍ନ୍ୟାସ ରୂପରେ ଶିଷ୍ୟ-ଚକ୍ଷୁରେ ପ୍ରତିଭାତ ହେବାକୁ ଲାଗିଲେ ।

ଅନନ୍ତର ସେହି ଆଶ୍ରମର ଗୌରବ ସେ ପ୍ରାଣେ ପ୍ରାଣେ ଅନୁଭବ କରୁ କରୁ ଯେପରି ଅନ୍ତର୍ମୁଖ ହୋଇ ନିଜେ ନିଜେ ମଧୁର ସ୍ୱରରେ ଆବୃତ୍ତି କରିବାରେ ଲାଗିଲେ—

'ବେଦାନ୍ତବାକ୍ୟେଷୁ ସଦା ରମନ୍ତଃ
ଭିକ୍ଷାନ୍ନମାତ୍ରେଣ ଚ ତୁଷ୍ଟିମନ୍ତଃ

ଅଶୋକମନ୍ତଃକରଣେ ଚରନ୍ତଃ
କୌପୀନବନ୍ତଃ ଖଳୁ ଭାଗ୍ୟବନ୍ତଃ ।' (କୌପୀନପଞ୍ଚକମ୍—ଶଙ୍କରାଚାର୍ଯ୍ୟ)

ପରେ ପୁଣି କହିବାକୁ ଲାଗିଲେ : 'ବହୁଜନହିତାୟ, ବହୁଜନସୁଖାୟ' ସନ୍ନ୍ୟାସୀର ଜନ୍ମ । ସନ୍ନ୍ୟାସ ଗ୍ରହଣ କରି ଯେଉଁମାନେ ଏଇ ideal (ଉଚ୍ଚଲକ୍ଷ୍ୟ) ଭୁଲିଯାଆନ୍ତି—'ବୃଥୈବ ତସ୍ୟ ଜୀବନମ୍' । ପର ପାଇଁ ପ୍ରାଣ ଦେବାକୁ, ଜୀବର ଗଗନଭେଦୀ କ୍ରନ୍ଦନ ନିବାରଣ କରିବାକୁ, ବିଧବାର ଅଶ୍ରୁ ପୋଛିବାକୁ, ପୁତ୍ର-ବିୟୋଗ-ବିଧୁରାର ପ୍ରାଣରେ ଶାନ୍ତି ଦେବାକୁ, ଅଜ୍ଞ ଇତର ସାଧାରଣଙ୍କୁ ଜୀବନସଂଗ୍ରାମର ଉପଯୋଗୀ କରିବାକୁ, ଶାସ୍ତ୍ର-ଉପଦେଶ-ବିସ୍ତାର ଦ୍ୱାରା ସମସ୍ତଙ୍କର ଐହିକ ଓ ପାରମାର୍ଥିକ ମଙ୍ଗଳ କରିବାକୁ ଏବଂ ଜ୍ଞାନାଲୋକ ଦେଇ ସମସ୍ତଙ୍କ ମଧ୍ୟରେ ପ୍ରସୁପ୍ତ ବ୍ରହ୍ମସିଂହକୁ ଜାଗରିତ କରିବାକୁ ଜଗତରେ ସନ୍ନ୍ୟାସୀର ଜନ୍ମ ହୋଇଛି । ପରେ ଗୁରୁଭ୍ରାତାଗଣଙ୍କୁ ଲକ୍ଷ୍ୟ କରି କହିବାକୁ ଲାଗିଲେ : 'ଆତ୍ମନୋ ମୋକ୍ଷାର୍ଥଂ ଜଗଦ୍ଧିତାୟ ଚ' ଆମର ଜନ୍ମ; କ'ଣ କରୁଛ ସବୁ ବସି ବସି ? ଉଠ—ଜାଗ—ନିଜେ ଜାଗି ଅପର ସମସ୍ତଙ୍କୁ ଜାଗ୍ରତ କର—ନରଜନ୍ମ ସାର୍ଥକ କରି ଚାଲିଯାଅ—'ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ !'

# ୮

ସ୍ଥାନ—ଆଲମବଜାର ମଠ
କାଳ—୧୮୯୭ ଖ୍ରୀଷ୍ଟାବ୍ଦ ମଇ ମାସ

ସ୍ୱାମୀଜୀ ଦାର୍ଜିଲିଂରୁ କଲିକତା ଫେରି ଆସିଛନ୍ତି । ଆଲମବଜାର ମଠରେ ହିଁ ଅବସ୍ଥାନ କରୁଅଛନ୍ତି । ଗଙ୍ଗାତୀରରେ କୌଣସି ସ୍ଥାନକୁ ମଠ ଉଠାଇ ନେବାର କଳ୍ପନା କଳ୍ପନା ହେଉଅଛି । ଶିଷ୍ୟ ଆଜିକାଲି ପ୍ରାୟ ମଠରେ ତାଙ୍କ ନିକଟକୁ ଯାତାୟାତ କରେ ଓ ମଧ୍ୟେ ମଧ୍ୟେ ରାତ୍ରିରେ ଅବସ୍ଥାନ ବି କରିଥାଏ । ଦୀକ୍ଷା-ଗ୍ରହଣରେ କୃତସଂକଳ୍ପ ହୋଇ ଶିଷ୍ୟ ସେଥିନିମିତ୍ତ ଦାର୍ଜିଲିଂରେ ସ୍ୱାମୀଜୀଙ୍କୁ ଇତିପୂର୍ବେ ପତ୍ର ଲେଖି ଜଣାଇଥିଲା । ସ୍ୱାମୀଜୀ ତଦୁତ୍ତରରେ ଲେଖିଥିଲେ, 'ନାଗ ମହାଶୟଙ୍କର ଆପତ୍ତି ନ ହେଲେ ତୁମକୁ ଅତି ଆନନ୍ଦର ସହିତ ଦୀକ୍ଷିତ କରିବି ।'

୧୩୦୩ ସାଲର ୧୯ ବୈଶାଖ । ସ୍ୱାମୀଜୀ ଆଜି ଶିଷ୍ୟକୁ ଦୀକ୍ଷା ଦେବାକୁ କହିଛନ୍ତି । ଆଜି ଶିଷ୍ୟର ଜୀବନରେ ସର୍ବାପେକ୍ଷା ବିଶେଷ ଦିନ । ଶିଷ୍ୟ ପ୍ରତ୍ୟୁଷରୁ ଗଙ୍ଗାସ୍ନାନ କରି କିଛି ଲିଚୁ ଓ ଅନ୍ୟ ଦ୍ରବ୍ୟାଦି କିଣି ବେଳ ଅନ୍ଦାଜ ୮ ଟା ସମୟରେ ଆଲମବଜାର ମଠରେ ଉପସ୍ଥିତ ହୋଇଅଛି । ଶିଷ୍ୟକୁ ଦେଖି ସ୍ୱାମୀଜୀ ରହସ୍ୟ କରି କହିଲେ, 'ଆଜି ତୋତେ ବଳି

ଦେବାକୁ ହେବ ନା ?'

ସ୍ୱାମୀଜୀ ଶିଷ୍ୟକୁ ଏହି କଥା କହି ପୁଣି ହାସ୍ୟମୁଖରେ ସମସ୍ତଙ୍କ ସହିତ ଆମେରିକାର ନାନା ପ୍ରସଙ୍ଗ କରିବାକୁ ଲାଗିଲେ । ଧର୍ମଜୀବନ ଗଠନ କରିବାକୁ ହେଲେ କିପରି ଏକନିଷ୍ଠ ହେବାକୁ ହୁଏ, ଗୁରୁଙ୍କଠାରେ କିପରି ଅଟଳ ବିଶ୍ୱାସ ଓ ଦୃଢ଼ ଭକ୍ତିଭାବ ରଖିବାକୁ ହୁଏ, ଗୁରୁବାକ୍ୟରେ କିପରି ଆସ୍ଥା ସ୍ଥାପନ କରିବାକୁ ହୁଏ ଏବଂ ଗୁରୁଙ୍କ ନିମିତ୍ତ କିପରି ପ୍ରାଣ ପର୍ଯ୍ୟନ୍ତ ବିସର୍ଜନ ଦେବା ସକାଶେ ପ୍ରସ୍ତୁତ ହେବାକୁ ହୁଏ—ଏ ସମସ୍ତ ପ୍ରସଙ୍ଗ ମଧ୍ୟ ସଙ୍ଗେ ସଙ୍ଗେ ହେବାକୁ ଲାଗିଲା । ଅନନ୍ତର ସେ ଶିଷ୍ୟକୁ କେତେଗୁଡ଼ିଏ ପ୍ରଶ୍ନ ପଚାରି ତା'ର ହୃଦୟ ପରୀକ୍ଷା କରିବାକୁ ଲାଗିଲେ : 'ମୁଁ ତୋତେ ଯେତେବେଳେ ଯେଉଁ କାମ କରିବାକୁ କହିବି, ତତ୍‌କ୍ଷଣାତ୍ ତାହା ଯଥାସାଧ୍ୟ କରିବୁ ତ ? ଯଦି ଗଙ୍ଗାରେ ଝାସ ଦେଲେ ବା ଛାତ ଉପରୁ ଡେଇଁପଡ଼ିଲେ ତୋର ମଙ୍ଗଳ ହେବ ବୁଝି ତାହା କରିବାକୁ କହେ, ତା'ହେଲେ ତାହା ମଧ୍ୟ ନିର୍ବିଚାରରେ କରିପାରିବୁ ତ ? ଏବେ ସୁଦ୍ଧା ଭାବି ଦେଖ୍, ନ ହେଲେ ସହସା ଗୁରୁ ବୋଲି ଗ୍ରହଣ କରିବାକୁ ଆଗେଇ ଆସ ନାହିଁ ।' ଏହିପରି କେତୋଟି ପ୍ରଶ୍ନ ପଚାରି ସ୍ୱାମୀଜୀ ଶିଷ୍ୟର ମନରେ ବିଶ୍ୱାସର ଦୌଡ଼ଟା ବୁଝିବାକୁ ଲାଗିଲେ । ଶିଷ୍ୟ ମଧ୍ୟ ନତଶିରରେ 'ପାରିବି' ବୋଲି ପ୍ରତି ପ୍ରଶ୍ନର ଉତ୍ତର ଦେବାକୁ ଲାଗିଲା ।

ସ୍ୱାମୀଜୀ : ଯେ ଏହି ସଂସାର-ମାୟାର ପାରିକୁ ନେଇ ଯାଆନ୍ତି, ଯେ କୃପା କରି ସମସ୍ତ ମାନସିକ ଆଧିବ୍ୟାଧି ବିନଷ୍ଟ କରନ୍ତି, ସେ ହିଁ ଯଥାର୍ଥ ଗୁରୁ । ଆଗେ ଶିଷ୍ୟମାନେ 'ସମିତ୍‌ପାଣି' ହୋଇ ଗୁରୁଙ୍କ ଆଶ୍ରମକୁ ଯାଉଥିଲେ । ଗୁରୁ ତାକୁ ଅଧିକାରୀ ବୋଲି ବୁଝିଲେ ଦୀକ୍ଷିତ କରି ବେଦପାଠ କରାଉଥିଲେ ଏବଂ କାୟମନୋବାକ୍ୟ-ଦଣ୍ଡ-ରୂପ ବ୍ରତର ଚିହ୍ନସ୍ୱରୂପ ତ୍ରିବୃତ୍ତ, ମୌଞ୍ଜି-ମେଖଳା ତା' ଅଣ୍ଟାରେ ବାନ୍ଧି ଦେଉଥିଲେ । ତହିଁରେ ଶିଷ୍ୟମାନେ କୌପୀନ ଭିଡ଼ି ବାନ୍ଧି ରଖୁଥିଲେ । ସେହି ମୌଞ୍ଜିମେଖଳା ସ୍ଥାନରେ ପରେ ଯଜ୍ଞସୂତ୍ର ବା ପଇତା ପିନ୍ଧିବାର ପଦ୍ଧତି ହୋଇଥିଲା ।

ଶିଷ୍ୟ : ତେବେ କ'ଣ ଆଜ୍ଞା, ଆମପରି ସୂତା ପଇତା ପିନ୍ଧିବାଟା ବୈଦିକ ପ୍ରଥା ନୁହେଁ ?

ସ୍ୱାମୀଜୀ : ବେଦରେ କେଉଁଠି ସୂତା ପଇତାର କଥା ନାହିଁ । ସ୍ମାର୍ତ୍ତ ଭଟ୍ଟାଚାର୍ଯ୍ୟ ରଘୁନନ୍ଦନ ମଧ୍ୟ ଲେଖିଛନ୍ତି—'ଅସ୍ମିନ୍ନେବ ସମୟେ ଯଜ୍ଞସୂତ୍ରଂ ପରିଧାପୟେତ୍ ।' ସୂତା ପଇତାର କଥା ଗୋଭିଲ ଗୃହ୍ୟସୂତ୍ରରେ ମଧ୍ୟ ନାହିଁ । ଗୁରୁଙ୍କ ସମୀପରେ ଏହି ପ୍ରଥମ ବୈଦିକ ସଂସ୍କାର ହିଁ ଶାସ୍ତ୍ରରେ 'ଉପନୟନ' ବୋଲି ଉକ୍ତ ହୋଇଅଛି । କିନ୍ତୁ ଆଜିକାଲି ଦେଶର କି ଦୁରବସ୍ଥା ନ ହୋଇଛି । ଶାସ୍ତ୍ର-ପଥ ଛାଡ଼ି କେବଳ କେତେଗୁଡ଼ାଏ ଦେଶାଚାର, ଲୋକାଚାର ଓ ସ୍ତ୍ରୀ-ଆଚାର ଦେଶଟାକୁ ପୋଡ଼ାଇ ପକାଇଛି । ସେଥିପାଇଁ ତ ତୁମକୁ କହେ— ତୁମେମାନେ ପ୍ରାଚୀନ କାଳପରି ଶାସ୍ତ୍ର-ପଥ ଧରି ଚାଲ । ନିଜେ ଶ୍ରଦ୍ଧାବାନ୍ ହୋଇ ଦେଶରେ ଶ୍ରଦ୍ଧା ଆଣ । ନଚିକେତା ପରି ହୃଦୟରେ ଶ୍ରଦ୍ଧା ଆଣ । ନଚିକେତା ପରି ଯମଲୋକକୁ ଚାଲିଯାଅ—ଆତ୍ମତତ୍ତ୍ୱ ଜାଣିବା ପାଇଁ, ଆତ୍ମାର ଉଦ୍ଧାର ପାଇଁ । ଏହି ଜନ୍ମ-ମରଣ-

ପ୍ରହେଳିକାର ଯଥାର୍ଥ ମୀମାଂସା ନିମିତ୍ତ ଯମ-ମୁହଁକୁ ଗଲେ ଯଦି ସତ୍ୟଲାଭ ହୁଏ, ତେବେ ନିର୍ଭୀକ ହୃଦୟରେ ଯମ ମୁହଁକୁ ଯିବାକୁ ହେବ । ଭୟ ହିଁ ତ ମୃତ୍ୟୁ । ଭୟର ପରପାରକୁ ଯିବାକୁ ହେବ । ଆଜିଠାରୁ ଭୟଶୂନ୍ୟ ହୁଅ । ଯାଅ ଚାଲି—ଆପଣାର ମୋକ୍ଷ ଓ ପରାର୍ଥେ ଦେହ ଦେବାକୁ । କଅଣ ହେବ କେତେଗୁଡ଼ାଏ ହାଡ଼ମାଂସର ବୋଝ ବୋହି ? ଈଶ୍ୱରାର୍ଥେ ସର୍ବସ୍ୱତ୍ୟାଗରୂପକ ମନ୍ତ୍ରରେ ଦୀକ୍ଷା ଗ୍ରହଣ କରି ଦଧୀଚି ମୁନିଙ୍କ ପରି ପରାର୍ଥେ ହାଡ଼ମାଂସ ଦାନ କର । ଆମର ଶାସ୍ତ୍ର କହେ—ଯେଉଁମାନେ ଅଧୀତ-ବେଦ-ବେଦାନ୍ତ, ଯେଉଁମାନେ ବ୍ରହ୍ମଜ୍ଞ, ଯେଉଁମାନେ ଅପରକୁ ଅଭୟର ପରପାରକୁ ନେବାକୁ ସମର୍ଥ, ସେହିମାନେ ହିଁ ଯଥାର୍ଥ ଗୁରୁ । ସେମାନଙ୍କୁ ପାଇଲା ମାତ୍ରେ ଦୀକ୍ଷିତ ହେବ—'ନାତ୍ର କାର୍ଯ୍ୟା ବିଚାରଣା ।' ବର୍ତ୍ତମାନ ଦେଶଟା କେଉଁଠି ଆସି ପହଞ୍ଚିଛି ଜାଣିଛୁ—

'ଅନ୍ଧେନୈବ ନୀୟମାନା ଯଥାନ୍ଧାଃ ।' (କଠୋପନିଷଦ୍, ୧।୨।୫)

ବେଳ ପ୍ରାୟ ୯ଟା ହେଲାଣି । ସ୍ୱାମୀଜୀ ଆଜି ଗଙ୍ଗାକୁ ନ ଯାଇ ଘରେ ସ୍ନାନ କଲେ । ସ୍ନାନାନ୍ତେ ଖଣ୍ଡିଏ ନୂଆ ଗୈରିକ ବସ୍ତ୍ର ପରିଧାନ କରି ମୃଦୁପଦରେ ଠାକୁରଘରେ ପ୍ରବେଶ କରି ପୂଜାର ଆସନରେ ଉପବେଶନ କଲେ । ଶିଷ୍ୟ ଠାକୁରଘରେ ପ୍ରବେଶ ନ କରି ବାହାରେ ପ୍ରତୀକ୍ଷା କରି ରହିଲା; ସ୍ୱାମୀଜୀ ଡାକିଲେ ଯାଇ ଯିବ । ଏଥର ସ୍ୱାମୀଜୀ ଧ୍ୟାନସ୍ଥ ହେଲେ । ମୁକ୍ତପଦ୍ମାସନ—ଈଷନ୍ମୁଦ୍ରିତ ନୟନ, ଯେପରି ଦେହ ମନପ୍ରାଣ ସମସ୍ତ ସ୍ପନ୍ଦନହୀନ ହୋଇଯାଇଛି । ଧ୍ୟାନାନ୍ତେ ସ୍ୱାମୀଜୀ ଶିଷ୍ୟକୁ 'ବାବା ଆସ' ବୋଲି ଡାକିଲେ । ଶିଷ୍ୟ ସ୍ୱାମୀଜୀଙ୍କ ସସ୍ନେହ ଆହ୍ୱାନରେ ମୁଗ୍ଧ ହୋଇ ଯନ୍ତ୍ରବତ୍ ଠାକୁରଘରେ ପ୍ରବେଶ କଲା । ଠାକୁରଘରେ ପ୍ରବେଶ ମାତ୍ରେ ସ୍ୱାମୀଜୀ ଶିଷ୍ୟକୁ କହିଲେ—'ଦୁଆର କିଳି ଦେ ।' ସେହିପରି କରାଯିବାରୁ କହିଲେ, ସ୍ଥିର ହୋଇ ମୋ ବାମ ପାଖରେ ବସ । ସ୍ୱାମୀଜୀଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଶିଷ୍ୟ ଆସନରେ ଉପବେଶନ କଲା । ତାହାର ହୃତ୍ପିଣ୍ଡ ସେତେବେଳେ କି ଏକ ଅନିର୍ବଚନୀୟ ଅପୂର୍ବ ଭାବରେ ଦୁଲୁଦୁଲୁ କରି ଥରିବାକୁ ଲାଗିଲା । ଅନନ୍ତର ସ୍ୱାମୀଜୀ ତାଙ୍କ ପଦ୍ମହସ୍ତ ଶିଷ୍ୟର ମସ୍ତକରେ ସ୍ଥାପନ କରି ଶିଷ୍ୟକୁ କେତୋଟି ଗୁହ୍ୟକଥା ପଚାରିଲେ ଏବଂ ଶିଷ୍ୟ ତାହାର ଯଥାସାଧ୍ୟ ଉତ୍ତର ଦାନ କଲାପରେ ମହାବୀଜମନ୍ତ୍ର ତା'ର କର୍ଣ୍ଣମୂଳରେ ତିନିଥର ଉଚ୍ଚାରଣ କଲେ । ପରେ ଶିଷ୍ୟକୁ ତିନିଥର ତାହା ଉଚ୍ଚାରଣ କରିବାକୁ କହିଲେ । ଅନନ୍ତର ସାଧନା ସମ୍ବନ୍ଧରେ ସାମାନ୍ୟ ଉପଦେଶ ପ୍ରଦାନ କରି ସ୍ଥିର ହୋଇ ଅନିମେଷ ନୟନରେ ଶିଷ୍ୟର ଆଖିଆଡ଼କୁ କିଛିକ୍ଷଣ ଚାହିଁ ରହିଲେ···କେତେକ୍ଷଣ ଏହି ଭାବରେ କଟିଲା ଶିଷ୍ୟ ତାହା କିଛିମାତ୍ର ବୁଝିପାରିଲା ନାହିଁ । ଅନନ୍ତର ସ୍ୱାମୀଜୀ କହିଲେ—'ଗୁରୁଦକ୍ଷିଣା ଦେ' । ଶିଷ୍ୟ କହିଲା—'କ'ଣ ଦେବ ?' ସ୍ୱାମୀଜୀ ଶୁଣି ତାକୁ ଆଦେଶ ଦେଲେ, 'ଯା, ଭଣ୍ଡାରରୁ କୌଣସି ଫଳ ନେଇଆସ ।' ଶିଷ୍ୟ ଦଉଡ଼ି ଭଣ୍ଡାରଘରକୁ ଗଲା ଏବଂ ଦଶ ପନ୍ଦରଟି ଲିଚୁ ନେଇ ପୁଣି ଠାକୁରଘରକୁ ଆସିଲା । ସ୍ୱାମୀଜୀଙ୍କ ହାତରେ ସେଗୁଡ଼ିକ ଦେବାମାତ୍ରେ ସେ ଗୋଟିଏ ଗୋଟିଏ କରି ସମସ୍ତ ଖାଇଦେଲେ ଏବଂ କହିଲେ, 'ଯା, ତୋର ଗୁରୁଦକ୍ଷିଣା ଦେବା ହୋଇଗଲା ।'

ଦୀକ୍ଷା ଗ୍ରହଣ କରି ଶିଷ୍ୟ ଠାକୁରଘରୁ ବାହାରିବା ମାତ୍ରେ ସ୍ୱାମୀ ଶୁଦ୍ଧାନନ୍ଦ ସେହି

ପରେ ସ୍ୱାମୀଜୀଙ୍କ ନିକଟରେ ଉପସ୍ଥିତ ହୋଇ ନିଜେ ଦୀକ୍ଷା ନେବାର ଅଭିପ୍ରାୟ ଜ୍ଞାପନ କଲେ । ସ୍ୱାମୀଜୀ ମଧ୍ୟ ସ୍ୱାମୀ ଶୁଦ୍ଧାନନ୍ଦ (ବ୍ରହ୍ମଚାରୀ ସୁଧୀର)-ଙ୍କ ଆଗ୍ରହାତିଶଯ୍ୟ ଦେଖି ତା'ଙ୍କୁ ଦୀକ୍ଷାଦାନ କଲେ ।

ଅନନ୍ତର ସ୍ୱାମୀଜୀ କିଛିକ୍ଷଣ ପରେ ବାହାରକୁ ଆସିଲେ ଏବଂ ଆହାରାନ୍ତେ ଶୟନ କରି କିଛିକାଳ ବିଶ୍ରାମ କରିବାକୁ ଲାଗିଲେ । ଶିଷ୍ୟ ମଧ୍ୟ ଇତିମଧ୍ୟରେ ସ୍ୱାମୀ ଶୁଦ୍ଧାନନ୍ଦଙ୍କ ସହିତ ସ୍ୱାମୀଜୀଙ୍କ ପାତ୍ରାବଶେଷ ଆହ୍ଲାଦରେ ଗ୍ରହଣ କରି ଆସି ତାଙ୍କ ପଦତଳେ ଉପବିଷ୍ଟ ହେଲେ ଏବଂ ଧୀରେ ଧୀରେ ତାଙ୍କ ପାଦ ସମ୍ବାହନରେ ନିଯୁକ୍ତ ରହିଲେ ।

ବିଶ୍ରାମାନ୍ତେ ସ୍ୱାମୀଜୀ ଉପରର ବୈଠକଖାନାରେ ଆସି ବସିଲେ । ଶିଷ୍ୟ ମଧ୍ୟ ଏହି ସମୟରେ ଅବସର ଦେଖି ତାଙ୍କୁ ପଚାରିଲା—'ମହାଶୟ ! ପାପପୁଣ୍ୟର ଭାବ କେଉଁଠୁ ଆସିଲା ?'

ସ୍ୱାମୀଜୀ : ବହୁତ୍ୱର ଭାବରୁ ହିଁ ଏ ସବୁ ବାହାରିଛି । ମନୁଷ୍ୟ ଏକତ୍ୱ ଆଡ଼କୁ ଯେତେ ଆଗେଇ ଯାଏ, ତେତେ 'ମୁଁ-ତୁ-ଭାବ'—ଯେଉଁଥିରୁ ଏହିସବୁ ଧର୍ମାଧର୍ମର ଦ୍ୱନ୍ଦ୍ୱଭାବ ଆସିଛି, କମିଯାଏ । 'ମୋଠାରୁ ଅମୁକ ଭିନ୍ନ'—ଏହି ଭାବ ମନରେ ଆସିଲେ ଅନ୍ୟ ସବୁ ଦ୍ୱନ୍ଦ୍ୱଭାବର ବିକାଶ ହେବାକୁ ଲାଗେ ଏବଂ ଏକତ୍ୱର ସମ୍ପୂର୍ଣ୍ଣ ଅନୁଭବରେ ମନୁଷ୍ୟର ଆଉ ଶୋକ-ମୋହ ରହେ ନାହିଁ—'ତତ୍ର କୋ ମୋହଃ କଃ ଶୋକ* ଏକତ୍ୱମନୁପଶ୍ୟତଃ ।'

ଯେତେ ପ୍ରକାର ଦୁର୍ବଳତାର ଅନୁଭବକୁ ହିଁ ପାପ କୁହାଯାଏ (Weakness is sin) । ଏହି ଦୁର୍ବଳତାରୁ ହିଁ ହିଂସା-ଦ୍ୱେଷାଦିର ଉନ୍ମେଷ ହୁଏ । ସେଥିଯୋଗୁଁ ଦୁର୍ବଳତା ବା weaknessର ନାମ ହିଁ ପାପ । ଭିତରେ ଆତ୍ମା ସର୍ବଦା ଜଳ ଜଳ କରୁଛି, ସେଥିପ୍ରତିକୁ ନ ଚାହିଁ ହାଡ଼ମାଂସର କିମ୍ଭୂତକିମାକାର ପଞ୍ଜୁରୀ ଏହି ଜଡ଼ ଶରୀରଟା ଆଡ଼କୁ ସମସ୍ତେ ଦୃଷ୍ଟି ଦେଇ 'ମୁଁ'-'ମୁଁ' କରୁଛନ୍ତି । ଏଇଟା ହିଁ ହେଉଛି ସକଳ ପ୍ରକାର ଦୁର୍ବଳତାର ମୂଳ । ଏହି ଅଭ୍ୟାସରୁ ହିଁ ଜଗତରେ ବ୍ୟାବହାରିକ ଭାବ ବାହାରିଛି । ପରମାର୍ଥ ଭାବ ବର୍ତ୍ତିମାନ ଏହି ଦ୍ୱନ୍ଦ୍ୱର ବାହାରେ ।

ଶିଷ୍ୟ : ତାହାହେଲେ ଏହିସବୁ ବ୍ୟାବହାରିକ ସତ୍ତା କ'ଣ ସତ୍ୟ ନୁହେଁ ?

ସ୍ୱାମୀଜୀ : ଯେପର୍ଯ୍ୟନ୍ତ 'ମୁଁ' ଜ୍ଞାନ ଅଛି, ସେପର୍ଯ୍ୟନ୍ତ ସତ୍ୟ । ଆଉ ଯେଉଁ ମୁହୂର୍ତ୍ତରେ ମୁଁ 'ଆତ୍ମା' ଏହି ଅନୁଭବ, ସେହି ମୁହୂର୍ତ୍ତରେ ଏହି ବ୍ୟାବହାରିକ ସତ୍ତା ମିଥ୍ୟା । ଲୋକେ ଯେ 'ପାପ' କହନ୍ତି ସେଟା weakness-ର ଫଳ—'ମୁଁ-ଦେହ' ଏହି ଅହଂଭାବର ରୂପାନ୍ତର । ଯେତେବେଳେ 'ମୁଁ ଆତ୍ମା' ଏହି ଭାବରେ ମନ ନିଶ୍ଚଳ ହେବ, ସେତେବେଳେ ତୁ ପାପପୁଣ୍ୟ ଧର୍ମାଧର୍ମର ଅତୀତ ହୋଇଯିବୁ । ଠାକୁର କହୁଥିଲେ—'ମୁଁ ମଲେ ଘୁଞ୍ଚିବ ଜଞ୍ଜାଳ ।'

ଶିଷ୍ୟ : 'ମୁଁ' ଟା ଯେ ମରି ମଧ୍ୟ ମରେ ନାହିଁ ! ଏଟାକୁ ମାରିବା ଅତି କଠିନ ।

ସ୍ୱାମୀଜୀ : ଏକ ଭାବରେ ଖୁବ୍ କଠିନ, ପୁଣି ଆଉ ଏକ ଭାବରେ ଖୁବ୍ ସହଜ । 'ମୁଁ'

* ଈଶୋପନିଷଦ୍, ୭

ଜନ୍ମଷଟା କେଉଁଠି ଅଛି ବୁଝାଇ ଦେଇପାରୁ ? ଯେଉଁ ଜନ୍ମଷଟା ନାହିଁ, ତା' ପାଇଁ ମରାମରି କ'ଣ ? 'ମୁଁତ୍ୱ'-ରୂପକ ଗୋଟିଏ ମିଥ୍ୟାଭାବରେ ମନୁଷ୍ୟ hypnotised (ମନ୍ତ୍ରମୁଗ୍ଧ) ହୋଇଛି ମାତ୍ର । ଏହି ଭୂତଟା ଛାଡ଼ିବାମାତ୍ରେ ସବୁ ସ୍ୱପ୍ନ ଭାଙ୍ଗିଯାଏ ଓ ଦେଖାଯାଏ—ଏକ ଆତ୍ମା ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ସବୁଥିରେ ଅଛନ୍ତି । ଏହା ହିଁ ଜାଣିବାକୁ ହେବ, ପ୍ରତ୍ୟକ୍ଷ କରିବାକୁ ହେବ । ଯେତେ କିଛି ସାଧନ ଭଜନ—ଏହି ଆବରଣଟିକୁ କାଟାଇବା ପାଇଁ । ସେଇଟା ଗଲାମାତ୍ରେ, ଚିତ୍‌ସୂର୍ଯ୍ୟ ଆପଣାର ପ୍ରଭାରେ ଆପେ ଜଳୁଛି, ଦେଖିବାକୁ ପାଇବୁ । କାରଣ ଆତ୍ମା ହିଁ ଏକମାତ୍ର ସ୍ୱୟଂ ଜ୍ୟୋତି—ସ୍ୱସମ୍ବେଦ୍ୟ । ଯେଉଁ ଜନ୍ମଷଟା ସ୍ୱସଂବେଦ୍ୟ, ତାକୁ ଅନ୍ୟକିଛିର ସହାୟତାରେ କିପରି ଜଣାଯାଇପାରିବ ? ଶ୍ରୁତି ସେଥିପାଇଁ କହୁଛନ୍ତି, 'ବିଜ୍ଞାତାରମରେ କେନ ବିଜାନୀୟାତ୍ ।'* ତୁ ଯାହା କିଛି ଜାଣୁଛୁ ତାହା ମନରୂପ କରଣ ସାହାଯ୍ୟରେ । ମନ ତ ଜଡ଼ । ତା' ପଛରେ ଶୁଦ୍ଧ ଆତ୍ମା ଥିବାରୁ ହିଁ ମନଦ୍ୱାରା କାର୍ଯ୍ୟ ହୁଏ । ସୁତରାଂ ମନଦ୍ୱାରା ସେ ଆତ୍ମାକୁ କିପରି ଜାଣିବୁ ? ତେବେ ଏତିକିମାତ୍ର ଜଣାଯାଏ ଯେ, ମନ ଶୁଦ୍ଧାତ୍ମା ନିକଟରେ ପହଞ୍ଚିପାରେ ନାହିଁ । ବୁଦ୍ଧି ମଧ୍ୟ ପହଞ୍ଚିପାରେ ନାହିଁ । ଜଣାଜଣି ଏହି ପର୍ଯ୍ୟନ୍ତ । ତା'ପରେ ମନ ଯେତେବେଳେ ବିକଳ୍ପ ବା ବୃତ୍ତିହୀନ ହୁଏ, ସେତେବେଳେ ମନର ଲୋପ ହୁଏ ଏବଂ ସେତିକିବେଳେ ଆତ୍ମା ପ୍ରତ୍ୟକ୍ଷ ହୁଅନ୍ତି । ଏହି ଅବସ୍ଥାକୁ ହିଁ ଭାଷ୍ୟ-କାର ଶଙ୍କର 'ଅପରୋକ୍ଷାନୁଭୂତି' ବୋଲି ବର୍ଣ୍ଣନା କରିଅଛନ୍ତି ।

ଶିଷ୍ୟ : ମହାଶୟ ! ମନ ହିଁ ତ 'ମୁଁ' । ସେହି ମନର ଯଦି ଲୋପ ହୁଏ, ତେବେ 'ମୁଁ' ବି ତ ଆଉ ରହିବ ନାହିଁ ।

ସ୍ୱାମୀଜୀ : ସେତେବେଳେ ଯେଉଁ ଅବସ୍ଥା, ତାହା ହିଁ ଯଥାର୍ଥ 'ମୁଁ ତ୍ୱ'ର ସ୍ୱରୂପ । ସେତେବେଳେ ଯେଉଁ 'ମୁଁ' ରହିବ, ତାହା ସର୍ବଭୂତସ୍ଥ, ସର୍ବଗ—ସର୍ବାନ୍ତରାତ୍ମା । ଯେପରି ଘଟାକାଶ ଭାଙ୍ଗି ମହାକାଶ—ଘଟ ଭାଙ୍ଗିଗଲେ ତା' ଭିତରର ଆକାଶର ମଧ୍ୟ କ'ଣ ନାଶ ହୁଏ ରେ ? ଯେଉଁ କ୍ଷୁଦ୍ର 'ମୁଁ'ଟାକୁ ତୁ ଦେହବଦ୍ଧ ମନେକରୁଥିଲୁ, ତାହା ଖେଳେଇ ହୋଇଯାଇ ଏହିପରି ସର୍ବଗତ 'ମୁଁ'ତ୍ୱ ବା ଆତ୍ମାରୂପେ ପ୍ରତ୍ୟକ୍ଷ ହୁଏ । ଅତଏବ ମନ ରହିଲା ବା ଗଲା ସେଥିରେ ଯଥାର୍ଥ 'ମୁଁ' ବା ଆତ୍ମାର କ'ଣ ଅଛି ?

ଯାହା କହୁଛି ତାହା ଯଥା ସମୟରେ ପ୍ରତ୍ୟକ୍ଷ ହେବ—'କାଲେନାତ୍ମନି ବିନ୍ଦତି' (ଗୀତା) । ଶ୍ରବଣ ମନନ କରୁ କରୁ ସମୟରେ ଏକଥା ଧାରଣା ହୋଇଯିବ । ଆଉ ମନର ଆର ପାରକୁ ଚାଲିଯିବୁ, ସେତେବେଳେ ଆଉ ଏ ପ୍ରଶ୍ନ କରିବାର ଅବସର ନ ଥିବ ।

ଶିଷ୍ୟ ଶୁଣି ସ୍ଥିର ହୋଇ ବସି ରହିଲା । ସ୍ୱାମୀଜୀ ଆସ୍ତେ ଆସ୍ତେ ଧୂମପାନ କରୁ କରୁ ପୁନରାୟ କହିଲେ—ଏହି ସହଜ କଥାଟା ବୁଝାଇବାକୁ କେତେ ଶାସ୍ତ୍ର ନ ଲେଖାହୋଇଛି, ତେବେ ବି ଲୋକେ ତାକୁ ବୁଝିପାରୁ ନାହାନ୍ତି । ଆପାତମଧୁର କେଇଟା ରୂପାର ଚକତି ଆଉ ନାରୀର କ୍ଷଣଭଙ୍ଗୁର ରୂପ ନେଇ ଦୁର୍ଲ୍ଲଭ ମନୁଷ୍ୟ-ଜୀବନଟା କିପରି କଟେଇ ଦେଉଛନ୍ତି ! ମହାମାୟାଙ୍କ ଆଶ୍ଚର୍ଯ୍ୟ ପ୍ରଭାବ ! ମା ! ମା !!

* ବୃହଦାରଣ୍ୟକୋପନିଷଦ୍, ୪।୫।୧୫

# ୯

ସ୍ଥାନ—କଲିକତା, ବାଗ୍‌ବଜାର
କାଳ—୧୮୯୭, ମଇ ମାସ ପ୍ରଥମ ସପ୍ତାହ ।

ସ୍ୱାମୀଜୀ କିଛୁଦିନ ହେଲା ବାଗ୍‌ବଜାରରେ ବଳରାମବାବୁଙ୍କ ବାଟୀରେ ଅବସ୍ଥାନ କରୁଛନ୍ତି । ପରମହଂସଦେବଙ୍କ ଗୃହୀ ଭକ୍ତମାନଙ୍କୁ ସେ ଆଜି ଏକତ୍ରିତ ହେବାକୁ ଆହ୍ୱାନ କରିଥିବାରୁ, ମଇ ପହିଲା ଉପରଓଳି ୩ଟା ପରେ ଠାକୁରଙ୍କ ବହୁ ଭକ୍ତ ସେଠାରେ ମିଳିତ ହୋଇଛନ୍ତି । ସ୍ୱାମୀ ଯୋଗାନନ୍ଦ ମଧ୍ୟ ସେଠାରେ ଉପସ୍ଥିତ ଅଛନ୍ତି । ସ୍ୱାମୀଜୀଙ୍କ ଉଦ୍ଦେଶ୍ୟ ଗୋଟିଏ ସମିତି ଗଠନ କରିବା । ସମସ୍ତେ ଉପବେଶନ କଲା ପରେ ସ୍ୱାମୀଜୀ କହିବାକୁ ଆରମ୍ଭ କଲେ :

ନାନା ଦେଶ ବୁଲି ମୋର ଧାରଣା ହୋଇଛି, ସଂଘ ବ୍ୟତୀତ କୌଣସି ବଡ଼ କାମ ହୋଇପାରେ ନାହିଁ । ତେବେ ଆମ ପରି ଦେଶରେ ପ୍ରଥମରୁ ସାଧାରଣତନ୍ତ୍ର ସଂଘ ତିଆରି କରିବା ବା ସାଧାରଣର ସମ୍ମତି (ଭୋଟ) ନେଇ କାମ କରିବାଟା ସେତେ ସୁବିଧାଜନକ ବୋଲି ମନେହେଉ ନାହିଁ । ସେସବୁ (ପାଶ୍ଚାତ୍ୟ) ଦେଶର ନରନାରୀ ସମଧିକ ଶିକ୍ଷିତ—ଆମ ପରି ଦ୍ୱେଷପରାୟଣ ନୁହନ୍ତି । ସେମାନେ ଗୁଣର ସମ୍ମାନ କରିବାକୁ ଶିଖିଛନ୍ତି । ହେଇ ଦେଖନ୍ତୁ ନା, ମୁଁ ଜଣେ ନଗଣ୍ୟ ଲୋକ, ମୋତେ ସେଦେଶରେ କେତେ ଆଦର ଯତ୍ନ କରିଛନ୍ତି । ଏଦେଶରେ ଶିକ୍ଷା-ବିସ୍ତାରରେ ଯେତେବେଳେ ସାଧାରଣ ଲୋକେ ସମଧିକ ସହୃଦୟ ହେବେ, ଯେତେବେଳେ ମତ-ପଥର ସଂକୀର୍ଣ୍ଣ ଗଣ୍ଡିର ବାହାରକୁ ଚିନ୍ତା ପ୍ରସାରିତ କରିବାକୁ ଶିଖିବେ, ସେତେବେଳେ ସାଧାରଣତନ୍ତ୍ର ମତରେ ସଂଘର କାର୍ଯ୍ୟ ଚଳାଇପାରିବେ । ସେଥି ନିମନ୍ତେ ଏହି ସଂଘର ଜଣେ dictator ବା ପ୍ରଧାନ ପରିଚାଳକ ରହିବା ଆବଶ୍ୟକ । ସମସ୍ତଙ୍କୁ ତାଙ୍କ ଆଦେଶ ମାନି ଚଳିବାକୁ ହେବ । ତା'ପରେ କାଳକ୍ରମେ ସମସ୍ତଙ୍କ ମତ ନେଇ କାର୍ଯ୍ୟ କରାଯିବ ।

ଆମେମାନେ ଯାହାଙ୍କ ନାମରେ ସନ୍ନ୍ୟାସୀ ହୋଇଛୁଁ, ଆପଣମାନେ ଯାହାଙ୍କୁ ଜୀବନର ଆଦର୍ଶ କରି ସଂସାରାଶ୍ରମର କାର୍ଯ୍ୟକ୍ଷେତ୍ରରେ ଅଛନ୍ତି, ଯାହାଙ୍କ ଦେହାବସାନର କୋଡ଼ିଏ ବର୍ଷ ମଧ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତରେ ତାଙ୍କର ପୁଣ୍ୟ ନାମ ଓ ଅଦ୍ଭୁତ ଜୀବନର ଆଶ୍ଚର୍ଯ୍ୟଜନକ ପ୍ରସାର ହୋଇଛି, ଏହି ସଂଘ ତାଙ୍କ ନାମରେ ହିଁ ପ୍ରତିଷ୍ଠିତ ହେବ । ଆମେ-ମାନେ ପ୍ରଭୁଙ୍କର ଦାସ । ଆପଣମାନେ ଏ କାର୍ଯ୍ୟରେ ସହାୟ ହୁଅନ୍ତୁ ।

ଶ୍ରୀଯୁକ୍ତ ଗିରିଶ ଘୋଷ ପ୍ରମୁଖ ଉପସ୍ଥିତ ଗୃହୀଗଣ ଏ ପ୍ରସ୍ତାବ ଅନୁମୋଦନ କରନ୍ତେ ରାମକୃଷ୍ଣ ସଂଘ*ର ଭାବି କାର୍ଯ୍ୟପ୍ରଣାଳୀ ଆଲୋଚିତ ହେବାକୁ ଲାଗିଲା । ସଂଘର ନାମ ରଖା

---

* ୧ ମେରେ ଅନୁଷ୍ଠିତ ସଭାରେ ସର୍ବସମ୍ମତିକ୍ରମେ ସମିତି ବା ସଂଘ ସ୍ଥାପିତ ହେଲା, ୫ ମେରେ ଦ୍ୱିତୀୟ ଅଧିବେଶନରେ ଏହାର କାର୍ଯ୍ୟପ୍ରଣାଳୀ ଆଲୋଚିତ ହୋଇ ଗୃହୀତ ହେଲା ।

ହେଲା—'ରାମକୃଷ୍ଣ ପ୍ରଚାର ବା ରାମକୃଷ୍ଣ-ମିଶନ' । ତାହାର ଉଦ୍ଦେଶ୍ୟ ପ୍ରଭୃତି ତାହାର ମୁଦ୍ରିତ ବିଜ୍ଞାପନରୁ ଉଦ୍ଧୃତ ହେଲା ।

ଉଦ୍ଦେଶ୍ୟ—ମାନବର ହିତାର୍ଥ ଶ୍ରୀରାମକୃଷ୍ଣ ଯେଉଁସବୁ ତତ୍ତ୍ୱ ବ୍ୟାଖ୍ୟା କରିଅଛନ୍ତି ଏବଂ କାର୍ଯ୍ୟରେ ତାଙ୍କ ଜୀବନରେ ପ୍ରତିପାଦିତ ହୋଇଅଛି, ତାହାର ପ୍ରଚାର ଏବଂ ମନୁଷ୍ୟର ଦୈହିକ, ମାନସିକ ଓ ପାରମାର୍ଥିକ ଉନ୍ନତିକଳ୍ପେ ଯେପରି ସେହିସବୁ ତତ୍ତ୍ୱ ପ୍ରଯୁକ୍ତ ହୋଇପାରିବ, ତଦ୍‌ବିଷୟରେ ସାହାଯ୍ୟ କରିବା ଏହି 'ପ୍ରଚାରର' (ମିଶନର) ଉ ଦ୍ଦେଶ୍ୟ ।

ବ୍ରତ—ଜଗତର ଯାବତୀୟ ଧର୍ମମତକୁ ଏକ ଅକ୍ଷୟ ସନାତନ ଧର୍ମର ରୂପାନ୍ତର ମାତ୍ର ଜ୍ଞାନ କରି ସକଳ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଆତ୍ମୀୟତା ସ୍ଥାପନ ନିମିତ୍ତ ଶ୍ରୀରାମକୃଷ୍ଣ ଯେଉଁ କାର୍ଯ୍ୟର ଅବତାରଣା କରିଥିଲେ, ତାହାର ପରିଚାଳନା କରିବା ହିଁ ଏହି 'ପ୍ରଚାରର' (ମିଶନର) ବ୍ରତ ।

କାର୍ଯ୍ୟପ୍ରଣାଳୀ—ମନୁଷ୍ୟର ସାଂସାରିକ ଓ ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ବିଦ୍ୟା-ଦାନ ପାଇଁ ଉପଯୁକ୍ତ ଲୋକ ଶିକ୍ଷିତକରଣ, ଶିଳ୍ପ ଓ ଶ୍ରମୋପଜୀବିକାର ଉତ୍ସାହବର୍ଦ୍ଧନ ଏବଂ ବେଦାନ୍ତ ଓ ଅନ୍ୟାନ୍ୟ ଧର୍ମଭାବ ରାମକୃଷ୍ଣଙ୍କ ଜୀବନରେ ଯେପରି ବ୍ୟାଖ୍ୟାତ ହୋଇଥିଲା, ତାହାର ଜନସମାଜରେ ପ୍ରବର୍ତ୍ତନ ।

ଭାରତବର୍ଷୀୟ କାର୍ଯ୍ୟ—ଭାରତବର୍ଷର ନଗରେ ନଗରେ ଆଚାର୍ଯ୍ୟବ୍ରତ-ଗ୍ରହଣା-ଭିଳାଷୀ ଗୃହସ୍ଥ ବା ସନ୍ନ୍ୟାସୀମାନଙ୍କ ଶିକ୍ଷାର ଆଶ୍ରମ ସ୍ଥାପନ ଏବଂ ଯେପରି ସେମାନେ ଦେଶ ଦେଶାନ୍ତରକୁ ଯାଇ ଜନଗଣଙ୍କୁ ଶିକ୍ଷିତ କରିପାରନ୍ତି, ତାହାର ଉପାୟ ଅବଲମ୍ବନ ।

ବିଦେଶୀୟ କାର୍ଯ୍ୟବିଭାଗ—ଭାରତ-ବହିର୍ଭୂତ ଦେଶମାନଙ୍କୁ 'ବ୍ରତଧାରୀ' ପ୍ରେରଣ ଏବଂ ତତ୍ତତ୍ତ୍ୱ ଦେଶରେ ସ୍ଥାପିତ ଆଶ୍ରମମାନଙ୍କ ସହିତ ଭାରତୀୟ ଆଶ୍ରମମାନଙ୍କର ଘନିଷ୍ଠତା ଓ ସହାନୁଭୂତିବର୍ଦ୍ଧନ ଏବଂ ନୂତନ ଆଶ୍ରମ ସଂସ୍ଥାପନ ।

ସ୍ୱାମୀଜୀ ସ୍ୱୟଂ ଉକ୍ତ ସମିତିର ସାଧାରଣ ସଭାପତି ହେଲେ । ସ୍ୱାମୀ ବ୍ରହ୍ମାନନ୍ଦ କଲିକତା-କେନ୍ଦ୍ରର ସଭାପତି ଏବଂ ସ୍ୱାମୀ ଯୋଗାନନ୍ଦ ତାଙ୍କର ସହକାରୀ ହେଲେ । ବାବୁ ନରେନ୍ଦ୍ରନାଥ ମିତ୍ର ଆଟର୍ଣ୍ଣି ମହାଶୟ ଏହାର ସେକ୍ରେଟାରୀ, ଡାକ୍ତର ଶଶୀଭୂଷଣ ଘୋଷ ଓ ବାବୁ ଶରଚ୍ଚନ୍ଦ୍ର ସରକାର ସହକାରୀ ସେକ୍ରେଟାରୀ ଏବଂ ଶିଷ୍ୟ ଶାସ୍ତ୍ରପାଠକ ରୂପେ ନିର୍ବାଚିତ ହେଲେ । ସଙ୍ଗେ ସଙ୍ଗେ ଏହି ନିୟମଟି ମଧ୍ୟ ବିଧିବଦ୍ଧ ହେଲା ଯେ, ପ୍ରତି ରବିବାର ୪ଟା ପରେ ବଲରାମବାବୁଙ୍କ ଗୃହରେ ସମିତିର ଅଧିବେଶନ ହେବ । ପୂର୍ବୋକ୍ତ ସଭା ପରେ ତିନି ବର୍ଷ ପର୍ଯ୍ୟନ୍ତ 'ରାମକୃଷ୍ଣ ମିଶନ' ସମିତିର ଅଧିବେଶନ ପ୍ରତି ରବିବାରରେ ବଲରାମ ବସୁ ମହାଶୟଙ୍କ ଗୃହରେ ହୋଇଥିଲା । କହିବା ବାହୁଲ୍ୟ ଯେ, ସ୍ୱାମୀଜୀ ଯେତେଦିନ ପର୍ଯ୍ୟନ୍ତ ପୁନରାୟ ବିଲାତ ଗମନ କରି ନ ଥିଲେ, ସେତେଦିନ ପର୍ଯ୍ୟନ୍ତ ସୁବିଧାନୁଯାୟୀ ସମିତିର ଅଧିବେଶନରେ ଉପସ୍ଥିତ ରହି କେତେବେଳେ ଉପଦେଶ ଦାନ ଏବଂ କେତେବେଳେ ବା କିନ୍ନର-କଣ୍ଠରେ ଗାନ କରି ଶ୍ରୋତୃବର୍ଗଙ୍କୁ ମୋହିତ କରୁଥିଲେ ।

ସଭାଭଙ୍ଗ ପରେ ସଭ୍ୟମାନେ ଚାଲିଗଲା ଉତ୍ତାରୁ ଯୋଗାନନ୍ଦ ସ୍ୱାମୀଙ୍କୁ ଲକ୍ଷ୍ୟ କରି

ସ୍ୱାମୀଜୀ କହିଲେ, 'ଏ ପ୍ରକାରେ କାର୍ଯ୍ୟ ତ ଆରମ୍ଭ କରାଗଲା; ଏବେ ଦେଖ୍, ଠାକୁରଙ୍କ ଇଚ୍ଛାରେ କେତେଦୂର କ'ଣ ହେଉଛି ।'

ସ୍ୱାମୀ ଯୋଗାନନ୍ଦ : ତୁମର ଏସବୁ ବିଦେଶୀ ଭାବରେ କାର୍ଯ୍ୟ କରାହେଉଛି । ଠାକୁରଙ୍କ ଉପଦେଶ କ'ଣ ଏହିଭଳି ଥିଲା ?

ସ୍ୱାମୀଜୀ କହିଲେ, 'ତୁ କିପରି ଜାଣିଲୁ ଏସବୁ ଠାକୁରଙ୍କ ଭାବ ନୁହେଁ । ଅନନ୍ତ ଭାବମୟ ଠାକୁରଙ୍କୁ ତୁମେ ତୁମ ଗଣ୍ଡି ମଧ୍ୟରେ ବୋଧହୁଏ ବାନ୍ଧି କରି ରଖିବାକୁ ଚାହୁଁଛ ? ମୁଁ ଏ ଗଣ୍ଡି ଭାଙ୍ଗି ତାଙ୍କ ଭାବ ପୃଥିବୀମୟ ବାଣ୍ଟି ଦେଇଯିବି । ଠାକୁର ମୋତେ ତାଙ୍କ ପୂଜା, ପାଠ ପ୍ରବର୍ତ୍ତନ କରିବାକୁ କେବେହେଲେ ଉପଦେଶ ଦେଇ ନାହାନ୍ତି । ସେ ସାଧନ-ଭଜନ, ଧ୍ୟାନ-ଧାରଣା ଓ ଅନ୍ୟାନ୍ୟ ଉଚ୍ଚ ଉଚ୍ଚ ଧର୍ମଭାବ ସମ୍ବନ୍ଧରେ ଯେଉଁସବୁ ଉପଦେଶ ଦେଇ-ଯାଇଛନ୍ତି, ସେଗୁଡ଼ିକୁ ଉପଲବ୍ଧି କରି ଜୀବକୁ ତାହା ଶିକ୍ଷା ଦେବାକୁ ହେବ । ଅନନ୍ତ ମତ, ଅନନ୍ତ ପଥ । ସମ୍ପ୍ରଦାୟ-ପୂର୍ଣ୍ଣ ଜଗତରେ ଆଉ ଗୋଟିଏ ନୂତନ ସମ୍ପ୍ରଦାୟ ଗଠନ କରି-ଯିବାକୁ ମୋର ଜନ୍ମ ହୋଇ ନାହିଁ । ପ୍ରଭୁଙ୍କ ପଦତଳେ ଆଶ୍ରୟ ପାଇ ଆମେମାନେ ଧନ୍ୟ ହୋଇଛୁ । ତ୍ରିଜଗତର ଲୋକଙ୍କୁ ତାଙ୍କ ଭାବସମୂହ ଦେବା ନିମିତ୍ତ ହିଁ ଆମମାନଙ୍କର ଜନ୍ମ ।'

ଯୋଗାନନ୍ଦ ସ୍ୱାମୀ କଥାର ପ୍ରତିବାଦ ନ କରିବାରୁ ସ୍ୱାମୀଜୀ ପୁନରାୟ କହିବାକୁ ଲାଗିଲେ : ପ୍ରଭୁଙ୍କ ଦୟାର ନିଦର୍ଶନ ଭୂୟୋଭୂୟଃ ଏ ଜୀବନରେ ପାଇଅଛି । ସେ ପଛରେ ଠିଆ ହୋଇ ଏସବୁ କାର୍ଯ୍ୟ କରାଇ ନେଉଛନ୍ତି । ଯେତେବେଳେ କ୍ଷୁଧାରେ କାତର ହୋଇ ଗଛମୂଳରେ ପଡ଼ିଥାଏ, ଯେତେବେଳେ କୌପୀନ ମାରିବାକୁ ବସ୍ତ୍ର ନ ଥିଲା, ଯେତେବେଳେ କପର୍ଦ୍ଦକଶୂନ୍ୟ ହୋଇ ପୃଥିବୀଭ୍ରମଣରେ କୃତସଂକଳ୍ପ, ସେତେବେଳେ ମଧ୍ୟ ଠାକୁରଙ୍କ ଦୟାରେ ସର୍ବବିଷୟରେ ସହାୟତା ପାଇଛି । ପୁଣି ଯେତେବେଳେ ଏହି ବିବେକାନନ୍ଦକୁ ଦେଖିବା ପାଇଁ ଚିକାଗୋର ରାସ୍ତାରେ ଠେଲାପେଲା ହୋଇଛି, ଯେଉଁ ସମ୍ମାନର ଶତାଂଶର ଏକାଂଶ ପାଇଲେ ସାଧାରଣ ମନୁଷ୍ୟ ଉନ୍ମାଦ ହୋଇଯାଏ, ଠାକୁରଙ୍କ କୃପାରେ ସେ ତ-ବେଳେ ସେ ସମ୍ମାନକୁ ମଧ୍ୟ ଅକ୍ଳେଶରେ ହଜମ କରିଛି—ପ୍ରଭୁଙ୍କ ଇଚ୍ଛାରେ ସର୍ବତ୍ର ବିଜୟ । ଏଥର ଏ ଦେଶରେ କିଛି କାର୍ଯ୍ୟ କରିଯିବି । ତୁମେମାନେ ସନ୍ଦେହ ଛାଡ଼ି ମୋ କାର୍ଯ୍ୟରେ ସାହାଯ୍ୟ କର, ଦେଖିବ—ତାଙ୍କ ଇଚ୍ଛାରେ ସବୁ ପୂର୍ଣ୍ଣ ହୋଇଯିବ ।

ସ୍ୱାମୀ ଯୋଗାନନ୍ଦ : ତୁମେ ଯାହା ଇଚ୍ଛା କରିବ, ତାହା ହିଁ ହେବ । ଆମେ ତ ଚିରଦିନ ତୁମର ଆଜ୍ଞାନୁବର୍ତ୍ତୀ । ଠାକୁର ଯେ ତୁମ ଭିତର ଦେଇ ଏସବୁ କରୁଛନ୍ତି, ମଝିରେ ମଝିରେ ତାହା ବେଶ୍ ଦେଖିବାକୁ ପାଉଛି । ତେବେ କଅଣ ଜାଣ, ମଝିରେ ମଝିରେ କେମିତି ଖଟକା ଆସେ—ଠାକୁରଙ୍କ କାର୍ଯ୍ୟପ୍ରଣାଳୀ ଅନ୍ୟ ରୂପରେ ଦେଖିଛୁ କି'ନା ! ସେଥିପାଇଁ ମନେହୁଏ ଆମେମାନେ ତାଙ୍କ ଶିକ୍ଷା ଛାଡ଼ି ଅନ୍ୟ ପଥରେ ଚାଲୁ ନାହୁଁ ତ ? ସେଥିପାଇଁ ତୁମକୁ ଅନ୍ୟ ପ୍ରକାର କହେ ଓ ସାବଧାନ କରିଦିଏ ।

ସ୍ୱାମୀଜୀ : କଅଣ ଜାଣ୍, ସାଧାରଣ ଭକ୍ତମାନେ ଠାକୁରଙ୍କୁ ଯେତେ ଟିକିଏ ବୁଝନ୍ତି, ପ୍ରଭୁ ବାସ୍ତବିକ୍ ସେତେ ଟିକିଏ ନୁହନ୍ତି । ସେ ଅନନ୍ତ ଭାବମୟ । ବ୍ରହ୍ମଜ୍ଞାନର ଇୟତ୍ତା ହୋଇ-

ପାରେ, ପ୍ରଭୁଙ୍କ ଅଗମ୍ୟ ଭାବର ଇୟତ୍ତା ନାହିଁ । ତାଙ୍କର କୃପା-କଟାକ୍ଷରେ ଲକ୍ଷ ଲକ୍ଷ ବିବେକାନନ୍ଦ ଏହିକ୍ଷଣି ତିଆରି ହୋଇପାରନ୍ତି । ତେବେ ସେ ତାହା ନ କରି ଇଚ୍ଛା କରି ଏଥର ମୋ ଭିତର ଦେଇ ମୋତେ ଯନ୍ତ୍ର କରି ଏହିପରି କରାଉଛନ୍ତି—ତାହାହେଲେ ମୁଁ କ'ଣ କରିବି କହ ?

—ଏହା କହି ସ୍ୱାମୀଜୀ କାର୍ଯ୍ୟାନ୍ତରେ ଅନ୍ୟତ୍ର ଗଲେ । ସ୍ୱାମୀ ଯୋଗାନନ୍ଦ ଶିଷ୍ୟଙ୍କୁ କହିଲେ, 'ଆହା, ନରେନ୍‌ର ବିଶ୍ୱାସର କଥା ଶୁଣିଲୁ ? କହେ କ'ଣ ନା, ଠାକୁରଙ୍କ କୃପା-କଟାକ୍ଷରେ ଲକ୍ଷେ ବିବେକାନନ୍ଦ ତିଆରି ହୋଇପାରେ । କି ଗୁରୁଭକ୍ତି ! ଆମମାନଙ୍କର ତାହାର ଶତାଂଶର ଏକାଂଶ ଭକ୍ତି ଯଦି ହୁଅନ୍ତା, ତେବେ ଧନ୍ୟ ହୁଅନ୍ତୁ ।

ଶିଷ୍ୟ : ମହାଶୟ ! ସ୍ୱାମୀଜୀଙ୍କ ସମ୍ବନ୍ଧରେ ଠାକୁର କ'ଣ କହୁଥିଲେ ?

ଯୋଗାନନ୍ଦ : ସେ କହୁଥିଲେ, 'ଏପରି ଆଧାର ଏଯୁଗରେ ଜଗତକୁ ଆଉ କେବେ ଆସି ନାହିଁ ।' କେତେବେଳେ କହୁଥିଲେ—'ନରେନ୍ ପୁରୁଷ, ମୁଁ ପ୍ରକୃତି; ନରେନ୍ ମୋର ଶ୍ୱଶୁର ଘର ।' କେତେବେଳେ କହୁଥିଲେ, 'ଅଖଣ୍ଡର ଥାକ' । କେତେବେଳେ କହୁଥିଲେ, 'ଅଖଣ୍ଡର ଘରେ—ଯେଉଁଠାରେ ଦେବଦେବୀସକଳ ମଧ୍ୟ ବ୍ରହ୍ମଠାରୁ ନିଜ ନିଜର ଅସ୍ତିତ୍ୱ ପୃଥକ୍ ରଖିପାରି ନାହାନ୍ତି, ଲୀନ ହୋଇଯାଆନ୍ତି—ସାତ ଜଣ ଋଷିଙ୍କୁ ଆପଣା ଆପଣା ଅସ୍ତିତ୍ୱ ପୃଥକ୍ ରଖି ଧ୍ୟାନରେ ନିମଗ୍ନ ଥିବାର ଦେଖିଛି, ନରେନ୍ ସେହିମାନଙ୍କ ଭିତରୁ ଜଣଙ୍କର ଅଂଶାବତାର ।' କେତେବେଳେ କହନ୍ତି, 'ଜଗତପାଳକ ନାରାୟଣ ନର ଓ ନାରାୟଣ ନାମରେ ଯେଉଁ ଦୁଇ ଋଷିମୂର୍ତ୍ତି ପରିଗ୍ରହ କରି ଜଗତର କଲ୍ୟାଣ ନିମିତ୍ତ ତପସ୍ୟା କରିଥିଲେ—ନରେନ୍ ସେହି ନର-ଋଷିଙ୍କର ଅବତାର ।' କେତେବେଳେ ମଧ୍ୟ କହୁଥିଲେ, 'ଶୁକଦେବଙ୍କ ପରି ତାକୁ ମାୟା ସ୍ପର୍ଶ କରିପାରି ନାହିଁ ।'

ଶିଷ୍ୟ : ଏ କଥାଗୁଡ଼ିକ କ'ଣ ସତ୍ୟ—ନା, ଠାକୁର ଭାବମୁଖରେ ଏକ ଏକ ସମୟରେ ଏକ ଏକ ପ୍ରକାର କଥା କହୁଥିଲେ ?'

ଯୋଗାନନ୍ଦ : ତାଙ୍କ କଥା ସବୁ ସତ୍ୟ । ତାଙ୍କ ଶ୍ରୀମୁଖରୁ ଭ୍ରମରେ ମଧ୍ୟ ମିଥ୍ୟା କଥା ବାହାରୁ ନ ଥିଲା ।

ଶିଷ୍ୟ : ତାହାହେଲେ ସମୟ ସମୟରେ ଏପରି ଭିନ୍ନ ଭିନ୍ନ ପ୍ରକାରରେ କହୁଥିଲେ କାହିଁକି ?

ଯୋଗାନନ୍ଦ : ତୁ ବୁଝିପାରି ନାହୁଁ । ଏହି ସବୁର ସମଷ୍ଟି ପ୍ରକାଶ ବୋଲି କହୁଥିଲେ । ନରେନ୍ ମଧ୍ୟରେ ଋଷିଙ୍କ ବେଦଜ୍ଞାନ, ଶଙ୍କରଙ୍କ ତ୍ୟାଗ, ବୁଦ୍ଧଙ୍କ ହୃଦୟ, ଶୁକଦେବଙ୍କ ମାୟାରାହିତ୍ୟ ଓ ବ୍ରହ୍ମଜ୍ଞାନର ପୂର୍ଣ୍ଣ ବିକାଶ ଏକସଙ୍ଗରେ ରହିଛି, ଦେଖିପାରୁ ନାହୁଁ ? ଠାକୁର ସେଥିପାଇଁ ମଝେ ମଝେ ଏହିପରି ନାନା ଭାବର କଥା କହୁଥିଲେ । ଯାହା କହୁଥିଲେ ସବୁ ସତ୍ୟ ।

ଶିଷ୍ୟ ଶୁଣି ନିର୍ବାକ୍ ହୋଇ ରହିଲା । ଇତିମଧ୍ୟରେ ସ୍ୱାମୀଜୀ ଫେରି ଆସି ଶିଷ୍ୟଙ୍କୁ କହିଲେ, 'ତୁମର ସେଦେଶରେ (ପୂର୍ବବଙ୍ଗରେ) ଠାକୁରଙ୍କ ନାମ ବିଶେଷ ଭାବରେ ଲୋକେ

ଜାଣନ୍ତି କି ?'

ଶିଷ୍ୟ : ଆଜ୍ଞା, ଜଣେ ନାଗ ମହାଶୟ କେବଳ ସେଦେଶରୁ ଠାକୁରଙ୍କ ପାଖକୁ ଆସିଥିଲେ; ତାଙ୍କ ନିକଟରୁ ଶୁଣି ବର୍ତ୍ତମାନ ଅନେକଙ୍କର ଠାକୁରଙ୍କ ବିଷୟ ଜାଣିବାକୁ କୌତୂହଳ ହୋଇଅଛି । କିନ୍ତୁ ଠାକୁର ଯେ ଈଶ୍ୱରାବତାର, ଏକଥା ସେ ଦେଶର ଲୋକମାନେ ବର୍ତ୍ତମାନ ସୁଦ୍ଧା ଜାଣିପାରି ନାହାନ୍ତି । କେହି କେହି ଏହା ଶୁଣିଲେ ମଧ୍ୟ ବିଶ୍ୱାସ କରନ୍ତି ନାହିଁ ।

ସ୍ୱାମୀଜୀ : ସେକଥା ବିଶ୍ୱାସ କରିବା କଅଣ ସହଜ ବ୍ୟାପାର ? ଆମେମାନେ ତାଙ୍କୁ ହାତରେ ଓଲଟେଇ ପାଲଟେଇ ଦେଖିଲୁ, ତାଙ୍କ ନିଜ ମୁହଁରୁ ସେହି କଥା ବାରମ୍ବାର ଶୁଣିଲୁ, ଚବିଶ ଘଣ୍ଟା ତାଙ୍କ ସଙ୍ଗେ ବସବାସ କଲୁଁ, ତଥାପି ଆମମାନଙ୍କର ମଧ୍ୟ ମଝିରେ ମଝିରେ ସନ୍ଦେହ ଆସେ । ଅନ୍ୟ ପରେ କା କଥା !

ଶିଷ୍ୟ : ମହାଶୟ—ଠାକୁର ଯେ ପୂର୍ଣ୍ଣ-ବ୍ରହ୍ମ ଭଗବାନ, ଏକଥା ସେ ଆପଣଙ୍କୁ ନିଜ ମୁଖରେ କେବେ କହିଥିଲେ କି ?

ସ୍ୱାମୀଜୀ : କେତେଥର କହିଛନ୍ତି । ଆମ ସମସ୍ତଙ୍କୁ କହିଛନ୍ତି । ସେ ଯେତେବେଳେ କାଶୀପୁର ବଗିଚାରେ—ଯେତେବେଳେ ଶରୀର ଯିବା ଉପରେ, ସେତେବେଳେ ମୁଁ ତାଙ୍କ ବିଛଣା ପାଖରେ ଦିନେ ମନେ ମନେ ଭାବୁଛି, ଏହି ସମୟରେ ଯଦି କହିପାରି, 'ମୁଁ ଭଗବାନ' ତେବେ ବିଶ୍ୱାସ କରିବି—ତୁମେ ସତ୍ୟ ସତ୍ୟ ଭଗବାନ । ସେତେବେଳେ ଶରୀର ଯିବାର ଦୁଇଦିନ ମାତ୍ର ବାକି । ଠାକୁର ସେତେବେଳେ ହଠାତ୍ ମୋ ଆଡ଼କୁ ଅନାଇଁ କହିଲେ, 'ଯେ ରାମ—ଯେ କୃଷ୍ଣ, ସେ ହିଁ ଇଦାନିଂ ଏ ଶରୀରରେ ରାମକୃଷ୍ଣ—ତୋର ବେଦାନ୍ତ ଦୃଷ୍ଟିରୁ ନୁହେଁ ।' ମୁଁ ଶୁଣି ଅବାକ୍ ହୋଇ ରହିଲି । ପ୍ରଭୁଙ୍କ ଶ୍ରୀମୁଖରୁ ବାରବାର ଶୁଣି ସୁଦ୍ଧା, ଆମମାନଙ୍କର ଏବେ ମଧ୍ୟ ପୂର୍ଣ୍ଣ ବିଶ୍ୱାସ ହେଲା ନାହିଁ—ସନ୍ଦେହ-ନିରାଶାରେ ମନ ମଧ୍ୟେ ମଧ୍ୟେ ଆନ୍ଦୋଳିତ ହୁଏ—ତେଣୁ ଅପରର କଥା ଆଉ କଅଣ କହିବି ? ଆମର ପରି ଦେହବାନ୍ ଜଣେ ବ୍ୟକ୍ତିଙ୍କୁ ଈଶ୍ୱର ବୋଲି ନିର୍ଦ୍ଦେଶ କରିବା ଓ ବିଶ୍ୱାସ କରିବା ଅତି କଠିନ ବିଷୟ । ସିଦ୍ଧ, ବ୍ରହ୍ମଜ୍ଞ—ଇତ୍ୟାଦି ଏସବୁ ଭାବିବା ଚଳେ । ତେଣୁ ଯାହା କିଛି ତାଙ୍କୁ କହି ବା ଭାବ ନା—ମହାପୁରୁଷ କହ, ବ୍ରହ୍ମଜ୍ଞ କହ, ସେଥିରେ କିଛି ଯାଏଆସେ ନାହିଁ; କିନ୍ତୁ ଠାକୁରଙ୍କ ପରି ଏପରି ପୁରୁଷୋତ୍ତମ ଜଗତକୁ ଏହା ପୂର୍ବେ ଆଉ କେବେହେଲେ ଆଗମନ କରି ନାହାନ୍ତି । ସଂସାରରେ ଘୋର ଅନ୍ଧକାର ମଧ୍ୟରେ ବର୍ତ୍ତମାନ ଏହି ମହାପୁରୁଷ ହିଁ ଜ୍ୟୋତିଃସ୍ତମ୍ଭସ୍ୱରୂପ । ଏହାଙ୍କ ଆଲୋକରେ ହିଁ ମନୁଷ୍ୟ ବର୍ତ୍ତମାନ ସଂସାରସମୁଦ୍ରର ପରପାରିକୁ ଚାଲିଯିବ ।

ଶିଷ୍ୟ : ମୋର ମନେହୁଏ, କିଛି ନ ଦେଖିଲେ ନ ଶୁଣିଲେ ଯଥାର୍ଥ ବିଶ୍ୱାସ ହୁଏ ନାହିଁ । ଶୁଣିଛି, ମଥୁରବାବୁ ଠାକୁରଙ୍କ ସମ୍ବନ୍ଧରେ କେତେ କଅଣ ଦେଖିଥିଲେ । ସେଥିପାଇଁ ଠାକୁରଙ୍କ ଉପରେ ତାଙ୍କର ଏତେ ବିଶ୍ୱାସ ହୋଇଥିଲା ।

ସ୍ୱାମୀଜୀ : ଯାହାର ବିଶ୍ୱାସ ହୁଏ ନାହିଁ, ତାହାର ଦେଖିଲେ ବି ବିଶ୍ୱାସ ହୁଏ ନାହିଁ । ମନେକରେ ମସ୍ତିଷ୍କର ଭ୍ରମ, ସ୍ୱପ୍ନ ଇତ୍ୟାଦି । ଦୁର୍ଯ୍ୟୋଧନ ବି ବିଶ୍ୱରୂପ ଦେଖିଥିଲା—

ଅର୍ଜୁନ ବି ଦେଖିଥିଲେ । ଅର୍ଜୁନର ବିଶ୍ୱାସ ହେଲା, ଦୁର୍ଯ୍ୟୋଧନ ତାହାକୁ ଭେଳକିବାଜି ଭାବିଲା । ସେ ନ ବୁଝାଇଲେ କିଛି କହିବାର ବା ବୁଝିବାର କୁ ନାହିଁ । ନ ଦେଖି ନ ଶୁଣି କାହାର ତା ଷୋଳଅଣା ବିଶ୍ୱାସ ହୁଏ; କେହି ବାରବର୍ଷ ସାଧନାରେ ରହି ନାନା ବିଭୂତି ଦେଖିଲେ ମଧ୍ୟ ସନ୍ଦେହରେ ବୁଡ଼ିଥାଏ । ସାରକଥା ହେଉଛି—ତାଙ୍କର କୃପା; ତେବେ ଲାଗି ରହିବାକୁ ହେବ, ତେବେ ଯାଇ ତାଙ୍କର କୃପା ହେବ ।

ଶିଷ୍ୟ : କୃପାର କ'ଣ କୌଣସି ନିୟମ ଅଛି, ଆଜ୍ଞା ?

ସ୍ୱାମୀଜୀ : ହଁ ବି, ନା ବି ।

ଶିଷ୍ୟ : କିପରି ?

ସ୍ୱାମୀଜୀ : ଯେଉଁମାନେ କାୟମନୋବାକ୍ୟରେ ସର୍ବଦା ପବିତ୍ର, ଯେଉଁମାନଙ୍କର ଅନୁରାଗ ପ୍ରବଳ, ଯେଉଁମାନେ ସଦସତ୍ ବିଚାରବାନ୍ ଓ ଧ୍ୟାନ-ଧାରଣାରେ ରତ, ସେହିମାନଙ୍କ ଉପରେ ହିଁ ଭଗବାନଙ୍କ କୃପା ହୁଏ । ତେବେ ପ୍ରକୃତିର ସବୁ ନିୟମର (natural law) ବାହାରେ ସେ କୌଣସି ନୀତିନିୟମର ବଶୀଭୂତ ନୁହନ୍ତି—ଠାକୁରେ ଯେପରି କହୁଥିଲେ, 'ତାଙ୍କର ପିଲା ସ୍ୱଭାବ ।' ସେଥିନିମିତ୍ତ ଦେଖାଯାଏ—କେହି କୋଟି ଜନ୍ମ ଡାକି ଡାକି ମଧ୍ୟ ତାଙ୍କର କୃପା ପାଏ ନାହିଁ । ପୁଣି ଯାହାକୁ ଆମେ ପାପୀ, ତାପୀ ନାସ୍ତିକ କହୁଁ, ତା' ଭିତରେ ସହସା ଚିତ୍-ପ୍ରକାଶ ହୋଇଯାଏ—ତାକୁ ଭଗବାନ ଅଯାଚିତ କୃପା କରି ବସନ୍ତି । ତା'ର ପୂର୍ବଜନ୍ମର ସୁକୃତି ଥିଲା, ଏକଥା କହିପାରୁ; କିନ୍ତୁ ଏ ରହସ୍ୟ ବୁଝିବା କଠିନ । ଠାକୁର କେତେବେଳେ ବା କହୁଥିଲେ—'ତାଙ୍କ ଉପରେ ନିର୍ଭର କର । ଝଡ଼ର ଅଇଁଠାପତ୍ର ହୋଇଯାଅ ।' ପୁଣି କେତେବେଳେ କହୁଥିଲେ, 'ତାଙ୍କ କୃପା-ବାଆ ତ ବହୁଛି, ତୁ ପାଲ ଟେକ ଦେ ନା ।'

ଶିଷ୍ୟ : ମହାଶୟ ' ଏ ତ ମହା କଠିନ କଥା । କୌଣସି ଯୁକ୍ତିର ପ୍ରଶ୍ନ ଯେ ଏଠାରେ ଉଠିପାରେ ନାହିଁ ।

ସ୍ୱାମୀଜୀ : ଯୁକ୍ତିତର୍କର ସୀମା ମାୟାଧିକୃତ ଜଗତରେ, ଦେଶ-କାଳ-ନିମିତ୍ତ ଗଣ୍ଡି ମଧ୍ୟରେ । ସେ ଦେଶକାଳାତୀତ । ତାଙ୍କର law (ନିୟମ) ମଧ୍ୟ ସତ, ପୁଣି ସେ lawର (ନିୟମର) ବାହାରେ, ଏହା ବି ସତ୍ୟ; ପ୍ରକୃତିର ଯାହା କିଛି ନିୟମ ସେ ହିଁ କରିଛନ୍ତି, ହୋଇଛନ୍ତି, ପୁଣି ସେ ସକଳର ବାହାରେ ମଧ୍ୟ ରହିଛନ୍ତି । ସେ ଯାହାକୁ କୃପା କରନ୍ତି, ତକ୍ଷଣାତ୍ ସେ ନିୟମ-ଗଣ୍ଡିର ବାହାରକୁ (beyond law) ଚାଲିଯାଏ । ସେଥିପାଇଁ କୃପାର କୌଣସି condition (ଧରାବନ୍ଧା ନିୟମ) ନାହିଁ । କୃପା ହେଉଛି ତାଙ୍କର ଗୋଟାଏ ଖିଆଲ । ଏହି ଜଗତ ସୃଷ୍ଟି ମଧ୍ୟ ସବୁ ତାଙ୍କ ଖିଆଲ—'ଲୋକବତ୍ତୁ ଲୀଳାକୈବଲ୍ୟଂ ।'* ଯେ ଖିଆଲରେ ଜଗତ ଗଢ଼ି ଭାଙ୍ଗିପାରନ୍ତି, ସେ କ'ଣ ଆଉ କୃପା କରି ମହାପାପୀକୁ ବି ମୁକ୍ତ ଦେଇପାରନ୍ତି ନାହିଁ ? ତେବେ ସେ କାହାକୁ ସାଧନ ଭଜନ କରାଇ ନିଅନ୍ତି ଓ କାହାକୁ କରାନ୍ତି ନାହିଁ, ତାହା ମଧ୍ୟ ତାଙ୍କ ଖିଆଲ—ତାଙ୍କ ଇଚ୍ଛା ।

---

* ବେଦାନ୍ତସୂତ୍ର (୨।୧।୩୩)

ଶିଷ୍ୟ : ଆଜ୍ଞା, ବୁଝିପାରିଲି ନାହିଁ ।

ସ୍ୱାମୀଜୀ : ବୁଝି ଆଉ କ'ଣ ହେବ ? ଯେତେଟା ପାରୁ ତାଙ୍କଠାରେ ମନ ଲଗେଇ ରହ । ତାହାହେଲେ ଏହି ଜଗତ-ଭେଳିକି ଆପେ ଆପେ ଭାଙ୍ଗିଯିବ । ତେବେ ଲାଗି ରହିବାକୁ ହେବ । କାମ-କାଞ୍ଚନ ଆଡ଼ୁ ମନ ଘୁରେଇ ନେବାକୁ ହେବ, ସଦ୍‌ସତ୍ ବିଚାର ସର୍ବଦା କରିବାକୁ ହେବ; 'ମୁଁ ଦେହ ନୁହେଁ'—ଏହିପରି ବିଦେହ-ଭାବରେ ଅବସ୍ଥାନ କରିବାକୁ ହେବ । 'ମୁଁ ସର୍ବଗ ଆତ୍ମା'—ଏଇଟି ଅନୁଭବ କରିବାକୁ ହେବ । ଏହିପରି ଲାଗି ରହିବାର ନାମ ହେଉଛି ପୁରୁଷକାର । ଏହିରୂପେ ପୁରୁଷକାରର ସହାୟତାରେ ତାଙ୍କଠାରେ ନିର୍ଭରତା ଆସିବ—ତାହା ହିଁ ହେଲା ପରମପୁରୁଷାର୍ଥ ।

ସ୍ୱାମୀଜୀ ପୁଣି କହିବାକୁ ଲାଗିଲେ : 'ତାଙ୍କ କୃପା ତୁମ ଉପରେ ନ ଥିଲେ ତୁମେ ଏଠାକୁ ଆସିବ କାହିଁକି ? ଠାକୁର କହନ୍ତି, 'ଯାହାଙ୍କ ପ୍ରତି ଈଶ୍ୱରଙ୍କ କୃପା ହୋଇଛି, ସେମାନେ ଏଠାକୁ ଆସିବେ ହିଁ ଆସିବେ; ଯେଉଁଠାରେ ଥାଆନ୍ତୁ ବା ଯାହା କରନ୍ତୁ ନା କାହିଁକି, ଏଠାକାର କଥାରେ, ଏଠାକାର ଭାବରେ ସେ ଅଭିଭୂତ ହେବ ହିଁ ହେବ ।' ତୋର କଥା ଭାବି ଦେଖୁ ନା; ଯେ କୃପାବଳରେ ସିଦ୍ଧ—ଯେ ପ୍ରଭୁଙ୍କ କୃପା ସମ୍ୟକ୍ ବୁଝିଛନ୍ତି, ସେହି ନାଗ-ମହାଶୟଙ୍କ ସଙ୍ଗ ଲାଭ କ'ଣ ଈଶ୍ୱରଙ୍କ କୃପା ଭିନ୍ନ ହୁଏ ? 'ଅନେକ ଜନ୍ମସଂସିଦ୍ଧସ୍ତତୋ ଯାତି ପରାଂ ଗତିମ୍'*—ଜନ୍ମଜନ୍ମାନ୍ତରର ସୁକୃତି ଥିଲେ ଏପରି ମହାପୁରୁଷଙ୍କର ଦର୍ଶନଲାଭ ହୁଏ । ଶାସ୍ତ୍ରରେ ଉତ୍ତମା ଭକ୍ତିର ଯେଉଁ ସବୁ ଲକ୍ଷଣ ଦେଖାଯାଏ, ନାଗ-ମହାଶୟଙ୍କଠାରେ ସେଗୁଡ଼ିକ ସବୁ ଫୁଟି ବାହାରିଛି । ଏଇ ଯେ କହନ୍ତି, 'ତୃଣାଦପି ସୁନୀଚେନ୍'** ତାହା ଏକମାତ୍ର ନାଗ-ମହାଶୟଙ୍କଠାରେ ହିଁ ପ୍ରତ୍ୟକ୍ଷ କରାଗଲା । ତୁମର ବାଙ୍ଗାଲ ଦେଶ ଧନ୍ୟ, ନାଗ-ମହାଶୟଙ୍କ ପାଦସ୍ପର୍ଶରେ ପବିତ୍ର ହୋଇଯାଇଛି ।

କହୁ କହୁ ସ୍ୱାମୀଜୀ ମହାକବି ଶ୍ରୀଯୁକ୍ତ ଗିରିଶ ଚନ୍ଦ୍ର ଘୋଷଙ୍କ ଘରକୁ ବୁଲିଯିବାକୁ ବାହାରିଲେ । ସଙ୍ଗରେ ସ୍ୱାମୀ ଯୋଗାନନ୍ଦ ଓ ଶିଷ୍ୟ । ଗିରିଶବାବୁଙ୍କ ଘରେ ପହଞ୍ଚି ଉପବେଶନ କରି ସ୍ୱାମୀଜୀ କହିବାକୁ ଲାଗିଲେ : ଜି. ସି., ମନରେ ଆଜିକାଲି କେବଳ ଉଠୁଛି—ଏଇଟା କରେ, ସେଇଟା କରେ, ତାଙ୍କ କଥା ଜଗତରେ ବାଣ୍ଟିଦିଏ ଇତ୍ୟାଦି । ପୁଣି ଭାବେ—ଏଥିରେ ଯଦି ଭାରତରେ ଆଉ ଗୋଟିଏ ସମ୍ପ୍ରଦାୟର ସୃଷ୍ଟି ହୋଇଯାଏ—ସେଥିପାଇଁ ଅନେକ ସମ୍ଭାଳି ଚାଲିବାକୁ ପଡେ । କେତେବେଳେ ମଧ୍ୟ ଭାବେ—ସମ୍ପ୍ରଦାୟ ହେଉ । ପୁଣି ଭାବେ—ନା, ସେ କାହାର ଭାବ କଦାପି ନଷ୍ଟ କରି ନାହାନ୍ତି; ସମଦର୍ଶିତା ହିଁ ତାଙ୍କର ଭାବ । ଏହା ଭାବି ମନର ଭାବ ଅନେକ ସମୟରେ ଚାପି ରଖି ଚାଲେ । ତୁମେ କ'ଣ କହୁଛ ?

ଗିରିଶବାବୁ : ମୁଁ ଆଉ କ'ଣ କହିବି ? ତୁମେ ତାଙ୍କ ହାତର ଯନ୍ତ୍ର । ଯାହା କରାଇବେ, ତାହା ହିଁ ତୁମକୁ କରିବାକୁ ହେବ । ମୁଁ ଏତିକି କଥା ବୁଝେ ନା । ମୁଁ ଦେଖୁଛି

---

* ଗୀତା, ୬।୪୫

** ଶିକ୍ଷାଷ୍ଟକମ୍—ଶ୍ରୀଶ୍ରୀଚୈତନ୍ୟଚରିତାମୃତ

ପ୍ରଭୁଙ୍କ ଶକ୍ତି ତୁମକୁ ଦେଇ କାମ କରାଇ ନେଉଛନ୍ତି । ଖାଲି ଆଖିରେ ଦେଖୁଛୁ ।

ସ୍ୱାମୀଜୀ : ମୁଁ ଦେଖୁଛି, ଆମେ ନିଜ ଖିଆଲରେ କାମ କରିଯାଉଛୁଁ । ତେବେ ବିପଦରେ, ଆପଦରେ, ଅଭାବରେ, ଦାରିଦ୍ର୍ୟରେ ସେ ଦେଖା ଦେଇ ଉପଯୁକ୍ତ ପଥରେ ଚଳାଇ ନିଅନ୍ତି, guide (ପରିଚାଳନା) କରନ୍ତି ଏହା ଦେଖିବାକୁ ପାଇଛି । କିନ୍ତୁ ପ୍ରଭୁଙ୍କ ଶକ୍ତିର କିଛିମାତ୍ର ଇୟତ୍ତା କରିପାରିଲି ନାହିଁ ।

ଗିରିଶବାବୁ : ସେ କହିଥିଲେ, 'ସବୁ ବୁଝିଲେ ବର୍ତ୍ତମାନ ହିଁ ସବୁ ଫାଙ୍କା ହୋଇଯିବ । କିଏ କରିବ, କାହାକୁ ଦେଇ ବା କରେଇବ ?'

ଏହିପରି କଥାବାର୍ତ୍ତା ପରେ ଆମେରିକା ପ୍ରସଙ୍ଗ ଉତ୍ଥାପିତ ହେଲା । ଗିରିଶ ବାବୁ ଯେପରି ଇଚ୍ଛା କରି ସ୍ୱାମୀଜୀଙ୍କ ମନ ପ୍ରସଙ୍ଗାନ୍ତରକୁ ଫେରାଇଦେଲେ । ଏପରି କରିବାର କାରଣ ପଚ୍ଚରିବାରୁ ଗିରିଶବାବୁ ଅନ୍ୟ ସମୟରେ ଆମମାନଙ୍କୁ କହିଥିଲେ, 'ଠାକୁରଙ୍କ ଶ୍ରୀମୁଖରୁ ଶୁଣିଛି—ଏହିପରି କଥା ବେଶୀ କହୁ କହୁ ସ୍ୱାମୀଜୀଙ୍କର ସଂସାରବୈରାଗ୍ୟ ଓ ଈଶ୍ୱରୋଦ୍ଦୀପନା ହୋଇ ଯଦି ଥରେ ସ୍ୱ-ସ୍ୱରୂପର ଦର୍ଶନ ହୁଏ—ସେ ଯେ କିଏ, ଏକଥା ଜାଣିପାରନ୍ତି, ତେବେ ଆଉ ଏକ ମୁହୂର୍ତ୍ତ ବି ତାଙ୍କ ଦେହ ରହିବ ନାହିଁ । ସେହିପରି ଦେଖିଛି—ସ୍ୱାମୀଜୀଙ୍କର ସନ୍ନ୍ୟାସୀ ଗୁରୁଭାଇମାନେ ମଧ୍ୟ ସେ ଠାକୁରଙ୍କ କଥାବାର୍ତ୍ତା ସର୍ବଦା କହିବାକୁ ଆରମ୍ଭ କଲେ ପ୍ରସଙ୍ଗାନ୍ତରରେ ସ୍ୱାମୀଜୀଙ୍କ ମନୋନିବେଶ କରାନ୍ତି । ସେ ଯାହା ହେଉ, ଆମେରିକାର ପ୍ରସଙ୍ଗ କରୁ କରୁ ସ୍ୱାମୀଜୀ ସେଇଥିରେ ମାତିଗଲେ । ସେ-ଦେଶର ସମୃଦ୍ଧି, ସ୍ତ୍ରୀ-ପୁରୁଷଙ୍କର ଗୁଣାଗୁଣ, ଭୋଗବିଳାସ ଇତ୍ୟାଦି ନାନା କଥା ବର୍ଣ୍ଣନା କରିବାକୁ ଲାଗିଲେ ।

# ୧୦

ସ୍ଥାନ—କଲିକତା, ବାଗ୍‌ବଜାର
କାଳ—ଜାନୁଆରି, ୧୮୯୮

କିଛିଦିନ ହେଲା ସ୍ୱାମୀଜୀ ବାଗ୍‌ବଜାରରେ ବଲରାମ ବସୁଙ୍କ ଗୃହରେ ଅବସ୍ଥାନ କରୁଅଛନ୍ତି । ପ୍ରାତଃକାଳରେ, ଦ୍ୱିପ୍ରହରେ ବା ସନ୍ଧ୍ୟାରେ ତାଙ୍କର କଣ୍ଟମାତ୍ର ବିରାମ ନାହିଁ; କାରଣ ବହୁ ଉତ୍ସାହୀ ଯୁବକ, କଲେଜର ବହୁ ଛାତ୍ର—ସେ ବର୍ତ୍ତମାନ ଯେଉଁଠାରେ ରହିଲେ ନା କାହିଁକି—ତାଙ୍କୁ ଦର୍ଶନ କରିବାକୁ ଆସନ୍ତି । ସ୍ୱାମୀଜୀ ସମସ୍ତଙ୍କୁ ସାଦରରେ ଧର୍ମ ଓ ଦର୍ଶନର ଜଟିଳ ତତ୍ତ୍ୱଗୁଡ଼ିକ ସହଜ ଭାଷାରେ ବୁଝାଇ ଦିଅନ୍ତି; ସ୍ୱାମୀଜୀଙ୍କ ପ୍ରତିଭା ନିକଟରେ ସେମାନେ ସମସ୍ତେ ଯେପରି ଅଭିଭୂତ ହୋଇ ନୀରବରେ ଅବସ୍ଥାନ କରନ୍ତି ।

ଆଜି ସୂର୍ଯ୍ୟଗ୍ରହଣ—ସର୍ବଗ୍ରାସୀ ଗ୍ରହଣ । ଜ୍ୟୋତିର୍ବିଦ୍‌ମାନେ ମଧ୍ୟ ଗ୍ରହଣ ଦେଖିବାକୁ

ନାନା ସ୍ଥାନକୁ ଯାଇଛନ୍ତି । ଧର୍ମପିପାସୁ ନରନାରୀଗଣ ଗଙ୍ଗାସ୍ନାନ କରିବାକୁ ବହୁ ଦୂରରୁ ଆସି ଉତ୍ସୁକ ହୋଇ ଗ୍ରହଣ ବେଳାକୁ ପ୍ରତୀକ୍ଷା କରୁଛନ୍ତି । ସ୍ୱାମୀଜୀଙ୍କର କିନ୍ତୁ ଗ୍ରହଣ ସମ୍ବନ୍ଧରେ ବିଶେଷ କୌଣସି ଉତ୍ସାହ ନାହିଁ । ଶିଷ୍ୟ ଆଜି ସ୍ୱାମୀଜୀଙ୍କୁ ନିଜ ହସ୍ତରେ ରନ୍ଧନ କରି ଖୁଆଇବ— ସ୍ୱାମୀଜୀଙ୍କର ଆଦେଶ । ମାଛ, ପରିବା ଓ ରନ୍ଧନର ଉପଯୋଗୀ ଅନ୍ୟାନ୍ୟ ଦ୍ରବ୍ୟାଦି ନେଇ ଅନ୍ଦାଜ ୮ଟାରେ ଶିଷ୍ୟ ବଲରାମ ବାବୁଙ୍କ ଘରେ ଉପସ୍ଥିତ ହୋଇଛି । ତାକୁ ଦେଖି ସ୍ୱାମୀଜୀ କହିଲେ, 'ତୁମ ଦେଶ ପରି ରାନ୍ଧିବାକୁ ହେବ; ଆଉ ଗ୍ରହଣ ପୂର୍ବରୁ ଖିଆପିଆ ଶେଷ ହେବା ଆବଶ୍ୟକ ।'

ବଲରାମ ବାବୁଙ୍କ ଘରେ ସ୍ତ୍ରୀପିଲମାନେ କେହି ସେତେବେଳେ କଲିକତାରେ ନ ଥିଲେ, ସୁତରାଂ ଘର ଏକାବେଳକେ ଖାଲି । ଶିଷ୍ୟ ଘର ଭିତରେ ରୋଷେଇଶାଳକୁ ଯାଇ ରନ୍ଧନ ଆରମ୍ଭ କଲା । ଶ୍ରୀରାମକୃଷ୍ଣଗତପ୍ରାଣା ଯୋଗୀନ-ମା ନିକଟରେ ଠିଆ ହୋଇ ଶିଷ୍ୟକୁ ରନ୍ଧନ ସମ୍ବନ୍ଧୀୟ ସବୁ ଜିନିଷ ଯୋଗାଇ ଦେବାକୁ ଓ ସମୟ ସମୟରେ ଦେଖାଇ ଦେଇ ସାହାଯ୍ୟ କରିବାକୁ ଲଗିଲେ ଏବଂ ସ୍ୱାମୀଜୀ ମଝିରେ ମଝିରେ ଭିତରକୁ ଆସି ରାନ୍ଧଣା ଦେଖି ତାକୁ ଉତ୍ସାହିତ କରିବାକୁ ଲଗିଲେ; ପୁଣି କେତେବେଳେ ବା 'ଦେଖ, ମାଛର 'ଜୁଲ୍' ଯେପରି ଠିକ୍ ବାଙ୍ଗାଲ-ଦେଶୀ ଧରଣର ହୁଏ' କହି ପରିହାସ କରିବାକୁ ଲଗିଲେ ।

ଭାତ, ମୁଗଡାଲି, କଇମାଛର ଝୋଳ, ମାଛର ଖଟା ଓ ମାଛର ସୁକ୍ତ ରାନ୍ଧଣା ପ୍ରାୟ ଶେଷ ହେଲାଣି; ଏପରି ସମୟରେ ସ୍ୱାମୀଜୀ ସ୍ନାନ କରି ଆସି ନିଜେ ପତ୍ର ପକାଇ ଖାଇବାକୁ ବସିଲେ । ଏବେ ବି ରୋଷେଇର କିଛି ବାକି ଅଛି; କହିଲେ ମଧ୍ୟ ଶୁଣିଲେ ନାହିଁ, ଅଝଟିଆ ପିଲ ପରି କହିଲେ, 'ଯାହା ହୋଇଛି ତକ୍ଷଣ ନେଇଆ, ମୁଁ ଆଉ ବସିପାରୁ ନାହିଁ, ଭୋକରେ ପେଟ ପୋଡ଼ିଯାଉଛି ।'

ଶିଷ୍ୟ ବାଧ୍ୟ ହୋଇ ତରବରରେ ଆଗେ ସ୍ୱାମୀଜୀଙ୍କୁ ମାଛର ସୁକ୍ତ ଓ ଭାତ ଦେଇଗଲା । ସ୍ୱାମୀଜୀ ମଧ୍ୟ ତତ୍କ୍ଷଣାତ୍ ଖାଇବାକୁ ଆରମ୍ଭ କଲେ । ଅନନ୍ତର ଶିଷ୍ୟ ତାଟିଆରେ ସ୍ୱାମୀଜୀଙ୍କୁ ଅନ୍ୟ ସବୁ ତରକାରି ଆଣି ଦେବା ପରେ ଯୋଗାନନ୍ଦ, ପ୍ରେମାନନ୍ଦ ପ୍ରମୁଖ ଅନ୍ୟାନ୍ୟ ସନ୍ନ୍ୟାସୀ ମହାରାଜମାନଙ୍କୁ ଅନ୍ନ-ବ୍ୟଞ୍ଜନ ପରିବେଷଣ କରିବାକୁ ଲଗିଲା । ଶିଷ୍ୟ କୌଣସିକାଳେ ରନ୍ଧନରେ ପଟୁ ନ ଥିଲା; କିନ୍ତୁ ସ୍ୱାମୀଜୀ ଆଜି ତା'ର ରନ୍ଧନର ଭୂୟସୀ ପ୍ରଶଂସା କରିବାକୁ ଲଗିଲେ । କଲିକତାର ଲୋକେ ମାଛର ସୁକ୍ତ ନାମରେ ଖୁବ୍ ଥଟ୍ଟାତାମସା କରନ୍ତି, କିନ୍ତୁ ସେ ସେହି ସୁକ୍ତ ଖାଇ ଖୁସି ହୋଇ କହିଲେ, 'ଏପରି କେବେ ହେଁ ଖାଇ ନାହିଁ । କିନ୍ତୁ ମାଛର 'ଜୁଲ୍' ଟା ଯେପରି ଝାଗ ହୋଇଛି, ଏପରି ଆଉ କୌଣସିଟା ହିଁ ହୋଇ ନାହିଁ ।' ମାଛ ଖଟା ଖାଇ ସ୍ୱାମୀଜୀ କହିଲେ, 'ଏଇଟା ଯେପରି ବର୍ଦ୍ଧମାନୀ ଧରଣର ହୋଇଛି ।' ଅନନ୍ତର ଦହି, ସନ୍ଦେଶ ଗ୍ରହଣ କରି ସ୍ୱାମୀଜୀ ଭୋଜନ ଶେଷ କଲେ ଏବଂ ମୁହଁହାତ ଧୋଇ ଘର ଭିତରେ ଖଟ ଉପରେ ଉପବେଶନ କଲେ । ଶିଷ୍ୟ ସ୍ୱାମୀଜୀଙ୍କ ସମ୍ମୁଖରେ ବାରଣ୍ଡାରେ ପ୍ରସାଦ ପାଇବାକୁ ବସିଲା । ସ୍ୱାମୀଜୀ ଗୁଡ଼ାଖୁ ଟାଣୁ ଟାଣୁ କହିଲେ, 'ଯେ ଭଲ ରାନ୍ଧିପାରେ ନାହିଁ, ସେ ଭଲ ସାଧୁ ହୋଇପାରେ ନାହିଁ—ମନ ଶୁଦ୍ଧ ନ ହେଲେ ଭଲ ସୁସ୍ୱାଦୁ ରନ୍ଧନ

ହୁଏ ନାହିଁ ।'

କିଛି ସମୟ ପରେ ଘରଆଡ଼େ ଶଙ୍ଖ, ଘଣ୍ଟା ବାଜି ଉଠିଲା ଏବଂ ନାରୀକଣ୍ଠର ହୁଳହୁଳିଧ୍ୱନି ଶୁଣାଯିବାକୁ ଲାଗିଲା । ସ୍ୱାମୀଜୀ କହିଲେ, 'ଆରେ ଗ୍ରହଣ ଲାଗିଛି--ମୁଁ ଶୁଏ, ତୁ ମୋର ଗୋଡ଼ ଚିପି ଦେ ।' ଏହା କହି ଟିକିଏ ତନ୍ଦ୍ରା ଅନୁଭବ କରିବାକୁ ଲାଗିଲେ । ଶିଷ୍ୟ ମଧ୍ୟ ତାଙ୍କ ପଦସେବା କରୁ କରୁ ଭାବିଲା, 'ଏହି ପୁଣ୍ୟ ସମୟରେ ଗୁରୁପଦ-ସେବା ହିଁ ମୋର ଗଙ୍ଗାସ୍ନାନ ଓ ଜପ ।' ଏହା ଭାବି ଶାନ୍ତ ମନରେ ସ୍ୱାମୀଜୀଙ୍କ ପଦସେବା କରିବାକୁ ଲାଗିଲା । ଗ୍ରହଣରେ (୧୮୯୮ ଜାନୁଆରି ୨୨ ତାରିଖ) ସର୍ବଗ୍ରାସ ହୋଇ କ୍ରମେ ଚାରିଆଡ଼ ସନ୍ଧ୍ୟାକାଳ ପରି ତମସାଚ୍ଛନ୍ନ ହୋଇଗଲା ।

ଗ୍ରହଣ ଛାଡ଼ିବାକୁ ଆଉ ୧୫।୨୦ ମିନିଟ ବାକି ଅଛି, ସେତେବେଳେ ସ୍ୱାମୀଜୀ ଉଠି ମୁହଁ ହାତ ଧୋଇ ତମାଖୁ ଟାଣୁ ଟାଣୁ ଶିଷ୍ୟକୁ ପରିହାସ ଛଳରେ କହିଲେ, 'ଲୋକେ କହନ୍ତି, ଗ୍ରହଣ ସମୟରେ ଯେ ଯାହା କରେ, ସେ ତାହାକୁ ସୁଦ୍ଧା କୋଟି ଗୁଣରେ ପାଏ; ସେଥିପାଇଁ ଭାବିଲି ମହାମାୟା ଏ ଶରୀରରେ-ସୁନିଦ୍ରା ଦେଇ ନାହାନ୍ତି, ଯଦି ଏହି ସମୟରେ ଟିକିଏ ଶୋଇପାରେ ତେବେ ଏହାପରେ ଭଲ ନିଦ୍ରା ହେବ; କିନ୍ତୁ ତାହା ହେଲା ନାହିଁ, ଖୁବ୍ ବେଶୀ ୧୫ ମିନିଟ ନିଦ ହୋଇଛି ।'

ଅନନ୍ତର ସମସ୍ତେ ସ୍ୱାମୀଜୀଙ୍କ ନିକଟକୁ ଆସି ବସିଲେ ଉତ୍ତାରୁ ସ୍ୱାମୀଜୀ ଶିଷ୍ୟକୁ ଉପନିଷଦ୍ ସମ୍ବନ୍ଧରେ କିଛି କହିବାକୁ ଆଦେଶ କଲେ । ଶିଷ୍ୟ ଇତିପୂର୍ବେ କେବେ ହେଲେ ସ୍ୱାମୀଜୀଙ୍କ ସମକ୍ଷରେ ବକ୍ତୃତା ଦେଇ ନାହିଁ । ତାହାର ଛାତି ଦୁଲ୍ ଦୁଲ୍ ହେବାକୁ ଲାଗିଲା । ସ୍ୱାମୀଜୀ ଛାଡ଼ିବାର ପାତ୍ର ନୁହନ୍ତି । ସୁତରାଂ ଶିଷ୍ୟ ଉଠି 'ପରାଞ୍ଚି ଖାନି ବ୍ୟତୃଣତ୍ ସ୍ୱୟମ୍ଭୂଃ' ମନ୍ତ୍ରଟିର ବ୍ୟାଖ୍ୟା କରିବାକୁ ଲାଗିଲା । ପରେ 'ଗୁରୁଭକ୍ତି' ଓ 'ତ୍ୟାଗ'ର ମହିମା ବର୍ଣ୍ଣନା କରି ବ୍ରହ୍ମଜ୍ଞାନ ଯେ ପରମ ପୁରୁଷାର୍ଥ, ଏହା ମୀମାଂସା କରି ବସି ପଡ଼ିଲା । ସ୍ୱାମୀଜୀ ପୁନଃପୁନଃ କରତାଳି ଦ୍ୱାରା ଶିଷ୍ୟର ଉତ୍ସାହ ବର୍ଦ୍ଧନାର୍ଥେ କହିବାକୁ ଲାଗିଲେ, 'ଆହା, ସୁନ୍ଦର କହିଛୁ ।'

ତତ୍ପରେ ଶୁଦ୍ଧାନନ୍ଦ, ପ୍ରକାଶାନନ୍ଦ ପ୍ରଭୃତି କେତେଜଣ ଶିଷ୍ୟଙ୍କୁ ସ୍ୱାମୀଜୀ କିଛି କହିବାକୁ ଆଦେଶ କଲେ । ସ୍ୱାମୀ ଶୁଦ୍ଧାନନ୍ଦ ଓଜସ୍ୱିନୀ ଭାଷାରେ 'ଧ୍ୟାନ' ସମ୍ବନ୍ଧରେ ଗୋଟିଏ ନାତିଦୀର୍ଘ ବକ୍ତୃତା ଦେଲେ । ଅନନ୍ତର ସ୍ୱାମୀ ପ୍ରକାଶାନନ୍ଦ ପ୍ରଭୃତି ମଧ୍ୟ ଏହିପରି କଲାପରେ ସ୍ୱାମୀଜୀ ଉଠି ବାହାର ବୈଠକଖାନାକୁ ଆଗମନ କଲେ । ସେତେବେଳେ ବି ସନ୍ଧ୍ୟା ହେବାକୁ ଏକ ଘଣ୍ଟା ବାକି ଅଛି । ସମସ୍ତେ ସେହି ସ୍ଥାନକୁ ଆସିଲେ । ସ୍ୱାମୀଜୀ କହିଲେ, 'ତୁମର କାହାର କଅଣ ପଚାରିବାର ଅଛି ପଚାର ।'

ଶୁଦ୍ଧାନନ୍ଦ ପଚାରିଲେ, 'ମହାଶୟ ! ଧ୍ୟାନର ସ୍ୱରୂପ କଅଣ ?'

ସ୍ୱାମୀଜୀ : କୌଣସି ବିଷୟରେ ମନର କେନ୍ଦ୍ରୀକରଣ ହିଁ ଧ୍ୟାନ । ଗୋଟିଏ ବିଷୟରେ ମନକୁ ଏକାଗ୍ର କରିଇ ପାରିଲେ ସେହି ମନକୁ ଯେକୌଣସି ବିଷୟରେ ହେଉନା କାହିଁକି ଏକାଗ୍ର କରାଯାଇପାରେ ।

ଶିଷ୍ୟ : ଶାସ୍ତ୍ରରେ ସବିଷୟ ଓ ନିର୍ବିଷୟ ଭେଦରେ ଯେଉଁ ଦ୍ୱିବିଧ ଭାବର ଧ୍ୟାନ ଦୃଷ୍ଟ

ହୁଏ, ତାହାର ଅର୍ଥ କଅଣ ଏବଂ ତାହା ମଧ୍ୟରେ କେଉଁଟି ବଡ଼ ?

ସ୍ୱାମୀଜୀ : ପ୍ରଥମେ କୌଣସି ଗୋଟିଏ ବିଷୟ ନେଇ ଧ୍ୟାନ ଅଭ୍ୟାସ କରିବାକୁ ହୁଏ । ଏକ ସମୟରେ ମୁଁ ଗୋଟିଏ କଳା ବିନ୍ଦୁରେ ମନଃସଂଯମ କରୁଥିଲି । ସେହି ସମୟରେ ଶେଷରେ ଆଉ ବିନ୍ଦୁଟାକୁ ଦେଖିବାକୁ ପାଉ ନଥିଲି ବା ସାମନାରେ ଯେ ରହିଛି ତାହା ବୁଝିପାରୁ ନ ଥିଲି । ମନ ନିରୋଧ ହୋଇଯାଉଥିଲା—କୌଣସି ବୃତ୍ତିର ତରଙ୍ଗ ଉଠୁ ନ ଥିଲା—ଯେପରି ନିବାତ ସାଗର । ସେହି ଅବସ୍ଥାରେ ଅତୀନ୍ଦ୍ରିୟ ସତ୍ୟର ଛାୟା କିଛି କିଛି ଦେଖିବାକୁ ପାଉଥିଲି । ସେଥିପାଇଁ ମନେହୁଏ, ଯେକୌଣସି ସାମାନ୍ୟ ବାହ୍ୟ ବିଷୟ ଉପରେ ଧ୍ୟାନ ଅଭ୍ୟାସ କଲେ ମଧ୍ୟ ମନ ଏକାଗ୍ର ବା ଧ୍ୟାନସ୍ଥ ହୁଏ । ତେବେ ଯହିଁରେ ଯାହାର ମନ ଲାଗେ, ତାହା ଧରି ଧ୍ୟାନ ଅଭ୍ୟାସ କଲେ ମନ ଶୀଘ୍ର ସ୍ଥିର ହୋଇଯାଏ । ସେଥିପାଇଁ ଏ ଦେଶରେ ଏତେ ଦେବଦେବୀ-ମୂର୍ତ୍ତିର ପୂଜା । ଏହି ଦେବଦେବୀଙ୍କର ପୂଜାରୁ କିପରି ପୁଣି art develop (ଶିଳ୍ପର ଉତ୍ଥାନ) ହୋଇଥିଲା ବର୍ତ୍ତମାନ ସେକଥା ଥାଉ । ବର୍ତ୍ତମାନ କଥା ହେଉଛି, ଧ୍ୟାନର ବହିରାଲମ୍ବନ ସମସ୍ତଙ୍କର ସମାନ ବା ଏକ ହୋଇ ନ ପାରେ । ଯେ ଯେଉଁ ବିଷୟ ଉପରେ ଧ୍ୟାନ-ସିଦ୍ଧ ହୋଇଯାଇଛନ୍ତି, ସେ ସେହି ବହିରାଲମ୍ବନର ହିଁ କୀର୍ତ୍ତନ ଓ ପ୍ରଚାର କରିଯାଇଛନ୍ତି । ତା'ପରେ କାଳକ୍ରମେ ତହିଁରେ ମନ ସ୍ଥିର କରିବାକୁ ହେବ, ଏକଥା ଭୁଲିଯିବା ହେତୁ ସେହି ବହିରାଲମ୍ବନ ହିଁ ବଡ଼ ହୋଇ ଠିଆ ହୋଇଛି । ଉପାୟ (means) ନେଇ ଲୋକେ ବ୍ୟସ୍ତ ହୋଇପଡ଼ିଛନ୍ତି, ଉଦ୍ଦେଶ୍ୟ (end) ଆଡ଼କୁ ଲକ୍ଷ୍ୟ କମିଯାଉଛି । ଉଦ୍ଦେଶ୍ୟ ହେଉଛି ମନକୁ ବୃତ୍ତିଶୂନ୍ୟ କରିବା—ତାହା କିନ୍ତୁ କୌଣସି ବିଷୟରେ ତନ୍ମୟ ନ ହେଲେ ହେବାର କୁ ନାହିଁ ।

ଶିଷ୍ୟ : ମନୋବୃତ୍ତି ବିଷୟାକାର ହେଲେ ତହିଁରେ ପୁଣି ବ୍ରହ୍ମର ଧାରଣା କି ରୂପେ ହୋଇପାରେ ?

ସ୍ୱାମୀଜୀ : ବୃତ୍ତି ପ୍ରଥମତଃ ବିଷୟାକାର ସତ, କିନ୍ତୁ ବ୍ରହ୍ମ ବିଷୟରେ ଜ୍ଞାନ ନ ଥାଏ । ସେତେବେଳେ ଶୁଦ୍ଧ 'ଅସ୍ତି' ଏତିକ ମାତ୍ର ବୋଧ ଥାଏ ।

ଶିଷ୍ୟ : ମହାଶୟ ମନର ଏକାଗ୍ରତା ହେଲେ ମଧ୍ୟ କାମନା ବାସନା ଉଠେ କାହିଁକି ?

ସ୍ୱାମୀଜୀ : ସେସବୁ ପୂର୍ବର ସଂସ୍କାରରୁ ହୁଏ । ବୁଦ୍ଧଦେବ ଯେତେବେଳେ ସମାଧିସ୍ଥ ହେବାକୁ ଯାଉଛନ୍ତି, ସେତେବେଳେ 'ମାର'ର ଅଭ୍ୟୁଦୟ ହେଲା । 'ମାର' ବୋଲି ଗୋଟାଏ କିଛି ବାହାରେ ନ ଥିଲା, ମନର ପ୍ରାକ୍ ସଂସ୍କାରରୁ ହିଁ ଛାୟା ରୂପେ ବାହାରେ ପ୍ରକାଶିତ ହୋଇଥିଲା ।

ଶିଷ୍ୟ : ତେବେ ଯେ ଶୁଣାଯାଏ, ସିଦ୍ଧ ହେବା ପୂର୍ବେ ନାନା ବିଭୀଷିକା ଦେଖାଯାଏ, ତାହା କ'ଣ ମନ-କଳ୍ପିତ ?

ସ୍ୱାମୀଜୀ : ତା' ନୁହେଁ ତ କ'ଣ ? ସାଧକ ଅବଶ୍ୟ ସେତେବେଳେ ବୁଝିପାରେ ନାହିଁ ଯେ, ଏଗୁଡ଼ିକ ତା'ର ମନର ବହିଃପ୍ରକାଶ ମାତ୍ର । କିନ୍ତୁ ବାହାରେ କିଛି ହିଁ ନାହିଁ ।

ଏହି ଯେ ଜଗତ ଦେଖୁଛ, ଏହା ବି ନାହିଁ । ସବୁ ହିଁ ମନର କଳ୍ପନା । ମନ ଯେତେବେଳେ ବୃତ୍ତିଶୂନ୍ୟ ହୁଏ, ସେତେବେଳେ ତହିଁରେ ବ୍ରହ୍ମାଭାସ ଦର୍ଶନ ହୁଏ, 'ଯଂ ଯଂ ଲୋକଂ ମନସା ସଂବିଭାତି' ସେହି ସେହି ଲୋକ ଦର୍ଶନ କରାଯାଏ । ଯାହା ସଂକଳ୍ପ କରାଯାଏ, ତାହା ହିଁ ସିଦ୍ଧ ହୁଏ । ଏହିରୂପେ ସତ୍ୟ-ସଂକଳ୍ପ ଅବସ୍ଥା ଲାଭ ହେଲେ ମଧ୍ୟ ଯେ ସମନସ୍କ ଥାଇପାରେ ଓ କୌଣସି ଆକାଙ୍କ୍ଷାର ଦାସ ହୁଏ ନାହିଁ, ସେ ହିଁ ବ୍ରହ୍ମଜ୍ଞାନ ଲାଭ କରେ । ଆଉ ସେହି ଅବସ୍ଥା ଲାଭ କରି ଯେ ବିଚଳିତ ହୁଏ, ସେ ନାନା ଶକ୍ତି ଲାଭ କରି ପରମାର୍ଥରୁ ଭ୍ରଷ୍ଟ ହୁଏ ।

ଏହି କଥା କହୁ କହୁ ସ୍ୱାମୀଜୀ ପୁନଃପୁନଃ 'ଶିବ' 'ଶିବ' ନାମ ଉଚ୍ଚାରଣ କରିବାକୁ ଲାଗିଲେ । ଅବଶେଷରେ ପୁଣି କହିଲେ, ତ୍ୟାଗଭିନ୍ନ ଏହି ଗଭୀର ଜୀବନ-ସମସ୍ୟାର ରହସ୍ୟ-ଭେଦ ଅନ୍ୟ କୌଣସିଥିରେ ହିଁ ହେବାର ନୁହେଁ । ତ୍ୟାଗ—ତ୍ୟାଗ—ଏହା ହିଁ ଯେପରି ତୁମମାନଙ୍କ ଜୀବନର ମୂଳମନ୍ତ୍ର ହୁଏ । 'ସର୍ବଂ ବସ୍ତୁ ଭୟାନ୍ୱିତଂ ଭୁବି ନୃଣାଂ ବୈରାଗ୍ୟମେବା-ଭୟମ୍ ।'*

# ୧୧

ସ୍ଥାନ—ଶ୍ରୀ ନବଗୋପାଳ ଘୋଷଙ୍କ ଗୃହ, ରାମକୃଷ୍ଣପୁର, ହାଓଡ଼ା
କାଳ—୬ ଫେବୃଆରି, ୧୮୯୮ (ମାଘପୂର୍ଣ୍ଣିମା)

ଶ୍ରୀଶ୍ରୀରାମକୃଷ୍ଣଦେବଙ୍କ ପରମ ଭକ୍ତ ଶ୍ରୀଯୁକ୍ତ ବାବୁ ନବଗୋପାଳ ଘୋଷ ମହାଶୟ ଭାଗୀରଥୀର ପଶ୍ଚିମ ତୀରରେ ହାଓଡ଼ା ଅନ୍ତର୍ଗତ ରାମକୃଷ୍ଣପୁରରେ ନୂତନ ବାସଗୃହ ନିର୍ମାଣ କରିଛନ୍ତି । ସୁତରାଂ ନବଗୋପାଳ ବାବୁ ଏବଂ ତାଙ୍କ ଗୃହିଣୀଙ୍କର ଏକାନ୍ତ ଇଚ୍ଛା—ସ୍ୱାମୀଜୀଙ୍କ ଦ୍ୱାରା ଗୃହରେ ଶ୍ରୀରାମକୃଷ୍ଣ-ବିଗ୍ରହ ସ୍ଥାପନ କରିବେ । ସ୍ୱାମୀଜୀ ମଧ୍ୟ ତାଙ୍କର ପ୍ରସ୍ତାବରେ ସମ୍ମତ ହୋଇଥିଲେ । ନବଗୋପାଳ ବାବୁଙ୍କ ଘରେ ଆଜି ସେହି ଉପଲକ୍ଷେ ଉତ୍ସବ । ଠାକୁରଙ୍କ ସନ୍ନ୍ୟାସୀ ଓ ଗୃହୀ ଭକ୍ତମାନେ ସମସ୍ତେ ଆଜି ସେଠାରେ ଏଥିନିମିତ୍ତ ସାଦରେ ନିମନ୍ତ୍ରିତ । ଘରଟି ଆଜି ଧ୍ୱଜ ଓ ପତାକାରେ ପରିଶୋଭିତ, ସମ୍ମୁଖ ଫାଟକରେ ପୂର୍ଣ୍ଣକୁମ୍ଭ, କଦଳୀବୃକ୍ଷ, ଦେବଦାରୁପତ୍ରର ତୋରଣ ଏବଂ ଆମ୍ରପତ୍ର ଓ ପୁଷ୍ପମାଳର ଧାଡ଼ି । 'ଜୟ ରାମକୃଷ୍ଣ' ଧ୍ୱନିରେ ରାମକୃଷ୍ଣପୁର ଆଜି ପ୍ରତିଧ୍ୱନିତ ।

ମଠରୁ ତିନିଖଣ୍ଡି ଡଙ୍ଗା ଭଡ଼ାକରି ସ୍ୱାମୀଜୀଙ୍କ ସଙ୍ଗେ ମଠର ସନ୍ନ୍ୟାସୀ ଓ ବ୍ରହ୍ମଚାରୀ-ମାନେ ରାମକୃଷ୍ଣପୁର ଘାଟରେ ଉପସ୍ଥିତ ହେଲେ । ସ୍ୱାମୀଜୀଙ୍କ ପରିଧାନରେ ଗେରୁଆରଙ୍ଗର

* ବୈରାଗ୍ୟଶତକମ୍—ଭର୍ତ୍ତୃହରି

ବହିର୍ବାସ, ମୁଣ୍ଡରେ ପଗଡ଼ି, ଖାଲି ପାଦ । ରାମକୃଷ୍ଣପୁର ଘାଟରୁ ସେ ଯେଉଁବାଟେ ନବଗୋପାଳ ବାବୁଙ୍କ ଘରକୁ ଯିବେ, ସେ ବାଟର ଦୁଇପାଖରେ ଅଗଣିତ ଲୋକ ତାଙ୍କୁ ଦର୍ଶନ କରିବା ପାଇଁ ଠିଆ ହୋଇଥିଲେ । ଘାଟରେ ଓହ୍ଲାଇବା ମାତ୍ରେ ସ୍ୱାମୀଜୀ 'ଦୁଃଖିନୀ ବ୍ରାହ୍ମଣୀ କୋଳେ କେ ଶୁଯେଛ ଆଲୋ କରେ, କେରେ ଓରେ ଦିଗମ୍ବର ଏସେଛ କୁଟୀର ଘରେ ।' ଗୀତଟିର ସୁର ଧରି ନିଜେ ଖୋଲ ବଜାଇ ବଜାଇ ଅଗ୍ରସର ହେଲେ । ଆଉ ଦୁଇ ତିନି ଖଣ୍ଡ ଖୋଲ ମଧ୍ୟ ସଙ୍ଗେ ସଙ୍ଗେ ବାଜିବାକୁ ଲାଗିଲା ଏବଂ ସମବେତ ଭକ୍ତମାନେ ସମସ୍ତେ ଏହି ଗୀତ ଗାଇ ଗାଇ ତାଙ୍କ ପଛେ ପଛେ ଚାଲିବାକୁ ଲାଗିଲେ । ଉଦ୍ଦାମ ନୃତ୍ୟ ଓ ମୃଦଙ୍ଗ-ଧ୍ୱନିରେ ବାଟଘାଟ ମୁଖରିତ ହୋଇଉଠିଲା । ଲୋକେ ଯେତେବେଳେ ଦେଖିଲେ, ସେ ଅନ୍ୟାନ୍ୟ ମଠଧାରୀ ସାଧୁମାନଙ୍କ ପରି ସାମାନ୍ୟ ପରିଚ୍ଛଦରେ ଖାଲି ଗୋଡ଼ରେ ମୃଦଙ୍ଗ ବଜାଇ ବଜାଇ ଆସୁଛନ୍ତି, ସେତେବେଳେ ଅନେକେ ତାଙ୍କୁ ପ୍ରଥମେ ଚିହ୍ନି ପାରିଲେ ନାହିଁ ଏବଂ ଅନ୍ୟଙ୍କୁ ପଚାରି ପରିଚୟ ପାଇ କହିବାକୁ ଲାଗିଲେ—'ଏହି ହିଁ ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦ !' ସ୍ୱାମୀଜୀଙ୍କର ଏହି ଦୀନତା ଦେଖି ସମସ୍ତେ ଏକବାକ୍ୟରେ ପ୍ରଶଂସା କଲେ ଏବଂ 'ଜୟ ରାମକୃଷ୍ଣ' ଧ୍ୱନିରେ ଗ୍ରାମ୍ୟପଥ ମୁଖରିତ ହେବାକୁ ଲାଗିଲା ।

ଆଦର୍ଶ-ସ୍ୱାମୀସ୍ଥ ଗୃହସ୍ଥ ଗୋପାଳବାବୁଙ୍କ ପ୍ରାଣ ଆଜି ଆନନ୍ଦରେ ପୂରି ଉଠିଛି । ଠାକୁର ଓ ତାଙ୍କ ସାଙ୍ଗୋପାଙ୍ଗମାନଙ୍କ ସେବା ନିମିତ୍ତ ବିପୁଳ ଆୟୋଜନ କରି ସେ ଚାରିଆଡ଼େ ଦୌଡ଼ାଦୌଡ଼ି କରି ତତ୍ତ୍ୱାବଧାନ କରୁଥାଆନ୍ତି ଏବଂ ମଝେ ମଝେ 'ଜୟ ରାମ' 'ଜୟ ରାମ' କହି ଉଲ୍ଲାସରେ ଚିତ୍କାର କରୁଥାଆନ୍ତି ।

କ୍ରମେ ଦଳଟି ନବଗୋପାଳ ବାବୁଙ୍କ ଦ୍ୱାର ନିକଟରେ ଉପସ୍ଥିତ ହେବାମାତ୍ରେ ଗୃହ ମଧ୍ୟରୁ ଶଙ୍ଖ, ଘଣ୍ଟା ବାଜି ଉଠିଲା । ସ୍ୱାମୀଜୀ ମୃଦଙ୍ଗ ଥୋଇ ବୈଠକଖାନା ଘରେ କିଛିକ୍ଷଣ ବିଶ୍ରାମ କରି ଠାକୁରଘର ଦେଖିବାକୁ ଉପରକୁ ଗଲେ । ଠାକୁରଘର ଶ୍ୱେତ ମର୍ମର ପ୍ରସ୍ତରରେ ମଣ୍ଡିତ । ମଧ୍ୟସ୍ଥଳରେ ସିଂହାସନ, ତଦୁପରି ଠାକୁରଙ୍କ ପୋର୍‌ସିଲେନ୍‌ର ପ୍ରତିମୂର୍ତ୍ତି । ଠାକୁର-ପୂଜାରେ ଯେଉଁ ଯେଉଁ ଉପକରଣ ଆବଶ୍ୟକ, ଆୟୋଜନରେ ତହିଁରେ ତ୍ରୁଟି ହୋଇ ନାହିଁ । ସ୍ୱାମୀଜୀ ଦେଖି ବିଶେଷ ପ୍ରସନ୍ନ ହେଲେ ।

ନବଗୋପାଳ ବାବୁଙ୍କ ଗୃହିଣୀ ଅପରାପର କୁଳବଧୂମାନଙ୍କ ସହିତ ସ୍ୱାମୀଜୀଙ୍କୁ ପ୍ରଣାମ କଲେ ଏବଂ ପଙ୍ଖା ନେଇ ତାଙ୍କୁ ବିଞ୍ଚିବାକୁ ଲାଗିଲେ ।

ସ୍ୱାମୀଜୀଙ୍କ ମୁହଁରୁ ସବୁ ବିଷୟରେ ସୁଖ୍ୟାତି ଶୁଣି ଗୃହିଣୀ-ଠାକୁରାଣୀ ତାଙ୍କୁ ସମ୍ବୋଧନ କରି କହିଲେ, 'ଆମର ସାଧ୍ୟ କ'ଣ ଯେ ଠାକୁରଙ୍କ ସେବାଧିକାର ପାଇ ପାରିବୁ ? ସାମାନ୍ୟ ଘର, ସାମାନ୍ୟ ଅର୍ଥ—ଆପଣ ଆଜି ନିଜେ କୃପା କରି ଠାକୁରଙ୍କୁ ପ୍ରତିଷ୍ଠିତ କରି ଆମମାନଙ୍କୁ ଧନ୍ୟ କରନ୍ତୁ ।'

ସ୍ୱାମୀଜୀ ତଦୁତ୍ତରରେ ରହସ୍ୟ କରି କହିଲେ, 'ତୁମ ଠାକୁର ତ ଏପରି ମାର୍ବଲ ପଥର-ବନ୍ଧା ଘରେ ଚୌଦ୍ଦ-ପୁରୁଷରେ ବାସ କରି ନାହାନ୍ତି । ସେହି ପଡ଼ା ଗାଁରେ ଚାଳଘରେ ଜନ୍ମ, ଯା' ତା' କରି ଦିନ କଟେଇ ଯାଇଛନ୍ତି । ଏଠାରେ ଏପରି ଉତ୍ତମ ସେବାରେ ଯଦି ସେ ଏଠି

ନ ରହନ୍ତି ତେବେ ଆଉ କେଉଁଠି ରହିବେ ?' ସମସ୍ତେ ସ୍ୱାମୀଜୀଙ୍କ କଥା ଶୁଣି ହସିବାକୁ ଲାଗିଲେ । ଏଥର ବିଭୂତିଭୂଷିତାଙ୍ଗ ସ୍ୱାମୀଜୀ ସାକ୍ଷାତ୍ ମହାଦେବଙ୍କ ପରି ପୂଜକ-ଆସନରେ ବସି ଠାକୁରଙ୍କୁ ଆବାହନ କଲେ ।

ପରେ ସ୍ୱାମୀ ପ୍ରକାଶାନନ୍ଦ ସ୍ୱାମୀଜୀଙ୍କ ନିକଟରେ ବସି ମନ୍ତ୍ରାଦି କହିଦେବାକୁ ଲାଗିଲେ । ପୂଜାର ନାନା ଅଙ୍ଗ କ୍ରମେ ସମ୍ପନ୍ନ ହେଲା ଏବଂ ନୀରାଜନାର ଶଙ୍ଖଘଣ୍ଟା ବାଜି ଉଠିଲା । ସ୍ୱାମୀ ପ୍ରକାଶାନନ୍ଦ ହିଁ ପୂଜା ସମ୍ପନ୍ନ କଲେ । ନୀରାଜନା ଶେଷରେ ସ୍ୱାମୀଜୀ ପୂଜାଘରେ ବସି ବସି ଶ୍ରୀରାମକୃଷ୍ଣଦେବଙ୍କ ପ୍ରଣାମ-ମନ୍ତ୍ର ମୁହେଁ ମୁହେଁ ଏହିପରି ରଚନା କରିଦେଲେ :

ସ୍ଥାପକାୟ ଚ ଧର୍ମସ୍ୟ ସର୍ବଧର୍ମସ୍ୱରୂପିଣେ
ଅବତାରବରିଷ୍ଠାୟ ରାମକୃଷ୍ଣାୟ ତେ ନମଃ ।

ସମସ୍ତେ ଏହି ମନ୍ତ୍ର ପାଠ କରି ଠାକୁରଙ୍କୁ ପ୍ରଣାମ କଲାପରେ ଶିଷ୍ୟ ଠାକୁରଙ୍କର ଗୋଟିଏ ସ୍ତବ ପାଠ କଲେ । ଏହିରୂପେ ପୂଜା ସମ୍ପନ୍ନ ହେଲା ।

ଉତ୍ସବ ଶେଷରେ ଶିଷ୍ୟ ମଧ୍ୟ ସ୍ୱାମୀଜୀଙ୍କ ସହିତ ଗାଡ଼ିରେ ବସି ରାମକୃଷ୍ଣପୁରୁ ଘାଟକୁ ଆସି ସେଠାରେ ନୌକାରେ ଉଠିଲା ଏବଂ ଆନନ୍ଦରେ ନାନା କଥା କହୁ କହୁ ବାଗ୍‌ବଜାର ଆଡ଼କୁ ଅଗ୍ରସର ହେଲା ।

## ୧୨

ସ୍ଥାନ—ବେଲୁଡ଼, ଭଡ଼ା ମଠଘର
କାଳ—ଫେବୃଆରି, ୧୮୯୮

ବେଲୁଡ଼ରେ ଗଙ୍ଗାତୀରରେ ନୀଲାମ୍ବର ବାବୁଙ୍କ ବଗିଚାକୁ ଫେବୃଆରି ୧୩ ତାରିଖରେ ସ୍ୱାମୀଜୀ ମଠକୁ ଉଠାଇ ଆଣିଛନ୍ତି । ଆଲମବଜାରରୁ ଏଠାକୁ ମଠ ଉଠାଇ ଆଣିଲେ ମଧ୍ୟ ଜିନିଷପତ୍ର ଏପର୍ଯ୍ୟନ୍ତ ସବୁ ସଜଡ଼ା ହୋଇ ନାହିଁ । ଇତସ୍ତତଃ ପଡ଼ିଛି । ସ୍ୱାମୀଜୀ ନୂଆ ଘରକୁ ଆସି ଖୁବ୍ ଖୁସି ହୋଇଛନ୍ତି । ଶିଷ୍ୟ ଉପସ୍ଥିତ ହେଲାରୁ କହିଲେ, 'ଦେଖ ତ କିପରି ଗଙ୍ଗା, କିପରି ଘର ! ଏପରି ସ୍ଥାନରେ ମଠ ନ ହେଲେ କ'ଣ ଭଲ ଲାଗେ ?' ସେତେବେଳେ ଅପରାହ୍ନ ।

ସନ୍ଧ୍ୟାପରେ ଶିଷ୍ୟ ସ୍ୱାମୀଜୀଙ୍କ ସହିତ ଦୋତାଳା ଘରେ ସାକ୍ଷାତ୍ କରନ୍ତେ ନାନା ପ୍ରସଙ୍ଗ ହେବାକୁ ଲାଗିଲା । ଘରେ ଆଉ କେହି ନାହାନ୍ତି । ଶିଷ୍ୟ ମଝିରେ ମଝିରେ ଉଠି ସ୍ୱାମୀଜୀଙ୍କୁ ତମାଖୁ ସଜାଇ ଦେବାରେ ଲାଗିଲା ଏବଂ ନାନା ପ୍ରଶ୍ନ କରୁ କରୁ ଅବଶେଷରେ କଥାରେ କଥାରେ ସ୍ୱାମୀଜୀଙ୍କ ବାଲ୍ୟକାଳର ବିଷୟ ଜାଣିବାକୁ ଚାହିଁଲା । ସ୍ୱାମୀଜୀ କହିବାକୁ ଲାଗିଲେ : ଅଳ୍ପ ବୟସରୁ ମୁଁ ଅତି ସାହସୀ ଥିଲି । ନୋହିଲେ କ'ଣ ନିଃସମ୍ବଳ ହୋଇ ଦୁନିଆ ବୁଲିଆସି ପାରିଥାନ୍ତି ରେ ?

ପିଲାଦିନେ ତାଙ୍କର ରାମାୟଣ-ଗାନ ଶୁଣିବା ପାଇଁ ଝୁଙ୍କ୍ ଥିଲା । ପଡ଼ା ନିକଟରେ ଯେଉଁଠି ରାମାୟଣ-ଗାନ ହୁଏ, ସ୍ୱାମୀଜୀ ଖେଳ ଛାଡ଼ି ସେଠାରେ ଉପସ୍ଥିତ ହେଉଥିଲେ । କହିଲେ—ରାମାୟଣ ଶୁଣୁ ଶୁଣୁ ଦିନେ ଦିନେ ତନ୍ମୟ ହୋଇ ସେ ଘରଦ୍ୱାର ଭୁଲିଯାଆନ୍ତି ଏବଂ ରାତି ହୋଇଗଲାଣି ବା ଘରକୁ ଯିବାକୁ ହେବ ଇତ୍ୟାଦି କୌଣସି ବିଷୟରେ ତାଙ୍କର ଖିଆଲ ରହୁ ନ ଥିଲା । ଦିନେ ରାମାୟଣ-ଗାନରେ ଶୁଣିଲେ—ହନୁମାନ କଦଳୀ ବଗିଚାରେ ଥାଏ । ଏପରି ଏହି ବିଶ୍ୱାସ ହେଲା ଯେ ସେ ରାତିରେ ରାମାୟଣ-ଗାନ ଶୁଣି ଘରକୁ ଆଉ ନ ଫେରି ଘର ନିକଟରେ କୌଣସି ଏକ ବଗିଚାରେ କଦଳୀ ଗଛତଳେ ଅନେକ ରାତି ପର୍ଯ୍ୟନ୍ତ ହନୁମାନଙ୍କ ଦର୍ଶନ ଆକାଙ୍କ୍ଷାରେ ଅତିବାହିତ କରିଥିଲେ ।

ହନୁମାନଙ୍କ ପ୍ରତି ସ୍ୱାମୀଜୀଙ୍କର ଅଗାଧ ଭକ୍ତି ଥିଲା । ସନ୍ନ୍ୟାସୀ ହେବା ପରେ ବି ମଧ୍ୟେ ମଧ୍ୟେ ମହାବୀରଙ୍କ କଥା ପ୍ରସଙ୍ଗରେ ମତୁଆଲା ହୋଇଉଠୁଥିଲେ ଏବଂ ଅନେକ ସମୟରେ ମଠରେ ଶ୍ରୀମହାବୀରଙ୍କ ଗୋଟିଏ ପ୍ରସ୍ତର ମୂର୍ତ୍ତି ରଖିବାର ସଂକଳ୍ପ କରୁଥିଲେ ।

ଛାତ୍ରାବସ୍ଥାରେ ଦିନବେଳେ ସେ ସମବୟସ୍କମାନଙ୍କ ସହିତ କେବଳ ଆମୋଦପ୍ରମୋଦ କରି ବୁଲନ୍ତି । ରାତିରେ ଘରଦ୍ୱାର ବନ୍ଦ କରିଦେଇ ପଢ଼ାଶୁଣା କରନ୍ତି । କେତେବେଳେ ସେ ପଢ଼ାଶୁଣା କରନ୍ତି, ତାହା କେହି ଜାଣିପାରୁ ନ ଥିଲେ ।

ଶିଷ୍ୟ : ଆଜ୍ଞା ସ୍କୁଲରେ ପଢ଼ିଲାବେଳେ କେବେ କୌଣସି ପ୍ରକାର vision (ଦିବ୍ୟଦର୍ଶନ) ଦେଖୁଥିଲେ କି ?

ସ୍ୱାମୀଜୀ : ସ୍କୁଲରେ ପଢ଼ିବା ସମୟରେ ଦିନେ ରାତିରେ ଦ୍ୱାର ବନ୍ଦ କରି ଧ୍ୟାନ କରୁ କରୁ ମନ ତନ୍ମୟ ହୋଇଥିଲା । କେତେ ସମୟ ଏହି ଭାବରେ ଧ୍ୟାନ କରିଥିଲି କହିପାରିବି ନାହିଁ । ଧ୍ୟାନ ଶେଷ ହେଲା—ତେବେ ବି ବସିଅଛୁ । ଏପରି ସମୟରେ ସେହି ଘରର ଦକ୍ଷିଣ କାନ୍ଥ ଭେଦ କରି ଏକ ଜ୍ୟୋତିର୍ମୟ ମୂର୍ତ୍ତି ବାହାରି ସାମନାରେ ଆସି ଠିଆ ହେଲେ । ତାଙ୍କ ମୁହଁରେ ଏକ ଅଦ୍ଭୁତ ଜ୍ୟୋତିଃ, ଅଥଚ ଯେପରି କୌଣସି ଭାବ ନାହିଁ । ମହାଶାନ୍ତ ସନ୍ନ୍ୟାସୀ ମୂର୍ତ୍ତି—ମୁଣ୍ଡିତ ମସ୍ତକ, ହସ୍ତରେ ଦଣ୍ଡ ଓ କମଣ୍ଡଳୁ । ମୋ ପ୍ରତି ଏକ ଦୃଷ୍ଟିରେ କିଛିକ୍ଷଣ ଚାହିଁ ରହିଲେ । ଯେପରି ମୋତେ କିଛି କହିବେ, ଏପରି ଭାବ । ମୁଁ ମଧ୍ୟ ଅବାକ୍ ହୋଇ ତାଙ୍କ ଆଡ଼କୁ ଅନାଇଥିଲି । ତା'ପରେ ମନରେ କେମିତି ଗୋଟାଏ ଭୟ ଆସିଲା । ତରତରରେ ଦ୍ୱାର ଖୋଲି ଘର ବାହାରକୁ ଚାଲିଗଲି । ତା'ପରେ ମନେହେଲା—କାହିଁକି ଏପରି ନିର୍ବୋଧପରି ଭୟରେ ପଳାଇଲି, ହୁଏତ ସେ କିଛି କହିଥାନ୍ତେ । ଆଉ କିନ୍ତୁ ସେ ମୂର୍ତ୍ତିର କେବେହେଲେ ଦେଖାପାଇ ନାହିଁ । କେତେଦିନ ମନରେ ହୋଇଛି ଯଦି ତାଙ୍କର ପୁଣି ଦେଖାପାଏଁ, ତେବେ ଏଥର ଆଉ ଭୟ କରିବି ନାହିଁ—ତାଙ୍କ ସହିତ କଥା କହିବି । କିନ୍ତୁ ଆଉ ଦେଖାପାଇନାହିଁ ।

ଶିଷ୍ୟ : ତା'ପରେ ଏ ବିଷୟରେ ଆଉ କିଛି ଭାବିଥିଲେ କି ?

ସ୍ୱାମୀଜୀ : ଭାବିଥିଲି, କିନ୍ତୁ ଭାବିଚିନ୍ତି କୌଣସି ଥଳକୂଳ ପାଇ ନାହିଁ । ଏବେ, ବୋଧହୁଏ, ଭଗବାନ ବୁଦ୍ଧଦେବଙ୍କୁ ଦେଖିଥିଲି ।

କିଛିସମୟ ପରେ ସ୍ୱାମୀଜୀ କହିଲେ : ମନ ଶୁଦ୍ଧ ହେଲେ, କାମକାଞ୍ଚନରେ ବୀତସ୍ପୃହ ହେଲେ କେତେ vision (ଦିବ୍ୟଦର୍ଶନ) ଦେଖାଯାଏ—ଅଦ୍ଭୁତ ଅଦ୍ଭୁତ! ତେବେ ସେଥିପ୍ରତି ଖିଆଲ ରଖିବାର ନୁହେଁ । ସେହିସବୁଥିରେ ଦିନରାତି ମନ ଥିଲେ ସାଧକ ଆଉ ଅଗ୍ରସର ହୋଇପାରେ ନାହିଁ । ଶୁଣି ନାହୁଁ, ଠାକୁର କହୁଥିଲେ—'କେତେ ମଣି ପଡ଼ିଅଛି (ମୋର) ଚିନ୍ତାମଣିର ନାଟଦୁଆରେ !' ଆତ୍ମାର ସାକ୍ଷାତ୍କାର କରିବାକୁ ହେବ—ସେସବୁ ଖିଆଲରେ ମନ ଦେଲେ କ'ଣ ହେବ ?

କଥାଗୁଡ଼ିକ କହିସାରି ସ୍ୱାମୀଜୀ ତନ୍ମୟ ହୋଇ କୌଣସି ବିଷୟ ଭାବୁ ଭାବୁ କିଛିସମୟ ମୌନ ଭାବରେ ଅବସ୍ଥାନ କଲେ । ପରେ ପୁଣି କହିବାକୁ ଲାଗିଲେ : ଦେଖ୍, ଆମେରିକାରେ ଅବସ୍ଥାନ କାଳରେ ମୋର କେତେଗୁଡ଼ିଏ ଅଦ୍ଭୁତ ଶକ୍ତିର ସ୍ଫୁରଣ ହୋଇଥିଲା । ମନୁଷ୍ୟର ଆଖି ଭିତର ଦେଖି ତା'ର ମନର ଭିତରର କଥା ବୁଝିପାରୁଥିଲି—ମୁହୂର୍ତ୍ତକ ମଧ୍ୟରେ । କିଏ କ'ଣ ଭାବୁଚି ନ ଭାବୁଚି 'କରାମଲକବତ୍' ପ୍ରତ୍ୟକ୍ଷ ହୋଇଯାଉଥିଲା । କାହାକୁ କାହାକୁ କହିଦେଉଥିଲି । ଯେଉଁମାନଙ୍କୁ କହୁଥିଲି ସେମାନଙ୍କ ମଧ୍ୟରୁ ଅନେକେ ମୋର ଚେଲା ହୋଇଯାଉଥିଲେ । ଆଉ ଯେଉଁମାନେ କୌଣସି ମତଲବ ରଖି ମୋ ସଙ୍ଗେ ମିଶିବାକୁ ଆସୁଥିଲେ, ସେମାନେ ସେହି ଶକ୍ତିର ପରିଚୟ ପାଇ ଆଉ ମୋ ପାଖ ମାଡ଼ୁ ନ ଥିଲେ ।

ଯେତେବେଳେ ଚିକାଗୋ ପ୍ରଭୃତି ସହରରେ ବକ୍ତୃତା ଆରମ୍ଭ କଲି, ସେତେବେଳେ ସପ୍ତାହରେ ୧୨।୧୪ଟା, କେତେବେଳେ ବା ଆହୁରି ବେଶୀ ଲେକ୍‌ଚର୍ ଦେବାକୁ ହେଉଥିଲା; ଅତ୍ୟଧିକ ଶାରୀରିକ ଓ ମାନସିକ ଶ୍ରମରେ ଖୁବ୍ କ୍ଳାନ୍ତ ହୋଇପଡ଼ିଲି । ଯେପରି ବକ୍ତୃତା ବିଷୟସବୁ ସରିଯିବାକୁ ଲାଗିଲା—ଭାବୁଥିଲି କ'ଣ କରିବି, କାଲି ପୁଣି କୁଆଡ଼ୁ କି ନୂଆ କଥା କହିବି ? ନୂତନ ଭାବ ଯେପରି ଆଉ ଜୁଟୁ ନ ଥିଲା । ଦିନେ ବକ୍ତୃତା ପରେ ଶୋଇ ଶୋଇ ଭାବୁଛି—ଆଚ୍ଛା ଏବେ କି ଉପାୟ କରାଯିବ ? ଭାବୁ ଭାବୁ ଟିକିଏ ତନ୍ଦ୍ରା ପରି ଆସିଲା । ସେହି ଅବସ୍ଥାରେ ଶୁଣିବାକୁ ପାଇଲି, କିଏ ଯେପରି ମୋ ପାଖରେ ଠିଆହୋଇ ବକ୍ତୃତା କରୁଛି; କେତେ ନୂତନ ଭାବ, ନୂତନ କଥା—ସେସବୁ ଯେପରି ଇହଜନ୍ମରେ ଶୁଣି ନାହିଁ, ଭାବି ବି ନାହିଁ ! ନିଦରୁ ଉଠି ସେସବୁ ସ୍ମରଣକରି ରଖିଲି, ଆଉ ବକ୍ତୃତାରେ ତାହା କହିଲି । ଏପରି ଯେ କେତେଦିନ ଘଟିଛି, ତା'ର ହିସାବ ନାହିଁ । ଶୋଇ ଶୋଇ ଏପରି ବକ୍ତୃତା କେତେଦିନ ଶୁଣିଛି ! କେତେବେଳେ ବା ଏତେ ଜୋର୍‌ରେ ବକ୍ତୃତା ହେଉଥିଲା ଯେ, ଅନ୍ୟ ଘରର ଲୋକ ଶୁଣିପାରୁଥିଲେ ଓ ପରଦିନ ମୋତେ କହୁଥିଲେ—'ସ୍ୱାମୀଜୀ, କାଲି ଏତେ ରାତିରେ ଆପଣ କାହା ସହିତ ଏତେ ଜୋର୍‌ରେ କଥା କହୁଥିଲେ ?' ମୁଁ ତାଙ୍କର ସେକଥା କୌଣସି ପ୍ରକାରେ କଟେଇ ଦେଉଥିଲି । ସେ ଏକ ଅଦ୍ଭୁତ କାଣ୍ଡ !

ଶିଷ୍ୟ ସ୍ୱାମୀଜୀଙ୍କ କଥା ଶୁଣି ନିର୍ବାକ୍ ହୋଇ ଭାବୁ ଭାବୁ କହିଲା—'ଆଜ୍ଞା, ତେବେ ବୋଧହୁଏ ଆପଣ ନିଜେ ସୂକ୍ଷ୍ମଦେହରେ ଏପରି ବକ୍ତୃତା କରୁଥିଲେ ଏବଂ ସ୍ଥୂଳଦେହରେ କେବେ କେବେ ତା'ର ପ୍ରତିଧ୍ୱନି ବାହାରୁଥିଲା ।' ଶୁଣି ସ୍ୱାମୀଜୀ କହିଲେ, 'ତାହା ହୋଇପାରେ ।'

ଅନନ୍ତର ଆମେରିକାର କଥା ଉଠିଲା । ସ୍ୱାମୀଜୀ କହିଲେ, 'ସେଦେଶର ପୁରୁଷଙ୍କ

ଅପେକ୍ଷା ସ୍ତ୍ରୀ-ଲୋକମାନେ ଅଧିକ ଶିକ୍ଷିତା । ବିଜ୍ଞାନଦର୍ଶନରେ ସେମାନେ ସବୁ ମହାପଣ୍ଡିତ; ସେଥିପାଇଁ ସେମାନେ ମୋତେ ଏତେ ଖାତିର କରୁଥିଲେ । ପୁରୁଷମାନେ ଦିନରାତି ଖଟୁଛନ୍ତି, ବିଶ୍ରାମର ସମୟ ନାହିଁ । ସ୍ତ୍ରୀ-ଲୋକମାନେ ସ୍କୁଲରେ ଅଧ୍ୟୟନ, ଅଧ୍ୟାପନା କରି ମହାବିଦୁଷୀ ହୋଇ ଠିଆ ହୋଇଛନ୍ତି । ଆମେରିକାରେ ଯେଉଁଆଡ଼କୁ ଚାହିଁବୁ, କେବଳ ସ୍ତ୍ରୀ-ଲୋକମାନଙ୍କର ରାଜତ୍ୱ ।'

ଶିଷ୍ୟ : ଆଚ୍ଛା ଆଜ୍ଞା ! ଖାଣ୍ଟି ଖ୍ରୀଷ୍ଟିଆନ୍‌ମାନେ ସେଠାରେ ଆପଣଙ୍କ ବିପକ୍ଷ ହୋଇ ନାହାନ୍ତି ?

ସ୍ୱାମୀଜୀ : ହୋଇଥିଲେ ନିଶ୍ଚୟ ' ପୁଣି ଯେତେବେଳେ ଲୋକମାନେ ମୋତେ ଖାତିର କରିବାକୁ ଲାଗିଲେ, ସେତେବେଳେ ପାଦ୍ରୀମାନେ ମୋ ପଛରେ ଖୁବ୍ ଲାଗିଲେ । ମୋ ନାଁରେ କେତେ କୁତ୍ସା କାଗଜରେ ଲେଖି ରଟନା କରିଥିଲେ ' କେତେକ ଲୋକ ମୋତେ ତା'ର ପ୍ରତିବାଦ କରିବାକୁ କହୁଥାନ୍ତି, ମୁଁ କିନ୍ତୁ କିଛି ଗ୍ରାହ୍ୟ କଲି ନାହିଁ । ମୋର ଦୃଢ଼ ବିଶ୍ୱାସ—ଚାଲାକିଦ୍ୱାରା ଜଗତରେ କୌଣସି ମହତ୍‌କାର୍ଯ୍ୟ ହୁଏ ନାହିଁ । ସେଥିପାଇଁ ସେସବୁ ଅଶ୍ଳୀଳ କୁତ୍ସାରେ କର୍ଣ୍ଣପାତ ନ କରି ଧୀରେ ଧୀରେ ନିଜର କାମ କରିଯାଉଥିଲି । ଦେଖିବାକୁ ମଧ୍ୟ ପାଉଥିଲି ଅନେକ ସମୟରେ ଯେଉଁମାନେ ମୋର ଅଯଥା ଗାଳିମନ୍ଦ କରୁଥିଲେ, ସେମାନେ ମଧ୍ୟ ଅନୁତପ୍ତ ହୋଇ ମୋର ଶରଣ ନେଉଥିଲେ ଏବଂ ନିଜେ ନିଜେ ହିଁ କାଗଜରେ contradict (ପ୍ରତିବାଦ) କରି କ୍ଷମା ମାଗୁଥିଲେ । କେବେ କେବେ ଏମିତି ବି ହୋଇଛି —ମୋତେ କୌଣସି ଗୃହରେ ନିମନ୍ତ୍ରଣ କରିଛନ୍ତି ଦେଖି ମୋ ନାମରେ ସେହିସବୁ ମିଥ୍ୟା କୁତ୍ସା ଘରବାଲାଙ୍କୁ ଶୁଣାଇ ଦେଇଛନ୍ତି । ତାହା ଶୁଣି ସେ ଦ୍ୱାର ବନ୍ଦକରି କୁଆଡ଼େ ଚାଲି-ଯାଇଛି । ମୁଁ ନିମନ୍ତ୍ରଣ ରକ୍ଷା କରିବାକୁ ଯାଇ ଦେଖେ—ସବୁ ଖାଁ ଖାଁ—କେହି ନାହାନ୍ତି । ପୁଣି କିଛିଦିନ ପରେ ସେହିମାନେ ସତ୍ୟକଥା ଜାଣିପାରି ଅନୁତପ୍ତ ହୋଇ ମୋର ଚେଲା ହେବାକୁ ଆସିଛନ୍ତି । କଅଣ ଜାଣୁ ବାବା, ସଂସାରଟାଯାକ ଦୁନିଆଦାରି ! ଠିକ୍ ସତ୍‌ସାହସୀ ଓ ଜ୍ଞାନୀ କଅଣ ଏସବୁ ଦୁନିଆଦାରିରେ ଭୁଲେ ରେ ବାପ ! ଜଗତ ଯାହା ଇଚ୍ଛା କହୁ, ମୋର କର୍ତ୍ତବ୍ୟ କାର୍ଯ୍ୟ କରି ଚାଲିଯିବି—ଏହା ହିଁ ଜାଣିବୁ ବୀରର କାମ । ନଚେତ୍ ଏ କଅଣ କହୁଛି, ସେ କଅଣ ଲେଖୁଛି, ସେସବୁ ନେଇ ଦିନରାତି ରହିଲେ ଜଗତରେ କୌଣସି ମହତ୍ କାର୍ଯ୍ୟ କରାଯାଏ ନାହିଁ । ଏହି ଶ୍ଳୋକ ଜାଣୁନା ?—

ନିନ୍ଦନ୍ତୁ ନୀତିନିପୁଣା ଯଦି ବା ସ୍ତୁବନ୍ତୁ
ଲକ୍ଷ୍ମୀଃ ସମାବିଶତୁ ଗଚ୍ଛତୁ ବା ଯଥେଷ୍ଟମ୍ ।
ଅଦ୍ୟୈବ ମରଣମସ୍ତୁ ଶତାବ୍ଦାନ୍ତରେ ବା
ନ୍ୟାଯ୍ୟାତ୍ ପଥଃ ପ୍ରବିଚଳନ୍ତି ପଦଂ ନ ଧୀରାଃ ।' (ନୀତିଶତକମ୍—ଭର୍ତ୍ତୃହରି)

—ଲୋକେ ତୋର ସ୍ତୁତି କରନ୍ତୁ, ବା ନିନ୍ଦା କରନ୍ତୁ, ତୋ ପ୍ରତି ଲକ୍ଷ୍ମୀଙ୍କ କୃପା ହେଉ ବା ନ ହେଉ, ଆଜି ବା ଯୁଗାନ୍ତରରେ ତୋର ଦେହପାତ ହେଉ, ଯେପରି ନ୍ୟାୟପଥରୁ ଭ୍ରଷ୍ଟ ନ ହେଉ । କେତେ ବଡ଼ ବଡ଼ ତୋଫାନ ଏଡ଼େଇ ଗଲେ ଯାଇ ଶାନ୍ତିର ରାଜ୍ୟରେ ପହଞ୍ଚିବାକୁ

ହୁଏ । ଯେ ଯେତେ ବଡ଼ ହୋଇଛି, ତା' ଉପରେ ସେତେ କଠିନ ପରୀକ୍ଷା ହୋଇଛି । ପରୀକ୍ଷାର କଷଟିପଥରରେ ତା' ଜୀବନକୁ ଘଷି ମାଜି ଦେଖି, ତେବେ ଯାଇ ତାକୁ ଜଗତ ବଡ଼ ବୋଲି ସ୍ୱୀକାର କରିଛି । ଯେଉଁମାନେ ଭୀରୁ, କାପୁରୁଷ, ସେମାନେ ହିଁ ସମୁଦ୍ରର ତରଙ୍ଗ ଦେଖି କୂଳରେ ଡଙ୍ଗା ବୁଡ଼ାନ୍ତି । ମହାବୀର କ'ଣ କେଉଁଥିରେ ଦୃକ୍‌ପାତ କରେ ରେ ? ଯାହା ହେବାର ହେଉ ପଛେ, ମୋର ଇଷ୍ଟଲାଭ ଆଗେ କରିବି ହିଁ କରିବି—ଏହା ହିଁ ହେଉଛି ପୁରୁଷକାର । ଏହି ପୁରୁଷକାର ନ ଥିଲେ ଶତ ଦୈବ ବି ତୋର ଜଡ଼ତ୍ୱ ଦୂର କରିପାରିବ ନାହିଁ ।

ଶିଷ୍ୟ : ତେବେ ଦୈବ ଉପରେ ନିର୍ଭରତା କ'ଣ ଦୁର୍ବଳତାର ଚିହ୍ନ ?

ସ୍ୱାମୀଜୀ : ଶାସ୍ତ୍ର ନିର୍ଭରତାକୁ ପଞ୍ଚମ ପୁରୁଷାର୍ଥ ବୋଲି ନିର୍ଦ୍ଦେଶ କରିଛି । କିନ୍ତୁ ଆମ ଦେଶରେ ଲୋକେ ଯେଉଁ ଭାବରେ 'ଦୈବ ଦୈବ' କରନ୍ତି—ତାହା ମୃତ୍ୟୁର ଚିହ୍ନ, ମହା-କାପୁରୁଷତାର ପରିଣାମ । କିମ୍ଭୂତକିମାକାର ଗୋଟାଏ ଈଶ୍ୱର କଳ୍ପନା କରି ତା'ରି ମୁଣ୍ଡରେ ନିଜର ଦୋଷ ଲଦିଦେବାର ଚେଷ୍ଟାମାତ୍ର । ଠାକୁରଙ୍କର ସେହି ଗୋହତ୍ୟା ପାପର ଗଳ୍ପ ଶୁଣିଛୁ ତ ? ସେହି ଗୋହତ୍ୟା ଜନିତ ପାପ ଶେଷରେ ବଗିଚାର ମାଲିକଙ୍କୁ ହିଁ ଭୋଗି ମରିବାକୁ ହେଲା । ଆଜିକାଲି ସମସ୍ତେ ହିଁ 'ଯଥା ନିଯୁକ୍ତୋଽସ୍ମି ତଥା କରୋମି' କହି ପାପ ପୁଣ୍ୟ ଦୁଇଟାକୁ ହିଁ ଈଶ୍ୱରଙ୍କ ମୁଣ୍ଡରେ ଲଦି ଦିଅନ୍ତି । ନିଜେ ଯେପରି ପଦ୍ମପତ୍ରର ଜଳ । ସର୍ବଦା ଏହି ଭାବରେ ରହିପାରିଲେ ସେ ତ ମୁକ୍ତ ! କିନ୍ତୁ ଭଲ ବେଳକୁ 'ମୁଁ', ଆଉ ମନ୍ଦ ବେଳକୁ 'ତୁମେ'; ଧନ୍ୟ ତାଙ୍କ ଦୈବନିର୍ଭରତାକୁ ! ପୂର୍ଣ୍ଣ ପ୍ରେମ ବା ଜ୍ଞାନ ନ ହେଲେ ନିର୍ଭରର ଅବସ୍ଥା କେବେ ହେଁ ହୋଇପାରେ ନାହିଁ । ଯେ ଉପଯୁକ୍ତ ଭାବରେ ନିର୍ଭର କରିଛି, ତାହାର ଭଲମନ୍ଦ, ଭେଦବୁଦ୍ଧି ନ ଥାଏ । ସେହି ଅବସ୍ଥାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ଆମମାନଙ୍କ ଭିତରେ (ଶ୍ରୀରାମକୃଷ୍ଣଦେବଙ୍କ ଶିଷ୍ୟମାନଙ୍କ ଭିତରେ) ଇଦାନୀଂ ନାଗ-ମହାଶୟ !

କହୁ କହୁ ନାଗ-ମହାଶୟଙ୍କ ପ୍ରସଙ୍ଗ ଚାଲିଲା । ସ୍ୱାମୀଜୀ କହିଲେ, 'ଏପରି ଅନୁରାଗୀ ଭକ୍ତ କଅଣ ଆଉ ଦ୍ୱିତୀୟ ଦେଖାଯାନ୍ତି ? ଆହା, ତାଙ୍କ ସହିତ ପୁଣି କେବେ ଦେଖା ହେବ !'

ଶିଷ୍ୟ : ସେ ଶୀଘ୍ର କଲିକତାକୁ ଆପଣଙ୍କୁ ଦର୍ଶନ କରିବାକୁ ଆସିବେ ବୋଲି ମା-ଠାକୁରାଣୀ (ନାଗ-ମହାଶୟଙ୍କ ପତ୍ନୀ) ମୋତେ ଚିଠି ଲେଖିଛନ୍ତି ?

ସ୍ୱାମୀଜୀ : ଠାକୁର ତାଙ୍କୁ ଜନକ-ମହାରାଜାଙ୍କ ସହିତ ତୁଳନା କରୁଥିଲେ । ସେପରି ଜିତେନ୍ଦ୍ରିୟ ପୁରୁଷଙ୍କ ଦର୍ଶନ ଦୂରେ ଥାଉ, କଥା ବି ଶୁଣାଯାଏ ନାହିଁ । ତାଙ୍କ ସଙ୍ଗ ଖୁବ୍ କରିବୁ । ସେ ଠାକୁରଙ୍କର ଜଣେ ଅନ୍ତରଙ୍ଗ ।

ଶିଷ୍ୟ : ମହାଶୟ, ସେଦେଶରେ ଅନେକେ ତାଙ୍କୁ ପାଗଳ କହନ୍ତି । ମୁଁ କିନ୍ତୁ ପ୍ରଥମ ଦିନ ଦେଖା ହେବାବେଳୁ ତାଙ୍କୁ ମହାପୁରୁଷ ମନେକରିଥିଲି । ସେ ମୋତେ ଖୁବ୍ ଭଲ ପାଆନ୍ତି ଓ କୃପା କରନ୍ତି ।

ସ୍ୱାମୀଜୀ : ସେପରି ମହାପୁରୁଷଙ୍କ ସଙ୍ଗଲାଭ କରିଛୁ, ତେବେ ଆଉ ଭାବନା କଅଣ ? ବହୁ ଜନ୍ମର ତପସ୍ୟା ଥିଲେ ଯାଇ ସେପରି ମହାପୁରୁଷଙ୍କର ସଙ୍ଗଲାଭ ହୁଏ । ନାଗ-

ମହାଶୟ ଘରେ କିପରି ଥାଆନ୍ତି ?

ଶିଷ୍ୟ : ମହାଶୟ ! ତାଙ୍କର କାମଦାମ ତ କିଛି ଦେଖିଲି ନାହିଁ । କେବଳ ଅତିଥି-ସେବା ନେଇ ଅଛନ୍ତି । ପାଲବାବୁମାନେ ଯେଉଁ କେତୋଟି ଟଙ୍କା ଦିଅନ୍ତି, ତା' ଛଡ଼ା ଗ୍ରାସା-ଚ୍ଛାଦନର ଅନ୍ୟ ସମ୍ବଳ ନାହିଁ । କିନ୍ତୁ ଖରଚପତ୍ର ଗୋଟାଏ ବଡ଼ଲୋକ ଘର ପରି ହୁଏ ! କିନ୍ତୁ ନିଜର ଭୋଗ ପାଇଁ ପଇସାକର ବ୍ୟୟ ନାହିଁ । ଏତେ ବ୍ୟୟସବୁ କେବଳ ପର ସେବା ପାଇଁ । ସେବା, ସେବା—ଏହା ହିଁ ତାଙ୍କ ଜୀବନର ମହାବ୍ରତ ବୋଲି ମନେହୁଏ । ମନେହୁଏ ଯେପରି ପ୍ରତ୍ୟେକ ଭୂତରେ ଆତ୍ମଦର୍ଶନ କରି ସେ ଅଭିନ୍ନ ଜ୍ଞାନରେ ଜଗତର ସେବା କରି-ବାରେ ବ୍ୟସ୍ତ ଅଛନ୍ତି । ସେବା ନିମିତ୍ତ ନିଜର ଜୀବନଟାକୁ ଶରୀର ବୋଲି ଜ୍ଞାନ କରନ୍ତି ନାହିଁ—ଯେପରି ବେହୋସ୍ । ବାସ୍ତବିକ୍ ଶରୀରଜ୍ଞାନ ତାଙ୍କର ଅଛି କି ନାହିଁ, ସେବିଷୟରେ ମୋର ସନ୍ଦେହ ହୁଏ । ଆପଣ ଯେଉଁ ଅବସ୍ଥାକୁ super-conscicus (ଜ୍ଞାନାତୀତ) ବୋଲି କହନ୍ତି—ମୋର ମନେହୁଏ ସେ ସର୍ବଦା ସେହି ଅବସ୍ଥାରେ ଅବସ୍ଥାନ କରନ୍ତି ।

ସ୍ୱାମୀଜୀ : ତାହା ନ ହେବ କାହିଁକି ? ଠାକୁରେ ତାଙ୍କୁ କେତେ ଭଲ ପାଉଥିଲେ ! ତୁମର ବାଙ୍ଗାଲ ଦେଶକୁ ଏଥର ଠାକୁରଙ୍କର ସେହି ଗୋଟିଏ ସଙ୍ଗୀ ଆସିଛନ୍ତି । ତାଙ୍କରି ଆଲୋକରେ ପୂର୍ବବଙ୍ଗ ଆଲୋକିତ ହୋଇଅଛି ।

## ୧୩

ସ୍ଥାନ—ବେଲୁଡ଼, ଭଡ଼ା ମଠଘର
କାଳ—ଫେବୃଆରି ୧୮୯୮

ବେଲୁଡ଼ରେ ଗଙ୍ଗାକୂଳରେ ଶ୍ରୀଯୁକ୍ତ ନୀଲାମ୍ବର ମୁଖୋପାଧ୍ୟାୟଙ୍କ ବଗିଚା-ଘର ଭଡ଼ା କରି ଆଲମବଜାରରୁ ଏହି ସ୍ଥାନକୁ ମଠ ଉଠାଇ ଅଣାହୋଇଛି । ସେଥର ଫେବୃଆରି ୨୨ ତାରିଖ ଦିନ ନୀଲାମ୍ବରବାବୁଙ୍କ ବଗିଚାରେ ଠାକୁର ଶ୍ରୀରାମକୃଷ୍ଣଙ୍କର ଜନ୍ମତିଥି ପୂଜା ହୋଇଥିଲା । ସ୍ୱାମୀଜୀ ନୀଲାମ୍ବରବାବୁଙ୍କ ବଗିଚାରେ ହିଁ ଅବସ୍ଥାନ କରୁଥିଲେ ।

ଜନ୍ମତିଥି ପୂଜା ପାଇଁ ସେଥର ବିପୁଳ ଆୟୋଜନ ! ସ୍ୱାମୀଜୀଙ୍କ ଆଦେଶମତେ ଠାକୁରଘର ପରିପାଟୀ ଦ୍ରବ୍ୟ-ସମ୍ଭାରରେ ପରିପୂର୍ଣ୍ଣ ! ସ୍ୱାମୀଜୀ ସେଦିନ ସ୍ୱୟଂ ସବୁ ବିଷୟରେ ତତ୍ତ୍ୱାବଧାନ କରି ବୁଲୁଥିଲେ । ପୂଜାର ତତ୍ତ୍ୱାବଧାନ ଶେଷ କରି ସ୍ୱାମୀଜୀ ଶିଷ୍ୟକୁ କହିଲେ, 'ପଇତା ଆଣିଛୁ ତ ?'

ଶିଷ୍ୟ : ଆଜ୍ଞା ହଁ, ଆପଣଙ୍କ ଆଦେଶାନୁଯାୟୀ ସବୁ ପ୍ରସ୍ତୁତ । କିନ୍ତୁ ଏତେ ପଇତାର ଯୋଗାଡ଼ କାହିଁକି, ବୁଝୁ ନାହିଁ ।

ସ୍ୱାମୀଜୀ : ଦ୍ୱି-ଜାତି ମାତ୍ରର (ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ)ଙ୍କର ହିଁ ଉପନୟନ-ସଂସ୍କାରରେ ଅଧିକାର ଅଛି । ବେଦ ସ୍ୱୟଂ ତା'ର ପ୍ରମାଣ-ସ୍ଥଳ । ଆଜ ଠାକୁରଙ୍କ ଜନ୍ମଦିନରେ ଯେଉଁମାନେ ଆସିବେ, ତାଙ୍କୁ ସମସ୍ତଙ୍କୁ ପଇତା ପିନ୍ଧାଇ ଦେବ । ଏମାନେ ସବୁ ବ୍ରାତ୍ୟ (ପତିତ) ହୋଇଯାଇଛନ୍ତି । ଶାସ୍ତ୍ରରେ ଅଛି, ପ୍ରାୟଶ୍ଚିତ୍ତ କଲେ ହିଁ ପୁଣି ଉପନୟନ-ସଂସ୍କାରର ଅଧିକାରୀ ହୁଏ । ଆଜ ଠାକୁରଙ୍କ ଶୁଭ ଜନ୍ମତିଥି—ସମସ୍ତେ ତାଙ୍କ ନାମ ନେଇ ଶୁଦ୍ଧ ହେବେ । ସେଥିପାଇଁ ଆଜ ସମାଗତ ଭକ୍ତ-ମଣ୍ଡଳୀଙ୍କୁ ପଇତା ପିନ୍ଧାଇବାକୁ ହେବ । ବୁଝିଲୁ ?

ଶିଷ୍ୟ : ମୁଁ ଆପଣଙ୍କ ଆଦେଶମତେ ଅନେକଗୁଡ଼ିଏ ପଇତା ସଂଗ୍ରହ କରି ଆଣିଛି । ପୂଜା ଶେଷରେ ଆପଣଙ୍କ ଅନୁମତି ଅନୁସାରେ ସମାଗତ ଭକ୍ତ-ମଣ୍ଡଳୀଙ୍କୁ ସେସବୁ ପିନ୍ଧାଇ ଦେବି ।

ସ୍ୱାମୀଜୀ : ବ୍ରାହ୍ମଣେତର ଭକ୍ତମାନଙ୍କୁ ଏହିରୂପେ ଗାୟତ୍ରୀମନ୍ତ୍ର (ଏଠାରେ ଶିଷ୍ୟଙ୍କୁ କ୍ଷତ୍ରିୟାଦି ଦ୍ୱିଜାତିର ଗାୟତ୍ରୀ ମନ୍ତ୍ର କହିଦେଲେ) ଦେବୁ । କ୍ରମେ ଦେଶର ସମସ୍ତଙ୍କୁ ବ୍ରାହ୍ମଣ-ପଦବୀକୁ ଉଠାଇ ନେବାକୁ ହେବ । ଠାକୁରଙ୍କ ଭକ୍ତମାନଙ୍କର ତ କଥା ହିଁ ନାହିଁ, ହିନ୍ଦୁ ମାତ୍ରେ ହିଁ ପରସ୍ପର ପରସ୍ପରର ଭାଇ । 'ଛୁଇଁବ ନାହିଁ', 'ଛୁଇଁବ ନାହିଁ' କହି ଆମେମାନେ ହିଁ ଏମାନଙ୍କୁ ହୀନ କରିପକାଇଛୁ । ସେଥିପାଇଁ ଦେଶଟା ହୀନତା, ଭୀରୁତା, ମୂର୍ଖତା ଓ କାପୁରୁଷତାର ସ୍ତରକୁ ଗଲାଣି । ଏମାନଙ୍କୁ ଉଠାଇବାକୁ ହେବ, ଅଭୟବାଣୀ ଶୁଣାଇବାକୁ ହେବ—'ତୁମେ ସବୁ ମଧ୍ୟ ଆମରି ପରି ମଣିଷ । ତୁମର ବି ଆମପରି ସବୁ ଅଧିକାର ଅଛି ।' ବୁଝିଲୁ ?

ଶିଷ୍ୟ : ଆଜ୍ଞା ହଁ !

ସ୍ୱାମୀଜୀ : ଏଥର ଯେଉଁମାନେ ପଇତା ନେବେ, ତାଙ୍କୁ ଗଙ୍ଗାସ୍ନାନ କରି ଆସିବାକୁ କହ । ତା'ପରେ ଠାକୁରଙ୍କୁ ପ୍ରଣାମ କରି ସମସ୍ତେ ପଇତା ପିନ୍ଧିବେ ।

ସ୍ୱାମୀଜୀଙ୍କ ଆଦେଶାନୁଯାୟୀ ସମାଗତ ପ୍ରାୟ ୪୦।୫୦ ଜଣ ଭକ୍ତ କ୍ରମେ ଗଙ୍ଗାସ୍ନାନ କରି ଆସି, ଶିଷ୍ୟ ନିକଟରୁ ଗାୟତ୍ରୀମନ୍ତ୍ର ନେଇ ପଇତା ପିନ୍ଧିବାରେ ଲାଗିଲେ । ମଠରେ ହୁଲସ୍ଥୂଳ । ପଇତା ପିନ୍ଧି ଭକ୍ତମାନେ ଆସି ପୁଣି ଠାକୁରଙ୍କୁ ପ୍ରଣାମ କଲେ ଏବଂ ସ୍ୱାମୀଜୀଙ୍କ ପାଦପଦ୍ମରେ ପ୍ରଣତ ହେଲେ । ସେମାନଙ୍କୁ ଦେଖି ସ୍ୱାମୀଜୀଙ୍କ ମୁଖାରବିନ୍ଦ ଯେପରିକି ଶତ-ଗୁଣରେ ପ୍ରଫୁଲ୍ଲିତ ହେଲା । ଏହାର କିଛି ସମୟ ପରେ ଶ୍ରୀଯୁକ୍ତ ଗିରିଶଚନ୍ଦ୍ର ଘୋଷ ମହାଶୟ ମଠରେ ଉପସ୍ଥିତ ହେଲେ ।

ଏଥର ସ୍ୱାମୀଜୀଙ୍କ ଆଦେଶରେ ସଙ୍ଗୀତର ଉଦ୍ୟୋଗ ହେବାକୁ ଲାଗିଲା ଏବଂ ମଠର ସନ୍ନ୍ୟାସୀମାନେ ମନଇଚ୍ଛା ସ୍ୱାମୀଜୀଙ୍କୁ ଯୋଗୀରୂପେ ସଜାଇବାରେ ଲାଗିଲେ । ତାଙ୍କ କର୍ଣ୍ଣରେ ଶଙ୍ଖର କୁଣ୍ଡଳ, ସର୍ବାଙ୍ଗରେ କର୍ପୂର-ଧବଳ ପବିତ୍ର ବିଭୂତି, ମସ୍ତକରେ ଆପାଦଲମ୍ବିତ ଜଟାଭାର, ବାମ ହସ୍ତରେ ତ୍ରିଶୂଳ, ଉଭୟ ବାହୁରେ ରୁଦ୍ରାକ୍ଷ ବଳୟ, ଗଳାରେ ଆଜାନୁ-ଲମ୍ବିତ ତ୍ରିବଳୀକୃତ ରୁଦ୍ରାକ୍ଷମାଳା ପ୍ରଭୃତି ଦିଆଗଲା ।

ଏଥର ସ୍ୱାମୀଜୀ ପଶ୍ଚିମାସ୍ୟ ହୋଇ ମୁକ୍ତ-ପଦ୍ମାସନରେ ବସି 'କୂଜନ୍ତଂ ରାମ ରାମେତି' ସ୍ତବଟି ମଧୁର ସ୍ୱରରେ ଉଚ୍ଚାରଣ କଲେ ଏବଂ ସ୍ତବାନ୍ତେ କେବଳ 'ରାମ ରାମ ଶ୍ରୀରାମ ରାମ' ଏହିକଥା ପୁନଃ ପୁନଃ ଉଚ୍ଚାରଣ କରିବାକୁ ଲାଗିଲେ । ସ୍ୱାମୀଜୀଙ୍କ ଅର୍ଦ୍ଧନିମୀଳିତ ନେତ୍ର, ହସ୍ତରେ ତାନପୁରାର ସ୍ୱର ବାଜୁଅଛି । 'ରାମ ରାମ ଶ୍ରୀରାମ ରାମ' ଧ୍ୱନି ଛଡ଼ା ମଠରେ ଅନ୍ୟ କିଛି ଆଉ ଶୁଣାଗଲା ନାହିଁ । ଏହିପରି ପ୍ରାୟ ଅର୍ଦ୍ଧାଧିକ ଘଣ୍ଟା କଟିଗଲା । ସେତେବେଳେ କାହାର ମୁଖରେ ଅନ୍ୟ କୌଣସି କଥା ନାହିଁ । ସ୍ୱାମୀଜୀଙ୍କ କଣ୍ଠନିଃସୃତ ରାମନାମ-ସୁଧା ପାନ କରି ସମସ୍ତେ ଆଜି ମତୁଆଲା ।

ରାମନାମ କୀର୍ତ୍ତନାନ୍ତେ ସ୍ୱାମୀଜୀ ପୂର୍ବପରି ନିଶା-ଜୋର୍‌ରେ ଗାଇବାକୁ ଲାଗିଲେ— 'ସୀତାପତି ରାମଚନ୍ଦ୍ର ରଘୁପତି ରଘୁରାଇ ।' ସ୍ୱାମୀ ସାରଦାନନ୍ଦ* ପ୍ରଥମେ 'ଏକରୂପ ଅରୂପ ନାମ ବରଣ' ଗୀତଟି ଗାଇଲେ । ମୃଦଙ୍ଗର ସ୍ନିଗ୍ଧ ଗମ୍ଭୀର ନିର୍ଘୋଷରେ ଗଙ୍ଗା ଯେପରିକି ଉଚ୍ଛୁଳି ଉଠିଲା ଏବଂ ସ୍ୱାମୀ ସାରଦାନନ୍ଦଙ୍କ ସୁକଣ୍ଠରେ ଓ ସଙ୍ଗେ ସଙ୍ଗେ ମଧୁର ଆଲାପରେ ଘର ପୂରି ଉଠିଲା । ତତ୍ପରେ ଶ୍ରୀରାମକୃଷ୍ଣଦେବ ଯେଉଁସବୁ ଗୀତ ଗାଉଥିଲେ କ୍ରମେ ସେସବୁ ଗୀତ ଗାନ ହେବାକୁ ଲାଗିଲା ।

ଏଥର ସ୍ୱାମୀଜୀ ସହସା ନିଜର ବେଶଭୂଷା ଖୋଲି ଗିରିଶବାବୁଙ୍କୁ ସାଦରେ ସେସବୁ ପିନ୍ଧାଇ ସଜାଇବାକୁ ଲାଗିଲେ । ନିଜହସ୍ତରେ ଗିରିଶବାବୁଙ୍କ ବିଶାଳ ଦେହରେ ଭସ୍ମ ବୋଳି କର୍ଣ୍ଣରେ କୁଣ୍ଡଳ, ମସ୍ତକରେ ଜଟାଭାର, କଣ୍ଠରେ ରୁଦ୍ରାକ୍ଷ ଓ ବାହୁରେ ରୁଦ୍ରାକ୍ଷ-ବଳୟ ଦେବାକୁ ଲାଗିଲେ । ଗିରିଶବାବୁ ସେହି ସଜ୍ଜାରେ ଯେପରି ଆଉ ଏକ ମୂର୍ତ୍ତି ହୋଇ ଉଭା ହେଲେ । ତାହା ଦେଖି ଭକ୍ତମାନେ ଅବାକ୍ ହୋଇଗଲେ । ଅନନ୍ତର ସ୍ୱାମୀଜୀ କହିଲେ 'ପରମହଂସଦେବ କହୁଥିଲେ, ଏ ଭୈରବର ଅବତାର । ଆମ ସହିତ ଏହାଙ୍କର କୌଣସି ପ୍ରଭେଦ ନାହିଁ ।'

ଗିରିଶବାବୁ ନିର୍ବାକ୍ ହୋଇ ବସି ରହିଲେ । ତାଙ୍କ ସନ୍ନ୍ୟାସୀ ଗୁରୁଭ୍ରାତାମାନେ ତାଙ୍କୁ ଆଜି ଯେପରି ବେଶରେ ସଜାଇବାକୁ ଚାହାନ୍ତି, ସେ ରାଜି । ଅବଶେଷରେ ସ୍ୱାମୀଜୀଙ୍କ ଆଦେଶରେ ଖଣ୍ଡେ ଗେରୁଆ ଲୁଗା ଆଣି ଗିରିଶବାବୁଙ୍କୁ ପିନ୍ଧାଇ ଦିଆଗଲା । ଗିରିଶବାବୁ କୌଣସି ଆପତ୍ତି କଲେ ନାହିଁ । ଗୁରୁଭ୍ରାତାମାନଙ୍କ ଇଚ୍ଛାରେ ଆଜି ସେ ଅବାଧରେ ଅଙ୍ଗ ଢାଳି ଦେଇଛନ୍ତି । ଏଥର ସ୍ୱାମୀଜୀ କହିଲେ—ଜି. ସି., ତୁମେ ଆଜି ଆମକୁ ଠାକୁରଙ୍କ (ଶ୍ରୀରାମକୃଷ୍ଣଦେବଙ୍କ) କଥା ଶୁଣାଇବ । (ସମସ୍ତଙ୍କୁ ଲକ୍ଷ୍ୟ କରି) କହିଲେ, 'ତୁମେ ସବୁ ସ୍ଥିର ହୋଇ ବସ ।'

ଗିରିଶବାବୁଙ୍କର ସେତେବେଳେ ସୁଦ୍ଧା ମୁହଁରେ କୌଣସି କଥା ନାହିଁ । ଯାହାଙ୍କ ଜନ୍ମୋତ୍ସବରେ ଆଜି ସମସ୍ତେ ମିଳିତ ହୋଇଛନ୍ତି, ତାଙ୍କ ଲୀଳା ଦର୍ଶନ କରି ଏବଂ ତାହାଙ୍କ ସାକ୍ଷାତ୍ ପାର୍ଷଦମାନଙ୍କ ଆନନ୍ଦ ଦର୍ଶନ କରି ସେ ଆନନ୍ଦରେ ଜଡ଼ବତ୍ ହୋଇଯାଇଛନ୍ତି । ଅବଶେଷରେ ଗିରିଶବାବୁ କହିଲେ, 'ଦୟାମୟ ଠାକୁରଙ୍କ କଥା ମୁଁ ଆଉ କ'ଣ କହିବ ?

* ଅଳ୍ପ କିଛିଦିନ ପୂର୍ବରୁ ଆମେରିକାରୁ ପ୍ରତ୍ୟାବର୍ତ୍ତନ କରିଥିଆନ୍ତି...

କାମ-କାଞ୍ଚନତ୍ୟାଗୀ ତୁମମାନଙ୍କ ପରି ବାଲ-ସନ୍ନ୍ୟାସୀମାନଙ୍କ ସହିତ ଯେ ସେ ଏହି ଅଧମକୁ ଏକାସନରେ ବସିବାର ଅଧିକାର ଦେଇଛନ୍ତି, ଏଥିରେ ହିଁ ତାଙ୍କର ଅପାର କରୁଣା ଅନୁଭବ କରେ ।' କଥାଗୁଡ଼ିକ କହୁ କହୁ ଗିରିଶବାବୁଙ୍କ କଣ୍ଠରୋଧ ହୋଇ ଆସିଲା । ସେ ଅନ୍ୟ କିଛି ଆଉ ସେଦିନ କହିପାରିଲେ ନାହିଁ ।

ଅନନ୍ତର ସ୍ୱାମୀଜୀ କେତୋଟି ହିନ୍ଦୀ ଗୀତ ଗାଇଲେ । ଏହି ସମୟରେ ପ୍ରଥମ ପୂଜା ଶେଷ ହେବାରୁ ଭକ୍ତମାନଙ୍କୁ ଜଳଯୋଗ କରିବା ସକାଶେ ଡକାଗଲା । ଜଳଯୋଗ ସାଙ୍ଗ ହେଲା ପରେ ସ୍ୱାମୀଜୀ ତଳ ବୈଠକଖାନାରେ ଯାଇ ବସିଲେ । ସମାଗତ ଭକ୍ତମାନେ ବି ତାଙ୍କୁ ଘେରି ବସିଲେ ।

ସ୍ୱାମୀଜୀ ଉପବୀତଧାରୀ ଜନୈକ ଗୃହସ୍ଥଙ୍କୁ ସମ୍ବୋଧନ କରି କହିଲେ—ତୁମେତ ହେଲ ଦ୍ୱିଜାତି । ବହୁକାଳରୁ ବ୍ରାତ୍ୟ ହୋଇଯାଇଥିଲ । ଆଜଠୁ ପୁଣି ଦ୍ୱିଜାତି ହେଲ । ପ୍ରତ୍ୟହ ଗାୟତ୍ରୀ ମନ୍ତ୍ର ଅନ୍ତତଃ ଶହେଥର ଜପିବ, ବୁଝିଲ ?

ଗୃହସ୍ଥଟି 'ଯେ ଆଜ୍ଞା' କହି ସ୍ୱାମୀଜୀଙ୍କ ଆଜ୍ଞା ଶିରୋଧାର୍ଯ୍ୟ କଲେ । ଇତିମଧ୍ୟରେ ଶ୍ରୀଯୁକ୍ତ ମହେନ୍ଦ୍ରନାଥ ଗୁପ୍ତ (ମାଷ୍ଟର ମହାଶୟ) ଉପସ୍ଥିତ ହେଲେ । ସ୍ୱାମୀଜୀ ମାଷ୍ଟର ମହାଶୟଙ୍କୁ ଦେଖି ନାନା ସାଦର ସମ୍ଭାଷଣରେ ଆପ୍ୟାୟିତ କରିବାକୁ ଲାଗିଲେ । ମହେନ୍ଦ୍ର ବାବୁ ପ୍ରଣାମ କରି ଗୋଟିଏ କୋଣରେ ଠିଆ ହୋଇଥିଲେ । ସ୍ୱାମୀଜୀ ବାରମ୍ବାର ବସିବାକୁ କହିବାରୁ ଜଡ଼ସଡ଼ ହୋଇ ଗୋଟିଏ କୋଣରେ ଉପବିଷ୍ଟ ହେଲେ ।

ସ୍ୱାମୀଜୀ : ମାଷ୍ଟର ମହାଶୟ ! ଆଜି ଠାକୁରଙ୍କ ଜନ୍ମଦିନ । ଠାକୁରଙ୍କ କଥା ଆଜି ଆମକୁ କିଛି ଶୁଣାଇବାକୁ ହେବ । ମାଷ୍ଟର ମହାଶୟ ମୃଦୁ ହାସ୍ୟ କରି ଅବନତ-ମସ୍ତକ ହୋଇ ରହିଲେ ।

ଇତିମଧ୍ୟରେ ସ୍ୱାମୀ ଅଖଣ୍ଡାନନ୍ଦ ମୁର୍ଶିଦାବାଦରୁ ପ୍ରାୟ ଦେଢ଼ ମହଣ ଓଜନର ଦୁଇଟି ପାନତୁଆ ଆଣି ମଠରେ ଉପସ୍ଥିତ ହେଲେ । ଅଦ୍ଭୁତ ପାନତୁଆ ଦୁଇଟି ଦେଖିବାକୁ ସମସ୍ତେ ଦଉଡ଼ିଲେ । ଅନନ୍ତର ସ୍ୱାମୀଜୀ ପ୍ରଭୃତଙ୍କୁ ତାହା ଦେଖା ହେବା ପରେ ସ୍ୱାମୀଜୀ କହିଲେ—'ଠାକୁର ଘରକୁ ନେଇ ଯା ।'

ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଲକ୍ଷ୍ୟ କରି ସ୍ୱାମୀଜୀ ଶିଷ୍ୟଙ୍କୁ କହିବାକୁ ଲାଗିଲେ : ଦେଖୁଛୁ କିପରି କର୍ମବୀର ! ଭୟ, ମୃତ୍ୟୁ, ଏସବୁର ଜ୍ଞାନ ନାହିଁ । ଏକାଜିଦ୍‌ରେ କର୍ମ କରିଯାଉଛି । 'ବହୁଜନହିତାୟ, ବହୁଜନସୁଖାୟ ।'

ଶିଷ୍ୟ : ଆଜ୍ଞା କେତେ ତପସ୍ୟା ବଳରେ ତାଙ୍କଠାରେ ଏହି ଶକ୍ତି ଆସିଛି !

ସ୍ୱାମୀଜୀ : ତପସ୍ୟା ଫଳରେ ଶକ୍ତି ଆସେ । ପୁଣି ପରାର୍ଥେ କର୍ମ କଲେ ହିଁ ତପସ୍ୟା କରିବା ହୁଏ । କର୍ମଯୋଗୀମାନେ କର୍ମକୁ ହିଁ ତପସ୍ୟାର ଅଙ୍ଗ ବୋଲି କହନ୍ତି । ତପସ୍ୟା କରୁ କରୁ ଯେପରି ପରହିତେଚ୍ଛା ବଳବତୀ ହୋଇ ସାଧକକୁ କର୍ମ କରାଏ, ସେହିପରି ପର ପାଇଁ କାମ କରୁ କରୁ ପରା ତପସ୍ୟାର ଫଳ—ଚିତ୍ତଶୁଦ୍ଧି ଓ ପରମାତ୍ମାଙ୍କ ଦର୍ଶନ-ଲାଭ ହୁଏ ।

ଶିଷ୍ୟ : କିନ୍ତୁ ମହାଶୟ : ପ୍ରଥମରୁ ପର ପାଇଁ ପ୍ରାଣ ଦେଇ କାର୍ଯ୍ୟ କରିବାକୁ କେତେ

ଜଣ ପାରନ୍ତି ? ମନରେ ଏପରି ଉଦାରତା ଆସିବ କାହିଁକି, ଯାହା ହେତୁ ଜୀବ ଆତ୍ମ-ସୁଖେଚ୍ଛା ବଳି ଦେଇ ପରାର୍ଥେ ଜୀବନ ଦେବ ?

ସ୍ୱାମୀଜୀ : ତପସ୍ୟାରେ ବା କେତେଜଣଙ୍କର ମନ ଯାଏ ? କାମ-କାଞ୍ଚନର ଆକର୍ଷଣ ତ୍ୟାଗ କରି କେତେଜଣ ବା ଭଗବାନଲାଭର ଆକାଙ୍କ୍ଷା କରନ୍ତି ? ତପସ୍ୟା ବି ଯେପରି କଠିନ, ନିଷ୍କାମ କର୍ମ ମଧ୍ୟ ତଦ୍ରୂପ । ସୁତରାଂ ଯେଉଁମାନେ ପରହିତରେ କାମ କରିଯାଆନ୍ତି, ତାଙ୍କ ବିରୋଧରେ ତୋର କିଛି କହିବାର ନାହିଁ । ତୋତେ ତପସ୍ୟା ଭଲ ଲାଗେ, କରିଯାଆ; ଆଉ ଜଣଙ୍କୁ କର୍ମ ଭଲ ଲାଗେ—ତାକୁ ତୋର ନିଷେଧ କରିବାର କି ଅଧିକାର ଅଛି ? ତୁ ବୋଧହୁଏ ବୁଝି ରଖିଛୁ—କର୍ମ ଆଉ ତପସ୍ୟା ଏକ ନୁହେଁ ?

ଶିଷ୍ୟ : ଆଜ୍ଞା ହଁ, ପୂର୍ବେ ତପସ୍ୟା ଅର୍ଥ ମୁଁ ଅନ୍ୟ ଭାବରେ ବୁଝିଥିଲି ।

ସ୍ୱାମୀଜୀ : ଯେପରି ସାଧନ-ଭଜନ ଅଭ୍ୟାସ କରୁ କରୁ ସେଥିରେ ଗୋଟାଏ ଦାର୍ଢ୍ୟ ଆସିଯାଏ, ସେହିପରି ଅନିଚ୍ଛା ସତ୍ତ୍ୱେ କାମ କରୁ କରୁ ହୃଦୟ କ୍ରମେ ତହିଁରେ ବୁଡ଼ିଯାଏ । କ୍ରମେ ପରାର୍ଥ କର୍ମରେ ପ୍ରବୃତ୍ତି ହୁଏ, ବୁଝିଲୁ ? ଥରେ ଅନିଚ୍ଛା ସତ୍ତ୍ୱେ ପରର ସେବା କରି ଦେଖ୍ ନା, ତପସ୍ୟାର ଫଳ ଲାଭ ହୁଏ କି ନାହିଁ । ପରାର୍ଥ କର୍ମଫଳରେ ମନର ଅଙ୍କାବଙ୍କା ଭାବ ସବୁ ଭାଙ୍ଗିଯାଏ ଓ ମନୁଷ୍ୟ କ୍ରମେ ଅକପଟରେ ପ୍ରାଣ ଦେବାକୁ ଉନ୍ମୁଖ ହୁଏ ।

ଶିଷ୍ୟ : କିନ୍ତୁ ଆଜ୍ଞା ! ପରହିତର ପ୍ରୟୋଜନ କ'ଣ ?

ସ୍ୱାମୀଜୀ : ନିଜ ହିତ ପାଇଁ । ଏହି ଦେହଟା, ଯହିଁରେ 'ମୁଁ' ଅଭିମାନ କରି ବସିଅଛୁ, ଏହି ଦେହଟାକୁ ପର ପାଇଁ ଉତ୍ସର୍ଗ କରିଛି, ଏକଥା ଭାବିବାକୁ ଗଲେ, ଏହି 'ମୁଁତ୍ୱ' ଟାକୁ ବି ଭୁଲିଯିବାକୁ ହୁଏ । ଶେଷରେ ବିଦେହ-ବୁଦ୍ଧି ଆସେ । ତୁ ଯେତେ ଏକାଗ୍ରତାର ସହିତ ପରର ଭାବନା କରିବୁ, ସେତେ ନିଜକୁ ଭୁଲିଯିବୁ । ଏହିରୂପେ କର୍ମ ଦ୍ୱାରା ଯେତେ-ବେଳେ କ୍ରମେ ଚିତ୍ତ ଶୁଦ୍ଧ ହୋଇ ଆସିବ, ସେତେ ବେଳେ ତୋର ଆତ୍ମା ସର୍ବଜୀବରେ, ସର୍ବ-ଘଟରେ ବିରାଜମାନ, ଏ ତତ୍ତ୍ୱ, ଦେଖିବାକୁ ପାଇବୁ । ସେଥିପାଇଁ ପରର ହିତସାଧନ ହେଉଛି ନିଜ ଆତ୍ମ-ବିକାଶର ଗୋଟାଏ ଉପାୟ, ଗୋଟାଏ ପଥ । ଏହାକୁ ମଧ୍ୟ ଜାଣିବୁ—ଏହା ଏକ ପ୍ରକାର ଈଶ୍ୱର-ସାଧନା । ଏହାର ମଧ୍ୟ ଉଦ୍ଦେଶ୍ୟ ହେଉଛି—ଆତ୍ମ-ବିକାଶ । ଜ୍ଞାନ, ଭକ୍ତି ପ୍ରଭୃତି ସାଧନ ଦ୍ୱାରା ଯେପରି ଆତ୍ମ-ବିକାଶ ହୁଏ, ପରାର୍ଥେ କର୍ମ ଦ୍ୱାରା ବି ଠିକ୍ ତାହା ହିଁ ହୁଏ ।

ଶିଷ୍ୟ : କିନ୍ତୁ ଆଜ୍ଞା ମୁଁ ଯଦି ଦିନରାତି ପରର ଭାବନା ହିଁ କରିବି, ତେବେ ଆତ୍ମଚିନ୍ତା କରିବି କେତେବେଳେ ? ଗୋଟାଏ ବିଶେଷ ଭାବ ନେଇ ପଡ଼ି ରହିଲେ ଅଭାବ-ରୂପୀ ଆତ୍ମାର କିପରି ସାକ୍ଷାତ୍କାର ହେବ ?

ସ୍ୱାମୀଜୀ : ଆତ୍ମଜ୍ଞାନ-ଲାଭ ହିଁ ସକଳ ସାଧନାର, ସକଳ ପଥର ମୁଖ୍ୟ ଉଦ୍ଦେଶ୍ୟ । ତୁ ଯଦି ସେବାପର ହୋଇ, ସେହି କର୍ମଫଳରେ ଚିତ୍ତଶୁଦ୍ଧି ଲାଭ କରି, ସର୍ବଜୀବକୁ ଆତ୍ମବତ୍ ଦର୍ଶନ କରିପାରୁ, ତେବେ ଆତ୍ମଦର୍ଶନର ବାକି କଅଣ ରହିଲା ? ଆତ୍ମଦର୍ଶନ ମାନେ କଅଣ ଜଡ଼ ପରି—ଏହି କାନ୍ଥଟା ବା କାଠଖଣ୍ଡ ପରି ବସି ରହିବା ?

ଶିଷ୍ୟ : ତାହା ନ ହେଲେ ମଧ୍ୟ ସବୁ ବୃତ୍ତି ଓ କର୍ମର ନିରୋଧକୁ ହିଁ ତ ଶାସ୍ତ୍ର ଆତ୍ମାର ସ୍ୱ-ସ୍ୱରୂପାବସ୍ଥାନ ବୋଲି କହୁଛନ୍ତି ?

ସ୍ୱାମୀଜୀ : ଶାସ୍ତ୍ରରେ ଯାହାକୁ 'ସମାଧି' କୁହାଯାଇଅଛି, ସେ ଅବସ୍ଥା ତ ଆଉ ସହଜରେ ଲାଭ ହୁଏ ନାହିଁ । କଦାଚିତ୍ କାହାରି ହେଲେ ବି ଅଧିକ କାଳ ସ୍ଥାୟୀ ହୁଏ ନାହିଁ । ସେତେବେଳେ ସେ କ'ଣ ନେଇ ରହିବ କହ ? ସେଥିପାଇଁ ଶାସ୍ତ୍ରୋକ୍ତ ଅବସ୍ଥା ଲାଭ ପରେ ସାଧକ ପ୍ରତିଭୂତରେ ଆତ୍ମଦର୍ଶନ କରି, ଅଭିନ୍ନ ଜ୍ଞାନରେ ସେବାପର ହୋଇ ପ୍ରାରବ୍ଧ କ୍ଷୟ କରେ । ଏହି ଅବସ୍ଥାଟାକୁ ଶାସ୍ତ୍ରକାରମାନେ ଜୀବନ୍ମୁକ୍ତ ଅବସ୍ଥା ବୋଲି କହିଯାଇଛନ୍ତି ।

ଶିଷ୍ୟ : ତେବେ ଆଜ୍ଞା ! କଥା ଆସି ଏଇଠି ରହୁଛି ଯେ, ଜୀବନ୍ମୁକ୍ତ ଅବସ୍ଥା ଲାଭ ନ କଲେ ଠିକ୍ ଠିକ୍ ପରାର୍ଥ କାମ କରାଯାଇପାରେ ନାହିଁ ?

ସ୍ୱାମୀଜୀ : ଶାସ୍ତ୍ର ଏହି କଥା କହୁଛି; ପୁଣି ଏ କଥା ବି କହୁଛି ଯେ, ପରାର୍ଥ ସେବାପର ହେଉ ହେଉ ସାଧକର ଜୀବନ୍ମୁକ୍ତ ଅବସ୍ଥା ଘଟେ, ନଚେତ୍ 'କର୍ମଯୋଗ' ବୋଲି ଗୋଟାଏ ଅଲଗା ପଥ ଉପଦେଶ ଦେବାର ଶାସ୍ତ୍ରର କିଛି ପ୍ରୟୋଜନ ନ ଥିଲା ।

ଶିଷ୍ୟ : ଏତେବେଳେ ଯାଇ ଠିକ୍ ବୁଝି ହେଲା । ସ୍ୱାମୀଜୀ ମଧ୍ୟ ସେହି ପ୍ରସଙ୍ଗ ତ୍ୟାଗ କରି କିନ୍ନର-କଣ୍ଠରେ ଗୀତ ଗାଇଲେ—

ଦୁଃଖିନୀ ବ୍ରାହ୍ମଣୀ କୋଳେ କେ ଶୁଇଛ ଆଲୋ କରେ,
କେରେ ଓରେ ଦିଗମ୍ବର ଏସେଛ କୁଟୀର ଘରେ ।
ମରି ମରି ରୂପ ହେରି          ନୟନ ଫିରାତେ ନାରି
ହୃଦୟସନ୍ତାପହାରୀ ସାଧ ଧରି ହୃଦିପରେ ।।
ଭୂତଲେ ଅତୁଲ ମଣି,          କେ ଏଲିରେ ଯାଦୁମଣି
ତାପିତା ହେରେ ଅବନୀ ଏସେଛ କି ସକାତରେ ।
ବ୍ୟଥିତେ କି ଦିତେ ଦେଖା,          ଗୋପନେ ଏସେଛ ଏକା,
ବଦନେ କରୁଣା ମାଖା, ହାସ କାନ୍ଦ କା'ର ତରେ ।*

ଗିରିଶବାବୁ ଓ ଭକ୍ତମାନେ ସମସ୍ତେ ତାଙ୍କ ସଙ୍ଗେ ସଙ୍ଗେ ଏହି ଗୀତ ଗାଇବାକୁ ଲାଗିଲେ । 'ତାପିତା ହେରେ ଅବନୀ ଏସେଛ କି ସକାତରେ' ପଦଟି ବାରମ୍ବାର ଗୀତ ହେବାକୁ ଲାଗିଲା । ଏହାପରେ—'ମଜଲୋ ଆମାର ମନ-ଭ୍ରମରା କାଲୀପଦ ନୀଲ-କମଲେ' ଇତ୍ୟାଦି କେତୋଟି ଗୀତ ହେବା ପରେ ତିଥିପୂଜାର ନିୟମାନୁଯାୟୀ ଗୋଟିଏ ଜୀବନ୍ତ ମତ୍ସ୍ୟ ବାଦ୍ୟୋଦ୍ୟମ ସହ ଗଙ୍ଗାରେ ଛଡ଼ାଗଲା । ତା'ପରେ ମହାପ୍ରସାଦ ଗ୍ରହଣ କରିବା ନିମିତ୍ତ ଭକ୍ତମାନଙ୍କ ମଧ୍ୟରେ ଚହଳ ପଡ଼ିଗଲା ।

---

* ଶ୍ରୀଶ୍ରୀରାମକୃଷ୍ଣଙ୍କ ଜନ୍ମୋତ୍ସବ ଉପଲକ୍ଷେ ନାଟ୍ୟକାର ଶ୍ରୀଗିରିଶଚନ୍ଦ୍ର ଘୋଷଙ୍କ ଦ୍ୱାରା ରଚିତ ।

# ୧୪

ସ୍ଥାନ—କଲିକତା, ବଲରାମବାବୁଙ୍କ ଘର
କାଲ—ମାର୍ଚ୍ଚ ୯୮୯୮

ସ୍ୱାମୀଜୀ ଆଜକୁ ଦୁଇଦିନ ହେଲା ବାଗ୍‌ବଜାରରେ ବଲରାମ ବସୁଙ୍କ ଗୃହରେ ଅବସ୍ଥାନ କରୁଛନ୍ତି । ସୁତରାଂ ଶିଷ୍ୟର ବିଶେଷ ସୁବିଧା—ପ୍ରତ୍ୟହ ସେଠାକୁ ଯିବାଆସିବା କରେ । ଆଜି ସନ୍ଧ୍ୟା ପୂର୍ବରୁ ସ୍ୱାମୀଜୀ ସେହି ଘରର ଛାତ ଉପରେ ବୁଲୁଛନ୍ତି । ଶିଷ୍ୟ ଓ ଅନ୍ୟ ଚାରି ପାଞ୍ଚଜଣ ଲୋକ ସଙ୍ଗରେ ଅଛନ୍ତି । ଖରା ଗରମ ପଡ଼ୁଛି । ସ୍ୱାମୀଜୀଙ୍କର ଖାଲି ଦେହ, ଧୀରେ ଧୀରେ ଦକ୍ଷିଣା ପବନ ବହୁଛି । ବୁଲୁ ବୁଲୁ ସ୍ୱାମୀଜୀ ଗୁରୁଗୋବିନ୍ଦଙ୍କ କଥା ଉଠାଇ ତାଙ୍କର ତ୍ୟାଗ, ତପସ୍ୟା, ତିତିକ୍ଷା ଓ ପ୍ରାଣପାତ ପରିଶ୍ରମ ଫଳରେ ଶିଖ ଜାତିର କିପରି ପୁନରୁତ୍ଥାନ ହୋଇଥିଲା, କିପରି ସେ ମୁସଲମାନ ଧର୍ମରେ ଦୀକ୍ଷିତ ବ୍ୟକ୍ତିମାନଙ୍କୁ ମଧ୍ୟ ଦୀକ୍ଷାଦାନ କରି ପୁନରାୟ ହିନ୍ଦୁ କରି ଶିଖ ଜାତିର ଅନ୍ତର୍ଭୁକ୍ତ କରିନେଇଥିଲେ ଏବଂ କିପରି ବା ସେ ନର୍ମଦାତୀରରେ ମାନବଲୀଳା ସମ୍ବରଣ କରିଥିଲେ—ଓଜସ୍ୱିନୀ ଭାଷାରେ ସେବିଷୟରେ ବର୍ଣ୍ଣନା କରିବାକୁ ଲାଗିଲେ । ଗୁରୁଗୋବିନ୍ଦଙ୍କ ନିକଟରୁ ଦୀକ୍ଷିତ ବ୍ୟକ୍ତିମାନଙ୍କ ଭିତରେ ସେତେବେଳେ ଯେ କି ମହାଶକ୍ତି ସଞ୍ଚାରିତ ହେଉଥିଲା, ତାହାର ଉଲ୍ଲେଖ କରି ସ୍ୱାମୀଜୀ ଶିଖ ଜାତି ମଧ୍ୟରେ ପ୍ରଚଳିତ ଗୋଟିଏ ଦୋହା ଆବୃତ୍ତି କରି କହିଲେ—

ସଓୟା ଲାଖ ପର ଏକ ଚଢ଼ାଉଁ
ଜବ୍ ଗୁରୁ ଗୋବିନ୍ଦ୍ ନାମ ଶୁଣାଉଁ ।

ଅର୍ଥାତ୍ ଗୁରୁ ଗୋବିନ୍ଦଙ୍କ ନିକଟରୁ ନାମ (ଦୀକ୍ଷା) ନେଇ ଜଣେ ଜଣେ ବ୍ୟକ୍ତିଙ୍କ ଭିତରେ ଲକ୍ଷେ ପଚିଶ ହଜାର ବ୍ୟକ୍ତିଙ୍କ ଅପେକ୍ଷା ମଧ୍ୟ ଅଧିକ ଶକ୍ତି ସଞ୍ଚାରିତ ହେଉଥିଲା । ଗୁରୁ ଗୋବିନ୍ଦଙ୍କ ନିକଟରୁ ଦୀକ୍ଷା ଗ୍ରହଣ କଲେ ତାଙ୍କ ଶକ୍ତିବଳରେ ଜୀବନରେ ଯଥାର୍ଥ ଧର୍ମପ୍ରାଣତା ଉପସ୍ଥିତ ହୋଇ ଗୁରୁ ଗୋବିନ୍ଦଙ୍କ ପ୍ରତ୍ୟେକ ଶିଷ୍ୟଙ୍କ ଅନ୍ତର ଏପରି ଅଦ୍ଭୁତ ବୀରତ୍ୱରେ ପୂର୍ଣ୍ଣ ହେଉଥିଲା ଯେ, ସେ ସେତେବେଳେ ଲକ୍ଷେ ପଚିଶ ହଜାର ବିଧର୍ମୀଙ୍କୁ ପରାଜିତ କରିବାକୁ ସମର୍ଥ ହେଉଥିଲେ । ଧର୍ମ-ମହିମାସୂଚକ ସେହି କଥା ସବୁ କହୁ କହୁ ସ୍ୱାମୀଜୀଙ୍କ ଉତ୍ସାହ-ବିସ୍ଫାରିତ ନୟନରେ ଯେପରିକି ତେଜ ଫୁଟି ବାହାରିବାକୁ ଲାଗିଲା । ଶ୍ରୋତୃବୃନ୍ଦ ସ୍ତବ୍ଧ ହୋଇ ସ୍ୱାମୀଜୀଙ୍କ ମୁହଁ ଆଡ଼କୁ ଅନାଇଁ ତାହା ହିଁ ଦେଖିବାକୁ ଲାଗିଲେ । କି ଅଦ୍ଭୁତ ଉତ୍ସାହ ଓ ଶକ୍ତି ସ୍ୱାମୀଜୀଙ୍କ ଭିତରେ ଥିଲା ! ଯେତେବେଳେ ଯେଉଁ ବିଷୟରେ କଥା ଉଠାଉ-ଥିଲେ, ସେତେବେଳେ ତହିଁରେ ସେ ଏତେ ତନ୍ମୟ ହୋଇଯାଉଥିଲେ ଯେ, ମନେ-ହେଉଥିଲା, ସେହି ବିଷୟକୁ ହିଁ ସେ ନିଶ୍ଚୟ ଜଗତର ଅନ୍ୟ ସବୁ ବିଷୟାପେକ୍ଷା ବଡ଼ ଏବଂ ଏହାର ଲାଭ ହିଁ ମନୁଷ୍ୟ-ଜୀବନର ଏକମାତ୍ର ଲକ୍ଷ୍ୟ ବୋଲି ବିବେଚନା କରନ୍ତି ।

କିଛି ସମୟ ପରେ ଶିଷ୍ୟ କହିଲେ, 'ଆଜ୍ଞା, ଏହା କିନ୍ତୁ ଅତି ଅଦ୍ଭୁତ କଥା ଯେ,

ଗୁରୁଗୋବିନ୍ଦ ହିନ୍ଦୁ ଓ ମୁସଲମାନ ଉଭୟଙ୍କୁ ହିଁ ନିଜ ଧର୍ମରେ ଦୀକ୍ଷିତ କରି ଏକ ଉଦ୍ଦେଶ୍ୟରେ ଚାଳିତ କରିପାରିଥିଲେ । ଭାରତବର୍ଷର ଇତିହାସରେ ଏପରି ଦ୍ୱିତୀୟ ଦୃଷ୍ଟାନ୍ତ ଦେଖାଯାଏ ନାହିଁ ।'

ସ୍ୱାମୀଜୀ : Common interest (ଏକା ପ୍ରକାରର ସ୍ୱାର୍ଥର ଚେଷ୍ଟା) ନ ହେଲେ ଲୋକେ କେବେହେଁ ଏକତା-ସୂତ୍ରରେ ଆବଦ୍ଧ ହୁଅନ୍ତି ନାହିଁ । ସଭା ସମିତିରେ ଲେକ୍‌ଚର୍ କରି ସର୍ବସାଧାରଣଙ୍କୁ କେବେହେଲେ unite (ଏକାଠି) କରାଯାଏ ନାହିଁ, ଯଦି ସେମାନଙ୍କର interest (ସ୍ୱାର୍ଥ) ଏକ ନ ହୁଏ । ଗୁରୁ ଗୋବିନ୍ଦ ବୁଝାଇ ଦେଇଛନ୍ତି ଯେ, ତତ୍କାଳୀନ କାଳର କି ହିନ୍ଦୁ କି ମୁସଲମାନ—ସମସ୍ତେ ଘୋର ଅତ୍ୟାଚାର ଓ ଅବିଚାରର ରାଜ୍ୟରେ ବାସ କରୁଛନ୍ତି । ଗୁରୁ ଗୋବିନ୍ଦ common interest create (ଏକା ପ୍ରକାର ସ୍ୱାର୍ଥଚେଷ୍ଟାର ସୃଷ୍ଟି) କରି ନାହାନ୍ତି, କେବଳ ତାହା ଇତର ସାଧାରଣଙ୍କୁ ବୁଝାଇ ଦେଇଥିଲେ ମାତ୍ର । ସେଥିଯୋଗୁଁ ହିନ୍ଦୁ ମୁସଲମାନ ସମସ୍ତେ ତାଙ୍କୁ follow (ଅନୁସରଣ) କରିଥିଲେ । ସେ ମହାଶକ୍ତି-ସାଧକ ଥିଲେ । ଭାରତର ଇତିହାସରେ ତାଙ୍କ ପରି ଦୃଷ୍ଟାନ୍ତ ବିରଳ ।

ସେତେବେଳେ ରାତି ହୋଇଅଛି ଦେଖି ସ୍ୱାମୀଜୀ ସମସ୍ତଙ୍କୁ ସଙ୍ଗରେ ନେଇ ଦୋତାଲାର ବୈଠକଖାନାକୁ ଓହ୍ଲେଇ ଆସିଲେ । ସେ ଏଠାରେ ଉପବେଶନ କଲାମାତ୍ରେ ସମସ୍ତେ ତାଙ୍କୁ ପୁଣି ଘେରି ବସିଲେ । ଏହି ସମୟରେ miracle (ସିଦ୍ଧାଇ) ସମ୍ବନ୍ଧରେ କଥାବାର୍ତ୍ତା ଉଠିଲା ।

ସ୍ୱାମୀଜୀ କହିଲେ, 'ସିଦ୍ଧାଇ ବା ବିଭୂତି ଶକ୍ତି ଅତି ସାମାନ୍ୟ ମନଃସଂଯମରେ ହିଁ ଲାଭ କରାଯାଏ ।' ଶିଷ୍ୟଙ୍କୁ ଉପଲକ୍ଷ୍ୟ କରି କହିଲେ, ତୁ thought-reading (ଅପରର ମନର କଥା ଠିକ୍ ଠିକ୍ କହିବା) ଶିଖିବୁ ? ଚାରି ପାଞ୍ଚଦିନ ଭିତରେ ହିଁ ତୋତେ ଏହି ବିଦ୍ୟା ଶିଖାଇ ଦେଇପାରେ ।'

ଶିଷ୍ୟ : ସେଥିରେ କଣ ଉପକାର ହେବ ?

ସ୍ୱାମୀଜୀ : କାହିଁକି ? ପରର ମନର ଭାବ ଜାଣିପାରିବୁ ?

ଶିଷ୍ୟ : ତଦ୍ୱାରା ବ୍ରହ୍ମବିଦ୍ୟା-ଲାଭରେ କିଛି ସହାୟତା ହେବ କି ?

ସ୍ୱାମୀଜୀ : କିଛିମାତ୍ର ନୁହେଁ !

ଶିଷ୍ୟ : ତେବେ ମୋର ସେ ବିଦ୍ୟା ଶିଖିବାର ପ୍ରୟୋଜନ ନାହିଁ । କିନ୍ତୁ ଆଜ୍ଞା, ଆପଣ ସ୍ୱୟଂ ସିଦ୍ଧାଇ ସମ୍ବନ୍ଧରେ ଯାହା ପ୍ରତ୍ୟକ୍ଷ କରିଛନ୍ତି ବା ଦେଖିଛନ୍ତି, ସେ-ବିଷୟ ଶୁଣିବାକୁ ଇଚ୍ଛା ହେଉଛି ।

ସ୍ୱାମୀଜୀ : ମୁଁ ଥରେ ହିମାଳୟରେ ଭ୍ରମଣ କରୁ କରୁ କୌଣସି ପାହାଡ଼ ଗ୍ରାମରେ ରାତିକ ପାଇଁ ବାସ କରିଥିଲି । ସନ୍ଧ୍ୟାର କିଛି ପରେ ସେହି ଗାଁରେ ଖୁବ୍ ମାଦଳ ବାଜା ଶୁଣିବାକୁ ପାଇ ଘରବାଲାଙ୍କୁ ପଚାରି ଜାଣିଲି—ଗ୍ରାମର କୌଣସି ଲୋକ ଉପରେ ଦେବତାଙ୍କ ଆବେଶ ହୋଇଛି । ଘରବାଲାର ଆଗ୍ରହାତିଶଯ୍ୟରେ ଏବଂ ନିଜର curiosity (କୌତୂହଳ) ଚରିତାର୍ଥ କରିବା ପାଇଁ ଘଟଣାଟି ଦେଖିବାକୁ ଗଲି । ଯାଇ ଦେଖେ, ବହୁ

ଲୋକଙ୍କର ସମାବେଶ ! ଲମ୍ବା ଝାମ୍ପୁଡ଼ାମୁଣ୍ଡା ଗୋଟାଏ ପାହାଡ଼ୀକୁ ଦେଖାଇ କହିଲ— ଏହାର ଉପରେ ଦେବତାଙ୍କ ଆବେଶ ହୋଇଛି । ଦେଖିଲି, ତାହା ନିକଟରେ ଖଣ୍ଡେ କୁଠାର ନିଆଁରେ ତତେଇବାକୁ ଦିଆ ହୋଇଛି । କିଛି ସମୟ ପରେ ଦେଖେ, ଅଗ୍ନିବର୍ଣ୍ଣ କୁଠାର ଖଣ୍ଡିକ ସେହି ଉପଦେବତାବିଷ୍ଟ ଲୋକଟାର ଦେହରେ ସ୍ଥାନେ ସ୍ଥାନେ ଲଗାଇ ଚଆଁ ଦିଆ-ଯାଉଛି, ବାଳରେ ମଧ୍ୟ ଲଗାଯାଉଚ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ସେହି କୁଠାର ସ୍ପର୍ଶରେ ତା'ର କୌଣସି ଅଙ୍ଗ ବା ବାଳ ଦଗ୍ଧ ହେଉ ନାହିଁ କି ତା ମୁହଁରେ କୌଣସି କଷ୍ଟର ଚିହ୍ନ ପ୍ରକାଶ ପାଉ ନାହିଁ । ଦେଖି ଅବାକ୍ ହୋଇଗଲି । ଇତି ମଧ୍ୟରେ ଗାଁର ପଧାନ ଯୋଡ଼ହସ୍ତରେ ମୋ ନିକଟକୁ ଆସି କହିଲ—'ମହାରାଜ—ଆପଣ ଦୟା କରି ଏହାର ଭୂତାବେଶ ଛଡ଼ାଇ ଦିଅନ୍ତୁ ।' ମୁଁ ତ ଭାବି ଅସ୍ଥିର । କ'ଣ କରେ ? ସମସ୍ତଙ୍କ ଅନୁରୋଧରେ ସେହି ଉପଦେବତାବିଷ୍ଟ ଲୋକଟା ପାଖକୁ ଯିବାକୁ ହେଲା । ଯାଇ କିନ୍ତୁ ଆଗେ କୁଠାର ଖଣ୍ଡିକ ପରୀକ୍ଷା କରିବାକୁ ଇଚ୍ଛା ହେଲା । ଯେମିତ ହାତ ଦେଇ ଧରିଛି, ହାତ ପୋଡ଼ିଗଲା । ତେବେ ସେତେବେଳେ କୁଠାରଟା କଳା ପଡ଼ିଯାଇଥିଲା । ହାତର ଜ୍ୱାଳାରେ ତ ଅସ୍ଥିର । ଥିଓରି ଫିଓରି ସେତେବେଳେ ସବୁ ଲୋପ ପାଇଗଲା କ'ଣ କରେ, ଜ୍ୱାଳାରେ ଅସ୍ଥିର ହୋଇ ସୁଦ୍ଧା ସେହି ଲୋକଟାର ମୁଣ୍ଡରେ ହାତ ଦେଇ କିଛି ବେଳଯାଏ ଜପ କଲି । ଆଶ୍ଚର୍ଯ୍ୟର ବିଷୟ ଏପରି କରିବାର ମାତ୍ର ଦଶବାର ମିନିଟ ମଧ୍ୟରେ ଲୋକଟା ସୁସ୍ଥ ହୋଇଗଲା । ସେତେବେଳେ ଗାଁ ଲୋକଙ୍କର ମୋ ଉପରେ ଭକ୍ତି ଦେଖେ କିଏ ! ମୋତେ ଗୋଟାଏ କୃଷ୍ଣ ବା ବିଷ୍ଣୁ ଠଉରେଇଲେ । ମୁଁ କିନ୍ତୁ ବ୍ୟାପାରଟା କିଛି ବୁଝିପାରିଲି ନାହିଁ । ଅଗତ୍ୟା ବିନା ବାକ୍ୟବ୍ୟୟରେ ଆଶ୍ରୟଦାତାଙ୍କ ସଙ୍ଗେ ତାଙ୍କ କୁଟୀରକୁ ଫେରିଆସିଲି । ସେତେବେଳେ ରାତି ବାରଟା ହେବ । ଆସି ଶୋଇପଡ଼ିଲି । କିନ୍ତୁ ହାତର ଜ୍ୱାଳାରେ, ଏହି ବ୍ୟାପାରର କିଛି ରହସ୍ୟ ଭେଦ କରିପାରିଲି ନାହିଁ ବୋଲି ଚିନ୍ତାରେ ନିଦ ହେଲା ନାହିଁ । ଜ୍ୱଳନ୍ତ କୁଠାରରେ ମନୁଷ୍ୟର ଶରୀର ଦଗ୍ଧ ହେଲା ନାହିଁ ଦେଖି କେବଳ ମନେହେବାକୁ ଲାଗିଲା—'There are more things in heaven and earth than are dreamt of in your philosophy (ପୃଥିବୀ ଓ ସ୍ୱର୍ଗରେ ଏପରି ଅନେକ ବ୍ୟାପାର ଅଛି, ଦର୍ଶନଶାସ୍ତ୍ର ଯାହା ସ୍ୱପ୍ନରେ ସୁଦ୍ଧା ସନ୍ଧାନ ପାଏ ନାହିଁ ।)*

ଶିଷ୍ୟ : ପରେ ଏହି ବିଷୟର କୌଣସି ସୁମୀମାଂସା କରିପାରିଥିଲେ କି ?

ସ୍ୱାମୀଜୀ—ନା, ଆଜ କଥାରେ ଘଟଣାଟା ମନେପଡ଼ିଗଲା । ସେଥିପାଇଁ ତୁମକୁ କହିଲି ।

ଅନନ୍ତର ସ୍ୱାମୀଜୀ ପୁନର୍ବାର କହିବାକୁ ଲାଗିଲେ—ଠାକୁର କିନ୍ତୁ ସିଦ୍ଧାଇ-ସବୁର ବଡ଼ ନିନ୍ଦା କରୁଥିଲେ । କହୁଥିଲେ—'ସେହିସବୁ ଶକ୍ତିର ପ୍ରକାଶ ଆଡ଼କୁ ମନ ଦେଲେ ପରମାର୍ଥ-ତତ୍ତ୍ୱରେ ପହଞ୍ଚିପାରିବା ନାହିଁ । କିନ୍ତୁ ମନୁଷ୍ୟର ଏପରି ଦୁର୍ବଳ ମନ, ଗୃହସ୍ଥର ତ କଥା ନାହିଁ, ସାଧୁମାନଙ୍କ ମଧ୍ୟରେ ବି ଚୌଦଅଣା ଲୋକ ସିଦ୍ଧାଇର ଉପାସକ ହୋଇପଡ଼ନ୍ତି । ପାଶ୍ଚାତ୍ୟ

* Hamlet—Shakespeare

ଦେଶରେ ଏହି ଭେଲିକବାଜି ଦେଖିଲେ ଲୋକେ ଅବାକ୍ ହୋଇଯାଆନ୍ତି । ସିଦ୍ଧାଇ-ଲାଭଟା ଯେ ଗୋଟାଏ ଖରାପ ଜିନିଷ, ଧର୍ମ-ପଥର ଅନ୍ତରାୟ, ଏକଥା ଠାକୁର କୃପା କରି ବୁଝାଇ ଦେଇ ଯାଇଛନ୍ତି ବୋଲି ବୁଝିପାରିଛି । ସେଥିପାଇଁ ଦେଖୁ ନାହଁ —ଠାକୁରଙ୍କ ସନ୍ତାନମାନେ କେହି ହେଲେ ସେଆଡ଼େ ଖିଆଲ ରଖନ୍ତି ନାହିଁ ?

ସ୍ୱାମୀ ଯୋଗାନନ୍ଦ ଏହି ସମୟରେ ସ୍ୱାମୀଜୀଙ୍କୁ କହିଲେ, 'ତୁମ ସହିତ ମାନ୍ଦ୍ରାଜରେ ଯେ ଜଣେ ଭୂତୁଡ଼ିଆ ସହିତ ଦେଖା ହୋଇଥିଲା, ସେହି କଥାଟା 'ବାଙ୍ଗାଲ'ଙ୍କୁ କୁହନା ।'

ଶିଷ୍ୟ ସେ ବିଷୟ ପୂର୍ବେ ଶୁଣି ନାହିଁ । ସୁତରାଂ ସେକଥା କହିବା ପାଇଁ ସ୍ୱାମୀଜୀଙ୍କୁ ଜିଦ୍ କରି ବସିଲାରୁ ଅଗତ୍ୟା ସ୍ୱାମୀଜୀ ସେକଥା ଏହିପରି କହିଲେ :

'ମାନ୍ଦ୍ରାଜରେ ଯେତେବେଳେ ମନ୍ମଥବାବୁଙ୍କ* ଘରେ ଥିଲି, ସେତେବେଳେ ଦିନେ ସ୍ୱପ୍ନ ଦେଖିଲି, ମାଆ (ସ୍ୱାମୀଜୀଙ୍କ ଗର୍ଭଧାରିଣୀ) ମରିଯାଇଛନ୍ତି । ମନଟା ଭାରି ଖରାପ ହୋଇଗଲା । ସେତେବେଳେ ମଠକୁ ମଧ୍ୟ ପ୍ରାୟ ଚିଠିପତ୍ର ଲେଖୁ ନ ଥିଲି—ଘରକୁ ଲେଖିବା ତ ଦୂରର କଥା । ମନ୍ମଥବାବୁଙ୍କୁ ସ୍ୱପ୍ନ କଥା କହିବାରୁ ସେ ସଙ୍ଗେ ସଙ୍ଗେ ସେହି ବିଷୟର ସମ୍ବାଦ ପାଇବା ନିମିତ୍ତ କଲିକତାକୁ ତାର କଲେ । କାରଣ ସ୍ୱପ୍ନଟା ଦେଖି ମନଟା ବଡ଼ ଖରାପ ହୋଇଯାଇଥିଲା, ପୁଣି ଏଆଡ଼େ ମାନ୍ଦ୍ରାଜର ବନ୍ଧୁମାନେ ସେତେବେଳେ ମୋତେ ଆମେରିକାକୁ ଯିବାର ଯୋଗାଡ଼ କରି ବ୍ୟସ୍ତ କରୁଥିଲେ । କିନ୍ତୁ ମା'ଙ୍କ ଶାରୀରିକ କୁଶଳ ସମ୍ବାଦ ନ ପାଇ ଯିବାକୁ ଇଚ୍ଛା ହେଉ ନ ଥିଲା । ମୋର ଭାବ ବୁଝି ମନ୍ମଥବାବୁ କହିଲେ ଯେ, ସହରର କିଛି ଦୂରରେ ଜଣେ ପିଶାଚସିଦ୍ଧ ଲୋକ ବାସ କରନ୍ତି—ସେ ଜୀବର ଶୁଭାଶୁଭ, ଭୂତ-ଭବିଷ୍ୟତ ସବୁ ଖବର କହିଦେଇପାରନ୍ତି । ମନ୍ମଥବାବୁଙ୍କ ଅନୁରୋଧରେ ଓ ନିଜର ମାନସିକ ଉଦ୍‌ବେଗ ଦୂର କରିବା ନିମିତ୍ତ ତାଙ୍କ ନିକଟକୁ ଯିବାକୁ ରାଜି ହେଲି । ମନ୍ମଥବାବୁ, ମୁଁ, ଆଲାସିଙ୍ଗା ଓ ଆଉ ଜଣେ କିଛି ବାଟ ରେଲରେ ଯାଇ ପରେ ପାଦରେ ଚାଲି ସେଠାକୁ ଗଲୁ । ଯାଇ ଦେଖେ ଶ୍ମଶାନ ନିକଟରେ ବିକଟାକାର, ମଡ଼ିଆ, ଭୂଷୁଣ୍ଡା କଳା ଲୋକଜଣେ ବସିଛନ୍ତି । ତାଙ୍କ ଅନୁଚରମାନେ 'କିଡ଼ଂ ମିଡ଼ଂ' କରି ମାନ୍ଦ୍ରାଜୀ ଭାଷାରେ ବୁଝାଇଦେଲେ, ସେ ହେଉଛନ୍ତି ପିଶାଚ-ସିଦ୍ଧ ପୁରୁଷ । ପ୍ରଥମେ ଆମକୁ ତ ସେ ପାସଙ୍ଗରେ ବି ଆଣିଲେ ନାହିଁ । ତା'ପରେ ଯେତେବେଳେ ଆମେ ଫେରିବାକୁ ଉଦ୍ୟୋଗ କରୁଛୁ, ସେତେବେଳେ ଆମକୁ ରହିବାକୁ ଅନୁରୋଧ କଲେ । ସଙ୍ଗୀ ଆଲାସିଙ୍ଗା ଦୋଭାଷୀର କାମ କରୁଥିଲେ । ଆମକୁ ରହିବାକୁ କହିଲେ । ତା'ପରେ ଗୋଟିଏ ପେନ୍‌ସିଲ ନେଇ ସେ କଅଣ ସବୁ ଅଙ୍କ ବସାଇବାକୁ ଲାଗିଲେ । ପରେ ଦେଖିଲି ଯେ, ସେ concentration (ମନକୁ ଏକାଗ୍ର) କରି ଯେପରି ଏକାବେଳକେ ସ୍ଥିର ହୋଇଗଲେ । ତା'ପରେ ଆଗେ ମୋର ନାମ, ଗୋତ୍ର, ଚଉଦପୁରୁଷର ଖବର କହିଲେ; ଆଉ କହିଲେ ଯେ, ଠାକୁର ମୋ ସଙ୍ଗେ ସଙ୍ଗେ ନିୟତ ବୁଲୁଛନ୍ତି ଏବଂ ଗର୍ଭଧାରିଣୀ ମା'ଙ୍କର ମଙ୍ଗଳ ସମାଚାର ମଧ୍ୟ କହିଲେ । ଧର୍ମପ୍ରଚାର କରିବା

* ମହେଶଚନ୍ଦ୍ର ନ୍ୟାୟରତ୍ନ ମହାଶୟଙ୍କ ଜ୍ୟେଷ୍ଠପୁତ୍ର ମନ୍ମଥନାଥ ଭଟ୍ଟାଚାର୍ଯ୍ୟ ।

ନିମିତ୍ତ ମୋତେ ଯେ ବହୁଦୂରକୁ ଅତଶୀଘ୍ର ଯିବାକୁ ହେବ, ତାହା ମଧ୍ୟ କହିଦେଲେ । ଏହିପରି ମା'ଙ୍କର ମଙ୍ଗଳ ସମ୍ବାଦ ପାଇ ଭଟ୍ଟାଚାର୍ଯ୍ୟ (ମନ୍ମଥବାବୁ)-ଙ୍କ ସହିତ ସହରକୁ ଫେରିଲି । ଆସି କଲକତାରୁ ତାରରେ ମଧ୍ୟ ମା'ଙ୍କ ମଙ୍ଗଳ ସମ୍ବାଦ ପାଇଲି ।

ଯୋଗାନନ୍ଦ ସ୍ୱାମୀଙ୍କୁ ଲକ୍ଷ୍ୟ କରି ସ୍ୱାମୀଜୀ କହିଲେ—ଲୋକଟା କିନ୍ତୁ ଯାହା ଯାହା କହିଥିଲା—ଠିକ୍ ସେଇଆ ସେଇଆ ହୋଇଗଲା । ତେଣୁ ସେଇଟା କାକତାଳୀୟ ନ୍ୟାୟ ହେଉ, ବା ଯାହା କିଛି ହେଉ ।

ସ୍ୱାମୀ ଯୋଗାନନ୍ଦ ଉତ୍ତର କଲେ, 'ତୁମେ ପୂର୍ବେ ଏସବୁ କିଛି ବିଶ୍ୱାସ କରୁ ନ ଥିଲ, ସେଥିପାଇଁ ତୁମର ଏସବୁ ଦେଖିବା ଦରକାର ଥିଲା ।'

ସ୍ୱାମୀଜୀ : ମୁଁ କ'ଣ ନ ଦେଖି ନ ଶୁଣି ଯାହା ତାହା କଥାଗୁଡ଼ାକ ବିଶ୍ୱାସ କରେ ? ମୁଁ ଏପରି ପିଲା ନୁହେଁ; ମହାମାୟାଙ୍କ ରାଜ୍ୟକୁ ଆସି ଜଗତ୍-ଭେଲକିର ସଙ୍ଗେ ସଙ୍ଗେ କେତେ କଅଣ ଭେଲକି ବା ନ ଦେଖିଲି ! ମାୟା-ମାୟା । ରାମ ରାମ ଆଜି କୁଅଣ ନିଆଁ ପାଉଁଶ କଥା ସବୁ ହେଲା । ଭୂତ ଭାବୁ ଭାବୁ ଲୋକେ ଭୂତ ହୋଇଯାଆନ୍ତି । ଆଉ ଯେ ଦିନରାତି ଜାଣତରେ ବା ଅଜାଣତରେ କହେ—ମୁଁ ନିତ୍ୟ, ଶୁଦ୍ଧ, ବୁଦ୍ଧ, ମୁକ୍ତାତ୍ମା—ସେ ବ୍ରହ୍ମଜ୍ଞ ହୁଏ ।

ଏହା କହି ସ୍ୱାମୀଜୀ ସ୍ନେହଭରେ ଶିଷ୍ୟକୁ ଲକ୍ଷ୍ୟ କରି କହିଲେ, 'ଏହି ସବୁ ନିଆଁ-ପାଉଁଶ କଥାଗୁଡ଼ାକୁ ମନରେ କିଛିମାତ୍ର ସ୍ଥାନ ଦେବୁ ନାହିଁ । କେବଳ ସଦସତ୍ ବିଚାର କରିବୁ—ଆତ୍ମାକୁ ପ୍ରତ୍ୟକ୍ଷ କରିବାକୁ ପ୍ରାଣପଣେ ଯତ୍ନ କରିବୁ । ଆତ୍ମଜ୍ଞାନଠାରୁ ଶ୍ରେଷ୍ଠ ଆଉ କିଛି ନାହିଁ । ଆଉ ସବୁ ମାୟା—ଭେଲକିବାଜି । ଏକ ପ୍ରତ୍ୟଗାତ୍ମା ହିଁ ଅବିତଥ ସତ୍ୟ—ଏକଥାଟି ବୁଝିଛି; ସେଥିପାଇଁ ତୁମକୁ ବୁଝାଇବାକୁ ଚେଷ୍ଟା କରୁଛି ।' 'ଏକମେବାଦ୍ୱୟଂ ବ୍ରହ୍ମ ନେହ ନାନାସ୍ତି କିଞ୍ଚନ ।'

କଥା ହେଉ ହେଉ ରାତି ଏଗାରଟା ବାଜିଗଲା । ତାହାପରେ ସ୍ୱାମୀଜୀ ଆହାରାନ୍ତେ ବିଶ୍ରାମ କରିବାକୁ ଉଠିଲେ । ଶିଷ୍ୟ ସ୍ୱାମୀଜୀଙ୍କ ପାଦପଦ୍ମରେ ପ୍ରଣତ ହୋଇ ବିଦାୟ ଗ୍ରହଣ କଲା । ସ୍ୱାମୀଜୀ କହିଲେ—'କାଲି ଆସିବୁ ତ ?'

ଶିଷ୍ୟ : ଆଜ୍ଞା ଆସିବି ନିଶ୍ଚୟ । ଆପଣଙ୍କୁ ଦିନେ ନ ଦେଖିଲେ ପ୍ରାଣ ବ୍ୟାକୁଳ ହୋଇ ଛଟପଟ କରୁଥାଏ ।

ସ୍ୱାମୀଜୀ : ତେବେ ବର୍ତ୍ତମାନ ଆ, ରାତି ହୋଇଛି ।

## ୧୪

ସ୍ଥାନ—ବେଲୁଡ଼, ଭଡ଼ା ମଠଘର
କାଲ—ନଭେମ୍ବର ୧୮୯୮

ସ୍ୱାମୀଜୀ ଆଜକୁ ଦୁଇ ତିନି ଦିନ ହେବ କାଶ୍ମୀରରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଦେହ ସେତେ ଭଲ ନାହିଁ । ଶିଷ୍ୟ ମଠକୁ ଆସିଲା ମାତ୍ରେ ସ୍ୱାମୀ ବ୍ରହ୍ମାନନ୍ଦ କହିଲେ, 'କାଶ୍ମୀରରୁ ଫେରି ଆସିବା ଦିନୁ ସ୍ୱାମୀଜୀ କାହାରି ସହିତ କୌଣସି କଥାବାର୍ତ୍ତା କରୁ ନାହାନ୍ତି, ସ୍ତବ୍ଧ ହୋଇ ବସିରହୁଛନ୍ତି । ତୁ ସ୍ୱାମୀଜୀଙ୍କ ପାଖରେ ଗପସପ କରି ସ୍ୱାମୀଜୀଙ୍କ ମନକୁ ତଳକୁ ଆଣିବାକୁ ଚେଷ୍ଟା କର ।'

ଶିଷ୍ୟ ଉପରେ ସ୍ୱାମୀଜୀଙ୍କ ଘରକୁ ଯାଇ ଦେଖିଲା—ସ୍ୱାମୀଜୀ ମୁକ୍ତପଦ୍ମାସନରେ ପୂର୍ବାସ୍ୟ ହୋଇ ବସିଛନ୍ତି । ଯେପରି ଗଭୀର ଧ୍ୟାନରେ ମଗ୍ନ । ମୁହଁରେ ହସ ନାହିଁ, ପ୍ରଦୀପ୍ତ ନୟନରେ ବହିର୍ମୁଖୀ ଦୃଷ୍ଟି ନାହିଁ, ଯେପରି ଭିତରେ କିଛି ଦେଖୁଛନ୍ତି । ଶିଷ୍ୟକୁ ଦେଖିବାମାତ୍ରେ କହିଲେ, 'ଆସିଛୁ ବାପ, ବସ'—ଏହି ପର୍ଯ୍ୟନ୍ତ । ସ୍ୱାମୀଜୀଙ୍କ ବାମ ନେତ୍ରାଭ୍ୟନ୍ତରଟା ରକ୍ତବର୍ଣ୍ଣ ଦେଖି ଶିଷ୍ୟ ପଚାରିଲା—'ଆପଣଙ୍କ ଆଖି ଭିତରଟା ଲାଲ ହୋଇଛି କାହିଁକି ?' ସ୍ୱାମୀଜୀ 'ସେ କିଛି ନୁହେଁ' କହି ପୁନର୍ବାର ସ୍ଥିର ହୋଇ ବସି ରହିଲେ । ଅନେକ ସମୟ ବସି ମଧ୍ୟ ଯେତେବେଳେ ସ୍ୱାମୀଜୀ କୌଣସି କଥା କହିଲେ ନାହିଁ, ସେତେବେଳେ ଶିଷ୍ୟ ଅଧୀର ହୋଇ ସ୍ୱାମୀଜୀଙ୍କ ପାଦପଦ୍ମ ସ୍ପର୍ଶ କରି କହିଲା, 'ଅମରନାଥରେ ଯାହା ଯାହା ପ୍ରତ୍ୟକ୍ଷ କଲେ ତାହା ମୋତେ କହିବେ ନାହିଁ ?' ପାଦସ୍ପର୍ଶରେ ସ୍ୱାମୀଜୀଙ୍କ ଯେପରି ଟିକିଏ ଚମକ ଭାଙ୍ଗିଲା, ଯେପରି ଟିକିଏ ବହିର୍ଦୃଷ୍ଟି ଆସିଲା । କହିଲେ, 'ଅମରନାଥ ଦର୍ଶନ ପରଠାରୁ ମୋ ମୁଣ୍ଡରେ ଚବିଶ ଘଣ୍ଟା ଯେପରି ଶିବ ବସି ରହିଛନ୍ତି, କୌଣସିମତେ ଓହ୍ଲାଉ ନାହାନ୍ତି ।' ଶିଷ୍ୟ ଶୁଣି ଅବାକ୍ ହୋଇ ରହିଲା ।

ସ୍ୱାମୀଜୀ : ଅମରନାଥ ଓ ପରେ କ୍ଷୀରଭବାନୀଙ୍କ ମନ୍ଦିରରେ ଖୁବ୍ ତପସ୍ୟା କରିଥିଲି । ଯା, ତମାଖୁ ସଜେଇ ନେଇ ଆ ।

ଶିଷ୍ୟ ପ୍ରଫୁଲ୍ଲ ମନରେ ସ୍ୱାମୀଜୀଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ତମାଖୁ ସଜାଇ ଦେଲା । ସ୍ୱାମୀଜୀ ଆସ୍ତେ ଆସ୍ତେ ଧୂମପାନ କରୁ କରୁ କହିବାକୁ ଲାଗିଲେ, 'ଅମରନାଥ ଯିବାବେଳେ ପାହାଡ଼ର ଗୋଟାଏ ଟାଣ ଉଠାଣି ଦେଇ ଉଠିଥିଲି । ସେ ରାସ୍ତାରେ ଯାତ୍ରୀମାନେ କେହି ଯାଆନ୍ତି ନାହିଁ । ପାହାଡ଼ୀ ଲୋକମାନେ କେବଳ ଯିବାଆସିବା କରନ୍ତି । ମୋର କମିତି ଜିଦ୍ ହେଲା—ଏହି ବାଟରେ ହିଁ ମୁଁ ଯିବି । ଯିବି ତ ଯିବି । ସେହି ପରିଶ୍ରମରେ ଶରୀର ଟିକିଏ ଦବିଯାଇଛି । ସେଠାରେ ଏପରି କନକନିଆ ଶୀତ ଯେ, ଦେହରେ ଯେପରି ଛୁଞ୍ଚି ଫୋଡ଼ି-ହୋଇଯାଏ ।'

ଶିଷ୍ୟ : ଶୁଣିଛି, ଉଲଗ୍ନ ହୋଇ ଅମରନାଥଙ୍କୁ ଦର୍ଶନ କରିବାକୁ ହୁଏ, କଥାଟା କ'ଣ

ସତ୍ୟ ?

ସ୍ୱାମୀଜୀ : ହଁ ମୁଁ ମଧ୍ୟ କୌପୀନ ପିନ୍ଧି ଭସ୍ମ ବୋଳି ହୋଇ ଗୁହାରେ ପ୍ରବେଶ କରିଥିଲି । ସେତେବେଳେ ଶୀତ, ଗ୍ରୀଷ୍ମ କିଛି ଜାଣିପାରି ନାହିଁ । କିନ୍ତୁ ମନ୍ଦିର ଭିତରୁ ବାହାରି ଥଣ୍ଡାରେ ଯେପରିକି ଜଡ଼ ହୋଇଯାଇଥିଲି ।

ଶିଷ୍ୟ : ପାରି ଦେଖିଥିଲେ କି ? ଶୁଣିଛି ସେଠି ଥଣ୍ଡାରେ କୌଣସି ଜୀବଜନ୍ତୁ ବାସ କରିବାର ଦେଖାଯାଏ ନାହିଁ । କେବଳ କୌଣସି ସ୍ଥାନରୁ ଦଳେ ଶ୍ୱେତ ପାରିବତ ମଝିରେ ମଝିରେ ଆସିଥାଆନ୍ତି ।

ସ୍ୱାମୀଜୀ : ହଁ, ୩।୪ ଟା ଧଳା ପାରି ଦେଖିଥିଲି । ସେମାନେ ଗୁହାରେ ଥାଆନ୍ତି କି ନିକଟବର୍ତ୍ତୀ ପାହାଡ଼ରେ ଥାଆନ୍ତି, ତାହା ଜାଣିପାରିଲି ନାହିଁ ।

ଶିଷ୍ୟ : ଆଜ୍ଞା, ଲୋକେ କହିବାର ଶୁଣିଛି—ଗୁହାରୁ ବାହାରକୁ ଆସି ଯଦି କେହି ଧଳା ପାରି ଦେଖନ୍ତି, ତେବେ ବୁଝାଯାଏ ସତ୍ୟ ସତ୍ୟ ଶିବ-ଦର୍ଶନ ହେଲା ।

ସ୍ୱାମୀଜୀ : ଶୁଣିଛି ପାରି ଦେଖିଲେ ଯାହା କାମନା କରାଯାଏ, ତାହା ସିଦ୍ଧ ହୁଏ ।

ଅନନ୍ତର ସ୍ୱାମୀଜୀ କହିଲେ ଯେ : ଆସିଲା ବେଳେ ସମସ୍ତ ଯାତ୍ରୀ ଯେଉଁ ରାସ୍ତାଦେଇ ଫେରନ୍ତି, ସେ ସେହି ରାସ୍ତାରେ ଶ୍ରୀନଗରକୁ ଆସିଥିଲେ । ଶ୍ରୀନଗରକୁ ଫେରିବାର ଅଳ୍ପଦିନ ପରେ କ୍ଷୀରଭବାନୀ ଦେବୀଙ୍କୁ ଦର୍ଶନ କରିବାକୁ ଯାଇଥିଲେ ଏବଂ ସାତଦିନ ସେଠାରେ ରହି କ୍ଷୀରରେ ଦେବୀଙ୍କ ଉଦ୍ଦେଶ୍ୟରେ ପୂଜା ଓ ହୋମ କରିଥିଲେ । ପ୍ରତିଦିନ ଏକ ମହଣ ଦୁଧର କ୍ଷୀରି ଭୋଗ ଦେଉଥିଲେ ଓ ହୋମ କରୁଥିଲେ । ଦିନେ ପୂଜା କରୁ କରୁ ସ୍ୱାମୀଜୀଙ୍କ ମନରେ ଉଠିଥିଲା—

ମା ଭବାନୀ ଏଠାରେ ସତକୁ ସତ କେତେକାଳ ହେଲା ପ୍ରକାଶିତ ରହିଛନ୍ତି ! ଯବନମାନେ ଆସି ତାଙ୍କ ମନ୍ଦିର ପୂର୍ବ କାଳରେ ଧ୍ୱଂସ କରିଦେଇଥିଲେ । ଅଥଚ ଏଠାକାର ଲୋକମାନେ କିଛିମାତ୍ର କଲେ ନାହିଁ । ହାୟ, ମୁଁ ଯଦି ସେତେବେଳେ ଥାଆନ୍ତି, ତେବେ କେବେହେଲେ ତାହା ଦେଖି ଚୁପ୍ ରହିପାରି ନ ଥାନ୍ତି । ଏହିପରି ଭାବୁ ଭାବୁ ତାଙ୍କ ମନ ଯେତେବେଳେ ଦୁଃଖ ଓ କ୍ଷୋଭରେ ଅତ୍ୟନ୍ତ ପୀଡ଼ିତ ହୋଇଗଲା, ସେତେବେଳେ ସ୍ପଷ୍ଟ ଶୁଣିବାକୁ ପାଇଲେ—ମା କହୁଛନ୍ତି—'ମୋର ଇଚ୍ଛାରେ ହିଁ ଯବନମାନେ ମନ୍ଦିର ଧ୍ୱଂସ କରିଅଛନ୍ତି । ମୋର ଇଚ୍ଛା—ମୁଁ ଜୀର୍ଣ୍ଣ ମନ୍ଦିରରେ ଅବସ୍ଥାନ କରିବି । ଇଚ୍ଛା କଲେ ମୁଁ କ'ଣ ଏହିକ୍ଷଣି ଏଠି ସପ୍ତତଳ ସୁନାର ମନ୍ଦିର ଠିଆ କରାଇପାରିବି ନାହିଁ ? ତୁ କଅଣ କରିପାରିବୁ ? ତୋତେ ମୁଁ ରକ୍ଷା କରିବି ନା, ତୁ ମୋତେ ରକ୍ଷା କରିବୁ ?'

ସ୍ୱାମୀଜୀ କହିଲେ, 'ସେହି ଦୈବବାଣୀ ଶୁଣିବାଦିନୁ ମୁଁ ଆଉ କୌଣସି ସଂକଳ୍ପ ରଖୁ ନାହିଁ । ମଠ-ଫଠ କରିବାର ସଂକଳ୍ପ ତ୍ୟାଗ କରିଛି । ମା'ଙ୍କର ଯାହା ଇଚ୍ଛା ତାହା ହିଁ ହେବ ।' ଶିଷ୍ୟ ଅବାକ୍ ହୋଇ ଭାବିବାକୁ ଲାଗିଲା—ଏହି ମହାଶୟ ଦିନେ ପୁଣି କହିଥିଲେ, 'ଯାହା କିଛି ଦେଖୁଚୁ, ଶୁଣୁଚୁ ତାହା ତୋର ଭିତରେ ଅବସ୍ଥିତ ଆତ୍ମାର ପ୍ରତିଧ୍ୱନି ମାତ୍ର । ବାହାରେ କିଛି ହିଁ ନାହିଁ ।' ତେଣୁ ଶିଷ୍ୟ ମଧ୍ୟ ସ୍ପଷ୍ଟ କହି ପକାଇଲା, 'ମହାଶୟ, ଆପଣ ତ

କହନ୍ତି, ଏସବୁ ଦୈବବାଣୀ ଆମ ଭିତର ଭାବର ବାହ୍ୟ ପ୍ରତିଧ୍ୱନି ମାତ୍ର ।' ସ୍ୱାମୀଜୀ ଗମ୍ଭୀର ହୋଇ କହିଲେ—'ତାହା ଭିତରର ହେଉ ବା ବାହାରର ହେଉ, ତୁ ଯଦି ନିଜ କାନରେ ମୋପରି ଏହି ପ୍ରକାର ଅଶରୀରୀ ବାଣୀ ଶୁଣୁ, ତାହା ହେଲେ କ'ଣ ମିଥ୍ୟା ବୋଲି କହିପାରୁ ? ଦୈବବାଣୀ ସତ୍ୟ ସତ୍ୟ ଶୁଣାଯାଏ, ଠିକ୍ ଯେପରି ଆମର କଥାବାର୍ତ୍ତା ହେଉଛି—ସେହିପରି ।'

ଶିଷ୍ୟ ଆଉ ଦ୍ୱିରୁକ୍ତି ନ କରି ସ୍ୱାମୀଜୀଙ୍କ ବାକ୍ୟ ଶିରୋଧାର୍ଯ୍ୟ କରିନେଲା; କାରଣ ସ୍ୱାମୀଜୀଙ୍କ କଥାରେ ଏପରି ଏକ ଅଦ୍ଭୁତ ଶକ୍ତି ଥିଲା ଯେ, ତାହା ନ ମାନି ରହି ହେଉ ନ ଥିଲା—ଯୁକ୍ତିତର୍କ ଯେପରି କୁଆଡ଼େ ଭାସିଯାଉଥିଲା !

ଶିଷ୍ୟ ଏଥର ପ୍ରେତାତ୍ମାମାନଙ୍କ କଥା ଉଠାଇଲା । କହିଲା, 'ଆଜ୍ଞା, ଏହି ଯେ ଭୂତପ୍ରେତାଦି ଯୋନିର କଥା ଶୁଣାଯାଏ, ଶାସ୍ତ୍ରରେ ଯାହାର ବହୁଳ ସମର୍ଥନ ଦେଖାଯାଏ, ସେସବୁ କ'ଣ ସତରେ ଅଛି ?'

ସ୍ୱାମୀଜୀ : ସତ ନୁହେଁ ତ କ'ଣ ? ତୁ ଯାହା ନ ଦେଖିଛୁ, ତାହା କଅଣ ସତ୍ୟ ନୁହେଁ । ତୋର ଦୃଷ୍ଟିର ବାହାରେ କେତେ ଅଯୁତାଯୁତ ବ୍ରହ୍ମାଣ୍ଡ ଦୂରଦୂରାନ୍ତରରେ ଘୂରୁଚି ! ତୁ ଦେଖିପାରୁ ନାହୁଁ ବୋଲି କଅଣ ସେମାନଙ୍କର ଆଉ ଅସ୍ତିତ୍ୱ ନାହିଁ ? ତେବେ ଏହିସବୁ ଭୂତୁଡ଼ିଆ କାଣ୍ଡରେ ମନ ଦେ' ନାହିଁ । ଭାବିବୁ ଭୂତପ୍ରେତ ଅଛନ୍ତି ତ ଅଛନ୍ତି । ତୋର କାମ ହେଉଛି—ଏହି ଶରୀର ମଧ୍ୟରେ ଯେଉଁ ଆତ୍ମା ଅଛନ୍ତି ତାଙ୍କୁ ପ୍ରତ୍ୟକ୍ଷ କରିବା । ତାଙ୍କୁ ପ୍ରତ୍ୟକ୍ଷ କରିପାରିଲେ ଭୂତପ୍ରେତ ତୋର ଦାସର ଦାସ ହୋଇଯିବେ ।

ଶିଷ୍ୟ : କିନ୍ତୁ ମହାଶୟ, ମନେହୁଏ ସେମାନଙ୍କୁ ଦେଖିବାକୁ ପାଇଲେ ପୁନର୍ଜନ୍ମାଦି ବିଶ୍ୱାସ ଖୁବ୍ ଦୃଢ଼ ହୁଏ ଏବଂ ପରଲୋକରେ ଆଉ ଅବିଶ୍ୱାସ ରହେ ନାହିଁ ।

ସ୍ୱାମୀଜୀ : ତୁମେ ତ ସବୁ ମହାବୀର । ତୁମେ ଆଉ ଭୂତପ୍ରେତ ଦେଖି କଅଣ ପର-ଲୋକରେ ଦୃଢ଼ ବିଶ୍ୱାସ କରିବ ? ଏତେ ଶାସ୍ତ୍ର, science (ବିଜ୍ଞାନ) ପଢ଼ିଲୁ—ଏହି ବିରାଟ ବିଶ୍ୱର କେତେ ଗୂଢ଼ତତ୍ତ୍ୱ ଜାଣିଲୁ—ଏହା ସତ୍ତ୍ୱେ କଅଣ ଆତ୍ମଜ୍ଞାନ-ଲାଭ ଭୂତପ୍ରେତ ଦେଖି କରିବାକୁ ହେବ ? ଛିଃ ଛିଃ !

ଶିଷ୍ୟ : ଆଚ୍ଛା ମହାଶୟ, ଆପଣ ଭୂତପ୍ରେତ କେବେ ଦେଖିଛନ୍ତି କି ?

ସ୍ୱାମୀଜୀ କହିଲେ, ତାଙ୍କ ସଂସାର ସମ୍ପର୍କୀୟ କୌଣସି ବ୍ୟକ୍ତି ପ୍ରେତ ହୋଇ ତାଙ୍କୁ ମଝେ ମଝେ ଦେଖା ଦେଉଥିଲେ । କେବେ କେବେ ଦୂରଦୂରାନ୍ତରର ଖବର ମଧ୍ୟ ଆଣି ଦେଉଥିଲେ । କିନ୍ତୁ ପରୀକ୍ଷା କରି ସେ ଦେଖିଥିଲେ, ତାଙ୍କର କଥା ସବୁ ସମୟରେ ସତ୍ୟ ହେଉ ନ ଥିଲା । ପରେ କୌଣସି ଏକ ତୀର୍ଥବିଶେଷକୁ ଯାଇ—'ସେ ମୁକ୍ତ ହୋଇଯାଉ'—ଏହିପରି ପ୍ରାର୍ଥନା କଲା ପରଠାରୁ ସେ ଆଉ ତା'ର ଦେଖା ପାଇ ନାହାନ୍ତି ।

ଶିଷ୍ୟ ଏଥର ଶ୍ରାଦ୍ଧାଦି ଦ୍ୱାରା ପ୍ରେତାତ୍ମାର ତୃପ୍ତି ହୁଏ କି ନାହିଁ ପଚାରିବାରୁ, ସ୍ୱାମୀଜୀ କହିଲେ, 'ତାହା କିଛି ଅସମ୍ଭବ ନୁହେଁ ।' ଶିଷ୍ୟ ସେ ବିଷୟର ଯୁକ୍ତିପ୍ରମାଣ ଚାହିଁଲେ ସ୍ୱାମୀଜୀ କହିଲେ, 'ତୋତେ ଦିନେ ସେବିଷୟ ଭଲ କରି ବୁଝାଇଦେବି । ଶ୍ରାଦ୍ଧାଦି ଦ୍ୱାରା ଯେ ପ୍ରେତାତ୍ମାର ତୃପ୍ତି ହୁଏ, ଏ ବିଷୟରେ ଅକାଟ୍ୟ ଯୁକ୍ତି ଅଛି । ଆଜି ମୋ ଦେହ ଭଲ ନାହିଁ,

ଆଉ ଦିନେ ତାହା ବୁଝାଇଦେବି ।' ଶିଷ୍ୟ କିନ୍ତୁ ଏ ଜୀବନରେ ସ୍ୱାମୀଜୀଙ୍କ ନିକଟରେ ଆଉ ଏ ପ୍ରଶ୍ନ କରିବାର ଅବକାଶ ପାଇ ନ ଥିଲା ।

## ୧୭

ସ୍ଥାନ—ବେଲୁଡ଼, ଭଡ଼ା ମଠଘର
କାଳ—ନଭେମ୍ବର ୧୮୯୮

ବେଲୁଡ଼ରେ ନୀଳାମ୍ବର ବାବୁଙ୍କ ବଗିଚାରେ ବର୍ତ୍ତମାନ ସୁଦ୍ଧା ମଠ ରହିଅଛି । ମାର୍ଗଶୀର ଶେଷ ଭାଗ । ସ୍ୱାମୀଜୀ ଏହି ସମୟରେ ସଂସ୍କୃତ ଶାସ୍ତ୍ରାଦିର ବହୁଧା ଆଲୋଚନାରେ ତତ୍ପର । 'ଆଚଣ୍ଡାଳା-ପ୍ରତିହତରୟଃ'* ଇତ୍ୟାଦି ଶ୍ଳୋକ ଦୁଇଟି ସେ ଏହି ସମୟରେ ରଚନା କରିଥିଲେ । ଆଜି ସ୍ୱାମୀଜୀ 'ଓଁ ହ୍ରୀଂ ଋତଂ' ଇତ୍ୟାଦି ସ୍ତବଟି ରଚନା କରି ଶିଷ୍ୟ ହାତକୁ ଦେଇ କହିଲେ, 'ଦେଖ, ଏଥିରେ କିଛି ଛନ୍ଦପତନାଦି ଦୋଷ ଅଛି କି ନାହିଁ ।' ଶିଷ୍ୟ ସ୍ୱାମୀଜୀଙ୍କ କଥା ଗ୍ରହଣ କରି ତାହାର ଖଣ୍ଡିଏ ନକଲ କରିନେଲା ।

ସ୍ୱାମୀଜୀ ଯେଉଁ ଦିନ ଏହି ସ୍ତବଟି ରଚନା କରିଥିଲେ, ସେଦିନ ସ୍ୱାମୀଜୀଙ୍କ ଜିହ୍ୱାରେ ଯେପରି ସରସ୍ୱତୀ ଆରୂଢ଼ା ହୋଇଥିଲେ । ଶିଷ୍ୟ ସହିତ ଅନର୍ଗଳ ସୁଲଳିତ ସଂସ୍କୃତ ଭାଷାରେ ପ୍ରାୟ ଦୁଇଘଣ୍ଟା କାଳ ଆଳାପ କରିଥିଲେ । ଏପରି ସୁଲଳିତ ବାକ୍ୟବିନ୍ୟାସ ଶିଷ୍ୟ ମହା-ମହାପଣ୍ଡିତଙ୍କ ମୁଖରୁ ମଧ୍ୟ କେବେ ଶୁଣି ନାହିଁ ।

ଶିଷ୍ୟ ସ୍ତବଟି ନକଲ କରିନେବା ପରେ ସ୍ୱାମୀଜୀ ତାକୁ କହିଲେ, 'ଦେଖ୍, ଭାବରେ ତନ୍ମୟ ହୋଇ ଲେଖୁ ଲେଖୁ ସମୟ ସମୟରେ ମୋର ବ୍ୟାକରଣଗତ ସ୍ଖଳନ ହୁଏ । ସେଥିପାଇଁ ତୁମମାନଙ୍କୁ ଦେଖି ଶୁଣିଦେବାକୁ କହେ ।'

ଶିଷ୍ୟ : ଆଜ୍ଞା, ସେସବୁ ସ୍ଖଳନ ନୁହେଁ, ସେସବୁ ଆର୍ଷ ପ୍ରୟୋଗ ।

ସ୍ୱାମୀଜୀ : ତୁ ତ କହିଲୁ, କିନ୍ତୁ ଲୋକେ ତାହା ବୁଝିବେ କାହିଁକି ? ସେଦିନ 'ହିନ୍ଦୁ ଧର୍ମ କ'ଣ' ବୋଲି ଗୋଟାଏ ବଙ୍ଗଳାରେ ଲେଖିଲି—ତେବେ ତୁମ ଭିତରୁ ବି କେହି କେହି କହିଛନ୍ତି—କଟିମିଟିଆ ବଙ୍ଗଳା ହୋଇଛି । ମୋର ମନେହୁଏ, ସବୁ ଜିନିଷ ପରି ଭାଷା ଏବଂ ଭାବ ମଧ୍ୟ ସମୟରେ ଏକ ଧରଣର ହୋଇଯାଏ । ଏଦେଶରେ ବର୍ତ୍ତମାନ ସେହିପରି ହୋଇଛି ବୋଲି ମନେହୁଏ । ଠାକୁରଙ୍କ ଆଗମନରେ ଭାବ ଏବଂ ଭାଷାରେ ପୁଣି ନୂଆ ସ୍ରୋତ ଆସିଛି । ବର୍ତ୍ତମାନ ସବୁ ନୂଆ ଛାଞ୍ଚରେ ଗଢ଼ିବାକୁ ହେବ । ନୂଆ ପ୍ରତିଭାର ଛାପ ଦେଇ ସବୁ ବିଷୟ ପ୍ରଚାର କରିବାକୁ ହେବ । ହେଇ ଦେଖୁନୁ—ଆଗକାଳର ସନ୍ନ୍ୟାସୀମାନଙ୍କର ଚାଲିଚଳଣି ବଦଳିଯାଇ ବର୍ତ୍ତମାନ କିପରି ଏକ ନୂଆଛାଞ୍ଚରେ ଗଢ଼ିଉଠୁଛି ! ସମାଜ ଏହାର ବିରୁଦ୍ଧରେ

* ଏହି ଗ୍ରନ୍ଥାବଳୀର ଷଷ୍ଠ ଖଣ୍ଡରେ 'ବୀରବାଣୀ' ଅଂଶରେ ଦ୍ରଷ୍ଟବ୍ୟ ।

ଖୁବ୍ ପ୍ରତିବାଦ ମଧ୍ୟ କରୁଛି । କିନ୍ତୁ ସେଥିରେ କ'ଣ କିଛି ହେଉଛି କି ? —ନା, ଆମେ ସେଥିରେ ଡରିଯାଉଛୁ ? ବର୍ତ୍ତମାନ ଏଠାରୁ ସନ୍ନ୍ୟାସୀମାନଙ୍କୁ ଦୂରଦୂରାନ୍ତରକୁ ପ୍ରଚାର-କାର୍ଯ୍ୟରେ ଯିବାକୁ ହେବ । ଭସ୍ମବୋଳା, ଅର୍ଦ୍ଧ-ଉଲଗ୍ନ ପ୍ରାଚୀନ ସନ୍ନ୍ୟାସୀମାନଙ୍କ ବେଶରେ ଗଲେ ତ ପ୍ରଥମେ ଜାହାଜରେ ନେବେ ନାହିଁ; ସେପରି ବେଶରେ କୌଣସି ପ୍ରକାରେ ସେ ଦେଶରେ ପହଞ୍ଚିଲେ ମଧ୍ୟ ସେମାନଙ୍କୁ କାରାଗାରରେ ଅବସ୍ଥାନ କରିବାକୁ ପଡ଼ିବ । ଦେଶ, ସଭ୍ୟତା ଓ ସମୟୋପଯୋଗୀ କରି ସବୁ ବିଷୟର କିଛି କିଛି change (ପରିବର୍ତ୍ତନ) କରି-ନେବାକୁ ହୁଏ । ଏହାପରେ ବଙ୍ଗଳା ଭାଷାରେ ପ୍ରବନ୍ଧ ଲେଖିବି ମନେକରୁଛି । ସାହିତ୍ୟ-ସେବୀମାନେ ହୁଏତ ତାହା ଦେଖି ଗାଳିଗୁଲଜ କରିବେ । କରନ୍ତୁ—ତଥାପି ବଙ୍ଗଳା ଭାଷାକୁ ନୂଆଛାଞ୍ଚରେ ଗଢ଼ିବାକୁ ଚେଷ୍ଟା କରିବି । ବର୍ତ୍ତମାନର ବଙ୍ଗଳା ଲେଖକମାନେ ଲେଖିବାକୁ ଯାଇ ବେଶୀ verbs (କ୍ରିୟାପଦ) use (ବ୍ୟବହାର) କରନ୍ତି । ସେଥିରେ ଭାଷାରେ ଜୋର୍ ହୁଏ ନାହିଁ । ବିଶେଷଣ ଦେଇ verb-ର ଭାବ ପ୍ରକାଶ କରିପାରିଲେ ଭାଷାର ବେଶୀ ଜୋର୍ ହୁଏ—ବର୍ତ୍ତମାନଠାରୁ ସେହିପରି ଲେଖିବାକୁ ଚେଷ୍ଟାକର ଦେଖି । 'ଉଦ୍‌ବୋଧନ'ରେ* ଏପରି ଭାଷାରେ ପ୍ରବନ୍ଧ ଲେଖିବାକୁ ଚେଷ୍ଟା କରିବୁ । ଭାଷା ଭିତରେ verb-ଗୁଡ଼ିକର ବ୍ୟବହାରର ଅର୍ଥ କ'ଅଣ ଜାଣୁ ?—ଏହିରୂପେ ଭାବର pause (ବିରାମ) ଦେବା; ସେଥିପାଇଁ ଭାଷାରେ ଅଧିକ କ୍ରିୟାପଦ ବ୍ୟବହାର କରିବାଟା ଘନ ଘନ ନିଃଶ୍ୱାସ ପକାଇବା ପରି ଦୁର୍ବଳତାର ଚିହ୍ନ ମାତ୍ର । ସେପରି କଲେ ମନେହୁଏ ଯେପରି ଭାଷାର ଦମ୍ ନାହିଁ । ସେଥିପାଇଁ ବଙ୍ଗଳା ଭାଷାରେ ଭଲ lecture (ବକ୍ତୃତା) କରାଯାଇପାରେ ନାହିଁ । ଭାଷା ଉପରେ ଯାହାର control (ଦଖଲ) ଅଛି, ସେ ଏତେ ଶୀଘ୍ର ଶୀଘ୍ର ଭାବ ରୋକି ପକାଏ ନାହିଁ । ତୁମର ଡାଲିଭାତ ଖାଇ ଶରୀର ଯେପରି ଭାତୁଆ ହୋଇଯାଇଛି, ଭାଷା ମଧ୍ୟ ଠିକ୍ ସେହିପରି ହୋଇଯାଇଛି । ଆହାର ଚାଲିଚଳଣି, ଭାବ ଓ ଭାଷାରେ ତେଜସ୍ୱିତା ଆଣିବାକୁ ହେବ । ସବୁଦିଗରେ ପ୍ରାଣର ବିସ୍ତାର କରିବାକୁ ହେବ—ସବୁ ଧମନୀରେ ରକ୍ତପ୍ରବାହ ପ୍ରେରଣ କରିବାକୁ ହେବ, ଯଦ୍ଦ୍ୱାରା ସବୁ ବିଷୟରେ ଗୋଟାଏ ପ୍ରାଣସ୍ପନ୍ଦନ ଅନୁଭୂତ ହୁଏ । ତେବେ ଯାଇ ଏହି ଘୋର ଜୀବନ-ସଂଗ୍ରାମରେ ଦେଶର ଲୋକ survive କରି (ବଞ୍ଚି) ପାରିବେ । ନତୁବା ଅଦୂରେ ମୃତ୍ୟୁର ଛାୟାରେ ଅଚିରେ ଏ ଦେଶ ଓ ଜାତି ମିଶିଯିବ ।

ଶିଷ୍ୟ : ମହାଶୟ, ଅନେକ କାଳରୁ ଏ ଦେଶର ଲୋକଙ୍କର ଧାତୁ ଏହି ରକମର ହୋଇଯାଇଛି, ଏହାର ପରିବର୍ତ୍ତନ କରିବା କ'ଅଣ ଶୀଘ୍ର ସମ୍ଭବ ?

ସ୍ୱାମୀଜୀ : ତୁ ଯଦି ପୁରୁଣା ଚାଲି ଖରାପ ବୋଲି ବୁଝିଥାଉ ତେବେ ଯେପରି କହିଲି ନୂତନ ଭାବରେ ଚାଲିବାକୁ ଶିଖ । ତୋର ଦେଖାଦେଖି ଆଉ ଦଶ ଜଣ ତାହା କରିବେ; ତାଙ୍କୁ ଦେଖି ଆହୁରି ପଚାଶ ଜଣ ଶିଖିବେ—ଏହିପରି ସମୟରେ ସମସ୍ତ ଜାତି ଭିତରେ ସେହି ନୂତନ ଭାବ ଜାଗିଉଠିବ । ଆଉ ବୁଝି ମଧ୍ୟ ଯଦି ତୁ ସେପରି କାର୍ଯ୍ୟ ନ କରୁ, ତେବେ

* ସେତେବେଳେ 'ଉଦ୍‌ବୋଧନ' ପ୍ରକାଶିତ ହେବାର ଆୟୋଜନ ଚାଲୁଥିଲା ।

ଜାଣିବ, ତୁମେମାନେ ସବୁ କେବଳ କଥାରେ ପଣ୍ଡିତ—practically (କାମ ବେଳେ) ମୂର୍ଖ ।

ଶିଷ୍ୟ : ଆପଣଙ୍କ କଥା ଶୁଣିଲେ ମହାସାହସର ସଞ୍ଚାର ହୁଏ । ଉତ୍ସାହ, ବଳ ଓ ତେଜରେ ହୃଦୟ ପୂରିଯାଏ ।

ସ୍ୱାମୀଜୀ : ହୃଦୟରେ କ୍ରମେ କ୍ରମେ ବଳ ଆଣିବାକୁ ହେବ । ଗୋଟାଏ 'ମଣିଷ' ଯଦି ତିଆରି ହୁଏ, ତେବେ ଲକ୍ଷ ଲକ୍ଷ ବକ୍ତୃତାର ଫଳ ହେବ । ମନମୁହଁ ଏକ କରି ideas (ଭାବଗୁଡ଼ିକ) ଜୀବନରେ ଫଳେଇବାକୁ ହେବ । ଏହାର ନାମ ହିଁ ଠାକୁର କହନ୍ତି 'ଭାବ ଘରେ ଚୋରି ନ କରିବା ।' ସବୁ ଦିଗରେ practical (କାମର ଲୋକ) ହେବାକୁ ହେବ । Theory, Theoryରେ (କେବଳ ମତରେ) ଦେଶଟା ଉଚ୍ଛନ୍ନ ହୋଇଗଲା । ଯେ ଠିକ୍ ଠିକ୍ ଠାକୁରଙ୍କ ସନ୍ତାନ ହେବ, ଯେ ଧର୍ମଭାବସବୁର practicality (କାମରେ ପରିଣତ କରିବାର ଉପାୟ) ଦେଖାଇବ, ଲୋକଙ୍କର ବା ସମାଜର କଥାରେ ଭ୍ରୂକ୍ଷେପ ନ କରି ଆପଣା ମନକୁ କାର୍ଯ୍ୟ କରିଯିବ । ତୁଳସୀଦାସଙ୍କ ଦୋହାରେ ଅଛି, ଶୁଣି ନାହୁଁ ?—

ହାତୀ ଚଲେ ବାଜାରମେ କୁତ୍ତା ଭୁକେ ହଜାର
ସାଧୁଓଁକୋ ଦୁର୍ଭାବ ନେହି ଯବ୍ ନନ୍ଦେ ସଂସାର ।

ଏହି ଭାବରେ ଚଲିବାକୁ ହେବ । ଲୋକକୁ ଜାଣିବାକୁ ହେବ ପୋକ । ତାଙ୍କର ଭଲ-ମନ୍ଦ କଥାରେ କାନ ଦେଲେ ଜୀବନରେ କୌଣସି ମହତ୍ କାମ କରିଯାଇପାରେ ନାହିଁ । 'ନାୟମାତ୍ମା ବଳହୀନେନ ଲଭ୍ୟଃ'—ଶରୀରରେ ମନରେ ବଳ ନ ଥିଲେ ଏହି ଆତ୍ମାକୁ ଲାଭ କରିଯାଇପାରେ ନାହିଁ । ପୁଷ୍ଟିକର ଉତ୍ତମ ଆହାରରେ ପ୍ରଥମେ ଶରୀର ଗଢ଼ିବାକୁ ହେବ, ତେବେ ତ ମନରେ ବଳ ହେବ । ମନଟା ଶରୀରର ହିଁ ସୂକ୍ଷ୍ମାଂଶ । ମନରେ ମୁହଁରେ ଖୁବ୍ ଜୋର୍ ଆଣିବୁ । 'ମୁଁ ହୀନ—ମୁଁ ହୀନ' କହୁ କହୁ ମନୁଷ୍ୟ ହୀନ ହୋଇଯାଏ । ଶାସ୍ତ୍ରକାର ସେଥିପାଇଁ କହୁଛନ୍ତି :

ମୁକ୍ତାଭିମାନୀ ମୁକ୍ତୋ ହି ବଦ୍ଧୋ ବଦ୍ଧାଭିମାନ୍ୟପି ।
କିମ୍ବଦନ୍ତୀହ ସତ୍ୟେୟଂ ଯା ମତିଃ ସା ଗତିର୍ଭବେତ୍ ।

—ଯାହାର ମୁକ୍ତ-ଅଭିମାନ ସର୍ବଦା ଜାଗରୁକ, ସେ ମୁକ୍ତ ହୋଇଯାଏ । ଯେ ଭାବେ 'ମୁଁ ବଦ୍ଧ', ଜାଣିବୁ ଜନ୍ମେ ଜନ୍ମେ ତା'ର ବନ୍ଧନ-ଦଶା । ଐହିକ ଓ ପାରମାର୍ଥିକ ଉଭୟ ପକ୍ଷରେ ଏ କଥା ସତ୍ୟ ଜାଣିବୁ । ଇହଜୀବନରେ ଯେଉଁମାନେ ହତାଶଚିତ୍ତ, ତାଙ୍କ ଦ୍ୱାରା କୌଣସି କାର୍ଯ୍ୟ ହୋଇପାରେ ନାହିଁ । ସେମାନେ ଜନ୍ମ ଜନ୍ମ ହା-ହୁତାଶ କରି କରି ଆସନ୍ତି ଓ ଯାଆନ୍ତି । 'ବୀରଭୋଗ୍ୟା ବସୁନ୍ଧରା'—ବୀର ହିଁ ବସୁନ୍ଧରା ଭୋଗ କରନ୍ତି, ଏକଥା ଧ୍ରୁବ ସତ୍ୟ । ବୀର ହୁଅ, ସର୍ବଦା କହ 'ଅଭୀଃ' 'ଅଭୀଃ' । ସମସ୍ତଙ୍କୁ ଶୁଣାଅ 'ମା ଭୈଃ' 'ମା ଭୈଃ' । ଭୟ ହିଁ ମୃତ୍ୟୁ, ଭୟ ହିଁ ପାପ; ଭୟ ହିଁ ନରକ, ଭୟ ହିଁ ଅଧର୍ମ, ଭୟ ହିଁ ବ୍ୟଭିଚାର । ଜଗତରେ ଯେତେ କିଛି negative thoughts (ନେତିବାଚକ ଭାବ) ଅଛି, ସେସମସ୍ତ ଏହି ଭୟରୂପ ସଇତାନଠାରୁ ବାହାରିଛି । ଏହି ଭୟ ହିଁ ସୂର୍ଯ୍ୟର ସୂର୍ଯ୍ୟତ୍ୱ, ବାୟୁର ବାୟୁତ୍ୱ,

ସମର ସମତ୍ୱକୁ ଯଥାସ୍ଥାନରେ ରଖିଛୁ । ନିଜ ନିଜର ଗଣ୍ଡି ର ବାହାରକୁ ଯିବାକୁ ଦେଉ ନାହିଁ । ସେଥିପାଇଁ ଶ୍ରୁତି କହୁଛନ୍ତି :

ଭୟାଦସ୍ୟାଗ୍ନିସ୍ତପତି ଭୟାତ୍ତପତି ସୂର୍ଯ୍ୟଃ ।
ଭୟାଦିନ୍ଦ୍ରଶ୍ଚ ବାୟୁଶ୍ଚ ମୃତ୍ୟୁର୍ଧାବତି ପଞ୍ଚମଃ ।*

ଯେଉଁଦିନ ଇନ୍ଦ୍ର, ଚନ୍ଦ୍ର, ବାୟୁ, ବରୁଣ ଭୟଶୂନ୍ୟ ହେବେ, ସବୁ ବ୍ରହ୍ମରେ ମିଶିଯିବେ, ସେଦିନ ସୃଷ୍ଟିରୂପ ଅଧ୍ୟାସର ଲୟ ସାଧିତ ହେବ ! ସେଥିପାଇଁ କହେ—'ଅଭୀଃ ଅଭୀଃ' ।

କହୁ କହୁ ସ୍ୱାମୀଜୀଙ୍କ ସେହି ନୀଳୋତ୍ପଳ ନୟନପ୍ରାନ୍ତ ଅରୁଣ ରାଗରେ ରଞ୍ଜିତ ଦେଖାଗଲା । ଯେପରି 'ଅଭୀଃ' ମୂର୍ତ୍ତିମାନ ହୋଇ ଗୁରୁରୂପରେ ଶିଷ୍ୟ ସମ୍ମୁଖରେ ସଶରୀରରେ ଅବସ୍ଥାନ କରୁଛନ୍ତି ।

ସ୍ୱାମୀଜୀ ପୁନରାୟ କହିବାକୁ ଲାଗିଲେ, 'ଏହି ଦେହ ଧାରଣ କରି କେତେ ସୁଖ-ଦୁଃଖରେ—କେତେ ସମ୍ପଦ-ବିପଦର ତରଙ୍ଗରେ ଆଲୋଡ଼ିତ ହେବୁ । କିନ୍ତୁ ଜାଣିବୁ, ସେସବୁ ମୁହୂର୍ତ୍ତକାଳ ସ୍ଥାୟୀ । ସେସବୁକୁ ଗ୍ରାହ୍ୟ ଭିତରେ ଆଣିବୁ ନାହିଁ ! 'ମୁଁ ଅଜର ଅମର ଚିନ୍ମୟ ଆତ୍ମା'—ଏହି ଭାବ ହୃଦୟରେ ଦୃଢ଼ ଭାବରେ ଧାରଣ କରି ଜୀବନ ଅତିବାହିତ କରିବାକୁ ହେବ । 'ମୋର ଜନ୍ମ ନାହିଁ, ମୋର ମୃତ୍ୟୁ ନାହିଁ, ମୁଁ ନିର୍ଲେପ ଆତ୍ମା'—ଏହି ଧାରଣାରେ ଏକାବେଳକେ ତନ୍ମୟ ହୋଇଯାଅ ।' ଥରେ ତନ୍ମୟ ହୋଇଯାଇପାରିଲେ ଦୁଃଖ କଷ୍ଟ ସମୟରେ ଆପେ ଆପେ ସେହିଭାବ ମନେପଡ଼ିବ, ଚେଷ୍ଟା କରି ଆଉ ଆଣିବାକୁ ହେବ ନାହିଁ । ଏହି ଯେ ସେଦିନ ବୈଦ୍ୟନାଥ ଦେଓଘରରେ ପ୍ରିୟ ମୁଖାର୍ଜୀଙ୍କ ଘରକୁ ଯାଇଥିଲି;** ସେଠାରେ ଏପରି ଶ୍ୱାସ ଧରିଲା ଯେ, ପ୍ରାଣ ଯେପରି ଚାଲିଯିବ । ଭିତର ଆଡ଼ୁ କିନ୍ତୁ ପ୍ରତି ଶ୍ୱାସରେ ଗମ୍ଭୀର ଧ୍ୱନି ଉଠିବାକୁ ଲାଗିଲା—'ସୋଽହଂ ସୋଽହଂ' । ତକିଆରେ ଭରାଦେଇ ପ୍ରାଣବାୟୁ ବାହାରିବାର ଅପେକ୍ଷା କରୁଥିଲି, ଆଉ ଦେଖୁଥିଲି ଭିତରୁ କେବଳ ଶବ୍ଦ ହେଉଛି 'ସୋଽହଂ ସୋଽହଂ' । କେବଳ ଶୁଣିବାକୁ ଲାଗିଲି 'ଏକମେବାଦ୍ୱୟଂ ବ୍ରହ୍ମ ନେହ ନାନାସ୍ତି କିଞ୍ଚନ ।'

ଶିଷ୍ୟ ସ୍ତମ୍ଭିତ ହୋଇ କହିଲା, 'ମହାଶୟ, ଆପଣଙ୍କ ସହିତ କଥା କହିଲେ, ଆପଣଙ୍କ ଅନୁଭୂତି ସବୁ ଶୁଣିଲେ ଶାସ୍ତ୍ରପାଠର ଆଉ ପ୍ରୟୋଜନ ନାହିଁ ।'

ସ୍ୱାମୀଜୀ : ନା ରେ, ଶାସ୍ତ୍ର ବି ପଢ଼ିବାକୁ ହୁଏ । ଜ୍ଞାନଲାଭ ନିମିତ୍ତ ଶାସ୍ତ୍ରପାଠ ଏକାନ୍ତ ପ୍ରୟୋଜନ । ମୁଁ ମଠରେ ଶୀଘ୍ର class (କ୍ଲାସ) ଖୋଲୁଛି । ବେଦ, ଉପନିଷଦ୍, ଗୀତା, ଭାଗବତ ପଢ଼ାହେବ; ଅଷ୍ଟାଧ୍ୟାୟୀ ପଢ଼ାଇବି ।

ଶିଷ୍ୟ : ଆପଣ କ'ଣ ଅଷ୍ଟାଧ୍ୟାୟୀ ପାଣିନି ପଢ଼ିଛନ୍ତି ?

ସ୍ୱାମୀଜୀ : ଯେତେବେଳେ ଜୟପୁରରେ ଥିଲି, ସେତେବେଳେ ଜଣେ ମହା-

---

* କଠୋପନିଷଦ, ୨।୩।୩

** ସ୍ୱାମୀଜୀ ଏକ ସମୟରେ ବାୟୁ-ପରିବର୍ତ୍ତନ ନିମିତ୍ତ ବୈଦ୍ୟନାଥରେ ଶ୍ରୀଯୁକ୍ତ ପ୍ରିୟନାଥ ମୁଖୋପାଧ୍ୟାୟଙ୍କ ଘରକୁ ଯାଇଥିଲେ ।

ବୈୟାକରଣିକଙ୍କ ସନ୍ଧାନ ଦେଖାହୁଏ । ତାଙ୍କ ପାଖରେ ବ୍ୟାକରଣ ପଢ଼ିବାକୁ ଇଚ୍ଛା ହେଲା । ବ୍ୟାକରଣରେ ମହାପଣ୍ଡିତ ହେଲେ ମଧ୍ୟ ତାଙ୍କର ଅଧ୍ୟାପନାରେ ସେତେ କ୍ଷମତା ନ ଥିଲା । ମୋତେ ପ୍ରଥମ ସୂତ୍ରର ଭାଷ୍ୟ ତିନି ଦିନ ଧରି ବୁଝେଇଲେ । ତେବେ ସୁଦ୍ଧା ମୁଁ ତା'ର କିଛି ମାତ୍ର ଧାରଣା କରିପାରିଲି ନାହିଁ । ଚତୁର୍ଥ ଦିନ ଅଧ୍ୟାପକ ବିରକ୍ତ ହୋଇ କହିଲେ, 'ସ୍ୱାମୀଜୀ ! ତିନି ଦିନରେ ବି ଆପଣଙ୍କୁ ପ୍ରଥମ ସୂତ୍ରର ମର୍ମ ବୁଝାଇପାରିଲି ନାହିଁ । ମୋ' ଦ୍ୱାରା ଆପଣଙ୍କ ଅଧ୍ୟାପନାରେ କୌଣସି ଫଳ ହେବ ନାହିଁ ବୋଧହୁଏ ।' ସେହି କଥା ଶୁଣି ମନରେ ତୀବ୍ର ଭର୍ତ୍ସନା ଆସିଲା । ଖୁବ୍ ଦୃଢ଼-ସଂକଳ୍ପ ହୋଇ ପ୍ରଥମ ସୂତ୍ରର ଭାଷ୍ୟ ନିଜେ ନିଜେ ପଢ଼ିବାକୁ ଲାଗିଲି । ତିନି ଘଣ୍ଟା ମଧ୍ୟରେ ସେହି ସୂତ୍ର-ଭାଷ୍ୟର ଅର୍ଥ ଯେପରି 'କରାମଲକବତ୍' ପ୍ରତ୍ୟକ୍ଷ ହୋଇଗଲା । ତା'ପରେ ଅଧ୍ୟାପକଙ୍କ ପାଖକୁ ଯାଇ ସମସ୍ତ ବ୍ୟାଖ୍ୟାର ତାତ୍ପର୍ଯ୍ୟ କଥାରେ କଥାରେ ବୁଝାଇ କହିଲି । ଅଧ୍ୟାପକ ଶୁଣି କହିଲେ, 'ମୁଁ ତିନି ଦିନ ବୁଝାଇ ଯାହା କରିପାରିଲି ନାହିଁ, ଆପଣ ତିନି ଘଣ୍ଟାରେ ତା'ର ଏପରି ଚମତ୍କାର ବ୍ୟାଖ୍ୟା କିପରି ଉଦ୍ଧାର କଲେ ?' ତା'ପରେ ପ୍ରତିଦିନ ଜୁଆର ପାଣିପରି ଅଧ୍ୟାୟ ପରେ ଅଧ୍ୟାୟ ପଢ଼ିଯିବାକୁ ଲାଗିଲି । ମନର ଏକାଗ୍ରତା ଥିଲେ ସବୁ ସିଦ୍ଧ ହୁଏ—ସୁମେରୁ ମଧ୍ୟ ଚୂର୍ଣ୍ଣ କରାଯାଇପାରେ ।

ଶିଷ୍ୟ : ମହାଶୟ, ଆପଣଙ୍କର ସବୁ ହିଁ ଅଦ୍ଭୁତ ।

ସ୍ୱାମୀଜୀ : ଅଦ୍ଭୁତ ବୋଲି ବିଶେଷ କିଛି ନାହିଁ । ଅଜ୍ଞାନତା ହିଁ ଅନ୍ଧକାର । ସେଥିରେ ସବୁ ଘୋଡ଼େଇ ରହିଲେ ଅଦ୍ଭୁତ ଦେଖାଯାଏ । ଜ୍ଞାନାଲୋକରେ ସବୁ ଉଦ୍ଭିନ୍ନ ହେଲେ କେଉଁଥିରେ ହିଁ ତ ଆଉ ଅଦ୍ଭୁତତ୍ୱ ରହେ ନାହିଁ । ଏପରି ଅଘଟନ-ଘଟନ-ପଟୀୟସୀ ମାୟା ତାହା ବି ଲୁଚିଯାଏ । ଯାହାଙ୍କୁ ଜାଣିଲେ ସବୁ ଜଣାଯାଏ, ତାଙ୍କୁ ଜାଣ୍—ତାଙ୍କ କଥା ଭାବ୍—ସେହି ଆତ୍ମା ପ୍ରତ୍ୟକ୍ଷ ହେଲେ ଶାସ୍ତ୍ରାର୍ଥ 'କରାମଲକବତ୍' ପ୍ରତ୍ୟକ୍ଷ ହେବ । ପୁରାତନ ଋଷିମାନଙ୍କର ହୋଇଥିଲା, ଆଉ ଆମର କାହିଁକି ହେବ ନାହିଁ ଯେ ? ଆମେ ବି ତ ମନୁଷ୍ୟ । ଥରେ ଜଣକ ଜୀବନରେ ଯାହା ହୋଇଅଛି, ଚେଷ୍ଟା କଲେ ତାହା ଅବଶ୍ୟ ପୁନରାୟ ଅପରର ଜୀବନରେ ମଧ୍ୟ ସିଦ୍ଧ ହେବ । History repeats itself—ଯାହା ଥରେ ଘଟିଛି, ତାହା ବାରମ୍ବାର ଘଟେ । ଏହି ଆତ୍ମା ସର୍ବଭୂତରେ ସମାନ । କେବଳ ପ୍ରତି ଭୂତରେ ତାଙ୍କ ବିକାଶରେ ତାରତମ୍ୟ ଅଛି ମାତ୍ର । ଏହି ଆତ୍ମାକୁ ବିକାଶ କରିବାର ଚେଷ୍ଟା କର । ଦେଖିବୁ, ବୁଦ୍ଧି ସବୁ-ବିଷୟରେ ପ୍ରବେଶ କରିବ । ଅନାତ୍ମଜ୍ଞ ପୁରୁଷର ବୁଦ୍ଧି ଏକ-ଦେଶ-ଦର୍ଶୀ । ଆତ୍ମଜ୍ଞ ପୁରୁଷର ବୁଦ୍ଧି ସର୍ବ-ଗ୍ରାସିନୀ । ଆତ୍ମାର ପ୍ରକାଶ ହେଲେ ଦେଖିବୁ, ଦର୍ଶନ-ବିଜ୍ଞାନ ସବୁ ଆୟତ୍ତ ହୋଇଯିବ । ସିଂହଗର୍ଜନରେ ଆତ୍ମାର ମହିମା ଘୋଷଣା କର । ଜୀବକୁ ଅଭୟ ଦେଇ କହ —'ଉତ୍ତିଷ୍ଠତ, ଜାଗ୍ରତ, ପ୍ରାପ୍ୟ ବରାନ୍ ନିବୋଧତ'—Arise ! awake ! and stop not till the goal is reached—(ଉଠ, ଜାଗ, ଲକ୍ଷ୍ୟସ୍ଥଳରେ ନ ପହଞ୍ଚିଲା ଯାଏଁ ଅଟକ ଯାଅ ନାହିଁ) ।

# ୧୭

ସ୍ଥାନ—ବେଲୁଡ଼, ଭଡ଼ା ମଠଘର
କାଳ—୧୮୯୮

ଶିଷ୍ୟ ଆଜକୁ ଦୁଇ ଦିନ ହେଲା ବେଲୁଡ଼ର ନୀଳାମ୍ବର ବାବୁଙ୍କ ବଗିଚାଘରେ ସ୍ୱାମୀଜୀଙ୍କ ପାଖରେ ଅଛି । କଲିକତାରୁ ଅନେକ ଯୁବକ ଏହି ସମୟରେ ସ୍ୱାମୀଜୀଙ୍କ ନିକଟକୁ ଯିବା ଆସିବା କରୁଥିବାରୁ ମଠରେ ଯେପରି ଆଜିକାଲି ନିତ୍ୟ ଉତ୍ସବ । କେତେ ଧର୍ମଚର୍ଚ୍ଚା, କେତେ ସାଧନ-ଭଜନର ଉଦ୍ୟମ, କେତେ ଦୀନ-ଦୁଃଖୀଙ୍କର ଦୁଃଖ-ମୋଚନର ଉପାୟ ଆଲୋଚିତ ହେଉଅଛି ।

ଆଜି ସ୍ୱାମୀଜୀ ଶିଷ୍ୟକୁ ତାଙ୍କ କକ୍ଷରେ ରାତିରେ ରହିବାକୁ ଅନୁମତି ଦେଇଛନ୍ତି । ସ୍ୱାମୀଜୀଙ୍କଠାରୁ ଏହି ସେବାଧିକାର ପାଇ ଶିଷ୍ୟର ହୃଦୟରେ ଆଜି ଆଉ ଆନନ୍ଦର ସୀମା ନାହିଁ । ପ୍ରସାଦ ଗ୍ରହଣାନ୍ତେ ସେ ସ୍ୱାମୀଜୀଙ୍କ ପଦସେବା କରୁଅଛି, ଏପରି ସମୟରେ ସ୍ୱାମୀଜୀ କହିଲେ, 'ଏପରି ଜାଗା ଛାଡ଼ି ତୁ କଅଣ କଲିକତା ଯିବାକୁ ଚାହୁଁଛୁ ? ଏଠାରେ କିପରି ପବିତ୍ର ଭାବ, କିପରି ଗଙ୍ଗାର ପବନ, କିପରି ସବୁ ସାଧୁମାନଙ୍କର ସମାଗମ । ଏପରି ସ୍ଥାନ କଅଣ ଆଉ କେଉଁଠି ଖୋଜି ପାଇବୁ ?'

ଶିଷ୍ୟ : ବହୁ ଜନ୍ମାନ୍ତରର ତପସ୍ୟାରେ ଆପଣଙ୍କ ସଙ୍ଗଲାଭ ହୋଇଛି । ବର୍ତ୍ତମାନ ଆଉ ଯେପରି ମାୟାମୋହ ମଧ୍ୟରେ ନ ପଡ଼େ, କୃପା କରି ତାହା କରିଦିଅନ୍ତୁ । ବର୍ତ୍ତମାନ ପ୍ରତ୍ୟକ୍ଷ ଅନୁଭୂତି ନିମିତ୍ତ ମନ ମଝିରେ ମଝିରେ ବଡ଼ ବ୍ୟାକୁଳ ହେଉଛି ।

ସ୍ୱାମୀଜୀ : ମୋର ମଧ୍ୟ ସେହିପରି କେତେ ହୋଇଛି । କାଶୀପୁରର ବଗିଚାରେ ଦିନେ ଠାକୁରଙ୍କ ନିକଟରେ ଖୁବ୍ ବ୍ୟାକୁଳ ହୋଇ ପ୍ରାର୍ଥନା ଜଣାଇଥିଲି । ତାହାପରେ ସନ୍ଧ୍ୟାବେଳେ ଧ୍ୟାନ କରୁ କରୁ ନିଜ ଦେହ ଖୋଜି ପାଇଲି ନାହିଁ । ଦେହଟା ଏକାବେଳକେ ନାହିଁ ବୋଲି ମନେହୋଇଥିଲା । ଚନ୍ଦ୍ର, ସୂର୍ଯ୍ୟ, ଦେଶ, କାଳ, ଆକାଶ—ସବୁ ଯେପରି ଏକାକାର ହୋଇ କୁଆଡ଼େ ମିଳେଇ ଯାଇଥିଲା । ଦେହାଦି ବୁଦ୍ଧିର ପ୍ରାୟ ଅଭାବ ହୋଇଥିଲା । ପ୍ରାୟ ଲୀନ ହୋଇଯାଇଥିଲି; ଆଉ କଅଣ ! ଟିକିଏ ଅହଂ ଥିଲା, ସେଥିପାଇଁ ସେହି ସମାଧିରୁ ଫେରିଥିଲି । ଏହିପରି ସମାଧି ସମୟରେ ହିଁ 'ମୁଁ' ଆଉ 'ବ୍ରହ୍ମ'ର ଭେଦ ଚାଲିଯାଏ, ସବୁ ଏକ ହୋଇଯାଏ, ଯେପରି ମହାସମୁଦ୍ର—ଜଳ, ସ୍ଥଳ ଆଉ କିଛି ନାହିଁ, ଭାବ ଆଉ ଭାଷା ସବୁ ଶେଷ ହୋଇଯାଏ, 'ଅବାଙ୍ମନସଗୋଚରମ୍' କଥାଟା ଠିକ୍ ଠିକ୍ ସେହି ସମୟରେ ଉପଲବ୍ଧ ହୁଏ । ନତୁବା 'ମୁଁ ବ୍ରହ୍ମ'—ଏକଥା ସାଧକ ଯେତେବେଳେ ଭାବୁଛି ବା କହୁଛି, ସେତେବେଳେ ସୁଦ୍ଧା 'ମୁଁ' ଓ 'ବ୍ରହ୍ମ' ଏହି ଦୁଇ ପଦାର୍ଥ ପୃଥକ୍ ଥାଏ—ଦ୍ୱୈତଭାବ ଥାଏ । ତା'ପରେ ଏପରି ଅବସ୍ଥା ଲାଭ କରିବା ପାଇଁ ବାରମ୍ବାର ଚେଷ୍ଟା କରି କରି ସୁଦ୍ଧା ଆଣିପାରିଲି ନାହିଁ । ଠାକୁରଙ୍କୁ ଜଣାଇବାରୁ କହିଲେ, 'ଦିନରାତି ସେ-ଅବସ୍ଥାରେ

ରହିଲେ ମାଆଙ୍କ କାମ ହେବ ନାହିଁ । ସେଥିପାଇଁ ବର୍ତ୍ତମାନ ଆଉ ସେ ଅବସ୍ଥା ଆଣିପାରିବୁ ନାହିଁ । କାମ କରିବା ଶେଷ ହୋଇଗଲେ ପୁଣି ସେ ଅବସ୍ଥା ଆସିବ ।'

ଶିଷ୍ୟ : ନିଃଶେଷ ସମାଧି ବା ଠିକ୍ ଠିକ୍ ନିର୍ବିକଳ୍ପ ସମାଧି ହେଲେ ତେବେ କଅଣ କେହି ଆଉ ପୁନରାୟ ଅହଂଜ୍ଞାନକୁ ଆଶ୍ରୟ କରି ଦ୍ୱୈତ-ଭାବର ରାଜତ୍ୱକୁ, ଅର୍ଥାତ୍ ସଂସାରକୁ ଫେରିପାରେ ନାହିଁ ?

ସ୍ୱାମୀଜୀ : ଠାକୁର କହୁଥିଲେ, 'ଏକମାତ୍ର ଅବତାରମାନେ ହିଁ ଜୀବହିତ ପାଇଁ ସେହି ସମାଧିରୁ ଓହ୍ଲାଇ ଆସିପାରନ୍ତି । ସାଧାରଣ ଜୀବର ଆଉ ବ୍ୟୁତ୍ଥାନ ହୁଏ ନାହିଁ । ଏକୋଇଶ ଦିନ ମାତ୍ର ଜୀବିତ ରହି ତାଙ୍କ ଦେହ ଶୁଷ୍କପତ୍ର ପରି ସଂସାରରୂପକ ବୃକ୍ଷରୁ ଖସି ପଡ଼ିଯାଏ ।'

ଶିଷ୍ୟ : ମନ ବିଲୁପ୍ତ ହୋଇ ଯେତେବେଳେ ସମାଧି ହୁଏ, ମନର କୌଣସି ତରଙ୍ଗ ଯେତେବେଳେ ଆଉ ରହେ ନାହିଁ, ସେତେବେଳେ ପୁଣି ବିକ୍ଷେପର ଏବଂ ଅହଂଜ୍ଞାନ ନେଇ ସଂସାରକୁ ଫେରିବାର ସମ୍ଭାବନା କେଉଁଠି ? ମନ ହିଁ ଯେତେବେଳେ ନାହିଁ, ସେତେବେଳେ କିଏ କେଉଁଥିପାଇଁ ବା ସମାଧି-ଅବସ୍ଥା ଛାଡ଼ି ଦ୍ୱୈତରାଜ୍ୟକୁ ଓହ୍ଲେଇ ଆସିବେ ?

ସ୍ୱାମୀଜୀ : ବେଦାନ୍ତଶାସ୍ତ୍ରର ଅଭିପ୍ରାୟ ଏହି ଯେ, ନିଃଶେଷ ନିରୋଧ-ସମାଧିରୁ ପୁନରାବୃତ୍ତି ହୁଏ ନାହିଁ; ଯଥା : 'ଅନାବୃତ୍ତିଃ ଶବ୍ଦାତ୍' । କିନ୍ତୁ ଅବତାରମାନେ ଗୋଟାଏ ଅଧେ ସାମାନ୍ୟ ବାସନା ଜୀବହିତକଳ୍ପେ ରଖିଦିଅନ୍ତି । ତାକୁ ହିଁ ଧରି ପୁନରାୟ super-conscious state-ରୁ conscious state-କୁ (ଜ୍ଞାନାତୀତ ଅଦ୍ୱୈତଭୂମିରୁ 'ମୁଁ ତୁମେ' ଜ୍ଞାନମୂଳକ ଦ୍ୱୈତଭୂମିକୁ) ଆସନ୍ତି ।

ଶିଷ୍ୟ : କିନ୍ତୁ ଆଜ୍ଞା, ଯଦି ଗୋଟାଏ ଅଧେ ବାସନା ବି ଥାଏ, ତେବେ ତାକୁ ନିଃଶେଷ ନିରୋଧ-ସମାଧି କହିବ କିପରି ? କାରଣ ଶାସ୍ତ୍ରରେ ଅଛି, ନିଃଶେଷ ନିର୍ବିକଳ୍ପ ସମାଧିରେ ମନର ସର୍ବବୃତ୍ତିର, ସକଳ ବାସନାର ନିରୋଧ ବା ଧ୍ୱଂସ ହୋଇଯାଏ ।

ସ୍ୱାମୀଜୀ : ମହାପ୍ରଳୟ ପରେ ତେବେ ସୃଷ୍ଟି ହିଁ ବା ପୁଣି କିପରି ହେବ ? ମହା-ପ୍ରଳୟରେ ବି ତ ସବୁ ବ୍ରହ୍ମରେ ମିଶିଯାଏ ? ତାହାପରେ ବି କିନ୍ତୁ ଶାସ୍ତ୍ରମୁଖରେ ସୃଷ୍ଟି-ପ୍ରସଙ୍ଗ ପୁଣି ଶୁଣାଯାଏ—ସୃଷ୍ଟି ଆଉ ଲୟ ପ୍ରବାହାକାରରେ ପୁଣି ଚାଲୁଥାଏ । ମହାପ୍ରଳୟ ପରେ ସୃଷ୍ଟି ଆଉ ଲୟର ପୁନରାବର୍ତ୍ତନ ପରି ଅବତାର ପୁରୁଷମାନଙ୍କର ନିରୋଧ ଏବଂ ବ୍ୟୁତ୍ଥାନ ମଧ୍ୟ ସେହିପରି ଅପ୍ରାସଙ୍ଗିକ କାହିଁକି ହେବ ?

ଶିଷ୍ୟ : ମୁଁ ଯଦି କହେ, ଲୟ କାଳରେ ପୁନଃସୃଷ୍ଟିର ବୀଜ ବ୍ରହ୍ମରେ ଲୀନପ୍ରାୟ ଥାଏ ଏବଂ ତାହା ମହାପ୍ରଳୟ ବା ନିରୋଧ ସମାଧି ନୁହେଁ, କିନ୍ତୁ ସୃଷ୍ଟିର ବୀଜ ଓ ଶକ୍ତିର, (ଆପଣ ଯେପରି କହନ୍ତି) potential (ଅବ୍ୟକ୍ତ) ଆକାର-ଧାରଣ ମାତ୍ର ?

ସ୍ୱାମୀଜୀ : ତାହାହେଲେ ମୁଁ କହିବି ଯେ, ବ୍ରହ୍ମରେ କୌଣସି ବିଶେଷଣର ଆଭାସ ନାହିଁ—ଯାହା ନିର୍ଲେପ ଓ ନିର୍ଗୁଣ—ତାଙ୍କ ଦ୍ୱାରା ଏହି ସୃଷ୍ଟି ହିଁ ବା କିପରି projected

(ବହିର୍ଗତ) ହେବା ସମ୍ଭବ ହୁଏ, ତା'ର ଜବାବ ଦେ ।

ଶିଷ୍ୟ : ଏହା ତ seeming projection (ଆପାତପ୍ରତୀୟମାନ ବହିଃପ୍ରକାଶ) ! ସେକଥାର ଉତ୍ତରରେ ହିଁ ତ ଶାସ୍ତ୍ର କହୁଛି ଯେ, ବ୍ରହ୍ମରୁ ସୃଷ୍ଟିର ବିକାଶ ମରୁମରୀଚିକା ପରି ଦେଖାଯାଉଅଛି ସତ୍ୟ, କିନ୍ତୁ ବସ୍ତୁତଃ ସୃଷ୍ଟି ପ୍ରଭୃତି କିଛି ହୋଇ ନାହିଁ । ଭାବ-ବସ୍ତୁ ବ୍ରହ୍ମଙ୍କର ଅଭାବ ବା ମିଥ୍ୟା ମାୟାଶକ୍ତିବଶତଃ ଏହିପରି ଭ୍ରମ ଦେଖାଯାଉଅଛି ।

ସ୍ୱାମୀଜୀ : ସୃଷ୍ଟି ହିଁ ଯଦି ମିଥ୍ୟା ହୁଏ, ତେବେ ଜୀବର ନିର୍ବିକଳ୍ପ ସମାଧି ଓ ସମାଧିର ବ୍ୟୁତ୍ଥାନକୁ ମଧ୍ୟ ତୁ seeming (ମିଥ୍ୟା) ଧରିନେଇପାରୁ ତ ? ଜୀବ ସ୍ୱତଃ ହିଁ ବ୍ରହ୍ମ ସ୍ୱରୂପ; ତା'ର ପୁଣି ବ୍ରହ୍ମର ଅନୁଭୂତି କଅଣ ? ତୁ ଯେ'ମୁଁ ଆତ୍ମା' ଏହି ଅନୁଭବ କରିବାକୁ ଚାହୁଁ, ତାହା ବି ତାହାହେଲେ ଭ୍ରମ; କାରଣ ଶାସ୍ତ୍ର କହୁଛି—you are already that (ତୁ ସର୍ବଦା ଯେ ବ୍ରହ୍ମ ହୋଇ ରହିଛୁ) । ଅତଏବ 'ଅୟମେବ ହି ତେ ବନ୍ଧଃ ସମାଧିମନୁତିଷ୍ଠସି'—ତୁ ଯେ ସମାଧି ଲାଭ କରିବାକୁ ଚାହୁଁଛୁ, ଏହା ତ ତୋର ବନ୍ଧନ ।

ଶିଷ୍ୟ : ଏ ତ ବଡ଼ ମୁସ୍କିଲ କଥା; ମୁଁ ଯଦି ବ୍ରହ୍ମ, ତେବେ ସେ-ବିଷୟରେ ସର୍ବଦା ଅନୁଭୂତି ହୁଏ ନାହିଁ କାହିଁକି ?

ସ୍ୱାମୀଜୀ : Conscious plane-ର ('ତୁ' 'ମୁଁ'ର ଦ୍ୱୈତଭୂମିରେ) ସେକଥା ଅନୁଭବ କରିବାକୁ ହେଲେ ଗୋଟାଏ କରଣ ବା ଯାହାଦ୍ୱାରା ଅନୁଭବ କରିବୁ ତାହା ଦରକାର । ମନ ହେଉଛି ଆମର ସେହି କରଣ । କିନ୍ତୁ ମନ ପଦାର୍ଥଟା ତ ଜଡ଼ । ପଛରେ ଆତ୍ମାର ପ୍ରଭାରେ ମନ ଚେତନ ପରି ପ୍ରତିଭାତ ହେଉଛି ମାତ୍ର । ପଞ୍ଚଦଶୀକାର ସେଥିନିମିତ୍ତ କହିଛନ୍ତି—'ଚିଚ୍ଛାୟାବେଶତଃ ଶକ୍ତିଶ୍ଚେତନେବ ବିଭାତି ସା'—ଚିତ୍-ସ୍ୱରୂପ ଆତ୍ମାର ଛାୟା ବା ପ୍ରତିବିମ୍ବର ଆବେଶରେ ହିଁ ଶକ୍ତିକୁ ଚୈତନ୍ୟମୟୀ ବୋଲି ମନେହୁଏ ଏବଂ ସେଥିଯୋଗୁଁ ମନ ମଧ୍ୟ ଚେତନ ପଦାର୍ଥ ବୋଲି ବୋଧହୁଏ । ଅତଏବ 'ମନ' ଦ୍ୱାରା ଶୁଦ୍ଧ ଚୈତନ୍ୟସ୍ୱରୂପ ଆତ୍ମାକୁ ଯେ ଜାଣିପାରିବୁ ନାହିଁ, ଏ କଥା ନିଶ୍ଚୟ । ମନର ସୀମା ପାର ହୋଇ ଯିବାକୁ ହେବ । ମନର ସୀମା ପରେ ଆଉ ତ କୌଣସି କରଣ ନାହିଁ—ଏକ ଆତ୍ମା ହିଁ ଅଛନ୍ତି । ସୁତରାଂ ଯାହାକୁ ଜାଣିବୁ, ସେହି ତ ପୁଣି କରଣ ସ୍ଥାନୀୟ ହୋଇ ଠିଆହେଉଛି । କର୍ତ୍ତା, କର୍ମ, କରଣ ଏକ ହୋଇଯାଉଛି । ଏଇଥିପାଇଁ କହୁଛନ୍ତି, 'ବିଜ୍ଞାତାରମରେ କେନ ବିଜାନୀୟାତ୍ ।' ମୋଟ କଥା conscious plane-ର (ଦ୍ୱୈତଭୂମିର) ଉପରେ ଗୋଟିଏ ଅବସ୍ଥା ଅଛି, ସେଠାରେ କର୍ତ୍ତା, କର୍ମ, କରଣାଦିର ଦ୍ୱୈତଭାବ ନାହିଁ । ମନ ନିରୁଦ୍ଧ ହେଲେ ତାହା ପ୍ରତ୍ୟକ୍ଷ ହୁଏ । ଅନ୍ୟ ଭାଷା ନାହିଁ ବୋଲି ସେହି ଅବସ୍ଥାକୁ 'ପ୍ରତ୍ୟକ୍ଷ' କରିବା କହୁଛି । ନଚେତ୍ ସେ ଅନୁଭବ-ପ୍ରକାଶର ଭାଷା ନାହିଁ ! ଶଙ୍କରାଚାର୍ଯ୍ୟ ତାକୁ 'ଅପରୋକ୍ଷାନୁଭୂତି' ବୋଲି କହିଯାଇଛନ୍ତି । ସେହି ପ୍ରତ୍ୟକ୍ଷାନୁଭୂତି ବା ଅପରୋକ୍ଷାନୁଭୂତି ହେଲେ ମଧ୍ୟ ଅବତାରମାନେ ତଳକୁ ଓହ୍ଲାଇ ଆସି ଦ୍ୱୈତଭୂମିରେ ତା'ର ଆଭାସ ଦିଅନ୍ତି । ସେଥିପାଇଁ କହନ୍ତି (ଆପ୍ତ-ପୁରୁଷଙ୍କର) ଅନୁଭବରୁ ବେଦାଦି ଶାସ୍ତ୍ରର ଉତ୍ପତ୍ତି ହୋଇଛି । ସାଧାରଣ ଜୀବର ଅବସ୍ଥା କିନ୍ତୁ 'ଲବଣ-ପିତୁଳାର ସମୁଦ୍ର ମାପିବାକୁ ଯାଇ ମିଳେଇ ଯିବା' ଭଳି; ବୁଝିଲୁ ? ମୋଟ

କଥା ହେଉଛି ଯେ, 'ତୁ ଯେ ନିତ୍ୟକାଳ ବ୍ରହ୍ମ' ଏହି କଥାଟା ଜାଣିବାକୁ ହେବ ମାତ୍ର । ତୁ ସର୍ବଦା ତାହା ହିଁ ହୋଇ ରହିଛୁ । ତେବେ ମଝିରୁ ଗୋଟାଏ ଜଡ଼ ମନ (ଯାହାକୁ ଶାସ୍ତ୍ରରେ 'ମାୟା' କହନ୍ତି) ଆସି ତାହା ବୁଝିବାକୁ ଦେଉ ନାହିଁ । ସେହି ସୂକ୍ଷ୍ମ, ଜଡ଼ରୂପ ଉପାଦାନରେ ନିର୍ମିତ ମନରୂପକ ପଦାର୍ଥଟି ପ୍ରଶମିତ ହେଲେ ଆତ୍ମାର ପ୍ରଭାରେ ଆତ୍ମା ନିଜେ ଉଦ୍ଭାସିତ ହୁଏ । ଏହି ମାୟା ବା ମନ ଯେ ମିଥ୍ୟା, ତା'ର ଗୋଟାଏ ପ୍ରମାଣ ଏହି ଯେ, ମନ ନିଜେ ଜଡ଼ ଓ ଅନ୍ଧକାରସ୍ୱରୂପ । ପଛରୁ ଆତ୍ମାର ପ୍ରଭାବରେ ଚେତନ୍‌ବତ୍ ପ୍ରତୀତ ହୁଏ । ଏହା ଯେତେବେଳେ ବୁଝିପାରିବୁ, ସେତେବେଳେ ଏକ ଅଖଣ୍ଡ ଚେତନରେ ମନର ଲୟ ହୋଇଯିବ । ସେତେ-ବେଳେ ଯାଇ ଅନୁଭୂତ ହେବ—'ଅୟମାତ୍ମା ବ୍ରହ୍ମ' ।

ଏହାପରେ ସ୍ୱାମୀଜୀ କହିଲେ, 'ତୋତେ ନିଦ ମାଡ଼ୁଛି ପରା ? ତେବେ ଶୋଇପଡ଼ ।' ଶିଷ୍ୟ ସ୍ୱାମୀଜୀଙ୍କ ପାଖ ବିଛଣାରେ ଶୋଇ ନିଦ୍ରା ଗଲା । ରାତିରେ ସ୍ୱାମୀଜୀଙ୍କର ସୁନିଦ୍ରା ନ ହେବାରୁ ମଝିରେ ମଝିରେ ଉଠିବାକୁ ଲାଗିଲେ; ଶିଷ୍ୟ ମଧ୍ୟ ସେତେବେଳେ ନିଦ୍ରା ତ୍ୟାଗ କରି ଉଠି ତାଙ୍କର ଆବଶ୍ୟକମତେ ସେବା କରିବାକୁ ଲାଗିଲା । ଏହି ରୂପେ ସେ ରାତି କଟିଗଲା ଏବଂ ଶେଷ ରାତିରେ ସେ ଏକ ଅଦ୍ଭୁତ ସ୍ୱପ୍ନ ଦେଖି ନିଦ୍ରାଭଙ୍ଗ ପରେ ଆନନ୍ଦରେ ଶଯ୍ୟା ତ୍ୟାଗ କଲା । ପ୍ରାତଃକାଳରେ ଗଙ୍ଗାସ୍ନାନାନ୍ତେ ଶିଷ୍ୟ ଆସି ଦେଖିଲା, ସ୍ୱାମୀଜୀ ମଠର ତଳ ମହଲରେ ବଡ଼ ବେଞ୍ଚ ଖଣ୍ଡିକ ଉପରେ ପୂର୍ବାସ୍ୟ ହୋଇ ବସିଛନ୍ତି । ଗତ ରାତିର ସ୍ୱପ୍ନ କଥା ସ୍ମରଣ କରି ସ୍ୱାମୀଜୀଙ୍କ ପାଦପଦ୍ମ ଅର୍ଚ୍ଚନା କରିବା ପାଇଁ ସ୍ୱାମୀଜୀଙ୍କ ଅନୁମତି ପ୍ରାର୍ଥନା କଲା । ତା'ର ଏକାନ୍ତ ଆଗ୍ରହରେ ସ୍ୱାମୀଜୀ ସମ୍ମତ ହେଲେ । ସେ କେତେଗୁଡ଼ିଏ ଦୁବୁରି ଫୁଲ ସଂଗ୍ରହ କରି ଆଣି ସ୍ୱାମୀଜୀଙ୍କ ଶରୀରରେ ମହାଶିବଙ୍କର ଅଧିଷ୍ଠାନ ଚିନ୍ତାକରି ବିଧିମତେ ତାଙ୍କର ପୂଜା କଲା ।

ପୂଜାନ୍ତେ ସ୍ୱାମୀଜୀ ଶିଷ୍ୟକୁ କହିଲେ, 'ତୋର ପୂଜା ତ ହେଲା, କିନ୍ତୁ ବାବୁରାମ (ପ୍ରେମାନନ୍ଦ) ଏଇଲାଗେ ଆସି ତୋତେ ଖାଇ ପକାଇବ । ତୁ କଅଣ ନା ଠାକୁରଙ୍କ ପୂଜାବାସନରେ (ପୁଷ୍ପପାତ୍ରରେ) ମୋର ଗୋଡ଼ ରଖି ପୂଜା କଲୁ ?' କଥାଟିକ କହିବା ଶେଷ ହେଉ ନ ହେଉଣୁ ସ୍ୱାମୀ ପ୍ରେମାନନ୍ଦ ସେଠାରେ ଆସି ଉପସ୍ଥିତ ହେଲେ ଏବଂ ସ୍ୱାମୀଜୀ ତାଙ୍କୁ କହିଲେ, 'ଆରେ ଦେଖ୍, ଆଜି କଅଣ କାଣ୍ଡ କରିଛି । ଠାକୁରଙ୍କ ପୂଜାର ଥାଳି, ବାସନ, ଚନ୍ଦନ ଆଣି ସେ ଆଜି ମୋର ପୂଜା କରିଛି ।' ସ୍ୱାମୀ ପ୍ରେମାନନ୍ଦ ମହାରାଜ ହସି ହସି କହିଲେ, 'ତା ବେଶ୍ କରିଛି, ତୁମେ ଆଉ ଠାକୁର କଅଣ ଭିନ୍ନ ?' ଏକଥା ଶୁଣି ଶିଷ୍ୟ ନିର୍ଭୟ ହେଲା ।

ଶିଷ୍ୟ ଖାଣ୍ଟି ବ୍ରାହ୍ମଣ । ଅଖାଦ୍ୟ ଦୂରେ ଥାଉ କାହାର ସ୍ପୃଷ୍ଟ ଦ୍ରବ୍ୟ ପର୍ଯ୍ୟନ୍ତ ଖାଏ ନାହିଁ । ଏଥିପାଇଁ ଶିଷ୍ୟକୁ ସ୍ୱାମୀଜୀ ବେଳେବେଳେ 'ଭଟ୍ଟାଚାର୍ଯ୍ୟ' ବୋଲି ଡାକୁଥିଲେ । ପ୍ରାତଃ ଜଳଯୋଗ ସମୟରେ ବିଲାତି ବିସ୍କୁଟାଦି ଖାଉ ଖାଉ ସ୍ୱାମୀଜୀ ସଦାନନ୍ଦ ସ୍ୱାମୀଙ୍କୁ କହିଲେ, 'ଭଟ୍ଟାଚାର୍ଯ୍ୟଙ୍କୁ ଧରି ନେଇଆ ତ ।' ଆଦେଶ ଶୁଣି ଶିଷ୍ୟ ନିକଟରେ ଉପସ୍ଥିତ ହେବାରୁ ସ୍ୱାମୀଜୀ ସେହିସବୁ ଦ୍ରବ୍ୟର କିଛିତ୍ ତାକୁ ପ୍ରସାଦ ରୂପେ ଖାଇବାକୁ ଦେଲେ ।

ଶିଷ୍ୟ ଦ୍ୱିଧା ନ କରି ତାହା ଗ୍ରହଣ କରିବାର ଦେଖି ସ୍ୱାମୀଜୀ ତାକୁ କହିଲେ, 'ଆଜି କଅଣ ଖାଇଲୁ ତାହା ଜାଣୁ ? ଏଗୁଡ଼ିକୁ କୁକୁଡ଼ା ଅଣ୍ଡାରେ ତିଆରି ।' ଉତ୍ତରରେ ଶିଷ୍ୟ କହିଲା, 'ଯାହା ଥାଉନା କାହିଁକି ମୋର ଜାଣିବାର ପ୍ରୟୋଜନ ନାହିଁ । ଆପଣଙ୍କ ପ୍ରସାଦରୂପକ ଅମୃତ ଖାଇ ଅମର ହେଲି ।' ଶୁଣି ସ୍ୱାମୀଜୀ କହିଲେ, 'ଆଜିଠାରୁ ତୋର ଜାତି, ବର୍ଣ୍ଣ, ଆଭିଜାତ୍ୟ, ପାପପୁଣ୍ୟାଦି ଅଭିମାନ ଏଜନ୍ମ ପାଇଁ ଦୂର ହେଉ—ମୁଁ ଆଶୀର୍ବାଦ କରୁଛି ।'

ଅପରାହ୍ଣରେ ସ୍ୱାମୀଜୀଙ୍କ ନିକଟରେ ଆକାଉଣ୍ଟାଣ୍ଟ୍ ଜେନେରାଲ ବାବୁ ମନ୍ମଥନାଥ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ହେଲେ । ଆମେରିକା ଯିବା ପୂର୍ବରୁ ମାନ୍ଦ୍ରାଜରେ ସ୍ୱାମୀଜୀ ଅନେକ ଦିନ ଏହାଙ୍କ ଘରେ ଅତିଥି ହୋଇଥିଲେ ଏବଂ ତଦବଧି ସେ ସ୍ୱାମୀଜୀଙ୍କୁ ବିଶେଷ ଭକ୍ତି ଶ୍ରଦ୍ଧା କରୁଥିଲେ । ଭଟ୍ଟାଚାର୍ଯ୍ୟ ମହାଶୟ ସ୍ୱାମୀଜୀଙ୍କୁ ପାଶ୍ଚାତ୍ୟ ଦେଶ ଓ ଭାରତବର୍ଷ ସମ୍ବନ୍ଧରେ ନାନା କଥା ପଚାରିବାକୁ ଲାଗିଲେ । ସ୍ୱାମୀଜୀ ତାଙ୍କୁ ସେହିସବୁ ପ୍ରଶ୍ନର ଉତ୍ତର-ପ୍ରଦାନରେ ଓ ଅନ୍ୟ ନାନାରୂପେ ଆପ୍ୟାୟିତ କରି କହିଲେ, 'ଦିନେ ଏଠି ରହିଯାଆନ୍ତୁ ନା ।' ମନ୍ମଥବାବୁ ସେଥିରେ ରାଜି ହୋଇ 'ଆଉ ଦିନେ ଆସି ରହିବି' କହି ବିଦାୟ ଗ୍ରହଣ କଲେ ।

# ୧୮

ସ୍ଥାନ—ବେଲୁଡ଼୍, ଭଡ଼ା ମଠଘର

କାଳ—୧୮୯୮

ଶିଷ୍ୟ ଆଜି ଦୁଇପହରୁ ମଠକୁ ଆସିଛି । ସ୍ୱାମୀଜୀଙ୍କ ପାଦପଦ୍ମ ବନ୍ଦନା କରି ଠିଆ ହେବା ମାତ୍ରେ ସ୍ୱାମୀଜୀ କହିଲେ, 'କଅଣ ହେବ ଆଉ ଚାକିରି କରି ? ନ ହେଲେ ଗୋଟାଏ ବ୍ୟବସାୟ କର ।' ଶିଷ୍ୟ ସେତେବେଳେ ଗୋଟିଏ ଜାଗାରେ ପ୍ରାଇଭେଟ୍ ମାଷ୍ଟରି କରୁଥିଲା । ସଂସାରର ଭାର ସେତେବେଳେ ସୁଦ୍ଧା ତା' କାନ୍ଧରେ ପଡ଼ି ନାହିଁ । ଆନନ୍ଦରେ ଦିନ କଟାଉଥାଏ । ଶିକ୍ଷକତା କାର୍ଯ୍ୟ ସମ୍ବନ୍ଧରେ ଶିଷ୍ୟ ପଚାରିବାରୁ ସ୍ୱାମୀଜୀ କହିଲେ, 'ଅନେକ ଦିନ ମାଷ୍ଟରି କଲେ ବୁଦ୍ଧି ଖରାପ ହୋଇଯାଏ; ଜ୍ଞାନର ବିକାଶ ହୁଏ ନାହିଁ । ଦିନରାତି ପିଲାଙ୍କ ମେଳରେ ରହି ରହି କ୍ରମେ ସେ ଜଡ଼ବତ୍ ହୋଇଯାଏ । ଆଉ ମାଷ୍ଟରି କର ନା ।'

ଶିଷ୍ୟ : ତେବେ କଅଣ କରିବି ?

ସ୍ୱାମୀଜୀ : କାହିଁକି ? ଯଦି ତୋର ସଂସାର କରିବାକୁ ହୁଏ, ଯଦି ଅର୍ଥ ଉପାର୍ଜ୍ଜନର ସ୍ପୃହା ଥାଏ, ତେବେ ଯା—ଆମେରିକା ଚାଲି ଯା । ମୁଁ ବ୍ୟବସାୟର ବୁଦ୍ଧି ଦେବି । ଦେଖିବୁ ପାଞ୍ଚ ବର୍ଷରେ କେତେ ଟଙ୍କା ଆଣିପାରିବୁ ।

ଶିଷ୍ୟ : କି ବ୍ୟବସାୟ କରିବି ? ଟଙ୍କା ବା କେଉଁଠୁ ପାଇବି ?

ସ୍ୱାମୀଜୀ : ପାଗଳଙ୍କ ପରି କଅଣ ବକୁଛୁ ? ଭିତରେ ଅଦମ୍ୟ ଶକ୍ତି ରହିଛି । କେବଳ

'ମୁଁ କିଛି ନୁହେଁ' ଖୁବ ଖୁବ ସାର୍ଥହୀନ ହୋଇପଡ଼ୁଛୁ । ତୁ କାହିଁକି ? ସମସ୍ତ ଜାତିଟା ସେଇଆ ହୋଇପଡ଼ୁଛି । ଅରେ ବୁଲିଆ—ଦେଖିବୁ ଅନ୍ୟ ଦେଶରେ ଲୋକଙ୍କ ଜୀବନ-ପ୍ରବାହ କିପରି ଖରତର ହୋଇ ପ୍ରବଳ ବେଗରେ ବହିଯାଉଛି । ଆଉ ତୁମେ କଅଣ କରୁଛ ? ଏତେ ବିଦ୍ୟା ଶିଖି ପରଦ୍ୱାରରେ ଭିଖାରି ପରି 'ଚାକିରୀ ଦିଅ, ଚାକିରି ଦିଅ' ବୋଲି ଚିତ୍କାର କରୁଛ ? ଜୋତା ଖାଇ ଖାଇ, ଦାସତ୍ୱ କରି କରି ତୁମେ କଅଣ ଆଉ ମନୁଷ୍ୟ ହୋଇ ଅଛ ? ତୁମର ମୂଲ୍ୟ ଗୋଟିଏ କଣାକଉଡ଼ି ମଧ୍ୟ ନୁହେଁ । ଏପରି ସୁଜଳା, ସୁଫଳା ଦେଶ, ଯେଉଁଠାରେ ପ୍ରକୃତି ଅନ୍ୟ ସବୁ ଦେଶ ଅପେକ୍ଷା କୋଟି ଗୁଣରେ ଧନ-ଧାନ୍ୟ ପ୍ରସବ କରୁଛନ୍ତି, ସେଠାରେ ଦେହ ଧାରଣ କରି ତୁମ ପେଟରେ ଅନ୍ନ ନାହିଁ, ପିଠିରେ ବସ୍ତ୍ର ନାହିଁ ! ଯେଉଁ ଦେଶର ଧନ-ଧାନ୍ୟ ପୃଥିବୀର ଅନ୍ୟ ସବୁ ଦେଶରେ civilisation (ସଭ୍ୟତା) ବିସ୍ତାର କରିଛି, ସେହି ଅନ୍ନପୂର୍ଣ୍ଣାଙ୍କ ଦେଶରେ ତୁମର ଏପରି ଅବସ୍ଥା ? ଘୃଣିତ କୁକୁର ଅପେକ୍ଷା ତୁମର ଯେ ଅଧିକ ଦୁର୍ଦ୍ଦଶା ହୋଇଛି ! ତୁମେ ପୁଣି ତୁମର ବେଦବେଦାନ୍ତର ବଡ଼ିମା କର ! ଯେଉଁ ଜାତି ସାମାନ୍ୟ ଅନ୍ନବସ୍ତ୍ରର ସଂସ୍ଥାନ କରିପାରେ ନାହିଁ, ପରର ମୁଖାପେକ୍ଷୀ ହୋଇ ଜୀବନ ଧାରଣ କରେ, ସେଜାତିର ପୁଣି ବଡ଼ିମା ! ଧର୍ମକର୍ମ ବର୍ତ୍ତମାନ ଗଙ୍ଗାରେ ଭସାଇ ଦେଇ ପ୍ରଥମେ ଜୀବନ-ସଂଗ୍ରାମରେ ଅଗ୍ରସର ହୁଅ । ଭାରତରେ କେତେ ଜିନିଷ ଉତ୍ପାଦିତ ହୁଏ ! ବିଦେଶୀ ଲୋକମାନେ ସେହି raw material (କଞ୍ଚାମାଲ) ନେଇ ତା' ସାହାଯ୍ୟରେ ସୁନା ଫଳାଉଛନ୍ତି । ଆଉ ତୁମେମାନେ ଭାରବାହୀ ଗର୍ଦ୍ଦଭପରି ସେମାନଙ୍କ ମାଲ ବୋହି ମରୁଛ । ଭାରତରେ ଯେଉଁସବୁ ପଣ୍ୟ ଉତ୍ପନ୍ନ ହୁଏ, ଦେଶ-ବିଦେଶର ଲୋକମାନେ ତାହା ନେଇ ତା' ଉପରେ ବୁଦ୍ଧି ଖରଚ କରି, ନାନା ଜିନିଷ ତିଆରି କରି ବଡ଼ ହୋଇଗଲେ; ଆଉ ତୁମେ ତୁମମାନଙ୍କ ବୁଦ୍ଧି ସିନ୍ଦୁକରେ ପୂରାଇ ରଖି ଘରର ଧନ ପରକୁ ବାଣ୍ଟିଦେଇ 'ହା-ଅନ୍ନ ହା-ଅନ୍ନ' କରି ବୁଲୁଛ !

ଶିଷ୍ୟ : କି ଉପାୟରେ ଅନ୍ନସଂସ୍ଥାନ ହୋଇପାରେ, ଆଜ୍ଞା ?

ସ୍ୱାମୀଜୀ : ଉପାୟ ତୁମରି ହାତରେ ରହିଛି । ଆଖିରେ କନା ବାନ୍ଧି କହୁଛୁ—'ମୁଁ ଅନ୍ଧ, କିଛି ଦେଖିପାରୁ ନାହିଁ ।' ଆଖିର ବନ୍ଧନ ଛଡ଼େଇ ପକା, ଦେଖିବୁ ମଧ୍ୟାହ୍ନ ସୂର୍ଯ୍ୟର କିରଣରେ ଜଗତ ଆଲୋକିତ ହୋଇ ରହିଛି । ଟଙ୍କା ନ ମିଳିବ ତ ଜାହାଜର ଖଲାସୀ ହୋଇ ବିଦେଶକୁ ଚାଲିଯା ! ଦେଶୀ ଲୁଗା, ଗାମୁଛା, କୁଲା, ଝାଡ଼ୁଣୀ ମୁଣ୍ଡରେ ନେଇ ଆମେରିକା-ୟୁରୋପର ବାଟେ ଘାଟେ ଯାଇ ଫେରି କର । ଦେଖିବୁ—ଭାରତଜାତ ଜିନିଷର ଏବେ ବି କେତେ ଆଦର ଆମେରିକାରେ ଦେଖିଲି—ହୁଗୁଳି ଜିଲାର କେତୋଟି ମୁସଲମାନ ସେହିପରି ଫେରି କରି କରି ଧନବାନ୍ ହୋଇଯାଇଛନ୍ତି । ସେମାନଙ୍କଠାରୁ କଅଣ ତୋର ବିଦ୍ୟା ବୁଦ୍ଧି ଊଣା ? ଏହି ଦେଖୁନୁ—ଏ ଦେଶରେ ଯେଉଁ ବନାରସୀ ଶାଢ଼ୀ ହୁଏ ଏପରି ଉତ୍କୃଷ୍ଟ ଲୁଗା ପୃଥିବୀରେ ଆଉ କେଉଁଠାରେ ଉତ୍ପାଦିତ ହୁଏ ନାହିଁ । ଏହି ଲୁଗା ନେଇ ଆମେରିକା ଚାଲିଯା । ସେଦେଶରେ ଏହି କପଡ଼ାରେ ଗାଉନ୍ ତିଆରି କରି ବିକି କରିବାରେ ଲାଗିଯା, ଦେଖିବୁ କେତେ ଟଙ୍କା ଆସିବ ।

ଶିଷ୍ୟ : ଆଜ୍ଞା ସେମାନେ ବନାରସୀ ଶାଢ଼ୀର ଗାଉନ୍ କାହିଁକି ପିନ୍ଧିବେ ? ଶୁଣିଛି ଚକଚକିଆ କନା ସେଦେଶର ସ୍ତ୍ରୀଲୋକମାନେ ପସନ୍ଦ କରନ୍ତି ନାହିଁ ।

ସ୍ୱାମୀଜୀ : ନେବେ କି ନାହିଁ, ତାହା ମୁଁ ବୁଝିବି । ତୁ ଉଦ୍ୟମ କରି ଚାଲିଯା ତ ଦେଖି ! ମୋର ବହୁ ବନ୍ଧୁବାନ୍ଧବ ସେଦେଶରେ ଅଛନ୍ତି । ମୁଁ ତୋତେ ତାଙ୍କ ନିକଟରେ introduce (ପରିଚୟ) କରାଇ ଦେଉଛି । ତାଙ୍କ ଭିତରେ ସେଗୁଡ଼ିକ ଅନୁରୋଧ କରି ପ୍ରଥମେ ଚଳାଇଦେବି । ତାହାପରେ ଦେଖିବୁ—କେତେ ଲୋକ ସେମାନଙ୍କୁ follow (ଅନୁସରଣ) କରିବେ । ତୁ ସେତେବେଳେ ମାଲ ଦେଇପାରିବୁ ନାହିଁ ।

ଶିଷ୍ୟ : ବ୍ୟବସାୟ କରିବା ପାଇଁ ମୂଳଧନ କେଉଁଠୁ ପାଇବି ?

ସ୍ୱାମୀଜୀ : ମୁଁ ଯେଉଁ ପ୍ରକାରେ ହେଉ ତୋତେ start (କାର୍ଯ୍ୟାରମ୍ଭ) କରାଇଦେବି । ତା'ପରେ କିନ୍ତୁ ତୋର ନିଜର ଉଦ୍ୟମ ଉପରେ ନିର୍ଭର କରିବ । 'ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍'—ଏହି ଚେଷ୍ଟାରେ ଯଦି ମରିଯାଉ ତାହାହେଲେ ବି ଭଲ—ତୋତେ ଦେଖି ଆଉ ଦଶ ଜଣ ଅଗ୍ରସର ହେବେ । ଆଉ ଯଦି success (ସଫଳତା) ହୁଏ, ତେବେ ମହାଭୋଗରେ ଜୀବନ କାଟିବୁ ।

ଶିଷ୍ୟ : ଆଜ୍ଞା ହଁ, କିନ୍ତୁ ସାହସ ପାଉ ନାହିଁ ।

ସ୍ୱାମୀଜୀ : ସେଥିପାଇଁ ତ କହୁଛି ବାପ, ତୁମର ଶ୍ରଦ୍ଧା ନାହିଁ—ଆତ୍ମପ୍ରତ୍ୟୟ ନାହିଁ । କ'ଣ ହେବ ତୁମର ? ନା ହେବ ସଂସାର ନା ହେବ ଧର୍ମ । ହେବୁ ତ ସେପରି ଉଦ୍ୟୋଗ ଉଦ୍ୟମ କରି ସଂସାରରେ successful (ଗଣ୍ୟ, ମାନ୍ୟ, ସଫଳ) ହୁଅ, ନାହିଁ ତ ସବୁ ଛାଡ଼ିଛୁଡ଼ି ଦେଇ ଆମ ବାଟକୁ ଆ । ଦେଶ-ବିଦେଶର ଲୋକଙ୍କୁ ଧର୍ମ-ଉପଦେଶ ଦେଇ ତାଙ୍କର ଉପକାର କର । ତେବେ ତ ଆମପରି ଭିକ୍ଷା ମିଳିବ ? ଆଦାନ ପ୍ରଦାନ ନ ଥିଲେ କେହି କାହାର ଆଡ଼କୁ ଚାହାଁଏ ନାହିଁ । ଦେଖୁଛୁ ତ, ଆମେ ଦୁଇଟା ଧର୍ମକଥା ଶୁଣାଉ—ସେଥିପାଇଁ ଗୃହୀମାନେ ଆମକୁ ଦି'ମୁଠା ଅନ୍ନ ଦିଅନ୍ତି । ତୁମେ କିଛି କରିବ ନାହିଁ, ତୁମକୁ ଲୋକେ ଅନ୍ନ ଦେବେ କାହିଁକି ? ଚାକିରିରେ, ଗୋଲାମୀରେ ଏତେ ଦୁଃଖ ଦେଖି ସୁଦ୍ଧା ତୁମର ଚେତନା ହେଉ ନାହିଁ; ତେଣୁ ଦୁଃଖ ବି ଦୂର ହେଉ ନାହିଁ ! ଏହା ନିଶ୍ଚୟ ଦୈବୀ ମାୟାର ଖେଳ । ସେଦେଶରେ ଦେଖିଲି, ଯେଉଁମାନେ ଚାକିରି କରନ୍ତି, Parliament (ଜାତୀୟ ସମିତି)-ରେ ତାଙ୍କ ପାଇଁ ସ୍ଥାନ ପଛଆଡ଼େ ସୁନିର୍ଦ୍ଦିଷ୍ଟ । ଯେଉଁମାନେ ନିଜର ଉଦ୍ୟମରେ, ବିଦ୍ୟାରେ, ବୁଦ୍ଧିରେ ସ୍ୱନାମଧନ୍ୟ ହୋଇଛନ୍ତି, ତାଙ୍କର ବସିବା ନିମିତ୍ତ front seat (ସମ୍ମୁଖରେ ଆସନଗୁଡ଼ିକ) । ସେସବୁ ଦେଶରେ ଜାତି-ପାତିର ଉତ୍ପାତ ନାହିଁ । ଉଦ୍ୟମ ଓ ପରିଶ୍ରମରେ ଭାଗ୍ୟଲକ୍ଷ୍ମୀ ଯେଉଁମାନଙ୍କ ପ୍ରତି ପ୍ରସନ୍ନା, ସେହିମାନେ ହିଁ ଦେଶର ନେତା ଓ ନିୟନ୍ତା ବୋଲି ଗଣ୍ୟ ହୁଅନ୍ତି । ଆଉ ତୁମ ଦେଶରେ ଜାତିର ବଡ଼ିମା କରି କରି ତୁମର ଅନ୍ନ ପର୍ଯ୍ୟନ୍ତ ଜୁଟୁ ନାହିଁ । ଗୋଟାଏ ଛୁଞ୍ଚି ଗଢ଼ିବାର କ୍ଷମତା ନାହିଁ, ତମେ ପୁଣି ଇଂରେଜମାନଙ୍କୁ criticise (ସମାଲୋଚନା) କରିବାକୁ ଯାଉଛ—ଧିକ୍ ! ତାଙ୍କର ଗୋଡ଼ ଧରି ଜୀବନ-ସଂଗ୍ରାମୋପଯୋଗୀ ବିଦ୍ୟା-ଶିଳ୍ପ, ବିଜ୍ଞାନ, କର୍ମ-ତତ୍ପରତା ଶିଖି

ପଡ଼ି । ଯେତେବେଳେ ଉପଯୁକ୍ତ ହେବ, ସେତେବେଳେ ତୁମର ଆଦର ହେବ । ସେମାନେ ବି ସେତେବେଳେ ତୁମ କଥା ରଖିବେ । କେଉଁଠି କିଛି ନାହିଁ, କେବଳ Congress (କଂଗ୍ରେସ—ଜାତୀୟ ମହାସମିତି) ବୋଲି ପାଟିତୁଣ୍ଡ କଲେ କଅଣ ହେବ ?

ଶିଷ୍ୟ : ଦେଶର ସମସ୍ତ ଶିକ୍ଷିତ ଲୋକମାନେ କିନ୍ତୁ ସେଥିରେ ଯୋଗଦାନ କରୁଛନ୍ତି ?

ସ୍ୱାମୀଜୀ : କେତୋଟି ପାସ୍ କଲେ ବା ଭଲ ବକ୍ତୃତା କରିପାରିଲେ ହିଁ ତୁମ ପାଖରେ ଶିକ୍ଷିତ ହେଲେ ! ଯେଉଁ ବିଦ୍ୟାର ଉନ୍ମେଷ ଦ୍ୱାରା ଇତର ସାଧାରଣଙ୍କୁ ଜୀବନ-ସଂଗ୍ରାମରେ ସମର୍ଥ କରାଯାଇପାରେ ନାହିଁ, ଯାହା ମନୁଷ୍ୟର ଚରିତ୍ରବଳ, ପରାର୍ଥ-ତତ୍ପରତା, ସିଂହ-ସାହସିକତା ଆଣିଦିଏ ନାହିଁ, ସେ ପୁଣି କି ଶିକ୍ଷା ? ଯେଉଁ ଶିକ୍ଷାରେ ଜୀବନରେ ନିଜ ଗୋଡ଼ରେ ଠିଆ ହେବାର ଶକ୍ତି ଆସେ, ତାହା ହିଁ ହେଉଛି ଶିକ୍ଷା । ଆଜିକାଲିକାର ଏହିସବୁ ସ୍କୁଲ୍-କଲେଜରେ ପଢ଼ି ତୁମେସବୁ କିପରି ଏକ ପ୍ରକାରର ଗୋଟାଏ dyspeptic (ଅଜୀର୍ଣ୍ଣ-ରୋଗାକ୍ରାନ୍ତ) ଜାତି ତିଆରି ହେଉଛ ! କେବଳ machine (କଳ) ପରି ଖଟୁଛ, ଆଉ 'ଜାୟସ୍ୱ ମ୍ରିୟସ୍ୱ' ଏହି ବାକ୍ୟର ସାକ୍ଷୀସ୍ୱରୂପ ହୋଇ ଠିଆହୋଇଛ । ଏହି ଯେ ଚଷା-ଭୂଷା, ମୋଚି-ମେହେନ୍ତର—ସେମାନଙ୍କର କର୍ମ-ତତ୍ପରତା ଓ ଆତ୍ମନିଷ୍ଠା ତୁମ ଅନେକଙ୍କଠାରୁ ଢେର ବେଶୀ । ଏମାନେ ନୀରବରେ ଚିରକାଳ କାମ କରିଯାଉଛନ୍ତି, ଦେଶର ଧନ-ଧାନ୍ୟ ଉତ୍ପନ୍ନ କରୁଛନ୍ତି, ମୁହଁରେ କିନ୍ତୁ କଥାଟିଏ ନାହିଁ । ଏମାନେ ଅତି ଶୀଘ୍ର ତୁମ ଉପରକୁ ଉଠିଯିବେ । Capital (ପଇସା) ତାଙ୍କ ହାତରେ ଯାଇ ପଡ଼ୁଛି— ତୁମପରି ସେମାନଙ୍କର ଅଭାବ ସକାଶେ ତାଡ଼ନା ନାହିଁ । ବର୍ତ୍ତମାନ ଶିକ୍ଷାରେ ତୁମର ବାହ୍ୟିକ ଚାଲିଚଳଣି ବଦଳିଯାଉଛି, ଅଥଚ ନୂତନ ନୂତନ ଉଦ୍ଭାବନୀ ଶକ୍ତିର ଅଭାବରୁ ତୁମର ଅର୍ଥାଗମର ଉପାୟ ହେଉ ନାହିଁ । ତୁମେମାନେ ଏହିସବୁ ସହିଷ୍ଣୁ ନୀଚ ଜାତିମାନଙ୍କ ଉପରେ ଏତେଦିନ ଅତ୍ୟାଚାର କରି ଆସିଛ, ଏଥର ଏମାନେ ତା'ର ପ୍ରତିଶୋଧ ନେବେ । ଆଉ ତୁମେମାନେ 'ହା ଚାକିରି, ହା ଚାକିରି' କରୁ କରୁ ଲୋପ ପାଇଯିବ ।

ଶିଷ୍ୟ : ଆଜ୍ଞା, ଅପର ଦେଶର ତୁଳନାରେ ଆମର ଉଦ୍ଭାବନୀ ଶକ୍ତି ଅଳ୍ପ ହେଲେ ସୁଦ୍ଧା ଭାରତର ଇତର ଜାତିମାନେ ତ ଆମରି ବୁଦ୍ଧିରେ ଚାଳିତ ହେଉଛନ୍ତି । ଅତଏବ ବ୍ରାହ୍ମଣ-କରଣାଦି ଭଦ୍ର ଜାତିମାନଙ୍କୁ ଜୀବନ-ସଂଗ୍ରାମରେ ପରାଜିତ କରିବାର ଶକ୍ତି ଓ ଶିକ୍ଷା ଇତରଜାତିମାନେ କେଉଁଠୁ ପାଇବେ ?

ସ୍ୱାମୀଜୀ : ତୁମପରି ସେମାନେ କେତେଗୁଡ଼ାଏ ବହି ହୁଏତ ପଢ଼ି ନାହାନ୍ତି । ତୁମପରି ସାର୍ଟକୋଟ ପିନ୍ଧି ହୁଏତ ସଭ୍ୟ ହେବାକୁ ଶିଖି ନାହାନ୍ତି । ସେଥିରେ କଅଣ ଯାଏ ଆସେ ? କିନ୍ତୁ ସେହିମାନେ ହିଁ ହେଉଛନ୍ତି ଜାତିର ମେରୁଦଣ୍ଡ—ସବୁ ଦେଶରେ । ଏହି ଇତର ଶ୍ରେଣୀର ଲୋକେ କାମ ବନ୍ଦ କଲେ ତୁମେ ଅନ୍ନବସ୍ତ୍ର କେଉଁଠୁ ପାଇବ ? ଯଦି ମେହେନ୍ତର-ମାନେ କଲିକତାରେ କାମ ବନ୍ଦ କଲେ ହାହାକାର ପଡ଼ିଯାଏ—ତିନିଦିନ ସେମାନେ କାମ ବନ୍ଦ କଲେ ମହାମାରୀରେ ସହର ଉଜୁଡ଼ିଯାଏ । ଶ୍ରମଜୀବୀମାନେ କାମ ବନ୍ଦ କଲେ ତୁମର

ଅନ୍ନବସ୍ତ୍ର ଜୁଟେ ନାହିଁ । ଏମାନଙ୍କୁ ତୁମେ ଶ୍ରେଷ୍ଠଲୋକ ବୋଲି ଭାବୁଛ, ଆଉ ନିଜକୁ ଶିକ୍ଷିତ ବୋଲି ଗର୍ବ କରୁଛ ?

ଜୀବନ-ସଂଗ୍ରାମରେ ସର୍ବଦା ବ୍ୟସ୍ତ ଥିବାରୁ ନିମ୍ନ ଶ୍ରେଣୀର ଲୋକମାନଙ୍କର ଏତେଦିନ ଜ୍ଞାନୋନ୍ମେଷ ହୋଇ ନାହିଁ । ଏମାନେ ମାନବ-ବୁଦ୍ଧି-ନିୟନ୍ତ୍ରିତ କଳ ପରି ଏତେଦିନ କାମ କରିଆସିଛନ୍ତି, ଆଉ ବୁଦ୍ଧିମାନ୍ ଚତୁର ଲୋକମାନେ ଏମାନଙ୍କର ପରିଶ୍ରମ ଓ ଉପାର୍ଜନର ସାରାଂଶ ଗ୍ରହଣ କରିଛନ୍ତି; ସବୁ ଦେଶରେ ଏହିପରି ହୋଇଛି । କିନ୍ତୁ ବର୍ତ୍ତମାନ ଆଉ ସେକାଳ ନାହିଁ । ଇତର ଜାତିମାନେ କ୍ରମେ ଏସବୁ କଥା ବୁଝିପାରୁଛନ୍ତି ଓ ତା' ବିରୋଧରେ ସମସ୍ତେ ମିଳି ଠିଆ ହୋଇ ନିଜର ନ୍ୟାଯ୍ୟ ଗଣ୍ଡାକ ଆଦାୟ କରିବା ସକାଶେ ଦୃଢ଼ପ୍ରତିଜ୍ଞ ହୋଇଛନ୍ତି । ୟୁରୋପ, ଆମେରିକାରେ ଇତରଜାତିମାନେ ଜାଗିଉଠି ଏହି ଲଢ଼ାଇ ଆଗେ ଆରମ୍ଭ କରିଦେଇଛନ୍ତି । ଭାରତରେ ମଧ୍ୟ ତା'ର ଲକ୍ଷଣ ଦେଖା ଦେଲାଣି —ଶ୍ରେଷ୍ଠ ଲୋକମାନଙ୍କ ମଧ୍ୟରେ ଆଜିକାଲି ଏତେ ଯେ ଧର୍ମଘଟ ହେଉଛି, ସେଥିରୁ ହିଁ ଏକଥା ବୁଝାଯାଉଛି । ଏବେ ହଜାର ଚେଷ୍ଟା କଲେ ସୁଦ୍ଧା ଭଦ୍ରଜାତିମାନେ ଶ୍ରେଷ୍ଠଜାତିମାନଙ୍କୁ ଆଉ ଦବେଇପାରିବେ ନାହିଁ । ଏଣିକି ଇତରଜାତିମାନଙ୍କର ନ୍ୟାଯ୍ୟ ଅଧିକାର ପାଇବାରେ ସାହାଯ୍ୟ କରିଲେ ଯାଇ ଭଦ୍ରଜାତିର କଲ୍ୟାଣ ।

ସେଥିପାଇଁ କହେ—ତୁମେ ଏହି mass (ସାଧାରଣ ଶ୍ରେଣୀ) ଭିତରେ ବିଦ୍ୟାର ଉନ୍ମେଷ ଯେପରି ହୁଏ, ତହିଁରେ ଲାଗିଯାଅ । ଏମାନଙ୍କୁ ଯାଇ ବୁଝେଇ କହ—'ତୁମେ ଆମର ଭାଇ, ଶରୀରର ଏକାଙ୍ଗ; ଆମେ ତୁମକୁ ଭଲପାଉ, ଘୃଣା କରୁ ନାହିଁ ।' ତୁମର ଏହି **sympathy** (ସହାନୁଭୂତି) ପାଇଲେ ଏମାନେ ଶତଗୁଣ ଉତ୍ସାହରେ କର୍ମତତ୍ପର ହେବେ । ଆଧୁନିକ ବିଜ୍ଞାନ ସାହାଯ୍ୟରେ ଏମାନଙ୍କର ଜ୍ଞାନୋନ୍ମେଷ କରିଦିଅ । ଇତିହାସ, ଭୂଗୋଳ, ବିଜ୍ଞାନ, ସାହିତ୍ୟ—ସଙ୍ଗେ ସଙ୍ଗେ ଧର୍ମର ଗୂଢ଼ ତତ୍ତ୍ୱଗୁଡ଼ିକ ଏମାନଙ୍କୁ ଶିଖାଅ । ଏହି ଶିକ୍ଷାର ବିନିମୟରେ ଶିକ୍ଷକମାନଙ୍କର ବି ଦାରିଦ୍ର୍ୟ ଘୁଞ୍ଚିଯିବ । ଆଦାନ-ପ୍ରଦାନ ଦ୍ୱାରା ଉଭୟେ ଉଭୟଙ୍କର ବନ୍ଧୁ ସ୍ଥାନୀୟ ହୋଇଯିବେ ।

ଶିଷ୍ୟ : କିନ୍ତୁ ଆଜ୍ଞା, ଏମାନଙ୍କ ଭିତରେ ଶିକ୍ଷାର ବିସ୍ତାର ହେଲେ ଏମାନେ ବି ତ ସମୟରେ ଆମପରି ଉର୍ବରମସ୍ତିଷ୍କ ଅଥଚ ଉଦ୍ୟମହୀନ ଓ ଅଳସୁଆ ହୋଇ ତାଙ୍କ ଅପେକ୍ଷା ନିମ୍ନଶ୍ରେଣୀର ଲୋକମାନଙ୍କର ପରିଶ୍ରମର ସାରାଂଶ ଗ୍ରହଣ କରିବାରେ ଲାଗିବେ ?

ସ୍ୱାମୀଜୀ : ତାହା କାହିଁକି ହେବ ? ଜ୍ଞାନୋନ୍ମେଷ ହେଲେ ବି କୁମ୍ଭାର କୁମ୍ଭାର ହୋଇ ରହିବ, କେଉଟ କେଉଟ ହୋଇ ରହିବ, ଚଷା ଚାଷ ହିଁ କରିବ । ଜାତି ବ୍ୟବସାୟ ଛାଡ଼ିବେ କାହିଁକି ? 'ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍'—ଏହି ଭାବରେ ଶିକ୍ଷା ପାଇଲେ ଏମାନେ ନିଜ ନିଜ ବୃତ୍ତି ଛାଡ଼ିବେ କାହିଁକି ? ଜ୍ଞାନ ବଳରେ ନିଜର ସହଜାତ କର୍ମ ଯେପରି ଆହୁରି ଭଲ କରି କରିପାରିବେ, ସେହି ଚେଷ୍ଟା କରିବେ । ଦଶ କୋଡ଼ିଏ ପ୍ରତିଭାଶାଳୀ ଲୋକ ସମୟରେ ସେମାନଙ୍କ ଭିତରୁ ଉଠିବେ ହିଁ ଉଠିବେ । ତାଙ୍କୁ ତୁମେ (ଭଦ୍ରଜାତିମାନେ) ତୁମ ଶ୍ରେଣୀ ଭିତରକୁ ନେଇ ନେବ । ତେଜସ୍ୱୀ ବିଶ୍ୱାମିତ୍ରଙ୍କୁ ବ୍ରାହ୍ମଣ-

ମାନେ ଯେ ବ୍ରାହ୍ମଣ ବୋଲି ସ୍ୱୀକାର କରିନେଇଥିଲେ, ସେଥିରେ କ୍ଷତ୍ରିୟଙ୍କ ଜାତି ବ୍ରାହ୍ମଣଙ୍କ ପାଖରେ କେତେଦୂର କୃତଜ୍ଞ ହୋଇଥିଲେ କହ ଦେଖି ? ଏହିପରି sympathy (ସହାନୁଭୂତି) ଓ ସାହାଯ୍ୟ ପାଇଲେ ମନୁଷ୍ୟ ତ ଦୂରର କଥା, ପଶୁ-ପକ୍ଷୀ ମଧ୍ୟ ଆପଣାର ହୋଇଯିବେ ।

ଶିଷ୍ୟ : ଆଜ୍ଞା, ଆପଣ ଯାହା କହୁଛନ୍ତି, ତାହା ସତ୍ୟ ହେଲେ ସୁଦ୍ଧା ଭଦ୍ରେତର ଶ୍ରେଣୀ ଭିତରେ ବର୍ତ୍ତମାନ ବି ଯେପରି ବହୁ ବ୍ୟବଧାନ ରହିଛି ବୋଲି ବୋଧହୁଏ । ଭାରତବର୍ଷର ଇତରଜାତିମାନଙ୍କ ପ୍ରତି ଭଦ୍ର ଲୋକମାନଙ୍କର ସହାନୁଭୂତି ଆନୟନ କରିବା ଅତ୍ୟନ୍ତ କଠିନ ବ୍ୟାପାର ବୋଲି ବୋଧ ହେଉଛି ।

ସ୍ୱାମୀଜୀ : ତାହା ନ ହେଲେ କିନ୍ତୁ ତୁମର (ଭଦ୍ରଜାତିମାନଙ୍କର) କଲ୍ୟାଣ ନାହିଁ । ତୁମେମାନେ ଚିରକାଳ ଯାହା କରି ଆସୁଛ—ଘରେ ଘରେ ପିଟାପିଟି ହୋଇ ସମସ୍ତେ ଧ୍ୱଂସ ପାଇଯିବ । ଏହି mass (ଭଦ୍ରେତର ସାଧାରଣ) ଯେତେବେଳେ ଜାଗି ଉଠିବେ, ଆଉ ତାଙ୍କ ଉପରେ ତୁମର (ଭଦ୍ରଲୋକମାନଙ୍କ) ଅତ୍ୟାଚାରର କଥା ବୁଝିପାରିବେ—ସେତେବେଳେ ସେମାନଙ୍କର ଫୁତ୍କାରରେ ତୁମେସବୁ କୁଆଡ଼େ ଉଡ଼ିଯିବ । ସେହିମାନେ ହିଁ ତୁମ ଭିତରେ civilisation (ସଭ୍ୟତା) ଆଣିଦେଇଛନ୍ତି; ସେହିମାନେ ପୁଣି ସେତେବେଳେ ସବୁ ଭାଙ୍ଗି-ଦେବେ । ଭାବ ଦେଖ୍—ଗଲ୍ ଜାତି ହାତରେ ଏପରି ପ୍ରାଚୀନ ରୋମ୍ ସଭ୍ୟତା କୁଆଡ଼େ ଧ୍ୱଂସ ପାଇଗଲା । ଏଥିପାଇଁ କହେ, ଏହିସବୁ ନୀଚ ଜାତିମାନଙ୍କ ଭିତରେ ବିଦ୍ୟାଦାନ, ଜ୍ଞାନଦାନ କରି ଏମାନଙ୍କର ନିଦ ଭାଙ୍ଗେଇବାକୁ ଯତ୍ନଶୀଳ ହୁଅ । ଏମାନେ ଯେତେବେଳେ ଜାଗିବେ—ଆଉ ଦିନେ ଜାଗିବେ ନିଶ୍ଚୟ—ସେତେବେଳେ ସେମାନେ ତୁମକୃତ ଉପକାର ଭୁଲିବେ ନାହିଁ, ତୁମ ନିକଟରେ କୃତଜ୍ଞ ହୋଇ ରହିବେ ।

ଏହିପରି କଥୋପକଥନ ପରେ ସ୍ୱାମୀଜୀ ଶିଷ୍ୟକୁ କହିଲେ : ସେସବୁ କଥା ଏବେ ଥାଉ; ତୁ ବର୍ତ୍ତମାନ କ'ଣ ସ୍ଥିର କଲୁ କହ । ଯାହା ହେଉ ଗୋଟାଏ କିଛି କର । ହୁଏତ ଗୋଟାଏ ବ୍ୟବସାୟର ଚେଷ୍ଟା ଦେଖ୍; ନାହିଁ ତ ଆମପରି 'ଆତ୍ମନୋ ମୋକ୍ଷାର୍ଥଂ ଜଗଦ୍ଧି-ତାୟ ଚ'—ଯଥାର୍ଥ ସନ୍ନ୍ୟାସ ପଥକୁ ଚାଲିଆ । ଏହି ଶେଷ ପନ୍ଥା ହିଁ ଅବଶ୍ୟ ଶ୍ରେଷ୍ଠ ପନ୍ଥା; କ'ଣ ହେବ ତୁଚ୍ଛ ସଂସାରୀ ହୋଇ ? ବୁଝି ତ ଦେଖୁଛୁ ସବୁ କ୍ଷଣସ୍ଥାୟୀ—'ନଳିନୀଦଳଗତ-ଜଳମତିତରଳଂ, ତଦ୍ୱଜ୍ଜୀବନମତିଶୟଚପଳମ୍ ।'* ଅତଏବ ଯଦି ଏହି ଆତ୍ମପ୍ରତ୍ୟୟ ଲାଭ କରିବାକୁ ଉତ୍ସାହ ହୋଇଥାଏ, ତେବେ ଆଉ କାଳ ବିଳମ୍ବ କର ନାହିଁ । ଏବେ ଅଗ୍ରସର ହୁଅ । 'ଯଦହରେବ ବିରଜେତ୍ ତଦହରେବ ପ୍ରବ୍ରଜେତ୍ ।' ପରାର୍ଥେ ନିଜ ଜୀବନ ବଳି ଦେଇ ଲୋକଙ୍କ ଦ୍ୱାରେ ଦ୍ୱାରେ ଯାଇ ଅଭୟବାଣୀ ଶୁଣା—

'ଉତ୍ତିଷ୍ଠତ, ଜାଗ୍ରତ, ପ୍ରାପ୍ୟ ବରାନ୍ ନିବୋଧତ ।'

---

* ମୋହମୁଦ୍ଗର, ଶଙ୍କରାଚାର୍ଯ୍ୟ

# ୧୯

ସ୍ଥାନ—ବେଲୁଡ଼, ଭଡ଼ା ମଠଘର ଓ ନୂତନ ମଠଭୂମି
କାଳ—୯ ଡିସେମ୍ବର ୧୮୯୮

ଆଜି ନୂଆ ମଠ-ଜମିରେ ସ୍ୱାମୀଜୀ ଯଜ୍ଞ କରି ଠାକୁରଙ୍କ ପ୍ରତିଷ୍ଠା କରିବେ । ଶିଷ୍ୟ ପୂର୍ବ ରାତିରୁ ମଠରେ ଅଛି । ଠାକୁର-ପ୍ରତିଷ୍ଠା ଦର୍ଶନ କରିବ—ଏହି ବାସନା ।

ପ୍ରାତଃକାଳରେ ଗଙ୍ଗାସ୍ନାନ କରି ସ୍ୱାମୀଜୀ ଠାକୁର-ଘରେ ପ୍ରବେଶ କଲେ । ଅନନ୍ତର ପୂଜକର ଆସନରେ ବସି ପୁଷ୍ପପାତ୍ରରେ ଯେତେଗୁଡ଼ିଏ ଫୁଲ ବେଲପତ୍ର ଥିଲା, ସବୁ ଦୁଇ ହାତରେ ଏକାଥରକେ ଉଠାଇନେଲେ ଏବଂ ଶ୍ରୀରାମକୃଷ୍ଣଦେବଙ୍କ ଶ୍ରୀପାଦୁକା ଉପରେ ଅଞ୍ଜଳି ଦେଇ ଧ୍ୟାନସ୍ଥ ହେଲେ—ଅପୂର୍ବ ଦର୍ଶନ ! ତାହାଙ୍କ ଧର୍ମପ୍ରଭା-ବିଭାସିତ ସ୍ନିଗ୍ଧୋଜ୍ଜ୍ୱଳ କାନ୍ତିରେ ଠାକୁରଘର ଯେପରିକି ଅଦ୍ଭୁତ ଆଲୋକରେ ପୂର୍ଣ୍ଣ ହୋଇଗଲା । ପ୍ରେମାନନ୍ଦ ଓ ଅନ୍ୟାନ୍ୟ ସନ୍ନ୍ୟାସୀଗଣ ଠାକୁରଘରର ଦ୍ୱାରଦେଶରେ ଠିଆ ହୋଇ ରହିଲେ ।

ଧ୍ୟାନ-ପୂଜାବସାନ ପରେ ଏଥର ମଠ-ଭୂମିକୁ ଯିବାର ଆୟୋଜନ ହେବାକୁ ଲାଗିଲା । ତାମ୍ରନିର୍ମିତ ଫରୁଆରେ ରକ୍ଷିତ ଶ୍ରୀରାମକୃଷ୍ଣଦେବଙ୍କ ଭସ୍ମାସ୍ଥି ସ୍ୱାମୀଜୀ ସ୍ୱୟଂ ଦକ୍ଷିଣ କାନ୍ଧରେ ନେଇ ଅଗ୍ରଗାମୀ ହେଲେ । ଅନ୍ୟାନ୍ୟ ସନ୍ନ୍ୟାସୀଗଣଙ୍କ ସହିତ ଶିଷ୍ୟ ପଛେ ପଛେ ଚାଲିଲା । ଶଙ୍ଖ, ଘଣ୍ଟାରୋଳରେ ତଟଭୂମି ମୁଖରିତ ହେବାରୁ ଭାଗୀରଥି ଯେପରି ତଳ ତଳ ଭାବରେ ନୃତ୍ୟ କରିବାକୁ ଲାଗିଲେ । ଯାଉ ଯାଉ ବାଟରେ ସ୍ୱାମୀଜୀ ଶିଷ୍ୟକୁ କହିଲେ :

ଠାକୁର ମୋତେ କହିଥିଲେ, 'ତୁ କାନ୍ଧରେ ବସାଇ ମୋତେ ଯେଉଁଠାକୁ ନେଇଯିବୁ, ମୁଁ ସେଠାକୁ ଯିବି ଓ ରହିବି—ସେ-ସ୍ଥାନ ଗଛତଳ ହେଉ ବା କୁଟୀର ହେଉ ।' ମୁଁ ସେଥିପାଇଁ ନିଜେ ତାଙ୍କୁ କାନ୍ଧକରି ନୂତନ ମଠଭୂମିକୁ ନେଇଯାଉଛି । ନିଶ୍ଚୟ ଜାଣିବୁ ବହୁକାଳ ପର୍ଯ୍ୟନ୍ତ 'ବହୁଜନହିତାୟ' ଠାକୁର ସେହି ସ୍ଥାନରେ ସ୍ଥିର ହୋଇ ରହିବେ ।

ଶିଷ୍ୟ : ଠାକୁର ଆପଣଙ୍କୁ କେବେ ଏକଥା କହିଥିଲେ ?

ସ୍ୱାମୀଜୀ : (ମଠର ସାଧୁମାନଙ୍କୁ ଦେଖାଇ) ସେମାନଙ୍କ ମୁହଁରୁ ଶୁଣି ନାହୁଁ ? କାଶୀପୁରର ବଗିଚାରେ ।

ଶିଷ୍ୟ : ଓଃ ! ସେହି ସମୟରେ ପରା ଠାକୁରଙ୍କ ଗୃହସ୍ଥ ଓ ସନ୍ନ୍ୟାସୀ ଭକ୍ତମାନଙ୍କ ମଧ୍ୟରେ ସେବାଧିକାର ନେଇ ଦଳାଦଳି ହୋଇଥିଲା ?

ସ୍ୱାମୀଜୀ : ଦଳାଦଳି ଠିକ୍ ନୁହେଁ, ଟିକିଏ ମନ କଷାକଷି ହୋଇଥିଲା । ଜାଣିରଖ, ଯେଉଁମାନେ ଠାକୁରଙ୍କ ଭକ୍ତ, ଯେଉଁମାନେ ଠିକ୍ ଠିକ୍ ତାଙ୍କ କୃପାଲାଭ କରିଛନ୍ତି—ଗୃହସ୍ଥ ହୁଅନ୍ତୁ ବା ସନ୍ନ୍ୟାସୀ ହୁଅନ୍ତୁ—ତାଙ୍କ ଭିତରେ ଦଳ-ଫଳ ନାହିଁ, ରହି ବି ପାରେ ନାହିଁ । ତେବେ ସେପରି ଟିକିଏ-ଅଧେ ମନ କଷାକଷିର କାରଣ କଅଣ ତା' ଜାଣୁ ? ପ୍ରତ୍ୟେକ ଭକ୍ତ

ଠାକୁରଙ୍କୁ ଆପଣା ଆପଣା ବୁଦ୍ଧିର ରଙ୍ଗରେ ରଙ୍ଗେଇ ଅଲଗା ଅଲଗା ଭାବରେ ଦେଖନ୍ତି ଓ ବୁଝନ୍ତି । ସେ ଯେପରି ମହାସୂର୍ଯ୍ୟ, ଏବଂ ଆମେ ପ୍ରତ୍ୟେକେ ଯେପରିକି ଏକ ଏକ ଧରଣର ରଙ୍ଗୀନ କାଚ ଆଖିରେ ଦେଇ ସେହି ଏକ ସୂର୍ଯ୍ୟଙ୍କୁ ନାନା ରଙ୍ଗବିଶିଷ୍ଟ ବୋଲି ଦେଖୁଛୁ । ଅବଶ୍ୟ ଏ କଥା ବି ଠିକ୍ ଯେ, କାଳକ୍ରମେ ଏହିଥିରୁ ହିଁ ଦଳର ସୃଷ୍ଟି ହୁଏ । ତେବେ ଯେଉଁମାନେ ସୌଭାଗ୍ୟକ୍ରମେ ଅବତାର-ପୁରୁଷଙ୍କ ସାକ୍ଷାତ୍-ସମ୍ପର୍କରେ ଆସନ୍ତି, ସେମାନଙ୍କର ଜୀବନକାଳ ଭିତରେ ସେପରି ଦଳ ଫଳ କଦାପି ହୁଏ ନାହିଁ । ସେହି ଆତ୍ମାରାମ ପୁରୁଷଙ୍କ ଆଲୋକରେ ସେମାନଙ୍କ ଆଖି ଝଲସିଯାଏ; ଅହଙ୍କାର, ଅଭିମାନ, ହୀନବୁଦ୍ଧି ସବୁ ଭାସିଯାଏ । ଏଣୁ 'ଦଳ-ଫଳ' କରିବାରେ ତାଙ୍କର ଅବସର ହୁଏ ନାହିଁ । କେବଳ ସେ ଯାହାର ନିଜ ଭାବରେ ତାଙ୍କୁ ହୃଦୟର ସହିତ ପୂଜା କରନ୍ତି ।

ଶିଷ୍ୟ: ଆଜ୍ଞା, ତେବେ କଅଣ ଠାକୁରଙ୍କ ଭକ୍ତମାନେ ସମସ୍ତେ ତାଙ୍କୁ ଭଗବାନ ବୋଲି ଜାଣିଲେ ସୁଦ୍ଧା ସେହି ଏକ ଭଗବାନଙ୍କ ସ୍ୱରୂପକୁ ସେମାନେ ଭିନ୍ନ ଭିନ୍ନ ଭାବରେ ଦେଖନ୍ତି ଓ ସେଥିପାଇଁ ତାଙ୍କ ଶିଷ୍ୟ-ପ୍ରଶିଷ୍ୟମାନେ କାଳକ୍ରମେ ଗୋଟିଏ ଗୋଟିଏ କ୍ଷୁଦ୍ର ଗଣ୍ଡି ଭିତରେ ପଡ଼ି ଛୋଟ ଛୋଟ ଦଳ ବା ସମ୍ପ୍ରଦାୟ ସବୁ ଗଠନ କରି ବସନ୍ତି ?

ସ୍ୱାମୀଜୀ : ହଁ, ଏଥିପାଇଁ କାଳକ୍ରମେ ସମ୍ପ୍ରଦାୟ ହୋଇଥାଏ । ସେଇ ଦେଖୁନୁ, ଚୈତନ୍ୟଦେବଙ୍କର ବର୍ତ୍ତମାନ ଦୁଇତିନିଶହ ସମ୍ପ୍ରଦାୟ ହେଲଣି । ଯୀଶୁଙ୍କର ହଜାର ହଜାର ମତ ବାହାରିଲଣି । କିନ୍ତୁ ସେହିସବୁ ସମ୍ପ୍ରଦାୟ ଚୈତନ୍ୟଦେବ ଓ ଯୀଶୁଙ୍କୁ ହିଁ ମାନୁଛନ୍ତି ।

ଶିଷ୍ୟ : ତେବେ ଶ୍ରୀରାମକୃଷ୍ଣଦେବଙ୍କ ଭକ୍ତମାନଙ୍କ ମଧ୍ୟରେ ବି ବୋଧହୁଏ କାଳକ୍ରମେ ବହୁ ସମ୍ପ୍ରଦାୟ ବାହାରିବେ ?

ସ୍ୱାମୀଜୀ : ହେବ ନିଶ୍ଚୟ । ତେବେ ଆମର ଏହି ଯେଉଁ ମଠ ହେଉଛି, ସେଠାରେ ସବୁ ମତର, ସବୁ ଭାବର ସାମଞ୍ଜସ୍ୟ ରହିବ । ଠାକୁରଙ୍କର ଯେପରି ଉଦାର ମତ ଥିଲା, ଏଇଟି ଠିକ୍ ସେହି ଭାବର କେନ୍ଦ୍ରସ୍ଥାନ ହେବ । ଏଠାରୁ ଯେଉଁ ମହାସମନ୍ୱୟର ଉଦ୍ଭିନ୍ନ ଛଟା ବାହାରିବ, ତହିଁରେ ଜଗତ ପ୍ଲାବିତ ହୋଇଯିବ ।

ଏହିପରି କଥାବାର୍ତ୍ତା ହେଉ ହେଉ ସମସ୍ତେ ମଠ-ଭୂମିରେ ଉପସ୍ଥିତ ହେଲେ । ସ୍ୱାମୀଜୀ ସ୍କନ୍ଧସ୍ଥିତ ଫରୁଆଟିକୁ ଭୂମିରେ ବିସ୍ତୀର୍ଣ୍ଣ ଆସନ ଉପରେ ରଖି ଭୂମିଷ୍ଠ ହୋଇ ପ୍ରଣାମ କଲେ । ଅନ୍ୟମାନେ ସମସ୍ତେ ମଧ୍ୟ ପ୍ରଣାମ କଲେ ।

ଅନନ୍ତର ସ୍ୱାମୀଜୀ ପୁନରାୟ ପୂଜାରେ ବସିଲେ । ପୂଜାନ୍ତେ ଯଜ୍ଞାଗ୍ନି ପ୍ରଜ୍ୱଳିତ କରି ହୋମ କଲେ ଏବଂ ସନ୍ନ୍ୟାସୀ ଭ୍ରାତୃଗଣଙ୍କ ସହାୟତାରେ ସ୍ୱହସ୍ତରେ ପାୟସାନ୍ନ ପ୍ରସ୍ତୁତ କରି ଠାକୁରଙ୍କୁ ନିବେଦନ କଲେ । ବୋଧହୁଏ ଏହି ଦିନ ଏହି ସ୍ଥାନରେ ସେ କେତେଜଣ ଗୃହସ୍ଥଙ୍କୁ ଦୀକ୍ଷା ପ୍ରଦାନ ମଧ୍ୟ କରିଥିଲେ । ପୂଜା ସମାପନ କରି ସ୍ୱାମୀଜୀ ସାଦରେ ସମାଗତ ସମସ୍ତଙ୍କୁ ଆହ୍ୱାନ ଓ ସମ୍ବୋଧନ କରି କହିଲେ—'ଆପଣମାନେ ଆଜି କାୟମନୋବାକ୍ୟରେ ଠାକୁରଙ୍କ ପାଦପଦ୍ମରେ ପ୍ରାର୍ଥନା କରନ୍ତୁ—ଯେପରି ମହାଯୁଗାବତାର ଠାକୁର ଆଜିଠାରୁ ବହୁକାଳ 'ବହୁଜନହିତାୟ, ବହୁଜନସୁଖାୟ' ଏହି ପୁଣ୍ୟକ୍ଷେତ୍ରରେ ଅବସ୍ଥାନ କରି ଏହାକୁ ସର୍ବଧର୍ମର

ଅପୂର୍ବ ସମନ୍ୱୟ-କେନ୍ଦ୍ର କରି ରଖନ୍ତୁ ।'

ସମସ୍ତେ କର ଯୋଡ଼ି ଏହିପରି ପ୍ରାର୍ଥନା କଲେ । ପୂଜାନ୍ତେ ସ୍ୱାମୀଜୀ ଶିଷ୍ୟଙ୍କୁ ଡାକି କହିଲେ, 'ଠାକୁରଙ୍କର ଏହି ଫରୁଆକୁ ଫେରାଇ ନେଇଯିବାର ଆମର (ସନ୍ନ୍ୟାସୀମାନଙ୍କର) କାହାରି ଆଉ ଅଧିକାର ନାହିଁ । କାରଣ ଆଜି ଆମେମାନେ ଠାକୁରଙ୍କୁ ଏହି ସ୍ଥାନରେ ବସାଇଛୁ । ଅତଏବ ତୁ ହିଁ ମୁଣ୍ଡରେ ଥୋଇ ଠାକୁରଙ୍କର ଏହି ଫରୁଆ ମଠକୁ (ନୀଳାମ୍ବର-ବାବୁଙ୍କ ବଗିଚାକୁ) ନେଇ ଚାଲ ।' ଶିଷ୍ୟ ଫରୁଆ ସ୍ପର୍ଶ କରିବାକୁ କୁଣ୍ଠିତ ହେଉଛି ଦେଖି ସ୍ୱାମୀଜୀ କହିଲେ, 'ଭୟ ନାହିଁ, ମୁଣ୍ଡରେ ଧର, ମୋର ଆଜ୍ଞା ।'

ଶିଷ୍ୟ ସେତେବେଳେ ଆନନ୍ଦିତ ଚିତ୍ତରେ ସ୍ୱାମୀଜୀଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଫରୁଆଟି ମୁଣ୍ଡକୁ ଉଠାଇନେଲା ଏବଂ ଶ୍ରୀଗୁରୁଙ୍କ ଆଜ୍ଞାରେ ସେହି ଫରୁଆର ସ୍ପର୍ଶାଧିକାର ଲାଭ କରି ଆପଣାକୁ ଧନ୍ୟ ମନେ କରୁ କରୁ ଚାଲିଲା । ଆଗରେ ଫରୁଆ ମସ୍ତକରେ ଧାରଣ କରି ଶିଷ୍ୟ, ପଛରେ ସ୍ୱାମୀଜୀ, ତା'ପରେ ଅନ୍ୟାନ୍ୟ ସମସ୍ତେ ଆସିବାକୁ ଲାଗିଲେ । ବାଟରେ ସ୍ୱାମୀଜୀ ତାକୁ କହିଲେ, 'ଠାକୁର ଆଜି ତୋ ମସ୍ତକରେ ଉଠି ତୋତେ ଆଶୀର୍ବାଦ କରୁଛନ୍ତି । ସାବଧାନ, ଆଜିଠାରୁ ଆଉ କୌଣସି ଅନିତ୍ୟ ବିଷୟରେ ମନ ଦେବୁ ନାହିଁ ।' ଗୋଟିଏ ଛୋଟ ଶାଙ୍କ ପାର ହେବା ପୂର୍ବେ ସ୍ୱାମୀଜୀ ଶିଷ୍ୟଙ୍କୁ ପୁନର୍ବାର କହିଲେ, 'ଦେଖ୍, ଏଥର ଖୁବ୍ ସାବଧାନ, ଖୁବ୍ ସତର୍କ ହୋଇ ଯିବୁ ।'

ଏହିପରି ଭାବରେ ନିର୍ବିଘ୍ନରେ ମଠରେ ଉପସ୍ଥିତ ହୋଇ ସମସ୍ତେ ଆନନ୍ଦ କରିବାକୁ ଲାଗିଲେ । ସ୍ୱାମୀଜୀ ଶିଷ୍ୟଙ୍କୁ ଏଥର କଥା ପ୍ରସଙ୍ଗରେ କହିବାକୁ ଲାଗିଲେ : ଠାକୁରଙ୍କ ଇଚ୍ଛାରେ ଆଜି ତାଙ୍କର ଧର୍ମକ୍ଷେତ୍ରର ପ୍ରତିଷ୍ଠା ହେଲା । ବାରବର୍ଷର ଚିନ୍ତା ମୋ ମୁଣ୍ଡରୁ ଓହ୍ଲାଇଗଲା । ମୋ ମନରେ ଏବେ କଅଣ ହେଉଛି ଜାଣୁ ? ଏହି ମଠ ହେବ ବିଦ୍ୟା ଓ ସାଧନାର କେନ୍ଦ୍ରସ୍ଥାନ । ତୁମମାନଙ୍କ ପରି ଧାର୍ମିକ ଗୃହସ୍ଥମାନେ ଏହାର ଚାରିପାଖ ଜମିରେ ଘରଦ୍ୱାର କରି ରହିବେ, ଆଉ ମଝିରେ ତ୍ୟାଗୀ ସନ୍ନ୍ୟାସୀମାନେ ରହିବେ । ଆଉ ମଠର ସେହି ଦକ୍ଷିଣ ପାଖର ଜମିରେ ଇଂଲଣ୍ଡ ଓ ଆମେରିକାର ଭକ୍ତମାନଙ୍କ ରହିବା ସକାଶେ ଘର-ଦ୍ୱାର ହେବ । ଏପରି ହେଲେ କିପରି ହେବ, କହ ଦେଖି ?

ଶିଷ୍ୟ : ଆଜ୍ଞା, ଆପଣଙ୍କର କଳ୍ପନା ଅଦ୍ଭୁତ !

ସ୍ୱାମୀଜୀ : କଳ୍ପନା କଅଣ ରେ ? ସମୟରେ ସବୁ ହେବ ମୁଁ ତ କେବଳ ନିଅଁ ଦେଇ ଯାଉଛି । ଏହାପରେ ଆହୁରି କେତେ କଅଣ ହେବ । ମୁଁ କିଛି କରିଯିବି, ଆଉ ତୁମ ଭିତରେ ନାନା idea (ଭାବ) ଦେଇଯିବି । ତୁମେ ପରେ ସେସବୁ work out (କାର୍ଯ୍ୟରେ ପରିଣତ) କରିବ । ବଡ଼ ବଡ଼ principle (ମତ) ଖାଲି ଶୁଣିଲେ କଅଣ ହେବ, ସେଗୁଡ଼ିକୁ practical field-ରେ (କର୍ମକ୍ଷେତ୍ରରେ) ଛିଡ଼ା କରାଇବାକୁ—ପ୍ରତି ନିୟତ କାମରେ ଲଗାଇବାକୁ ହେବ । ଶାସ୍ତ୍ରର ବଡ଼ ବଡ଼ କଥାସବୁ ଖାଲି ପଢ଼ିଲେ କଅଣ ହେବ ? ଶାସ୍ତ୍ରର କଥାଗୁଡ଼ିକ ଆଗେ ବୁଝିବାକୁ ହେବ । ତା'ପରେ ଜୀବନରେ ସେସବୁ ଫଳାଇବାକୁ ହେବ ବୁଝିଲୁ ? ଏହାକୁ ହିଁ କହନ୍ତି—practical religion

(କର୍ମଜୀବନରେ ପରିଣତ ଧର୍ମ) ।

ଏହିଭଳି ନାନା ପ୍ରସଙ୍ଗ ଚାଲୁ ଚାଲୁ ଶ୍ରୀମତ୍ ଶଙ୍କରାଚାର୍ଯ୍ୟଙ୍କ କଥା ଉଠିଲା । ଶିଷ୍ୟ ଶ୍ରୀଶଙ୍କରଙ୍କ ବିଶେଷ ପକ୍ଷପାତୀ ଥିଲା, ଏପରିକି ସେବିଷୟରେ ତାକୁ ଅନ୍ଧଭକ୍ତ ମଧ୍ୟ କୁହାଯାଇ-ପାରେ । ଶଙ୍କର-ପ୍ରତିଷ୍ଠିତ ଅଦ୍ୱୈତ ମତକୁ ସେ ସର୍ବଦର୍ଶନର ମୁକୁଟମଣି ବୋଲି ଜ୍ଞାନ କରୁଥିଲା ଏବଂ ଶ୍ରୀଶଙ୍କରଙ୍କ କୌଣସି କଥାରେ କେହି କୌଣସି ପ୍ରକାର ଦୋଷାର୍ପଣ କଲେ ତାହାର ହୃଦୟ ଯେପରିକି ସର୍ପଦଂଷ୍ଟ ହେଉଥିଲା । ସ୍ୱାମୀଜୀ ତାହା ଜାଣିଥିଲେ ଏବଂ କେହି କୌଣସି ମତ ବିଷୟରେ ଅନ୍ଧ ହେବା ସେ ସହ୍ୟ କରିପାରୁ ନ ଥିଲେ । କୌଣସି ବିଷୟରେ ଅନ୍ଧତା ଦେଖିଲେ ହିଁ ସେ ତା'ର ବିରୁଦ୍ଧ ପକ୍ଷ ଅବଲମ୍ବନ କରୁଥିଲେ ଏବଂ ଅଜସ୍ର ଅମୋଘ ଯୁକ୍ତିର ଆଘାତରେ ସେହି ଅନ୍ଧ ଭକ୍ତିର ସଙ୍କୀର୍ଣ୍ଣ ବନ୍ଧ ଚୂର୍ଣ୍ଣବିଚୂର୍ଣ୍ଣ କରିଦେଉଥିଲେ ।

ସ୍ୱାମୀଜୀ : ଶଙ୍କରଙ୍କ କ୍ଷୁରଧାର ବୁଦ୍ଧି—ସେ ବିଚାରକ ସତ୍ୟ, ପଣ୍ଡିତ ମଧ୍ୟ, କିନ୍ତୁ ତାଙ୍କ ଉଦାରତା ବିଶେଷ ଗଭୀର ନ ଥିଲା । ହୃଦୟ ମଧ୍ୟ ସେହିପରି ଥିଲା ବୋଲି ବୋଧହୁଏ, ପୁଣି ବ୍ରାହ୍ମଣ ଅଭିମାନଟିକକ ଖୁବ୍ ବେଶୀ ଥିଲା । ଗୋଟିଏ ଦକ୍ଷିଣୀ ଭଟ୍ଟାଚାର୍ଯ୍ୟ ଭଳି ଥିଲେ, ଆଉ କଅଣ ? ବ୍ରାହ୍ମଣେତର ଜାତିର ବ୍ରହ୍ମଜ୍ଞାନ ହେବ ନାହିଁ, ଏକଥା ବେଦାନ୍ତଭାଷ୍ୟରେ କିପରି ସମର୍ଥନ କରିଯାଇଛନ୍ତି ! ସୁନ୍ଦର ବିଚାର ! ବିଦୁରଙ୍କ କଥା ଉଲ୍ଲେଖ କରି କହିଛନ୍ତି—ତାଙ୍କର ପୂର୍ବ ଜନ୍ମରେ ବ୍ରାହ୍ମଣ-ଶରୀର ଥିଲା ବୋଲି ସେ ବ୍ରହ୍ମଜ୍ଞ ହୋଇଥିଲେ । ସତରେ—ଆଜିକାଲି ଯଦି ସେହିପରି କୌଣସି ଶୂଦ୍ରର ବ୍ରହ୍ମଜ୍ଞାନ ହୁଏ, ତେବେ କଅଣ ତୋର ଶଙ୍କରଙ୍କ ମତରେ ମତ ଦେଇ କହିବାକୁ ହେବ ଯେ, ସେ ପୂର୍ବଜନ୍ମରେ ବ୍ରାହ୍ମଣ ଥିଲା, ସେଥିପାଇଁ ହୋଇଛି ? ବ୍ରାହ୍ମଣତ୍ୱର ଏତେ ଟଣାଓଟରାରେ କାମ କଅଣରେ ବାପା ! ବେଦ ତ ତ୍ରୈବର୍ଣ୍ଣିକମାନଙ୍କୁ ହିଁ ବେଦପାଠ ଓ ବ୍ରହ୍ମଜ୍ଞାନର ଅଧିକାରୀ କରିଛି । ତେଣୁ ଶଙ୍କରଙ୍କ ଏହି ବିଷୟ ନେଇ ବେଦ ଉପରେ ଏହି ଅଦ୍ଭୁତ ବିଦ୍ୟାପ୍ରକାଶର କୌଣସି ପ୍ରୟୋଜନ ନ ଥିଲା । ପୁଣି ଏପରି ହୃଦୟ ଯେ, କେତେ ବୌଦ୍ଧ-ଶ୍ରମଣଙ୍କୁ ନିଆଁରେ ପୋଡ଼ାଇ ମାରିଛନ୍ତି—ତାଙ୍କୁ ତର୍କରେ ହରେଇ ! ମୂର୍ଖ ବୌଦ୍ଧଗୁଡ଼ାକ ବି ତର୍କରେ ହାରିଯାଇ ନିଆଁରେ ପୋଡ଼ିହୋଇ ମରିବାକୁ ଗଲେ ! ଶଙ୍କରଙ୍କ ଏପରି କାର୍ଯ୍ୟକୁ fanaticism (ସଙ୍କୀର୍ଣ୍ଣ ଧର୍ମାନ୍ଧତା) ଛଡ଼ା ଆଉ କଅଣ କୁହାଯାଇପାରେ ? କିନ୍ତୁ ଦେଖ୍—ବୁଦ୍ଧଦେବଙ୍କ ହୃଦୟ ! 'ବହୁଜନହିତାୟ, ବହୁଜନସୁଖାୟ'-ର କଥା ! ସାମାନ୍ୟ ଗୋଟିଏ ଛାଗଶିଶୁର ଜୀବନରକ୍ଷା ପାଇଁ ନିଜ ଜୀବନ-ଦାନ କରିବାକୁ ସର୍ବଦା ପ୍ରସ୍ତୁତ । ଦେଖୁ ଦେଖି, କି ଉଦାରତା ! କି ଦୟା !

ଶିଷ୍ୟ : ବୁଦ୍ଧଦେବଙ୍କ ଏହି ଭାବଟାକୁ ବି କଅଣ ମହାଶୟ, ଅନ୍ୟ କୌଣସି ପ୍ରକାରର ପାଗଳାମି କୁହାଯାଇପାରେ ନାହିଁ ? ଗୋଟାଏ ପଶୁ ପାଇଁ କଅଣ ନା, ନିଜର ବେକ ଦେବାକୁ ଗଲେ !

ସ୍ୱାମୀଜୀ : କିନ୍ତୁ ତାଙ୍କର ଏହି fanaticism ଦ୍ୱାରା ଜଗତରେ ଜୀବର କେତେ କଲ୍ୟାଣ ହେଲା—ତାହା ଦେଖ୍; କେତେ ଆଶ୍ରମ, ସ୍କୁଲ୍, କେତେ କଲେଜ, କେତେ public hospital (ସାଧାରଣ ଡାକ୍ତରଖାନା), କେତେ ପଶୁଶାଳାର ସ୍ଥାପନ, କେତେ ସ୍ଥାପତ୍ୟ-

ବିଦ୍ୟାର ବିକାଶ ହେଲା, ତାହା ଭାବି ଦେଖ୍ ! ବୁଦ୍ଧଦେବଙ୍କ ଜନ୍ମ ଆଗରୁ ଏ ଦେଶରେ ଥିଲା କ'ଣ ?—ତାଳପତ୍ର ପୋଥିରେ ବନ୍ଧା କେତେଗୁଡ଼ାଏ ଧର୍ମତତ୍ତ୍ୱ, ତା' ବି ଅଳ୍ପ କେତେଜଣଙ୍କୁ ଜଣାଥିଲା ମାତ୍ର । ଭଗବାନ ବୁଦ୍ଧଦେବ ସେଗୁଡ଼ାକୁ practical field-କୁ (କାର୍ଯ୍ୟକ୍ଷେତ୍ରକୁ) ଆଣିଲେ । ଲୋକଙ୍କ ଦୈନନ୍ଦିନ ଜୀବନରେ ସେସବୁ କିପରି କାମରେ ଲଗାଇବାକୁ ହେବ, ତାହା ଦେଖାଇଦେଲେ । ଧରିବାକୁ ଗଲେ ସେ ହେଉଛନ୍ତି ବେଦାନ୍ତର ଯଥାର୍ଥ ସ୍ଫୁରଣ-ମୂର୍ତ୍ତି ।

ଶିଷ୍ୟ : କିନ୍ତୁ ମହାଶୟ, ବର୍ଣ୍ଣାଶ୍ରମ ଧର୍ମ ଭାଙ୍ଗିଦେଇ ଭାରତରେ ହିନ୍ଦୁଧର୍ମର ବିପ୍ଳବ ସେ ହିଁ ଘଟାଇ ଯାଇଛନ୍ତି ଏବଂ ସେଥିନିମିତ୍ତ ତାଙ୍କ ପ୍ରଚାରିତ ଧର୍ମ ଭାରତରୁ କାଳକ୍ରମେ ନିର୍ବାସିତ ହୋଇଅଛି । ଏକଥା ସତ୍ୟ ବୋଲି ବୋଧହୁଏ ।

ସ୍ୱାମୀଜୀ : ବୌଦ୍ଧଧର୍ମର ଏପରି ଦୁର୍ଦ୍ଦଶା ତାଙ୍କ follower (ଚେଲାମାନଙ୍କ) ଦୋଷରୁ ହୋଇଥିଲା; ବେଶୀ philosophic ହୋଇ (ଦର୍ଶନ-ଚର୍ଚ୍ଚା କରି) ସେମାନଙ୍କର heart (ହୃଦୟର) ଉଦାରତା କମିଗଲା । ତାହାପରେ କ୍ରମେ ବାମାଚାରର ବ୍ୟଭିଚାର ପଶି ବୌଦ୍ଧଧର୍ମ ମରିଗଲା । ଏପରି ବୀଭତ୍ସ ବାମାଚାର ବର୍ତ୍ତମାନର କୌଣସି ତନ୍ତ୍ରରେ ନାହିଁ ! ବୌଦ୍ଧଧର୍ମର ଗୋଟିଏ ପ୍ରଧାନ କେନ୍ଦ୍ର ଥିଲା 'ଜଗନ୍ନାଥ-କ୍ଷେତ୍ର'—ସେଠାରେ ମନ୍ଦିରଗାତ୍ରରେ ଖୋଳା ବୀଭତ୍ସ ମୂର୍ତ୍ତି ସବୁ ଥରେ ଯାଇ ଦେଖି ଆସିଲେ ଏହି କଥା ଜାଣିପାରିବୁ । ରାମାନୁଜ ଓ ଚୈତନ୍ୟ ମହାପ୍ରଭୁଙ୍କ ସମୟରୁ ପୁରୁଷୋତ୍ତମକ୍ଷେତ୍ର ବୈଷ୍ଣବମାନଙ୍କ ଦଖଲକୁ ଆସିଛି । ବର୍ତ୍ତମାନ ତାହା ଏହିସବୁ ମହାପୁରୁଷମାନଙ୍କ ଶକ୍ତିର ସହାୟତାରେ ଅନ୍ୟ ଏକ ରୂପ ଧାରଣ କରିଛି ।

ଶିଷ୍ୟ : ଆଜ୍ଞା ! ଶାସ୍ତ୍ରମୁଖରେ ତୀର୍ଥାଦି ସ୍ଥାନର ବିଶେଷ ମହିମାର କଥା ଅବଗତ ହୋଇଥାଏ । ତାହା କେତେ ଦୂର ସତ୍ୟ ?

ସ୍ୱାମୀଜୀ : ସମସ୍ତ ବ୍ରହ୍ମାଣ୍ଡ ଯେତେବେଳେ ନିତ୍ୟ ଆତ୍ମା ଈଶ୍ୱରଙ୍କର ବିରାଟ ଶରୀର, ସେତେବେଳେ ସ୍ଥାନ-ମାହାତ୍ମ୍ୟ ଥିବାରେ ବିଚିତ୍ରତା କ'ଣ ଅଛି ? ସ୍ଥାନବିଶେଷରେ ତାଙ୍କର ବିଶେଷ ପ୍ରକାଶ, କେଉଁଠାରେ ସ୍ୱତଃ ଏବଂ କେଉଁଠାରେ ଶୁଦ୍ଧସତ୍ତ୍ୱ ମାନବମନର ବ୍ୟାକୁଳ ଆଗ୍ରହ ଦ୍ୱାରା ହୋଇଥାଏ । ସାଧାରଣ ମାନବ ଏହିସବୁ ସ୍ଥାନକୁ ଜିଜ୍ଞାସୁ ହୋଇ ଗଲେ ସହଜରେ ଫଳ ପାଏ । ଏଥିନିମିତ୍ତ ତୀର୍ଥାଦି ଆଶ୍ରୟ କଲେ ସମୟରେ ଆତ୍ମାର ବିକାଶ ହୋଇପାରେ । ତେବେ ଠିକ୍ ଜାଣିବୁ—ଏହି ମାନବ-ଦେହଠାରୁ ଆଉ କୌଣସି ବଡ଼ ତୀର୍ଥ ନାହିଁ । ଏଠାରେ ଆତ୍ମାର ଯେପରି ବିକାଶ, ସେପରି ଆଉ କେଉଁଠାରେ ହିଁ ନାହିଁ । ଏହି ଯେ ଜଗନ୍ନାଥଙ୍କର ରଥ, ତାହା ବି ଏହି ଦେହ-ରଥର concrete form (ସ୍ଥୂଳରୂପ, ମାତ୍ର । ଏହି ଦେହ-ରଥରେ ଆତ୍ମାକୁ ଦର୍ଶନ କରିବାକୁ ହେବ । ପଢ଼ିଛୁ ନା—'ଆତ୍ମାନଂ ରଥିନଂ ବିଦ୍ଧି' ଇତ୍ୟାଦି, 'ମଧ୍ୟେ ବାମନମାସୀନଂ ବିଶ୍ୱେଦେବା ଉପାସତେ'—ଏହି ବାମନରୂପୀ ଆତ୍ମଦର୍ଶନ ହିଁ ଠିକ୍ ଜଗନ୍ନାଥ-ଦର୍ଶନ । ଏହି ଯେ କହନ୍ତି, 'ରଥେ ଚ ବାମନଂ ଦୃଷ୍ଟ୍ୱା । ପୁନର୍ଜନ୍ମ ନ ବିଦ୍ୟତେ'—ଏହାର ଅର୍ଥ ହେଉଛି, ତୋ ଭିତରେ ଯେଉଁ ଆତ୍ମା ଅଛନ୍ତି,

ଯାହାଙ୍କୁ ଉପେକ୍ଷା କରି ତୁ କମ୍ବୁଡ-କମାକାର ଏହି ଦେହରୂପକ ଜଡ଼ପିଣ୍ଡଟାକୁ ସର୍ବଦା 'ମୁଁ' ବୋଲି ଧରିନେଉଛୁ, ତାଙ୍କୁ ଦର୍ଶନ କରିପାରିଲେ ଆଉ ପୁନର୍ଜନ୍ମ ହୁଏ ନାହିଁ । ଯଦି କାଠ-ଦୋଳାରେ ଠାକୁରଙ୍କୁ ଦେଖିଲେ ଜୀବ ମୁକ୍ତ ପାଆନ୍ତା, ତାହାହେଲେ ବର୍ଷକୁ ବର୍ଷ କୋଟି କୋଟି ଜୀବର ମୁକ୍ତ ହୋଇଯାଆନ୍ତା—ଆଜିକାଲି ପୁଣି ରେଲରେ ଯିବାର ଯେଉଁ ସୁଯୋଗ ! ତେବେ ଜଗନ୍ନାଥଙ୍କ ସମ୍ବନ୍ଧରେ ସାଧାରଣ ଭକ୍ତମାନଙ୍କ ବିଶ୍ୱାସକୁ ମଧ୍ୟ ମୁଁ କିଛି ନୁହେଁ ବା ମିଥ୍ୟା କହୁ ନାହିଁ । ଗୋଟିଏ ଶ୍ରେଣୀର ଲୋକ ଅଛନ୍ତି, ଯେଉଁମାନେ ସେହି ମୂର୍ତ୍ତିକୁ ଅବଲମ୍ବନ କରି ଉଚ୍ଚରୁ କ୍ରମେ ଉଚ୍ଚତର ତତ୍ତ୍ୱକୁ ଉଠିଯାଆନ୍ତି । ଅତଏବ ସେହି ମୂର୍ତ୍ତିକୁ ଆଶ୍ରୟ କରି ଶ୍ରୀଭଗବାନଙ୍କ ବିଶେଷ ଶକ୍ତି ଯେ ପ୍ରକାଶିତ ରହିଛି, ଏଥିରେ ସନ୍ଦେହ ନାହିଁ ।

ଶିଷ୍ୟ : ତେବେ କଅଣ ଆଜ୍ଞା, ମୂର୍ଖ ଓ ବୁଦ୍ଧିମାନ୍‌ର ଧର୍ମ ଅଲଗା ?

ସ୍ୱାମୀଜୀ : ହେଁ୍ୟା ତ, ନ ହେଲେ ତୋର ଶାସ୍ତ୍ରରେ ବା ଏତେ ଅଧିକାର-ନିର୍ଦ୍ଦେଶର ଜଞ୍ଜାଳ କାହିଁକି ? ସବୁ ହିଁ truth (ସତ୍ୟ), ତେବେ relative truth different in degrees (ଆପେକ୍ଷିକ ସତ୍ୟ ବିଭିନ୍ନ ମାତ୍ରାନୁଯାୟୀ) । ମନୁଷ୍ୟ ଯାହାକିଛି ସତ୍ୟ ବୋଲି ଜାଣେ, ସେସମସ୍ତ ଏହିପରି, କେଉଁଟି ଅଳ୍ପ ସତ୍ୟ, କେଉଁଟି ତାହା ଅପେକ୍ଷା ଅଧିକ ସତ୍ୟ; ନିତ୍ୟ ସତ୍ୟ କେବଳ ଏକମାତ୍ର ଭଗବାନ । ଏହି ଆତ୍ମା ଜଡ଼ ଭିତରେ ଏକାବେଳେକେ ଶୋଇଯାଇଛନ୍ତି । 'ଜୀବ'-ନାମଧାରୀ ମନୁଷ୍ୟ ଭିତରେ ସେ ହିଁ ପୁଣି କିଞ୍ଚିତ୍ conscious (ଜାଗ୍ରତ) ହୋଇଛନ୍ତି । ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କରାଦିଙ୍କ ମଧ୍ୟରେ ପୁଣି ଏହି ଆତ୍ମା super-conscious stage-ରେ, ଅର୍ଥାତ୍ ପୂର୍ଣ୍ଣ ଭାବରେ ଜାଗ୍ରତ ହୋଇ ରହିଛନ୍ତି । ଏହାର ଉପର ଅବସ୍ଥା ମଧ୍ୟ ଅଛି, ଯାହା ଭାବରେ ବା ଭାଷାରେ କହି ହୁଏ ନାହିଁ—ଅବାଙ୍ମନସୋ-ଗୋଚରମ୍ ।"*

ଶିଷ୍ୟ : ଆଜ୍ଞା ! କୌଣସି କୌଣସି ଭକ୍ତ-ସମ୍ପ୍ରଦାୟ କହନ୍ତି, ଭଗବାନଙ୍କ ସହିତ ଗୋଟିଏ ଭାବ ବା ସମ୍ବନ୍ଧ ସ୍ଥାପନ କରି ସାଧନା କରିବାକୁ ହେବ । ଆତ୍ମାର ମହିମାଦି କଥା ସେମାନେ କିଛି ବୁଝନ୍ତି ନାହିଁ । ଶୁଣିଲେ ମଧ୍ୟ କହନ୍ତି—ସେସବୁ କଥା ଛାଡ଼ି ସର୍ବଦା ଭାବରେ ଥାଅ ।

ସ୍ୱାମୀଜୀ : ସେମାନେ ଯାହା କହନ୍ତି—ତାହା ସେମାନଙ୍କ ପକ୍ଷରେ ସତ୍ୟ । ସେହିପରି କରୁ କରୁ ତାଙ୍କ ଭିତରେ ବି ଦିନେ ବ୍ରହ୍ମ ଜାଗିଉଠିବେ । ଆମେମାନେ (ସନ୍ନ୍ୟାସୀମାନେ) ଯାହା କରୁଛୁ, ତା ବି ଆଉ ଏକପ୍ରକାର ଭାବ । ଆମେମାନେ ସଂସାର ତ୍ୟାଗ କରିଛୁ, ଅତଏବ ସାଂସାରିକ ସମ୍ବନ୍ଧରେ ମା, ବାପ, ସ୍ତ୍ରୀ, ପୁତ୍ର ଇତ୍ୟାଦି ପରି କୌଣସି ଗୋଟାଏ ଭାବ ଭଗବାନଙ୍କଠାରେ ଆରୋପ କରି ସାଧନା କରିବା—ଆମର ଭାବ କିପରି ହେବ ? ସେସବୁ ଆମ ନିକଟରେ ସଂକୀର୍ଣ୍ଣ ବୋଲି ମନେହୁଏ । ଅବଶ୍ୟ, ସର୍ବଭାବାତୀତ ଶ୍ରୀଭଗବାନଙ୍କର ଉପାସନା ଅତ୍ୟନ୍ତ କଠିନ । କିନ୍ତୁ ଅମୃତ ପାଉ ନାହିଁ ବୋଲି କଅଣ ବିଷ ଖାଇବାକୁ ହେବ ? ଏହି ଆତ୍ମାର କଥା ସର୍ବଦା କହିବୁ, ଶୁଣିବୁ, ବିଚାର କରିବୁ । ଏହିପରି କରୁ କରୁ

* କଠୋପନିଷଦ୍, ୧।୩।୩

କାଳକ୍ରମେ ଦେଖିବୁ—ତୋ ଭିତରେ ବି ସିଂହ (ବ୍ରହ୍ମ) ଜାଗି ଉଠିବ । ଏହାପରେ ଭାବ-ଖିଆଲର ଆଉ ପାଖକୁ ଚାଲିଯା । ହେଇ ଶୁଣ—କଠୋପନିଷଦ୍‌ରେ ଯମ କଅଣ କହୁଛନ୍ତି—'ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ ।'

ଏହାପରେ ଏ ପ୍ରସଙ୍ଗ ସମାପ୍ତ ହେଲା । ମଠରେ ପ୍ରସାଦ ପାଇବାର ଘଣ୍ଟା ବାଜିଲା । ସ୍ୱାମୀଜୀଙ୍କ ସଙ୍ଗେ ଶିଷ୍ୟ ପ୍ରସାଦ ଗ୍ରହଣ କରିବାକୁ ଚାଲିଲା ।

## ୨୦

ସ୍ଥାନ—କଲିକତା
କାଳ—୧୮୯୮

ଆଜିକି ତିନିଦିନ ହେଲା, ସ୍ୱାମୀଜୀ ବାଗ୍‌ବଜାରରେ ବଲରାମ ବସୁଙ୍କ ଗୃହରେ ଅବସ୍ଥାନ କରୁଛନ୍ତି । ପ୍ରତ୍ୟହ ଅସଂଖ୍ୟ ଲୋକଙ୍କ ଭିଡ଼ । ସ୍ୱାମୀ ଯୋଗାନନ୍ଦ ବି ସ୍ୱାମୀଜୀଙ୍କ ସହିତ ଏକତ୍ର ଅବସ୍ଥାନ କରୁଛନ୍ତି । ଆଜି ସିଷ୍ଟର ନିବେଦିତାଙ୍କୁ ସଙ୍ଗରେ ନେଇ ସ୍ୱାମୀଜୀ ଆଲିପୁରର ପଶୁଶାଳା ଦେଖିବାକୁ ଯିବେ । ଶିଷ୍ୟ ଉପସ୍ଥିତ ହେବାରୁ ତାଙ୍କୁ ଓ ସ୍ୱାମୀ ଯୋଗାନନ୍ଦଙ୍କୁ ସ୍ୱାମୀଜୀ କହିଲେ, 'ତୁମେ ଆଗରେ ଚାଲିଯାଅ—ମୁଁ ନିବେଦିତାଙ୍କୁ ନେଇ ଗାଡ଼ି କରି ଟିକିଏ ପରେ ଯାଉଛି ।'......

ପ୍ରାୟ ସାଢ଼େ ଚାରିଟା ସମୟରେ ସ୍ୱାମୀଜୀ ନିବେଦିତାଙ୍କୁ ସଙ୍ଗରେ ନେଇ ସେଠାରେ ଉପସ୍ଥିତ ହେଲେ । ବଗିଚାର ତତ୍କାଳୀନ ସୁପରିଣ୍ଟେଣ୍ଡେଣ୍ଟ ରାୟ ବାହାଦୁର ରାମବ୍ରହ୍ମ ବାବୁ ପରମ ଆଦରରେ ସ୍ୱାମୀଜୀ ଓ ନିବେଦିତାଙ୍କୁ ଅଭ୍ୟର୍ଥନା କରି ପଶୁଶାଳା ଭିତରକୁ ନେଇଗଲେ ଏବଂ ପ୍ରାୟ ଦେଢ଼ଘଣ୍ଟା କାଳ ସେମାନଙ୍କ ଅନୁଗମନ କରି ବଗିଚାର ନାନାସ୍ଥାନ ପ୍ରଦର୍ଶନ କରାଇବାକୁ ଲାଗିଲେ । ସ୍ୱାମୀ ଯୋଗାନନ୍ଦ ମଧ୍ୟ ଶିଷ୍ୟ ସଙ୍ଗେ ସେମାନଙ୍କ ପଛେ ପଛେ ଚାଲିଲେ ।

ରାମବ୍ରହ୍ମ ବାବୁ ଉଦ୍ୟାନସ୍ଥ ନାନାବୃକ୍ଷ ଦେଖାଉ ଦେଖାଉ ବୃକ୍ଷାଦିର କାଳକ୍ରମେ କିପରି କ୍ରମପରିଣତି ହୋଇଛି, ସମୟ ସମୟରେ ସେହି ବିଷୟ ଆଲୋଚନା କରୁ କରୁ ଅଗ୍ରସର ହେବାକୁ ଲାଗିଲେ । ଜୀବଜନ୍ତୁ ଦେଖୁ ଦେଖୁ ସ୍ୱାମୀଜୀ ମଧ୍ୟ ମଝିରେ ମଝିରେ ଜୀବର ଉତ୍ତରୋତ୍ତର ପରିଣତି ସମ୍ବନ୍ଧରେ ଡାର୍‌ଉଇନ୍ (Darwin) ମତର ଆଲୋଚନା କରିବାକୁ ଲାଗିଲେ । ଶିଷ୍ୟର ମନେଅଛି, ସର୍ପ-ଗୃହକୁ ଯାଇ ସେ ଚକ୍ରାଙ୍କିତ ଗାତ୍ର ଗୋଟିଏ ପ୍ରକାଣ୍ଡ ସାପକୁ ଦେଖାଇ କହିଲେ, 'ଏହାଠାରୁ କାଳକ୍ରମେ tortoise (କଇଁଚ) ଉତ୍ପନ୍ନ ହୋଇଛି । ଏହି ସାପ ହିଁ ବହୁକାଳଧରି ଏକ ସ୍ଥାନରେ ବସିରହି କ୍ରମେ କଠୋରପୃଷ୍ଠ ହୋଇଯାଇଛି ।'

କଥାଗୁଡ଼ିକ କହିସାରି ସ୍ୱାମୀଜୀ ଶିଷ୍ୟଙ୍କୁ ପରିହାସ କରି କହିଲେ, 'ତୁମେ ପରା କଇଁଚ ଖାଅ ? ଡାରଉଇନ୍‌ଙ୍କ ମତରେ ଏହି ସାପ ହିଁ କାଳ-ପରିଣାମରେ କଇଁଚ ହୋଇଛି; ତା'ହେଲେ ତୁମେ ସାପ ବି ଖାଅ ।' ଶିଷ୍ୟ ଏହା ଶୁଣି ଘୃଣାରେ ମୁହଁ ବୁଲେଇ କହିଲା—'ମହାଶୟ, ଗୋଟିଏ ପଦାର୍ଥ କ୍ରମପରିଣତି ଦ୍ୱାରା ପଦାର୍ଥାନ୍ତର ହୋଇଗଲେ ଯେତେବେଳେ ତାହାର ପୂର୍ବାକୃତି ଓ ସ୍ୱଭାବ ରହେ ନାହିଁ, ସେତେବେଳେ କଇଁଚ ଖାଇଲେ ଯେ ସାପ ଖାଇବା ହେଲା, ଏକଥା କପରି କହୁଛନ୍ତି ?'

ଶିଷ୍ୟର କଥା ଶୁଣି ସ୍ୱାମୀଜୀ ଓ ରାମବ୍ରହ୍ମ ବାବୁ ହସି ଉଠିଲେ ଏବଂ ସିଷ୍ଟର୍ ନିବେଦିତାଙ୍କୁ ସେକଥା ବୁଝେଇ ଦେବାରୁ ସେ ବି ହସିବାକୁ ଲାଗିଲେ । କ୍ରମେ ସମସ୍ତେ ଯେଉଁଠାରେ ସିଂହବ୍ୟାଘ୍ରାଦି ରଖାଯାଇଥିଲେ, ସେହି ଘର ଆଡ଼କୁ ଅଗ୍ରସର ହେବାକୁ ଲାଗିଲେ ।

ରାମବ୍ରହ୍ମ ବାବୁଙ୍କ ଆଦେଶରେ ରକ୍ଷକମାନେ ସିଂହ ବ୍ୟାଘ୍ରଙ୍କ ପାଇଁ ପ୍ରଚୁର ମାଂସ ଆଣି ଆମରି ସମ୍ମୁଖରେ ସେମାନଙ୍କୁ ଆହାର କରାଇବାକୁ ଲାଗିଲେ । ସେମାନଙ୍କର ସାହ୍ଲାଦ ଗର୍ଜ୍ଜନ ଏବଂ ସାଗ୍ରହ ଭୋଜନ ଶୁଣିବାର ଓ ଦେଖିବାର ଅଳ୍ପକ୍ଷଣ ପରେ ଉଦ୍ୟାନ ମଧ୍ୟସ୍ଥିତ ରାମବ୍ରହ୍ମ ବାବୁଙ୍କ ବସାଘରେ ଆମେ ସମସ୍ତେ ଉପସ୍ଥିତ ହେଲୁ । ସେଠାରେ ଚାହା ଓ ଜଳଖିଆର ଯୋଗାଡ଼ ହୋଇଥିଲା । ସ୍ୱାମୀଜୀ ଅଳ୍ପମାତ୍ର ଚାହାପାନ କଲେ । ନିବେଦିତା ବି ଚାହାପାନ କଲେ । ଏକ ଟେବୁଲରେ ବସି ସିଷ୍ଟର ନିବେଦିତା-ସ୍ପୃଷ୍ଟ ମିଷ୍ଟାନ୍ନ ଓ ଚାହା ଖାଇବାକୁ ସଂକୁଚିତ ହେଉଛି ଦେଖି ସ୍ୱାମୀଜୀ ଶିଷ୍ୟଙ୍କୁ ପୁନଃ ପୁନଃ ଅନୁରୋଧ କରି ତାହା ଖୁଆଇଲେ ଏବଂ ନିଜେ ଜଳପାନ କରି ତାହାର ଅବଶିଷ୍ଟ ଶିଷ୍ୟଙ୍କୁ ପାନ କରିବାକୁ ଦେଲେ । ତତ୍ପରେ ଡାର୍‌ଉଇନ୍‌ଙ୍କ କ୍ରମବିକାଶବାଦ ନେଇ କିଛିକ୍ଷଣ କଥୋପକଥନ ଚାଲିଲା ।

ରାମବ୍ରହ୍ମ ବାବୁ ପଚାରିଲେ, 'ଡାର୍‌ଉଇନ୍ କ୍ରମବିକାଶବାଦ ଓ ତାହାର କାରଣ ଯେଉଁ ଭାବରେ ବୁଝାଇଛନ୍ତି, ସେ ସମ୍ବନ୍ଧରେ ଆପଣଙ୍କ ଅଭିମତ କ'ଣ ?'

ସ୍ୱାମୀଜୀ : ଡାର୍‌ଉଇନ୍‌ଙ୍କ କଥା ସଙ୍ଗତ ହେଲେ ସୁଦ୍ଧା evolution (କ୍ରମବିକାଶ-ବାଦର) କାରଣ ସମ୍ବନ୍ଧରେ ତାହା ଯେ ଚୂଡ଼ାନ୍ତ ମୀମାଂସା, ଏକଥା ମୁଁ ସ୍ୱୀକାର କରିପାରିବି ନାହିଁ ।

ରାମବ୍ରହ୍ମ ବାବୁ : ଏ ବିଷୟରେ ଆମ ଦେଶର ପ୍ରାଚୀନ ପଣ୍ଡିତମାନେ କୌଣସି ପ୍ରକାର ଆଲୋଚନା କରିଥିଲେ କି ?

ସ୍ୱାମୀଜୀ : ସାଂଖ୍ୟ-ଦର୍ଶନରେ ଏହି ବିଷୟ ସୁନ୍ଦର ଭାବରେ ଆଲୋଚିତ ହୋଇଛି । ଭାରତର ପ୍ରାଚୀନ ଦାର୍ଶନିକମାନଙ୍କ ସିଦ୍ଧାନ୍ତ ହିଁ କ୍ରମବିକାଶର କାରଣ ସମ୍ବନ୍ଧରେ ଚୂଡ଼ାନ୍ତ ମୀମାଂସା ବୋଲି ମୋର ଧାରଣା ।

ରାମବ୍ରହ୍ମ ବାବୁ : ସଂକ୍ଷେପରେ ସେହି ସିଦ୍ଧାନ୍ତ ବୁଝେଇ କହିଲେ ଶୁଣନ୍ତେ ।

ସ୍ୱାମୀଜୀ : ନିମ୍ନ ଜାତିକୁ ଉଚ୍ଚ ଜାତିରେ ପରିଣତ କରିବାକୁ ପାଶ୍ଚାତ୍ୟ ମତରେ struggle for existence (ଜୀବନସଂଗ୍ରାମ), survival of the fittest

(ଯୋଗ୍ୟତମର ଉଦ୍‌ବର୍ତ୍ତନ), natural selection (ପ୍ରାକୃତିକ ନିର୍ବାଚନ) ପ୍ରଭୃତି ଯେଉଁସବୁ ନିୟମ କାରଣ ବୋଲି ନିର୍ଦ୍ଦିଷ୍ଟ ହୋଇଛି, ସେସବୁ ଆପଣଙ୍କୁ ନିଶ୍ଚୟ ଜଣାଅଛି । ପାତଞ୍ଜଳ ଦର୍ଶନରେ କିନ୍ତୁ ଏଥିରୁ ଗୋଟିଏ ସୁଦ୍ଧା ତାହାର କାରଣ ବୋଲି ସମର୍ଥିତ ହୋଇ ନାହିଁ । ପତଞ୍ଜଳିଙ୍କ ମତ ହେଉଛି, ଏକ species (ଜାତି)-ଠାରୁ ଆଉ ଏକ species (ଜାତି)ର ପରିଣତି 'ପ୍ରକୃତିର ଆପୂରଣ' (ପ୍ରକୃତ୍ୟାପୂରାତ୍)* ଦ୍ୱାରା ସାଧିତ ହୁଏ । ଆବରଣ ବା obstacles (ପ୍ରତିବନ୍ଧକ ବା ବାଧା) ସଙ୍ଗରେ ଦିନରାତି struggle (ଲଢ଼େଇ) କରି ଯେ ତାହା ସାଧିତ ହୁଏ, ତାହା ନୁହେଁ । ମୋ ବିବେଚନାରେ struggle (ଲଢ଼େଇ) ଏବଂ competition (ପ୍ରତିଦ୍ୱନ୍ଦ୍ୱିତା) ଜୀବର ପୂର୍ଣ୍ଣତାଲାଭ ପକ୍ଷରେ ଅନେକ ସମୟରେ ପ୍ରତିବନ୍ଧକ ହୋଇ ଠିଆହୁଏ । ହଜାରେ ଜୀବ ଧ୍ୱଂସ କରି ଯଦି ଗୋଟିଏ ଜୀବର କ୍ରମୋନ୍ନତି ହୁଏ (ଯାହା ପାଶ୍ଚାତ୍ୟ ଦର୍ଶନ ସମର୍ଥନ କରେ) ତାହାହେଲେ କହିବାକୁ ହେବ, ଏହି evolution (କ୍ରମ-ବିକାଶ)-ଦ୍ୱାରା ସଂସାରର ବିଶେଷ କିଛି ଉନ୍ନତି ହେଉ ନାହିଁ । ସାଂସାରିକ ଉନ୍ନତି କଥା ସ୍ୱୀକାର କରିନେଲେ ମଧ୍ୟ ଆଧ୍ୟାତ୍ମିକ ବିକାଶ କଲେ ତାହା ଯେ ବିଷମ ପ୍ରତିବନ୍ଧକ, ଏକଥା ସ୍ୱୀକାର କରିବାକୁ ହିଁ ହେବ । ଆମ ଦେଶୀୟ ଦାର୍ଶନିକମାନଙ୍କର ଅଭିପ୍ରାୟ—ଜୀବ ମାତ୍ରେ ହିଁ ପୂର୍ଣ୍ଣ ଆତ୍ମା । ଆତ୍ମାର ବିକାଶର ତାରତମ୍ୟ ଯୋଗୁଁ ହିଁ ବିଚିତ୍ର ଭାବରେ ପ୍ରକୃତିର ଅଭିବ୍ୟକ୍ତି ଏବଂ ବିକାଶ । ପ୍ରକୃତିର ଅଭିବ୍ୟକ୍ତି ଏବଂ ବିକାଶର ପ୍ରତିବନ୍ଧକଗୁଡ଼ିକ ସଂପୂର୍ଣ୍ଣଭାବରେ ଘୁଞ୍ଚିଗଲେ ପୂର୍ଣ୍ଣଭାବରେ ଆତ୍ମପ୍ରକାଶ । ପ୍ରକୃତିର ଅଭିବ୍ୟକ୍ତିର ନିମ୍ନସ୍ତରରେ ଯାହା ହେଉ, ଉଚ୍ଚସ୍ତରରେ କିନ୍ତୁ ପ୍ରତିବନ୍ଧକଗୁଡ଼ିକ ସଙ୍ଗେ ଦିନରାତି କେବଳ ଯୁଦ୍ଧ କରି ଯେ ସେମାନଙ୍କୁ ଅତିକ୍ରମ କରାଯାଏ, ତାହା ନୁହେଁ; ଦେଖାଯାଏ, ସେଠାରେ ଶିକ୍ଷା-ଦୀକ୍ଷା, ଧ୍ୟାନ-ଧାରଣା ଏବଂ ପ୍ରଧାନତଃ ତ୍ୟାଗଦ୍ୱାରା ହିଁ ପ୍ରତିବନ୍ଧକଗୁଡ଼ିକ ଘୁଞ୍ଚିଯାଏ ବା ଅଧିକତର ଆତ୍ମପ୍ରକାଶ ଉପସ୍ଥିତ ହୁଏ । ସୁତରାଂ obstacles (ପ୍ରତିବନ୍ଧକ)-ଗୁଡ଼ିକୁ ଆତ୍ମପ୍ରକାଶର କାର୍ଯ୍ୟ ନ କହି କାରଣ-ରୂପେ ନିର୍ଦ୍ଦେଶ କରିବା ଏବଂ ପ୍ରକୃତିର ଏହି ବିଚିତ୍ର ଅଭିବ୍ୟକ୍ତିର ସହାୟକ ବୋଲି କହିବା ଯୁକ୍ତିଯୁକ୍ତ ନୁହେଁ । ହଜାର ପାପୀର ପ୍ରାଣ ସଂହାର କରି ଜଗତରୁ ପାପ ଦୂର କରିବାର ଚେଷ୍ଟାଦ୍ୱାରା ଜଗତରେ ପାପର ବୃଦ୍ଧି ହିଁ ହୁଏ । କିନ୍ତୁ ଉପଦେଶ ଦେଇ ଜୀବକୁ ପାପରୁ ନିବୃତ୍ତ କରିପାରିଲେ ଜଗତରେ ଆଉ ପାପ ରହେ ନାହିଁ । ଏବେ ଦେଖନ୍ତୁ, ପାଶ୍ଚାତ୍ୟ struggle theory (ଜୀବସବୁର ପରସ୍ପର ସଂଗ୍ରାମ ଓ ପ୍ରତିଦ୍ୱନ୍ଦ୍ୱିତା ଦ୍ୱାରା ଉନ୍ନତିଲାଭରୂପକ ମତ) କେତେଦୂର horrible (ଭୀଷଣ) ହୋଇପଡ଼ୁଛି !

ପ୍ରମଦା ବାବୁ ସ୍ୱାମୀଜୀଙ୍କ କଥା ଶୁଣି ସ୍ତମ୍ଭିତ ହୋଇ ରହିଲେ । ଅବଶେଷରେ କହିଲେ—'ଆପଣଙ୍କ ପରି ପ୍ରାଚ୍ୟ-ପାଶ୍ଚାତ୍ୟ ଦର୍ଶନରେ ଅଭିଜ୍ଞ ଲୋକଙ୍କର ଭାରତବର୍ଷରେ ବର୍ତ୍ତମାନ ବିଶେଷ ପ୍ରୟୋଜନ ରହିଛି । ଏହିପରି ଲୋକମାନେ ହିଁ ଏକଦେଶଦର୍ଶୀ ଶିକ୍ଷିତ ଜନଗଣଙ୍କର ଭ୍ରମ-ପ୍ରମାଦ ଆଙ୍ଗୁଳିରେ ଦେଖାଇ ଦେବାକୁ ସମର୍ଥ । ଆପଣଙ୍କର evolution theory (କ୍ରମବିକାଶବାଦ)-ର ନୂତନ ବ୍ୟାଖ୍ୟା ଶୁଣି ମୁଁ ପରମ ଆହ୍ଲାଦିତ ହେଲି ।'

---

* ପାତଞ୍ଜଳଯୋଗସୂତ୍ରମ୍, ୪।୨

ଶିଷ୍ୟ ସ୍ୱାମୀ ଯୋଗାନନ୍ଦଙ୍କ ସହିତ ରାତ୍ର ପ୍ରାୟ ୮ଟା ସମୟରେ ଟ୍ରାମ୍ ଯୋଗେ ବାଗ୍‌ବଜାରକୁ ଫେରି ଆସିଲା । ସ୍ୱାମୀଜୀ ଏହାର ପ୍ରାୟ ୧୫ ମିନିଟ ପୂର୍ବରୁ ଫେରି ବିଶ୍ରାମ କରୁଥିଲେ । ପ୍ରାୟ ଅର୍ଦ୍ଧଘଣ୍ଟା ବିଶ୍ରାମାନ୍ତେ ସେ ବୈଠକଖାନାରେ ଆମମାନଙ୍କ ନିକଟରେ ଉପସ୍ଥିତ ହେଲେ । ସ୍ୱାମୀଜୀ ଆଜି ପଶୁଶାଳା ଦେଖିବାକୁ ଯାଇ ରାମବ୍ରହ୍ମ ବାବୁଙ୍କ ନିକଟରେ କ୍ରମବିକାଶବାଦର ଅପୂର୍ବ ବ୍ୟାଖ୍ୟା କରିଛନ୍ତି ଶୁଣି, ଏମାନେ ସମସ୍ତେ ଏହି ପ୍ରସଙ୍ଗ ବିଶେଷ-ରୂପେ ଶୁଣିବା ନିମିତ୍ତ ଇତିପୂର୍ବେ ସମୁତ୍ସୁକ ଥିଲେ । ଅତଏବ ସେ ଆସିବା ମାତ୍ରେ ସମସ୍ତଙ୍କର ଅଭିପ୍ରାୟ ବୁଝି ଶିଷ୍ୟ ସେହି ପ୍ରସଙ୍ଗ ପକାଇଲା ।

ଶିଷ୍ୟ : ଆଜ୍ଞା, ପଶୁଶାଳାରେ କ୍ରମବିକାଶ ସମ୍ବନ୍ଧରେ ଯାହା କହିଥିଲେ, ତାହା ଭଲକରି ବୁଝିପାରି ନାହିଁ । ଅନୁଗ୍ରହ କରି ସହଜ ଭାଷାରେ ତାହା ପୁଣି କହିବେ କି ?

ସ୍ୱାମୀଜୀ : କାହିଁକି, କଅଣ ବୁଝି ନାହୁଁ ?

ଶିଷ୍ୟ : ଆପଣ ଅନ୍ୟାନ୍ୟ ଅନେକ ସମୟରେ ଆମମାନଙ୍କୁ କହିଛନ୍ତି ଯେ, ବାହାର ଶକ୍ତିସମୂହ ସହିତ ସଂଗ୍ରାମ କରିବାର କ୍ଷମତା ହିଁ ଜୀବନର ଚିହ୍ନ ଏବଂ ତାହା ହିଁ ଉନ୍ନତିର ସୋପାନ । ଆଜି ପୁଣି ଯେପରି ଓଲଟା କଥା କହିଲେ ।

ସ୍ୱାମୀଜୀ : ଓଲଟା କହିବି କାହିଁକି ? ତୁ ବୁଝିପାରି ନାହୁଁ ।Animal kingdom ବା ନିମ୍ନ ପ୍ରାଣୀଜଗତରେ ଆମେମାନେ ସତକୁ ସତ struggle for existence, survival of the fittest (ଜୀବନସଂଗ୍ରାମ, ଯୋଗ୍ୟତମର ଉଦ୍‌ବର୍ତ୍ତନ) ପ୍ରଭୃତି ନିୟମ ସ୍ପଷ୍ଟ ଦେଖିବାକୁ ପାଉଁ । ସେଥିପାଇଁ ଡାରଉଇନ୍‌ଙ୍କ theory (ତତ୍ତ୍ୱ) ଅନେକଟା ସତ୍ୟ ବୋଲି ପ୍ରତୀୟତ ହୁଏ । କିନ୍ତୁ human kigdom ବା ମନୁଷ୍ୟ-ଜଗତରେ ଯେଉଁଠାରେ rationality-ର (ବିଚାରବୁଦ୍ଧିର) ବିକାଶ, ସେଠାରେ ଏହି ନିୟମର ବିପରୀତ ଦେଖାଯାଏ । ମନେକର ଯେଉଁମାନଙ୍କୁ ଆମେ really great men (ବାସ୍ତବିକ୍ ବଡ଼ଲୋକ) ବା ideal (ଆଦର୍ଶ) ବୋଲି ଜାଣୁ, ସେମାନଙ୍କର ବାହ୍ୟ struggle (ସଂଗ୍ରାମ) ଏକାବେଳକେ ଦେଖିବାକୁ ମିଳେ ନାହିଁ । Animal kingdom ବା ମନୁଷ୍ୟେତର ପ୍ରାଣୀ-ଜଗତରେ instinct ବା ସ୍ୱାଭାବିକ ଜ୍ଞାନର ପ୍ରାବଲ୍ୟ । ମନୁଷ୍ୟ କିନ୍ତୁ ଯେତେ ଉନ୍ନତ ହୁଏ, ତାହାଠାରେ ସେତେ rationality-ର (ଜ୍ଞାନବୁଦ୍ଧିର) ବିକାଶ ଘଟେ । ଏଥିପାଇଁ animal-kingdom (ପ୍ରାଣୀଜଗତ) ପରି rational human-kingdom (ବୁଦ୍ଧିଯୁକ୍ତ ମନୁଷ୍ୟ-ଜଗତ)-ରେ ପରର ଧ୍ୱଂସ ସାଧନ କରି progress (ଉନ୍ନତି) ହୋଇ-ପାରେ ନାହିଁ । ମାନବର ସର୍ବଶ୍ରେଷ୍ଠ evolution (ପୂର୍ଣ୍ଣବିକାଶ) ଏକମାତ୍ର sacrifice (ତ୍ୟାଗ) ଦ୍ୱାରା ସାଧିତ ହୁଏ । ଯେ ପର ପାଇଁ ଯେତେ sacrifice (ତ୍ୟାଗ) କରିପାରେ, ମନୁଷ୍ୟ ମଧ୍ୟରେ ସେ ସେତେ ବଡ଼ । ଆଉ ନିମ୍ନସ୍ତରର ପ୍ରାଣୀଜଗତରେ ଯେ ଯେତେ ଧ୍ୱଂସ କରିପାରେ, ସେ ସେତେ ବଳବାନ୍ ଜନ୍ତୁ । ସୁତରାଂ struggle theory (ଜୀବନ-ସଂଗ୍ରାମ-ତତ୍ତ୍ୱ) ଏ ଉଭୟ ରାଜ୍ୟରେ equally applicable (ସମଭାବରେ ଉପଯୋଗୀ) ହୋଇ ନ ପାରେ । ମନୁଷ୍ୟର struggle ହେଉଛି ମନରେ । ମନକୁ ଯେ ଯେତେ control

(ଆତ୍ମତ୍ତ୍ୱ) କରିପାରିଛ, ସେ ସେତେ ବଡ଼ ହୋଇଛି । ମନର ସମ୍ପୂର୍ଣ୍ଣ ବୃତ୍ତିହୀନତାରେ ଆତ୍ମାର ବିକାଶ ହୁଏ । Animal-kingdom-ରେ (ମାନବେତର ପ୍ରାଣୀଜଗତରେ) ସ୍ଥୂଳ ଦେହର ସଂରକ୍ଷଣରେ ଯେଉଁ struggle (ସଂଗ୍ରାମ) ପରିଲକ୍ଷିତ ହୁଏ, human plane of existence-ରେ (ମାନବଜୀବନରେ) ମନ ଉପରେ ଆଧିପତ୍ୟଲାଭ ନିମିତ୍ତ ବା ସତ୍ତ୍ୱବୃତ୍ତି-ସମ୍ପନ୍ନ ହେବା ନିମିତ୍ତ ସେହି struggle (ସଂଗ୍ରାମ) ଚାଲିଛି । ଜୀବନ୍ତ ବୃକ୍ଷ ଓ ପୁଷ୍କରିଣୀ ଜଳରେ ପତିତ ବୃକ୍ଷ-ଛାୟାପରି ମନୁଷ୍ୟେତର ପ୍ରାଣୀ ଓ ମନୁଷ୍ୟ ଜଗତରେ struggle (ସଂଗ୍ରାମ) ବିପରୀତ ଦେଖାଯାଏ ।

ଶିଷ୍ୟ : ତାହାହେଲେ ଆପଣ ଆମର ଶାରୀରିକ ଉନ୍ନତିସାଧନ ନିମିତ୍ତ ଏତେକରି କହନ୍ତି କାହିଁକି ?

ସ୍ୱାମୀଜୀ : ତୁମେ କଅଣ ପୁଣି ମନୁଷ୍ୟ ? ତେବେ ଟିକିଏ rationality (ବିଚାର-ବୁଦ୍ଧି) ଅଛି, ଏତିକିମାତ୍ର । Physique (ଦେହଟା) ଭଲ ନ ହେଲେ ମନ ସହିତ struggle (ସଂଗ୍ରାମ) କରିବୁ କିପରି ? ତୁମେ କଅଣ ଆଉ ଜଗତର highest evolution (ପୂର୍ଣ୍ଣ-ବିକାଶସ୍ଥଳ) ମନୁଷ୍ୟ ପଦବାଚ୍ୟ ହୋଇ ଅଛ ? ଆହାର, ନିଦ୍ରା, ମୈଥୁନ ଭିନ୍ନ ତୁମର ଆଉ ଅଛି କଅଣ ? ଏବେ ବି ଯେ ଚତୁଷ୍ପଦ ହୋଇଯାଇ ନାହଁ, ଏହା ହିଁ ଢେର । ଠାକୁର କହନ୍ତି—'ମନ-ଚୈତନ୍ୟ ଯାହାର ଅଛି ସେ ମନୁଷ୍ୟ' । 'ତୁମେ ତ 'ଜାୟସ୍ୱ' 'ମ୍ରିୟସ୍ୱ' ବାକ୍ୟର ସାକ୍ଷୀ ହୋଇ ସ୍ୱଦେଶବାସୀର ହିଂସାର ସ୍ଥଳ ଏବଂ ବିଦେଶୀମାନଙ୍କର ଘୃଣାର ଆସ୍ପଦ ହୋଇ ରହିଛ । ତୁମେ animal (ମାନବେତର ପ୍ରାଣୀ); ସେଥିପାଇଁ struggle (ସଂଗ୍ରାମ) କରିବାକୁ କହେ । ଥିଓରି ଫିଓରି ରଖିଦେ । ନିଜର ଦୈନନ୍ଦିନ କାର୍ଯ୍ୟ ଓ ବ୍ୟବହାର ସ୍ଥିରଭାବରେ ଆଲୋଚନା କରି ଦେଖ ଦେଖି, ତୁମେ animal and human plane-ର (ମାନବ ଏବଂ ମାନବେତର ସ୍ତରର) ମଧ୍ୟବର୍ତ୍ତୀ ଜୀବବିଶେଷ କି ନାହିଁ ? Physiqueଟା (ଦେହଟା)-କୁ ଆଗେ ଗଢ଼ । ତେବେ ତ ମନ ଉପରେ କ୍ରମେ ଆଧିପତ୍ୟ ଲାଭ ହେବ 'ନାୟମାତ୍ମା ବଲହୀନେନ ଲଭ୍ୟଃ'—ବୁଝିଲୁ ।

ଶିଷ୍ୟ : ଆଜ୍ଞା, 'ବଲହୀନେନ' ଅର୍ଥ ଭାଷ୍ୟକାର 'ବ୍ରହ୍ମଚର୍ଯ୍ୟହୀନେନ' ବୋଲି କହିଛନ୍ତି ।

ସ୍ୱାମୀଜୀ : ତାହା କହୁଥାନ୍ତୁ । ମୁଁ କହୁଛି—the physically weaks are unfit for the realisation of the Self (ଦୁର୍ବଳ ଶରୀରରେ ଆତ୍ମ-ସାକ୍ଷାତ୍କାର ଲାଭ ହୁଏ ନାହିଁ ।)

ଶିଷ୍ୟ : କିନ୍ତୁ ସବଳ ଶରୀରରେ ଅନେକ ଜଡ଼ବୁଦ୍ଧି ବି ତ ଦେଖାଯାଏ ।

ସ୍ୱାମୀଜୀ : ତାଙ୍କୁ ଯଦି ତୁ ଯତ୍ନ କରି ଭଲ idea (ଭାବ) ଥରେ ଦେଇପାରୁ, ତା' ହେଲେ ସେମାନେ ଯେତେ ଶୀଘ୍ର ତାହା work out (କାର୍ଯ୍ୟରେ ପରିଣତ) କରିପାରିବେ, ହୀନବୀର୍ଯ୍ୟ ଲୋକେ ସେତେ ଶୀଘ୍ର ପାରିବେ ନାହିଁ । ଦେଖୁ ନାହୁଁ, କ୍ଷୀଣ ଶରୀରରେ କାମ-କ୍ରୋଧର ବେଗ ଧାରଣ ହୁଏ ନାହିଁ । ମଡ଼ିଆ ଲୋକଗୁଡ଼ାକ ଶୀଘ୍ର ରାଗିଯାଆନ୍ତି—ଶୀଘ୍ର କାମମୋହିତ ହୁଅନ୍ତି ।

ଶିଷ୍ୟ : କିନ୍ତୁ ଏ ନିୟମର ବ୍ୟତିକ୍ରମ ବି ତ ଦେଖିବାକୁ ମିଳେ ।

ସ୍ୱାମୀଜୀ : ସେକଥା କିଏ ନାହିଁ କରୁଛି ? ମନ ଉପରେ ଥରେ control (ସଂଯମ) ଆସିଗଲେ, ଦେହ ସବଳ ଥାଉ ବା ଶୁଖିଯାଉ, ସେଥିରେ ଆଉ ଯାଏ ଆସେ ନାହିଁ । ମୋଟ କଥା ହେଉଛି physique (ଶରୀର) ଭଲ ନ ହେଲେ ସେ ଆତ୍ମଜ୍ଞାନର ଅଧିକାରୀ ବି ହୋଇପାରିବ ନାହିଁ । ଠାକୁର କହୁଥିଲେ—'ଶରୀରରେ ଏତେ ଟିକିଏ ଖୁଣ ଥିଲେ ଜୀବ ସିଦ୍ଧ ହୋଇପାରେ ନାହିଁ ।'

କିଛି ସମୟ ପରେ ସ୍ୱାମୀଜୀ ରହସ୍ୟ କରି ଉପସ୍ଥିତ ସମସ୍ତଙ୍କୁ କହିବାକୁ ଲାଗିଲେ, 'ଆଉ ଗୋଟାଏ କଥା ଶୁଣିଛନ୍ତି ? ଆଜି ଏହି ଭଟ୍ଟାଚାର୍ଯ୍ୟ ବ୍ରାହ୍ମଣ ନିବେଦିତାର ଅଇଁଠା ଖାଇ ଆସିଛି । ତା'ର ଛୁଆଁ ମିଷ୍ଟାନ୍ନ ନ ହେଲେ ଖାଇଲା, ସେଥିରେ ସେତେ ଯାଏ ଆସେ ନାହିଁ, କିନ୍ତୁ ତା'ର ଛୁଆଁ ପାଣିଟା କିପରି ପିଇଲା ?'

ଶିଷ୍ୟ : ତାହା ଆପଣ ତ ଆଦେଶ କରିଥିଲେ । ଗୁରୁଙ୍କ ଆଦେଶରେ ମୁଁ ସବୁ କରିପାରେ । ପାଣି ପିଇବାକୁ କିନ୍ତୁ ମୁଁ ନାରାଜ ଥିଲି—ଆପଣ ପାନ କରି ମୋତେ ଦେଲେ, ତେଣୁ ପ୍ରସାଦ ବୋଲି ପିଇଦେଲି ।

ସ୍ୱାମୀଜୀ : ତୋର ଜାତିର ଦଫା ରଫା ହୋଇଯାଇଛି ।—ଏବେ ଆଉ ତୋତେ କେହି ଭଟ୍ଟାଚାର୍ଯ୍ୟ ବ୍ରାହ୍ମଣ ବୋଲି ମାନିବେ ନାହିଁ ।

ଶିଷ୍ୟ : ନ ମାନିଲେ ନ ମାନନ୍ତୁ । ମୁଁ ଆପଣଙ୍କ ଆଦେଶରେ ଚଣ୍ଡାଳର ଭାତ ବି ଖାଇପାରେ ।

କଥା ଶୁଣି ସ୍ୱାମୀଜୀ ଓ ଉପସ୍ଥିତ ସମସ୍ତେ ହୋ ହୋ କରି ହସି ଉଠିଲେ ।

## ୨୧

ସ୍ଥାନ—ବେଲୁଡ଼, ଭଡ଼ା ମଠଘର

କାଳ—୧୮୯୮

ଆଜି ଦିନ ପ୍ରାୟ ଦୁଇଟା ସମୟରେ ଶିଷ୍ୟ ପଦବ୍ରଜରେ ମଠକୁ ଆସିଛି । ନୀଳାମ୍ବରବାବୁଙ୍କ ବଗିଚା-ଘରକୁ ବର୍ତ୍ତମାନ ମଠ ଉଠାଇ ଅଣାହୋଇଛି ଏବଂ ବର୍ତ୍ତମାନ ମଠର ଜମି ମଧ୍ୟ ଅଳ୍ପଦିନ ହେଲା ଖରିଦ କରାଯାଇଅଛି । ସ୍ୱାମୀଜୀ ଶିଷ୍ୟକୁ ସଙ୍ଗରେ ନେଇ ପ୍ରାୟ ଚାରିଟା ବେଳେ ମଠର ନୂତନ ଜମିରେ ବୁଲିବାକୁ ବାହାରିଛନ୍ତି । ମଠର ଜମି ସେତେବେଳେ ଜଙ୍ଗଲପୂର୍ଣ୍ଣ । ଜମିଟିର ଉତ୍ତରାଂଶରେ ସେତେବେଳେ ଖଣ୍ଡିଏ ଏକତାଲା କୋଠାଘର ଥିଲା । ତାହା ସଂସ୍କାର କରି ବର୍ତ୍ତମାନର ମଠଘର ନିର୍ମିତ ହୋଇଅଛି । ମଠର ଜମିଟି ଯିଏ ଖରିଦ କରାଇ ଦେଇଥିଲେ, ସେ ମଧ୍ୟ ସ୍ୱାମୀଜୀଙ୍କ ସଙ୍ଗେ କିଛି ଦୂର ପର୍ଯ୍ୟନ୍ତ

ଅସି ବିଦାୟ ନେଲେ । ସ୍ୱାମୀଜୀ ଶିଷ୍ୟ ସଙ୍ଗେ ମଠର ଜମିରେ ଭ୍ରମଣ କରିବାକୁ ଲାଗିଲେ ଓ କଥାପ୍ରସଙ୍ଗରେ ଭାବୀ ମଠର କାର୍ଯ୍ୟକାରିତା ଓ ବିଧିବିଧାନ ପର୍ଯ୍ୟାଲୋଚନା କରିବାକୁ ଲାଗିଲେ ।

କ୍ରମେ ଏକତାଲା ଘରର ପୂର୍ବ ଦିଗରେ ବାରଣ୍ଡାରେ ପହଞ୍ଚି ବୁଲୁବୁଲୁ ସ୍ୱାମୀଜୀ କହିଲେ : ଏହିଠାରେ ସାଧୁମାନଙ୍କର ରହିବାର ସ୍ଥାନ ହେବ । ସାଧନ-ଭଜନ, ଜ୍ଞାନ-ଚର୍ଚ୍ଚାରେ ଏହି ମଠ ପ୍ରଧାନ କେନ୍ଦ୍ରସ୍ଥାନ ହେବ, ଏହା ହିଁ ମୋର ଅଭିପ୍ରାୟ । ଏହି ସ୍ଥାନରୁ ଯେଉଁ ଶକ୍ତିର ଅଭ୍ୟୁଦୟ ହେବ, ତାହା ଜଗତରେ ବ୍ୟାପିଯିବ । ମନୁଷ୍ୟର ଜୀବନ-ଗତି ଫେରାଇଦେବ । ଜ୍ଞାନ, ଭକ୍ତି, ଯୋଗ ଓ କର୍ମର ଏକତ୍ର ସମନ୍ୱୟରେ ଏହି ସ୍ଥାନରୁ ideals (ଉଚ୍ଚାଦର୍ଶସବୁ) ବାହାରିବ । ଏହି ମଠର ପୁରୁଷମାନଙ୍କର ଇଙ୍ଗିତରେ ସମୟରେ ଦିଗ-ଦିଗନ୍ତରରେ ପ୍ରାଣର ସଞ୍ଚାର ହେବ । ଯଥାର୍ଥ ଧର୍ମାନୁରାଗୀଗଣ ସବୁକାଳେ ଏଠାରେ ଆସି ଜୁଟିବେ—ମନରେ ଏହିପରି କେତେ କଳ୍ପନାର ଉଦୟ ହେଉଛି ।

ମଠର ଯେଉଁ ଦକ୍ଷିଣ ଭାଗର ଜମି ଦେଖୁଛୁ, ସେଠାରେ ବିଦ୍ୟାର କେନ୍ଦ୍ରସ୍ଥଳ ହେବ । ବ୍ୟାକରଣ, ଦର୍ଶନ, ବିଜ୍ଞାନ, କାବ୍ୟ, ଅଳଙ୍କାର, ସ୍ମୃତି, ଭକ୍ତିଶାସ୍ତ୍ର ଆଉ ରାଜକୀୟ ଭାଷା ସେହି ସ୍ଥାନରେ ଶିକ୍ଷା ଦିଆଯିବ । ପ୍ରାଚୀନ ଟୋଲ୍‌ର ଧରଣରେ ଏହି ବିଦ୍ୟାମନ୍ଦିର ସ୍ଥାପିତ ହେବ । ବାଲବ୍ରହ୍ମଚାରୀମାନେ ଏହିଠାରେ ବାସ କରି ଶାସ୍ତ୍ରପାଠ କରିବେ । ସେମାନଙ୍କର ଅଶନ-ବସନ ସବୁ ମଠରୁ ଦିଆ ହେବ । ଏହିସବୁ ବ୍ରହ୍ମଚାରୀମାନେ ପାଞ୍ଚବର୍ଷ training (ଶିକ୍ଷା-ଲାଭ) ପରେ ଇଚ୍ଛା କଲେ ଘରକୁ ଫେରିଯାଇ ସଂସାରୀ ହୋଇପାରିବେ । ମଠର ମହାପୁରୁଷମାନଙ୍କ ଅଭିମତରେ ସନ୍ନ୍ୟାସ ମଧ୍ୟ ଇଚ୍ଛା କଲେ ନେଇପାରିବେ । ଏହି ବ୍ରହ୍ମଚାରୀ-ମାନଙ୍କ ଭିତରୁ ଯେଉଁମାନଙ୍କ ମଧ୍ୟରେ ଉଚ୍ଛୃଙ୍ଖଳତା ବା ଅସଚ୍ଚରିତ୍ରତା ଦେଖାଯିବ, ସେମାନଙ୍କୁ ମଠର ସ୍ୱାମୀମାନେ ତତ୍‌କ୍ଷଣାତ୍ ବାହାର କରିଦେଇପାରିବେ । ଏଠାରେ ଜାତି-ବର୍ଣ୍ଣ-ନିର୍ବିଶେଷରେ ଅଧ୍ୟୟନ କରାଯିବ । ଏଥିରେ ଯେଉଁମାନଙ୍କର objection (ଆପତ୍ତି) ଥିବ, ସେମାନଙ୍କୁ ନିଆଯିବ ନାହିଁ । ତେବେ ନିଜର ଜାତି, ବର୍ଣ୍ଣାଶ୍ରମାଚାର ମାନି ଯେଉଁମାନେ ଚଳିବାକୁ ଚାହିଁବେ, ସେମାନଙ୍କ ଆହାରାଦିର ବନ୍ଦୋବସ୍ତ ନିଜେ ନିଜେ କରି ନେବାକୁ ହେବ । ମାତ୍ର ସେମାନେ ସମସ୍ତଙ୍କ ସହିତ ଏକତ୍ର ଅଧ୍ୟୟନ କରିବେ । ସେମାନଙ୍କର ଚରିତ୍ର ବିଷୟରେ ମଧ୍ୟ ମଠର ସ୍ୱାମୀମାନେ ସର୍ବଦା ତୀକ୍ଷ୍ଣ ଦୃଷ୍ଟି ରଖିବେ । ଏଠାରେ trained (ଶିକ୍ଷିତ) ନ ହେଲେ କେହି ସନ୍ନ୍ୟାସର ଅଧିକାରୀ ହୋଇପାରିବେ ନାହିଁ । କ୍ରମେ ଏହିପରି ଯେତେବେଳେ ଏହି ମଠର କାର୍ଯ୍ୟ ଆରମ୍ଭ ହେବ, ସେତେବେଳେ କିପରି ହେବ କହ ଦେଖି ?

ଶିଷ୍ୟ : ଆପଣ ତେବେ ପ୍ରାଚୀନ କାଳ ପରି ଗୁରୁଗୃହରେ ବ୍ରହ୍ମଚର୍ଯ୍ୟାଶ୍ରମର ଅନୁଷ୍ଠାନ ପୁନରାୟ ଦେଶରେ ଚଳାଇବାକୁ ଚାହାଁନ୍ତି ?

ସ୍ୱାମୀଜୀ : ନୁହେଁ ତ କଅଣ ? Modern system of education-ରେ (ବର୍ତ୍ତମାନର ଶିକ୍ଷା ପଦ୍ଧତିରେ) ବ୍ରହ୍ମବିଦ୍ୟା-ବିକାଶର ସୁଯୋଗ କିଛିମାତ୍ର ନାହିଁ । ପୂର୍ବପରି ବ୍ରହ୍ମଚର୍ଯ୍ୟାଶ୍ରମ ପ୍ରତିଷ୍ଠିତ କରିବାକୁ ହେବ । ତେବେ ବର୍ତ୍ତମାନ broad basis (ଉଦାର

ଭାବ) ଉପରେ ତା'ର foundation (ଭିତ୍ତିସ୍ଥାପନ) କରିବାକୁ ହେବ, ଅର୍ଥାତ୍ କାଳୋପଯୋଗୀ ଅନେକ ପରିବର୍ତ୍ତନ ସେଥିରେ ଭରିବାକୁ ହେବ । ସେସବୁ ପରେ କହିବି ।

ସ୍ୱାମୀଜୀ ପୁଣି କହିବାକୁ ଲାଗିଲେ, 'ମଠର ଦକ୍ଷିଣରେ ଏହି ଯେ ଜମିଟା ଅଛି, ଏହା ମଧ୍ୟ ସମୟରେ କିଣିନେବାକୁ ହେବ । ଏଠାରେ ମଠର ଅନ୍ନଛତ୍ର ହେବ । ଏଠାରେ ଯଥାର୍ଥ ଦୀନଦୁଃଖୀମାନଙ୍କୁ ନାରାୟଣ-ଜ୍ଞାନରେ ସେବା କରିବାର ବନ୍ଦୋବସ୍ତ ରହିବ । ସେହି ଅନ୍ନଛତ୍ର ଠାକୁରଙ୍କ ନାମରେ ପ୍ରତିଷ୍ଠିତ ହେବ । ଯେପରି funds (ଟଙ୍କା) ଜୁଟିବ, ସେହି ଅନୁସାରେ ଅନ୍ନଛତ୍ର ପ୍ରଥମେ ଖୋଲିବାକୁ ହେବ । ଏପରିକି ପ୍ରଥମରେ ଦୁଇ ତିନୋଟି ଲୋକଙ୍କୁ ନେଇ start (କାର୍ଯ୍ୟାରମ୍ଭ) କରିବାକୁ ହେବ । ଉତ୍ସାହୀ ବ୍ରହ୍ମଚାରୀମାନଙ୍କୁ ଏହି ଅନ୍ନଛତ୍ର ଚଳାଇବାରେ train କରିବାକୁ (ଶିଖାଇବାକୁ) ହେବ । ସେମାନଙ୍କୁ ଯୋଗାଡ଼ଯନ୍ତ୍ର କରି—ଦରକାର ହେଲେ ଭିକ୍ଷା କରି—ଏହି ଅନ୍ନଛତ୍ର ଚଳାଇବାକୁ ହେବ । ମଠ ଏ ବିଷୟରେ କୌଣସି ପ୍ରକାର ଅର୍ଥ ସାହାଯ୍ୟ କରିପାରିବ ନାହିଁ । ବ୍ରହ୍ମଚାରୀମାନଙ୍କୁ ହିଁ ସେଥିପାଇଁ ଅର୍ଥ ସଂଗ୍ରହ କରି ଆଣିବାକୁ ହେବ । ସେବାସୂତ୍ରରେ ସେହି ଭାବରେ ପାଞ୍ଚବର୍ଷ training (ଶିକ୍ଷା)-ଲାଭ ସମ୍ପୂର୍ଣ୍ଣ ହେଲେ ଯାଇ ସେମାନେ ବିଦ୍ୟାମନ୍ଦିର ଶାଖାରେ ପ୍ରବେଶାଧିକାର ଲାଭ କରିପାରିବେ । ଅନ୍ନଛତ୍ରରେ ପାଞ୍ଚବର୍ଷ, ଆଉ ବିଦ୍ୟାଶ୍ରମରେ ପାଞ୍ଚବର୍ଷ ମୋଟ ଦଶ ବର୍ଷ ଶିକ୍ଷା training (ଶିକ୍ଷା) ପରେ ମଠର ସ୍ୱାମୀମାନଙ୍କ ଦ୍ୱାରା ଦୀକ୍ଷିତ ହୋଇ ସନ୍ନ୍ୟାସାଶ୍ରମରେ ପ୍ରବେଶ କରିପାରିବେ—ଅବଶ୍ୟ ଯଦି ସେମାନଙ୍କର ସନ୍ନ୍ୟାସୀ ହେବାକୁ ଇଚ୍ଛା ହୁଏ ଓ ମଠର ଅଧ୍ୟକ୍ଷମାନଙ୍କର ତାଙ୍କୁ ଉପଯୁକ୍ତ ଅଧିକାରୀ ବୁଝି ସନ୍ନ୍ୟାସୀ କରିବାର ମତ ହୁଏ । ତେବେ ମଠାଧ୍ୟକ୍ଷ କୌଣସି କୌଣସି ବିଶେଷ ସଦ୍‌ଗୁଣ-ସମ୍ପନ୍ନ ବ୍ରହ୍ମଚାରୀ ସମ୍ବନ୍ଧରେ ଏ ନିୟମର ବ୍ୟତିକ୍ରମ କରି ତାଙ୍କୁ ଯେତେବେଳେ ଇଚ୍ଛା ସେତେବେଳେ ସନ୍ନ୍ୟାସ-ଦୀକ୍ଷା ଦେଇପାରିବେ । ସାଧାରଣ ବ୍ରହ୍ମଚାରୀମାନଙ୍କୁ କିନ୍ତୁ ପୂର୍ବେ ଯେପରି କହିଲି ସେହି ଭାବରେ କ୍ରମେ କ୍ରମେ ସନ୍ନ୍ୟାସାଶ୍ରମରେ ପ୍ରବେଶ କରିବାକୁ ହେବ । ମୋ ମୁଣ୍ଡରେ ଏହିସବୁ idea (ଭାବ) ରହିଛି ।'

ଶିଷ୍ୟ : ଆଜ୍ଞା, ମଠରେ ଏହିପରି ତିନଟି ଶାଖା ସ୍ଥାପନର ଉଦ୍ଦେଶ୍ୟ କଅଣ ହେବ ?

ସ୍ୱାମୀଜୀ : ବୁଝିଲୁ ନାହିଁ ? ପ୍ରଥମେ ଅନ୍ନଦାନ, ତା'ପରେ ବିଦ୍ୟାଦାନ, ସର୍ବୋପରି ଜ୍ଞାନଦାନ । ଏହି ତିନି ଭାବର ସମନ୍ୱୟ ଏହି ମଠରୁ କରିବାକୁ ହେବ । ଅନ୍ନଦାନ କରିବାର ଚେଷ୍ଟା କରୁ କରୁ ବ୍ରହ୍ମଚାରୀମାନଙ୍କ ମନରେ ପରାର୍ଥ କର୍ମତତ୍ପରତା ଓ ଶିବ-ଜ୍ଞାନରେ ଜୀବ-ସେବାରେ ଭାବ ଦୃଢ଼ ହେବ । ସେଥିରୁ ସେମାନଙ୍କ ଚିତ୍ତ କ୍ରମେ ନିର୍ମଳ ହୋଇ ତହିଁରେ ସତ୍ତ୍ୱଭାବର ସ୍ଫୁରଣ ହେବ । ତାହାହେଲେ ଯାଇ ବ୍ରହ୍ମଚାରୀମାନେ ଯଥାସମୟରେ ବ୍ରହ୍ମବିଦ୍ୟାଲାଭର ଯୋଗ୍ୟତା ଓ ସନ୍ନ୍ୟାସାଶ୍ରମରେ ପ୍ରବେଶାଧିକାର ଲାଭ କରିପାରିବେ ।

ଶିଷ୍ୟ : ଆଜ୍ଞା, ଜ୍ଞାନଦାନ ହିଁ ଯଦି ଶ୍ରେଷ୍ଠ ହୁଏ, ତେବେ ଆଉ ଅନ୍ନଦାନ ଓ ବିଦ୍ୟାଦାନର ଶାଖା ସ୍ଥାପନର ପ୍ରୟୋଜନ କଅଣ ?

ସ୍ୱାମୀଜୀ : ତୁ ଏତେବେଳଯାଏ ସୁଦ୍ଧା କଥାଟା ବୁଝିପାରିଲୁ ନାହିଁ । ଶୁଣ୍, ଏହି ଅନ୍ନ-ହା'-ହା'କାରର ଦିନରେ ତୁ ଯଦି ପରାର୍ଥେ, ସେବାକଳ୍ପେ ଦୀନଦୁଃଖୀଙ୍କୁ ଭିକ୍ଷା ଆଦି କରି

ଯେପରି ହେଉ, ଦି' ମୁଠା ଅନ୍ନ ଦେଇପାରୁ, ତାହାହେଲେ ଜୀବଜଗତ୍ ଓ ତୋର ମଙ୍ଗଳ ତ ହେବ—ତାହା ସଙ୍ଗେ ସଙ୍ଗେ ତୁ ଏହି ସତ୍‌କାର୍ଯ୍ୟ ନିମିତ୍ତ ସମସ୍ତଙ୍କର sympathy (ସହାନୁଭୂତି) ପାଇବୁ । ଏହି ସତ୍‌କାର୍ଯ୍ୟ ପାଇଁ ତୋତେ ବିଶ୍ୱାସ କରି କାମକାଞ୍ଚନାବଦ୍ଧ ସଂସାରୀ ଜୀବମାନେ ସାହାଯ୍ୟ କରିବାକୁ ଅଗ୍ରସର ହେବେ । ତୁ ବିଦ୍ୟାଦାନ ବା ଜ୍ଞାନଦାନ ପାଇଁ ଯେତେ ଲୋକ ଆକର୍ଷଣ କରିପାରିବୁ, ତା'ର ସହସ୍ରଗୁଣ ଲୋକ ତୋର ଏହି ଅଯାଚିତ ଅନ୍ନଦାନରେ ଆକୃଷ୍ଟ ହେବେ । ଏହି କାର୍ଯ୍ୟରେ ତୁ public sympathy (ସାଧାରଣର ସହାନୁଭୂତି) ଯେତେ ପାଇବୁ, ସେତେ ଆଉ କୌଣସି କାର୍ଯ୍ୟରେ ପାଇବୁ ନାହିଁ । ଯଥାର୍ଥ ସତ୍ କାର୍ଯ୍ୟରେ ମନୁଷ୍ୟ କାହିଁକି, ଭଗବାନ ବି ସହାୟ ହୁଅନ୍ତି । ଏହିପରି ଲୋକ ଆକୃଷ୍ଟ ହେଲେ ସେତେବେଳେ ସେମାନଙ୍କ ମଧ୍ୟରେ ବିଦ୍ୟା ଓ ଜ୍ଞାନାର୍ଜନର ସ୍ପୃହା ଉଦ୍ଦୀପିତ କରିପାରିବୁ । ସେଥିପାଇଁ ଆଗେ ଅନ୍ନଦାନ ।

ଶିଷ୍ୟ : ଆଜ୍ଞା, ଅନ୍ନଛତ୍ର କରିବାକୁ ପ୍ରଥମେ ସ୍ଥାନ ଆବଶ୍ୟକ । ତା'ପରେ ସେଥିପାଇଁ ଘରଦ୍ୱାର ନିର୍ମାଣ କରିବା ଆବଶ୍ୟକ । ତା'ପରେ କାମ ଚଳାଇବା ନିମିତ୍ତ ଟଙ୍କା କେଉଁଠୁ ଆସିବ ?

ସ୍ୱାମୀଜୀ : ମଠର ଦକ୍ଷିଣ ଦିଗଟା ମୁଁ ଏହିକ୍ଷଣି ଛାଡ଼ିଦେଉଛି ଓ ସେହି ବେଲଗଛ ତଳେ ଖଣ୍ଡେ ଚାଳଘର କରିଦେଉଛି । ତୁ ଗୋଟିଏ ଦିଓଟି ଅନ୍ଧ ଆତୁର ସନ୍ଧାନ କରି ନେଇ ଆସି କାଲିଠାରୁ ସେମାନଙ୍କ ସେବାରେ ଲାଗି ଯା ଦେଖି । ନିଜେ ଭିକ୍ଷା କରି ତାଙ୍କ ପାଇଁ ନେଇ ଆ । ନିଜେ ରାନ୍ଧି ତାଙ୍କୁ ଖୁଆ । ଏହି ରୂପେ କିଛିଦିନ କଲାପରେ ଦେଖିବୁ—ତୋର ଏହି କାମରେ କେତେ ଲୋକ ସାହାଯ୍ୟ କରିବାକୁ ଅଗ୍ରସର ହେବେ, କେତେ ଟଙ୍କା-କଉଡ଼ି ଦେବେ । 'ନ ହି କଲ୍ୟାଣକୃତ୍ କଶ୍ଚିତ୍ ଦୁର୍ଗତିଂ ତାତ ଗଚ୍ଛତି ।' (ଗୀତା, ୬।୪୦)

ଶିଷ୍ୟ : ହଁ, ତାହା ତ ଠିକ୍ । କିନ୍ତୁ ଏହିପରି ନିରନ୍ତର କର୍ମ କରୁ କରୁ କାଳେ କର୍ମବନ୍ଧନ ତ ଘଟିପାରେ ?

ସ୍ୱାମୀଜୀ : କର୍ମଫଳରେ ତୋର ଯଦି ଦୃଷ୍ଟି ନ ଥାଏ ଓ ସକଳ ପ୍ରକାର କାମନା-ବାସନାର ସୀମାର ସେ ପାରିକୁ ଯିବାର ତୋର ଯଦି ଏକାନ୍ତ ଅନୁରାଗ ଥାଏ, ତାହାହେଲେ ଏସବୁ ସତ୍‌କାର୍ଯ୍ୟ ତୋର କର୍ମବନ୍ଧନ-ମୋଚନରେ ହିଁ ସହାୟତା କରିବ । ଏପରି କର୍ମରେ ବନ୍ଧନ ଆସିବ, ଏ କଥା ତୁ କିଅଣ କହୁଛୁ ? ଏହିପରି ପରାର୍ଥ କର୍ମ ହିଁ ହେଉଛି କର୍ମ-ବନ୍ଧନର ମୂଳୋତ୍ପାଟନ କରିବାର ଏକମାତ୍ର ଉପାୟ । 'ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।'

ଶିଷ୍ୟ : ଆପଣଙ୍କ କଥାରେ ଅନ୍ନଛତ୍ର ଓ ସେବାଶ୍ରମ ସମ୍ବନ୍ଧରେ ଆପଣଙ୍କ ମନୋଭାବ ବିଶେଷ କରି ଶୁଣିବା ପାଇଁ ପ୍ରାଣରେ ଉତ୍ସାହ ଆସୁଛି ।

ସ୍ୱାମୀଜୀ : ଗରିବ ଦୁଃଖୀମାନଙ୍କ ପାଇଁ well ventilated (ବାୟୁ ଚଳାଚଳର ଉତ୍ତମ ପଥଯୁକ୍ତ) ଛୋଟ ଛୋଟ ଘର ତିଆରି କରିବାକୁ ହେବ । ଗୋଟିଏ ଗୋଟିଏ ଘରେ ସେମାନେ ଦୁଇ କି ତିନିଜଣ ମାତ୍ର ରହିବେ । ସେମାନଙ୍କୁ ଉତ୍ତମ ବିଛଣା, ପରିଷ୍କାର ଲୁଗା-ପଟା ସବୁ ଦେବାକୁ ହେବ । ତାଙ୍କ ପାଇଁ ଜଣେ ଡାକ୍ତର ରହିବେ । ସପ୍ତାହରେ ଥରେ କି

ଦୁଇଥର ସୁବିଧାମତେ ସେ ତାଙ୍କୁ ଦେଖିଯିବେ । ସେବାଶ୍ରମଟି ଅନ୍ନଛତ୍ର ଭିତରେ ଗୋଟିଏ ward (ୱାର୍ଡ) ପରି ରହିବ । ସେଠାରେ ରୋଗୀମାନଙ୍କର ଶୁଶ୍ରୂଷା କରାଯିବ । କ୍ରମେ ଯେତେବେଳେ fund (ଟଙ୍କା) ଆସିଯିବ, ସେତେବେଳେ ଗୋଟାଏ ବଡ଼ kitchen (ରନ୍ଧନଶାଳା) କରିବାକୁ ହେବ । ଅନ୍ନଛତ୍ରରେ କେବଳ 'ଦୀୟତାଂ, ନୀୟତାଂ, ଭୁଜ୍ୟତାମ୍' ଏହି ରବ ଉଠିବ । ଭାତର ପେଜ ଗଙ୍ଗାରେ ଗଡ଼ିଯାଇ ଗଙ୍ଗାର ଜଳ ଧଳା ହୋଇଯିବ । ଏହିପରି ଅନ୍ନଛତ୍ର ହୋଇଛି ଦେଖିଲେ ଯାଇ ମୋର ପ୍ରାଣଟା ଶୀତଳ ହେବ ।

ଶିଷ୍ୟ : ଆପଣଙ୍କର ଯେତେବେଳେ ଏପରି ଇଚ୍ଛା ହେଉଛି, ସେତେବେଳେ ବୋଧହୁଏ ସମୟରେ ଏହି ବିଷୟ ବାସ୍ତବିକ୍ କାର୍ଯ୍ୟକାରୀ ହେବ ।

ଶିଷ୍ୟର କଥା ଶୁଣି ସ୍ୱାମୀଜୀ ଗଙ୍ଗା ଆଡ଼କୁ ଚାହିଁ କିଛିକ୍ଷଣ ସ୍ଥିର ହୋଇ ରହିଲେ । ପରେ ପ୍ରସନ୍ନ ମୁଖରେ ସସ୍ନେହରେ ଶିଷ୍ୟକୁ କହିଲେ—ତୁମ ଭିତରେ କେବେ କାହାର ସିଂହ ଜାଗି ଉଠିବ, ତାହା କିଏ ଜାଣେ ? ତୁମର ଜଣକ ଭିତରେ ମା' ଯଦି ଶକ୍ତି ଜଗାଇ ଦିଅନ୍ତି, ତେବେ ଦୁନିଆ ସାରା ଏପରି କେତେ ଅନ୍ନଛତ୍ର ହେବ ! କ'ଣ ଜାଣ—ଜ୍ଞାନ, ଶକ୍ତି, ଭକ୍ତି, ସବୁ ସର୍ବଜୀବରେ ପୂର୍ଣ୍ଣ ଭାବରେ ଅଛି । ସେମାନଙ୍କ ବିକାଶର ତାରତମ୍ୟକୁ ହିଁ କେବଳ ଆମେ ଦେଖୁ ଓ ଏହାକୁ ବଡ଼, ତାକୁ ଛୋଟ ବୋଲି ମନେକରୁ । ଜୀବର ମନ ଭିତରେ ଗୋଟାଏ ପର୍ଦ୍ଦା ଯେପରି ମଝିରେ ପଡ଼ି ପୂର୍ଣ୍ଣ ବିକାଶକୁ ଆଢୁଆଳ କରି ରଖିଛି । ତାହା ଘୁଞ୍ଚି ଗଲେ ହିଁ ବାସ୍, ସବୁ ହୋଇଗଲା । ସେତେବେଳେ ଯାହା ଚାହିଁବୁ, ଯାହା ଇଚ୍ଛା କରିବୁ, ତାହା ହିଁ ହେବ ।

ସ୍ୱାମୀଜୀ ପୁଣି କହିବାକୁ ଲାଗିଲେ—'ଈଶ୍ୱର କରନ୍ତୁ ତ ଏହି ମଠକୁ ମହା-ସମନ୍ୱୟକ୍ଷେତ୍ର କରି ଗଢ଼ିବାକୁ ହେବ । ଆମର ଠାକୁର ସର୍ବଭାବର ସାକ୍ଷାତ୍ ସମନ୍ୱୟ-ମୂର୍ତ୍ତି । ସେହି ସମନ୍ୱୟଭାବଟି ଏଠାରେ ବଞ୍ଚାଇ ରଖିଲେ ଠାକୁରେ ଜଗତରେ ପ୍ରତିଷ୍ଠିତ ରହିଥିବେ । ସର୍ବମତର, ସର୍ବପଥର, ଆଚଣ୍ଡାଳ ବ୍ରାହ୍ମଣ, ସମସ୍ତେ ଯେପରି ଏଠାକୁ ଆସି ନିଜ ନିଜ ideal (ଆଦର୍ଶ) ଦେଖିବାକୁ ପାଆନ୍ତି, ତାହା କରିବାକୁ ହେବ । ସେଦିନ ଯେତେବେଳେ ମଠ-ଜମିରେ ଠାକୁରଙ୍କୁ ସ୍ଥାପନ କଲି, ସେତେବେଳେ ମନେହେଲା, ଯେପରି ଏହି ସ୍ଥାନରୁ ତାଙ୍କର ଭାବର ବିକାଶ ହୋଇ ଚରାଚର ବିଶ୍ୱ ବ୍ୟାପି ଯାଉଛି । ମୁଁ ତ ଯଥାସାଧ୍ୟ କରୁଛି ଓ କରିବି—ତୁମେ ସବୁ ମଧ୍ୟ ଠାକୁରଙ୍କ ଉଦାରଭାବ ଲୋକମାନଙ୍କୁ ବୁଝେଇଦିଅ । କେବଳ ବେଦାନ୍ତ ପଢ଼ିଲେ କ'ଣ ହେବ ? Practical life-ରେ (ଦୈନନ୍ଦିନ କର୍ମଜୀବନରେ) ସୁଦ୍ଧା ଅଦ୍ୱୈତବାଦର ସତ୍ୟତା ପ୍ରମାଣିତ କରିବାକୁ ହେବ । ଶଙ୍କର ଏହି ଅଦ୍ୱୈତବାଦକୁ ଜଙ୍ଗଲର ପାହାଡ଼ରେ ରଖିଯାଇଛନ୍ତି । ମୁଁ ତାକୁ ଏଥର ସେଠାରୁ ଆଣି ସଂସାର ଓ ସମାଜର ସର୍ବତ୍ର ରଖିଯିବି ବୋଲି ଆସିଛି । ଘରେ ଘରେ, ବାଟେ ଘାଟେ, ପର୍ବତପ୍ରାନ୍ତରେ ଏହି ଅଦ୍ୱୈତବାଦର ଦୁନ୍ଦୁଭିନାଦ ଉଠାଇବାକୁ ହେବ । ତୁମେମାନେ ମୋର ସହାୟ ହୋଇ ଲାଗିଯାଅ ।

ଶିଷ୍ୟ : ଆଜ୍ଞା, ଧ୍ୟାନ ସାହାଯ୍ୟରେ ଏହି ଭାବ କେବଳ ଅନୁଭବ କରିବାକୁ ହିଁ

ମୋତେ ଭଲଲାଗେ । ତାଆଁ ତେଇଁ କରିବାକୁ ଇଚ୍ଛା ହୁଏ ନାହିଁ ।

ସ୍ୱାମୀଜୀ : ତାହା ତ ନିଶା ଖାଇ ଅଚେତନ ହୋଇ ରହିବାଭଳି । କେବଳ ଏପରି ରହି କ'ଣ ହେବ ? ଅଦ୍ୱୈତବାଦର ପ୍ରେରଣାରେ କେତେବେଳେ ଅବା ତାଣ୍ଡବ ନୃତ୍ୟ କରିବୁ, କେତେବେଳେ ଅବା ସ୍ତବ୍ଧ ହୋଇ ରହିବୁ । ଭଲ ଜିନିଷ ପାଇଲେ କ'ଣ ଏକା ଖାଇ ସୁଖ ହୁଏ । ଦଶ ଜଣଙ୍କୁ ଦେବାକୁ ହୁଏ ଓ ଖାଇବାକୁ ହୁଏ । ଆତ୍ମାନୁଭୂତି ଲାଭ କରି ହୁଏତ ତୁ ମୁକ୍ତ ହୋଇଗଲୁ । ସେଥିରେ ଜଗତର କ'ଣ ଗଲା ଆସିଲା ? ତ୍ରିଜଗତକୁ ମୁକ୍ତ କରି ନେଇଯିବାକୁ ହେବ । ମହାମାୟାଙ୍କ ରାଜ୍ୟରେ ନିଆଁ ଲଗେଇ ଦେବାକୁ ହେବ । ସେତେବେଳେ ଯାଇ ନିତ୍ୟ ସତ୍ୟରେ ପ୍ରତିଷ୍ଠିତ ହେବୁ । ସେ ଆନନ୍ଦର କ'ଣ ତୁଳନା ଅଛି ରେ ? 'ନିରବଧି ଗଗନାଭମ୍'—ଆକାଶକଳ୍ପ ଭୂମାନନ୍ଦରେ ପ୍ରତିଷ୍ଠିତ ହେବୁ । ଜୀବଜଗତରେ ସର୍ବତ୍ର ତୋର ନିଜ ସତ୍ତା ଦେଖି ଅବାକ୍ ହୋଇଯିବୁ । ସ୍ଥାବର ଓ ଜଙ୍ଗମ ସମସ୍ତ ତୋର ନିଜର ସତ୍ତା ବୋଲି ବୋଧ ହେବ । ସେତେବେଳେ ସମସ୍ତଙ୍କୁ ନିଜ ପରି ଯତ୍ନ ନ କରି ରହିପାରିବୁ ନାହିଁ । ଏହିପରି ଅବସ୍ଥା ହିଁ ହେଉଛି practical vedanta (କର୍ମ ମଧ୍ୟରେ ବେଦାନ୍ତର ଅନୁଭୂତି)—ବୁଝିଲୁ ? ସେ (ବ୍ରହ୍ମ) ଏକ ହୋଇ ମଧ୍ୟ ବ୍ୟାବହାରିକ ଭାବରେ ବହୁରୂପରେ ସାମନାରେ ରହିଛନ୍ତି । ନାମ ଓ ରୂପ ଏହି ବ୍ୟବହାରର ମୂଳରେ ରହିଛି । ଯେପରି ଘଟର ନାମ-ରୂପକୁ ବାଦ୍ ଦେଲେ କ'ଣ ଦେଖିବାକୁ ପାଉ ? ଏକମାତ୍ର ମାଟି, ଯାହା ଏହାର ପ୍ରକୃତ ସତ୍ତା । ସେହିପରି ଭ୍ରମରେ ଘଟ, ପଟ, ମଠ ସବୁ ଭାବୁଛୁ ଓ ଦେଖୁଛୁ । ଜ୍ଞାନ-ପ୍ରତିବନ୍ଧକ ଏହି ଯେ ଅଜ୍ଞାନ, ଯାହାର ବାସ୍ତବ କୌଣସି ସତ୍ତା ନାହିଁ, ତାହା ନେଇ ବ୍ୟବହାର ଚାଲିଛି । ପୁଅ-ମାଇପ, ଦେହ-ମନ ଯାହା କିଛି—ସମସ୍ତ ନାମରୂପ ସାହାଯ୍ୟରେ ଅଜ୍ଞାନର ସୃଷ୍ଟିରେ ଦେଖିବାକୁ ମିଳେ । ଅଜ୍ଞାନ ଯେମିତି ଘୁଞ୍ଚିଗଲା, ତତ୍କ୍ଷଣାତ୍ ବ୍ରହ୍ମସତ୍ତାର ଅନୁଭୂତି ହୋଇଗଲା ।

ଶିଷ୍ୟ : ଏହି ଅଜ୍ଞାନ କେଉଁଠାରୁ ଆସିଲା ?

ସ୍ୱାମୀଜୀ : କେଉଁଠାରୁ ଆସିଲା ତାହା ପରେ କହିବି । ତୁ ଯେତେବେଳେ ଦଉଡ଼ିକୁ ସାପ ଭାବି ଦୌଡ଼ିବାକୁ ଲାଗିଲୁ, ସେତେବେଳେ କ'ଣ ଦଉଡ଼ିଟା ସାପ ହୋଇଯାଇଥିଲା ? ନା, ତୋର ଅଜ୍ଞତା ହିଁ ତୋତେ ଏପରି ଦୌଡ଼ାଇଥିଲା ?

ଶିଷ୍ୟ : ଅଜ୍ଞତା ହେତୁରୁ ହିଁ ଏପରି କରିଥିଲି ।

ସ୍ୱାମୀଜୀ : ତାହାହେଲେ ଭାବି ଦେଖ୍—ତୁ ଯେତେବେଳେ ପୁଣି ଦଉଡ଼ିକୁ ଦଉଡ଼ି ବୋଲି ଜାଣିପାରିବୁ, ସେତେବେଳେ ନିଜର ପୂର୍ବ ଅଜ୍ଞତା ଭାବି ହସ ମାଡ଼ିବ ନାହିଁ କି ? ସେତେବେଳେ ନାମରୂପ ମିଥ୍ୟା ବୋଲି ବୋଧ ହେବ କି ନାହିଁ ?

ଶିଷ୍ୟ : ତାହା ହେବ ।

ସ୍ୱାମୀଜୀ : ତାହା ଯଦି ହୁଏ, ତେବେ ନାମରୂପ ମିଥ୍ୟା ହୋଇଗଲା । ଏହିପରି ବ୍ରହ୍ମସତ୍ତା ହିଁ ଏକମାତ୍ର ସତ୍ୟ ହୋଇ ରହିଲା । ଏହି ଅନନ୍ତ ସୃଷ୍ଟି-ବୈଚିତ୍ର୍ୟରେ ବି ତାଙ୍କର ସ୍ୱରୂପର କିଛିମାତ୍ର ପରିବର୍ତ୍ତନ ହୋଇ ନାହିଁ । କେବଳ ତୁ ଏହି ଅଜ୍ଞାନର ମହାନ୍ଧକାରରେ

ଏଇଟା ଭାର୍ଯ୍ୟା, ଏଇଟା ପୁତ୍ର, ଏଇଟା ନିଜ, ଏଇଟା ପର—ଭାବ ସର୍ବ-ବ୍ୟାପକ ଆତ୍ମାର ସତ୍ତା ବୁଝିପାରୁ ନାହଁ । ଯେତେବେଳେ ଗୁରୁଙ୍କ ଉପଦେଶ ଓ ନିଜର ବିଶ୍ୱାସ ଦ୍ୱାରା ଏହି ନାମ-ରୂପାତ୍ମକ ଜଗତକୁ ନ ଦେଖି, ଏହାର ମୂଳ ସତ୍ତାକୁ କେବଳ ଅନୁଭବ କରିବୁ, ସେତେବେଳେ ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ସକଳ ପଦାର୍ଥରେ ତୋର ଆତ୍ମାନୁଭୂତ ହେବ—ସେତେବେଳେ ଯାଇ 'ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ' ।*

ଶିଷ୍ୟ : ମହାଶୟ, ଏହି ଅଜ୍ଞାନର ଆଦି-ଅନ୍ତ କଥା ଜାଣିବାକୁ ଇଚ୍ଛା ହୁଏ ?

ସ୍ୱାମୀଜୀ : ଯେଉଁ ଜିନିଷ ପରେ ରହେ ନାହିଁ—ସେ ଜିନିଷ ଯେ ମିଥ୍ୟା, ତାହା ତ ବୁଝିପାରୁଛୁ ? ଯେ ଯଥାର୍ଥ ବ୍ରହ୍ମଜ୍ଞ ହୋଇଛି, ସେ କହିବ, ଅଜ୍ଞାନ ପୁଣି କେଉଁଠି ? ସେ ଦଉଡ଼ିକୁ ଦଉଡ଼ି ହିଁ ଦେଖେ—ସାପ ବୋଲି ଦେଖିବାକୁ ପାଏ ନାହିଁ । ଯେଉଁମାନେ ଦଉଡ଼ିକୁ ସାପ ବୋଲି ଦେଖନ୍ତି, ସେମାନଙ୍କର ଭୟ-ଭୀତ ଦେଖି ତାକୁ ହସ ମାଡ଼େ । ସେଥିପାଇଁ ଅଜ୍ଞାନର ବାସ୍ତବ ସ୍ୱରୂପ ନାହିଁ । ଅଜ୍ଞାନକୁ ସତ୍ ବି କୁହାଯାଏ ନାହିଁ—ଅସତ୍ ବି କୁହାଯାଏ ନାହିଁ । 'ସନ୍ନାପ୍ୟସନ୍ନାପ୍ୟୁଭୟାତ୍ମିକା ନୋ ।' ଯେଉଁ ଜିନିଷଟା ଏହିପରି ମିଥ୍ୟା ବୋଲି ପ୍ରତିପନ୍ନ ହେଉଛି, ତା' ବିଷୟରେ ପ୍ରଶ୍ନ ବା କଅଣ, ଆଉ ଉତ୍ତର ବା କଅଣ ? ଏ ବିଷୟରେ ପ୍ରଶ୍ନ କରିବା ଯୁକ୍ତିଯୁକ୍ତ ହୋଇପାରେ ନାହିଁ । କାହିଁକି ତାହା ଶୁଣ ! ଏହି ପ୍ରଶ୍ନୋତ୍ତର ବି ତ ସେହି ନାମରୂପ-ଦେଶକାଳ ଧରି କରାଯାଉଛି ? ଯେଉଁ ବ୍ରହ୍ମବସ୍ତୁ ନାମରୂପ-ଦେଶକାଳର ଅତୀତ, ତାକୁ ପ୍ରଶ୍ନୋତ୍ତର ଦେଇ କଅଣ ବୁଝାଇ ହୁଏ ? ଏଥିନିମିତ୍ତ ଶାସ୍ତ୍ର, ମନ୍ତ୍ର ପ୍ରଭୃତି ବ୍ୟାବହାରିକ ଭାବରେ ସତ୍ୟ—ପାରମାର୍ଥିକ ରୂପରେ ସତ୍ୟ ନୁହେଁ । ସ୍ୱରୂପତଃ ଅସ୍ତିତ୍ୱ ହିଁ ନାହିଁ, ତେବେ ପୁଣି ବୁଝିବୁ କଅଣ ? ଯେତେବେଳେ ବ୍ରହ୍ମର ପ୍ରକାଶ ହେବ, ସେତେବେଳେ ଆଉ ଏପରି ପ୍ରଶ୍ନ କରିବାର ଅବକାଶ ରହିବ ନାହିଁ । ଠାକୁରଙ୍କର ସେହି ମୋଚ ବୋଝିଆର ଗଳ୍ପ ଶୁଣିଚୁ ନା ? ଠିକ୍ ସେହିପରି । ଅଜ୍ଞାନକୁ ଯେମିତି ଚିହ୍ନାଯାଏ, ସେ ସେମିତି ପଳାଇଯାଏ ।

ଶିଷ୍ୟ : କିନ୍ତୁ ମହାଶୟ, ଅଜ୍ଞାନ ଆସିଲା କେଉଁଠୁ ?

ସ୍ୱାମୀଜୀ : ଯେଉଁ ଜିନିଷ ନାହିଁ, ତାହା ପୁଣି ଆସିବ କିପରି ? ଥିଲେ ତ ଆସିବ ?

ଶିଷ୍ୟ : ତେବେ ଏହି ଜୀବଜଗତର କି ପ୍ରକାର ଉତ୍ପତ୍ତି ହେଲା ?

ସ୍ୱାମୀଜୀ : ଏକ ବ୍ରହ୍ମସତ୍ତା ହିଁ ତ ରହିଛନ୍ତି । ତୁ ମିଥ୍ୟା ନାମରୂପ ଦେଇ ତାଙ୍କୁ ରୂପାନ୍ତରରେ ନାମାନ୍ତରରେ ଦେଖୁଛୁ ।

ଶିଷ୍ୟ : ଏହି ମିଥ୍ୟା ନାମ-ରୂପ ବା କାହିଁକି, କେଉଁଠୁ ଆସିଲା ?

ସ୍ୱାମୀଜୀ : ଶାସ୍ତ୍ରରେ ଏହି ନାମରୂପାତ୍ମକ ସଂସ୍କାର ବା ଅଜ୍ଞତାକୁ ପ୍ରବାହ ରୂପେ ନିତ୍ୟ-ପ୍ରାୟ କହିଛି । କିନ୍ତୁ ତାହା ସାନ୍ତ । ବ୍ରହ୍ମସତ୍ତା କିନ୍ତୁ ସର୍ବଦା ଦଉଡ଼ି ପରି ସ୍ୱ-ସ୍ୱରୂପରେ ହିଁ ରହିଛନ୍ତି । ଏଥିପାଇଁ ବେଦାନ୍ତ ଶାସ୍ତ୍ରର ସିଦ୍ଧାନ୍ତ ଏହି ଯେ, ଏହି ନିଖିଳବ୍ରହ୍ମାଣ୍ଡ ବ୍ରହ୍ମରେ ଅଧ୍ୟସ୍ତ ଇନ୍ଦ୍ରଜାଲବତ୍ ଭାସମାନ । ସେହି ହେତୁରୁ ବ୍ରହ୍ମର କିଛିମାତ୍ର ସ୍ୱରୂପ-ବୈଲକ୍ଷଣ ଘଟି

* ମୁଣ୍ଡକ ଉପନିଷଦ୍, ୨ ।୨।୮

ନାହିଁ । ବୁଝିଲ ?

ଶିଷ୍ୟ : ଗୋଟାଏ କଥା ଏବେ ବି ବୁଝିପାରୁ ନାହିଁ ?

ସ୍ୱାମୀଜୀ : କଅଣ କହ ?

ଶିଷ୍ୟ : ଏହି ଯେ ଆପଣ କହିଲେ—ଏହି ସୃଷ୍ଟି-ସ୍ଥିତି-ଲୟାଦି ବ୍ରହ୍ମରେ ଅଧ୍ୟସ୍ତ, ତାଙ୍କର କୌଣସି ସ୍ୱରୂପ ସତ୍ତା ନାହିଁ—ତାହା କିପରି ହୋଇପାରେ ? ଯେ ଯାହା ପୂର୍ବେ ଦେଖି ନାହିଁ ସେ ଜିନିଷର ଭ୍ରମ ତା'ର କେବେହେଁ ହୋଇପାରେ ନାହିଁ । ଯେ କେବେହେଲେ ସାପ ଦେଖି ନାହିଁ, ତାହାର ଦଉଡ଼ିରେ ଯେପରି ସର୍ପ-ଭ୍ରମ ହୁଏ ନାହିଁ, ସେହିପରି ଯେ ଏହି ସୃଷ୍ଟି ଦେଖି ନାହିଁ, ତା'ର ବ୍ରହ୍ମରେ ଭ୍ରମ ହେବ କାହିଁକି ? ସୁତରାଂ ସୃଷ୍ଟି ଥିଲା ବା ଅଛି, ସେଥିପାଇଁ ସୃଷ୍ଟି-ଭ୍ରମ ହୋଇଅଛି । ଏହିଥିରୁ ଦ୍ୱୈତାପତ୍ତି ଉଠୁଛି ।

ସ୍ୱାମୀଜୀ : ବ୍ରହ୍ମଜ୍ଞ ପୁରୁଷ ତୋର ପ୍ରଶ୍ନକୁ ଏହିରୂପେ ପ୍ରଥମରୁ ପ୍ରତ୍ୟାଖ୍ୟାନ କରିବେ ଯେ, ତାଙ୍କ ଦୃଷ୍ଟିରେ ସୃଷ୍ଟି ପ୍ରଭୃତି ମୋଟେ ପ୍ରତିଭାତ ହେଉ ନାହିଁ । ସେ ଏକମାତ୍ର ବ୍ରହ୍ମସତ୍ତାକୁ ହିଁ ଦେଖୁଛନ୍ତି । ରଜ୍ଜୁକୁ କେବଳ ଦେଖୁଛନ୍ତି, ସାପ ଦେଖୁ ନାହାନ୍ତି । ତୁ ଯଦି କହୁ—'ମୁଁ ତ ଏହି ସୃଷ୍ଟି ବା ସାପ ଦେଖୁଛି'—ତେବେ ତୋର ଦୃଷ୍ଟିଦୋଷ ଦୂର କରିବାକୁ ସେ ତୋତେ ରଜ୍ଜୁର ସ୍ୱରୂପ ବୁଝାଇ ଦେବାକୁ ଚେଷ୍ଟା କରିବେ । ଯେତେବେଳେ ତାଙ୍କର ଉପଦେଶ ଓ ବିଚାର ବଳରେ ତୁ ରଜ୍ଜୁସତ୍ତା ବା ବ୍ରହ୍ମସତ୍ତା ବୁଝିପାରିବୁ, ସେତେବେଳେ ଏହି ଭ୍ରମାତ୍ମକ ସର୍ପଜ୍ଞାନ ବା ସୃଷ୍ଟିଜ୍ଞାନ ନାଶ ହୋଇଯିବ । ସେତେବେଳେ ଏହି ସୃଷ୍ଟି-ସ୍ଥିତି-ଲୟରୂପକ ଭ୍ରମଜ୍ଞାନ ବ୍ରହ୍ମରେ ଆରୋପିତ ଭିନ୍ନ ଆଉ କଅଣ କହିପାରୁ ? ଅନାଦି ପ୍ରବାହ-ରୂପେ ଏହି ସୃଷ୍ଟିର ଛଳନାକ ଚାଲି ଆସୁଛି ତ ଆସୁଥାଉ । ତା'ର ନିର୍ଣ୍ଣୟରେ ଲାଭାଲାଭ କିଛି ହିଁ ନାହିଁ । ବ୍ରହ୍ମତତ୍ତ୍ୱ 'କରାମଲକବତ୍' ପ୍ରତ୍ୟକ୍ଷ ନ ହେଲେ ଏ ପ୍ରଶ୍ନର ପର୍ଯ୍ୟାପ୍ତ ମୀମାଂସା ହୋଇପାରେ ନାହିଁ, ଏବଂ ସେତେବେଳେ ଆଉ ପ୍ରଶ୍ନାଦି ଉଠେ ନାହିଁ, ଉତ୍ତରର ବି ପ୍ରୟୋଜନ ହୁଏ ନାହିଁ । ବ୍ରହ୍ମତତ୍ତ୍ୱାସ୍ୱାଦ ସେତେବେଳେ 'ମୂକାସ୍ୱାଦନବତ୍' ହୁଏ ।

ଶିଷ୍ୟ : ତେବେ ଆଉ ଏତେ ବିଚାର କରି କଅଣ ହେବ ?

ସ୍ୱାମୀଜୀ : ଏହି ବିଷୟ ବୁଝିବା ପାଇଁ ବିଚାର । ସତ୍ୟବସ୍ତୁ କିନ୍ତୁ ବିଚାରର ବାହାରେ—ନୈଷା ତର୍କେଣ ମତିରାପନେୟା ।*

ଏହିପରି କଥା ହେଉ ହେଉ ଶିଷ୍ୟ ସ୍ୱାମୀଜୀଙ୍କ ସଙ୍ଗରେ ମଠରେ (ନୀଲାମ୍ବରବାବୁଙ୍କ ବଗିଚାରେ ଅବସ୍ଥିତ) ଆସି ଉପସ୍ଥିତ ହେଲା । ମଠକୁ ଆସି ସ୍ୱାମୀଜୀ ମଠର ସନ୍ନ୍ୟାସୀ ଓ ବ୍ରହ୍ମଚାରୀମାନଙ୍କୁ ଆଜିକାର ବ୍ରହ୍ମ-ବିଚାର ଓ ସଂକ୍ଷିପ୍ତ ମର୍ମ ବୁଝାଇଦେଲେ । ଉପରକୁ ଉଠୁ ଉଠୁ ଶିଷ୍ୟକୁ କହିବାକୁ ଲାଗିଲେ, 'ନାୟମାତ୍ମା ବଳହୀନେନ ଲଭ୍ୟଃ ।'

* କଠୋପନିଷଦ୍, ୧।୨।୯

# ୨୨

ସ୍ଥାନ—ବେଲୁଡ଼ ମଠ (ନିର୍ମାଣ କାଳରେ)
କାଳ—୧୮୯୮

ଶିଷ୍ୟ : ସ୍ୱାମୀଜୀ ! ଆପଣ ଏ ଦେଶରେ ବକ୍ତୃତା ଦେଉ ନାହାନ୍ତି କାହିଁକି ? ବକ୍ତୃତା ପ୍ରଭାବରେ ୟୁରୋପ-ଆମେରିକାବାସୀଙ୍କୁ ମତାଇ ଆସିଲେ; କିନ୍ତୁ ଭାରତକୁ ଫେରି ଆପଣଙ୍କର ଏ ବିଷୟରେ ଉଦ୍ୟମ ଓ ଅନୁରାଗ ଯେ କାହିଁକି କମିଗଲା, ତାହାର କାରଣ କିଛି ବୁଝିପାରୁ ନାହିଁ । ପାଶ୍ଚାତ୍ୟ ଦେଶମାନଙ୍କ ଅପେକ୍ଷା, ଆମ ବିବେଚନାରେ ଏଠାରେ ହିଁ ଏପରି ଉଦ୍ୟମ ଅଧିକ ପ୍ରୟୋଜନ ।

ସ୍ୱାମୀଜୀ : ଏ ଦେଶରେ ଆଗେ ground (ଜମି) ତିଆରି କରିବାକୁ ହେବ । ତା'ପରେ ବୀଜ ପକାଇଲେ ଗଛ ହେବ । କିନ୍ତୁ ପାଶ୍ଚାତ୍ୟର ମାଟି ବର୍ତ୍ତମାନ ବୀଜ ପକାଇବା ପାଇଁ ଉପଯୁକ୍ତ, ଖୁବ୍ ଉର୍ବର । ସେଦେଶର ଲୋକମାନେ ବର୍ତ୍ତମାନ ଭୋଗର ଶେଷ ସୀମାକୁ ଉଠିଛନ୍ତି । ଭୋଗରେ ତୃପ୍ତ ହୋଇ ବର୍ତ୍ତମାନ ସେମାନଙ୍କ ମନ ସେଥିରେ ଆଉ ଶାନ୍ତି ପାଉ ନାହିଁ । ଏକ ପ୍ରକାର ନାହିଁ ନ ଥିବା ଅଭାବ ବୋଧ କରୁଛନ୍ତି । ତୁମ ଦେଶରେ ନା ଅଛି ଭୋଗ, ନା ଅଛି ଯୋଗ । ଭୋଗର ଇଚ୍ଛା କିଞ୍ଚିତ୍ ତୃପ୍ତ ହେଲେ ଲୋକେ ଯୋଗର କଥା ଶୁଣନ୍ତି ଓ ବୁଝନ୍ତି । ଅନ୍ନାଭାବରେ କ୍ଷୀଣ ଦେହ, କ୍ଷୀଣ ମନ, ରୋଗ-ଶୋକ-ପରିତାପର ଜନ୍ମଭୂମି ଭାରତରେ ଲେକ୍‌ଚର ଫେକ୍‌ଚର ଦେଇ କ'ଣ ହେବ ?

ଶିଷ୍ୟ : କାହିଁକି ? ଆପଣ ତ କେବେ କେବେ କହିଛନ୍ତି—ଏ ଦେଶ ଧର୍ମଭୂମି । ଏ ଦେଶର ଲୋକମାନେ ଯେପରି ଧର୍ମ-କଥା ବୁଝନ୍ତି ଓ କାର୍ଯ୍ୟତଃ ଧର୍ମାନୁଷ୍ଠାନ କରନ୍ତି, ଅନ୍ୟ ଦେଶରେ ସେପରି ହୁଏ ନାହିଁ । ତେବେ ଆପଣଙ୍କ ଜ୍ୱଳନ୍ତ ବାଗ୍ମିତାରେ ଦେଶ କାହିଁକି ମାତି ନ ଉଠିବ—କାହିଁକି ଫଳ ନ ହେବ ?

ସ୍ୱାମୀଜୀ : ଆରେ, ଧର୍ମ-କର୍ମ କରିବାକୁ ଗଲେ ଆଗେ କୂର୍ମାବତାରଙ୍କର ପୂଜା ଆବଶ୍ୟକ । ପେଟ ହେଉଛି ସେହି କୂର୍ମ । ଏହାଙ୍କୁ ଆଗେ ଥଣ୍ଡା ନ କଲେ ତୋର ଧର୍ମ-କର୍ମର କଥା କେହି ଶୁଣିବେ ନାହିଁ । ଦେଖୁ ନାହୁଁ, ପେଟର ଚିନ୍ତାରେ ହିଁ ଭାରତ ଅସ୍ଥିର । ବିଦେଶୀଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟରେ ଅବାଧ ରପ୍ତାନି, ସର୍ବାପେକ୍ଷା ତୁମର ପରସ୍ପର ଭିତରେ ଘୃଣିତ ଦାସସୁଲଭ ଈର୍ଷା ହିଁ ତୁମ ଦେଶର ଅସ୍ଥି-ମଜ୍ଜାକୁ ଖାଇ ପକାଇଛି । ଧର୍ମ-କଥା ଶୁଣାଇବାକୁ ହେଲେ ଆଗେ ଲୋକଙ୍କ ପେଟର ଚିନ୍ତା ଦୂର କରିବାକୁ ହେବ । ନଚେତ୍ ଖାଲି ଲେକ୍‌ଚର ଫେକ୍‌ଚରରେ ବିଶେଷ କିଛି ଫଳ ହେବ ନାହିଁ ।

ଶିଷ୍ୟ : ତେବେ ଆମର ବର୍ତ୍ତମାନ କ'ଣ କରିବା ଆବଶ୍ୟକ ?

ସ୍ୱାମୀଜୀ : ପ୍ରଥମତଃ କେତେଗୁଡ଼ିଏ ତ୍ୟାଗୀ ପୁରୁଷଙ୍କର ପ୍ରୟୋଜନ, ଯେଉଁମାନେ ନିଜ ସଂସାର ପାଇଁ ନ ଭାବି ପର ପାଇଁ ଜୀବନ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ହେବେ । ତେଣୁ ମୁଁ ମଠ

ସ୍ଥାପନ କରି କେତେଗୁଡ଼ିଏ ବାଳ-ସନ୍ନ୍ୟାସୀଙ୍କୁ ସେହିପରି ତିଆରି କରୁଅଛୁ । ଶିକ୍ଷା ଶେଷ ହେଲେ ଏମାନେ ଘର ଘର ବୁଲି ସମସ୍ତଙ୍କୁ ସେମାନଙ୍କ ବର୍ତ୍ତମାନର ଶୋଚନୀୟ ଅବସ୍ଥା କଥା ବୁଝାଇ କହିବେ । ଏହି ଅବସ୍ଥାରୁ କିପରି ଉନ୍ନତି ହୋଇପାରେ, ସେ ବିଷୟରେ ଉପଦେଶ ଦେବେ, ଆଉ ସଙ୍ଗେ ସଙ୍ଗେ ଧର୍ମର ମହାନ୍ ସତ୍ୟଗୁଡ଼ିକ ସରଳ କଥାରେ ପାଣିପରି ପରିଷ୍କାର କରି ସେମାନଙ୍କୁ ବୁଝାଇଦେବେ । ତୁମ ଦେଶର mass of people (ଜନସାଧାରଣ) ଗୋଟାଏ ଯେପରି sleeping leviathan (ବିରାଟ ନିଦ୍ରିତ ଜଳଜନ୍ତୁ) ! ଏ ଦେଶର ଏହି ଯେ ବିଶ୍ୱବିଦ୍ୟାଳୟର ଶିକ୍ଷା, ଏଥିରେ ଅତିବେଶୀ ଶତକଡ଼ା ଜଣେ କି ଦୁଇଜଣ ଦେଶର ଲୋକ ଶିକ୍ଷା ପାଉଛନ୍ତି । ଯେଉଁମାନେ ପାଉଛନ୍ତି, ସେମାନେ ବି ଦେଶର ହିତ ନିମିତ୍ତ କିଛି କରି ଉଠିପାରୁ ନାହାନ୍ତି । କିପରି ବା ବିଚାରାମାନେ କରିବେ କହ ? କଲେଜରୁ ବାହାରି ଦେଖେ, ସେ ସାତ ପିଲାର ବାପ । ସେତେବେଳେ ଯାହା ତାହା କରି ଗୋଟାଏ କିରାଣୀ-ଗିରି, ଖୁବ୍ ଜୋର୍ ଗୋଟାଏ ଡେପୁଟୀଗିରି ଯୋଗାଡ଼ କରିନିଏ । ଏହି ତ ହେଲା ଶିକ୍ଷାର ପରିଣାମ । ତାହାପରେ ସଂସାରର ଭାରରେ ଉଚ୍ଚ କର୍ମ, ଉଚ୍ଚ ଚିନ୍ତା କରିବା ପାଇଁ ସେମାନଙ୍କର ଆଉ ସମୟ କାହିଁ ? ତା'ର ନିଜର ତ ସ୍ୱାର୍ଥ-ସିଦ୍ଧି ହୁଏ ନାହିଁ—ପରାର୍ଥେ ପୁଣି ସେ କଅଣ କରିବ ?

ଶିଷ୍ୟ : ତେବେ କଅଣ ଆମର ଉପାୟ ନାହିଁ ?

ସ୍ୱାମୀଜୀ : ଅବଶ୍ୟ ଅଛି । ଏହା ସନାତନ ଧର୍ମର ଦେଶ । ଏ ଦେଶ ପଡ଼ିଯାଇଛି ସତ, କିନ୍ତୁ ନିଶ୍ଚୟ ପୁଣି ଉଠିବ । ଏପରି ଉଠିବ ଯେ, ଜଗତ ଦେଖି ଅବାକ୍ ହୋଇଯିବ । ଦେଖି ନାହୁଁ, ନଦୀ ବା ସମୁଦ୍ରର ତରଙ୍ଗ ଯେତେ ଦୂର ଖସିଯାଏ, ତା'ପରେ ସେତେ ଜୋର୍‌ରେ ଉଠେ ? ଏଠାରେ ମଧ୍ୟ ସେହିପରି ହେବ । ଦେଖୁ ନାହୁଁ, ପୂର୍ବାକାଶରେ ଅରୁଣୋଦୟ ହେଲାଣି, ସୂର୍ଯ୍ୟ ଉଠିବାରେ ଆଉ ବିଳମ୍ବ ନାହିଁ ? ତୁମେସବୁ ଏହି ସମୟରେ ଅଣ୍ଟା ଭିଡ଼ି ଲାଗିଯାଅ । ସଂସାର ସଂସାର କରି କଅଣ ହେବ ? ତୁମର ବର୍ତ୍ତମାନ କାର୍ଯ୍ୟ ହେଉଛି—ଦେଶ-ଦେଶକୁ, ଗାଁ-ଗାଁକୁ ଯାଇ ଦେଶର ଲୋକମାନଙ୍କୁ ବୁଝାଇଦେବା ଯେ, ଆଉ ଅଳସୁଆ ହୋଇ ବସି ରହିଲେ ଚଳିବ ନାହିଁ । ଶିକ୍ଷାହୀନ, ଧର୍ମହୀନ ବର୍ତ୍ତମାନ ଅବନତିର କଥା ତାଙ୍କୁ ବୁଝାଇ ଦେଇ କୁହ—'ଭାଇମାନେ ! ଉଠ, ଜାଗ, କେତେଦିନ ଆଉ ଶୋଇ ରହିବ ?' ଆଉ ଶାସ୍ତ୍ରର ମହାନ୍ ସତ୍ୟଗୁଡ଼ିକ ସରଳ ଭାବରେ ତାଙ୍କୁ ବୁଝାଇ ଦିଅ । ଏତେଦିନ ପର୍ଯ୍ୟନ୍ତ ଦେଶର ବ୍ରାହ୍ମଣମାନେ ଧର୍ମକୁ ଏକଚାଟିଆ କରି ବସିଥିଲେ । କାଳର ସ୍ରୋତରେ ତାହା ଯେତେବେଳେ ଆଉ ରହିଲା ନାହିଁ, ସେତେବେଳେ ସେହି ଧର୍ମ ଯେପରି ଦେଶର ସବୁ ଲୋକ ପାଆନ୍ତି, ତା'ର ବ୍ୟବସ୍ଥା କର । ସମସ୍ତଙ୍କୁ ବୁଝାଅ—ବ୍ରାହ୍ମଣମାନଙ୍କ ପରି ତୁମର ମଧ୍ୟ ଧର୍ମରେ ସମାନ ଅଧିକାର ଅଛି । ଆଚଣ୍ଡାଳଙ୍କୁ ଏହି ଅଗ୍ନି-ମନ୍ତ୍ରରେ ଦୀକ୍ଷିତ କର । ଆଉ ସହଜ କଥାରେ ସେମାନଙ୍କର ବ୍ୟବସାୟ-ବାଣିଜ୍ୟ, କୃଷି ପ୍ରଭୃତି ଗୃହସ୍ଥ ଜୀବନର ଅତ୍ୟାବଶ୍ୟକ ବିଷୟ ସମ୍ବନ୍ଧରେ ଉପଦେଶ ଦିଅ । ନଚେତ୍ ତୁମର ଲେଖାପଢ଼ାକୁ ଧିକ୍ —ଆଉ ତୁମର ବେଦବେଦାନ୍ତ ପଢ଼ାକୁ ମଧ୍ୟ ଧିକ୍ ।

ଶିଷ୍ୟ : ଆଜ୍ଞା, ଆମର ସେ ଶକ୍ତି କାହିଁ ? ଆପଣଙ୍କ ଶକ୍ତିର ଶତାଂଶର ଏକାଂଶ ଶକ୍ତି ଥିଲେ ନିଜେ ବି ଧନ୍ୟ ହୁଅନ୍ତି, ଅପରକୁ ମଧ୍ୟ ଧନ୍ୟ କରିପାରନ୍ତି ।

ସ୍ୱାମୀଜୀ : ଦୂର୍ ମୂର୍ଖ । ଶକ୍ତି ଫକ୍ତି କେହି କ'ଣ ଦିଅନ୍ତି ? ତାହା ତୋ ଭିତରେ ହିଁ ରହିଛି, ସମୟ ହେଲେ ଆପେ ଆପେ ବାହାରି ପଡ଼ିବ । ତୁ କାମରେ ଲାଗି ଯା-ନା; ଦେଖିବୁ ଏତେ ଶକ୍ତି ଆସିବ ଯେ, ସମ୍ଭାଳିପାରିବୁ ନାହିଁ । ପର ପାଇଁ ଏତେ ଟିକିଏ କାମ କଲେ ଭିତରର ଶକ୍ତି ଜାଗିଉଠେ । ପର ପାଇଁ ଏତେ ଟିକିଏ ଭାବିଲେ କ୍ରମେ ହୃଦୟରେ ସିଂହ-ବଳର ସଞ୍ଚାର ହୁଏ । ତୁମ ସମସ୍ତଙ୍କୁ ମୁଁ ଖୁବ୍ ଭଲ ପାଏ; କିନ୍ତୁ ଇଚ୍ଛା ହୁଏ, ତୁମେ ସବୁ ପର ପାଇଁ ଖଟି ଖଟି ମରିଯାଅ—ମୁଁ ଦେଖି ଖୁସି ହୁଏ ।

ଶିଷ୍ୟ : କିନ୍ତୁ ଆଜ୍ଞା, ଯେଉଁମାନେ ଆମ ଉପରେ ନିର୍ଭର କରୁଛନ୍ତି, ସେମାନଙ୍କର କ'ଣ ହେବ ?

ସ୍ୱାମୀଜୀ : ତୁ ଯଦି ପର ପାଇଁ ପ୍ରାଣ ଦେବାକୁ ପ୍ରସ୍ତୁତ ହେବୁ, ତେବେ ଭଗବାନ ସେମାନଙ୍କ ପାଇଁ ନିଶ୍ଚୟ ଉପାୟ କରିଦେଇପାରିବେ । 'ନ ହି କଲ୍ୟାଣକୃତ୍ କଶ୍ଚିତ୍ ଦୁର୍ଗତିଂ ତାତ ଗଚ୍ଛତି'—ଗୀତାରେ ପଢ଼ିଛୁ ତ ?

ଶିଷ୍ୟ : ଆଜ୍ଞା ହଁ ।

ସ୍ୱାମୀଜୀ : ତ୍ୟାଗ ହିଁ ହେଉଛି ଅସଲ କଥା—ତ୍ୟାଗୀ ନ ହେଲେ କେହି ପର ପାଇଁ ଷୋଳଅଣା ପ୍ରାଣ ଦେଇ କାମ କରିପାରେ ନାହିଁ । ତ୍ୟାଗୀ ସମସ୍ତଙ୍କୁ ସମଭାବରେ ଦେଖେ, ସମସ୍ତଙ୍କ ସେବାରେ ନିଯୁକ୍ତ ହୁଏ । ବେଦାନ୍ତରେ ବି ପଢ଼ିଛୁ, ସମସ୍ତଙ୍କୁ ସମାନ ଭାବରେ ଦେଖିବାକୁ ହେବ । ତେବେ ଗୋଟିଏ ସ୍ତ୍ରୀ ଓ କେତୋଟି ପିଲାଙ୍କୁ ବେଶୀ ଆପଣାର ବୋଲି ଭାବିବୁ କାହିଁକି ? ତୋ ଦ୍ୱାରରେ ସ୍ୱୟଂ ନାରାୟଣ କାଙ୍ଗାଳ ବେଶରେ ଆସି ଅନାହାରରେ ମୃତପ୍ରାୟ ହୋଇ ପଡ଼ିରହିଛନ୍ତି । ତାଙ୍କୁ କିଛି ନ ଦେଇ, ଖାଲି ନିଜର ଓ ନିଜର ସ୍ତ୍ରୀ-ପୁତ୍ରଙ୍କ ଉଦର ନାନା ପ୍ରକାରେ ଚର୍ବ୍ୟ-ଚୂଷ୍ୟ ଦେଇ ଭର୍ତ୍ତି କରିବା—ସେ ତ ପଶୁର କାମ ।

ଶିଷ୍ୟ : ଆଜ୍ଞା, ପର ପାଇଁ କାମ କରିବାକୁ ଗଲେ ସମୟ ସମୟରେ ବହୁତ ଅର୍ଥର ପ୍ରୟୋଜନ ହୁଏ । ତାହା କେଉଁଠୁ ପାଇବି ?

ସ୍ୱାମୀଜୀ : ଆଚ୍ଛା, ତୋର ଯେତେ ଟିକିଏ କ୍ଷମତା ଅଛି, ସେତେ ଟିକିଏ ଆଗ କର୍‌ନା । ପଇସା ଅଭାବରେ ଯଦି କିଛି ଦେଇ ନ ପାରୁ—ଗୋଟାଏ ମିଠା କଥା ବା ଦୁଇଟା ସତ୍ ଉପଦେଶ ବି ତ ତାଙ୍କୁ ଶୁଣାଇପାରୁ । ନା—ସେଥିରେ ବି ତୋର ଟଙ୍କାର ଦରକାର ?

ଶିଷ୍ୟ : ଆଜ୍ଞା, ହଁ, ତା ପାରିବି !

ସ୍ୱାମୀଜୀ : 'ହଁ ପାରିବି' କେବଳ ମୁହଁରେ କହିଲେ ହେବ ନାହିଁ । କ'ଣ କରି-ପାରିବୁ—ତାହା କାମରେ ମୋତେ ଦେଖା, ତେବେ ତ ଜାଣିବି ମୋ ପାଖକୁ ଆସିବା ସାର୍ଥକ ହେଲା । ଲାଗି ଯା, କେତେଦିନ ପାଇଁ ଜୀବନ ? ଜଗତକୁ ଯେତେବେଳେ ଆସିଛୁ,

ସେତେବେଳେ ଗୋଟାଏ ଦାଗ ରଖି ଯା'। ନଚେତ୍ ଗଛ-ପଥର ବି ତ ହେଉଛି, ମରୁଛି—ଏପରି ଜନ୍ମିବାକୁ ମରିବାକୁ ମନୁଷ୍ୟର କେବେ ଇଚ୍ଛା ହୁଏ କି ? ମୋତେ କାମରେ ଦେଖା ଯେ, ତୋର ବେଦାନ୍ତ ପଢ଼ା ସାର୍ଥକ ହୋଇଛି । ସମସ୍ତଙ୍କୁ ଏହି କଥା ଯାଇ ଶୁଣା—'ତୁମ ଭିତରେ ଅନନ୍ତ ଶକ୍ତି ରହିଛି । ସେହି ଶକ୍ତିକୁ ଜଗାଇ ଦିଅ ।' ନିଜର ମୁକ୍ତି ନେଇ କ'ଣ ହେବ ? ମୁକ୍ତି-କାମନା ବି ତ ମହା-ସ୍ୱାର୍ଥପରତା । ଫୋପାଡ଼ି ଦେ' ଧ୍ୟାନ । ଫିଙ୍ଗି ଦେ' ମୁକ୍ତିଫୁକ୍ତି । ମୁଁ ଯେଉଁ କାମରେ ଲାଗିଛି ସେହି କାମରେ ଲାଗିଯା' । ଶିଷ୍ୟ ଅବାକ୍ ହୋଇ ଶୁଣିବାକୁ ଲାଗିଲା । ସ୍ୱାମୀଜୀ ପୁନରାୟ କହିବାକୁ ଲାଗିଲେ ।

ସ୍ୱାମୀଜୀ : ତୁମେସବୁ ଏହିପରି ଆଗେ ଯାଇ ଜମି ତିଆରି କର । ମୋ ପରି ହଜାର ହଜାର ବିବେକାନନ୍ଦ ପରେ ବକ୍ତୃତା କରିବାକୁ ନରଲୋକରେ ଶରୀର ଧାରଣ କରିବେ; ସେଥିପାଇଁ ଭାବନା ନାହିଁ । ଦେଖୁ ନାହୁଁ, ଆମ (ଶ୍ରୀରାମକୃଷ୍ଣ ଶିଷ୍ୟମାନଙ୍କ) ଭିତରେ ଯେଉଁମାନେ ଆଗେ ଭାବୁଥିଲେ ତାଙ୍କର କୌଣସି ଶକ୍ତି ନାହିଁ, ସେହିମାନେ ହିଁ ବର୍ତ୍ତମାନ ଅନାଥ-ଆଶ୍ରମ, ଦୁର୍ଭିକ୍ଷ-ଫଣ୍ଡ, କେତେ କ'ଣ ଖୋଲିଛନ୍ତି । ଦେଖୁ ନାହୁଁ—ନିବେଦିତା ଇଂରେଜ ଝିଅ ହୋଇ ସୁଦ୍ଧା ତୁମର ସେବା କରିବାକୁ ଶିଖିଛି; ଆଉ ତୁମେ ନିଜ ଦେଶର ଲୋକଙ୍କ ପାଇଁ ତାହା କରିପାରିବ ନାହିଁ ? ଯେଉଁଠାରେ ମହାମାରୀ ହୋଇଛି, ଯେଉଁଠାରେ ଜୀବର ଦୁଃଖ ହୋଇଛି, ଯେଉଁଠାରେ ଦୁର୍ଭିକ୍ଷ ହୋଇଛି—ଚାଲିଯା' ସେଆଡ଼କୁ । ହୁଏତ ମରିଯିବୁ । ତୋ ମୋ ପରି କେତେ କୀଟ ହେଉଛନ୍ତି, ମରୁଛନ୍ତି, ସେଥିରେ ଜଗତର କ'ଣ ଯାଉଛି ଆସୁଛି ? ଗୋଟାଏ ମହାନ୍ ଉଦ୍ଦେଶ୍ୟ ନେଇ ମରିଯା' । ମରି ତ ଯିବୁ ନିଶ୍ଚୟ; ତେବେ ଭଲ ଉଦ୍ଦେଶ୍ୟ ନେଇ ମରିବା ଭଲ । ଏହି ଭାବ ଘରେ ଘରେ ପ୍ରଚାର କର, ନିଜର ଓ ଦେଶର ମଙ୍ଗଳ ହେବ । ତୁମେମାନେ ହିଁ ଦେଶର ଆଶା ଭରସା । ତୁମକୁ କର୍ମହୀନ ଦେଖିଲେ ମୋର ଭାରି କଷ୍ଟ ହୁଏ । ଲାଗିଯା', ଲାଗିଯା' । ଡେରି କର ନାହିଁ—ମୃତ୍ୟୁ ତ ଦିନୁ ଦିନ ପାଖେଇ ଆସୁଛି । ଆଉ ପରେ କରିବି ବୋଲି ବସି ରହ ନାହିଁ—ତା'ହେଲେ କିଛି ହିଁ ହେବ ନାହିଁ ।

## ୨୩

ସ୍ଥାନ—ବେଲୁଡ଼ ମଠ (ନିର୍ମାଣ କାଳରେ)
କାଳ— ୧୮୯୮

ଶିଷ୍ୟ : ସ୍ୱାମୀଜୀ ବ୍ରହ୍ମ ହିଁ ଯଦି ଏକମାତ୍ର ସତ୍ୟ ବସ୍ତୁ ଅଟନ୍ତି, ତେବେ ଜଗତରେ ଏତେ ବିଚିତ୍ରତା ଦେଖାଯାଏ କାହିଁକି ?

ସ୍ୱାମୀଜୀ : ସତ୍ୟ ହୁଅନ୍ତୁ ବା ଆଉ ଯାହା ହୁଅନ୍ତୁ ବ୍ରହ୍ମବସ୍ତୁକୁ କିଏ ଜାଣେ

କହିଲୁ ? ଜଗତଟାକୁ ହିଁ ଆମେ ଦେଖୁ ଓ ସତ୍ୟ ବୋଲି ଦୃଢ଼ ବିଶ୍ୱାସ କରିଥାଉ । ତେବେ ସୃଷ୍ଟିଗତ ବୈଚିତ୍ର୍ୟଟା ସତ୍ୟ ବୋଲି ସ୍ୱୀକାର କରି ବିଚାର-ପଥରେ ଅଗ୍ରସର ହେଲେ କାଳକ୍ରମେ ଏକତ୍ୱର ମୂଳରେ ପହଞ୍ଚି ହୁଏ । ଯଦି ସେହି ଏକତ୍ୱରେ ଅବସ୍ଥିତ ହୋଇପାରନ୍ତୁ, ତା' ହେଲେ ଏହି ବୈଚିତ୍ର୍ୟ ଦେଖିପାରନ୍ତୁ ନାହିଁ ।

ଶିଷ୍ୟ : ଆଜ୍ଞା, ଯଦି ଏକତ୍ୱରେ ହିଁ ଅବସ୍ଥିତ ହୋଇପାରିବି, ତେବେ ଏହି ପ୍ରଶ୍ନ ବା କାହିଁକି କରିବି ? ମୁଁ ବିଚିତ୍ରତା ଦେଖି ଯେତେବେଳେ ପ୍ରଶ୍ନ କରୁଛି, ସେତେବେଳେ ତାକୁ ସତ୍ୟ ବୋଲି ଅବଶ୍ୟ ମାନି ନେଉଛି ।

ସ୍ୱାମୀଜୀ : ଭଲ କଥା । ସୃଷ୍ଟିର ବିଚିତ୍ରତା ଦେଖି ତାକୁ ସତ୍ୟ ବୋଲି ମାନି ନେଇ, ଏକତ୍ୱର ମୂଳ ସନ୍ଧାନ କରିବାକୁ ଶାସ୍ତ୍ରରେ 'ବ୍ୟତିରେକ ବିଚାର' କୁହାଯାଏ । ଅର୍ଥାତ୍ ଅଭାବ ବା ଅସତ୍ୟ ବସ୍ତୁକୁ ଭାବ ବା ସତ୍ୟ ବସ୍ତୁ ବୋଲି ଧରିନେଇ ବିଚାର କରି ଦେଖାଇ ଦିଆଯାଏ ଯେ, ତାହା ଭାବ ନୁହେଁ, ଅଭାବ ବସ୍ତୁ । ତୁ ଏହିପରି ମିଥ୍ୟାକୁ ସତ୍ୟ ବୋଲି ଧରିନେଇ ସତ୍ୟରେ ପହଞ୍ଚିବା କଥା କହୁଛୁ ନା ?

ଶିଷ୍ୟ : ଆଜ୍ଞା ହଁ, ତେବେ ମୁଁ ଭାବକୁ ସତ୍ୟ କହେ ଏବଂ ଭାବ-ରାହିତ୍ୟଟାକୁ ହିଁ ମିଥ୍ୟା ବୋଲି ସ୍ୱୀକାର କରେ ।

ସ୍ୱାମୀଜୀ : ଆଚ୍ଛା ! ବର୍ତ୍ତମାନ ଦେଖ୍, ବେଦ କହୁଛି—'ଏକମେବାଦ୍ୱିତୀୟମ୍' । ଯଦି ବସ୍ତୁତଃ ଏକ ବ୍ରହ୍ମ ହିଁ ଥାଆନ୍ତି, ତେବେ ତୋର ନାନାତ୍ୱ ତ ମିଥ୍ୟା ହେଉଛି; ବେଦ ମାନୁ ତ ?

ଶିଷ୍ୟ : ବେଦର କଥା ମୁଁ ମାନେ ସତ୍ୟ । କିନ୍ତୁ ଯଦି କେହି ନ ମାନେ, ତାକୁ ବି ତ ନିରସ୍ତ କରିବାକୁ ହେବ ?

ସ୍ୱାମୀଜୀ : ତା' ଠିକ୍ । ଜଡ଼ ବିଜ୍ଞାନ ସାହାଯ୍ୟରେ ତାକୁ ଭଲ କରି ବୁଝାଇ ଦେଖାଇ ଦେବାକୁ ହୁଏ ଯେ, ଇନ୍ଦ୍ରିୟଜ ପ୍ରତ୍ୟକ୍ଷକୁ ମଧ୍ୟ ଆମେମାନେ ବିଶ୍ୱାସ କରିପାରୁ ନାହିଁ; ଇନ୍ଦ୍ରିୟସବୁ ଭୁଲ ସାକ୍ଷ୍ୟ ଦିଅନ୍ତି ଏବଂ ଯଥାର୍ଥ ସତ୍ୟ ବସ୍ତୁ ଆମର ଇନ୍ଦ୍ରିୟ-ମନ-ବୁଦ୍ଧିର ବାହାରେ ରହିଛି । ତା'ପରେ ତାକୁ କହିବାକୁ ହୁଏ—ମନ, ବୁଦ୍ଧି ଇନ୍ଦ୍ରିୟର ପର-ପାରିକୁ ଯିବାର ଉପାୟ ଅଛି । ତାକୁ ହିଁ ଋଷିମାନେ 'ଯୋଗ' କହିଛନ୍ତି । ଯୋଗ ଅନୁଷ୍ଠାନ-ସାପେକ୍ଷ —ଏହାକୁ କାମରେ କରିବାକୁ ହୁଏ । ବିଶ୍ୱାସ କର କି ନ କର, କରିଲେ ହିଁ ଫଳ ମିଳେ । କରି ଦେଖ୍—ହେଉଛି କି ନାହିଁ । ମୁଁ ବାସ୍ତବିକ୍ ଦେଖୁଛି—ଋଷିମାନେ ଯାହା କହିଛନ୍ତି, ସବୁ ସତ୍ୟ । ଏହି ଦେଖ୍, ତୁ ଯାହାକୁ ବିଚିତ୍ରତା କହୁଛୁ, ତାହା ଏକ ସମୟରେ ଲୁପ୍ତ ହୋଇଯାଏ—ଆଉ ଅନୁଭବ ହୁଏ ନାହିଁ । ତାହା ମୁଁ ନିଜ ଜୀବନରେ ଠାକୁରଙ୍କ କୃପାରେ ପ୍ରତ୍ୟକ୍ଷ କରିଛି ।

ଶିଷ୍ୟ : କେବେ ଏପରି କରିଛନ୍ତି ?

ସ୍ୱାମୀଜୀ : ଦିନେ ଠାକୁର ଦକ୍ଷିଣେଶ୍ୱରର ବଗିଚାରେ ମୋତେ ଛୁଇଁ ଦେଇଥିଲେ । ଛୁଇଁଦେବା ମାତ୍ରକେ ଦେଖିଲି—ଘରଦ୍ୱାର, କୋଠାବାଡ଼ି, ଗଛପତ୍ର, ଚନ୍ଦ୍ର, ସୂର୍ଯ୍ୟ ସବୁ

ଯେପରି ଆକାଶରେ ଲୟ ପାଇଯାଉଛନ୍ତି । କ୍ରମେ ଆକାଶ ମଧ୍ୟ ଯେପରି କେଉଁଠି ଲୀନ ହୋଇଗଲା—ତା'ପରେ କଅଣ ଯେ ପ୍ରତ୍ୟକ୍ଷ ହୋଇଥିଲା, କିଛି ହିଁ ସ୍ମରଣ ନାହିଁ; ତେବେ ମନେଅଛି, ଦେଖି ଭାରି ଭୟ ହୋଇଥିଲା—ଚିତ୍କାର କରି ଠାକୁରଙ୍କୁ କହିଥିଲି, ଆହେ, ତୁମେ ମୋର କଅଣ କରୁଛ ! ମୋର ଯେ ବାପ, ମା'ଆ ଅଛନ୍ତି—ଠାକୁର ତହୁଁ ହସି ହସି 'ତେବେ ବର୍ତ୍ତମାନ ଥାଉ' କହି ପୁନର୍ବାର ଛୁଇଁଦେଲେ । ସେତେବେଳେ କ୍ରମେ ପୁଣି ଦେଖିଲି—ଘରଦ୍ୱାର, କୋଠାବାଡ଼ି—ଯାହା ଯେପରି ସବୁ ଥିଲା, ଠିକ୍ ସେହିପରି ରହିଛି । ଆଉ ଦିନେ —ଆମେରିକାରେ ଗୋଟାଏ lake (ହ୍ରଦ) କୂଳରେ ଠିକ୍ ଏହିପରି ହୋଇଥିଲା ।

ଶିଷ୍ୟ : (ଅବାକ୍ ହୋଇ) ଆଚ୍ଛା ' ଆଜ୍ଞା, ଏପରି ଅବସ୍ଥା ମସ୍ତିଷ୍କର ବିକାରରୁ ବି ତ ହୋଇପାରେ ? ଆଉ ଗୋଟିଏ କଥା—ସେହି ଅବସ୍ଥାରେ ଆପଣଙ୍କର ବିଶେଷ ଆନନ୍ଦ ଉପଲବ୍ଧି ହୋଇଥିଲା କି ?

ସ୍ୱାମୀଜୀ : ଯେତେବେଳେ ରୋଗର ଝିଆଲରେ ନୁହେଁ, ନିଶା ଖାଇବାରେ ନୁହେଁ, ନାନାରକମର ଦମ୍ ଟାଣିବାରେ ନୁହେଁ, ସହଜ ମନୁଷ୍ୟର ସୁସ୍ଥାବସ୍ଥାରେ ଏହି ଅବସ୍ଥା ହୋଇଥାଏ, ସେତେବେଳେ ତାକୁ ମସ୍ତିଷ୍କ-ବିକାର କିପରି କହିବୁ—ବିଶେଷତଃ ଯେତେବେଳେ ପୁଣି ସେପରି ଅବସ୍ଥା-ଲାଭର କଥା ବେଦ ସଙ୍ଗେ ମିଳୁଛି, ପୂର୍ବ ଆଚାର୍ଯ୍ୟ ଓ ଋଷିମାନଙ୍କ ଆପ୍ତବାକ୍ୟ ସଙ୍ଗେ ମିଳିଯାଉଛି ? ମୋତେ କଅଣ ଶେଷରେ ତୁ ବିକୃତ-ମସ୍ତିଷ୍କ ଠଉରେଇଲୁ ?

ଶିଷ୍ୟ : ଆଜ୍ଞା, ମୁଁ ତାହା କହୁ ନାହିଁ । ଶାସ୍ତ୍ରରେ ଯେତେବେଳେ ଶତ ଶତ ଏପରି ଏକତ୍ୱ-ଅନୁଭୂତିର ଦୃଷ୍ଟାନ୍ତ ରହିଛି, ଆପଣ ଯେତେବେଳେ କହୁଛନ୍ତି ଯେ, ଏହା 'କରାମଳକବତ୍' ପ୍ରତ୍ୟକ୍ଷ-ସିଦ୍ଧ, ଏବଂ ଆପଣଙ୍କର ଅପରୋକ୍ଷାନୁଭୂତି ଯେତେବେଳେ ବେଦାଦି ଶାସ୍ତ୍ରୋକ୍ତ ବାକ୍ୟର ଅବିସମ୍ବାଦୀ, ସେତେବେଳେ ଏହାକୁ ମିଥ୍ୟା କହିବାକୁ ସାହସ ହୁଏ ନାହିଁ । ଶଙ୍କରାଚାର୍ଯ୍ୟ ମଧ୍ୟ କହିଛନ୍ତି—'କ୍ୱ ଗତଂ କେନ ବା ନୀତଂ'* ଇତ୍ୟାଦି ।

ସ୍ୱାମୀଜୀ : ଜାଣିବୁ, ଏହି 'ଏକତ୍ୱ'-ଜ୍ଞାନ—ଯାହାକୁ ତୁମ ଶାସ୍ତ୍ରରେ ବ୍ରହ୍ମାନୁଭୂତି କୁହାଯାଏ—ତାହା ହେଲେ ଜୀବର ଆଉ ଭୟ ରହେ ନାହିଁ, ଜନ୍ମ-ମୃତ୍ୟୁର ପାଶ ଛିନ୍ନ ହୋଇଯାଏ । ଏହି ହେୟ କାମକାଞ୍ଚନରେ ବଦ୍ଧ ହୋଇ ଜୀବ ବ୍ରହ୍ମାନନ୍ଦ ଲାଭ କରିପାରେ ନାହିଁ । ସେହି ପରମାନନ୍ଦକୁ ପାଇଲେ, ଜଗତର ସୁଖଦୁଃଖରେ ଜୀବ ଆଉ ଅଭିଭୂତ ହୁଏ ନାହିଁ ।

ଶିଷ୍ୟ : ଆଚ୍ଛା ଆଜ୍ଞା, ଯଦି ତାହା ହିଁ ହୁଏ ଏବଂ ଆମେ ଯଦି ଯଥାର୍ଥ ପୂର୍ଣ୍ଣବ୍ରହ୍ମସ୍ୱରୂପ ହିଁ ହେଉ, ତାହାହେଲେ ଏହିପରି ସମାଧିରେ ସୁଖଲାଭ କରିବାକୁ ଆମର ଯତ୍ନ ହୁଏ ନାହିଁ କାହିଁକି ? ଆମେମାନେ ତୁଚ୍ଛ କାମକାଞ୍ଚନର ପ୍ରଲୋଭନରେ ପଡ଼ି ବାରମ୍ବାର ମୃତ୍ୟୁ-ମୁଖକୁ ଧାବମାନ ହେଉଛୁ କାହିଁକି ?

* ବିବେକଚୂଡ଼ାମଣି, ୪୯୧

ସ୍ୱାମୀଜୀ : ତୁ ମନେକରୁଛୁ, ଈଶ୍ୱର ସେହି ଶାନ୍ତିଲାଭରେ ଆଗ୍ରହ ନାହିଁ ପରା ? ଠିକ୍‌ଏ ଭାବ ଦେଖି—ବୁଝିପାରିବୁ, ଯେ ଯାହା କରୁଛି, ସେ ତାହା ଭୂମା ସୁଖର ଆଶାରେ ହିଁ କରୁଛି । ତେବେ ସମସ୍ତେ ସେକଥା ବୁଝିପାରୁ ନାହାନ୍ତି । ସେହି ପରମାନନ୍ଦ ଲାଭର ଇଚ୍ଛା ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ପୂର୍ଣ୍ଣ ଭାବରେ ରହିଛି । ଆନନ୍ଦସ୍ୱରୂପ ବ୍ରହ୍ମ ମଧ୍ୟ ପ୍ରତ୍ୟେକଙ୍କ ଅନ୍ତରରେ ରହିଛନ୍ତି । ତୁ ମଧ୍ୟ ସେହି ପୂର୍ଣ୍ଣବ୍ରହ୍ମ । ଏହି ମୁହୂର୍ତ୍ତରେ ଠିକ୍ ଠିକ୍ ଭାବିଲେ ହିଁ ଏହି କଥାର ଅନୁଭୂତ ହୁଏ । କେବଳ ଅନୁଭୂତିର ଅଭାବ ମାତ୍ର । ତୁ ଯେ ଚାକିରି କରି ସ୍ତ୍ରୀ-ପୁତ୍ରଙ୍କ ପାଇଁ ଏତେ କଷ୍ଟ କରୁଛୁ, ତା'ର ଉଦ୍ଦେଶ୍ୟ ମଧ୍ୟ ସେହି ସଚ୍ଚିଦାନନ୍ଦ-ଲାଭ । ସେହି ମୋହର ମାରପେଞ୍ଚରେ ପଡ଼ି ବାହାର ଖାଇ ଖାଇ କ୍ରମଶଃ ସ୍ୱ-ସ୍ୱରୂପ ଆଡ଼େ ନଜର ଆସିବ । ବାସନା ଅଛି ବୋଲି ଧକ୍କା ଖାଉଛୁ ଓ ଖାଇବୁ । ଏହିପରି ଧକ୍କା ଖାଇ ଖାଇ ନିଜ ଆଡ଼କୁ ଦୃଷ୍ଟି ପଡ଼ିବ । ସମସ୍ତଙ୍କର ଏକ ସମୟରେ ପଡ଼ିବ ହିଁ ପଡ଼ିବ । ତେବେ କାହାର ଏକ ଜନ୍ମରେ, କାହାର ବା ଲକ୍ଷ ଜନ୍ମ ପରେ ।

ଶିଷ୍ୟ : ସେଭଳି ଚୈତନ୍ୟ-ଲାଭ, ଆଜ୍ଞା, ଆପଣଙ୍କ ଆଶୀର୍ବାଦ ଓ ଠାକୁରଙ୍କର କୃପା ନ ହେଲେ କଦାପି ହେବ ନାହିଁ ।

ସ୍ୱାମୀଜୀ : ଠାକୁରଙ୍କ କୃପା-ବାଆ ତ ବହୁଛି, ତୁ ପାଲ ଟେକ ଦେ' ନା । ଯେତେବେଳେ ଯାହା କରିବୁ, ଖୁବ୍ ଏକାନ୍ତ ମନରେ କରିବୁ । ଦିନରାତି ଭାବିବୁ, ମୁଁ ସଚ୍ଚିଦାନନ୍ଦ-ସ୍ୱରୂପ୍—ମୋର ପୁଣି ଭୟ ଭାବନା କଅଣ ? ଏହି ଦେହ ମନ-ବୁଦ୍ଧି-ସବୁ ହିଁ କ୍ଷଣସ୍ଥାୟୀ—ଏହାର ପରପାରରେ ଯାହା, ତାହା ହିଁ 'ମୁଁ' ।

ଶିଷ୍ୟ : ଏହି ଭାବ ମୁହୂର୍ତ୍ତିକ ପାଇଁ ଆସିଲେ ବି, ପୁଣି ସଙ୍ଗେ ସଙ୍ଗେ ଉଡ଼ିଯାଏ ଓ ତୁଚ୍ଛ ସଂସାର କଥା ଭାବେ ।

ସ୍ୱାମୀଜୀ : ସେହିପରି ପ୍ରଥମେ ପ୍ରଥମେ ହୋଇଥାଏ । କ୍ରମେ ସୁଧୁରିଯାଏ । ତେବେ ମନର ଖୁବ୍ ତୀବ୍ରତା, ଐକାନ୍ତିକ ଇଚ୍ଛା ଆବଶ୍ୟକ । ଭାବିବୁ ଯେ, ମୁଁ ନିତ୍ୟ ଶୁଦ୍ଧ, ବୁଦ୍ଧ, ମୁକ୍ତସ୍ୱଭାବ, ମୁଁ କଅଣ କେବେ ଅନ୍ୟାୟ କାର୍ଯ୍ୟ କରିପାରେ ? ମୁଁ କଅଣ ସାମାନ୍ୟ କାମକାଞ୍ଚନ ଲୋଭରେ ପଡ଼ି ସାଧାରଣ ଜୀବ ପରି ମୁଗ୍ଧ ହୋଇପାରେ ? ମନରେ ଏହିପରି ଜୋର୍ ଆଣିବୁ ତେବେ ତ ଠିକ୍ କଲ୍ୟାଣ ହେବ ।

ଶିଷ୍ୟ : ଆଜ୍ଞା, ଥରେ ଥରେ ମନରେ ବେଶ୍ ଜୋର୍ ହୁଏ । ପୁଣି ଭାବେ, ଡେପୁଟୀଗିରି ପାଇଁ ପରୀକ୍ଷା ଦେବି—ଧନ ମାନ ହେବ, ବେଶ୍ ମଉଜରେ ରହିବି ।

ସ୍ୱାମୀଜୀ : ମନରେ ଯେତେବେଳେ ସେସବୁ ଆସିବ, ସେତେବେଳେ ବିଚାର କରିବୁ । ତୁ ତ ବେଦାନ୍ତ ପଢ଼ିଛୁ ? ଶୋଇବା ସମୟରେ ବି ବିଚାରର ତରବାରଙ୍କଣ୍ଡକ ମୁଣ୍ଡ ଉପରେ ରଖି ଶୋଇବୁ, ଯେପରିକି ସ୍ୱପ୍ନରେ ବି ଲୋଭ ସାମନାକୁ ଆସି ନ ପାରେ । ଏହିପରି ଜୋର୍ କରି ବାସନା ତ୍ୟାଗ କରୁ କରୁ କ୍ରମେ ଯଥାର୍ଥ ବୈରାଗ୍ୟ ଆସିବ—ସେତେବେଳେ ଦେଖିବୁ, ସ୍ୱର୍ଗର ଦ୍ୱାର ଖୋଲିଯାଇଛି ।

ଶିଷ୍ୟ : ଆଚ୍ଛା ସ୍ୱାମୀଜୀ ' ଭକ୍ତି-ଶାସ୍ତ୍ରରେ ଯେ କହନ୍ତି, ବେଶୀ ବୈରାଗ୍ୟ ହେଲେ ଭାବ

ରହେ ନାହିଁ ?

ସ୍ୱାମୀଜୀ : ଆରେ ଫିଙ୍ଗି ଦେ' ତୋର ସେ ଭକ୍ତି-ଶାସ୍ତ୍ର, ଯହିଁରେ ସେପରି କଥା ଅଛି । ବୈରାଗ୍ୟ—ବିଷୟ-ବିତୃଷ୍ଣା ନ ହେଲେ କାକ-ବିଷ୍ଠାପରି କାମିନୀକାଞ୍ଚନ ତ୍ୟାଗ ନ କଲେ 'ନ ସିଧ୍ୟତି ବ୍ରହ୍ମଶତାନ୍ତରେଽପି' । ବ୍ରହ୍ମାଙ୍କର କୋଟିକଳ୍ପରେ ବି ଜୀବର ମୁକ୍ତି ନାହିଁ । ଜପ, ଧ୍ୟାନ, ପୂଜା, ହୋମ, ତପସ୍ୟା କେବଳ ତୀବ୍ର ବୈରାଗ୍ୟ ଆଣିବା ନିମିତ୍ତ । ତାହା ଯାହାର ହୋଇ ନାହିଁ, ତା'ର ଜାଣିବୁ—ନଙ୍ଗର ପକାଇ ନୌକାରେ ଆହୁଲା ପକାଇବା ପରି ହେଉଛି । 'ନ ଧନେନ ନ ଚେଜ୍ୟୟା, ତ୍ୟାଗେନୈକେ ଅମୃତତ୍ୱମାନଶୁଃ ।'

ଶିଷ୍ୟ : ଆଚ୍ଛା, ଆଜ୍ଞା ! କାମକାଞ୍ଚନ-ତ୍ୟାଗ ହେଲେ ହିଁ କ'ଣ ସବୁ ହୋଇଗଲା ?

ସ୍ୱାମୀଜୀ : ସେ ଦୁଇଟାର ତ୍ୟାଗ ପରେ ବି ଅନେକ ଜଞ୍ଜାଳ ଅଛି । ଏହି ଯେମିତି ତା'ପରେ ଆସେ ଲୋକଖ୍ୟାତି । ସେଇଟାକୁ ସବୁ ଲୋକ ସମ୍ଭାଳିପାରନ୍ତି ନାହିଁ । ଲୋକମାନେ ମାନ ଦେଉଥାଆନ୍ତି, ନାନା ଭୋଗ ଆସି ଜୁଟେ । ଏଥିରେ ହିଁ ତ୍ୟାଗୀମାନଙ୍କ ମଧ୍ୟରୁ ବାରଅଣା ଲୋକ ବନ୍ଧା ପଡ଼ନ୍ତି । ଏହି ଯେ ମଠଫଠ କରୁଛି, ନାନା ପ୍ରକାର ପର ପାଇଁ କାମ କରି ସୁଖ୍ୟାତି ହେଉଛି, କିଏ ଜାଣେ, ମୋତେ ବା ପୁଣି ଫେରି ଆସିବାକୁ ହେବ ?

ଶିଷ୍ୟ : ଆଜ୍ଞା, ଆପଣ ତ ଏକଥା କହୁଛନ୍ତି, ତେବେ ଆମେ ଆଉ କୁଆଡ଼େ ଯିବୁ ?

ସ୍ୱାମୀଜୀ : ସଂସାରରେ ରହିଛୁ, ସେଥିରେ ଭୟ କ'ଣ ? 'ଅଭୀରଭୀରଭୀଃ'—ଭୟ ତ୍ୟାଗ କର । ନାଗ-ମହାଶୟଙ୍କୁ ଦେଖିଛୁ ତ ? ସଂସାରରେ ଥାଇ ସୁଦ୍ଧା ସନ୍ନ୍ୟାସୀଠାରୁ ବଡ଼ । ଏପରି ଲୋକ ସହଜରେ ଦେଖାଯାନ୍ତି ନାହିଁ । ଗୃହସ୍ଥ ଯଦି କେହି ହୁଏ ତ ନାଗ-ମହାଶୟଙ୍କ ପରି ହେବା ଉଚିତ । ନାଗ-ମହାଶୟ ପୂର୍ବବଙ୍ଗ ଆଲୋକିତ କରି ବସିଛନ୍ତି । ସେଦେଶର ଲୋକମାନଙ୍କୁ କହିବୁ, ଯେପରି ସେମାନେ ତାଙ୍କ ପାଖକୁ ଯାଆନ୍ତି, ତାହାହେଲେ ସେମାନଙ୍କର କଲ୍ୟାଣ ହେବ ।

ଶିଷ୍ୟ : ଆଜ୍ଞା, ଯଥାର୍ଥ କଥା କହୁଛନ୍ତି; ନାଗ-ମହାଶୟଙ୍କୁ ଦେଖିଲେ, ଶ୍ରୀରାମକୃଷ୍ଣଙ୍କ ଲୀଳା-ସହଚର, ଜୀବନ୍ତ ଦେବତା ବୋଲି ବୋଧହୁଏ ।

ସ୍ୱାମୀଜୀ : ତାହା ପୁଣି କହିବା କଥା ? ମୁଁ ତାଙ୍କୁ ଥରେ ଦର୍ଶନ କରିବାକୁ ଯିବି—ତୁ ବି ଯିବୁ ? ପାଣିରେ ଭାସିଯାଇଛି, ଏପରି ବିଲବାଡ଼ି ଦେଖିବାକୁ ସମୟ ସମୟରେ ମୋର ଭାରି ଇଚ୍ଛା ହୁଏ । ମୁଁ ଯିବି, ଦେଖିବି । ତୁ ତାଙ୍କୁ ଲେଖି ଦେ' ।

ଶିଷ୍ୟ : ମୁଁ ଲେଖିଦେବି । ଆପଣଙ୍କ ଦେଓଭୋଗ ଯିବା କଥା ଶୁଣିଲେ, ସେ ଆନନ୍ଦରେ ଉନ୍ମତ୍ତପ୍ରାୟ ହେବେ । ବହୁପୂର୍ବେ ଆପଣଙ୍କର ଥରେ ଯିବାର କଥା ହୋଇଥିଲା, ସେଥିରେ ସେ କହିଥିଲେ 'ପୂର୍ବବଙ୍ଗ ଆପଣଙ୍କ ଚରଣଧୂଳିରେ ତୀର୍ଥ ହୋଇଯିବ ।'

ସ୍ୱାମୀଜୀ : ଜାଣିଛୁ ତ, ନାଗ-ମହାଶୟଙ୍କୁ ଠାକୁର କହନ୍ତି—'ଜ୍ୱଳନ୍ତ ଅଗ୍ନି ।'

ଶିଷ୍ୟ : ଆଜ୍ଞା ହଁ, ତାହା ଶୁଣିଛି ।

ସ୍ୱାମୀଜୀ : ଅନେକ ରାତି ହେଲଣି, ତେବେ ଏଥର ଆ—କିଛି ଖାଇନେ ।

ଶିଷ୍ୟ : ଯେ ଆଜ୍ଞା !

ଅନନ୍ତର କିଛୁ ପ୍ରସାଦ ପାଇ, ଶିଷ୍ୟ କଲିକତା ଯାଉ ଯାଉ ଭାବିବାକୁ ଲାଗିଲା—ସ୍ୱାମୀଜୀ କି ଅଦ୍ଭୁତ ପୁରୁଷ ! ଯେପରି ସାକ୍ଷାତ୍ ଜ୍ଞାନମୂର୍ତ୍ତି ଆଚାର୍ଯ୍ୟ ଶଙ୍କର !

## ୨୪

ସ୍ଥାନ—ବେଲୁଡ଼ ମଠ (ନିର୍ମାଣ କାଳରେ)
କାଳ—୧୮୯୮

ଶିଷ୍ୟ : ସ୍ୱାମୀଜୀ ! ଜ୍ଞାନ ଓ ଭକ୍ତିର ସାମଞ୍ଜସ୍ୟ କିପରି ହୋଇପାରେ ? ଦେଖାଯାଏ, ଭକ୍ତିପଥାବଲମ୍ବୀମାନେ ଆଚାର୍ଯ୍ୟ ଶଙ୍କରଙ୍କ ନାମ ଶୁଣିଲେ କାନରେ ହାତ ଦିଅନ୍ତି । ପୁଣି ଜ୍ଞାନମାର୍ଗୀମାନେ ଭକ୍ତଙ୍କର ଆକୁଳ କ୍ରନ୍ଦନ, ଉଲ୍ଲାସ ଓ ନୃତ୍ୟ ଗୀତାଦି ଦେଖି କହନ୍ତି—ସେମାନେ ପାଗଳବିଶେଷ ।

ସ୍ୱାମୀଜୀ : କ'ଣ ଜାଣୁ ? ଗୌଣଭକ୍ତି ନେଇ ହିଁ କେବଳ ବିବାଦ ଉପସ୍ଥିତ ହୁଏ । ଠାକୁରଙ୍କ ସେହି ଭୂତ-ବାନରଙ୍କ ଗପ ଶୁଣିଛୁ ତ ?*

ଶିଷ୍ୟ : ଆଜ୍ଞା ହଁ ।

ସ୍ୱାମୀଜୀ : କିନ୍ତୁ ମୁଖ୍ୟା ଭକ୍ତି ଓ ମୁଖ୍ୟ ଜ୍ଞାନରେ କୌଣସି ପ୍ରଭେଦ ନାହିଁ । ମୁଖ୍ୟା ଭକ୍ତିର ମାନେ ହେଉଛି—ଭଗବାନଙ୍କୁ ପ୍ରେମସ୍ୱରୂପରେ ଉପଲବ୍ଧି କରିବା । ତୁ ଯଦି ସର୍ବତ୍ର ସମସ୍ତଙ୍କ ଭିତରେ ଭଗବାନଙ୍କର ପ୍ରେମମୂର୍ତ୍ତି ଦେଖିବାକୁ ପାଉ, ତେବେ କାହା ଉପରେ ଆଉ ହିଂସାଦ୍ୱେଷ କରିବୁ ? ସେହି ପ୍ରେମାନୁଭୂତି, ଏତେ ଟିକିଏ ବାସନା—ଠାକୁର ଯାହାକୁ କହନ୍ତି 'କାମକାଞ୍ଚନାସକ୍ତି'—ଥିବାଯାଏ କିଛି ହେବାର ଜୋ ନାହିଁ । ସମ୍ପୂର୍ଣ୍ଣ ପ୍ରେମାନୁଭୂତିରେ ଦେହବୁଦ୍ଧି ପର୍ଯ୍ୟନ୍ତ ରହେ ନାହିଁ । ଆଉ ମୁଖ୍ୟ ଜ୍ଞାନର ମାନେ ହେଉଛି, ସର୍ବତ୍ର ଏକତ୍ୱାନୁଭୂତି, ଆତ୍ମ-ସ୍ୱରୂପର ସର୍ବତ୍ର ଦର୍ଶନ । ତାହା ବି ଏତେ ଟିକିଏ ଅହଂବୁଦ୍ଧି ଥିବାଯାଏ ହେବାର ସାଧ୍ୟ ନାହିଁ !

ଶିଷ୍ୟ : ତେବେ ଆପଣ ଯାହାକୁ 'ପ୍ରେମ' କହୁଛନ୍ତି ତାହା କ'ଣ ପରମ ଜ୍ଞାନ ?

ସ୍ୱାମୀଜୀ : ତାହା ଛଡ଼ା ଆଉ କ'ଣ ? ପୂର୍ଣ୍ଣପ୍ରଜ୍ଞ ନ ହେଲେ କାହାର ପ୍ରେମାନୁଭୂତି ହୁଏ ନାହିଁ । ଦେଖୁଛୁ ତ, ବେଦାନ୍ତଶାସ୍ତ୍ରରେ ବ୍ରହ୍ମକୁ 'ସଚ୍ଚିଦାନନ୍ଦ' କୁହାଯାଏ । ଏହି

* ଶିବ ଓ ରାମଙ୍କର ଯୁଦ୍ଧ ହୋଇଥିଲା । ଏଣେ ରାମଙ୍କ ଗୁରୁ ଶିବ ଓ ଶିବଙ୍କ ଗୁରୁ ରାମ । ସୁତରାଂ ଯୁଦ୍ଧ ପରେ ଦୁଇଜଣଙ୍କ ଭାବ ହେଲା । କିନ୍ତୁ ଶିବଙ୍କ ଚେଲା ଭୂତପ୍ରେତମାନଙ୍କର ଆଉ ରାମଙ୍କ ସଙ୍ଗୀ ମାଙ୍କଡ଼ମାନଙ୍କ ଭିତରେ ଝଗଡ଼ା-କଚଟମିଚର ସେହିଦିନଠୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଆଉ ସରିଲା ନାହିଁ ।

ସଚ୍ଚିଦାନନ୍ଦ ଶବ୍ଦର ମାନେ ହେଉଛି—ସତ୍ ଅର୍ଥାତ୍ ଅସ୍ତିତ୍ୱ, ଚିତ୍ ଅର୍ଥାତ୍ ଚୈତନ୍ୟ ବା ଜ୍ଞାନ, ଆଉ ଆନନ୍ଦ ହିଁ ପ୍ରେମ । ଭଗବାନଙ୍କ ସତ୍-ଭାବଟି ନେଇ ଭକ୍ତ ଓ ଜ୍ଞାନୀ ମଧ୍ୟରେ କୌଣସି ବାଦ-ବିବାଦ ନାହିଁ । କିନ୍ତୁ ଜ୍ଞାନମାର୍ଗୀ ବ୍ରହ୍ମର ଚିତ୍ ବା ଚୈତନ୍ୟ-ସତ୍ତାଟି ଉପରେ ହିଁ ସର୍ବଦା ବେଶୀ ଜୋର୍ ଦିଅନ୍ତି । ଆଉ ଭକ୍ତଗଣ ଆନନ୍ଦ-ସତ୍ତାଟିକୁ ହିଁ ସର୍ବଦା ନଜରରେ ରଖନ୍ତି । କିନ୍ତୁ ଚିତ୍ସ୍ୱରୂପର ଅନୁଭୂତି ହେବା ମାନେ ଆନନ୍ଦସ୍ୱରୂପର ମଧ୍ୟ ଉପଲବ୍ଧି ହୁଏ, କାରଣ ଯାହା ଚିତ୍, ତାହା ହିଁ ସେ ଆନନ୍ଦ !

ଶିଷ୍ୟ : ତେବେ ଭାରତବର୍ଷରେ ଏତେ ସାମ୍ପ୍ରଦାୟିକ ଭାବ ପ୍ରବଳ କାହିଁକି, ଏବଂ ଭକ୍ତି ଓ ଜ୍ଞାନ-ଶାସ୍ତ୍ରରେ ବା ଏତେ ବିରୋଧ କାହିଁକି ?

ସ୍ୱାମୀଜୀ : ଜାଣି ନାହୁଁ କି ? ଗୌଣଭାବକୁ ନେଇ ଅର୍ଥାତ୍ ଯେଉଁ ଭାବଗୁଡ଼ିକୁ ଅନୁସରଣକରି ମନୁଷ୍ୟ ଠିକ୍ ଜ୍ଞାନ ବା ଠିକ୍ ଭକ୍ତି ଲାଭ କରିବାକୁ ଅଗ୍ରସର ହୁଏ, ସେସବୁ ନେଇ ଯେତେ ବାଡ଼ଆପିଟା ଦେଖାଯାଏ; କିନ୍ତୁ ତୋର କ'ଣ ମନେହୁଏ, end (ଉଦ୍ଦେଶ୍ୟ) ବଡ଼, କି means (ଉପାୟଗୁଡ଼ିକ) ବଡ଼ ? ନିଶ୍ଚୟ ଉଦ୍ଦେଶ୍ୟଠାରୁ ଉପାୟ କଦାପି ବଡ଼ ହୋଇ-ପାରେ ନାହିଁ; କାହିଁକି ନା, ଅଧିକାରୀ-ଭେଦରେ ଗୋଟିଏ ଉଦ୍ଦେଶ୍ୟର ଲାଭ ନାନାବିଧ ଉପାୟରେ ହୁଏ । ଏହି ଯେ ଦେଖୁଛୁ—ଜପ, ଧ୍ୟାନ, ପୂଜା, ହୋମ ଇତ୍ୟାଦି ଧର୍ମର ଅଙ୍ଗ —ଏଗୁଡ଼ିକ ସବୁ ହେଉଛି ଉପାୟ । ଆଉ ପରାଭକ୍ତି ବା ପରଂବ୍ରହ୍ମସ୍ୱରୂପଙ୍କ ଦର୍ଶନ କରିବା ହିଁ ହେଉଛି ମୁଖ୍ୟ ଉଦ୍ଦେଶ୍ୟ । ଅତଏବ ଟିକିଏ ତଳେଇ ଦେଖିଲେ ବୁଝିପାରିବୁ—ବିବାଦ କେଉଁଥିପାଇଁ ହେଉଛି । ଜଣେ କହୁଛନ୍ତି ପୂର୍ବମୁଖ ହୋଇ ବସି ଭଗବାନଙ୍କୁ ଡାକିଲେ ଯାଇ ତାଙ୍କୁ ପାଇବ । ଆଉ ଜଣେ କହୁଛନ୍ତି—ନା, ପଶ୍ଚିମମୁଖ ହୋଇ ବସିବାକୁ ହେବ, ତେବେ ଯାଇ ତାଙ୍କୁ ପାଇବ । ହୁଏତ ଜଣେ ବହୁକାଳ ପୂର୍ବେ ପୂର୍ବମୁଖ ହୋଇ ବସି ଧ୍ୟାନଭଜନ କରି ଈଶ୍ୱରଲାଭ କରିଥିଲେ । ତାଙ୍କର ଚେଲାମାନେ ତାହା ଦେଖି ସାଙ୍ଗେ ସାଙ୍ଗେ ସେହି ମତ ଚଳାଇ ଦେଇ କହିବାକୁ ଲାଗିଲେ—ପୂର୍ବମୁଖ ହୋଇ ନ ବସିଲେ ଈଶ୍ୱରଲାଭ କଦାପି ହେବ ନାହିଁ । ଆଉ ଜଣେ କହିଲେ—ସେ କି କଥା ! ଆମେ ଶୁଣିଛୁ ଯେ, ପଶ୍ଚିମମୁଖ ହୋଇ ବସି ଅମୁକ ଭଗବାନଙ୍କୁ ଲାଭ କରିଛି, ଆମେ ତୁମର ଏ ମତ ମାନୁନାହିଁ ! ଏହିପରି ସବୁ ଦଳ ବାନ୍ଧିଛନ୍ତି । ଜଣେ ହୁଏତ ହରିନାମ ଜପ କରି ପରାଭକ୍ତି ଲାଭ କରିଥିଲେ, ଯେମିତି ଶାସ୍ତ୍ର ତିଆରି ହୋଇଗଲା···'ନାସ୍ତ୍ୟେବ ଗତିରନ୍ୟଥା ।' ପୁଣି କେହି ଆଲ୍ଲା କହି ସିଦ୍ଧ ହେଲେ—ସାଙ୍ଗେ ସାଙ୍ଗେ ତା'ର ଆଉ ଏକ ମତ ଚଳିବାକୁ ଲାଗିଲା । ଆମକୁ ବର୍ତ୍ତମାନ ଦେଖିବାକୁ ହେବ, ଏହିସବୁ ଜପ-ପୂଜାଦିର ଭିତ୍ତି (ଆରମ୍ଭ) କେଉଁଠି ? ସେ ଭିତ୍ତି ହେଉଛି ଶ୍ରଦ୍ଧା । ସଂସ୍କୃତ ଭାଷାର 'ଶ୍ରଦ୍ଧା' କଥାଟି ବୁଝାଇବା ଭଳି ଶବ୍ଦ ଆମ ଭାଷାରେ ନାହିଁ । ଉପନିଷଦ୍‌ରେ ଅଛି—ଏହି ଶ୍ରଦ୍ଧା ନଚିକେତାଙ୍କ ହୃଦୟରେ ପ୍ରବେଶ କରିଥିଲା । 'ଏକାଗ୍ରତା' ଦ୍ୱାରା ବି ଶ୍ରଦ୍ଧା କଥାର ସମୁଦାୟ ଭାବ ପ୍ରକାଶ କରାଯାଇପାରେ । ବୋଧହୁଏ 'ଏକାଗ୍ରନିଷ୍ଠା' କହିଲେ ସଂସ୍କୃତ 'ଶ୍ରଦ୍ଧା' କଥାଟାର ଅନେକଟା ପାଖାପାଖି ମାନେ ହୁଏ । ନିଷ୍ଠାର ସହିତ ଏକାଗ୍ର ମନରେ ଯେ କୌଣସି ତତ୍ତ୍ୱ ହେଉ ନା କାହିଁକି, ଭାବିବାକୁ ଲାଗିଲେ ଦେଖିବାକୁ ପାଇବୁ—ମନର ଗତି

କମେ ହିଁ ଏକତ୍ୱ ଆଡ଼କୁ ଚାଲିଛି ବା ସଚ୍ଚିଦାନନ୍ଦସ୍ୱରୂପର ଅନୁଭୂତି ଆଡ଼କୁ ଯାଉଛି । ଭକ୍ତି-ଓ ଜ୍ଞାନ-ଶାସ୍ତ୍ର ଉଭୟେ ହିଁ ଏହିପରି ଗୋଟିଏ ଗୋଟିଏ ନିଷ୍ଠା ଜୀବନରେ ଆଣିବା ନିମିତ୍ତ ମନୁଷ୍ୟକୁ ବିଶେଷ ଉପଦେଶ ଦେଉଛନ୍ତି । ଯୁଗ ପରମ୍ପରାରେ ବିକୃତ ଭାବ ଧାରଣ କରି ସେହିସବୁ ମହାନ୍ ସତ୍ୟ କମେ ଦେଶାଚାରରେ ପରିଣତ ହୋଇଛି । ଖାଲି ଯେ ତୁମର ଭାରତବର୍ଷରେ ଏପରି ହୋଇଛି ତାହା ନୁହେଁ—ପୃଥିବୀର ସବୁ ଜାତିରେ ଓ ସବୁ ସମାଜରେ ହିଁ ଏହିପରି ହୋଇଛି । ଆଉ ବିଚାରବିହୀନ ସାଧାରଣ ଜୀବ ଏଗୁଡ଼ାକୁ ନେଇ ସେହି ସମୟରୁ ବିବାଦ କରି ମରୁଛି, ଖିଅ ହରାଇ ପକାଇଛି; ତେଣୁ ଏତେ ମରାମରି ଚାଲିଛି ।

ଶିଷ୍ୟ : ମହାଶୟ ! ତେବେ ବର୍ତ୍ତମାନ ଉପାୟ କ'ଣ ?

ସ୍ୱାମୀଜୀ : ପୂର୍ବପରି ଠିକ୍ ଠିକ୍ ଶ୍ରଦ୍ଧା ଆଣିବାକୁ ହେବ । ବାଜେଘାସଗୁଡ଼ାକ ଉପାଡ଼ି ପକାଇବାକୁ ହେବ । ସକଳ ମତରେ ସକଳ ପଥରେ ଦେଶକାଳାତୀତ ସତ୍ୟ ମିଳେ ସତ; କିନ୍ତୁ ସେସବୁ ଉପରେ ଅନେକ ଆବର୍ଜନା ପଡ଼ିଯାଇଛି । ସେସବୁ ସଫା କରି ଠିକ୍ ଠିକ୍ ତତ୍ତ୍ୱ-ଗୁଡ଼ିକ ଲୋକଙ୍କ ସାମନାରେ ରଖିବାକୁ ହେବ । ତେବେ ଯାଇ ତୁମର ଧର୍ମର ଓ ଦେଶର ମଙ୍ଗଳ ହେବ ।

ଶିଷ୍ୟ : କିପରି ତାହା କରିବାକୁ ହେବ ?

ସ୍ୱାମୀଜୀ : କାହିଁକି ? ପ୍ରଥମତଃ ମହାପୁରୁଷମାନଙ୍କ ପୂଜା ଚଳାଇବାକୁ ହେବ । ଯେଉଁମାନେ ସେହିସବୁ ସନାତନ ତତ୍ତ୍ୱ ପ୍ରତ୍ୟକ୍ଷ କରିଯାଇଛନ୍ତି, ସେମାନଙ୍କୁ ଲୋକଙ୍କ ଆଗରେ ideal (ଆଦର୍ଶ ବା ଇଷ୍ଟ) ରୂପେ ରଖିବାକୁ ହେବ । ଭାରତବର୍ଷରେ ଯେପରି ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣ, ମହାବୀର ଓ ଶ୍ରୀରାମକୃଷ୍ଣ । ଦେଶରେ ଶ୍ରୀରାମଚନ୍ଦ୍ର ଓ ମହାବୀରଙ୍କ ପୂଜା ଚଳେଇ ଦେ' ଦେଖି । ବୃନ୍ଦାବନ-ଲୀଳାଫୀଳା ବର୍ତ୍ତମାନ ରଖି ଦେ' । ଗୀତା-ସିଂହନାଦକାରୀ ଶ୍ରୀକୃଷ୍ଣଙ୍କର ପୂଜା ଚଳା, ଶକ୍ତିପୂଜା ଚଳା ।

ଶିଷ୍ୟ : କାହିଁକି ? ବୃନ୍ଦାବନ-ଲୀଳା ମନ୍ଦ କ'ଣ ?

ସ୍ୱାମୀଜୀ : ବର୍ତ୍ତମାନ ଶ୍ରୀକୃଷ୍ଣଙ୍କର ସେପୂଜାରେ ତୁମ ଦେଶରେ ଫଳ ହେବ ନାହିଁ । ବଂଶୀ ବଜାଇ ବର୍ତ୍ତମାନ ତୁମ ଦେଶର କଲ୍ୟାଣ ହେବ ନାହିଁ । ବର୍ତ୍ତମାନ ଆବଶ୍ୟକ ମହାତ୍ୟାଗ, ମହାନିଷ୍ଠା, ମହାଧୈର୍ଯ୍ୟ ଏବଂ ସ୍ୱାର୍ଥଗନ୍ଧଶୂନ୍ୟ ଶୁଦ୍ଧବୁଦ୍ଧି ସହାୟତାରେ ମହା-ଉଦ୍ୟମ ପ୍ରକାଶ କରି ସମସ୍ତ ବିଷୟ ଠିକ୍ ଠିକ୍ ଜାଣିବା ପାଇଁ ଉଠି ପଡ଼ି ଲାଗିବା ।

ଶିଷ୍ୟ : ମହାଶୟ ' ତେବେ ଆପଣଙ୍କ ମତରେ ବୃନ୍ଦାବନ-ଲୀଳା କ'ଣ ସତ୍ୟ ନୁହେଁ ?

ସ୍ୱାମୀଜୀ : ତାହା କିଏ କହୁଛି ? ସେହି ଲୀଳାର ଠିକ୍ ଠିକ୍ ଧାରଣା ଉପଲବ୍ଧି କରିବାକୁ ଅତି ଉଚ୍ଚ ସାଧନାର ପ୍ରୟୋଜନ । ଏ ଘୋର କାମକାଞ୍ଚନାସକ୍ତ ସମୟରେ ସେହି ଲୀଳାର ଉଚ୍ଚ ଭାବ କେହି ଧାରଣା କରିପାରିବେ ନାହିଁ ।

ଶିଷ୍ୟ : ତେବେ କଅଣ କହିବାକୁ ଚାହାଁନ୍ତି, ଯେଉଁମାନେ ମଧୁର ସଖ୍ୟାଦି ଭାବ ଅବଲମ୍ବନ କରି ବର୍ତ୍ତମାନ ସାଧନା କରୁଛନ୍ତି, ସେମାନେ କେହି ଠିକ୍ ବାଟରେ ଯାଉ

ନାହାନ୍ତି ?

ସ୍ୱାମୀଜୀ : ମୋର ତ ସେହିପରି ବୋଧ ହେଉଛି—ବିଶେଷତଃ ଯେଉଁମାନେ ମଧୁର-ଭାବର ସାଧକ ବୋଲି ପରିଚୟ ଦିଅନ୍ତି, ସେମାନେ । ତେବେ ଗୋଟିଏ ଦୁଇଟି ଠିକ୍ ଠିକ୍ ଲୋକ ଥିଲେ ଆଇପାରନ୍ତି । ବାକି-ସବୁ ଜାଣିବୁ—ଘୋର ତମୋଭାବାପନ୍ନ full of morbidity (ମାନସିକ ଦୁର୍ବଳତା-ସମାଚ୍ଛନ୍ନ) ! ତେଣୁ କହୁଛି, ଦେଶଟାକୁ ବର୍ତ୍ତମାନ ଉଠାଇବାକୁ ହେଲେ ମହାବୀରଙ୍କ ପୂଜା ଚଳାଇବାକୁ ହେବ, ଶକ୍ତିପୂଜା ଚଳାଇବାକୁ ହେବ, ଶ୍ରୀରାମଚନ୍ଦ୍ରଙ୍କ ପୂଜା ଘରେ ଘରେ କରିବାକୁ ହେବ । ତେବେ ଯାଇ ତୁମର ଓ ଦେଶର କଲ୍ୟାଣ, ନଚେତ୍ ଉପାୟ ନାହିଁ ।

ଶିଷ୍ୟ : କିନ୍ତୁ ମହାଶୟ, ଶୁଣିଛି ଠାକୁର ଶ୍ରୀରାମକୃଷ୍ଣଦେବ ତ ସମସ୍ତଙ୍କୁ ନେଇ ସଂକୀର୍ତ୍ତନରେ ବିଶେଷ ଆନନ୍ଦ ଅନୁଭବ କରୁଥିଲେ ।

ସ୍ୱାମୀଜୀ : ତାଙ୍କ କଥା ସ୍ୱତନ୍ତ୍ର । ତାଙ୍କ ସଙ୍ଗେ କ'ଣ ଜୀବର ତୁଳନା ହୁଏ ? ସେ ସବୁ ମତରେ ସାଧନ କରି ଦେଖିଛନ୍ତି, ସବୁଗୁଡ଼ିକ ଏକ ତତ୍ତ୍ୱରେ ପହଞ୍ଚାଇ ଦିଏ । ସେ ଯାହା କରିଛନ୍ତି, ତାହା କ'ଣ ତୁ ମୁଁ କରିପାରିବା ? ସେ ଯେ କିଏ ଓ କେତେ ବଡ଼, ତାହା ଆମେ କେହି ଏପର୍ଯ୍ୟନ୍ତ ବୁଝିପାରୁ ନାହୁଁ । ଏଥିପାଇଁ ମୁଁ ତାଙ୍କ କଥା ଯେଉଁଠି ସେଇଠି କହେ ନାହିଁ । ସେ କିଏ ଥିଲେ, ତାହା ସେ ହିଁ ଜାଣିଥିଲେ; ତାଙ୍କ ଦେହଟା କେବଳ ମନୁଷ୍ୟ ପରି ଥିଲା; କିନ୍ତୁ ଚାଲିଚଳଣି ସବୁ ସ୍ୱତନ୍ତ୍ର, ଅମାନୁଷିକ ଥିଲା ।

ଶିଷ୍ୟ : ଆଚ୍ଛା ମହାଶୟ, ଆପଣ ତାଙ୍କୁ ଅବତାର ବୋଲି ମାନନ୍ତି କି ?

ସ୍ୱାମୀଜୀ : ତୋର ଅବତାର-କଥାର ମାନେଟା କ'ଣ ତାହା ଆଗ କହ ?

ଶିଷ୍ୟ : କାହିଁକି ? ଯେପରି ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଗୌରାଙ୍ଗ, ବୁଦ୍ଧ, ଈଶା ଇତ୍ୟାଦି ପୁରୁଷଙ୍କ ପରି ପୁରୁଷ ।

ସ୍ୱାମୀଜୀ : ଯେଉଁମାନଙ୍କ ନାମ କହିଲୁ, ମୁଁ ଠାକୁର ଶ୍ରୀରାମକୃଷ୍ଣଙ୍କୁ ସେମାନଙ୍କ ସମସ୍ତଙ୍କ ଅପେକ୍ଷା ବଡ଼ ବୋଲି ଜାଣେ । ମାନିବା ତ ଶ୍ରେଷ୍ଠ କଥା—ଜାଣେ । ଥାଉ ବର୍ତ୍ତମାନ ସେକଥା । ଏତିକି ବର୍ତ୍ତମାନ ଶୁଣିରଖ—ସମୟ ଓ ସମାଜର ଉପଯୋଗୀ ଜଣେ ଜଣେ ମହାପୁରୁଷ ଆସନ୍ତି ଧର୍ମ ଉଦ୍ଧାର କରିବାକୁ; ତାଙ୍କୁ ମହାପୁରୁଷ କହ ବା ଅବତାର କହ, ସେଥିରେ କିଛି ଯାଏ ଆସେ ନାହିଁ । ସେମାନେ ସଂସାରକୁ ଆସି ଜୀବକୁ ନିଜ ଜୀବନ ଗଠନ କରିବାର ideal (ଆଦର୍ଶ) ଦେଖାଇଯାନ୍ତି । ସେ ଯେତେବେଳେ ଆସନ୍ତି, ସେତେବେଳେ ତାଙ୍କ ଛାଞ୍ଚରେ ଗଢ଼ିବା କାମ ଚାଲୁ ରହେ, ମଣିଷ ତିଆରି ହୁଏ ଓ ସମ୍ପ୍ରଦାୟ ଚାଲୁଥାଏ । କାଳକ୍ରମେ ସେହିସବୁ ସମ୍ପ୍ରଦାୟ ବିକୃତ ହେଲେ ପୁଣି ସେହିପରି ଅନ୍ୟ ସଂସ୍କାରକ ଆସନ୍ତି; ଏହି ପ୍ରଥା ପ୍ରବାହ ରୂପେ ଚାଲିଆସୁଛି ।

ଶିଷ୍ୟ : ଆଜ୍ଞା, ତେବେ ଆପଣ ଠାକୁରଙ୍କୁ ଅବତାର ବୋଲି ଘୋଷଣା କରନ୍ତି ନାହିଁ କାହିଁକି ? ଆପଣଙ୍କର ଶକ୍ତି ଓ ବାଗ୍ମିତା ତ ଯଥେଷ୍ଟ ଅଛି ?

ସ୍ୱାମୀଜୀ : ତା'ର କାରଣ ମୁଁ ତାଙ୍କୁ ଖୁବ୍ ଅଳ୍ପ ବୁଝିଛି । ସେ ଏତେ ବଡ଼

ମନେହୁଅନ୍ତ ଯେ, ତାଙ୍କ ସମ୍ବନ୍ଧରେ କିଛି କହିବାକୁ ଗଲେ ମୋର ଭୟ ହୁଏ, କାଳେ ସତ୍ୟର ଅପଲାପ ହୋଇଯିବ; କାଳେ ମୋର ଏ ଅଳ୍ପ ଶକ୍ତି ନାଅଣ୍ଟା ହେବ; ବଡ଼ କରିବାକୁ ଯାଇ, ତାଙ୍କ ଛବି ମୋ ଢଙ୍ଗରେ ଆଙ୍କି ତାଙ୍କୁ କାଳେ ଗ୍ଲେଟ କରିପକାଇବ !

ଶିଷ୍ୟ : କିନ୍ତୁ ଆଜିକାଲି ଅନେକେ ତ ତାଙ୍କୁ ଅବତାର ବୋଲି ପ୍ରଚାର କରୁଛନ୍ତି ?

ସ୍ୱାମୀଜୀ : ତାହା କରନ୍ତୁ । ଯେ ଯେପରି ବୁଝିଛି, ସେ ସେହିପରି କରୁଛି । ତୋର ସେପରି ବିଶ୍ୱାସ ହେଲେ ତୁ ବି କର ।

ଶିଷ୍ୟ : ମୁଁ ଆପଣଙ୍କୁ ତ ସମ୍ୟକ୍ ବୁଝିପାରେ ନାହିଁ, ତା' ପୁଣି ଠାକୁରଙ୍କୁ ? ମନେହୁଏ ଆପଣଙ୍କ କୃପାକଣା ପାଇଲେ ହିଁ ମୁଁ ଏ ଜନ୍ମରେ ଧନ୍ୟ ହେବି ।

ଆଜି ଏହିଠାରେ କଥାର ପରିସମାପ୍ତି ହେଲା ଏବଂ ଶିଷ୍ୟ ସ୍ୱାମୀଜୀଙ୍କ ପଦଧୂଳି ନେଇ ଗୃହକୁ ପ୍ରତ୍ୟାଗମନ କଲା ।

## ୨୫

ସ୍ଥାନ—ବେଲୁଡ଼ ମଠ (ନିର୍ମାଣ ସମୟରେ)
କାଳ—୧୮୯୮

ଶିଷ୍ୟ : ସ୍ୱାମୀଜୀ ! ଠାକୁର କହୁଥିଲେ—କାମିନୀକାଞ୍ଚନ ତ୍ୟାଗ ନ କଲେ ଧର୍ମପଥରେ ଅଗ୍ରସର ହୋଇପାରିବ ନାହିଁ । ତେବେ ଯେଉଁମାନେ ଗୃହସ୍ଥ ସେମାନଙ୍କର ଉପାୟ କ'ଣ ? ସେମାନଙ୍କୁ ତ ଦିନରାତି ଏହି ଉଭୟଙ୍କୁ ହିଁ ନେଇ ବ୍ୟସ୍ତ ରହିବାକୁ ହୁଏ ।

ସ୍ୱାମୀଜୀ : ଗୃହସ୍ଥ ହେଉ ବା ସନ୍ନ୍ୟାସୀ ହେଉ, କାମକାଞ୍ଚନରୁ ଆସକ୍ତି ନ ଗଲେ, ଈଶ୍ୱରଙ୍କ ଆଡ଼େ ମନ ଯାଏ ନାହିଁ । ସେହି ଦୁଇ ବସ୍ତୁରେ ଯେତେବେଳଯାଏ ମନ ଅଛି, ଜାଣିବୁ—ସେତେବେଳଯାଏ ଠିକ୍ ଠିକ୍ ଅନୁରାଗ, ନିଷ୍ଠା ବା ଶ୍ରଦ୍ଧା କଦାପି ଆସିବ ନାହିଁ !

ଶିଷ୍ୟ : ତେବେ ଗୃହସ୍ଥମାନଙ୍କର ଉପାୟ ?

ସ୍ୱାମୀଜୀ : ଉପାୟ ହେଉଛି—ଗ୍ଲେଟ ଗ୍ଲେଟ ବାସନାଗୁଡ଼ିକୁ ପୂର୍ଣ୍ଣ କରିନେବା; ଆଉ ବଡ଼ଗୁଡ଼ିକୁ ବିଚାର କରି ତ୍ୟାଗ କରିବା । ତ୍ୟାଗ ଭିନ୍ନ ଈଶ୍ୱରଲାଭ ହେବ ନାହିଁ—'ଯଦି ବ୍ରହ୍ମା ସ୍ୱୟଂ ବଦେତ୍'—ବେଦକର୍ତ୍ତା ବ୍ରହ୍ମା ସ୍ୱୟଂ କହିଲେ ମଧ୍ୟ ତାହା ହେବ ନାହିଁ ।

ଶିଷ୍ୟ : ଆଚ୍ଛା ସ୍ୱାମୀଜୀ, ସନ୍ନ୍ୟାସ ଗ୍ରହଣ କଲେ କଅଣ ବିଷୟ-ତ୍ୟାଗ ହୁଏ ?

ସ୍ୱାମୀଜୀ : ତାହା କ'ଣ କେବେ ହୁଏ ? ତେବେ ସନ୍ନ୍ୟାସୀମାନେ କାମକାଞ୍ଚନ ସମ୍ପୂର୍ଣ୍ଣ ଭାବରେ ତ୍ୟାଗ କରିବାକୁ ପ୍ରସ୍ତୁତ ହେଉଛନ୍ତି, ଚେଷ୍ଟା କରୁଛନ୍ତି; ଆଉ ଗୃହସ୍ଥମାନେ ନଙ୍ଗର ପକାଇ ନୌକାରେ ଆହୁଲା ମାରୁଛନ୍ତି—ଏହା ହିଁ ପ୍ରଭେଦ । ଭୋଗର ତୃଷ୍ଣା କେବେ

ମେଣ୍ଟେ କରେ ? 'ଭୂୟ ଏବାଭିବର୍ଦ୍ଧତେ'—ଧନକୁ ଧନ ବଢ଼ିବାରେ ଲଗେ ।

ଶିଷ୍ୟ : କାହିଁକି ? ଭୋଗ କରି କରି ବିରକ୍ତ ହୋଇ ଶେଷରେ ତ ବିତୃଷ୍ଣା ଆସିପାରେ ?

ସ୍ୱାମୀଜୀ : ଦୂର୍ ଟୋକା, ତାହା କେତେଜଣଙ୍କର ଆସିବାର ଦେଖିଛୁ ? କ୍ରମାଗତ ବିଷୟ ଭୋଗ କରିବାକୁ ଲଗିଲେ ମନରେ ସେସବୁ ବିଷୟର ଛାପ ପଡ଼ିଯାଏ, ଦାଗ ପଡ଼ିଯାଏ, ମନ ବିଷୟର ରଙ୍ଗରେ ରଙ୍ଗୀନ୍ ହୋଇଯାଏ । ତ୍ୟାଗ, ତ୍ୟାଗ —ଏହା ହିଁ ହେଉଛି ମୂଳମନ୍ତ୍ର ।

ଶିଷ୍ୟ : କାହିଁକି ମହାଶୟ, ଋଷି-ବାକ୍ୟ ତ ଅଛି—'ଗୃହେଷୁ ପଞ୍ଚେନ୍ଦ୍ରିୟନିଗ୍ରହସ୍ତପଃ, ନିବୃତ୍ତରାଗସ୍ୟ ଗୃହଂ ତପୋବନମ୍'—ଗୃହସ୍ଥାଶ୍ରମରେ ରହି ଇନ୍ଦ୍ରିୟସବୁକୁ ବିଷୟ ଅର୍ଥାତ୍ ରୂପରସାଦି-ଭୋଗରୁ ବିରତ ରଖିବାକୁ ହିଁ ତପସ୍ୟା କୁହାଯାଏ; ବିଷୟ ପ୍ରତି ଅନୁରାଗ ଦୂର ହେଲେ ଗୃହ ହିଁ ତପୋବନରେ ପରିଣତ ହୁଏ ।

ସ୍ୱାମୀଜୀ : ଗୃହରେ ରହି ଯେଉଁମାନେ କାମକାଞ୍ଚନ ତ୍ୟାଗ କରିପାରନ୍ତି, ସେମାନେ ଧନ୍ୟ, କିନ୍ତୁ ତାହା କେତେଜଣଙ୍କର ହୁଏ ?

ଶିଷ୍ୟ : କିନ୍ତୁ ଆଜ୍ଞା, ଆପଣ ତ ଇତିପୂର୍ବରେ କହିଲେ ଯେ, ସନ୍ନ୍ୟାସୀଙ୍କ ମଧ୍ୟରେ ବି ଅଧିକାଂଶଙ୍କର ସମ୍ପୂର୍ଣ୍ଣ ରୂପେ କାମକାଞ୍ଚନ ତ୍ୟାଗ ହୋଇ ନାହିଁ ।

ସ୍ୱାମୀଜୀ : ତାହା ତ କହିଛି । କିନ୍ତୁ ଏ କଥା ବି କହିଛି ଯେ, ସେମାନେ ତ୍ୟାଗର ପଥରେ ଚାଲିଛନ୍ତି । ସେମାନେ କାମକାଞ୍ଚନ ବିରୋଧରେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି । ଗୃହସ୍ଥମାନଙ୍କର କାମକାଞ୍ଚନାସକ୍ତି ଏପର୍ଯ୍ୟନ୍ତ ବିପଦ ବୋଲି ଧାରଣା ହୋଇ ନାହିଁ । ଆତ୍ମୋନ୍ନତିର ଚେଷ୍ଟା ମଧ୍ୟ ହୋଇ ନାହିଁ । ତାହା ବିରୋଧରେ ଯେ ଯୁଦ୍ଧ କରିବାକୁ ହେବ, ଏ ଭାବନା ହିଁ ବର୍ତ୍ତମାନ ସୁଦ୍ଧା ଆସି ନାହିଁ ।

ଶିଷ୍ୟ : କାହିଁକି ଆଜ୍ଞା, ସେମାନଙ୍କ ମଧ୍ୟରେ ବି ତ ଅନେକେ ଏହି ଆସକ୍ତି ତ୍ୟାଗ କରିବାକୁ ଚେଷ୍ଟା କରୁଛନ୍ତି ?

ସ୍ୱାମୀଜୀ : ଯେଉଁମାନେ ଏପରି କରୁଛନ୍ତି, ସେମାନେ ଅବଶ୍ୟ କ୍ରମେ ତ୍ୟାଗୀ ହେବେ; ସେମାନଙ୍କର ମଧ୍ୟ କାମକାଞ୍ଚନାସକ୍ତି କ୍ରମେ କମିଯିବ । କିନ୍ତୁ କ'ଣ ଜାଣୁ—'ଯାଉଛି ଯିବ, ହେଉଛି ହେବ'—ଯେଉଁମାନେ ଏପରି ଭାବରେ ଚାଲିଛନ୍ତି, ସେମାନଙ୍କର ଆତ୍ମଦର୍ଶନ ବର୍ତ୍ତମାନ ସୁଦ୍ଧା ଅନେକ ଦୂରରେ । 'ବର୍ତ୍ତମାନ ଭଗବାନ ଲଭ କରିବି, ଏହି ଜନ୍ମରେ କରିବି'—ଏହା ହିଁ ହେଉଛି ବୀରର କଥା । ଏପରି ଲୋକ ସଙ୍ଗେ ସଙ୍ଗେ ହିଁ ସର୍ବସ୍ୱ ତ୍ୟାଗ କରିବାକୁ ପ୍ରସ୍ତୁତ ହୁଏ । ଶାସ୍ତ୍ର ସେମାନଙ୍କ ସମ୍ବନ୍ଧରେ କହିଛନ୍ତି—'ଯଦହରେବ ବିରଜେତ୍ ତଦହରେବ ପ୍ରବ୍ରଜେତ୍'—ଯେଉଁ ମୁହୂର୍ତ୍ତରୁ ବୈରାଗ୍ୟ ଆସିବ, ସେହି ମୁହୂର୍ତ୍ତରୁ ସଂସାର ତ୍ୟାଗ କରିବ ।

ଶିଷ୍ୟ : କିନ୍ତୁ ମହାଶୟ, ଠାକୁର ତ କହନ୍ତି—ଈଶ୍ୱରଙ୍କ କୃପା ହେଲେ, ତାଙ୍କୁ ଡାକିଲେ, ସେ ଏସବୁ ଆସକ୍ତି ଦଣ୍ଡକରେ କଟାଇ ଦିଅନ୍ତି ।

ସ୍ୱାମୀଜୀ : ହିଁ, ତାଙ୍କର କୃପା ହେଲେ ହୁଏ ସତ; କିନ୍ତୁ ତାଙ୍କ କୃପା ପାଇବାକୁ ହେଲେ ଆଗେ ଶୁଦ୍ଧ, ପବିତ୍ର ହେବା ଦରକାର । ତେବେ ଯାଇ ତାଙ୍କର କୃପା ଲଭ ହେବ ।

ଶିଷ୍ୟ : କିନ୍ତୁ କାୟମନୋବାକ୍ୟରେ ସଂଯମ କରିପାରିଲେ କୃପାର ଆଉ ଆବଶ୍ୟକତା କ'ଣ ? ତାହାହେଲେ ତ ମୁଁ ନିଜେ ହିଁ ନିଜର ଚେଷ୍ଟାରେ ଆତ୍ମୋନ୍ନତି କଲି ।

ସ୍ୱାମୀଜୀ : ତୁ ପ୍ରାଣପଣେ ଚେଷ୍ଟା କରୁଛୁ ଦେଖିଲେ ତାଙ୍କର କୃପା ହୁଏ । Struggle (ଉଦ୍ୟମ ବା ପୁରୁଷକାର) ନ କରି ବସି ଥା, ଦେଖିବୁ କେବେହେଲେ କୃପା ହେବ ନାହିଁ ।

ଶିଷ୍ୟ : ଭଲ ହେବ, ଏହା ବୋଧହୁଏ ସମସ୍ତଙ୍କର ଇଚ୍ଛା; କିନ୍ତୁ କେଉଁ ଦୁର୍ଲକ୍ଷ୍ୟ ସୂତ୍ରରେ ଯେ ମନ ନୀଚଗାମୀ ହୁଏ, ତାହା କହିହୁଏ ନାହିଁ; ସମସ୍ତଙ୍କର କ'ଣ ମନରେ ଇଚ୍ଛା ହୁଏ ନାହିଁ ଯେ, ମୁଁ ସତ୍ ହେବି, ଭଲ ହେବି, ଈଶ୍ୱରଲାଭ କରିବି ?

ସ୍ୱାମୀଜୀ : ଯେଉଁମାନଙ୍କ ଭିତରେ ଏପରି ଇଚ୍ଛା ଆସିଛି, ତାଙ୍କରି ଭିତରେ ଜାଣିବୁ struggle (ଉଦ୍ୟମ ବା ଚେଷ୍ଟା) ଆସିଛି ଏବଂ ସେହି ଚେଷ୍ଟା କରୁ କରୁ ଈଶ୍ୱରଙ୍କ ଦୟା ଆପେ ଆପେ ଆସେ ।

ଶିଷ୍ୟ : କିନ୍ତୁ ମହାଶୟ, ଅନେକ ଅବତାରଙ୍କ ଜୀବନରେ ତ ଏହା ବି ଦେଖାଯାଏ— ଯେଉଁମାନଙ୍କୁ ଆମେ ଭୟାନକ ପାପୀ ବ୍ୟଭିଚାରୀ ଇତ୍ୟାଦି ମନେକରୁ, ସେମାନେ ବି ସାଧନଭଜନ ନ କରି, ଭଗବାନଙ୍କ କୃପାରେ ଅନାୟାସରେ ଈଶ୍ୱରଲାଭରେ ସକ୍ଷମ ହୋଇଥିଲେ—ଏହାର ଅର୍ଥ କ'ଣ ?

ସ୍ୱାମୀଜୀ : ଜାଣିବୁ, ତାଙ୍କ ଭିତରେ ଭୟଙ୍କର ଅଶାନ୍ତି ଆସିଥିଲା; ଭୋଗ କରୁ କରୁ ବିତୃଷ୍ଣା ଆସିଥିଲା । ଅଶାନ୍ତିରେ ତାଙ୍କ ହୃଦୟ ଜଳିଯାଉଥିଲା । ହୃଦୟରେ ଏତେ ଅଭାବ ବୋଧ କରୁଥିଲେ ଯେ, ଶାନ୍ତି ନ ପାଇଲେ ତାଙ୍କ ଦେହ ଛାଡ଼ିଯାଆନ୍ତା । ତେଣୁ ଭଗବାନଙ୍କ ଦୟା ହୋଇଥିଲା । ତମୋଗୁଣର ଭିତର ଦେଇ ସେସବୁ ଲୋକ ଧର୍ମପଥରେ ଉଠିଥିଲେ ।

ଶିଷ୍ୟ : ତମୋଗୁଣ ହେଉ ବା ଯାହା ହେଉ, କିନ୍ତୁ ସେହି ଭାବରେ ତ ସେମାନଙ୍କର ଈଶ୍ୱରଲାଭ ହୋଇଥିଲା ?

ସ୍ୱାମୀଜୀ : ହଁ, ତା' ହେବ ନାହିଁ କାହିଁକି ? କିନ୍ତୁ ପାଇଖାନାଦ୍ୱାର ଦେଇ ନ ଯାଇ ସଦର ଦ୍ୱାର ଦେଇ ଘରକୁ ଗିବା ଭଲ ନୁହେଁ କି ? ଏବଂ ଏ ପଥରେ ଯାଇ ବି ତ—'କିଅଣ କଲେ ମନର ଏ ଅଶାନ୍ତି ଦୂର କରିବି'—ଏହିପରି ଗୋଟାଏ ବିଷମ ବ୍ୟାକୁଳତା ଓ ଚେଷ୍ଟା ଅଛି ?

ଶିଷ୍ୟ : ତାହା ଠିକ୍ । ତେବେ ମୋର ମନେହୁଏ, ଯେଉଁମାନେ ଇନ୍ଦ୍ରିୟାଦି ଦମନ ଓ କାମକାଞ୍ଚନ ତ୍ୟାଗ କରି ଈଶ୍ୱରଲାଭ କରିବାକୁ ଉଦ୍ୟତ, ସେମାନେ ପୁରୁଷକାରବାଦୀ ଓ ସ୍ୱାବଲମ୍ବୀ; ଏବଂ ଯେଉଁମାନେ କେବଳ ମାତ୍ର ତାଙ୍କ ନାମରେ ବିଶ୍ୱାସ କରି ପଡ଼ିରହିଛନ୍ତି, ସେମାନଙ୍କ କାଞ୍ଚନାଦିକୁ ଭଗବାନ ହିଁ ସ୍ୱୟଂରେ ଦୂର କରି ଶେଷରେ ପରମ ପଦ ଦିଅନ୍ତି ।

ସ୍ୱାମୀଜୀ : ହଁ, ତେବେ ଏପରି ଲୋକ ବିରଳ; ସିଦ୍ଧ ହେବା ପରେ ଲୋକେ ସେହି-ମାନଙ୍କୁ ହିଁ କୃପାସିଦ୍ଧ କହନ୍ତି । ଜ୍ଞାନୀ ଓ ଭକ୍ତ ଏହି ଉଭୟଙ୍କ ମତରେ କିନ୍ତୁ ତ୍ୟାଗ ହିଁ ହେଉଛି ମୂଳମନ୍ତ୍ର ।

ଶିଷ୍ୟ : ସେଥିରେ ଆଉ ସନ୍ଦେହ କ'ଣ ? ଶ୍ରୀଯୁକ୍ତ ଗିରିଶଚନ୍ଦ୍ର ଘୋଷ ମହାଶୟ ଦିନେ

ମୋତେ କହିଥିଲେ ଯେ, 'କୃପାପକ୍ଷରେ କୌଣସି ନିୟମ ନାହିଁ; ଯଦି ଥାଏ ତେବେ ତାକୁ କୃପା କୁହାଯାଏ ନାହିଁ । ସେଠାରେ ସବୁ କିଛି ବେ-ଆଇନୀ କାରଖାନା ।'

ସ୍ୱାମୀଜୀ : ତାହା ନୁହେଁ ରେ, ତାହା ନୁହେଁ; ଘୋଷ-ପୁଅ ଯେଉଁଠିକାର କଥା କହୁଛନ୍ତି, ସେଠାରେ ବି ଆମ ଅଜ୍ଞାତରେ ଗୋଟାଏ ଆଇନ ବା ନିୟମ ଅଛି ହିଁ ଅଛି । ବେ-ଆଇନୀ କାରଖାନାଟା ହେଉଛି ଶେଷ କଥା, ଦେଶକାଳନିମିତ୍ତର ଅତୀତ ସ୍ଥାନର କଥା; ସେଠାରେ Law of Causation (କାର୍ଯ୍ୟ-କାରଣ-ସମ୍ବନ୍ଧ) ନାହିଁ; ସେଠାରେ କିଏ କାହାକୁ କୃପା କରିବ ? ସେଠାରେ ସେବ୍ୟ-ସେବକ, ଧାତା-ଧ୍ୟେୟ, ଜ୍ଞାତା-ଜ୍ଞେୟ ଏକ ହୋଇଯାଏ—ସବୁ ସମରସ ।

ଶିଷ୍ୟ : ଆଜି ତେବେ ଆସୁଛି । ଆପଣଙ୍କ କଥା ଶୁଣି ଆଜି ବେଦବେଦାନ୍ତର ସାର ବୁଝିଗଲି, ଏତେଦିନ କେବଳ ବାଗାଡ଼ମ୍ବର ମାତ୍ର କରିହେଉଥିଲି । ସ୍ୱାମୀଜୀଙ୍କର ପଦଧୂଳି ନେଇ ଶିଷ୍ୟ କଲିକତା ଅଭିମୁଖରେ ଅଗ୍ରସର ହେଲା ।

## ୨୭

ସ୍ଥାନ—ବେଲୁଡ଼ ମଠ (ନିର୍ମାଣ କାଳରେ)
କାଳ—୧୮୯୮

ଶିଷ୍ୟ : ସ୍ୱାମୀଜୀ ! ଖାଦ୍ୟାଖାଦ୍ୟ ସହିତ ଧର୍ମାଚରଣର କିଛି ସମ୍ବନ୍ଧ ଅଛି କି ?

ସ୍ୱାମୀଜୀ : ଅଳ୍ପବହୁତ ଅଛି ନିଶ୍ଚୟ ।

ଶିଷ୍ୟ : ମାଛ, ମାଂସ ଖାଇବା ଉଚିତ ଏବଂ ପ୍ରୟୋଜନ କି ?

ସ୍ୱାମୀଜୀ : ଖୁବ୍ ଖାଇବୁ ରେ ବାପ ! ସେଥିରେ ଯାହା ପାପ ହେବ ତା ମୋର ।* ତୁମ ଦେଶର ଲୋକଗୁଡ଼ାକ ଆଡ଼କୁ ଥରେ ଚାହିଁ ଦେଖି ଦେଖ—ମୁହଁରେ ମଳିନତାର ଛାୟା, ଛାତିରେ ସାହସ ଓ ଉଦ୍ୟମଶୂନ୍ୟତା, ପେଟଟି ବଡ଼, ହାତ ଗୋଡ଼ରେ ବଳ ନାହିଁ—ଭୀରୁ ଓ କାପୁରୁଷ !

ଶିଷ୍ୟ : ମାଛ-ମାଂସ ଖାଇଲେ ଯଦି ଉପକାର ହେବ, ତେବେ ବୌଦ୍ଧ ଓ ବୈଷ୍ଣବ ଧର୍ମରେ ଅହିଂସାକୁ 'ପରମୋ ଧର୍ମଃ' କହିଛନ୍ତି କାହିଁକି ?

ସ୍ୱାମୀଜୀ : ବୌଦ୍ଧ ଓ ବୈଷ୍ଣବଧର୍ମ ଅଲଗା ନୁହେଁ । ବୌଦ୍ଧଧର୍ମ ମରିଯିବା ସମୟରେ ହିନ୍ଦୁଧର୍ମ ତାହାର କେତେଗୁଡ଼ିଏ ନିୟମ ନିଜ ମଧ୍ୟରେ ଭର୍ତ୍ତି କରିନେଇ ଆପଣାର କରି-ନେଇଥିଲା । ସେହି ଧର୍ମ ହିଁ ବର୍ତ୍ତମାନ ଭାରତବର୍ଷରେ ବୈଷ୍ଣବଧର୍ମ ବୋଲି ବିଖ୍ୟାତ ।

---

* ଆମିଷ-ନିରାମିଷ ଆହାର ବିଷୟରେ ସ୍ୱାମୀଜୀ ଅଧିକାରୀ ବିଚାର କରୁଥିଲେ ।

'ଅହିଂସା ପରମୋ ଧର୍ମ'—ବୌଦ୍ଧଧର୍ମର ଏହି ମତ ଖୁବ୍ ଭଲ । ତେବେ ଅଧିକାରୀ ବିଚାର ନ କରି ବଳପୂର୍ବକ ରାଜଶାସନ ଦ୍ୱାରା ସେହି ମତ ଇତର ଜନସାଧାରଣ ସମସ୍ତଙ୍କ ଉପରେ ଲଦି ଦେବାକୁ ଯାଇ ବୌଦ୍ଧଧର୍ମ ଦେଶର ମୁଣ୍ଡଟି ଏକାବେଳକେ ଖାଇ ଦେଇଯାଇଛି । ଫଳରେ ଏହା ହୋଇଛି ଯେ, ଲୋକେ ପିମ୍ପୁଡ଼ିଙ୍କୁ ଚିନି ଦେଉଛନ୍ତି, ଆଉ ଟଙ୍କା ପାଇଁ ଭାଇର ସର୍ବନାଶ ସାଧନ କରୁଛନ୍ତି !—ଏପରି 'ବକଧାର୍ମିକ' ଏ ଜୀବନରେ ଅନେକ ଦେଖିଛି । ଅନ୍ୟ ପକ୍ଷରେ ଦେଖ—ବୈଦିକ ଓ ମନୁକ୍ତ ଧର୍ମରେ ମତ୍ସ୍ୟ, ମାଂସ ଖାଇବାର ବିଧାନ ରହିଛି, ପୁଣି ଅହିଂସାର କଥା ବି ଅଛି । ଅଧିକାରୀ ବିଶେଷରେ ଅହିଂସା ଧର୍ମ-ପାଳନର ବ୍ୟବସ୍ଥା ଅଛି । ଶ୍ରୁତି କହିଛନ୍ତି—'ମା ହିଂସ୍ୟାତ୍ ସର୍ବଭୂତାନି'; ମନୁ ମଧ୍ୟ କହିଛନ୍ତି—'ନିବୃତ୍ତିସ୍ତୁ ମହାଫଳା' ।

ଶିଷ୍ୟ : ଆଜ୍ଞା, ବର୍ତ୍ତମାନ କିନ୍ତୁ ଦେଖୁଛି, ଧର୍ମ ଆଡ଼କୁ ଟିକିଏ ଝୁଙ୍କି ହେଲେ ହିଁ ଲୋକେ ଆଗେ ମାଛ ମାଂସ ଛାଡ଼ି ଦିଅନ୍ତି । ଅନେକଙ୍କ ଆଖିରେ ବ୍ୟଭିଚାରାଦି ଗୁରୁତର ପାପ ଅପେକ୍ଷା ମଧ୍ୟ ମାଛମାଂସ ଖାଇବାଟା ବଡ଼ ପାପ—ଏ ଭାବ କେଉଁଠୁ ଆସିଲା ?

ସ୍ୱାମୀଜୀ : କେଉଁଠୁ ଆସିଲା, ତାହା ଜାଣିବା ତୋର କ'ଣ ଦରକାର ? ତେବେ ଏହି ମତ ପଶି ତୁମ ସମାଜର ଓ ଦେଶର ସର୍ବନାଶ ସାଧନ କରୁଛି, ତାହା ତ ଦେଖିପାରୁଛୁ ? ଦେଖୁନୁ, ତୁମ ପୂର୍ବ-ବଙ୍ଗର ଲୋକେ ଖୁବ୍ ମାଛ ମାଂସ ଖାଆନ୍ତି, କଇଁଚ ଖାଆନ୍ତି । ତେଣୁ ସେମାନେ ପଶ୍ଚିମ-ବଙ୍ଗର ଲୋକଙ୍କଠାରୁ ସୁସ୍ଥ-ଶରୀର । ତୁମ ପୂର୍ବ-ବଙ୍ଗରେ ବଡ଼ଲୋକମାନେ ମଧ୍ୟ ଏପର୍ଯ୍ୟନ୍ତ ରାତିରେ ଲୁଚି ବା ପୁରି ଖାଇବାକୁ ଶିଖି ନାହାନ୍ତି । ତେଣୁ ଆମ ଦେଶର ଲୋକଗୁଡ଼ାକ ପରି ଅମ୍ଳ ରୋଗ ଭୋଗନ୍ତି ନାହିଁ । ଶୁଣିଛି, ପୂର୍ବ-ବଙ୍ଗଳାର ଗାଉଁଲୀମାନେ ଅମ୍ଳରୋଗ କାହାକୁ କହନ୍ତି, ତାହା ଆଦୌ ବୁଝିପାରନ୍ତି ନାହିଁ ।

ଶିଷ୍ୟ : ଆଜ୍ଞା ହଁ, ଆମ ଦେଶରେ ଅମ୍ଳରୋଗ ବୋଲି କୌଣସି ରୋଗ ନାହିଁ । ଏ ଦେଶକୁ ଆସି ଏହି ବ୍ୟାଧିର ନାମ ଶୁଣିଛି । ଆମ ଦେଶରେ ଆମେ ଦୁଇଓଳି ମାଛଭାତ ଖାଇଥାଉ ।

ସ୍ୱାମୀଜୀ : ତାହା ଖୁବ୍ ଖାଇବୁ । ଘାସପତର ଖାଇ ପେଟରୋଗୀ ବାବାଜୀଙ୍କ ଦଳରେ ଦେଶ ଆଚ୍ଛାଦିତ ହୋଇଯାଇଛି, ସେସବୁ ସତ୍ତ୍ୱଗୁଣର ଚିହ୍ନ ନୁହେଁ । ମହା ତମୋ-ଗୁଣର ଛାୟା—ମୃତ୍ୟୁର ଛାୟା । ସତ୍ତ୍ୱଗୁଣର ଚିହ୍ନ ହେଉଛି—ମୁଖରେ ଉଜ୍ଜ୍ୱଳତା, ହୃଦୟରେ ଅଦମ୍ୟ ଉତ୍ସାହ, tremendous activity (ପ୍ରଚଣ୍ଡ କର୍ମତତ୍ପରତା), ଆଉ ତମୋ-ଗୁଣର ଲକ୍ଷଣ ହେଉଛି ଆଳସ୍ୟ, ଜଡ଼ତା, ମୋହ, ନିଦ୍ରା—ଏହିସବୁ ।

ଶିଷ୍ୟ : କିନ୍ତୁ ଆଜ୍ଞା, ମାଛ-ମାଂସ ତ ରଜୋଗୁଣ ବଢ଼ାଏ ?

ସ୍ୱାମୀଜୀ : ମୁଁ ତ ତାହା ହିଁ ଚାହୁଁଛି । ବର୍ତ୍ତମାନ ରଜୋଗୁଣ ହିଁ ତ ଦରକାର । ଦେଶରେ ଯେଉଁସବୁ ଲୋକଙ୍କୁ ବର୍ତ୍ତମାନ ସତ୍ତ୍ୱଗୁଣୀ ବୋଲି ମନେକରୁଛୁ, ସେମାନଙ୍କ ଭିତରୁ ପନ୍ଦର ଅଣା ଲୋକ ହିଁ ଘୋର ତମୋଭାବାପନ୍ନ । ଅଣାଏ ସତ୍ତ୍ୱଗୁଣୀ ଲୋକ ମିଳିବେ ତ ଢେର । ବର୍ତ୍ତମାନ ଦରକାର ପ୍ରବଳ ରଜୋଗୁଣର ତାଣ୍ଡବ ଉଦ୍ଦୀପନା—ଦେଶ ଯେ ଘୋର

ତମସାଚ୍ଛନ୍ନ, ଦେଖିପାରୁ ନାହୁଁ ? ବର୍ତ୍ତମାନ ଦେଶର ଲୋକଙ୍କୁ ମାଛ-ମାଂସ ଖୁଆଇ ଉଦ୍ୟମ କରି ଉଠାଇବାକୁ ହେବ, ଜଗାଇବାକୁ ହେବ, କାର୍ଯ୍ୟତତ୍ପର କରିବାକୁ ହେବ । ନଚେତ୍ କ୍ରମେ ଦେଶଯାକର ଲୋକ ଜଡ଼ ହୋଇଯିବେ, ଗଛ ପଥର ପରି ଜଡ଼ ହୋଇଯିବେ । ସେଥିପାଇଁ କହୁଥିଲି, ମାଛମାଂସ ଖୁବ୍ ଖାଇବୁ ।

ଶିଷ୍ୟ : କିନ୍ତୁ ଆଜ୍ଞା, ମନରେ ଯେତେବେଳେ ସତ୍ତ୍ୱଗୁଣର ଅତ୍ୟନ୍ତ ସ୍ଫୂର୍ତ୍ତି ହୁଏ, ସେତେବେଳେ ମାଛମାଂସରେ ସ୍ପୃହା ଥାଏ କି ?

ସ୍ୱାମୀଜୀ : ନା, ତାହା ନ ଥାଏ; ସତ୍ତ୍ୱଗୁଣର ଯେତେବେଳେ ଖୁବ୍ ବିକାଶ ହୁଏ, ସେତେବେଳେ ମାଛମାଂସରେ ରୁଚି ନ ଥାଏ । କିନ୍ତୁ ସତ୍ତ୍ୱଗୁଣ ପ୍ରକାଶର ଏହିସବୁ ଲକ୍ଷଣ ଜାଣିବୁ—ପର ପାଇଁ ସର୍ବସ୍ୱପଣ, କାମିନୀକାଞ୍ଚନରେ ସମ୍ପୂର୍ଣ୍ଣ ଅନାସକ୍ତି, ନିରଭିମାନିତ୍ୱ, ଅହଂବୁଦ୍ଧିଶୂନ୍ୟତା । ଏହିସବୁ ଲକ୍ଷଣ ଯାହାର ହୁଏ, ତାହାର ଆଉ animal food-ରେ (ଆମିଷାହାରରେ) ଇଚ୍ଛା ହୁଏ ନାହିଁ । ଆଉ ଯେଉଁଠାରେ ଦେଖିବୁ, ମନରେ ଏସବୁ ଗୁଣର ସ୍ଫୂର୍ତ୍ତି ନାହିଁ; ଅଥଚ ଅହିଂସାଦଳରେ ନାମ ଲେଖାଇଛି—ସେଠାରେ ଜାଣିବୁ, ହୁଏତ ଭଣ୍ଡାମି, ନାହିଁ ତ ଲୋକଦେଖାଣିଆ ଧର୍ମ । ତୋର ଯେତେବେଳେ ଠିକ୍ ଠିକ୍ ସତ୍ତ୍ୱଗୁଣର ଅବସ୍ଥା ହେବ, ସେତେବେଳେ ଆମିଷାହାର ଛାଡ଼ିଦେବୁ ।

ଶିଷ୍ୟ : କିନ୍ତୁ ଆଜ୍ଞା, ଛାନ୍ଦୋଗ୍ୟ ଶ୍ରୁତିରେ ତ ଅଛି 'ଆହାରଶୁଦ୍ଧୌ ସତ୍ତ୍ୱଶୁଦ୍ଧିଃ'—ଶୁଦ୍ଧ ବସ୍ତୁ ଆହାର କଲେ ସତ୍ତ୍ୱଗୁଣର ବୃଦ୍ଧି ହୁଏ ଇତ୍ୟାଦି । ଅତଏବ ସତ୍ତ୍ୱଗୁଣୀ ହେବା ନିମିତ୍ତ ରଜଃ ଓ ତମୋଗୁଣୋଦ୍ଦୀପକ ପଦାର୍ଥ-ସବୁର ଭୋଜନ ପୂର୍ବରୁ ତ୍ୟାଗ କରିବା କ'ଣ ଏଠାରେ ଶ୍ରୁତିର ଅଭିପ୍ରାୟ ନୁହେଁ ?

ସ୍ୱାମୀଜୀ : ଏହି ଶ୍ରୁତିର ଅର୍ଥ କରିବାକୁ ଯାଇ ଶଙ୍କରାଚାର୍ଯ୍ୟ କହିଛନ୍ତି—'ଆହାର' ଅର୍ଥରେ 'ଇନ୍ଦ୍ରିୟ-ବିଷୟ', ଆଉ ଶ୍ରୀରାମାନୁଜ ସ୍ୱାମୀ 'ଆହାର' ଅର୍ଥରେ ଖାଦ୍ୟ ଧରିଛନ୍ତି । ମୋର ମତ ହେଉଛି, ସେମାନଙ୍କର ଏହି ଉଭୟ ମତର ସାମଞ୍ଜସ୍ୟ କରିନେବାକୁ ହେବ । କେବଳ ଦିନରାତି ଖାଦ୍ୟାଖାଦ୍ୟର ବିଚାର କରି ଜୀବନ କଟାଇବାକୁ ହେବ ନା ଇନ୍ଦ୍ରିୟ-ସଂଯମ କରିବାକୁ ହେବ ? ଇନ୍ଦ୍ରିୟସଂଯମକୁ ହିଁ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଧରିବାକୁ ହେବ, ଆଉ ସେହି ଇନ୍ଦ୍ରିୟସଂଯମ ନିମିତ୍ତ ହିଁ ଭଲମନ୍ଦ ଖାଦ୍ୟାଖାଦ୍ୟର ଅଳ୍ପ ବହୁତ ବିଚାର କରିବାକୁ ହେବ । ଶାସ୍ତ୍ରରେ ଅଛି, ଖାଦ୍ୟ ତ୍ରିବିଧ ଦୋଷରେ ଦୁଷ୍ଟ ଓ ପରିତ୍ୟାଜ୍ୟ ହୁଏ (୧) ଜାତିଦୁଷ୍ଟ —ଯେପରି ପିଆଜ, ରସୁଣ ଇତ୍ୟାଦି । (୨) ନିମିତ୍ତଦୁଷ୍ଟ—ଯେପରି ଗୁଡ଼ିଆ ଦୋକାନର ଜଳଖିଆ, ଦରଗଣ୍ଡା ମାଛି ମରି ପଡ଼ିଛି, ରାସ୍ତାର ଧୂଳି କେତେ ଉଡ଼ି ପଡ଼ିଛି ଇତ୍ୟାଦି । (୩) ଆଶ୍ରୟ-ଦୁଷ୍ଟ—ଯେପରି ଅସତ୍‌ଲୋକ ଦ୍ୱାରା ସ୍ପୃଷ୍ଟ ଅନ୍ନ ଇତ୍ୟାଦି । ଖାଦ୍ୟ ଜାତିଦୁଷ୍ଟ ଓ ନିମିତ୍ତଦୁଷ୍ଟ ହୋଇଛି କି ନା, ସବୁ ସମୟରେ ତା' ଉପରେ ନଜର ରଖିବାକୁ ହୁଏ । କିନ୍ତୁ ଏଦେଶରେ ସେଥିରେ ନଜର ସମ୍ପୂର୍ଣ୍ଣ ଉଠିଯାଇଛି । କେବଳ ଶେଷୋକ୍ତ ଦୋଷଟି—ଯାହା ଯୋଗୀ ଭିନ୍ନ ଅନ୍ୟ କେହି ପ୍ରାୟ ବୁଝିପାରନ୍ତି ନାହିଁ—ନେଇ ଦେଶରେ ଯେତେ ମରାମରି ଚାଲିଛି—'ଛୁଁ ଅନା' 'ଛୁଁ ଅନା' କରି ଛୁତମାର୍ଗୀଙ୍କ ଦଳ ଦେଶଟାକୁ ଅସ୍ଥିର

କରିଦେଇଛନ୍ତି । ତାହା ବି ଭଲମନ୍ଦ ଲୋକର ବିଚାର ନାହିଁ—ବେକରେ ଗୋଟିଏ ସୂତା ଥିଲେ ହିଁ ହେଲା, ତା' ହାତରେ ଅନ୍ନ ଖାଇବାକୁ ଛୁଆଁ ଛୁତମାର୍ଗୀଙ୍କର ଆଉ ଆପତ୍ତି ନାହିଁ । ଖାଦ୍ୟର ଆଶ୍ରୟଦୋଷ ଧରିପାରିବା ଏକମାତ୍ର ଠାକୁରଙ୍କଠାରେ ହିଁ ଦେଖିଛି । ଏପରି ଅନେକ ଘଟଣା ହୋଇଛି, ଯେଉଁଠି ସେ କୌଣସି କୌଣସି ଲୋକର ଛୁଆଁ ଖାଇପାରି ନାହାନ୍ତି । ବିଶେଷ ଅନୁସନ୍ଧାନ ପରେ ଜାଣିପାରିଛି—ବାସ୍ତବିକ୍ ସେସବୁ ଲୋକ ଭିତରେ କୌଣସି ନା କୌଣସି ବିଶେଷ ଦୋଷ ଥିଲା । ତୁମର ଯେତେ କିଛି ଧର୍ମ ବର୍ତ୍ତମାନ ଯାଇ ରହିଲାଣି ଭାତ-ହାଣ୍ଡି ଭିତରେ । ଅପର ଜାତିର ଛୁଆଁ ଭାତ ନ ଖାଇଲେ ହିଁ ଯେପରି ଭଗବାନ-ଲାଭ ହୋଇଗଲା । ଶାସ୍ତ୍ରର ମହାନ୍ ସତ୍ୟ ସବୁ ଛାଡ଼ି କେବଳ ଚୋପା ନେଇ ମରାମରି ଚାଲିଛି ।

ଶିଷ୍ୟ : ଆଜ୍ଞା, ତେବେ କ'ଣ ଆପଣ କହିବାକୁ ଚାହାନ୍ତି, ସମସ୍ତଙ୍କ ଛୁଆଁ ଅନ୍ନ ଖାଇବା ହିଁ ଆମର କର୍ତ୍ତବ୍ୟ ?

ସ୍ୱାମୀଜୀ : ତାହା କାହିଁକି କହିବି ? ମୋର କଥା ହେଉଛି, ତୁ ବ୍ରାହ୍ମଣ, ଅନ୍ୟ ଜାତିର ଅନ୍ନ ନ ଖାଇଲୁ; କିନ୍ତୁ ତୁ ସବୁ ବ୍ରାହ୍ମଣର ଅନ୍ନ କାହିଁକି ଖାଇବୁ ନାହିଁ ? ତୁମେ ରାଢ଼ୀ ଶ୍ରେଣୀ ବୋଲି ବାରେନ୍ଦ୍ର ବ୍ରାହ୍ମଣର ଅନ୍ନ ଖାଇବାରେ ଆପତ୍ତି ହେବ କାହିଁକି ? ଆଉ ବାରେନ୍ଦ୍ର ବ୍ରାହ୍ମଣ ବା ତୁମ ଅନ୍ନ ନ ଖାଇବେ କାହିଁକି ? ମହାରାଷ୍ଟ୍ରୀ, ତେଲିଙ୍ଗୀ ଓ କନୌଜୀ ବ୍ରାହ୍ମଣ ବା ତୁମ ଅନ୍ନ ଖାଇବେ ନାହିଁ କାହିଁକି ? କଲିକତାରେ ଜାତି-ବିଚାରଟା ଆହୁରି କିଛି ମଜାର କଥା । ଦେଖାଯାଏ—ଅନେକ ବ୍ରାହ୍ମଣ କାୟସ୍ଥ ହୋଟେଲରେ ଭାତ ଖାଉଛନ୍ତି; ସେହିମାନେ ହିଁ ପୁଣି ମୁହଁ ପୋଛି ଆସି ସମାଜର ନେତା ହେଉଛନ୍ତି; ସେହିମାନେ ହିଁ ଅପର ପାଇଁ ଜାତି-ବିଚାର ଓ ଅନ୍ନ-ବିଚାରର ଆଇନ କରୁଛନ୍ତି । ପଚାରେ, ଏହିସବୁ କପଟୀମାନଙ୍କ ଆଇନ ଅନୁସାରେ କ'ଣ ସମାଜକୁ ଚାଲିବାକୁ ହେବ ? ସେମାନଙ୍କ କଥା ଫିଙ୍ଗିଦେଇ ସନାତନ ଋଷିମାନଙ୍କ ଶାସନ ଚଳାଇବାକୁ ହେବ—ତେବେ ଯାଇ ଦେଶର କଲ୍ୟାଣ ହେବ !

ଶିଷ୍ୟ : ତେବେ କ'ଣ ଆଜ୍ଞା, କଲିକତାର ଅଧୁନାତମ ସମାଜରେ ଋଷିଶାସନ ଚାଲୁ ନାହିଁ ?

ସ୍ୱାମୀଜୀ : ଖାଲି କଲିକତାରେ କାହିଁକି ? ମୁଁ ଭାରତବର୍ଷ ତନ୍ନ ତନ୍ନ କରି ଖୋଜି ଦେଖିଛି, କେଉଁଠି ଋଷିଶାସନର ଠିକ୍ ଠିକ୍ ପ୍ରଚଳନ ନାହିଁ । କେବଳ ଲୋକାଚାର, ଦେଶାଚାର ଆଉ ସ୍ତ୍ରୀ-ଆଚାର—ଏହିଥିରେ ହିଁ ସବୁ ଜାଗାରେ ସମାଜ ଶାସିତ ହେଉଛି । ଶାସ୍ତ୍ର-ଫାସ୍ତ୍ର କ'ଣ କେହି ପଢ଼ନ୍ତି, ନା ପଢ଼ି ସେହି ଅନୁସାରେ ସମାଜକୁ ଚଳାଇବାକୁ ଚାହାନ୍ତି ?

ଶିଷ୍ୟ : ତେବେ ଆଜ୍ଞା, ବର୍ତ୍ତମାନ ଆମକୁ କ'ଣ କରିବାକୁ ହେବ ?

ସ୍ୱାମୀଜୀ : ଋଷିମାନଙ୍କ ମତ ଚଳାଇବାକୁ ହେବ । ମନୁ, ଯାଜ୍ଞବଲ୍କ୍ୟ ପ୍ରଭୃତି ଋଷିମାନଙ୍କ ମନ୍ତ୍ରରେ ଦେଶକୁ ଦୀକ୍ଷିତ କରିବାକୁ ହେବ । ତେବେ, ସମୟୋପଯୋଗୀ କିଛି କିଛି ପରିବର୍ତ୍ତନ କରିଦେବାକୁ ହେବ । ଦେଖୁ ନାହୁଁ, ଭାରତର କେଉଁଠାରେ ଏବେ ଆଉ ଚାତୁର୍ବର୍ଣ୍ଣ୍ୟ ବିଭାଗ ଦେଖାଯାଉ ନାହିଁ । ପ୍ରଥମତଃ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର—ଏହି

ବୃତ୍ତି ଜାତିରେ ଦେଶର ଲୋକମାନଙ୍କୁ ଭାଗ କରିବାକୁ ହେବ । ସବୁ ବ୍ରାହ୍ମଣଙ୍କୁ ଏକତ୍ର କରି ଗୋଟିଏ ବ୍ରାହ୍ମଣ ଜାତି ଗଢ଼ିବାକୁ ହେବ । ସେହିପରି ସବୁ କ୍ଷତ୍ରିୟ, ସବୁ ବୈଶ୍ୟ, ସବୁ ଶୂଦ୍ରଙ୍କୁ ନେଇ ଅନ୍ୟ ତିନୋଟି ଜାତି କରି ସବୁ ଜାତିକୁ ବୈଦିକ ପ୍ରଣାଳୀରେ ଗଢ଼ିବାକୁ ହେବ । ନଚେତ୍ ଖାଲି 'ତୁମକୁ ଛୁଇଁବି ନାହିଁ' କହିଲେ କ'ଣ ଦେଶର କଲ୍ୟାଣ ହେବ ରେ ? କେବେହେଁ ନୁହେଁ ।

## ୨୨

ସ୍ଥାନ—ବେଲୁଡ଼ ମଠ (ନିର୍ମାଣ କାଳରେ)
କାଳ—୧୮୯୮

ଶିଷ୍ୟ : ସ୍ୱାମୀଜୀ, ବର୍ତ୍ତମାନ କାଳରେ ଆମ ସମାଜର ଓ ଦେଶର ଏତେ ଦୁର୍ଦ୍ଦଶା ହୋଇଛି କାହିଁକି ?

ସ୍ୱାମୀଜୀ : ତୁମେମାନେ ହିଁ ସେଥିପାଇଁ ଦାୟୀ ।

ଶିଷ୍ୟ : କହୁଛନ୍ତି କ'ଣ ? କେମିତି ଦାୟୀ ?

ସ୍ୱାମୀଜୀ : ବହୁକାଳ ଧରି ଦେଶର ନୀଚ ଜାତିମାନଙ୍କୁ ଘୃଣା କରି କରି ତୁମେମାନେ ବର୍ତ୍ତମାନ ଜଗତର ଘୃଣାଭାଜନ ହୋଇପଡ଼ିଛ ।

ଶିଷ୍ୟ : କେବେ ପୁଣି ଆମେ ତାଙ୍କୁ ଘୃଣା କଲୁ ?

ସ୍ୱାମୀଜୀ : କାହିଁକି ? ପଣ୍ଡିତଙ୍କ ଦଳ ତୁମେ ହିଁ ତ ବେଦବେଦାନ୍ତାଦି ଯେତେ ସାରବାନ ଶାସ୍ତ୍ର ସବୁ ବ୍ରାହ୍ମଣେତର ଜାତିମାନଙ୍କୁ କେବେହେଲେ ପଢ଼ିବାକୁ ଦେଇ ନାହଁ, ତାଙ୍କୁ ଛୁଇଁ ନାହଁ, ତାଙ୍କୁ କେବଳ ତଳେ ଚପି ରଖିଛ; ସ୍ୱାର୍ଥପରତାରୁ ତୁମେ ହିଁ ତ ଚିର-କାଳ ଏହିପରି କରି ଆସୁଛ । ବ୍ରାହ୍ମଣମାନେ ହିଁ ତ ଧର୍ମଶାସ୍ତ୍ରଗୁଡ଼ିକୁ ଏକଚାଟିଆ କରି ବିଧି-ନିଷେଧ ତାଙ୍କରି ହାତରେ ରଖିଥିଲେ, ଆଉ ଭାରତବର୍ଷର ଅନ୍ୟାନ୍ୟ ଜାତିଗୁଡ଼ିକୁ ନୀଚ କହି କହି ତାଙ୍କ ମନରେ ଧାରଣା କରିଦେଇଥିଲେ ଯେ, ସେମାନେ ସତରେ ହିଁ ହୀନ । ତୁ ଯଦି ଗୋଟାଏ ଲୋକକୁ ଖାଇବା, ଶୋଇବା, ବସିବା ବେଳେ ସର୍ବଦା କହୁ ଯେ,—'ତୁ ନୀଚ, ତୁ ନୀଚ', ତେବେ ସମୟରେ ତା'ର ଧାରଣା ହେବ ହିଁ ହେବ ଯେ, 'ମୁଁ ସତରେ ହିଁ ନୀଚ ।' ଇଂରାଜୀରେ ଏହାକୁ କହନ୍ତି hypnotise (ହିପ୍ନୋଟାଇଜ) ବା ମନ୍ତ୍ରମୁଗ୍ଧ କରିବା । ବ୍ରାହ୍ମଣେତର ଜାତିମାନଙ୍କର ବର୍ତ୍ତମାନ ଟିକିଏ ଟିକିଏ କରି ଚମକ ଭାଙ୍ଗୁଛି । ବ୍ରାହ୍ମଣମାନଙ୍କ ତନ୍ତ୍ରମନ୍ତ୍ରରେ ସେମାନଙ୍କ ଆସ୍ଥା କମିଯାଉଛି । ପାଶ୍ଚାତ୍ୟ ଶିକ୍ଷାର ବିସ୍ତାର ଦ୍ୱାରା ପଦ୍ମାର କୂଳ ଭାଙ୍ଗିପଡ଼ିବାପରି ବ୍ରାହ୍ମଣଙ୍କ ସବୁ ତନ୍ତ୍ରମନ୍ତ୍ରାଦି ବର୍ତ୍ତମାନ ଭାଙ୍ଗିପଡ଼ୁଛି, ଦେଖିପାରୁଛୁ ତ ?

ଶିଷ୍ୟ : ଆଜ୍ଞା ହଁ, ଆଚାରବିଚାର ଆଜିକାଲି କ୍ରମେ ଶିଥିଳ ହୋଇପଡ଼ୁଛି ।

ସ୍ୱାମୀଜୀ : ପଡ଼ିବ ନାହିଁ ? ବ୍ରାହ୍ମଣମାନେ ଯେ କ୍ରମେ ଘୋର ଅନାଚାର ଅତ୍ୟାଚାର ଆରମ୍ଭ କରିଥିଲେ । ସ୍ୱାର୍ଥପର ହୋଇ କେବଳ ନିଜର ପ୍ରଭୁତ୍ୱ ବଜାୟ ରଖିବା ପାଇଁ କେତେଜଣ ଅଦ୍ଭୁତ ଅବୈଦିକ, ଅନୈତିକ, ଅଯୌକ୍ତିକ ମତ ଚଳେଇଥିଲେ । ତା'ର ଫଳ ମଧ୍ୟ ତେଣୁ ହାତେ ହାତେ ପାଉଛନ୍ତି ।

ଶିଷ୍ୟ : କି ଫଳ ପାଉଛନ୍ତି ଆଜ୍ଞା !

ସ୍ୱାମୀଜୀ : ଫଳଟା କ'ଣ ଦେଖିପାରୁ ନାହୁଁ ? ତୁମେମାନେ ଯେ ଭାରତର ଅପର ସାଧାରଣ ଜାତିଗୁଡ଼ିକୁ ଘୃଣା କରିଥିଲ, ସେଥିପାଇଁ ବର୍ତ୍ତମାନ ତୁମକୁ ହଜାରେ ବର୍ଷର ଦାସତ୍ୱ କରିବାକୁ ହେଉଛି—ସେଥିପାଇଁ ତୁମେ ବର୍ତ୍ତମାନ ବିଦେଶୀର ଘୃଣାସ୍ଥଳ ଓ ସ୍ୱଦେଶବାସୀଙ୍କର ଉପେକ୍ଷାର ସ୍ଥଳ ହୋଇ ରହିଛ ।

ଶିଷ୍ୟ : କିନ୍ତୁ ଆଜ୍ଞା, ବର୍ତ୍ତମାନ ତ ବ୍ୟବସ୍ଥାଦି ବ୍ରାହ୍ମଣଙ୍କ ମତରେ ହିଁ ଚାଲୁଛି । ଗର୍ଭାଧାନଠାରୁ ଯାବତୀୟ କ୍ରିୟାକଳାପ ହିଁ ଲୋକେ—ବ୍ରାହ୍ମଣମାନେ ଯେପରି କହୁଛନ୍ତି—ସେହିପରି କରୁଛନ୍ତି । ତେବେ ଆପଣ ଏପରି କହୁଛନ୍ତି କାହିଁକି ?

ସ୍ୱାମୀଜୀ : କେଉଁଠି ଚାଲୁଛି ? ଶାସ୍ତ୍ରୋକ୍ତ ଦଶବିଧ ସଂସ୍କାର କେଉଁଠି ଚାଲୁଛି ? ମୁଁ ତ ଭାରତବର୍ଷଟା ସବୁ ବୁଲି ଦେଖିଛି, ସବୁଠି ହିଁ ଶ୍ରୁତି-ସ୍ମୃତି-ବିଗର୍ହିତ ଦେଶାଚାର ଦ୍ୱାରା ସମାଜ ଶାସିତ ହେଉଅଛି । ଲୋକାଚାର, ଦେଶାଚାର ଓ ସ୍ତ୍ରୀ-ଆଚାର, ଏହା ବର୍ତ୍ତମାନ ସବୁଠି ସ୍ମୃତି-ଶାସ୍ତ୍ର ହୋଇଉଠିଛି । କିଏ କାହା କଥା ଶୁଣୁଛି ? ଟଙ୍କା ଦେଇପାରିଲେ ହିଁ ପଣ୍ଡିତଙ୍କ ଦଳ ଯାହା ତାହା ବିଧିନିଷେଧ ଲେଖିଦେବାକୁ ରାଜି ଅଛନ୍ତି । କେତେଜଣ ପଣ୍ଡିତ ବୈଦିକ କଳ୍ପ-ଗୃହ୍ୟ ଓ ଶ୍ରୌତ-ସୂତ୍ର ପଢ଼ିଛନ୍ତି ? ତା'ପରେ ଦେଖ୍, ବଙ୍ଗଳାରେ ରଘୁନନ୍ଦନଙ୍କ ଶାସନ, ଆଉ ଟିକିଏ ଆଗେଇ ଗଲେ ଦେଖିବୁ ମିତାକ୍ଷରାର ଶାସନ; ଆଉ ଏକ ଆଡ଼େ ଯାଇ ଦେଖ୍ ମନୁସ୍ମୃତିର ଶାସନ ଚାଲିଛି । ତୁମେ ଭାବୁଛ—ସବୁଠି ପରା ଗୋଟିଏ ମତ ଚାଲିଛି ! ସେଥିପାଇଁ ମୁଁ ଚାହେଁ—ବେଦ ପ୍ରତି ଲୋକଙ୍କ ସମ୍ମାନ ବଢ଼ାଇ ବେଦର ଚର୍ଚ୍ଚା କରାଇବାକୁ ଓ ସବୁଠି ବେଦର ଶାସନ ଚଳାଇବାକୁ ।

ଶିଷ୍ୟ : ଆଜ୍ଞା, ତାହା କ'ଣ ବର୍ତ୍ତମାନ ଚଳାଇବା ସମ୍ଭବପର ?

ସ୍ୱାମୀଜୀ : ବେଦର ସମସ୍ତ ପ୍ରାଚୀନ ନିୟମଗୁଡ଼ିକ ଚଳିବ ନାହିଁ ସତ୍ୟ, କିନ୍ତୁ ସମୟୋପଯୋଗୀ କାଟଛାଣ୍ଟ କରି, ନିୟମଗୁଡ଼ିକ ବିଧିବଦ୍ଧ କରି ନୂଆ ଛାଞ୍ଚରେ ଗଢ଼ି, ସମାଜକୁ ଦେଲେ ଚଳିବ ନାହିଁ କାହିଁକି ?

ଶିଷ୍ୟ : ଆଜ୍ଞା, ମୋର ଧାରଣା ଥିଲା, ଅନ୍ତତଃ ମନୁଙ୍କ ଶାସନକୁ ଭାରତର ସମସ୍ତେ ବର୍ତ୍ତମାନ ସୁଦ୍ଧା ମାନନ୍ତି ?

ସ୍ୱାମୀଜୀ : କେଉଁଠି ମାନୁଛନ୍ତି ? ତୁମର ନିଜର ଦେଶରେ ହିଁ ଦେଖୁନୁ, ତନ୍ତ୍ରର ବାମାଚାର ତୁମର ହାଡ଼େ ହାଡ଼େ ପଶିଛି । ଏପରିକି, ଆଧୁନିକ ବୈଷ୍ଣବ ଧର୍ମ—ଯାହା ମୃତ ବୌଦ୍ଧଧର୍ମର କଙ୍କାଳାବଶିଷ୍ଟ—ସେଥିରେ ବି ଘୋର ବାମାଚାର ପଶିଛି । ସେହି ଅବୈଦିକ

ବାମାଗ୍ନଚର ପ୍ରଭାବକୁ ଖର୍ବ କରିବାକୁ ହେବ ।

ଶିଷ୍ୟ : ଆଜ୍ଞା, ଏ ପଙ୍କୋଦ୍ଧାର ବର୍ତ୍ତମାନ ସମ୍ଭବ କି ?

ସ୍ୱାମୀଜୀ : ତୁ କ'ଣ କହୁଛୁ, ଖାରୁ, କାପୁରୁଷ ! ଅସମ୍ଭବ କହି କହି ତୁମେ ଦେଶଟାକୁ ବୁଡ଼େଇଲ । ମନୁଷ୍ୟର ଚେଷ୍ଟାରେ ନ ହେବ କ'ଣ ?

ଶିଷ୍ୟ : କିନ୍ତୁ ଆଜ୍ଞା, ମନୁ, ଯାଜ୍ଞବଲ୍କ୍ୟ ପ୍ରଭୃତି ଋଷିମାନେ ଦେଶରେ ପୁନର୍ବାର ନ ଜନ୍ମିଲେ ତାହା ସମ୍ଭବପର ମନେହେଉ ନାହିଁ ।

ସ୍ୱାମୀଜୀ : ଆରେ, ପବିତ୍ରତା ଓ ନିଃସ୍ୱାର୍ଥ ଚେଷ୍ଟା ପାଇଁ ତ ସେମାନେ ମନୁ, ଯାଜ୍ଞବଲ୍କ୍ୟ ହୋଇଥିଲେ, ନା ଆଉ କିଛି ? ଚେଷ୍ଟା କଲେ ଆମେ ହିଁ ତ ମନୁ, ଯାଜ୍ଞବଲ୍କ୍ୟଙ୍କଠାରୁ ଢେର ବଡ଼ ହୋଇପାରୁ, ଆମର ମତ ବା ସେତେବେଳେ ଚଳିବ ନାହିଁ କାହିଁକି ?

ଶିଷ୍ୟ : ଆଜ୍ଞା, ଇତିପୂର୍ବେ ଆପଣ ହିଁ ତ କହିଲେ, ପ୍ରାଚୀନ ଆଚାରାଦି ଦେଶରେ ଚଳାଇବାକୁ ହେବ । ତେବେ ମନ୍ୱାଦିଙ୍କୁ ଆମମାନଙ୍କ ଭଳି ଜଣେ ବୋଲି ଭାବି ଉପେକ୍ଷା କଲେ ଚଳିବ କିପରି ?

ସ୍ୱାମୀଜୀ : କେଉଁ କଥାରୁ କେଉଁ କଥା ନେଇଆସିଲୁ ? ତୁ ମୋ କଥା ମଧ୍ୟ ବୁଝିପାରୁ ନାହୁଁ । ମୁଁ କେବଳ କହୁଛି ଯେ, ପ୍ରାଚୀନ ବୈଦିକାଚାରଗୁଡ଼ିକୁ, ସମାଜସମୟୋପ-ଯୋଗୀ କରି ନୂତନ ଛାଞ୍ଚରେ ଗଢ଼ି ନୂତନ ଭାବରେ ଦେଶରେ ଚଳାଇବାକୁ ହେବ । ନୁହେଁ କି ?

ଶିଷ୍ୟ : ଆଜ୍ଞା ହଁ ।

ସ୍ୱାମୀଜୀ : ତେବେ ଏପରି କଥା କ'ଣ କହୁଥିଲୁ ? ତୁମେ ସବୁ ଶାସ୍ତ୍ର ପଢ଼ିଛ, ମୋର ଆଶା ଭରସା ତୁମେ ହିଁ । ମୋର କଥାଗୁଡ଼ିକ ଠିକ୍ ଠିକ୍ ବୁଝି ସେହି ଭାବରେ କାମରେ ଲାଗିଯାଅ ।

ଶିଷ୍ୟ : କିନ୍ତୁ ଆଜ୍ଞା, ଆମ କଥା ଶୁଣିବ କିଏ ? ଦେଶର ଲୋକେ ତାହା ମାନିବ କାହିଁକି ?

ସ୍ୱାମୀଜୀ : ତୁ ଯଦି ଠିକ୍ ଠିକ୍ ବୁଝାଇପାରିବୁ ଓ ଯାହା କହିବୁ ତାହା ଯଦି ହାତରେ କରି ଦେଖାଇ ଦେଇ ପାରିବୁ, ତେବେ ଅବଶ୍ୟ ମାନିବେ । ଆଉ ଶୁଆପରି କେବଳ ଶ୍ଳୋକ ଯଦି ବୋଲିଯିବୁ, ବାକ୍ୟବାଗୀଶ ହୋଇ କାପୁରୁଷଙ୍କ ପରି କେବଳ ଅପରର ଦ୍ୱାହି ଦେବୁ ଓ କାର୍ଯ୍ୟରେ କିଛି ନ ଦେଖାଇବୁ, ତାହାହେଲେ ତୋ କଥା କିଏ ଶୁଣିବ କହି ?

ଶିଷ୍ୟ : ଆଜ୍ଞା, ସମାଜ-ସଂସ୍କାର ସମ୍ବନ୍ଧରେ ବର୍ତ୍ତମାନ ସଂକ୍ଷେପରେ କିଛି ଉପଦେଶ ଦିଅନ୍ତୁ ।

ସ୍ୱାମୀଜୀ : ଉପଦେଶ ତ ତୋତେ ଢେର ଦେଲିଣି । ଅନ୍ତତଃ ଗୋଟିଏ ଉପଦେଶ କାର୍ଯ୍ୟରେ ପରିଣତ କରି ତ । ଜଗତ ଦେଖୁ ଯେ, ତୋର ଶାସ୍ତ୍ରପଢ଼ିବା ଓ ମୋର କଥା ଶୁଣାଇବା ସାର୍ଥକ ହୋଇଛି । ଏହି ଯେ ମନ୍ୱାଦି ଶାସ୍ତ୍ର ପଢ଼ିଲୁ, ବେଶ୍ କରି ଭାବି ଦେଖ୍—

ଏହାର ମୂଳଭିତ୍ତି ବା ଉଦ୍ଦେଶ୍ୟ କ'ଣ ? ସେହି ଭିତ୍ତିକୁ ବଜାୟ ରଖି ସାର ସାର ତତ୍ତ୍ୱଗୁଡ଼ିକ ପ୍ରାଚୀନ ଋଷିମାନଙ୍କ ପରି ସଂଗ୍ରହ କରି ଓ ସମୟୋପଯୋଗୀ ମତସବୁ ସେଥିରେ ନିବଦ୍ଧ କରି; କେବଳ ଏତିକି ଲକ୍ଷ୍ୟ ରଖିବୁ, ଯେପରି ସମଗ୍ର ଭାରତବର୍ଷର ସକଳ ଜାତିର, ସକଳ ସମ୍ପ୍ରଦାୟର ସେସବୁ ନିୟମପାଳନରେ ଯଥାର୍ଥ କଲ୍ୟାଣ ହୁଏ । ଲେଖି ଦେଖି ଏପରି ଖଣ୍ଡେ ସ୍ମୃତି, ମୁଁ ଏବେ ତାହା ଦେଖି ସଂଶୋଧନ କରିଦେବି ।

ଶିଷ୍ୟ : ଆଜ୍ଞା, ଏ କାର୍ଯ୍ୟ ସହଜସାଧ୍ୟ ନୁହେଁ; କିନ୍ତୁ ଏପରି ଖଣ୍ଡେ ସ୍ମୃତି ଲେଖିଲେ ବି ତାହା ଚଳିବ କି ?

ସ୍ୱାମୀଜୀ : କାହିଁକି ଚଳିବ ନାହିଁ ? ତୁ ଲେଖ୍ନା । 'କାଲୋହ୍ୟୟଂ ନିରବଧିର୍ବିପୁଳା ଚ ପୃଥ୍ୱୀ'—ଯଦି ଠିକ୍ ଠିକ୍ ଲେଖୁ ତେବେ ସନେ ନା ସନେ ଚଳିବ ନିଶ୍ଚୟ । ନିଜ ଉପରେ ବିଶ୍ୱାସ ରଖ । ତୁମେ ହିଁ ପୂର୍ବେ ବୈଦିକ ଋଷି ଥିଲ । ଖାଲି ଶରୀର ବଦଳେଇ ଆସିଛ, ଏହାଛଡ଼ା ତ ଆଉ କିଛି ନୁହେଁ । ମୁଁ ଦିବ୍ୟ ଚକ୍ଷୁରେ ଦେଖୁଛି, ତୁମ ଭିତରେ ଅନନ୍ତ ଶକ୍ତି ରହିଛି । ସେହି ଶକ୍ତିକୁ ଜଗାଅ; ଉଠ୍ ଉଠ୍—ଲାଗିପଡ଼୍, ଅଣ୍ଟା ଭିଡ଼୍ । କ'ଣ ହେବ ଦୁ'ଦିନିଆ ଧନ-ମାନ ନେଇ ? ମୋର ଭାବ କ'ଣ ଜାଣୁ—ମୁ ମୁକ୍ତି-ଫୁକ୍ତି ଚାହେଁ ନାହିଁ । ମୋର କାମ ହେଉଛି—ତୁମ ଭିତରେ ଏହି ଭାବଗୁଡ଼ିକୁ ଜାଗ୍ରତ କରିଦେବା; ଗୋଟିଏ ମନୁଷ୍ୟ ତିଆରି କରିବାକୁ ଲକ୍ଷ ଜନ୍ମ ଯଦି ନେବାକୁ ହୁଏ, ମୁଁ ସେଥିପାଇଁ ପ୍ରସ୍ତୁତ ।

ଶିଷ୍ୟ : କିନ୍ତୁ ଆଜ୍ଞା, ଏପରି କାର୍ଯ୍ୟରେ ଲାଗିଲେ ବା କ'ଣ ହେବ ? ମୃତ୍ୟୁ ତ ପଶ୍ଚାତ୍‌ରେ ।

ସ୍ୱାମୀଜୀ : ଦୂର୍ ଟୋକା ! ମରିବାକୁ ହେଲେ ଥରେ ହିଁ ତ ମରିବୁ । କାପୁରୁଷ ପରି ଅହରହ ମୃତ୍ୟୁଚିନ୍ତା କରି ଥରକୁ ଥର ମରିବୁ କାହିଁକି ?

ଶିଷ୍ୟ : ଆଚ୍ଛା ଆଜ୍ଞା, ମୃତ୍ୟୁ-ଚିନ୍ତା ନ ହେଲେ ନ କଲି; କିନ୍ତୁ ଏହି ଅନିତ୍ୟ ସଂସାରରେ କର୍ମ କରିବାର ଫଳ କ'ଣ ?

ସ୍ୱାମୀଜୀ : ଆରେ ମୃତ୍ୟୁ ଯେତେବେଳେ ଅନିବାର୍ଯ୍ୟ, ସେତେବେଳେ ଇଟା ପଥର ପରି ମରିବା ଅପେକ୍ଷା ବୀରପରି ମରିବା ଭଲ; ଏହି ଅନିତ୍ୟ ସଂସାରରେ ଦୁଇଦିନ ବେଶୀ ବଞ୍ଚି ରହି ଲାଭ ବା କ'ଣ ? It is better to wear out than to rust out. ଜରାଜୀର୍ଣ୍ଣ ହୋଇ ଟିକିଏ ଟିକିଏ କରିକି କ୍ଷୟି ହୋଇ ମରିବା ଅପେକ୍ଷ ବୀରପରି ଅପରର ଏତେ ଟିକିଏ କଲ୍ୟାଣ ପାଇଁ ଲଢ଼େଇ କରି ମରିବାଟା ଭଲ ନୁହେଁ କି ?

ଶିଷ୍ୟ : ଆଜ୍ଞା ହଁ । ଆପଣଙ୍କୁ ଆଜି ଅନେକ ବିରକ୍ତ କଲି ।

ସ୍ୱାମୀଜୀ : ଠିକ୍ ଠିକ୍ ଜିଜ୍ଞାସୁ ପାଖରେ ଦି'ରାତି ବକିଲେ ବି ମୋର କ୍ଳାନ୍ତି ବୋଧହୁଏ ନାହିଁ । ମୁଁ ଆହାର-ନିଦ୍ରା ତ୍ୟାଗ କରି ଅନବରତ ବକିପାରେ । ଇଚ୍ଛା କଲେ ତ ମୁଁ ହିମାଳୟର ଗୁହାରେ ସମାଧିସ୍ଥ ହୋଇ ବସି ରହିପାରେ । ଆଉ, ଆଜିକାଲି ଦେଖୁଛୁ ତ ? ମା'ଙ୍କ ଇଚ୍ଛାରେ କେଉଁଠି ମୋର ଖାଇବାର ଭାବନା ନାହିଁ । କୌଣସି ନା କୌଣସି ପ୍ରକାରେ ଜୁଟିଯାଏ; ତେବେ କାହିଁକି ଏହା କରୁ ନାହିଁ ? କାହିଁକି ବା ଏ ଦେଶରେ ରହିଛି ?

କେବଳ ଦେଶର ଦଶା ଦେଖି ଓ ପରିଣାମ ଭାବି ଆଉ ସ୍ଥିର ରହିପାରୁ ନାହିଁ । ସମାଧି-ଫମାଧି ତୁଚ୍ଛ ବୋଧହୁଏ, 'ତୁଚ୍ଛଂ ବ୍ରହ୍ମପଦଂ' ହୋଇଯାଏ । ତୁମମାନଙ୍କର ମଙ୍ଗଳ କାମନା ହେଉଛି ମୋର ଜୀବନର ବ୍ରତ । ଯେଉଁ ଦିନ ଏହି ବ୍ରତ ଶେଷ ହେବ, ସେଦିନ ଦେହଟାକୁ ଛାଡ଼ି ସିଧା ଦୌଡ଼ି ଦେବି ।

ଶିଷ୍ୟ : ମନ୍ତ୍ରମୁଗ୍ଧ ପରି ସ୍ୱାମୀଜୀଙ୍କର ଏହିସବୁ କଥା ଶୁଣି ସ୍ତମ୍ଭିତ ହୃଦୟରେ ନୀରବରେ ତାଙ୍କ ମୁହଁକୁ ଚାହିଁ କିଛି ସମୟ ବସି ରହିଲା । ପରେ ବିଦାୟ-ଗ୍ରହଣ ଆଶାରେ ତାଙ୍କୁ ଭକ୍ତିଭରେ ପ୍ରଣାମ କରି କହିଲା, 'ଆଜ୍ଞା, ଆଜି ତେବେ ଆସେ ।'

ସ୍ୱାମୀଜୀ : ଆସିବୁ କାହିଁକି ରେ ? ମଠରେ ରହି ଯାଆନା । ସଂସାରୀମାନଙ୍କ ଭିତରକୁ ଗଲେ ମନ ପୁଣି ମଳିନ ହୋଇଯିବ । ଏଠାରେ ଦେଖ୍, କେମିତି ହାଓ୍ୱା, ଗଙ୍ଗାର ତୀର, ସାଧୁମାନେ ସାଧନଭଜନ କରୁଛନ୍ତି ! କେଡେ ଭଲ କଥା ହେଉଛି । ଆଉ କଲିକତାକୁ ଯାଇ ପାଉଁଶ ଭାବିବୁ !

ଶିଷ୍ୟ : (ହର୍ଷେ କହିଲା) ଆଚ୍ଛା ଆଜ୍ଞା, ତେବେ ଆଜି ଏଠାରେ ରହିବି ।

ସ୍ୱାମୀଜୀ : ଆଜି କାହିଁକି ରେ ? ବରାବର ରହିଯାଇପାରୁ ନୁ ? କ'ଣ ହେବ ପୁଣି ସଂସାରକୁ ଯାଇ ?

ଶିଷ୍ୟ ସ୍ୱାମୀଜୀଙ୍କର ଏହି କଥା ଶୁଣି ମସ୍ତକ ଅବନତ କରି ରହିଲା; ମନରେ ନାନା ଚିନ୍ତାର ଯୁଗପତ୍ ଉଦୟ ହେବାରୁ କୌଣସି ଉତ୍ତର ଦେଇପାରିଲା ନାହିଁ ।

## ୨୮

ସ୍ଥାନ—ବେଲୁଡ଼ ମଠ (ନିର୍ମାଣ କାଳରେ)
କାଳ—୧୮୯୮

ସ୍ୱାମୀଜୀଙ୍କ ଦେହ ସମ୍ପ୍ରତି ପ୍ରାୟ ସୁସ୍ଥ । ମଠର ନୂଆ ଜମିରେ ଯେଉଁ ପ୍ରାଚୀନ ଘର ଥିଲା, ତା'ର କୋଠରୀଗୁଡ଼ିକୁ ମରାମତି କରି ବାସୋପଯୋଗୀ କରାଯାଉଛି, କିନ୍ତୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନାହିଁ । ସମଗ୍ର ଜମିଟି ମାଟି ପକାଇ ଇତିପୂର୍ବେ ସମତଳ କରାଯାଇଛି । ସ୍ୱାମୀଜୀ ଆଜି ଅପରାହ୍ଣରେ ଶିଷ୍ୟଙ୍କୁ ସଙ୍ଗରେ ନେଇ ମଠର ଜମିରେ ବୁଲୁଛନ୍ତି । ସ୍ୱାମୀଜୀଙ୍କ ହସ୍ତରେ ଗୋଟିଏ ଦୀର୍ଘ ଯଷ୍ଟି, ଦେହରେ ଗେରୁଆ ରଙ୍ଗର ଫ୍ଲାନେଲର ଆଲଖାଲ୍ଲା, ମସ୍ତକ ଅନାବୃତ । ଶିଷ୍ୟ ସହିତ ଗଳ୍ପ କରୁ କରୁ ଦକ୍ଷିଣ-ମୁଖରେ ଅଗ୍ରସର ହୋଇ ଫାଟକ ପର୍ଯ୍ୟନ୍ତ ଯାଇ ପୁନରାୟ ଉତ୍ତର ଦିଗକୁ ଫେରୁଛନ୍ତି—ଏହିରୂପେ ଘରୁ ଫାଟକ ଏବଂ ଫାଟକରୁ ଘର ପର୍ଯ୍ୟନ୍ତ ବାରମ୍ବାର ପଦଚାରଣା କରୁଛନ୍ତି । ଦକ୍ଷିଣ ପାଖରେ ବେଲ୍ତରୁ-

ମୂଳ ବନ୍ଧା ହେଉଛି; ସେହି ବେଲ ଗଛର ଅଦୂରରେ ଠିଆ ହୋଇ ସ୍ୱାମୀଜୀ ଏଥର ଧୀରେ ଧୀରେ ଗାଇବାକୁ ଲାଗିଲେ—

ଗିରି ଗଣେଶ ଆମାର ଶୁଭକାରୀ ।
ବିଲ୍ୱବୃକ୍ଷମୂଲେ ପାତିଯେ ବୋଧନ,
ଗଣେଶେର କଲ୍ୟାଣେ ଗୌରୀର ଆଗମନ
ଘରେ ଆନବୋ ଚଣ୍ଡୀ, ଶୁନବୋ କତ ଚଣ୍ଡୀ,
ଆସବେ କତ ଦଣ୍ଡୀ, ଯୋଗୀ ଜଟାଧାରୀ ।

—ଇତ୍ୟାଦି ଗାନ କରୁ କରୁ ଶିଷ୍ୟଙ୍କୁ କହିଲେ : 'ଏଠାକୁ ଆସିବେ କେତେ ଦଣ୍ଡୀ ଯୋଗୀ ଜଟାଧାରୀ !' ବୁଝିଲୁ ? ସମୟରେ ଏଠାରେ କେତେ ସାଧୁ-ସନ୍ନ୍ୟାସୀଙ୍କର ସମାଗମ ହେବ ! କହୁ କହୁ ବିଲ୍ୱତରୁମୂଳରେ ଉପବେଶନ କଲେ ଓ କହିଲେ, ବିଲ୍ୱତରୁମୂଳ ଅତ୍ୟନ୍ତ ପବିତ୍ର ସ୍ଥାନ । ଏଠାରେ ବସି ଧ୍ୟାନଧାରଣା କଲେ ଶୀଘ୍ର ଉଦ୍ଦୀପନା ହୁଏ । ଠାକୁରେ ଏକଥା କହୁଥିଲେ ।

ଶିଷ୍ୟ : ଆଜ୍ଞା, ଯେଉଁମାନେ ଆତ୍ମାନାତ୍ମାର ବିଚାରରେ ରତ, ସେମାନଙ୍କର ସ୍ଥାନାସ୍ଥାନ, କାଳାକାଳ, ଶୁଦ୍ଧି-ଅଶୁଦ୍ଧି ବିଚାରର ଆବଶ୍ୟକତା ଅଛି କି ?

ସ୍ୱାମୀଜୀ : ଯେଉଁମାନଙ୍କର ଆତ୍ମଜ୍ଞାନରେ 'ନିଷ୍ଠା' ହୋଇଛି, ସେମାନଙ୍କର ଏସବୁ ବିଚାର କରିବାର ପ୍ରୟୋଜନ ନାହିଁ ସତ୍ୟ, କିନ୍ତୁ ଏହି ନିଷ୍ଠା କ'ଣ ଏମିତ ହୋଇଥାଏ ! କେତେ ସାଧସାଧନା କରିବାକୁ ହୁଏ, ତେବେ ଯାଇ ହୁଏ । ତେଣୁ ପ୍ରଥମେ ପ୍ରଥମେ ଗୋଟାଏ ଅଧେ ବାହ୍ୟିକ ଅବଲମ୍ବନ ନେଇ ନିଜ ଗୋଡ଼ରେ ଠିଆ ହେବା ପାଇଁ ଚେଷ୍ଟା କରିବାକୁ ହୁଏ । ପରେ ଯେତେବେଳେ ଆତ୍ମଜ୍ଞାନନିଷ୍ଠା ଲାଭ ହୁଏ, ସେତେବେଳେ କୌଣସି ଅବଲମ୍ବନ ଆଉ ଦରକାର ହୁଏ ନାହିଁ ।

ଶାସ୍ତ୍ରରେ ନାନା ପ୍ରକାର ସାଧନମାର୍ଗ ସବୁ ନିର୍ଦ୍ଦିଷ୍ଟ ହୋଇଛି; ସେସବୁ କେବଳ ଏହି ଆତ୍ମଜ୍ଞାନ-ଲାଭ ପାଇଁ । ତେବେ ଅଧିକାରୀ-ଭେଦରେ ସାଧନା ଭିନ୍ନ ଭିନ୍ନ । କିନ୍ତୁ ସେସବୁ ସାଧନା ବି ଏକ ପ୍ରକାର କର୍ମ ଏବଂ ଯେପର୍ଯ୍ୟନ୍ତ କର୍ମ, ସେପର୍ଯ୍ୟନ୍ତ ଆତ୍ମାର ଦେଖା ନାହିଁ । ଆତ୍ମପ୍ରକାଶର ଅନ୍ତରାୟଗୁଡ଼ିକ ଶାସ୍ତ୍ରୋକ୍ତ ସାଧନରୂପ କର୍ମଦ୍ୱାରା ପ୍ରତିରୁଦ୍ଧ ହୁଏ । କର୍ମର ନିଜର ସାକ୍ଷାତ୍ ଆତ୍ମପ୍ରକାଶର ଶକ୍ତି ନାହିଁ; କେତେଗୁଡ଼ିଏ ଆବରଣକୁ ଦୂର କରିଦିଏ ମାତ୍ର । ତା'ପରେ ଆତ୍ମା ଆପଣା ପ୍ରଭାରେ ଆପେ ଉଦ୍ଭାସିତ ହୁଅନ୍ତି । ବୁଝିଲୁ ? ଏଣୁ ତୋର ଭାଷ୍ୟକାର କହୁଛନ୍ତି—'ବ୍ରହ୍ମଜ୍ଞାନରେ କର୍ମର ଲେଶମାତ୍ର ସମ୍ବନ୍ଧ ନାହିଁ ।'

ଶିଷ୍ୟ : କିନ୍ତୁ ଆଜ୍ଞା, କୌଣସି ନା କୌଣସି ପ୍ରକାର କର୍ମ ନ କଲେ ଯେତେବେଳେ ଆତ୍ମପ୍ରକାଶର ଅନ୍ତରାୟଗୁଡ଼ିକ ଅନ୍ତର ହୁଏ ନାହିଁ, ସେତେବେଳେ ପରୋକ୍ଷ ଭାବରେ କର୍ମ ହିଁ ତ ଜ୍ଞାନର କାରଣ ହୋଇ ଦଣ୍ଡାୟମାନ ହେଉଛି ।

ସ୍ୱାମୀଜୀ : କାର୍ଯ୍ୟକାରଣ-ପରମ୍ପରାର ଦୃଷ୍ଟିରେ ଆପାତତଃ ସେହିପରି ପ୍ରତୀୟମାନ ହୁଏ, ତାହା ଠିକ୍ । ମୀମାଂସା-ଶାସ୍ତ୍ରରେ ସେହିପରି ଦୃଷ୍ଟି ଅବଲମ୍ବନ କରି 'କାମ୍ୟ କର୍ମ

ନିଶ୍ଚିତ ଫଳ ପ୍ରସବ କରେ'—ଏକଥା କୁହାଯାଇଛି । ନିର୍ବିଶେଷ ଆତ୍ମାର ଦର୍ଶନ କିନ୍ତୁ କର୍ମଦ୍ୱାରା ହେବାର ନୁହେଁ । କାରଣ ଆତ୍ମଜ୍ଞାନ-ପିପାସୁ ପକ୍ଷରେ ବିଧାନ ଏହି ଯେ, ସାଧନାଦି କର୍ମ କରିବ, ଅଥଚ ତା'ର ଫଳାଫଳ ପ୍ରତି ଉଦାସୀନ ରହିବ । ତାହାହେଲେ ହିଁ ହେଲା—ଏସବୁ ସାଧନାଦି କର୍ମ ସାଧକର ଚିତ୍ତଶୁଦ୍ଧିର କାରଣ ଭିନ୍ନ ଆଉ କିଛି ନୁହେଁ, କାରଣ ଏହି ସାଧନାଦିର ଫଳରେ ହିଁ ଯଦି ଆତ୍ମାକୁ ସାକ୍ଷାତ୍ ପ୍ରତ୍ୟକ୍ଷ କରାଯାଆନ୍ତା, ତେବେ ଆଉ ସାଧକକୁ ଶାସ୍ତ୍ରରେ ଏସବୁ କର୍ମର ଫଳ ତ୍ୟାଗ କରିବାକୁ କୁହାଯାଆନ୍ତା ନାହିଁ । ଅତଏବ ମୀମାଂସାଶାସ୍ତ୍ରୋକ୍ତ ଫଳପ୍ରସୂ କର୍ମବାଦର ନିରାକରଣକଲ୍ପେ ହିଁ ଗୀତୋକ୍ତ ନିଷ୍କାମ କର୍ମଯୋଗର ଅବତାରଣା କରାଯାଇଛି, ବୁଝିଲୁ ?

ଶିଷ୍ୟ : କିନ୍ତୁ ଆଜ୍ଞା, କର୍ମର ଫଳାଫଳରେ ହିଁ ଯଦି ପ୍ରତ୍ୟାଶା ନ ରଖିଲି, ତେବେ କଷ୍ଟକର କର୍ମ କରିବାକୁ ପ୍ରବୃତ୍ତି ହେବ କାହିଁକି ?

ସ୍ୱାମୀଜୀ : ଶରୀରଧାରଣ କରି ସବୁବେଳେ ଗୋଟାଏ କିଛି ନ କରି ରହି ହୁଏ ନାହିଁ । ଜୀବକୁ ଯେତେବେଳେ କର୍ମ କରିବାକୁ ହିଁ ହେଉଛି, ସେତେବେଳେ ଯେପରି କର୍ମ କଲେ ଆତ୍ମାର ଦର୍ଶନ ପାଇ ମୁକ୍ତିଲାଭ ହୁଏ, ସେହିପରି କର୍ମ କରିବାକୁ ହିଁ ନିଷ୍କାମ କର୍ମଯୋଗରେ କୁହାଯାଇଛି । ଆଉ ତୁ ଯେ କହିଲୁ—'ପ୍ରବୃତ୍ତି ହେବ କାହିଁକି ?' ତା'ର ଉତ୍ତର ହେଉଛି ଏହି ଯେ, ଯାହା କିଛି କର୍ମ କରାଯାଏ, ସେସବୁ ପ୍ରବୃତ୍ତିମୂଳକ; କିନ୍ତୁ କର୍ମ କରି କରି ସେତେବେଳେ କର୍ମରୁ କର୍ମାନ୍ତରକୁ, ଜନ୍ମରୁ ଜନ୍ମାନ୍ତରକୁ କେବଳ ଗତି ହେଉଥାଏ, ସେତେବେଳେ ଲୋକର ବିଚାର-ପ୍ରବୃତ୍ତି କାଳକ୍ରମେ ଆପେ ଜାଗିଉଠି ପଚାରେ, 'ଏହି କର୍ମର ଅନ୍ତ କେଉଁଠି ?' ସେତେବେଳେ ସେ ଗୀତା-ମୁଖରେ ଭଗବାନ ଯାହା କହିଛନ୍ତି—'ଗହନା କର୍ମଣୋ ଗତିଃ'—ତା'ର ମର୍ମ ବୁଝିପାରିବ । ଅତଏବ ଯେତେବେଳେ କର୍ମ କରି କରି ଆଉ ଶାନ୍ତିଲାଭ ହୁଏ ନାହିଁ, ସେତେବେଳେ ଯାଇ ସାଧକ କର୍ମତ୍ୟାଗୀ ହୁଏ । କିନ୍ତୁ ଦେହ ଧାରଣ କରି କିଛି ଗୋଟାଏ ନେଇ ତ ରହିବାକୁ ହେବ—କଅଣ ନେଇ ରହିବ କହି ? ତେଣୁ ସେ' ଗୁଟିଏ ଦୁଇଟା ସତ୍କର୍ମ କରିଯାଏ, କିନ୍ତୁ ଏହି କର୍ମର ଫଳାଫଳରେ ପ୍ରତ୍ୟାଶା ରଖେ ନାହିଁ । କାରଣ, ସେତେବେଳେ ସେ ଜାଣିଛି ଯେ, ସେହି କର୍ମଫଳରେ ହିଁ ଜନ୍ମମୃତ୍ୟୁର ବହୁଧା ଅଙ୍କୁର ନିହିତ ଅଛି । ସେଥିପାଇଁ ବ୍ରହ୍ମଜ୍ଞମାନେ ସର୍ବକର୍ମତ୍ୟାଗୀ—ଲୋକଦେଖାଣିଆ ଦୁଇଚାରିଟା କର୍ମ କଲେ ବି ସେଥିରେ ତାଙ୍କର କିଛିମାତ୍ର ଆସ୍ଥା ନାହିଁ । ଏହିମାନେ ହିଁ ଶାସ୍ତ୍ରରେ ନିଷ୍କାମ-କର୍ମଯୋଗୀ ବୋଲି କଥିତ ହୋଇଛନ୍ତି ।

ଶିଷ୍ୟ : ତେବେ କ'ଣ ଆଜ୍ଞା, ନିଷ୍କାମ ବ୍ରହ୍ମଜ୍ଞର ଉଦ୍ଦେଶ୍ୟହୀନ କର୍ମ ଉନ୍ମତ୍ତର ଚେଷ୍ଟାଦି ପରି ।

ସ୍ୱାମୀଜୀ : ତାହା କାହିଁକି ହେବ ? ନିଜ ପାଇଁ, ନିଜର ଦେହ ଓ ମନର ସୁଖ ପାଇଁ କର୍ମ ନ କରିବା ହିଁ ହେଉଛି କର୍ମଫଳ ତ୍ୟାଗ କରିବା । ବ୍ରହ୍ମଜ୍ଞ ନିଜର ସୁଖାନ୍ୱେଷଣ କରନ୍ତି ନାହିଁ; କିନ୍ତୁ ଅପରର କଲ୍ୟାଣ ବା ଯଥାର୍ଥ ସୁଖଲାଭ ପାଇଁ କାହିଁକି କର୍ମ କରିବେ ନାହିଁ ? ସେମାନେ ଫଳାସଙ୍ଗରହିତ ହୋଇ ଯାହା କିଛି କର୍ମ କରିଯାଆନ୍ତି, ସେଥିରେ

ଜଗତର ହିତ ହୁଏ—ସେସବୁ କର୍ମ 'ବହୁଜନହିତାୟ ବହୁଜନସୁଖାୟ' ହୁଏ । ଠାକୁର କହନ୍ତି—'ସେମାନଙ୍କ ଗୋଡ଼ କେବେ ହେଁ ବେତାଳରେ ପଡ଼େ ନାହିଁ ।' ସେମାନେ ଯାହା ଯାହା କରନ୍ତି, ତାହା ହିଁ ଅର୍ଥପୂର୍ଣ୍ଣ ହୋଇଉଠେ । ଉତ୍ତରଚରିତରେ ପଢ଼ି ନାହଁ—'ଋଷୀଣାଂ ପୁନରାଦ୍ୟାନାଂ ବାଚମର୍ଥୋଽନୁଧାବତି ।'—ଅର୍ଥାତ୍ ଋଷିମାନଙ୍କ ବାକ୍ୟର ଅର୍ଥ ଅଛି ହିଁ ଅଛି, କଦାପି ନିରର୍ଥକ ବା ମିଥ୍ୟା ହୁଏ ନାହିଁ । ମନ ଯେତେବେଳେ ଆତ୍ମାରେ ଲୀନ ହୋଇ ବୃତ୍ତିହୀନ-ପ୍ରାୟ ହୁଏ, ସେତେବେଳେ 'ଇହାମୁତ୍ରଫଲଭୋଗବିରାଗ' ଜନ୍ମେ । ଅର୍ଥାତ୍ ସଂସାରରେ ବା ମୃତ୍ୟୁ ପରେ ସ୍ୱର୍ଗାଦିରେ କୌଣସି ପ୍ରକାର ସୁଖଭୋଗ କରିବାର ବାସନା ରହେ ନାହିଁ—ମନରେ ଆଉ ସଂକଳ୍ପ-ବିକଳ୍ପର ତରଙ୍ଗ ନ ଥାଏ । କିନ୍ତୁ ବ୍ୟୁତ୍ଥାନ କାଳରେ ଅର୍ଥାତ୍ ସମାଧି ବା ସେହିପରି ବୃତ୍ତିହୀନାବସ୍ଥାରୁ ଖସି ମନ ଯେତେବେଳେ ପୁଣି 'ମୁଁ-ମୋର' ରାଜ୍ୟକୁ ଆସେ, ସେତେବେଳେ ପୂର୍ବକୃତ କର୍ମ ବା ଅଭ୍ୟାସ ବା ପ୍ରାରବ୍ଧ-ଜନିତ ସଂସ୍କାରବଶରେ ଦେହାଦିର କର୍ମ ଚାଲୁଥାଏ । ମନ ସେତେବେଳେ—ପ୍ରାୟ super-conscious (ଜ୍ଞାନାତୀତ) ଅବସ୍ଥାରେ ଥାଏ; ନ ଖାଇଲେ ନୁହେଁ—ତେଣୁ ଖାଇବା ପିଇବା ଥାଏ—ଦେହାଦି-ବୁଦ୍ଧି ଅତି ଅଳ୍ପ ବା କ୍ଷୀଣ ହୋଇଯାଏ । ଏହି ଜ୍ଞାନାତୀତ ଭୂମିରେ ପହଞ୍ଚି ଯାହା ଯାହା କରାଯାଏ, ତାହା ଠିକ୍ ଠିକ୍ କରାଯାଇପାରେ । ସେହିସବୁ କାର୍ଯ୍ୟରେ ଜୀବର ଓ ଜଗତର ଯଥାର୍ଥ ହିତ ହୁଏ; କାରଣ, ସେତେବେଳେ କର୍ତ୍ତାର ମନ ଆଉ ସ୍ୱାର୍ଥପରତାରେ ବା ନିଜର ଲାଭ-ଲୋକସାନ ହିସାବରେ ଦୂଷିତ ହୁଏ ନାହିଁ । ଈଶ୍ୱର superconscious state-ରେ (ଜ୍ଞାନାତୀତ ଭୂମିରେ) ସର୍ବଦା ଅବସ୍ଥାନ କରି ଏହି ଜଗଦ୍ରୂପ ବିଚିତ୍ର ସୃଷ୍ଟି କରିଛନ୍ତି; ଏହି ସୃଷ୍ଟିରେ ସେଥିପାଇଁ କୌଣସିଟା imperfect (ଅସମ୍ପୂର୍ଣ୍ଣ) ଦେଖାଯାଏ ନାହିଁ । ଏଥିପାଇଁ କହୁଥିଲି—ଆତ୍ମଜ୍ଞ ଜୀବର ଫଳାସଙ୍ଗରହିତ କର୍ମାଦି ଅଙ୍ଗହୀନ ବା ଅସମ୍ପୂର୍ଣ୍ଣ ହୁଏ ନାହିଁ । ସେଥିରେ ଜୀବର ଓ ଜଗତର ଠିକ୍ ଠିକ୍ କଲ୍ୟାଣ ହୁଏ ।

ଶିଷ୍ୟ : ଆପଣ ଇତିପୂର୍ବେ କହିଲେ, ଜ୍ଞାନ ଓ କର୍ମ ପରସ୍ପର-ବିରୋଧୀ । ବ୍ରହ୍ମ-ଜ୍ଞାନରେ କର୍ମର ତିଳେମାତ୍ର ସ୍ଥାନ ନାହିଁ, ଅଥବା କର୍ମଦ୍ୱାରା ବ୍ରହ୍ମଜ୍ଞାନ ବା ଦର୍ଶନ ହୁଏ ନାହିଁ; ତେବେ ଆପଣ ମହାରଜୋଗୁଣର ଉଦ୍ଦୀପକ ଉପଦେଶ ମଝିରେ ମଝିରେ ଦିଅନ୍ତି କାହିଁକି ? ଏବେ ସେଦିନ ମୋତେ ହିଁ କହୁଥିଲେ—'କର୍ମ-କର୍ମ-କର୍ମ—ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।'

ସ୍ୱାମୀଜୀ : ମୁଁ ଦୁନିଆ ଘୁରି ଦେଖିଲି । ଏ ଦେଶପରି ଏତେ ଅଧିକ ତାମସ ପ୍ରକୃତିର ଲୋକ ପୃଥିବୀରେ ଆଉ କେଉଁଠାରେ ନାହାନ୍ତି ? ବାହାରେ ସାତ୍ତ୍ୱିକତାର ଛଳନା, ଭିତରେ ଏକାବେଳକେ ଇଟା, ପଥର ପରି ଜଡ଼ତ୍ୱ—ଏମାନଙ୍କ ଦ୍ୱାରା ଜଗତରେ କି କାମ ହେବ ? ଏପରି ଅକର୍ମା, ଅଳସ, ଶିଶ୍ନୋଦରପରାୟଣ ଜାତି ଦୁନିଆରେ କେତେଦିନ ଆଉ ବଞ୍ଚିରହି ପାରିବ ? ସେଦେଶ (ପାଶ୍ଚାତ୍ୟ) ବୁଲି ଆଗେ ଦେଖିଆ, ପରେ ମୋର ଏହି କଥାର ପ୍ରତିବାଦ କରିବୁ । ସେମାନଙ୍କ ଜୀବନରେ କେତେ ଉଦ୍ୟମ, କେତେ କର୍ମତତ୍ପରତା, କେତେ ଉତ୍ସାହ, କେତେ ରଜୋଗୁଣର ବିକାଶ ! ତୁମ ଦେଶର ଲୋକଗୁଡ଼ାଙ୍କର ରକ୍ତ ଯେପରି ହୃଦୟରେ ରୁଦ୍ଧ

ହୋଇ ରହିଛି—ଧମନୀରେ ଯେପରି ଆଉ ରକ୍ତ ଚାଲିପାରୁ ନାହିଁ—ସର୍ବାଙ୍ଗରେ paralysis (ପକ୍ଷାଘାତ) ହୋଇ ଯେପରି ଅବଶ ହୋଇପଡ଼ୁଛି । ମୁଁ ସେଥିପାଇଁ ଏମାନଙ୍କ ଭିତରେ ରଜୋଗୁଣ ବଢ଼ାଇ କର୍ମତତ୍ପରତା ଦ୍ୱାରା ଏଦେଶର ଲୋକମାନଙ୍କୁ ଆଗେ ଐହିକ ଜୀବନ-ସଂଗ୍ରାମରେ ସମର୍ଥ କରିବାକୁ ଚାହେଁ । ଶରୀରରେ ବଳ ନାହିଁ—ହୃଦୟରେ ଉତ୍ସାହ ନାହିଁ—ମସ୍ତିଷ୍କରେ ପ୍ରତିଭା ନାହିଁ ! କ'ଣ ହେବ ରେ, ଏହି ଜଡ଼ପିଣ୍ଡଗୁଡ଼ାଙ୍କ ଦ୍ୱାରା ? ମୁଁ ହଲଚଲ କରି ଏମାନଙ୍କ ଭିତରେ ଚେତନା ଆଣିବାକୁ ଚାହେଁ—ଏଥିପାଇଁ ମୋର ପ୍ରାଣାନ୍ତ ପଣ । ବେଦାନ୍ତର ଅମୋଘ ମନ୍ତ୍ରବଳରେ ଏମାନଙ୍କୁ ଜାଗ୍ରତ କରିବି । 'ଉତ୍ତିଷ୍ଠତ ଜାଗ୍ରତ'—ଏହି ଅଭୟବାଣୀ ଶୁଣାଇବାକୁ ହିଁ ମୋର ଜନ୍ମ । ତୁମେମାନେ ଏହି କାମରେ ମୋର ସହାୟ ହୁଅ । ଯାଅ—ଗାଁରେ ଗାଁରେ, ଦେଶରେ ଦେଶରେ ଏହି ଅଭୟବାଣୀ ଆଚଣ୍ଡାଳ ବ୍ରାହ୍ମଣଙ୍କୁ ଯାଇ ଶୁଣାଅ । ସମସ୍ତଙ୍କୁ ଧରି ଧରି ଯାଇ କହ ତୁମେ ଅମିତବୀର୍ଯ୍ୟ—ଅମୃତର ଅଧିକାରୀ । ଏହିପରି ଆଗେ ରଜୋଶକ୍ତିର ଉଦ୍ଦୀପନା କର—ଜୀବନ-ସଂଗ୍ରାମରେ ସମସ୍ତଙ୍କୁ ଉପଯୁକ୍ତ କର, ତାହାପରେ ପର-ଜୀବନରେ ମୁକ୍ତିଲାଭର କଥା ତାଙ୍କୁ କହ । ଆଗେ ଭିତରର ଶକ୍ତିକୁ ଜାଗ୍ରତ କରି ଦେଶର ଲୋକଙ୍କୁ ନିଜ ଗୋଡ଼ରେ ଠିଆ କରାଅ, ଉତ୍ତମ ଅଶନ-ବସନ—ଉତ୍ତମ ଭୋଗ ଆଗେ କରିବାକୁ ଶିଖନ୍ତୁ, ତା'ପରେ ସର୍ବପ୍ରକାର ଭୋଗର ବନ୍ଧନରୁ କିପରି ମୁକ୍ତ ହୋଇ-ପାରିବେ, ତାହା କହିଦିଅ । ଆଳସ୍ୟ, ହୀନବୁଦ୍ଧି, କପଟତା ଦେଶଟାକୁ ଘୋଡ଼େଇ ପକେଇଛି —ବୁଦ୍ଧିମାନ୍ ଲୋକ ଏହା ଦେଖି କ'ଣ ସ୍ଥିର ହୋଇ ରହିପାରେ ? କାନ୍ଦ ମାଡ଼େ ନାହିଁ ? ମାଡ୍ରାଜ, ବମ୍ବେ, ପଞ୍ଜାବ, ବଙ୍ଗଳା—ଯେଉଁଆଡ଼କୁ ଚାହେଁ କେଉଁଠାରେ ହେଲେ ଜୀବନୀ-ଶକ୍ତିର ଚିହ୍ନ ଦେଖୁ ନାହିଁ । ତୁମେ ଭାବୁଛ—ଆମେ ଶିକ୍ଷିତ ! କ'ଣ ପାଉଁଶ ମୁଣ୍ଡଗଣ୍ଡି ଶିଖିଛ ! କେତେଗୁଡ଼ାଏ ପରର କଥା ଭାଷାନ୍ତର କରି ମୁଖସ୍ଥ କରି, ମୁଣ୍ଡ ଭିତରେ ପୂରାଇ, ପାଶ୍ କରି ଭାବୁଛ—ଆମେ ଶିକ୍ଷିତ ! ଛି, ଛି ! ଏହାର ନାମ ପୁଣି ଶିକ୍ଷା ! ତୁମର ଶିକ୍ଷାର ଉଦ୍ଦେଶ୍ୟ କ'ଣ ? ହୁଏ ତ କିରାଣୀଗିରି, ନ ହେଲେ ଗୋଟାଏ ଦୁଷ୍ଟ ଓକିଲ ହେବା, ନ ହେଲେ ଖୁବ୍ ଜୋର୍ କିରାଣୀଗିରିର ହିଁ ରୂପାନ୍ତର ଗୋଟାଏ ଡେପୁଟୀଗିରି ଚାକିରି—ଏହି ତ ? ଏଥିରେ ତୁମର ବା କ'ଣ ହେଲା, ଆଉ ଦେଶର ବା କ'ଣ ହେଲା ? ଥରେ ଆଖି ମେଲି ଦେଖ୍, ସ୍ୱର୍ଣ୍ଣପ୍ରସୂ ଭାରତଭୂମିରେ ଅନ୍ନ ପାଇଁ କି ହା'ହା'କାରଟା ଉଠିଛି ତୁମର ଏହି ଶିକ୍ଷାରେ ସେ ଅଭାବ ପୂର୍ଣ୍ଣ ହେବ କି ? କେବେ ହେଁ ନୁହେଁ । ପାଶ୍ଚାତ୍ୟ ବିଜ୍ଞାନ ସହାୟତାରେ ମାଟି ଖୋଳିବାରେ ଲଗିଯା, ଅନ୍ନର ସଂସ୍ଥାନ କର—ଚାକିରି ବାକିରି କରି ନୁହେଁ, ନିଜର ଚେଷ୍ଟାରେ ପାଶ୍ଚାତ୍ୟ ବିଜ୍ଞାନ ସହାୟତାରେ ନିତ୍ୟ ନୂତନ ପନ୍ଥା ଆବିଷ୍କାର ଦ୍ୱାରା । ଅନ୍ନବସ୍ତ୍ରର ସଂସ୍ଥାନ କରିବା ନିମିତ୍ତ ହିଁ ମୁଁ ଲୋକଗୁଡ଼ାଙ୍କୁ ରଜୋଗୁଣ-ତତ୍ପର ହେବାକୁ ଉପଦେଶ ଦିଏ । ଅନ୍ନ-ବସ୍ତ୍ରାଭାବର ଚିନ୍ତାରେ ଦେଶ ଉଚ୍ଛନ୍ନ ହୋଇଯାଇଛି—ସେଥିପାଇଁ ତୁମେ କ'ଣ କରୁଛ ? ପକେଇ ଦେ' ତୋର ଶାସ୍ତ୍ରପାଠ ଗଙ୍ଗାପାଣିରେ । ଦେଶର ଲୋକଗୁଡ଼ାଙ୍କୁ ପ୍ରଥମେ ଅନ୍ନ-ସଂସ୍ଥାନ କରିବାର ଉପାୟ ଶିଖାଇ ଦେ' । ତା'ପରେ ଭାଗବତ ପଢ଼ି ଶୁଣା । କର୍ମତତ୍ପରତା ଦ୍ୱାରା ଐହିକ ଅଭାବ ଦୂର ନ ହେଲେ, ଧର୍ମ-କଥାରେ କେହି କାନ ଦେବେ ନାହିଁ ।

ଦେଖିପାଇଁ କହୁଛି ଆଗେ ନିଜ ଭିତରେ ଅନ୍ତର୍ନିହିତ ଆତ୍ମଶକ୍ତିକୁ ଜାଗ୍ରତ କର । ତା'ପରେ ଦେଶର ଇତରସାଧାରଣ ସମସ୍ତଙ୍କ ଭିତରେ ସେହି ଆତ୍ମଶକ୍ତିରେ ବିଶ୍ୱାସ ଜାଗ୍ରତ କରି ପ୍ରଥମେ ଅନ୍ନସଂସ୍ଥାନ, ପରେ ଧର୍ମଲାଭ କରିବାକୁ ତାଙ୍କୁ ଶିଖାଅ । ଆଉ ବସି ରହିବାର ସମୟ ନାହିଁ—କେତେବେଳେ କାହାର ମୃତ୍ୟୁ ହେବ ତାହା କିଏ କହିପାରେ ?

କଥାଗୁଡ଼ିକ କହୁ କହୁ କ୍ଷୋଭ, ଦୁଃଖ ଓ କରୁଣାର ସହିତ ଅପୂର୍ବ ଏକ ତେଜର ମିଳନରେ ସ୍ୱାମୀଜୀଙ୍କ ବଦନ ଉଦ୍ଭାସିତ ହୋଇ ଉଠିଲା । ଚକ୍ଷୁରୁ ଯେପରି ଅଗ୍ନି-ସ୍ଫୁଲିଙ୍ଗ ବାହାରିବାକୁ ଲାଗିଲା । ତାଙ୍କର ସେହି ସମୟର ସେହି ଦିବ୍ୟମୂର୍ତ୍ତି ଅବଲୋକନ କରି ଭୟରେ ଓ ବିସ୍ମୟରେ ଶିଷ୍ୟର ମୁହଁରୁ ଆଉ କଥା ବାହାରିଲା ନାହିଁ । କେତେ ସମୟ ପରେ ସ୍ୱାମୀଜୀ ପୁନରାୟ କହିଲେ :

ସେହିପରି କର୍ମତତ୍ପରତା ଓ ଆତ୍ମନିର୍ଭରତା କାଳକ୍ରମେ ଦେଶରେ ଆସିବ ହିଁ ଆସିବ—ବେଶ୍ ଦେଖିବାକୁ ପାଉଛି, there is no escape (ଗତ୍ୟନ୍ତର ନାହିଁ); ଠାକୁରଙ୍କ ଜନ୍ମ ସମୟରୁ ହିଁ ପୂର୍ବାକାଶରେ ଅରୁଣୋଦୟ ହୋଇଛି—କାଳେ ତା'ର ଉଭିନ୍ନ ଛଟାରେ ଦେଶ ମଧ୍ୟାହ୍ନ-ସୂର୍ଯ୍ୟକିରଣରେ ଆଲୋକିତ ହେବ ।'

## ୨୯

ସ୍ଥାନ—ବେଲୁଡ଼ ମଠ (ନିର୍ମାଣକାଳରେ)
କାଳ—୧୮୯୮

ବର୍ତ୍ତମାନ ମଠଘରର ନିର୍ମାଣ ହୋଇଅଛି । ସାମାନ୍ୟ କିଛିଏ ଅଧେ ଯାହା ବାକି ଅଛି, ତାହା ସ୍ୱାମୀ ବିଜ୍ଞାନାନନ୍ଦ ସ୍ୱାମୀଜୀଙ୍କ ଅଭିମତାନୁଯାୟୀ ଶେଷ କରୁଛନ୍ତି । ସ୍ୱାମୀଜୀଙ୍କ ଶରୀର ସେତେ ଭଲ ନାହିଁ । ତେଣୁ ଡାକ୍ତରମାନେ ତାଙ୍କୁ ନୌକାରେ ଗଙ୍ଗାବକ୍ଷରେ ସକାଳ-ସନ୍ଧ୍ୟାରେ ବୁଲିବାକୁ କହିଛନ୍ତି । ନଡ଼ାଲର ରାୟବାବୁଙ୍କ ବଜରାଖଣ୍ଡିକ କିଛିଦିନ ପାଇଁ ମଠ ଆଗରେ ବନ୍ଧା ହୋଇ ରହିଛି । ସ୍ୱାମୀଜୀ ଇଚ୍ଛାନୁଯାୟୀ ସେହି ବଜରାରେ ଗଙ୍ଗା-ବକ୍ଷରେ ଭ୍ରମଣ କରିଥାଆନ୍ତି ।

ଆଜି ରବିବାର । ଶିଷ୍ୟ ମଠକୁ ଆସିଅଛି ଏବଂ ଆହାରାନ୍ତେ ସ୍ୱାମୀଜୀଙ୍କ ଘରେ ବସି ତାଙ୍କ ସହିତ କଥୋପକଥନ କରୁଅଛି । ଏହି ସମୟରେ ସ୍ୱାମୀଜୀ ମଠରେ ସନ୍ନ୍ୟାସୀ ଓ ବାଳ-ବ୍ରହ୍ମଚାରୀମାନଙ୍କ ପାଇଁ କେତେଗୁଡ଼ିଏ ନିୟମ ବିଧିବଦ୍ଧ କରିଥିଲେ; ଗୃହସ୍ଥମାନଙ୍କ ସଙ୍ଗରୁ ଦୂରରେ ରହିବା ହିଁ ଏଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଯଥା—ପୃଥକ୍ ପୃଥକ୍ ଆହାର ଓ ବିଶ୍ରାମର ସ୍ଥାନ ଇତ୍ୟାଦି । ସେହି ବିଷୟ ନେଇ ବର୍ତ୍ତମାନ କଥାବାର୍ତ୍ତା ହେବାକୁ ଲାଗିଲା ।

ସ୍ୱାମୀଜୀ : ଗୃହସ୍ଥମାନଙ୍କ ଦେହରେ ଓ ଲୁଗାରେ ଆଜକାଲି କପରି ଗୋଟାଏ ସଂଯମ-ହୀନତାର ଗନ୍ଧ ପାଏ । ତେଣୁ ମଠରେ ନିୟମ କରିଛି—ଗୃହସ୍ଥମାନେ ସାଧୁମାନଙ୍କ ବିଛଣାରେ ବସିବେ ନାହିଁ, ଶୋଇବେ ନାହିଁ । ଆଗେ ଶାସ୍ତ୍ରରେ ପଢ଼ିଥିଲି ଯେ, ଏହିପରି ମିଳୁଥିଲା ଏବଂ ସେଥିପାଇଁ ସନ୍ନ୍ୟାସୀମାନେ ଗୃହସ୍ଥଙ୍କ ଗନ୍ଧ ସହିପାରନ୍ତି ନାହିଁ । ବର୍ତ୍ତମାନ ଦେଖୁଛି, ସେକଥା ଠିକ୍ । ନିୟମଗୁଡ଼ିକ ପ୍ରତିପାଳନ କରି ଚାଲିଲେ ବାଳବ୍ରହ୍ମଚାରୀ-ମାନଙ୍କର ସମୟରେ ଉପଯୁକ୍ତ ସନ୍ନ୍ୟାସ ହେବ । ସନ୍ନ୍ୟାସ-ନିଷ୍ଠା ଦୃଢ଼ ହେଲା ପରେ ଗୃହସ୍ଥ-ମାନଙ୍କ ସହିତ ସମଭାବରେ ମିଳାମିଶି ରହିଲେ ବି ଆଉ କ୍ଷତି ହେବ ନାହିଁ । କିନ୍ତୁ ବର୍ତ୍ତମାନ ନିୟମର ଗଣ୍ଡି ଭିତରେ ନ ରଖିଲେ ସନ୍ନ୍ୟାସୀ-ବ୍ରହ୍ମଚାରୀମାନେ ବିଗିଡ଼ିଯିବେ । ଯଥାର୍ଥ ବ୍ରହ୍ମଚାରୀ ହେବାକୁ ହେଲେ ପ୍ରଥମେ ସଂଯମ ସମ୍ବନ୍ଧରେ କଠୋର ନିୟମ ପାଳନ କରି ଚାଲିବାକୁ ହୁଏ । ସ୍ତ୍ରୀ-ଲୋକର ନାମଗନ୍ଧରୁ ତ ଦୂରରେ ରହିବାକୁ ହିଁ ହୁଏ, ତା' ଛଡ଼ା ସ୍ତ୍ରୀ-ସଙ୍ଗୀଙ୍କ ସଙ୍ଗ ମଧ୍ୟ ତ୍ୟାଗ କରିବାକୁ ହୁଏ ।

ଗୃହସ୍ଥାଶ୍ରମୀ ଶିଷ୍ୟ ସ୍ୱାମୀଜୀଙ୍କ କଥା ଶୁଣି ସ୍ତମ୍ଭିତ ହୋଇ ରହିଲା ଏବଂ ମଠର ସନ୍ନ୍ୟାସୀ-ବ୍ରହ୍ମଚାରୀମାନଙ୍କ ସହିତ ପୂର୍ବପରି ସମଭାବରେ ମିଶିପାରିବ ନାହିଁ ବୋଲି ଭାବି ବିମର୍ଷ ହୋଇ କହିଲା, 'କିନ୍ତୁ ମହାଶୟ, ଏହି ମଠ ଓ ମଠସ୍ଥ ଯାବତୀୟ ଲୋକଙ୍କୁ ମୋର ଘରଦ୍ୱାର ସ୍ତ୍ରୀ-ପୁତ୍ର ଅପେକ୍ଷା ମୁଁ ଅଧିକ ଆପଣାର ବୋଲି ମନେକରେ । ଏମାନେ ସବୁ ଯେପରି କେତେକାଳର ଚିହ୍ନା ! ମଠରେ ମୁଁ ଯେପରି ସର୍ବତୋମୁଖୀ ସ୍ୱାଧୀନତା ଉପଭୋଗ କରେ, ଜଗତରେ ଆଉ କେଉଁଠି ସେପରି କରେ ନାହିଁ !'

ସ୍ୱାମୀଜୀ : ଯେତେ ଶୁଦ୍ଧ ସତ୍ତ୍ୱ ଲୋକ ଅଛନ୍ତି, ସମସ୍ତଙ୍କର ଏଠାରେ ସେହିପରି ଅନୁଭୂତି ହେବ । ଯାହାର ହୁଏ ନାହିଁ, ଜାଣିବୁ ସେ ଏଠାକାର ଲୋକ ନୁହେଁ । କେତେ ଲୋକ ଖିଆଲରେ ମାଡ଼ି ଆସି ପୁଣି ପଳାଇ ଯାଆନ୍ତି, ତାହା ହିଁ ତାହାର କାରଣ । ବ୍ରହ୍ମଚର୍ଯ୍ୟବିହୀନ, ଦିନରାତି ଅର୍ଥ ଅର୍ଥ କରି ଘୂରି ବୁଲୁଛି, ଏପରି ସବୁ ଲୋକ ଏଠାକାର ଭାବ କଦାପି ବୁଝିପାରିବେ ନାହିଁ, କେବେହେଲେ ମଠର ଲୋକଙ୍କୁ ଆପଣାର ବୋଲି ମନେକରିବେ ନାହିଁ । ଏଠାକାର ସନ୍ନ୍ୟାସୀମାନେ ପୁରୁଣା-କାଳିଆ ପାଉଁଶବୋଳା, ମୁଣ୍ଡରେ ଜଟା, ଚିମୁଟା ହାତରେ ଔଷଧଦିଆ ସନ୍ନ୍ୟାସୀଙ୍କ ପରି ନୁହନ୍ତି; ତେଣୁ ଲୋକେ ଦେଖି ଶୁଣି କିଛି ବୁଝିପାରନ୍ତି ନାହିଁ । ଆମର ଠାକୁରଙ୍କ ଚାଲିଚଳଣି, ଭାବ—ସମସ୍ତ ନୂତନ ଧରଣର ଥିଲା । ତେଣୁ ଆମେ ସବୁ ନୂତନ; କେତେବେଳେ ସାଜସୁଜ 'ବକ୍ତୃତା' ଦେଉ, ପୁଣି କେତେବେଳେ 'ହର ହର ବମ୍ ବମ୍' କହି ପାଉଁଶ ବୋଳି ହୋଇ ପାହାଡ଼-ଜଙ୍ଗଲରେ ଘୋର ତପସ୍ୟାରେ ମନ ଦେଉ ।

ଖାଲି ସେକାଳର ପାଞ୍ଜି-ପୋଥିର ଦୋହାଇ ଦେଲେ ବର୍ତ୍ତମାନ କ'ଣ ଚଳିବ ରେ ? ଏହି ପାଶ୍ଚାତ୍ୟ ସଭ୍ୟତାର ଉଦ୍‌ବେଳ ପ୍ରବାହ ବର୍ତ୍ତମାନ ଦେଶ ଉପରେ ବହିଯାଉଛି । ତାହାର ଉପଯୋଗିତା ଟିକିଏ ପ୍ରତ୍ୟକ୍ଷ ନ କରି କେବଳ ପାହାଡ଼ରେ ବସି ଧ୍ୟାନସ୍ଥ ରହିଲେ ବର୍ତ୍ତମାନ କ'ଣ ଆଉ ଚଳେ ? ବର୍ତ୍ତମାନ ଦରକାର ଗୀତାରେ ଭଗବାନ ଯାହା କହିଛନ୍ତି—

ପ୍ରବଳ କର୍ମଯୋଗ, ହୃଦୟରେ ଅସୀମ ସାହସ, ଅମିତ ବଳ ପୋଷଣ କରିବା । ତେବେ ତ ଦେଶର ଲୋକ ସବୁ ଜାଗିଉଠିବେ, ନଚେତ୍ ତୁମେ ଯେଉଁ ତିମିରେ, ସେମାନେ ବି ସେହି ତିମିରେ ।

ବେଳ ପ୍ରାୟ ଅବସାନ । ସ୍ୱାମୀଜୀ ଗଙ୍ଗା-ବକ୍ଷରେ ଭ୍ରମଣୋପଯୋଗୀ ପୋଷାକ ପିନ୍ଧି ତଳକୁ ଓହ୍ଲାଇଲେ ଏବଂ ମଠର ପଡ଼ିଆକୁ ଯାଇ ପୂର୍ବ ଦିଗରେ ବର୍ତ୍ତମାନ ଯେଉଁଠାରେ ଘାଟବନ୍ଧା ହୋଇଛି, ସେଠାରେ ପଦଚାଳନା କରି କିଛିକ୍ଷଣ ବୁଲିବାକୁ ଲାଗିଲେ । ପରେ ବଜରା ଖଣ୍ଡିକ ଘାଟକୁ ଅଣା ହେବାରୁ ସ୍ୱାମୀ ନିର୍ଭୟାନନ୍ଦ, ନିତ୍ୟାନନ୍ଦ ଓ ଶିଷ୍ୟକୁ ସଙ୍ଗରେ ନେଇ ନୌକାରେ ଉଠିଲେ ।

ନୌକାରେ ଉଠି ସ୍ୱାମୀଜୀ ଛାତରେ ବସିଲା ପରେ, ଶିଷ୍ୟ ତାଙ୍କ ଗୋଡ଼ତଳେ ଉପବେଶନ କଲା । ଗଙ୍ଗାର କ୍ଷୁଦ୍ର କ୍ଷୁଦ୍ର ତରଙ୍ଗଗୁଡ଼ିକ ନୌକାର ତଳଦେଶରେ ପ୍ରତିହତ ହୋଇ କଳ କଳ ଶବ୍ଦ କରୁଅଛି, ମୃଦୁଳ ମଳୟାନିଳ ପ୍ରବାହିତ ହେଉଅଛି, ଆକାଶର ପଶ୍ଚିମ ଦିଗ ଏବେ ସୁଦ୍ଧା ସନ୍ଧ୍ୟାରେ ରକ୍ତିମ ରାଗରେ ରଞ୍ଜିତ ହୋଇ ନାହିଁ—ଭଗବାନ ମରୀଚିମାଳୀ ଅସ୍ତ ଯିବାକୁ ପ୍ରାୟ ଅର୍ଦ୍ଧଘଣ୍ଟା ବାକି । ନୌକା ଉତ୍ତର ଆଡ଼କୁ ଚାଲୁଅଛି । ସ୍ୱାମୀଜୀଙ୍କ ମୁଖରେ ପ୍ରଫୁଲ୍ଲତା, ନୟନରେ କୋମଳତା, କଥାରେ ଉଦାସୀନତା ଏବଂ ପ୍ରତି ହାବଭାବରେ ଜିତେନ୍ଦ୍ରିୟତା ଅଭିବ୍ୟକ୍ତ ହେଉଅଛି । ସେ ଏକ ଭାବପୂର୍ଣ୍ଣ ରୂପ—ଯେ ନ ଦେଖିଛି, ତାକୁ ବୁଝାଇବା ଅସମ୍ଭବ ।

ଏଥର ଦକ୍ଷିଣେଶ୍ୱର ଛାଡ଼ି ନୌକା ବାୟୁଯୋଗେ ଆହୁରି ଉତ୍ତରକୁ ଅଗ୍ରସର ହେଉଅଛି । ଦକ୍ଷିଣେଶ୍ୱର କାଳୀମନ୍ଦିର ଦେଖି ଶିଷ୍ୟ ଓ ଅପର ସନ୍ନ୍ୟାସୀଦ୍ୱୟ ପ୍ରଣାମ କଲେ । ସ୍ୱାମୀଜୀ କିନ୍ତୁ କି ଏକ ଗଭୀର ଭାବରେ ଆତ୍ମହରା ହୋଇ ଅଣ-ଆୟତ୍ତ ଭାବରେ ବସିରହିଲେ ! ଶିଷ୍ୟ ଓ ସନ୍ନ୍ୟାସୀମାନେ ପରସ୍ପର ମଧ୍ୟରେ ଦକ୍ଷିଣେଶ୍ୱରର କେତେ କଥା କହିବାକୁ ଲାଗିଲେ । ସେସବୁ କଥା ଯେପରି ସ୍ୱାମୀଜୀଙ୍କ କର୍ଣ୍ଣରେ ପ୍ରବିଷ୍ଟ ହେଲା ନାହିଁ । ଦେଖୁ ଦେଖୁ ନୌକା ପେନେଟି ଆଡ଼କୁ ଅଗ୍ରସର ହେଲା । ପେନେଟିରେ ଗୋବିନ୍ଦ କୁମାର ଚୌଧୁରୀଙ୍କ ବଗିଚାଘର ଘାଟରେ ନୌକା କିଛି ସମୟ ପାଇଁ ବନ୍ଧା ହେଲା । ଏହି ବଗିଚାକୁ ଇତିପୂର୍ବେ ଥରେ ମଠ ପାଇଁ ଭଡ଼ା ନେବାର ପ୍ରସ୍ତାବ ହୋଇଥିଲା । ସ୍ୱାମୀଜୀ ଅବତରଣ କରି ବଗିଚା ଓ ଘର ବିଶେଷ ରୂପେ ପର୍ଯ୍ୟବେକ୍ଷଣ କରି କହିଲେ—'ବଗିଚାଟି ବେଶ୍, କିନ୍ତୁ କଲିକତାରୁ ଅନେକ ଦୂର; ଠାକୁରଙ୍କ ଶିଷ୍ୟମାନଙ୍କର ଯିବା-ଆସିବାକୁ କଷ୍ଟ ହୁଅନ୍ତା; ଏଠାରେ ମଠ ଯେ ହୋଇ ନାହିଁ, ଭଲ ହୋଇଛି ।'

ଏଥର ନୌକା ପୁଣି ମଠ ଆଡ଼କୁ ଚାଲିଲା ଏବଂ ପ୍ରାୟ ଏକ ଘଣ୍ଟାକାଳ ନୈଶ ଅନ୍ଧକାର ଭେଦ କରି ପୁନର୍ବାର ମଠରେ ଉପସ୍ଥିତ ହେଲା ।

# ୩୦

ସ୍ଥାନ—ବେଲୁଡ଼ ମଠ
କାଳ—୧୮୯୯ (ବର୍ଷର ଆରମ୍ଭ)

ଶିଷ୍ୟ : ଆଜ ନାଗ-ମହାଶୟଙ୍କୁ ସଙ୍ଗରେ ନେଇ ମଠକୁ ଆସିଛି ।

ସ୍ୱାମୀଜୀ : (ନାଗ-ମହାଶୟଙ୍କୁ ପ୍ରଣାମ କରି) ଭଲ ଅଛନ୍ତି ତ ?

ନାଗ-ମହାଶୟ : ଆପଣଙ୍କୁ ଦର୍ଶନ କରିବାକୁ ଆସିଲି । ଜୟ ଶଙ୍କର ! ଜୟ ଶଙ୍କର ! ସାକ୍ଷାତ୍ ଶିବ-ଦର୍ଶନ ହେଲା । କଥାଗୁଡ଼ିକ କହି ଯୋଡ଼ହସ୍ତ କରି ଦଣ୍ଡାୟମାନ ରହିଲେ ।

ସ୍ୱାମୀଜୀ : ଦେହ କିପରି ଅଛି ?

ନାଗ-ମହାଶୟ : ପାଉଁଶ, ହାଡ଼ମାଉଁସର କଥା କ'ଣ ପଚାରୁଛନ୍ତି ? ଆପଣଙ୍କ ଦର୍ଶନରେ ଆଜ ଧନ୍ୟ ହେଲି ! ଧନ୍ୟ ହେଲି ! !

ଏହାପରେ କହି ନାଗ-ମହାଶୟ ସ୍ୱାମୀଜୀଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ହେଲେ ।

ସ୍ୱାମୀଜୀ : (ନାଗ-ମହାଶୟଙ୍କୁ ଉଠାଇ) ଏ କ'ଣ କରୁଛନ୍ତି ?

ନାଗ-ମହାଶୟ : ମୁଁ ଦିବ୍ୟ ଚକ୍ଷୁରେ ଦେଖୁଛି—ଆଜ ସାକ୍ଷାତ୍ ଶିବଙ୍କ ଦର୍ଶନ ପାଇଲି । ଜୟ ଠାକୁର ରାମକୃଷ୍ଣ !

ସ୍ୱାମୀଜୀ : (ଶିଷ୍ୟକୁ ଲକ୍ଷ୍ୟ କରି) ଦେଖୁଛୁ—ଠିକ୍ ଭକ୍ତିରେ ମନୁଷ୍ୟ କିପରି ହୁଏ ? ନାଗ-ମହାଶୟ ତନ୍ମୟ ହୋଇଯାଇଛନ୍ତି । ଦେହବୁଦ୍ଧି ପୂରାପୂରି ଯାଇଛି ! ଏପରି ଲୋକ ଆଉ ଦେଖାଯାନ୍ତି ନାହିଁ । (ପ୍ରେମାନନ୍ଦ ସ୍ୱାମୀଜୀଙ୍କୁ ଲକ୍ଷ୍ୟ କରି) ନାଗ-ମହାଶୟଙ୍କ ପାଇଁ ପ୍ରସାଦ ନେଇ ଆ ।

ନାଗ-ମହାଶୟ : ପ୍ରସାଦ ! ପ୍ରସାଦ ! (ସ୍ୱାମୀଜୀଙ୍କ ପ୍ରତି କର ଯୋଡ଼ି) ଆପଣଙ୍କ ଦର୍ଶନରେ ଆଜ ମୋର ଭବକ୍ଷୁଧା ଦୂର ହୋଇଯାଇଛି ।

ମଠରେ ବାଳବ୍ରହ୍ମଚାରୀ ଓ ସନ୍ନ୍ୟାସୀମାନେ ଉପନିଷଦ୍ ପାଠ କରୁଥିଲେ । ସ୍ୱାମୀଜୀ ସେମାନଙ୍କୁ ଲକ୍ଷ୍ୟ କରି କହିଲେ, 'ଆଜ ଠାକୁରଙ୍କର ଏକ ମହାଭକ୍ତ ଆସିଛନ୍ତି । ନାଗ-ମହାଶୟଙ୍କ ଶୁଭାଗମନରେ ଆଜ ତୁମର ପାଠ ବନ୍ଦ ରହିଲା ।' ସମସ୍ତେ ବହି ବନ୍ଦ କରି ନାଗ-ମହାଶୟଙ୍କ ଚାରିଆଡ଼େ ଘେରି ବସିଲେ । ସ୍ୱାମୀଜୀ ମଧ୍ୟ ନାଗ-ମହାଶୟଙ୍କ ସମ୍ମୁଖରେ ବସିଲେ ।

ସ୍ୱାମୀଜୀ : (ସମସ୍ତଙ୍କୁ ଲକ୍ଷ୍ୟ କରି) ଦେଖୁଛ ! ନାଗ-ମହାଶୟଙ୍କୁ ଦେଖ; ଏ ଗୃହସ୍ଥ; କିନ୍ତୁ ଜଗତ ଅଛି କି ନାହିଁ, ତାଙ୍କର ସେ ଜ୍ଞାନ ନାହିଁ । ସର୍ବଦା ତନ୍ମୟ ହୋଇ ଅଛନ୍ତି । (ନାଗ-ମହାଶୟଙ୍କୁ ଲକ୍ଷ୍ୟ କରି) ଏହି ସବୁ ବ୍ରହ୍ମଚାରୀମାନଙ୍କୁ ଆମ ଠାକୁରଙ୍କ କଥା କିଛି ଶୁଣାନ୍ତୁ ।

ନାଗ ମହାଶୟ : କି କଥା କହୁଛନ୍ତି ! କି କଥା କହୁଛନ୍ତି ! ମୁଁ କ'ଣ କହିବ ? ମୁଁ ଆପଣଙ୍କୁ ଦେଖିବାକୁ ଆସିଛି; ଠାକୁରଙ୍କ ଲୀଳାର ସହାୟ ମହାବୀରଙ୍କୁ ଦର୍ଶନ କରିବାକୁ ଆସିଛି । ଠାକୁରଙ୍କ କଥା ବର୍ତ୍ତମାନ ଲୋକେ ବୁଝିବେ । ଜୟ ରାମକୃଷ୍ଣ ! ଜୟ ରାମକୃଷ୍ଣ ! !

ସ୍ୱାମୀଜୀ : ଆପଣ ହିଁ ଯଥାର୍ଥ ରାମକୃଷ୍ଣଦେବଙ୍କୁ ଚିହ୍ନିଛନ୍ତି । ଆମେମାନେ ବୁଲି ବୁଲି ମରଗଲୁ ।

ନାଗ-ମହାଶୟ : ଛି ! ସେ କି କଥା କହୁଛନ୍ତି ! ଆପଣ ଠାକୁରଙ୍କ ଛାୟା—ଏପଟ ଆଉ ସେପଟ; ଯା'ର ଆଖି ଅଛି, ସେ ଦେଖୁ ।

ସ୍ୱାମୀଜୀ : ଏସବୁ ଯେ ମଠ-ଫଠ ହେଉଛି, ଏ କ'ଣ ଠିକ୍ ହେଉଛି ?

ନାଗ-ମହାଶୟ : ମୁଁ କ୍ଷୁଦ୍ର, ମୁଁ କ'ଣ ବୁଝେ ? ଆପଣ ଯାହା କରନ୍ତି, ନିଶ୍ଚିତ ଜାଣେ ଯେ ସେଥିରେ ଜଗତର ମଙ୍ଗଳ ହେବ—ମଙ୍ଗଳ ହେବ ।

ଅନେକେ ନାଗ-ମହାଶୟଙ୍କ ପଦଧୂଳି ନେବାକୁ ବ୍ୟସ୍ତ ହୋବାରୁ ନାଗ-ମହାଶୟ ଉନ୍ମତ୍ତ ପ୍ରାୟ ହୋଇପଡ଼ିଲେ । ସ୍ୱାମୀଜୀ ସମସ୍ତଙ୍କୁ କହିଲେ—'ଯହିଁରେ ତାଙ୍କର କଷ୍ଟ ହୁଏ, ତାହା କର ନାହିଁ; ଶୁଣି ସମସ୍ତେ ନିରସ୍ତ ହେଲେ ।

ସ୍ୱାମୀଜୀ : ଆପଣ ଆସି ମଠରେ ରହୁ ନାହାନ୍ତି କାହିଁକି ? ଆପଣଙ୍କୁ ଦେଖି ମଠର ପିଲମାନେ ସବୁ ଶିଖିବେ ।

ନାଗ-ମହାଶୟ : ଠାକୁରଙ୍କୁ ଏକଥା ଥରେ ପଚାରିଥିଲି । ସେ କହିଲେ 'ଘରେ ହିଁ ରହ' । ତେଣୁ ଘରେ ଅଛି; ମଝିରେ ମଝିରେ ଆପଣମାନଙ୍କୁ ଦେଖି ଧନ୍ୟ ହୋଇଯାଏ ।

ସ୍ୱାମୀଜୀ : ମୁଁ ଥରେ ଆପଣଙ୍କ ଦେଶକୁ ଯିବ ।

ନାଗ-ମହାଶୟ ଆନନ୍ଦରେ ଉନ୍ମତ୍ତ ହୋଇ କହିଲେ—'ଏପରି ଦିନ କ'ଣ ଆସିବ ? ଦେଶ କାଶୀ ହୋଇଯିବ । ସେ ଅଦୃଷ୍ଟ ମୋର ହେବ କି ?'

ସ୍ୱାମୀଜୀ : ମୋର ତ ଇଚ୍ଛା ଅଛି । ଏବେ ମା' ନେଇଗଲେ ହିଁ ହେବ ।

ନାଗ-ମହାଶୟ : ଆପଣଙ୍କୁ କିଏ ବୁଝିବ—କିଏ ବୁଝିବ ? ଦିବ୍ୟ ଦୃଷ୍ଟି ନ ଖୋଲିଲେ ଚିହ୍ନି ହେବ ନାହିଁ । ଏକମାତ୍ର ଠାକୁର ହିଁ ଚିହ୍ନିଥିଲେ । ଆଉ ସମସ୍ତେ ତାଙ୍କ କଥାରେ ବିଶ୍ୱାସ କରନ୍ତି ମାତ୍ର, କେହି ବୁଝିପାରି ନାହାନ୍ତି ।

ସ୍ୱାମୀଜୀ : ମୋର ବର୍ତ୍ତମାନ ଏକମାତ୍ର ଇଚ୍ଛା ଦେଶଟାକୁ ଜାଗ୍ରତ କରିଦିଏ—ମହାବୀର ଯେପରି ନିଜର ଶକ୍ତି-ମତ୍ତାରେ ଅନାସ୍ଥାପର ହୋଇ ଶୋଇଛି—ହୋଶ୍ ନାହିଁ, ଶବ୍ଦ ନାହିଁ ! ସନାତନ ଧର୍ମ-ଭାବରେ ଏହାକୁ କୌଣସି ପ୍ରକାରେ ଜାଗ୍ରତ କରିପାରିଲେ ବୁଝିବି, ଠାକୁରଙ୍କର ଓ ଆମର ଆସିବା ସାର୍ଥକ ହେଲା—କେବଳ ଏହି ଇଚ୍ଛାଟା ଅଛି । ମୁକ୍ତି-ଫୁକ୍ତି ତୁଚ୍ଛ ବୋଧହୋଇଛି । ଆପଣ ଆଶୀର୍ବାଦ କରନ୍ତୁ, ଯେପରି କୃତକାର୍ଯ୍ୟ ହୋଇପାରେ ।

ନାଗ-ମହାଶୟ : ଠାକୁରଙ୍କ ଆଶୀର୍ବାଦ । ଆପଣଙ୍କ ଇଚ୍ଛାର ଗତି ଫେରାଇବ, ଏପରି କାହାକୁ ଦେଖୁ ନାହିଁ, ଯାହା ଇଚ୍ଛା କରିବେ ତାହା ହିଁ ହେବ ।

ସ୍ୱାମୀଜୀ : ତାହିଁ କିଛି ତ ହେବ ନାହିଁ—ତାଙ୍କ ଇଚ୍ଛା ଭିନ୍ନ କିଛି ହୁଏ ନାହିଁ ।

ନାଗ-ମହାଶୟ : ତାଙ୍କ ଇଚ୍ଛା ଆପଣଙ୍କ ଇଚ୍ଛା ଏକ ହୋଇଯାଇଛି; ଆପଣଙ୍କର ଯାହା ଇଚ୍ଛା, ତାହା ଠାକୁରଙ୍କର ହିଁ ଇଚ୍ଛା । ଜୟ ରାମକୃଷ୍ଣ ! ଜୟ ରାମକୃଷ୍ଣ !

ସ୍ୱାମୀଜୀ : କାମ କରିବା ପାଇଁ ମଜବୁତ୍ ଶରୀର ଦରକାର; ହେଲେ ଦେଖନ୍ତୁ—ଏ ଦେଶକୁ ଆସିଲା ଦିନୁ ଶରୀର ଭଲ ନାହିଁ । ସେ ଦେଶରେ ବେଶ୍ ଥିଲି ।

ନାଗ-ମହାଶୟ : ଶରୀର ଧାରଣ କଲେ ହିଁ—ଠାକୁର କହନ୍ତି—ଘରର ଟିକସ ଦେବାକୁ ହୁଏ । ରୋଗ ଶୋକ ସେହି ଟିକସ । ଆପଣ ଯେ ମୋହରର ବାକ୍ସ, ସେହି ବାକ୍ସର ଖୁବ୍ ଯତ୍ନ ଦରକାର । କିଏ କରିବ ? କିଏ ବୁଝିବ ? ଠାକୁର ହିଁ ଏକମାତ୍ର ବୁଝିଥିଲେ । ଜୟ ରାମକୃଷ୍ଣ ! ଜୟ ରାମକୃଷ୍ଣ ! !

ସ୍ୱାମୀଜୀ : ମଠରେ ଏମାନେ ମୋତେ ଖୁବ୍ ଯତ୍ନରେ ରଖନ୍ତି ।

ନାଗ-ମହାଶୟ : ଯେଉଁମାନେ କରୁଛନ୍ତି, ତାଙ୍କର ହିଁ କଲ୍ୟାଣ । ବୁଝନ୍ତୁ ବା ନ ବୁଝନ୍ତୁ । ସେବା କମ୍ ହେଲେ ଦେହ ରଖିବା କଷ୍ଟକର ହେବ ।

ସ୍ୱାମୀଜୀ : ନାଗ-ମହାଶୟ ! କ'ଣ ଯେ କରୁଛି, କ'ଣ ନ କରୁଛି—କିଛି ବୁଝିପାରୁ ନାହିଁ । ଏକ ଏକ ସମୟରେ ଏକ ଏକ ଆଡ଼େ ମହା ଝୁଙ୍କି ଆସେ । ସେହି ଅନୁସାରେ କାର୍ଯ୍ୟ କରିଯାଉଛି—ଏଥିରେ ଭଲ ହେଉଛି କି ମନ୍ଦ ହେଉଛି, କିଛି ବୁଝିହେଉ ନାହିଁ ।

ନାଗ-ମହାଶୟ : ଠାକୁର ଯେ କହିଥିଲେ—ଗୁପ୍ତ ଦିଆ ହୋଇ ରହିଲା । ତେଣୁ ବର୍ତ୍ତମାନ ବୁଝିବାକୁ ଦେଉ ନାହାନ୍ତି । ବୁଝିବା ମାତ୍ରେ ହିଁ ଲୀଳା ଶେଷ ହୋଇଯିବ ।

ସ୍ୱାମୀଜୀ ଏକ ଦୃଷ୍ଟିରେ କ'ଣ ଭାବୁଥିଲେ । ଏପରି ସମୟରେ ସ୍ୱାମୀ ପ୍ରେମାନନ୍ଦ ଠାକୁରଙ୍କ ପ୍ରସାଦ ନେଇ ଆସିଲେ ଏବଂ ନାଗ-ମହାଶୟଙ୍କୁ ଓ ଅନ୍ୟାନ୍ୟ ସମସ୍ତଙ୍କୁ ଦେଲେ । ନାଗ-ମହାଶୟ ଦୁଇ ହାତରେ ପ୍ରସାଦ ମୁଣ୍ଡରେ ଟେକି 'ଜୟ ରାମକୃଷ୍ଣ' କହି ନୃତ୍ୟ କରିବାକୁ ଲାଗିଲେ । ସମସ୍ତେ ଦେଖି ଅବାକ୍—ପ୍ରସାଦ ପାଇସାରି ସମସ୍ତେ ବଗିଚାରେ ବୁଲିବାକୁ ଲାଗିଲେ । ଇତ୍ୟବସରରେ ସ୍ୱାମୀଜୀ ଖଣ୍ଡେ କୋଦାଳ ନେଇ ଆସ୍ତେ ଆସ୍ତେ ମଠର ପୋଖରୀର ପୂର୍ବ ପାଖରେ ମାଟି ହାଣିଲେ । ନାଗ-ମହାଶୟ ଦର୍ଶନ ମାତ୍ରକେ ତାଙ୍କ ହାତ ଧରି କହିଲେ—ଆମେ ଥାଉଁ ଥାଉଁ ଆପଣ ଏ କ'ଣ କରୁଛନ୍ତି ? ସ୍ୱାମୀଜୀ କୋଦାଳ ଛାଡ଼ି ପଡ଼ିଆରେ ବୁଲି ବୁଲି ଗଳ୍ପ କରିବାକୁ ଲାଗିଲେ :

'ଠାକୁରଙ୍କ ଦେହ ଛାଡ଼ିବା ପରେ ଦିନେ ଶୁଣିଲି, ନାଗ-ମହାଶୟ ଚାରି ପାଞ୍ଚ ଦିନ ଉପାସ କରି ତାଙ୍କ କଲିକତାର ଖପରଲି ଘରେ ପଡ଼ିଛନ୍ତି । ମୁଁ, ହରିଭାଇ ଓ ଆଉ ଜଣେ କିଏ ଏକାଠି ହୋଇ ଯାଇ ନାଗ-ମହାଶୟଙ୍କ କୁଟୀରରେ ଉପସ୍ଥିତ ହେଲୁ । ଦେଖିବାମାତ୍ରେ ରେଜେଇ ଭିତରୁ ବାହାରିଲେ । ମୁଁ କହିଲି—ଆପଣଙ୍କ ଏଠି ଆଜି ଭିକ୍ଷା ପାଇବାକୁ ହେବ । ସଙ୍ଗେ ସଙ୍ଗେ ନାଗ-ମହାଶୟ ବଜାରରୁ ଚାଉଳ, ହାଣ୍ଡି, କାଠ ପ୍ରଭୃତି ଆଣି ରାନ୍ଧିବାକୁ ଆରମ୍ଭ କଲେ । ଆମେ ମନେକରିଥିଲୁ—ଆମେ ବି ଖାଇବୁ, ନାଗ ମହାଶୟଙ୍କୁ ମଧ୍ୟ ଖୁଆଇବୁ । ରନ୍ଧାବଢ଼ା କରି ଆମକୁ ତ ଦିଆଗଲା; ଆମେ ନାଗ ମହାଶୟଙ୍କ ପାଇଁ ସବୁ ରଖିଦେଇ ଆହାରରେ ବସିଲୁ । ଆହାର ପରେ ତାଙ୍କୁ ଖାଇବାକୁ ଅନୁରୋଧ କଲାମାତ୍ରକେ

ତତ୍‌କ୍ଷଣାତ୍ ହାତ-ହାଣ୍ଡି ଭାଙ୍ଗି ପକାଇ କପାଳରେ ଆଘାତ କରି କହିବାକୁ ଲାଗିଲେ— 'ଯେଉଁ ଦେହରେ ଭଗବାନ-ଲାଭ ହେଲା ନାହିଁ, ସେ ଦେହକୁ ପୁଣି ଆହାର ଦେବି ?' ଆମେ ତ ଦେଖି ଅବାକ୍ । ଅନେକ ବୁଝାବୋଲା ପରେ କିଛି ଖାଇ ଆମେ ଫେରି ଆସିଲୁ ।

ସ୍ୱାମୀଜୀ : ନାଗ-ମହାଶୟ ଆଜି ମଠରେ ରହିବେ କି ?

ଶିଷ୍ୟ : ନା, ତାଙ୍କର କ'ଣ କାମ ଅଛି, ଆଜି ହିଁ ଯିବାକୁ ହେବ ।

ସ୍ୱାମୀଜୀ : ତେବେ ନୌକା ଦେଖ୍ । ସନ୍ଧ୍ୟା ହୋଇ ଆସିଲା ।

ନୌକା ଆସିବାରୁ ଶିଷ୍ୟ ଓ ନାଗମହାଶୟ ସ୍ୱାମୀଜୀଙ୍କୁ ପ୍ରଣାମ କରି ନୌକାରୋହଣରେ କଲିକତା ଅଭିମୁଖେ ଯାତ୍ରା କଲେ ।

## ୩୧

ସ୍ଥାନ—ବେଲୁଡ଼, ଭଡ଼ା ମଠଘର

କାଳ—ଜାନୁଆରି ତୃତୀୟ ସପ୍ତାହ, ୧୮୯୮

ଆଲମ୍‌ବଜାରରୁ ବେଲୁଡ଼ର ନୀଳାମ୍ବର ବାବୁଙ୍କ ବଗିଚାକୁ ଯେତେବେଳେ ମଠ ଉଠିଗଲା, ତା'ର ଅଳ୍ପଦିନ ପରେ ସ୍ୱାମୀଜୀ ତାଙ୍କ ଗୁରୁଭ୍ରାତାମାନଙ୍କ ନିକଟରେ ପ୍ରସ୍ତାବ କଲେ ଯେ, ଠାକୁରଙ୍କ ଭାବ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ନିମନ୍ତେ ବଙ୍ଗଳା ଭାଷାରେ ଖଣ୍ଡେ ସମ୍ବାଦପତ୍ର ବାହାର କରିବାକୁ ହେବ । ସ୍ୱାମୀଜୀ ପ୍ରଥମତଃ ଖଣ୍ଡିଏ ଦୈନିକ ସମ୍ବାଦପତ୍ରର ପ୍ରସ୍ତାବ କରନ୍ତି । କିନ୍ତୁ ତାହା ଅନେକ ଅର୍ଥସାପେକ୍ଷ ହେବାରୁ ପାକ୍ଷିକ ପତ୍ର ବାହାର କରିବାର ପ୍ରସ୍ତାବରେ ସମସ୍ତଙ୍କର ଅଭିମତ ହେଲା ଏବଂ ସ୍ୱାମୀ ତ୍ରିଗୁଣାତୀତଙ୍କ ଉପରେ ତାହାର ପରିଚାଳନା ଭାର ଅର୍ପିତ ହେଲା । ସ୍ୱାମୀ ତ୍ରିଗୁଣାତୀତ ଏହିପରି କାର୍ଯ୍ୟଭାର ଗ୍ରହଣ କରି ୧୩୦୫ ସାଲ ମାଘ ପ୍ରଥମ ଦିନ ଏହି ପତ୍ର ପ୍ରଥମେ ପ୍ରକାଶ କଲେ । ସ୍ୱାମୀଜୀ ଏହି ପତ୍ରର 'ଉଦ୍‌ବୋଧନ' ନାମ ମନୋନୀତ କଲେ ।

ପତ୍ରର ପ୍ରସ୍ତାବନା ସ୍ୱାମୀଜୀ ନିଜେ ଲେଖିଦେଲେ ଏବଂ କଥା ହେଲା ଯେ, ଠାକୁରଙ୍କ ସନ୍ନ୍ୟାସୀ ଓ ଗୃହୀ ଭକ୍ତମାନେ ହିଁ ଏହି ପତ୍ରରେ ପ୍ରବନ୍ଧାଦି ଲେଖିବେ । ସଂଘରୂପେ ପରିଣତ 'ରାମକୃଷ୍ଣ ମିଶନ'ର ସଭ୍ୟମାନଙ୍କୁ ସ୍ୱାମୀଜୀ ଏହି ପତ୍ରରେ ପ୍ରବନ୍ଧାଦି ଲେଖିବାକୁ ଏବଂ ଠାକୁରଙ୍କ ଧର୍ମ ସମ୍ବନ୍ଧୀୟ ମତ ପତ୍ର ସହାୟତାରେ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବାକୁ ଅନୁରୋଧ କରିଥିଲେ । ପତ୍ରର ପ୍ରଥମ ସଂଖ୍ୟା ପ୍ରକାଶିତ ହେଲା ପରେ ଶିଷ୍ୟ ଦିନେ ମଠରେ ଉପସ୍ଥିତ ହେଲା । ସ୍ୱାମୀଜୀଙ୍କୁ ପ୍ରଣାମ କରି ଉପବେଶନ କରିବାରୁ ସେ ତା' ସହିତ 'ଉଦ୍‌ବୋଧନ' ପତ୍ର ସମ୍ବନ୍ଧରେ ଏହିପରି କଥାବାର୍ତ୍ତା ଆରମ୍ଭ କଲେ :

ସ୍ୱାମୀଜୀ : (ପତ୍ରର ନାମଟି ବିକୃତ କରି ପରିହାସ ଛଳରେ) 'ଉଦ୍‌ବନ୍ଧନ' ଦେଖିଛୁ ?

ଶିଷ୍ୟ : ଆଜ୍ଞା ହଁ, ସୁନ୍ଦର ହୋଇଛି ।

ସ୍ୱାମୀଜି : ଏହି ପରି ଭାବ, ଭାଷା ସବୁ ନୂଆ ଛାଞ୍ଚରେ ଗଢ଼ିବାକୁ ହେବ ।

ଶିଷ୍ୟ : କିପରି ?

ସ୍ୱାମୀଜି : ଠାକୁରଙ୍କ ଭାବ ତ ସମସ୍ତଙ୍କୁ ହିଁ ଦେବାକୁ ହେବ; ଅଧିକନ୍ତୁ ବଙ୍ଗଳା ଭାଷାରେ ନୂତନ ଓଜସ୍ୱିତା ଆଣିବାକୁ ହେବ । ଏହି ଯେପରି—କେବଳ ଘନ ଘନ verb use (କ୍ରିୟାପଦର ବ୍ୟବହାର) କଲେ ଭାଷାର ବଳ କମିଯାଏ । ବିଶେଷଣ ଦେଇ verbର (କ୍ରିୟାପଦର) ବ୍ୟବହାରଗୁଡ଼ିକୁ କମାଇ ଦେବାକୁ ହେବ । ତୁ ଏପରି ପ୍ରବନ୍ଧ ଲେଖିବାକୁ ଆରମ୍ଭ କର । ମୋତେ ଆଗ ଦେଖାଇ ତେବେ ଯାଇ 'ଉଦ୍‌ବୋଧନ'-ରେ ଛାପିବାକୁ ଦେବୁ ।

ଶିଷ୍ୟ : ଆଜ୍ଞା, ସ୍ୱାମୀ ତ୍ରିଗୁଣାତୀତ ଏହି ପତ୍ର ପାଇଁ ଯେପରି ପରିଶ୍ରମ କରୁଛନ୍ତି—ତାହା ଅନ୍ୟ ପକ୍ଷରେ ଅସମ୍ଭବ ।

ସ୍ୱାମୀଜି : ତୁ ପରା ମନେକରୁଛୁ, ଠାକୁରଙ୍କ ଏହିସବୁ ସନ୍ନ୍ୟାସୀ ସନ୍ତାନମାନେ କେବଳ ଗଛତଳେ ଧୂନି ଜାଳି ବସି ରହିବାକୁ ଜନ୍ମିଛନ୍ତି ! ଏମାନଙ୍କ ଭିତରୁ ଯେ ଯେତେବେଳେ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବ, ସେତେବେଳେ ତା'ର ଉଦ୍ୟମ ଦେଖି ଲୋକେ ଅବାକ୍ ହେବେ । ଏହାଙ୍କ ପାଖରୁ କାମ କିପରି କରିବାକୁ ହୁଏ ତାହା ଶିଖ୍ । ହେଇ ଦେଖ୍, ମୋର ଆଦେଶ ପାଳନ କରିବା ପାଇଁ ତ୍ରିଗୁଣାତୀତ ସାଧନଭଜନ ଧ୍ୟାନଧାରଣା ପର୍ଯ୍ୟନ୍ତ ଛାଡ଼ିଦେଇ କାମରେ ଲାଗିଛି । ଏହା କ'ଣ କମ୍ sacrific-ର (ସ୍ୱାର୍ଥତ୍ୟାଗର) କଥା ! ମୋ ପ୍ରତି କେତେ ଅନୁରାଗବଶତଃ ଏ କର୍ମ-ପ୍ରବୃତ୍ତି ଆସିଛି କହ ଦେଖି ? Success (କାମ ହାସଲ) କରି ତେବେ ଯାଇ ଛାଡ଼ିବ । ତୁମର କ'ଣ ଏପରି ଜିଦ୍ ଅଛି ?

ଶିଷ୍ୟ : କିନ୍ତୁ ମହାଶୟ, ଗେରୁଆ ପିନ୍ଧା ସନ୍ନ୍ୟାସୀଙ୍କର ଗୃହୀମାନଙ୍କ ଦ୍ୱାରେ ଦ୍ୱାରେ ବୁଲିବା ଆମ ଆଖିରେ କେମିତି କେମିତି ଲାଗେ ।

ସ୍ୱାମୀଜି : କାହିଁକି ? ପତ୍ରର ପ୍ରଚାର ତ ଗୃହୀମାନଙ୍କର କଲ୍ୟାଣ ପାଇଁ । ଦେଶରେ ନବଭାବର ପ୍ରଚାର ଦ୍ୱାରା ଜନସାଧାରଣଙ୍କର କଲ୍ୟାଣ ସାଧିତ ହେବ । ଏହି ଫଳାକାଙ୍କ୍ଷା-ରହିତ କର୍ମକୁ ବୋଧହୁଏ ତୁ ସାଧନଭଜନଠାରୁ କମ୍ ମନେକରୁଛୁ ? ଆମମାନଙ୍କର ଉଦ୍ଦେଶ୍ୟ ଜୀବର ହିତସାଧନ । ଏହି ପତ୍ରର ଆୟଦ୍ୱାରା ଟଙ୍କା ଜମାଇବାର ଅଭିପ୍ରାୟ ଆମର ନାହିଁ । ଆମେମାନେ ସର୍ବତ୍ୟାଗୀ ସନ୍ନ୍ୟାସୀ, ସ୍ତ୍ରୀ ପିଲା ନାହାନ୍ତି ଯେ, ତାଙ୍କ ପାଇଁ କିଛି ରଖିଯିବାକୁ ହେବ । ଯଦି success (କାର୍ଯ୍ୟ ହାସଲ) ହେବ, ଏହାର income (ସମ୍ପୂର୍ଣ୍ଣ ଆୟ) ଜୀବସେବାକଳ୍ପେ ବ୍ୟୟିତ ହେବ । ସ୍ଥାନେ ସ୍ଥାନେ ସଂଘ ଗଠନ, ସେବାଶ୍ରମ ସ୍ଥାପନ, ଆହୁରି କେତେ କ'ଣ ହିତକର କାର୍ଯ୍ୟରେ ଏଥିରୁ ଉଦ୍‌ବୃତ୍ତ ଅର୍ଥର ସଦ୍‌ବ୍ୟୟ ହୋଇପାରିବ । ଆମେମାନେ ତ ଗୃହୀମାନଙ୍କ ପରି ନିଜର ରୋଜଗାର ଉଦ୍ଦେଶ୍ୟରେ ଏ କାମ କରୁ ନାହୁଁ । କେବଳ ପରହିତ ପାଇଁ ହିଁ ଆମର ସବୁ movement (କାର୍ଯ୍ୟ), ଏହା ଭଲଭାବେ ଜାଣି ରଖିବୁ ।

ଶିଷ୍ୟ : ତାହା ହେଲେ ବି ସମସ୍ତେ ତ ଏହି ପ୍ରକାର ଭାବ ଆଣିପାରିବେ ନାହିଁ ।

ସ୍ୱାମୀଜୀ : ନ ପାରିଲେ ବା ନେଥିରେ ଆମର ଯାଏ ଆସେ କ'ଣ ? ଆମେ criticism (ସମାଲୋଚନା) ଗଣ୍ୟ କରି କାମରେ ଅଗ୍ରସର ହୋଇ ନାହୁଁ ।

ଶିଷ୍ୟ : ଆଜ୍ଞା ଏହି ପତ୍ରିକାଟି ୧୫ ଦିନ ଅନ୍ତରରେ ବାହାରିବ; ଆମମାନଙ୍କର ଇଚ୍ଛା ସାପ୍ତାହିକ ହେବା ଉଚିତ ।

ସ୍ୱାମୀଜୀ : ତାହା ତ ଠିକ୍, କିନ୍ତୁ funds (ଟଙ୍କା) କାହିଁ ? ଠାକୁରଙ୍କ ଇଚ୍ଛାରେ ଟଙ୍କାର ଯୋଗାଡ଼ ହେଲେ ଏହାକୁ ପରେ ଦୈନିକ ମଧ୍ୟ କରିଯାଇପାରେ । ଦୈନିକ ଲକ୍ଷେ କପି ଛାପି କଲିକତାର ଗଳିରେ ଗଳିରେ free distribution (ବିନାମୂଲ୍ୟେ ବିତରଣ) କରିଯାଇପାରେ ।

ଶିଷ୍ୟ : ଆପଣଙ୍କର ଏହି ସଂକଳ୍ପ ଅତି ଉତ୍ତମ ।

ସ୍ୱାମୀଜୀ : ମୋର ଇଚ୍ଛା ହୁଏ କାଗଜଟାକୁ ନିଜ ଗୋଡ଼ରେ ଠିଆ କରେଇ ଦେଇ ତୋତେ Editor (ସମ୍ପାଦକ) କରିଦେବି । କୌଣସି ବିଷୟକୁ ପ୍ରଥମେ ତା' ନିଜ ଗୋଡ଼ରେ ଠିଆ କରାଇବା ଶକ୍ତି ତୁମର ଏପର୍ଯ୍ୟନ୍ତ ହୋଇ ନାହିଁ । ତାହା କରିବା ପାଇଁ ଏହିସବୁ ସର୍ବସ୍ୱତ୍ୟାଗୀ ସାଧୁମାନେ ହିଁ ସକ୍ଷମ । ଏମାନେ କାମ କରି କରି ମରିଯିବେ, ତେବେ ବି ହଟିବାର ପିଲା ନୁହଁନ୍ତି । ତୁମେ ଟିକିଏ ବାଧା ପାଇଲେ, ଟିକିଏ criticism (ସମାଲୋଚନା) ଶୁଣିଲେ ହିଁ ଦୁନିଆ ଅନ୍ଧକାର ଦେଖ ।

ଶିଷ୍ୟ : ସେଦିନ ଦେଖିଲି, ସ୍ୱାମୀ ତ୍ରିଗୁଣାତୀତ ଠାକୁରଙ୍କ ଛବି ପ୍ରେସ୍‌ରେ ପୂଜା କରି ତେବେ ଯାଇ କାମ ଆରମ୍ଭ କଲେ ଏବଂ କାର୍ଯ୍ୟର ସଫଳତା ନିମିତ୍ତ ଆପଣଙ୍କର କୃପା ପ୍ରାର୍ଥନା କଲେ ।

ସ୍ୱାମୀଜୀ : ଆମର centre (କେନ୍ଦ୍ର) ତ ଠାକୁର । ଆମେମାନେ ଜଣେ ଜଣେ ସେହି ଜ୍ୟୋତି-କେନ୍ଦ୍ରର ଗୋଟିଏ ଗୋଟିଏ ray (କିରଣ) । ଠାକୁରଙ୍କୁ ପୂଜା କରି କାମଟା ଆରମ୍ଭ କରିଛି—ବେଶ୍ କରିଛି । କାହିଁ ମୋତେ ତ ପୂଜାର କଥା କିଛି କହିଲା ନାହିଁ ?

ଶିଷ୍ୟ : ଆଜ୍ଞା, ସେ ଆପଣଙ୍କୁ ଭୟ କରନ୍ତି । ତ୍ରିଗୁଣାତୀତ ସ୍ୱାମୀ କାଲି ମୋତେ କହିଲେ—'ତୁ ଆଗେ ସ୍ୱାମୀଜୀଙ୍କ ପାଖକୁ ଯାଇ ଜାଣିଆ, ପତ୍ରିକାର ପ୍ରଥମ ସଂଖ୍ୟା ବିଷୟରେ ସେ କି ଅଭିମତ ପ୍ରକାଶ କରିଛନ୍ତି; ତା'ପରେ ମୁଁ ତାଙ୍କ ସହିତ ଦେଖା କରିବି ।'

ସ୍ୱାମୀଜୀ : ତୁ ଯାଇ କହିବୁ, ମୁଁ ତା' କାମରେ ଖୁବ୍ ଖୁସି ହୋଇଛି । ତାକୁ ମୋର ଆଶୀର୍ବାଦ ଜଣାଇବୁ । ଆଉ ତୁମେମାନେ ପ୍ରତ୍ୟେକେ ଯେତେଦୂର ପାରିବ, ତାକୁ ସାହାଯ୍ୟ କରିବ । ଏହାଦ୍ୱାରା ଠାକୁରଙ୍କ କାମ ହିଁ କରିଯିବ ।

କଥାଗୁଡ଼ିକ କହିସାରି ସ୍ୱାମୀଜୀ ବ୍ରହ୍ମାନନ୍ଦ ସ୍ୱାମୀଜୀଙ୍କୁ ନିକଟକୁ ଡାକିଲେ ଏବଂ ଆବଶ୍ୟକ ହେଲେ ଭବିଷ୍ୟତରେ 'ଉଦ୍‌ବୋଧନ' ପାଇଁ ତ୍ରିଗୁଣାତୀତ ସ୍ୱାମୀଙ୍କୁ ଆହୁରି ଟଙ୍କା ଦେବାକୁ ଆଦେଶ କଲେ । ସେହିଦିନ ରାତିରେ ଆହାରାନ୍ତେ ସ୍ୱାମୀଜୀ ପୁନର୍ବାର ଶିଷ୍ୟ ସହିତ 'ଉଦ୍‌ବୋଧନ' ପତ୍ରିକା ସମ୍ବନ୍ଧରେ ନିମ୍ନମତେ ଆଲୋଚନା କରିଥିଲେ ।

ସ୍ୱାମୀଜୀ : 'ଉଦ୍‌ବୋଧନ' ପତ୍ରିକାରେ ସାଧାରଣଙ୍କୁ କେବଳ positive ideas (ଗଠନମୂଳକ ଭାବ) ଦେବାକୁ ହେବ। Negative thought (ନାସ୍ତିବାଚକ ଭାବ) ମନୁଷ୍ୟକୁ weak (ଦୁର୍ବଳ) କରିଦିଏ। ଦେଖୁନାହଁ, ଯେଉଁସବୁ ମା' ବାପ ପିଲାମାନଙ୍କୁ ଦିନରାତି ଲେଖା-ପଢ଼ା ପାଇଁ ତାଗିଦା କରି କହନ୍ତି 'ଏଇଟାର କିଛି ହେବ ନାହିଁ,' 'ବୋକା ଗଧ'—ତାଙ୍କ ପିଲାମାନେ ଅନେକ କ୍ଷେତ୍ରରେ ତାହା ହିଁ ହୋଇଯାଆନ୍ତି। ପିଲାମାନଙ୍କୁ ଭଲ କହିଲେ, ଉତ୍ସାହ ଦେଲେ, ସମୟରେ ନିଶ୍ଚୟ ଭଲ ହୁଏ। ପିଲାଙ୍କ ପକ୍ଷରେ ଯାହା ନିୟମ, children in the region of higher thoughts (ଭାବ-ରାଜ୍ୟର ଉଚ୍ଚ ସ୍ତରରେ ଯେଉଁମାନେ ଶିଶୁ ପରି ସେମାନଙ୍କ) ସମ୍ବନ୍ଧରେ ମଧ୍ୟ ସେହି ନିୟମ। Positive ideas (ଗଠନମୂଳକ ଭାବସବୁ) ଦେଇପାରିଲେ ସାଧାରଣ ଲୋକେ ମନୁଷ୍ୟ ହୋଇ ଉଠିବେ ଓ ନିଜ ଗୋଡ଼ରେ ଠିଆ ହେବାକୁ ଶିଖିବେ। ଭାଷା, ସାହିତ୍ୟ, ଦର୍ଶନ, କବିତା, ଶିଳ୍ପ ସବୁ ବିଷୟରେ ଯାହା ଚିନ୍ତା ଓ ଚେଷ୍ଟା ମନୁଷ୍ୟ କରୁଛି, ସେଥିରେ ଭୁଲ ନ ଦେଖାଇ, ସେସବୁ ବିଷୟ କିପରି କ୍ରମେ କ୍ରମେ ଆହୁରି ଭଲ ଭାବରେ କରିପାରିବା ତାହା ହିଁ କହିଦେବାକୁ ହେବ। ଭ୍ରମ-ପ୍ରମାଦ ଦେଖାଇଲେ ମନୁଷ୍ୟର feeling wounded (ମନରେ ଆଘାତ ଦେବା) ହୁଏ। ଠାକୁରଙ୍କୁ ଦେଖିଛି—ଯେଉଁମାନଙ୍କୁ ଆମେ ହେୟ ମନେକରୁ, ସେମାନଙ୍କୁ ମଧ୍ୟ ସେ ଉତ୍ସାହ ଦେଇ ସେମାନଙ୍କ ଜୀବନର ଗତି ପରିବର୍ତ୍ତିତ କରାଇଦିଅନ୍ତି। ତାଙ୍କ ଶିକ୍ଷା ଦେବାର ପ୍ରଣାଳୀ ଗୋଟାଏ ଅଦ୍ଭୁତ ବ୍ୟାପାର

କଥାଗୁଡ଼ିକ କହି ସ୍ୱାମୀଜୀ ଟିକିଏ ସ୍ଥିର ହୋଇ ରହିଲେ। କିଛି ସମୟ ପରେ ପୁଣି କହିବାକୁ ଲଗିଲେ :

ଧର୍ମ ପ୍ରଚାର କେବଳ ଯେଉଁଠି ସେଇଠି, ଯା' ତା' ଉପରେ ନାକ ଛୁଆଁଉଡ଼ିବା ବ୍ୟାପାର ବୋଲି ସେପରି ବୁଝିବୁ ନାହିଁ। Physical, mental, spiritual (ଶାରୀରିକ, ମାନସିକ, ଆଧ୍ୟାତ୍ମିକ) ସମସ୍ତ ବ୍ୟାପାରରେ ହିଁ ମନୁଷ୍ୟକୁ positive ideas (ଗଠନମୂଳକ ଭାବ) ଦେବାକୁ ହେବ, କିନ୍ତୁ ଘୃଣା କରି ନୁହେଁ। ପରସ୍ପରକୁ ଘୃଣା କରି କରି ତୁମର ଅଧଃପତନ ହୋଇଅଛି। ଏବେ କେବଳ positive thought (ଗଠନମୂଳକ ଭାବ) ବିସ୍ତାର କରି ଲୋକଙ୍କୁ ଉଠାଇବାକୁ ହେବ। ପ୍ରଥମେ ଏହିପରି ସମଗ୍ର ହିନ୍ଦୁ ଜାତିକୁ ଉଠାଇବାକୁ ହେବ। ତା'ପରେ ଜଗତକୁ ଉଠାଇବାକୁ ହେବ। ଠାକୁରଙ୍କ ଅବତୀର୍ଣ୍ଣ ହେବାର କାରଣ ଏହି। ସେ ଜଗତରେ କାହାରି ଭାବ ନଷ୍ଟ କରି ନାହାନ୍ତି। ମହା ଅଧଃପତିତ ମନୁଷ୍ୟକୁ ମଧ୍ୟ ସେ ଅଭୟ ଦେଇ, ଉତ୍ସାହ ଦେଇ ଉଠାଇ ନେଇଛନ୍ତି। ଆମେ ମଧ୍ୟ ତାଙ୍କର ପଦାନୁସରଣ କରି ସମସ୍ତଙ୍କୁ ଉଠାଇବାକୁ ହେବ, ଜଗାଇବାକୁ ହେବ, ବୁଝିଲୁ ?

ତୁମର history, literature, mythology (ଇତିହାସ, ସାହିତ୍ୟ, ପୁରାଣ) ପ୍ରଭୃତି ସବୁ ଶାସ୍ତ୍ରଗ୍ରନ୍ଥ ମନୁଷ୍ୟକୁ କେବଳ ଭୟ ଦେଖାଉଛି। ମନୁଷ୍ୟକୁ କେବଳ କହୁଛି—ତୁ ନରକକୁ ଯିବୁ, ତୋର ଆଉ ଉପାୟ ନାହିଁ। ସେଥିଯୋଗୁଁ ଏତେ ଅବସନ୍ନତା

ଭାରତର ଅସ୍ଥିମଜ୍ଜାରେ ପ୍ରବେଶ କରିଛୁ । ସେଥିନିମିତ୍ତ ବେଦବେଦାନ୍ତର ଉଚ୍ଚ ଉଚ୍ଚ ଭାବସବୁକୁ ସରଳ କଥାରେ ମନୁଷ୍ୟଙ୍କୁ ବୁଝାଇ ଦେବାକୁ ହେବ । ସଦାଚାର, ସଦ୍‌ବ୍ୟବହାର ଓ ବିଦ୍ୟାଶିକ୍ଷା ଦେଇ ବ୍ରାହ୍ମଣ ଏବଂ ଚଣ୍ଡାଳକୁ ଏକ ଭୂମିରେ ଠିଆ କରାଇବାକୁ ହେବ । 'ଉଦ୍‌ବୋଧନ' ପତ୍ରିକାରେ ଏହିସବୁ ଲେଖି ଆବାଳବୃଦ୍ଧବନିତାଙ୍କୁ ଉଠାଅ ଦେଖି ! ତେବେ ଜାଣିବି—ତୋର ବେଦବେଦାନ୍ତ ପଢ଼ା ସାର୍ଥକ ହୋଇଛି । କ'ଣ କହୁଛୁ—ପାରିବୁ ?

ଶିଷ୍ୟ : ଆପଣଙ୍କ ଆଶୀର୍ବାଦ ଓ ଆଦେଶ ହେଲେ ସବୁ ବିଷୟରେ ସିଦ୍ଧ-କାମ ହେବି ବୋଲି ମନେହୁଏ ।

ସ୍ୱାମୀଜୀ : ଆଉ ଗୋଟାଏ କଥା—ଶରୀରକୁ ଖୁବ୍ ମଜବୁତ କରିବାକୁ ତୋତେ ଶିଖିବାକୁ ହେବ ଓ ସମସ୍ତଙ୍କୁ ଶିଖାଇବାକୁ ହେବ । ଦେଖୁନାହୁଁ, ବର୍ତ୍ତମାନ ସୁଦ୍ଧା ମୁଁ ଡମ୍ବେଲ କରେ । ରୋଜ୍ ରୋଜ୍ ସକାଳେ ସନ୍ଧ୍ୟାରେ ବୁଲିବୁ; ଶାରୀରିକ ପରିଶ୍ରମ କରିବୁ । Body and mind must run parallel (ଦେହ ଓ ମନ ସମତାଳରେ ଗଢ଼ କରିବା ଆବଶ୍ୟକ) । ସବୁ ବିଷୟରେ ପର ଉପରେ ନିର୍ଭର କଲେ ଚଳିବ କିପରି ? ଶରୀରକୁ ସବଳ କରିବାର ପ୍ରୟୋଜନୀୟତା ବୁଝିପାରିଲେ ନିଜେ ନିଜେ ହିଁ ସେତେବେଳେ ସେବିଷୟରେ ଯତ୍ନ କରିବ । ସେହି ପ୍ରୟୋଜନୀୟତା-ବୋଧ ନିମିତ୍ତ ହିଁ ବର୍ତ୍ତମାନ educationର (ଶିକ୍ଷାର) ଦରକାର ।

## ୩୨

ସ୍ଥାନ—ବେଲୁଡ଼ ମଠ
କାଳ—୨। ୯୯

ବର୍ତ୍ତମାନ ସ୍ୱାମୀଜୀ ବେଶ୍ ସୁସ୍ଥ ଅଛନ୍ତି । ଶିଷ୍ୟ ରବିବାର ସକାଳେ ମଠକୁ ଆସିଛି । ସ୍ୱାମୀଜୀଙ୍କ ପାଦପଦ୍ମ ଦର୍ଶନାନ୍ତେ ସେ ତଳକୁ ଆସି ସ୍ୱାମୀ ନିର୍ମଳାନନ୍ଦଙ୍କ ସହିତ ବେଦାନ୍ତ ଶାସ୍ତ୍ରର ଆଲୋଚନା କରୁଛି । ଏପରି ସମୟରେ ସ୍ୱାମୀଜୀ ତଳକୁ ଓହ୍ଲାଇ ଆସିଲେ ଏବଂ ଶିଷ୍ୟକୁ ଦେଖି କହିଲେ, 'କିରେ, ତୁଳସୀ ସଙ୍ଗରେ ତୋର କି ବିଚାର ହେଉଥିଲା ?'

ଶିଷ୍ୟ : ଆଜ୍ଞା, ତୁଳସୀ ମହାରାଜ କହୁଥିଲେ, "ବେଦାନ୍ତର ବ୍ରହ୍ମବାଦ କେବଳ ତୋର ସ୍ୱାମୀଜୀ ଆଉ ତୁ ବୁଝ । ଆମେ କିନ୍ତୁ ଜାଣୁ—'କୃଷ୍ଣସ୍ତୁ ଭଗବାନ ସ୍ୱୟମ୍' ।"

ସ୍ୱାମୀଜୀ : ତୁ କ'ଣ କହିଲୁ ?

ଶିଷ୍ୟ : ମୁଁ କହିଲି, ଏକ ଆତ୍ମା ହିଁ ସତ୍ୟ । କୃଷ୍ଣ ବ୍ରହ୍ମଜ୍ଞ ପୁରୁଷ ଥିଲେ ମାତ୍ର । ତୁଳସୀ ମହାରାଜ ଭିତରେ ବେଦାନ୍ତବାଦୀ, ବାହାରେ କିନ୍ତୁ ଦ୍ୱୈତବାଦୀର ପକ୍ଷ ନେଇ ତର୍କ

କରନ୍ତି । ଈଶ୍ୱରଙ୍କୁ ବ୍ୟକ୍ତିବିଶେଷ ବୋଲି କଥାର ଅବତାରଣା କରି କ୍ରମେ ଦ୍ୱୈତବାଦର ଭିତ୍ତି ସୁଦୃଢ଼ ପ୍ରମାଣିତ କରିବା ହିଁ ତାଙ୍କ ଉଦ୍ଦେଶ୍ୟ ବୋଲି ମନେହୁଏ । କିନ୍ତୁ ସେ ମୋତେ 'ବୈଷ୍ଣବ' କହିଲେ ହିଁ ମୁଁ ସେକଥା ଭୁଲିଯାଏ ଏବଂ ତାଙ୍କ ସହିତ ତର୍କରେ ଲାଗିଯାଏ ।

ସ୍ୱାମୀଜୀ : ତୁଳସୀ ତୋତେ ଭଲପାଏ କି ନା ? ସେଇଥିପାଇଁ ଏପରି କହି ତୋତେ ଚିଡ଼ାଏ । ତୁ ରାଗିବୁ କାହିଁକି ? ତୁ ବି କହିବୁ, 'ଆପଣ ଶୂନ୍ୟବାଦୀ ନାସ୍ତିକ ।'

ଶିଷ୍ୟ : ଆଜ୍ଞା, ଉପନିଷଦ୍‌ରେ ଈଶ୍ୱର ଯେ ଶକ୍ତିମାନ୍ ବ୍ୟକ୍ତିବିଶେଷ, ଏପରି କଥା ଅଛି କି ? ଲୋକେ କିନ୍ତୁ ଏପରି ଈଶ୍ୱରଙ୍କଠାରେ ବିଶ୍ୱାସିବାନ୍ ।

ସ୍ୱାମୀଜୀ : ସର୍ବେଶ୍ୱର କଦାପି ବ୍ୟକ୍ତିବିଶେଷ ହୋଇପାରନ୍ତି ନାହିଁ । ଜୀବ ହେଉଛି ବ୍ୟଷ୍ଟି । ଆଉ ସକଳ ଜୀବର ସମଷ୍ଟି ହେଉଛନ୍ତି ଈଶ୍ୱର । ଜୀବରେ ଅବିଦ୍ୟା ପ୍ରବଳ; ଈଶ୍ୱର ବିଦ୍ୟା ଓ ଅବିଦ୍ୟାର ସମଷ୍ଟି ମାୟାକୁ ବଶୀଭୂତ କରି ରହିଛନ୍ତି ଏବଂ ସ୍ୱାଧୀନ ଭାବରେ ଏହି ସ୍ଥାବର-ଜଙ୍ଗମାତ୍ମକ ଜଗତଟାକୁ ନିଜ ଭିତରୁ project (ବାହାର) କରିଛନ୍ତି । ବ୍ରହ୍ମ କିନ୍ତୁ ଏହି ବ୍ୟଷ୍ଟି-ସମଷ୍ଟିର ଅଥବା ଜୀବ ଓ ଈଶ୍ୱରଙ୍କ ଉପରେ ଅବସ୍ଥିତ । ବ୍ରହ୍ମର ଅଂଶାଂଶ ଭାଗ ହୁଏ ନାହିଁ । ବୁଝାଇବା ପାଇଁ ତାଙ୍କର ତ୍ରିପାଦ, ଚତୁଷ୍ପାଦ ଇତ୍ୟାଦି କଳ୍ପନା କରାହୋଇଛି ମାତ୍ର । ଯେଉଁ ପାଦରେ ସୃଷ୍ଟି-ସ୍ଥିତି-ଲୟାଧ୍ୟାସ ହେଉଛି, ସେହିଭାଗକୁ ହିଁ ଶାସ୍ତ୍ର 'ଈଶ୍ୱର' ବୋଲି ନିର୍ଦ୍ଦେଶ କରିଛି । ଅପର ତ୍ରିପାଦ କୂଟସ୍ଥ, ଯହିଁରେ କୌଣସି ପ୍ରକାର ଦ୍ୱୈତ-କଳ୍ପନାର ଭାଗ ନାହିଁ; ତାହା ହିଁ ବ୍ରହ୍ମ । ତାହା ବୋଲି ଏହା ଯେପରି ମନେ ନ କରୁ ଯେ, ବ୍ରହ୍ମ ଜୀବ-ଜଗତଠାରୁ ଗୋଟାଏ ସ୍ୱତନ୍ତ୍ର ବସ୍ତୁ । ବିଶିଷ୍ଟାଦ୍ୱୈତବାଦୀମାନେ କହନ୍ତି—ବ୍ରହ୍ମ ହିଁ ଜୀବଜଗତ ରୂପେ ପରିଣତ ହୋଇଛନ୍ତି । ଅଦ୍ୱୈତବାଦୀମାନେ କହନ୍ତି—ତାହା ନୁହେଁ; ବ୍ରହ୍ମରେ ଏହି ଜୀବ-ଜଗତ୍ ଅଧ୍ୟସ୍ତ ହୋଇଛି ମାତ୍ର, କିନ୍ତୁ ବସ୍ତୁତଃ ସେଥିରେ ବ୍ରହ୍ମର କୌଣସି ପ୍ରକାର ପରିଣାମ ହୋଇ ନାହିଁ । ଅଦ୍ୱୈତବାଦୀମାନେ କହନ୍ତି—ନାମରୂପ ନେଇ ହିଁ ଜଗତ । ଯେପର୍ଯ୍ୟନ୍ତ ନାମରୂପ ଅଛି—ସେପର୍ଯ୍ୟନ୍ତ ଜଗତ ଅଛି । ଧ୍ୟାନଧାରଣା ବଳରେ ଯେତେବେଳେ ନାମରୂପର ବିଲୟ ହୋଇଯାଏ, ସେତେବେଳେ ଏକମାତ୍ର ବ୍ରହ୍ମ ହିଁ ଥାନ୍ତି । ସେତେବେଳେ ତୋର, ମୋର ବା ଜୀବ-ଜଗତର ସ୍ୱତନ୍ତ୍ର ସତ୍ତାର ଆଉ ଅନୁଭବ ହୁଏ ନାହିଁ । ସେତେବେଳେ ବୋଧହୁଏ, 'ମୁଁ' ହିଁ ନିତ୍ୟ ଶୁଦ୍ଧ, ବୁଦ୍ଧ ପ୍ରତ୍ୟକ୍ଷ-ଚୈତନ୍ୟ ବା ବ୍ରହ୍ମ । ଜୀବର ସ୍ୱରୂପ ହିଁ ହେଉଛନ୍ତି ବ୍ରହ୍ମ; ଧ୍ୟାନଧାରଣା ଦ୍ୱାରା ନାମରୂପର ଆବରଣଟା ଦୂର ହୋଇଯାଇ ଏହି ଭାବର ପ୍ରତ୍ୟକ୍ଷ ହୁଏ ମାତ୍ର । ଏହା ହିଁ ହେଉଛି ଶୁଦ୍ଧାଦ୍ୱୈତବାଦର ସାରମର୍ମ । ବେଦ-ବେଦାନ୍ତ ଶାସ୍ତ୍ର-ଫାସ୍ତ୍ର ଏହି କଥା ହିଁ ନାନା ଭାବରେ ବାରମ୍ବାର ବୁଝାଇ ଦେଉଛି ।

ଶିଷ୍ୟ : ତାହାହେଲେ ଈଶ୍ୱର ଯେ ସର୍ବଶକ୍ତିମାନ୍ ବ୍ୟକ୍ତିବିଶେଷ—ଏକଥା ଆଉ ସତ୍ୟ ହେବ କିପରି ?

ସ୍ୱାମୀଜୀ : ମନରୂପକ ଉପାଧି ନେଇ ହିଁ ମନୁଷ୍ୟ । ମନଦ୍ୱାରା ହିଁ ମନୁଷ୍ୟକୁ ସକଳ ବିଷୟ ଧରିବାକୁ, ବୁଝିବାକୁ ହେଉଛି । କିନ୍ତୁ ମନ ଯାହା ଭାବେ, ତାହା limited (ସୀମାବଦ୍ଧ) ହେବ । ଏଣୁ ଆପଣାର personality (ବ୍ୟକ୍ତିତ୍ୱ)-ରୁ ଈଶ୍ୱରଙ୍କ persona-

lity (ବ୍ୟକ୍ତିତ୍ୱ) କଳ୍ପନା କରିବା ଜୀବର ସ୍ୱତଃସିଦ୍ଧ ସ୍ୱଭାବ । ମନୁଷ୍ୟ ତା'ର ideal ଆଦର୍ଶକୁ ମନୁଷ୍ୟ ରୂପରେ ହିଁ ଭାବିବାକୁ ସକ୍ଷମ । ଏହି ଜରାମରଣସଙ୍କୁଳ ଜଗତକୁ ଆସି ମନୁଷ୍ୟ ଦୁଃଖର ଜ୍ୱାଳାରେ 'ହା ହତୋଽସ୍ମି' ହୋଇ ଖୁଜେ ଏପରି ଏକ ବ୍ୟକ୍ତିର ଆଶ୍ରୟ ଗୃହେଁ, ଯାହା ଉପରେ ନିର୍ଭର କରି ସେ ଚିନ୍ତାଶୂନ୍ୟ ହୋଇପାରେ । କିନ୍ତୁ ଆଶ୍ରୟ କାହିଁ ? ନିରାଧାର ସର୍ବଗ ଆତ୍ମା ହିଁ ଏକମାତ୍ର ଆଶ୍ରୟ-ସ୍ଥଳ । ପ୍ରଥମେ ମନୁଷ୍ୟ ତାହାର ସନ୍ଧାନ ପାଏ ନାହିଁ । ବିବେକ-ବୈରାଗ୍ୟ ଆସିଲେ, ଧ୍ୟାନ-ଧାରଣା କରୁ କରୁ କ୍ରମେ ତାହାର ସନ୍ଧାନ ପାଏ । କିନ୍ତୁ ସେ ଯେଉଁ ଭାବରେ ସାଧନ କରୁନା କାହିଁକି, ସମସ୍ତେ ହିଁ ଅଜ୍ଞାତ-ସାରରେ ନିଜ ଭିତରେ ଅବସ୍ଥିତ ବ୍ରହ୍ମଭାବକୁ ଜାଗ୍ରତ କରୁଛନ୍ତି । ତେବେ ଅବଲମ୍ବନ ଭିନ୍ନ ଭିନ୍ନ ହୋଇପାରେ । ଯାହାର personal God-ରେ (ବ୍ୟକ୍ତିବିଶେଷ-ଈଶ୍ୱରଙ୍କଠାରେ) ବିଶ୍ୱାସ ଅଛି, ତାକୁ ସେହି ଭାବ ଧରି ସାଧନଭଜନ କରିବାକୁ ହୁଏ । ଐକାନ୍ତିକତା ଆସିଲେ ସେଥିରୁ ହିଁ ସମୟରେ ବ୍ରହ୍ମ-ସିଂହ ତା' ଭିତରେ ଜାଗି ଉଠନ୍ତି । ବ୍ରହ୍ମଜ୍ଞାନ ହିଁ ହେଉଛି ଜୀବର goal (ଏକମାତ୍ର ଲକ୍ଷ୍ୟ), ତେବେ ନାନା ପଥ···ନାନା ମତ । ଜୀବର ପାରମାର୍ଥିକ ସ୍ୱରୂପ ବ୍ରହ୍ମ ହେଲେ ସୁଦ୍ଧା ମନରୂପ ଉପାଧିର ଅଭିମାନ ନିମିତ୍ତ ସେ ନାନା ପ୍ରକାରର ସନ୍ଦେହ, ସଂଶୟ, ସୁଖ, ଦୁଃଖ ଭୋଗ କରେ । କିନ୍ତୁ ନିଜର ସ୍ୱରୂପ ଲାଭ ନିମିତ୍ତ ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ସମସ୍ତେ ହିଁ ଗତିଶୀଳ । ଯେତେବେଳଯାଏ 'ଅହଂ ବ୍ରହ୍ମ' ଏହି ତତ୍ତ୍ୱ ପ୍ରତ୍ୟକ୍ଷ ନ ହେବ, ସେତେବେଳଯାଏ ଏହି ଜନ୍ମମୃତ୍ୟୁର ଗତିର ହାତରୁ କାହାରି ନିସ୍ତାର ନାହିଁ । ମନୁଷ୍ୟ-ଜନ୍ମ ଲାଭ କରି ମୁକ୍ତିର ଇଚ୍ଛା ପ୍ରବଳ ହେଲେ ଓ ମହାପୁରୁଷଙ୍କ କୃପାଲାଭ ହେଲେ ମନୁଷ୍ୟର ଆତ୍ମଜ୍ଞାନ-ସ୍ପୃହା ବଳବତୀ ହୁଏ । ନତୁବା କାମ-କାଞ୍ଚନ-ଜଡ଼ିତ ଲୋକର ସେଆଡ଼କୁ ମନର ଗତି ହୁଏ ନାହିଁ । ସ୍ତ୍ରୀ-ପୁତ୍ର, ଧନ, ମାନ ଲାଭ କରିବ ବୋଲି ଯାହାର ମନରେ ସଂକଳ୍ପ ରହିଛି, ତାହାର କିପରି ବ୍ରହ୍ମ-ବିବିଦିଷା ହେବ ? ଯେ ସବୁ ତ୍ୟାଗ କରିବାକୁ ପ୍ରସ୍ତୁତ, ଯେ ସୁଖଦୁଃଖ, ଭଲମନ୍ଦର ଚଞ୍ଚଳ ପ୍ରବାହରେ ଧୀର, ସ୍ଥିର, ଶାନ୍ତ, ସମନସ୍କ—ସେ ହିଁ ଆତ୍ମଜ୍ଞାନ-ଲାଭ ପାଇଁ ଯତ୍ନବାନ୍ ହୁଏ । ସେ ହିଁ 'ନିର୍ଗଚ୍ଛତି ଜଗଜ୍ଜାଲାତ୍ ପିଞ୍ଜରାଦିବ କେଶରୀ'*—ମହାବଳରେ ବଳୀୟାନ୍ ହୋଇ ଜଗଜ୍ଜାଳ ଛିନ୍ନ କରି ମାୟାର ଗଣ୍ଡି ଭାଙ୍ଗି ସିଂହପରି ବାହାରି ପଡ଼େ ।

ଶିଷ୍ୟ : ତେବେ କ'ଣ ଆଜ୍ଞା, ସନ୍ନ୍ୟାସ ଭିନ୍ନ ବ୍ରହ୍ମଜ୍ଞାନ ହୋଇପାରେ ନାହିଁ ?

ସ୍ୱାମୀଜୀ : ତା' କ'ଣ କହିବାକୁ ଅଛି ? ଅନ୍ତର୍ବହିଃ ଉଭୟ ପ୍ରକାରରେ ହିଁ ସନ୍ନ୍ୟାସ ଅବଲମ୍ବନ କରିବା ଦରକାର । ଆଚାର୍ଯ୍ୟ ଶଙ୍କର ମଧ୍ୟ ଉପନିଷଦ୍‌ର 'ତପସୋ ବାପ୍ୟଲିଙ୍ଗାତ୍' ଏହି ଅଂଶର ବ୍ୟାଖ୍ୟା ପ୍ରସଙ୍ଗରେ କହିଛନ୍ତି—ଲିଙ୍ଗ ହିଁ—ଅର୍ଥାତ୍ ସନ୍ନ୍ୟାସର ବାହ୍ୟ ଚିହ୍ନସ୍ୱରୂପ ଗୈରିକ ବସନ, ଦଣ୍ଡ-କମଣ୍ଡଳୁ ପ୍ରଭୃତି ଧାରଣ ନ କରି ତପସ୍ୟା କଲେ ଦୁରଧିଗମ୍ୟ ବ୍ରହ୍ମତତ୍ତ୍ୱ ପ୍ରତ୍ୟକ୍ଷ ହୁଏ ନାହିଁ । ବୈରାଗ୍ୟ ନ ଆସିଲେ, ତ୍ୟାଗ ନ ଆସିଲେ, ଭୋଗସ୍ପୃହା ତ୍ୟାଗ ନ ହେଲେ କ'ଣ କିଛି ହେବାର ଉପାୟ ଅଛି ? ସେ ତ ପିଲାହାତର ମୁଆଁ

* ମୁଣ୍ଡକ ଉପନିଷଦ୍, ୩।୨।୪ ମନ୍ତ୍ରର ଭାଷ୍ୟ ଦ୍ରଷ୍ଟବ୍ୟ

ନୁହେଁ ଯେ ଫାଙ୍କି ଦେଇ ଲୁଚାଇ ନେଇ ଖାଇବୁ ।

ଶିଷ୍ୟ : କିନ୍ତୁ ସାଧନ କରୁ କରୁ କ୍ରମେ ତ୍ୟାଗ ତ ଆସିପାରେ ?

ସ୍ୱାମୀଜୀ : ଯାହାର କ୍ରମେ ଆସିପାରେ ତା'ର ଆସୁ । ତୁ ତା' ବୋଲି ବସି ରହିବୁ କାହିଁକି ? ବର୍ତ୍ତମାନ ନାଳ କାଟି ପାଣି ଆଣିବାରେ ଲଗିଯା' । ଠାକୁର କହୁଥିଲେ, ହେଉଛି, ହେବ—ସେ ସବୁ ମାଇଚିଆ ଭାବ । ଶୋଷ କଲେ କ'ଣ କେହି ବସି ରହିପାରେ, ନା, ପାଣି ପାଇଁ ଦୌଡ଼ାଦୌଡ଼ି କରି ବୁଲେ ? ଶୋଷ ଲାଗୁ ନାହିଁ, ତେଣୁ ବସିଛୁ । ବିବିଦିଷା ପ୍ରବଳ ହୋଇ ନାହିଁ, ତେଣୁ ପୁଅମାଇପ ନେଇ ସଂସାର କରୁଛୁ ।

ଶିଷ୍ୟ : ବାସ୍ତବିକ୍ କାହିଁକି ଯେ ଏପର୍ଯ୍ୟନ୍ତ ସେପରି ସର୍ବସ୍ୱ-ତ୍ୟାଗର ବୁଦ୍ଧି ହେଉ ନାହିଁ, ତାହା ବୁଝିପାରୁ ନାହିଁ । ଆପଣ ଏହାର ଗୋଟାଏ ଉପାୟ ବତାଇ ଦିଅନ୍ତୁ ।

ସ୍ୱାମୀଜୀ : ଉଦ୍ଦେଶ୍ୟ ଓ ଉପାୟ ସବୁ ତୋହରି ହାତରେ । ମୁଁ କେବଳ stimulate (ଉଦ୍‌ବୁଦ୍ଧ) କରିଦେଇପାରେ । ଏହିସବୁ ସତ୍‌ଶାସ୍ତ୍ର ପଢ଼ିଛୁ, ଏପରି ବ୍ରହ୍ମଜ୍ଞ ସାଧୁମାନଙ୍କର ସେବା ଓ ସଙ୍ଗ କରୁଛୁ, ଏଥିରେ ବି ଯଦି ତ୍ୟାଗର ଭାବ ନ ଆସେ, ତେବେ ଜୀବନ ହିଁ ବୃଥା ହେଲା । ତେବେ ଏକାବେଳକେ ବୃଥା ହେବ ନାହିଁ, ସମୟରେ ଏହାର ଫଳ ଫୁଟି ବାହାରିବ ହିଁ ବାହାରିବ ।

ଶିଷ୍ୟ : (ଅଧୋମୁଖରେ ବିଷଣ୍ଣ ଭାବରେ ନିଜର ପରିଣାମ କିଛିକ୍ଷଣ ଚିନ୍ତା କରି) ଆଜ୍ଞା, ମୁଁ ଆପଣଙ୍କର ଶରଣାଗତ, ମୋର ମୁକ୍ତିଲାଭର ପନ୍ଥା ଖୋଲି ଦିଅନ୍ତୁ । ମୁଁ ଯେପରି ଏହି ଶରୀରରେ ହିଁ ତତ୍ତ୍ୱଜ୍ଞ ହୋଇପାରେ ।

ସ୍ୱାମୀଜୀ : (ଶିଷ୍ୟର ଅବସନ୍ନତା ଦର୍ଶନ କରି) ଭୟ କ'ଣ ? ସର୍ବଦା ବିଚାର କରିବୁ—ଏହି ଦେହ ଗେହ, ଜୀବଜଗତ୍ ସବୁ ନିଃଶେଷ ମିଥ୍ୟା, ସ୍ୱପ୍ନ ପରି । ସବୁବେଳେ ଭାବିବୁ, ଏହି ଦେହଟା ଗୋଟାଏ ଜଡ଼ଯନ୍ତ୍ର ମାତ୍ର । ଏଥିରେ ଯେଉଁ ଆତ୍ମାରାମ ପୁରୁଷ ରହିଛନ୍ତି, ସେ ହିଁ ତୋର ଯଥାର୍ଥ ସ୍ୱରୂପ । ମନରୂପକ ଉପାଧି ହିଁ ତାଙ୍କର ପ୍ରଥମ ଓ ସୂକ୍ଷ୍ମ ଆବରଣ । ଦେହ ତାଙ୍କର ସ୍ଥୂଳ ଆବରଣ ହୋଇ ରହିଛି । ନିଷ୍କଳ, ନିର୍ବିକାର ସ୍ୱୟଂ-ଜ୍ୟୋତିଃ ସେହି ପୁରୁଷ ଏହିସବୁ ମାୟିକ ଆବରଣରେ ଆଚ୍ଛାଦିତ ଥିବାହେତୁ ତୁ ତୋର ସ୍ୱ-ସ୍ୱରୂପକୁ ଜାଣିପାରୁ ନାହୁଁ । ଏହି ରୂପରସ ଆଡ଼କୁ ଧାବିତ ମନର ଗତି ଅନ୍ତର୍ଦ୍ଦିଗକୁ ଫେରାଇ ଦେବାକୁ ହେବ । ମନଟାକୁ ମାରିଦେବାକୁ ହେବ । ଦେହଟା ତ ସ୍ଥୂଳ, ଏଟା ପଞ୍ଚଭୂତରେ ମିଶିଯାଏ । କିନ୍ତୁ ସଂସାରର ପୁଟୁଳି ମନଟା ଶୀଘ୍ର ମରେ ନାହିଁ । ବୀଜପରି କିଛିକାଳ ରହି ପୁଣି ବୃକ୍ଷରେ ପରିଣତ ହୁଏ; ପୁଣି ସ୍ଥୂଳ ଶରୀର ଧାରଣ କରି ଜନ୍ମମୃତ୍ୟୁ-ପଥରେ ଗମନାଗମନ କରେ, ଏହିପରି ଯେତେବେଳଯାଏ ଆତ୍ମଜ୍ଞାନ ନ ହୁଏ । ସେଥିପାଇଁ କହେ ଧ୍ୟାନ-ଧାରଣା ଓ ବିଚାର ବଳରେ ମନକୁ ସଚ୍ଚିଦାନନ୍ଦ-ସାଗରରେ ବୁଡ଼ାଇ ଦେ' । ମନଟା ମରିଗଲେ ସବୁ ଗଲା—ବ୍ରହ୍ମସଂସ୍ଥ ହେଲୁ ।

ଶିଷ୍ୟ : ଆଜ୍ଞା, ଏହି ଉଦ୍ଦାମ ଉନ୍ମତ୍ତ ମନକୁ ବ୍ରହ୍ମାବଗାହୀ କରିବା ମହା କଠିନ ।

ସ୍ୱାମୀଜୀ : ବୀର ପାଖରେ ପୁଣି କଠିନ ବୋଲି କୌଣସି ଜିନିଷ ଅଛି ? କାପୁରୁଷ-

ମାନେ ହିଁ ଏ କଥା କହନ୍ତି । 'ବୀରାଣାମେବ କରତଳାଗତା ମୁକ୍ତିଃ, ନ ପୁନଃ କାପୁରୁଷାଣାମ୍ ।'[୧] ଅଭ୍ୟାସ ଓ ବୈରାଗ୍ୟ ବଳରେ ମନକୁ ସଂଯତ କର । ଗୀତା କହିଛନ୍ତି—'ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ ।'[୨] ଚିତ୍ତ ହେଉଛି ଯେପରି ସ୍ୱଚ୍ଛ ହ୍ରଦ । ରୂପରସାଦିର ଆଘାତରେ ସେଥିରେ ଯେଉଁ ତରଙ୍ଗ ଉଠୁଛି, ତା'ର ନାମ ହିଁ ମନ । ଏଥି ନିମିତ୍ତ ମନର ସ୍ୱରୂପ ସଂକଳ୍ପ-ବିକଳ୍ପାତ୍ମକ । ଏହି ସଂକଳ୍ପ-ବିକଳ୍ପରୁ ହିଁ ବାସନା ଉଠେ । ତା'ପରେ ଏହି ମନ କ୍ରିୟାଶକ୍ତିରୂପେ ପରିଣତ ହୋଇ ସ୍ଥୂଳଦେହରୂପ ଯନ୍ତ୍ରଦ୍ୱାରା କାର୍ଯ୍ୟ କରେ । ପୁଣି କର୍ମ ବି ଯେପରି ଅନନ୍ତ, କର୍ମର ଫଳ ବି ସେହିପରି ଅନନ୍ତ । ସୁତରାଂ ଅନନ୍ତ ଅୟୁତ କର୍ମଫଳରୂପକ ତରଙ୍ଗରେ ମନ ସର୍ବଦା ଦୋହଲୁଛି । ସେହି ମନକୁ ବୃତ୍ତିଶୂନ୍ୟ କରିଦେବାକୁ ହେବ—ପୁନରାୟ ସ୍ୱଚ୍ଛ ହ୍ରଦରେ ପରିଣତ କରିବାକୁ ହେବ—ଯେପରି ବୃତ୍ତିରୂପକ ତରଙ୍ଗ ଆଉ ଗୋଟିଏ ବୁଝା ନ ରହେ । ତେବେ ଯାଇ ବ୍ରହ୍ମ ପ୍ରକାଶିତ ହେବେ । ଶାସ୍ତ୍ରକାର ଏହି ଅବସ୍ଥାର ହିଁ ଆଭାସ ଏହି ଭାବରେ ଦେଉଛନ୍ତି—'ଭିଦ୍ୟତେ ହୃଦୟଗ୍ରନ୍ଥିଃ'[୩] ଇତ୍ୟାଦି ବୁଝିଲୁ ?

ଶିଷ୍ୟ : ଆଜ୍ଞା ହଁ, କିନ୍ତୁ ଧ୍ୟାନ ତ ବିଷୟାବଲମ୍ବୀ ହେବା ଦରକାର ।

ସ୍ୱାମୀଜୀ : ତୁ ନିଜେ ହିଁ ନିଜର ବିଷୟ ହେବୁ । ତୁ ହିଁ ସର୍ବଗ ଆତ୍ମା---ଏହାକୁ ହିଁ ମନନ ଓ ଧ୍ୟାନ କରିବୁ । ମୁଁ ଦେହ ନୁହେଁ—ମନ ନୁହେଁ—ବୁଦ୍ଧି ନୁହେଁ—ସ୍ଥୂଳ ନୁହେଁ—ସୂକ୍ଷ୍ମ ନୁହେଁ—ଏହିପରି 'ନେତି' 'ନେତି' କରି ପ୍ରତ୍ୟକ୍ଷ-ଚୈତନ୍ୟରୂପ ସ୍ୱ-ସ୍ୱରୂପରେ ମନକୁ ବୁଡ଼େଇଦେବୁ । ଏହିପରି ଶଳା ମନକୁ ବାରମ୍ବାର ବୁଡ଼େଇ ବୁଡ଼େଇ ମାରି ପକାଇବୁ । ତେବେ ଯାଇ ବୋଧସ୍ୱରୂପର ବୋଧ ବା ସ୍ୱ-ସ୍ୱ ରୂପରେ ସ୍ଥିତି ହେବ । ଧ୍ୟାତା-ଧ୍ୟେୟ-ଧ୍ୟାନ ସେତେବେଳେ ଏକ ହୋଇଯିବ । ଜ୍ଞାତା-ଜ୍ଞେୟ-ଜ୍ଞାନ ଏକ ହୋଇଯିବ । ନିଖିଳ ଅଧ୍ୟାସର ନିବୃତ୍ତି ହେବ । ଏହାକୁ ହିଁ ଶାସ୍ତ୍ରରେ 'ତ୍ରିପୁଟିଭେଦ' କହନ୍ତି । ସେହିପରି ଅବସ୍ଥାରେ କିଛି ଜାଣିବାର ଉପାୟ ନ ଥାଏ । ଆତ୍ମା ହିଁ ଯେତେବେଳେ ଏକମାତ୍ର ବିଜ୍ଞାତା, ସେତେବେଳେ ତାକୁ ପୁଣି ଜାଣିବୁ କିପରି ? ଆତ୍ମା ହିଁ ଜ୍ଞାନ, ଆତ୍ମା ହିଁ ଚୈତନ୍ୟ—ଆତ୍ମା ହିଁ ସଚ୍ଚିଦାନନ୍ଦ । ଯାହାଙ୍କୁ ସତ୍ ବା ଅସତ୍ କିଛି ବୋଲି ନିର୍ଦ୍ଦେଶ କରାଯାଏ ନାହିଁ, ସେହି ଅନିର୍ବଚନୀୟା ମାୟାଶକ୍ତିର ପ୍ରଭାବରେ ହିଁ ଜୀବରୂପୀ ବ୍ରହ୍ମ ଭିତରେ ଜ୍ଞାତା-ଜ୍ଞେୟ-ଜ୍ଞାନର ଭାବଟା ଆସିଯାଏ । ଏହାକୁ ହିଁ ସାଧାରଣ ମନୁଷ୍ୟ conscious state (ଚୈତନ୍ୟ ବା ଜ୍ଞାନର ଅବସ୍ଥା) କହନ୍ତି । ଆଉ ଯେଉଁଠାରେ ଏହି ଦ୍ୱୈତ-ସଂଘାତ ଅନାବିଳ ବ୍ରହ୍ମତତ୍ତ୍ୱରେ ଏକ ହୋଇଯାଏ, ତାକୁ ହିଁ ଶାସ୍ତ୍ର super-conscious state (ସମାଧି ବା ସାଧାରଣ ଜ୍ଞାନଭୂମି ଅପେକ୍ଷା ଉଚ୍ଚାବସ୍ଥା) କହି ଏହିପରି ବର୍ଣ୍ଣନା କରିଛନ୍ତି—'ସ୍ତିମିତ-ସଲିଳରାଶିପ୍ରଖ୍ୟମାଖ୍ୟାବିହୀନମ୍ ।'[୪]

---

୧ ମୁକ୍ତି ବୀରଗଣଙ୍କର ହିଁ କରତଳଗତ, କାପୁରୁଷମାନଙ୍କର ନୁହେଁ ।

୨ ଗୀତା, ୬।୩୫

୩ ମୁଣ୍ଡକ ଉପନିଷଦ୍, ୨।୨।୮

୪ ବିବେକଚୂଡ଼ାମଣି, ୪୧୭

କଥାଗୁଡ଼ିକ ସ୍ୱାମୀଜୀ ଯେପରି ବ୍ରହ୍ମାନୁଭବର ଅଗାଧ ଜଳରେ ବୁଡ଼ିଯାଇ କହିବାକୁ ଲାଗିଲେ ।

ସ୍ୱାମୀଜୀ : ଏହି ଜ୍ଞାତା-ଜ୍ଞେୟ ବା ଜାଣାଜାଣି ଭାବରୁ ହିଁ ଦର୍ଶନଶାସ୍ତ୍ର, ବିଜ୍ଞାନ ସବୁ ବାହାରିଛି । କିନ୍ତୁ ମାନବ-ମନର କୌଣସି ଭାବ ବା ଭାଷା ଜାଣାଜାଣିର ଅତୀତ ବସ୍ତୁକୁ ସଂପୂର୍ଣ୍ଣରୂପେ ପ୍ରକାଶ କରିପାରୁ ନାହିଁ । ଦର୍ଶନ-ବିଜ୍ଞାନାଦି partial truth (ଆଂଶିକ ଭାବରେ ସତ୍ୟ) । ସେଥିପାଇଁ ସେମାନେ ପରମାର୍ଥ-ତତ୍ତ୍ୱର ସଂପୂର୍ଣ୍ଣ expression (ପ୍ରକାଶକ) କଦାପି ହୋଇପାରନ୍ତି ନାହିଁ । ଏଥିପାଇଁ ପରମାର୍ଥ ଦିଗରୁ ଦେଖିଲେ ସବୁ ହିଁ ମିଥ୍ୟା ବୋଲି ବୋଧହୁଏ । ଧର୍ମ ମିଥ୍ୟା, କର୍ମ ମିଥ୍ୟା, ମୁଁ ମିଥ୍ୟା, ତୁ ମିଥ୍ୟା, ଜଗତ୍ ମିଥ୍ୟା । ସେତେବେଳେ ଯାଇ ଜାଣିପାରେ ଯେ, ମୁଁ ସବୁ, ମୁଁ ହିଁ ସର୍ବଗତ ଆତ୍ମା । ମୋର ପ୍ରମାଣ ମୁଁ ହିଁ । ମୋର ଅସ୍ତିତ୍ୱର ପ୍ରମାଣ ପାଇଁ ପୁଣି ପ୍ରମାଣାନ୍ତରର ଅପେକ୍ଷା କେଉଁଠି ? ଶାସ୍ତ୍ର ଯେପରି କହେ—'ନିତ୍ୟମସ୍ମତ୍ପ୍ରସିଦ୍ଧମ୍ ।'[୧] ନିତ୍ୟବସ୍ତୁ ରୂପେ ଏହା ସ୍ୱତଃସିଦ୍ଧ—ଏହି ଭାବରେ ହିଁ ମୁଁ ସର୍ବଦା ଏହା ଅନୁଭବ କରେ । ମୁଁ ସେ ଅବସ୍ଥା ସତ୍ୟ ସତ୍ୟ ହିଁ ଦେଖିଛି, ଅନୁଭବ କରିଛି । ତୁମେ ବି ଦେଖ, ଅନୁଭବ କର, ଏବଂ ଜୀବକୁ ଏହି ବ୍ରହ୍ମତତ୍ତ୍ୱ ଯାଇ ଶୁଣାଅ । ତେବେ ଯାଇ ଶାନ୍ତି ପାଇବ ।

ଏହି କଥା କହୁଁ କହୁଁ ସ୍ୱାମୀଜୀଙ୍କ ବଦନ ଗମ୍ଭୀର ଭାବ ଧାରଣ କଲା ଏବଂ ତାଙ୍କ ମନ ଯେପରି କୌଣସି ଏକ ଅଜ୍ଞାତ ରାଜ୍ୟରେ ଯାଇ କିଛିକ୍ଷଣ ନିମିତ୍ତ ସ୍ଥିର ହୋଇଗଲା । କିଛି ସମୟପରେ ସେ ପୁଣି କହିବାକୁ ଲାଗିଲେ—'ଏହି ସର୍ବମତଗ୍ରାସିନୀ, ସର୍ବମତସମଞ୍ଜସା ବ୍ରହ୍ମବିଦ୍ୟା ନିଜେ ଅନୁଭବ କର, ଆଉ ଜଗତରେ ପ୍ରଚାର କର । ସେଥିରେ ନିଜର ମଙ୍ଗଳ ହେବ, ଜୀବର ମଧ୍ୟ କଲ୍ୟାଣ ହେବ । ତୋତେ ଆଜି ସାରକଥା କହିଲି; ଏହାଠାରୁ ବଡ଼ କଥା ଆଉ କିଛି ନାହିଁ ।'

ଶିଷ୍ୟ : ଆଜ୍ଞା, ବର୍ତ୍ତମାନ ଆପଣ ଜ୍ଞାନର କଥା କହିଲେ । ପୁଣି କେତେବେଳେ ବା ଭକ୍ତିର, କେତେବେଳେ କର୍ମର ଓ କେତେବେଳେ ଯୋଗର ପ୍ରାଧାନ୍ୟ କୀର୍ତ୍ତନ କରୁଛନ୍ତି । ଏଥିରେ ମୋର ବୁଦ୍ଧି ଗୋଳମାଳ ହୋଇଯାଉଛି ।

ସ୍ୱାମୀଜୀ : କ'ଣ ଜାଣୁ ? ଏହି ବ୍ରହ୍ମଜ୍ଞ ହେବା ହିଁ ଚରମ ଲକ୍ଷ୍ୟ—ପରମ ପୁରୁଷାର୍ଥ । ତେବେ ମନୁଷ୍ୟ ତ ସବୁ ସମୟରେ ବ୍ରହ୍ମସ୍ଥ ହୋଇ ରହିପାରେ ନାହିଁ ! ବ୍ୟୁତ୍ଥାନ୍ କାଳରେ କିଛି ନେଇ ତ ରହିବାକୁ ହେବ । ସେତେବେଳେ ଏପରି କର୍ମ କରିବା ଉଚିତ, ଯହିଁରେ ଲୋକର ଶ୍ରେୟୋଲାଭ ହୁଏ । ଏଥିପାଇଁ ତୁମକୁ କହେ, ଅଭେଦ-ବୁଦ୍ଧିରେ ଜୀବ-ସେବା-ରୂପକ କର୍ମ କର । କିନ୍ତୁ ବାପ ! କର୍ମର ଏପରି ମାରପେଞ୍ଚ ଯେ, ମହା ମହାସାଧୁମାନେ ବି ଏଥିରେ ବଦ୍ଧ ହୋଇପଡ଼ନ୍ତି । ସେଥିପାଇଁ ଫଳାକାଂକ୍ଷାହୀନ ହୋଇ କର୍ମ କରିବାକୁ ହୁଏ । ଗୀତାରେ ଏହି କଥା ହିଁ କହିଛନ୍ତି । କିନ୍ତୁ ଜାଣିବୁ, ବ୍ରହ୍ମଜ୍ଞାନରେ କର୍ମର ଅନୁପ୍ରବେଶ ସୁଦ୍ଧା ନାହିଁ ।

---

୧ ବିବେକଚୂଡ଼ାମଣି, ୪୧୭

ସତ୍କର୍ମଦ୍ୱାରା ଖୁବ୍ ବେଶୀରେ ଚିତ୍ତଶୁଦ୍ଧି ହୁଏ । ଏଥିନିମିତ୍ତ ଭାଷ୍ୟକାର* ଜ୍ଞାନକର୍ମ-ସମୁଚ୍ଚୟ ପ୍ରତି ଏତେ ତୀବ୍ର କଟାକ୍ଷ—ଏତେ ଦୋଷାରୋପ କରିଛନ୍ତି । ନିଷ୍କାମ କର୍ମରୁ କାହାର କାହାର ବି ବ୍ରହ୍ମଜ୍ଞାନ ହୋଇପାରେ । ଏହା ବି ଗୋଟାଏ ଉପାୟ ସତ୍ୟ, କିନ୍ତୁ ଉଦ୍ଦେଶ୍ୟ ହେଉଛି—ବ୍ରହ୍ମଜ୍ଞାନଲାଭ । ଏ କଥାଟା ଭଲ କରି ଜାଣି ରଖ—ବିଚାରମାର୍ଗ ଓ ଅନ୍ୟ ସବୁ ପ୍ରକାର ସାଧନାର ଫଳ ହେଉଛି, ବ୍ରହ୍ମଜ୍ଞତା ଲାଭ କରିବା ।

ଶିଷ୍ୟ : ମହାଶୟ, ଥରେ ଭକ୍ତି ଓ ରାଜଯୋଗର ଉପଯୋଗିତା ବିଷୟ କହି ମୋର ଜାଣିବାର ଆକାଙ୍କ୍ଷା ଦୂର କରନ୍ତୁ ।

ସ୍ୱାମୀଜୀ : ସେସବୁ ସାଧନ କରୁ କରୁ ମଧ୍ୟ କାହାର କାହାର ବ୍ରହ୍ମଜ୍ଞାନ ଲାଭ ହୋଇଯାଏ । ଭକ୍ତିମାର୍ଗ slow process (ମନ୍ଥର ଗତି), ଫଳ-ପ୍ରାପ୍ତି ବିଳମ୍ବରେ ହୁଏ, କିନ୍ତୁ ସହଜସାଧ୍ୟ । ଯୋଗରେ ନାନା ବିଘ୍ନ; ହୁଏତ ବିଭୂତି-ପଥରେ ମନ ଚାଲିଗଲା; ଆଉ ସ୍ୱରୂପରେ ପହଞ୍ଚିପାରିଲା ନାହିଁ । ଏକମାତ୍ର ଜ୍ଞାନପଥ ହିଁ ଆଶୁଫଳପ୍ରଦ ଏବଂ ସର୍ବମତ-ସଂସ୍ଥାପକ ହୋଇ ସର୍ବକାଳରେ, ସର୍ବଦେଶରେ ସମାନାଦୃତ । ତେବେ, ବିଚାର-ପଥରେ ଚାଲୁ ଚାଲୁ ମଧ୍ୟ ମନ ଦୁସ୍ତର ତର୍କ-ଜାଲରେ ବଦ୍ଧ ହୋଇଯାଇପାରେ । ଏଥିପାଇଁ ସଙ୍ଗେ ସଙ୍ଗେ ଧ୍ୟାନ କରିବା ଦରକାର । ବିଚାର ଓ ଧ୍ୟାନ ବଳରେ ଉଦ୍ଦେଶ୍ୟରେ ବା ବ୍ରହ୍ମତତ୍ତ୍ୱରେ ପହଞ୍ଚିବାକୁ ହେବ । ଏହି ଭାବରେ ସାଧନ କଲେ goal-ରେ (ଗନ୍ତବ୍ୟସ୍ଥାନରେ) ଠିକ୍ ପହଞ୍ଚି ପାରିବ । ଏହା ହିଁ ମୋ ମତରେ ସହଜ ପନ୍ଥା ଓ ଆଶୁଫଳପ୍ରଦ ।

ଶିଷ୍ୟ : ଏଥର ମୋତେ ଅବତାରବାଦ ବିଷୟରେ କିଛି କହନ୍ତୁ ।

ସ୍ୱାମୀଜୀ : ତୁ ଯେ ଦିନକରେ ସବୁ ମାରିନେବାକୁ ଚାହୁଁଛୁ !

ଶିଷ୍ୟ : ଆଜ୍ଞା, ମନର ଧନ୍ଦା ଦିନକରେ ମେଣ୍ଟିଗଲେ ବାରମ୍ବାର ଆଉ ଆପଣଙ୍କୁ ବିରକ୍ତ କରିବାକୁ ପଡ଼ିବ ନାହିଁ ।

ସ୍ୱାମୀଜୀ : ଯେଉଁ ଆତ୍ମାର ଏତେ ମହିମା ଶାସ୍ତ୍ରମୁଖରେ ଜଣାଯାଏ, ସେହି ଆତ୍ମଜ୍ଞାନ ଯେଉଁମାନଙ୍କ କୃପାରେ ଏକ ମୁହୂର୍ତ୍ତରେ ଲାଭ ହୁଏ, ସେମାନେ ହିଁ ସଚଳ ତୀର୍ଥ—ଅବତାର ପୁରୁଷ । ସେମାନେ ଆଜନ୍ମ ବ୍ରହ୍ମଜ୍ଞ । ବ୍ରହ୍ମ ଓ ବ୍ରହ୍ମଜ୍ଞ ମଧ୍ୟରେ କିଛିମାତ୍ର ତଫାତ୍ ନାହିଁ—'ବ୍ରହ୍ମବେଦ ବ୍ରହ୍ମୈବଭବତି'** । ଆତ୍ମାକୁ ତ ଆଉ ଜାଣିହୁଏ ନାହିଁ, କାରଣ ସେହି ଆତ୍ମା ହିଁ ବିଜ୍ଞାତା ଓ ମନ୍ତା ହୋଇ ରହିଛନ୍ତି—ଏକଥା ପୂର୍ବେ ତ କହିଛି । ଅତଏବ ମନୁଷ୍ୟର ଜଣାଜଣି ସେହି ଅବତାର ପର୍ଯ୍ୟନ୍ତ—ଯେଉଁମାନେ ଆତ୍ମସଂସ୍ଥ । ମାନବର ବୁଦ୍ଧି ଈଶ୍ୱର ସମ୍ବନ୍ଧରେ highest ideal (ସର୍ବାପେକ୍ଷା ଉଚ୍ଚ ଆଦର୍ଶ) ଯାହା ଗ୍ରହଣ କରିପାରେ, ତାହା ସେହି ପର୍ଯ୍ୟନ୍ତ । ତା'ପରେ ଆଉ ଜଣାଜଣି ରହେ ନାହିଁ । ସେପରି ବ୍ରହ୍ମଜ୍ଞ କଦାଚିତ୍ ଜଗତରେ ଜନ୍ମନ୍ତି । ସେମାନଙ୍କୁ ଅଳ୍ପଲୋକ ହିଁ ବୁଝିପାରନ୍ତି । ସେହିମାନେ ହିଁ ଶାସ୍ତ୍ରୋକ୍ତିର

* ଶଙ୍କରାଚାର୍ଯ୍ୟ

** ମୁଣ୍ଡକ ଉପନିଷଦ୍, ୩।୨।୯

ପ୍ରମାଣସ୍ଥଳ—ଭବ-ସମୁଦ୍ରରେ ଆଲୋକସ୍ତମ୍ଭସ୍ୱରୂପ ଏହି ଅବତାରମାନଙ୍କ ସଙ୍ଗ ଓ କୃପାଦୃଷ୍ଟିରେ ମୁହୂର୍ତ୍ତିକ ମଧ୍ୟରେ ହୃଦୟର ଅନ୍ଧକାର ଦୂର ହୋଇଯାଏ । ସହସା ବ୍ରହ୍ମଜ୍ଞାନର ସ୍ଫୁରଣ ହୁଏ । କାହିଁକି ବା କ process-ରେ (ଉପାୟରେ) ହୁଏ, ତାହା ନିର୍ଣ୍ଣୟ କରାଯାଏ ନାହିଁ । ତେବେ ହୁଏ—ହେବାର ଦେଖିଛୁ । ଶ୍ରୀକୃଷ୍ଣ ଆତ୍ମସ୍ଥ ହୋଇ ଗୀତା କହିଥିଲେ । ଗୀତାରେ ଯେଉଁ ଯେଉଁ ସ୍ଥଳରେ 'ଅହଂ' ଶବ୍ଦର ଉଲ୍ଲେଖ ରହିଛି, ତାକୁ 'ଆତ୍ମପର' ବୋଲି ଜାଣିବୁ । 'ମାମେକଂ ଶରଣଂ ବ୍ରଜ' ଅର୍ଥ 'ଆତ୍ମସ୍ଥ ହୁଅ' । ଏହି ଆତ୍ମଜ୍ଞାନ ହିଁ ଗୀତାର ଚରମ ଲକ୍ଷ୍ୟ । ଯୋଗାଦିର ଉଲ୍ଲେଖ ସେହି ଆତ୍ମତତ୍ତ୍ୱଲାଭର ଆନୁଷଙ୍ଗିକ ଅବତାରଣା । ଏହି ଆତ୍ମଜ୍ଞାନ ଯେଉଁମାନଙ୍କର ହୁଏ ନାହିଁ, ସେମାନେ ହିଁ ଆତ୍ମଘାତୀ । 'ବିନିହନ୍ତ୍ୟସଦ୍‌ଗ୍ରହାତ୍' ରୂପରସାଦିର ଉଦ୍‌ବନ୍ଧନରେ ସେମାନଙ୍କର ପ୍ରାଣ ଯାଏ । ତୁମେମାନେ ବି ତ ମନୁଷ୍ୟ--ଦି' ଦିନର ଛାର ଭୋଗକୁ ଉପେକ୍ଷା କରିପାରିବୁ ନାହିଁ ? 'ଜାୟସ୍ୱମ୍ରିୟସ୍ୱ'ର ଦଳରେ ମିଶିବୁ ? 'ଶ୍ରେୟଃ'କୁ ଗ୍ରହଣ କର, 'ପ୍ରିୟ'କୁ ପରିତ୍ୟାଗ କର । ଏହି ଆତ୍ମତତ୍ତ୍ୱ ଆଚଣ୍ଡାଳ ସମସ୍ତଙ୍କୁ କହିବୁ । କହୁ କହୁ ନିଜର ବୁଦ୍ଧି ବି ପରିଷ୍କାର ହୋଇଯିବ । ଆଉ 'ତତ୍ତ୍ୱମସି', 'ସୋଽହମସ୍ମି', 'ସର୍ବଂ ଖଲ୍ୱିଦଂ ବ୍ରହ୍ମ' ପ୍ରଭୃତି ମହାମନ୍ତ୍ର ସର୍ବଦା ଉଚ୍ଚାରଣ କରିବୁ ଓ ହୃଦୟରେ ସିଂହପରି ବଳ ରଖିବୁ । ଭୟ କ'ଣ ? ଭୟ ହିଁ ମୃତ୍ୟୁ--ଭୟ ହିଁ ମହାପାତକ । ନରରୂପୀ ଅର୍ଜୁନଙ୍କର ଭୟ ହୋଇଥିଲା—ତେଣୁ ଆତ୍ମସ୍ଥ ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଗୀତାର ଉପଦେଶ ଦେଲେ; ତଥାପି କ'ଣ ତାଙ୍କର ଭୟ ଯାଇଥିଲା ? ପରେ ଅର୍ଜୁନ ଯେତେବେଳେ ବିଶ୍ୱରୂପ ଦର୍ଶନ କରି ଆତ୍ମସ୍ଥ ହେଲେ, ସେତେବେଳେ ଜ୍ଞାନାଗ୍ନିଦଗ୍ଧ-କର୍ମା ହୋଇ ଯୁଦ୍ଧ କଲେ ।

ଶିଷ୍ୟ : ଆଜ୍ଞା, ଆତ୍ମଜ୍ଞାନ ଲାଭ ହେଲେ ବି କ'ଣ କର୍ମ ଥାଏ ?

ସ୍ୱାମୀଜୀ : ଜ୍ଞାନଲାଭ ପରେ ସାଧାରଣ ଲୋକେ ଯାହାକୁ କର୍ମ କହନ୍ତି, ସେପରି କର୍ମ ନ ଥାଏ । ସେତେବେଳେ କର୍ମ 'ଜଗଦ୍ଧିତାୟ' ହୋଇପଡ଼େ । ଆତ୍ମଜ୍ଞାନୀର ଚଳନ-କଥନ ସବୁ ଜୀବର କଲ୍ୟାଣ ସାଧନ କରେ । ଠାକୁରଙ୍କୁ ଦେଖିଛୁ—'ଦେହସ୍ଥୋଽପି ନ ଦେହସ୍ଥଃ'*—ଏହି ଭାବ । ସେପରି ପୁରୁଷଙ୍କର କର୍ମର ଉଦ୍ଦେଶ୍ୟ ସମ୍ବନ୍ଧରେ କେବଳ ଏହି କଥା ମାତ୍ର କୁହାଯାଏ —'ଲୋକବତ୍ତୁ ଲୀଳାକୈବଲ୍ୟମ୍ ।''**

---

* ଦେହରେ ଥାଇ ମଧ୍ୟ ଦେହବୁଦ୍ଧିଶୂନ୍ୟ ।

** ବେଦାନ୍ତସୂତ୍ର, ୨ ଅଧ୍ୟାୟ, ୧ ପାଦ, ୩୩ସୂତ୍ର

# ୩୩

ସ୍ଥାନ—ବେଲୁଡ଼ ମଠ
କାଳ—୧୯୦୧

କଲିକତା ଜୁବିଲି ଆର୍ଟ ଏକାଡେମୀର ଅଧ୍ୟାପକ ଓ ପ୍ରତିଷ୍ଠାତା ବାବୁ ରଣଦାପ୍ରସାଦ ଦାଶଗୁପ୍ତ ମହାଶୟଙ୍କୁ ସଙ୍ଗରେ ନେଇ ଶିଷ୍ୟ ଆଜି ବେଲୁଡ଼ ମଠକୁ ଆସିଛି । ରଣଦାବାବୁ ଶିଳ୍ପକଳାନିପୁଣ, ସୁପଣ୍ଡିତ ଓ ସ୍ୱାମୀଜୀଙ୍କ ଗୁଣଗ୍ରାହୀ । ଆଳାପ-ପରିଚୟ ପରେ ସ୍ୱାମୀଜୀ ରଣଦାବାବୁଙ୍କ ସହିତ ଶିଳ୍ପକଳାବିଜ୍ଞାନ ସମ୍ବନ୍ଧରେ ନାନା ପ୍ରସଙ୍ଗ କରିବାକୁ ଲାଗିଲେ । ରଣଦାବାବୁଙ୍କୁ ଉତ୍ସାହିତ କରିବା ନିମିତ୍ତ ଜୁବିଲି ଆର୍ଟ ଏକାଡେମୀକୁ ଦିନେ ଯିବାକୁ ମଧ୍ୟ ଇଚ୍ଛା ପ୍ରକାଶ କଲେ । କିନ୍ତୁ ନାନା ଅସୁବିଧା ହେତୁ ସ୍ୱାମୀଜୀଙ୍କ ସେଠାକୁ ଯିବା ହୋଇପାରି ନାହିଁ ।

ସ୍ୱାମୀଜୀ ରଣଦାବାବୁଙ୍କୁ କହିବାକୁ ଲାଗିଲେ : ପୃଥିବୀର ପ୍ରାୟ ସମସ୍ତ ସଭ୍ୟ ଦେଶର ଶିଳ୍ପ-ସୌନ୍ଦର୍ଯ୍ୟ ଦେଖି ଆସିଲି, କିନ୍ତୁ ବୌଦ୍ଧଧର୍ମର ପ୍ରାଦୁର୍ଭାବ କାଳରେ ଏ ଦେଶରେ ଶିଳ୍ପକଳାର ଯେପରି ବିକାଶ ଦେଖାଯାଏ, ସେପରି ଆଉ କେଉଁଠି ଦେଖିଲି ନାହିଁ । ମୋଗଲ ବାଦଶାହାମାନଙ୍କ ସମୟରେ ବି ସେହିବିଦ୍ୟାର ବିଶେଷ ବିକାଶ ହୋଇଥିଲା । ସେହି ବିଦ୍ୟାର କୀର୍ତ୍ତିସ୍ତମ୍ଭ ରୂପେ ଆଜି ସୁଦ୍ଧା ତାଜମହଲ, ଜୁମା ମସଜିଦ୍ ପ୍ରଭୃତି ଭାରତବର୍ଷର ଛାତି ଉପରେ ଠିଆ ହୋଇଛି ।

ମନୁଷ୍ୟ ଯେଉଁ ଜିନିଷଟି ତିଆରି କରେ, ସେଥିରେ କୌଣସି ଗୋଟାଏ idea express (ମନୋଭାବ ପ୍ରକାଶ) କରିବାର ନାମ ହିଁ ହେଉଛି art (ଶିଳ୍ପ) । ଯହିଁରେ idea-ର expression (ଭାବର ପ୍ରକାଶ) ନାହିଁ, ସେଥିପାଇଁ ରଙ୍ଗ-ବେରଙ୍ଗର ଚାକଚକ୍ୟ ପରିପାଟୀ ଥିଲେ ମଧ୍ୟ, ତାକୁ ପ୍ରକୃତ art (ଶିଳ୍ପ) କୁହାଯାଏ ନାହିଁ । ଲୋଟା, ଡାଟିଆ, ପିଆଲା ପ୍ରଭୃତି ନିତ୍ୟବ୍ୟବହାର୍ଯ୍ୟ ଜିନିଷପତ୍ରଗୁଡ଼ିକ ମଧ୍ୟ ସେହିପରି ବିଶେଷ କୌଣସି ଭାବ ପ୍ରକାଶ କରି ତିଆରି ହେବା ଉଚିତ । ପ୍ୟାରିସ୍ ପ୍ରଦର୍ଶନୀରେ ପଥରରେ ଖୋଦିତ ଏକ ଅଦ୍ଭୁତ ମୂର୍ତ୍ତି ଦେଖିଥିଲି । ମୂର୍ତ୍ତିଟିର ପରିଚୟସୂଚକ ଏହି କେତୋଟି କଥା ତଳେ ଲେଖାଥିଲା—'Art unveiling nature' ଅର୍ଥାତ୍ ଶିଳ୍ପ କିପରି ପ୍ରକୃତିର ନିବିଡ଼ ଅବଗୁଣ୍ଠନ ସ୍ୱହସ୍ତରେ ମୋଚନ କରି ଭିତରର ରୂପସୌନ୍ଦର୍ଯ୍ୟ ଦେଖେ । ମୂର୍ତ୍ତିଟିକୁ ଏପରି ଭାବରେ ତିଆରି କରିଛି, ଯେପରି ପ୍ରକୃତିଦେବୀର ରୂପଛବି ଏପର୍ଯ୍ୟନ୍ତ ସ୍ପଷ୍ଟ ବାହାରି ନାହିଁ; ଯେତିକି ଟିକିଏ ବାହାରିଛି, ସେତିକିର ସୌନ୍ଦର୍ଯ୍ୟ ଦେଖି ଶିଳ୍ପୀ ଯେପରି ମୁଗ୍ଧ ହୋଇଯାଇଛି । ଯେଉଁ ଭାସ୍କର ଏହି ଭାବଟି ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି, ତାଙ୍କର ପ୍ରଶଂସା ନ କରି ରହି ହୁଏ ନାହିଁ । ସେହି ପ୍ରକାରର original (ମୌଳିକ) କିଛି କରିବାର ଚେଷ୍ଟା କରିବେ ।

ରଣଦାବାବୁ : ମୋର୍ ମଧ୍ୟ ଇଚ୍ଛା ଅଛି, ସମୟୋପଯୁକ୍ତ original modelling

(ନୂତନ ଭାବର ମୂର୍ତ୍ତି) ସବୁ ଗଢ଼ିବାକୁ, କିନ୍ତୁ ଏ ଦେଶରେ ଉତ୍ସାହ ମିଳୁ ନାହିଁ । ଅର୍ଥାଭାବ, ତଦୁପରି ଗୁଣଗ୍ରାହୀ ଲୋକର ଅଭାବ ।

ସ୍ୱାମୀଜୀ : ଆପଣ ଯଦି ପ୍ରାଣ ଦେଇ ଯଥାର୍ଥ ଗୋଟିଏ ଖାଣ୍ଟି ଜିନିଷ କରିପାରନ୍ତି, ଯଦି art (ଶିଳ୍ପରେ) ଗୋଟିଏ ଭାବକୁ ଯଥାଯଥ express (ପ୍ରକାଶ) କରିପାରନ୍ତି, କାଳକ୍ରମେ ନିଶ୍ଚୟ ତା'ର appreciation (ଆଦର) ହେବ । ଖାଣ୍ଟି ଜିନିଷର କେବେ-ହେଲେ ଜଗତରେ ଅନାଦର ହୋଇ ନାହିଁ । ଏପରି ମଧ୍ୟ ଶୁଣାଯାଏ ଯେ, ଜଣେ ଜଣେ artist (ଶିଳ୍ପୀ) ମରିବାର ହଜାର ବର୍ଷ ପରେ ହୁଏତ ତା'ର appreciation (କାର୍ଯ୍ୟର ଆଦର) ହେଲା !

ରଣଦାବାବୁ : ତାହା ଠିକ୍ । କିନ୍ତୁ ଆମେ ଯେପରି ଅପଦାର୍ଥ ହୋଇପଡ଼ିଛୁ, ସେଥିରେ 'ଘରର ଖାଇ ବଣର ମଇଁଷି ତଡ଼ିବାକୁ' ସାହସ ପାଏ ନାହିଁ । ଏହି ପାଞ୍ଚବର୍ଷର ଚେଷ୍ଟାରେ ମୁଁ ଯାହା ହେଉ କିଛିଟା କୃତକାର୍ଯ୍ୟ ହୋଇଛି । ଆଶୀର୍ବାଦ କରନ୍ତୁ ଯେପରି ଉଦ୍ୟମ ବିଫଳ ନ ହୁଏ ।

ସ୍ୱାମୀଜୀ : ଯଦି ଠିକ୍ ରୂପେ କାର୍ଯ୍ୟରେ ଲାଗିପଡ଼ନ୍ତି, ତେବେ ନିଶ୍ଚୟ successful (ସଫଳକାମ) ହେବେ । ଯେ ଯେଉଁ ବିଷୟରେ ମନପ୍ରାଣ ଢାଳି ଖଟେ, ସେଥିରେ ତା'ର success (ସଫଳତା) ତ ହେବ—ତାହାପରେ ଏପରିକି ସେହି କାର୍ଯ୍ୟରେ ତନ୍ମୟତାରୁ ବ୍ରହ୍ମବିଦ୍ୟା ପର୍ଯ୍ୟନ୍ତ ଲାଭ ହୁଏ । ଯେକୌଣସି ବିଷୟରେ ପ୍ରାଣ ଦେଇ ଖଟିଲେ ଭଗବାନ ତା'ର ସହାୟ ହୁଅନ୍ତି ।

ରଣଦାବାବୁ : ସେଦେଶ ଏବଂ ଏଦେଶର ଶିଳ୍ପ ଭିତରେ ତଫାତ୍ କ'ଣ ଦେଖିଲେ ?

ସ୍ୱାମୀଜୀ : ପ୍ରାୟ ସବୁ ସମାନ । orginality (ମୌଳିକତା) ପ୍ରାୟ ଦେଖିବାକୁ ମିଳେ ନାହିଁ । ସେଦିକୁ ଦେଶରେ ଫଟୋଯନ୍ତ୍ରର ସାହାଯ୍ୟରେ ବର୍ତ୍ତମାନ ନାନା ଚିତ୍ର ଉଠାଇ ଛବି ଆଙ୍କୁଛନ୍ତି । କିନ୍ତୁ ଯନ୍ତ୍ରର ସାହାଯ୍ୟ ନେଲେ ହିଁ originality (ମୌଳିକତା) ଲୋପ ପାଇଯାଏ, ନିଜର ideal-ର expression ଦେବାକୁ (ମନୋଗତ ଭାବ ପ୍ରକାଶ କରିବାକୁ) କେହି ସମର୍ଥ ହୋଇପାରନ୍ତି ନାହିଁ । ପୂର୍ବକାଳର ଶିଳ୍ପୀମାନେ ନିଜ ମୁଣ୍ଡରୁ ନୂତନ ନୂତନ ଭାବ ବାହାର କରିବାକୁ ବା ସେଗୁଡ଼ିକୁ ଛବିରେ ବିକଶିତ କରିବାକୁ ଚେଷ୍ଟା କରୁଥିଲେ । ବର୍ତ୍ତମାନ ଫଟୋର ଅନୁରୂପ ଛବି ହେବାରୁ ମୁଣ୍ଡ ଖେଳାଇବାର ଶକ୍ତି ଓ ଚେଷ୍ଟାର ଲୋପ ହୋଇଯାଉଛି । ତେବେ ଗୋଟାଏ ଗୋଟାଏ ଜାତିର ଗୋଟାଏ ଗୋଟାଏ characteristic (ବିଶେଷତ୍ୱ) ଅଛି । ଆଚରଣରେ, ବ୍ୟବହାରରେ, ଆହାରରେ, ବିହାରରେ, ଚିତ୍ର-ଭାସ୍କର୍ଯ୍ୟରେ ସେହି ବିଶେଷ ବିକାଶ ଦେଖିବାକୁ ମିଳେ । ଏହି ଧରନ୍ତୁ—ସେଦେଶର ଗାନ-ବାଜଣା-ନାଚର expression (ବାହ୍ୟିକ ପ୍ରକାଶ)-ଗୁଡ଼ିକ ସବୁ pointed (ତୀବ୍ର, ତୀକ୍ଷ୍ଣ); ନାଚୁଛି ଯେପରି ହାତଗୋଡ଼ ଛାଟୁଛି ! ବାଜଣାଗୁଡ଼ିକର ଆବାଜ୍ କାନରେ ଯେପରି ସଙ୍ଗୀନ୍‌ର ଖୁଞ୍ଚା ଦେଉଛି । ଗୀତରେ ମଧ୍ୟ ସେହିପରି । ଏଦେଶର ନାଚ

ଯେପରି ହଲ୍ ଦୋହଲ୍ ତରଙ୍ଗପରି ଗଡ଼ିପଡ଼ୁଛି ! ଗୀତର ଶମତ ମୂର୍ଚ୍ଛନାରେ ବି ସେହିପରି rounded movement (ଚକ୍ରାକାରର ଅନୁବର୍ତ୍ତନ) ଦେଖାଯାଏ । ବାଜଣାରେ ମଧ୍ୟ ତାହା । ଅତଏବ art (ଶିଳ୍ପ) ସମ୍ବନ୍ଧରେ ବିଭିନ୍ନ ଜାତି ମଧ୍ୟରେ ବିଭିନ୍ନ ରୂପର ବିକାଶ ଘଟେ । ଯେଉଁମାନେ ଯେତେ ବଡ଼ materialistic (ଜଡ଼ବାଦୀ), ସେମାନେ nature (ପ୍ରକୃତି)-କୁ ହିଁ ideal (ଆଦର୍ଶ) ବୋଲି ଧରନ୍ତି ଓ ତଦନୁରୂପ ଭାବର expression-କୁ (ବିକାଶକୁ) ଶିଳ୍ପରେ ଦେବାକୁ ଚେଷ୍ଟା କରନ୍ତି । ଯେଉଁ ଜାତି ପୁଣି ପ୍ରକୃତିର ଅତୀତ ଗୋଟାଏ ଭାବପ୍ରାପ୍ତିକୁ ideal (ଆଦର୍ଶ) ବୋଲି ଧରେ, ସେ ସେହି ଭାବକୁ nature-ର ଶକ୍ତି ସାହାଯ୍ୟରେ ଶିଳ୍ପରେ express (ପ୍ରକାଶ) କରିବାକୁ ଚେଷ୍ଟା କରେ । ପ୍ରଥମ ଶ୍ରେଣୀର ଜାତିମାନଙ୍କର nature (ପ୍ରକୃତି) ହେଉଛି primary basis of art (ଶିଳ୍ପର ମୂଳଭିତ୍ତି); ଆଉ ଦ୍ୱିତୀୟ ଶ୍ରେଣୀର ଜାତିମାନଙ୍କର ideality (ପ୍ରକୃତିର ଅତୀତ ଗୋଟାଏ ଭାବ) ହେଉଛି ଶିଳ୍ପ-ବିକାଶର ମୂଳ କାରଣ । ଏହିରୂପେ ଦୁଇଟି ବିଭିନ୍ନ ଉଦ୍ଦେଶ୍ୟ ନେଇ ଶିଳ୍ପଚର୍ଚ୍ଚାରେ ଅଗ୍ରସର ହେଲେ ମଧ୍ୟ, ଫଳ ଉଭୟ ଶ୍ରେଣୀର ପ୍ରାୟ ଏକ ହୋଇଛି । ଉଭୟେ ହିଁ ଆପଣା ଆପଣା ଭାବରେ ଶିଳ୍ପୋନ୍ନତି କରିଛନ୍ତି । ସେସବୁ ଦେଶର ଗୋଟାଏ ଗୋଟାଏ ଛବି ଦେଖି ଆପଣଙ୍କର ସତେ ଯେପରି ପ୍ରାକୃତିକ ଦୃଶ୍ୟ ବୋଲି ଭ୍ରମ ହେବ । ଏଦେଶ ସମ୍ବନ୍ଧରେ ମଧ୍ୟ ସେହିପରି—ପୂର୍ବକାଳରେ ସ୍ଥାପତ୍ୟ-ବିଦ୍ୟାର ଯେତେବେଳେ ଖୁବ୍ ବିକାଶ ହୋଇଥିଲା, ସେତେବେଳେ ଗୋଟିଏ ଗୋଟିଏ ମୂର୍ତ୍ତି ଦେଖିଲେ ଆପଣଙ୍କୁ ଏହି ଜଡ଼ ପ୍ରାକୃତିକ ରାଜ୍ୟ ଭୁଲାଇ ଯେପରି ଗୋଟାଏ ନୂତନ ଭାବ-ରାଜ୍ୟରେ ନେଇ ପହଞ୍ଚାଇବ । ସେଦେଶରେ ଏବେ ଆଗପରି ଛବି ହୁଏ ନାହିଁ, ଏ ଦେଶରେ ମଧ୍ୟ ସେହିପରି ନୂତନ ନୂତନ ଭାବର ବିକାଶ ଲାଗି ଶିଳ୍ପୀମାନଙ୍କର ଆଉ ଚେଷ୍ଟା ଦେଖାଯାଏ ନାହିଁ । ହେଇ ଦେଖନ୍ତୁ ନା, ଆପଣମାନଙ୍କର ଆର୍ଟ ସ୍କୁଲର ଛବି-ଗୁଡ଼ିକରେ ଯେପରି କୌଣସି expression (ଭାବର ବିକାଶ) ନାହିଁ । ଆପଣମାନେ ହିନ୍ଦୁମାନଙ୍କର ନିତ୍ୟଧ୍ୟେୟ ମୂର୍ତ୍ତିଗୁଡ଼ିକରେ ପ୍ରାଚୀନ ଭାବର ଉଦ୍ଦୀପକ expression (ବହିଃପ୍ରକାଶ) ଦେଇ ଅଙ୍କିବାର ଚେଷ୍ଟା କଲେ ଭଲ ହୁଅନ୍ତା ।

ରଣଦାବାବୁ : ଆପଣଙ୍କ କଥାରେ ହୃଦୟରେ ମହା ଉତ୍ସାହ ଆସେ । ଚେଷ୍ଟା କରି ଦେଖିବି; ଆପଣଙ୍କ କଥାନୁସାରେ କାର୍ଯ୍ୟ କରିବାକୁ ଚେଷ୍ଟା କରିବି ।

ସ୍ୱାମୀଜୀ : ଏଇ ମନେକରନ୍ତୁ, ମା' କାଳୀଙ୍କ ଛବି । ଏଥିରେ ଯୁଗପତ୍ କ୍ଷେମଙ୍କରୀ ଓ ଭୟଙ୍କରୀ ମୂର୍ତ୍ତିର ସମାବେଶ । କୌଣସି ଛବିରେ କିନ୍ତୁ ସେହି ଉଭୟ ଭାବର ଠିକ୍ ଠିକ୍ expression (ପ୍ରକାଶ) ଦେଖାଯାଏ ନାହିଁ । ସେହି କଥା ଦୂରେ ଥାଉ—ସେହି ଉଭୟ ଭାବର ଗୋଟିଏ ସୁଦ୍ଧା ଚିତ୍ରରେ ଠିକ୍ ଠିକ୍ ବିକାଶ କରିବା ପାଇଁ କାହାରି ଚେଷ୍ଟା ନାହିଁ । ମୁଁ ମା' କାଳୀଙ୍କ ଭୀମା ମୂର୍ତ୍ତିର କିଛି idea (ଭାବ) 'Kali the Mother' (ଜଗନ୍ମାତା କାଳୀ) ନାମକ ମୋର ଇଂରାଜୀ କବିତାରେ ଲିପିବଦ୍ଧ କରିବାକୁ ଚେଷ୍ଟା କରିଛି । ଆପଣ ସେହି ଭାବ ଖଣ୍ଡେ ଛବିରେ express (ପ୍ରକାଶ) କରିପାରିବେ କି ?

ରଣଦାବାବୁ : କି ଭାବ ?

ସ୍ୱାମୀଜୀ ଶିଷ୍ୟ ଆଡ଼କୁ ଅନାଇ ତାଙ୍କର ସେହି କବିତାଟିକୁ ଉପରୁ ଆଣିବାକୁ କହିଲେ ! ଶିଷ୍ୟ ନେଇ ଆସିବାରୁ ସ୍ୱାମୀଜୀ ତାହା ('The stars are blotted out' etc.) ରଣଦାବାବୁଙ୍କୁ ପଢ଼ି ଶୁଣାଇବାକୁ ଲାଗିଲେ ।

ସ୍ୱାମୀଜୀଙ୍କ ସେହି କବିତାଟି ପାଠ ସମୟରେ ଶିଷ୍ୟର ମନେହେବାକୁ ଲାଗିଲା—ଯେପରି ମହାପ୍ରଳୟର ସଂହାରମୂର୍ତ୍ତି ତାଙ୍କ କଳ୍ପନା ସମକ୍ଷରେ ନୃତ୍ୟ କରୁଅଛି । ରଣଦାବାବୁ ମଧ୍ୟ କବିତାଟି ଶୁଣି କିଛି ସମୟ ସ୍ତବ୍ଧ ହୋଇ ବସି ରହିଲେ । କିଛି ସମୟ ପରେ ରଣଦାବାବୁ ଯେପରି କଳ୍ପନା-ନୟନରେ ସେହି ଚିତ୍ରଟି ଦେଖିବାକୁ ପାଇ 'ବାପ୍‌ରେ' ବୋଲି କହି ଭୀତଚକିତ ନୟନରେ ସ୍ୱାମୀଜୀଙ୍କ ମୁହଁକୁ ଅନାଇଲେ ।

ସ୍ୱାମୀଜୀ : କିପରି ! ଏହି idea (ଭାବ) ଚିତ୍ରରେ ପ୍ରକାଶ କରିପାରିବେ ତ ?

ରଣଦାବାବୁ : ଆଜ୍ଞା, ଚେଷ୍ଟା କରିବି,* କିନ୍ତୁ ସେହି ଭାବରେ କଳ୍ପନା କରିବାକୁ ଯେପରି ମୁଣ୍ଡ ଘୂରିଯାଉଛି ।

ସ୍ୱାମୀଜୀ : ଛବିଖଣ୍ଡି ଆଙ୍କି ମୋତେ ଦେଖାଇବେ । ତାହାପରେ ମୁଁ ତାହା ସର୍ବାଙ୍ଗସୁନ୍ଦର କରିବାକୁ ଯାହା ଯାହା ଦରକାର, ତାହା ଆପଣଙ୍କୁ କହିଦେବି ।

ଅତଃପର ସ୍ୱାମୀଜୀ ରାମକୃଷ୍ଣ ମିଶନର ଶିଲ ମୋହର ପାଇଁ କମଳଦଳ-ବିକଶିତ ହ୍ରଦ ମଧ୍ୟରେ ହଂସ-ବିରାଜିତ, ସର୍ପପରିବେଷ୍ଟିତ ଯେଉଁ କ୍ଷୁଦ୍ର ଛବିଟି କରିଥିଲେ ତାହା ଆଣାଇ ରଣଦାବାବୁଙ୍କୁ ଦେଖାଇ ସେସମ୍ବନ୍ଧରେ ନିଜ ମତାମତ ପ୍ରକାଶ କରିବାକୁ କହିଲେ । ରଣଦାବାବୁ ପ୍ରଥମେ ତାହାର ମର୍ମ ପରିଗ୍ରହଣ କରିବାକୁ ସମର୍ଥ ନ ହୋଇ ସ୍ୱାମୀଜୀଙ୍କୁ ତାହାର ଅର୍ଥ ପଚାରିଲେ । ସ୍ୱାମୀଜୀ ବୁଝାଇଦେଲେ, ଚିତ୍ରସ୍ଥ ତରଙ୍ଗାୟିତ ସଲିଳରାଶି—କର୍ମର, କମଳଗୁଡ଼ିକ—ଭକ୍ତିର ଏବଂ ଉଦୀୟମାନ ସୂର୍ଯ୍ୟ—ଜ୍ଞାନର ପ୍ରକାଶକ । ଚିତ୍ରଗତ ସର୍ପ ପରିବେଷ୍ଟନଟି—ଯୋଗ ଏବଂ ଜାଗ୍ରତ କୁଣ୍ଡଳିନୀ-ଶକ୍ତିର ପରିଚାୟକ । ଆଉ ଚିତ୍ର ମଧ୍ୟସ୍ଥ ହଂସ-ପ୍ରତିକୃତିଟିର ଅର୍ଥ ପରମାତ୍ମା । ଅତଏବ କର୍ମ, ଭକ୍ତି ଓ ଜ୍ଞାନ—ଯୋଗ ସହିତ ସମ୍ମିଳିତ ହେଲେ ପରମାତ୍ମାଙ୍କ ଦର୍ଶନଲାଭ ହୁଏ—ଚିତ୍ରର ଏହା ହିଁ ଅର୍ଥ ।

ରଣଦାବାବୁ ଚିତ୍ରଟିର ଏପରି ଅର୍ଥ ଶୁଣି ନିର୍ବାକ୍ ହୋଇ ରହିଲେ । କିଛି ସମୟ ପରେ କହିଲେ—'ଆପଣଙ୍କ ନିକଟରେ କିଛିକାଳ ଶିଳ୍ପକଳା ବିଦ୍ୟା ଶିଖିପାରିଲେ, ମୋର ବାସ୍ତବିକ୍ ଉନ୍ନତି ହୋଇପାରନ୍ତା ।'

ଅତଃପର ସ୍ୱାମୀଜୀ ଭବିଷ୍ୟତରେ ଶ୍ରୀରାମକୃଷ୍ଣ ମନ୍ଦିର ଯେପରି ଭାବରେ ନିର୍ମାଣ କରିବାକୁ ତାଙ୍କର ଇଚ୍ଛା, ତାହାର ଖଣ୍ଡିଏ ଚିତ୍ର (drawing) ଆଣାଇଲେ । ଚିତ୍ରଖଣ୍ଡିକ

* ଶିଷ୍ୟ ସେତେବେଳେ ରଣଦାବାବୁଙ୍କ ସହିତ ଏକତ୍ର ରହୁଥିଲେ । ସେ ଦେଖିଥିଲେ ରଣଦାବାବୁ ଘରକୁ ଆସି ପରଦିନଠାରୁ ସେହି ପ୍ରଳୟ-ତାଣ୍ଡବୋନ୍ମତ୍ତ ଚଣ୍ଡୀ-ମୂର୍ତ୍ତି ଆଙ୍କିବାକୁ ଆରମ୍ଭ କଲେ । ଆଜି ବି ସେହି ଅର୍ଦ୍ଧ-ଅଙ୍କିତ ମୂର୍ତ୍ତି ଖଣ୍ଡି ରଣଦାବାବୁଙ୍କ ଆର୍ଟ ସ୍କୁଲରେ ରହିଛି । କିନ୍ତୁ ସ୍ୱାମୀଜୀଙ୍କୁ ତାହା ଆଉ ଦେଖା ହୋଇ ନାହିଁ ।

ସ୍ୱାମୀ ବିଜ୍ଞାନାନନ୍ଦ ସ୍ୱାମୀଜୀଙ୍କ ପରାମର୍ଶାନୁଯାୟୀ ଅଙ୍କନ କରିଥିଲେ । ଚନ୍ଦ୍ରଶେଖର କି ରଣଦା-ବାବୁଙ୍କୁ ଦେଖାଇ ଦେଖାଇ କହିବାକୁ ଲାଗିଲେ :

ଏହି ଭାବୀ ମଠ ମନ୍ଦିରଟିର ନିର୍ମାଣରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଯାବତୀୟ ଶିଳ୍ପକଳାର ଏକତ୍ର ସମାବେଶ କରିବାର ମୋର ଇଚ୍ଛା ଅଛି । ମୁଁ ପୃଥିବୀ ବୁଲି ଗୃହଶିଳ୍ପ ସମ୍ବନ୍ଧରେ ଯେତେସବୁ idea (ଭାବ) ନେଇ ଆସିଛି, ତା'ର ସବୁଗୁଡ଼ିକ ଏହି ମନ୍ଦିର-ନିର୍ମାଣରେ ବିକଶିତ କରିବାର ଚେଷ୍ଟା କରିବି । ବହୁସଂଖ୍ୟକ ଜଡ଼ିତ ସ୍ତମ୍ଭ ଉପରେ ଗୋଟିଏ ପ୍ରକାଣ୍ଡ ନାଟମନ୍ଦିର ତିଆରି ହେବ । ତା'ର କାନ୍ଥରେ ଶତ ସହସ୍ର ପ୍ରଫୁଲ୍ଲ କମଳ ଫୁଟିଥିବ । ହଜାରେ ଲୋକ ଯେପରି ଏକତ୍ର ବସି ଧ୍ୟାନ ଜପ କରିପାରନ୍ତି, ଏପରି ବଡ଼ କରି ନାଟମନ୍ଦିରଟି ନିର୍ମାଣ କରିବାକୁ ହେବ । ଆଉ ଶ୍ରୀରାମକୃଷ୍ଣ ମନ୍ଦିର ଓ ନାଟମନ୍ଦିରଟି ଏପରିଭାବରେ ଏକତ୍ର ଗଢ଼ିବାକୁ ହେବ ଯେ, ଦୂରରୁ ଦେଖିଲେ ଠିକ୍ ଓଁ କାର ବୋଲି ଧାରଣା ହେବ । ମନ୍ଦିର ମଧ୍ୟରେ ଗୋଟିଏ ରାଜହଂସ ଉପରେ ଠାକୁରଙ୍କ ମୂର୍ତ୍ତି ରହିବ । ଦୁଆରର ଦୁଇ ପାଖରେ ଦୁଇଟି ଛବି ଏହି ଭାବରେ ଥିବ—ଗୋଟିଏ ସିଂହ ଓ ଗୋଟିଏ ମେଷ ବନ୍ଧୁଭାବରେ ଉଭୟେ ଉଭୟଙ୍କର ଦେହ ଚାଟୁଛନ୍ତି—ଅର୍ଥାତ୍ ମହାଶକ୍ତି ଓ ମହାନମ୍ରତା ଯେପରି ପ୍ରେମରେ ଏକତ୍ର ସମ୍ମିଳିତ ହୋଇଅଛି । ମନରେ ଏହିସବୁ idea (ଭାବ) ରହିଛି; ବର୍ତ୍ତମାନ ଜୀବନରେ ପାରିବି ତ କାର୍ଯ୍ୟରେ ପରିଣତ କରିଯିବି । ନଚେତ୍ ଭାବୀ generation (ବଂଶୀୟମାନେ) ଏଗୁଡ଼ିକୁ କ୍ରମେ କାର୍ଯ୍ୟରେ ପରିଣତ କରିପାରନ୍ତି ତ କରିବେ । ମୋର ମନେହୁଏ ଠାକୁର ଆସିଥିଲେ, ଦେଶର ସବୁ ପ୍ରକାର ବିଦ୍ୟା ଓ ଭାବ ଭିତରେ ହିଁ ପ୍ରାଣ ସଞ୍ଚାର କରିବାକୁ । ସେଥିପାଇଁ ଧର୍ମ, କର୍ମ, ବିଦ୍ୟା, ଜ୍ଞାନ, ଭକ୍ତି—ସମସ୍ତ ଯେପରି ଏହି ମଠକେନ୍ଦ୍ରରୁ ଜଗତରେ ବିସ୍ତୃତ ହୋଇଯାଏ, ଏପରି ଭାବରେ ଠାକୁରଙ୍କର ଏହି ମଠଟିକୁ ଗଢ଼ିବାକୁ ହେବ । ଏବିଷୟରେ ଆପଣମାନେ ମୋର ସହାୟ ହୁଅନ୍ତୁ ।

ରଣଦାବାବୁ ଓ ଉପସ୍ଥିତ ସନ୍ନ୍ୟାସୀ ଏବଂ ବ୍ରହ୍ମଚାରୀମାନେ ସ୍ୱାମୀଜୀଙ୍କ କଥା ଶୁଣି ଅବାକ୍ ହୋଇ ବସିରହିଲେ । ଯାହାଙ୍କ ମହତ୍ ଉଦାର୍ ମନ ସକଳ ବିଷୟରେ ସକଳ ପ୍ରକାର ମହାନ୍ ଭାବରାଶିର ଅଦୃଷ୍ଟପୂର୍ବ କ୍ରୀଡ଼ାଭୂମି ଥିଲା, ସେହି ସ୍ୱାମୀଜୀଙ୍କ ମହତ୍ତ୍ୱର କଥା ଭାବି ସମସ୍ତେ ଗୋଟିଏ ଅବ୍ୟକ୍ତ ଭାବରେ ପୂର୍ଣ୍ଣ ହୋଇ ସ୍ତମ୍ଭୀଭୂତ ହୋଇ ରହିଲେ ।

ଅଳ୍ପ ସମୟ ପରେ ସ୍ୱାମୀଜୀ ପୁଣି କହିଲେ :

'ଆପଣ ଶିଳ୍ପବିଦ୍ୟାର ଯଥାର୍ଥ ଆଲୋଚନା କରନ୍ତି ବୋଲି ଆଜି ଏ ବିଷୟରେ ଏତେ ଆଲୋଚନା ହେଉଅଛି । ଶିଳ୍ପ ସମ୍ବନ୍ଧରେ ଏତେ କାଳ ଆଲୋଚନା କରି ଆପଣ ସେବିଷୟରେ ଯାହାକିଛି ସାର ଓ ସର୍ବୋଚ୍ଚ ଭାବ ପାଇଛନ୍ତି, ତାହା ବର୍ତ୍ତମାନ ମୋତେ କହନ୍ତୁ ।'

ରଣଦାବାବୁ : ମହାଶୟ, ମୁଁ ଆପଣଙ୍କୁ ନୂଆ କଥା କ'ଣ ଶୁଣାଇବି । ଆପଣ ହିଁ ଆଜି ଏ ବିଷୟରେ ମୋର ଆଖି ଖୋଲିଦେଲେ । ଶିଳ୍ପ ସମ୍ବନ୍ଧରେ ଏପରି ଜ୍ଞାନଗର୍ଭକ କଥା ଏ ଜୀବନରେ ଆଉ କେବେହେଲେ ଶୁଣି ନାହିଁ । ଆଶୀର୍ବାଦ କରନ୍ତୁ, ଆପଣଙ୍କ ନିକଟରୁ ଯେଉଁସବୁ ଭାବ ପାଇଲି ତାହାକୁ ଯେପରି କାର୍ଯ୍ୟରେ ପରିଣତ କରିପାରେ ।

ଅତଃପର ସ୍ୱାମୀଜୀ ଆସନରୁ ଉଠି ପଡ଼ିଆରେ ଇତସ୍ତତଃ ବୁଲୁ ବୁଲୁ ଶିଷ୍ୟକୁ କହିଲେ—'ପିଲଟି ଖୁବ୍ ତେଜସ୍ୱୀ ।'

ଶିଷ୍ୟ : ମହାଶୟ, ଆପଣଙ୍କ କଥା ଶୁଣି ଅବାକ୍ ହୋଇଯାଇଛୁ ।

ସ୍ୱାମୀଜୀ ଶିଷ୍ୟର ସେକଥାର କୌଣସି ଉତ୍ତର ନ ଦେଇ ନିଜ ମନରେ ଗୁଣୁ ଗୁଣୁ କରି ଠାକୁରଙ୍କ ଗୋଟିଏ ଗୀତ ଗାଇବାକୁ ଲାଗିଲେ ।—'ପରମ ଧନ ସେ ପରଶମଣି' ଇତ୍ୟାଦି ।

ଏହିରୂପେ କିଛିସମୟ ବୁଲିବାପରେ ସ୍ୱାମୀଜୀ ମୁହଁ ଧୋଇ ଶିଷ୍ୟ ସଙ୍ଗେ ଉପରେ ନିଜ ଘରେ ପ୍ରବେଶ କଲେ ଏବଂ Encyclopaedia Britannica ପୁସ୍ତକର ଶିଳ୍ପ ସମ୍ବନ୍ଧୀୟ ଅଧ୍ୟାୟଟି ପାଠ କଲେ । ପାଠ ସାଙ୍ଗହେଲା ପରେ ପୂର୍ବବଙ୍ଗର କଥା ଏବଂ ଉଚ୍ଚାରଣ ଢଙ୍ଗ ନେଇ ଶିଷ୍ୟ ସହିତ ସାଧାରଣ ଭାବରେ ଥଟ୍ଟା-ପରିହାସ କରିବାକୁ ଲାଗିଲେ ।

## ୩୪

ସ୍ଥାନ—ବେଲୁଡ଼ ମଠ
ବର୍ଷ—ମେ (ଶେଷ ଭାଗ) ୧୯୦୧

ସ୍ୱାମୀଜୀ କିଛିଦିନ ହେଲା ପୂର୍ବବଙ୍ଗ ଓ ଆସାମରୁ ଫେରିଛନ୍ତି । ଶରୀର ଅସୁସ୍ଥ, ଗୋଡ଼ ଫୁଲିଛି । ଶିଷ୍ୟ ଆସି ମଠର ଉପର ମହଲରେ ସ୍ୱାମୀଜୀଙ୍କ ପାଖକୁ ଯାଇ ପ୍ରଣାମ କଲା । ଶାରୀରିକ ଅସୁସ୍ଥତା ସତ୍ତ୍ୱେ ସ୍ୱାମୀଜୀଙ୍କ ସହାସ୍ୟ ବଦନ ଓ ସ୍ନେହଭୋଳା ଦୃଷ୍ଟି, ଯାହା ସମସ୍ତଙ୍କ ସକଳ ଦୁଃଖ ଭୁଲାଇ ଆତ୍ମହରା କରିଦିଏ ।

ଶିଷ୍ୟ : ସ୍ୱାମୀଜୀ, କିପରି ଅଛନ୍ତି ?

ସ୍ୱାମୀଜୀ : ଆଉ ବାପ, ରହିବା କଥା କ'ଣ ? ଦେହ ତ ଦିନକୁ ଦିନ ଅଚଳ ହେଉଛି । ବଙ୍ଗଳା ଦେଶକୁ ଆସି ଶରୀରଧାରଣ କରିବାକୁ ହୋଇଛି, ଶରୀରରେ ରୋଗ ଲାଗିରହିଛି । ସେଦେଶର physique (ଶାରୀରିକ ଗଠନ) ଏକାବେଳେକେ ଭଲ ନୁହେଁ । ବେଶୀ କାମ କରିବାକୁ ଗଲେ ହିଁ ଶରୀର ସହେ ନାହିଁ । ତେବେ ଯେଉଁ କେତୋଟି ଦିନ ଦେହ ଅଛି, ତୁମମାନଙ୍କ ପାଇଁ ଖଟିବି । ଖଟି ଖଟି ମରିବି ।

ଶିଷ୍ୟ : ଆପଣ ବର୍ତ୍ତମାନ କିଛିଦିନ କାମଦାମ ଛାଡ଼ି ସ୍ଥିର ହୋଇ ରହନ୍ତୁ । ତାହାହେଲେ ହିଁ ଦେହ ଭଲ ହୋଇଯିବ । ଏ ଦେହର ରକ୍ଷାରେ ଜଗତର ମଙ୍ଗଳ ।

ସ୍ୱାମୀଜୀ : ବସିରହିବାର ଉପାୟ ଅଛି କି ବାପ ! ସେହି ଯେ ଠାକୁର ଯାହାକୁ 'କାଳୀ' 'କାଳୀ' ବୋଲି ଡାକୁଥିଲେ, ଠାକୁରଙ୍କ ଦେହରକ୍ଷାର ଦୁଇ ତିନିଦିନ ଆଗେ ସେଇଟା ଏହି ଶରୀର ଭିତରେ ପଶିଯାଇଛି । ସେଇଟା ହିଁ ମୋତେ ଏଣେତେଣେ କାମ

କରେଇନେଇ ବୁଲଏ, ସ୍ଥିର ହୋଇ ରହିବାକୁ ଦିଏ ନାହିଁ। ନିଜର ସୁଖ ସୁବିଧା ଦେଖିବାକୁ ବି ଦିଏ ନାହିଁ !

ଶିଷ୍ୟ : ଶକ୍ତି-ପ୍ରବେଶର କଥାଟି କ'ଣ ରୂପକ ଛଳରେ କହୁଛନ୍ତି ?

ସ୍ୱାମୀଜୀ : ନା ରେ, ଠାକୁରଙ୍କ ଦେହ ଯିବାର ତିନି ଚାରି ଦିନ ପୂର୍ବରୁ ସେ ମୋତେ ଦିନେ ଏକାକୀ ପାଖକୁ ଡାକିଲେ। ଆଉ ସାମନାରେ ବସେଇ ମୋ ଆଡ଼କୁ ଏକ ଦୃଷ୍ଟିରେ ଚାହିଁ ସମାଧିସ୍ଥ ହୋଇପଡ଼ିଲେ। ସେତେବେଳେ ମୁଁ ଠିକ୍ ଅନୁଭବ କରିବାକୁ ଲାଗିଲି— ତାଙ୍କ ଶରୀରରୁ ଗୋଟାଏ ସୂକ୍ଷ୍ମ ତେଜ electric shock (ତଡ଼ିତ୍-କମ୍ପନ) ପରି ଆସି ମୋ ଶରୀରରେ ପଶୁଛି। କ୍ରମେ ମୁଁ ମଧ୍ୟ ବାହ୍ୟଜ୍ଞାନ ହରାଇ ଜଡ଼ତୁଲ୍ୟ ହୋଇଗଲି। କେତେ ସମୟ ଏପରି ଭାବରେ ଥିଲି, ମୋର କିଛି ମନେପଡ଼ୁ ନାହିଁ। ଯେତେବେଳେ ବାହ୍ୟ ଚେତନା ହେଲା, ଦେଖିଲି—ଠାକୁର କାନ୍ଦୁଛନ୍ତି। ପଚାରିବାରୁ ଠାକୁର ସ୍ନେହରେ କହିଲେ— 'ଆଜି ଯଥାସର୍ବସ୍ୱ ତୋତେ ଦେଇ ଫକୀର ହେଲି ! ତୁ ଏହି ଶକ୍ତିରେ ଜଗତର ଅନେକ କାମ କରି ତେବେ ଫେରିଯିବୁ।' ମୋର ମନେହୁଏ—ସେହି ଶକ୍ତି ହିଁ ମୋତେ    କାମରେ ସେ-କାମରେ କେବଳ ଘୂରାଉଛି। ବସି ରହିବା ପାଇଁ ମୋର ଏ ଦେହ ହୋଇ ନାହିଁ।

ଶିଷ୍ୟ ଅବାକ୍ ହୋଇ ଶୁଣୁ ଶୁଣୁ ଭାବିବାକୁ ଲାଗିଲା—ଏସବୁ କଥା ସାଧାରଣ ଲୋକେ କେଉଁ ଭାବରେ ବୁଝିବେ, କିଏ ଜାଣେ ! ଅନନ୍ତର ଭିନ୍ନ ପ୍ରସଙ୍ଗ ଉତ୍ଥାପନ କରି କହିଲା—'ମହାଶୟ, ଆମର ବାଙ୍ଗାଲ ଦେଶ (ପୂର୍ବବଙ୍ଗ) ଆପଣଙ୍କୁ କିପରି ଲାଗିଲା ?'

ସ୍ୱାମୀଜୀ : ଦେଶ କିଛି ମନ୍ଦ ନୁହେଁ। ବିଲରେ ଦେଖିଲି ଖୁବ୍ ଶସ୍ୟ ଫଳିଛି। ଜଳବାୟୁ ବି ମନ୍ଦ ନୁହେଁ; ପାହାଡ଼ର ଦୃଶ୍ୟ ଅତି ମନୋରମ। ବ୍ରହ୍ମପୁତ୍ର valley-ର (ଉପତ୍ୟକାର) ଶୋଭା ଅତୁଳନୀୟ। ଆମର ଏ ଆଡ଼ର ଲୋକମାନଙ୍କ ଅପେକ୍ଷା ଲୋକମାନେ ମଜ୍‌ବୁତ୍ ଓ କର୍ମଠ। ତା'ର କାରଣ ବୋଧହୁଏ, ମାଛମାଂସ ଖୁବ୍ ଖାଆନ୍ତି। ଯାହା କରନ୍ତି, ଖୁବ୍ ଜିଦ୍‌ରେ କରନ୍ତି। ଖିଆପିଆରେ ଖୁବ୍ ତେଲ-ଚର୍ବି ଦିଅନ୍ତି; ତାହା କିନ୍ତୁ ଭଲ ନୁହେଁ। ତେଲ-ଚର୍ବି ବେଶୀ ଖାଇଲେ ଶରୀରରେ ମେଦ ଜନ୍ମେ।

ଶିଷ୍ୟ : ଧର୍ମଭାବ କିପରି ଦେଖିଲେ ?

ସ୍ୱାମୀଜୀ : ଧର୍ମଭାବ ସମ୍ବନ୍ଧରେ ଦେଖିଲି—ଦେଶର ଲୋକମାନେ ବଡ଼ conservative (ରକ୍ଷଣଶୀଳ); ଉଦାର ଭାବରେ ଧର୍ମ କରିବାକୁ ଯାଇ ପୁଣି ଅନେକ fanatic (ଧର୍ମୋନ୍ମତ୍ତ) ହୋଇପଡ଼ିଛନ୍ତି। ଢାକାର ମୋହିନୀବାବୁଙ୍କ ଘରେ ଦିନେ ଗୋଟିଏ ପିଲା ଖଣ୍ଡିଏ କାହାର photo (ଫଟୋ) ଆଣି ମୋତେ ଦେଖାଇ କହିଲା—'ମହାଶୟ, କହନ୍ତୁ ଏ କିଏ ? ଅବତାର କି ନା ?' ମୁଁ ତାକୁ ଅନେକ ବୁଝାଇ କହିଲି—'ବାପ ! ମୁଁ କ'ଣ ତାହା ଜାଣେ ?' ତିନି ଚାରିଥର କହିଲେ ସୁଦ୍ଧା ଦେଖିଲି, ସେ ପିଲାଟି କୌଣସିମତେ ତା'ର ଜିଦ୍ ଛାଡ଼ୁ ନାହିଁ। ଅବଶେଷରେ ମୋତେ ବାଧ୍ୟ ହୋଇ କହିବାକୁ ହେଲା—'ବାପ ଏବେଠୁ ଭଲ କରି ଖିଆପିଆ କର। ତାହାହେଲେ ମସ୍ତିଷ୍କର ବିକାଶ ହେବ—ପୁଷ୍ଟିକର ଖାଦ୍ୟାଭାବରୁ ତୁମ ମୁଣ୍ଡ ଯେ ଶୁଖିଯାଇଛି।' ଏକଥା ଶୁଣି ପିଲାଟିର ବୋଧହୁଏ ଅସନ୍ତୋଷ ହୋଇଥିବ।

ତେବେ ଆଉ କ'ଣ କରିବ ବାବା ! ପିଲାଙ୍କୁ ଏପରି ନ କହିଲେ, ସେମାନେ ଯେ କମେ ପାଗଳ ହୋଇଯିବେ ।

ଶିଷ୍ୟ : ଆମ ପୂର୍ବବଙ୍ଗରେ ଆଜକାଲି ଅନେକ ଅବତାରଙ୍କର ଅଭ୍ୟୁଦୟ ହେଉଛି ।

ସ୍ୱାମୀଜୀ : ଗୁରୁଙ୍କୁ ଲୋକେ ଅବତାର କହିପାରନ୍ତି । ଯାହା ଇଚ୍ଛା ତାହା କହି ଧାରଣା କରିବାର ଚେଷ୍ଟା କରିପାରନ୍ତି । କିନ୍ତୁ ଭଗବାନଙ୍କ ଅବତାର ଯେତେବେଳେ ସେତେବେଳେ ଯେଉଁଠି ସେଇଠି ହୁଏ ନାହିଁ । କେବଳ ଢାକାରେ ହିଁ ଶୁଣିଲି ତିନୋଟିଗୋଟି ଅବତାର ହୋଇଛନ୍ତି !

ଶିଷ୍ୟ : ସେଦେଶର ସ୍ତ୍ରୀଲୋକମାନଙ୍କୁ କିପରି ଦେଖିଲେ ?

ସ୍ୱାମୀଜୀ : ସ୍ତ୍ରୀଲୋକମାନେ ସର୍ବତ୍ର ପ୍ରାୟ ଏକାପରି । ବୈଷ୍ଣବ-ଭାବଟା ଢାକାରେ ବେଶୀ ଦେଖିଲି । 'ହ—'ର ସ୍ତ୍ରୀ ଖୁବ୍ intellingent (ବୁଦ୍ଧିମତୀ) ବୋଲି ବୋଧ ହେଲା । ସେ ଖୁବ୍ ଯତ୍ନରେ ରାନ୍ଧି ମୋ ପାଖକୁ ଖାଇବା ଜିନିଷ ପଠାଇ ଦେଉଥିଲେ ।

ଶିଷ୍ୟ : ଶୁଣିଲି, ନାଗ-ମହାଶୟଙ୍କ ଘରକୁ ଯାଇଥିଲେ ନା କ'ଣ ?

ସ୍ୱାମୀଜୀ : ହଁ, ଏପରି ମହାପୁରୁଷ ! ଏତେଦୂର ଯାଇ ତାଙ୍କ ଜନ୍ମସ୍ଥାନ ଦେଖିବି ନାହିଁ ? ନାଗ-ମହାଶୟଙ୍କ ସ୍ତ୍ରୀ ମୋତେ ରାନ୍ଧି ଖୁଆଇଲେ । ଘରଟିଏ କି ବା ମନୋରମ । ଯେପରି ଶାନ୍ତି-ଆଶ୍ରମ । ସେଠାକୁ ଯାଇ ଗୋଟାଏ ପୋଖରୀରେ ପହଁରି ଗାଧୋଇଲି । ତା' ପରେ ଆସି ଏପରି ନିଦ୍ରା ଗଲି ଯେ ଦିନ ୨ଟା । ମୋ ଜୀବନରେ ଯେଉଁ କେତେଦିନ ସୁନିଦ୍ରା ହୋଇଛି, ନାଗ-ମହାଶୟଙ୍କ ଘରର ନିଦ୍ରା ତା'ର ଭିତରୁ ଦିନେ । ତା'ପରେ ଉଠି ପ୍ରଚୁର ଆହାର । ନାଗ-ମହାଶୟଙ୍କ ସ୍ତ୍ରୀ ଖଣ୍ଡିଏ ଲୁଗା ଦେଇଥିଲେ । ସେଖଣ୍ଡିକ ମୁଣ୍ଡରେ ବାନ୍ଧି ଢାକା ଯାତ୍ରା କଲି । ନାଗ-ମହାଶୟଙ୍କ ଫଟୋ ପୂଜା ହୁଏ ଦେଖିଲି । ତାଙ୍କ ସମାଧି ସ୍ଥାନଟି ବେଶ୍ ଭଲ ଭାବରେ ରଖିବା ଉଚିତ । ବର୍ତ୍ତମାନ ସୁଦ୍ଧା ଯେପରି ହେବା ଉଚିତ, ସେପରି ହୋଇ ନାହିଁ ।

ଶିଷ୍ୟ : ଆଜ୍ଞା, ନାଗ-ମହାଶୟଙ୍କୁ ସେ ଦେଶରେ ଲୋକେ ସେପରି ଚହ୍ନିପାରି ନାହାନ୍ତି ।

ସ୍ୱାମୀଜୀ : ସେହିରୁ ମହାପୁରୁଷଙ୍କୁ ସାଧାରଣ ଲୋକେ କ'ଣ ବୁଝିବେ ? ଯେଉଁମାନେ ତାଙ୍କ ସଙ୍ଗ ପାଇଛନ୍ତି ସେମାନେ ଧନ୍ୟ !

ଶିଷ୍ୟ : କାମାଖ୍ୟା (ଆସାମ) ଯାଇ କ'ଣ ଦେଖିଲେ ?

ସ୍ୱାମୀଜୀ : ଶିଲଂ ପାହାଡ଼ଟି ଅତି ସୁନ୍ଦର । ସେଠାରେ ଚିଫ୍ କମିଶନର୍ କଟନ୍ (Chief Commissioner Sir Henry Cotton) ସାହେବଙ୍କ ସଙ୍ଗେ ଦେଖା ହୋଇଥିଲା । ସେ ମୋତେ ପଚାରିଥିଲେ—'ସ୍ୱାମୀଜୀ ! ୟୁରୋପ ଓ ଆମେରିକା ବୁଲି ଏହି ଦୂର ପର୍ବତ ପ୍ରାନ୍ତରରେ ଆପଣ କ'ଣ ଦେଖିବାକୁ ଆସିଛନ୍ତି ?' କଟନ୍ ସାହେବଙ୍କ ପରି ଏପରି ସଦାଶୟ ଲୋକ ପ୍ରାୟ ଦେଖାଯାଆନ୍ତି ନାହିଁ । ମୋର ଅସୁସ୍ଥତା ଶୁଣି ସରକାରୀ ଡାକ୍ତର ପଠାଇଥିଲେ । ଦୁ'ଓଳି ମୋର ଖବର ନେଉଥିଲେ । ସେଠାରେ ବେଶୀ ଲେକ୍ଚର୍

ଫେକ୍‌ଟର୍ କରିପାରି ନାହିଁ; ଶରୀର ବଡ଼ ଅସୁସ୍ଥ ହୋଇ ପଡ଼ିଥିଲା । ସେମାନେ ନେଇ ଖୁବ୍ ସେବା କରିଥିଲେ ।

ଶିଷ୍ୟ : ସେଠାକାର ଧର୍ମଭାବ କିପରି ଦେଖିଲେ ?

ସ୍ୱାମୀଜୀ : ତନ୍ତ୍ରପ୍ରଧାନ ଦେଶ । ଜଣେ 'ହଙ୍କର' ଦେବ (ଶଙ୍କର ଦେବ)-ଙ୍କ ନାମ ଶୁଣିଲି, ଯେ କି ସେ ଅଞ୍ଚଳରେ ଅବତାର ବୋଲି ପୂଜିତ ହୁଅନ୍ତି । ଶୁଣିଲି ତାଙ୍କ ସମ୍ପ୍ରଦାୟ ଖୁବ୍ ବିସ୍ତୃତ । ସେହି 'ହଙ୍କରଦେବ' ଶଙ୍କରାଚାର୍ଯ୍ୟଙ୍କର ନାମାନ୍ତର କି ନାହିଁ ବୁଝିପାରିଲି ନାହିଁ । ସେମାନେ ତ୍ୟାଗୀ—ବୋଧହୁଏ, ତାନ୍ତ୍ରିକ ସନ୍ନ୍ୟାସୀ କିମ୍ବା ଶଙ୍କରାଚାର୍ଯ୍ୟଙ୍କର ସମ୍ପ୍ରଦାୟ-ବିଶେଷ ।

ଅତଃପର ଶିଷ୍ୟ କହିଲା, 'ମହାଶୟ ! ସେଦେଶର ଲୋକମାନେ ବୋଧହୁଏ, ନାଗ-ମହାଶୟଙ୍କ ପରି ଆପଣଙ୍କୁ ମଧ୍ୟ ଠିକ୍ ବୁଝିପାରି ନାହାନ୍ତି ।'

ସ୍ୱାମୀଜୀ : ମୋତେ ବୁଝନ୍ତୁ ବା ନ ବୁଝନ୍ତୁ—ଏ ଅଞ୍ଚଳର ଲୋକମାନଙ୍କଠାରୁ କିନ୍ତୁ ତାଙ୍କର ରଜୋଗୁଣ ପ୍ରବଳ । କାଳକ୍ରମେ ତାହାର ଆହୁରି ବିକାଶ ହେବ । ଯେଉଁଭଳି ଚାଲି-ଚଳନକୁ ବର୍ତ୍ତମାନ ସଭ୍ୟତା ବା ଶିଷ୍ଟାଚାର କୁହାଯାଏ, ସେଇଟା ବର୍ତ୍ତମାନ ସୁଦ୍ଧା ସେ ଅଞ୍ଚଳରେ ଭଲରୂପେ ପ୍ରବେଶ କରି ନାହିଁ । ସେଇଟା କ୍ରମେ ହେବ । ସବୁ ସମୟରେ Capital (ରାଜଧାନୀ)-ରୁ କ୍ରମେ ପ୍ରଦେଶ ସବୁରେ ଚାଲିଚଳଣି ଆଦବ୍-କାଇଦାର ବିସ୍ତାର ହୁଏ । ସେଦେଶରେ ବି ତାହା ହିଁ ହେଉଛି । ଯେଉଁ ଦେଶରେ ନାଗ-ମହାଶୟଙ୍କ ପରି ମହାପୁରୁଷ ଜନ୍ମନ୍ତି, ସେଦେଶର ପୁଣି ଭାବନା ? ତାଙ୍କ ଆଲୋକରେ ହିଁ ପୂର୍ବବଙ୍ଗ ଉଜ୍ଜ୍ୱଳ ହୋଇଛି ।

ଶିଷ୍ୟ : କିନ୍ତୁ ଆଜ୍ଞା, ସାଧାରଣ ଲୋକେ ତାଙ୍କୁ ସେତେ ଜାଣି ନ ଥିଲେ; ସେ ବଡ଼ ଗୁପ୍ତ ଭାବରେ ଥିଲେ ।

ସ୍ୱାମୀଜୀ : ସେଦେଶରେ ମୋର ଖାଇବାପିଇବା ନେଇ ବଡ଼ ଗୋଳମାଳ କରୁଥିଲେ । କହୁଥିଲେ, ସେଇଟା କାହିଁକି ଖାଇବେ, ତା' ହାତରେ କାହିଁକି ଖାଇବେ, ଇତ୍ୟାଦି; ତେଣୁ କହିବାକୁ ହେଉଥିଲା, ମୁଁ ତ ସନ୍ନ୍ୟାସୀ, ଫକୀର ଲୋକ, ମୋର ପୁଣି ଆଚାର-ବିଚାର କ'ଣ ? ତୁମର ଶାସ୍ତ୍ରରେ ନା କହୁଛି—'ଚରେନ୍ମାଧୁକରୀଂ ବୃତ୍ତିମପି ମ୍ଳେଚ୍ଛକୁଳାଦପି ।'[୧] ତେବେ ଅବଶ୍ୟ ଭିତରେ ଧର୍ମର ଅନୁଭୂତି ନିମିତ୍ତ ବାହାରର ଆଚାର ପ୍ରଥମେ ପ୍ରଥମେ ଦରକାର । ଶାସ୍ତ୍ରଜ୍ଞାନଟାକୁ ନିଜର ଜୀବନରେ practical (କାର୍ଯ୍ୟକାରୀ) କରିନେବା ଦରକାର । ଠାକୁରଙ୍କ ସେହି ପାଞ୍ଜି-ଚପୁଡ଼ା ପାଣି କଥା[୨] ଶୁଣିଛୁ ତ ?

---

୧ ମାଧୁକରୀ ଭିକ୍ଷା ମ୍ଳେଚ୍ଛଜାତିଠାରୁ ମଧ୍ୟ ଗ୍ରହଣୀୟ ।

୨ ପାଞ୍ଜିରେ ଲେଖାଯାଏ—'ଏ ବର୍ଷରେ କୋଡ଼ିଏ ଅଢ଼ା ପାଣି ହେବ ।' କିନ୍ତୁ ପାଞ୍ଜିଖଣ୍ଡିକ ଚପୁଡ଼ିଲେ ଟୋପାଏ ବି ପାଣି ନିଗିଡ଼େ ନାହିଁ—ସେହିପରି ଶାସ୍ତ୍ରରେ ଲେଖା-ଯାଇଛି—ଏପରି ଏପରି କଲେ ଈଶ୍ୱର-ଦର୍ଶନ ହୁଏ, ତାହା ନ କରି କେବଳ ଶାସ୍ତ୍ର ନେଇ ଘଣ୍ଟାଘଣ୍ଟି କଲେ କିଛି ହିଁ ଫଳ ମିଳେ ନାହିଁ ।

ଆଚାର-ବିଚାର କେବଳ ମନୁଷ୍ୟ ଭିତରର ମହାଶକ୍ତିର ସ୍ଫୁରଣର ଉପାୟ ମାତ୍ର । ଯହିଁରେ ଭିତରର ସେହି ଶକ୍ତି ଜାଗେ, ଯହିଁରେ ମନୁଷ୍ୟ ତା'ର ସ୍ୱରୂପ ଠିକ୍ ଠିକ୍ ବୁଝିପାରେ, ତାହା ହିଁ ହେଉଛି ସର୍ବଶାସ୍ତ୍ରର ଉଦ୍ଦେଶ୍ୟ । ଉପାୟଗୁଡ଼ିକ ବିଧି-ନିଷେଧାତ୍ମକ । ଉଦ୍ଦେଶ୍ୟ ଭୁଲି କେବଳ ଉପାୟ ନେଇ କଳି କଲେ କ'ଣ ହେବ ? ଯେଉଁ ଦେଶକୁ ଯାଏ, ଦେଖେ ଖାଲି ଉପାୟ ନେଇ ମାରାମାରି ଚାଲିଛି । ଉଦ୍ଦେଶ୍ୟ ଆଡ଼କୁ ଲୋକଙ୍କର ନଜର ନାହିଁ । ଠାକୁର ସେଇଟା ଦେଖାଇବାକୁ ଆସିଥିଲେ । 'ଅନୁଭୂତି' ହିଁ ହେଉଛି ସାରକଥା । ହଜାର ବର୍ଷ ଗଙ୍ଗାସ୍ନାନ କର, ଆଉ ହଜାର ବର୍ଷ ନିରାମିଷ ଖାଅ—ସେଥିରେ ଯଦି ଆତ୍ମବିକାଶର ସହାୟତା ନ ହୁଏ, ତେବେ ଜାଣିବୁ, ସବୁ ବୃଥା ହେଲା । ଆଉ ଆଚାର-ବର୍ଜିତ ହୋଇ ବି ଯଦି କେହି ଆତ୍ମଦର୍ଶନ କରିପାରେ, ତେବେ ସେହି ଅନାଚାର ହିଁ ଶ୍ରେଷ୍ଠ ଆଚାର । ତେବେ ଆତ୍ମଦର୍ଶନ ହେଲେ ମଧ୍ୟ ଲୋକ-ସଂସ୍ଥିତି ନିମିତ୍ତ ଆଚାର କିଛି କିଛି ମାନିବା ଭଲ । ମୋଟ କଥା ମନକୁ ଏକନିଷ୍ଠ କରିବା ଦରକାର । ଗୋଟିଏ ବିଷୟରେ ନିଷ୍ଠା ହେଲେ—ମନର ଏକାଗ୍ରତା ହୁଏ, ଅର୍ଥାତ୍ ମନର ଅନ୍ୟ ବୃତ୍ତିଗୁଡ଼ିକ ଲୁଚିଯାଇ ଗୋଟିଏ ବିଷୟରେ ଏକାଗ୍ରତା ଆସେ । ଅନେକଙ୍କର ବାହ୍ୟ ଆଚାର ବା ବିଧିନିଷେଧର ଜାଲରେ ସବୁ ସମୟ କଟିଯାଏ । ଆତ୍ମଚିନ୍ତା ଆଉ କରାହୁଏ ନାହିଁ । ଦିନରାତି ବିଧିନିଷେଧର ଗଣ୍ଡି ଭିତରେ ରହିଲେ, ଆତ୍ମାର ପ୍ରସାର ହେବ କିପରି ? ଯେଉଁ ଲୋକ ଯେତିକି ଆତ୍ମାନୁଭୂତି କରିପାରିଛି, ତା'ର ବିଧିନିଷେଧ ସେତେ କମିଯାଏ । ଆଚାର୍ଯ୍ୟ ଶଙ୍କର ମଧ୍ୟ କହିଛନ୍ତି—'ନିସ୍ତ୍ରୈଗୁଣ୍ୟେ ପଥି ବିଚରତାଂ କୋ ବିଧିଃ କୋ ନିଷେଧଃ ?'[୧] ଅତଏବ ମୂଳ କଥା ହେଉଛି—ଅନୁଭୂତି । ତାହାକୁ ହିଁ ଜାଣିବୁ goal (ଉଦ୍ଦେଶ୍ୟ ବା ଲକ୍ଷ୍ୟ); ମତ-ପଥ, ରାସ୍ତା ମାତ୍ର । କାହାର କେତେକି ତ୍ୟାଗ ହୋଇଛି, ଏହା ହିଁ ଜାଣିବୁ ଉନ୍ନତିର test (ପରୀକ୍ଷା) । କାମକାଞ୍ଚନର ଆସକ୍ତି ଯେଉଁଠି ଦେଖିବୁ କମ୍—ସେ ଯେଉଁ ମତର, ଯେଉଁ ପଥର ଲୋକ ହେଉନା କାହିଁକି —ତା'ର ଜାଣିବୁ, ଶକ୍ତି ଜାଗ୍ରତ ହେଉଛି । ତା'ର ଜାଣିବୁ, ଆତ୍ମାନୁଭୂତିର ଦ୍ୱାର ଖୋଲି-ଯାଇଛି । ଆଉ ହଜାର ଆଚାର ମାନି ଚାଲ, ହଜାର ଶ୍ଳୋକ ବୋଲ, ତେବେ ବି ଯଦି ତ୍ୟାଗର ଭାବ ନ ଆସିଥାଏ ତେବେ ଜାଣିବୁ, ଜୀବନ ବୃଥା । ଏହି ଅନୁଭୂତି-ଲାଭରେ ତତ୍ପର ହୋଇ ଲାଗିଯା' । ଶାସ୍ତ୍ର ଫାସ୍ତ୍ର ତ ଢେର ପଢ଼ିଲୁ । କହ ତ ଭଲା—ସେଥିରେ ହେଲା କ'ଣ ? କେହି ଟଙ୍କାର ଚିନ୍ତା କରି ଧନରେ କୁବେର ହେଉଛି, ତୁ ନ ହେଲେ ଶାସ୍ତ୍ର ଚିନ୍ତା କରି ପଣ୍ଡିତ ହୋଇଛୁ । ଉଭୟ ହିଁ ବନ୍ଧନ । ପରାବିଦ୍ୟା ଲାଭ ପାଇଁ ବିଦ୍ୟା-ଅବିଦ୍ୟାର ସୀମା ପାରକୁ ଚାଲିଯା' ।

ଶିଷ୍ୟ : ଆଜ୍ଞା, ଆପଣଙ୍କ କୃପାରୁ ସବୁ ବୁଝୁଛି; କିନ୍ତୁ କର୍ମର ଫେରରେ ଧାରଣା କରି-ପାରୁ ନାହିଁ ।

---

୧ ଗୁଣାତୀତ ଅବସ୍ଥାରେ ଯେ ବିଚରଣ କରନ୍ତି, ତାଙ୍କ ପାଇଁ କୌଣସି ବିଧି-ନିଷେଧ ନାହିଁ ।

ସ୍ୱାମୀଜୀ : କର୍ମ ଫର୍ମ ଫିଙ୍ଗିଦେ'। ତୁ ହିଁ ପୂର୍ବଜନ୍ମରେ କର୍ମ କରି ଏହି ଦେହ ପାଇଛୁ । ଏ କଥା ଯଦି ସତ୍ୟ ହୁଏ—ତେବେ କର୍ମ ଦ୍ୱାରା କର୍ମ କାଟି ତୁ ହିଁ କାହିଁକି ପୁଣି ଏହି ଦେହରେ ଜୀବନ୍ମୁକ୍ତ ନ ହେବୁ ? ଜାଣିବୁ, ମୁକ୍ତି ବା ଆତ୍ମଜ୍ଞାନ ତୋର ନିଜ ହାତରେ ରହିଛି । ଜ୍ଞାନରେ କର୍ମର ଲେଶ ମାତ୍ର ନାହିଁ । ତେବେ ଯେଉଁମାନେ ଜୀବନ୍ମୁକ୍ତ ହୋଇ ମଧ୍ୟ କାମ କରନ୍ତି, ସେମାନେ ଜାଣିବୁ 'ପରହିତାୟ' କର୍ମ କରନ୍ତି । ସେମାନେ ଭଲ-ମନ୍ଦ ଫଳ ଆଡ଼କୁ ଅନାନ୍ତି ନାହିଁ । କୌଣସି ବାସନାର ବୀଜ ତାଙ୍କ ମନରେ ସ୍ଥାନ ପାଏ ନାହିଁ । ସଂସାରାଶ୍ରମରେ ରହି ଏପରି ଯଥାର୍ଥ 'ପରହିତାୟ' କର୍ମ କରିବା ଏକ ପ୍ରକାର ଅସମ୍ଭବ ଜାଣିବୁ । ସମଗ୍ର ହିନ୍ଦୁଶାସ୍ତ୍ରରେ ଏ ବିଷୟରେ ଏକ ଜନକ ରାଜାଙ୍କ ନାମ ଅଛି । ତୁମେ କିନ୍ତୁ ବର୍ଷକୁ ବର୍ଷ ପିଲା ଜନ୍ମ ଦେଇ ଘରେ ଘରେ ବିଦେହ 'ଜନକ' ହେବାକୁ ଚାହୁଁଛ ?

ଶିଷ୍ୟ : ଆପଣ କୃପା କରନ୍ତୁ, ଯେପରି ଆତ୍ମାନୁଭୂତି-ଲାଭ ଏହି ଶରୀରରେ ହୁଏ ।

ସ୍ୱାମୀଜୀ : ଭୟ କ'ଣ ? ମନର ଐକାନ୍ତିକତା ଥିଲେ ମୁଁ ନିଶ୍ଚୟ କହୁଛି, ଏହି ଜନ୍ମରେ ହିଁ ହେବ, ତେବେ ପୁରୁଷକାର ଦରକାର । ପୁରୁଷକାର କ'ଣ ଜାଣୁ ? ଆତ୍ମଜ୍ଞାନ ଲାଭ କରିବି ହିଁ କରିବି, ଏଥିରେ ଯେତେ ବାଧା ବିପଦ ଆଗକୁ ଆସୁ, ତାହା କଟାଇବି ହିଁ କଟାଇବି —ଏହିଭଳି ଦୃଢ଼ ସଂକଳ୍ପ । ମା, ବାପ, ଭାଇ, ବନ୍ଧୁ, ସ୍ତ୍ରୀ, ପୁତ୍ର ପଛେ ମରନ୍ତୁ, ଏ ଦେହ ରହିଲେ ରହୁ, ଗଲେ ଯାଉ । ମୁଁ କୌଣସିମତେ ଫେରି ଚାହିଁବି ନାହିଁ, ଯେତେବେଳଯାଏ ମୋର ଆତ୍ମଦର୍ଶନ ନ ଘଟେ—ଏହିପରି ସବୁ ବିଷୟ ଉପେକ୍ଷା କରି, ଏକ ମନରେ ନିଜର goal (ଉଦ୍ଦେଶ୍ୟ) ଆଡ଼କୁ ଅଗ୍ରସର ହେବାର ଚେଷ୍ଟାର ନାମ ହିଁ ପୁରୁଷକାର । ନଚେତ୍ ଅନ୍ୟ ପୁରୁଷକାର ତ ପଶୁପକ୍ଷୀମାନେ ବି କରୁଛନ୍ତି । ମନୁଷ୍ୟ ଏହି ଦେହ ପାଇଅଛି—କେବଳ ମାତ୍ର ସେହି ଆତ୍ମଜ୍ଞାନ-ଲାଭ ନିମିତ୍ତ । ସଂସାରର ସମସ୍ତେ ଯେଉଁ ପଥରେ ଯାଉଛନ୍ତି, ତୁ ବି କ'ଣ ସେହି ସ୍ରୋତରେ ଦେହ ଭସାଇ ଚାଲିଯିବୁ ? ତେବେ ଆଉ ତୋର ପୁରୁଷକାର କ'ଣ ? ସମସ୍ତେ ତ ମରିବାକୁ ବସିଛନ୍ତି—ତୁ ଯେ ମୃତ୍ୟୁ ଜୟ କରିବାକୁ ଆସିଛୁ । ମହାବୀରଙ୍କ ପରି ଅଗ୍ରସର ହୁଅ—କେଉଁଥିକୁ ହିଁ ଭ୍ରୂକ୍ଷେପ କରିବୁ ନାହିଁ । କେତେଦିନ ପାଇଁ ବା ଶରୀର ? କେତେ ଦିନ ପାଇଁ ବା ସୁଖ-ଦୁଃଖ ? ଯଦି ମାନବ-ଦେହ ପାଇଛୁ, ତେବେ ଭିତରର ଆତ୍ମାକୁ ଜାଗ୍ରତ କର, ଆଉ କହ—ମୁଁ ଅଭୟ-ପଦ ପାଇଛି । କହ—ମୁଁ ସେହି ଆତ୍ମା, ଯହିଁରେ ମୋର କଞ୍ଚା 'ମୁଁତ୍ୱ' ବୁଡ଼ିଯାଇଛି । ଏହି ଭାବରେ ସିଦ୍ଧ ହୋଇଯା'; ତା'ପରେ, ଯେତେଦିନ ଦେହ ଥିବ—ସେତେଦିନ ଅପରକୁ ଏହି ମହାବୀର୍ଯ୍ୟପ୍ରଦ ଅଭୟବାଣୀ ଶୁଣା—'ତତ୍ତ୍ୱମସି', 'ଉତ୍ତିଷ୍ଠତ, ଜାଗ୍ରତ, ପ୍ରାପ୍ୟବରାନ୍ ନିବୋଧତ ।' ଏଇଟି ହେଲେ ତେବେ ଜାଣିବି ଯେ, ଯଥାର୍ଥ ତୁ ଏକାଜିଦିଆ ବାଙ୍ଗାଲ୍ ।

# ୩୫

ସ୍ଥାନ—ବେଲୁଡ଼ ମଠ
କାଳ—(ଜୁନ୍) ୧୯୦୧

ଶନିବାର ଉପରଓଳି ଶିଷ୍ୟ ମଠକୁ ଆସିଛି । ସ୍ୱାମୀଜୀଙ୍କ ଶରୀର ସେତେ ସୁସ୍ଥ ନୁହେଁ । ଶିଲଂ ପାହାଡ଼ରୁ ଅସୁସ୍ଥ ହୋଇ ଅଳ୍ପଦିନ ହେଲା ପ୍ରତ୍ୟାଗମନ କରିଛନ୍ତି । ତାଙ୍କ ଗୋଡ଼ ଫୁଲିଛି ଏବଂ ସମସ୍ତ ଶରୀରରେ ଯେଭଳି ଜଳ ସଞ୍ଚାର ହୋଇଅଛି । ସ୍ୱାମୀଜୀଙ୍କ ଗୁରୁଭ୍ରାତୃଗଣ ସେଥିପାଇଁ ଖୁବ୍ ଚିନ୍ତିତ ହୋଇଛନ୍ତି । ବଉବଜାରର ଶ୍ରୀଯୁକ୍ତ ମହାନନ୍ଦ କବିରାଜ ସ୍ୱାମୀଜୀଙ୍କୁ ଦେଖୁଛନ୍ତି । ସ୍ୱାମୀ ନିରଞ୍ଜନାନନ୍ଦଙ୍କ ଅନୁରୋଧରେ ସ୍ୱାମୀଜୀ କବିରାଜୀ ଔଷଧ ଖାଇବାକୁ ସ୍ୱୀକୃତ ହୋଇଛନ୍ତି । ଆଗାମୀ ମଙ୍ଗଳବାରରୁ ଲୁଣ ଓ ପାଣି ବନ୍ଦ କରି 'ବନ୍ଧା' ଔଷଧ ଖାଇବାକୁ ହେବ—ଆଜି ରବିବାର ।

ଶିଷ୍ୟ : ମହାଶୟ, ଏହା ତ ଦାରୁଣ ଗ୍ରୀଷ୍ମକାଳ । ସେଥିରେ ପୁଣି ଆପଣ ଘଣ୍ଟାରେ ୪।୫ ଥର ଜଳପାନ କରନ୍ତି, ଏ ସମୟରେ ଆପଣଙ୍କର ଜଳ ବନ୍ଦ କରି ଔଷଧ ଖାଇବା ଅସହ୍ୟ ହେବ ।

ସ୍ୱାମୀଜୀ : ତୁ କ'ଣ କହୁଛୁ ? ଔଷଧ ଖାଇବା ଦିନ ସକାଳେ ଆଉ ଜଳପାନ କରିବି ନାହିଁ ବୋଲି ଦୃଢ଼ ସଂକଳ୍ପ କରିବି; ତାହାପରେ ଜଳର ଆଉ ସାଧ କ'ଣ ଯେ ତାହା ତଣ୍ଟି ଭିତରକୁ ଯିବ । ସେତେବେଳେ ଏକୋଇଶ ଦିନ ଜଳ ଆଉ ତଣ୍ଟି ଭିତରକୁ ଯାଇପାରୁ ନାହିଁ । ଶରୀରଟା ତ ମନର ହିଁ ଖୋଳ; ମନ ଯାହା କହିବ, ସେହିପରି ତ ତାକୁ ଚାଲିବାକୁ ହେବ, ତେବେ ଆଉ କ'ଣ ? ନିରଞ୍ଜନର ଅନୁରୋଧରେ ମୋତେ ଏହା କରିବାକୁ ହେଲା; ସେମାନଙ୍କର (ଗୁରୁଭ୍ରାତାମାନଙ୍କର) ଅନୁରୋଧ ତ ଆଉ ଉପେକ୍ଷା କରିବାର କଥା ନୁହେଁ ।

ବେଳ ପ୍ରାୟ ୧୦ଟା । ସ୍ୱାମୀଜୀ ଉପରେ ହିଁ ବସିଅଛନ୍ତି; ଶିଷ୍ୟ ସହିତ ପ୍ରସନ୍ନ ବଦନରେ ସ୍ତ୍ରୀଲୋକମାନଙ୍କ ନିମିତ୍ତ ଯେଉଁ ଭାବୀ ମଠ କରିବେ, ସେହି ବିଷୟର ପ୍ରସଙ୍ଗ ଉତ୍ଥାପନ କରି କହୁଛନ୍ତି : 'ମା'ଙ୍କୁ କେନ୍ଦ୍ରସ୍ଥାନୀୟା କରି ଗଙ୍ଗାର ପୂର୍ବ-ତଟରେ ସ୍ତ୍ରୀଲୋକମାନଙ୍କ ପାଇଁ ଗୋଟିଏ ମଠ ସ୍ଥାପନ କରିବାକୁ ହେବ । ଏହି ମଠରେ ଯେପରି ବ୍ରହ୍ମଚାରୀ ସାଧୁ ସବୁ ତିଆରି ହେବେ, ସେପାରିର ସ୍ତ୍ରୀଲୋକମାନଙ୍କ ମଠରେ ବି ସେହିପରି ବ୍ରହ୍ମଚାରିଣୀ ସାଧ୍ୱୀ ସବୁ ତିଆରି ହେବେ ।

ଶିଷ୍ୟ : ଆଜ୍ଞା, ଭାରତବର୍ଷରେ ବହୁ ପୂର୍ବକାଳରେ ସ୍ତ୍ରୀଲୋକମାନଙ୍କ ନିମିତ୍ତ କୌଣସି ମଠର କଥା ତ ଇତିହାସରେ ମିଳେ ନାହିଁ । ବୌଦ୍ଧଯୁଗରେ ହିଁ ସ୍ତ୍ରୀ-ମଠର କଥା ଶୁଣାଯାଏ । କିନ୍ତୁ କାଳକ୍ରମେ ସେଥିରେ ନାନା ବ୍ୟଭିଚାର ପଶି ଯାଇଥିଲା । ଘୋର ବାମାଚାରରେ ଦେଶ ପର୍ଯ୍ୟୁଷିତ ହୋଇଯାଇଥିଲା ।

ସ୍ୱାମୀଜୀ : ଏଦେଶରେ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଏତେ ତଫାତ୍ ଯେ କାହିଁକି କରା-ହୋଇଛି, ତାହା ବୁଝିବା କଠିନ । ବେଦାନ୍ତ-ଶାସ୍ତ୍ର ତ କହୁଛି—ଏକ ହିଁ ଚିତ୍‌ସତ୍ତା ସର୍ବଭୂତରେ ବିରାଜମାନ କରୁଛନ୍ତି । ତୁମେ ସ୍ତ୍ରୀମାନଙ୍କୁ କେବଳ ନିନ୍ଦା କର । କିନ୍ତୁ ତାଙ୍କ ଉନ୍ନତି ନିମିତ୍ତ କ'ଣ କରିଛ କହ ଦେଖି ? ସ୍ମୃତି ଫୃତି ଲେଖି, ନିୟମ-ନୀତିରେ ବନ୍ଧ କରି ଏ ଦେଶର ପୁରୁଷମାନେ ସ୍ତ୍ରୀମାନଙ୍କୁ ଏକାବେଳକେ manufacturing machine (ସନ୍ତାନ-ଉତ୍ପାଦନର ଯନ୍ତ୍ର) କରି ପକେଇଛନ୍ତି । ମହାମାୟାଙ୍କ ସାକ୍ଷାତ୍ ପ୍ରତିମା ଏହିସବୁ ସ୍ତ୍ରୀମାନଙ୍କୁ ବର୍ତ୍ତମାନ ନ ଉଠେଇଲେ ତୁମର ଆଉ ଉପାୟାନ୍ତର ଅଛି କି ?

ଶିଷ୍ୟ : ଆଜ୍ଞା, ସ୍ତ୍ରୀ-ଜାତି ସାକ୍ଷାତ୍ ମାୟାର ମୂର୍ତ୍ତି । ମନୁଷ୍ୟର ଅଧଃପତନ ପାଇଁ ଯେପରି ତାଙ୍କର ସୃଷ୍ଟି ହୋଇଛି । ସ୍ତ୍ରୀ-ଜାତି ମାୟା ଦ୍ୱାରା ମାନବର ଜ୍ଞାନବୈରାଗ୍ୟ ଘୋଡ଼ାଇ ପକାଏ । ତେଣୁ ବୋଧହୁଏ ଶାସ୍ତ୍ରକାର କହନ୍ତି—ସେମାନଙ୍କର ଜ୍ଞାନଭକ୍ତି କେବେ ବି ହେବ ନାହିଁ ।

ସ୍ୱାମୀଜୀ : କେଉଁ ଶାସ୍ତ୍ରରେ ଏପରି କଥା ଅଛି ଯେ, ସ୍ତ୍ରୀମାନେ ଜ୍ଞାନ-ଭକ୍ତିର ଅଧିକାରିଣୀ ହେବେ ନାହିଁ ? ଭାରତର ଅଧଃପତନ ଯେତେବେଳେ ହେଲା, ପୁରୋହିତ ବ୍ରାହ୍ମଣମାନେ ବ୍ରାହ୍ମଣେତର ଜାତିକୁ ବେଦପାଠର ଅନଧିକାରୀ ବୋଲି ନିର୍ଦ୍ଦେଶ କଲେ । ସେହି ସମୟରେ ସ୍ତ୍ରୀମାନଙ୍କର ମଧ୍ୟ ସକଳ ଅଧିକାର କାଢ଼ିନେଲେ । ନଚେତ୍ ବୈଦିକ ଯୁଗରେ ଉପନିଷଦ୍‌ର ଯୁଗରେ ଦେଖିବାକୁ ପାଇବୁ—ମୈତ୍ରେୟୀ, ଗାର୍ଗୀ ପ୍ରଭୃତି ପ୍ରାତଃସ୍ମରଣୀୟା ସ୍ତ୍ରୀଲୋକମାନେ ବ୍ରହ୍ମବିଚାରରେ ଋଷିସ୍ଥାନୀୟା ହୋଇ ରହିଛନ୍ତି । ହଜାର ହଜାର ବେଦଜ୍ଞ ବ୍ରାହ୍ମଣ ସଭାରେ ଗାର୍ଗୀ ସଗର୍ବରେ ଯାଜ୍ଞବଲ୍କ୍ୟଙ୍କୁ ବେଦ-ବିଚାର ପାଇଁ ଆହ୍ୱାନ କରିଥିଲେ । ଏହିସବୁ ଆଦର୍ଶସ୍ଥାନୀୟା ସ୍ତ୍ରୀମାନଙ୍କର ଯେତେବେଳେ ଅଧ୍ୟାତ୍ମଜ୍ଞାନରେ ଅଧିକାର ଥିଲା, ତେବେ ବର୍ତ୍ତମାନ କାହିଁକି ସ୍ତ୍ରୀମାନଙ୍କର ସେ ଅଧିକାର ରହିବ ନାହିଁ ? ଥରେ ଯାହା ଘଟିଛି, ତାହା ପୁଣି ଅବଶ୍ୟ ଘଟିପାରେ । History repeats itself (ଇତିହାସର ପୁନରାବୃତ୍ତି ହୁଏ) । ସ୍ତ୍ରୀମାନଙ୍କର ପୂଜା କରି ହିଁ ସବୁ ଜାତି ବଡ଼ ହୋଇଛନ୍ତି । ଯେଉଁ ଦେଶରେ ଯେଉଁ ଜାତିରେ ସ୍ତ୍ରୀମାନଙ୍କର ପୂଜା ନାହିଁ, ସେଦେଶ, ସେଜାତି କଦାପି ବଡ଼ ହୋଇପାରି ନାହିଁ, କସ୍ମିନ୍-କାଳେ ପାରିବ ବି ନାହିଁ । ତୁମ ଜାତିର ଯେ ଏତେ ଅଧଃପତନ ଘଟିଛି, ତା'ର ପ୍ରଧାନ କାରଣ ଏହିସବୁ ଶକ୍ତିମୂର୍ତ୍ତିର ଅବମାନନା କରିବା । ମନୁ କହିଛନ୍ତି—'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ । ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଫଳାଃ କ୍ରିୟାଃ ।'* ଯେଉଁଠାରେ ସ୍ତ୍ରୀମାନଙ୍କର ଆଦର ନାହିଁ, ସ୍ତ୍ରୀଲୋକମାନେ ନିରାନନ୍ଦରେ ଅବସ୍ଥାନ କରନ୍ତି—ସେ ସଂସାରର ସେ ଦେଶର କେବେ ଉନ୍ନତିର ଆଶା ନାହିଁ । ଏଥିପାଇଁ ଆଗେ ଏମାନଙ୍କୁ

---

* ଯେଉଁଠାରେ ନାରୀଗଣ ପୂଜିତା ହୁଅନ୍ତି, ସେଠାରେ ଦେବତାମାନେ ପ୍ରସନ୍ନ ହୁଅନ୍ତି । ଯେଉଁଠାରେ ନାରୀଗଣ ସମ୍ମାନିତା ହୁଅନ୍ତି ନାହିଁ, ସେଠାରେ ସକଳ କାର୍ଯ୍ୟ ନିଷ୍ଫଳ ମାତ୍ର । (ମନୁ, ୩।୫୬)

ଉଠାଇବାକୁ ହେବ—ଏମାନଙ୍କ ପାଇଁ ଆଦର୍ଶ ମଠ ସ୍ଥାପନ କରିବାକୁ ହେବ ।

ଶିଷ୍ୟ : ଆଜ୍ଞା, ପ୍ରଥମ ଥର ବିଲାତରୁ ଆସି ଷ୍ଟାର୍ ଥିଏଟର୍‌ରେ ବକ୍ତୃତା ଦେବା ସମୟରେ ଆପଣ ତନ୍ତ୍ରକୁ କେତେ ଗାଳି ଦେଇଥିଲେ । ବର୍ତ୍ତମାନ ପୁଣି ତନ୍ତ୍ର-ସମର୍ଥିତ ସ୍ତ୍ରୀ-ପୂଜାର ସମର୍ଥନ କରି ଆପଣଙ୍କ କଥା ଆପଣ ନିଜେ ହିଁ ଯେ ବଦଳାଇ ଦେଉଛନ୍ତି ।

ସ୍ୱାମୀଜୀ : ତନ୍ତ୍ରର ବାମାଚାର-ମତଟି ପରିବର୍ତ୍ତିତ ହୋଇ ବର୍ତ୍ତମାନ ଯାହା ରୂପ ନେଇଛି, ମୁଁ ତାହାର ନିନ୍ଦା କରିଥିଲି । ତନ୍ତ୍ରୋକ୍ତ ମାତୃ-ଭାବର ଅଥବା ଠିକ୍ ଠିକ୍ ବାମାଚାରର ତ ନିନ୍ଦା କରି ନାହିଁ । ଭଗବତୀ-ଜ୍ଞାନରେ ସ୍ତ୍ରୀମାନଙ୍କର ପୂଜା କରିବା ତନ୍ତ୍ରର ଅଭିପ୍ରାୟ । ବୌଦ୍ଧଧର୍ମର ଅଧଃପତନ ସମୟରେ ବାମାଚାର ଘୋର ଦୂଷିତ ହୋଇ ଉଠିଥିଲା । ସେହି ଦୂଷିତ ଭାବ ବର୍ତ୍ତମାନର ବାମାଚାରରେ ଏବେ ବି ଅଛି । ଏବେ ସୁଦ୍ଧା ଭାରତର ତନ୍ତ୍ରଶାସ୍ତ୍ର ସେହି ଭାବ ଦ୍ୱାରା influenced (ପ୍ରଭାବିତ) ହୋଇ ରହିଛି । ସେହିବୁ ବୀଭତ୍ସ ପ୍ରଥାର ହିଁ ମୁଁ ନିନ୍ଦା କରିଥିଲି—ବର୍ତ୍ତମାନ ବି ତାହା କରେ । ଯେଉଁ ମହାମାୟାଙ୍କ ରୂପରସାତ୍ମକ ବାହ୍ୟବିକାଶ ମନୁଷ୍ୟକୁ ଉନ୍ମାଦ କରି ରଖିଛି, ତାଙ୍କର ଜ୍ଞାନଭକ୍ତି, ବିବେକ, ବୈରାଗ୍ୟାଦି ଆନ୍ତର-ବିକାଶ ପୁଣି ମନୁଷ୍ୟକୁ ସର୍ବଜ୍ଞ, ସିଦ୍ଧସଂକଳ୍ପ ବ୍ରହ୍ମଜ୍ଞ କରିଦେଉଅଛି—ସେହି ମାତୃରୂପିଣୀ, ମୂର୍ତ୍ତିମତୀ-ବିଗ୍ରହସ୍ୱରୂପିଣୀ ସ୍ତ୍ରୀମାନଙ୍କର ପୂଜା କରିବାକୁ ମୁଁ କେବେ ହେଁ ନିଷେଧ କରି ନାହିଁ । 'ସୈଷା ପ୍ରସନ୍ନା ବରଦା ନୃଣାଂ ଭବତି ମୁକ୍ତୟେ'*—ଏହି ମହାମାୟାଙ୍କୁ ପୂଜା, ପ୍ରଣତି ଦ୍ୱାରା ପ୍ରସନ୍ନା ନ କରିପାରିଲେ ବ୍ରହ୍ମା, ବିଷ୍ଣୁ ପର୍ଯ୍ୟନ୍ତ କାହାର ବି ସାଧ୍ୟ ଯେ ତାଙ୍କ ହାତ ଛଡ଼ାଇ ମୁକ୍ତ ହୋଇଯିବେ ? ଗୃହଲକ୍ଷ୍ମୀମାନଙ୍କ ପୂଜାକଳ୍ପେ—ତାଙ୍କ ମଧ୍ୟରେ ବ୍ରହ୍ମବିଦ୍ୟା ବିକାଶକଳ୍ପେ ସ୍ତ୍ରୀମାନଙ୍କର ମଠ କରିଯିବି ।

ଶିଷ୍ୟ : ତାହା ଆପଣଙ୍କର ଉତ୍ତମ ସଂକଳ୍ପ ହୋଇପାରେ, କିନ୍ତୁ ସ୍ତ୍ରୀଲୋକ କେଉଁଠି ପାଇବେ ? ସମାଜର କଠିନ ବନ୍ଧନରେ କିଏ କୁଳବଧୂମାନଙ୍କୁ ସ୍ତ୍ରୀ-ମଠକୁ ଯିବାକୁ ଅନୁମତି ଦେବେ ?

ସ୍ୱାମୀଜୀ : କାହିଁକି ରେ ? ବର୍ତ୍ତମାନ ବି ଠାକୁରଙ୍କର କେତେ ଭକ୍ତିମତୀ ସ୍ତ୍ରୀଲୋକ ରହିଛନ୍ତି । ତାଙ୍କୁ ନେଇ ସ୍ତ୍ରୀ-ମଠ start (ଆରମ୍ଭ) କରିଦେଇଯିବି । ଶ୍ରୀଶ୍ରୀମାତାଠାକୁରାଣୀ ସେମାନଙ୍କର central figure (କେନ୍ଦ୍ରସ୍ୱରୂପା) ହୋଇ ବସିବେ । ଆଉ ଶ୍ରୀରାମକୃଷ୍ଣ-ଦେବଙ୍କ ଭକ୍ତମାନଙ୍କ ସ୍ତ୍ରୀ-କନ୍ୟାମାନେ ସେଥିରେ ପ୍ରଥମେ ବାସ କରିବେ । କାରଣ ସେମାନେ ଏ ପ୍ରକାର ସ୍ତ୍ରୀ-ମଠର ଉପକାରିତା ସହଜରେ ବୁଝିପାରିବେ । ତା'ପରେ ତାଙ୍କ ଦେଖାଦେଖି କେତେ ଗୃହସ୍ଥ ଏହି ମହାକାର୍ଯ୍ୟର ସହାୟ ହେବେ ।

ଶିଷ୍ୟ : ଠାକୁରଙ୍କ ଭକ୍ତମାନେ ଏ କାର୍ଯ୍ୟରେ ଅବଶ୍ୟ ଯୋଗ ଦେବେ । କିନ୍ତୁ ସାଧାରଣ ଲୋକେ ଏ କାର୍ଯ୍ୟରେ ସହାୟ ହେବେ ବୋଲି ମନେହୁଏ ନାହିଁ ।

ସ୍ୱାମୀଜୀ : ଜଗତର କୌଣସି ମହତ୍ କାର୍ଯ୍ୟ sacrifice (ତ୍ୟାଗ) ଛଡ଼ା ହୁଏ ନାହିଁ । ବଟବୃକ୍ଷର ଅଙ୍କୁର ଦେଖି କିଏ ମନେକରିପାରେ ଯେ, କାଳେ ଏହା ପ୍ରକାଣ୍ଡ ବରଗଛ

---

* ଚଣ୍ଡୀ, ୧।୫୭

ହେବ ? ବର୍ତ୍ତମାନ ତ ଏହିପରି ମଠ ସ୍ଥାପନ କରିବ ! ପରେ ଦେଖିବୁ, ଗୋଟିଏ ଅଧେ generation (ପୁରୁଷ) ପରେ ସେହି ମଠରୁ ମୂଳ ଦେଶର ଲୋକେ ବୁଝିପାରିବେ । ଏହି ଯେ ବିଦେଶୀ ଝିଅମାନେ ମୋର ଚେଲା ହୋଇଛନ୍ତି, ଏମାନେ ହିଁ ଏ କାର୍ଯ୍ୟରେ ଜୀବନପାତ କରିଯିବେ । ତୁମେ ସବୁ ଭୟ କାପୁରୁଷତା ଛାଡ଼ି ଏହି ମହତ୍ କାର୍ଯ୍ୟରେ ସହାୟ ହୁଅ । ଆଉ ଏହି ଉଚ୍ଚ ideal (ଆଦର୍ଶ) ସବୁ ଲୋକମାନଙ୍କ ଆଗରେ ଧର । ଦେଖିବୁ, ଏହାର ପ୍ରଭାବରେ ଦେଶ କାଳକ୍ରମେ ଉଜ୍ଜ୍ୱଳ ହୋଇ ଉଠିବ ।

ଶିଷ୍ୟ : ଆଜ୍ଞା, ସ୍ତ୍ରୀମାନଙ୍କ ପାଇଁ କି ପ୍ରକାର ମଠ କରିବାକୁ ଚାହାଁନ୍ତି, ତାହାର ସବିଶେଷ ବିବରଣ ମୋତେ କହନ୍ତୁ । ଶୁଣିବାକୁ ବିଶେଷ ଆଗ୍ରହ ହେଉଅଛି ।

ସ୍ୱାମୀଜୀ : ଗଙ୍ଗାର ସେପାରିରେ ଗୋଟିଏ ପ୍ରକାଣ୍ଡ ଜମି ନିଆଯିବ । ସେଥିରେ ଅବିବାହିତା କୁମାରୀମାନେ ଓ ବିଧବା ବ୍ରହ୍ମଚାରିଣୀମାନେ ରହିବେ । ପୁଣି ଭକ୍ତିମତୀ ଗୃହସ୍ଥ ସ୍ତ୍ରୀମାନେ ମଝିରେ ମଝିରେ ଆସି ରହିପାରନ୍ତି । ଏ ମଠ ସହିତ ପୁରୁଷମାନଙ୍କର କୌଣସି ପ୍ରକାର ସଂପର୍କ ରହିବ ନାହିଁ । ପୁରୁଷ-ମଠର ବୟୋବୃଦ୍ଧ ସାଧୁମାନେ ଦୂରରେ ଥାଇ ସ୍ତ୍ରୀ-ମଠର କାର୍ଯ୍ୟଭାର ଚଳାଇବେ । ସ୍ତ୍ରୀ-ମଠର ଝିଅମାନଙ୍କର ଗୋଟିଏ ସ୍କୁଲ ରହିବ; ସେଥିରେ ଧର୍ମଶାସ୍ତ୍ର, ସାହିତ୍ୟ, ସଂସ୍କୃତ, ବ୍ୟାକରଣ ଏପରିକି ଅଳ୍ପ ବହୁତ ଇଂରେଜୀ ମଧ୍ୟ ଶିକ୍ଷା ଦିଆଯିବ । ସିଲାଇକାମ, ରୋଷେଇ, ଗୃହକର୍ମର ଯାବତୀୟ ବିଧାନ ଏବଂ ଶିଶୁପାଳନର ସ୍ଥୂଳ ବିଷୟଗୁଡ଼ିକ ମଧ୍ୟ ଶିଖାଯିବ । ଏହାଛଡ଼ା ଜପ, ଧ୍ୟାନ, ପୂଜା ଏସବୁ ଶିକ୍ଷାର ଅଙ୍ଗ ରହିବ । ଯେଉଁମାନେ ଘର ଛାଡ଼ି ଏକାବେଳକେ ଏଠାରେ ରହିବେ, ସେମାନଙ୍କ ଅନ୍ନବସ୍ତ୍ର ଏହି ମଠରୁ ଦିଆଯିବ । ଯେଉଁମାନେ ତାହା କରି ନ ପାରିବେ ସେମାନେ ଏହି ମଠରେ ଦୈନିକ ଛାତ୍ରୀ ରୂପେ ଆସି ପଢ଼ାଶୁଣା କରିପାରିବେ । ଏପରି କି ମଠାଧ୍ୟକ୍ଷଙ୍କ ଅନୁମତିରେ ଏଠାରେ ମଝିରେ ମଝିରେ ରହିପାରିବେ ଓ ଯେତେଦିନ ରହିବେ, ଖାଇବାକୁ ମଧ୍ୟ ପାଇବେ । ଝିଅମାନଙ୍କ ବ୍ରହ୍ମଚର୍ଯ୍ୟ କଳ୍ପେ ଏହି ମଠରେ ବୟୋବୃଦ୍ଧା ବ୍ରହ୍ମଚାରିଣୀମାନେ ଛାତ୍ରୀମାନଙ୍କ ଶିକ୍ଷାର ଭାର ନେବେ । ଏହି ମଠରେ ୫।୭ ବର୍ଷ ଶିକ୍ଷା ପରେ ଝିଅମାନଙ୍କର ଅଭିଭାବକମାନେ ସେମାନଙ୍କର ବିବାହ ଦେଇପାରିବେ । ଯୋଗ୍ୟାଧିକାରିଣୀ ବୋଲି ବିବେଚିତ ହେଲେ, ଅଭିଭାବକମାନଙ୍କ ମତ ନେଇ ଛାତ୍ରୀମାନେ ଏଠାରେ ଚିରକୁମାରୀ-ବ୍ରତାବଲମ୍ବନରେ ଅବସ୍ଥାନ କରିପାରିବେ । ଯେଉଁମାନେ ଚିରକୁମାରୀବ୍ରତ ଅବଲମ୍ବନ କରିବେ, ସେହିମାନେ ହିଁ ସମୟ କ୍ରମେ ଏହି ମଠର ଶିକ୍ଷୟିତ୍ରୀ ଓ ପ୍ରଚାରିକା ହୋଇପାରିବେ ଏବଂ ଗ୍ରାମେ ଗ୍ରାମେ, ନଗରେ centres (ଶିକ୍ଷାକେନ୍ଦ୍ର) ଖୋଲି ଝିଅମାନଙ୍କର ଶିକ୍ଷା-ବିସ୍ତାର ପାଇଁ ଯତ୍ନ କରିବେ । ଚରିତ୍ରବତୀ, ଧର୍ମଭାବାପନ୍ନ ଏହିଭଳି ପ୍ରଚାରିକାମାନଙ୍କ ଦ୍ୱାରା ଦେଶରେ ଯଥାର୍ଥ ସ୍ତ୍ରୀ-ଶିକ୍ଷାର ବିସ୍ତାର ହେବ । ଧର୍ମପରାୟଣତା, ତ୍ୟାଗ ଓ ସଂଯମ ଏଠିକାର ଛାତ୍ରୀମାନଙ୍କର ଭୂଷଣ ହେବ, ଏବଂ ସେବାଧର୍ମ ସେମାନଙ୍କର ଜୀବନ-ବ୍ରତ ହେବ । ଏହିପରି ଆଦର୍ଶ ଜୀବନ ଦେଖିଲେ କିଏ ସେମାନଙ୍କୁ ସମ୍ମାନ ନ କରିବ—କିଏ ବା ସେମାନଙ୍କୁ ଅବିଶ୍ୱାସ କରିବ ? ଦେଶର ସ୍ତ୍ରୀଲୋକ-ମାନଙ୍କର ଜୀବନ ଏହିରୂପେ ଗଠିତ ହୋଇପାରିଲେ ତୁମ ଦେଶରେ ସୀତା, ସାବିତ୍ରୀ,

ଗାର୍ଗୀଙ୍କର ପୁଣି ଅଭ୍ୟୁତ୍ଥାନ ହେବ । ଦେଶାଚାରର ଘୋର ବନ୍ଧନରେ ପ୍ରାଣହୀନ, ସ୍ପନ୍ଦନହୀନ ହୋଇ ତୁମ ଦେଶର ସ୍ତ୍ରୀମାନେ ବର୍ତ୍ତମାନ ଯେ କ'ଣ ହୋଇଯାଇଛନ୍ତି, ତାହା ଥରେ ପାଶ୍ଚାତ୍ୟ ଦେଶ ଦେଖି ଆସିଲେ ବୁଝିପାରନ୍ତ । ସ୍ତ୍ରୀମାନଙ୍କର ଏହି ଦୁର୍ଦ୍ଦଶା ପାଇଁ ତୁମେ, ପୁରୁଷମାନେ ହିଁ ଦାୟୀ । ପୁଣି ଦେଶର ସ୍ତ୍ରୀମାନଙ୍କୁ ଜାଗ୍ରତ କରିବା ମଧ୍ୟ ତୁମର ହାତରେ ରହିଛି । ତେଣୁ କହୁଛି, କାମରେ ଲାଗି ଯା' । ଖାଲି କେତେଗୁଡ଼ାଏ ବେଦବେଦାନ୍ତ ମୁଖସ୍ଥ କରି କ'ଣ ହେବ ?

ଶିଷ୍ୟ : ଆଜ୍ଞା, ଏଠାରେ ଶିକ୍ଷାଲାଭ କରି ବି ଯଦି ଝିଅମାନେ ବିବାହ କରନ୍ତି, ତେବେ ସେମାନଙ୍କ ଭିତରେ ଆଦର୍ଶ ଜୀବନ ଲୋକମାନେ କିପରି ଦେଖିବାକୁ ପାଇବେ ? ଏପରି ନିୟମ ହେଲେ କ'ଣ ଭଲ ହେବ ନାହିଁ ଯେ, ଯେଉଁମାନେ ଏହି ମଠରେ ଶିକ୍ଷା ଲାଭ କରିବେ, ସେମାନେ ଆଉ ବିବାହ କରିପାରିବେ ନାହିଁ ?

ସ୍ୱାମୀଜୀ : ତାହା କ'ଣ ଏକାବେଳେକେ ହୁଏ ରେ ? ଶିକ୍ଷା ଦେଇ ଛାଡ଼ିଦେବାକୁ ହେବ, ତା'ପରେ ନିଜେ ସେମାନେ ଭାବିଚିନ୍ତି ଯାହା କରିବେ । ବିବାହ କରି ସଂସାରୀ ହେଲେ ସୁଦ୍ଧା ଏହି ରୂପେ ଶିକ୍ଷିତା ଝିଅମାନେ ନିଜ ନିଜ ପତିଙ୍କୁ ଉଚ୍ଚ ଭାବରେ ପ୍ରେରଣା ଦେବେ ଓ ବୀର ପୁତ୍ରର ଜନନୀ ହେବେ । କିନ୍ତୁ ସ୍ତ୍ରୀ-ମଠର ଛାତ୍ରୀମାନଙ୍କର ଅଭିଭାବକମାନେ ୧୫ ବର୍ଷ ବୟସ ଆଗରୁ ସେମାନଙ୍କର ବିବାହ ଦେବାର ନାମଗନ୍ଧ ଧରିପାରିବେ ନାହିଁ—ଏ ନିୟମ ରଖିବାକୁ ହେବ ।

ଶିଷ୍ୟ : ଆଜ୍ଞା, ତାହାହେଲେ ସମାଜରେ ଏହିସବୁ ଝିଅଙ୍କର କଳଙ୍କ ରଟିବ । ସେମାନଙ୍କୁ ଆଉ କେହି ବିବାହ କରିବାକୁ ଚାହିଁବେ ନାହିଁ ।

ସ୍ୱାମୀଜୀ : କାହିଁକି ଚାହିଁବେ ନାହିଁ ? ତୁ ସମାଜର ଗତି ଏବେ ବି ବୁଝିପାରି ନାହୁଁ । ଏହିସବୁ ବିଦୁଷୀ ଓ କର୍ମତତ୍ପର ଝିଅଙ୍କର ବରର ଅଭାବ ରହିବ ନାହିଁ । 'ଦଶମେ କନ୍ୟକା-ପ୍ରାପ୍ତିଃ'—ସେହିସବୁ ବଚନରେ ବର୍ତ୍ତମାନ ସମାଜ ଚାଲୁ ନାହିଁ—ଚାଲିବ ବି ନାହିଁ । ଏବେ ବି କ'ଣ ଦେଖିପାରୁ ନାହୁଁ ?

ଶିଷ୍ୟ : ଯାହା କହନ୍ତୁ—କିନ୍ତୁ ପ୍ରଥମ ପ୍ରଥମ ଏହା ବିରୋଧରେ ଗୋଟାଏ ଘୋରତର ଆନ୍ଦୋଳନ ହେବ ।

ସ୍ୱାମୀଜୀ : ତାହା ହେଉନା; ସେଥିରେ ଭୟ କ'ଣ ? ସତ୍ସାହସରେ ଅନୁଷ୍ଠିତ ସତ୍ କାର୍ଯ୍ୟରେ ବାଧା ପାଇଲେ ଅନୁଷ୍ଠାନମାନଙ୍କର ଶକ୍ତି ଅଧିକ ତେଜିଉଠିବ । ଯହିଁରେ ବାଧା ନାହିଁ—ପ୍ରତିକୂଳତା ନାହିଁ, ତାହା ମନୁଷ୍ୟଙ୍କୁ ମୃତ୍ୟୁପଥକୁ ନେଇଯାଏ । Struggle ହିଁ (ବାଧାବିଘ୍ନ ଅତିକ୍ରମ କରିବାର ଚେଷ୍ଟା ହିଁ) ଜୀବନର ଚିହ୍ନ । ବୁଝିଲୁ ?

ଶିଷ୍ୟ : ଆଜ୍ଞା ହଁ ।

ସ୍ୱାମୀଜୀ : ପରମ ବ୍ରହ୍ମତତ୍ତ୍ୱରେ ଲିଙ୍ଗ-ଭେଦ ନାହିଁ । ଆମେ 'ମୁଁ'-'ତୁ'ର planeରେ (ଭୂମିରେ) ଲିଙ୍ଗ-ଭେଦଟା ଦେଖିବାକୁ ପାଉଁ । ପୁଣି ମନ ଯେତେ ଅନ୍ତର୍ମୁଖ ହେଉଥାଏ, ସେତେ ସେହି ଭେଦ-ଜ୍ଞାନଟା ଚାଲିଯାଏ । ଶେଷରେ ମନ ଯେତେବେଳେ ସମରସ

ବ୍ରହ୍ମତତ୍ତ୍ୱରେ ବୁଡ଼ିଯାଏ, ସେତେବେଳେ ଆଉ 'ଏ ସ୍ତ୍ରୀ, ସେ ପୁରୁଷ'—ଏହି ଜ୍ଞାନ ଏକାବେଳକେ ରହେ ନାହିଁ । ଆମେ ଠାକୁରଙ୍କଠାରେ ଏପରି ପ୍ରତ୍ୟକ୍ଷ ଦେଖିଛୁ । ସେଇଥିପାଇଁ କହୁଛି—ସ୍ତ୍ରୀ-ପୁରୁଷରେ ବାହ୍ୟଭେଦ ଥିଲେ ମଧ୍ୟ ସ୍ୱରୂପତଃ କୌଣସି ଭେଦ ନାହିଁ । ଅତଏବ ପୁରୁଷମାନେ ଯଦି ବ୍ରହ୍ମଜ୍ଞ ହୋଇପାରନ୍ତି, ତେବେ ସ୍ତ୍ରୀଲୋକମାନେ ତାହା ହୋଇପାରିବେ ନାହିଁ କାହିଁକି ? ତେଣୁ କହୁଥିଲି ସ୍ତ୍ରୀମାନଙ୍କ ମଧ୍ୟରେ ଜଣେ ସୁଦ୍ଧା ଯଦି କାଳକ୍ରମେ ବ୍ରହ୍ମଜ୍ଞ ହୁଅନ୍ତି, ତେବେ ତାଙ୍କ ପ୍ରଭାବରେ ହଜାର ହଜାର ସ୍ତ୍ରୀଲୋକ ଜାଗି ଉଠିବେ ଏବଂ ଦେଶର ଓ ସମାଜର କଲ୍ୟାଣ ହେବ । ବୁଝିଲୁ ?

ଶିଷ୍ୟ : ଆଜ୍ଞା, ଆପଣଙ୍କ ଉପଦେଶରେ ଆଜି ମୋର ଚକ୍ଷୁ ଖୋଲିଗଲା ।

ସ୍ୱାମୀଜୀ : ଏବେ ବି କ'ଣ ଖୋଲିଛି ? ଯେତେବେଳେ ସର୍ବାବଭାସକ ଆତ୍ମତତ୍ତ୍ୱ ପ୍ରତ୍ୟକ୍ଷ କରିବୁ, ସେତେବେଳେ ଦେଖିବୁ—ଏହି ସ୍ତ୍ରୀ-ପୁରୁଷ-ଭେଦ-ଜ୍ଞାନ ଏକାବେଳକେ ଲୁପ୍ତ ହେବ; ସେତେବେଳେ ଯାଇ ସ୍ତ୍ରୀମାନେ ବ୍ରହ୍ମରୂପିଣୀ ବୋଲି ବୋଧ ହେବେ । ଠାକୁରଙ୍କୁ ଦେଖିଛି—ସ୍ତ୍ରୀ ମାତ୍ରେ ହିଁ ମାତୃଭାବ—ସେ ଯେଉଁ ଜାତିର ଯେପରି ସ୍ତ୍ରୀଲୋକ ହେଉନା କାହିଁକି ? ଦେଖିଛି କି ନା ! ତେଣୁ ଏତେକରି ତୁମକୁ ଏହିପରି ହେବାକୁ କହେ ଓ ସ୍ତ୍ରୀମାନଙ୍କ ପାଇଁ ଗ୍ରାମେ ଗ୍ରାମେ ପାଠଶାଳା ଖୋଲି ସେମାନଙ୍କୁ ମଣିଷ କରିବାକୁ କୁହେଁ । ସ୍ତ୍ରୀମାନେ ମଣିଷ ହେଲେ ଯାଇ କାଳକ୍ରମେ ତାଙ୍କର ସନ୍ତାନସନ୍ତତିଙ୍କ ଦ୍ୱାରା ଦେଶର ମୁଖ ଉଜ୍ଜ୍ୱଳ ହେବ—ବିଦ୍ୟା, ଜ୍ଞାନ, ଶକ୍ତି, ଭକ୍ତି ଦେଶରେ ଜାଗି ଉଠିବ ।

ଶିଷ୍ୟ : ଆଧୁନିକ ଶିକ୍ଷାରେ କିନ୍ତୁ ବିପରୀତ ଫଳ ଫଳୁଛି ବୋଲି ବୋଧହେଉଛି । ଝିଅମାନେ କିଛିଏ ଅଧେ ପଢ଼ିବା ମାତ୍ରେ ସେମିଜ୍, ଗାଉନ୍ ପିନ୍ଧିବାକୁ ହିଁ ଶିଖୁଛନ୍ତି; କିନ୍ତୁ ତ୍ୟାଗ, ସଂଯମ, ତପସ୍ୟା, ବ୍ରହ୍ମଚର୍ଯ୍ୟାଦି ବ୍ରହ୍ମବିଦ୍ୟା-ଲାଭର ଉପଯୋଗୀ ବିଷୟରେ କେତେଦୂର ଯେ ଉନ୍ନତ ହେଉଛନ୍ତି, ତାହା ବୁଝିହେଉ ନାହିଁ ।

ସ୍ୱାମୀଜୀ : ପ୍ରଥମ ପ୍ରଥମ ସେପରି ହୋଇଥାଏ । ଦେଶରେ ନୂତନ idea-ର (ଭାବର) ପ୍ରଥମ ପ୍ରଚାର କାଳରେ କେତେଗୁଡ଼ିଏ ଲୋକ ଏହି ଭାବ ଠିକ୍ ଠିକ୍ ଗ୍ରହଣ କରି ନ ପାରି ସେପରି ଖରାପ ହୋଇଯାନ୍ତି । ସେଥିରେ ବିରାଟ ସମାଜର କ'ଣ ଯାଏ ଆସେ ? କିନ୍ତୁ ଯେଉଁ-ମାନେ ଅଧୁନା ପ୍ରଚଳିତ ଯତ୍‌ସାମାନ୍ୟ ସ୍ତ୍ରୀ-ଶିକ୍ଷା ନିମିତ୍ତ ଉଦ୍ୟୋଗୀ ହୋଇଥିଲେ, ସେମାନ-ଙ୍କର ମହାପ୍ରାଣତାରେ କ'ଣ ସନ୍ଦେହ ଅଛି ? ତେବେ କ'ଣ ଜାଣୁ, ଶିକ୍ଷା କହ ବା ଦୀକ୍ଷା ହିଁ କହ, ଧର୍ମହୀନ ହେଲେ ସେଥିରେ ଭୁଲ ରହିବ ହିଁ ରହିବ । ବର୍ତ୍ତମାନ ଧର୍ମକୁ centre (କେନ୍ଦ୍ର) କରି ରଖି ସ୍ତ୍ରୀ-ଶିକ୍ଷାର ପ୍ରଚାର କରିବାକୁ ହେବ । ଧର୍ମ ଛଡ଼ା ଅନ୍ୟ ଶିକ୍ଷାଟା secondary (ଗୌଣ) ହେବ । ଧର୍ମଶିକ୍ଷା, ଚରିତ୍ରଗଠନ, ବ୍ରହ୍ମଚର୍ଯ୍ୟ-ବ୍ରତୋଦ୍‌ଯାପନ—ଏଥିପାଇଁ ଶିକ୍ଷାର ଦରକାର । ବର୍ତ୍ତମାନ କାଳରେ ଏପର୍ଯ୍ୟନ୍ତ ଭାରତରେ ଯେଉଁ ସ୍ତ୍ରୀ-ଶିକ୍ଷାର ପ୍ରଚାର ହୋଇଛି, ସେଥିରେ ଧର୍ମଟାକୁ ହିଁ secondary (ଗୌଣ) କରି ରଖାଯାଇଛି । ସେଥିଯୋଗୁଁ ତୁ ଯେଉଁସବୁ ଦୋଷର କଥା କହିଲୁ, ସେଗୁଡ଼ିକ ହୋଇଛି । କିନ୍ତୁ ସେଥିରେ ସ୍ତ୍ରୀଲୋକମାନଙ୍କର କି ଦୋଷ କହ ? ସଂସ୍କାରକମାନେ ନିଜେ ବ୍ରହ୍ମଜ୍ଞ ନ ହୋଇ ସ୍ତ୍ରୀ-ଶିକ୍ଷା

ଦେବାକୁ ଅଗ୍ରସର ହୋଇଥିବାରୁ ହିଁ ସେମାନଙ୍କର ଏପରି ଅବସ୍ଥାରେ ପାଦ ପଡ଼ୁଛି । ସକଳ ସତ୍କାର୍ଯ୍ୟର ପ୍ରବର୍ତ୍ତିକଙ୍କୁ ହିଁ ଅଭିପ୍ସିତ କାର୍ଯ୍ୟାନୁଷ୍ଠାନ ପୂର୍ବରୁ କଠୋର ତପସ୍ୟା ସହାୟତାରେ ଆତ୍ମଜ୍ଞ ହେବା ଆବଶ୍ୟକ; ନଚେତ୍ ତାଙ୍କ କାର୍ଯ୍ୟରେ ଦୋଷ ବାହାରିବ । ବୁଝିଲୁ ?

ଶିଷ୍ୟ : ଆଜ୍ଞା ହଁ, ଦେଖାଯାଏ ଅନେକ ଶିକ୍ଷିତା ସ୍ତ୍ରୀ କେବଳ ନଭେଲ ନାଟକ ପଢ଼ି ସମୟ କଟାନ୍ତି; ପୂର୍ବବଙ୍ଗରେ କିନ୍ତୁ ସ୍ତ୍ରୀଲୋକମାନେ ଶିକ୍ଷିତା ହୋଇ ସୁଦ୍ଧା ନାନା ବ୍ରତର ଅନୁଷ୍ଠାନ କରିଥାଆନ୍ତି । ଏଦେଶରେ ଏପରି କରନ୍ତି କି ?

ସ୍ୱାମୀଜୀ : ଭଲ ମନ୍ଦ ସବୁ ଦେଶରେ, ସବୁ ଜାତି ଭିତରେ ରହିଛି । ଆମର କାମ ହେଉଛି—ନିଜ ଜୀବନରେ ଭଲ କାମ କରି ଲୋକଙ୍କ ଆଗରେ example (ଦୃଷ୍ଟାନ୍ତ) ଦେଖାଇବା । Condemn (ନିନ୍ଦାବାଦ) କରି କୌଣସି କାର୍ଯ୍ୟ ସଫଳ ହୁଏ ନାହିଁ । ସେଥିରେ କେବଳ ଲୋକମାନେ ପଛେଇ ଯାଆନ୍ତି । ଯେ ଯାହା କହିବାର କହୁ—କାହାକୁ ବି contradict (ଅସ୍ୱୀକାର) କରିବୁ ନାହିଁ । ଏହି ମାୟାର ଜଗତରେ ଯାହା କରିବାକୁ ଯିବୁ, ସେଥିରେ ବି ଦୋଷ ରହିବ—'ସର୍ବାରମ୍ଭା ହି ଦୋଷେଣ ଧୂମେନାଗ୍ନିରିବାବୃତାଃ' ।* —ନିଆଁ ଥିଲେ ହିଁ ଧୂଆଁ ଉଠିବ । କିନ୍ତୁ ସେଥିପାଇଁ କ'ଣ ନିଶ୍ଚେଷ୍ଟ ହୋଇ ବସି ରହିବାକୁ ହେବ ? ଯେତେଟା ପାରୁଛୁ, ଭଲ କାମ କରି ଯିବାକୁ ହେବ ।

ଶିଷ୍ୟ : ଭଲ କାମଟା କ'ଣ ?

ସ୍ୱାମୀଜୀ : ଯାହା ବ୍ରହ୍ମ-ବିକାଶରେ ସାହାଯ୍ୟ କରେ, ତାହା ହିଁ ଭଲ କାମ । ସବୁ କାର୍ଯ୍ୟ ହିଁ ପ୍ରତ୍ୟକ୍ଷରେ ନ ହେଲେ ମଧ୍ୟ ପରୋକ୍ଷଭାବରେ ଆତ୍ମତତ୍ତ୍ୱ-ବିକାଶର ସାହାଯ୍ୟକାରୀ ଭାବରେ କରାଯାଏ । ତେବେ ଋଷି-ପ୍ରଚଳିତ ପଥରେ ଚାଲିଲେ ସେହି ଆତ୍ମଜ୍ଞାନ ଶୀଘ୍ର ଫୁଟି ବାହାରେ । ଆଉ ଯାହାକୁ ଶାସ୍ତ୍ରକାରମାନେ ଅନ୍ୟାୟ ବୋଲି ନିର୍ଦ୍ଦେଶ କରିଛନ୍ତି, ସେସବୁ କଲେ ଆତ୍ମାର ବନ୍ଧନ ଘଟେ, କେବେ କେବେ ଜନ୍ମଜନ୍ମାନ୍ତରରେ ବି ସେହି ମୋହ-ବନ୍ଧନ ଘୁଞ୍ଚେ ନାହିଁ, କିନ୍ତୁ ସବୁଦେଶରେ ସବୁକାଳରେ ହିଁ ଜୀବର ମୁକ୍ତି ଅବଶ୍ୟମ୍ଭାବୀ । କାରଣ ଆତ୍ମା ହିଁ ଜୀବର ପ୍ରକୃତ ସ୍ୱରୂପ । ନିଜର ସ୍ୱରୂପ ନିଜେ କ'ଣ ଛାଡ଼ିପାରେ ? ତୋର ଛାଇ ସାଙ୍ଗରେ ତୁ ହଜାରେ ବର୍ଷ ଲଢ଼େଇ କଲେ ବି କ'ଣ ଛାୟାକୁ ବାହାର କରିଦେଇପାରୁ ? ସେ ତୋ ସଙ୍ଗରେ ରହିବ ହିଁ ରହିବ ।

ଶିଷ୍ୟ : କିନ୍ତୁ ଆଜ୍ଞା, ଆଚାର୍ଯ୍ୟ ଶଙ୍କରଙ୍କ ମତରେ କର୍ମ ଜ୍ଞାନର ପରିପନ୍ଥୀ ।, ଜ୍ଞାନକର୍ମ-ସମୁଚ୍ଚୟକୁ ସେ ବହୁଧା ଖଣ୍ଡନ କରିଛନ୍ତି । ଅତଏବ କର୍ମ କିପରି ଜ୍ଞାନର ପ୍ରକାଶକ ହେବ ?

ସ୍ୱାମୀଜୀ : ଆଚାର୍ଯ୍ୟ ଶଙ୍କର ଏପରି କହି ପୁଣି ଜ୍ଞାନବିକାଶକଳ୍ପେ କର୍ମକୁ ଆପେକ୍ଷିକ ସାହାଯ୍ୟକାରୀ ଏବଂ ସତ୍ତ୍ୱଶୁଦ୍ଧିର ଉପାୟ ବୋଲି ନିର୍ଦ୍ଦେଶ କରିଛନ୍ତି । ତେବେ ଶୁଦ୍ଧ ଜ୍ଞାନରେ କର୍ମର ଅନୁପ୍ରବେଶ ନାହିଁ—ଭାଷ୍ୟକାରଙ୍କର ଏ ସିଦ୍ଧାନ୍ତର ମୁଁ ପ୍ରତିବାଦ କରୁ ନାହିଁ । କ୍ରିୟା-

* ଗୀତା, ୧୮।୪୮

କର୍ତ୍ତା ଓ କର୍ମ-ବୋଧ ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର ଥିବ, ସେତେଦିନ ପର୍ଯ୍ୟନ୍ତ ତା'ର କ'ଣ ସାଧ୍ୟ ଅଛି ଯେ, କାର୍ଯ୍ୟ ନ କରି ବସି ରହିବ ? ଅତଏବ କର୍ମ ଯେତେବେଳେ ଜୀବର ସ୍ୱଭାବ ରୂପେ ଦଣ୍ଡାୟମାନ ହେଉଅଛି, ସେତେବେଳେ ଯେଉଁସବୁ କର୍ମ ଏହି ଆତ୍ମଜ୍ଞାନବିକାଶକଳେ ସହାୟକ ହୁଏ, ସେସବୁ କାହିଁକି କରଯାଉ ନାହୁଁ ? କର୍ମମାତ୍ରେ ହିଁ ଭ୍ରମାତ୍ମକ—ଏକଥା ପାରମାର୍ଥିକ ରୂପରେ ଯଥାର୍ଥ ହେଲେ ମଧ୍ୟ ବ୍ୟାବହାରିକକଳେ କର୍ମର ବିଶେଷ ଉପଯୋଗିତା ଅଛି । ତୁ ଯେତେବେଳେ ଆତ୍ମତତ୍ତ୍ୱ ପ୍ରତ୍ୟକ୍ଷ କରିବୁ, ସେତେବେଳେ କର୍ମ କରିବା ନ କରିବା ତୋର ଇଚ୍ଛାଧୀନ ହୋଇଯିବ । ସେହି ଅବସ୍ଥାରେ ତୁ ଯାହା କରିବୁ ତାହା ହିଁ ସତ୍କର୍ମ ହେବ; ତହିଁରେ ଜୀବର, ଜଗତର କଲ୍ୟାଣ ହେବ । ବ୍ରହ୍ମବିକାଶ ହେଲେ ତୋର ଶ୍ୱାସ-ପ୍ରଶ୍ୱାସର ତରଙ୍ଗ ପର୍ଯ୍ୟନ୍ତ ଜୀବର ସାହାଯ୍ୟକାରୀ ହେବ । ସେତେବେଳେ ଆଉ plan (ଯୋଜନା) ଠିକ୍ କରି କର୍ମ କରିବାକୁ ହେବ ନାହିଁ ବୁଝିଲୁ ?

ଶିଷ୍ୟ : ଆହା, ଏହା ବେଦାନ୍ତର କର୍ମ ଓ ଜ୍ଞାନର ସମନ୍ୱୟକାରୀ ଅତି ସୁନ୍ଦର ମୀମାଂସା ।

ଅନନ୍ତର ତଳେ ପ୍ରସାଦ ପାଇବାର ଘଣ୍ଟା ବାଜିଲା ଏବଂ ସ୍ୱାମୀଜୀ ଶିଷ୍ୟଙ୍କୁ ପ୍ରସାଦ ପାଇବାକୁ ଯିବାକୁ କହିଲେ । ଶିଷ୍ୟ ମଧ୍ୟ ସ୍ୱାମୀଜୀଙ୍କ ପାଦପଦ୍ମରେ ପ୍ରଣତ ହୋଇ ଯିବା ପୂର୍ବରୁ କର ଯୋଡ଼ି କରି କହିଲା, 'ମହାଶୟ, ଆପଣଙ୍କ ସ୍ନେହାଶୀର୍ବାଦରେ ମୋର ଯେପରି ଏହି ଜନ୍ମରେ ହିଁ ବ୍ରହ୍ମଜ୍ଞାନ ଅପରୋକ୍ଷ ହୁଏ । ସ୍ୱାମୀଜୀ ଶିଷ୍ୟର ମସ୍ତକରେ ହାତ ଦେଇ କହିଲେ—'ଭୟ କ'ଣ ବାବା ? ତୁମେ କ'ଣ ଆଉ ଏ ଜଗତର ଲୋକ—ନା ଗୃହସ୍ଥ, ନା ସନ୍ନ୍ୟାସୀ ! ଏପରି ଗୋଟାଏ ନୂତନ ଢଙ୍ଗ ।'

## ୩୨

ସ୍ଥାନ—ବେଲୁଡ଼ ମଠ
କାଳ—(ଜୁନ ?) ୧୯୦୧

ସ୍ୱାମୀଜୀଙ୍କ ଶରୀର ଅସୁସ୍ଥ । ଆଜିକୁ ପ୍ରାୟ ୫।୭ ଦିନ ହେବ କବିରାଜୀ ଔଷଧ ଖାଉଛନ୍ତି । ଏହି ଔଷଧରେ ଜଳପାନ ଏକାବେଳକେ ନିଷିଦ୍ଧ । ଦୁଗ୍ଧ ମାତ୍ର ପାନ କରି ତୃଷ୍ଣା ନିବାରଣ କରିବାକୁ ହେଉଅଛି ।

ଶିଷ୍ୟ ସକାଳୁ ମଠକୁ ଆସିଛି । ସ୍ୱାମୀଜୀ ଯେ ଏପରି ଔଷଧ ଖାଉଛନ୍ତି ତାହା ସେ ଇତପୂର୍ବେ ଶୁଣି ନାହିଁ । ଆସିବା ସମୟରେ ଗୋଟାଏ ରୋହିମାଛ ଠାକୁରଙ୍କ ଭୋଗ ପାଇଁ ଆଣିଛି । ମାଛ ଦେଖି ସ୍ୱାମୀ ପ୍ରେମାନନ୍ଦ ତାହାକୁ କହିଲେ—'ଆଜି ବି କିଏଣ୍ଟି ମାଛ

ଅଣିବାକୁ ହୁଏ ? ଏକେ ତ ଆଜି ରବିବାର, ତା' ଉପରେ ସ୍ୱାମୀଜୀ ଅସୁସ୍ଥ—କେବଳ ଦୁଧ ପିଇ ଆଜିକି ୫।୭ ଦିନ ହେଲା ଅଛନ୍ତି ।'

ଶିଷ୍ୟ ଅପ୍ରସ୍ତୁତ ହୋଇ ତଳେ ମାଛ ରଖିଦେଇ ସ୍ୱାମୀଜୀଙ୍କ ପାଦପଦ୍ମ-ଦର୍ଶନ-ମାନସରେ ଉପରକୁ ଗଲା । ସ୍ୱାମୀଜୀ ଶିଷ୍ୟକୁ ଦେଖି ସସ୍ନେହରେ କହିଲେ, 'ଆସିଛୁ ? ଭଲ ହୋଇଛି, ତୋ'ର କଥା ଭାବୁଥିଲି ।'

ଶିଷ୍ୟ : ଶୁଣିଲି—କେବଳ ଦୁଧମାତ୍ର ପାନ କରି ଆଜକୁ ୫।୭ ଦିନ ରହିଛନ୍ତି ?

ସ୍ୱାମୀଜୀ : ହଁ, ନିରଞ୍ଜନର ଏକାନ୍ତ ଅନୁରୋଧରେ କବିରାଜୀ ଔଷଧ ଖାଇବାକୁ ହେଲା । ତାଙ୍କ କଥା ତ ଏଡ଼ିପାରେ ନାହିଁ ।

ଶିଷ୍ୟ : ଆପଣ ତ ଘଣ୍ଟାରେ ପାଞ୍ଚଥର ପାଣି ପିଉଥିଲେ । ବର୍ତ୍ତମାନ ତାହା ପୁରାପୁରି କିପରି ଛାଡ଼ିଦେଲେ ?

ସ୍ୱାମୀଜୀ : ଯେତେବେଳେ ଶୁଣିଲି—ଏହି ଔଷଧ ଖାଇଲେ ପାଣି ପିଇବାକୁ ହେବ ନାହିଁ, ସେତେବେଳେ ଦୃଢ଼ସଂକଳ୍ପ କଲି—ପାଣି ପିଇବି ନାହିଁ । ବର୍ତ୍ତମାନ ଆଉ ପାଣି କଥା ମନରେ ବି ଆସୁ ନାହିଁ ।

ଶିଷ୍ୟ : ଔଷଧରେ ରୋଗର ଉପଶମ ହେଉଛି ତ ?

ସ୍ୱାମୀଜୀ : ଉପକାର ଅପକାର ଜାଣେ ନାହିଁ । ଗୁରୁଭାଇମାନଙ୍କ ଆଜ୍ଞା ପାଳନ କରି-ଯାଉଛି ।

ଶିଷ୍ୟ : ଦେଶୀ କବିରାଜୀ ଔଷଧ ବୋଧହୁଏ ଆମ ଶରୀର ପକ୍ଷରେ ଅଧିକ ଉପଯୋଗୀ ।

ସ୍ୱାମୀଜୀ : ମୋ ମତ କିନ୍ତୁ, ଜଣେ scientific (ବର୍ତ୍ତମାନ-ଚିକିତ୍ସାବିଜ୍ଞାନ-ବିଶାରଦ) ଚିକିତ୍ସକଙ୍କ ହାତରେ ମରିବା ଭଲ; lay-man (ଅନାଡ଼ି)—ଯେଉଁମାନେ ବର୍ତ୍ତମାନ science-ର (ବିଜ୍ଞାନର) କିଛିମାତ୍ର ଜାଣନ୍ତି ନାହିଁ, କେବଳ ପୁରୁଣାକାଳର ପାଞ୍ଜି ପତ୍ରର ଦୋହି ଦେଇ ଅନ୍ଧକାରରେ ଢେଲା ମାରୁଛନ୍ତି, ସେମାନେ ଯଦି ଦୁ'ଗୋଟିଏ ରୋଗୀ ବି ଆରାମ କରିଆଆନ୍ତି, ତଥାପି ତାଙ୍କ ହାତରେ ଆରୋଗ୍ୟ ଲାଭର ଆଶା କରିବା କିଛି ନୁହେଁ ।

ଏହିପରି କଥାବାର୍ତ୍ତା ଚାଲିଛି, ଏପରି ସମୟରେ ସ୍ୱାମୀ ପ୍ରେମାନନ୍ଦ ସ୍ୱାମୀଜୀଙ୍କ ପାଖକୁ ଆସି କହିଲେ ଯେ, ଶିଷ୍ୟ ଗୋଟାଏ ବଡ଼ ମାଛ ଠାକୁରଙ୍କ ଭୋଗ ପାଇଁ ଆଣିଛି । କିନ୍ତୁ ଆଜି ରବିବାର, କ'ଣ କରାଯିବ ? ସ୍ୱାମୀଜୀ କହିଲେ—'ଚାଲ, କେମିତି ମାଛ ଦେଖିବା ।'

ଅନନ୍ତର ସ୍ୱାମୀଜୀ ଗୋଟିଏ ଗରମ ଜାମା ପିନ୍ଧି ଓ ଦୀର୍ଘ ଯଷ୍ଟି ଖଣ୍ଡେ ହାତରେ ନେଇ ଧୀରେ ଧୀରେ ତଳ ମହଲାକୁ ଆସିଲେ । ମାଛ ଦେଖି ସ୍ୱାମୀଜୀ ଆନନ୍ଦ ପ୍ରକାଶ କରି କହିଲେ—'ଆଜି ଉତ୍ତମ କରି ମାଛ ରାନ୍ଧି ଠାକୁରଙ୍କୁ ଭୋଗ ଦେ ।' ସ୍ୱାମୀ ପ୍ରେମାନନ୍ଦ କହିଲେ, 'ରବିବାର ଦିନ ଠାକୁରଙ୍କୁ ଯେ ମାଛ ଦିଆଯାଏ ନାହିଁ !' ତଦୁତ୍ତରରେ ସ୍ୱାମୀଜୀ କହିଲେ—'ଭକ୍ତର ଆନୀତ ଦ୍ରବ୍ୟରେ ଶନିବାର, ରବିବାର ନାହିଁ । ଭୋଗ ଦେ ଯାଇ ।' ସ୍ୱାମୀ ପ୍ରେମାନନ୍ଦ ଆଉ ଓଜର ଆପତ୍ତି ନ କରି ସ୍ୱାମୀଜୀଙ୍କ ଆଜ୍ଞା ଶିରୋଧାର୍ଯ୍ୟ କଲେ

ଏବଂ ସେଦିନ ରବିବାର ସନ୍ଧ୍ୟାରେ ଠାକୁରଙ୍କୁ ମତ୍ସ୍ୟ-ଭୋଗ ଦେବାର ସ୍ଥିର ହେଲା ।

ମାଛ କଟା ହେଲାରୁ ଠାକୁରଙ୍କ ଭୋଗ ନିମିତ୍ତ ଅଗଭାଗ ରଖିଦେଇ ଇଂରେଜୀ ଧରଣରେ ରାନ୍ଧିବେ ବୋଲି ସ୍ୱାମୀଜୀ କିଛି ମାଛ ନିଜେ ମାଗିନେଲେ ଏବଂ ନିଆଁ ତାତରେ ପିପାସାର ବୃଦ୍ଧି ହେବ ବୋଲି ମଠର ସମସ୍ତେ ରାନ୍ଧିବାର ସଂକଳ୍ପ ତ୍ୟାଗ କରିବାକୁ ଅନୁରୋଧ କଲେ ସୁଦ୍ଧା କୌଣସି କଥା ନ ଶୁଣି ଦୁଧ, ଦହି, ସିମେଇ ପ୍ରଭୃତି ଦେଇ ଚାରି ପାଞ୍ଚ ପ୍ରକାରର ତିଅଣ ମାଛ ସ୍ୱୟଂ ରାନ୍ଧି ପକାଇଲେ । ପ୍ରସାଦ ପାଇବା ସମୟରେ ସ୍ୱାମୀଜୀ ସେସବୁ ମାଛ ତରକାରି ଆଣି ଶିଷ୍ୟଙ୍କୁ କହିଲେ, 'ବାଙ୍ଗାଲ ମତ୍ସ୍ୟପ୍ରିୟ । ଦେଖି ଦେଖି କିମିତି ରନ୍ଧା ହୋଇଛି ।' ଏହା କହି ସେ ସେହି ସବୁ ବ୍ୟଞ୍ଜନର ଟିକିଏ ଟିକିଏ ମାତ୍ର ନିଜେ ଗ୍ରହଣ କରି ଶିଷ୍ୟଙ୍କୁ ସ୍ୱୟଂ ପରିବେଷଣ କରିବାକୁ ଲାଗିଲେ ।

କିଛି ସମୟ ପରେ ସ୍ୱାମୀଜୀ ପଚାରିଲେ, 'କିପରି ହୋଇଛି ?' ଶିଷ୍ୟ କହିଲା, 'ଏପରି କେବେହେଁ ଖାଇ ନାହିଁ ।' ତାହା ପ୍ରତି ସ୍ୱାମୀଜୀଙ୍କ ଅପାର ଦୟାର କଥା ସ୍ମରଣ କରି ସେତେବେଳେ ତାହାର ପ୍ରାଣ ପୂର୍ଣ୍ଣ । ସିମେଇ ଶିଷ୍ୟ ଇହଜନ୍ମରେ ଖାଇନାହିଁ । ଏହା କି ପଦାର୍ଥ ଜାଣିବା ପାଇଁ ପଚାରିଲା । ସ୍ୱାମୀଜୀ କହିଲେ, 'ସେଗୁଡ଼ିକ ବିଲାତି କେଞ୍ଚୁଆ । ମୁଁ ଲଣ୍ଡନରୁ ଶୁଖାଇ କରି ଆଣିଛି ।' ମଠର ସନ୍ନ୍ୟାସୀମାନେ ସମସ୍ତେ ହସି ଉଠିଲେ । ଶିଷ୍ୟ ରହସ୍ୟ ବୁଝି ନ ପାରି ଅପ୍ରତିଭ ହୋଇ ବସି ରହିଲା ।

କବିରାଜୀ ଔଷଧର କଠୋର ନିୟମ ପାଳନ କରିବାକୁ ଯାଇ ସ୍ୱାମୀଜୀଙ୍କର ବର୍ତ୍ତମାନ ଆହାର ନାହିଁ ଏବଂ ନିଦ୍ରାଦେବୀ ତାଙ୍କୁ ବହୁକାଳ ହେଲା ଏକପ୍ରକାର ତ୍ୟାଗ କରିଛନ୍ତି । କିନ୍ତୁ ଏହି ଅନାହାର-ଅନିଦ୍ରାରେ ମଧ୍ୟ ସ୍ୱାମୀଜୀଙ୍କ ଶ୍ରମର ବିରାମ ନାହିଁ । କିଛି ଦିନ ହେଲା ମଠରେ ନୂତନ Encylopaedia Britannica କିଣା ହୋଇଛି । ନୂଆ ଚକଚକିଆ ବହିଗୁଡ଼ିକ ଦେଖି ଶିଷ୍ୟ ସ୍ୱାମୀଜୀଙ୍କୁ କହିଲା, 'ଏତେ ବହି ଏକ ଜୀବନରେ ପଢ଼ିବା ଅସମ୍ଭବ ।' ଶିଷ୍ୟ ସେତେବେଳେ ଜାଣି ନ ଥିଲା ଯେ, ସ୍ୱାମୀଜୀ ସେହି ବହିଗୁଡ଼ିକରୁ ଦଶଖଣ୍ଡ ଇତିମଧ୍ୟରେ ପଢ଼ି କରି ଏକାଦଶ ଖଣ୍ଡ ପଢ଼ିବାକୁ ଆରମ୍ଭ କରିଛନ୍ତି ।

ସ୍ୱାମୀଜୀ : କ'ଣ କହୁଛୁ ? ଏହି ଦଶଖଣ୍ଡ ବହିରୁ ମୋତେ ଯାହା ଇଚ୍ଛା ପଚାର, ସବୁ କହିଦେବି ।

ଶିଷ୍ୟ ଅବାକ୍ ହୋଇ ପଚାରିଲା—'ଆପଣ କ'ଣ ଏହି ବହିଗୁଡ଼ିକ ସବୁ ପଢ଼ିଛନ୍ତି ?'

ସ୍ୱାମୀଜୀ : ନ ପଢ଼ି କ'ଣ କହୁଛି ?

ଅନନ୍ତର ସ୍ୱାମୀଜୀଙ୍କ ଆଦେଶ ପାଇ, ଶିଷ୍ୟ ସେସବୁ ପୁସ୍ତକରୁ ବାଛି ବାଛି କଠିନ କଠିନ ବିଷୟସବୁ ପଚାରିବାକୁ ଲାଗିଲା । ଆଶ୍ଚର୍ଯ୍ୟର ବିଷୟ, ସ୍ୱାମୀଜୀ ସେହି ବିଷୟଗୁଡ଼ିକର ପୁସ୍ତକରେ ନିବଦ୍ଧ ମର୍ମ ତ କହିଲେ—ତାହା ଉପରେ ସ୍ଥାନେ ସ୍ଥାନେ ସେହି ପୁସ୍ତକର ଭାଷା ପର୍ଯ୍ୟନ୍ତ ଉଦ୍ଧୃତ କରି କହିବାକୁ ଲାଗିଲେ । ଶିଷ୍ୟ ଏହି ବୃହତ୍ ଦଶଖଣ୍ଡ ପୁସ୍ତକର ପ୍ରତ୍ୟେକ ଖଣ୍ଡରୁ ହିଁ ଦୁଇଟି ଗୋଟିଏ ବିଷୟ ପଚାରିଲା ଏବଂ ସ୍ୱାମୀଜୀଙ୍କର ଅସାଧାରଣ ଧୀ ଓ ସ୍ମୃତିଶକ୍ତି ଦେଖି

ଅବାକ୍ ହୋଇ ବହିଗୁଡ଼ିକ ଉଠେଇ ରଖି କହିଲା—'ଏହା ମଣିଷର ଶକ୍ତି ନୁହେଁ !'

ସ୍ୱାମୀଜୀ : ଦେଖିଲୁ, ଏକମାତ୍ର ବ୍ରହ୍ମଚର୍ଯ୍ୟ ଠିକ୍ ଠିକ୍ ପାଳନ କରିପାରିଲେ ସମସ୍ତ ବିଦ୍ୟା ମୁହୂର୍ତ୍ତିକରେ ଆୟତ୍ତ ହୋଇଯାଏ—ଶ୍ରୁତିଧର, ସ୍ମୃତିଧର ହୁଏ । ଏହି ବ୍ରହ୍ମଚର୍ଯ୍ୟର ଅଭାବରେ ଆମ ଦେଶର ସବୁ ଧ୍ୱଂସ ପାଇଗଲା ।

ଶିଷ୍ୟ : ଆପଣ ଯାହା କହନ୍ତୁ ଆଜ୍ଞା, କେବଳ ବ୍ରହ୍ମଚର୍ଯ୍ୟର ରକ୍ଷା ଫଳରେ ଏପରି ଅମାନୁଷିକ ଶକ୍ତିର ସ୍ଫୁରଣ କେବେ ହେଁ ସମ୍ଭବପର ହୁଏ ନାହିଁ । ଆହୁରି କିଛି ଆବଶ୍ୟକ ।

ଉତ୍ତରରେ ସ୍ୱାମୀଜୀ ଆଉ କିଛି କହିଲେ ନାହିଁ ।

ଅନନ୍ତର ସ୍ୱାମୀଜୀ ସର୍ବଦର୍ଶନର କଠିନ ବିଷୟସବୁର ବିଚାର ଓ ସିଦ୍ଧାନ୍ତଗୁଡ଼ିକ ଶିଷ୍ୟକୁ କହିବାକୁ ଲାଗିଲେ । ଶିଷ୍ୟର ଅନ୍ତରରେ ସେହି ସିଦ୍ଧାନ୍ତଗୁଡ଼ିକୁ ପ୍ରବେଶ କରାଇ ଦେବା ପାଇଁ ଯେପରି ଆଜି ସେ ଏଗୁଡ଼ିକୁ ଏହିପରି ବିଶଦଭାବରେ ତାକୁ ବୁଝାଇବାକୁ ଲାଗିଲେ ।

ଏହିପରି କଥାବାର୍ତ୍ତା ଚାଲିଅଛି—ଏହି ସମୟରେ ସ୍ୱାମୀ ବ୍ରହ୍ମାନନ୍ଦ ସ୍ୱାମୀଜୀଙ୍କ ଘରେ ପ୍ରବେଶ କରି ଶିଷ୍ୟକୁ କହିଲେ—'ତୁ ତ ବେଶ୍ ! ସ୍ୱାମୀଜୀଙ୍କର ଅସୁସ୍ଥ ଶରୀର—ତୁ ସିନା ଗପସପ କରି ସ୍ୱାମୀଜୀଙ୍କ ମନ ପ୍ରଫୁଲ୍ଲ ରଖିବୁ, ତା' ନ କରି ତୁ ସେସବୁ ଜଟିଳ କଥା ଉଠାଇ ସ୍ୱାମୀଜୀଙ୍କୁ ବକର ବକର କରାଉଛୁ ।' ଶିଷ୍ୟ ଅପ୍ରସ୍ତୁତ ହୋଇ ନିଜର ଭ୍ରମ ବୁଝିପାରିଲା । କିନ୍ତୁ ସ୍ୱାମୀଜୀ ବ୍ରହ୍ମାନନ୍ଦ ମହାରାଜଙ୍କୁ କହିଲେ—'ନେ, ରଖିଦେ ତୋ କବିରାଜୀ ନିୟମ-ଫିୟମ । ଏମାନେ ମୋର ସନ୍ତାନ, ଏମାନଙ୍କୁ ସଦୁପଦେଶ ଦେଉ ଦେଉ ମୋର ଦେହଟା ଯଦି ଯାଏ ତ ଯାଉ ।'

ଶିଷ୍ୟ କିନ୍ତୁ ଅତଃପର ଆଉ କିଛି ଦାର୍ଶନିକ ପ୍ରଶ୍ନ ନ କରି ବାଙ୍ଗାଲ୍ ଦେଶର କଥା ନେଇ ହସ-ତାମସା କରିବାକୁ ଲାଗିଲା । ସ୍ୱାମୀଜୀ ବି ଶିଷ୍ୟ ସଙ୍ଗେ ରଙ୍ଗ-ରହସ୍ୟରେ ଯୋଗ ଦେଲେ । ଏହିପରି କିଛି ସମୟ ଗଲାପରେ ବଙ୍ଗ-ସାହିତ୍ୟରେ ଭାରତଚନ୍ଦ୍ରଙ୍କ ସ୍ଥାନ ସମ୍ବନ୍ଧରେ ପ୍ରସଙ୍ଗ ଉଠିଲା ।

ପ୍ରଥମରୁ ସ୍ୱାମୀଜୀ ଭାରତଚନ୍ଦ୍ରଙ୍କୁ ନେଇ ନାନା ଥଟ୍ଟା-ତାମସା ଆରମ୍ଭ କଲେ ଏବଂ ସେକାଳର ସାମାଜିକ ଆଚାର-ବ୍ୟବହାର, ବିବାହ-ସଂସ୍କାରାଦି ନେଇ ନାନା ପ୍ରକାର ବ୍ୟଙ୍ଗ କରିବାକୁ ଲାଗିଲେ ଏବଂ ଏ ସମାଜରେ ବାଲ୍ୟବିବାହପ୍ରଚଳନ-ସମର୍ଥନକାରୀ ଭାରତଚନ୍ଦ୍ରଙ୍କ କୁରୁଚି ଓ ଅଶ୍ଳୀଳତାପୂର୍ଣ୍ଣ କାବ୍ୟାଦି ବଙ୍ଗଦେଶ ଛଡ଼ା ଅନ୍ୟ କୌଣସି ଦେଶର ସଭ୍ୟ-ସମାଜରେ ପ୍ରଶ୍ରୟ ପାଇନାହିଁ ବୋଲି ଅଭିମତ ପ୍ରକାଶ କରି କହିଲେ—'ପିଲାଙ୍କ ହାତରେ ଏସବୁ ବହି ଯେପରି ନ ପଡ଼େ, ତାହା କରିବା ଉଚିତ ।' ପରେ ମାଇକେଲ ମଧୁସୂଦନ ଦତ୍ତଙ୍କ କଥା ଉଠେଇ କହିଲେ : ସେ ଗୋଟାଏ ଅଦ୍ଭୁତ genius (ପ୍ରତିଭା) ତୁମ ଦେଶରେ ଜନ୍ମ ନେଇଥିଲା । 'ମେଘନାଦ ବଧ' ପରି ଦ୍ୱିତୀୟ କାବ୍ୟ ବଙ୍ଗଳା ଭାଷାରେ ତ ନାହିଁ, ସମଗ୍ର ୟୁରୋପରେ ଏପରି ଶ୍ରେଷ୍ଠ କାବ୍ୟ ଇଦାନୀଂ ପାଇବା ଦୁର୍ଲଭ ।

ଶିଷ୍ୟ : କିନ୍ତୁ ମହାଶୟ, ମାଇକେଲ ଅତ୍ୟନ୍ତ ଶବ୍ଦାଡ଼ମ୍ବରପ୍ରିୟ ଥିଲେ ବୋଲି

ବୋଧହୁଏ ।

ସ୍ୱାମୀଜୀ : ତୁମ ଦେଶରେ କେହି ଗୋଟାଏ କିଛି ନୂଆ କଲେ ତୁମେ ତା' ପଛରେ ଲାଗ । ଆଗ ଭଲ କରି ଦେଖ, ଲୋକଟା କ'ଣ କହୁଛି —ତା'ତ ନାହିଁ, ଯେମିତି ପୂର୍ବ ଭଳି କିଛି ନ ହେଲା, ସେମିତି ଦେଶର ଲୋକେ ତା' ପଛରେ ଲାଗିଲେ । ଏହି 'ମେଘନାଦବଧ' କାବ୍ୟ— ଯାହା ତୁମ ବଙ୍ଗଳା ଭାଷାର ମୁକୁଟମଣି—ତାକୁ ଅପଦସ୍ଥ କରିବାକୁ କ'ଣ ନା 'ଛୁଚ୍ଛୋବଧ' କାବ୍ୟ ଲେଖା ହେଲା ! ତା' ଯେତେ ପାରୁଛୁ ଲେଖ୍ ନା, ସେଥିରେ କ'ଣ ଅଛି ? ସେହି 'ମେଘନାଦବଧ' କାବ୍ୟ ବର୍ତ୍ତମାନ ସୁଦ୍ଧା ହିମାଚଳ ପରି ଅଟଳ ଭାବରେ ଠିଆ ହୋଇଛି । କିନ୍ତୁ ତା'ର ଦୋଷ ଧରିବାକୁ ଯେଉଁମାନେ ବ୍ୟସ୍ତ ଥିଲେ, ସେହିବୁ critic (ସମାଲୋଚକ)-ମାନଙ୍କର ମତ ଓ ଲେଖାଗୁଡ଼ାକ କୁଆଡ଼େ ଭାସିଗଲାଣି ମାଇକେଲ ନୂତନ ଛନ୍ଦରେ, ଓଜସ୍ୱିନୀ ଭାଷାରେ ଯେଉଁ କାବ୍ୟ ଲେଖିଯାଇଛନ୍ତି, ତାହା ସାଧାରଣ ଲୋକେ କ'ଣ ବୁଝିବେ ? ଏହି ଯେ ଜି. ସି.* କିପରି ନୂତନ ଛନ୍ଦରେ କେତେ ଚମତ୍କାର ଚମତ୍କାର ବହି ଆଜିକାଲି ଲେଖୁଛି, ତାକୁ ନେଇ ମଧ୍ୟ ତୁମର ଅତିବୁଦ୍ଧି ପଣ୍ଡିତମାନେ କେତେ criticise (ସମାଲୋଚନା) କରୁଛନ୍ତି, ଦୋଷ ଧରୁଛନ୍ତି ଜି. ସି. କ'ଣ ତାହାକୁ ଭ୍ରୂକ୍ଷେପ କରେ ? ପରେ ଲୋକମାନେ ସେହିବୁ ପୁସ୍ତକ appreciate (ଆଦର) କରିବେ ।

ଏହିପରି ମାଇକେଲଙ୍କ କଥା ହେଉ ହେଉ ସେ କହିଲେ, 'ଯା, ତଳେ ଲାଇବ୍ରେରୀରୁ ମେଘନାଦବଧ କାବ୍ୟ ଖଣ୍ଡ ନେଇଆ ।' ଶିଷ୍ୟ ମଠର ଲାଇବ୍ରେରୀରୁ 'ମେଘନାଦବଧ' କାବ୍ୟ ନେଇ ଆସିବାରୁ କହିଲେ—'ପଢ଼, ଦେଖି—କେମିତି ପଢ଼ି ଜାଣୁ ।'

ଶିଷ୍ୟ ବହି ଖୋଲି ପ୍ରଥମ ସର୍ଗର କେତେକ ଅଂଶ ସାଧ୍ୟମତ ପଢ଼ିବାକୁ ଲାଗିଲା । କିନ୍ତୁ ପଢ଼ା ସ୍ୱାମୀଜୀଙ୍କ ମନୋମତ ନ ହେବାରୁ ସେହି ଅଂଶଟି ପଢ଼ି ଦେଖାଇ ଦେଇ ଶିଷ୍ୟକୁ ପୁନର୍ବାର ତାହା ପଢ଼ିବାକୁ କହିଲେ । ଶିଷ୍ୟ ଏଥର ଅଧିକ କୃତକାର୍ଯ୍ୟ ହେବାର ଦେଖି ପ୍ରସନ୍ନମୁଖରେ ପଚାରିଲେ—'କହି ଦେଖି, ଏହି କାବ୍ୟର କେଉଁ ଅଂଶଟି ସର୍ବୋତ୍କୃଷ୍ଟ ?'

ଶିଷ୍ୟ କିଛି କହି ନ ପାରି ନିର୍ବାକ୍ ହୋଇ ରହିଛି ଦେଖି ସ୍ୱାମୀଜୀ କହିଲେ :

ଯେଉଁଠାରେ ଇନ୍ଦ୍ରଜିତ୍ ଯୁଦ୍ଧରେ ନିହତ ହୋଇଛି, ମନ୍ଦୋଦରୀ ଶୋକରେ ମୁହ୍ୟମାନା ହୋଇ ରାବଣକୁ ଯୁଦ୍ଧକୁ ଯିବାକୁ ନିଷେଧ କରୁଛି, 'କିନ୍ତୁ ରାବଣ ପୁତ୍ରଶୋକ ମନରୁ ଜୋର୍ କରି ଠେଲି ପକାଇ ମହାବୀର ପରି ଯୁଦ୍ଧରେ କୃତସଂକଳ୍ପ—ପ୍ରତିହିଂସା ଓ କ୍ରୋଧାନଳରେ ସ୍ତ୍ରୀ-ପୁତ୍ର ସବୁ ଭୁଲି ଯୁଦ୍ଧ ନିମିତ୍ତ ବହିର୍ଗମନେ ଉନ୍ମୁଖ—ସେହି ସ୍ଥାନ ହେଉଛି କାବ୍ୟର ଶ୍ରେଷ୍ଠ କଳ୍ପନା । 'ଯାହା ହେବାର ହୋଇଯାଉ, ମୋର କର୍ତ୍ତବ୍ୟ ମୁଁ ଭୁଲିବି ନାହିଁ, ଏଥିରେ ଦୁନିଆ ରହୁ ବା ଯାଉ'—ଏହା ହିଁ ହେଉଛି ମହାବୀରର ବାକ୍ୟ । ମାଇକେଲ ସେହି ଭାବରେ ଅନୁପ୍ରାଣିତ ହୋଇ କାବ୍ୟର ସେହି ଅଂଶ ଲେଖିଥିଲେ ।

ଏହା କହି ସ୍ୱାମୀଜୀ ସେହି ଅଂଶ ବାହାର କରି ପଢ଼ିବାକୁ ଲାଗିଲେ । ସ୍ୱାମୀଜୀଙ୍କର ସେହି ବୀରଦର୍ପଦ୍ୟୋତକ ପଠନ-ଭଙ୍ଗୀ ଆଜି ସୁଦ୍ଧା ଶିଷ୍ୟର ହୃଦୟରେ ଜ୍ୱଳନ୍ତ ଭାବରେ ରହିଛି ।

* ସ୍ୱାମୀଜୀ ମହାକବି ଗିରିଶଚନ୍ଦ୍ର ଘୋଷ ମହାଶୟଙ୍କୁ ଜି. ସି. ବୋଲି ଡାକୁଥିଲେ ।

# ୩୭

ସ୍ଥାନ—ବେଲୁଡ଼ ମଠ
କାଳ—୧୯୦୧

ସ୍ୱାମୀଜୀଙ୍କର ବର୍ତ୍ତମାନ ସୁଦ୍ଧା ଟିକିଏ ଅସୁସ୍ଥତା ଅଛି । କବିରାଜୀ ଔଷଧରେ ଅନେକ ଉପକାର ହୋଇଅଛି । ମାସାବଧି ଖାଲି ଦୁଗ୍ଧପାନ କରି ରହିବା ହେତୁ ସ୍ୱାମୀଜୀଙ୍କ ଶରୀରରେ ଆଜିକାଲି ଯେପରି ଗୋଟାଏ ଚନ୍ଦ୍ରକାନ୍ତି ଫୁଟି ବାହାରୁଛି ଏବଂ ତାଙ୍କର ସୁବିଶାଳ ନୟନର ଜ୍ୟୋତିଃ ଅଧିକତର ବର୍ଦ୍ଧିତ ହୋଇଅଛି ।

ଆଜକୁ ଦୁଇଦିନ ହେଲା ଶିଷ୍ୟ ମଠରେ ରହିଛି । ଯଥାସାଧ୍ୟ ସ୍ୱାମୀଜୀଙ୍କ ସେବା କରୁଅଛି । ଆଜି ଅମାବାସ୍ୟା । ଶିଷ୍ୟ ନିର୍ଭୟାନନ୍ଦ ସ୍ୱାମୀଙ୍କ ସହିତ ପାଳି କରି ସ୍ୱାମୀଜୀଙ୍କ ରାତିସେବାର ଭାର ନେବା କଥା ସ୍ଥିର ହୋଇଅଛି । ବର୍ତ୍ତମାନ ସନ୍ଧ୍ୟା ହେଲାଣି ।

ସ୍ୱାମୀଜୀଙ୍କ ପଦ-ସେବା କରୁ କରୁ ଶିଷ୍ୟ ପଚାରିଲା—'ମହାଶୟ, ଯେଉଁ ଆତ୍ମା ସର୍ବଗ, ସର୍ବବ୍ୟାପୀ, ଅଣୁପରମାଣୁରେ ଅନୁସ୍ୟୂତ ଓ ଜୀବର ପ୍ରାଣର ପ୍ରାଣ ହୋଇ ତା'ର ଏତେ ନିକଟରେ ରହିଛନ୍ତି, ତାଙ୍କର ଅନୁଭୂତି ହୁଏ ନାହିଁ କାହିଁକି ?'

ସ୍ୱାମୀଜୀ : ତୋର ଯେ ଆଖି ଅଛି, ତା କ'ଣ ତୁ ଜାଣୁ ? ଯେତେବେଳେ କେହି ଆଖି କଥା କହେ, ସେତେବେଳେ 'ମୋର ଆଖି ଅଛି' ବୋଲି କିଛିଟା ଧାରଣା ହୁଏ; ପୁଣି ଆଖିରେ ବାଲି ପଡ଼ିଲେ ଯେତେବେଳେ ଆଖି କର୍ କର୍ ହୁଏ, ସେତେବେଳେ ଆଖି ଯେ ଅଛି, ତା'ର ଠିକ୍ ଠିକ୍ ଧାରଣା ହୁଏ । ସେହିପରି ଅନ୍ତରର ଅନ୍ତରତମ ଏହି ବିରାଟ ଆତ୍ମାର ବିଷୟ ସହଜରେ ବୋଧଗମ୍ୟ ହୁଏ ନାହିଁ । ଶାସ୍ତ୍ର ବା ଗୁରୁମୁଖରୁ ଶୁଣି କିଞ୍ଚିତ୍ ଧାରଣା ହୁଏ ସତ୍ୟ, କିନ୍ତୁ ଯେତେବେଳେ ସଂସାରର ତୀବ୍ର ଶୋକ-ଦୁଃଖର କଠୋର କଶାଘାତରେ ହୃଦୟ ବ୍ୟଥିତ ହୁଏ, ଯେତେବେଳେ ଆତ୍ମୀୟସ୍ୱଜନଙ୍କ ବିୟୋଗରେ ଜୀବ ନିଜକୁ ଅବଲମ୍ବନ-ଶୂନ୍ୟ ଜ୍ଞାନ କରେ, ଯେତେବେଳେ ଭାବୀ ଜୀବନର ଦୁରତିକ୍ରମଣୀୟ ଦୁର୍ଭେଦ୍ୟ ଅନ୍ଧକାର ମଧ୍ୟରେ ତା'ର ପ୍ରାଣ ଆକୁଳ ହୁଏ, ସେତିକିବେଳେ ଜୀବ ଏହି ଆତ୍ମାର ଦର୍ଶନ ପାଇଁ ଉନ୍ମୁଖ ହୁଏ । ଏଥିପାଇଁ ଏହି ଦୁଃଖ ଆତ୍ମଜ୍ଞାନର ଅନୁକୂଳ; କିନ୍ତୁ ଧାରଣା ହେବା ଦରକାର । ଦୁଃଖ ପାଇ ପାଇ ଯେଉଁମାନେ କୁକୁର-ବିଲେଇ ପରି ମରନ୍ତି, ସେମାନେ କ'ଣ ଆଉ ମଣିଷ ? ମନୁଷ୍ୟ ହେଉଛି ସେହି, ଯେ ଏହି ସୁଖଦୁଃଖର ଦ୍ୱନ୍ଦ୍ୱ-ପ୍ରତିଘାତରେ ଅସ୍ଥିର ହୋଇ ସୁଦ୍ଧା ବିଚାର ବଳରେ ସେସବୁକୁ ନଶ୍ୱର ଧାରଣା କରି ଆତ୍ମରତିପର ହୁଏ । ମନୁଷ୍ୟ ଓ ଅନ୍ୟ ଜୀବଜନ୍ତୁଙ୍କ ମଧ୍ୟରେ ଏତିକିମାତ୍ର ପ୍ରଭେଦ । ଯେଉଁ ଜିନିଷଟା ଯେତେ ନିକଟରେ ଥାଏ, ତା'ର ସେତେ କମ୍ ଅନୁଭୂତି ହୁଏ । ଆତ୍ମା ଅନ୍ତରର ଅନ୍ତରତମ; ତେଣୁ ଅମନସ୍କ ଚଞ୍ଚଳଚିତ୍ତ ଜୀବ ତା'ର ସନ୍ଧାନ ପାଏ ନାହିଁ । କିନ୍ତୁ ସମନସ୍କ, ଶାନ୍ତ ଓ ଜିତେନ୍ଦ୍ରିୟ ବିଚାରଶୀଳ ଜୀବ ବହି-

ଜଗତକୁ ଉପେକ୍ଷା କରି ଅନ୍ତର୍ଜଗତରେ ପ୍ରବେଶ କରୁ କରୁ କାଳକ୍ରମେ ଏହି ଆତ୍ମାର ମହିମା ଉପଲବ୍ଧି କରି ଗୌରବାନ୍ୱିତ ହୁଏ । ଯେତେବେଳେ ଯାଇ ସେ ଆତ୍ମଜ୍ଞାନ ଲାଭ କରେ ଏବଂ 'ମୁଁ ହିଁ ସେହି ଆତ୍ମା', 'ତତ୍ତ୍ୱମସି ଶ୍ୱେତକେତୋ' ପ୍ରଭୃତି ବେଦର ମହାବାକ୍ୟ-ସବୁ ପ୍ରତ୍ୟକ୍ଷ ଅନୁଭବ କରେ । ବୁଝିଲୁ ?

ଶିଷ୍ୟ : ଆଜ୍ଞା ହଁ, କିନ୍ତୁ ଆଜ୍ଞା, ଏ ଦୁଃଖକଷ୍ଟ-ତାଡ଼ନାର ଭିତର ଦେଇ ଆତ୍ମଜ୍ଞାନ-ଲାଭର ବ୍ୟବସ୍ଥା କାହିଁକି ? ସୃଷ୍ଟି ନ ହୋଇଥିଲେ ତ ଭଲ ହୋଇଥାଆନ୍ତା । ଆମେମାନେ ସମସ୍ତେ ତ ଏକ ସମୟରେ ବ୍ରହ୍ମରେ ବିଦ୍ୟମାନ ଥିଲୁ । ବ୍ରହ୍ମର ଏପରି ସିସୃକ୍ଷା (ସୃଜନ-ଇଚ୍ଛା) ବା କାହିଁକି ? ଆଉ ଏହି ଦ୍ୱନ୍ଦ୍ୱ-ଘାତ-ପ୍ରତିଘାତରେ ସାକ୍ଷାତ୍ ବ୍ରହ୍ମରୂପ ଜୀବର ଏହି ଜନ୍ମ-ମରଣ-ସଙ୍କୁଳ ପଥରେ ଗତାଗତ ହିଁ ବା କାହିଁକି ?

ସ୍ୱାମୀଜୀ : ଲୋକେ ମାତାଲ ହେଲେ କେତେ ଖିଆଲ ଦେଖନ୍ତି ! କିନ୍ତୁ ନିଶା ଯେତେବେଳେ ଛୁଟିଯାଏ, ସେତେବେଳେ ସେଗୁଡ଼ାକ ମୁଣ୍ଡର ଭ୍ରମ ବୋଲି ବୁଝିପାରେ । ଅନାଦି ଅଥଚ ସାନ୍ତ ଏହି ଅଜ୍ଞାନ-ବିଳସିତ ସୃଷ୍ଟି ସ୍ଥିତି ଯାହା କିଛି ଦେଖୁଛୁ, ତାହା ତୋର ମାତାଲ ଅବସ୍ଥାର କଥା; ନିଶା ଛୁଟିଗଲେ ତୋର ସେସବୁ ପ୍ରଶ୍ନ ରହିବ ନାହିଁ ।

ଶିଷ୍ୟ : ଆଜ୍ଞା, ତେବେ କ'ଣ ସୃଷ୍ଟି-ସ୍ଥିତି ଏସବୁ କିଛି ନାହିଁ ?

ସ୍ୱାମୀଜୀ : ନ ରହିବ କାହିଁକି ରେ ? ଯେପର୍ଯ୍ୟନ୍ତ ତୁ ଏହି ଦେହବୁଦ୍ଧି ଧରି 'ମୁଁ ମୁଁ' କରୁଛୁ, ସେପର୍ଯ୍ୟନ୍ତ ଏସବୁ ହିଁ ଅଛି । ଆଉ ଯେତେବେଳେ ତୁ ବିଦେହ, ଆତ୍ମରତ, ଆତ୍ମ-କ୍ରୀଡ଼, ସେତେବେଳେ ତୋ ପକ୍ଷରେ ଏସବୁ କିଛି ରହିବ ନାହିଁ । ସୃଷ୍ଟି, ଜନ୍ମ, ମୃତ୍ୟୁ ପ୍ରଭୃତି ଅଛି କି ନାହିଁ—ଏ ପ୍ରଶ୍ନର ମଧ୍ୟ ସେତେବେଳେ ଆଉ ଅବସର ନ ଥିବ । ସେତେବେଳେ ତୋତେ କହିବାକୁ ହେବ—

କ୍ୱ ଗତଂ କେନ ବା ନୀତଂ କୁତ୍ର ଲୀନମିଦଂ ଜଗତ୍ ।
ଅଧୁନୈବ ମୟା ଦୃଷ୍ଟଂ ନାସ୍ତି କିଂ ମହଦଦ୍ଭୁତମ୍ ॥

(ବିବେକଚୂଡ଼ାମଣି, ୪୮୪)

ଶିଷ୍ୟ : ଜଗତର ଜ୍ଞାନ ଆଦୌ ନ ଥିଲେ 'କୁତ୍ର ଲୀନମିଦଂ ଜଗତ୍' କଥା ହିଁ ବା କିପରି କୁହାଯାଇପାରେ ?

ସ୍ୱାମୀଜୀ : ଭାଷାରେ ସେହି ଭାବକୁ ପ୍ରକାଶ କରିବାକୁ ବା ବୁଝିବାକୁ ହେଉଛି, ତେଣୁ ସେପରି କୁହାଯାଇଛି । ଯେଉଁ ସ୍ଥାନରେ ଭାବ ଓ ଭାଷାର ପ୍ରବେଶାଧିକାର ନାହିଁ, ସେହି ଅବସ୍ଥାଟାକୁ ଭାବ ଓ ଭାଷାରେ ପ୍ରକାଶ କରିବା ପାଇଁ ଗ୍ରନ୍ଥକାର ଚେଷ୍ଟା କରୁଛନ୍ତି, ତେଣୁ ଜଗତ୍ କଥାଟା ଯେ ପୂରାପୂରି ମିଥ୍ୟା, ତାହାକୁ ଏହିପରି ବ୍ୟାବହାରିକ ରୂପରେ କହୁଛନ୍ତି; ପାରମାର୍ଥିକ ସତ୍ତା ଜଗତରେ ନାହିଁ, ତାହା କେବଳ 'ଅବାଙ୍ମନସଗୋଚରମ୍' ବ୍ରହ୍ମର ଅଛି । କହ, ତୋର ଆଉ କ'ଣ କହିବାର ଅଛି । ଆଜି ତୋର ତର୍କ ନିରସ୍ତ କରିଦେବି ।

ଠାକୁରଘରେ ଆଳତି ଘଣ୍ଟା ବାଜି ଉଠିଲା । ମଠର ସମସ୍ତେ ଠାକୁରଘରକୁ ଚାଲିଲେ । ଶିଷ୍ୟ ସ୍ୱାମୀଜୀଙ୍କ ଘରେ ବସି ରହିଲା ଦେଖି ସ୍ୱାମୀଜୀ କହିଲେ—'ଠାକୁରଘରକୁ

ଗଲା ନାହିଁ ?'

ଶିଷ୍ୟ : ମୋତେ ଏଠାରେ ରହିବାକୁ ଭଲ ଲାଗୁଛି ।

ସ୍ୱାମୀଜୀ : ତେବେ ଥା' ।

କିଛି ସମୟ ପରେ ଶିଷ୍ୟ ଘରର ବାହାରକୁ ନିରୀକ୍ଷଣ କରି କହିଲା—'ଆଜି ଅମାବାସ୍ୟା, ଅନ୍ଧାର ଚାରିଦିଗକୁ ଯେପରି ଘୋଟେଇ ପକେଇଛି । ଆଜି କାଳୀପୂଜାର ଦିନ ।'

ସ୍ୱାମୀଜୀ ଶିଷ୍ୟର ଏ କଥାରେ କିଛି ନ କହି, ଝରକା ଦେଇ ପୂର୍ବାକାଶ ଆଡ଼କୁ ଏକ ଦୃଷ୍ଟିରେ କିଛିକ୍ଷଣ ଅନାଇଁ କହିଲେ, 'ଦେଖୁଛୁ, ଅନ୍ଧକାରର କି ଅଦ୍ଭୁତ ଗମ୍ଭୀର ଶୋଭା !' ଏହା କହି, ସେହି ଗଭୀର ତମିରରାଶି ମଧ୍ୟରେ ଦେଖୁ ଦେଖୁ ସ୍ତମ୍ଭୀଭୂତ ହୋଇ ଠିଆ ହୋଇ ରହିଲେ । ସେତେବେଳେ ସମସ୍ତ ନିସ୍ତବ୍ଧ; କେବଳ ଦୂରରେ ଠାକୁରଘରେ ଭକ୍ତ-ଗଣ-ପଠିତ ଶ୍ରୀଶ୍ରୀରାମକୃଷ୍ଣ-ସ୍ତବ ମାତ୍ର ଶିଷ୍ୟର କର୍ଣ୍ଣଗୋଚର ହେଉଅଛି । ସ୍ୱାମୀଜୀଙ୍କର ଏହି ଅଦୃଷ୍ଟ-ପୂର୍ବ ଗାମ୍ଭୀର୍ଯ୍ୟ ଏବଂ ଗାଢ଼ ତମିରାବଗୁଣ୍ଠନରେ ବହିଃପ୍ରକୃତିର ନିସ୍ତବ୍ଧ ସ୍ଥିରଭାବ ଦେଖି ଶିଷ୍ୟର ମନ ଏକ ପ୍ରକାର ଅପୂର୍ବ ଭୟରେ ଆକୁଳ ହୋଇ ଉଠିଲା । କିଛିକ୍ଷଣ ଏହିଭାବରେ ଗତ ହେବାପରେ ସ୍ୱାମୀଜୀ ଆସ୍ତେ ଆସ୍ତେ ଗାଇବାକୁ ଲାଗିଲେ :

ନିବିଡ଼ ଆଁଧାରେ ମା' ତୋର ଚମକେ ଓ ରୂପରାଶି ।
ତାଇ ଯୋଗୀ ଧ୍ୟାନ ଧରେ ହୟେ ଗିରି-ଗୁହା-ବାସୀ' ॥

ଗୀତ ଶେଷ ହେବାରୁ ସ୍ୱାମୀଜୀ ଘରେ ପ୍ରବେଶ କରି ଉପବିଷ୍ଟ ହେଲେ ଏବଂ ମଝିରେ ମଝିରେ 'ମା' 'ମା', 'କାଳୀ, 'କାଳୀ' କହିବାକୁ ଲାଗିଲେ । ଘରେ ସେତେବେଳେ ଆଉ କେହି ନାହାନ୍ତି । କେବଳ ଶିଷ୍ୟ ସ୍ୱାମୀଜୀଙ୍କ ଆଜ୍ଞା ପାଳନ ନିମିତ୍ତ ଅବସ୍ଥାନ କରୁଅଛି ।

ସ୍ୱାମୀଜୀଙ୍କର ସେସମୟର ମୁଖ ଦେଖି ଶିଷ୍ୟର ବୋଧ ହେଉଥିଲା, ସେ ଯେପରି କୌଣସି ଏକ ଦୂର ଦେଶରେ ବର୍ତ୍ତମାନ ସୁଦ୍ଧା ଅବସ୍ଥାନ କରୁଛନ୍ତି । ଚଞ୍ଚଳ ଶିଷ୍ୟ ତାଙ୍କର ଏ ପ୍ରକାର ଭାବ ଦେଖି ପୀଡ଼ିତ ହୋଇ କହିଲା—'ମହାଶୟ, ଏଥର କଥାବାର୍ତ୍ତା କରନ୍ତୁ ।'

ସ୍ୱାମୀଜୀ ତା'ର ମନର ଭାବ ବୁଝି ଯେପରି ମୃଦୁ ହାସ୍ୟ କରି ତାକୁ କହିଲେ, 'ଯାହାଙ୍କ ଲୀଳା ଏତେ ମଧୁର, ସେହି ଆତ୍ମାର ସୌନ୍ଦର୍ଯ୍ୟ ଓ ଗାମ୍ଭୀର୍ଯ୍ୟ କେତେ ଦୂର କହ ଦେଖି ?' ଶିଷ୍ୟ ସେପର୍ଯ୍ୟନ୍ତ ତାଙ୍କର ସେହି ଗମ୍ଭୀର ଭାବ ସମ୍ୟକ୍ ଦୂର ହୋଇ ନାହିଁ ଦେଖି କହିଲା, 'ମହାଶୟ, ସେସବୁ କଥାରେ ବର୍ତ୍ତମାନ ଆଉ ଦରକାର ନାହିଁ । କାହିଁକି ବା ଆଜି ଆପଣଙ୍କୁ ଅମାବାସ୍ୟା ଓ କାଳୀପୂଜା କଥା କହିଲି—ସେହି ସମୟରୁ ଆପଣଙ୍କର ଯେପରି କିଛି ଗୋଟାଏ ପରିବର୍ତ୍ତନ ହୋଇଗଲା !'

ସ୍ୱାମୀଜୀ ଶିଷ୍ୟର ଭାବଗତ ଦେଖି ଗୀତ ଗାଇଲେ :

'କଖନ କି ରଙ୍ଗେ ଥାକ ମା' ଶ୍ୟାମା ସୁଧା-ତରଙ୍ଗିଣୀ, କାଳୀ ସୁଧା-ତରଙ୍ଗିଣୀ ।'

ଗୀତ ସମାପ୍ତ ହେବାରୁ କହିବାକୁ ଲାଗିଲେ : ଏହି କାଳୀ ହିଁ ଲୀଳାରୂପୀ ବ୍ରହ୍ମ । ଠାକୁରଙ୍କ କଥା—'ସାପର ଚାଲିବା, ଆଉ ସାପର ସ୍ଥିର ଭାବ'—ଶୁଣି ନାହୁଁ ?

ଶିଷ୍ୟ : ଆଜ୍ଞା ହଁ ।

ସ୍ୱାମୀଜୀ : ଏଥର ଭଲ ହୋଇ ମାଆଙ୍କୁ ରୁଧିର ଦେଇ ପୂଜା କରିବ ! ରଘୁନନ୍ଦନ କହିଛନ୍ତି—'ନବମ୍ୟାଂ ପୂଜୟେତ୍ ଦେବୀଂ କୃତ୍ୱା ରୁଧିର-କର୍ଦ୍ଦମଂ'—ଏଥର ତାହା ହିଁ କରିବ । ମାଆଙ୍କୁ ଛାତିର ରକ୍ତ ଦେଇ ପୂଜା କରିବାକୁ ହେବ, ତେବେ ଯାଇ ସେ ପ୍ରସନ୍ନା ହୁଅନ୍ତି । ମା'ର ପୁଅ ବୀର ହେବ—ମହାବୀର ହେବ । ନିରାନନ୍ଦରେ, ଦୁଃଖରେ, ପ୍ରଳୟରେ, ମା'ର ପୁଅ ନିର୍ଭୀକ ହୋଇ ରହିବ ।

ଏହିପରି କଥା ହେଉଅଛି, ଏହି ସମୟରେ ତଳେ ପ୍ରସାଦ ପାଇବାର ଘଣ୍ଟା ବାଜିଲା । ସ୍ୱାମୀଜୀ ଶୁଣି କହିଲେ, 'ଯା ତଳେ ପ୍ରସାଦ ପାଇ ଶୀଘ୍ର ଆସିବୁ ।'

## ୩୮

ସ୍ଥାନ—ବେଲୁଡ଼ ମଠ
କାଳ—୧୯୦୧

ସ୍ୱାମୀଜୀ ଆଜିକାଲି ମଠରେ ଅବସ୍ଥାନ କରୁଛନ୍ତି । ତାଙ୍କ ଶରୀର ସେତେ ସୁସ୍ଥ ନୁହେଁ । ତେବେ ସକାଳେ ସନ୍ଧ୍ୟାରେ ବୁଲିବାକୁ ବାହାରନ୍ତି । ଶିଷ୍ୟ ଆଜି ଶନିବାର ମଠକୁ ଆସିଛି । ସ୍ୱାମୀଜୀଙ୍କ ପାଦପଦ୍ମରେ ପ୍ରଣତ ହୋଇ ତାଙ୍କ ଶାରୀରିକ କୁଶଳବାର୍ତ୍ତା ପଚାରୁଛି ।

ସ୍ୱାମୀଜୀ : ଏ ଶରୀରର ତ ଏହି ଅବସ୍ଥା ! ତୁମେ ତ କେହିହେଲେ ମୋ କାର୍ଯ୍ୟରେ ସହାୟତା କରିବାକୁ ଅଗ୍ରସର ହେଉ ନାହଁ । ମୁଁ ଏକା କ'ଣ କରିବି କହ ? ବଙ୍ଗଳା ଦେଶର ମାଟିରେ ଏଥର ଏହି ଶରୀରଟା ହୋଇଛି, ଏ ଶରୀରଦ୍ୱାରା କ'ଣ ଆଉ ବେଶୀ କାମଦାମ ହୋଇପାରେ ? ତୁମେସବୁ ଏଠାକୁ ଆସୁଛ—ଶୁଦ୍ଧ ଆଧାର, ତୁମେମାନେ ଯଦି ମୋର ଏସବୁ କାର୍ଯ୍ୟରେ ସହାୟ ନ ହୁଅ, ତେବେ ମୁଁ ଏକା କ'ଣ କରିବି କହ ?

ଶିଷ୍ୟ : ଆଜ୍ଞା, ଏଇସବୁ ବ୍ରହ୍ମଚାରୀ ତ୍ୟାଗୀ ପୁରୁଷମାନେ ଆପଣଙ୍କ ପଛରେ ଠିଆ ହୋଇ ରହିଛନ୍ତି । ମୋର ମନେହୁଏ ଆପଣଙ୍କ କାର୍ଯ୍ୟରେ ଏମାନେ ପ୍ରତ୍ୟେକେ ଜୀବନ ଦେଇପାରନ୍ତି; ତଥାପି ଆପଣ ସେକଥା କହୁଛନ୍ତି କାହିଁକି ?

ସ୍ୱାମୀଜୀ : କ'ଣ ଜାଣୁ ? ମୁଁ ଚାହେଁ a band of young Bengal (ଦଳେ ବଙ୍ଗାଳୀ ଯୁବକ) । ଏହିମାନେ ହିଁ ଦେଶର ଆଶାଭରସାର ସ୍ଥଳ । ଚରିତ୍ରବାନ୍, ବୁଦ୍ଧିମାନ୍, ପରାର୍ଥେ ସର୍ବତ୍ୟାଗୀ ଏବଂ ଆଜ୍ଞାନୁବର୍ତ୍ତୀ ଯୁବକମାନଙ୍କ ଉପରେ ହିଁ ମୋର ଭବିଷ୍ୟତ ଭରସା—ମୋର idea (ଭାବ) ସବୁ ଯେଉଁମାନେ work out (ଜୀବନରେ ପରିଣତ) କରି ନିଜର ଓ ଦେଶର କଲ୍ୟାଣସାଧନ କରିବା ନିମିତ୍ତ ଜୀବନପାତ କରିପାରିବେ । ନଚେତ୍ ଦଳେ ଦଳେ

କେତେ ପିଲା ଆସୁଛନ୍ତି ଓ ଆସିବେ । ତାଙ୍କର ମୁଖର ଭାବ ତମୋପୂର୍ଣ୍ଣ, ହୃଦୟ ଉଦ୍ୟମଶୂନ୍ୟ, ଶରୀର ଅପଟୁ, ମନ ସାହସଶୂନ୍ୟ—ଏମାନଙ୍କ ଦ୍ୱାରା କଅଣ କାମ ହେବ ? ନଚିକେତାଙ୍କ ପରି ଶ୍ରଦ୍ଧାବାନ୍ ଦଶବାରଟି ପିଲା ପାଇଲେ ମୁଁ ଦେଶର ଚିନ୍ତା ଓ ଚେଷ୍ଟା ନୂତନ ପଥରେ ଚାଳନା କରିଦେଇପାରେ ।

**ଶିଷ୍ୟ : ଆଜ୍ଞା, ଏତେ ଯୁବକ ଆପଣଙ୍କ ନିକଟକୁ ଆସୁଛନ୍ତି, ଏମାନଙ୍କ ଭିତରେ ଏପରି ସ୍ୱଭାବବିଶିଷ୍ଟ କାହାକୁ କ'ଣ ଦେଖିବାକୁ ପାଉ ନାହାନ୍ତି ?**

ସ୍ୱାମୀଜୀ : ଯେଉଁମାନଙ୍କୁ ଭଲ ଆଧାର ବୋଲି ମନେହୁଏ, ସେମାନଙ୍କ ମଧ୍ୟରୁ କେହି ବା ବିଭା ହୋଇପଡ଼ିଛି, କେହି ବା ସଂସାରର ମାନ, ଯଶ, ଧନ ଉପାର୍ଜ୍ଜନର ଚେଷ୍ଟାରେ ବିକ ହୋଇଯାଇଛି, କାହାର ବା ଶରୀର ଅପଟୁ । ତା'ପରେ ବାକି ଅଧିକାଂଶ ହିଁ ଉଚ୍ଚ ଭାବ ନେବାକୁ ଅକ୍ଷମ । ତୁମେମାନେ ମୋ'ର ଭାବ ନେବାକୁ ସକ୍ଷମ ସତ୍ୟ, କିନ୍ତୁ ତୁମେ ବି କାର୍ଯ୍ୟକ୍ଷେତ୍ରରେ ସେଗୁଡ଼ିକୁ ଏପର୍ଯ୍ୟନ୍ତ ବିକାଶ କରିପାରୁ ନାହଁ । ଏହିସବୁ କାରଣରୁ ମନରେ ବେଳେ ବେଳେ ବିଶେଷ କ୍ଷୋଭ ହୁଏ; ମନେହୁଏ, ଦୈବ-ବିଡ଼ମ୍ବନା ଯୋଗୁଁ ଶରୀରଧାରଣ କରି କୌଣସି କାର୍ଯ୍ୟ କରିଯାଇପାରିଲି ନାହିଁ । ଅବଶ୍ୟ ଏପର୍ଯ୍ୟନ୍ତ ଏକାବେଳକେ ହତାଶ ହୋଇ ନାହିଁ; କାରଣ ଠାକୁରଙ୍କ ଇଚ୍ଛା ହେଲେ ଏହିସବୁ ପିଲାଙ୍କ ଭିତରୁ ହିଁ ସମୟରେ ମହା ମହା ଧର୍ମବୀର, କର୍ମବୀର ବାହାରିପାରନ୍ତି—ଯେଉଁମାନେ ଭବିଷ୍ୟତରେ ମୋର idea (ଭାବ) ନେଇ କାର୍ଯ୍ୟ କରିବେ ।

ଶିଷ୍ୟ : ମୋର ମନେହୁଏ, ଆପଣଙ୍କ ଉଦାର ଭାବସବୁ ସମସ୍ତଙ୍କୁ ସନେ ନା ସନେ ନେବାକୁ ହେବ । ଏହା ହିଁ ମୋର ଦୃଢ଼ ଧାରଣା । କାରଣ ସ୍ପଷ୍ଟ ଦେଖିବାକୁ ପାଉଛୁ, ସବୁ ଦିଗରେ ସବୁ ବିଷୟକୁ ଆଶ୍ରୟ କରି ଆପଣଙ୍କ ଚିନ୍ତାପ୍ରବାହ ଛୁଟିଛି । କି ଜୀବସେବା, କି ଦେଶକଲ୍ୟାଣ-ବ୍ରତ, କି ବ୍ରହ୍ମବିଦ୍ୟାଚର୍ଚ୍ଚା, କି ବ୍ରହ୍ମଚର୍ଯ୍ୟ—ସବୁଥିରେ ହିଁ ଆପଣଙ୍କ ଭାବ ପ୍ରବେଶ କରି ସେମାନଙ୍କ ଭିତରେ ଗୋଟାଏ ଅଭିନବତ୍ୱ ଆଣିଦେଇଛି । ଆଉ ଦେଶର ଲୋକମାନେ କେହି ବା ଆପଣଙ୍କ ନାମ ପ୍ରକାଶ୍ୟରେ କହି, ପୁଣି କେହି ବା ଆପଣଙ୍କ ନାମଟି ଗୋପନ କରି ନିଜ ନାମରେ ଆପଣଙ୍କ ସେହି ଭାବ ଓ ମତକୁ ହିଁ ସକଳ ବିଷୟରେ ଗ୍ରହଣ ଓ ସାଧାରଣରେ ଉପଦେଶ ପ୍ରଦାନ କରୁଛନ୍ତି ।

ସ୍ୱାମୀଜୀ : ମୋର ନାମ ନ କଲେ ସେଥିରେ କ'ଣ ଯାଏ ଆସେ ? ମୋର idea (ଭାବ) ନେଲେ ହେଲା । କାମକାଞ୍ଚନ-ତ୍ୟାଗୀ ହୋଇ ସୁଦ୍ଧା ଶତକଡ଼ା ଅନେଶତ ଜଣ ସାଧୁ ନାମଯଶରେ ଅବଦ୍ଧ ହୋଇପଡ଼ନ୍ତି । Fame that the last infirmity of noble mind* (ଯଶର ଆକାଙ୍‌କ୍ଷା ହିଁ ମହତ୍ ବ୍ୟକ୍ତିର ଶେଷ ଦୁର୍ବଳତା) ପଢ଼ିଛୁ ନା ? ଏକାବେଳକେ ଫଳକାମନାଶୂନ୍ୟ ହୋଇ କାମ କରିଯିବାକୁ ହେବ । ଭଲ, ମନ୍ଦ—ଲୋକେ ଦୁଇଟା ତ କହିବେ; କିନ୍ତୁ ideal (ଉଚ୍ଚାଦର୍ଶ) ସାମନାରେ ରଖି ଆମକୁ ସିଂହପରି କାମ

---

* Lycidas—Milton

କରଯିବାକୁ ହେବ; ସେଥିରେ 'ନିନ୍ଦନ୍ତୁ ନୀତିନିପୁଣାଃ ଯଦି ବା ସ୍ତୁବନ୍ତୁ'*—(ପଣ୍ଡିତମାନେ ନିନ୍ଦା ବା ସ୍ତୁତି ଯାହା କରନ୍ତୁ ।)

ଶିଷ୍ୟ : ଆମମାନଙ୍କ ପକ୍ଷରେ ବର୍ତ୍ତମାନ କିପରି ଆଦର୍ଶ ଗ୍ରହଣ କରିବା ଉଚିତ ?

ସ୍ୱାମୀଜୀ : ମହାବୀରଙ୍କ ଚରିତ୍ରକୁ ହିଁ ତୁମର ବର୍ତ୍ତମାନ ଆଦର୍ଶ କରିବାକୁ ହେବ । ଦେଖୁନାହୁଁ, ରାମଙ୍କ ଆଜ୍ଞାରେ ସାଗର ଡେଇଁ ଗୁଲିଗଲା ! ଜୀବନ-ମରଣକୁ ଦୃକ୍‌ପାତ ନାହିଁ—ମହା ଜିତେନ୍ଦ୍ରିୟ, ମହା ବୁଦ୍ଧିମାନ୍ ! ଦାସ୍ୟଭାବର ଏହି ମହା ଆଦର୍ଶରେ ତୁମର ଜୀବନ ଗଠନ କରିବାକୁ ହେବ । ସେପରି ହେଲେ ହିଁ ଅନ୍ୟାନ୍ୟ ଭାବର ସ୍ଫୁରଣ କାଳକ୍ରମେ ଆପେ ଆପେ ହୋଇଯିବ । ଦ୍ୱିଧାଶୂନ୍ୟ ହୋଇ ଗୁରୁଙ୍କ ଆଜ୍ଞା ପାଳନ, ଆଉ ବ୍ରହ୍ମଚର୍ଯ୍ୟ-ରକ୍ଷା—ଏହା ହିଁ ହେଉଛି secret of success (ସଫଳ ହେବାର ଏକମାତ୍ର ରହସ୍ୟ); 'ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ' (ଏହା ଛଡ଼ା ଆଉ ଦ୍ୱିତୀୟ ପଥ ନାହିଁ) । ହନୁମାନଙ୍କର ଏକ ଦିଗରେ ଯେପରି ସେବା-ଭାବ, ଅନ୍ୟ ଦିଗରେ ସେହିପରି ତ୍ରିଲୋକ-ସନ୍ତ୍ରାସୀ ସିଂହ-ବିକ୍ରମ ! ରାମଙ୍କ ହିତାର୍ଥେ ଜୀବନପାତ କରିବାକୁ କିଛିମାତ୍ର ଦ୍ୱିଧା ରଖିଲେ ନାହିଁ । ରାମସେବା ଭିନ୍ନ ଅନ୍ୟ ସବୁ ବିଷୟକୁ ଉପେକ୍ଷା—ବ୍ରହ୍ମତ୍ୱ ଶିବତ୍ୱ ଲାଭ ପାଇଁ ସୁଦ୍ଧା ଉପେକ୍ଷା । କେବଳ ରଘୁନାଥଙ୍କ ଆଦେଶ-ପାଳନ ହିଁ ଜୀବନର ଏକମାତ୍ର ବ୍ରତ । ସେହିପରି ଏକାଗ୍ରନିଷ୍ଠ ହେବା ଆବଶ୍ୟକ । ଖୋଲ କରତାଳ ବଜାଇ ଲମ୍ଫ ଝମ୍ପ କରି ଦେଶଟା ଉଚ୍ଛନ୍ନ ହୋଇଗଲା । ଏକେ ତ ଏହି dyspeptic (ଅଜୀର୍ଣ୍ଣ) ରୋଗୀର ଦଳ; ସେଥିରେ ଏତେ ଡିଆଁ ଡେଇଁ କଲେ ସହିବ କିପରି ? କାମଗନ୍ଧହୀନ ଉଚ୍ଚ ସାଧନାର ଅନୁକରଣ କରିବାକୁ ଯାଇ ଦେଶଟା ଘୋର ତମସାଚ୍ଛନ୍ନ ହୋଇପଡ଼ିଛି । ଦେଶରେ ଦେଶରେ, ଗାଁରେ ଗାଁରେ, ଯେଉଁଠାକୁ ଯିବୁ, ଦେଖିବୁ ଖୋଲ କରତାଳ ବାଜୁଛି ! ଢକ୍‌କା ଢୋଲ କ'ଣ ଦେଶରେ ତିଆରି ହୁଏ ନାହିଁ ? ତୁରୀ, ଭେରୀ କଅଣ ଭାରତରେ ମିଳେ ନାହିଁ ? ସେହିସବୁ ଗୁରୁଗମ୍ଭୀର ଆବାଜ ପିଲାମାନଙ୍କୁ ଶୁଣା । ପିଲାଦିନରୁ ମାଇପି ବାଜଣା ଶୁଣି ଶୁଣି, କୀର୍ତ୍ତନ ଶୁଣି ଶୁଣି, ଦେଶଟା ଯେ ସ୍ତ୍ରୀଲୋକଙ୍କ ଦେଶ ହୋଇଗଲା ଏହାଠାରୁ ବଳି ଆଉ କ'ଣ ଅଧଃପତନକୁ ଯିବ ? କବିକଳ୍ପନା ବି ଏ ଛବି ଆଙ୍କିବାକୁ ଯାଇ ହାର୍ ମାନେ ! ଡମ୍ବରୁ, ଶିଙ୍ଗା ବଜାଇବାକୁ ହେବ, ଢକ୍‌କାରେ ବ୍ରହ୍ମ-ରୁଦ୍ରତାଳର ଦୁନ୍ଦୁଭି-ନାଦ ଉଠାଇବାକୁ ହେବ, 'ମହାବୀର' 'ମହାବୀର' ଧ୍ୱନିରେ ଏବଂ 'ହର୍ ହର୍ ବମ୍ ବମ୍' ଶବ୍ଦରେ ଦିଗ୍‌ଦେଶ କମ୍ପିତ କରିବାକୁ ହେବ । ଯେଉଁସବୁ music (ଗୀତବାଦ୍ୟ)-ରେ ମନୁଷ୍ୟର soft feelings (ହୃଦୟର କୋମଳ ଭାବସମୂହ) ଉଦ୍ଦୀପିତ ହୁଏ, ସେସବୁ କିଛିଦିନ ପାଇଁ ବର୍ତ୍ତମାନ ବନ୍ଦ ରଖିବାକୁ ହେବ । 'ଖେଆଲ ଟପ୍‌ପା' ବନ୍ଦ କରି ଧ୍ରୁପଦ ସଂଗୀତ ଶୁଣିବାକୁ ଲୋକଙ୍କୁ ଅଭ୍ୟାସ କରାଇବାକୁ ହେବ । ବୈଦିକ ଛନ୍ଦର ମେଘମନ୍ଦ୍ରରେ ଦେଶଟାର ପ୍ରାଣସଞ୍ଚାର କରିବାକୁ ହେବ । ସକଳ ବିଷୟରେ ବୀରତ୍ୱର କଠୋର ମହାପ୍ରାଣତା ଆଣିବାକୁ ହେବ । ଏହିରୂପେ ideal follow (ଆଦର୍ଶର

---

* ନୀତିଶତକମ୍, ଭର୍ତ୍ତୃହରି

ଅନୁସରଣ) କଲେ, ତେବେ ଯାଇ ବର୍ତ୍ତମାନ ଜୀବର କଲ୍ୟାଣ, ଦେଶର କଲ୍ୟାଣ । ତୁ ଯଦି ଏକା ସେହି ଭାବରେ ଚରିତ୍ର ଗଠନ କରିପାରୁ, ତାହାହେଲେ ତୋର ଦେଖାଦେଖି ହଜାରେ ଲୋକ ସେହିପରି କରିବାକୁ ଶିଖିବେ । କିନ୍ତୁ ଦେଖିବୁ ideal (ଆଦର୍ଶ)-ରୁ କଦାପି ଯେପରି ପାଦେ ହେଲେ ହଟିବୁ ନାହିଁ । କେବେହେଲେ ସାହସ-ହୀନ ହେବୁ ନାହିଁ । ଖାଇବା, ଶୋଇବା, ପିନ୍ଧିବା ବେଳେ, ଗାଇବା ବଜାଇବା ବେଳେ, ଭୋଗରେ ରୋଗରେ କେବଳ ସତ୍‌ସାହସର ପରିଚୟ ଦେବୁ । ତେବେ ଯାଇ ମହାଶକ୍ତିଙ୍କ କୃପା ହେବ ।

ଶିଷ୍ୟ : ଆଜ୍ଞା, ସମୟ ସମୟରେ ମୁଁ କିପରି ସାହସହୀନ ହୋଇପଡ଼େ ।

ସ୍ୱାମୀଜୀ : ସେତେବେଳେ ଏପରି ଭାବିବୁ—'ମୁଁ କାହାର ସନ୍ତାନ ? ତାଙ୍କ ପାଖକୁ ଯାଇ ମୋର ଏପରି ହୀନ ବୁଦ୍ଧି, ହୀନ ସାହସ !' ହୀନ ବୁଦ୍ଧି, ହୀନ ସାହସର ମୁଣ୍ଡରେ ଗୋଇଠା ମାରି, 'ମୁଁ ବୀର୍ଯ୍ୟବାନ୍, ମୁଁ ମେଧାବାନ୍, ମୁଁ ବ୍ରହ୍ମବିତ୍, ମୁଁ ପ୍ରଜ୍ଞାବାନ୍' କହି କହି ଠିଆ ହୋଇପଡ଼ିବୁ । 'ମୁଁ ଅମୁକର ଚେଲା, କାମ-କାଞ୍ଚନଜିତ୍ ଠାକୁରଙ୍କ ସଙ୍ଗୀର ସଙ୍ଗୀ'—ଏହିପରି ଅଭିମାନ ଖୁବ୍ ରଖିବୁ । ଏଥିରେ କଲ୍ୟାଣ ହେବ । ସେ ଅଭିମାନ ଯାହାର ନାହିଁ, ତା' ଭିତରେ ବ୍ରହ୍ମ ଜାଗନ୍ତି ନାହିଁ । ରାମପ୍ରସାଦଙ୍କ ଗୀତ ଶୁଣି ନାହୁଁ ? ସେ କହୁଥିଲେ—'ଏ ସଂସାରେ ଡର କା'ରେ, ରାଜା ଯା'ର ମା ମାହେଶ୍ୱରୀ ।' ଏହିପରି ଅଭିମାନ ସର୍ବଦା ମନରେ ଉଜ୍ଜୀବିତ ରଖିବାକୁ ହେବ । ତାହାହେଲେ ଆଉ ହୀନ ବୁଦ୍ଧି, ହୀନ ସାହସ ପାଖକୁ ଆସିବ ନାହିଁ । କେବେହେଲେ ମନରେ ଦୁର୍ବଳତା ଆସିବାକୁ ଦେବୁ ନାହିଁ । ମହାବୀରଙ୍କୁ ସ୍ମରଣ କରିବୁ—ମହାମାୟାଙ୍କୁ ସ୍ମରଣ କରିବୁ । ଦେଖିବୁ, ସବୁ ଦୁର୍ବଳତା, ସବୁ କାପୁରୁଷତା ସଙ୍ଗେ ସଙ୍ଗେ ଚାଲିଯିବ ।

ଏହିପରି କହି କହି ସ୍ୱାମୀଜୀ ତଳକୁ ଆସିଲେ । ମଠର ବିସ୍ତୃତ ପ୍ରାଙ୍ଗଣରେ ଯେଉଁ ଆମ୍ବ ଗଛ ଅଛି, ତାହା ତଳେ କ୍ୟାମ୍ପ୍ ଖଟରେ ସେ ଅନେକ ସମୟରେ ବସୁଥିଲେ । ଆଜି ବି ସେଠାକୁ ଆସି ପଶ୍ଚିମାସ୍ୟ ହୋଇ ଉପବେଶନ କଲେ । ତାଙ୍କ ନୟନରୁ ମହାବୀରଙ୍କ ଭାବ ଯେପରି ସେପର୍ଯ୍ୟନ୍ତ ଫୁଟି ବାହାରୁଛି ! ଉପବିଷ୍ଟ ହୋଇ ସେ ଶିଷ୍ୟଙ୍କୁ ଉପସ୍ଥିତ ସନ୍ନ୍ୟାସୀ ଓ ବ୍ରହ୍ମଚାରୀମାନଙ୍କୁ ଦେଖାଇ କହିବାକୁ ଲାଗିଲେ :

ଏଇ ଯେ ପ୍ରତ୍ୟକ୍ଷ ବ୍ରହ୍ମ ! ଏହାଙ୍କୁ ଉପେକ୍ଷା କରି ଯେଉଁମାନେ ଅନ୍ୟ ବିଷୟରେ ମନ ଦିଅନ୍ତି—ଧିକ୍ ସେମାନଙ୍କୁ ! କରାମଲକବତ୍ ଏହି ଯେ ବ୍ରହ୍ମ ! ଦେଖିପାରୁ ନାହୁଁ ?—ଏହି—ଏହି !

ଏପରି ହୃଦୟସ୍ପର୍ଶୀ ଭାବରେ ସ୍ୱାମୀଜୀ କଥାଗୁଡ଼ିକ କହିଲେ ଯେ, ଶୁଣିବା ମାତ୍ରକେ ଉପସ୍ଥିତ ସମସ୍ତେ 'ଚିତ୍ରାର୍ପିତାରମ୍ଭ ଇବାବତସ୍ଥେ ।'—ସହସା ଗଭୀର ଧ୍ୟାନରେ ମଗ୍ନ । କାହାରି ମୁହଁରେ କଥା ନାହିଁ । ସ୍ୱାମୀ ପ୍ରେମାନନ୍ଦ ସେତେବେଳେ ଗଙ୍ଗାରୁ କମଣ୍ଡଳୁରେ ଜଳ ନେଇ ଠାକୁରଘରକୁ ଉଠୁଥିଲେ । ତାଙ୍କୁ ଦେଖି ମଧ୍ୟ ସ୍ୱାମୀଜୀ 'ଏହି ପ୍ରତ୍ୟକ୍ଷ ବ୍ରହ୍ମ—ଏହି ପ୍ରତ୍ୟକ୍ଷ ବ୍ରହ୍ମ' କହିବାକୁ ଲାଗିଲେ । ସେକଥା ଶୁଣି ତାଙ୍କର ମଧ୍ୟ ସେତେବେଳେ ହାତର କମଣ୍ଡଳୁ ହାତରେ ବନ୍ଧ ହୋଇ ରହିଲା, ଗୋଟାଏ ମହାନଶାର ଆବେଶରେ ଆଚ୍ଛନ୍ନ ହୋଇ ସେ ଚ

ତତ୍କ୍ଷଣାତ୍ ଧ୍ୟାନସ୍ଥ ହୋଇ ପଡ଼ିଲେ ! ଏହିପରି ପ୍ରାୟ ୧୫ ମିନିଟ ଗତ ହେବାରୁ ସ୍ୱାମୀଜୀ ସ୍ୱାମୀ ପ୍ରେମାନନ୍ଦଙ୍କୁ ଆହ୍ୱାନ କରି କହିଲେ, 'ଯା, ଏବେ ଠାକୁରପୂଜାକୁ ଯା ।' ସ୍ୱାମୀ ପ୍ରେମାନନ୍ଦଙ୍କର ସେତେବେଳେ ଚେତନା ହେଲା ! କ୍ରମେ ସମସ୍ତଙ୍କ ମନ ପୁଣି 'ମୁଁ-ମୋର'-ରାଜ୍ୟକୁ ଖସି ଆସିଲା ଏବଂ ସମସ୍ତେ ଯେ ଯାହାର କାର୍ଯ୍ୟରେ ଗମନ କଲେ । ସେଦିନର ସେହି ଦୃଶ୍ୟ ଶିଷ୍ୟ ଇହଜୀବନରେ କେବେହେଲେ ଭୁଲିପାରିବ ନାହିଁ ।

କିଛି ସମୟ ପରେ ଶିଷ୍ୟ-ସମଭିବ୍ୟାହାରରେ ସ୍ୱାମୀଜୀ ବୁଲିବାକୁ ଗଲେ । ଯାଉ ଯାଉ ଶିଷ୍ୟକୁ କହିଲେ—'ଦେଖିଲୁ ଆଜି କିପରି ହେଲା ? ସମସ୍ତଙ୍କୁ ଧ୍ୟାନସ୍ଥ ହେବାକୁ ପଡ଼ିଲା । ଏମାନେ ସବୁ ଠାକୁରଙ୍କର ସନ୍ତାନ କି ନା, କହିବା ମାତ୍ରକେ ଏମାନଙ୍କର ସଙ୍ଗେ ସଙ୍ଗେ ଅନୁଭୂତି ହୋଇଗଲା ।'

ଶିଷ୍ୟ : ଆଜ୍ଞା, ଆମ ଭଳି ଲୋକଙ୍କ ମନ ଯେତେବେଳେ ନିର୍ବିଷୟ ହୋଇ ଯାଇଥିଲା, ସେତେବେଳେ ସେମାନଙ୍କର କି ବା କଥା ! ଆନନ୍ଦରେ ମୋର ହୃଦୟ ଯେପରି ଫାଟି ଯାଉଥିଲା ! ବର୍ତ୍ତମାନ କିନ୍ତୁ ସେସବୁ ଭାବର ଆଉ କିଛି ମନେ ନାହିଁ—ଯେପରି ସ୍ୱପ୍ନବତ୍ ହୋଇଯାଇଛି ।

ସ୍ୱାମୀଜୀ : ସବୁ ସମୟକ୍ରମେ ହୋଇଯିବ । ଏବେ କାମ କର । ଏହି ମହାମୋହଗ୍ରସ୍ତ ଜୀବସମୂହର କଲ୍ୟାଣ ନିମିତ୍ତ କୌଣସି କାମରେ ଲାଗି ଯା । ଦେଖିବୁ, ସେସବୁ ଆପେ ଆପେ ହୋଇଯିବ ।

ଶିଷ୍ୟ : ଆଜ୍ଞା, ଏତେ କର୍ମ ମଧ୍ୟରେ ପଶିବାକୁ ଭୟ ହୁଏ—ସେ ସାମର୍ଥ୍ୟ ବି ନାହିଁ । ଶାସ୍ତ୍ର ମଧ୍ୟ କହେ 'ଗହନା କର୍ମଣୋ ଗତିଃ ।'

ସ୍ୱାମୀଜୀ : ତୋତେ କ'ଣ ଭଲ ଲାଗେ ?

ଶିଷ୍ୟ : ଆପଣଙ୍କ ପରି ସର୍ବଶାସ୍ତ୍ରାର୍ଥଦର୍ଶୀଙ୍କ ସହିତ ବାସ ଓ ତତ୍ତ୍ୱବିଚାର କରିବି, ଏବଂ ଶ୍ରବଣ, ମନନ ନିଦିଧ୍ୟାସନ ଦ୍ୱାରା ଏହି ଶରୀରରେ ବ୍ରହ୍ମତତ୍ତ୍ୱ ପ୍ରତ୍ୟକ୍ଷ କରିବି; ଏହାଛଡ଼ା କୌଣସି ବିଷୟରେ ହିଁ ମୋର ଉତ୍ସାହ ଆସୁ ନାହିଁ । ବୋଧହୁଏ, ଯେପରି ଅନ୍ୟ କିଛି କରିବାର ସାମର୍ଥ୍ୟ ବି ମୋର ନାହିଁ ।

ସ୍ୱାମୀଜୀ : ଭଲ ଲାଗେ ତ ତାହା ହିଁ କରିଯା' । ଆଉ ତୋର ସବୁ ଶାସ୍ତ୍ର-ସିଦ୍ଧାନ୍ତ ଲୋକମାନଙ୍କୁ ଜଣାଇ ଦେ । ତାହାହେଲେ ଅନେକଙ୍କର ଉପକାର ହେବ । ଶରୀର ଯେତେଦିନ ଅଛି, ସେତେଦିନ କାମ ନ କରି ତ କେହି ରହିପାରେ ନାହିଁ; ସୁତରାଂ ଯେଉଁ କାର୍ଯ୍ୟରେ ପରର ଉପକାର ହୁଏ, ତାହା ହିଁ କରିବା ଉଚିତ । ତୋର ନିଜର ଅନୁଭୂତି ଏବଂ ଶାସ୍ତ୍ରୀୟ ସିଦ୍ଧାନ୍ତ-ବାକ୍ୟଦ୍ୱାରା ଅନେକ ଜିଜ୍ଞାସୁଙ୍କ ଉପକାର ହୋଇପାରେ । ସେସବୁ ଲିପିବଦ୍ଧ କରି ଯା' । ଏଥିରେ ଅନେକଙ୍କର ଉପକାର ହୋଇପାରେ ।

ଶିଷ୍ୟ : ଆଗେ ମୋର ନିଜର ଅନୁଭୂତି ହେଉ, ସେତେବେଳେ ଲେଖିବି । ଠାକୁର କହୁଥିଲେ ଯେ, ଆଦେଶନାମା ନ ପାଇଲେ, କେହି କାହାରି କଥା ଗ୍ରାହ୍ୟ କରେ ନାହିଁ ।

ସ୍ୱାମୀଜୀ : ତୁ ଯେଉଁସବୁ ସାଧନା ଓ ବିଚାରର stage (ଅବସ୍ଥା) ଦେଇ ଅଗ୍ରସର

ହେଉଛୁ, ଜଗତରେ ଏପରି ଲୋକ ଅନେକେ ଥାଇପାରନ୍ତି, ଯେଉଁମାନେ ସେହି stage (ଅବସ୍ଥା)-ରେ ପଡ଼ିଅଛନ୍ତି, ସେ-ଅବସ୍ଥା ଅତିକ୍ରମ କରି ଅଗ୍ରସର ହୋଇପାରୁ ନାହାନ୍ତି। ତୋର experience (ଅନୁଭୂତି) ଓ ବିଚାର-ପ୍ରଣାଳୀ ଲିପିବଦ୍ଧ ହେଲେ ସେମାନଙ୍କର ବି ତ ଉପକାର ହେବ। ମଠରେ ସାଧୁମାନଙ୍କ ସଙ୍ଗରେ ଯେଉଁସବୁ ଚର୍ଚ୍ଚା କରୁ, ସେବିଷୟଗୁଡ଼ିକ ସହଜ ଭାଷାରେ ଲିପିବଦ୍ଧ କରି ରଖିଲେ ଅନେକଙ୍କର ଉପକାର ହୋଇପାରେ।

ଶିଷ୍ୟ : ଆପଣ ଯେତେବେଳେ ଆଜ୍ଞା କରୁଛନ୍ତି, ସେତେବେଳେ ସେବିଷୟରେ ମୁଁ ଚେଷ୍ଟା କରିବି।

ସ୍ୱାମୀଜୀ : ଯେଉଁ ସାଧନଭଜନ ବା ଅନୁଭୂତି ଦ୍ୱାରା ପରର ଉପକାର ହୁଏ ନାହିଁ, ମହାମୋହଗ୍ରସ୍ତ ଜୀବକୁଳର କଲ୍ୟାଣ ସାଧିତ ହୁଏ ନାହିଁ, କାମକାଞ୍ଚନର ଗଣ୍ଡି ଭିତରୁ ମନୁଷ୍ୟଙ୍କୁ ବାହାରିବାରେ ସହାୟତା କରେ ନାହିଁ—ଏପରି ସାଧନଭଜନରେ ଫଳ କ'ଣ ? ତୁ କ'ଣ ଭାବୁଛୁ—ଗୋଟିଏ ମାତ୍ର ଜୀବର ବନ୍ଧନ ଥିବାଯାଏ ତୋର ମୁକ୍ତି ଅଛି ? ଯେତେ କାଳ ତା'ର ଉଦ୍ଧାର ନ ହୋଇଛି, ସେତେକାଳ ତୋତେ ବି ଜନ୍ମ ନେବାକୁ ହେବ—ତାକୁ ସାହାଯ୍ୟ କରିବାକୁ, ତାକୁ ବ୍ରହ୍ମାନୁଭୂତି କରାଇବାକୁ। ପ୍ରତି ଜୀବ ଯେ ତୋହରି ଅଙ୍ଗ ! ଏଇଥିପାଇଁ ପରାର୍ଥେ କର୍ମ। ତୋର ସ୍ତ୍ରୀ-ପୁତ୍ରଙ୍କୁ ଆପଣାର ଜାଣି ତୁ ଯେପରି ସେମାନଙ୍କର ସର୍ବାଙ୍ଗୀନ ମଙ୍ଗଳ କାମନା କରୁ, ପ୍ରତ୍ୟେକ ଜୀବ ପ୍ରତି ଯେତେବେଳେ ତୋର ସେହିପରି ମମତା ହେବ, ସେତେବେଳେ ବୁଝିବି—ତୋ ଭିତରେ ବ୍ରହ୍ମ ଜାଗରିତ ହେଉଛନ୍ତି, not a moment before (ମୁହୂର୍ତ୍ତିକ ପୂର୍ବରୁ ବି ନୁହେଁ)। ଜାତିବର୍ଣ୍ଣ-ନିର୍ବିଶେଷରେ ଏହି ସର୍ବାଙ୍ଗୀନ ମଙ୍ଗଳକାମନା ଜାଗରିତ ହେଲେ ଯାଇ ବୁଝିବି—ତୁ ideal (ଆଦର୍ଶ) ଆଡ଼କୁ ଅଗ୍ରସର ହେଉଛୁ।

ଶିଷ୍ୟ : ଏହା ତ ଆଜ୍ଞା, ଭୟଙ୍କର କଥା—ସମସ୍ତଙ୍କର ମୁକ୍ତି ନ ହେଲେ ବ୍ୟକ୍ତିଗତ ମୁକ୍ତି ହେବ ନାହିଁ ! କେଉଁଠି ତ ଏପରି ଅଦ୍ଭୁତ ସିଦ୍ଧାନ୍ତ ଶୁଣି ନାହିଁ।

ସ୍ୱାମୀଜୀ : ଗୋଟିଏ class (ଶ୍ରେଣୀର) ବେଦାନ୍ତବାଦୀଙ୍କର ଏହିପରି ମତ ଅଛି। ସେମାନେ କହନ୍ତି—'ବ୍ୟଷ୍ଟିଗତ ମୁକ୍ତି—ମୁକ୍ତିର ଯଥାର୍ଥ ସ୍ୱରୂପ ନୁହେଁ, ସମଷ୍ଟିଗତ ମୁକ୍ତି ହିଁ ମୁକ୍ତି।' ଅବଶ୍ୟ ଏହି ମତର ଦୋଷଗୁଣ ଯଥେଷ୍ଟ ଦେଖାଇ ଦିଆଯାଇପାରେ।

ଶିଷ୍ୟ : ବେଦାନ୍ତ ମତରେ ବ୍ୟଷ୍ଟିଭାବ ତ ବନ୍ଧନର କାରଣ। ସେହି ଉପାଧିଗତ ଚିତ୍‌ସତ୍ତା ହିଁ କାମ୍ୟକର୍ମାଦିବଶରୁ ବଦ୍ଧ ବୋଲି ପ୍ରତୀତ ହୁଅନ୍ତି। ବିଚାର-ବଳରେ ଉପାଧିଶୂନ୍ୟ ହେଲେ, ନିର୍ବିଷୟ ହେଲେ, ପ୍ରତ୍ୟକ୍ଷ ଚିନ୍ମୟ ଆତ୍ମାର ବନ୍ଧନ ରହିବ କିପରି ? ଯାହାର ଜୀବ-ଜଗତାଦିବୋଧ ଥାଏ, ତାହାର ମନେହୋଇପାରେ—ସମସ୍ତଙ୍କ ମୁକ୍ତି ନ ହେଲେ, ତାହାର ମୁକ୍ତି ନାହିଁ; କିନ୍ତୁ ଶ୍ରବଣାଦି ବଳରେ ମନ ନିରୁପାଧିକ ହୋଇ ଯେତେବେଳେ ପ୍ରତ୍ୟଗ୍‌ବ୍ରହ୍ମମୟ ହୁଏ, ସେତେବେଳେ ତାଙ୍କ ନିକଟରେ ଜୀବ ବା କେଉଁଠି ? ଆଉ ଜଗତ ବା କେଉଁଠି ?—କିଛି ହିଁ ନ ଥାଏ। କିଛି ହିଁ ତା'ର ମୁକ୍ତତ୍ତ୍ୱର ଅବରୋଧକ ହୋଇପାରେ ନାହିଁ।

ସ୍ୱାମୀଜୀ : ହଁ, ତୁ ଯାହା କହୁଛୁ, ତାହା ହିଁ ଅଧିକାଂଶ ବେଦାନ୍ତବାଦୀଙ୍କ ସିଦ୍ଧାନ୍ତ । ତାହା ନିର୍ଦ୍ଦୋଷ ମଧ୍ୟ । ସେଥିରେ ବ୍ୟକ୍ତିଗତ ମୁକ୍ତି ଅବରୁଦ୍ଧ ହୁଏ ନାହିଁ । କିନ୍ତୁ ଯେ ମନେ-କରେ—ମୁଁ ଆବ୍ରହ୍ମ ଜଗତଟାକୁ ମୋ ସାଙ୍ଗରେ ନେଇ ଏକ ସଙ୍ଗେ ମୁକ୍ତ ହେବି, ତା'ର ମହାପ୍ରାଣତା ଥରେ ଭାବି ଦେଖ୍ ଦେଖି !

ଶିଷ୍ୟ : ଆଜ୍ଞା, ତାହା ଉଦାରଭାବର ପରିଚାୟକ ଠିକ୍, କିନ୍ତୁ ଶାସ୍ତ୍ରବିରୁଦ୍ଧ ବୋଲି ମନେହୁଏ ।

ସ୍ୱାମୀଜୀ ଶିଷ୍ୟର କଥାଗୁଡ଼ିକ ଶୁଣିପାରିଲେ ନାହିଁ; ଅନ୍ୟମନସ୍କ ହୋଇ କୌଣସି ବିଷୟ ଭାବୁଥିଲେ ବୋଲି ବୋଧ ହେଲା । କିଛିକ୍ଷଣ ପରେ କହି ଉଠିଲେ—'ଆରେ, ଆମର କେଉଁ କଥା ହେଉଥିଲା ?' ଯେପରି ପୂର୍ବର ସମସ୍ତ କଥା ଭୁଲି ଯାଇଛନ୍ତି ! ଶିଷ୍ୟ ସେହି ବିଷୟର ସ୍ମରଣ କରାଇଦେବାରୁ ସ୍ୱାମୀଜୀ କହିଲେ, 'ଦିନରାତି ବ୍ରହ୍ମ-ବିଷୟର ଅନୁଧ୍ୟାନ କରିବୁ । ଏକାନ୍ତ ମନରେ ଧ୍ୟାନ କରିବୁ । ଆଉ ବ୍ୟୁତ୍ଥାନ କାଳରେ କୌଣସି ଲୋକହିତକର ବିଷୟର ଅନୁଷ୍ଠାନ କରିବୁ, ନଚେତ୍ ମନେ ମନେ ଭାବିବୁ—ଜୀବର, ଜଗତର ଉପକାର ହେଉ, ସମସ୍ତଙ୍କର ଦୃଷ୍ଟି ବ୍ରହ୍ମାଭିଗାମୀ ହେଉ । ଏହିପରି ଧାରାବାହିକ ଚିନ୍ତାତରଙ୍ଗ ଦ୍ୱାରା ହିଁ ଜଗତର ଉପକାର ହେବ । ଜଗତର କୌଣସି ସଦନୁଷ୍ଠାନ ନିରର୍ଥକ ହୁଏ ନାହିଁ । ତାହା କାର୍ଯ୍ୟରେ ହେଉ କିମ୍ବା ଚିନ୍ତାରେ ହେଉ । ତୋର ଚିନ୍ତାତରଙ୍ଗର ପ୍ରଭାବରେ ହୁଏତ ଆମେରିକାର କୌଣସି ଲୋକର ଚୈତନ୍ୟ ହେବ ।'

ଶିଷ୍ୟ : ଆଜ୍ଞା, ମୋର ମନ ଯେପରି ଯଥାର୍ଥରେ ନିର୍ବିଷୟ ହୁଏ, ସେବିଷୟରେ ମୋତେ ଆଶୀର୍ବାଦ କରନ୍ତୁ—ଏହି ଜନ୍ମରେ ଯେପରି ତାହା ହୁଏ ।

ସ୍ୱାମୀଜୀ : ତାହା ତ ହେବ । ଐକାନ୍ତିକତା ଥିଲେ ନିଶ୍ଚୟ ହେବ ।

ଶିଷ୍ୟ : ଆପଣ ମନକୁ ଐକାନ୍ତିକ କରିଦେଇପାରନ୍ତି—ଆପଣଙ୍କର ସେ ଶକ୍ତି ଅଛି, ମୁଁ ଜାଣେ । ମୋତେ ଏହିପରି କରିଦିଅନ୍ତୁ—ଏହା ହିଁ ପ୍ରାର୍ଥନା ।

ଏହିପରି କଥାବାର୍ତ୍ତା ହେଉହେଉ ଶିଷ୍ୟ ସହ ସ୍ୱାମୀଜୀ ମଠରେ ଆସି ଉପସ୍ଥିତ ହେଲେ । ସେତେବେଳେ ଦଶମୀର ଚନ୍ଦ୍ରକିରଣରେ ମଠର ଉଦ୍ୟାନ ଯେପରିକି ରଜତ-ଧାରାରେ ପ୍ଲାବିତ ହେଉଥିଲା ।

# ୩୯

ସ୍ଥାନ—ବେଲୁଡ଼ ମଠ
କାଳ—୧୯୦୨

ବେଲୁଡ଼ ମଠ ସ୍ଥାପିତ ହେବା ସମୟରେ ନୈଷ୍ଠିକ ହିନ୍ଦୁମାନଙ୍କ ମଧ୍ୟରୁ ଅନେକେ ମଠର ଆଚାର-ବ୍ୟବହାର ପ୍ରତି ତୀବ୍ର କଟାକ୍ଷ କରୁଥିଲେ । ବିଲାତ-ପ୍ରତ୍ୟାଗତ ସ୍ୱାମୀଜୀଙ୍କଦ୍ୱାରା ସ୍ଥାପିତ ମଠରେ ହିନ୍ଦୁର ଆଚାରନିଷ୍ଠା ସବୁ ପ୍ରତିପାଳିତ ହୁଏ ନାହିଁ ଏବଂ ଭକ୍ଷ୍ୟାଭକ୍ଷ୍ୟାଦିର ବାଛବିଚାର ନାହିଁ—ପ୍ରଧାନତଃ ଏହି ବିଷୟ ନେଇ ନାନା ସ୍ଥାନରେ ଆଲୋଚନା ଚାଲୁଥିଲା ଏବଂ ସେଥିରେ ବିଶ୍ୱାସୀ ହୋଇ ଶାସ୍ତ୍ରାନଭିଜ୍ଞ ହିନ୍ଦୁନାମଧାରୀ ଅନେକେ ସର୍ବତ୍ୟାଗୀ ସନ୍ନ୍ୟାସୀମାନଙ୍କର କାର୍ଯ୍ୟକଳାପର ଅଯଥା ନିନ୍ଦାବାଦ କରୁଥିଲେ । ନୌକାଯୋଗେ ମଠକୁ ଆସିବା ସମୟରେ ଶିଷ୍ୟ ସମସ୍ତ ସମୟରେ ସେପରି ସମାଲୋଚନା ସ୍ୱକର୍ଣ୍ଣରେ ଶୁଣିଛି । ତାହାର ମୁହଁରୁ ସ୍ୱାମୀଜୀ କେବେ କେବେ ସେହିରୁ ସମାଲୋଚନା ଶୁଣି କହୁଥିଲେ—'ହାତୀ ଚଲେ ବଜାର ମେ, କୁତ୍ତା ଭୁକେ ହଜାର, ସାଧୁନ୍ କୋ ଦୁର୍ଭାବ ନହିଁ, ଯବ୍ ନିନ୍ଦେ ସଂସାର ।'* କେତେବେଳେ ବା କହୁଥିଲେ, 'ଦେଶରେ କୌଣସି ନୂତନ ଭାବ ପ୍ରଚାର ହେବା ସମୟରେ ତାହା ବିରୋଧରେ ପ୍ରାଚୀନପନ୍ଥାବଲମ୍ବୀଗଣଙ୍କ ଆନ୍ଦୋଳନ ପ୍ରକୃତିର ନିୟମ । ଜଗତର ପ୍ରତ୍ୟେକ ଧର୍ମ-ସଂସ୍ଥାପକଙ୍କୁ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଛି ।' ପୁଣି କେତେ-ବେଳେ କହୁଥିଲେ, 'Persecution (ଅନ୍ୟାୟ ଅତ୍ୟାଚାର) ନ ହେଲେ ଜଗତର ହିତକର ଭାବସବୁ ସମାଜର ଅନ୍ତଃସ୍ଥଳରେ ସହଜରେ ପ୍ରବେଶ କରିପାରେ ନାହିଁ ।' ସୁତରାଂ ସମାଜର ତୀବ୍ର କଟାକ୍ଷ ଓ ସମାଲୋଚନାକୁ ସ୍ୱାମୀଜୀ ତାଙ୍କ ନବଭାବ-ପ୍ରଚାରର ସହାୟକ ବୋଲି ମନେକରୁଥିଲେ ଏବଂ କେବେହେଲେ ତାହା ବିରୋଧରେ ପ୍ରତିବାଦ କରୁ ନ ଥିଲେ ବା ତାଙ୍କ ପଦାଶ୍ରିତ ଗୃହୀ ଓ ସନ୍ନ୍ୟାସୀମାନଙ୍କୁ ପ୍ରତିବାଦ କରିବାକୁ ଦେଉ ନ ଥିଲେ । ସମସ୍ତଙ୍କୁ କହୁଥିଲେ, 'ଫଳାଭିସନ୍ଧିହୀନ ହୋଇ କାର୍ଯ୍ୟ କରିଯାଅ, ଦିନେ ଏହାର ଫଳ ନିଶ୍ଚୟ ଫଳିବ ।' ସ୍ୱାମୀଜୀଙ୍କ ଶ୍ରୀମୁଖରୁ ଏକଥା ବି ସର୍ବଦା ଶୁଣାଯାଉଥିଲା—'ନ ହି କଲ୍ୟାଣକୃତ୍ କଶ୍ଚିତ୍ ଦୁର୍ଗତିଂ ତାତ ଗଚ୍ଛତି ।'

ହିନ୍ଦୁସମାଜର ଏହି ତୀବ୍ର ସମାଲୋଚନା ସ୍ୱାମୀଜୀଙ୍କ ଲୀଳାବସାନର ପୂର୍ବରୁ କିପରି ଅନ୍ତର୍ହିତ ହେଲା, ଆଜି ସେହି ବିଷୟରେ କିଛି ଲିପିବଦ୍ଧ ହେଉଅଛି । ୧୯୦୧ ଖ୍ରୀଷ୍ଟାବ୍ଦର ମେ କି ଜୁନ ମାସରେ ଶିଷ୍ୟ ଦିନେ ମଠକୁ ଆସିଛି । ସ୍ୱାମୀଜୀ ଶିଷ୍ୟକୁ ଦେଖି କହିଲେ : ଆରେ, ଖଣ୍ଡେ ରଘୁନନ୍ଦନଙ୍କ 'ଅଷ୍ଟାବିଂଶତି-ତତ୍ତ୍ୱ' ଶୀଘ୍ର ମୋ ପାଇଁ ନେଇ ଆସିବୁ ।

ଶିଷ୍ୟ : ଆଚ୍ଛା ଆଜ୍ଞା ! କିନ୍ତୁ ରଘୁନନ୍ଦନଙ୍କ 'ସ୍ମୃତି'—ଯାହାକୁ କୁସଂସ୍କାରର ଗୃଙ୍ଗ ତ୍ରି

* ତୁଳସୀଦାସ

ବୋଲି ବର୍ତ୍ତମାନ ଶିକ୍ଷିତ ସମ୍ପ୍ରଦାୟ ନିର୍ଦ୍ଦେଶ କରିଥାନ୍ତି, ତାହା ନେଇ ଆପଣ କ'ଣ କରିବେ ?

ସ୍ୱାମୀଜୀ : କାହିଁକି ? ରଘୁନନ୍ଦନ ତଦାନୀନ୍ତନ ଜଣେ ଦିଗ୍‌ଗଜ ପଣ୍ଡିତ ଥିଲେ; ପ୍ରାଚୀନ ସ୍ମୃତିସବୁ ସଂଗ୍ରହ କରି ହିନ୍ଦୁର ଦେଶକାଳୋପଯୋଗୀ ନିତ୍ୟନୈମିତ୍ତିକ କ୍ରିୟାକଳାପ ଲିପିବଦ୍ଧ କରିଯାଇଛନ୍ତି । ସମସ୍ତ ବଙ୍ଗଳା ଦେଶ ତ ତାଙ୍କର ଅନୁଶାସନରେ ଆଜିକାଲି ଚାଲୁଛି । ତେବେ ତତ୍‌କୃତ ହିନ୍ଦୁ ଜୀବନର ଗର୍ଭାଧାନଠାରୁ ଶ୍ମଶାନାନ୍ତ ଆଚାର-ପ୍ରଣାଳୀର କଠୋର ବନ୍ଧନରେ ସମାଜ ଉତ୍ପୀଡ଼ିତ ହୋଇଥିଲା । ଶୌଚ-ପ୍ରସ୍ରାବରେ, ଖାଇବାରେ, ଶୋଇବାରେ, ଅନ୍ୟ ସବୁ ବିଷୟର ତ କଥା ହିଁ ନାହିଁ, ସମସ୍ତଙ୍କୁ ତାଙ୍କ ନିୟମରେ ବଦ୍ଧ କରିବାକୁ ପ୍ରୟାସ କରିଥିଲେ । ସମୟର ପରିବର୍ତ୍ତନରେ ଏହି ବନ୍ଧନ ବହୁକାଳ ସ୍ଥାୟୀ ହୋଇପାରିନ ନାହିଁ । ସର୍ବଦେଶରେ, ସର୍ବକାଳରେ କ୍ରିୟାକାଣ୍ଡ, ସମାଜର ଆଚାର-ପ୍ରଣାଳୀ ସର୍ବଦା ହିଁ ପରିବର୍ତ୍ତିତ ହୋଇଥାଏ । ଏକମାତ୍ର ଜ୍ଞାନକାଣ୍ଡ ହିଁ ପରିବର୍ତ୍ତିତ ହୁଏ ନାହିଁ । ବୈଦିକ ଯୁଗରେ ବି ଦେଖିବାକୁ ପାଇବୁ, କ୍ରିୟାକାଣ୍ଡ କ୍ରମେ କ୍ରମେ ପରିବର୍ତ୍ତିତ ହୋଇଯାଇ-ଅଛି । କିନ୍ତୁ ଉପନିଷଦ୍‌ର ଜ୍ଞାନ-ପ୍ରକରଣ ଆଜି ପର୍ଯ୍ୟନ୍ତ ଏକ ଭାବରେ ରହିଅଛି । ତେବେ ତା'ର interpreters (ବ୍ୟାଖ୍ୟାତା) ଅନେକ ହୋଇଛନ୍ତି—ଏତିକି ମାତ୍ର ।

ଶିଷ୍ୟ : ଆପଣ ରଘୁନନ୍ଦନଙ୍କ ସ୍ମୃତି ନେଇ କ'ଣ କରିବେ ?

ସ୍ୱାମୀଜୀ : ଏଥର ମଠରେ ଦୁର୍ଗୋତ୍ସବ କରିବାର ଇଚ୍ଛା ହେଉଛି । ଯଦି ଖର୍ଚ୍ଚ ମିଳିଯିବ ତେବେ ମହାମାୟାଙ୍କ ପୂଜା କରିବି । ତେଣୁ ଦୁର୍ଗୋତ୍ସବ-ବିଧି ପଢ଼ିବାର ଇଚ୍ଛା ହୋଇଛି । ତୁ ଆଗାମୀ ରବିବାର ଦିନ ଆସିବାବେଳେ ଏହି ପୋଥିଖଣ୍ଡିକ ସଂଗ୍ରହ କରି ନେଇ ଆସିବୁ ।

ଶିଷ୍ୟ : ଯେ ଆଜ୍ଞା !

ପର ରବିବାର ଦିନ ଶିଷ୍ୟ ରଘୁନନ୍ଦନକୃତ 'ଅଷ୍ଟାବିଂଶତିତତ୍ତ୍ୱ' କ୍ରୟ କରି ସ୍ୱାମୀଜୀଙ୍କ ପାଇଁ ମଠକୁ ନେଇ ଆସିଲା । ଗ୍ରନ୍ଥ ଖଣ୍ଡିକ ଆଜି ସୁଦ୍ଧା ମଠର ଲାଇବ୍ରେରୀରେ ରହିଅଛି । ସ୍ୱାମୀଜୀ ପୁସ୍ତକ ଖଣ୍ଡିକ ପାଇ ଅତ୍ୟନ୍ତ ଖୁସି ହେଲେ ଏବଂ ସେହି ଦିନରୁ ଆରମ୍ଭ କରି ୪।୫ ଦିନ ମଧ୍ୟରେ ଗ୍ରନ୍ଥଖଣ୍ଡି ଆଦ୍ୟୋପାନ୍ତ ପାଠ କରି ପକାଇଲେ । ଶିଷ୍ୟ ସହିତ ସପ୍ତାହକ ପରେ ଦେଖାହେବାରୁ କହିଲେ—'ତୋ ପ୍ରଦତ୍ତ ରଘୁନନ୍ଦନର ସ୍ମୃତି ଖଣ୍ଡିକ ସବୁ ପଢ଼ିସାରିଛି । ଯଦି ପାରେ, ତେବେ ଏଥର ମା'ଙ୍କ ପୂଜା କରିବି । ରଘୁନନ୍ଦନ କହିଛନ୍ତି—'ନବମ୍ୟାଂ ପୂଜୟେତ୍ ଦେବୀଂ କୃତ୍ୱା ରୁଧିରକର୍ଦ୍ଦମମ୍'—ତା'ଙ୍କ ଇଚ୍ଛା ହେଲେ ତା ବି କରିବି ।'

ସ୍ୱାମୀଜୀ ମଠରେ ପ୍ରଥମ ଦୁର୍ଗାପୂଜା କରିବା ପାଇଁ ଇଚ୍ଛା କଲେ; ଶ୍ରୀରାମକୃଷ୍ଣ-ଭକ୍ତ-ଜନନୀ ଶ୍ରୀଶ୍ରୀମାତାଠାକୁରାଣୀଙ୍କ ଅନୁମତିକ୍ରମେ ଏହା ସ୍ଥିର ହେଲା ଯେ ତାଙ୍କରି ନାମରେ ସଂକଳ୍ପ କରି ପୂଜା ସମ୍ପନ୍ନ ହେବ । କଲିକତା କୁମାରଟୁଲୀରୁ ପ୍ରତିମା ଅଣାଗଲା । ଯେଉଁ ବିଲ୍ୱବୃକ୍ଷ ମୂଳେ ବସି ଦିନେ ସ୍ୱାମୀଜୀ 'ବିଲ୍ୱବୃକ୍ଷ ମୂଳେ ପାତିୟେ ବୋଧନ, ଗଣେଶର କଲ୍ୟାଣେ ଗୌରୀର ଆଗମନ' ଗାଉଥିଲେ—ସେହି ଜାଗାରେ ବୋଧନାଧିବାସର ସନ୍ଧ୍ୟାପୂଜା

ସମ୍ପନ୍ନ ହେଲା । ଶାସ୍ତ୍ରାନୁଯାୟୀ ପୂଜାକର୍ମ ନିର୍ବାହିତ ହେଲା, ଶ୍ରୀଶ୍ରୀମାତାଠାକୁରାଣୀଙ୍କ ଅଭିମତ ଅନୁସାରେ ପଶୁ-ବଳିଦାନ ହେଲା ନାହିଁ । ଗରିବ, ଦୁଃଖୀ, କାଙ୍ଗାଳ, ଦରିଦ୍ରମାନଙ୍କୁ ନାରାୟଣ-ଜ୍ଞାନରେ ପରିତୋଷପୂର୍ବକ ଭୋଜନ କରାଇବା ଏହି ଦୁର୍ଗୋତ୍ସବ ପୂଜାର ପ୍ରଧାନ ଅଙ୍ଗରୂପେ ପରିଗଣିତ ହୋଇଥିଲା । ଏହାଛଡ଼ା ବେଲୁଡ଼, ବାଲି ଓ ଉତ୍ତରପଡ଼ାର ପରିଚିତ ଅପରିଚିତ ଅନେକ ବ୍ରାହ୍ମଣ ପଣ୍ଡିତଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା ଏବଂ ସେମାନେ ମଧ୍ୟ ସମସ୍ତେ ଆନନ୍ଦରେ ଯୋଗଦାନ କରିଥିଲେ । ଏହି ପୂଜା ଦର୍ଶନ କରି ସେମାନଙ୍କର ଧାରଣା ଜନ୍ମିଲା ଯେ, ମଠର ସନ୍ନ୍ୟାସୀମାନେ ଯଥାର୍ଥ ହିନ୍ଦୁ ସନ୍ନ୍ୟାସୀ ।

ମହାଷ୍ଟମୀର ପୂର୍ବ ରାତିରେ ସ୍ୱାମୀଜୀଙ୍କୁ ଜ୍ୱର ହୋଇଥିବାରୁ ସେ ପରଦିନ ପୂଜାରେ ଯୋଗଦାନ କରିପାରି ନାହାନ୍ତି; କିନ୍ତୁ ସନ୍ଧିକ୍ଷଣରେ ଉଠି ଜବା-ବିଲ୍ୱଦଳରେ ମହାମାୟାଙ୍କ ଶ୍ରୀଚରଣରେ ତିନିଥର ପୁଷ୍ପାଞ୍ଜଳି ପ୍ରଦାନ କଲେ । ଶ୍ରୀରାମକୃଷ୍ଣଦେବ ନବମୀ ରାତିରେ ଯେଉଁସବୁ ଗୀତ ଗାଉଥିଲେ, ତାହାର ଗୋଟିଏ ଦୁଇଟି ସ୍ୱୟଂ ଗାଇଥିଲେ ମଧ୍ୟ । ପୂଜା ଶେଷରେ ଶ୍ରୀଶ୍ରୀମାତାଠାକୁରାଣୀଙ୍କ ଦ୍ୱାରା ଯଜ୍ଞ ଦକ୍ଷିଣାନ୍ତ କରାଗଲା । ଦୁର୍ଗୋତ୍ସବ ପରେ ସ୍ୱାମୀଜୀ ମଠରେ ଶ୍ରୀଶ୍ରୀଲକ୍ଷ୍ମୀ ଓ ଶ୍ୟାମାପୂଜା ମଧ୍ୟ ଶାସ୍ତ୍ରାନୁଯାୟୀ ନିର୍ବାହିତ କରିଥିଲେ ।

ମାର୍ଗଶୀର ମାସର ଶେଷଭାଗରେ ସ୍ୱାମୀଜୀ ତାଙ୍କ ଗର୍ଭଧାରିଣୀଙ୍କ ଇଚ୍ଛାମତେ ବାଲ୍ୟ-କାଳରେ ଏକ 'ମାନସିକ' ପୂଜା କରିବା ପାଇଁ କାଳୀଘାଟକୁ ଯାଇ ଗଙ୍ଗା-ସ୍ନାନ ପରେ ଓଦା ଲୁଗା ପିନ୍ଧି ମା'ଙ୍କ ମନ୍ଦିରରେ ପ୍ରବେଶ କରିଥିଲେ । ମା'ଙ୍କ ପାଦପଦ୍ମ ସମ୍ମୁଖରେ ତିନିଥର ଗଡ଼ି ଗଡ଼ି, ସାତଥର ମନ୍ଦିର ପ୍ରଦକ୍ଷିଣ କରିଥିଲେ, ଏବଂ ନାଟମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଅନାବୃତ ଚତ୍ୱରରେ ବସି ବସି ନିଜେ ହିଁ ହୋମ କରିଥିଲେ । ଏହିସବୁ କଥା କହିବା ପରେ ସ୍ୱାମୀଜୀ ଶିଷ୍ୟଙ୍କୁ କହିଲେ, 'କାଳୀଘାଟରେ ବର୍ତ୍ତମାନ ମଧ୍ୟ କିପରି ଉଦାର ଭାବ ଦେଖିଲି; ମୋତେ ବିଲାତ-ପ୍ରତ୍ୟାଗତ ବିବେକାନନ୍ଦ ବୋଲି ଜାଣି ମଧ୍ୟ ମନ୍ଦିରର ଅଧ୍ୟକ୍ଷଗଣ ମନ୍ଦିର ପ୍ରବେଶ କରିବା ପାଇଁ କୌଣସି ପ୍ରକାର ବାଧା ଦେଇ ନାହାନ୍ତି; ବରଂ ସମାଦର କରି ମନ୍ଦିର ମଧ୍ୟକୁ ନେଇ ଇଚ୍ଛାନୁଯାୟୀ ପୂଜା କରିବାରେ ସାହାଯ୍ୟ କରିଥିଲେ ।

ବେଦାନ୍ତବାଦୀ ବା ବ୍ରହ୍ମଜ୍ଞାନୀ ହୋଇ ସ୍ୱାମୀଜୀ ଆଚାର୍ଯ୍ୟ ଶଙ୍କରଙ୍କ ଭଳି ପୂଜାନୁଷ୍ଠାନ ପ୍ରତି ଶ୍ରଦ୍ଧାବାନ୍ ଓ ଅନୁରାଗୀ ଥିଲେ ।

# ୪୦

ସ୍ଥାନ—ବେଲୁଡ଼ ମଠ
କାଳ—ମାର୍ଚ୍ଚ ୧୯୦୨

ଆଜି ଶ୍ରୀରାମକୃଷ୍ଣଦେବଙ୍କର ମହାମହୋତ୍ସବ—ଯେଉଁ ଉତ୍ସବ ସ୍ୱାମୀଜୀ ଶେଷଥର ପାଇଁ ଦେଖି ଯାଇଛନ୍ତି । ଉତ୍ସବର କିଛି ଦିନ ପୂର୍ବରୁ ସ୍ୱାମୀଜୀଙ୍କ ଶରୀର ଅସୁସ୍ଥ । ଉପରୁ ତଳକୁ ଆସନ୍ତି ନାହିଁ, ଚାଲିପାରନ୍ତି ନାହିଁ, ଗୋଡ଼ ଫୁଲିଅଛି । ଡାକ୍ତରମାନେ ବେଶୀ କଥାବାର୍ତ୍ତା କରିବାକୁ ନିଷେଧ କରିଛନ୍ତି ।

ଶିଷ୍ୟ ଶ୍ରୀଶ୍ରୀଠାକୁରଙ୍କ ଉଦ୍ଦେଶ୍ୟରେ ସଂସ୍କୃତ ଭାଷାରେ ଗୋଟିଏ ସ୍ତବ ରଚନା କରି, ତାହା ଛପାଇ ଆଣିଅଛି । ଆସିବାମାତ୍ରେ ସ୍ୱାମୀଜୀଙ୍କ ପାଦପଦ୍ମ ଦର୍ଶନ କରିବାକୁ ଉପରକୁ ଯାଇଛି । ସ୍ୱାମୀଜୀ ମେଜିଆରେ ଅର୍ଦ୍ଧଶାୟିତ ଅବସ୍ଥାରେ ବସିଥିଲେ । ଶିଷ୍ୟ ଆସି ସ୍ୱାମୀଜୀଙ୍କ ଶ୍ରୀପାଦପଦ୍ମ ହୃଦୟରେ ଓ ମସ୍ତକରେ ସ୍ପର୍ଶ କଲା ଏବଂ ଆସ୍ତେ ଆସ୍ତେ ଗୋଡ଼ରେ ହାତ ବୁଲାଇଦେବାକୁ ଲାଗିଲା । ସ୍ୱାମୀଜୀ ଶିଷ୍ୟରଚିତ ସ୍ତବଟି ପଢ଼ିବାକୁ ଆରମ୍ଭ କରିବା ପୂର୍ବରୁ ସ୍ୱାମୀଜୀ ତାକୁ କହିଲେ—'ଖୁବ୍ ଆସ୍ତେ ଆସ୍ତେ ପାଦରେ ହାତ ବୁଲାଇ ଦେ, ଗୋଡ଼ ଭାରି ଦରଜ ହୋଇଛି ।' ଶିଷ୍ୟ ତଦନୁରୂପ କରିବାକୁ ଲାଗିଲା ।

ସ୍ତବ-ପାଠାନ୍ତେ ସ୍ୱାମୀଜୀ ହୃଷ୍ଟଚିତ୍ତରେ କହିଲେ, 'ବେଶ୍ ହୋଇଛି ।'

ସ୍ୱାମୀଜୀଙ୍କ ଶାରୀରିକ ଅସୁସ୍ଥତା ଏତେଦୂର ବଢ଼ିଛି ଦେଖି ଶିଷ୍ୟର ମୁଖ ମ୍ଳାନ ହୋଇଗଲା ଏବଂ ଛାତି ଫାଟି କାନ୍ଦ ଆସିବାକୁ ଲାଗିଲା ।

ସ୍ୱାମୀଜୀ : (ଶିଷ୍ୟର ମନର ଭାବ ବୁଝିପାରି) କ'ଣ ଭାବୁଛୁ ? ଶରୀରଟା ଜନ୍ମିଛି, ପୁଣି ମରିଯିବ । ତୁମମାନଙ୍କ ଭିତରେ ମୋର ଭାବଗୁଡ଼ିକରୁ କିଛି କିଛି ଯଦି ଭର୍ତ୍ତି କରାଇପାରିଥାଏ, ତାହାହେଲେ ଜାଣିବି, ଦେହ-ଧାରଣ ସାର୍ଥକ ହୋଇଛି ।

ଶିଷ୍ୟ : ଆମେ କ'ଣ ଆପଣଙ୍କ ଦୟାର ଉପଯୁକ୍ତ ପାତ୍ର ? ନିଜ ଗୁଣରେ ଦୟା କରି ଯାହା କରିଦେଇଛନ୍ତି, ସେଥିରେ ହିଁ ଆପଣାକୁ ସୌଭାଗ୍ୟବାନ୍ ମନେକରୁ ।

ସ୍ୱାମୀଜୀ : ସର୍ବଦା ମନେରଖିବୁ, ତ୍ୟାଗ ହିଁ ହେଉଛି ମୂଳମନ୍ତ୍ର । ଏ ମନ୍ତ୍ରରେ ଦୀକ୍ଷିତ ନ ହେଲେ ବ୍ରହ୍ମାଦିଙ୍କର ବି ମୁକ୍ତିର ଉପାୟ ନାହିଁ ।

ଶିଷ୍ୟ : ଆଜ୍ଞା, ଆପଣଙ୍କ ଶ୍ରୀମୁଖରୁ ସେହି କଥା ନିତ୍ୟଦିନ ଶୁଣି ଏତେ ଦିନରେ ବି ତାହାର ଧାରଣା ହେଲା ନାହିଁ । ସଂସାରାସକ୍ତି ଗଲା ନାହିଁ । ଏହା କ'ଣ କମ୍ ପରିତାପର କଥା ! ଆଶ୍ରିତ ଦୀନ ସନ୍ତାନକୁ ଆଶୀର୍ବାଦ କରନ୍ତୁ, ଯେପରି ଶୀଘ୍ର ପ୍ରାଣେ ପ୍ରାଣେ ସେହି ବିଷୟର ଧାରଣା ହୁଏ ।

ସ୍ୱାମୀଜୀ : ତ୍ୟାଗ ନିଶ୍ଚୟ ଆସିବ, ତେବେ କ'ଣ ଜାଣୁ ? 'କାଲେନାତ୍ମନି ବିନ୍ଦତି'—

ସମୟ ନ ହେଲେ ହୁଏ ନାହିଁ । କେତେଗୁଡ଼ିଏ ପ୍ରାଗ୍-ଜନ୍ମ-ସଂସ୍କାର କଟିଗଲେ ତ୍ୟାଗ ଫୁଟି ବାହାରିବ ।

କଥାଗୁଡ଼ିକ ଶୁଣି ଶିଷ୍ୟ ଅତି କାତର ଭାବରେ ସ୍ୱାମୀଜୀଙ୍କ ପାଦପଦ୍ମ ଧାରଣ କରି କହିବାକୁ ଲାଗିଲା—'ଆଜ୍ଞା, ଏ ଦୀନ ଦାସକୁ ଜନ୍ମେ ଜନ୍ମେ ପାଦପଦ୍ମରେ ଆଶ୍ରୟ ଦିଅନ୍ତୁ—ଏହା ହିଁ ଏକାନ୍ତ ପ୍ରାର୍ଥନା । ଆପଣଙ୍କ ସଙ୍ଗରେ ଥିଲେ ବ୍ରହ୍ମଜ୍ଞାନ-ଲାଭରେ ବି ମୋର ଇଚ୍ଛା ହୁଏ ନାହିଁ ।'

ସ୍ୱାମୀଜୀ ଉତ୍ତରରେ କିଛି ନ କହି ଅନ୍ୟମନସ୍କ ହୋଇ କ'ଣ ଭାବିବାକୁ ଲାଗିଲେ । ଶିଷ୍ୟର ମନେହେଲା, ସେ ଯେପରି ଦୂରଦୃଷ୍ଟି-ଚକ୍ରବାଳରେ ତା'ର ଭାବୀ ଜୀବନର ଛବି ଦେଖିବାକୁ ଲାଗିଲେ । କିଛି ସମୟ ପରେ କହିଲେ, 'ଲୋକଙ୍କ ହଟ୍ଟଗୋଳ ଦେଖି ଆଉ କ'ଣ ହେବ ? ଆଜି ମୋ ପାଖରେ ରହ । ଆଉ ନିରଞ୍ଜନକୁ ଡାକି ଦୁଆରେ ବସାଇ ଦେ, କେହି ଯେପରି ମୋ ପାଖକୁ ଆସି ବିରକ୍ତ ନ କରନ୍ତି ।' ଶିଷ୍ୟ ଦୌଡ଼ିଯାଇ ସ୍ୱାମୀ ନିରଞ୍ଜନାନନ୍ଦଙ୍କୁ ସ୍ୱାମୀଜୀଙ୍କ ଆଦେଶ ଜଣାଇଲା । ସ୍ୱାମୀ ନିରଞ୍ଜନାନନ୍ଦ ମଧ୍ୟ ସବୁ କାର୍ଯ୍ୟ ଉପେକ୍ଷା କରି ମୁଣ୍ଡରେ ପଗଡ଼ି ବାନ୍ଧି ଓ ହାତରେ ଠେଙ୍ଗା ଧରି ସ୍ୱାମୀଜୀଙ୍କ ଘରର ଦ୍ୱାର ସାମନାରେ ଆସି ବସିଲେ ।

ଅନନ୍ତର ଘରର ଦ୍ୱାର ରୁଦ୍ଧ କରି ଶିଷ୍ୟ ପୁନର୍ବାର ସ୍ୱାମୀଜୀଙ୍କ ପାଖକୁ ଆସିଲା । ମନର ସାଧ ମେଣ୍ଟାଇ ଆଜି ସ୍ୱାମୀଜୀଙ୍କ ସେବା କରିପାରିବ ବୋଲି ଭାବି ତାହାର ମନ ଆଜି ଆନନ୍ଦରେ ଉତ୍ଫୁଲ୍ଲ । ସ୍ୱାମୀଜୀଙ୍କ ପଦସେବା କରୁ କରୁ ସେ ବାଳକ ପରି ମନର ଯେତେ କଥା ସ୍ୱାମୀଜୀଙ୍କୁ ଖୋଲି କହିବାକୁ ଲାଗିଲା । ସ୍ୱାମୀଜୀ ମଧ୍ୟ ହାସ୍ୟମୁଖରେ ତତ୍ତ୍ୱକୃତ ପ୍ରଶ୍ନାଦିର ଉତ୍ତର ଧୀରେ ଧୀରେ ଦେବାକୁ ଲାଗିଲେ । ଏହିପରି ସେଦିନ କଟିବାକୁ ଲାଗିଲା ।

ସ୍ୱାମୀଜୀ : ମୋର ମନେହୁଏ, ଏବେ ଆଉ ଏପରି ଭାବରେ ଠାକୁରଙ୍କ ଉତ୍ସବ ନ ହୋଇ ଅନ୍ୟ ଭାବରେ ହେଲେ ଭଲ ହେବ । ଦିନେ ନୁହେଁ, ଚାରି ପାଞ୍ଚଦିନ ଧରି ଉତ୍ସବ ହେବ । ପ୍ରଥମ ଦିନ ହୁଏତ ଶାସ୍ତ୍ରାଦି-ପାଠ ଓ ବ୍ୟାଖ୍ୟାନ ହେଲା । ଦ୍ୱିତୀୟ ଦିନ ହୁଏତ ବେଦ-ବେଦାନ୍ତାଦିର ବିଚାର ଓ ମୀମାଂସା ହେଲା । ତୃତୀୟ ଦିନ ହୁଏତ question class (ପ୍ରଶ୍ନୋତ୍ତର) ହେଲା । ତା'ର ପରଦିନ—ଧରି lecture (ବକ୍ତୃତା) ହେଲା । ଶେଷ ଦିନରେ ବର୍ତ୍ତମାନ ଯେପରି ମହୋତ୍ସବ ହେଉଛି, ସେହିପରି ହେଲା । ଦୁର୍ଗାପୂଜା ଯେପରି ଚାରିଦିନ ଧରି ହୁଏ, ସେହିପରି । ଏହିପରି ଭାବରେ ଉତ୍ସବ କଲେ ଶେଷ ଦିନ ଛଡ଼ା ଅନ୍ୟ କେତେଦିନ ଅବଶ୍ୟ ଠାକୁରଙ୍କ ଭକ୍ତମଣ୍ଡଳୀ ଛଡ଼ା ଆଉ କେହି ବୋଧହୁଏ ବେଶୀ ଆସିପାରିବେ ନାହିଁ । ତା' ଏବେ ନ ଆସିଲେ । ବହୁଲୋକ ଜମା ହେଲେ ହିଁ ଯେ ଠାକୁରଙ୍କ ମତ ଖୁବ୍ ପ୍ରଚାର ହେଲା, ତାହା ତ ନୁହେଁ ।

ଶିଷ୍ୟ : ଆଜ୍ଞା, ଆପଣଙ୍କର ଏହା ସୁନ୍ଦର କଳ୍ପନା, ଆଗାମୀ ଥର ତାହା ହିଁ କରାଯିବ । ଆପଣଙ୍କ ଇଚ୍ଛା ହେଲେ ସବୁ ହେବ ।

ସ୍ୱାମୀଜୀ : ଆଉ ବାପ, ସେସବୁ କରିବାକୁ ମନ ଯାଉ ନାହିଁ । ଏଣିକି ତୁମେମାନେ

ସେସବୁ କରିବ ।

ଶିଷ୍ୟ : ଆଜ୍ଞା, ଏଥର ଅନେକ କୀର୍ତ୍ତନଦଳ ଆସିଛି ।

ସେକଥା ଶୁଣି ସ୍ୱାମୀଜୀ ତାହା ଦେଖିବା ପାଇଁ ଘରର ଦକ୍ଷିଣ ଦଗର ମଝି ଝିଡ଼କିର ରେଲିଂ ଧରି, ଉଠି ଠିଆ ହେଲେ ଏବଂ ସମାଗତ ଅଗଣିତ ଭକ୍ତମଣ୍ଡଳୀ ଆଡ଼କୁ ଅନାଇ ରହିଲେ । ଅଳ୍ପ ସମୟ ଦେଖି ପୁଣି ବସିଲେ । ଠିଆ ହୋଇ କଷ୍ଟ ହେଉଅଛି ଜାଣି, ଶିଷ୍ୟ ତାଙ୍କ ମସ୍ତକରେ ଆସ୍ତେ ଆସ୍ତେ ବ୍ୟଜନ କରିବାକୁ ଲାଗିଲା ।

ସ୍ୱାମୀଜୀ : ତୁମେ ହେଉଛ, ଠାକୁରଙ୍କ ଲୀଳାର actors (ଅଭିନେତା) । ଏହାପରେ ଆମ କଥା ତ ଛାଡ଼ ଦେ, ତୁମର ବି ଲୋକେ ନାମ କରିବେ । ଏହି ଯେ ସବୁ ସ୍ତବ ଲେଖୁଛୁ, ଏହାପରେ ଲୋକେ ଭକ୍ତି-ମୁକ୍ତି ଲାଭ ପାଇଁ ଏହିସବୁ ସ୍ତବ ପାଠ କରିବେ । ଜାଣି ରଖ୍, ଆତ୍ମଜ୍ଞାନ-ଲାଭ ହିଁ ପରମ ସାଧନ । ଅବତାର-ପୁରୁଷରୂପୀ ଜଗଦ୍‌ଗୁରୁଙ୍କ ପ୍ରତି ଭକ୍ତି ହେଲେ ସେହି ଜ୍ଞାନ କାଳକ୍ରମେ ଆପେ ଫୁଟି ବାହାରିବ ।

ଶିଷ୍ୟ : (ଅବାକ୍ ହୋଇ) ଆଜ୍ଞା, ସେହି ଜ୍ଞାନ ଲାଭ ହେବ ତ ?

ସ୍ୱାମୀଜୀ : ଠାକୁରଙ୍କ ଆଶୀର୍ବାଦରେ ତୋର ଜ୍ଞାନ-ଭକ୍ତି ହେବ । କିନ୍ତୁ ସଂସାରାଶ୍ରମରେ ତୋର ବିଶେଷ କିଛି ସୁଖ ହେବ ନାହିଁ ।

ଶିଷ୍ୟ : (ବିଷଣ୍ଣ ଓ ଚିନ୍ତିତ ହୋଇ) ଆପଣ ଯଦି ଦୟା କରି ମନର ବନ୍ଧନଗୁଡ଼ାକ କାଟି ଦିଅନ୍ତି, ତେବେ ଯାଇ ଉପାୟ, ନଚେତ୍ ଏ ଦାସର ଉପାୟାନ୍ତର ନାହିଁ । ଆପଣ ଶ୍ରୀମୁଖରୁ ବାଣୀ ଦିଅନ୍ତୁ, ଯେପରି ଏହି ଜନ୍ମରେ ହିଁ ମୁକ୍ତ ହୋଇଯାଏ ।

ସ୍ୱାମୀଜୀ : ଭୟ କ'ଣ ? ଯେତେବେଳେ ଏଠାରେ ଆସି ପଡ଼ିଛୁ, ସେତେବେଳେ ନିଶ୍ଚୟ ହୋଇଯିବ ।

ଶିଷ୍ୟ : ସ୍ୱାମୀଜୀଙ୍କ ପାଦପଦ୍ମ ଧରି କାନ୍ଦି କାନ୍ଦି କହିବାକୁ ଲାଗିଲା, ଏଥର ମୋତେ ଉଦ୍ଧାର କରିବାକୁ ହେବ ହିଁ ହେବ ।

ସ୍ୱାମୀଜୀ : କିଏ କାହାକୁ ଉଦ୍ଧାର କରିପାରେ କହ ? ଗୁରୁ କେବଳ କେତେଗୁଡ଼ିଏ ଆବରଣ ଦୂର କରିଦେଇପାରେ । ସେହି ଆବରଣଗୁଡ଼ାକ ଗଲେ ହିଁ ଆତ୍ମା ଆପଣାର ଗୌରବରେ ଆପେ ଜ୍ୟୋତିଷ୍ମାନ ହୋଇ ସୂର୍ଯ୍ୟପରି ପ୍ରକାଶ ପାଏ ।

ଶିଷ୍ୟ : ତେବେ ଶାସ୍ତ୍ରରେ କୃପାର କଥା ଶୁଣାଯାଏ କାହିଁକି ?

ସ୍ୱାମୀଜୀ : କୃପାର ମାନେ କ'ଣ ଜାଣୁ ? ଯେ ଆତ୍ମସାକ୍ଷାତ୍‌କାର କରିଛନ୍ତି, ତାଙ୍କ ଭିତରେ ଗୋଟାଏ ମହାଶକ୍ତି ଖେଳିଯାଏ । ତାଙ୍କୁ centre (କେନ୍ଦ୍ର) କରି କିଛିଦୂର ପର୍ଯ୍ୟନ୍ତ radius (ବ୍ୟାସାର୍ଦ୍ଧ) ନେଇ ଯେ ଗୋଟାଏ circle (ବୃତ୍ତ) ହୁଏ, ସେହି circle (ବୃତ୍ତ) ଭିତରେ ଯେଉଁମାନେ ଆସି ପଡ଼ନ୍ତି, ସେମାନେ ସେହି ଆତ୍ମବିତ୍ ସାଧୁଙ୍କ ଭାବରେ ଅନୁପ୍ରାଣିତ ହୁଅନ୍ତି, ଅର୍ଥାତ୍ ସେହି ସାଧୁଙ୍କ ଭାବରେ ସେମାନେ ଅଭିଭୂତ ହୋଇପଡ଼ନ୍ତି । ସୁତରାଂ ସାଧନ-ଭଜନ ନ କରି ମଧ୍ୟ ସେମାନେ ଅପୂର୍ବ ଆଧ୍ୟାତ୍ମିକ ଫଳର ଅଧିକାରୀ ହୁଅନ୍ତି । ଏହାକୁ ଯଦି କୃପା କହିବୁ ତ କହ ।

ଶିଷ୍ୟ : ଏହାଛଡ଼ା ଆଉ କୌଣସି ପ୍ରକାର କୃପା ନାହିଁ କି ଆଜ୍ଞା ?

ସ୍ୱାମୀଜୀ : ତାହା ମଧ୍ୟ ଅଛି । ଯେତେବେଳେ ଅବତାର ଆସନ୍ତି ସେତେବେଳେ ତାଙ୍କ ସଙ୍ଗେ ସଙ୍ଗେ ମୁକ୍ତ, ମୁମୁକ୍ଷୁ ପୁରୁଷମାନେ ସବୁ ତାଙ୍କ ଲୀଳାର ସହାୟତା କରିବାକୁ ଶରୀର ଧାରଣ କରି ଆସନ୍ତି । କୋଟି ଜନ୍ମର ଅନ୍ଧକାର କାଟି ଏକ ଜନ୍ମରେ ମୁକ୍ତ କରିଦେବା, କେବଳ ମାତ୍ର ଅବତାରମାନେ ହିଁ ପାରନ୍ତି । ଏହାରି ମାନେ କୃପା—ବୁଝିଲୁ ?

ଶିଷ୍ୟ : ଆଜ୍ଞା, ହଁ । କିନ୍ତୁ ଯେଉଁମାନେ ତାଙ୍କ ଦର୍ଶନ ପାଇଲେ ନାହିଁ, ସେମାନଙ୍କର ଉପାୟ କ'ଣ ?

ସ୍ୱାମୀଜୀ : ସେମାନଙ୍କର ଉପାୟ ହେଉଛି—ତାଙ୍କୁ ଡାକିବା । ଡାକି ଡାକି ଅନେକେ ତାଙ୍କର ଦେଖାପାଆନ୍ତି, ଠିକ୍ ଏହିଭଳି ଆମପରି ଶରୀର ଦେଖିବାକୁ ପାଆନ୍ତି ଓ ତାଙ୍କ କୃପା ପାଆନ୍ତି ।

ଶିଷ୍ୟ : ଆଜ୍ଞା, ଠାକୁରଙ୍କ ଶରୀର ଯିବାପରେ ଆପଣ ତାଙ୍କ ଦର୍ଶନ ପାଇଛନ୍ତି କି ?

ସ୍ୱାମୀଜୀ : ଠାକୁରଙ୍କ ଶରୀର ଯିବାପରେ ମୁଁ କିଛିଦିନ ଗାଜିପୁରରେ ପଓହାରୀ ବାବାଙ୍କ ସଙ୍ଗ କରେ । ପଓହାରୀ ବାବାଙ୍କ ଆଶ୍ରମର ଅନତିଦୂରରେ ଗୋଟିଏ ବଗିଚାରେ ସେ ସମୟରେ ମୁଁ ରହୁଥିଲି । ଲୋକେ ସେଇଟାକୁ ଭୂତ-ବଗିଚା କହୁଥିଲେ । କିନ୍ତୁ ମୋର ସେଥିରେ ଭୟ ହେଉ ନ ଥିଲା । ଜାଣୁ ତ ମୋର ବ୍ରହ୍ମଦୈତ୍ୟ, ଭୂତପ୍ରେତରେ ଭୟ ନ ଥାଏ । ସେ ବଗିଚାରେ ଅନେକ ଲେମ୍ବୁ ଗଛ, ବହୁତ ଫଳୁଥିଲା । ମୋର ସେତେବେଳେ ଅତ୍ୟନ୍ତ ପେଟ ବେମାରି । ପୁଣି ସେଠାରେ ରୁଟି ଛଡ଼ା ଅନ୍ୟ କିଛି ଭିକ୍ଷା ମିଳେ ନାହିଁ । ଏଣୁ ହଜମ ପାଇଁ ଖୁବ୍ ଲେମ୍ବୁ ଖାଉଥିଲି । ପଓହାରୀ ବାବାଙ୍କ ପାଖକୁ ଯାତାୟାତ କରିବାରୁ ତାଙ୍କୁ ଖୁବ୍ ଭଲ ଲାଗିଲା । ସେ ବି ମୋତେ ଖୁବ୍ ଭଲ ପାଇବାକୁ ଲାଗିଲେ । ଦିନେ ମନହେଲା, ଶ୍ରୀରାମକୃଷ୍ଣଦେବଙ୍କ ନିକଟରେ ଏତେକାଳ ରହି ସୁଦ୍ଧା ଏହି ରୁଗ୍ଣ ଶରୀରଟାକୁ ଦୃଢ଼ କରିବାର କୌଣସି ଉପାୟ ତ ପାଇ ନାହିଁ । ଶୁଣିଛି, ପଓହାରୀ ବାବା ହଠଯୋଗ ଜାଣନ୍ତି । ତାହାଙ୍କ ପାଖରୁ ହଠଯୋଗର କ୍ରିୟା ଜାଣିନେଇ ଶରୀରଟାକୁ ଦୃଢ଼ କରିନେବା ପାଇଁ ବର୍ତ୍ତମାନ କିଛିଦିନ ସାଧନ କରିବି । ଜାଣୁ ତ ମୋର ବାଙ୍ଗାଲଙ୍କ ପରି ଜିଦ୍ । ଯାହା ଇଚ୍ଛା କରିବି, ତାହା କରିବି । ଯେଉଁ ଦିନ ଦୀକ୍ଷା ନେବି ବୋଲି ମନକରିଛି, ତା'ର ପୂର୍ବ ରାତିରେ ଗୋଟିଏ ଖଟିଆରେ ଶୋଇପଡ଼ି ଭାବୁଛି, ଏପରି ସମୟରେ ଦେଖେ, ଠାକୁର ମୋର ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇ ଏକ ଦୃଷ୍ଟିରେ ମୋ' ଆଡ଼କୁ ଚାହିଁ ରହିଛନ୍ତି; ଯେପରି ବିଶେଷ ଦୁଃଖିତ ହୋଇଛନ୍ତି । ତାଙ୍କ ପାଖରେ ମୁଣ୍ଡ ବିକିଛି, ପୁଣି ଅପର ଜଣକୁ ଗୁରୁ କରିବି—ଏହି କଥା ମନେହେବାରୁ ଲଜ୍ଜିତ ହୋଇ ତାଙ୍କ ଆଡ଼କୁ ଅନାଇ ରହିଲି । ଏହିପରି ବୋଧହୁଏ ୨।୩ ଘଣ୍ଟା ଗତ ହେଲା; ସେତେବେଳେ କିନ୍ତୁ ମୋ ମୁହଁରୁ କୌଣସି କଥା ବାହାରିଲା ନାହିଁ । ତା'ପରେ ହଠାତ୍ ସେ ଅନ୍ତର୍ହିତ ହେଲେ । ଠାକୁରଙ୍କୁ ଦେଖି ମନ କେମିତି ହୋଇଗଲା । ଏଣୁ ସେ ଦିନ ପାଇଁ ଦୀକ୍ଷା ନେବାର ସଂକଳ୍ପ ସ୍ଥଗିତ ରଖିବାକୁ ହେଲା । ଦିନେ ଦୁଇଦିନ ପରେ ପୁଣି ପଓହାରୀ ବାବାଙ୍କଠାରୁ ମନ୍ତ୍ର ନେବାର ସଂକଳ୍ପ ଉଠିଲା । ସେଦିନ

ରାତ୍ରରେ ବି ପୁଣି ଠାକୁରଙ୍କ ଆବିର୍ଭାବ ହେଲା—ଠିକ୍ ପୂର୍ବଦିନ ପରି । ଏହିପରି [illegible] ଏକୋଇଶ ଦିନ ଠାକୁରଙ୍କ ଦର୍ଶନ ପାଇବା ପରେ ଦୀକ୍ଷା ନେବାର ସଂକଳ୍ପ ଏକାବେଳକେ ତ୍ୟାଗ କଲି । ମନେହେଲା, ଯେତେବେଳେ ମନ୍ତ୍ର ନେବାକୁ ମନ କରୁଛି, ସେତେବେଳେ ଯଦି ଏହିପରି ଦର୍ଶନ ହେଉଥିବାରୁ ମନ୍ତ୍ର ନେଲେ ଅନିଷ୍ଟ ଛଡ଼ା ଇଷ୍ଟ ହେବ ନାହିଁ ।

ଶିଷ୍ୟ : ଆଜ୍ଞା ! ଠାକୁରଙ୍କ ଶରୀରରକ୍ଷା ପରେ କୌଣସି ସମୟରେ ତାଙ୍କ ସହ [illegible] ଆପଣଙ୍କର କୌଣସି କଥା ହୋଇଥିଲା କି ?

ସ୍ୱାମୀଜୀ ସେ କଥାର ଉତ୍ତର ନ ଦେଇ ନିର୍ବାକ୍ ହୋଇ ରହିଲେ । କିଛିସମୟ ପରେ ଶିଷ୍ୟକୁ କହିଲେ—ଯେଉଁମାନେ ଠାକୁରଙ୍କ ଦର୍ଶନ ପାଇଛନ୍ତି, ସେମାନେ ଧନ୍ୟ । 'କୁଳଂ ପବିତ୍ରଂ ଜନନୀ କୃତାର୍ଥା' । ତୁମେମାନେ ବି ତାଙ୍କ ଦର୍ଶନ ପାଇବ । ଯେତେବେଳେ ଏଠି ଆସି ପଡ଼ିଛ, ସେତେବେଳେ ତୁମେମାନେ ଏଠାକାର ଲୋକ । 'ରାମକୃଷ୍ଣ' ନାମ ଧରି କିଏ ଯେ ଆସିଥିଲେ—କେହି ଚିହ୍ନିଲେ ନାହିଁ । ଏହି ଯେ ତାଙ୍କ ଅନ୍ତରଙ୍ଗ ସାଙ୍ଗୋପାଙ୍ଗ—ଏମାନେ ବି ତାଙ୍କ ଠଉର ପାଇ ନାହାନ୍ତି । କେହି କେହି କିଛି ପାଇଛନ୍ତି ମାତ୍ର । ପରେ ସମସ୍ତେ ବୁଝିବେ । ଏହି ଯେ ରାଖାଲ ଫାଖାଲ, ଯେଉଁମାନେ ତାଙ୍କ ସଙ୍ଗରେ ଆସିଛନ୍ତି—ଏମାନଙ୍କର ବି ଭୁଲ ହୋଇଯାଏ । ଅନ୍ୟର କଥା ଆଉ କ'ଣ କହିବି ?

ଏହିପରି କଥା ହେଉଛନ୍ତି, ଏପରି ସମୟରେ ସ୍ୱାମୀ ନିରଞ୍ଜନାନନ୍ଦ ଦ୍ୱାରରେ ଆଘାତ କରିବାରୁ ଶିଷ୍ୟ ଉଠି ତାଙ୍କୁ ପଚାରିଲେ—'କିଏ ଆସିଛି ।' 'ଭଗ୍ନୀ ନିବେଦିତା ଓ ଅପର ଦୁଇ ଜଣ ଇଂରେଜ ମହିଳା ।' ଶିଷ୍ୟ ସ୍ୱାମୀଜୀଙ୍କୁ ତାହା କହିବାରୁ ସ୍ୱାମୀଜୀ କହିଲେ—'ସେହି ଆଲ୍‌ଖାଲ୍ଲାଟା ଦେ ତ ।' ଶିଷ୍ୟ ତାହା ଆଣି ତାଙ୍କୁ ଦେବାରୁ ସେ ସର୍ବାଙ୍ଗ ଢାଙ୍କି ସଭ୍ୟ ଭବ୍ୟ ହୋଇ ବସିଲେ ଓ ଶିଷ୍ୟ ଦ୍ୱାର ଖୋଲିଦେଲା । ଭଗିନୀ ନିବେଦିତା ଓ ଅପର ଇଂରେଜ ମହିଳାମାନେ ପ୍ରବେଶ କରି ମେଜିଆରେ ହିଁ ବସିଲେ ଏବଂ ସ୍ୱାମୀଜୀଙ୍କ ଶାରୀରିକ କୁଶଳାଦି ପଚାରି ସାମାନ୍ୟ କଥାବାର୍ତ୍ତା ପରେ ଚାଲିଗଲେ । ସ୍ୱାମୀଜୀ ଶିଷ୍ୟକୁ କହିଲେ—'ଦେଖିଲୁ, ଏମାନେ କିପରି ସଭ୍ୟ ? ବଙ୍ଗାଳୀ ହୋଇଥିଲେ, ମୋର ଅସୁସ୍ଥତା ଦେଖି ମଧ୍ୟ ଅନ୍ତତଃ ଅଧଘଣ୍ଟାଏ ବକାନ୍ତେ ।' ଶିଷ୍ୟ ପୁଣି ଦରଜା ବନ୍ଦ କରି ସ୍ୱାମୀଜୀଙ୍କୁ ତମାଖୁ ସାଜିଦେଲା ।

ବେଳ ପ୍ରାୟ ୨ଟା । ଲୋକଙ୍କର ମହାଭିଡ଼ ହୋଇଅଛି । ମଠର ଜମିରେ ତିଳ ପରିମାଣ ସ୍ଥାନ ନାହିଁ । କେତେ କୀର୍ତ୍ତନ, କେତେ ପ୍ରସାଦ ବିତରଣ ହେଉଅଛି—[illegible] ସୀମା ନାହିଁ । ସ୍ୱାମୀଜୀ ଶିଷ୍ୟର ମନ ବୁଝି କହିଲେ—'ଥରେ ନ ହେଲେ ଦେଖି ଆ—ଖୁବ୍ ଶୀଘ୍ର ଆସିବୁ କିନ୍ତୁ ।' ଶିଷ୍ୟ ବି ଆନନ୍ଦରେ ବାହାରି ଉତ୍ସବ ଦେଖିବାକୁ ଗଲା । ସ୍ୱାମୀ ନିରଞ୍ଜନାନନ୍ଦ ପୂର୍ବବତ୍ ବସି ରହିଲେ ।

ଅନ୍ଦାଜ ଦଶମିନିଟ ପରେ ଶିଷ୍ୟ ଫେରିଆସି ସ୍ୱାମୀଜୀଙ୍କୁ ଉତ୍ସବର ଭିଡ଼ କଥା କହିବାକୁ ଲାଗିଲା ।

ସ୍ୱାମୀଜୀ : କେତେ ଲୋକ ହେବେ ?

ଶିଷ୍ୟ : ପଚାଶ ହଜାର ।

ଶିଷ୍ୟର କଥା ଶୁଣି ସ୍ୱାମୀଜୀ ଉଠି ଠିଆହୋଇ ସେହି ଜନସଂଘ ଦେଖି କହିଲେ, 'ବେଶୀ ହେଲେ ୩୦ ହଜାର ।'

ଉତ୍ସବର ଭିଡ଼ କ୍ରମେ କମି ଆସିଲା । ବେଳ ୪ଟା ସମୟରେ ସ୍ୱାମୀଜୀଙ୍କ ଘରର ଦରଜା ଝିରକି ସବୁ ଖୋଲି ଦିଆଗଲା, କିନ୍ତୁ ତାଙ୍କ ଶରୀର ଅସୁସ୍ଥ ଥିବାରୁ କାହାରିକୁ ତାଙ୍କ ନିକଟକୁ ଯିବାକୁ ଦିଆଗଲା ନାହିଁ ।

## ୪୧

ସ୍ଥାନ—ବେଲୁଡ଼ ମଠ
କାଳ—୧୯୦୨

ପୂର୍ବବଙ୍ଗରୁ ପ୍ରତ୍ୟାଗମନ ପରେ ସ୍ୱାମୀଜୀ ମଠରେ ଅବସ୍ଥାନ କରୁଥିଲେ ଏବଂ ମଠର କାର୍ଯ୍ୟର ତତ୍ତ୍ୱାବଧାନ କରୁଥିଲେ ଓ କେବେ କେବେ କୌଣସି କୌଣସି କର୍ମ ସ୍ୱହସ୍ତରେ ସମ୍ପନ୍ନ କରି ଅନେକ ସମୟ ଅତିବାହିତ କରୁଥିଲେ । କେତେବେଳେ ନିଜ ହସ୍ତରେ ମଠର ଜମି କୋଡ଼ୁଥିଲେ; କେତେବେଳେ ଗଛଲତା ଫଳଫୁଲର ମଞ୍ଜି ରୋପଣ କରୁଥିଲେ, ପୁଣି କେବେ କେବେ ଚାକରବାକରଙ୍କ ବେମାର ହେବାବେଳେ ଘରଦ୍ୱାର ସଫା ହୋଇ ନାହିଁ ଦେଖି ନିଜ ହସ୍ତରେ ଝାଡ଼ୁ ଧରି ସେସବୁ ପରିଷ୍କାର କରୁଥିଲେ । ଯଦି କେହି ତାହା ଦେଖି, 'ଆପଣ କାହିଁକି !' ବୋଲି କହନ୍ତି, ତାହାର ଉତ୍ତରରେ ସେ କହୁଥିଲେ, 'ହେଲେ କଅଣ ହେଲା, ଅପରିଷ୍କାର ରହିଲେ ମଠର ସମସ୍ତଙ୍କର ଯେ ବେମାରି ହେବ ।'

ସେହି ସମୟରେ ସେ ମଠରେ କେତେଗୁଡ଼ିଏ ଗାଈ, ହଂସ, କୁକୁର ଓ ଛେଳି ପୋଷିଥିଲେ । ଗୋଟାଏ ବଡ଼ ମାଈ ଛେଳିକୁ 'ହଂସୀ' ବୋଲି ଡାକୁଥିଲେ ଓ ତା'ର ଦୁଧରେ ପ୍ରାତଃକାଳରେ ଚାହା ଖାଉଥିଲେ । ଗୋଟିଏ ଛୋଟ ଛେଳି ଛୁଆକୁ 'ମଟରୁ' ବୋଲି ଡାକୁଥିଲେ ଓ ଆଦର କରି ତା' ଗଳାରେ ଘୁଙ୍ଗୁର ପିନ୍ଧାଇ ଦେଇଥିଲେ । ଛେଳିଛୁଆଟି ଆଦର ପାଇ ସ୍ୱାମୀଜୀଙ୍କ ସଙ୍ଗେ ସଙ୍ଗେ ବୁଲୁଥିଲା ଏବଂ ସ୍ୱାମୀଜୀ ତାହା ସହିତ ପାଞ୍ଚବର୍ଷର ବାଳକ ପରି ଦୌଡ଼ାଦୌଡ଼ି କରି ଖେଳୁଥିଲେ । ମଠ-ଦର୍ଶନରେ ନବାଗତ ବ୍ୟକ୍ତିମାନେ ତାଙ୍କ ପରିଚୟ ପାଇ ଓ ତାଙ୍କୁ ଏହିପରି ଚେଷ୍ଟାରେ ବ୍ୟାପୃତ ଦେଖି, ଅବାକ୍ ହୋଇ କହୁଥିଲେ—'ଏହି କ'ଣ ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦ ?' କିଛିଦିନ ପରେ 'ମଟରୁ' ମରିଯିବାରୁ ସ୍ୱାମୀଜୀ ବିଷଣ୍ଣ ଚିତ୍ତରେ ଶିଷ୍ୟକୁ କହିଥିଲେ, 'ଦେଖ୍, ମୁଁ ଯେଉଁଟାକୁ ଟିକିଏ ଆଦର କରିବାକୁ ଯାଏ, ସେଇଟା ହିଁ ମରିଯାଏ ।'

ମଠ ଜମିର ଜଙ୍ଗଲ ସଫା କରିବାକୁ ଓ ମାଟି କାଟିବାକୁ ପ୍ରତିବର୍ଷ କେତେଗୁଡ଼ିଏ

ସ୍ତ୍ରୀ-ପୁରୁଷ ସାନ୍ତାଲ ଆସୁଥିଲେ । ସ୍ୱାମୀଜୀ ତାଙ୍କୁ ନେଇ କେତେ ରହସ୍ୟ କରୁଥିଲେ ଏବଂ ତାଙ୍କର ସୁଖଦୁଃଖର କଥା ଶୁଣିବାକୁ ଖୁବ୍ ଭଲ ପାଉଥିଲେ ।

ସାନ୍ତାଲମାନଙ୍କ ମଧ୍ୟରେ ଜଣଙ୍କ ନାମ ଥିଲା 'କେଷ୍ଟା' । ସ୍ୱାମୀଜୀ କେଷ୍ଟାକୁ ଭାରି ଭଲ ପାଉଥିଲେ । କଥା କହିବାକୁ ଆସିଲେ କେଷ୍ଟା କେବେ କେବେ ସ୍ୱାମୀଜୀଙ୍କୁ କହୁଥିଲା— 'ଆରେ ସ୍ୱାମୀ ବାପା, ତୁ ଆମର କାମ ବେଳରେ ଏଠାକୁ ଆସିବୁ ନାହିଁ, ତୋ ସାଙ୍ଗରେ କଥା କହିଲେ ଆମ କାମ ବନ୍ଦ ହୋଇଯାଏ; ପରେ ବୁଢ଼ାବାବା ଆସି ବକନ୍ତି ।' ଏହି କଥା ଶୁଣି ସ୍ୱାମୀଜୀଙ୍କ ଚକ୍ଷୁ ଛଳ ଛଳ ହେଉଥିଲା ଏବଂ ସେ କହୁଥିଲେ—'ନା, ନା, ବୁଢ଼ାବାବା (ସ୍ୱାମୀ ଅଦ୍ୱୈତାନନ୍ଦ) ବକିବେ ନାହିଁ । ତୁ ତୋ ଦେଶର କଥା କହ ।' ଏହା କହି ସେମାନଙ୍କର ସାଂସାରିକ ସୁଖଦୁଃଖର କଥା ଉଠାଉଥିଲେ ।

ଦିନେ ସ୍ୱାମୀଜୀ କେଷ୍ଟାକୁ କହିଲେ, 'ଆରେ, ତୁମେ ଆମର ଏଠି ଖାଇବ ?' କେଷ୍ଟା କହିଲା—'ଆମେ ଯେ ତୁମ ଛୁଆଁ ଏବେ ଖାଉ ନାହୁଁ । ଏବେ ଯେ ବାହା ହୋଇଛୁ, ତୁମ ଛୁଆଁ ଲୁଣ ଖାଇଲେ ଜାତି ଯିବ ରେ ବାପା !' ସ୍ୱାମୀଜୀ କହିଲେ—'ଲୁଣ କାହିଁକି ଖାଇବୁ ? ଲୁଣ ନ ଦେଇ ତରକାରି ରାନ୍ଧି ଦେବେ । ତାହାହେଲେ ଖାଇବୁ ତ ?' କେଷ୍ଟା ସେଥିରେ ସ୍ୱୀକୃତ ହେଲା । ଅନନ୍ତର ସ୍ୱାମୀଜୀଙ୍କ ଆଦେଶରେ ମଠରେ ସେହିସବୁ ସାନ୍ତାଲମାନଙ୍କ ପାଇଁ ଲୁଚି, ତରକାରି, ମିଠାଇ, ମଣ୍ଡା, ଦହି ଇତ୍ୟାଦି ଯୋଗାଡ଼ କରାଗଲା ଏବଂ ସେମାନଙ୍କୁ ବସେଇ ସେ ଖୁଆଇବାକୁ ଲାଗିଲେ । ଖାଉ ଖାଉ କେଷ୍ଟା କହିଲା—'ହଇରେ ସ୍ୱାମୀ ବାପା, ତୁମେ ଏମିତି ଜିନିଷ କେଉଁଠୁ ପାଇଲ ? ଆମେ ତ ଏମିତି କେବେ ଖାଇ ନାହୁଁ ?' ସ୍ୱାମୀଜୀ ସେମାନଙ୍କୁ ପରିତୋଷକରି ଖୁଆଇ କହିଲେ, 'ତୁମେ ଯେ ନାରାୟଣ; ଆଜି ମୋର ନାରାୟଣଙ୍କୁ ଭୋଗ ଦେବାର ହେଲା ।' ସ୍ୱାମୀଜୀ ଯେଉଁ ଦରିଦ୍ର-ନାରାୟଣ ସେବା କଥା କହୁଥିଲେ, ତାହା ନିଜେ ଏହିପରି ଅନୁଷ୍ଠାନ କରି ଦେଖାଇ ଯାଇଛନ୍ତି ।

ଆହାରାନ୍ତେ ସାନ୍ତାଲମାନେ ବିଶ୍ରାମ କରିବାକୁ ଗଲାପରେ ସ୍ୱାମୀଜୀ ଶିଷ୍ୟକୁ କହିଲେ —'ଏମାନଙ୍କୁ ଦେଖିଲି, ଯେପରି ସାକ୍ଷାତ୍ ନାରାୟଣ; ଏପରି ସରଳ ଚିତ୍ତ, ଏପରି ଅକପଟ ଅକୃତ୍ରିମ ସ୍ନେହ, ଆଉ କୌଣସିଠାରେ ଦେଖି ନାହିଁ ।' ଅନନ୍ତର ମଠର ସନ୍ନ୍ୟାସୀମାନଙ୍କୁ ଲକ୍ଷ୍ୟ କରି କହିଲେ :

ଦେଖ, ଏମାନେ କିପରି ସରଳ ! ଏମାନଙ୍କର କିଛି ଦୁଃଖ ଦୂର କରିପାରିବ ? ନହେଲେ ଗେରୁଆ ପିନ୍ଧି ଆଉ କ'ଣ ହେଲା ? 'ପରହିତାୟ' ସର୍ବସ୍ୱ-ଅର୍ପଣ—ଏହାରି ହିଁ ନାମ ଯଥାର୍ଥ ସନ୍ନ୍ୟାସ । ଏମାନଙ୍କର ଭଲ ଜିନିଷ କେବେ କିଛି ଭୋଗ ହୋଇ ନାହିଁ । ଇଚ୍ଛା ହୁଏ, ମଠ ଫଠ ସବୁ ବିକି କରିଦେଇ ଏଇସବୁ ଗରିବ ଦୁଃଖୀ ଦରିଦ୍ରନାରାୟଣଙ୍କୁ ଦେଇଦିଏ । ଆମେ ତ ଗଛମୂଳ ସାର କରିଛୁ । ଆହା ! ଦେଶର ଲୋକେ ଖାଇବାକୁ ପିନ୍ଧିବାକୁ ପାଉ ନାହାନ୍ତି, ଆମେ କେଉଁଥିପାଇଁ ମୁହଁରେ ଅନ୍ନ ଦେଉଛୁ ? ସେଦେଶକୁ ଯେତେବେଳେ ଯାଇଥିଲି, ମା'ଙ୍କୁ କେତେ କହିଲି, 'ମା ! ଏଠାକାର ଲୋକେ ଫୁଲରେ ବିଛଣାରେ ଶୋଉଛନ୍ତି, ଚର୍ବ୍ୟ ଚୋଷ୍ୟ ଖାଉଛନ୍ତି, କ'ଣ ଭୋଗ ନ କରୁଛନ୍ତି ? ଆଉ ଆମ ଦେଶର ଲୋକମାନେ

ଖାଇବାକୁ ନ ପାଇ ମରିଯାଉଛନ୍ତି । ମା ! ସେମାନଙ୍କ ପାଇଁ କ'ଣ କିଛି ଉପାୟ ହେବ ନାହିଁ ? ସେଦେଶରେ ଧର୍ମପ୍ରଚାର କରିବାକୁ ଯିବାରେ ମୋର ଆଉ ଗୋଟାଏ ଉଦ୍ଦେଶ୍ୟ ଥିଲା ଯେ, ଏଦେଶର ଲୋକମାନଙ୍କ ପାଇଁ ଯଦି ଅନ୍ନସଂସ୍ଥାନ କରିପାରେ ।

ଦେଶର ଲୋକେ ଦି'ଓଳି ଦି'ମୁଠା ଖାଇବାକୁ ପାଆନ୍ତି ନାହିଁ ଦେଖି ସମୟ ସମୟରେ ମନେହୁଏ—ଫିଙ୍ଗିଦିଏ ତୋର ଶଙ୍ଖ ବଜାଇବା, ଘଣ୍ଟା ହଲେଇବା; ଫିଙ୍ଗିଦିଏ ତୋର ଲେଖାପଢ଼ା ଓ ନିଜେ ମୁକ୍ତ ହେବାର ଚେଷ୍ଟା; ସମସ୍ତେ ମିଳି ଗାଁରେ ଗାଁରେ ବୁଲି ଚରିତ୍ର ଓ ସାଧନାବଳରେ ବଡ଼ଲୋକମାନଙ୍କୁ ବୁଝେଇ, ଟଙ୍କାକଉଡ଼ି ଯୋଗାଡ଼ କରି ନେଇ-ଆସନ୍ତି ଓ ଦରିଦ୍ରନାରାୟଣମାନଙ୍କର ସେବା କରି ଜୀବନଟା କଟେଇଦିଅନ୍ତି ।

ଆହା, ଦେଶର ଗରିବ-ଦୁଃଖୀଙ୍କ ପାଇଁ କେହି ଭାବନ୍ତି ନାହିଁ ରେ ! ଯେଉଁମାନେ ଜାତିର ମେରୁଦଣ୍ଡ, ଯେଉଁମାନଙ୍କ ପରିଶ୍ରମରେ ଅନ୍ନ ଜନ୍ମୁଛି, ଯେଉଁ ମେହେନ୍ତର ଓ ମୁଦାରିକଢ଼ାଳୀ କାମ ବନ୍ଦ କଲେ ସହରରେ ହାହାକାର ରବ ଉଠେ—ହାୟ ! ସେମାନଙ୍କୁ ସହାନୁଭୂତି ଦେଖାଇବାକୁ, ତାଙ୍କର ସୁଖଦୁଃଖରେ ସାନ୍ତ୍ୱନା ଦେବାକୁ ଦେଶରେ ଏପରି କେହି ନାହିଁ ରେ ! ଦେଖୁ ନାହୁଁ—ହିନ୍ଦୁମାନଙ୍କର ସହାନୁଭୂତି ନ ପାଇ ମାନ୍ଦ୍ରାଜ ଅଞ୍ଚଳରେ ହଜାର ହଜାର ଅଛୁଆଁ ଜାତିର ଲୋକେ ଖ୍ରୀଷ୍ଟିଆନ୍ ହୋଇଯାଉଛନ୍ତି । ମନେକର ନାହିଁ କେବଳ ପେଟ ବିକଳରେ ଖ୍ରୀଷ୍ଟିଆନ୍ ହୋଇଯାଉଛନ୍ତି; ଆମର ସହାନୁଭୂତି ପାଆନ୍ତି ନାହିଁ ବୋଲି । ଆମେ ଦିନରାତି କେବଳ ସେମାନଙ୍କୁ କହୁଅଛୁ—'ଛୁଅଁ ନା ଛୁଅଁ ନା' । ଦେଶରେ ଆଉ କ'ଣ ଦୟାଧର୍ମ ଅଛି ରେ ବାପ ! କେବଳ 'ଛୁତ୍‌ମାର୍ଗୀ'ଙ୍କ ଦଳ ! ସେପରି ଆଚାରର ମୁହଁରେ ଝାଡ଼ୁ ମାର, ଲାତ ମାର ! ଇଚ୍ଛା ହୁଏ, ତୋର 'ଛୁତ୍‌ମାର୍ଗ'ର ଗଣ୍ଡି ଭାଙ୍ଗି ପକେଇ ଏଇକ୍ଷଣି ଚାଲିଯାନ୍ତି—'କିଏ କେଉଁଠି ପତିତ କାଙ୍ଗାଳ ଦୀନଦରିଦ୍ର ଅଛ' ବୋଲି ସେମାନଙ୍କୁ ସମସ୍ତଙ୍କୁ ଠାକୁରଙ୍କ ନାମରେ ଡାକି ନେଇଆସନ୍ତି । ଏମାନେ ନ ଉଠିଲେ ମା' ଜାଗିବେ ନାହିଁ । ଆମେ ଏମାନଙ୍କର ଅନ୍ନବସ୍ତ୍ରର ସୁବିଧା ଯଦି ନ କରିପାରିଲୁ, ତେବେ ଆଉ କ'ଣ ହେଲା ? ହାୟ ! ଏମାନେ ଦୁନିଆଦାରି କିଛି ଜାଣନ୍ତି ନାହିଁ, ତେଣୁ ଦିନରାତି ଖଟି ଖଟି ସୁଦ୍ଧା ଅଶନ-ବସନର ସଂସ୍ଥାନ କରିପାରୁ ନାହାନ୍ତି । ଦିଅ, ସମସ୍ତେ ମିଶି ଏମାନଙ୍କର ଆଖି ଖୋଲିଦିଅ । ମୁଁ ଦିବ୍ୟ ଚକ୍ଷୁରେ ଦେଖୁଅଛି, ଏମାନଙ୍କର ଓ ମୋ ଭିତରେ ଏକ ବ୍ରହ୍ମ, ଏକ ଶକ୍ତି ରହିଛନ୍ତି, କେବଳ ବିକାଶର ତାରତମ୍ୟ ମାତ୍ର । ସର୍ବାଙ୍ଗରେ ରକ୍ତସଞ୍ଚାର ନ ହେଲେ କୌଣସି ଦେଶ କୌଣସି କାଳେ କେଉଁଠି ଉଠିଛି, ଦେଖିଛୁ ? ଗୋଟାଏ ଅଙ୍ଗ ପଡ଼ିଗଲେ, ଅନ୍ୟ ଅଙ୍ଗ ସବଳ ଥିଲେ ମଧ୍ୟ ଏହି ଦେହଦ୍ୱାରା କୌଣସି ବଡ଼ କାର୍ଯ୍ୟ ଆଉ ହେବ ନାହିଁ—ଏହା ନିଶ୍ଚିତ ଜାଣିବୁ ।

ଶିଷ୍ୟ : ଆଜ୍ଞା, ଏ ଦେଶର ଲୋକଙ୍କ ଭିତରେ ଏତେ ବିଭିନ୍ନ ଧର୍ମ, ବିଭିନ୍ନ ଭାବ ! ଏମାନଙ୍କ ଭିତରେ ସମସ୍ତଙ୍କର ମେଳ ହେବା ସେ ଅତି କଠିନ ବ୍ୟାପାର ।

ସ୍ୱାମୀଜୀ : (କ୍ରୋଧରେ) କୌଣସି କାମକୁ କଠିନ ବୋଲି ମନେକଲେ ଏଠାକୁ ଆଉ ଆସିବୁ ନାହିଁ । ଠାକୁରଙ୍କ ଇଚ୍ଛାରେ ସବୁଦିଗ ସହଜ ହୋଇଯାଏ । ତୋର କାମ

ହେଉଛି ସାନଦୁଃଖୀଙ୍କର ସେବା କରିବା ଜାତିବର୍ଣ୍ଣନିର୍ବିଶେଷରେ । ତା'ର ଫଳ କ'ଣ ହେବ ନ ହେବ, ଭାବିବାରେ ତୋର ଦରକାର କ'ଣ ? ତୋର କାମ ହେଉଛି, କାମ କରିଯିବା, ପରେ ସବୁ ଆପେ ଆପେ ଠିକ୍ ହୋଇଯିବ । ମୋର କାମର ଧାରା ହେଉଛି—ଗଢ଼ିଯିବା, ଯାହା ଅଛି ତାକୁ ଭାଙ୍ଗିବା ନୁହେଁ । ଜଗତର ଇତିହାସ ପଢ଼ି ଦେଖ, ଜଣେ ଜଣେ ମହାପୁରୁଷ ଏକ ଏକ ସମୟରେ ଗୋଟାଏ ଗୋଟାଏ ଦେଶରେ ଯେପରି କେନ୍ଦ୍ରସ୍ୱରୂପ ହୋଇ ଠିଆ ହୋଇଥିଲେ । ତାଙ୍କ ଭାବରେ ଅଭିଭୂତ ହୋଇ ଶତସହସ୍ର ଲୋକ ଜଗତର ହିତସାଧନ କରିଯାଇଛନ୍ତି । ତୁମେ ସବୁ ବୁଦ୍ଧିମାନ୍ ପିଲା, ଏଠାକୁ ଏତେଦିନ ଆସୁଛ, କ'ଣ କଲ କହ ଦେଖି ? ପରାର୍ଥରେ ଗୋଟିଏ ଜନ୍ମ ଦେଇପାରିଲ ନାହିଁ ? ଆରଜନ୍ମରେ ଆସି ପୁଣି ବେଦାନ୍ତ ଫେଦାନ୍ତ ପଢ଼ିବୁ । ଏଥର ପରସେବାରେ ଦେହଟା ଦେଇଯା', ତେବେ ଜାଣିବି—ମୋ ପାଖକୁ ଆସିବା ସାର୍ଥକ ହୋଇଛି ।

କଥାଗୁଡ଼ିକ କହି, ସ୍ୱାମୀଜୀ ବିଶୃଙ୍ଖଳ ଭାବରେ ବସି ତମାଖୁ ଖାଇ ଖାଇ ଗଭୀର ଚିନ୍ତାରେ ମଗ୍ନ ରହିଲେ । କିଛିସମୟ ପରେ କହିଲେ :

ମୁଁ ଏତେ ତପସ୍ୟା କରି ଏହି ମାତ୍ର ସାର ବୁଝିଛି ଯେ, ପ୍ରତ୍ୟେକ ଜୀବରେ ସେ ଅଧିଷ୍ଠାନ କରି ଅଛନ୍ତି, ତାହାଛଡ଼ା ଈଶ୍ୱର ଫିଶ୍ୱର ଆଉ କିଛି ହିଁ ନାହିଁ ।—'ଜୀବେ ପ୍ରେମ କରେ ଯେଉଁ ଜନ, ସେହି ଏକା ସେବଇ ଈଶ୍ୱର ।'

ବେଳପ୍ରାୟ ଶେଷ ହୋଇ ଆସିଲା । ସ୍ୱାମୀଜୀ ଦୋତାଲାକୁ ଉଠିଲେ ଏବଂ ବିଛଣାରେ ଶୋଇ ଶିଷ୍ୟକୁ କହିଲେ, 'ଗୋଡ଼ ଦୁଇଟା ଟିକିଏ ଚିପିଦେ ।' ଶିଷ୍ୟ ଆଜିକାର କଥା-ବାର୍ତ୍ତାରେ ଭୀତ ଓ ସ୍ତମ୍ଭିତ ହୋଇ ସ୍ୱୟଂ ଅଗ୍ରସର ହୋଇପାରୁ ନ ଥିଲା । ବର୍ତ୍ତମାନ ସାହସ ପାଇ ପ୍ରଫୁଲ୍ଲ ମନରେ ସ୍ୱାମୀଜୀଙ୍କ ପଦସେବା କରିବାକୁ ବସିଲା । କିଛିସମୟ ପରେ ସ୍ୱାମୀଜୀ ତାକୁ ସମ୍ବୋଧନ କରି କହିଲେ—'ଆଜି ଯାହା କହିଛି, ସେସବୁ ମନରେ ଗୁନ୍ଥି ରଖିବୁ । ଯେପରି ଭୁଲି ନ ଯାଉ ।'

## ୪୨

ସ୍ଥାନ—ବେଲୁଡ଼ ମଠ
କାଳ—୧୯୦୨

ଆଜି ଶନିବାର । ଶିଷ୍ୟ ସନ୍ଧ୍ୟାର ପ୍ରାକ୍କାଳରେ ମଠକୁ ଆସିଛି । ମଠରେ ବର୍ତ୍ତମାନ ସାଧନ, ଭଜନ, ଜପ, ତପସ୍ୟାର ଖୁବ୍ ଘନଘଟା । ସ୍ୱାମୀଜୀ ଆଦେଶ କରିଛନ୍ତି, କି ବ୍ରହ୍ମଚାରୀ, କି ସନ୍ନ୍ୟାସୀ, ସମସ୍ତଙ୍କୁ ଅତି ପ୍ରତ୍ୟୁଷରୁ ଉଠି ଠାକୁର ଘରେ ଜପଧ୍ୟାନ କରିବାକୁ

ହେବ । ସ୍ୱାମୀଜୀଙ୍କ ନିଦ୍ରା ତ ଏକପ୍ରକାର ନାହିଁ କହିଲେ ଚଳେ । ରାତ୍ର ତିନଟାରୁ ଶଯ୍ୟା ତ୍ୟାଗ କରି ଉଠି ବସିଥାଆନ୍ତି । ଗୋଟାଏ ଘଣ୍ଟା କିଣା ଯାଇଅଛି; ଶେଷରାତ୍ରରେ ସମସ୍ତଙ୍କ ନିଦ ଭଙ୍ଗାଇବା ପାଇଁ ସେହି ଘଣ୍ଟା ମଠର ପ୍ରତି ଘର ନିକଟରେ ସଜୋରରେ ବଜା ହୁଏ ।

ଶିଷ୍ୟ ମଠକୁ ଆସି ସ୍ୱାମୀଜୀଙ୍କୁ ପ୍ରଣାମ କରିବା ମାତ୍ରେ ସେ କହିଲେ :

ଆରେ, ମଠରେ ବର୍ତ୍ତମାନ କିପରି ସାଧନ-ଭଜନ ହେଉଛି ? ସମସ୍ତେ ଶେଷ-ରାତ୍ରରେ ଓ ସନ୍ଧ୍ୟାରେ ଅନେକ ସମୟ ଧରି ଜପଧ୍ୟାନ କରନ୍ତି । ହେଇ ଦେଖ୍, ଘଣ୍ଟା ଆଣା ହୋଇଛି । ଏହାଦ୍ୱାରା ସମସ୍ତଙ୍କ ନିଦ ଭଙ୍ଗା ହୁଏ । ସମସ୍ତଙ୍କୁ ଅରୁଣୋଦୟର ପୂର୍ବରୁ ନିଦରୁ ଉଠିବାକୁ ହୁଏ । ଠାକୁର କହୁଥିଲେ, 'ସକାଳେ ସନ୍ଧ୍ୟାରେ ମନ ଖୁବ୍ ସତ୍ତ୍ୱଭାବାପନ୍ନ ଥାଏ, ସେହି ସମୟରେ ଏକ ମନରେ ଧ୍ୟାନ କରିବାକୁ ହୁଏ ।'

ଠାକୁରଙ୍କ ଦେହତ୍ୟାଗ ପରେ ଆମେ ବରାହନଗର ମଠରେ କେତେ ଜପଧ୍ୟାନ କରୁଥିଲୁ ! ଶୌଚାନ୍ତେ କେହି ସ୍ନାନ କରି, କେହି ବା ନ କରି, ଠାକୁରଘରେ ଯାଇ ବସି ଜପ-ଧ୍ୟାନରେ ବୁଡ଼ି ଯାଉଥିଲୁ । ସେତେବେଳେ ଆମ ଭିତରେ କି ବୈରାଗ୍ୟର ଭାବ ! ଦୁନିଆଟା ଅଛି କି ନାହିଁ, ଆମେ ଜାଣିପାରୁ ନ ଥିଲୁ । ଶଶୀ (ସ୍ୱାମୀ ରାମକୃଷ୍ଣାନନ୍ଦ) ଚବିଶ ଘଣ୍ଟା ଠାକୁରଙ୍କ ସେବା ନେଇ ରହୁଥିଲା ଏବଂ ସେ ଘରର ଘରଣୀ ପରି ଥିଲା । ଭିକ୍ଷା କରି ଠାକୁରଙ୍କ ଭୋଗରାଗର ଓ ଆମକୁ ଖୁଆଇବାର ଯୋଗାଡ଼ ସେ ସବୁ କରୁଥିଲା । ଏପରିଦିନ ବି ଯାଇଛି, ଯେତେବେଳେ ସକାଳରୁ ଦିନ ୪ଟା ୫ଟା ପର୍ଯ୍ୟନ୍ତ ଜପଧ୍ୟାନ ଚାଲିଛି । ଶଶୀ ଖାଇବାର ନେଇ ଅନେକ ସମୟ ବସି ବସି ଶେଷରେ କୌଣସି ପ୍ରକାର ଟାଣି ଓଟାରି ଆମକୁ ଜପଧ୍ୟାନରୁ ଉଠାଇ ଦେଉଥିଲା । ଆହା ! ଶଶୀର କି ନିଷ୍ଠା ଦେଖିଛି !

ଶିଷ୍ୟ : ଆଜ୍ଞା, ମଠର ଖରଚପତ୍ର ସେତେବେଳେ କିପରି ଚାଲୁଥିଲା ?

ସ୍ୱାମୀଜୀ : କିପରି ଚାଲିବ କ'ଣ ରେ ? ଆମେ ତ ସାଧୁ ସନ୍ନ୍ୟାସୀ ଲୋକ । ଭିକ୍ଷା କରି ଯାହା ମିଳେ, ସେଥିରେ ସବୁ ଚାଲିଯାଏ । ଆଜି ସୁରେଶବାବୁ, ବଳରାମବାବୁ ନାହାନ୍ତି । ସେ ଦୁଇଜଣ ଥିଲେ ଏ ମଠ ଦେଖି କେତେ ଆନନ୍ଦିତ ହେଉଥାନ୍ତେ । ସୁରେଶବାବୁଙ୍କ ନାମ ଶୁଣିଛୁ ତ ? ସେ ଏହି ମଠର ଏକ ପ୍ରକାର ପ୍ରତିଷ୍ଠାତା । ସେ ହିଁ ବରାହନଗର ମଠର ସମସ୍ତ ଖର୍ଚ୍ଚପତ୍ର ବହନ କରୁଥିଲେ । ସେହି ସୁରେଶ ମିତ୍ର ହିଁ ଆମ ପାଇଁ ସେତେବେଳେ ବେଶୀ ଭାବୁଥିଲେ । ତାଙ୍କର ଭକ୍ତିବିଶ୍ୱାସର ତୁଳନା ନାହିଁ ।

ଶିଷ୍ୟ : ଆଜ୍ଞା, ଶୁଣିଛି, ମୃତ୍ୟୁକାଳରେ ଆପଣମାନେ ତାଙ୍କ ସହିତ ପ୍ରାୟ ଦେଖା କରିବାକୁ ଯାଉ ନ ଥିଲେ ?

ସ୍ୱାମୀଜୀ : ଯିବାକୁ ଦେଲେ ତ ଯିବୁ ? ଛାଡ଼, ସେ ଅନେକ କଥା । ତେବେ ଏଇଟା ମନେରଖିବୁ, ସଂସାରରେ ତୁ ବଞ୍ଚ ବା ମର, ସେଥିରେ ତୋର ଆତ୍ମୀୟ ପରିଜନଙ୍କର ବିଶେଷ କିଛି ଯାଏ ଆସେ ନାହିଁ । ତୁ ଯଦି କିଛି ବିଷୟ-ଆଶୟ ରଖିଯାଇପାରିବୁ, ତେବେ ତୋର ମରିବା ଆଗରୁ ଦେଖିବାକୁ ପାଇବୁ ତାହା ନେଇ ଘରେ ପିଟାପିଟି ଆରମ୍ଭ ହୋଇଛି । ତୋର ମୃତ୍ୟୁଶଯ୍ୟାରେ ସାନ୍ତ୍ୱନା ଦେବାକୁ କେହି ନାହିଁ—ସ୍ତ୍ରୀ-ପୁତ୍ର ପର୍ଯ୍ୟନ୍ତ ନୁହନ୍ତି । ଏହାରି ନାମ

ସଂହାର !

ମଠର ପୂର୍ବାବସ୍ଥା ସମ୍ବନ୍ଧରେ ସ୍ୱାମୀଜୀ ପୁନଶ୍ଚ କହିବାକୁ ଲାଗିଲେ :

ଖର୍ଚ୍ଚପତ୍ରର ଅନାଟନ ନିମିତ୍ତ କେବେ କେବେ ମଠ ଉଠାଇ ଦେବାକୁ ଗଣ୍ଡଗୋଳ କରୁଥିଲି; ଶଶୀକୁ କିନ୍ତୁ କୌଣସି ପ୍ରକାରେ ଏ ବିଷୟରେ ରାଜି କରାଇପାରୁ ନ ଥିଲି । ଶଶୀ ଆମ ମଠର central figure (କେନ୍ଦ୍ର-ସ୍ୱରୂପ) ବୋଲି ଜାଣିବୁ । ଦିନେ ଦିନେ ମଠରେ ଏପରି ଅଭାବ ହୋଇଛି ଯେ, କିଛି ନାହିଁ, ଭିକ୍ଷା କରି ଚାଉଳ ଅଣା ହେଲା ତ ଲୁଣ ନାହିଁ । ଦିନେ ଦିନେ ଖାଲି ଲୁଣ ଭାତ ଚାଲିଛି, ତଥାପି କାହାରି ଭ୍ରୂକ୍ଷେପ ନାହିଁ; ଜପଧ୍ୟାନର ପ୍ରବଳ ସ୍ରୋତରେ ଆମେ ସବୁ ସେତେବେଳେ ଭାସୁଥିଲୁ । ଭେଣ୍ଡି-କାଙ୍କୁଡ଼ି ପତ୍ର ସିଝା, ଲୁଣ ଭାତ, ଏହା ମାସେ ପର୍ଯ୍ୟନ୍ତ ଚାଲିଛି ! ଆହା, ସେସବୁ କି ଦିନ ଯାଇଛି ! ସେ କଠୋରତା ଦେଖିଲେ ଭୂତ ପଳାଇ ଯାଆନ୍ତା—ମନୁଷ୍ୟର କଥା କ'ଣ ? ଏ କଥାଟା କିନ୍ତୁ ଧ୍ରୁବ ସତ୍ୟ ଯେ, ତୋ ଭିତରେ ଯଦି ବସ୍ତୁ ଥାଏ, ତେବେ ଯେତେ circumstances against (ଅବସ୍ଥା ପ୍ରତିକୂଳ) ହେବ, ସେତେ ଭିତରର ଶକ୍ତିର ଉନ୍ମେଷ ହେବ । ତେବେ ବର୍ତ୍ତମାନ ଯେ ମଠରେ ଖଟ ବିଛଣା, ଖାଇବା-ପିଇବାର ସ୍ୱଚ୍ଛଳ ବନ୍ଦୋବସ୍ତ କରିଛି, ତା'ର କାରଣ—ଆମେ ଯେତେଟା ସହିପାରିଛୁ, ଏବେ ଯେଉଁମାନେ ସନ୍ନ୍ୟାସୀ ହେବାକୁ ଆସୁଛନ୍ତି, ସେତେ କ'ଣ ସେମାନେ ପାରିବେ ? ଆମେ ଠାକୁରଙ୍କ ଜୀବନ ଦେଖିଥିଲୁ; ତେଣୁ ଦୁଃଖକଷ୍ଟକୁ ଗୋଟାଏ ବଡ଼ ଗ୍ରାହ୍ୟ ଭିତରେ ଆଣୁ ନ ଥିଲୁ । ଏବକାର ପିଲାମାନେ ସେତେ କଷ୍ଟ କରିପାରିବେ ନାହିଁ । ସେଥିପାଇଁ ଟିକିଏ ରହିବା ଜାଗା ଓ ମୁଠାଏ ଅନ୍ନର ବ୍ୟବସ୍ଥା କରିବା—ମୋଟା ଭାତ ମୋଟା ଲୁଗା ପାଇଲେ ପିଲାମାନେ ସାଧନଭଜନରେ ମନ ଦେବେ ଓ ଜୀବହିତକଳ୍ପେ ଜୀବନପାତ କରିବାକୁ ଶିଖିବେ ।

ଶିଷ୍ୟ : ଆଜ୍ଞା, ମଠର ଏହିସବୁ ଖଟବିଛଣା ଦେଖି, ବାହାର ଲୋକମାନେ କେତେ କ'ଣ କହନ୍ତି ।

ସ୍ୱାମୀଜୀ : କହିବାକୁ ଦେ'ନା । ଥଟ୍ଟା କରି ହେଲେ ତ ଏଠାକାର କଥା ଥରେ ମନେ-ପକାଇବେ ଶତ୍ରୁ ଭାବରେ ଶୀଘ୍ର ମୁକ୍ତ ହୁଏ । ଠାକୁର କହୁଥିଲେ—'ଲୋକ ନା ପୋକ' । ଏ କ'ଣ କହିଲା, ସେ କ'ଣ କହିଲା, ତାହା ଶୁଣି ବୁଝି ଚଳିବାକୁ ହେବ ? ଛି, ଛି ! !

ଶିଷ୍ୟ : ଆଜ୍ଞା ! ଆପଣ କେତେବେଳେ କହନ୍ତି, 'ସବୁ ନାରାୟଣ, ଦୀନ-ଦୁଃଖୀ ମୋର ନାରାୟଣ ।' ପୁଣି କେତେବେଳେ କହନ୍ତି, 'ଲୋକ ନା ପୋକ'—ଏହାର ଅର୍ଥ ବୁଝିପାରୁ ନାହିଁ ।

ସ୍ୱାମୀଜୀ : ସମସ୍ତେ ଯେ ନାରାୟଣ, ସେଥିରେ ବିନ୍ଦୁମାତ୍ର ସନ୍ଦେହ ନାହିଁ, କିନ୍ତୁ ସବୁ ନାରାୟଣ ତ criticise ସମାଲୋଚନା କରନ୍ତି ନାହିଁ ? କାହିଁ ଦୀନଦୁଃଖୀମାନେ ଆସି ମଠର ଖଟ ପଟ ଦେଖି ତ criticise (ସମାଲୋଚନା) କରନ୍ତି ନାହିଁ ? ଯେଉଁମାନେ criticise (ସମାଲୋଚନା) କରିବେ, ତାଙ୍କ ଆଡ଼କୁ ଦୃକ୍‌ପାତ ବି କରିବ ନାହିଁ—ଏହି sense ରେ (ଭାବରେ) 'ଲୋକ ନା ପୋକ' କଥା କୁହାହୋଇଛି । ଯାହାର ଏପରି କିନ୍ତୁ

ଅଛି, ତା'ର ସବୁ ହୋଇଯାଏ । ତେବେ କାହାର କାହାର ବା ଚିକିଏ ଡେରିରେ, ଏତିକି ଯାହା ତଫାତ୍; କିନ୍ତୁ ହେବ ହିଁ ହେବ । ଆମର ସେହିପରି ଜିଦ୍ ଥିଲା । ତେଣୁ ଟିକିଏ ଅଧେ ଯାହାହେଉ ହୋଇଛି । କେତେବା କି କଷ୍ଟ ଦୁଃଖର ଦିନ ଆମର କଟିଯାଇଛି ! ଦିନେ ଖାଇବାକୁ ନ ପାଇ ରାସ୍ତାକଡ଼ରେ ଗୋଟାଏ ଘରପିଣ୍ଡାରେ ଅଜ୍ଞାନ ହୋଇ ପଡ଼ିଥିଲି, ମୁଣ୍ଡ ଉପର ଦେଇ ଅସରାଏ ବର୍ଷା ହୋଇଗଲା, ତେବେ ହୋସ୍ ହୋଇଥିଲା । ଆଉ ଦିନେ ସମସ୍ତ ଦିନ ନ ଖାଇ କଲିକତାରେ ଏକାମ ସେକାମ କରି ବୁଲି ରାତି ୧୦ଟା ୧୧ଟା ସମୟରେ ମଠକୁ ଯାଇଛି, ସେତେବେଳେ ଖାଇବାକୁ ପାଇଛି—ଏପରି କେବଳ ଦିନେ ଅଧେ ନୁହେଁ !

କଥାଗୁଡ଼ିକ କହି, ସ୍ୱାମୀଜୀ ଅନ୍ୟମନସ୍କ ହୋଇ କିଛିକ୍ଷଣ ବସି ରହିଲେ । ପରେ ପୁଣି କହିବାକୁ ଲାଗିଲେ :

ଠିକ୍ ଠିକ୍ ସନ୍ନ୍ୟାସ କ'ଣ ସହଜରେ ହୁଏ ରେ ? ଏପରି କଠିନ ଆଶ୍ରମ ଆଉ ନାହିଁ । ଟିକିଏ ଅବାଟରେ ଗୋଡ଼ ପଡ଼ିଲା ତ ଏକାବେଳକେ ପାହାଡ଼ରୁ ଖାଲରେ ପଡ଼ିଲା—ହାତଗୋଡ଼ ଭାଙ୍ଗି ଚୂରମାର ହୋଇଗଲା । ଦିନେ ମୁଁ ଆଗ୍ରାରୁ ଚାଲିକରି ଯାଉଛି, ଗୋଟାଏ ପଇସା କଉଡ଼ି ମଧ୍ୟ ସମ୍ବଳ ନାହିଁ । ବୃନ୍ଦାବନରୁ ପ୍ରାୟ କୋଶାଧିକ ଦୂରରେ ଅଛି, ରାସ୍ତାକଡ଼ରେ ଜଣେ ଲୋକ ବସି ତମାଖୁ ଖାଉଛି ଦେଖି ତମାଖୁ ଖାଇବାକୁ ଇଚ୍ଛା ହେଲା । ଲୋକଟାକୁ କହିଲି—'ଆରେ, ଚିଲମଟା ଦେବୁ ?' ସେ ଯେପରି ଜଡ଼ସଡ଼ ହୋଇ କହିଲା—'ମହାଶୟ, ହାମ୍ ଭଙ୍ଗି (ମେହେନ୍ତର) ହ୍ୟାୟ୍ ।' ସଂସ୍କାର କି ନା ? ଶୁଣିବାମାତ୍ରେ ପଛେଇ ଆସି, ତମାଖୁ ନ ଖାଇ ପୁନର୍ବାର ବାଟ ଚାଲିବାକୁ ଲାଗିଲି । କିଛିଦୂର ଯିବା ପରେ ମନରେ ବିଚାର ଆସିଲା—ସତେ ତ, ସନ୍ନ୍ୟାସ ନେଇଛି, ଜାତି-କୁଳ-ମାନ ସବୁ ଛାଡ଼ିଛି, ତେବେ ବି ଲୋକଟା ମେହେନ୍ତର କହିବାରୁ ପଛେଇ ଆସିଲି । ତା' ଛୁଆଁ ତମାଖୁ ଖାଇପାରିଲି ନାହିଁ ? ଏହିପରି ଭାବ ପ୍ରାଣ ଅସ୍ଥିର ହୋଇଉଠିଲା । ସେତେବେଳକୁ ପାଏ ବାଟ ଆସିଛି । ପୁଣି ଫେରିଯାଇ ସେହି ମେହେନ୍ତର ପାଖକୁ ଆସିଲି । ଦେଖିଲି, ସେତେବେଳେ ବି ଲୋକଟା ସେଇଠି ବସିଛି । ଯାଇ ତରତର ହୋଇ କହିଲି—'ଆରେ ବାପ ! ଚିଲମେ ଗୁଡ଼ାଖୁ ସାଜି ନେଇଆ ।' ତା'ର ଆପତ୍ତି ଗ୍ରାହ୍ୟ କଲି ନାହିଁ । କହିଲି—ସେହି ଚିଲମରେ ଗୁଡ଼ାଖୁ ଦେବାକୁ ହିଁ ହେବ । ଲୋକଟା କରେ କ'ଣ ? ଅବଶେଷରେ ଗୁଡ଼ାଖୁ ସାଜି ଦେଲା । ସେତେବେଳେ ଆନନ୍ଦରେ ଧୂମପାନ କରି ବୃନ୍ଦାବନକୁ ଆସିଲି । ସନ୍ନ୍ୟାସ ନେଲେ ଜାତିବର୍ଣ୍ଣର ପାରିକୁ ଚାଲିଯାଇଛି କି ନା ପରୀକ୍ଷା କରି ନିଜକୁ ଦେଖିବାକୁ ହୁଏ । ଠିକ୍ ଠିକ୍ ସନ୍ନ୍ୟାସବ୍ରତ ରକ୍ଷା କରିବା କେଡ଼େ କଠିନ ! କଥାରେ ଓ କାମରେ ତିଳେମାତ୍ର ଏଣେତେଣେ ହେବାର ଉପାୟ ନାହିଁ ।

ଶିଷ୍ୟ : ଆଜ୍ଞା, ଆପଣ କେତେବେଳେ ଗୃହୀର ଆଦର୍ଶ ଏବଂ କେତେବେଳେ ତ୍ୟାଗୀର ଆଦର୍ଶ ଆମ ସମ୍ମୁଖରେ ରଖିଛନ୍ତି; ସେଥିମଧ୍ୟରୁ କେଉଁଟି ଆମ ପରି ଲୋକର ଅବଲମ୍ବନୀୟ ?

ସ୍ୱାମୀଜୀ : ସବୁ ଶୁଣିଯିବୁ; ପରେ ଯେଉଁଟା ଭଲ ଲାଗିବ, ସେଇଟାକୁ ଧରି ରହିବୁ—

bull dog (ଡାହାଲ କୁକୁର) ପରି କାମୁଡ଼ି ପଡ଼ିଥିବୁ ।

କହୁ କହୁ ସ୍ୱାମୀଜୀ ଶିଷ୍ୟ ସହ ତଳକୁ ଆସିଲେ ଏବଂ କେତେବେଳେ ମଧ୍ୟେ ମଧ୍ୟେ 'ଶିବ, ଶିବ' କହୁ କହୁ, ପୁଣି କେତେବେଳେ ବା ଗୁଣୁ ଗୁଣୁ କରି 'କଖନ କି ରଙ୍ଗେ ଥାକ ମା, ଶ୍ୟାମା ସୁଧା-ତରଙ୍ଗିଣୀ' ଇତ୍ୟାଦି ଗାଇ ଗାଇ ପଦଚାରଣା କରିବାକୁ ଲାଗିଲେ ।

## ୪୩

ସ୍ଥାନ—ବେଲୁଡ଼ ମଠ
କାଳ—୧୯୦୨

ଶିଷ୍ୟ ଗତ ରାତିରେ ସ୍ୱାମୀଜୀଙ୍କ ଘରେ ଶୋଇଥିଲା । ରାତି ଚାରିଟା ସମୟରେ ସ୍ୱାମୀଜୀ ଶିଷ୍ୟକୁ ଉଠାଇ କହିଲେ—'ଯା, ଘଣ୍ଟା ନେଇ ସବୁ ସାଧୁ ବ୍ରହ୍ମଚାରୀମାନଙ୍କୁ ଉଠାଇ ଦେ ।' ଆଦେଶମତେ ଶିଷ୍ୟ ପ୍ରଥମତଃ ଉପର ତାଲାର ସାଧୁମାନଙ୍କ ପାଖରେ ଘଣ୍ଟା ବଜାଇଲା । ପରେ ସେମାନେ ସଜାଗ ହୋଇଛନ୍ତି ଦେଖି, ତଳକୁ ଯାଇ ଘଣ୍ଟା ବଜାଇ ସବୁ ସାଧୁ-ବ୍ରହ୍ମଚାରୀମାନଙ୍କୁ ଉଠାଇଲା । ସାଧୁମାନେ ତର ତର ହୋଇ ଶୌଚାଦି ସାରି, କେହି ବା ସ୍ନାନ କରି, କେହି ଲୁଗା ପାଲଟି ଠାକୁରଘରେ ଜପ ଧ୍ୟାନ କରିବାକୁ ପ୍ରବେଶ କଲେ ।

ସ୍ୱାମୀଜୀଙ୍କ ନିର୍ଦ୍ଦେଶମତେ ସ୍ୱାମୀ ବ୍ରହ୍ମାନନ୍ଦଙ୍କ କାନ ପାଖରେ ଖୁବ୍ ଜୋର୍‌ରେ ଘଣ୍ଟା ବଜାଇବାରୁ ସେ କହି ଉଠିଲେ—'ବାଙ୍ଗାଲ୍‌ର ଜ୍ୱାଲାରେ ମଠରେ ତିଷ୍ଠିବା ମୁସ୍କିଲ୍ ହେଲା ।' ଶିଷ୍ୟ ମୁହଁରୁ ସେ କଥା ଶୁଣି ସ୍ୱାମୀଜୀ ଖୁବ୍ ହସି ହସି କହିଲେ, 'ବେଶ୍ କରିଛୁ ।'

ଅତଃପର ସ୍ୱାମୀଜୀ ମଧ୍ୟ ମୁହଁହାତ ଧୋଇ ଶିଷ୍ୟ ସହ ଠାକୁରଘରେ ପ୍ରବେଶ କଲେ ।

ସ୍ୱାମୀ ବ୍ରହ୍ମାନନ୍ଦ ପ୍ରମୁଖ ସନ୍ନ୍ୟାସୀମାନେ ଠାକୁରଘରେ ଧ୍ୟାନରେ ବସିଥିଲେ । ସ୍ୱାମୀଜୀଙ୍କ ନିମିତ୍ତ ପୃଥକ୍ ଆସନ ରଖାଯାଇଥିଲା । ସେ ସେଥିରେ ଉତ୍ତରାସ୍ୟରେ ଉପବେଶନ କରି ଶିଷ୍ୟକୁ ସମ୍ମୁଖସ୍ଥ ଗୋଟିଏ ଆସନ ଦେଖାଇ କହିଲେ—'ଯା ସେହି ଆସନରେ ବସି ଧ୍ୟାନ କର । ମଠର ବାୟୁମଣ୍ଡଳ ଯେପରି ସ୍ତବ୍ଧ ହୋଇଗଲା । ଏପର୍ଯ୍ୟନ୍ତ ଅରୁଣୋଦୟ ହୋଇ ନାହିଁ, ଆକାଶରେ ତାରା ଦିଶୁଛି ।

ସ୍ୱାମୀଜୀ ଆସନରେ ବସିବାର ଅଳ୍ପ ସମୟପରେ ଏକାବେଳକେ ସ୍ଥିର, ଶାନ୍ତ, ନିସ୍ପନ୍ଦ ହୋଇ ସୁମେରୁବତ୍ ଅଚଳ ଭାବରେ ଅବସ୍ଥାନ କରିବାକୁ ଲାଗିଲେ ଏବଂ ତାଙ୍କର ଶ୍ୱାସ ଅତି ଧୀରେ ଧୀରେ ବହିବାକୁ ଲାଗିଲା । ଶିଷ୍ୟ ସ୍ତମ୍ଭିତ ହୋଇ ସ୍ୱାମୀଜୀଙ୍କର ସେହି ନିବାତ ନିଷ୍କମ୍ପ ଦୀପଶିଖା ପରି ଅବସ୍ଥାନ ନିର୍ନିମେଷରେ ଦେଖିବାକୁ ଲାଗିଲା ।

ପ୍ରାୟ ଦେଢ଼ ଘଣ୍ଟା ପରେ ସ୍ୱାମୀଜୀ 'ଶିବ, ଶିବ' କହି ଧ୍ୟାନୋତ୍ଥିତ ହେଲେ । ତାଙ୍କ

ଚକ୍ଷୁ ସେତେବେଳେ ଅରୁଣରାଗରେ ରଞ୍ଜିତ, ମୁଖ ଗମ୍ଭୀର, ଶାନ୍ତ, ସ୍ଥିର । ଠାକୁରଙ୍କୁ ପ୍ରଣାମ କରି ସ୍ୱାମୀଜୀ ତଳକୁ ଆସିଲେ ଏବଂ ମଠପ୍ରାଙ୍ଗଣରେ ପଦଚାରଣା କରି ବୁଲିବାକୁ ଲାଗିଲେ । କିଛିସମୟ ପରେ ଶିଷ୍ୟକୁ କହିଲେ :

ଦେଖିଲୁ, ସାଧୁମାନେ ଆଜିକାଲି କିପରି ଜପଧ୍ୟାନ କରନ୍ତି ? ଧ୍ୟାନ ଗଭୀର ହେଲେ କେତେ କ'ଣ ଦେଖାଯାଏ । ବରାହନଗର ମଠରେ ଧ୍ୟାନ କରୁ କରୁ ଇଡ଼ା, ପିଙ୍ଗଳା ନାଡ଼ୀ ଦେଖିବାକୁ ପାଇଥିଲି । ଟିକିଏ ଚେଷ୍ଟା କଲେ ହିଁ ଦେଖାଯାଇପାରେ । ତାହା ପରେ ସୁଷୁମ୍ନାର ଦର୍ଶନ ପାଇଲେ, ଯାହା ଦେଖିବାକୁ ଚାହିଁବୁ, ତାହା ହିଁ ଦେଖିପାରିବୁ । ଦୃଢ଼ ଗୁରୁଭକ୍ତି ଥିଲେ ସାଧନ-ଭଜନ, ଧ୍ୟାନ ଜପ ସବୁ ଆପେ ଆପେ ଆସେ । ଚେଷ୍ଟାର ପ୍ରୟୋଜନ ହୁଏ ନାହିଁ । 'ଗୁରୁ ର୍ବ୍ରହ୍ମା, ଗୁରୁର୍ବିଷ୍ଣୁ, ଗୁରୁର୍ଦେବୋ ମହେଶ୍ୱରଃ ।'

ଅନନ୍ତର ଶିଷ୍ୟ ତମାଖୁ ସାଜି ସ୍ୱାମୀଜୀଙ୍କ ପାଖକୁ ପୁନରାୟ ଆସିବାରୁ ସେ ଧୂମପାନ କରୁ କରୁ କହିଲେ :

ଭିତରେ ନିତ୍ୟ ଶୁଦ୍ଧ-ବୁଦ୍ଧ-ମୁକ୍ତ ଆତ୍ମାରୂପୀ ସିଂହ ରହିଛନ୍ତି; ଧ୍ୟାନଧାରଣା କରି ଦର୍ଶନ ପାଇଲି ମାତ୍ରେ ମାୟାର ଦୁନିଆ ଉଡ଼ିଯାଏ । ସମସ୍ତଙ୍କ ଭିତରେ ସେ ସମଭାବରେ ଅଛନ୍ତି; ଯେ ଯେତେ ସାଧନଭଜନ କରେ, ତା' ଭିତରେ କୁଣ୍ଡଳିନୀ-ଶକ୍ତି ସେତେ ଶୀଘ୍ର ଜାଗି ଉଠନ୍ତି । ସେହି ଶକ୍ତି ମସ୍ତକକୁ ଉଠିଲେ ଦୃଷ୍ଟି ଖୋଲିଯାଏ—ଆତ୍ମଦର୍ଶନଲାଭ ହୁଏ ।

ଶିଷ୍ୟ : ଆଜ୍ଞା, ଶାସ୍ତ୍ରରେ ସେସବୁ କଥା ପଢ଼ିଛି ମାତ୍ର । ପ୍ରତ୍ୟକ୍ଷ ତ ଏପର୍ଯ୍ୟନ୍ତ କିଛି ହେଲି ନାହିଁ ।

ସ୍ୱାମୀଜୀ : 'କାଲେନାତ୍ମନି ବିନ୍ଦତି'—ସମୟରେ ହେବ ହିଁ ହେବ । ତେବେ କାହାର ଶୀଘ୍ର, କାହାର ବା ଟିକିଏ ଡେରିରେ ହୁଏ । ଲାଗି ରହିବାକୁ ହୁଏ ନାଛୋଡ଼ବନ୍ଧା ହୋଇ । ଏହାର ନାମ ଯଥାର୍ଥ ପୁରୁଷକାର । ତୈଳଧାରା ପରି ମନଟାକୁ ଗୋଟାଏ ବିଷୟରେ ଲଗାଇ ରଖିବାକୁ ହୁଏ, ଜୀବର ମନ ନାନା ବିଷୟରେ ବିକ୍ଷିପ୍ତ ହୋଇ ଅଛି । ଧ୍ୟାନ ସମୟରେ ପ୍ରଥମେ ପ୍ରଥମେ ମନ ବିକ୍ଷିପ୍ତ ହୁଏ । ମନରେ ଯାହା ଇଚ୍ଛା ଉଠୁନା କାହିଁକି, କି କି ଭାବ ଉଠୁଛି, ସେଗୁଡ଼ିକ ସେତେବେଳେ ସ୍ଥିର ହୋଇ ବସି ଦେଖିବାକୁ ହୁଏ । ଏହିପରି ଦେଖୁ ଦେଖୁ ମନ ସ୍ଥିର ହୋଇଯାଏ, ଆଉ ମନରେ ନାନା ଚିନ୍ତାର ତରଙ୍ଗ ରହେ ନାହିଁ । ସେହି ତରଙ୍ଗଗୁଡ଼ାକ ହେଉଛି—ମନର ସଂକଳ୍ପ-ବୃତ୍ତି । ଇତପୂର୍ବେ ଯେଉଁସବୁ ବିଷୟ ତୀବ୍ର ଭାବରେ ଭାବିଛୁ, ତା'ର ଗୋଟାଏ ମାନସିକ ପ୍ରବାହ ଥାଏ, ଧ୍ୟାନ ସମୟରେ ସେଗୁଡ଼ିକ ତେଣୁ ମନରେ ଉଠେ । ସାଧକର ମନ ଯେ କ୍ରମେ ସ୍ଥିର ହେବା ଆଡ଼କୁ ଯାଉଛି, ସେଗୁଡ଼ିକ ଉଠିବା ବା ଧ୍ୟାନ କାଳରେ ମନେପଡ଼ିବା ତା'ର ପ୍ରମାଣ । ମନ କେତେବେଳେ କେତେବେଳେ କୌଣସି ଭାବ ନେଇ ଏକବୃତ୍ତିସ୍ଥ ହୁଏ—ତାହାର ନାମ ସବିକଳ୍ପ ଧ୍ୟାନ । ଆଉ ମନ ଯେତେବେଳେ ସର୍ବବୃତ୍ତିଶୂନ୍ୟ ହୋଇ ଆସେ, ସେତେବେଳେ ନିରାଧାର ଏକ ଅଖଣ୍ଡ-ବୋଧ-ସ୍ୱରୂପ ପ୍ରତ୍ୟକ୍ଷଚୈତନ୍ୟରେ ମିଶିଯାଏ । ତାହାର ନାମ ବୃତ୍ତିଶୂନ୍ୟ ନିର୍ବିକଳ୍ପ ସମାଧି । ଆମେ ଠାକୁରଙ୍କ ମଧ୍ୟରେ ଏହି ଉଭୟ ସମାଧି ମୁହୁଃ ମୁହୁଃ ପ୍ରତ୍ୟକ୍ଷ କରିଛୁ । ଚେଷ୍ଟା କରି ତାଙ୍କୁ

ସେସବୁ ଅବସ୍ଥା ଆଣିବାକୁ ହେଉ ନ ଥିଲା ! ଆପେ ଆପେ ସହସା ହୋଇଯାଉଥିଲା । ସେ ଏକ ଆଶ୍ଚର୍ଯ୍ୟ ବ୍ୟାପାର ! ତାଙ୍କୁ ଦେଖି ତ ଏସବୁ ଠିକ୍ ଠିକ୍ ବୁଝିପାରିଥିଲି । ପ୍ରତ୍ୟହ ଏକାକୀ ଧ୍ୟାନ କରିବୁ । ସବୁ ଆପେ ଆପେ ଖୋଲିଯିବ । ବିଦ୍ୟାରୂପିଣୀ ମହାମାୟା ଭିତରେ ଶୋଇଛନ୍ତି, ତେଣୁ ସବୁ ଜାଣିପାରୁ ନାହୁଁ । ସେହି କୁଳକୁଣ୍ଡଳିନୀ ହେଉଛନ୍ତି ସେ । ଧ୍ୟାନ କରିବା ପୂର୍ବରୁ ଯେତେବେଳେ ନାଡ଼ୀ ଶୁଦ୍ଧ କରିବୁ, ସେତେବେଳେ ମୂଳାଧାରସ୍ଥ କୁଣ୍ଡଳିନୀଙ୍କୁ ଜୋର୍ ଜୋର୍ କରି ଆଘାତ କରିବୁ, ଆଉ କହିବୁ, 'ଜାଗ ମା' ଜାଗ ମା' ।' ଧୀରେ ଧୀରେ ଏସବୁ ଅଭ୍ୟାସ କରିବାକୁ ହୁଏ । Emotional side (ଭାବପ୍ରବଣତା)-ଟା ଧ୍ୟାନ ସମୟରେ ଏକାବେଳକେ ଦବେଇଦେବୁ । ସେଇଟା ହିଁ ବଡ଼ ଭୟ । ଯେଉଁମାନେ ବେଶୀ emotional (ଭାବପ୍ରବଣ) ସେମାନଙ୍କ କୁଣ୍ଡଳିନୀ ଫଡ଼୍ ଫଡ଼୍ କରି ଉପରକୁ ଉଠେ ଠିକ୍, କିନ୍ତୁ ଉଠିବାକୁ ଯେତେ ସମୟ ଲାଗେ ପଡ଼ିବାକୁ ମଧ୍ୟ ସେତେ ସମୟ ଲାଗେ । ଯେତେବେଳେ ପଡ଼େ, ସେତେବେଳେ ସାଧକକୁ ଏକାବେଳକେ ଅଧଃପାତକୁ ନେଇଯାଇ ଛାଡ଼େ । ଏଥିନିମିତ୍ତ ଭାବ-ସାଧନାର ସହାୟ କୀର୍ତ୍ତନ-ଫିର୍ତ୍ତନର ଗୋଟାଏ ଭୟାନକ ଦୋଷ ଅଛି । ନାଚକୁଦ ସାମୟିକ ଉଚ୍ଛ୍ୱାସରେ ସେହି ଶକ୍ତିର ଊର୍ଦ୍ଧ୍ୱଗତି ହୁଏ ସତ; କିନ୍ତୁ ସ୍ଥାୟୀ ହୁଏ ନାହିଁ, ନିମ୍ନଗାମୀ ହେବା ସମୟରେ ଜୀବର ଭୟାନକ କାମପ୍ରବୃତ୍ତିର ଆଧିକ୍ୟ ହୁଏ । ମୋର ଆମେରିକାରେ ବକ୍ତୃତା ଶୁଣି ସାମୟିକ ଉଚ୍ଛ୍ୱାସରେ ପୁରୁଷଙ୍କ ମଧ୍ୟରେ ଅନେକଙ୍କର ଭାବ ହେଉଥିଲା—କେହି ବା ଜଡ଼ବତ୍ ହୋଇଯାଉଥିଲେ । ମୁଁ ଅନୁସନ୍ଧାନ କରି ପରେ ଜାଣିପାରିଥିଲି ସେହି ଅବସ୍ଥାର ପରେ ହିଁ ଅନେକଙ୍କର କାମପ୍ରବୃତ୍ତିର ଆଧିକ୍ୟ ହେଉଥିଲା । ଠିକ୍ ଠିକ୍ ଧ୍ୟାନ-ଧାରଣାର ଅନଭ୍ୟାସରେ ହିଁ ସେପରି ହୁଏ ।

ଶିଷ୍ୟ : ଆଜ୍ଞା, ଏସବୁ ଗୁହ୍ୟ ସାଧନ-ରହସ୍ୟ କୌଣସି ଶାସ୍ତ୍ରରେ ପଢ଼ି ନାହିଁ । ଆଜି ନୂତନ କଥା ଶୁଣିଲି ।

ସ୍ୱାମୀଜୀ : ସବୁ ସାଧନ-ରହସ୍ୟ କ'ଣ ଆଉ ଶାସ୍ତ୍ରରେ ଅଛି ? ଏସବୁ ଗୁରୁଶିଷ୍ୟ-ପରମ୍ପରାରେ ଗୁପ୍ତ ଭାବରେ ଚାଲି ଆସୁଛି । ଖୁବ୍ ସାବଧାନ ହୋଇ ଧ୍ୟାନ ଧାରଣା କରିବୁ । ସାମନାରେ ସୁଗନ୍ଧ ଫୁଲ ରଖିବୁ, ଝୁଣା ଜାଳିବୁ । ଯହିଁରେ ମନ ପବିତ୍ର ହୁଏ, ପ୍ରଥମତଃ ତାହା ହିଁ କରିବୁ । ଗୁରୁ-ଇଷ୍ଟଙ୍କ ନାମ କରୁ କରୁ କହିବୁ : ଜୀବଜଗତ ସମସ୍ତଙ୍କର ମଙ୍ଗଳ ହେଉ । ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, ଅଧଃ, ଊର୍ଦ୍ଧ୍ୱ ସବୁଆଡ଼େ ଏହି ଶୁଭ ସଂକଳ୍ପର ଚିନ୍ତା ବିଛାଇଦେଇ ତେବେ ଧ୍ୟାନରେ ବସିବୁ । ଏହିପରି ପ୍ରଥମେ ପ୍ରଥମେ କରିବାକୁ ହୁଏ । ତା'ପରେ ସ୍ଥିର ହୋଇ ବସି (ଯେକୌଣସି ଆଡ଼କୁ ମୁହଁ କରି ବସିଲେ ହିଁ ହେଲା) ମନ୍ତ୍ର ନେବା ସମୟରେ ଯେପରି କହିଛି, ସେହିପରି ଧ୍ୟାନ କରିବୁ । ଗୋଟିଏ ଦିନ ମଧ୍ୟ ବାଦ୍ ଦେବୁ ନାହିଁ । କାର୍ଯ୍ୟରେ ଝଂଝଟ ଥିବ ତ ଅନ୍ତତଃ ୧୫ ମିନିଟରେ ସାରିନେବୁ । ଗୋଟିଏ ନିଷ୍ଠା ନ ରହିଲେ କ'ଣ ହୁଏ ରେ ବାପ ?

ଏଥର ସ୍ୱାମୀଜୀ ଉପରକୁ ଯାଉ ଯାଉ କହିବାକୁ ଲାଗିଲେ :

ତୁମର ଅଳ୍ପରେ ହିଁ ଆତ୍ମଦୃଷ୍ଟି ଖୋଲିଯିବ । ଯେତେବେଳେ ଏଠାରେ ଆସି ପଡ଼ିଛୁ,

ସେତେବେଳେ ମୁକ୍ତି ଫୁକ୍ତି ତ ତୁମର କରତଳଗତ । ବର୍ତ୍ତମାନ ଧ୍ୟାନାଦି କରିବା ଛଡ଼ା ଆର୍ତ୍ତନାଦପୂର୍ଣ୍ଣ ସଂସାରର ଦୁଃଖ କିଛି ଦୂର କରିବାରେ ବଦ୍ଧପରିକର ହୋଇ ଲାଗିଯା' ଦେଖି । କଠୋର ସାଧନା କରି କରି ଏହି ଦେହପାତ କରିପକେଇଛି । ଏହି ହାଡ଼ମାଂସର ପିଞ୍ଜରାରେ ଆଉ ସେପରି କିଛି ନାହିଁ । ତୁମେ ବର୍ତ୍ତମାନ କୌଣସି କାମରେ ଲାଗିଯାଅ । ମୁଁ ଟିକିଏ ବିଶ୍ରାମ ନିଏ । ଆଉ କିଛି ନ ପାରୁ ତ, ଏହି ଯେ ଏତେ ଶାସ୍ତ୍ର ଫାସ୍ତ୍ର ପଢ଼ିଲୁ, ତା'ର କଥା ଜୀବଙ୍କୁ ଯାଇ ଶୁଣା । ଏହାଠୁ ବଳି ଆଉ ଦାନ ନାହିଁ । ଜ୍ଞାନଦାନ ହିଁ ସର୍ବଶ୍ରେଷ୍ଠ ଦାନ ।

## ୪୪

ସ୍ଥାନ—ବେଲୁଡ଼ ମଠ
କାଳ—୧୯୦୨

ସ୍ୱାମୀଜୀ ମଠରେ ଅବସ୍ଥାନ କରୁଛନ୍ତି । ଶାସ୍ତ୍ରାଲୋଚନା ନିମିତ୍ତ ମଠରେ ପ୍ରତିଦିନ ପ୍ରଶ୍ନୋତ୍ତର କ୍ଲାସ ହେଉଅଛି । ସ୍ୱାମୀ ଶୁଦ୍ଧାନନ୍ଦ, ବିରଜାନନ୍ଦ ଓ ସ୍ୱରୂପାନନ୍ଦ ଏହି କ୍ଲାସ ଭିତରେ ପ୍ରଧାନ ଜିଜ୍ଞାସୁ । ଏହିପ୍ରକାର ଶାସ୍ତ୍ରାଲୋଚନାକୁ ସ୍ୱାମୀଜୀ 'ଚର୍ଚ୍ଚା' ଶବ୍ଦରେ ନିର୍ଦ୍ଦେଶ କରୁଥିଲେ ଏବଂ ଚର୍ଚ୍ଚା କରିବାକୁ ସନ୍ନ୍ୟାସୀ ଓ ବ୍ରହ୍ମଚାରୀମାନଙ୍କୁ ସର୍ବଦା ବହୁଧା ଉତ୍ସାହିତ କରୁଥିଲେ । କେଉଁଦିନ ଗୀତା, କେଉଁଦିନ ଭାଗବତ, କେଉଁଦିନ ବା ଉପନିଷଦ୍ ଓ ବ୍ରହ୍ମସୂତ୍ର-ଭାଷ୍ୟର ଆଲୋଚନା ହେଉଅଛି । ସ୍ୱାମୀଜୀ ପ୍ରାୟ ପ୍ରତିଦିନ ସେଠାରେ ଉପସ୍ଥିତ ହୋଇ ପ୍ରଶ୍ନ-ସବୁର ମୀମାଂସା କରିଦେଉଛନ୍ତି । ସ୍ୱାମୀଜୀଙ୍କ ଆଦେଶରେ ଏକ ଦିଗରେ ଯେପରି କଠୋର ନିୟମପୂର୍ବକ ଧ୍ୟାନଧାରଣା ଚାଲିଅଛି, ଅପର ଦିଗରେ ସେହିପରି ଶାସ୍ତ୍ରାଲୋଚନା ନିମିତ୍ତ ସେହି କ୍ଲାସର ପ୍ରାତ୍ୟହିକ ଅଧିବେଶନ ହେଉଅଛି । ତାଙ୍କ ଶାସନ ସର୍ବଥା ଶିରୋଧାର୍ଯ୍ୟ କରି ସମସ୍ତେ ତତ୍-ପ୍ରବର୍ତ୍ତିତ ନିୟମ ଅନୁସରଣ କରି ଚାଲୁଅଛନ୍ତି । ମଠବାସୀମାନଙ୍କର ଆହାର, ଶୟନ, ପାଠ, ଧ୍ୟାନ ସମସ୍ତ ବର୍ତ୍ତମାନ କଠୋର ନିୟମ-ବଦ୍ଧ ।

ଆଜି ଶନିବାର । ଶିଷ୍ୟ ସ୍ୱାମୀଜୀଙ୍କୁ ପ୍ରଣାମ କରି ଉପବେଶନ କରିବା ମାତ୍ରେ ସେ ଜାଣିପାରିଲା, ସେ ସେତିକବେଳେ ବୁଲିବାକୁ ବାହାରିବେ । ସ୍ୱାମୀ ପ୍ରେମାନନ୍ଦଙ୍କୁ ସଙ୍ଗରେ ଯିବା ପାଇଁ ପ୍ରସ୍ତୁତ ହେବାକୁ କହିଛନ୍ତି । ଶିଷ୍ୟର ଏକାନ୍ତ ବାସନା, ସ୍ୱାମୀଜୀଙ୍କ ସଙ୍ଗରେ ଯିବା ପାଇଁ—କିନ୍ତୁ ଅନୁମତି ନ ପାଇଲେ ଯିବା କର୍ତ୍ତବ୍ୟ ନୁହେଁ ଭାବି ବସି ରହିଲା । ସ୍ୱାମୀଜୀ ଆଲଖାଲ୍ଲା ଓ ଗୈରିକ ବସନର କାନଢଙ୍କା ଟୋପି ପିନ୍ଧି, ଖଣ୍ଡେ ମୋଟା ବାଡ଼ି ହାତରେ ଧରି ବାହାରିଲେ—ପଶ୍ଚାତ୍ତରେ ସ୍ୱାମୀ ପ୍ରେମାନନ୍ଦ । ଯିବା ପୂର୍ବରୁ ଶିଷ୍ୟ ଆଡ଼କୁ ଚାହିଁ କହିଲେ, 'ଚାଲ୍, ଯିବୁ ?' ଶିଷ୍ୟ କୃତକୃତ୍ୟ ହୋଇ ସ୍ୱାମୀ ପ୍ରେମାନନ୍ଦଙ୍କ ପଛେ ପଛେ ଗମନ କରିବାକୁ

ଲଗିଲ ।

କ'ଣ ଭାବୁ ଭାବୁ ସ୍ୱାମୀଜୀ ଅନ୍ୟମନସ୍କ ହୋଇ ବାଟ ଚାଲିବାକୁ ଲଗିଲେ । କ୍ରମେ ଗାଣ୍ଡ୍ ଟ୍ରଙ୍କ୍ ରୋଡ଼ ଧରି ଅଗ୍ରସର ହେବାକୁ ଲଗିଲେ । ଶିଷ୍ୟ ସ୍ୱାମୀଜୀଙ୍କର ସେପରି ଭାବ ଦେଖି କଥା କହି ତାଙ୍କର ଚିନ୍ତାଭଙ୍ଗ କରିବାକୁ ସାହସୀ ନ ହୋଇ ପ୍ରେମାନନ୍ଦ ମହାରାଜଙ୍କ ସହିତ ନାନା ଗଳ୍ପ କରୁ କରୁ ତାଙ୍କୁ ପଚାରିଲା, 'ଆଜ୍ଞା, ଠାକୁର ସ୍ୱାମୀଜୀଙ୍କ ମହତ୍ତ୍ୱ ସମ୍ବନ୍ଧରେ ଆପଣଙ୍କୁ କ'ଣ କ'ଣ କହୁଥିଲେ, ତାହା କହନ୍ତୁ ?' ସ୍ୱାମୀଜୀ ସେତେବେଳେ କିଞ୍ଚିତ୍ ଅଗ୍ରବର୍ତ୍ତୀ ହୋଇ ଅଛନ୍ତି ।

ସ୍ୱାମୀ ପ୍ରେମାନନ୍ଦ : କେତେ କ'ଣ କହିଥିଲେ, ତାହା ତୋତେ ଦିନକରେ କ'ଣ କହିବି ? କେତେବେଳେ କହୁଥିଲେ—'ନରେନ୍ ଅଖଣ୍ଡଘରୁ ଆସିଛି ।' କେତେବେଳେ କହୁଥିଲେ—'ସେ ମୋର ଶ୍ୱଶୁର-ଘର' । ପୁଣି କେତେବେଳେ ବା କହୁଥିଲେ, 'ଏପରି କିଏ ଜଗତକୁ କେବେ ଆସି ନାହିଁ, ଆସିବ ନାହିଁ ।' ଦିନେ କହିଥିଲେ—'ମହାମାୟା ତା' ପାଖକୁ ଯିବାକୁ ଭୟ ପାଆନ୍ତି ।' ବାସ୍ତବିକ୍ ସେ ସେତେବେଳେ କୌଣସି ଦେବୀ ଦେବତାଙ୍କ ନିକଟରେ ମୁଣ୍ଡ ନୁଆଁଉ ନ ଥିଲେ । ଠାକୁର ଦିନେ ସନ୍ଦେଶ ଭିତରେ ଦେଇ ତାଙ୍କୁ ଜଗନ୍ନାଥଙ୍କ ମହାପ୍ରସାଦ ଖୁଆଇ ଦେଇଥିଲେ । ପରେ ଠାକୁରଙ୍କ କୃପାରୁ ସବୁ ଦେଖି ଶୁଣି କ୍ରମେ କ୍ରମେ ସେ ସବୁ ମାନିଲେ ।

ଶିଷ୍ୟ : ମହାଶୟ, ବାସ୍ତବିକ୍ କେବେ କେବେ ମନେହୁଏ, ସେ ମନୁଷ୍ୟ ନୁହନ୍ତି, କିନ୍ତୁ ପୁଣି କଥାବାର୍ତ୍ତା, ଯୁକ୍ତିବିଚାର କରିବା ସମୟରେ ମନୁଷ୍ୟ ବୋଲି ବୋଧହୁଏ । ଏପରି ମନେହୁଏ, ଯେପରି କୌଣସି ଆବରଣ ଦେଇ ସେସମୟରେ ସେ ନିଜର ଯଥାର୍ଥ ସ୍ୱରୂପ ବୁଝିବାକୁ ଦିଅନ୍ତି ନାହିଁ ।

ସ୍ୱାମୀ ପ୍ରେମାନନ୍ଦ : ଠାକୁର କହୁଥିଲେ, 'ସେ ଯେତେବେଳେ ଜାଣିପାରିବ, ସେ କିଏ, ସେତେବେଳେ ଆଉ ଏଠାରେ ରହିବ ନାହିଁ, ଚାଲିଯିବ ।' ସେହେତୁ କାମ-ଦାମ ଭିତରେ ନରେନ୍ଦ୍ରର ମନଟା ଥିଲେ, ଆମେ ନିଶ୍ଚିନ୍ତ ଥାଉ । ତାଙ୍କୁ ବେଶୀ ଧ୍ୟାନ-ଧାରଣା କରିବାର ଦେଖିଲେ ଆମର ଭୟ ହୁଏ ।

ଏଥର ସ୍ୱାମୀଜୀ ମଠାଭିମୁଖରେ ପ୍ରତ୍ୟାବୃତ୍ତ ହେବାକୁ ଲଗିଲେ । ସେତେବେଳେ ସ୍ୱାମୀ ପ୍ରେମାନନ୍ଦ ଓ ଶିଷ୍ୟଙ୍କୁ ନିକଟରେ ଦେଖି କହିଲେ, 'କିରେ, ତୁମର କି କଥା ହେଉଥିଲା ?' ଶିଷ୍ୟ କହିଲା, 'ଠାକୁରଙ୍କ ସମ୍ବନ୍ଧରେ ଏହିସବୁ ନାନା କଥା ହେଉଥିଲା ।' ଉତ୍ତର ଶୁଣି ସ୍ୱାମୀଜୀ ପୁଣି ଅନ୍ୟମନସ୍କ ଭାବରେ ବାଟ ଚାଲି ଚାଲି ମଠକୁ ଫେରି ଆସିଲେ ଏବଂ ମଠର ଆମ୍ବଗଛ ମୂଳରେ ଯେଉଁ କ୍ୟାମ୍ପ୍‌ଖଟ ଖଣ୍ଡିକ ତାଙ୍କ ବସିବା ପାଇଁ ରଖାଯାଇଥିଲା, ତହିଁରେ ଉପବେଶନ କଲେ ଏବଂ କିଛି ସମୟ ବିଶ୍ରାମ କରିବା ପରେ ମୁହଁ ଧୋଇ ଉପରର ବାରଣ୍ଡାରେ ବୁଲି ବୁଲି ଶିଷ୍ୟଙ୍କୁ କହିବାକୁ ଲଗିଲେ :

ତୁମ ଦେଶରେ ବେଦାନ୍ତବାଦ ପ୍ରଚାର କରିବାକୁ ଲଗିଯାଉ ନାହଁ କାହିଁକି ? ସେଠାରେ ତନ୍ତ୍ରମନ୍ତ୍ରର ଭୟଙ୍କର ପ୍ରାଦୁର୍ଭାବ । ଅଦ୍ୱୈତବାଦର ସିଂହନାଦରେ ବାଙ୍ଗାଲି

ଦେଶଟାକୁ ଓଲଟପାଲଟ କରଦେ' ଦେଖି, ତେବେ ଜାଣିବ, ତୁ ବେଦାନ୍ତବାଦୀ । ସେ-ଦେଶରେ ପ୍ରଥମେ ଗୋଟାଏ ବେଦାନ୍ତର ଟୋଲ୍ ଖୋଲିଦେ' । ସେଥିରେ ଉପନିଷଦ୍, ବ୍ରହ୍ମସୂତ୍ର ଏହିସବୁ ପଢ଼ା । ପିଲାମାନଙ୍କୁ ବ୍ରହ୍ମଚର୍ଯ୍ୟ ଶିକ୍ଷା ଦେ' । ଆଉ ବିଦେଶର ତାନ୍ତ୍ରିକ ପଣ୍ଡିତ-ମାନଙ୍କୁ ହଟେଇ ଦେ' । ଶୁଣିଛି, ତୁମ ଦେଶରେ ଲୋକେ କେବଳ ନ୍ୟାୟଶାସ୍ତ୍ରର ତର୍କବିତର୍କ ପଢ଼ନ୍ତି । ସେଥିରେ ଅଛି କ'ଣ ? ବ୍ୟାପ୍ତିଜ୍ଞାନ ଆଉ ଅନୁମାନ—ଏହାକୁ ନେଇ ହୁଏତ ନୈୟାୟିକ ପଣ୍ଡିତମାନଙ୍କର ମାସାବଧି ବିଚାର ଚାଲିଛି । ଆତ୍ମଜ୍ଞାନଲାଭ ଦିଗରେ ସେଥିରେ ଆଉ କ'ଣ ବିଶେଷ ସହାୟତା ହୁଏ କହ ତ ? ବେଦାନ୍ତ-ସିଦ୍ଧାନ୍ତ ବ୍ରହ୍ମତତ୍ତ୍ୱର ପଠନପାଠନ ନ ହେଲେ କ'ଣ ଆଉ ଦେଶର ଉପାୟ ଅଛି ରେ ? ତୁମ ଦେଶରେ ହେଉ ବା ନାଗ-ମହାଶୟଙ୍କ ଘରେ ହେଉ ଗୋଟାଏ ଚତୁଷ୍ପାଠୀ ଖୋଲିଦେ' । ସେଠାରେ ଏହିସବୁ ସତ୍‌ଶାସ୍ତ୍ର ପାଠ ହେବ, ଆଉ ଠାକୁରଙ୍କ ଜୀବନ ଆଲୋଚନା ହେବ । ଏହିପରି କଲେ ତୋର ନିଜର କଲ୍ୟାଣ ହେବ । ତୋର କୀର୍ତ୍ତି ବି ରହିବ ।

ଶିଷ୍ୟ : ଆଜ୍ଞା, ମୁଁ ନାମଯଶର ଆକାଙ୍କ୍ଷା ରଖେ ନାହିଁ । ତେବେ ଆପଣ ଯେପରି କହୁଛନ୍ତି ସମୟ ସମୟରେ ମୋର ବି ଏହିପରି ଇଚ୍ଛାହୁଏ ସତ, କିନ୍ତୁ ବିବାହ କରି ସଂସାରରେ ଏପରି ଛନ୍ଦି ହୋଇପଡ଼ିଛି ଯେ, ମନର କଥା ବୋଧହୁଏ ମନରେ ହିଁ ରହିଯିବ ।

ସ୍ୱାମୀଜୀ : ବିଭା ହୋଇଛୁ ତ କ'ଣ ହେଲା ? ମା, ବାପ, ଭାଇ, ଭଉଣୀଙ୍କୁ ଅନ୍ନବସ୍ତ୍ର ଦେଇ ଯେପରି ପାଳନ କରୁଛୁ, ସ୍ତ୍ରୀକୁ ବି ସେହିପରି କରିବୁ । ବାସ୍ । ଧର୍ମୋପଦେଶ ଦେଇ ତାକୁ ବି ତୋ ପଥକୁ ଟାଣି ଆଣିବୁ । ମହାମାୟାଙ୍କ ବିଭୂତି ବୋଲି ସମ୍ମାନର ଚକ୍ଷୁରେ ଦେଖିବୁ । ଧର୍ମ-ଉଦ୍‌ଯାପନରେ 'ସହଧର୍ମିଣୀ ବୋଲି ମନେକରିବୁ । ଅନ୍ୟ ସମୟରେ ଅପର ଦଶଜଣଙ୍କ ପରି ଦେଖିବୁ । ଏହିପରି ଭାବୁ ଭାବୁ ଦେଖିବୁ, ମନର ଚଞ୍ଚଳତା ଏକା-ବେଳକେ ମରିଯିବ । ଭୟ କ'ଣ ?

ସ୍ୱାମୀଜୀଙ୍କ ଅଭୟବାଣୀ ଶୁଣି ଶିଷ୍ୟ ଆଶ୍ୱସ୍ତ ହେଲା ।

ଆହାରାନ୍ତେ ସ୍ୱାମୀଜୀ ନିଜ ବିଛଣାରେ ଉପବେଶନ କଲେ । ଅନ୍ୟ ସମସ୍ତଙ୍କର ପ୍ରସାଦ ପାଇବାର ସେତେବେଳକୁ ସମୟ ହୋଇ ନାହିଁ । ତେଣୁ ଶିଷ୍ୟ ସ୍ୱାମୀଜୀଙ୍କର ପଦସେବା କରିବାର ଅବସର ପାଇଲା ।

ସ୍ୱାମୀଜୀ ମଧ୍ୟ ତାକୁ ମଠର ସମସ୍ତଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହେବା ପାଇଁ କଥାଛଳରେ କହିବାକୁ ଲାଗିଲେ, 'ଏହି ଯେ ସବୁ ଠାକୁରଙ୍କ ସନ୍ତାନ ଦେଖୁଛୁ, ଏମାନେ ସବୁ ଅଦ୍ଭୁତ ତ୍ୟାଗୀ । ଏମାନଙ୍କର ସେବାକରି ଲୋକର ଚିତ୍ତ ଶୁଦ୍ଧ ହେବ—ଆତ୍ମତତ୍ତ୍ୱ ପ୍ରତ୍ୟକ୍ଷ ହେବ । 'ପରିପ୍ରଶ୍ନେନ ସେବୟା' ଗୀତାର ଉକ୍ତି ଶୁଣିଛୁ ତ ? ଏମାନଙ୍କର ସେବା କରିବୁ, ତାହା-ହେଲେ ସବୁ ହୋଇଯିବ । ତୋତେ ଏମାନେ କେତେ ସ୍ନେହ କରନ୍ତି, ଜାଣୁ ତ ?

ଶିଷ୍ୟ : ଆଜ୍ଞା, ଏମାନଙ୍କୁ କିନ୍ତୁ ବୁଝିବା ଖୁବ୍ କଠିନ ବୋଲି ବୋଧହୁଏ, ଜଣ-ଜଣକର ଗୋଟିଏ ଗୋଟିଏ ଭାବ ।

ସ୍ୱାମୀଜୀ : ଠାକୁର ଓସ୍ତାଦ ମାଳି ଥିଲେ କି ନା ! ତେଣୁ ହରେକ୍ ରକମର ଫୁଲ

ଦେଇ ଏହି ସଙ୍ଘରୂପ ତୋଡ଼ାଟି କରିଯାଇଛନ୍ତି ! ଯେଉଁ ସ୍ଥାନର ଯେଉଁଟି ଭଲ, ସବୁ ଏଥିରେ ଆସି ପଡ଼ିଛି—କାଳକ୍ରମେ ଆହୁରି କେତେ ଆସିବେ । ଠାକୁର କହୁଥିଲେ, 'ଯେ ଦିନକ ପାଇଁ ବି ଅକପଟ ମନରେ ଈଶ୍ୱରଙ୍କୁ ଡାକିଛି, ତାକୁ ଏଠାକୁ ଆସିବାକୁ ହିଁ ହେବ ।' ଯେଉଁମାନେସବୁ ଏଠାରେ ଅଛନ୍ତି, ସେମାନେ ଜଣେ ଜଣେ ମହାସିଂହ; ମୋ ପାଖରେ ସଙ୍କୁଚିତ ହୋଇ ଥାଆନ୍ତି ବୋଲି ଏମାନଙ୍କୁ ସାମାନ୍ୟ ମନୁଷ୍ୟ ମନେକରିବୁ ନାହିଁ । ଏମାନେ ପୁଣି ଯେତେବେଳେ ବାହାରିବେ, ସେତେବେଳେ ଏମାନଙ୍କୁ ଦେଖି ଲୋକଙ୍କର ଚୈତନ୍ୟ ହେବ । ଅନନ୍ତ ଭାବମୟ ଠାକୁରଙ୍କ ଶରୀରର ଅଂଶ ବୋଲି ଏମାନଙ୍କୁ ଜାଣିବୁ । ମୁଁ ଏମାନଙ୍କୁ ଏହି ଭାବରେ ଦେଖେ । ସେହି ଯେ ରାଖାଲ ରହିଛି, ତା'ପରି spirituality (ଧର୍ମଭାବ) ମୋର ବି ନାହିଁ । ଠାକୁର ପୁଅ ବୋଲି ତାକୁ କୋଳ କରୁଥିଲେ, ଖୁଆଉଥିଲେ—ଏକତ୍ର ଶୟନ କରୁଥିଲେ । ସେ ଆମର ମଠର ଶୋଭା—ଆମର ରାଜା । ସେହି ବାବୁରାମ, ହରି, ସାରଦା, ଗଙ୍ଗାଧର, ଶରତ, ଶଶୀ, ସୁବୋଧ ପ୍ରଭୃତିଙ୍କ ପରି ଈଶ୍ୱର-ବିଶ୍ୱାସୀ ଦୁନିଆ ବୁଲି ଦେଖିଲେ ପାଇବୁ କି ନା ସନ୍ଦେହ । ଏମାନେ ପ୍ରତ୍ୟେକେ ଧର୍ମଶକ୍ତିର ଗୋଟାଏ ଗୋଟାଏ କେନ୍ଦ୍ରପରି । କାଳକ୍ରମେ ସେମାନଙ୍କର ବି ସବୁ ଶକ୍ତିର ବିକାଶ ହେବ ।

ଶିଷ୍ୟ ଅବାକ୍ ହୋଇ ଶୁଣିବାକୁ ଲାଗିଲା । ସ୍ୱାମୀଜୀ ପୁଣି କହିବାକୁ ଲାଗିଲେ, 'ତୁମ ଦେଶରୁ ନାଗ-ମହାଶୟଙ୍କ ଛଡ଼ା ଆଉ କେହି ଆସିଲେ ନାହିଁ । ଆଉ ଜଣେ ଦୁଇଜଣ ଯେଉଁମାନେ ଠାକୁରଙ୍କୁ ଦେଖିଥିଲେ—ସେମାନେ ତାଙ୍କୁ ଧରିପାରିଲେ ନାହିଁ ।' ନାଗ-ମହାଶୟଙ୍କ କଥା ସ୍ମରଣ କରି ସ୍ୱାମୀଜୀ କିଛିକ୍ଷଣ ପାଇଁ ସ୍ଥିର ହୋଇ ରହିଲେ । ସ୍ୱାମୀଜୀ ଶୁଣିଥିଲେ, ଏକ ସମୟରେ ନାଗ-ମହାଶୟଙ୍କ ଘରେ ଗଙ୍ଗାର ଉତ୍ସ ଉଠିଥିଲା । ସେହି କଥାଟି ସ୍ମରଣ କରି ଶିଷ୍ୟକୁ କହିଲେ, 'ହଇରେ ସେଇ ଘଟଣାଟା କିପରି କହ ତ ?'

ଶିଷ୍ୟ : ମୁଁ ବି ସେହି ଘଟଣା ଶୁଣିଛି, ମାତ୍ର ଆଖିରେ ଦେଖି ନାହିଁ । ଶୁଣିଛି, ଥରେ ମହାବାରୁଣୀ-ଯୋଗରେ ପିତାଙ୍କୁ ସଙ୍ଗରେ ନେଇ ନାଗ-ମହାଶୟ କଲିକତା ଆସିବା ନିମିତ୍ତ ପ୍ରସ୍ତୁତ ହେଲେ; କିନ୍ତୁ ଲୋକଭିଡ଼ରେ ଗାଡ଼ି ନ ପାଇ ତିନି ଚାରିଦିନ ନାରାୟଣଗଞ୍ଜରେ ରହି ଘରକୁ ଫେରି ଆସିଲେ । ଅଗତ୍ୟା ନାଗମହାଶୟ କଲିକତା ଯିବାର ସଂକଳ୍ପ ତ୍ୟାଗ କଲେ ଏବଂ ପିତାଙ୍କୁ କହିଲେ, 'ମନ ଶୁଦ୍ଧ ହେଲେ ମା' ଗଙ୍ଗା ଏହିଠାକୁ ହିଁ ଆସିବେ ।' ପରେ ଯୋଗ ସମୟରେ ଅଗଣାର ମାଟି ଭେଦ କରି ଗୋଟିଏ ଜଳର ଉତ୍ସ ଉଠିଥିଲା, ଏହିପରି ଶୁଣିଛି । ଯେଉଁମାନେ ଦେଖିଥିଲେ, ସେମାନଙ୍କ ମଧ୍ୟରୁ ଅନେକେ ଏବେ ବି ଜୀବିତ ଅଛନ୍ତି । ମୋର ତାଙ୍କ ସଙ୍ଗଲାଭର ବହୁପୂର୍ବେ ସେ ଘଟଣା ଘଟିଥିଲା ।

ସ୍ୱାମୀଜୀ : ସେଥିରେ ଆଉ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ସେ ସିଦ୍ଧ-ସଂକଳ୍ପ ମହାପୁରୁଷ । ତାଙ୍କ ପାଇଁ ଏପରି ହେବା ମୁଁ କିଛି ଆଶ୍ଚର୍ଯ୍ୟ ମନେକରେ ନାହିଁ ।

କହୁ କହୁ ସ୍ୱାମୀଜୀ କଡ଼ ଲେଉଟାଇ ଶୋଇ ଟିକିଏ ତନ୍ଦ୍ରାବିଷ୍ଟ ହେଲେ । ଶିଷ୍ୟ ପ୍ରସାଦ ପାଇବା ପାଇଁ ଉଠିଗଲା ।

# ୪୫

ସ୍ଥାନ—ନୌକାରେ କଲିକତାରୁ ମଠକୁ
କାଳ—୧୯୦୨

ଶିଷ୍ୟ ଆଜି ଉପରଓଲି କଲିକତାର ଗଙ୍ଗାତୀରରେ ବୁଲୁ ବୁଲୁ ଦେଖିବାକୁ ପାଇଲା କିଛି ଦୂରରେ ଜଣେ ସନ୍ନ୍ୟାସୀ ଆହିରିଟୋଲାର ଘାଟ ଆଡ଼କୁ ଅଗ୍ରସର ହେଉଛନ୍ତି । ସେ ନିକଟତର ହେବାରୁ ଶିଷ୍ୟ ଦେଖିଲା, ସାଧୁ ଆଉ କେହି ନୁହନ୍ତି—ତା'ର ଗୁରୁ—ସ୍ୱାମୀ ବିବେକାନନ୍ଦ ସ୍ୱାମୀଜୀଙ୍କର ବାମ ହସ୍ତରେ ଶାଳପତ୍ର ଠୁଙ୍ଗାରେ ଚନାଚୁର୍-ଭଜା; ବାଳକ ପରି ତାହା ଖାଇ ଖାଇ ସ୍ୱାମୀଜୀ ଆନନ୍ଦରେ ଅଗ୍ରସର ହେଉଛନ୍ତି । ତାଙ୍କ ଚରଣରେ ପ୍ରଣତ ହୋଇ ତାଙ୍କର ହଠାତ୍ କଲିକତା ଆଗମନର କାରଣ ପଚାରିଲା ।

ସ୍ୱାମୀଜୀ : ଗୋଟିଏ ଦରକାରରେ ଆସିଥିଲି । ଚାଲ୍, ତୁ ମଠକୁ ଯିବୁ ? ସେ'ଟା ଚନାଚୁର୍-ଭଜା ଖା' ନା, ବେଶ୍ ଲୁଣ-ରାଗ ଅଛି ।

ଶିଷ୍ୟ ହସି ହସି ପ୍ରସାଦ ଗ୍ରହଣ କଲା ଓ ମଠକୁ ଯିବାକୁ ସ୍ୱୀକୃତ ହେଲା ।

ସ୍ୱାମୀଜୀ : ତେବେ ଖଣ୍ଡେ ନୌକା ଦେଖ୍ ।

ଶିଷ୍ୟ : ନୌକା ଭଡ଼ା କରିବାକୁ ଦୌଡ଼ିଲା । ଭଡ଼ା ନେଇ ମାଝିମାନଙ୍କ ସଙ୍ଗରେ ଦରଦସ୍ତୁର ଚାଲିଛି, ଏପରି ସମୟରେ ସ୍ୱାମୀଜୀ ମଧ୍ୟ ସେଠାରେ ଆସି ପହଞ୍ଚିଲେ । ମାଝି ମଠରେ ପହଞ୍ଚାଇ ଦେବାକୁ ଆଠଅଣା ଚାହିଁଲା । ଶିଷ୍ୟ ଦୁଇଅଣା କହିଲା । 'ସେମାନଙ୍କ ସଙ୍ଗେ ପୁଣି କ'ଣ ଦରଦସ୍ତୁର କରୁଛୁ ?' କହି ସ୍ୱାମୀଜୀ ଶିଷ୍ୟକୁ ନିରସ୍ତ କଲେ ଏବଂ ମାଝିକୁ 'ଯା, ଆଠ ଅଣା ଦେବି,' କହି ନୌକାରେ ଉଠିଲେ । ଭଟ୍ଟାର ପ୍ରବଳ ଆକର୍ଷଣରେ ନୌକା ଅତି ଧୀରେ ଧୀରେ ଅଗ୍ରସର ହେବାକୁ ଲାଗିଲା ଏବଂ ମଠରେ ପହଞ୍ଚିବାକୁ ପ୍ରାୟ ଦେଢ଼ ଘଣ୍ଟା ଲାଗିଲା । ନୌକା ମଧ୍ୟରେ ସ୍ୱାମୀଜୀଙ୍କୁ ଏକାକୀ ପାଇ ଶିଷ୍ୟ ତାଙ୍କୁ ନିଃସଙ୍କୋଚରେ ସବୁ ବିଷୟ ପଚାରିବାର ବେଶ୍ ସୁଯୋଗ ଲାଭ କଲା ।

ଠାକୁରଙ୍କ ବିଗତ ଜନ୍ମୋତ୍ସବରେ ଶିଷ୍ୟ ତାଙ୍କ ଭକ୍ତମାନଙ୍କ ମହିମା କୀର୍ତ୍ତନ କରି ଯେଉଁ ସ୍ତବ ଛପାଇଥିଲା, ସେସମ୍ବନ୍ଧରେ ପ୍ରସଙ୍ଗ ଉଠାଇ ସ୍ୱାମୀଜୀ ତାକୁ ପଚାରିଲେ—'ତୁ ତୋର ରଚିତ ସ୍ତବରେ ଯେଉଁମାନଙ୍କ ନାମ କରିଛୁ, କିପରି ଜାଣିଲୁ ସେମାନେ ସମସ୍ତେ ଠାକୁରଙ୍କ ସାଙ୍ଗୋପାଙ୍ଗ ?'

ଶିଷ୍ୟ : ଆଜ୍ଞା, ଠାକୁରଙ୍କ ସନ୍ନ୍ୟାସୀ ଓ ଗୃହୀଭକ୍ତମାନଙ୍କ ନିକଟକୁ ଏତେ ଦିନ ଯିବା ଆସିବା କରୁଛି; ସେହିମାନଙ୍କ ମୁହଁରୁ ଶୁଣିଛି—ଏମାନେ ସମସ୍ତେ ଠାକୁରଙ୍କ ଭକ୍ତ ।

ସ୍ୱାମୀଜୀ : ଠାକୁରଙ୍କ ଭକ୍ତ ହୋଇପାରନ୍ତି । କିନ୍ତୁ ସବୁ ଭକ୍ତମାନେ ତ ତାଙ୍କର ସାଙ୍ଗୋପାଙ୍ଗ ଭିତରେ ନୁହନ୍ତି ? ଠାକୁର କାଶୀପୁରର ବଗିଚାରେ ଆମକୁ କହିଥିଲେ—'ମା

ଦେଖାଇଦେଲେ ଏମାନେ ସମସ୍ତେ ଏଠାକାର (ମୋର) ଅନ୍ତରଙ୍ଗ ଲୋକ ନୁହନ୍ତି । ସ୍ତ୍ରୀ ଓ ପୁରୁଷ, ଉଭୟ ଭକ୍ତମାନଙ୍କ ସମ୍ବନ୍ଧରେ ହିଁ ଠାକୁର ସେପରି କହୁଥିଲେ ।

ଅନନ୍ତର ଠାକୁର ନିଜ ଭକ୍ତମାନଙ୍କ ମଧ୍ୟରେ ଯେପରି ଭାବରେ ଉଚ୍ଚାବଚ ଶ୍ରେଣୀ ନିର୍ଦ୍ଦେଶ କରୁଥିଲେ, ସେକଥା କହୁ କହୁ ସ୍ୱାମୀଜୀ କ୍ରମେ ଗୃହସ୍ଥ ଓ ସନ୍ନ୍ୟାସ ଜୀବନ ମଧ୍ୟରେ ଯେ କୋଉଁଠିରୁ ପ୍ରଭେଦ ବର୍ତ୍ତମାନ ତାହା ଶିଷ୍ୟକୁ ବିଶଦ ଭାବରେ ବୁଝାଇବାକୁ ଲାଗିଲେ ।

ସ୍ୱାମୀଜୀ : କାମିନୀ-କାଞ୍ଚନର ସେବା ବି କରିବ, ଆଉ ଠାକୁରଙ୍କୁ ବି ବୁଝିବ—ଏହା କ'ଣ କେବେ ହୋଇଛି ?—ନା, ହୋଇପାରେ ? ସେକଥା କେବେ ହେଁ ବିଶ୍ୱାସ କରିବୁ ନାହିଁ । ଠାକୁରଙ୍କ ଭକ୍ତମାନଙ୍କ ମଧ୍ୟରେ ଅନେକେ ବର୍ତ୍ତମାନ 'ଈଶ୍ୱରକୋଟି', 'ଅନ୍ତରଙ୍ଗ' ଇତ୍ୟାଦି କହି ନିଜକୁ ପ୍ରଚାର କରୁଛନ୍ତି । ତାଙ୍କ ତ୍ୟାଗ ବୈରାଗ୍ୟ କିଛି ହିଁ ନେଇପାରିଲେ ନାହିଁ, ଅଥଚ କହନ୍ତି କ'ଣ ନା ସେମାନେ ସବୁ ଠାକୁରଙ୍କ ଅନ୍ତରଙ୍ଗ ଭକ୍ତ । ସେସବୁ କଥା ଝାଡ଼ିଝୁଡ଼ି ପକେଇଦେବୁ । ଯେ 'ତ୍ୟାଗୀର ବାଦଶାହା', ତାଙ୍କ କୃପା ପାଇ କେହି କେବେ କି କାମ-କାଞ୍ଚନ-ସେବାରେ ଜୀବନ ଯାପନ କରିପାରେ ?

ଶିଷ୍ୟ : ତେବେ କ'ଣ ଆଜ୍ଞା, ଯେଉଁମାନେ ଦକ୍ଷିଣେଶ୍ୱରରେ ଠାକୁରଙ୍କ ନିକଟରେ ଉପସ୍ଥିତ ହୋଇଥିଲେ, ସେମାନେ ସମସ୍ତେ ଠାକୁରଙ୍କ ଭକ୍ତ ନୁହନ୍ତି ?

ସ୍ୱାମୀଜୀ : ତାହା କିଏ କହୁଛି ? ସମସ୍ତେ ଠାକୁରଙ୍କ ନିକଟକୁ ଯାତାୟାତ କରି spirituality (ଧର୍ମାନୁଭୂତି) ଆଡ଼କୁ ଅଗ୍ରସର ହୋଇଛନ୍ତି, ହେଉଛନ୍ତି ଓ ହେବେ । ସେମାନେ ସମସ୍ତେ ଠାକୁରଙ୍କ ଭକ୍ତ । ତେବେ କ'ଣ ଜାଣୁ ? ସମସ୍ତେ କିନ୍ତୁ ତାଙ୍କର ଅନ୍ତରଙ୍ଗ ନୁହନ୍ତି । ଠାକୁର କହୁଥିଲେ, ଅବତାରଙ୍କ ସଙ୍ଗେ କଳ୍ପାନ୍ତରର ସିଦ୍ଧ ଋଷିମାନେ ଦେହଧାରଣ କରି ଜଗତକୁ ଆଗମନ କରନ୍ତି । ସେହିମାନେ ହିଁ ଭଗବାନଙ୍କର ସାକ୍ଷାତ୍ ପାର୍ଷଦ । ସେମାନଙ୍କ ଦ୍ୱାରା ହିଁ ଭଗବାନ କାର୍ଯ୍ୟ କରାନ୍ତି ବା ଜଗତରେ ଧର୍ମଭାବ ପ୍ରଚାର କରାନ୍ତି । ଏହା ଜାଣି ରଖିବୁ—ଅବତାରଙ୍କ ସାଙ୍ଗୋପାଙ୍ଗ ଏକମାତ୍ର ସେହିମାନେ, ଯେଉଁମାନେ ପରାର୍ଥେ ସର୍ବ-ତ୍ୟାଗୀ—ଯେଉଁମାନେ ଭୋଗସୁଖ କାକ-ବିଷ୍ଠା ପରି ତ୍ୟାଗ କରି 'ଜଗଦ୍ଧିତାୟ', 'ଜୀବହିତାୟ' ଜୀବନପାତ କରନ୍ତି । ଭଗବାନ ଈଶାଙ୍କ ଶିଷ୍ୟମାନେ ସମସ୍ତେ ସନ୍ନ୍ୟାସୀ । ଶଙ୍କର, ରାମାନୁଜ, ଶ୍ରୀଚୈତନ୍ୟ ଓ ବୁଦ୍ଧଦେବଙ୍କ ସାକ୍ଷାତ୍ କୃପାପ୍ରାପ୍ତ ସଙ୍ଗୀମାନେ ସମସ୍ତେ ହିଁ ସର୍ବତ୍ୟାଗୀ ସନ୍ନ୍ୟାସୀ । ଏହି ସର୍ବତ୍ୟାଗୀ ସନ୍ନ୍ୟାସୀମାନେ ଗୁରୁପରମ୍ପରାକ୍ରମେ ଜଗତରେ ବ୍ରହ୍ମବିଦ୍ୟା ପ୍ରଚାର କରି ଆସୁଛନ୍ତି । କେଉଁଠି କେବେ ଶୁଣିଛୁ—କାମ-କାଞ୍ଚନର ଦାସ ହୋଇ ରହି ମନୁଷ୍ୟ ମନୁଷ୍ୟକୁ ଉଦ୍ଧାର କରିବାକୁ ଈଶ୍ୱରଲାଭର ପଥ ଦେଖାଇ ଦେଇପାରିଛି ? ନିଜେ ମୁକ୍ତ ନହେଲେ ଅପରକୁ କିପରି ମୁକ୍ତ କରିବ ? ବେଦ-ବେଦାନ୍ତ, ଇତିହାସ-ପୁରାଣ ସର୍ବତ୍ର ଦେଖିବାକୁ ପାଇବୁ, ସନ୍ନ୍ୟାସୀ-ମାନେ ହିଁ ସର୍ବକାଳରେ, ସର୍ବଦେଶରେ ଲୋକଗୁରୁ ରୂପେ ଧର୍ମର ଉପଦେଷ୍ଟା ହୋଇଛନ୍ତି । History repeats itself—ଯଥା ପୂର୍ବଂ ତଥା ପରଂ—ଏଥର ବି ତାହା ହିଁ ହେବ । ମହାସମନ୍ୱୟାଚାର୍ଯ୍ୟ ଠାକୁରଙ୍କ କୃତୀ ସନ୍ନ୍ୟାସୀ ସନ୍ତାନମାନେ ହିଁ ଲୋକଗୁରୁରୂପେ ଜଗତରେ ସର୍ବତ୍ର ପୂଜିତ ହେଉଛନ୍ତି ଓ ହେବେ । ତ୍ୟାଗ ଭିନ୍ନ ଅନ୍ୟର କଥା ଫାଙ୍କା ଆବାଜ ପରି

ଶୂନ୍ୟରେ ଲୀନ ହୋଇଯିବ । ମଠର ଯଥାର୍ଥ ତ୍ୟାଗୀ ସନ୍ନ୍ୟାସୀମାନେ ହିଁ ଧର୍ମଭାବ-ରକ୍ଷା ଓ ପ୍ରଚାରର ମହାକେନ୍ଦ୍ରସ୍ୱରୂପ ହେବେ । ବୁଝିଲୁ ?

ଶିଷ୍ୟ : ତେବେ ଠାକୁରଙ୍କ ଗୃହସ୍ଥ ଭକ୍ତମାନେ ଯେ ତାଙ୍କ କଥା ନାନା ଭାବରେ ପ୍ରଚାର କରୁଛନ୍ତି, ସେସବୁ କ'ଣ ସତ୍ୟ ନୁହେଁ ?

ସ୍ୱାମୀଜୀ : ସତ୍ୟ ନୁହେଁ ଏପରି କୁହାଯିବ ନାହିଁ; ତେବେ ସେମାନେ ଠାକୁରଙ୍କ ସମ୍ବନ୍ଧରେ ଯାହା କହନ୍ତି, ସେସବୁ partial truth (ଆଂଶିକ ସତ୍ୟ) । ଯେ ଯେପରି ଆଧାର, ସେ ଠାକୁରଙ୍କର ସେତିକମାତ୍ର ନେଇ ତାହାର ଆଲୋଚନା କରୁଛି । ଏପରି କରିବାଟା ମନ୍ଦ ନୁହେଁ । ତେବେ ତାଙ୍କ ଭକ୍ତମାନଙ୍କ ମଧ୍ୟରେ ଯଦି ଏପରି କେହି ବୁଝିଥାନ୍ତି ଯେ, ସେ ଯାହା ବୁଝିଛନ୍ତି ବା କହୁଛନ୍ତି ତାହା ହିଁ ଏକମାତ୍ର ସତ୍ୟ, ତେବେ ସେ ଦୟାର ପାତ୍ର ! ଠାକୁରଙ୍କୁ କେହି କହୁଛନ୍ତି—ତାନ୍ତ୍ରିକ କୌଳ, କେହି କହୁଛନ୍ତି—ଚୈତନ୍ୟ ଦେବ 'ନାରଦୀୟ ଭକ୍ତି' ପ୍ରଚାର କରିବାକୁ ଜନ୍ମିଥିଲେ । କେହି କହୁଛନ୍ତି ସାଧନଭଜନ କରିବାଟା ଠାକୁରଙ୍କ ଅବତାରତ୍ୱରେ ବିଶ୍ୱାସର ବିରୁଦ୍ଧ, କେହି କହୁଛନ୍ତି—ସନ୍ନ୍ୟାସୀ ହେବା ଠାକୁରଙ୍କ ଅଭିମତ ନୁହେଁ, ଇତ୍ୟାଦି କେତେ କଥା ଗୃହୀ ଭକ୍ତମାନଙ୍କ ମୁହଁରୁ ଶୁଣିବୁ । ସେସବୁ କଥାରେ କାନ ଦେବୁ ନାହିଁ । ସେ ଯେ କ'ଣ—କେତେ କେତେ ପୂର୍ବଗ ଅବତାରମାନଙ୍କ ଜମାଟବନ୍ଧା ଭାବ-ରାଜ୍ୟର ରାଜା, ତାହା ସାରାଜୀବନ ତପସ୍ୟା କରି ମଧ୍ୟ ତିଳ ପ୍ରମାଣେ ବୁଝିପାରିଲି ନାହିଁ । ତେଣୁ ତାଙ୍କ କଥା ସଂଯତ ହୋଇ କହିବାକୁ ହୁଏ । ଯେ ଯେପରି ଆଧାର, ତାକୁ ସେ ସେତେ ଟିକିଏ ଦେଇ ଭରପୂର କରିଯାଇଛନ୍ତି । ତାଙ୍କର ଭାବସମୁଦ୍ରର ଉଚ୍ଛ୍ୱାସର ଏକବିନ୍ଦୁ ଧାରଣା କରିପାରିଲେ ମନୁଷ୍ୟ ତତ୍କ୍ଷଣାତ୍ ଦେବତା ହୋଇଯାଏ । ସର୍ବଭାବର ଏପରି ସମନ୍ୱୟ ଜଗତର ଇତିହାସରେ ଆଉ କେଉଁଠି ଖୋଜିଲେ କ'ଣ ମିଳେ ? ଏଥିରୁ ବୁଝ୍, ସେ କିଏ ଦେହ-ଧାରଣ କରି ଆସିଥିଲେ । ଅବତାର କହିଲେ ତାଙ୍କୁ ଛୋଟ କରି ଦିଆଯାଏ । ସେ ଯେତେ-ବେଳେ ତାଙ୍କର ସନ୍ନ୍ୟାସୀମାନଙ୍କୁ ବିଶେଷ ଭାବରେ ଉପଦେଶ ଦେଉଥିଲେ, ସେତେବେଳେ ଅନେକ ସମୟରେ ନିଜେ ଉଠି ଘରଆଡ଼େ ଖୋଜି ଦେଖୁଥିଲେ—କୌଣସି ଗୃହସ୍ଥ ସେଠାକୁ ଆସୁଛି କି ନାହିଁ । ଯଦି ଦେଖୁଥିଲେ—କେହି ନାହିଁ ବା ଆସୁ ନାହିଁ, ତେବେ ଯାଇ ଜ୍ୱଳନ୍ତ ଭାଷାରେ ତ୍ୟାଗତପସ୍ୟାର ମହିମା ବର୍ଣ୍ଣନା କରୁଥିଲେ । ସେହି ସଂସାର-ବୈରାଗ୍ୟର ପ୍ରବଳ ଉଦ୍ଦୀପନାରେ ହିଁ ତ ଆମେ ସଂସାରତ୍ୟାଗୀ, ଉଦାସୀନ ।

ଶିଷ୍ୟ : ଗୃହସ୍ଥ ଓ ସନ୍ନ୍ୟାସୀମାନଙ୍କ ମଧ୍ୟରେ ସେ ଏତେ ପ୍ରଭେଦ ରଖୁଥିଲେ ?

ସ୍ୱାମୀଜୀ : ତାହା ତାଙ୍କ ଗୃହୀ ଭକ୍ତମାନଙ୍କୁ ହିଁ ପଚାରି ଦେଖିନା । ବୁଝି ଦେଖୁ ନାହୁଁ କାହିଁକି ? ତାଙ୍କର ଯେଉଁସବୁ ସନ୍ତାନ ଈଶ୍ୱରଲାଭ ନିମିତ୍ତ ଐହିକ ଜୀବନର ସମସ୍ତ ଭୋଗ ତ୍ୟାଗ କରି ପାହାଡ଼-ପର୍ବତରେ, ତୀର୍ଥ-ଆଶ୍ରମରେ ତପସ୍ୟାରେ ଦେହପାତ କରୁଛନ୍ତି, ସେମାନେ ବଡ଼—ନା ଯେଉଁମାନେ ତାଙ୍କର ସେବା-ବନ୍ଦନା, ସ୍ମରଣ-ମନନ କରୁଛନ୍ତି, ଅଥଚ ସଂସାରର ମାୟା ମୋହ କାଟି ଉଠିପାରୁ ନାହାନ୍ତି, ସେମାନେ ବଡ଼ ? ଯେଉଁମାନେ ଆତ୍ମ-ଜ୍ଞାନରେ ଜୀବ-ସେବାରେ ଜୀବନପାତ କରିବାକୁ ଅଗ୍ରସର, ଯେଉଁମାନେ ଆକୁମାର

ଊର୍ଦ୍ଧ୍ୱରେତା, ଯେଉଁମାନେ ତ୍ୟାଗବୈରାଗ୍ୟର ମୂର୍ତ୍ତିମାନ ଚଳବିଗ୍ରହ, ସେମାନେ ବଡ଼ ନା, ଯେଉଁମାନେ ମାଛିପରି ଥରେ ଫୁଲରେ ବସୁଛନ୍ତି, ପରକ୍ଷଣରେ ପୁଣି ବିଷ୍ଠାରେ ବସୁଛନ୍ତି, ସେମାନେ ବଡ଼ ? ଏସବୁ ନିଜେ ବୁଝି ଦେଖ ।

ଶିଷ୍ୟ : କିନ୍ତୁ ଆଜ୍ଞା, ଯେଉଁମାନେ ତାଙ୍କର (ଠାକୁରଙ୍କର) କୃପା ପାଇଛନ୍ତି, ସେମାନଙ୍କର ପୁଣି ସଂସାର କ'ଣ ? ସେମାନେ ଗୃହରେ ରହନ୍ତୁ ବା ସନ୍ନ୍ୟାସ ଅବଲମ୍ବନ କରନ୍ତୁ, ଉଭୟ ସମାନ, ମୋର ଏହିପରି ବୋଧହୁଏ ।

ସ୍ୱାମୀଜୀ : ତାଙ୍କ କୃପା ଯେଉଁମାନେ ପାଇଛନ୍ତି, ସେମାନଙ୍କର ମନ-ବୁଦ୍ଧି, କୌଣସି-ମତେ ଆଉ ସଂସାରରେ ଆସକ୍ତ ହୋଇପାରେ ନାହିଁ । କୃପାର test (ପରୀକ୍ଷା) କିନ୍ତୁ ହେଉଛି—କାମ-କାଞ୍ଚନରେ ଅନାସକ୍ତି । ସେଇଟା ଯଦି କାହାର ନ ହୋଇଥାଏ, ତେବେ ସେ ଠାକୁରଙ୍କ କୃପା କଦାପି ଠିକ୍ ଠିକ୍ ଲାଭ କରି ନାହିଁ ।

ପୂର୍ବ ପ୍ରସଙ୍ଗ ଏହିରୂପେ ଶେଷ ହେବାରୁ ଶିଷ୍ୟ ଅନ୍ୟ କଥାର ଅବତାରଣା କରି ସ୍ୱାମୀଜୀଙ୍କୁ ପଚାରିଲା—'ଆଜ୍ଞା, ଆପଣ ଯେ ଦେଶ-ବିଦେଶରେ ଏତେ ପରିଶ୍ରମ କରିଗଲେ, ଏହାର ଫଳ କ'ଣ ହେଲା ?'

ସ୍ୱାମୀଜୀ : କ'ଣ ହୋଇଛି, ତାହାର କିଛି କିଛି ମାତ୍ର ତୁମେ ଦେଖିପାରିବ । କାଳକ୍ରମେ ପୃଥିବୀକୁ ଠାକୁରଙ୍କ ଉଦାରଭାବ ନେବାକୁ ହେବ, ତା'ର ସୂଚନା ହୋଇଛି । ଏହି ପ୍ରବଳ ବନ୍ୟାସ୍ରୋତରେ ସମସ୍ତଙ୍କୁ ଭାସିଯିବାକୁ ହେବ ।

ଶିଷ୍ୟ : ଆପଣ ଠାକୁରଙ୍କ ସମ୍ବନ୍ଧରେ ଆହୁରି କିଛି କୁହନ୍ତୁ । ଠାକୁରଙ୍କ ପ୍ରସଙ୍ଗ ଆପଣଙ୍କ ମୁଖରୁ ଶୁଣିବାକୁ ଖୁବ୍ ଭଲ ଲାଗେ ।

ସ୍ୱାମୀଜୀ : ଏହି ତ, ଦିନରାତି କେତେ କ'ଣ ଶୁଣୁଛୁ । ସେ ହିଁ ତାଙ୍କ ଉପମା । ତାଙ୍କର କ'ଣ ତୁଳନା ଅଛି ରେ ?

ଶିଷ୍ୟ : ମହାଶୟ, ଆମେ ତ ତାଙ୍କୁ ଦେଖିବାକୁ ପାଇ ନାହୁଁ ; ଆମର ଉପାୟ ?

ସ୍ୱାମୀଜୀ : ତାଙ୍କର ସାକ୍ଷାତ୍ କୃପାପ୍ରାପ୍ତ ଏହିସବୁ ସାଧୁମାନଙ୍କର ସଙ୍ଗଲାଭ ତ କରିଛୁ, ତେବେ ଆଉ ତାଙ୍କୁ ଦେଖିଲୁ ନାହିଁ କିପରି କହୁଛୁ ? ସେ ତାଙ୍କ ତ୍ୟାଗୀ ସନ୍ତାନମାନଙ୍କ ମଧ୍ୟରେ ବିରାଜମାନ କରୁଅଛନ୍ତି । ସେମାନଙ୍କର ସେବାବନ୍ଦନା କଲେ ସମୟରେ ସେ revealed (ପ୍ରକାଶିତ) ହେବେ । ଯଥାକାଳେ ସବୁ ଦେଖିବାକୁ ପାଇବୁ ।

ଶିଷ୍ୟ : ଆଚ୍ଛା ଆଜ୍ଞା, ଆପଣ ଠାକୁରଙ୍କ କୃପାପ୍ରାପ୍ତ ଅନ୍ୟ ସମସ୍ତଙ୍କ କଥା ତ କହନ୍ତି । ଆପଣଙ୍କ ନିଜ ସମ୍ବନ୍ଧରେ ଠାକୁର ଯାହା କହୁଥିଲେ, ସେକଥା ତ କୌଣସି ଦିନ କିଛି କହିଲେ ନାହିଁ ?

ସ୍ୱାମୀଜୀ : ମୋ କଥା ଆଉ କ'ଣ କହିବ ? ଦେଖୁଛୁ ତ—ମୁଁ ତାଙ୍କ ଦୈତ୍ୟଦାନବଙ୍କ ଭିତରୁ କେହି ଗୋଟାଏ ହେବ । ତାଙ୍କ ସାମନାରେ ହିଁ କେବେ କେବେ ତାଙ୍କୁ ଗାଳିଗୁଲଜ କରୁଥିଲି, ସେ ଶୁଣି ହସୁଥିଲେ ।

କହୁଁ କହୁଁ ସ୍ୱାମୀଜୀଙ୍କ ମୁଖମଣ୍ଡଳ ସ୍ଥିର ଗମ୍ଭୀର ହୋଇଗଲା । ଗଙ୍ଗା ଆଡ଼କୁ ଶୂନ୍ୟ

ମନରେ ଗୃହିଁ, କିଛିକ୍ଷଣ ସ୍ଥିର ଭାବରେ ବସି ରହିଲେ । ଦେଖୁ ଦେଖୁ ସନ୍ଧ୍ୟା ହେଲା, ନୌକା ମଧ୍ୟ କ୍ରମେ ମଠରେ ପହଞ୍ଚିଲା । ସ୍ୱାମୀଜୀ ସେତେବେଳେ ନିଜ ମନରେ ଗାଉଛନ୍ତି—

'(କେବଳ) ଆଶାର ଆଶା, ଭବେ ଆସା, ଆସା ମାତ୍ର ସାର ହଲେ ।

ଏଖନ ସନ୍ଧ୍ୟାବେଲାୟ ଘରେର ଛେଲେ ଘରେ ନିୟେ ଚଲୋ ।' ଇତ୍ୟାଦି

ଗାନ ଶୁଣି ଶିଷ୍ୟ ସ୍ତମ୍ଭିତ ହୋଇ ସ୍ୱାମୀଜୀଙ୍କ ମୁଖକୁ ଅନାଇ ରହିଲା । ଗୀତ ସମାପ୍ତ ହୁଅନ୍ତେ ସ୍ୱାମୀଜୀ କହିଲେ, 'ତୁମ ବାଙ୍ଗାଲ୍ ଦେଶ ସୁକଣ୍ଠ ଗାୟକ ଜନ୍ମାଏ ନାହିଁ । ମା' ଗଙ୍ଗାଙ୍କ ପାଣି ପେଟକୁ ନ ଗଲେ ସୁକଣ୍ଠ ହୁଏ ନାହିଁ ।'

ଏଥର ଭଡ଼ା ଚୁକାଇ ଦେଇ ସ୍ୱାମୀଜୀ ନୌକାରୁ ଅବତରଣ କଲେ ଏବଂ ଜାମା ଖୋଲି ମଠର ପଶ୍ଚିମ ବାରଣ୍ଡାରେ ଉପବିଷ୍ଟ ହେଲେ । ସ୍ୱାମୀଜୀଙ୍କ ଗୌରକାନ୍ତି ଏବଂ ଗୈରିକ ବସନ ସନ୍ଧ୍ୟାର ଦୀପାଲୋକରେ ଅପୂର୍ବ ଶୋଭା ଧାରଣ କଲା ।

## ୪୭

ସ୍ଥାନ—ବେଲୁଡ଼ ମଠ

କାଳ—ଜୁନ (ଶେଷ ସପ୍ତାହ) ୧୯୦୨

ଆଜି ଆଷାଢ଼ ୧୩ ଦିନ । ଶିଷ୍ୟ ବାଲିରୁ ସନ୍ଧ୍ୟାର ପ୍ରାକ୍‌କାଳରେ ମଠକୁ ଆସିଛି । ସେତେବେଳେ ବାଲିରେ ହିଁ ତାହାର କର୍ମସ୍ଥାନ । ଆଜି ସେ ଅଫିସ୍‌ର ପୋଷାକ ପିନ୍ଧି ଆସିଅଛି । ତାହା ପରିବର୍ତ୍ତନ କରିବାର ସମୟ ପାଇ ନାହିଁ । ଆସିବା ମାତ୍ରେ ସେ ସ୍ୱାମୀଜୀଙ୍କ ପାଦପଦ୍ମରେ ପ୍ରଣତ ହୋଇ ତାଙ୍କ ଶାରୀରିକ କୁଶଳ-ସମ୍ବାଦ ପଚାରିଲା । ସ୍ୱାମୀଜୀ କହିଲେ, 'ବେଶ୍ ଅଛି । (ଶିଷ୍ୟର ପୋଷାକ ଦେଖି) ତୁ କୋଟ୍ ପ୍ୟାଣ୍ଟ ପିନ୍ଧିଛୁ, କଲର୍ ପିନ୍ଧୁ ନାହୁଁ କାହିଁକି ?' ଏହା କହି ନିକଟସ୍ଥ ସ୍ୱାମୀ ସାରଦାନନ୍ଦଙ୍କୁ ଡାକି କହିଲେ—'ମୋର ଯେଉଁସବୁ କଲର୍ ଅଛି, ସେଥିରୁ ଦୁଇଟା କଲର୍ ଏହାକୁ କାଲି ସକାଳେ ଦେବୁ ତ ।' ସାରଦାନନ୍ଦ ସ୍ୱାମୀ ମଧ୍ୟ ସ୍ୱାମୀଜୀଙ୍କ ଆଦେଶ ଶିରୋଧାର୍ଯ୍ୟ କରିନେଲେ ।

ଏହାପରେ ଶିଷ୍ୟ ମଠର ଅନ୍ୟ ଏକ ଗୃହରେ ପୋଷାକ ଛାଡ଼ି ମୁହଁ ହାତ ଧୋଇ ସ୍ୱାମୀଜୀଙ୍କ ପାଖକୁ ଆସିଲା । ସ୍ୱାମୀଜୀ ସେତେବେଳେ ତାକୁ ଲକ୍ଷ୍ୟ କରି କହିଲେ—'ଆହାର, ପୋଷାକ ଓ ଜାତୀୟ ଆଚାର-ବ୍ୟବହାର ପରିତ୍ୟାଗ କଲେ କ୍ରମେ ଜାତୀୟତା ଲୋପ ପାଇଯାଏ । ବିଦ୍ୟା ସମସ୍ତଙ୍କ ନିକଟରୁ ଶିଖାଯାଇପାରେ । କିନ୍ତୁ ଯେଉଁ ବିଦ୍ୟାଲାଭରେ ଜାତୀୟତାର ଲୋପ ହୁଏ, ସେଥିରେ ଉନ୍ନତ ହୁଏ ନାହିଁ । ଅଧଃପତନର ସୂଚନା ହିଁ ହୁଏ ।'

ଶିଷ୍ୟ : ଆଜ୍ଞା, ଅଫିସ ଅଞ୍ଚଳରେ ବର୍ତ୍ତମାନ ସାହେବମାନଙ୍କ ଅନୁମୋଦିତ ପୋଷାକାଦି

ନ ପିନ୍ଧିଲେ ଚଳେ ନାହିଁ ।

ସ୍ୱାମୀଜୀ : ତାହା କିଏ ମନାକରୁଛି ? ଅଫିସ ଅଞ୍ଚଳରେ କାର୍ଯ୍ୟାନୁରୋଧରେ ସେପରି ପୋଷାକ ପିନ୍ଧିବୁ ନିଶ୍ଚୟ । କିନ୍ତୁ ଘରକୁ ଯାଇ ଠିକ୍ ବଙ୍ଗାଳୀବାବୁ ହେବୁ । ସେହି ଝୁଲ କୁଞ୍ଚ, ଦେହରେ କାମିଜ, କାନ୍ଧରେ ଚାଦର, ବୁଝିଲୁ ?

ଶିଷ୍ୟ : ଆଜ୍ଞା ହଁ ।

ସ୍ୱାମୀଜୀ : ତୁମେ କେବଳ ସାର୍ଟ ପିନ୍ଧି ସ୍ୱାଙ୍କ ଘର, ତାଙ୍କ ଘରକୁ ଯାଅ—ସେଦେଶରେ (ପାଶ୍ଚାତ୍ୟରେ) ସେପରି ପୋଷାକ ପିନ୍ଧି କାହାରି ଘରକୁ ଯିବା ଘୋର ଅଭଦ୍ରତା—naked (ଲଙ୍ଗଳା) କହନ୍ତି । ସାର୍ଟ ଉପରେ କୋଟ ନ ପିନ୍ଧିଲେ ଭଦ୍ରଲୋକଙ୍କ ଘରେ ପଶିବାକୁ ହିଁ ଦେବେ ନାହିଁ । ପୋଷାକ ବ୍ୟାପାରରେ ତୁମେ ଚୂଲ୍ ପାଉଁଶ କ'ଣ ଅନୁକରଣ କରିବାକୁ ଶିଖିଛ । ଆଜକାଲିକାର ଟୋକାମାନେ ଯେଉଁସବୁ ପୋଷାକ ପିନ୍ଧନ୍ତି, ତାହା ନା ଏଦେଶୀ, ନା ସେଦେଶୀ—ଏକ ଅଦ୍ଭୁତ ସମ୍ମିଶ୍ରଣ ।

ଏହିପରି କଥାବାର୍ତ୍ତା ପରେ ସ୍ୱାମୀଜୀ ଗଙ୍ଗାକୂଳରେ ଟିକିଏ ପଦଚାରଣ କରିବାକୁ ଲାଗିଲେ । ସଙ୍ଗରେ କେବଳ ମାତ୍ର ଶିଷ୍ୟ ରହିଲା । ଶିଷ୍ୟ ସାଧନ ସମ୍ବନ୍ଧରେ ଗୋଟିଏ କଥା ବର୍ତ୍ତମାନ ସ୍ୱାମୀଜୀଙ୍କୁ କହିବ କି ନାହିଁ ଭାବିବାକୁ ଲାଗିଲା ।

ସ୍ୱାମୀଜୀ : କ'ଣ ଭାବୁଛୁ ? କହିପକା ନା ।

ଶିଷ୍ୟ : (ସଲଜ୍ଜ ଭାବରେ) ଆଜ୍ଞା; ଭାବୁଥିଲି ଯେ, ଆପଣ ଯଦି ଏପରି କୌଣସି ଉପାୟ ଶିଖାଇ ଦିଅନ୍ତେ, ଯହିଁରେ ଖୁବ୍ ଶୀଘ୍ର ମନ ସ୍ଥିର ହୋଇଯାଏ—ଯହିଁରେ ଖୁବ୍ ଶୀଘ୍ର ଧ୍ୟାନସ୍ଥ ହୋଇପାରେ, ତେବେ ଖୁବ୍ ଉପକାର ହୁଅନ୍ତା । ସଂସାର-ଚକ୍ରରେ ପଡ଼ି ସାଧନ-ଭଜନ ସମୟରେ ମନ ସ୍ଥିର କରିବା କଷ୍ଟକର ।

ସ୍ୱାମୀଜୀ ଶିଷ୍ୟର ଏପରି ଦୀନତା ଦେଖି ବଡ଼ ସନ୍ତୁଷ୍ଟ ହେଲେ ବୋଲି ବୋଧହେଲା । ପ୍ରତ୍ୟୁତ୍ତରରେ ସେ ଶିଷ୍ୟକୁ ସସ୍ନେହରେ କହିଲେ, 'କିଛି ସମୟ ପରେ ମୁଁ ଉପରେ ଯେତେବେଳେ ଏକା ଥିବି, ସେତେବେଳେ ତୁ ଯିବୁ । ସେହିସମୟରେ କଥାବାର୍ତ୍ତା ହେବ ।'

ଶିଷ୍ୟ ଆନନ୍ଦରେ ଅଧୀର ହୋଇ ସ୍ୱାମୀଜୀଙ୍କୁ ପୁନଃ ପୁନଃ ପ୍ରଣାମ କରିବାକୁ ଲାଗିଲା । ସ୍ୱାମୀଜୀ 'ଥାଉ ଥାଉ' କହିବାକୁ ଲାଗିଲେ ।

କିଛି ସମୟ ପରେ ସ୍ୱାମୀଜୀ ଉପରକୁ ଚାଲିଗଲେ ।

ଶିଷ୍ୟ ଇତ୍ୟବସରରେ ଜଣେ ସାଧୁଙ୍କ ସଙ୍ଗେ ବେଦାନ୍ତର ବିଚାର ଆରମ୍ଭ କରିଦେଲା ଏବଂ କ୍ରମେ ଦ୍ୱୈତାଦ୍ୱୈତ ମତର ବାକ୍‌ବିତଣ୍ଡାରେ ମଠ କୋଳାହଳମୟ ହୋଇଉଠିଲା । ଗୋଳମାଳ ଦେଖି ଶିବାନନ୍ଦ ମହାରାଜ ସେମାନଙ୍କୁ କହିଲେ, 'ଆରେ, ଆସ୍ତେ ଆସ୍ତେ ବିଚାର କର, ଏପରି ଚିତ୍କାର କଲେ ସ୍ୱାମୀଜୀଙ୍କ ଧ୍ୟାନରେ ବ୍ୟାଘାତ ହେବ ।' ଶିଷ୍ୟ ସେକଥା ଶୁଣି ସ୍ଥିର ହେଲା ଏବଂ ବିଚାର ସାଙ୍ଗ କରି ଉପରେ ସ୍ୱାମୀଜୀଙ୍କ ପାଖକୁ ଗଲା ।

ଶିଷ୍ୟ ଉପରେ ଉଠି ଦେଖିଲା, ସ୍ୱାମୀଜୀ ପଶ୍ଚିମାସ୍ୟ ହୋଇ ମେଜିଆରେ ବସି ଧ୍ୟାନସ୍ଥ ହୋଇଛନ୍ତି । ମୁଖ ଅପୂର୍ବ ଭାବରେ ପୂର୍ଣ୍ଣ, ଯେପରି ଚନ୍ଦ୍ରକାନ୍ତି ଫୁଟି ବାହାରୁଛି । ତାଙ୍କ

ସର୍ବାଙ୍ଗ ଏକାବେଳକେ ସ୍ଥିର, ଯେପରି ଚିତ୍ରାର୍ପିତ—ଯେପରି 'ଚିତ୍ରାର୍ପିତାରମ୍ଭ ଇବାବତସ୍ଥେ' । ସ୍ୱାମୀଜୀଙ୍କ ସେହି ଧ୍ୟାନସ୍ଥ ମୂର୍ତ୍ତି ଦେଖି ସେ ଅବାକ୍ ହୋଇ ନିକଟରେ ଠିଆ ହୋଇ ରହିଲା ଏବଂ ବହୁ ସମୟ ଠିଆ ହୋଇ ସୁଦ୍ଧା ସ୍ୱାମୀଜୀଙ୍କ ବାହ୍ୟିକ ଚେତନାର କୌଣସି ଚିହ୍ନ ନ ଦେଖି ନିଃଶବ୍ଦରେ ସେଠାରେ ଉପବେଶନ କଲା । ଆହୁରି ଅଧ-ଘଣ୍ଟାଏ ଅତୀତ ହେଲାରୁ ସ୍ୱାମୀଜୀଙ୍କ ବ୍ୟାବହାରିକ ରାଜ୍ୟ ସମ୍ବନ୍ଧୀୟ ଜ୍ଞାନର ଯେପରି ଟିକିଏ ଆଭାସ ଦେଖାଗଲା । ତାଙ୍କର ବଦ୍ଧ ପାଣିପଦ୍ମ କମ୍ପିତ ହେଉଛି, ଶିଷ୍ୟ ଦେଖିବାକୁ ପାଇଲା । ତାହାର ପାଞ୍ଚ ସାତ ମିନିଟ ପରେ ସ୍ୱାମୀଜୀ ଚକ୍ଷୁରୁନ୍ମୀଲନ କରି ଶିଷ୍ୟ ଆଡ଼କୁ ଚାହିଁ କହିଲେ—କେତେବେଳେ ଏଠାକୁ ଆସିଲୁ ?

ଶିଷ୍ୟ : ଏହି କିଛି ସମୟ ହେଲା ଆସିଛି ?

ସ୍ୱାମୀଜୀ : ତା ହେଉ, ଏକ ଗ୍ଲାସ୍ ପାଣି ନେଇଆ ।

ଶିଷ୍ୟ ଅତିଶୀଘ୍ର ସ୍ୱାମୀଜୀଙ୍କ ପାଇଁ ନିର୍ଦ୍ଦିଷ୍ଟ ସୁରେଇରୁ ପାଣି ନେଇ ଆସିଲା । ସ୍ୱାମୀଜୀ ଟିକିଏ ଜଳପାନ କରି ଗ୍ଲାସଟି ଶିଷ୍ୟକୁ ଯଥାସ୍ଥାନରେ ରଖିବାକୁ କହିଲେ । ଶିଷ୍ୟ ତାହା ରଖିଦେଇ ଆସି ପୁନରାୟ ସ୍ୱାମୀଜୀଙ୍କ ପାଖରେ ବସିଲା ।

ସ୍ୱାମୀଜୀ : ଆଜି ଧ୍ୟାନ ଖୁବ୍ ଜମିଥିଲା ।

ଶିଷ୍ୟ : ଆଜ୍ଞା, ଧ୍ୟାନ କରିବାକୁ ବସିଲେ ମନ ଯହିଁରେ ଏପରି ବୁଡ଼ିଯାଏ, ମୋତେ ତାହା ଶିଖାଇ ଦିଅନ୍ତୁ ।

ସ୍ୱାମୀଜୀ : ତୋତେ ସବୁ ଉପାୟ ତ ପୂର୍ବରୁ କହିଦେଇଛି; ପ୍ରତ୍ୟହ ସେହି ପ୍ରକାର ଧ୍ୟାନ କରିବୁ । ସମୟରେ ବୁଝିପାରିବୁ । ଆଚ୍ଛା, କହ ଦେଖି, ତୋତେ କ'ଣ ଭଲ ଲାଗେ ?

ଶିଷ୍ୟ : ଆଜ୍ଞା, ଆପଣ ଯେପରି କହିଥିଲେ, ସେହିପରି କରୁଛି, ତଥାପି ମୋର ଧ୍ୟାନ ଏବେ ସୁଦ୍ଧା ଭଲ ଜମୁ ନାହିଁ; କେବେ କେବେ ପୁଣି ମନେହୁଏ—କ'ଣ ହେବ ଧ୍ୟାନ କରି ? ଅତଏବ ବୋଧହୁଏ ମୋର ଧ୍ୟାନ ହେବ ନାହିଁ, ବର୍ତ୍ତମାନ ଆପଣଙ୍କ ଚିର-ସାମୀପ୍ୟ ହିଁ ମୋର ଏକମାତ୍ର ବାଞ୍ଛନୀୟ ।

ସ୍ୱାମୀଜୀ : ସେସବୁ weakness-ର (ମାନସିକ ଦୌର୍ବଲ୍ୟର) ଚିହ୍ନ । ସର୍ବଦା ନିତ୍ୟ ପ୍ରତ୍ୟକ୍ଷ ଆତ୍ମାରେ ତନ୍ମୟ ହୋଇଯିବାର ଚେଷ୍ଟା କରିବୁ । ଆତ୍ମଦର୍ଶନ ଥରେ ହେଲେ, ସବୁ ହେଲା—ଜନ୍ମ-ମୃତ୍ୟୁର ପାଶ କାଟି ଚାଲିଯିବୁ ।

ଶିଷ୍ୟ : ଆପଣ କୃପା କରି ତାହା ହିଁ କରିଦିଅନ୍ତୁ । ଆପଣ ଆଜି ଏକୁଟିଆ ଥିଲାବେଳେ ଆସିବାକୁ କହିଥିଲେ, ତେଣୁ ଆସିଛି । ମୋର ଯହିଁରେ ମନ ସ୍ଥିର ହୁଏ, ସେସମ୍ବନ୍ଧରେ କିଛି କରିଦିଅନ୍ତୁ ।

ସ୍ୱାମୀଜୀ : ସମୟ ପାଇଲେ ଧ୍ୟାନ କରିବୁ । ସୁଷୁମ୍ନା-ପଥରେ ମନ ଯଦି ଥରେ ଚାଲିଯାଏ, ତେବେ ଆପେ ଆପେ ସବୁ ଠିକ୍ ହୋଇଯିବ—ବେଶୀ କିଛି ଆଉ କରିବାକୁ ହେବ ନାହିଁ ।

ଶିଷ୍ୟ : ଆପଣ ତ କେତେ ଉତ୍ସାହ ଦିଅନ୍ତି । କିନ୍ତୁ ମୋର ସତ୍ୟ-ବସ୍ତୁ ପ୍ରତ୍ୟକ୍ଷ ହେବ

କି ? ଯଥାର୍ଥ ଜ୍ଞାନ ଲାଭ କରି ମୁକ୍ତ ହୋଇପାରିବି କି ?

ସ୍ୱାମୀଜୀ : ନିଶ୍ଚୟ ହେବ । ଆଜି ହେଉ ବା ଦୁଇଦିନ ପରେ ହେଉ କାଳେ ମୁକ୍ତ ହୋଇଯିବୁ—ଆଉ ଭୁ ହେବୁ ନାହିଁ ? ସେହିପରି weakness (ଦୁର୍ବଳତା)-କୁ ମନରେ ବି ସ୍ଥାନ ଦେବୁ ନାହିଁ ।

ଏହାପରେ କହିଲେ : ଶ୍ରଦ୍ଧାବାନ୍ ହୁଅ—ବୀର୍ଯ୍ୟବାନ୍ ହୁଅ, ଆତ୍ମଜ୍ଞାନ ଲାଭକର—ଆଉ 'ପରହିତାୟ' ଜୀବନପାତ କର—ଏହା ହିଁ ମୋର ଇଚ୍ଛା ଓ ଆଶୀର୍ବାଦ ।

ତାହାପରେ ପ୍ରସାଦର ଘଣ୍ଟା ପଡ଼ିବାରୁ ସ୍ୱାମୀଜୀ ଶିଷ୍ୟଙ୍କୁ କହିଲେ—ଯା, ପ୍ରସାଦର ଘଣ୍ଟା ପଡ଼ୁଛି ।

ଶିଷ୍ୟ ସ୍ୱାମୀଜୀଙ୍କ ପଦପ୍ରାନ୍ତେ ପ୍ରଣତ ହୋଇ କୃପାଭିକ୍ଷା କରିବାରୁ ସ୍ୱାମୀଜୀ ଶିଷ୍ୟର ମସ୍ତକରେ ହାତ ଦେଇ ଆଶୀର୍ବାଦ କଲେ ଓ କହିଲେ—'ମୋର ଆଶୀର୍ବାଦରେ ଯଦି ତୋର କୌଣସି ଉପକାର ହୁଏ, ତେବେ କହୁଛି—ଭଗବାନ ରାମକୃଷ୍ଣ ତୋତେ କୃପା କରନ୍ତୁ । ଏହାଠାରୁ ବଡ଼ ଆଶୀର୍ବାଦ ମୁଁ ଜାଣେ ନାହିଁ ।'

ଶିଷ୍ୟ ଏଥର ଆନନ୍ଦ ମନରେ ତଳକୁ ଆସି ଶିବାନନ୍ଦ ମହାରାଜଙ୍କୁ ସ୍ୱାମୀଜୀଙ୍କ ଆଶୀର୍ବାଦ କଥା କହିଲା । ଶିବାନନ୍ଦ ସ୍ୱାମୀ ସେକଥା ଶୁଣି କହିଲେ—'ଯାଃ, ବାଙ୍ଗାଲ୍, ତୋର ସବୁ ହୋଇଗଲା । ଏହାପରେ ସ୍ୱାମୀଜୀଙ୍କ ଆଶୀର୍ବାଦର ଫଳ ଜାଣିପାରିବୁ ।'

ଆହାରାନ୍ତେ ଶିଷ୍ୟ ଆଉ ସେ ରାତିରେ ଉପରକୁ ଯାଇ ନାହିଁ । କାରଣ ଆଜି ସ୍ୱାମୀଜୀ ଶୀଘ୍ର ଶୀଘ୍ର ନିଦ୍ରା ଯିବା ପାଇଁ ଶୟନ କରିଥିଲେ ।

ପରଦିନ ପ୍ରତ୍ୟୁଷରେ ଶିଷ୍ୟଙ୍କୁ କର୍ଯ୍ୟାନୁରୋଧରେ କଲିକତାକୁ ଫେରିଯିବାକୁ ହେବ । ସୁତରାଂ ତରତର ହୋଇ ମୁହଁହାତ ଧୋଇ ସେ ଉପରେ ସ୍ୱାମୀଜୀଙ୍କ ପାଖରେ ଉପସ୍ଥିତ ହେଲା ।

ସ୍ୱାମୀଜୀ : ବର୍ତ୍ତମାନ ଯିବୁ ?

ଶିଷ୍ୟ : ଆଜ୍ଞା ହଁ ।

ସ୍ୱାମୀଜୀ : ଆଗାମୀ ରବିବାରରେ ଆସିବୁ ତ ?

ଶିଷ୍ୟ : ନିଶ୍ଚୟ ।

ସ୍ୱାମୀଜୀ : ତେବେ ଆ । ହେଇ, ଖଣ୍ଡେ ଚଳନ୍ତି ନୌକା ବି ଆସୁଛି ।

ଶିଷ୍ୟ ସ୍ୱାମୀଜୀଙ୍କ ପାଦପଦ୍ମରେ ଏ ଜନ୍ମ ପାଇଁ ବିଦାୟ ନେଇ ଆସିଲା । ସେ ସେତେବେଳେ କି ଜାଣେ ନାହିଁ ଯେ, ତା'ର ଇଷ୍ଟଦେବଙ୍କ ସଙ୍ଗେ ସ୍ଥୂଳଶରୀରରେ ତାହାର ଏହା ହିଁ ଶେଷ* ଦେଖା । ସ୍ୱାମୀଜୀ ତାକୁ ପ୍ରସନ୍ନ ବଦନରେ ବିଦାୟ ଦେଇ ପୁନରାୟ କହିଲେ—'ରବିବାର ଦିନ ଆସିବୁ ।' ଶିଷ୍ୟ 'ଆସିବି' ବୋଲି କହି ତଳକୁ ଚାଲି ଆସିଲା ।

ସ୍ୱାମୀ ସାରଦାନନ୍ଦ ତାକୁ ଯିବାକୁ ଉଦ୍ୟତ ଦେଖି କହିଲେ—'ଆରେ, କଲିର୍ ଦ'ଟା

---

* ୨୦ ଆଷାଢ଼, ୪ ଜୁଲାଇ—ପରବର୍ତ୍ତୀ ଶୁକ୍ରବାର ସନ୍ଧ୍ୟାରେ ସ୍ୱାମୀଜୀ ମହାସମାଧିରେ ପ୍ରବେଶ କରିଥିଲେ ।

ନେଇ ଯା' । ନ ହେଲେ ସ୍ୱାମୀଜୀଙ୍କର ଗାଳି ଖାଇବାକୁ ହେବ ।' ଶିଷ୍ୟ କହିଲା—'ଆଜ ବଡ଼ ତରତର—ଆଉ ଧନେ ନେଇଯିବ—ଆପଣ ସ୍ୱାମୀଜୀଙ୍କୁ ଏକଥା କହିବେ ।'

ଚଳନ୍ତ ନୌକାର ମାଝି ଡକାଡକ କରୁଛୁ । ସୁତରାଂ ଶିଷ୍ୟ ଏହା କହୁ କହୁ ନୌକା ଆଡ଼କୁ ଦୌଡ଼ିଲା । ଶିଷ୍ୟ ନୌକାରେ ଉଠି ଦେଖିବାକୁ ପାଇଲା, ସ୍ୱାମୀଜୀ ଉପରର ବାରଣ୍ଡାରେ ପଦଚାରଣ କରୁଛନ୍ତି । ସେ ତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ନୌକା ଭିତରେ ପ୍ରବେଶ କଲା । ନୌକା ଭଟ୍ଟାର ଆକର୍ଷଣରେ ଅଧଘଣ୍ଟାକ ଭିତରେ ଆହିରୀଟୋଲା ଘାଟରେ ପହଞ୍ଚିଲା ।

# ସ୍ୱାମୀଜୀଙ୍କ ସହ ହିମାଳୟରେ

# ପ୍ରକାଶକଙ୍କ ନିବେଦନରୁ

'ସ୍ୱାମୀଜୀଙ୍କ ସହ ହିମାଳୟରେ' ଗ୍ରନ୍ଥଟି ଭଗିନୀ ନିବେଦିତାଙ୍କର 'Notes of Some Wanderings with the Swami Vivekananda' ନାମକ ଇଂରାଜୀ ଗ୍ରନ୍ଥର ଅନୁବାଦ ।

ଏ ଗ୍ରନ୍ଥରେ ଗ୍ରନ୍ଥକର୍ତ୍ତ୍ରୀ ତାଙ୍କର ଗୁରୁଦେବ ସ୍ୱାମୀ ବିବେକାନନ୍ଦଙ୍କ ସହିତ ଆଲମୋଡ଼ା, ନୈନିତାଲ ପ୍ରଭୃତି ସ୍ଥାନରେ ଏବଂ କାଶ୍ମୀରର ବିଭିନ୍ନ ସ୍ଥାନରେ ଭ୍ରମଣ-ବିଷୟକ କେତେକ ଜୀବନ୍ତ ଚିତ୍ର ଅଙ୍କନ କରିଛନ୍ତି । ତେବେ ଏହା ସାଧାରଣ ଭ୍ରମଣବୃତ୍ତାନ୍ତ ପରି ନୁହେଁ । ବର୍ତ୍ତମାନ ଯୁଗର ଦୁଇଜଣ ମହାମନୀଷୀଙ୍କ ଭାବସଂଘର୍ଷର ଚିତ୍ର ଏ ପୁସ୍ତକର ପ୍ରତି ଛତ୍ରରେ ବିଦ୍ୟମାନ ।

ନିବେଦିତାଙ୍କର ଏ ଗ୍ରନ୍ଥରେ ଲିଖିତ ସମସ୍ତ କଥା ଭାବପୂର୍ଣ୍ଣ ଏବଂ ବର୍ଣ୍ଣନା ଅପେକ୍ଷା ଇଙ୍ଗିତ ଦ୍ୱାରା ପାଠକମାନଙ୍କ ହୃଦୟରେ ନୂତନ ନୂତନ ଭାବ ଓ ଚିନ୍ତା-ତରଙ୍ଗ-ସୃଷ୍ଟିର ଚେଷ୍ଟା କରେ । ନିବେଦିତାଙ୍କର ନିଜସ୍ୱ ଭାଷାରେ ତାଙ୍କ ଦ୍ୱାରା ଲିଖିତ ଏହି ଗ୍ରନ୍ଥରେ ପ୍ରତିପାଦିତ ବିଷୟ ସମ୍ପର୍କରେ ଆମେ କହୁ 'ଏପରି ଅନେକ ସମୟ ଆସିଛି, ଯାହା ଭୁଲିବାର ନୁହେଁ; ଏପରି ସବୁ କଥା ଶୁଣିଛୁ, ଯାହା ଆମମାନଙ୍କର ସମଗ୍ର ଜୀବନବ୍ୟାପୀ ପ୍ରତିଧ୍ୱନିତ ହୋଇ ଉଠୁଥିବ ।'…

ବିଶମ୍ବଦ

**ପ୍ରକାଶକ**

---

* ବର୍ତ୍ତମାନର ସଂକଳନରେ ସ୍ୱାମୀଜୀଙ୍କ କଥାଗୁଡ଼ିକ ଚୟନ କରାଯାଇଛି, ସେଥି ସଙ୍ଗେ ସଙ୍ଗେ ଆବଶ୍ୟକ ପୃଷ୍ଠଭୂମିକା ସନ୍ନିବେଶିତ ହୋଇଛି ।

# ପୂର୍ବାଭାଷ

ବ୍ୟକ୍ତିଗଣ—ସ୍ୱାମୀ ବିବେକାନନ୍ଦ, ତଦୀୟ ଗୁରୁଭ୍ରାତୃବୃନ୍ଦ ଏବଂ ଶିଷ୍ୟମଣ୍ଡଳୀ । ତଦୁପରି ପାଶ୍ଚାତ୍ୟ ଅଭ୍ୟାଗତ ଏବଂ ଶିଷ୍ୟ—ଧୀରାମାତା, ଜୟା ନାମ୍ନୀ ଏକ ମହିଳା ଓ ନିବେଦିତା ସେମାନଙ୍କ ମଧ୍ୟରେ ଅନ୍ୟତମ ।

ସ୍ଥାନ—ଭାରତର ବିଭିନ୍ନ ଅଂଶ

କାଳ—୧୮୯୮ ଖ୍ରୀଷ୍ଟାବ୍ଦ

ଏବର୍ଷ ଦିନଗୁଡ଼ିକ କି ସୁନ୍ଦର ଭାବରେ ନ କଟିଛି ! ଏହି ସମୟରେ ହିଁ ଆଦର୍ଶମାନ ବାସ୍ତବରେ ପରିଣତ ହୋଇଛି । ପ୍ରଥମେ ନଦୀତୀରବର୍ତ୍ତୀ ବେଲୁଡ଼ କୁଟୀରରେ, ତାହା ପରେ ହିମାଳୟବକ୍ଷରେ ନୈନିତାଲ୍ ଓ ଆଲମୋଡ଼ାରେ, ପରିଶେଷରେ କାଶ୍ମୀରର ନାନା ସ୍ଥାନରେ ଭ୍ରମଣକାଳରେ—ସର୍ବତ୍ର ହିଁ ଏପରି ସବୁ ସମୟ ଆସିଥିଲା, ଯାହା କଦାପି ଭୁଲିବାର ନୁହେଁ । ଏପରି ସବୁ କଥା ଆମେ ଶୁଣିଛୁ, ଯାହା ଆମର ସାରା ଜୀବନବ୍ୟାପୀ ପ୍ରତିଧ୍ୱନିତ ହେଉଥିବ ।

ବିରାଟ ପ୍ରତିଭାର ବିଶାଳ ଖିଆଲରେ ଆମେ କୌତୁକ କରିଛୁ, ବୀରତ୍ୱର ଉଚ୍ଛ୍ୱାସରେ ଉତ୍ତେଜିତ ହୋଇଉଠିଛୁ—ମନେହୁଏ, ଯେପରି ଏହିସମସ୍ତ ଦିବ୍ୟଲୀଳାରେ ବାଳରୂପୀ ଭଗବାନ ତାଙ୍କର ଶିଶୁଶଯ୍ୟାରୁ ଜାଗିଉଠିଛନ୍ତି, ଏବଂ ଆମେମାନେ ସାକ୍ଷୀସ୍ୱରୂପ ଦଣ୍ଡାୟମାନ ହୋଇ ନିରୀକ୍ଷଣ କରିଛୁ !

…ଦେଖିଛୁ ନକ୍ଷତ୍ରାଲୋକିତ ହିମାଚଳ-ଅରଣ୍ୟାନୀର ଦୃଶ୍ୟାବଳୀ, ଆଉ ମଧ୍ୟ ଦେଖିଛୁ ଦିଲ୍ଲୀ ଓ ତାଜର ରାଜୈଶ୍ୱର୍ଯ୍ୟ ସୌନ୍ଦର୍ଯ୍ୟରାଶି । ସ୍ମୃତିର ଏସକଳ ନିଦର୍ଶନ ବର୍ଣ୍ଣନା କରିବାକୁ କାହାର ଆଗ୍ରହ ନ ହୁଏ ! କିନ୍ତୁ ବର୍ଣ୍ଣନାରେ ତାହା ବିବର୍ଣ୍ଣ ହୋଇଉଠିବ—କାହିଁକି ନା ତାହା ଯେ ଅସମ୍ଭବ । ଯେହେତୁ ସ୍ମୃତିର ଆଲେଖ୍ୟରେ ନୁହେଁ, ସ୍ମୃତିର ଆଲୋକରେ ହିଁ ସେସବୁର ଅକ୍ଷୟ ପୁଣ୍ୟପ୍ରତିଷ୍ଠା । ଆଉ ସେହି ପ୍ରତିଷ୍ଠାରେ ଚିର ସଂଯୁକ୍ତ ହୋଇ ବିଦ୍ୟମାନ ରହିବେ ସେଠାର କୋମଳହୃଦୟ ଶାନ୍ତପ୍ରକୃତି ଅଧିବାସୀବୃନ୍ଦ ।

ଯେଉଁ ପ୍ରକାର ମାନସିକ ଅବସ୍ଥାରେ ନୂତନ ନୂତନ ଧର୍ମ-ବିଶ୍ୱାସ ପ୍ରସୂତ ହୁଏ ଏବଂ କିପରି ମହାପୁରୁଷମାନେ ଏପ୍ରକାର ଧର୍ମବିଶ୍ୱାସ ସଞ୍ଚାରିତ କରନ୍ତି—ଆମେ ସେବିଷୟର କେତେକାଂଶ ପ୍ରତ୍ୟକ୍ଷ କରିଛୁ । କାରଣ ଆମେ ଏ ପ୍ରକାର ଜଣେ ମହାପୁରୁଷଙ୍କ ସଙ୍ଗଲାଭ କରିଛୁ—ଯେ କି ସକଳ ପ୍ରକାର ଲୋକଙ୍କୁ ନିଜ ପ୍ରତି ଆକର୍ଷଣ କରନ୍ତି, ସକଳର ବକ୍ତବ୍ୟ ଶୁଣନ୍ତି, ପ୍ରତ୍ୟେକ ପ୍ରତି ସହାନୁଭୂତି ଦେଖାନ୍ତି, କାହାରିକୁ ହେଲେ ପ୍ରତ୍ୟାଖ୍ୟାନ କରନ୍ତି ନାହିଁ ।

ବିଦେଶୀର ଉପହାସସ୍ଥଳ, କିନ୍ତୁ ଦେଶବାସୀଙ୍କର ପୂଜାସ୍ପଦ ଭିକ୍ଷୁକର ବେଶରେ ତାହାଙ୍କୁ ଆମେ ଦେଖିଛୁ; ତେଣୁ ମନେହୁଏ, ଶ୍ରମଲବ୍ଧ ଜୀବିକା, ସାମାନ୍ୟ କୁଟୀରରେ ବାସ ଏବଂ ଶସ୍ୟକ୍ଷେତ୍ରବାହୀ ସାଧାରଣ ପଥ—କେବଳ ଏହି ସମସ୍ତ ପାରିପାର୍ଶ୍ୱିକ ଦୃଶ୍ୟପଟର ମଧ୍ୟରେ ହିଁ ଏଭଳି ଜୀବନର ପ୍ରକୃତ ଶୋଭା ଫୁଟିପାରେ ।

ତାଙ୍କର ସ୍ୱଦେଶବାସୀ ବିଦ୍ୱାନ୍ ଗ୍ରନ୍ଥକୀଟ-ବିଶାରଦ ପଣ୍ଡିତମଣ୍ଡଳୀ ତାଙ୍କୁ ଯେପରି ସୁଖ ପାଆନ୍ତି, ନିରକ୍ଷର ଅଜ୍ଞମାନେ ମଧ୍ୟ ସେହିପରି ସୁଖ ପାଆନ୍ତି । ତାଙ୍କର ନୌକାର ନାଉରୀ-ଭଉଣୀମାନେ କେତେବେଳେ ସେ ପୁଣି ନୌକାକୁ ଫେରିଆସିବେ, ସେଥିପାଇଁ ପଥ ଚାହିଁ ରହିଥାନ୍ତି । ଯେଉଁ ଗୃହରେ ସେ ଅତିଥି ହୁଅନ୍ତି, ସେହି ଗୃହର ପରିଚାରକ ଭୃତ୍ୟମାନଙ୍କ ମଧ୍ୟରେ କିଏ ଆଗେ ତାଙ୍କର ସେବା କରିବ, ସେଥିପାଇଁ ଭଡ଼ାଓଟରା ଲାଗିଯାଏ । ପୁଣି ଏହି ସମସ୍ତ ବ୍ୟାପାର ସର୍ବଦା ହିଁ ଯେପରି ଗୋଟିଏ ଲୀଳାର ଆବରଣରେ ଜଡ଼ିତ ଥାଏ । 'ସେମାନେ ଯେ ଭଗବାନଙ୍କ ଲୀଳାଖେଳାର ସଙ୍ଗୀ'—ଏହି ଭାବ ସେମାନଙ୍କ ମନରେ ସ୍ୱତଃ ଜାଗରୂକ ଥାଏ ।

ଯେଉଁମାନେ ଏ ପ୍ରକାର ଶୁଭମୁହୂର୍ତ୍ତର ଆସ୍ୱାଦ ପାଇଛନ୍ତି, ଜୀବନ ସେମାନଙ୍କ ନିକଟରେ ଅଧିକତର ମୂଲ୍ୟବାନ୍, ଅଧିକତର ମଧୁମୟ । ଦୀର୍ଘ ନିଦ୍ରାନିଦ ରଜନୀର ତାଳବନ-ସଞ୍ଚାରୀ ବାୟୁ ମଧ୍ୟ ଉଦ୍‌ବେଗ ଓ ଆଶଙ୍କା ପରିବର୍ତ୍ତିରେ ସେମାନଙ୍କ କର୍ଣ୍ଣରେ ଶାନ୍ତିମୟ 'ଶିବ ! ଶିବ !' ବାଣୀ ଧ୍ୱନିତ କରେ ।

## ୧

ସ୍ଥାନ—ବେଲୁଡ଼ରେ ଗଙ୍ଗାତୀରରେ ଖଣ୍ଡିଏ ଛୋଟ ଘର

କାଳ—ମାର୍ଚ୍ଚରୁ ୧୧ ମେ ପର୍ଯ୍ୟନ୍ତ

ଗଙ୍ଗାତୀରସ୍ଥ ଘରଖଣ୍ଡିକ ସମ୍ବନ୍ଧରେ ସ୍ୱାମୀଜୀ ଜଣେ ଲୋକଙ୍କୁ କହିଥିଲେ, 'ଧୀବ୍ରମାତାର କ୍ଷୁଦ୍ର ଘରଖଣ୍ଡି ତୁମର ସ୍ୱର୍ଗ ବୋଲି ମନେହେବ; କାରଣ ଏହାର ଆମୂଳଚୂଳ ସମସ୍ତ ହିଁ ସ୍ନେହ-ସରସ-କୋମଳ ।'

ବାସ୍ତବିକ୍ ତାହା ହିଁ । ଭିତରେ ଏକ ଅବିଚ୍ଛିନ୍ନ ମିଳାମିଶାର ଭାବ ଏବଂ ବାହାରେ ପ୍ରତ୍ୟେକ ଜିନିଷ ସମାନ ସୁନ୍ଦର; ଶ୍ୟାମଳ ବିସ୍ତୃତ ଶଷ୍ପରାଜି, ଉନ୍ନତ ନାରିକେଳ ବୃକ୍ଷାବଳି, ବନମଧ୍ୟସ୍ଥ ଛୋଟ ଛୋଟ ବାଦାମୀରଙ୍ଗର ଗ୍ରାମଗୁଡ଼ିକ—ସବୁ ହିଁ ସୁନ୍ଦର !

ଯେଉଁମାନଙ୍କ ମନରେ ଅତୀତର ସ୍ମୃତି ଜାଗରୂକ ରହିଛି, ଏପରି ଅନେକେ ମଧ୍ୟେ ମଧ୍ୟେ ଆସନ୍ତି ଏବଂ ଆମେ ସ୍ୱାମୀଜୀଙ୍କର ଅଷ୍ଟବର୍ଷବ୍ୟାପୀ ଭ୍ରମଣର କିଛି କିଛି ବିବରଣ ଶୁଣିବାକୁ ପାଉଁ; ଗ୍ରାମରୁ ଗ୍ରାମାନ୍ତରକୁ ଗମନ-କାଳରେ ତାଙ୍କର ନାମ-ପରିବର୍ତ୍ତନର କଥା, ତାଙ୍କର ନିର୍ବିକଳ୍ପ ସମାଧିର କଥା ଏବଂ ଯାହା ବାକ୍ୟର ଅତୀତ ଓ ସାଧାରଣ ଦୃଷ୍ଟିର ବହିର୍ଭୂତ, ଯାହା କେବଳ ପ୍ରେମିକ ହୃଦୟର ହିଁ ଅନୁଭବଗମ୍ୟ, ପରାର୍ଥେ ସ୍ୱାମୀଜୀଙ୍କର ସେହି ପବିତ୍ର ମର୍ମବେଦନାର କଥା ମଧ୍ୟ ଆମେ ଶ୍ରବଣ କରୁ । ପୁଣି ସ୍ୱୟଂ ସ୍ୱାମୀଜୀ ସେଠାକୁ ଆସନ୍ତି ଏବଂ ଆସି ଉମା-ମହେଶ୍ୱରଙ୍କର ଏବଂ ରାଧା-କୃଷ୍ଣଙ୍କର ଗଳ୍ପ କହନ୍ତି ଏବଂ କେତେ ଗୀତ ଓ କବିତାର ଆଂଶିକ ଆବୃତ୍ତି କରନ୍ତି ।

ଅଧିକାଂଶ ସମୟ ସେ ଆଜ ଗୋଟିଏ, କାଲି ଗୋଟିଏ—ଏହିପରି ଭାବରେ ଭାରତୀୟ ଧର୍ମଗୁଡ଼ିକୁ ଆମମାନଙ୍କ ନିକଟରେ ବର୍ଣ୍ଣନା କରନ୍ତି । ତାଙ୍କର ଯେତେବେଳେ ଯେପରି ଖିଆଲ ଆସେ, ସେହିପରି କୌଣସି ଗୋଟିଏ ବିଷୟ ବାଛିନିଅନ୍ତି । ସେ କେବଳ ଯେ ଧର୍ମବିଷୟକ ଉପଦେଶ ଆମମାନଙ୍କୁ ଦିଅନ୍ତି ତାହା ନୁହେଁ, କେତେବେଳେ ଇତିହାସ, କେତେବେଳେ ମଧ୍ୟ ଲୌକିକ ଉପକଥା, କେତେବେଳେ ଅବା ବିଭିନ୍ନ ସମାଜ, ଜାତିବିଭାଗ ଓ ଲୋକାଚାରର ବହୁ ଉଦ୍ଭଟ ପରିଣତି ଓ ଅସଙ୍ଗତି—ଏସବୁର ମଧ୍ୟ ଆଲୋଚନା ହୁଏ । ବାସ୍ତବିକ ତାଙ୍କର ଶ୍ରୋତୃବୃନ୍ଦଙ୍କର ମନେହୁଏ, ଯେପରିକି ଭାରତମାତା ଶେଷ ଏବଂ ଶ୍ରେଷ୍ଠ ପୁରାଣ-ସ୍ୱରୂପ ହୋଇ ତାଙ୍କର ଶ୍ରୀମୁଖାବଲମ୍ବନରେ ସ୍ୱୟଂ ପ୍ରକଟିତ ହୋଇଛନ୍ତି ।

ଭାରତସଂକ୍ରାନ୍ତ ବିଷୟରେ ଯାହା କିଛି ପାଶ୍ଚାତ୍ୟ ମନ ପକ୍ଷରେ ଉପଭୋଗ କରିବା ଅସମ୍ଭବ ବୋଧ ହୁଏ, ସେଗୁଡ଼ିକୁ ସେ ଶିକ୍ଷାର ପ୍ରାରମ୍ଭରେ ହିଁ ବେଶୀ ଖୁବ୍ କରି ବଢ଼ାଇ ଆମମାନଙ୍କ ସମକ୍ଷରେ ଉପସ୍ଥାପିତ କରନ୍ତି । ଏହିରୂପେ ହୁଏତ ସେ ହରଗୌରୀଙ୍କ ମିଳନାତ୍ମକ ଏକ କବିତା ଆବୃତ୍ତି କରନ୍ତି :

କସ୍ତୂରିକାଚନ୍ଦନଲେପନାୟୈ, ଶ୍ମଶାନଭସ୍ମାଙ୍ଗବିଲେପନାୟ ।
ସତ୍କୁଣ୍ଡଳାୟୈ ଫଣିକୁଣ୍ଡଳାୟ, ନମଃ ଶିବାୟୈ ଚ ନମଃ ଶିବାୟ ॥
ମନ୍ଦାରମାଲାପରିଶୋଭିତାୟୈ, କପାଳମାଲାପରିଶୋଭିତାୟ ।
ଦିବ୍ୟାମ୍ବରାୟୈ ଚ ଦିଗମ୍ବରାୟ, ନମଃ ଶିବାୟୈ ଚ ନମଃ ଶିବାୟ ॥

... ... ...

ଚାମ୍ପେୟଗୌରାର୍ଦ୍ଧଶରୀରକାୟୈ, କର୍ପୂରଗୌରାର୍ଦ୍ଧଶରୀରକାୟ ।
ଧମ୍ମିଲ୍ଲବତ୍ୟୈ ଚ ଜଟାଧରାୟ, ନମଃ ଶିବାୟୈ ଚ ନମଃ ଶିବାୟ ॥
ଅମ୍ଭୋଧରଶ୍ୟାମଲକୁନ୍ତଳାୟୈ, ବିଭୂତିଭୂଷାଙ୍ଗଜଟାଧରାୟ ।
ଜଗଜ୍ଜନନ୍ୟୈ ଜଗଦେକପିତ୍ରେ, ନମଃ ଶିବାୟୈ ଚ ନମଃ ଶିବାୟ ॥
ସଦା ଶିବାନାଂ ପରିଭୂଷଣାୟୈ, ସଦାଶିବାନାଂ ପରିଭୂଷଣାୟ ॥
ଶିବାନ୍ୱିତାୟୈ ଚ ଶିବାନ୍ୱିତାୟ, ନମଃ ଶିବାୟୈ ଚ ନମଃ ଶିବାୟ ॥

(ଅର୍ଦ୍ଧନାରୀଶ୍ୱରସ୍ତୋତ୍ରମ୍—ଶଙ୍କରାଚାର୍ଯ୍ୟ)

ଆଲୋଚନାର ବିଷୟ ଯାହା ହେଉ ନା କାହିଁକି, ତାହା ସର୍ବଦା ହିଁ ପରିଣାମରେ ଅଦ୍ୱୟ ଅନନ୍ତଙ୍କ କଥାରେ ପର୍ଯ୍ୟବସିତ ହେଉଥିଲା । ସାହିତ୍ୟ, ପ୍ରତ୍ନତତ୍ତ୍ୱ ଅଥବା ବିଜ୍ଞାନ—ଯେକୌଣସି ତତ୍ତ୍ୱର ବିଚାରରେ ସେ ପ୍ରବୃତ୍ତ ହୁଅନ୍ତୁ ନା କାହିଁକି, ସେହିଟି ଯେ ସେହି ଚରମ ଅନୁଭୂତିର ଗୋଟିଏ ଦୃଷ୍ଟାନ୍ତ ମାତ୍ର, ତାହା ସେ ସର୍ବଦା ଆମମାନଙ୍କ ମନରେ ବଦ୍ଧମୂଳ କରି-ଦେଉଥିଲେ । ତାଙ୍କ ଚକ୍ଷୁରେ କୌଣସି ଜିନିଷ ଧର୍ମ-ପରିସରବହିର୍ଭୂତ ନ ଥିଲା । ବନ୍ଧନକୁ ସେ ଅତ୍ୟନ୍ତ ଘୃଣାଚକ୍ଷୁରେ ଦେଖୁଥିଲେ, ଏବଂ ଯେଉଁମାନେ 'ଶୃଙ୍ଖଳକୁ ପୁଷ୍ପର ଆବରଣରେ ଢାଙ୍କିବାକୁ ଚାହାଁନ୍ତି' ସେମାନଙ୍କୁ ସେ ଭୟଙ୍କର ଲୋକ ବୋଲି ଗଣ୍ୟ କରିଥିଲେ; କିନ୍ତୁ ତାହା ବୋଲି ଉଚ୍ଛୃଙ୍ଖଳର ରହସ୍ୟକ୍ଷେତ୍ରର ଏବଂ ଏବିଷୟ ମଧ୍ୟରେ ପ୍ରକୃତ ସମାଲୋଚକ ଯେଉଁ ବ୍ୟବଧାନ

ଦେଖିବାକୁ ପାଆନ୍ତି, ତାହା କେବେହେଲେ ତାଙ୍କର ଦୃଷ୍ଟି ଏଡ଼ାଉ ନ ଥିଲା । ଦିନେ ଆମେ କେତେ ଜଣ ୟୁରୋପୀୟ ଭଦ୍ରଲୋକଙ୍କୁ ନିମନ୍ତ୍ରଣ କରିଥିଲୁ । ସ୍ୱାମୀଜୀ ସେଦିନ ପାରସିକ କବିତାର ବିସ୍ତୃତ ଭାବରେ ଆଲୋଚନା କରିଥିଲେ :

'ପ୍ରିୟତମଙ୍କ ମୁଖର ଗୋଟିଏ ତିଲ ବଦଳରେ ମୁଁ ସମରକନ୍ଦର ସମସ୍ତ ଐଶ୍ୱର୍ଯ୍ୟ ଉଜାଡ଼ ଦେବାକୁ ପ୍ରସ୍ତୁତ !'

—ଏହି ପଦଟି ଆବୃତ୍ତି କରି କରି ସେ ସହସା ଅତି ଉତ୍ସାହର ସହିତ କହିଉଠିଲେ, 'ଦେଖ, ଯେଉଁ ଲୋକ ଗୋଟିଏ ପ୍ରେମସଙ୍ଗୀତର ମାଧୁର୍ଯ୍ୟ ବୁଝିପାରେ ନାହିଁ, ତାହା ପାଇଁ ମୁଁ କାଣିକଉଡ଼ିଟିଏ ମଧ୍ୟ ଦିଏ ନାହିଁ ।' ତାଙ୍କର କଥାବାର୍ତ୍ତା ସରସ ଉକ୍ତିସମୂହରେ ପରିପୂର୍ଣ୍ଣ ରହୁଥିଲା । ସେଦିନ ଅପରାହ୍ଣରେ କୌଣସି ରାଜନୈତିକ ବିଷୟର ବିଚାର କରୁ କରୁ ସେ କହିଲେ, 'ଦେଖାଯାଉଛି ଯେ, ଗୋଟିଏ ଜାତିଗଠନ ପକ୍ଷରେ ଜାତିଗତ ପ୍ରୀତି ଭଳି ଏକ ଜାତିଗତ ବିରାଗର ମଧ୍ୟ ଆବଶ୍ୟକତା ଅଛି !'

କେତେକ ମାସ ପରେ ସେ କହିଥିଲେ, 'ଯାହାଙ୍କର ଜଗତରେ କୌଣସି ବିଶେଷ କାର୍ଯ୍ୟ କରିବାର ଅଛି, ତାଙ୍କ ନିକଟରେ ମୁଁ କେତେବେଳେ ହେଲେ ଉମାମହେଶ୍ୱର ଭିନ୍ନ ଅନ୍ୟ ଦେବଦେବୀଙ୍କ କଥା କହେ ନାହିଁ । କାରଣ, ମହେଶ୍ୱର ଏବଂ ଜଗନ୍ମାତାଙ୍କଠାରୁ ହିଁ କର୍ମୀମାନଙ୍କର ଉଦ୍ଭବ ।' ଭଗବାନଙ୍କ ପ୍ରତି ଉଦ୍ଦାମ ପ୍ରେମରେ ଆତ୍ମହରା ହେବା ଯେ କି ଜିନିଷ, ସେ ତାହାର ଆଭାସ ନ ଦେଇ ରହିପାରୁ ନ ଥିଲେ । ତେଣୁ ସେ ଆମମାନଙ୍କ ନିକଟରେ ଏହି ସବୁ ଗୀତ ସ୍ୱରଲହରୀ ସହକାରେ ଗାଉଥିଲେ :

ପ୍ରେମେର ରାଜା କୁଞ୍ଜବନେ କିଶୋରୀ,
ପ୍ରେମେର ଦ୍ୱାରେ ଆଛେ ଦ୍ୱାରୀ, କରେ ମୋହନ ବାଁଶରୀ;
ବାଁଶୀ ବଲ୍‌ଚେ ରେ ସଦାଇ, ପ୍ରେମ ବିଲବେ କଳ୍ପତରୁ ରାଇ,
କାରୁ ଯେତେ ମାନା ନାଇ !
ଡାକ୍‌ଚେ ବାଁଶୀ—ଆୟ ପିପାସୀ ଜୟ ରାଧେ ନାମ ଗାନ କରେ ।*

ସେ ତାଙ୍କର ବନ୍ଧୁଙ୍କ ରଚିତ** ଗୋପଗୋପୀଗଣଙ୍କର ଉତ୍ତର-ପ୍ରତ୍ୟୁତ୍ତର-ସୂଚକ ଭାବଗମ୍ଭୀର ଗୀତଟି ମଧ୍ୟ ଶୁଣାଉଥିଲେ :

ପରମାତ୍ମନ ପୀତବସନ ନବଘନଶ୍ୟାମକାନ୍ତ,
କାଲ ବ୍ରଜେର ରାଖାଲ ଧରେ ରାଧାର ପାନ୍ଥ ।
ବନ୍ଦ ପ୍ରାଣ ନନ୍ଦଦୁଲାଲ ନମୋ ନମୋ ପଦପଙ୍କଜେ,
ମରି ମରି ମରି, ବାଁକାନୟନ ଗୋପୀର ମନ ମଜେ ।
ପାଣ୍ଡବସଖା ସାରଥି ରଥେ, ବାଁଶୀ ବାଜାୟ ବ୍ରଜେର ପଥେ ପଥେ ।

---

* କବି ଗିରିଶଚନ୍ଦ୍ର ଘୋଷଙ୍କ ପ୍ରଣୀତ 'ନିମାଇ-ସନ୍ନ୍ୟାସ' ନାଟକରୁ ।
** ନାଟ୍ୟାଚାର୍ଯ୍ୟ ଗିରିଶଚନ୍ଦ୍ର ଘୋଷ ।

ଯଜ୍ଞେଶ୍ୱର ବୀତଭୟ ହର ଯାଦବରାୟ,
ପ୍ରେମେ ରାଧା ବଳେ ନୟନ ଭେସେ ଯାୟ ।

୨୫ ମାର୍ଚ୍ଚ । ପ୍ରାତଃକାଳର କୁଟୀରକୁ ଆସି ସକାଳଓଳି କେତେ ଘଣ୍ଟା ସେଠାରେ ଅତିବାହିତ କରିବା, ପୁଣି ଉପରଓଳି ସେଠାକୁ ଆଗମନ କରିବା—ଏହା ହିଁ ସ୍ୱାମୀଜୀଙ୍କର ଏହି ସମୟର ନିୟମ ଥିଲା । କିନ୍ତୁ ଏହିରୂପେ ସାକ୍ଷାତ୍ର ଦ୍ୱିତୀୟ ଦିନ ସକାଳେ—ଶୁକ୍ରବାର ଈଶାଈଗଣଙ୍କର ଜ୍ଞାପନୋତ୍ସବର* ଦିନ—ସେ ଫେରିଦାହେଲେ ଆମ ତିନି ଜଣଙ୍କୁ ସାଙ୍ଗରେ ମଠକୁ ନେଇଗଲେ ଏବଂ ସେଠାରେ ଠାକୁରଘରେ ସଂକ୍ଷିପ୍ତ ଅନୁଷ୍ଠାନାନନ୍ତର ଜଣକୁ ବ୍ରହ୍ମଚର୍ଯ୍ୟବ୍ରତରେ ଦୀକ୍ଷିତ କଲେ । ସେହି ପ୍ରଭାତଟି ଜୀବନରେ ସର୍ବାପେକ୍ଷା ଆନନ୍ଦମୟ ପ୍ରଭାତ । ପୂଜା ଶେଷରେ ଆମେମାନେ ଉପରମହଲକୁ ଗଲୁ । ସ୍ୱାମୀଜୀ ଯୋଗୀ ଶିବଙ୍କ ସଦୃଶ ଜଟା, ବିଭୂତି ଓ ହାଡ଼ର କୁଣ୍ଡଳ ପରିଧାନ କରି ଏକଘଣ୍ଟାକାଳ ଭାରତୀୟ ବାଦ୍ୟଯନ୍ତ୍ର-ସଂଯୋଗରେ ଭାରତୀୟ ଗୀତ ଗାଇଲେ ।

ତାହାପରେ ସନ୍ଧ୍ୟା ସମୟରେ ଗଙ୍ଗାବକ୍ଷରେ ଆମମାନଙ୍କର ନୌକାରେ ବସି ସେ ଆମମାନଙ୍କ ନିକଟରେ ଅକପଟଭାବରେ ତାଙ୍କର ଗୁରୁଦେବଙ୍କ ନିକଟରୁ ଦାୟରୂପେ ପ୍ରାପ୍ତ ସେହି ମହତ୍ କାର୍ଯ୍ୟ ସମ୍ବନ୍ଧରେ ନାନା ପ୍ରଶ୍ନ ଏବଂ ଭାବନା-ବିଷୟକ ଅନେକ କଥା କହିଲେ ।

ଆଉ ଏକ ସପ୍ତାହ ପରେ ସେ ଦାର୍ଜିଲିଂ ଯାତ୍ରା କଲେ ।

୩ ମେ । ତା'ପରେ ଆମମାନଙ୍କ ଭିତରୁ ଦୁଇ ଜଣ ପରମାରାଧ୍ୟା ଶ୍ରୀଶ୍ରୀମାତା-ଠାକୁରାଣୀଙ୍କ ଗୃହରେ ତାଙ୍କର ସାକ୍ଷାତ୍ ପାଇଲେ । ସେତେବେଳେ ରାଜନୈତିକ ଗଗନ ତମସାଚ୍ଛନ୍ନ । ଗୋଟାଏ ଝଡ଼ର ସୂଚନା ଦେଖାଯାଉଥିଲା । ଏହା ପୂର୍ବରୁ ହିଁ ପ୍ଲେଗ-ଆତଙ୍କ ଓ ଦଙ୍ଗା-ହାଙ୍ଗାମା ନିଜ ନିଜର ଭୀଷଣ ମୂର୍ତ୍ତି ଦେଖାଇବାକୁ ଆରମ୍ଭ କରିଥିଲେ । ଆଚାର୍ଯ୍ୟଦେବ ଆମମାନଙ୍କ ଭିତରୁ ଦୁଇ ଜଣଙ୍କୁ ଲକ୍ଷ୍ୟ କରି କହିଲେ, 'ମା କାଳୀଙ୍କର ଅସ୍ତିତ୍ୱ ସମ୍ବନ୍ଧରେ କେତେକ ଲୋକ ବ୍ୟଙ୍ଗ ବିଦ୍ରୁପ କରନ୍ତି; କିନ୍ତୁ ଦେଖ, ଆଜି ମା ପ୍ରଜାଗଣଙ୍କ ମଧ୍ୟରେ ଆବିର୍ଭୂତା ହୋଇଛନ୍ତି । ଭୟରେ ସେମାନେ କୂଳକିନାରା ଦେଖିବାକୁ ପାଉ ନାହାନ୍ତି ଏବଂ ମୃତ୍ୟୁର ଦଣ୍ଡଦାତା ସୈନିକବୃନ୍ଦଙ୍କୁ ଡକା ପଡ଼ିଛି । କିଏ କହିପାରେ ଯେ, ଭଗବାନ ଶୁଭ ଭଳି ଅଶୁଭ ରୂପରେ ମଧ୍ୟ ଆତ୍ମପ୍ରକାଶ କରନ୍ତି ନାହିଁ ! କିନ୍ତୁ କେବଳ ହିନ୍ଦୁ ହିଁ ତାହାଙ୍କୁ ଅଶୁଭ ରୂପରେ ମଧ୍ୟ ପୂଜା କରିବାକୁ ସାହସୀ ହୁଏ ।'

ମହାମାରୀ ଦେଖା ଦେଇଥିଲା ଏବଂ ଜନସାଧାରଣଙ୍କୁ ସାହସ ଦେବା ନିମିତ୍ତ ବ୍ୟବସ୍ଥା ମଧ୍ୟ ଚାଲିଥିଲା । ଯେତେଦିନ ଏହି ଆଶଙ୍କା ସବୁଦିଗକୁ ଆତଙ୍କିତ କରି ରଖିଥିଲା, ସେତେଦିନ ସ୍ୱାମୀଜୀ କଲିକତା ପରିତ୍ୟାଗ କରିବାକୁ ସମ୍ମତ ହେଲେ ନାହିଁ । ଏହି ଆଶଙ୍କା କଟିଗଲା ସତ, କିନ୍ତୁ ସଙ୍ଗେ ସଙ୍ଗେ ସେହି ସୁଖର ଦିନଗୁଡ଼ିକ ଅନ୍ତର୍ହିତ ହେଲା । ଆମମାନଙ୍କର ମଧ୍ୟ ଯାତ୍ରା କରିବାର ସମୟ ଆସିଲା ।

---

* The Day of Annunciation—ଯେଉଁଦିନ ଦେବଦୂତ ଆସି ଈଶାଜନନୀ ମେରୀଙ୍କୁ 'ତାଙ୍କର ଗର୍ଭରେ ଭଗବାନ ଜନ୍ମନେବେ' ଏହି କଥା ଜ୍ଞାପନ କରିଥିଲେ ।

## ୨

ସ୍ଥାନ—ହିମାଳୟ
କାଳ—୧୧ ମେ'ରୁ ୨୫ ମେ ପର୍ଯ୍ୟନ୍ତ

ଆମେ ଗୋଟିଏ ବଡ଼ ଦଳ, ଅଥବା ପ୍ରକୃତପକ୍ଷରେ ଦୁଇଟି ଦଳ—ବୁଧବାର ସନ୍ଧ୍ୟା-ସମୟରେ ହାଓଡ଼ା ଷ୍ଟେସନରୁ ଯାତ୍ରା କରି ଶୁକ୍ରବାର ପ୍ରାତଃକାଳରେ ହିମାଳୟ ସମ୍ମୁଖରେ ଉପସ୍ଥିତ ହେଲୁ ।

ତିନୋଟି ଘଟଣା ନୈନିତାଲକୁ ମଧୁମୟ କରି ତୋଳିଥିଲା—ଖେତଡ଼ିର ରାଜାଙ୍କୁ ଆମମାନଙ୍କ ନିକଟରେ ପରିଚିତ କରାଇଦେଇ ସ୍ୱାମୀଜୀଙ୍କର ଆନନ୍ଦ; ଦୁଇଜଣ ବାଈଜୀଙ୍କର ଆମମାନଙ୍କ ନିକଟରୁ ସନ୍ଧାନ ଜାଣିନେଇ ସ୍ୱାମୀଜୀଙ୍କ ନିକଟକୁ ଗମନ ଏବଂ ଅନ୍ୟର ନିଷେଧ ସତ୍ତ୍ୱେ ସ୍ୱାମୀଜୀଙ୍କର ସେମାନଙ୍କୁ ସାଦରେ ଅଭ୍ୟର୍ଥନା କରିବା; ଆଉ ଜଣେ ମୁସଲମାନ ଭଦ୍ରଲୋକଙ୍କର ଏହି ଉକ୍ତି : 'ସ୍ୱାମୀଜୀ, ଯଦି ଭବିଷ୍ୟତରେ କେହି ଆପଣଙ୍କୁ ଅବତାର ବୋଲି ଦାବି କରନ୍ତି, ସ୍ମରଣ ରଖିବେ ଯେ, ମୁଁ ମୁସଲମାନ ହୋଇ ମଧ୍ୟ ସେସମସ୍ତଙ୍କର ଅଗ୍ରଣୀ ।'

ଏହିଠାରେ, ଏହି ନୈନିତାଲରେ ହିଁ ସ୍ୱାମୀଜୀ ରାଜା ରାମମୋହନ ରାୟଙ୍କ ସମ୍ବନ୍ଧରେ ଅନେକ କଥା କହିଥିଲେ; ସେଥିରେ ସେ ତିନୋଟି ବିଷୟକୁ ଏହି ଆଚାର୍ଯ୍ୟଙ୍କର ଶିକ୍ଷାର ମୂଳସୂତ୍ର ବୋଲି ନିର୍ଦ୍ଦେଶ କରିଥିଲେ—ତାଙ୍କର ବେଦାନ୍ତଗ୍ରହଣ, ସ୍ୱଦେଶ-ପ୍ରେମ-ପ୍ରଚାର ଏବଂ ହିନ୍ଦୁ-ମୁସଲମାନମାନଙ୍କୁ ସମଭାବରେ ଭଲ ପାଇବା । ଏହିସବୁ ବିଷୟରେ ରାଜା ରାମମୋହନ ରାୟଙ୍କ ଉଦାରତା ଓ ଭବିଷ୍ୟତ୍-ଦର୍ଶିତା ଯେଉଁ କାର୍ଯ୍ୟପ୍ରଣାଳୀର ସୂଚନା ଦେଇଥିଲା, ସେ ନିଜେ ମାତ୍ର ତାହାକୁ ହିଁ ଅବଲମ୍ବନ କରି ଅଗ୍ରସର ହୋଇଥିଲେ ବୋଲି ଦାବି କରୁଥିଲେ ।

ନର୍ତ୍ତକୀଦ୍ୱୟ-ସଂକ୍ରାନ୍ତ ଘଟଣାଟି ଆମମାନଙ୍କର ନୈନି-ସରୋବରର ଶିରୋଭାଗରେ ଅବସ୍ଥିତ ମନ୍ଦିରଦ୍ୱୟଦର୍ଶନ-ଉପଲକ୍ଷରେ ଘଟିଥିଲା । ଏହି ଦୁଇଟି ମନ୍ଦିର ସ୍ମରଣାତୀତ କାଳରୁ ତୀର୍ଥରୂପରେ ରମ୍ୟ 'ନୈନିତାଲ'ର ପବିତ୍ରତା ସମ୍ପାଦନ କରି ଆସିଅଛି । ଏହି ସ୍ଥାନରେ ଆମେ ଦୁଇଜଣ ବାଈଜୀଙ୍କୁ ପୂଜାରେ ରତ ଥିବାର ଦେଖିଲୁ । ପୂଜାନ୍ତେ ସେମାନେ ଆମମାନଙ୍କ ନିକଟକୁ ଆସିଲେ ଏବଂ ଆମେମାନେ ଭଙ୍ଗାଭଙ୍ଗା ଭାଷାରେ ସେମାନଙ୍କ ସହିତ ଆଳାପ କରିବାକୁ ଲାଗିଲୁ । ଆମେ ସେମାନଙ୍କୁ ନୈନିତାଲ ସହରର କୌଣସି ସମ୍ଭ୍ରାନ୍ତବଂଶର ରମଣୀ ବୋଲି ଭୁଲ ଭାବିଥିଲୁ ଏବଂ ସ୍ୱାମୀଜୀ ସେମାନଙ୍କୁ ତଡ଼ିଦେବାକୁ ଅସ୍ୱୀକାର କରିବାରୁ ଉପସ୍ଥିତ ଜନମଣ୍ଡଳୀଙ୍କ ମନରେ ଯେ ଗୋଟାଏ ଆନ୍ଦୋଳନ ସୃଜିଥିଲା, ତାହା ସେତେବେଳେ ଲକ୍ଷ୍ୟ ନ କଲେ ମଧ୍ୟ ପରେ ଜାଣିପାରି ଅତୀବ ବିସ୍ମିତ ହୋଇଥିଲୁ । ମୋର ଯେତେଦୂର ସ୍ମରଣ ହୁଏ, ଖେତଡ଼ିର ବାଈଜୀଙ୍କ ସମ୍ପର୍କରେ ଯେଉଁ ଗଳ୍ପ ସେ ବାରମ୍ବାର କହନ୍ତି, ତାହା ପ୍ରଥମ ଥର ସମ୍ଭବତଃ ଏହି ନୈନିତାଲର ବାଈଜୀ ପ୍ରସଙ୍ଗରେ ହିଁ କହିଥିଲେ । ଖେତଡ଼ିର ସେହି ବାଈଜୀକୁ ଦେଖିବାକୁ ଯିବାର ନିମନ୍ତ୍ରଣ ପାଇ ସେ କ୍ରୁଦ୍ଧ ହୋଇଥିଲେ; କିନ୍ତୁ ପରିଶେଷରେ ଅନେକ ଅନୁରୋଧରେ ସେଠାକୁ ଗମନ କରିଥିଲେ ଏବଂ ତା'ର ସଙ୍ଗୀତ ଶ୍ରବଣ କରିଥିଲେ :

ପ୍ରଭୁ ମେରା ଅବଗୁଣ ଚିତ ନ ଧରୋ, ସମଦରଶୀ ହୈ ନାମ ତୁମ୍‌ହାରୋ ।
ଇକ ଲୋହ ପୂଜାମେଁ ରହତ ହୈ, ଏକ ରହେ ବ୍ୟାଧଘର ପରୋ ।
ପାରଶକେ ମନ ଦ୍ୱିଧା ନେହି ହୈ, ଦୁହୁଁ ଏକ କାଞ୍ଚନ କରୋ ॥
ଏକ ନଦୀ ଏକ ନହର ବହତ ମିଲି ନୀର ଭରୋ ।
ଜବ ମିଲେ ତବ ଏକ ବରଣ ହୋୟ, ଗଙ୍ଗାନାମ ପରୋ ॥
ଏକ ମାୟା, ଏକ ବ୍ରହ୍ମ, କହତ ସୁରଦାସ ଝଗରୋ ।
ଅଜ୍ଞାନସେ ଭେଦ ହୋଏୱେ, ଜ୍ଞାନୀ କାହେ ଭେଦ କରୋ ॥

ଏହାପରେ ଆଚାର୍ଯ୍ୟଦେବ ନିଜ ମୁଖରେ କହିଛନ୍ତି, ଯେପରି ତାଙ୍କର ଚକ୍ଷୁ ସମ୍ମୁଖରୁ ଏକ ପର୍ଦ୍ଦା ଉଠିଗଲା ଏବଂ ସବୁ ଯେ ଏକ ଛଡ଼ା ଦୁଇ ନୁହେଁ—ଏହା ଉପଲବ୍ଧି କରି ସେ ତା'ପରେ ଆଉ କାହାରିକୁ ହେଲେ ମନ୍ଦ ବୋଲି ଦେଖି ନାହାନ୍ତି ।

ଯେତେବେଳେ ଆମେମାନେ ନୈନିତାଲରୁ ଆଲମୋଡ଼ା ଯାତ୍ରା କଲୁ, ସେତେବେଳକୁ ବେଳ ଗଡ଼ିଆସିଛି; ବନପଥ ଅତିକ୍ରମ କରୁ କରୁ ରାତି ହୋଇଗଲା । ଅବଶେଷରେ ପାଦପାନ୍ତଶାଳରେ ପର୍ବତଗାତ୍ରରେ ଅପରୂପ ଭାବରେ ସ୍ଥାପିତ ଗୋଟିଏ ଡାକବଙ୍ଗଳାରେ ପହଞ୍ଚିଲୁ । ସ୍ୱାମୀଜୀ କିୟତ୍‌କ୍ଷଣ ପରେ ଦଳବଳ-ସହ ସେଠାରେ ପହଞ୍ଚିଲେ । ତାଙ୍କର ବଦନ ଆନନ୍ଦୋତ୍‌ଫୁଲ୍ଲ, ସ୍ୱୀୟ ଅତିଥିଗଣଙ୍କ ସ୍ୱାଚ୍ଛନ୍ଦ୍ୟବିଧାୟକ ପ୍ରତ୍ୟେକ ଛିକିନିଖି ଦିଗକୁ ତାଙ୍କର ପୂର୍ଣ୍ଣ ଦୃଷ୍ଟି ।

ପ୍ରାତଃଭୋଜନ ସମୟରେ ଆମମାନଙ୍କ ଗୃହକୁ ଆସି କେତେକ ଘଣ୍ଟା କଥାବାର୍ତ୍ତାରେ କଟାଇଦେବା ସ୍ୱାମୀଜୀଙ୍କର ପୁରାତନ ଅଭ୍ୟାସ ଥିଲା । ଆମମାନଙ୍କର ଆଲମୋଡ଼ା ପହଞ୍ଚିବା ଦିନଠାରୁ ସ୍ୱାମୀଜୀ ଏହି ଅଭ୍ୟାସ ପୁନରାୟ ଆରମ୍ଭ କଲେ । ସେତେବେଳେ (ଏବଂ ସବୁ ସମୟରେ ହିଁ) ସେ ଅତି ଅଳ୍ପ ସମୟ ଶୋଉଥିଲେ ଏବଂ ମନେହୁଏ, ସେ ଯେ ଏତେ ପ୍ରାତଃରୁ ଆମ ନିକଟକୁ ଆସୁଥିଲେ, ତାହା ନିଶ୍ଚିତ ଭାବରେ ଆହୁରି ସକାଳୁ ସନ୍ନ୍ୟାସୀଗଣଙ୍କ ସହିତ ଅରେ ଭ୍ରମଣ ଶେଷ କରି ଫେରିବା ସମୟରେ । କେବେ କେବେ, ଅତ୍ୟନ୍ତ କ୍ୱଚିତ୍, ଆମେ ଉପରଓଳି ମଧ୍ୟ ତାଙ୍କର ଦେଖାପାଉ, ହୁଏତ ସେ ବୁଲିବାକୁ ବାହାରନ୍ତି, ନତୁବା ଆମେ ନିଜେ ସେ ଯେଉଁଠାରେ ଦଳବଳ ସହ ଅବସ୍ଥାନ କରୁଥିଲେ, ସେହି କ୍ୟାପ୍‌ଟେନ ସେଭିଅରଙ୍କ ଗୃହକୁ ଯାଇ ତାଙ୍କ ସହିତ ଦେଖା କରୁଥିଲୁ ।

ଆଲମୋଡ଼ାର ଏହି ପ୍ରାତଃକାଳୀନ କଥୋପକଥନଗୁଡ଼ିକରେ ଏକ ନୂତନ ଓ ଅନନୁଭୂତପୂର୍ବ ବ୍ୟାପାର ଆସି ଜୁଟିଥିଲା । ତାହାର ସ୍ମୃତି କଷ୍ଟକର ହେଲେ ମଧ୍ୟ ଶିକ୍ଷାପ୍ରଦ । ଦିନେ ସ୍ୱାମୀଜୀ ଉଲ୍ଲାସରେ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିବା ଏକ ଇଂରାଜ ମହିଳାଙ୍କୁ ପଚାରିଥିଲେ, 'ତୁମେ ଏବେ କେଉଁ ଜାତିଭୁକ୍ତା ?' ଉତ୍ତର ଶୁଣି ସ୍ୱାମୀଜୀ ବିସ୍ମିତ ହେଲେ—ଦେଖିଲେ, ସେ ଇଂରେଜଙ୍କ ଜାତୀୟ-ପତାକାକୁ କି ପ୍ରଗାଢ଼ ଭକ୍ତି ଓ ପୂଜାର ଚକ୍ଷୁରେ ଦେଖନ୍ତି; ଦେଖିଲେ ଯେ, ଜଣେ ଭାରତୀୟ ରମଣୀର ତା'ର ଇଷ୍ଟଦେବତା ପ୍ରତି ଯେଉଁ ଭାବ, ଜଣେ ଇଂରେଜ ମହିଳାଙ୍କର ମଧ୍ୟ ଏହି ପତାକା ପ୍ରତି ଅନେକଟା ସେହି ଭାବ ।

ସ୍ୱାମୀଜୀ କହି ଉଠିଥିଲେ, 'ବାସ୍ତବିକ୍ ତୁମର ଯେପରି ସ୍ୱଜାତିପ୍ରେମ, ତାହା ତ ପାପ ! ଅଧିକାଂଶ ଲୋକ ହିଁ ଯେ ସ୍ୱାର୍ଥର ପ୍ରରୋଚନାରେ କାର୍ଯ୍ୟ କରିଥାଆନ୍ତି—ମୁଁ ଚାହେଁ ତୁମେ ଏତିକିମାତ୍ର ବୁଝ; କିନ୍ତୁ ତୁମେ କ୍ରମାଗତ ଏହାକୁ ଓଲଟାଇଦେଇ କହିଥାଅ ଯେ, ଏକ ଜାତିବିଶେଷର ହୃଦୟ ହିଁ ଦେବତା । ଅଜ୍ଞତାକୁ ଏଭଳି ଜାବୁଡ଼ିଧରି ରହିବା ତ ସଇତାନ !'

ସୁତରାଂ ଆଲମୋଡ଼ାର ଏହି ପ୍ରାତଃକାଳୀନ ଆଲୋଚନାସମୂହ ଆମମାନଙ୍କର ସାମାଜିକ, ସାହିତ୍ୟିକ ଓ ଲଳିତକଳା-ବିଷୟକ ବଦ୍ଧମୂଳ ପୂର୍ବସଂସ୍କାର ସହିତ ସଂଘର୍ଷର ଆକାର ଧାରଣ କରେ, ଅଥବା ସେଥିରେ ଭାରତୀୟ ଏବଂ ୟୁରୋପୀୟ ଇତିହାସ ଓ ଉଚ୍ଚ ଉଚ୍ଚ ଭାବର ତୁଳନା ଚାଲେ ଏବଂ ଅନେକ ସମୟରେ ଅତି ମୂଲ୍ୟବାନ୍ ପ୍ରାସଙ୍ଗିକ ମନ୍ତବ୍ୟ ମଧ୍ୟ ଶୁଣିବାକୁ ପାଉ । ସ୍ୱାମୀଜୀଙ୍କର ଗୋଟିଏ ବିଶେଷତ୍ୱ ଥିଲା ଯେ, କୌଣସି ଦେଶବିଶେଷ ବା ସମାଜବିଶେଷ ମଧ୍ୟରେ ଅବସ୍ଥାନ କାଳରେ ସେ ତାହାର ଦୋଷଗୁଡ଼ିକୁ ପ୍ରକାଶ୍ୟରେ ଏବଂ ତୀବ୍ରଭାବରେ ସମାଲୋଚନା କରନ୍ତି; କିନ୍ତୁ ସେଠାରୁ ଚାଲି ଆସିବା ପରେ ଯେପରି ସେଠାର ଗୁଣ ଭିନ୍ନ ଅନ୍ୟ କିଛି ହିଁ ତାଙ୍କର ମନେ ନାହିଁ, ଏହିପରି ବୋଧହୁଏ ।

## ୩

ସ୍ଥାନ—ଆଲମୋଡ଼ା
କାଳ—ମେ ଓ ଜୁନ

ପ୍ରଥମ ଦିନ ସକାଳର କଥୋପକଥନ ବିଷୟ ଥିଲା—ସଭ୍ୟତାର ମୂଳ ଆଦର୍ଶ—ପାଶ୍ଚାତ୍ୟରେ ସତ୍ୟ, ପ୍ରାଚ୍ୟରେ ବ୍ରହ୍ମଚର୍ଯ୍ୟ । ହିନ୍ଦୁ-ବିବାହ-ରୀତିଗୁଡ଼ିକୁ ସେ ଏହି କଥା କହି ସମର୍ଥନ କରିଥିଲେ ଯେ, ସେମାନେ ଏହି ଆଦର୍ଶର ଅନୁସରଣର ଫଳରୁ ହିଁ ଜନ୍ମିଛନ୍ତି ଏବଂ ସର୍ବବିଧ ସଂହତିଗଠନରେ ହିଁ ସ୍ତ୍ରୀଲୋକର ରକ୍ଷାବିଧାନର ପ୍ରୟୋଜନ ଅଛି । ସମସ୍ତ ବିଷୟଟିର ଅଦ୍ୱୈତବାଦ ସହିତ କି ସମ୍ବନ୍ଧ, ତାହା ମଧ୍ୟ ସେ ବିଶ୍ଳେଷଣପୂର୍ବକ ଦେଖାଇଲେ ।

ଆଉ ଦିନେ ସକାଳେ ସେ ଏହି ଭାବରେ କଥା ଆରମ୍ଭ କଲେ : ଯେପରି ଜଗତରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର—ଏହି ଚାରୋଟି ମୁଖ୍ୟ ଜାତି ଅଛନ୍ତି, ସେହିପରି ଚାରୋଟି ମୁଖ୍ୟ ଜାତୀୟ କାର୍ଯ୍ୟ ମଧ୍ୟ ଅଛି—ଧର୍ମ ସମ୍ବନ୍ଧୀୟ କାର୍ଯ୍ୟ ଅର୍ଥାତ୍ ପୌରୋହିତ୍ୟ, ଯାହା ହିନ୍ଦୁମାନେ ନିଷ୍ପନ୍ନ କରୁଛନ୍ତି; ସାମରିକ କାର୍ଯ୍ୟ, ଯାହା ରୋମକସାମ୍ରାଜ୍ୟ ହସ୍ତରେ ଥିଲା; ବାଣିଜ୍ୟ ବିଷୟକ କାର୍ଯ୍ୟ, ଯାହା ଆଜିକାଲିର ଇଂଲଣ୍ଡ କରୁଛି; ଏବଂ ପ୍ରଜାତନ୍ତ୍ରମୂଳକ କାର୍ଯ୍ୟ ଯାହା ଆମେରିକା ଭବିଷ୍ୟତରେ ସମ୍ପନ୍ନ କରିବ । ଏହିଠାରେ ସେ କିଭଳି ଆମେରିକା ଏହାପରେ ଶୂଦ୍ରଜାତିର ସ୍ୱାଧୀନତା ଏବଂ ଏକସଙ୍ଗେ କାର୍ଯ୍ୟକାରଣ-ରୂପକ ସମସ୍ୟାଗୁଡ଼ିକ ପୂରଣ କରିବ, ସେ-ବିଷୟରେ କଳ୍ପନା ସାହାଯ୍ୟରେ ଭବିଷ୍ୟତର ଏକ ଉଜ୍ଜ୍ୱଳ ଚିତ୍ର-ଅଙ୍କନରେ ପ୍ରବୃତ୍ତ ହେଲେ, ଏବଂ ଯେଉଁମାନେ ଆମେରିକାବାସୀ ନୁହନ୍ତି, ଏଭଳି ଜଣେ

ଶ୍ରୋତାଙ୍କ ଆଡ଼କୁ ଚାହିଁ ଉକ୍ତ ଜାତି କଭଳି ବଦାନ୍ୟତାର ସହିତ ତତ୍ସତ୍ୟ ଆଦିମ ଅଧିବାସୀ-ଗଣଙ୍କ ନିମିତ୍ତ ବନ୍ଦୋବସ୍ତ କରିବାକୁ ପ୍ରୟାସ କରିଥିଲେ, ତଦ୍‌ବିଷୟ ବର୍ଣ୍ଣନା କଲେ ।

ସେ ଉଲ୍ଲାସପୂର୍ବକ ଭାରତବର୍ଷର ଅଥବା ମୋଗଲବଂଶର ଇତିହାସର ସାରସଙ୍କଳନ କରିଦେଇଥିଲେ । ମୋଗଲଗଣଙ୍କ ଗରିମା ସ୍ୱାମୀଜୀ ଶତମୁଖରେ ବର୍ଣ୍ଣନା କରିଥିଲେ । ଏହି ସାରା ଗ୍ରୀଷ୍ମଋତୁଟି‌ର ସେ ପ୍ରାୟ ମଧ୍ୟେ ମଧ୍ୟେ ରହି ରହି ଦିଲ୍ଲୀ ଓ ଆଗ୍ରାର ବର୍ଣ୍ଣନାରେ ପ୍ରବୃତ୍ତ ହେଉଥିଲେ । ଥରେ ସେ ତାଜମହଲକୁ 'ଗୋଟିଏ କ୍ଷୀଣାଲୋକ, ଉପରେ ଆହୁରି କ୍ଷୀଣାଲୋକ—ଏବଂ ସେଠାରେ ଗୋଟିଏ ସମାଧି !'—ଏ ପ୍ରକାର ବର୍ଣ୍ଣନା କରିଥିଲେ । ଆଉ ଥରେ ସେ ସାହାଜାହାନଙ୍କ କଥା କହୁ କହୁ ସହସା ଉତ୍ସାହର ସହିତ କହିଉଠିଲେ, 'ଆହା, ସେ ·ମୋଗଲକୁଳର ଭୂଷଣସ୍ୱରୂପ ଥିଲେ । ଏପରି ସୌନ୍ଦର୍ଯ୍ୟାନୁରାଗ ଓ ସୌନ୍ଦର୍ଯ୍ୟ-ବୋଧ ଇତିହାସରେ ଆଉ ଦେଖାଯାଏ ନାହିଁ । ପୁଣି ନିଜେ ମଧ୍ୟ ଜଣେ କଳାବନ୍ତ ଲୋକ ଥିଲେ । ମୁଁ ତାଙ୍କର ହସ୍ତଚିହ୍ନିତ ଖଣ୍ଡିଏ ପାଣ୍ଡୁଲିପି ଦେଖିଅଛି, ସେଖଣ୍ଡିକ ଭାରତବର୍ଷର କଳାସମ୍ପଦର ଅଙ୍ଗବିଶେଷ । କି ପ୍ରତିଭା !' ସେ ଆକବରଙ୍କ ପ୍ରସଙ୍ଗ ଆହୁରି ବେଶୀ କରି କହୁଥିଲେ । ଆଗ୍ରା ସନ୍ନିକଟରେ ସେକେନ୍ଦ୍ରାର ସେହି ଗମ୍ବୁଜ-ବିହୀନ ଅନାଚ୍ଛାଦିତ ସମାଧି ପାଖରେ ବସି ଆକବରଙ୍କ କଥା କହୁ କହୁ ସ୍ୱାମୀଜୀଙ୍କ କଣ୍ଠ ଯେପରି ଆଶ୍ରୁଗଦ୍‌ଗଦ ହୋଇ ଆସୁଥିଲା ।

ସର୍ବବିଧ ବିଶ୍ୱଜନୀନ ଭାବ ମଧ୍ୟ ଆଚାର୍ଯ୍ୟଦେବଙ୍କ ହୃଦୟରେ ଉଦିତ ହେଉଥିଲା । ସେ ଚୀନଦେଶକୁ ଜଗତର କୋଷାଗାର ବୋଲି ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ, ତତ୍ସତ୍ୟ ମନ୍ଦିରଗୁଡ଼ିକର ଦ୍ୱାରଦେଶର ଉପରିଭାଗରେ ପ୍ରାଚୀନ ବଙ୍ଗଳାଲିପି ଖୋଦିତ ଦେଖି ତାଙ୍କର ରୋମାଞ୍ଚ ହୋଇଥିଲା ।

କଥାପ୍ରସଙ୍ଗରେ ସେ ସୁଦୂର ଇଟାଲି ଦେଶ ପର୍ଯ୍ୟନ୍ତ ଚାଲିଯାଉଥିଲେ । ଇଟାଲି ତାଙ୍କ ନିକଟରେ 'ଇଉରୋପର ସକଳ ଦେଶ ମଧ୍ୟରେ ଶୀର୍ଷସ୍ଥାନୀୟ, ଧର୍ମ ଓ ଶିଳ୍ପର ଦେଶ, ଏକାଧାରରେ ସାମ୍ରାଜ୍ୟ-ମହତ୍ତ୍ୱ ଓ ମ୍ୟାଟ୍‌ସିନିର ଜନ୍ମଭୂମି ଏବଂ ଉଚ୍ଚଭାବ ସଭ୍ୟତା ଓ ସ୍ୱାଧୀନତାର ପ୍ରସୂତି !'

ସେ ଶିବାଜୀ ଓ ମହାରାଷ୍ଟ୍ର ଜାତି ସମ୍ବନ୍ଧରେ ଏବଂ କିପରି ଶିବାଜୀ ସାଧୁବେଶରେ ବର୍ଷବ୍ୟାପୀ ଭ୍ରମଣ ଫଳରେ ଗିରିଗଡ଼କୁ ପ୍ରତ୍ୟାବର୍ତ୍ତନ କରିଥିଲେ, ସେ ସମ୍ବନ୍ଧରେ କଥା ଚାଲିଲା । ସ୍ୱାମୀଜୀ କହିଲେ, 'ଆଜି ପର୍ଯ୍ୟନ୍ତ ମଧ୍ୟ ଭାରତର କର୍ତ୍ତୃପକ୍ଷ ସନ୍ନ୍ୟାସୀଙ୍କୁ ଭୟ କରନ୍ତି, କାଳେ ତାହାଙ୍କ ଗୈରିକ ବସନ ତଳେ ଆଉ ଜଣେ ଶିବାଜୀ ଲୁକ୍କାୟିତ ଥିବେ ।'

ଅନେକ ସମୟରେ, 'ଆର୍ଯ୍ୟଗଣ କିଏ ଏବଂ ସେମାନଙ୍କ ଲକ୍ଷଣ କଅଣ ?'—ଏହି ପ୍ରଶ୍ନ ତାଙ୍କର ପୂର୍ଣ୍ଣ ମନୋଯୋଗ ଆକର୍ଷଣ କରୁଥିଲା । ସେମାନଙ୍କ ଉତ୍ପତ୍ତି-ନିର୍ଣ୍ଣୟ ଏକ ଜଟିଳ ସମସ୍ୟା—ଏହିଭଳି ମତ ପ୍ରକାଶ କରି ସେ କିପରି ସୁଇଜରଲଣ୍ଡରେ ରହି ମଧ୍ୟ ଯେପରି ଚୀନ ଦେଶରେ ରହିଛନ୍ତି ଏହିଭଳି ବୋଧ କରିଥିଲେ—କାରଣ ଉଭୟ ଜାତିର ଆକୃତିଗତ ସାଦୃଶ୍ୟ ଏତେ ଅଧିକ ଯେ, ତାହାର ଗଳ୍ପ ଆମମାନଙ୍କ ନିକଟରେ କହୁଥିଲେ । ନରୱେର

କେତେକ ଅଂଶ ସମ୍ବନ୍ଧରେ ମଧ୍ୟ ଏହିଟି ସତ୍ୟ ବୋଲି ତାଙ୍କର ଧାରଣା ଥିଲା । ତାହାପରେ ଦେଶଭେଦରେ ଆକୃତିଭେଦ ସମ୍ବନ୍ଧରେ କିଛି କିଛି ତଥ୍ୟ ଏବଂ ସେହି ହଙ୍ଗେରୀଦେଶୀୟ ପଣ୍ଡିତଙ୍କର ମର୍ମସ୍ପର୍ଶୀ ଗଳ୍ପ (ଯେ 'ତିବ୍ବତ ହିଁ ହୁନ୍‌ମାନଙ୍କର ଜନ୍ମଭୂମି', ଏହି ଆବିଷ୍କାର କରିଥିଲେ ଏବଂ ଦାର୍ଜିଲିଂରେ ଯାହାଙ୍କର ସମାଧି ଅଛି)—ଏହିପରି ନାନା କଥା ଶୁଣିବାକୁ ପାଉଥିଲୁ ।

କେବେ କେବେ ବ୍ରାହ୍ମଣ ଓ କ୍ଷତ୍ରିୟଗଣଙ୍କ ମଧ୍ୟରେ ବିରୋଧ ସମ୍ପର୍କୀୟ ଆଲୋଚନା ପ୍ରସଙ୍ଗରେ ସ୍ୱାମୀଜୀ ଭାରତବର୍ଷର ସମଗ୍ର ଇତିହାସକୁ ଏହି ଉଭୟ ଜାତିର ସଂଘର୍ଷ ବୋଲି ବର୍ଣ୍ଣନା କରୁଥିଲେ; ଏବଂ ଜାତିର ଉନ୍ନତିଶୀଳ ଓ ଶୃଙ୍ଖଳ-ଅପନୟନକାରୀ ପ୍ରେରଣାସମୂହ କ୍ଷତ୍ରିୟଗଣଙ୍କ ମଧ୍ୟରେ ଯେ ଚିରକାଳ ନିହିତ ଥିଲା, ତାହା ମଧ୍ୟ କହୁଥିଲେ । ଆଧୁନିକ ବଙ୍ଗଳାର କାୟସ୍ଥଗଣ ହିଁ ଯେ ମୌର୍ଯ୍ୟରାଜତ୍ୱର ପୂର୍ବତନ କ୍ଷତ୍ରିୟକୁଳ, ତାଙ୍କର ଏହି ବିଶ୍ୱାସର ସପକ୍ଷରେ ସେ ଉତ୍କୃଷ୍ଟ ଯୁକ୍ତିର ଅବତାରଣା କରିପାରୁଥିଲେ । ସେ ଏହି ଦୁଇ ପରସ୍ପରବିରୋଧୀ ସଭ୍ୟତାଦର୍ଶର ଏହିଭଳି ଚିତ୍ର ଅଙ୍କିତ କରିଥାନ୍ତି—'ଗୋଟିଏ ପ୍ରାଚୀନ, ଗଭୀର ଏବଂ ପରମ୍ପରାଗତ ଆଚାର-ବ୍ୟବହାର ପ୍ରତି ଚିରବର୍ଦ୍ଧମାନ-ଶ୍ରଦ୍ଧାସମ୍ପନ୍ନ; ଅପରଟି ସ୍ପର୍ଦ୍ଧାଶୀଳ, ଆବେଗପ୍ରବଣ ଏବଂ ଉଦାରଦୃଷ୍ଟି ସମ୍ପନ୍ନ । ରାମଚନ୍ଦ୍ର, ଶ୍ରୀକୃଷ୍ଣ ଏବଂ ଭଗବାନ ବୁଦ୍ଧ—ଏମାନେ ସମସ୍ତେ ବ୍ରାହ୍ମଣକୁଳରେ ନ ଜନ୍ମି ଯେ କ୍ଷତ୍ରିୟକୁଳରେ ଜନ୍ମିଥିଲେ, ତାହା ଐତିହାସିକ କ୍ରମ-ପରିଣତିର ଏକ ଗଭୀର ନିୟମର ଫଳସ୍ୱରୂପ । ଏହି ଆପାତ-ବିସମ୍ବାଦୀ ସିଦ୍ଧାନ୍ତରେ ବ୍ୟାଖ୍ୟାତ ହେବାମାତ୍ରେ ବୌଦ୍ଧଧର୍ମ ଏକ ଜାତିଭେଦଧ୍ୱଂସୀ ସୁନ୍ଦରରୂପେ ପ୍ରତୀୟମାନ ହୁଏ— 'କ୍ଷତ୍ରିୟକୁଳ-କର୍ତ୍ତୃକ ଉଦ୍‌ଭାବିତ ଧର୍ମ' ବ୍ରାହ୍ମଣ୍ୟଧର୍ମର ସାଙ୍ଘାତିକ ପ୍ରତିପକ୍ଷ ସ୍ୱରୂପ ହୋଇ ଉଭା ହୁଏ ।

ବୁଦ୍ଧଙ୍କ ସମ୍ବନ୍ଧରେ ସ୍ୱାମୀଜୀ ଯେଉଁ ସମୟରେ କଥା କହୁଥିଲେ, ତାହା ଏକ ମାହେନ୍ଦ୍ର ବେଳ; କାରଣ ଜନୈକା ଶ୍ରୋତ୍ରୀ ସ୍ୱାମୀଜୀଙ୍କର ଗୋଟିଏ କଥାରୁ ବୌଦ୍ଧଧର୍ମର ବ୍ରାହ୍ମଣ୍ୟପ୍ରତିଦ୍ୱନ୍ଦ୍ୱୀ ଭାବଟି ହିଁ ତାଙ୍କର ମନୋଗତ ଭାବ, ଏହି ଭ୍ରମାତ୍ମକ ସିଦ୍ଧାନ୍ତ କରି କହିଲେ, 'ସ୍ୱାମୀଜୀ ! ମୁଁ ଜାଣେ ନାହିଁ ଯେ, ଆପଣ ବୌଦ୍ଧ ।' ଉକ୍ତ ନାମ ଶ୍ରବଣରେ ତାଙ୍କର ମୁଖମଣ୍ଡଳ ଦିବ୍ୟଭାବରେ ଉଦ୍‌ଭାସିତ ହୋଇଉଠିଲା । ପ୍ରଶ୍ନକର୍ତ୍ତ୍ରୀଙ୍କ ଆଡ଼କୁ ମୁହଁ ବୁଲାଇ ସେ କହିଲେ, 'ମୁଁ ବୁଦ୍ଧଙ୍କର ଦାସାନୁଦାସଗଣଙ୍କର ଦାସ । ତାଙ୍କପରି ଆଉ କିଏ ଜନ୍ମ ଗ୍ରହଣ କରିଛି କି ? ସ୍ୱୟଂ ଭଗବାନ ହୋଇ ମଧ୍ୟ ସେ ନିଜ ନିମିତ୍ତ ଗୋଟିଏ କାମ ମଧ୍ୟ କରି ନାହାନ୍ତି —ଆଉ କି ହୃଦୟ ! ସମସ୍ତ ଜଗତଟାକୁ ସେ କୋଳକୁ ଟାଣି ନେଇଛନ୍ତି । ଏତେ ଦୟା ଯେ, ରାଜପୁତ୍ର ଓ ସାଧୁ ହୋଇ ମଧ୍ୟ ଗୋଟିଏ ଛାଗଶିଶୁକୁ ବଞ୍ଚାଇବା ପାଇଁ ପ୍ରାଣ ଦେବାକୁ ଉଦ୍ୟତ ! ଏତେ ପ୍ରେମ ଯେ, ଗୋଟିଏ ବ୍ୟାଘ୍ରୀର କ୍ଷୁଧାତୃପ୍ତି ପାଇଁ ନିଜ ଶରୀର ଦାନ କରିଥିଲେ ଏବଂ ଆଶ୍ରୟଦାତା ଜଣେ ଚଣ୍ଡାଳ ପାଇଁ ଆତ୍ମବଳି ଦେଇ ତାକୁ ଆଶୀର୍ବାଦ କରିଥିଲେ ! ପୁଣି ମୋର ବାଲ୍ୟକାଳରେ ଥରେ ସେ ମୋ ଘରକୁ ଆସିଥିଲେ ଏବଂ ମୁଁ ତାଙ୍କର ପାଦତଳେ ସାଷ୍ଟାଙ୍ଗ ପ୍ରଣତ ହୋଇଥିଲି ! କାରଣ ମୁଁ ଜାଣିଥିଲି ଯେ, ଭଗବାନ

ବୁଦ୍ଧ ହିଁ ସ୍ୱୟଂ ଆସିଛନ୍ତି ।'

ଅନେକଥର ବେଲୁଡ଼ରେ ଅବସ୍ଥାନକାଳରେ ଏବଂ ତାହାପରେ କେବେ କେବେ ସେ ଏହି ଭାବରେ ବୁଦ୍ଧଦେବଙ୍କ କଥା କହୁଥିଲେ । ଦିନେ ସେ ଆମମାନଙ୍କୁ—ମୁଖ୍ୟ ବାରାଙ୍ଗନାଟିଏ ହୋଇ ମଧ୍ୟ ଯେ ବୁଦ୍ଧଙ୍କୁ ପରିତୋଷପୂର୍ବକ ଭୋଜନ କରାଇଥିଲେ—ସେହି ରୂପସୀ ଅମ୍ବାପାଲୀଙ୍କ ଉପାଖ୍ୟାନ ପ୍ରାଣସ୍ପର୍ଶୀ ଭାଷାରେ ବର୍ଣ୍ଣନା କରିଥିଲେ ।

ଦିନେ ପ୍ରାତଃକାଳରେ ସବାପେକ୍ଷା ଅଧିକ ନୂତନତ୍ୱପୂର୍ଣ୍ଣ ଏକ ବିଷୟର ଅବତାରଣା ହୋଇଥିଲା । ସେଦିନଟିର ଦୀର୍ଘ ଆଲୋଚନାର ବିଷୟ ଥିଲା 'ଭକ୍ତି'—ପ୍ରେମାସ୍ପଦଙ୍କ ସହିତ ସମ୍ପୂର୍ଣ୍ଣ ତାଦାତ୍ମ୍ୟ, ଯାହା ଚୈତନ୍ୟଦେବଙ୍କର ସମସାମୟିକ ଉତ୍କଳୀୟ ଭୂମ୍ୟଧିକାରୀ ଭକ୍ତବୀର ରାୟ ରାମାନନ୍ଦଙ୍କ ମୁଖରେ ଏହିଭଳି ସୁନ୍ଦର ଭାବରେ ପ୍ରକାଶ ପାଇଅଛି :

ପହିଲହି ରାଗ ନୟନଭଙ୍ଗ ଭେଲ;
ଅନୁଦିନ ବାଢ଼ଲ ଅବଧି ନା ଗେଲ ।
ନା ସୋ ରମଣ, ନା ହାମ୍ ରମଣୀ;
ଦୁଁହୁଁ ମନ ମନୋଭବ ପେଶଲ ଜାନି ।*

ସେହି ଦିନ ପ୍ରାତଃକାଳରେ ହିଁ ସେ ପାରସ୍ୟର ବାବ-ପନ୍ଥୀଗଣ (Babists)ଙ୍କ କଥା କହିଥିଲେ—ସେହି ପରାର୍ଥେ ଆତ୍ମବଳିଦାନ ଯୁଗର କଥା, ଯେତେବେଳେ ସ୍ତ୍ରୀକାନ୍ତ-କର୍ତ୍ତୃକ ଅନୁପ୍ରାଣିତ ହୋଇ ପୁରୁଷଗଣ କାର୍ଯ୍ୟ କରୁଥିଲେ ଏବଂ ସେମାନଙ୍କୁ ଭକ୍ତିଚକ୍ଷୁରେ ଦେଖୁଥିଲେ । ନିଶ୍ଚୟ ସେହି ସମୟରେ ହିଁ ସେ କହିଥିଲେ ଯେ, ପ୍ରତିଦାନର ଆକାଙ୍କ୍ଷା ନ ରଖି ଭଲ ପାଇପାରନ୍ତି ବୋଲି ତରୁଣବୟସ୍କଗଣଙ୍କ ମହତ୍ତ୍ୱ ଓ ଶ୍ରେଷ୍ଠତ୍ୱ ଏବଂ ସେମାନଙ୍କ ମଧ୍ୟରେ ଭାବୀ ମହତ୍ତ୍ୱକାର୍ଯ୍ୟର ବୀଜ ସୂକ୍ଷ୍ମଭାବରେ ନିହିତ ଥାଏ—ଏହା ହିଁ ତାଙ୍କର ଧାରଣା ।

ଆଉ ଦିନେ ଅରୁଣୋଦୟକାଳରେ ଯେତେବେଳେ ଉଷାର ଆଲୋକରଞ୍ଜିତ ତରୁଷାରଶ୍ରେଣି ଉଦ୍ୟାନରୁ ଦୃଷ୍ଟିଗୋଚର ହେଉଥିଲା, ସେହି ସମୟରେ ସ୍ୱାମୀଜୀ ଆସି ଶିବ ଓ ଉମାଙ୍କ ସମ୍ବନ୍ଧରେ ଦୀର୍ଘ ବାର୍ତ୍ତାଳାପ କରୁକରୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, 'ଏହି ଯେ ଊର୍ଦ୍ଧ୍ୱରେ ଶ୍ୱେତକାୟ ତୁଷାରମଣ୍ଡିତ ଶୃଙ୍ଗରାଜି, ତାହା ହିଁ ଶିବ; ଏବଂ ତା' ଉପରେ ଯେଉଁ ଆଲୋକସମ୍ପାତ ହୋଇଛି, ତାହା ହିଁ ଜଗନ୍ମାତା !' କାରଣ, ଏହି ସମୟରେ ଏହି ଚିନ୍ତା ହିଁ ତାଙ୍କର ମନକୁ ବିଶେଷ ଭାବରେ ଅଧିକାର କରିଥିଲା ଯେ, ଈଶ୍ୱର ହିଁ ଜଗତ୍—ସେ ଜଗତର ଭିତରେ ବା ବାହାରେ ନାହାନ୍ତି, ଆଉ ଜଗତ୍ ମଧ୍ୟ ଈଶ୍ୱର ବା ଈଶ୍ୱରଙ୍କ ପ୍ରତିମା ନୁହେଁ; ପରନ୍ତୁ ସେ ହିଁ ଏହି ଜଗତ୍ ଏବଂ ଯାହା କିଛି ଅଛି ସବୁ ।

ଦିନେ ସନ୍ଧ୍ୟାକାଳରେ ପରମହଂସଶିରୋମଣି ଶୁକଦେବଙ୍କ ଆଖ୍ୟାନ ଶୁଣିଥିଲୁ ।

ବାସ୍ତବିକ, ଶୁକ ହିଁ ସ୍ୱାମୀଜୀଙ୍କର ମନୋମତ ଯୋଗୀ ଥିଲେ । ତାଙ୍କ ନିକଟରେ ଶୁକ ସେହି ସର୍ବୋଚ୍ଚ ଅପରୋକ୍ଷାନୁଭୂତିର ଆଦର୍ଶରୂପ, ଯାହାର ତୁଳନାରେ ଜୀବଜଗତ ପିଲାଖେଳ

* ଶ୍ରୀଚୈତନ୍ୟଚରିତାମୃତ, ମଧ୍ୟଲୀଳା, ୮ମ ପରିଚ୍ଛେଦ

ମାନ ! ବହୁ ଦିନ ପରେ ଆମେ ଶୁଣିଲୁ ଯେ, ଶ୍ରୀରାମକୃଷ୍ଣ କିଶୋର ସ୍ୱାମୀଜୀ (ନରେନ୍ଦ୍ରନାଥ)-ଙ୍କୁ 'ଯେପରି କି ଆମର ଶୁକଦେବ' ଏହି ଭାବରେ ବର୍ଣ୍ଣନା କରିଥିଲେ । 'ଅହଂ ବେଦ୍ମି ଶୁକୋ ବେତ୍ତି ବ୍ୟାସୋ ବେତ୍ତି ନ ବେତ୍ତି ବା'—ଗୀତାର ପ୍ରକୃତ ଅର୍ଥ ମୁଁ ଜାଣେ, ଶୁକ ଜାଣନ୍ତି, ଆଉ ବ୍ୟାସ ଜାଣିଥିଲେ ଜାଣିଥିବେ । ଭଗବଦ୍‌-ଗୀତାର ଗମ୍ଭୀର ଆଧ୍ୟାତ୍ମିକ ଅର୍ଥ ଏବଂ ଶୁକଙ୍କର ମାହାତ୍ମ୍ୟଦ୍ୟୋତକ ଏହି ଶିବବାକ୍ୟ ଦୀପ୍ତାସ୍ୟମାନ ହୋଇ ଉଚ୍ଚାରଣ କରୁ କରୁ ତାଙ୍କ ମୁଖରେ ଯେଉଁ ଅପୂର୍ବ ଭାବର ବିକାଶ ହୋଇଥିଲା, ସେ ଯେପରି ଆନନ୍ଦ-ସମୁଦ୍ରର ସୁଦୂର ତଳଦେଶ ପର୍ଯ୍ୟନ୍ତ ନିରୀକ୍ଷଣ କରୁଥିଲେ— ତାହା ମୁଁ କେବେହେଲେ ଭୁଲିପାରିବି ନାହିଁ ।

ଆଲମୋଡ଼ାରେ ଅବସ୍ଥାନକାଳରେ ଆଉ ଦିନେ ସ୍ୱାମୀଜୀ ହିନ୍ଦୁ-ସଭ୍ୟତାର ଚିରନ୍ତନ ଉପକୂଳରେ—ଆଧୁନିକ ଚିନ୍ତାତରଙ୍ଗରାଜିର ବହୁଦୂରବ୍ୟାପୀ ପ୍ଲାବନର ପ୍ରଥମ ଫଳସ୍ୱରୂପ ବଙ୍ଗଦେଶରେ ଯେଉଁ ସବୁ ଉଦାରହୃଦୟ ମହାପୁରୁଷଙ୍କର ଆବିର୍ଭାବ ହୋଇଥିଲା, ସେମାନଙ୍କର କଥା କହୁଥିଲେ । ରାଜା ରାମମୋହନ ରାୟଙ୍କ କଥା ଆମେମାନେ ଇତିପୂର୍ବରୁ ନୈନିତାଲରେ ତାଙ୍କ ମୁହଁରୁ ଶୁଣିଥିଲୁ । ବର୍ତ୍ତିମାନ ବିଦ୍ୟାସାଗର ମହାଶୟଙ୍କ ସମ୍ବନ୍ଧରେ ସେ ସାଗ୍ରହରେ କହିଲେ, 'ଉତ୍ତର-ଭାରତରେ ମୋ ବୟସର ଏପରି ଜଣେ ଲୋକ ନାହିଁ, ଯାହାଙ୍କ ଉପରେ କି ତାଙ୍କର ଛାୟା ନ ପଡ଼ିଛି !' ଏହି ଦୁଇ ବ୍ୟକ୍ତି ଏବଂ ଶ୍ରୀରାମକୃଷ୍ଣ ଯେ ଗୋଟିଏ ସ୍ଥାନରେ ମାତ୍ର କେତେକ କ୍ରୋଶର ବ୍ୟବଧାନରେ ଜନ୍ମିଥିଲେ, ଏହା ମନେହେଲେ ଯେ କେହି ଆନନ୍ଦ ଅନୁଭବ କରିବେ ।

ସ୍ୱାମୀଜୀ ବର୍ତ୍ତିମାନ ବିଦ୍ୟାସାଗର ମହାଶୟଙ୍କୁ ଆମମାନଙ୍କ ନିକଟରେ 'ବିଧବାବିବାହ-ପ୍ରବର୍ତ୍ତିନକାରୀ ଓ ବହୁବିବାହ-ରୋଧକାରୀ ମହାବୀର' ବୋଲି ଉଲ୍ଲେଖ କଲେ । କିନ୍ତୁ ତତ୍‌-ସମ୍ବନ୍ଧରେ ତାଙ୍କର ଗୋଟିଏ ପ୍ରିୟ ଗଳ୍ପ ଥିଲା, ତାହା ଏହି :

ଦିନେ ସେ ବ୍ୟବସ୍ଥାପକସଭାରୁ ତାତ୍କାଳିକ ସ୍ଥାନବିଶେଷରେ ସାହେବୀ ପରିଚ୍ଛଦ ପରିଧାନ କରିବା ବିଧେୟ କି ନା, ଏହି ବିଷୟରେ ଚିନ୍ତା କରି କରି ଗୃହକୁ ଫେରୁଥିଲେ । ଏପରି ସମୟରେ ସେ ଦେଖିଲେ ଯେ, ଧୀରେ ସୁସ୍ଥେ ଓ ଗୁରୁଗମ୍ଭୀର ଚାଲିରେ ଗୃହଗମନରତ ଏକ ସ୍ଥୂଳକାୟ ମୋଗଲ ନିକଟକୁ ଏକ ବ୍ୟକ୍ତି ଦ୍ରୁତପଦରେ ଆସି ସମ୍ବାଦ ଦେଲା, 'ମହାଶୟ, ଆପଣଙ୍କ ଘରେ ନିଆଁ ଲାଗିଅଛି !' ଏହି ସମ୍ବାଦରେ ମୋଗଲପ୍ରବରଙ୍କର ଗତିର ଲେଶମାତ୍ର ହ୍ରାସ କି ବୃଦ୍ଧି ଘଟିଲା ନାହିଁ । ଏହା ଦେଖି ସମ୍ବାଦବାହକ ଇଙ୍ଗିତରେ ଈଷତ୍‌ ବିଜ୍ଞଜନୋଚିତ ବିସ୍ମୟ ଜଣାଇଥିଲା । ତତ୍‌କ୍ଷଣାତ୍‌ ତାହାର ପ୍ରଭୁ ସକ୍ରୋଧ ତା' ଆଡ଼କୁ ଅନାଇ କହିଲେ, 'ପାଜି ! ମାତ୍ର କେଇଟା ବଖରା ପୋଡ଼ିଯାଉଛି ବୋଲି ତୁ ମୋତେ ମୋର ବାପ-ଗୋସାଇଁ-ବାପର ଚାଲି ଛାଡ଼ିଦେବାକୁ କହୁଛୁ !'—ଏବଂ ବିଦ୍ୟାସାଗର ମହାଶୟ ମଧ୍ୟ ତାଙ୍କର ପଶ୍ଚାତ୍ତରେ ଆସୁ ଆସୁ ଦୃଢ଼ସଙ୍କଳ୍ପ କଲେ ଯେ, ଧୋତି-ଚଦର ଏବଂ ଚଟିଯୋତା କୌଣସି-ମତେ ଛାଡ଼ିବାକୁ ହେବ ନାହିଁ; ଫଳରେ ଦରବାର ଯାତାକାଳରେ ଗୋଟିଏ ଜାମା ଓ ହିଲେ ଯୋତା ସେ ପିନ୍ଧିପାରିଲେ ନାହିଁ ।

'ବାଲବିଧବାଗଣଙ୍କ ବିବାହ ହୋଇପାରେ କି ନାହିଁ ?'—ମାତାଙ୍କର ଏହି ପ୍ରକାର

ସାଗ୍ରହ ପ୍ରଶ୍ନରେ ବିଦ୍ୟାସାଗରଙ୍କ ଶାସ୍ତ୍ରପାଠାର୍ଥ ଏକମାସ ନିର୍ଜନ ଗମନର ଚିତ୍ରଟି ଖୁବ୍ ଚିତ୍ତାକର୍ଷକ ହୋଇଥିଲା । ନିର୍ଜନ-ବାସ ପରେ ସେ 'ଶାସ୍ତ୍ର ଏ ପ୍ରକାର ପୁନର୍ବିବାହର ପ୍ରତିପକ୍ଷ ନୁହେଁ'—ଏହି ମତ ପ୍ରକାଶ କରି ଏତଦ୍‌ବିଷୟରେ ପଣ୍ଡିତଗଣଙ୍କ ସ୍ୱାକ୍ଷରଯୁକ୍ତ ସମ୍ମତିପତ୍ର ସଂଗ୍ରହ କଲେ । ପରେ କତିପୟ ଦେଶୀୟ ରାଜା ଏହାର ବିପକ୍ଷରେ ଦଣ୍ଡାୟମାନ ହେବାରୁ ପଣ୍ଡିତଗଣ ନିଜ ନିଜର ସ୍ୱାକ୍ଷର ପ୍ରତ୍ୟାହାର କଲେ; ସୁତରାଂ ସରକାର ବାହାଦୁର ଏହି ଆନ୍ଦୋଳନ ସପକ୍ଷରେ ସାହାଯ୍ୟ କରିବାକୁ କୃତସଂକଳ୍ପ ନ ହେଲେ ଏହା କେବେହେଲେ ଆଇନରୂପେ ପରିଣତ ହୋଇ ନ ଥାନ୍ତା । ସ୍ୱାମୀଜୀ ଆହୁରି ମଧ୍ୟ କହିଲେ, 'ଆଉ ଆଜିକାଲି ଏହି ସମସ୍ୟା ସାମାଜିକ ଭିତ୍ତି ଉପରେ ଉପସ୍ଥାପିତ ନ ହୋଇ ବରଂ ଏକ ଅର୍ଥନୀତି-ସଂକ୍ରାନ୍ତ ବିଷୟ ହୋଇ ଛିଡ଼ା ହୋଇଅଛି ।'

ଯେଉଁ ବ୍ୟକ୍ତି କେବଳ ନୈତିକବଳରେ ବହୁବିବାହକୁ ହେୟ ପ୍ରତିପନ୍ନ କରିବାକୁ ସମର୍ଥ ହୋଇଥିଲେ, ସେ ଯେ ପ୍ରଭୂତ ଆଧ୍ୟାତ୍ମିକଶକ୍ତିସମ୍ପନ୍ନ ଥିଲେ, ତାହା ଆମେମାନେ ଉପଲବ୍ଧି କରିପାରିଲୁ ଏବଂ ଯେତେବେଳେ ଶୁଣିଲୁ ଯେ, ଏହି ମହାପୁରୁଷ ୧୮୬୪ ଖ୍ରୀଷ୍ଟାବ୍ଦର ଦୁର୍ଭିକ୍ଷ, ଅନାହାର ଓ ରୋଗରେ ଏକ ଲକ୍ଷ ଚାଳିଶ ହଜାର ଲୋକ କାଳଗ୍ରାସରେ ପତିତ ହେବାରେ ମର୍ମାହତ ହୋଇ 'ଆଉ ଭଗବାନଙ୍କୁ ମାନି ନାହିଁ' ବୋଲି ସମ୍ପୂର୍ଣ୍ଣରୂପେ ଅଜ୍ଞେୟବାଦର ଚିନ୍ତାସ୍ରୋତରେ ନିଜକୁ ଢାଳି ଦେଇଥିଲେ, ସେତେବେଳେ 'ପୋଷାକୀ' ମତବାଦ ଉପରେ ଭାରତବାସୀଙ୍କର କି ପ୍ରକାର ଅନାସ୍ଥା, ତାହା ସମ୍ୟକ୍ ଉପଲବ୍ଧି କରି ଆମେ ସମସ୍ତେ ଅତ୍ୟନ୍ତ ବିସ୍ମୟାଭିଭୂତ ହୋଇଥିଲୁ ।

ସ୍ୱାମୀଜୀ ବଙ୍ଗଳାର ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଜଣଙ୍କର ନାମ ଉଲ୍ଲେଖ କରିଥିଲେ । ସେ ମହାଶୟ ଡେଭିଡ୍ ହେୟାର୍—ସେହି ବୃଦ୍ଧ ସ୍କଟଲଣ୍ଡବାସୀ, ନିରୀଶ୍ୱରବାଦୀ—ମୃତ୍ୟୁ ପରେ ଯାହାଙ୍କୁ କଲିକତାର ଯାଜକବୃନ୍ଦ ଈଶାଈଜନୋଚିତ ସମାଧିଦାନ ଦେବା ପାଇଁ ଅସ୍ୱୀକାର କରିଥିଲେ । ସେ ବିସୂଚିକା-ରୋଗାକ୍ରାନ୍ତ ଏକ ପୁରାତନ ଛାତ୍ରର ଶୁଶ୍ରୂଷା କରୁ କରୁ ମୃତ୍ୟୁମୁଖରେ ପତିତ ହେଲେ । ତାଙ୍କର ନିଜ ଛାତ୍ରଗଣ ତାଙ୍କର ମୃତଦେହକୁ ବହନ କରି ଏକ ସମତଳ ଭୂମିରେ ସମାଧିସ୍ଥ କଲେ ଏବଂ ଉକ୍ତ ସମାଧି ସେମାନଙ୍କ ନିକଟରେ ଏକ ତୀର୍ଥସ୍ଥଳରେ ପରିଣତ ହେଲା । ସେହି ସ୍ଥାନ ହିଁ ଆଜି ଶିକ୍ଷାର କେନ୍ଦ୍ରସ୍ୱରୂପ ହୋଇ କଲେଜ ସ୍କୋୟାର୍ ନାମରେ ଅଭିହିତ ହୋଇଅଛି; ଏବଂ ତାଙ୍କର ବିଦ୍ୟାଳୟ ମଧ୍ୟ ଆଜି ବିଶ୍ୱବିଦ୍ୟାଳୟର ଅଙ୍ଗୀଭୂତ ଏବଂ ଆଜି ମଧ୍ୟ କଲିକତାର ଛାତ୍ରବୃନ୍ଦ ତୀର୍ଥ ଭଳି ତାହାଙ୍କ ସମାଧି-ସ୍ଥାନ-ଦର୍ଶନ ପାଇଁ ଗମନ କରିଥାନ୍ତି ।

ଏହି ଦିନ ଆମେ କଥାବାର୍ତ୍ତା ମଧ୍ୟରେ କୌଣସି ସୁଯୋଗରେ ସ୍ୱାମୀଜୀଙ୍କୁ ଜେରା କରିବସିଲୁ—ଈଶାଈଧର୍ମ ତାଙ୍କ ନିଜ ଉପରେ ପ୍ରଭାବ ବିସ୍ତାର କରିଛି କି ନାହିଁ । ଏଭଳି ସମସ୍ୟା ଯେ କେହି ସାହସ କରି ଉତ୍ଥାପନ କରିପାରିଛି, ଏହା ଶୁଣି ସେ ହାସ୍ୟସମ୍ବରଣ କରିପାରିଲେ ନାହିଁ; ଏବଂ ଆମମାନଙ୍କୁ ଖୁବ୍ ଗୌରବର ସହିତ କହିଲେ ଯେ, ତାଙ୍କର ପୁରାତନ ଶିକ୍ଷକ ସ୍କଟଲଣ୍ଡବାସୀ ଶିକ୍ଷକ ହେଷ୍ଟି ସାହେବଙ୍କ ସହିତ ମିଶାମିଶିରେ ହିଁ ତାଙ୍କର

ଈଶାଙ୍କ ପ୍ରଚାରକଗଣଙ୍କ ସହିତ ଏକମାତ୍ର ସଂସ୍ପର୍ଶଲାଭ ଘଟିଥିଲା । ଏହି ଉଗ୍ରମସ୍ତିଷ୍କ ବୃଦ୍ଧ ଅତି ସାମାନ୍ୟ ବ୍ୟୟରେ ଜୀବନଯାତ୍ରା ନିର୍ବାହ କରୁଥିଲେ ଏବଂ ନିଜ ଗୃହକୁ ତାଙ୍କର ଛାତ୍ରଗଣଙ୍କର ହିଁ ଗୃହ ବୋଲି ମନେକରୁଥିଲେ । ସେ ସର୍ବପ୍ରଥମେ ସ୍ୱାମୀଜୀଙ୍କୁ ଶ୍ରୀରାମକୃଷ୍ଣଙ୍କ ନିକଟକୁ ପଠାଇ ଦେଇଥିଲେ ଏବଂ ତାଙ୍କର ଭାରତ-ପ୍ରବାସର ଶେଷଭାଗରେ କହିଥିଲେ, 'ହଁ ବାବା, ତୁମେ ହିଁ ଠିକ୍ କହୁଥିଲ ! ତୁମେ ହିଁ ଠିକ୍ କହୁଥିଲ ! ସତ୍ୟ ହିଁ ସବୁ ଈଶ୍ୱର ' ସ୍ୱାମୀଜୀ ସାନନ୍ଦରେ କହିଲେ, 'ମୁଁ ତାଙ୍କ ସମ୍ପର୍କରେ ଆସି ଗୌରବାନ୍ୱିତ; କିନ୍ତୁ ସେ ଯେ ମୋତେ ସେପରି ଭାବରେ ଈଶାନୁଭାବାପନ୍ନ କରିଥିଲେ, ଏ କଥା ତୁମେମାନେ କହିପାରିବ କି ? ମୋର ତ ମନେ ହୁଏ ନାହିଁ ।'

ଲଣ୍ଡନର ପ୍ରସଙ୍ଗରେ ମଧ୍ୟ ଆମେମାନେ ଚମତ୍କାର ଚମତ୍କାର ଗଳ୍ପ ଶୁଣୁଥିଲୁ । ସେଥିରୁ ଗୋଟିଏ ଏ ସ୍ଥଳରେ ଉଲ୍ଲିଖିତ ହେଲା : ଆମେରିକାର ଗୋଟିଏ ନଗରରେ ସ୍ୱାମୀଜୀ ଏକ ଭଡ଼ାଟିଆ ଘରେ ବାସ କରୁଥିଲେ । ସେଠାରେ ତାଙ୍କୁ ସ୍ୱହସ୍ତରେ ରନ୍ଧନ କରିବାକୁ ହୁଏ ଏବଂ ରନ୍ଧନକାଳରେ ଜଣେ ଅଭିନେତ୍ରୀ ଏବଂ ଏକ ଦମ୍ପତିଙ୍କ ସହିତ ତାଙ୍କର ପ୍ରାୟ ଦେଖା ହୁଏ । ଅଭିନେତ୍ରୀ ପ୍ରତ୍ୟହ ଗୋଟିଏ ଲେଖାଏଁ ପେରୁ କବାବ୍ କରି ଖାଆନ୍ତି ଏବଂ ସେହି ଦମ୍ପତି ଲୋକଙ୍କଠାରୁ ଭୂତ ଛଡ଼ାଇ ଜୀବିକାନିର୍ବାହ କରନ୍ତି । ସ୍ୱାମୀଜୀ ଏହି ଲୋକଟିକୁ ତାଙ୍କର ଲୋକ-ଠକେଇ ବ୍ୟବସାୟରୁ ନିବୃତ୍ତ କରିବା ନିମିତ୍ତ ଭର୍ତ୍ସନା ସହକାରେ କହନ୍ତି, 'ତୁମର ଏପରି କରିବା କେବେହେଲେ ଉଚିତ ନୁହେଁ ।' ସଙ୍ଗେ ସଙ୍ଗେ ସ୍ତ୍ରୀଟି ପଛରେ ଆସି ଛିଡ଼ା-ହୋଇ ସାଗ୍ରହରେ କହେ, 'ହଁ, ମହାଶୟ ! ମୁଁ ମଧ୍ୟ ତ ତାହାଙ୍କୁ ଠିକ୍ ଏହି କଥା ହିଁ କହିଥାଏ; କାରଣ ସେ ଯେତେ ଭୂତ ସାଜି ମରନ୍ତି, ଆଉ ଟଙ୍କାପଇସା ଯାହା କିଛି ତାହା ମିସେସ୍ ଉଇଲ୍ସମସ୍ ହିଁ ନେଇଯାନ୍ତି ।'

ସ୍ୱାମୀଜୀ ଆମମାନଙ୍କୁ ଜଣେ ଇଞ୍ଜିନିୟର ଯୁବକର ଗଳ୍ପ ମଧ୍ୟ କହିଥିଲେ । ଲୋକଟି ଲେଖାପଢ଼ା ଜାଣେ । ଥରେ ଭୂତକାଣ୍ଡର ଅଭିନୟକାଳରେ ସ୍ଥୂଳକାୟା ମିସେସ୍ ଉଇଲ୍-ସ୍ମମସ୍ ପର୍ଦ୍ଦାର ଉଢ଼ାଳରୁ ତାଙ୍କର କ୍ଷୀଣକାୟା ଜନନୀ ରୂପେ ଆବିର୍ଭୂତା ହେବା ପରେ ସେ ଚିତ୍କାର କରି କହିଉଠିଲା, 'ମା, ମା, ତୁମେ ପ୍ରେତରାଜ୍ୟକୁ ଯାଇ କି ମୋଟା ହୋଇଛ !' ସ୍ୱାମୀଜୀ କହିଲେ, 'ଏ ଦୃଶ୍ୟ ଦେଖି ମୁଁ ମର୍ମାହତ ହେଲି; କାରଣ ମୋର ମନେହେଲା ଯେ, ଲୋକଟାର ମୁଣ୍ଡ ଏକାବେଳକେ ବିଗିଡ଼ିଯାଇଛି ' କିନ୍ତୁ ସ୍ୱାମୀଜୀ ହଟିବାର ପାତ୍ର ନୁହନ୍ତି । ସେ ସେହି ଇଞ୍ଜିନିୟର ଯୁବକଙ୍କୁ ଏକ ରୁଷଦେଶୀୟ ଚିତ୍ରକରର ଗଳ୍ପ କହିଲେ । ଚିତ୍ରକର ଜଣେ କୃଷକର ମୃତ ପିତାର ଆଲେଖ୍ୟ ଅଙ୍କନ କରିବାକୁ ଆଦିଷ୍ଟ ହୋଇଥିଲେ ଏବଂ ଆକୃତିର ପରିଚୟ ସ୍ୱରୂପ ଏତିକିମାତ୍ର ଶୁଣିଥିଲେ, 'ତୁମକୁ ତ ବାବୁ କେତେ ଥର କହିଲି ଯେ, ତାଙ୍କର ନାକ ଉପରେ ଗୋଟିଏ ଜଲାଜାଇ ଥିଲା ' ଅବଶେଷରେ ଚିତ୍ରକର ଏକ ସାଧାରଣ କୃଷକର ଚିତ୍ର ଅଙ୍କନ କରି ମଧ୍ୟ ତାହାର ନାସିକାଦେଶରେ ଗୋଟିଏ ବୃହତ୍ ଦାଗ ବସାଇଦେଇ 'ଛବି ପ୍ରସ୍ତୁତ' ବୋଲି ସମ୍ବାଦ ଦେଲେ ଏବଂ କୃଷକପୁତ୍ରକୁ ଆସି ତାହା ଦେଖିଯିବା ନିମିତ୍ତ ଅନୁରୋଧ କଲେ । ସେ ଆସି କିଛି ସମୟ ଚିତ୍ରର ସମ୍ମୁଖରେ ଛିଡ଼ାହୋଇ ରହିବାପରେ

ଶୋକବିହ୍ୱଳଚିତ୍ତରେ କହିଉଠିଲା, 'ବାପା ! ବାପା ! ତୁମ ସଙ୍ଗରେ ଶେଷ ଦେଖାହେବା ପରେ ତୁମେ କେତେ ବଦଳି ଯାଇଛ !' ଏହି ଘଟଣା ପରେ ଇଞ୍ଜିନିୟର ଯୁବକ ଆଉ ସ୍ୱାମୀଜୀଙ୍କ ସହିତ ବାକ୍ୟାଳାପ କରି ନ ଥିଲେ ।

ଯାହାହେଉ, ଏହି ପ୍ରକାର ସାଧାରଣ ଭାବରେ ମନୋରଞ୍ଜନ କରିବାର ନାନା ବିଷୟ ଥିବା ସତ୍ତ୍ୱେ ସ୍ୱାମୀଜୀଙ୍କ ମନ ଭିତରେ ଏହି ସମୟରେ ଏକ ସଂଗ୍ରାମ ପ୍ରବଳ ହୋଇଉଠିଥିଲା । ଜୀବନରେ ନର୍ଯ୍ୟାତନାର କଥା ସେ ଆଶ୍ଚର୍ଯ୍ୟ ଭାବେ ବିହ୍ୱାର କହିଥିଲେ; ଏବଂ ତାଙ୍କର ବିଶ୍ରାମ ଓ ଶାନ୍ତିର ଯେ ଏକାନ୍ତ ପ୍ରୟୋଜନ ହୋଇଥିଲା—ଏ ବିଷୟରେ ସେ ଗୋଟିଏ ଦୁଇଟି କଥା କହିଥିଲେ ସତ, ଅତି ଅଳ୍ପ ହେଲେ ମଧ୍ୟ ତାହା ଯଥେଷ୍ଟ । ସେ କେତେକ ଘଣ୍ଟା ପରେ ଫେରିଆସି କହିଲେ, 'ମୋର ନିର୍ଜନବାସ ନିମିତ୍ତ ଆକାଙ୍କ୍ଷା ଜାଗରିତ ହୋଇଅଛି; ମୁଁ ଏକାକୀ ବନପ୍ରଦେଶକୁ ଗମନ କରି ଶାନ୍ତିଲାଭ କରିବି ।'

ତାହାପରେ ଊର୍ଦ୍ଧ୍ୱକୁ ଦୃଷ୍ଟିପାତ କରି ସେ ମୁଣ୍ଡ ଉପରେ ବାଲ-ଶଶୀର ଧାଡ଼ି ଦେଖିଲେ ଏବଂ କହିଲେ, 'ମୁସଲମାନଗଣ ଶୁକ୍ଳପକ୍ଷର ଶଶୀକଳାକୁ ଯଥେଷ୍ଟ ଆଦରଚକ୍ଷୁରେ ଦେଖିଥାଆନ୍ତି । ଆସ, ଆମେ ମଧ୍ୟ ନବୀନ ଶଶୀକଳା ସହିତ ନବଜୀବନ ଆରମ୍ଭ କରିବା ।'— ଏହା କହି ସେ ତାଙ୍କର ମାନସକନ୍ୟାଙ୍କୁ ପ୍ରାଣ ଖୋଲି ଆଶୀର୍ବାଦ କଲେ ।

୨୫ ମେ । ସେ ଯେଉଁ ଦିନ ଯାତ୍ରା କଲେ ସେଦିନ ବୁଧବାର । ଶନିବାର ସେ ଫେରି-ଆସିଲେ । ପୂର୍ବରୁ ମଧ୍ୟ ସେ ପ୍ରତିଦିନ ଦଶ ଘଣ୍ଟା କରି ଅରଣ୍ୟାନ୍ତର ନିର୍ଜନତା ମଧ୍ୟରେ ବାସ କରୁଥିଲେ ସତ, କିନ୍ତୁ ରାତିକାଳରେ ନିଜ ତମ୍ବୁକୁ ଫେରିଆସିଲେ ଗୃହ ଦିଗରୁ ଏତେ ଲୋକ ସଙ୍ଗଲାଭ ନିମିତ୍ତ ଆଗ୍ରହରେ ତାଙ୍କୁ ଘେରିରହୁଥିଲେ ଯେ, ତାଙ୍କର ଭାବ ଭଙ୍ଗ ହୋଇଯାଉ-ଥିଲା । ସେଥିନିମିତ୍ତ ସେ ଏହିରୂପେ ପଳାୟନ କରିଥିଲେ । ଏବେ ତାଙ୍କର ମୁଖମଣ୍ଡଳରେ ଜ୍ୟୋତିଃ ଫୁଟି ଉଠିଛି । ସେ ଦେଖିଛନ୍ତି ଯେ, ସେ ଏବେ ମଧ୍ୟ ସେହି ପୁରାତନ, ନଗ୍ନପଦରେ ଭ୍ରମଣକ୍ଷମ ଏବଂ ଶୀତତାପ ଓ ଅଳ୍ପାହାରସହିଷ୍ଣୁ ସନ୍ନ୍ୟାସୀ ହିଁ ଅଛନ୍ତି । ପ୍ରତୀଚ୍ୟ-ବାସ ତାଙ୍କର କ୍ଷତି କରିପାରି ନାହିଁ ।

୨ ଜୁନ । ଶୁକ୍ରବାର ପ୍ରାତଃକାଳରେ ଆମେମାନେ ବସି କାର୍ଯ୍ୟଧନ୍ଦା କରୁଥିଲୁ, ଏପରି ସମୟରେ 'ତାର' ଆସିଲା । 'ତାର'ଟି ଦିନେ ଡେରିରେ ଆସିଥିଲା । ସେଥିରେ ଲେଖା-ଥିଲା—'କାଲି ରାତିରେ ଉତ୍ତ୍ରକାମଣ୍ଡରେ ଗୁଡ୍‌ଉଇନଙ୍କର ଦେହତ୍ୟାଗ ହୋଇଅଛି ।' ସେ ଅଞ୍ଚଳରେ ଯେ ସାନ୍ନିପାତକ (typhoid) ମହାମାରୀର ସୂତ୍ରପାତ ହୋଇଥିଲା, ଆମମାନଙ୍କର ବନ୍ଧୁ ତାହାରି କବଳଗ୍ରାସରେ ହିଁ ପତିତ ହୋଇଛନ୍ତି; ସେ ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ସ୍ୱାମୀଜୀଙ୍କ କଥା କହିଥିଲେ ।

୫ ଜୁନ । ରବିବାର ସନ୍ଧ୍ୟା ସମୟରେ ସ୍ୱାମୀଜୀ ଶୀଘ୍ର ଆବାସକୁ ଫେରି ଆସିଲେ । ଆମର ଫାଟକ ଏବଂ ଅଗଣାବାଟେ ତାଙ୍କ ପାଇଁ ରାସ୍ତା ରଖାଯାଇଥିଲା । ସେ ସେହି ରାସ୍ତା ଧରି ଆସିଲେ ଏବଂ ସେହି ପ୍ରାଙ୍ଗଣରେ ଆମେ ମୁହୂର୍ତ୍ତିକ ପାଇଁ ବସି ତାଙ୍କ ସହିତ କଥାବାର୍ତ୍ତା କଲୁ । ସେ ଦୁଃସମ୍ବାଦ ବିଷୟରେ ଅବଗତ ନ ଥିଲେ, କିନ୍ତୁ ଇତିପୂର୍ବରୁ ତାଙ୍କୁ ମଧ୍ୟ ଯେପରି

ଏକ ଗଭୀର ବିଷାଦଗ୍ରସ୍ତ ଆଛନ୍ନ କରିଥିଲା ଏବଂ ଅନନ୍ତରକାଳମଧ୍ୟରେ ହିଁ ନୀରବତା ଭଙ୍ଗ କରି ସେ ଆମମାନଙ୍କୁ ସେହି ମହାପୁରୁଷଙ୍କ* କଥା ସ୍ମରଣ କରାଇଦେଲେ, ଯେ ଗୋଷ୍ଠୀର ଦର୍ପ-କଣ୍ଟକ ଦଷ୍ଟ ହୋଇ ଏତକମାତ୍ର କହିଥିଲେ—'ପ୍ରେମମୟଙ୍କ ନିକଟରୁ ଦୂତ ଆସିଅଛି', ଏବଂ ଯାହାଙ୍କୁ ସ୍ୱାମୀଜୀ ଶ୍ରୀରାମକୃଷ୍ଣଙ୍କପରେ ସର୍ବାପେକ୍ଷା ଅଧିକ ସୁଖ ପାଆନ୍ତି । ସେ କହିଲେ, 'ଏହିମାତ୍ର ମୁଁ ଏକ ପତ୍ର ପାଇଲି, ସେଥିରେ ଲେଖାଅଛି—'ପଓହାରୀ ବାବା ନିଜ ଦେହଦ୍ୱାରା ତାଙ୍କ ଯଜ୍ଞସମୂହର ପୂର୍ଣ୍ଣାହୁତି ପ୍ରଦାନ କରିଛନ୍ତି । ସେ ହୋମାଗ୍ନିରେ ସ୍ୱୀୟ ଦେହ ଭସ୍ମୀଭୂତ କରିଛନ୍ତି ।' ତାଙ୍କର ଶ୍ରୋତୃବୃନ୍ଦଙ୍କ ମଧ୍ୟରୁ ଜଣେ କହିଉଠିଲେ, 'ସ୍ୱାମୀଜୀ, ଏଇଟା କ'ଣ ଅତ୍ୟନ୍ତ ଖରାପ କାମ ହେଲା ନାହିଁ ?'

ସ୍ୱାମୀଜୀ ଗଭୀର ଆବେଗ-କମ୍ପିତ କଣ୍ଠରେ ଉତ୍ତର ଦେଲେ, 'ତାହା ମୁଁ ଜାଣେ ନାହିଁ । ସେ ଏତେ ବଡ଼ ମହାପୁରୁଷ ଥିଲେ ଯେ, ମୁଁ ତାଙ୍କ କାର୍ଯ୍ୟକଲାପ ବିଚାର କରିବାର ଅଧିକାରୀ ନୁହେଁ । ସେ କ'ଣ କରୁଥିଲେ, ତାହା ସେ ସ୍ୱୟଂ ହିଁ ଜାଣନ୍ତି ।'

୭ ଜୁନ୍ । ପରଦିନ ପ୍ରଭାତରେ ସେ ଖୁବ୍ ଶୀଘ୍ର ଆସିଲେ । ଦେଖିଲି, ସେ ଗଭୀର ଭାବରେ ଭାବିତ । ସେ ପରେ କହିଲେ ଯେ, ସେ ରାତି ଦୁଇଟାରୁ ଉଠିଥିଲେ ଏବଂ ଜଣେ ତାଙ୍କ ସହିତ ସାକ୍ଷାତ୍ କରିବାକୁ ଯାଇ ଗୁଡ଼ଉଇନ୍ ସାହେବଙ୍କ ମୃତ୍ୟୁ-ସମ୍ବାଦ ତାଙ୍କୁ ଦେଇଥିଲେ । ଆଘାତଟି ସେ ନୀରବରେ ସହିନେଲେ । କେତେକ ଦିନ ପରେ ସେ ଯେଉଁ ସ୍ଥାନରେ ଏହା ପ୍ରଥମ ପାଇଥିଲେ, ସେହି ସ୍ଥାନରେ ଆଉ ରହିବାକୁ ଚାହିଁଲେ ନାହିଁ; କହିଲେ, ତାଙ୍କର ସର୍ବାପେକ୍ଷା ବିଶ୍ୱସ୍ତ ଶିଷ୍ୟର ଆକୃତି ରାତଦିନ ତାଙ୍କ ମନରେ ପଡ଼ୁଛି ଏବଂ ଏହା ଯେ ଦୁର୍ବଳତା, ଏକଥା ମଧ୍ୟ ଜ୍ଞାପନ କଲେ । ଏହା ଯେ ଦୋଷାବହ, ତାହା ଦେଖାଇବା ନିମିତ୍ତ ସେ କହିଲେ ଯେ, କାହାରି ହେଲେ ସ୍ମୃତିଦ୍ୱାରା ଏହିରୂପେ ପୀଡ଼ିତ ହେବା ଯାହା ବିମବିକାଶର ତଳତର ସୋପାନରେ ମତ୍ସ୍ୟ କିମ୍ବା କୁକୁରସୁଲଭ ଲକ୍ଷଣଗୁଡ଼ିକ ଅବିକଳ ବଜାୟ ରଖିବା ଠିକ୍ ତାହା, ଏଥିରେ ମନୁଷ୍ୟତ୍ୱର ଲେଶମାତ୍ର ନାହିଁ । ମନୁଷ୍ୟକୁ ଏହି ଭ୍ରମ ଜୟ କରିବାକୁ ହେବ ଏବଂ ଜାଣିବାକୁ ହେବ ଯେ, ମୃତବ୍ୟକ୍ତିଗଣ ଯେପରି ଆଗେ ଥିଲେ ଏବେ ମଧ୍ୟ ଠିକ୍ ସେହିପରି ଆମମାନଙ୍କ ସଙ୍ଗେ ସଙ୍ଗେ ଅଛନ୍ତି । ସେମାନଙ୍କର ଅନୁପସ୍ଥିତି ଏବଂ ବିଚ୍ଛେଦଟା ହିଁ ଖାଲି କାଳ୍ପନିକ । ପୁଣି ପରମୁହୂର୍ତ୍ତରେ ହିଁ କୌଣସି ବ୍ୟକ୍ତିବିଶେଷଙ୍କ (ସଗୁଣ ଈଶ୍ୱରଙ୍କ) ଇଚ୍ଛାନୁସାରେ ଏହି ଜଗତ୍ ପରିଚାଳିତ ହେଉଅଛି, ଏହିଭଳି ନିର୍ବୋଧତା-ମୂଳକ କଳ୍ପନାର ବିରୋଧରେ ସେ ତୀବ୍ରଭାବରେ ପ୍ରତିବାଦ କରି କହିଲେ, 'ଗୁଡ଼ଉଇନ୍‌ଙ୍କୁ ମାରି ପକାଇବା ନିମିତ୍ତ ଏହିଭଳି ଏକ ଈଶ୍ୱରଙ୍କୁ ଯୁଦ୍ଧରେ ନିପାତ କରିବାଟା କଅଣ ମନୁଷ୍ୟର ଅଧିକାର ଏବଂ କର୍ତ୍ତବ୍ୟ ମଧ୍ୟରେ ନୁହେଁ ? ଗୁଡ଼ଉଇନ୍ ବଞ୍ଚିଥିଲେ କେତେ ବଡ଼ ବଡ଼ କାମ କରିପାରିଥାନ୍ତେ !'

ସ୍ୱାମୀଜୀଙ୍କର ଏହି ଉକ୍ତିଟିର ସହିତ ବର୍ଷେକ ପରେ ଯେଉଁ ଆଉ ଗୋଟିଏ ଉକ୍ତି ଶୁଣିଥିଲି,

---

* ପଓହାରୀ ବାବା

ତାହାର ଉଲ୍ଲେଖ ବୋଧହୁଏ ଅପ୍ରାସଙ୍ଗିକ ହେବ ନାହିଁ । ଆମେ ଯେଉଁ ସକଳ ଅଳୀକ କଳ୍ପନାର ସାହାଯ୍ୟରେ ସାନ୍ତ୍ୱନାଲାଭର ଚେଷ୍ଟା କରୁ, ତାହା ଦେଖି ଠିକ୍ ଏହିପରି ତୀବ୍ର ବିଦ୍ରୂପର ସହିତ ସେ କହି ଉଠିଥିଲେ, 'ଦେଖ, ପ୍ରତ୍ୟେକ କ୍ଷୁଦ୍ର ଶାସକ ଏବଂ କର୍ମଚାରୀ ନିମିତ୍ତ ଛୁଟି ଓ ବିଶ୍ରାମର ସମୟ ନିର୍ଦ୍ଦିଷ୍ଟ ଅଛି । ଆଉ ସନାତନ-ନିୟନ୍ତା ଈଶ୍ୱର ହିଁ ବୁଝିବାକୁ ହେବ ଖାଲି ଚିରକାଳ ବିଚାରାସନରେ ହିଁ ବସିଥିବେ, ତାଙ୍କୁ କ'ଣ ଆଉ କେବେହେଲେ ଛୁଟି ମିଳିବ ନାହିଁ ।'

କିନ୍ତୁ ଏହି ପ୍ରଥମ କେତେକ ଘଣ୍ଟା ସ୍ୱାମୀଜୀ ତାଙ୍କର ବିୟୋଗଦୁଃଖରେ ଅଟଳ ରହିଲେ ଏବଂ ଆମମାନଙ୍କ ସହିତ ବସି ଧୀରଭାବରେ ନାନା କଥା କହିବାକୁ ଲାଗିଲେ । ସେଦିନ ପ୍ରାତଃକାଳରେ ସେ କ୍ରମାଗତ ଭକ୍ତି ଯେ ତପସ୍ୟାରେ ପରିଣତ ହୁଏ, ସେହି କଥା ହିଁ କହିବାକୁ ଲାଗିଲେ—କିଭଳି ପ୍ରଗାଢ଼ ଭଗବତ୍-ପ୍ରେମର ଖରତର ପ୍ରବାହ ମନୁଷ୍ୟଗଣଙ୍କୁ ବ୍ୟକ୍ତିତ୍ୱର ସୀମା ଛାଡ଼ି ବହୁଦୂରକୁ ଭସାଇ ନେଇଗଲେ ମଧ୍ୟ ପୁଣି ତାହାକୁ ଏପରି ଏକ ସ୍ଥାନରେ ଛାଡ଼ି ଦେଇଯାଏ, ଯେଉଁଠାରେ ସେ ବ୍ୟକ୍ତିତ୍ୱର ମଧୁର ପାଶବନ୍ଧନରୁ ନିଷ୍କୃତି ପାଇବା ନିମିତ୍ତ ଛଟପଟ ହୁଏ ।

ସେଦିନ ସକାଳର ତ୍ୟାଗସମ୍ବନ୍ଧୀୟ ଉପଦେଶସମୂହ ଶ୍ରୋତୃବର୍ଗଙ୍କ ମଧ୍ୟରେ ଜଣକୁ ଅତି କଠିନ ବୋଧ ହେଲା । ସେ ପୁନର୍ବାର ଆସିବାରୁ ଉକ୍ତ ମହିଳା ଭକ୍ତ ତାଙ୍କୁ କହିଲେ, 'ମୋର ଧାରଣା, ଅନାସକ୍ତ ହୋଇ ସୁଖ ପାଇବାରେ କୌଣସି ପ୍ରକାର ଦୁଃଖୋତ୍ପତ୍ତିର ସମ୍ଭାବନା ନାହିଁ ଏବଂ ଏହା ସ୍ୱୟଂ ହିଁ ସାଧ୍ୟସ୍ୱରୂପ ।'

ହଠାତ୍ ଗମ୍ଭୀରଭାବ ଧାରଣ କରି ସ୍ୱାମୀଜୀ ତାଙ୍କ ଆଡ଼କୁ ବୁଲି କହିବାକୁ ଲାଗିଲେ, 'ଏହି ଯେ ତ୍ୟାଗରହିତ ଭକ୍ତିର କଥା କହୁଛ, ଏହା କ'ଣ ? ଏହା ଅତ୍ୟନ୍ତ ହାନିକର ।' ପ୍ରକୃତ ପକ୍ଷରେ ଅନାସକ୍ତ ହେବାକୁ ହେଲେ କିଭଳି କଠୋର ଆତ୍ମସଂଯମର ଅଭ୍ୟାସ ଆବଶ୍ୟକ, କିରୂପେ ସ୍ୱାର୍ଥପର ଉଦ୍ଦେଶ୍ୟଗୁଡ଼ିକର ଆବରଣ ଉନ୍ମୋଚନ କରିବା ଦରକାର ଏବଂ ଅତି କୁସୁମ-କୋମଳ ହୃଦୟର ଯେକୌଣସି ମୁହୂର୍ତ୍ତରେ ସଂସାରର ପାପ-କାଳିମାରେ କଳୁଷିତ ହେବାର ଆଶଙ୍କା ବିଦ୍ୟମାନ, ଏହି ସମ୍ବନ୍ଧରେ ସେ ସେହିଠାରେ ଏକ ଘଣ୍ଟା ବା ତତୋଽଧିକ କାଳ ଛିଡ଼ା ହୋଇ ବର୍ଣ୍ଣନା କରିବାକୁ ଲାଗିଲେ । ସେ ସେହି ଭାରତବର୍ଷୀୟା ସନ୍ନ୍ୟାସିନୀଙ୍କ କଥା ଉଲ୍ଲେଖ କଲେ, ଯେ କି 'ମଣିଷ କେତେବେଳେ ଧର୍ମପଥରେ ଆପଣାକୁ ସମ୍ପୂର୍ଣ୍ଣ ନିରାପଦ ମନେକରିପାରେ', ଏହି ପ୍ରଶ୍ନର ଉତ୍ତର ସ୍ୱରୂପ ପାଉଁଶ ପ୍ରେରଣ କରିଥିଲେ । ରିପୁଗଣଙ୍କ ବିରୋଧରେ ସଂଗ୍ରାମ ସୁଦୀର୍ଘ ଓ ଭୟଙ୍କର ଏବଂ ଯେକୌଣସି ମୁହୂର୍ତ୍ତରେ ହିଁ ବିଜେତାର ବିଜିତ ହେବାର ଆଶଙ୍କା ରହିଅଛି ।

ବହୁ ସପ୍ତାହ ପରେ କାଶ୍ମୀରରେ ଯେତେବେଳେ ସେ ପୁନର୍ବାର ତ୍ୟାଗ, ସଂଯମ ଓ ଦାନଧ୍ୟାନାଦି କଥା କହୁଥିଲେ, ସେହି ସମୟରେ ଆମମାନଙ୍କ ମଧ୍ୟରୁ ଜଣେ ସାହସ କରି ତାଙ୍କୁ ପଚାରିଥିଲେ—ସେ ଏହିଭଳି ଯେଉଁ ଭାବର ଉଦ୍ରେକ କରି ଦେଉଛନ୍ତି, ତାହା ଇଉରୋପରେ ଯେ ଦୁଃଖୋପାସନାକୁ ରୋଗୀର ଲକ୍ଷଣ ବୋଲି ଅତ୍ୟନ୍ତ ଘୃଣାଚକ୍ଷୁରେ ଦେଖନ୍ତି, ସେହି ମତ କି ?

ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ସ୍ୱାମୀଜୀ ଉତ୍ତର କଲେ, 'ଆଉ ସୁଖର ପୂଜାଟା କଅଣ ଖାଲି ଉଇଦରର ଜିନିଷ ?' ତା'ପରେ କିଛିଏ ମୌନ ରହି ପୁନର୍ବାର କହିଲେ, 'କିନ୍ତୁ ଅସଲ୍ କଥା ଏହି ଯେ, ଆମେ ଦୁଃଖର ପୂଜା କରୁ ନାହିଁ କି ସୁଖର ପୂଜା କରୁ ନାହିଁ । ଏହି ଉଭୟର ମଧ୍ୟ ଦେଇ, ଯାହା ସୁଖ-ଦୁଃଖର ଅତୀତ, ତାହା ହିଁ ଲାଭ କରିବା ଆମର ଉଦ୍ଦେଶ୍ୟ ।'

୯ ଜୁନ୍ । ଏହି ଗୁରୁବାର ଦିନ ପ୍ରଭାତରେ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ କଥାବାର୍ତ୍ତା ହେଲା । ସ୍ୱାମୀଜୀଙ୍କ ମନରେ ତାଙ୍କ ଜନ୍ମଗତ ହିନ୍ଦୁଶିକ୍ଷାଦୀକ୍ଷାସୁଲଭ ଏହି ବିଶେଷତ୍ୱ ଥିଲା ଯେ, ସେ ହୁଏତ ଦିନେ କୌଣସି ଗୋଟିଏ ଭାବରେ ଭାବିତ ହୋଇ ସେହି ଭାବର ଗୁଣ ବ୍ୟାଖ୍ୟା କରୁଥିଲେ; ପୁଣି ପରଦିନ ହୁଏତ ତାକୁ କଠୋର ଭାବରେ ବିଶ୍ଳେଷଣ କରି ଏକାବେଳକେ ନିର୍ଜୀବ କରି ଛାଡ଼ିଦେଇ ପାରୁଥିଲେ । ଏହି ପ୍ରକାର ଚିନ୍ତାପ୍ରଣାଳୀର ପ୍ରଥମ ଆଭାସ ସେ ବାଲ୍ୟକାଳରେ ତାଙ୍କର ଗୁରୁଦେବଙ୍କ ନିକଟରୁ ପ୍ରାପ୍ତ ହୋଇଥିଲେ । କୌଣସି ଏକ ଧର୍ମଭାବର ଐତିହାସିକ ପ୍ରାମାଣିକତା ବିଷୟରେ ସନ୍ଦିହାନ ହେବାରୁ ଶ୍ରୀରାମକୃଷ୍ଣ ତାଙ୍କୁ କହିଥିଲେ, 'କଅଣ ! ତାହାହେଲେ ତୁମେ କ'ଣ ମନେକର ନାହିଁ ଯେ, ଯେଉଁମାନେ ଏହିପରି ଭାବସବୁର ଧାରଣା କରିପାରନ୍ତି, ସେମାନେ ସେହିସବୁ ଭାବର ହିଁ ନିଶ୍ଚିତ ମୂର୍ତ୍ତିମାନ ବିଗ୍ରହ ଥିଲେ ?'

ଯେପରି ଖ୍ରୀଷ୍ଟଙ୍କର ଅସ୍ତିତ୍ୱ ବିଷୟରେ ସେହିପରି ଶ୍ରୀକୃଷ୍ଣଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ମଧ୍ୟ ସେ କେବେ କେବେ ତାଙ୍କର ସ୍ୱଭାବସୁଲଭ ସାଧାରଣ ସନ୍ଦେହର ସହିତ ମଧ୍ୟ କଥାବାର୍ତ୍ତା କରନ୍ତି : 'ଧର୍ମାଚାର୍ଯ୍ୟଗଣଙ୍କ ମଧ୍ୟରେ କେବଳ ବୁଦ୍ଧ ଓ ମହମ୍ମଦଙ୍କ ଭାଗ୍ୟରେ ହିଁ 'ଶତ୍ରୁ-ମିତ୍ର ଉଭୟ' ଲାଭ ଘଟିଥିଲା, ସୁତରାଂ ସେମାନଙ୍କ ଜୀବନର ଐତିହାସିକ ଅଂଶରେ ସନ୍ଦେହର ଲେଶମାତ୍ର ନାହିଁ । ଆଉ ଶ୍ରୀକୃଷ୍ଣ, ସେ ତ ସମସ୍ତଙ୍କ ଅପେକ୍ଷା ବେଶୀ ଅସ୍ପଷ୍ଟ, ବାସ୍ତବତାଶୂନ୍ୟ । କବି, ଗୋପାଳ, ଶକ୍ତିଶାଳୀ ଶାସକ, ଯୋଦ୍ଧା ଏବଂ ଋଷି—ହୁଏତ ଏହିସବୁ ଭାବଗୁଡ଼ିକ ଏକତ୍ରିତ ହୋଇ ଗୀତାହସ୍ତରେ ଏକ ସୁନ୍ଦର ମୂର୍ତ୍ତିରୂପେ ପରିଣତ ହୋଇଥିଲେ ।'

କିନ୍ତୁ ଆଜି ଶ୍ରୀକୃଷ୍ଣ ସକଳ ଅବତାରଙ୍କ ମଧ୍ୟରେ ଆଦର୍ଶସ୍ଥାନୀୟ ବୋଲି ବର୍ଣ୍ଣିତ ହେଲେ ଏବଂ ତା'ପରେ ଭଗବାନ ସାରଥିବେଶରେ ଅଶ୍ୱଗୁଡ଼ିକୁ ସଂଯତ କରି ରଣକ୍ଷେତ୍ରର ଚତୁର୍ଦ୍ଦିଗରେ ଦୃଷ୍ଟି ନିକ୍ଷେପ କଲେ ଏବଂ ନିମିଷକେ ବ୍ୟୂହସଂସ୍ଥାନ ଲକ୍ଷ୍ୟ କରିନେଇ ଶିଷ୍ୟସ୍ଥାନୀୟ ରାଜପୁତ୍ରଙ୍କୁ ଗୀତାର ଗଭୀର ଆଧ୍ୟାତ୍ମିକ ସତ୍ୟଗୁଡ଼ିକ ଶୁଣାଇବାକୁ ଆରମ୍ଭ କଲେ—

ଏତଦ୍‌ଭିନ୍ନ ସ୍ୱାମୀଜୀ ଆଉ ଗୋଟିଏ କଥା କହୁଥିଲେ ଯେ, ଭାରତବର୍ଷୀୟ ବୈଷ୍ଣବଗଣ କଳ୍ପନାମୂଳକ ଗୀତିକାବ୍ୟର ପରାକାଷ୍ଠା ପ୍ରଦର୍ଶନ କରିଯାଇଛନ୍ତି ।

କିନ୍ତୁ ଏହି କେତେଦିନକାଳ ସ୍ୱାମୀଜୀ କେଉଁଠାକୁ ଯାଇ ଏକାକୀ ବାସ କରିବା ନିମିତ୍ତ ଛଟପଟ ହେଉଥିଲେ । ଯେଉଁ ସ୍ଥାନରେ ସେ ଗୁଡ଼ଉଇନ୍‌ଙ୍କ ମୃତ୍ୟୁସମ୍ବାଦ ପାଇଛନ୍ତି, ସେହି ସ୍ଥାନ ତାଙ୍କ ନିକଟରେ ଅସହ୍ୟ ହୋଇ ଉଠିଥିଲା ଏବଂ ପତ୍ର ଆଦାନ-ପ୍ରଦାନରେ ସେହି କ୍ଷତ କ୍ରମାଗତ ନୂତନ ହୋଇ ଉଠୁଥିଲା । ଦିନେ ସେ କହିଥିଲେ ଯେ, ଶ୍ରୀରାମକୃଷ୍ଣ ବାହାରୁ କେବଳ ଭକ୍ତିମୟ ବୋଲି ମନେହେଲେ ମଧ୍ୟ ପ୍ରକୃତପକ୍ଷେ ଭିତରେ ଭିତରେ ପୂର୍ଣ୍ଣଜ୍ଞାନମୟ

ଥିଲେ; କିନ୍ତୁ ସେ (ସ୍ୱାମୀଜୀ) ବାହ୍ୟତଃ କେବଳ ଜ୍ଞାନମୟ ବୋଲି ମନେହେଲେ ମଧ୍ୟ ଭିତରେ ଭିତରେ ଭକ୍ତିରେ ପୂର୍ଣ୍ଣ ଏବଂ ସେଥିନିମିତ୍ତ ତାଙ୍କଠାରେ କେବେ କେବେ ନାରୀସୁଲଭ ଦୁର୍ବଳତା ଓ କୋମଳତାର ଭାବ ଦେଖାଯାଉଥିଲା ।

ଦିନେ ସେ କୌଣସି ଜଣଙ୍କର ଲେଖାର କେତୋଟି ଦୋଷଯୁକ୍ତ ପଙ୍କ୍ତି ନେଇଗଲେ ଏବଂ ତାହାକୁ ଏକ କ୍ଷୁଦ୍ର କବିତାରୂପେ* ଫେରାଇ ଆଣିଲେ । ସେହିଟି ସ୍ୱାମୀସ୍ୱାନା ଗୁଡ଼ଉଇନ୍-ଜନନୀଙ୍କ ତାଙ୍କ ପୁତ୍ରର ସ୍ମରଣରେ ସ୍ୱାମୀଜୀ-ପ୍ରଦତ୍ତ ଚିହ୍ନସ୍ୱରୂପ ପ୍ରେରିତ ହେଲା ।

ସଂଶୋଧନ ପରେ ଅସଲ କବିତାଟିର କିଛି ଅଂଶ ହିଁ ନ ରହିଲା ବୋଲି ଏବଂ ଯାହାଙ୍କ ଲେଖା ସଂଶୋଧିତ ହେଲା ସେ କ୍ଷୁଣ୍ଣ ହେବେ ବୋଲି ଆଶଙ୍କା କରି ସେ ଆଗ୍ରହସହକାରେ ଅନେକ ସମୟ ବିସ୍ତାରିତଭାବେ ବର୍ଣ୍ଣନା କରିବାକୁ ଲାଗିଲେ, 'କେବଳ ଛନ୍ଦ ଓ ମାତ୍ରା ମିଳାଇ କଥାଗୁଡ଼ିକ ଶୁଣିବା ଅପେକ୍ଷା କବିତ୍ୱପୂର୍ଣ୍ଣ ଭାବର ଅନୁଭବ କେତେ ବଡ଼ କଥା !'

୧୦ ଜୁନ । ଆଲମୋଡ଼ା-ବାସର ଶେଷ ଦିନ ଅପରାହ୍ଣରେ ଆମେମାନେ ଶ୍ରୀରାମକୃଷ୍ଣଙ୍କର ସେହି ପ୍ରାଣଘାତକ ପୀଡ଼ାର ଗଳ୍ପ ଶୁଣିଲୁ । ଡାକ୍ତର ଶ୍ରୀଯୁକ୍ତ ମହେନ୍ଦ୍ର ଲାଲ ସରକାର ଆହୂତ ହୋଇଥିଲେ । ସେ ଆସି ରୋଗୀଟିକୁ ରୋହିଣୀ ନାମକ ବ୍ୟାଧି (Cancer) ବୋଲି ନିର୍ଦ୍ଦେଶ କଲେ ଏବଂ ଫେରିବା ପୂର୍ବରୁ ଏହା ଯେ ସଂକ୍ରାମକ ରୋଗ, ତାହା ଶିଷ୍ୟମାନଙ୍କୁ ବହୁବାର ବୁଝାଇଦେଲେ । ଅଧଘଣ୍ଟା ପରେ 'ନରେନ୍ଦ୍ର' (ସେତେବେଳେ ତାଙ୍କର ଏହି ନାମ ଥିଲା) ଆସି ଦେଖିଲେ, ଶିଷ୍ୟମାନେ ଏକତ୍ରିତ ହୋଇ ସେହି ବିଷୟରେ ଆଲୋଚନା କରୁଛନ୍ତି । ସେ ଡାକ୍ତର କଅଣ କହିଯାଇଛନ୍ତି ନିବିଷ୍ଟ ଚିତ୍ତରେ ଶୁଣିଲେ ଏବଂ ଉପରେ ଖଟ ତଳକୁ ଚାହିଁ ଶ୍ରୀରାମକୃଷ୍ଣଙ୍କ ପାଦତଳେ ଭୁକ୍ତାବଶିଷ୍ଟ ପାୟସର ବାଟିଟି ଦେଖିବାକୁ ପାଇଲେ । ଗଳଦେଶରେ ଖାଦ୍ୟବାହୀ ନାଳୀଟିର ସଙ୍କୋଚନବଶତଃ ଶ୍ରୀରାମକୃଷ୍ଣ ଉକ୍ତ ପାୟସ ଗଳାଧଃକରଣ କରିବାକୁ ଅନେକଥର ବ୍ୟର୍ଥ ଚେଷ୍ଟା କରିଥିଲେ; ସୁତରାଂ ତାହା ତାଙ୍କ ମୁଖରୁ ବାରମ୍ବାର ବାହାରି ପଡ଼ିଥିଲା ଏବଂ ଏହି ଦୁଃସାଧ୍ୟ ରୋଗର ବୀଜାଣୁପୂର୍ଣ୍ଣ ଶ୍ଳେଷ୍ମା ଓ ପୂଜ ନିଶ୍ଚୟ ତାହା ସହିତ ଥିଲା । 'ନରେନ୍ଦ୍ର' ବାଟିଟି ଉଠାଇନେଇ ସର୍ବସମକ୍ଷରେ ତାହା ନିଃଶେଷପୂର୍ବକ ପାନ କରି ପକାଇଲେ । କ୍ୟାନ୍‌ସରର ସଂକ୍ରାମକତାର କଥା ଆଉ କେବେହେଲେ ଶିଷ୍ୟଗଣଙ୍କ ମଧ୍ୟରେ ଉତ୍ଥାପିତ ହୋଇ ନାହିଁ ।

* ୭ମ ଖଣ୍ଡରେ 'ଶାନ୍ତିରେ ବିଶ୍ରାମ ହେଉ ତାର' ଶୀର୍ଷକ କବିତା ଦ୍ରଷ୍ଟବ୍ୟ ।

# ୪

## କାଠଗୋଦାମ ପଥରେ

୧୧ ଜୁନ । ଶନିବାର ପ୍ରାତଃ ସମୟରେ ଆମେମାନେ ଆଲମୋଡ଼ା ପରିତ୍ୟାଗ କଲୁ । କାଠଗୋଦାମରେ ପହଞ୍ଚିବାକୁ ଆମମାନଙ୍କର ଅଢ଼େଇ ଦିନ ଲାଗିଥିଲା ।

ରାସ୍ତାର ଏକ ସ୍ଥାନରେ ଏକ ଅଦ୍ଭୁତ କିସମର ପୁରୁଣା ପାଣିଚକି ଓ ଶୂନ୍ୟ କମାରଶାଳ ନିକଟକୁ ଆସି ସ୍ୱାମୀଜୀ ଧୀରାମାତାଙ୍କୁ କହିଲେ, 'ଲୋକେ କହନ୍ତି, ଏହି ପାର୍ବତ୍ୟ ଅଞ୍ଚଳରେ ଏକଜାତୀୟ ଶାର୍ଦ୍ଦୁଳବଂଶ ଅଣଷାଣ୍ଟ ଭଳିଆ ବାଘ । ମୁଁ ଗୋଟିଏ ସତ୍ୟ ଘଟଣା ଜାଣେ, ସେଥିରେ ଜଣେ ବ୍ୟକ୍ତି ଏହି ସ୍ଥାନରେ ପ୍ରଥମେ ଏହିସବୁ ମୂର୍ତ୍ତିର ଦର୍ଶନ ପାଇଥିଲେ ଏବଂ ତା'ର ବହୁ ପରେ ଏହି ଜନଶ୍ରୁତିର ବିଷୟ ଅବଗତ ହୋଇଥିଲେ ।'

ବର୍ତ୍ତମାନ ଗୋଲାପର ଋତୁ ଅତିବାହିତ ହୋଇଯାଇଛି; କିନ୍ତୁ ଅନ୍ୟ ଏକପ୍ରକାର ଫୁଲ (କାମିନୀ ଫୁଲ) ଫୁଟି ଥିଲା, ସ୍ୱର୍ଗମାନେ ହିଁ ତାହା ଝଡ଼ିପଡ଼େ । ଭାରତୀୟ କାବ୍ୟଜଗତ ସହିତ ଏହାର ସ୍ମୃତି ବିଶେଷଭାବରେ ଜଡ଼ିତ ବୋଲି ସ୍ୱାମୀଜୀ ତାହା ଆମମାନଙ୍କୁ ଦେଖାଇଦେଲେ ।

୧୩ ଜୁନ । ରବିବାର ଅପରାହ୍ଣରେ ଆମେ ସମତଳ ଭୂମିର ସନ୍ନିକଟରେ ଗୋଟିଏ ହ୍ରଦ ଓ ଜଳପ୍ରପାତର ଉପରଭାଗରେ ଏକ ସ୍ଥାନରେ ବିଶ୍ରାମ କଲୁ । ସେହି ସ୍ଥାନରେ ସ୍ୱାମୀଜୀ ଆମମାନଙ୍କ ନିମିତ୍ତ ରୁଦ୍ର-ସ୍ତୁତିଟିକୁ ଅନୁବାଦ କଲେ :

'ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମାଽମୃତଂ ଗମୟ ।
ଆବିରାବିର୍ମ ଏଧି, ରୁଦ୍ର ଯତ୍ତେ ଦକ୍ଷିଣଂ ମୁଖଂ ତେନ ମାଂ ପାହି ନିତ୍ୟମ୍ ।'

—ଅର୍ଥାତ୍ ଆମମାନଙ୍କୁ ଅସତ୍‌ରୁ ସତ୍‌କୁ ନେଇଯାଅ, ଆମମାନଙ୍କୁ ତମଃରୁ ଜ୍ୟୋତିକୁ ନେଇଯାଅ, ଆମମାନଙ୍କୁ ମୃତ୍ୟୁରୁ ଅମୃତକୁ ନେଇଯାଅ, ଆମମାନଙ୍କ ନିକଟରେ ଆବିର୍ଭୂତ ହୁଅ, ଆମମାନଙ୍କ ନିକଟକୁ ଆଗମନ କର । ହେ ରୁଦ୍ର, ତୁମର ଯେ କରୁଣାପୂର୍ଣ୍ଣ ଦକ୍ଷିଣମୁଖ, ତଦ୍ୱାରା ଆମମାନଙ୍କୁ ନିତ୍ୟ ରକ୍ଷା କର ।

'ଆବିରାବିର୍ମ ଏଧି'—ଏ ଅଂଶର ଅନୁବାଦରେ ସେ ଅନେକ ସମୟ ଇତସ୍ତତଃ କଲେ, ଭାବିବାକୁ ଲାଗିଲେ ଏହାର ଅନୁବାଦ ଏହିପରି କରିବେ କି ନା—'ଆମମାନଙ୍କର ଅନ୍ତଃସ୍ଥଳରେ ଆସି ଆମମାନଙ୍କ ସହିତ ମିଳିତ ହୁଅ ।' କିନ୍ତୁ ଅବଶେଷରେ ସେ ଆମମାନଙ୍କ ନିକଟରେ ତାଙ୍କର ଚିନ୍ତାର କାରଣ ବ୍ୟକ୍ତ କରି ସଙ୍କୋଚର ସହିତ କହିଲେ, 'ଏହାର ଅସଲ ଅର୍ଥ ଏହି—ଆମମାନଙ୍କ ଭିତର ଦେଇ ଆମମାନଙ୍କ ନିକଟକୁ ଆସ ।'

ମୁଁ ବୁଝିଛି ଯେ, ଏହାର ଆହୁରି ଆକ୍ଷରିକ ଅନୁବାଦ ଏହିଭଳି ହେବ—'ହେ ରୁଦ୍ର, ତୁମେ କେବଳ ତୁମ ନିଜ ନିକଟରେ ହିଁ ପ୍ରକାଶିତ ଅଛ; ତୁମେ ଆମମାନଙ୍କ ନିକଟରେ ମଧ୍ୟ ଆତ୍ମପ୍ରକାଶ କର ।' ବର୍ତ୍ତମାନ ମୁଁ ତାଙ୍କର ଅନୁବାଦଟିକୁ ସମାଧିକାଳୀନ ଅନୁଭୂତିର ହିଁ ଏକ

କ୍ଷିପ୍ର ଓ ସାକ୍ଷାତ୍ ପ୍ରତିରୂପ ବୋଲି ମନେକରେ । ତାହା ଯେପରି ସଂସ୍କୃତ ମଧ୍ୟରୁ ସଜୀବ ହୃଦୟ୍ୟଟିକୁ ପୃଥକ୍ କରିନେଇ ତାକୁ ହିଁ ପୁନରାୟ ଇଂରାଜୀ ଭାଷାର ଆବରଣରେ ପ୍ରକାଶ କରିଅଛି ।

ବାସ୍ତବିକ ସେ ଅପରାହ୍ଣଟି ଯେପରି ଖାଲି ଅନୁବାଦର ଶୁଭ ଲଗ୍ନ ବୋଲି ମନେହେଲା ଏବଂ ସେ ହିନ୍ଦୁମାନଙ୍କର ଶ୍ରାଦ୍ଧାନୁଷ୍ଠାନର ଅଙ୍ଗୀଭୂତ ଅତି ସୁନ୍ଦର ମନ୍ତ୍ରଗୁଡ଼ିକର ଅନ୍ୟତମ ମନ୍ତ୍ରଟିର[୧] କେତେକ ଅଂଶ ଆମମାନଙ୍କ ନିକଟରେ ଅନୁବାଦ କରିଦେଲେ ।

ମୁଁ ପରମବ୍ରହ୍ମଙ୍କୁ ଲାଭ କରିବାକୁ ଇଚ୍ଛା କରଅଛି; ବାୟୁସକଳ ମୋର ଅନୁକୂଳ ହେଉ, ଔଷଧିସକଳ ଅନୁକୂଳ ହେଉ, ରାତି ଓ ଉଷା ଆମମାନଙ୍କର ଅନୁକୂଳ ହେଉ, ପୃଥିବୀର ଧୂଳି ଆମମାନଙ୍କର ଅନୁକୂଳ ହେଉ, ସୂର୍ଯ୍ୟ ଅନୁକୂଳ ହେଉ, ଗୋସକଳ ମଧ୍ୟ ଆମମାନଙ୍କର ଅନୁକୂଳ ହେଉ । ଓଁ ମଧୁ, ଓଁ ମଧୁ, ଓଁ ମଧୁ ।

ପରେ ସ୍ୱାମୀଜୀ ଖେତଡ଼ିର ନର୍ତ୍ତକୀ ନିକଟରୁ ସୁରଦାସଙ୍କ ଯେଉଁ ଗୀତଟି ଶୁଣିଥିଲେ, ତାହା ହିଁ ଆମମାନଙ୍କ ନିକଟରେ ପୁନରାୟ ଗାଇଲେ :

ପ୍ରଭୁ ମେରା ଅବଗୁଣ ଚିତ ନ ଧରୋ,
ସମଦରଶୀ ହୈ ନାମ ତୁମ୍ହାରୋ, ଇତ୍ୟାଦି ।''

ସମ୍ଭବତଃ ସେହିଦିନ କି ଆଉ ଦିନେ ସେ ଆମମାନଙ୍କ ନିକଟରେ କାଶୀର ସେହି ବୃଦ୍ଧ ସନ୍ନ୍ୟାସୀଙ୍କ କଥା କହିଲେ, ଯେ ତାହାଙ୍କୁ ଦଳେ ବାନର-କର୍ତ୍ତୃକ ଉତ୍ୟକ୍ତ ଦେଖି ଏବଂ ସେ ପଶ୍ଚାଦ୍‌ପଦ ହୋଇ ଫେରି ପଳାଇ ପାରନ୍ତି—ଏହି ଆଶଙ୍କା କରି ଉଚ୍ଚୈଃସ୍ୱରେ କହିଥିଲେ, 'ସର୍ବଦା ଜାନୁଆରଗୁଡ଼ିକର ସମ୍ମୁଖୀନ ହୁଅ ।'

ବଡ଼ ଆନନ୍ଦରେ ହିଁ ଆମେ ଉକ୍ତ କେତେଦିନ ବାଟ ଚାଲିଥିଲୁ । ପ୍ରତିଦିନ ଚଟିରେ ପହଞ୍ଚିଲୁ ବୋଲି ଦୁଃଖ ବୋଧହୁଏ । ଏହି ସମୟରେ ରେଳଯୋଗେ ତରାଇ ନାମକ ସେହି ମେଲେରିଆଗ୍ରସ୍ତ ଭୂଖଣ୍ଡ ଅତିକ୍ରମ କରିବାକୁ ଆମମାନଙ୍କର ସାରା ଉପରଓଳଟା ଲାଗିଥିଲା ଏବଂ ସ୍ୱାମୀଜୀ ଆମମାନଙ୍କୁ ସ୍ମରଣ କରାଇଦେଲେ ଯେ, ଏହା ହିଁ ବୁଦ୍ଧଙ୍କର ଜନ୍ମଭୂମି ।

---

୧ 'ମଧୁ ବାତା ଋତାୟତେ ମଧୁ କ୍ଷରନ୍ତି ସିନ୍ଧବଃ । ମାଧ୍ୱୀର୍ନଃ ସନ୍ତ୍ୱୋଷଧୀଃ ।
ମଧୁ ନକ୍ତମୁତୋଷସୋ ମଧୁମତ୍ ପାର୍ଥିବଂ ରଜଃ । ମଧୁଦ୍ୟୌରସ୍ତୁ ନଃ ପିତା ।
ମଧୁମାନ୍ନୋ ବନସ୍ପତିର୍ମଧୁମାଁ ଅସ୍ତୁ ସୂର୍ଯ୍ୟଃ । ମାଧ୍ୱୀର୍ଗାବୋ ଭବନ୍ତୁ ନଃ । ଓଁ ମଧୁ ଓଁ ମଧୁ ଓଁ ମଧୁ ।'

(ଇଂରାଜୀର ଏକ ସ୍ୱତନ୍ତ୍ର ଅନୁବାଦ ଦିଆଗଲା ।)

୨ ସମ୍ପୂର୍ଣ୍ଣ କବିତାଟି ଏହି ଖଣ୍ଡର ୨୪୦ ପୃଷ୍ଠାରେ ଦ୍ରଷ୍ଟବ୍ୟ ।

## ୪

ସ୍ଥାନ—ବେରଲୀଠାରୁ ବାରମୂଲା
କାଳ—ଜୁନ ୧୪ରୁ ୨୦, ୧୮୯୮

୧୪ ଜୁନ । ପରଦିନ ଆମେ ପଞ୍ଜାବରେ ପ୍ରବେଶ କଲୁ । ଏହି ଘଟଣାରେ ସ୍ୱାମୀଜୀ ଅତି ଉଲ୍ଲସିତ ହେଲେ । ଏ ପ୍ରଦେଶ ପ୍ରତି ତାଙ୍କର ଏପରି ଘନିଷ୍ଠତା ଓ ପ୍ରୀତି ଥିଲା ଯେ, ତାହା ଠିକ୍ ଯେପରି ତାଙ୍କର ଜନ୍ମଭୂମି ବୋଲି ପ୍ରତୀତ ହେଉଥିଲା । ସ୍ୱାମୀଜୀ କହିଲେ, 'ସେଠାରେ ସ୍ତ୍ରୀଲୋକମାନେ ଚରଖା ଚଳାଇ ତାହାର ସୋଽହଂ ଧ୍ୱନି ଶୁଣିଥାନ୍ତି ।' କହୁ କହୁ ସହସା ବିଷୟାନ୍ତର ଗ୍ରହଣ କରି ସେ ସୁଦୂର ଅତୀତକୁ ଗ୍ଳଲିଗଲେ ଏବଂ ଆମମାନଙ୍କ ସମକ୍ଷରେ ଯବନଗଣଙ୍କର ସିନ୍ଧୁନଦୀତୀରରେ ଅଭିଯାନ, ଚନ୍ଦ୍ରଗୁପ୍ତଙ୍କର ଆବିର୍ଭାବ ଏବଂ ବୌଦ୍ଧସାମ୍ରାଜ୍ୟର ବିସ୍ତାର, ଏହି ସକଳ ମହାନ୍ ଐତିହାସିକ ଦୃଶ୍ୟାବଳୀ ଗୋଟି ଗୋଟି ଉଦ୍‌ଘାଟନ କରିବାକୁ ଲାଗିଲେ । ଏହି ଗ୍ରୀଷ୍ମରେ ସେ ଯେପରି ହେଉ ଆଟକ ପର୍ଯ୍ୟନ୍ତ ଯାଇ ଯେଉଁଠି ବିଜୟୀ ସିକନ୍ଦର ପ୍ରତିହତ ହୋଇଥିଲେ, ସେହି ସ୍ଥାନଟି ସ୍ୱଚକ୍ଷୁରେ ଦର୍ଶନ କରିବାକୁ କୃତସଙ୍କଳ୍ପ ହୋଇଥିଲେ । ସେ ଆମମାନଙ୍କ ନିକଟରେ ଗାନ୍ଧାର ଭାସ୍କର୍ଯ୍ୟର ବର୍ଣ୍ଣନା କଲେ (ନିଶ୍ଚୟ ସେଗୁଡ଼ିକ ପୂର୍ବ ବର୍ଷ ସେ ଲାହୋର ଯାଦୁଘରେ ଦେଖିଥିବେ) ଏବଂ 'କଳାବିଦ୍ୟା ସମ୍ବନ୍ଧରେ ଭାରତବର୍ଷ ଚିରକାଳ ଯବନଗଣଙ୍କର ଶିଷ୍ୟତ୍ୱ କରିଅଛି'—ଇଉରୋପୀୟଗଣଙ୍କ ଏହି ଅର୍ଥହୀନ ଅନ୍ୟାୟ ଦାବିର ନିରାକରଣ କରୁ କରୁ ନାହିଁ ନଥିବା ଉତ୍ତେଜିତ ହୋଇଉଠିଲେ । ଗୋଧୂଳି ଆଲୋକରେ ଏହି ସକଳ ପାର୍ବତ୍ୟ ଭୂଖଣ୍ଡର କୌଣସି ଗୋଟିଏ ଅଂଶ ଅତିକ୍ରମ କାଳରେ ସ୍ୱାମୀଜୀ ଆମମାନଙ୍କୁ ତାଙ୍କର ସେହି ବହୁଦିନ ପୂର୍ବର ଅପୂର୍ବ ଦର୍ଶନ କଥା କହିଲେ । ସେତେବେଳେ ସନ୍ନ୍ୟାସୀ-ଜୀବନରେ ପଦାର୍ପଣ ମାତ୍ର କରିଥାନ୍ତି ଏବଂ ପରେ ତାଙ୍କର ବରାବର ଏହି ବିଶ୍ୱାସ ଥିଲା ଯେ, ସଂସ୍କୃତରେ ମନ୍ତ୍ର-ଆବୃତ୍ତି କରିବାର ପ୍ରାଚୀନ ରୀତି ସେ ଏହି ଘଟଣାରୁ ପୁନଃପ୍ରାପ୍ତ ହୋଇଥିଲେ ।

ସ୍ୱାମୀଜୀ କହିଲେ, 'ସନ୍ଧ୍ୟା ହୋଇଛି; ଆର୍ଯ୍ୟଗଣ ସେହି ମାତ୍ର ସିନ୍ଧୁନଦୀତୀରରେ ପଦାର୍ପଣ କରିଛନ୍ତି, ଏହା ସେହି ଯୁଗର ସନ୍ଧ୍ୟା । ଦେଖିଲି, ବିଶାଳ ନଦୀ-ତୀରରେ ବସିଛନ୍ତି ଏକ ବୃଦ୍ଧ । ଅନ୍ଧକାର-ତରଙ୍ଗ ପରେ ଅନ୍ଧକାର-ତରଙ୍ଗ ଆସି ତାଙ୍କ ଉପରେ ପଡ଼ୁଅଛି, ଆଉ ସେ ଋଗ୍‌ବେଦରୁ ଆବୃତ୍ତି କରୁଛନ୍ତି । ତତ୍ପରେ ମୁଁ ସହଜ ଅବସ୍ଥା ପ୍ରାପ୍ତ ହୋଇଥିଲି ଏବଂ ଆବୃତ୍ତି କରିବାକୁ ଲାଗିଲି । ବହୁ ପ୍ରାଚୀନକାଳରେ ଆମେ ଯେଉଁ ସ୍ୱର ବ୍ୟବହାର କରୁଥିଲୁ, ଏହା ସେହି ସ୍ୱର ।'

ଏହି ଆଲୋଚନା ପ୍ରସଙ୍ଗରେ ଆଉ ଦିନେ ସେ କହିଥିଲେ, 'ଶଙ୍କରାଚାର୍ଯ୍ୟ ବେଦର ଧ୍ୱନିକୁ ଠିକ୍ ଧରିପାରିଥିଲେ; ତାହା ହିଁ ଆମର ଜାତୀୟ ତାନ ବା ସ୍ୱର । କହିବି କ'ଣ ଏହା ମୋର ଚିରନ୍ତନ ଧାରଣା—' କହୁ କହୁ ହଠାତ୍ ତାଙ୍କର କଣ୍ଠସ୍ୱର ଯେପରି ଆବେଗମୟ

ହୋଇ ଆସିଲା ଏବଂ ଦୃଷ୍ଟି ଯେପରି ସୁଦୂରରେ ନିବଦ୍ଧ ହେଲା—'ମୋର ଚିରନ୍ତନ ଧାରଣା ଏହି ଯେ, ତାଙ୍କର ମଧ୍ୟ ଶୈଶବରେ ମୋରି ଭଳି କୌଣସି ଏକ ଅଲୌକିକ ଦର୍ଶନଲାଭ ନିଶ୍ଚୟ ଘଟିଥିଲା ଏବଂ ସେ ଏହି ରୂପରେ ସେହି ପ୍ରାଚୀନ ଜ୍ଞାନ ବା ସ୍ୱରକୁ ଧ୍ୱଂସମୁଖରୁ ଉଦ୍ଧାର କରିଥିଲେ । ଏହା ସତ୍ୟ ହେଉ ବା ନ ହେଉ—ବେଦ ଏବଂ ଉପନିଷତ୍‌ସମୂହର ସୌନ୍ଦର୍ଯ୍ୟକୁ ସ୍ପନ୍ଦିତ କରାଇବା ହିଁ ଥିଲା ତାଙ୍କର ସମସ୍ତ ଜୀବନର କାର୍ଯ୍ୟ ।'

ରାଓଲପିଣ୍ଡିରୁ ମରୀ ପର୍ଯ୍ୟନ୍ତ ଆମେମାନେ ଟାଙ୍ଗାରେ ଗଲୁ ଏବଂ କାଶ୍ମୀରଯାତ୍ରା ପୂର୍ବରୁ ସେଠାରେ କେତେକ ଦିନ ଅତିବାହିତ କଲୁ । ଏହିଠାରେ ସ୍ୱାମୀଜୀ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଯଦି ସେ ପ୍ରାଚୀନପନ୍ଥୀ ପରିବେଶରେ କୌଣସି ଇଉରୋପୀୟଙ୍କୁ ଶିଷ୍ୟରୂପେ ବା ସ୍ତ୍ରୀଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଇବାର କୌଣସି ଚେଷ୍ଟା କରନ୍ତି, ତାହାହେଲେ ତାହା ବଙ୍ଗଳା ଦେଶରେ କରାଇବା ଭଲ । ପଞ୍ଜାବରେ ବିଦେଶୀମାନଙ୍କ ପ୍ରତି ଅବିଶ୍ୱାସ ଏତେ ପ୍ରବଳ ଯେ, ଏଠାରେ ଏପରି କୌଣସି କାର୍ଯ୍ୟର ସଫଳତାର ସମ୍ଭାବନା ନାହିଁ । ମଧ୍ୟେ ମଧ୍ୟେ ଏହି ସମସ୍ୟାଟି ତାଙ୍କର ବିଶେଷ ମନୋଯୋଗ ଆକର୍ଷଣ କରେ; ଏବଂ ସେ କେବେ କେବେ କହନ୍ତି ଯେ, ବଙ୍ଗାଳୀମାନେ ରାଜନୀତି ବିଷୟରେ ଇଂରେଜ-ବିରୋଧୀ, ଅଥଚ ସେମାନଙ୍କ ମଧ୍ୟରେ ପରସ୍ପରକୁ ସୁଖୀ ପାଇବା ଓ ବିଶ୍ୱାସର ଗୋଟାଏ ସ୍ୱାଭାବିକ ପ୍ରବଣତା ରହିଛି; ଏହା ଆପାତବିରୁଦ୍ଧ ହେଲେ ମଧ୍ୟ ସତ୍ୟ ।

ଅପରାହ୍ଣର ଅନେକ ସମୟ ଝଡ଼ ହେବାରୁ ଆମେମାନେ ଘର ମଧ୍ୟରେ କଟାଇବାକୁ ବାଧ୍ୟ ହୋଇଥିଲୁ । 'ଡୋଲାଇ'ରେ ଆମମାନଙ୍କର ହିନ୍ଦୁଧର୍ମ ବିଷୟକ ଜ୍ଞାନଲାଭର ଏକ ନୂତନ ପରିଚ୍ଛେଦ ଖୋଲିଗଲା । କାରଣ ସ୍ୱାମୀଜୀ ଗମ୍ଭୀର ଓ ବିଶଦଭାବରେ ଏହାର ଆଧୁନିକ ଅଧୋଗତିର କଥା ଆମମାନଙ୍କୁ କହିଲେ ଏବଂ ସେଥିରେ ଯେ ସକଳ କୁତ୍ସିତ 'ବାମାଚାର' ନାମରେ ପ୍ରଚଳିତ ରହିଛି, ସେଗୁଡ଼ିକ ପ୍ରତି ସ୍ୱୀୟ ଆପୋଷହୀନ ଶତ୍ରୁତାର କଥା ମଧ୍ୟ ଉଲ୍ଲେଖ କଲେ ।

ଯେକୌଣସି ଲୋକ ନିରାଶ ହେବା ଦେଖି ସେ ସହ୍ୟ କରିପାରନ୍ତି ନାହିଁ; ସେହି ଶ୍ରୀରାମକୃଷ୍ଣ ଏ ସକଳକୁ କି ଦୃଷ୍ଟିରେ ଦେଖନ୍ତି, ଏ ପ୍ରଶ୍ନ କରିବାରେ ସେ କହିଲେ, 'ଠାକୁର କହନ୍ତି—ହଁ, ତା ଅବଶ୍ୟ; କିନ୍ତୁ ପ୍ରତ୍ୟେକ ଘରର ଗୋଟାଏ ପାଇଖାନା-ଦୁଆର ତ ଅଛି ।' ଏହା କହି ସ୍ୱାମୀଜୀ ଦେଖାଇଦେଲେ ଯେ, ସବୁ ଦେଶରେ ଯେଉଁ ସବୁ ସମ୍ପ୍ରଦାୟରେ କଦାଚାରର ଭିତର ଦେଇ ଧର୍ମଲାଭର ଚେଷ୍ଟା କରାହୁଏ, ସେମାନେ ସବୁ ଏହି ଶ୍ରେଣୀଭୁକ୍ତ ।

ଆମେ ସ୍ୱାମୀଜୀଙ୍କ ସହିତ ପାଲି କରି ଟାଙ୍ଗାରେ ଯିବାର ବ୍ୟବସ୍ଥା କଲୁ ଏବଂ ଏହି ପରବର୍ତ୍ତୀ ଦିନଟି ଯେପରି ଅତୀତ ସ୍ମୃତିର ଆଲୋଚନାରେ ହିଁ ପୂର୍ଣ୍ଣ ଥିଲା ।

ସେ ବ୍ରହ୍ମବିଦ୍ୟା ସମ୍ବନ୍ଧରେ—'ଏକମେବାଦ୍ୱିତୀୟମ୍' ଈଶ୍ୱର ସାକ୍ଷାତ୍କାର ସମ୍ବନ୍ଧରେ କହିବାକୁ ଲାଗିଲେ ଏବଂ 'ପ୍ରେମ ହିଁ ଯେ ପାପର ଏକମାତ୍ର ଔଷଧ', ତାହା ମଧ୍ୟ କହିଲେ । ତାଙ୍କର ଜଣେ ସ୍କୁଲ ସହପାଠୀ ବଡ଼ ହୋଇ ଧନଶାଳୀ ହେଲେ; କିନ୍ତୁ ତାଙ୍କର ସ୍ୱାସ୍ଥ୍ୟଭଙ୍ଗ ହେଲା । ରୋଗଟି ଠିକ୍ ନିର୍ଣ୍ଣୀତ ହୋଇପାରିଲା ନାହିଁ ଓ ଦିନୁଦିନ ତାଙ୍କର ଜୀବନୀଶକ୍ତି କ୍ଷୀଣ ହେବାକୁ ଲାଗିଲା ଏବଂ ଚିକିତ୍ସକଗଣଙ୍କ ନୈପୁଣ୍ୟ ଏହାନିକଟରେ ସମ୍ପୂର୍ଣ୍ଣ ପରାଭୂତ ହେଲା ।

ଅବଶେଷରେ 'ସ୍ୱାମୀଜୀ ଚିରକାଳ ଧର୍ମସଂସ୍ଥାପନ୍ନ' ଏହା ଜାଣିଥିବାରୁ ଏବଂ ମନୁଷ୍ୟ ଅନ୍ୟ ସବୁ ଉପାୟରେ ବିଫଳ ହେଲେ ଧର୍ମର ଆଶ୍ରୟ ନିଏ ବୋଲି ସେ ସ୍ୱାମୀଜୀଙ୍କୁ ତାଙ୍କ ପାଖକୁ ଆସିବାକୁ ଅନୁରୋଧ କରି ଲୋକ ପଠାଇଲେ । ଆଶ୍ଚର୍ଯ୍ୟଦେବ ସେଠାରେ ପହଞ୍ଚିବା ପରେ ଏକ କୌତୂହଳପୂର୍ଣ୍ଣ ଘଟଣା ଘଟିଲା ।

'ଯେ ବ୍ରହ୍ମକୁ ଆପଣାଠାରୁ ଅନ୍ୟ ବୋଲି ଜାଣନ୍ତି, ବ୍ରହ୍ମ ତାଙ୍କୁ ପ୍ରତ୍ୟାଖ୍ୟାନ କରେ; ଯେ କ୍ଷତ୍ରିୟକୁ ଆପଣାଠାରୁ ଅନ୍ୟ ବୋଲି ଜାଣନ୍ତି, କ୍ଷତ୍ରିୟ ତାକୁ ପରାଜିତ କରେ; ଯେ ଲୋକମାନଙ୍କୁ ଆପଣାଠାରୁ ଅନ୍ୟ ବୋଲି ଜାଣନ୍ତି, ଲୋକମାନେ ତାକୁ ପ୍ରତ୍ୟାଖ୍ୟାନ କରନ୍ତି ।' ଏହି ଶ୍ରୁତିବାକ୍ୟ* ତାଙ୍କର ମନେ ପଡ଼ିଲା ଏବଂ ରୋଗୀ ମଧ୍ୟ ଏହାର ଅର୍ଥ ହୃଦୟଙ୍ଗମ କରି ରୋଗରୁ ମୁକ୍ତ ହେଲେ । ପରେ ସ୍ୱାମୀଜୀ କହିଲେ, 'ସୁତରାଂ ଯଦିବା ମୁଁ ଅନେକ ସମୟରେ ତୁମମାନଙ୍କ ମନମୁତାବକ କଥା କହେ ନାହିଁ ବା ରାଗିଯାଇ କଥା କହେ, ତଥାପି ମନେରଖ ଯେ, ପ୍ରେମ ଭିନ୍ନ ଅନ୍ୟ କିଛି ପ୍ରଚାର କରିବା ଆଦୌ ମୋର ଅନ୍ତରର ଭାବ ନୁହେଁ । ଆମେ ଯେ ପରସ୍ପରକୁ ଭଲ ପାଉ, କେବଳ ଏତିକମାତ୍ର ହୃଦୟଙ୍ଗମ ହେଲେ ହିଁ ଏ ସକଳ ଗଣ୍ଡଗୋଳ ମେଣ୍ଟିଯିବ ।'

ସମ୍ଭବତଃ ସେହି ଦିନ ହିଁ (ଅଥବା ପୂର୍ବ ଦିନ ମଧ୍ୟ ହୋଇପାରେ) ସେ 'ଶ୍ରୀମହାଦେବ'-ପ୍ରସଙ୍ଗରେ ଆମମାନଙ୍କର ନିକଟରେ କହିଲେ ଯେ, ଶୈଶବରେ ତାଙ୍କର ଜନନୀ ପୁତ୍ରର ଦୁଷ୍ଟାମି ଦେଖି ହତାଶ ହୋଇ କହିଲେ, 'ଏତେ ଜପ, ଏତେ ଉପବାସ ଫଳରେ ଶିବ କ'ଣ ଏକ ପୁଣ୍ୟାତ୍ମା ପରିବର୍ତ୍ତେ ତୋତେ—ଭୂତଟାଏ ପଠାଇଲେ !' ଅବଶେଷରେ ସେ ଯେ ସତକୁ ସତ ଶିବଙ୍କର ଗୋଟାଏ ଭୂତ, ଏହି ଧାରଣା ତାଙ୍କୁ ମିଳିବାକୁ ଲାଗିଲା । ତାଙ୍କର ମନେ-ହେଲା, ଯେପରି କୌଣସି ଦଣ୍ଡଭୋଗ ନିମିତ୍ତ ସେ କିଛିଦିନ ପାଇଁ ଶିବଲୋକରୁ ନିର୍ବାସିତ ହୋଇଛନ୍ତି, ଆଉ ତାଙ୍କର ଜୀବନର ଏକମାତ୍ର ଚେଷ୍ଟା ହେବ ସେଠାକୁ ଫେରିଯିବା ।

ସ୍ୱାମୀଜୀ ଦିନେ କହିଥିଲେ ଯେ, ତାଙ୍କର ପ୍ରଥମ ଆଚାର-ମର୍ଯ୍ୟାଦାଲଙ୍ଘନ ପାଞ୍ଚ ବର୍ଷ ବୟସରେ ହୋଇଥିଲା । ସେହି ସମୟରେ ସେ ଖାଉ ଖାଉ ଡାହାଣ ହାତଟି ଅଇଁଠାବୋଲା ହୋଇଥିଲେ ବାଁ ହାତରେ ପାଣି-ଗିଲାସ ଟେକିନେବା କ'ଣ ଅଧିକ ପରିଚ୍ଛନ୍ନତାର କାମ ହେବ ନାହିଁ, ଏହି ମର୍ମରେ ତାଙ୍କର ମାତାଙ୍କ ସହିତ ଏକ ତୁମୁଳ ତର୍କରେ ପ୍ରବୃତ୍ତ ହୋଇ-ଥିଲେ । ଏ ଦୁଷ୍ଟାମି ଅଥବା ଏବଂବିଧ ଅପର ସବୁ ଦୁଷ୍ଟାମି ନିମିତ୍ତ ଜନନୀଙ୍କର ଅମୋଘ ଔଷଧ ଥିଲା—ବାଳକକୁ ପାଣିକଳ ତଳେ ବସାଇଦେବା ଏବଂ ତାଙ୍କ ମସ୍ତକରେ ଶୀତଳ ଜଳଧାରା ପଡ଼ୁଥିବା ବେଳେ 'ଶିବ ! ଶିବ !' ଉଚ୍ଚାରଣ କରିବା । ସ୍ୱାମୀଜୀ କହନ୍ତି ଯେ, ଏହି ଉପାୟଟା କେବେହେଲେ ବିଫଳ ହେଉ ନ ଥିଲା । ମାତାଙ୍କର ଜପ ତାଙ୍କୁ ନିର୍ବାସନର

---

* 'ବ୍ରହ୍ମ ତଂ ପରାଦାଦ୍ ଯୋଽନ୍ୟତ୍ରାତ୍ମନୋ ବ୍ରହ୍ମ ବେଦ କ୍ଷତ୍ରଂ ତଂ ପରାଦାଦ୍ ଯୋଽ-ନ୍ୟତ୍ରାତ୍ମନଃ କ୍ଷତ୍ରଂ ବେଦ ଲୋକାସ୍ତଂ ପରାଦୁର୍ଯୋଽନ୍ୟତ୍ରାତ୍ମନୋ ଲୋକାନ୍ ବେଦ ।'—ବୃହଦାରଣ୍ୟକ ଉପନିଷଦ୍, ୪।୫।୭

କଥା ମନେପକାଇ ଦେଉଥିଲା, ଏବଂ ସେ ମନେ ମନେ 'ନା, ନା, ଏଥର ଆଉ ନୁହେଁ—କହି ପୁନର୍ବାର ଶାନ୍ତ ଏବଂ ବାଧ୍ୟ ହେଉଥିଲେ ।

ମହାଦେବଙ୍କୁ ସେ ଅତ୍ୟନ୍ତ ଭଲ ପାଉଥିଲେ ଏବଂ ଏକଦା ସେ ଭାରତର ଭାବୀ ସ୍ତ୍ରୀ-ଜାତି ସମ୍ବନ୍ଧରେ କହିଥିଲେ ଯେ, ଯଦି ସେମାନେ ସେମାନଙ୍କର ନୂତନ ନୂତନ କର୍ତ୍ତବ୍ୟ ମଧ୍ୟରେ ଖାଲି ମନେପକାଇ ମଝିରେ ମଝିରେ 'ଶିବ ! ଶିବ !' କହିବେ, ତାହାହେଲେ ସେମାନଙ୍କ ପକ୍ଷରେ ଯଥେଷ୍ଟ ପୂଜା କରିବା ହେବ । ତାଙ୍କ ନିକଟରେ ହିମାଳୟର ପବନ ପର୍ଯ୍ୟନ୍ତ ସେହି ଅନାଦି ଅନନ୍ତ ଧ୍ୟାନର ବିଷୟୀଭୂତ ମୂର୍ତ୍ତିଦ୍ୱାରା ଓତଃପ୍ରୋତ ଭାବରେ ଜଡ଼ିତ, ଯେଉଁ ଧ୍ୟାନ ସୁଖଚନ୍ଦ୍ରାଦ୍ୱାରା ଭଗ୍ନ ହେବାର ନୁହେଁ; ଏବଂ ସେ କହନ୍ତି ଯେ, ଏହି ଗ୍ରୀଷ୍ମଋତୁରେ ହିଁ ସେ ପ୍ରଥମେ ସେହି ପ୍ରାକୃତିକ କାହାଣୀର ଅର୍ଥ ବୁଝିଲେ, ଯେଉଁଥିରେ ମହାଦେବଙ୍କ ମସ୍ତକରେ ଏବଂ ସମତଳ ପ୍ରଦେଶରେ ଅବତରଣ ପୂର୍ବେ ଶିବଙ୍କ ଜଟା ମଧ୍ୟରେ ସୁରଧୁନୀର ଇତସ୍ତତଃ ସଞ୍ଚରଣ କଳ୍ପିତ ହୋଇଅଛି । ସେ କହିଥିଲେ ଯେ, ସେ ବହୁଦିନ ଧରି ପର୍ବତମଧ୍ୟବାହିନୀ ନଦୀ ଓ ଜଳପ୍ରପାତସବୁ କ କଥା କହନ୍ତି, ଏହା ଜାଣିବା ନିମନ୍ତେ ଅନୁସନ୍ଧାନ କରିଥିଲେ ଏବଂ ଅବଶେଷରେ ଜାଣିଥିଲେ ଯେ, ଏହା ସେହି ଅନାଦି ଅନନ୍ତ 'ହରହର ବମ୍ ବମ୍' ଧ୍ୱନି ! ସେ ଥରେ ଶିବଙ୍କ ପ୍ରସଙ୍ଗରେ କହିଥିଲେ, 'ହଁ, ସେ ହିଁ ମହେଶ୍ୱର, ଶାନ୍ତ, ସୁନ୍ଦର ଏବଂ ମୌନ ! ମୁଁ ତାଙ୍କର ପରମ ଭକ୍ତ ।'

ଆଉ ଥରେ ତାଙ୍କର ବକ୍ତବ୍ୟ ବିଷୟ ଥିଲା—ବିବାହ କିଭଳି ଈଶ୍ୱରଙ୍କ ସହିତ ଜୀବାତ୍ମାର ସମ୍ବନ୍ଧର ଆଦର୍ଶସ୍ୱରୂପ । ସେ ଉତ୍ସାହର ସହିତ କହିଲେ, 'ଏଥି ନିମିତ୍ତ ହିଁ ମାତାର ସ୍ନେହ କେତେକାଂଶରେ ଏତଦପେକ୍ଷା ମହତ୍ତର, ତଥାପି ସମଗ୍ର ପୃଥିବୀର ଲୋକେ ସ୍ୱାମୀ-ସ୍ତ୍ରୀର ପ୍ରେମକୁ ହିଁ ଆଦର୍ଶ ବୋଲି ଧରିଥାନ୍ତି । ଆଉ କୌଣସି ପ୍ରେମରେ ଏ ପ୍ରକାର ମନମୁତାବକ କରି ଗଢ଼ିନେବାର ଅପୂର୍ବ ଶକ୍ତି ନାହିଁ । ପ୍ରେମାସ୍ପଦକୁ ଯେପରି କଳ୍ପନା କରାଯାଏ ସତକୁ ସତ ସେ ସେହିପରି ହିଁ ହୋଇଉଠେ, ଏହି ପ୍ରେମ ପ୍ରେମାସ୍ପଦକୁ ରୂପାନ୍ତରିତ କରିଦିଏ ।'

ତତ୍ପରେ କଥାପ୍ରସଙ୍ଗରେ ଜାତୀୟ ଆଦର୍ଶର କଥା ଉଠିଲା ଏବଂ ସ୍ୱାମୀଜୀ ବିଦେଶ-ପ୍ରତ୍ୟାଗତ ପାନ୍ଥ କିପରି ଆନନ୍ଦର ସହିତ ପୁଣି ସ୍ୱଦେଶବାସୀ ନରନାରୀଗଣଙ୍କୁ ସ୍ୱାଗତ କରେ ତାହାର ଉଲ୍ଲେଖ କରିଥିଲେ । ମଣିଷ ସାରାଜୀବନ ଧରି ଅଜ୍ଞାତସାରରେ ଏପରି ଶିକ୍ଷାଲାଭ କରି ଆସେ ଯେ, ସେ ସ୍ୱଦେଶବାସୀଙ୍କ ମୁଖରେ ଏବଂ ଆକୃତିରେ ଭାବର ମୃଦୁ ଆଲୋଡ଼ନ ପର୍ଯ୍ୟନ୍ତ ଅନୁଭବ କରିପାରେ ।

ପଥରେ ଯାଉ ଯାଉ ଆମମାନଙ୍କର ପୁନର୍ବାର ଦଳେ ପଦବ୍ରଜୀ ସନ୍ନ୍ୟାସୀଙ୍କ ସହିତ ସାକ୍ଷାତ୍ ହେଲା । ସେମାନଙ୍କର କୃଚ୍ଛ୍ରାନୁରାଗ ଦେଖି ସ୍ୱାମୀଜୀ କଠୋର ତପସ୍ୟାକୁ 'ବର୍ବରତା' ବୋଲି ତୀବ୍ର ସମାଲୋଚନା କରିବାକୁ ଲାଗିଲେ । ଯାତ୍ରୀଗଣ ସେମାନଙ୍କ ଆଦର୍ଶ ନାମରେ ଧୀରେ ଧୀରେ କୋଶ ପରେ କୋଶ ପଥ ଅତିବାହନ କରୁଛନ୍ତି, ଏହି ଦୃଶ୍ୟରେ ତାଙ୍କ ମନରେ କଷ୍ଟକର ସ୍ମୃତି ଉଦୟ ହେଲା ଏବଂ ମାନବସାଧାରଣଙ୍କ ପକ୍ଷରୁ ସେ ଧର୍ମର ଉତ୍ପୀଡ଼ନରେ ଅଧୀର ହୋଇଉଠିଲେ । କିଛି ସମୟ ପରେ ଏହି ଭାବ ଯେପରି ହଠାତ୍ ଆସିଥିଲା,

ସେଇଥିପାଇଁ ହଠାତ୍ ଚାଲିଗଲା ଏବଂ ତା' ପରିବର୍ତ୍ତେ ଏହି 'ବର୍ବରତା' ନ ଥିଲେ ଯେ ବିଳାସ ଆସି ମଣିଷର ସମୁଦାୟ ମନୁଷ୍ୟତ୍ୱକୁ ଅପହରଣ କରନ୍ତା, ଏହି ଧାରଣା ଠିକ୍ ସେହିପରି ଦୃଢ଼ତାର ସହିତ ଉକ୍ତ ହୋଇଥିଲା ।

## ୬

## କାଶ୍ମୀର ଉପତ୍ୟକା

ସ୍ଥାନ—ବିତସ୍ତା ନଦୀ—(ବାରମୂଲାରୁ ଶ୍ରୀନଗର ପର୍ଯ୍ୟନ୍ତ)
କାଳ—ଜୁନ ୨୦ରୁ ୨୨ ତାରିଖ

'ଭାଗ୍ୟବାନର ବୋଝ ଭଗବାନ ବୁହନ୍ତି !'—ଅତି ଉଲ୍ଲାସର ସହିତ ଏହି କଥା କହୁ କହୁ ସ୍ୱାମୀଜୀ ଆମମାନଙ୍କ ଡାକବଙ୍ଗଳାର କୋଠରୀକୁ ଫେରି ଆସିଲେ ଏବଂ ଛତାଟି କାନ୍ଥଦ୍ୱୟର ଉପରେ ରଖି ଉପବେଶନ କଲେ; କୌଣସି ସଙ୍ଗୀ ନ ନେଇ ଆସିବାଯୋଗୁ ତାଙ୍କୁ ସ୍ୱୟଂ ସାଧାରଣ ଛୋଟ ଛୋଟ କାମଗୁଡ଼ିକୁ ସମ୍ପାଦନ କରିବାକୁ ପଡ଼ୁଥିଲା ଏବଂ ସେ ଡଙ୍ଗା-ଭଡ଼ା ଇତ୍ୟାଦି ପ୍ରୟୋଜନୀୟ କାର୍ଯ୍ୟ ପାଇଁ ବାହାରିଥିଲେ । କିନ୍ତୁ ବାହାରିବା ପରେ ତାଙ୍କର ହଠାତ୍ ଜଣେ ଲୋକ ସହିତ ସାକ୍ଷାତ୍ ହେଲା । ସେ ସ୍ୱାମୀଜୀଙ୍କ ନାମ ଶ୍ରବଣରେ କାର୍ଯ୍ୟର ସମସ୍ତ ଭାର ନିଜ ଉପରକୁ ନେଇ ତାଙ୍କୁ ନିଶ୍ଚିନ୍ତ ମନରେ ଫେରିଯିବାକୁ କହିଥିଲେ । ସୁତରାଂ ଦିନଟି ଆମମାନଙ୍କର ଆନନ୍ଦରେ କଟିଗଲା । ଆମେମାନେ ସେଠାରେ ଡିଆରି କାଶ୍ମୀରୀ ଚା ପାନ କଲୁ ଏବଂ ଏହି ଦେଶର ମୋରବ୍ବା ଖାଇଲୁ । ପରେ ପ୍ରାୟ ଚାରିଟା ସମୟରେ ଆମେ ତିନିଡଙ୍ଗାବିଶିଷ୍ଟ ଏକ କ୍ଷୁଦ୍ର ନୌ-ବହର ଅଧିକାର କଲୁ ଏବଂ ଆଉ ବିଳମ୍ବ ନ କରି ଶ୍ରୀନଗରାଭିମୁଖରେ ଯାତ୍ରା କଲୁ । ପ୍ରଥମ ସନ୍ଧ୍ୟାରେ ଆମେମାନେ ସ୍ୱାମୀଜୀଙ୍କର ଜଣେ ବନ୍ଧୁଙ୍କର ବଗିଚା ପାଖରେ ନଙ୍ଗର ପକାଇଲୁ ।

ପର ଦିନ ଆମେ ତୁଷାରମଣ୍ଡିତ ପର୍ବତରାଜିଦ୍ୱାରା ପରିବେଷ୍ଟିତ ଏକ ମନୋରମ ଉପତ୍ୟକାରେ ଉପସ୍ଥିତ ହେଲୁ । ଏହା ହିଁ କାଶ୍ମୀର ଉପତ୍ୟକା ନାମରେ ପରିଚିତ; କିନ୍ତୁ ଝୁଏତ ଶ୍ରୀନଗର ଉପତ୍ୟକା କହିଲେ ଏହାର ଠିକ୍ ଠିକ୍ ପରିଚୟ ମିଳିଥାଏ ।

ସେହି ପ୍ରଥମ ପ୍ରଭାତରେ କ୍ଷେତ ଉପରି ଦେଇ ଦୀର୍ଘପଥ ଭ୍ରମଣ ପରେ ଆମେ ଏକ ବିସ୍ତୃତ ଗୋଚାରଣ-ଭୂମିର ମଧ୍ୟସ୍ଥଳରେ ଅବସ୍ଥିତ ଗୋଟିଏ ପ୍ରକାଣ୍ଡ 'ଚେନାର୍' ଗଛ ନିକଟରେ ଉପସ୍ଥିତ ହେଲୁ । ସତକୁ ସତ ଦେଖିଲୁ, ଯେପରି ଏହି ଗଛ କୋଟରରେ ପ୍ରବାଦୋକ୍ତ କୋଡ଼ିଏଟି ଗୋରୁଙ୍କ ସ୍ଥାନ ମିଳିପାରେ ! ସ୍ୱାମୀଜୀ କିପରି ଏହାକୁ ଏକ ସାଧୁ-ନିବାସର ଉପଯୋଗୀ କରିନିଆଯାଇପାରେ, ସେହି ସ୍ଥାପତ୍ୟବିଷୟକ ଆଲୋଚନାରେ ବ୍ୟାପୃତ ହେଲେ । ବାସ୍ତବିକ୍ ଏହି ସଜୀବ ବୃକ୍ଷଟିର କୋଟରରେ ଗୋଟିଏ କ୍ଷୁଦ୍ର କୁଟୀର ନିର୍ମିତ ହୋଇପାରେ । ତତ୍ପରେ ସେ ଧ୍ୟାନର କଥା କହିବାକୁ ଲାଗିଲେ; ଫଳରେ ଏହା ହିଁ ନିର୍ଣ୍ଣିତ

ହେଲ ଯେ, ଭବିଷ୍ୟତରେ ଚେନାର୍ ଗଛ ଦେଖିଲେ ଏହି କଥାର ସ୍ମୃତି ତାହାଙ୍କୁ ପବିତ୍ରଭାବରେ ମଣ୍ଡିତ କରିଦେବ ।

ତାଙ୍କ ସହିତ ଆମେ ନିକଟସ୍ଥ ଗୋଲାବାଡ଼ିରେ ପ୍ରବେଶ କଲୁ । ସେଠାରେ ଦେଖିଲୁ, ଗଛତଳେ ବସିଛନ୍ତି—ଏକ ପରମ ସୁନ୍ଦରୀ ବର୍ଷୀୟସୀ ରମଣୀ । ତାଙ୍କ ମସ୍ତକରେ କାଶ୍ମୀରୀ-ସ୍ତ୍ରୀ-ସୁଲଭ ଲାଲ ଟୋପୀ ଏବଂ ଶ୍ୱେତ ଅବଗୁଣ୍ଠନ । ସେ ବସି ପଶମରୁ ସୂତା କାଟୁଥିଲେ ଏବଂ ତାଙ୍କ ଚାରିପାଖରେ ତାଙ୍କର ଦୁଇ ପୁତ୍ରବଧୂ ଏବଂ ସେମାନଙ୍କ ପିଲାଛୁଆମାନେ ତାଙ୍କୁ ସାହାଯ୍ୟ କରୁଥିଲେ । ସ୍ୱାମୀଜୀ ପୂର୍ବ ଶରତ୍ ଋତୁରେ ଥରେ ଏହି ଗୋଲାବାଡ଼ିକୁ ଆସିଥିଲେ ଏବଂ ତଦବଧି ଏହି ବୁଢ଼ୀ ସ୍ତ୍ରୀଲୋକଟିର ସ୍ୱଧର୍ମରେ ଆସ୍ଥା ଏବଂ ଗୌରବ-ବୋଧର କଥା ଅନେକ ଥର କହୁଥିଲେ । ସେଥର ସେ ପାଣି ପିଇବାକୁ ଚାହିଁଥିଲେ ଏବଂ ଉକ୍ତ ସ୍ତ୍ରୀ-ଲୋକ ମଧ୍ୟ ତତ୍-କ୍ଷଣାତ୍ ତାହା ତାଙ୍କୁ ଦେଇଥିଲେ । ତତ୍ପରେ ବିଦାୟ ନେବା ପୂର୍ବରୁ ସେ ତାଙ୍କୁ ଧୀର-ଭାବରେ ପଚାରିଥିଲେ, 'ମା, ଆପଣ କେଉଁ ଧର୍ମାବଲମ୍ବିନୀ ?' ସଗୌରବରେ ଜ୍ୟୋତ୍ସ୍ନାସିତ ଉଚ୍ଚକଣ୍ଠରେ ବୁଢ଼ୀ ଉତ୍ତର ଦେଇଥିଲେ, 'ଈଶ୍ୱରଙ୍କୁ ଧନ୍ୟବାଦ ! ପ୍ରଭୁଙ୍କ କୃପାରେ ମୁଁ ମୁସଲମାନୀ ।' ଏହି ମୁସଲମାନ ପରିବାରର ସମସ୍ତେ ମିଶି ସ୍ୱାମୀଜୀଙ୍କୁ ପୁରାତନ ବନ୍ଧୁ ରୂପେ ଅଭ୍ୟର୍ଥନା କଲେ ଏବଂ ସେ ଯେଉଁ ବନ୍ଧୁଗଣଙ୍କୁ ସାଙ୍ଗରେ ଆଣିଥିଲେ, ସେମାନଙ୍କ ପ୍ରତି ମଧ୍ୟ ସର୍ବବିଧ ସୌଜନ୍ୟ ପ୍ରକାଶରେ ରତ ହେଲେ ।

ଶ୍ରୀନଗରରେ ପହଞ୍ଚିବାକୁ ଦୁଇ ତିନି ଦିନ ଲାଗିଥିଲା ଏବଂ ଦିନେ ସନ୍ଧ୍ୟାକାଳରେ ଭୋଜନ ପୂର୍ବରୁ କ୍ଷେତ ଉପରେ ବୁଲୁ ବୁଲୁ ଜଣେ (ଯେ କାଳୀଘାଟ ଦର୍ଶନ କରିଥିଲେ) ଆଚାର୍ଯ୍ୟଦେବଙ୍କ ନିକଟରେ ଅଭିଯୋଗ କଲେ ଯେ, ସେଠାରେ ଭକ୍ତର ଅତିରିକ୍ତ ଉଚ୍ଛ୍ୱାସ ତାଙ୍କୁ ବିସଦୃଶ ବୋଧ ହୋଇଥିଲା ଏବଂ କହିଉଠିଲେ, 'ପ୍ରତିମା ସମ୍ମୁଖରେ ସେମାନେ ସାଷ୍ଟାଙ୍ଗ ହୁଅନ୍ତି କାହିଁକି ?' ସ୍ୱାମୀଜୀ ଗୋଟାଏ ତିଳକ୍ଷେତ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଥିଲେ, 'ତିଳ ଆର୍ଯ୍ୟଗଣଙ୍କର ସର୍ବାପେକ୍ଷା ପ୍ରାଚୀନ ତୈଳବାହୀ ବୀଜ'; କିନ୍ତୁ ଏହି ପ୍ରଶ୍ନ ଶୁଣି ହସ୍ତସ୍ଥିତ ନାଲ ଫୁଲଟିକୁ ପକାଇଦେଲେ ଓ ପରେ ସ୍ଥିର ଭାବରେ ଠିଆ ହୋଇ ପ୍ରଶାନ୍ତ ଗମ୍ଭୀରଭାବରେ କହିଲେ, 'ଏହି ପର୍ବତମାଳା ସମ୍ମୁଖରେ ସାଷ୍ଟାଙ୍ଗ ହେବା, ଆଉ ସେହି ପ୍ରତିମା ସମ୍ମୁଖରେ ସାଷ୍ଟାଙ୍ଗ ହେବା, ଏକା କଥା ନୁହେଁ କି ?'

ଆଚାର୍ଯ୍ୟଦେବ ଆମମାନଙ୍କ ନିକଟରେ ପ୍ରତିଶ୍ରୁତ ଥିଲେ ଯେ, ଗ୍ରୀଷ୍ମାବସାନ ପୂର୍ବରୁ ସେ ଆମମାନଙ୍କୁ କୌଣସି ଶାନ୍ତିପୂର୍ଣ୍ଣ ସ୍ଥାନକୁ ନେଇ ଯାଇ ଧ୍ୟାନ ଶିକ୍ଷା ଦେବେ । କିନ୍ତୁ ସ୍ଥିର ହେଲ ଯେ, ଆମେ ପ୍ରଥମେ ଦେଶଟି ଦେଖିବୁ, ତତ୍ପରେ ନିର୍ଜନବାସ କରିବୁ ।

ଶ୍ରୀନଗରର ପ୍ରଥମ ରଜନୀରେ ଆମେ କତିପୟ ବଙ୍ଗାଳୀ ରାଜକର୍ମଚାରୀଙ୍କ ଗୃହରେ ଭୋଜନ କରିଥିଲୁ ଏବଂ ନାନା କଥାପ୍ରସଙ୍ଗରେ ପାଶ୍ଚାତ୍ୟ ଅଭ୍ୟାଗତଗଣଙ୍କ ମଧ୍ୟରେ ଜଣେ ମତ ପ୍ରକାଶ କରିଥିଲେ ଯେ, 'ପ୍ରତ୍ୟେକ ଜାତିର ଇତିହାସ କେତେଗୁଡ଼ିଏ ଆଦର୍ଶର ରୂପାୟନ ଏବଂ ବିକାଶର ସ୍ୱରୂପ; ସେ ଜାତିର ପ୍ରତ୍ୟେକ ଲୋକ ସେଗୁଡ଼ିକୁ ଦୃଢ଼ଭାବରେ ଧରି ରଖିବା ଉଚିତ ।' ଆମେ ଏହା ଦେଖି କୌତୁକ ଅନୁଭବ କଲୁ ଯେ, ଉପସ୍ଥିତ ହିନ୍ଦୁଗଣ ଏଥିରେ

ଆପତ୍ତି ଉତ୍ଥାପନ କରିଥିଲେ । ସେମାନଙ୍କ ପକ୍ଷରେ ଏହା ତ ସ୍ପଷ୍ଟତଃ ଏକ ବନ୍ଧନ ଏବଂ ମାନବ-ମନ କେବେହେଲେ ଚିରକାଳ ଏହାର ଅଧୀନ ହୋଇ ରହି ନ ପାରେ । ଉକ୍ତ ମତର ବନ୍ଧନାତ୍ମକ ଅଂଶ ପ୍ରତି ସାତିଶୟ ହୋଇ ସେମାନେ ସମଗ୍ର ଭାବ ପ୍ରତି ଅବିଚାର କଲେ ବୋଲି ମନେହେଲା । ଅବଶେଷରେ ସ୍ୱାମୀଜୀ ମଧ୍ୟସ୍ଥ ହୋଇ କହିଲେ, 'ତୁମେମାନେ ବୋଧହୁଏ ସ୍ୱୀକାର କରିବ ଯେ, ମାନବ-ପ୍ରକୃତି କ୍ଷେତ୍ରରେ ଯଦି କୌଣସି ଚୂଡ଼ାନ୍ତ ଶ୍ରେଣୀ-ବିଭାଗର ଏକକ (unit) ସୃଷ୍ଟି ଥାଏ ତ ତାହା ମନସ୍ତାତ୍ତ୍ୱିକ; ଭୌଗୋଳିକ ବିଭାଗ ଅପେକ୍ଷା ଏହା ଅଧିକତର ସ୍ଥାୟୀ । ପ୍ରଣାଳୀ ହିସାବରେ ଏହି ଭାବଗତ ସାଦୃଶ୍ୟଗ୍ରହଣକୁ ଏକଦେଶ-ବର୍ତ୍ତିତାମୂଳକ ସାଦୃଶ୍ୟଗ୍ରହଣ ଅପେକ୍ଷା ଚିରସ୍ଥାୟୀ କରାଯାଏ ।' ଉପରେ ସେ ଆମ ସମସ୍ତଙ୍କର ପରିଚିତ ଦୁଇଜଣଙ୍କ କଥା ଉଲ୍ଲେଖ କଲେ; ସେ ଜୀବନରେ ଯେତେ ଖ୍ରୀଷ୍ଟାନ୍ ଦେଖିଥିଲେ, ତନ୍ମଧ୍ୟରେ ଜଣଙ୍କୁ ସେମାନଙ୍କ ମଧ୍ୟରେ ଆଦର୍ଶସ୍ଥାନୀୟ ବୋଲି ବରାବର ମନେକରୁଥିଲେ, ଅଥଚ ସେ ଜଣେ ବଙ୍ଗରମଣୀ, ଏବଂ ଆଉ ଜଣଙ୍କର ଜନ୍ମଭୂମି ପାଶ୍ଚାତ୍ୟରେ; କିନ୍ତୁ ସ୍ୱାମୀଜୀ କହିଥିଲେ ଯେ, ଏହି ବ୍ୟକ୍ତି ତାଙ୍କ (ସ୍ୱାମୀଜୀଙ୍କ) ଅପେକ୍ଷା ମଧ୍ୟ ଶ୍ରେଷ୍ଠ ହିନ୍ଦୁ । ସବୁଦିଗରୁ ଭାବି ଦେଖିଲେ ଏହି ଅବସ୍ଥାରେ ଏହା ହିଁ ବୋଧହୁଏ—କ'ଣ ସର୍ବାପେକ୍ଷା ବାଞ୍ଛନୀୟ ନ ଥିଲା ଯେ, ଏମାନଙ୍କ ଭିତରୁ ଜଣେ ଅନ୍ୟଜଣଙ୍କ ଦେଶରେ ଜନ୍ମି ନିଜ ନିଜ ଆଦର୍ଶର ଯଥାସମ୍ଭବ ବିଧାନ କରିବେ ?

## ୭

ସ୍ଥାନ—ଶ୍ରୀନଗର

କାଳ—ଜୁନ ୨୨ରୁ ଜୁଲାଇ ୨୫

ପ୍ରତିଦିନ ପ୍ରାତଃକାଳରେ ସ୍ୱାମୀଜୀ ପୂର୍ବ ପରି ଆମମାନଙ୍କ ନିକଟରେ ଦୀର୍ଘକାଳ କଥାବାର୍ତ୍ତା କରିଥିଲେ,—କେବେ କେବେ କାଶ୍ମୀର ଯେଉଁ ବିଭିନ୍ନ ଧର୍ମଯୁଗର ମଧ୍ୟ ଦେଇ ଆସିଛି ସେହି ସମ୍ବନ୍ଧରେ, କେବେ ବା ବୌଦ୍ଧଧର୍ମର ନୀତି, କେବେ ବା ଶିବୋପାସନାର ଇତିହାସ, ପୁଣି ହୁଏତ ବା କନିଷ୍କଙ୍କ ସମୟରେ ଶ୍ରୀନଗରର ଅବସ୍ଥା—ଏହିସବୁ ବିଷୟର କଥୋପକଥନ ଚାଲେ ।

ଦିନେ ସେ ଆମମାନଙ୍କ ମଧ୍ୟରେ ଜଣଙ୍କ ସହିତ ବୌଦ୍ଧଧର୍ମ ସମ୍ବନ୍ଧରେ କଥା କହୁ କହୁ ହଠାତ୍ କହିଲେ, 'ଅସଲ କଥା ଏହି ଯେ, ବୌଦ୍ଧଧର୍ମ ଅଶୋକଙ୍କ ସମୟରେ ଏପରି ଗୋଟିଏ ମହଦାନୁଷ୍ଠାନରେ ଉଦ୍ୟୋଗୀ ହୋଇଥିଲା, ଯାହା ପାଇଁ ଜଗତ୍ ବର୍ତ୍ତମାନ ହିଁ ଉପଯୁକ୍ତ ହୋଇଅଛି !' ସେ ସର୍ବଧର୍ମ-ସମନ୍ୱୟର କଥା କହୁଥିଲେ । କିଭଳି ଅଶୋକଙ୍କର ଧର୍ମବିଷୟକ ଏକଚ୍ଛତ୍ରତ୍ୱ ବାରମ୍ବାର ଉଠାଇ ଏବଂ ମୁସଲମାନ ଧର୍ମର ତରଙ୍ଗ ପରେ ତରଙ୍ଗଦ୍ୱାରା ଚୂର୍ଣ୍ଣୀଭୂତ ହୋଇଥିଲା, କିଭଳି ପୁଣି ଏ ଉଭୟ ମଧ୍ୟରୁ ପ୍ରତ୍ୟେକେ ମାନବଜାତିର ଧର୍ମବୁଦ୍ଧି ଉପରେ

ଏକଗୁଣିଆ ଅଧିକାର ଦାବି କରୁଥିଲେ ଏବଂ ଶେଷରେ କିଭଳି ଏହି ମହାସମନ୍ୱୟ ଆଜି ସ୍ୱଳ୍ପକାଳ ମଧ୍ୟରେ ହିଁ ସମ୍ଭବପର ହେବ ବୋଲି ଅନୁମିତ ହେଉଛି—ଏହିସବୁ ବିଷୟର ଅବତାରଣା କରି ସେ ଏକ ମହଦ୍‌ଭୂତ ଚିତ୍ର ଆମମାନଙ୍କ ସମକ୍ଷରେ ଉପସ୍ଥାପିତ କରିଥିଲେ ।

ପୁଣି ଥରେ ମଧ୍ୟ-ଏସିୟୋଦ୍ଭବ ଦିଗ୍‌ବିଜୟୀ ବୀର ଜେଙ୍ଗିଜ ବା ଚେଙ୍ଗିଜ ଖାଁଙ୍କ ସମ୍ବନ୍ଧରେ କଥା ପଡ଼ିଲା । ସେ ଉତ୍ତେଜିତ ହୋଇ କହିବାକୁ ଲାଗିଲେ, 'ଲୋକେ ତାଙ୍କୁ ଜଣେ ନୀଚ ପରପୀଡ଼କ ବୋଲି ଉଲ୍ଲେଖ କରିବା ତୁମେମାନେ ଶୁଣିଥାଅ; କିନ୍ତୁ ତାହା ସତ୍ୟ ନୁହେଁ । ଏହିପରି ମହାମନାଗଣ କେବେହେଲେ କେବଳ ଧନଲୋଲୁପ ବା ନୀଚ ନୁହନ୍ତି । ସେ ଏକ-ପ୍ରକାର ଅଖଣ୍ଡତ୍ୱର ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ଏବଂ ତାଙ୍କର ଜଗତକୁ ସେ ଏକ କରିବାକୁ ଚାହିଁଥିଲେ । ନେପୋଲିୟନ୍ ମଧ୍ୟ ସେହି ଛାଞ୍ଚରେ ଗଢ଼ା ଲୋକ ଥିଲେ ଏବଂ ସିକନ୍ଦର ମଧ୍ୟ ଏହି ଶ୍ରେଣୀର ଆଉ ଜଣେ । ମାତ୍ର ଏହି ତିନି ଜଣ—ଅଥବା ହୁଏତ ସେହି ଗୋଟିଏ ଜୀବାତ୍ମା ଏହିପରି ତିନୋଟି ପୃଥକ୍ ପୃଥକ୍ ଦିଗ୍‌ବିଜୟରେ ଆତ୍ମପ୍ରକାଶ କରିଥିଲେ !' ଏବଂ ତତ୍ପରେ, ଯେଉଁ ଏକମାତ୍ର ଅବତାର-ଆତ୍ମା ଐଶୀ ଶକ୍ତିଦ୍ୱାରା ପୂର୍ଣ୍ଣ ହୋଇ ଜୀବ-ବ୍ରହ୍ମୈକ୍ୟ ସଂସ୍ଥାପନ ନିମିତ୍ତ ବାରମ୍ବାର ଧର୍ମଜଗତରେ ଆବିର୍ଭୂତ ହୋଇ ଆସୁଛନ୍ତି ବୋଲି ସେ ବିଶ୍ୱାସ କରୁଥିଲେ, ତାହାଙ୍କ ସମ୍ବନ୍ଧରେ ହିଁ ସେ ବର୍ଣ୍ଣନା କରିବାକୁ ଲାଗିଲେ ।

ଏହି ସମୟରେ 'ପ୍ରବୁଦ୍ଧ-ଭାରତ' ମାଦ୍ରାଜରୁ ନବପ୍ରତିଷ୍ଠିତ ମାୟାବତୀ ଆଶ୍ରମକୁ ସ୍ଥାନାନ୍ତରିତ ହେବାରେ ଆମେମାନେ ସମସ୍ତେ ଏହାର କଥା ଭାବୁଥାଉ ।

ସ୍ୱାମୀଜୀ ଏହି ପତ୍ରିକା ଖଣ୍ଡିକୁ ବିଶେଷ ଭଲ ପାଉଥିଲେ । ତତ୍ତ୍ୱପ୍ରଦର୍ଶୀ ସୁନ୍ଦର ନାମଟି ହିଁ ତା'ର ପରିଚୟ । ତାଙ୍କର ନିଜର କେତେଖଣ୍ଡି ମୁଖପତ୍ର ରହିବ, ଏଥିନିମିତ୍ତ ସେ ସର୍ବଦା ଉତ୍ସୁକ ଥିଲେ । ବର୍ତ୍ତମାନ ଭାରତରେ ଶିକ୍ଷାବିସ୍ତାରକଳ୍ପେ ମାସିକ-ପତ୍ରର କି ମୂଲ୍ୟ, ତାହା ସେ ସମ୍ୟକ୍‌ରୂପେ ହୃଦୟଙ୍ଗମ କରିଥିଲେ ଏବଂ ଅନୁଭବ କରିଥିଲେ ଯେ, ତାଙ୍କର ଗୁରୁଦେବଙ୍କର ଉପଦେଶାବଳୀକୁ ବକ୍ତୃତା ଓ ଲୋକହିତକର କାର୍ଯ୍ୟ ଭଳି ଏହି ଉପାୟଦ୍ୱାରା ମଧ୍ୟ ପ୍ରଚାର କରିଯିବା ଆବଶ୍ୟକ । ସୁତରାଂ ଦିନ ପରେ ଦିନ ସେ ଯେପରି ବିଭିନ୍ନ କେନ୍ଦ୍ରର ଲୋକହିତକର କାର୍ଯ୍ୟଗୁଡ଼ିକର ଭବିଷ୍ୟତ୍ ସମ୍ବନ୍ଧରେ କଳ୍ପନା କରୁଥିଲେ, ତାହାର କାଗଜଗୁଡ଼ିକର ଭବିଷ୍ୟତ୍ ସମ୍ବନ୍ଧରେ ମଧ୍ୟ ଠିକ୍ ସେହି ରୂପେ ହିଁ ଚିନ୍ତା କରିଥିଲେ । ପ୍ରତିଦିନ ସେ ସ୍ୱାମୀ ସ୍ୱରୂପାନନ୍ଦଙ୍କ ନବ ସମ୍ପାଦକତ୍ୱରେ ଆଶୁ-ପ୍ରକାଶୋନ୍ମୁଖ ପ୍ରଥମ ସଂଖ୍ୟା ଖଣ୍ଡିକ ବିଷୟରେ କଥା ପକାଉଥିଲେ । ଦିନେ ଅପରାହ୍ଣରେ ଆମେ ସମସ୍ତେ ବସିଛୁ, ଏପରି ସମୟରେ ସେ ଖଣ୍ଡିଏ କାଗଜ ଆମମାନଙ୍କ ନିକଟକୁ ଆଣିଲେ ଏବଂ କହିଲେ ଯେ, ସେ ଖଣ୍ଡିଏ ପତ୍ର ଲେଖିବାର ଚେଷ୍ଟା କରିଥିଲେ, କିନ୍ତୁ ତାହା ଏହି ରୂପ ନେଲା—To the Awakened India.*

---

* ସ୍ୱାମୀଜୀଙ୍କ ବାଣୀ ଓ ରଚନାର ୭ମ ଖଣ୍ଡରେ ଏହାର ଅନୁବାଦ 'ପ୍ରବୁଦ୍ଧ ଭାରତ ପ୍ରତି' ଦ୍ରଷ୍ଟବ୍ୟ ।

୨୭ ଜୁନ । ଆଗ୍ୟଁଦେବ ଆମ ସମସ୍ତଙ୍କୁ ଗୁଡ଼ ଏକାକୀ କୌଣସି ଶାନ୍ତିପୂର୍ଣ୍ଣ ସ୍ଥାନକୁ ଯିବା ନିମିତ୍ତ ଉତ୍ସୁକ ଥିଲେ; କିନ୍ତୁ ଆମେ ଏହା ନ ଜାଣି ତାଙ୍କ ସହିତ କ୍ଷୀରଭବାନୀ-ନାମକ ଶୁଭ୍ର ପ୍ରସ୍ରବଣଗୁଡ଼ିକ ଦେଖିବାକୁ ଯିବା ନିମନ୍ତେ ଜିଦ୍ କରିବାକୁ ଲଗିଲୁ । ଶୁଣିଲୁ, ଇତିପୂର୍ବରୁ କେବେ କୌଣସି ଖ୍ରୀଷ୍ଟାନ୍ ବା ମୁସଲମାନ ସେଠାରେ ପଦାର୍ପଣ କରି ନାହିଁ । ପରେ ଏହାର ଦର୍ଶନଲାଭରେ ସେ କେତେଦୂର କୃତାର୍ଥ ହୋଇଛୁ, ତାହା ବର୍ଣ୍ଣନାତୀତ; କାରଣ ଭଗବାନ ସେପରି ସ୍ଥିର କରି ରଖିଥିଲେ ଯେ, ପରେ ଏହି ନାମଟି ହିଁ ଆମମାନଙ୍କ ନିକଟରେ ସର୍ବାପେକ୍ଷା ପବିତ୍ର ହୋଇଉଠିବ ।

ଜୁନ ୨୯ ତାରିଖ । ଆଜି ସକାଳେ ଆମେମାନେ ନିଜେ ବିନା ଆଡ଼ମ୍ବରରେ ଦୁଇ ତିନି ହଜାର ଫୁଟ ଉଚ୍ଚ ଗୋଟିଏ କ୍ଷୁଦ୍ର ପର୍ବତର ଶିଖର ଦେଶରେ ଖୁବ୍ ଭାରୀ ଭାରୀ ଉପକରଣରେ ଗଠିତ ତକ୍ତ-ଇ-ସୁଲେମାନ ନାମକ ଏକ କ୍ଷୁଦ୍ର ମନ୍ଦିର ଦର୍ଶନ କଲୁ । ସେଠାରେ ଶାନ୍ତି ଓ ସୌନ୍ଦର୍ଯ୍ୟ ବିରାଜମାନ କରୁଥିଲା ଏବଂ ବିଖ୍ୟାତ ଭାସମାନ ଉଦ୍ୟାନଗୁଡ଼ିକ ନିମ୍ନରେ ଚତୁଃପାର୍ଶ୍ୱରେ ବହୁକୋଶବ୍ୟାପୀ ରହିଥିବାର ଦେଖାଗଲା । ମନ୍ଦିର ଏବଂ ସ୍ମୃତିସୌଧାଦିର ନିର୍ମାଣୋପଯୋଗୀ ସ୍ଥାନ-ନିର୍ବାଚନରେ ହିନ୍ଦୁମାନଙ୍କର ପ୍ରାକୃତିକ ସୌନ୍ଦର୍ଯ୍ୟାନୁରାଗର ପରିଚୟ ମିଳେ, ଏ ବିଷୟଟିର ସପକ୍ଷରେ ସ୍ୱାମୀଜୀ ଯୁକ୍ତି କରିଥିଲେ, ତକ୍ତ-ଇ ସୁଲେମାନ ତାହାର ଗୋଟିଏ ପ୍ରକୃଷ୍ଟ ଉଦାହରଣ-ସ୍ଥଳ । ସେ ଯେପରି ଅରେ ଲଣ୍ଡନରେ କହିଥିଲେ ଯେ, ଋଷିଗଣ ଚତୁର୍ଦ୍ଦିଗର ଦୃଶ୍ୟ ଉପଭୋଗ କରିବା ଉଦ୍ଦେଶ୍ୟରେ ହିଁ ଗିରିଶୀର୍ଷରେ ବାସ କରନ୍ତି । ସେହିପରି ବର୍ତ୍ତମାନ ଗୋଟିକ ପରେ ଗୋଟିଏ କରି ଭୂରି ଭୂରି ଦୃଷ୍ଟାନ୍ତ ସହକାରେ ଦେଖାଇଦେଲେ ଯେ, ଭାରତବାସୀଗଣ ଚିରକାଳ ଅତି ସୁନ୍ଦର ଏବଂ ମୁଖ୍ୟ ମୁଖ୍ୟ ସ୍ଥାନଗୁଡ଼ିକରେ ପୂଜାମନ୍ଦିର ନିର୍ମାଣପୂର୍ବକ ପବିତ୍ରତାମଣ୍ଡିତ କରିଦେଉଥିଲେ । ସେହି ସମୟର ଅନେକ ସୁନ୍ଦର ସୁନ୍ଦର ସ୍ମୃତି ମନେପଡ଼ୁଛି, ଯଥା—

ତୁଲସୀ ଜଗ୍‌ମେ ଆଇୟେ, ସବ୍‌ସେ ମିଲ୍‌ୟେ ଧାୟ୍ ।
ନ ଜାନେ କୌନ୍ ଭେକ୍‌ମେ ନାରାୟଣ ମିଲ୍ ଯାୟ୍ ।

ତୁଲସୀ ଜଗତକୁ ଆସି ସମସ୍ତଙ୍କ ସହିତ ମିଳିମିଶି ବାସ କରେ । କିଏ ଜାଣେ, କେଉଁ ରୂପରେ ନାରାୟଣ ଦେଖାଦିଅନ୍ତି !

ଏକୋ ଦେବଃ ସର୍ବଭୂତେଷୁ ଗୂଢ଼ଃ ସର୍ବବ୍ୟାପୀ ସର୍ବଭୂତାନ୍ତରାତ୍ମା ।
କର୍ମାଧ୍ୟକ୍ଷଃ ସର୍ବଭୂତାଧିବାସଃ ସାକ୍ଷୀ ଚେତା କେବଲ ନିର୍ଗୁଣଶ୍ଚ ।*

—ଏକମାତ୍ର ଦେବ ସର୍ବଭୂତରେ ଲୁଚି ରହିଛନ୍ତି, ସେ ସର୍ବବ୍ୟାପୀ, ସର୍ବଭୂତର ଅନ୍ତରାତ୍ମା, କର୍ମନିୟାମକ, ସର୍ବଭୂତରେ ଆଧାର, ସାକ୍ଷୀ, ଚୈତନ୍ୟବିଧାୟକ, ନିଃସଙ୍ଗ ଏବଂ ଗୁଣରହିତ ।

ନ ତତ୍ର ସୂର୍ଯ୍ୟୋ ଭାତି ନ ଚନ୍ଦ୍ରତାରକଂ

—ସେଠାରେ ସୂର୍ଯ୍ୟ ପ୍ରକାଶ ପାଆନ୍ତି ନାହିଁ, ଚନ୍ଦ୍ର ତାରକା ମଧ୍ୟ ନୁହନ୍ତି ।

---

* ଶ୍ୱେତାଶ୍ୱ. ଉପନିଷଦ, ୬।୧୧

କିଭଳି ଜଣେ ରାକ୍ଷସକୁ ରାମରୂପ ଧାରଣ କରି ସୀତାଙ୍କୁ ପ୍ରତାରଣା କରିବାର ପରାମର୍ଶ ଦେଇଥିଲା, ଆମେ ସେ ଗଳ୍ପ ମଧ୍ୟ ଶୁଣିଲୁ । ରାବଣ ଉତ୍ତର ଦେଇଥିଲେ, 'ମୁଁ କ'ଣ ଏକଥା ଭାବି ନାହିଁ ? କିନ୍ତୁ କୌଣସି ଲୋକର ରୂପ ଧାରଣ କରିବାକୁ ହେଲେ ତାଙ୍କୁ ଧ୍ୟାନ କରିବାକୁ ହେବ । ପୁଣି ରାମ ସ୍ୱୟଂ ଭଗବାନ୍ । ସୁତରାଂ ଯେତେବେଳେ ମୁଁ ତାଙ୍କର ଧ୍ୟାନ କରେ, ସେତେବେଳେ ବ୍ରହ୍ମପଦ ମଧ୍ୟ ତୁଚ୍ଛ ହୋଇଯାଏ, ସେତେବେଳେ ପରସ୍ତ୍ରୀର କଥା କିପରି ଭାବିବି ?'—'ତୁଚ୍ଛଂ ବ୍ରହ୍ମପଦଂ ପରବଧୂସଙ୍ଗଃ କୁତଃ ?'

ପରେ ସ୍ୱାମୀଜୀ ମନ୍ତବ୍ୟସ୍ୱରୂପ କହିଲେ, 'ସୁତରାଂ ଦେଖ, ଅତ୍ୟନ୍ତ ସାଧାରଣ ବା ଅପରାଧୀ ଜୀବନରେ ମଧ୍ୟ ଏହିଭଳି ଉଚ୍ଚଭାବର ଆଭାସ ମିଳେ । ପରଦୋଷ-ସମାଲୋଚନା-ସମ୍ବନ୍ଧରେ ଏହିରୂପେ ହିଁ ବରାବର ହୁଏ । ସେ ଚିରକାଳ ମାନବ-ଜୀବନକୁ ଈଶ୍ୱରଙ୍କର ପ୍ରକାଶ ବୋଲି ବ୍ୟାଖ୍ୟା କରନ୍ତି ଏବଂ କେତେବେଳେ ହେଲେ କୌଣସି ଘୋର ଦୁଷ୍କାର୍ଯ୍ୟର ବା ଦୁଷ୍ଟ ଲୋକର ଖରାପ ଭାବଟା ନେଇ ଭତ୍ସାଓଁଟିଆ କରନ୍ତି ନାହିଁ ।

ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।
ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ॥[୧]

—ଯାହା ସର୍ବଲୋକଙ୍କ ନିକଟରେ ରାତି, ସଂଯମୀ ବ୍ୟକ୍ତି ସେଥିରେ ଜାଗରିତ ଥାଏ; ଯେଉଁଠି ସକଳ ଲୋକ ଜାଗ୍ରତ ଥାନ୍ତି, ତାହା ତତ୍ତ୍ୱଦର୍ଶୀ ମୁନିଙ୍କ ନିକଟରେ ରାତି (ନିଦ୍ରାସ୍ୱରୂପ) ।

ଏବେ ଟମାସ୍-ଆ-କେମ୍ପିସ୍‌ଙ୍କ କଥା ଏବଂ କିଭଳି ସେ ନିଜେ ଗୀତା ଏବଂ 'ଈଶାନୁସରଣ' ମାତ୍ର ସମ୍ବଳ କରି ସନ୍ନ୍ୟାସୀ ବେଶରେ ଭ୍ରମଣ କରୁଥିଲେ, ତାହା କହୁ କହୁ କହୁଥିଲେ ଯେ, ଏହି ପାଶ୍ଚାତ୍ୟ ସନ୍ନ୍ୟାସୀପ୍ରବରଙ୍କ ନାମ ସହିତ ଅଚ୍ଛେଦ୍ୟଭାବରେ ଜଡ଼ିତ ଗୋଟିଏ କଥା ତାଙ୍କର ମନେପଡ଼ୁଛି :

ଆହେ, ଲୋକଶିକ୍ଷକଗଣ, ଚୁପ୍ କର ! ହେ ଭବିଷ୍ୟଦ୍-ବକ୍ତାଗଣ, ତୁମେମାନେ ମଧ୍ୟ ନୀରବ ରହ ! ପ୍ରଭୋ, କେବଳ ତୁମେ ହିଁ ମୋର ଅନ୍ତରାତ୍ମାରେ କଥା କହ ।

ପୁଣି ଆବୃତ୍ତି କରୁଥିଲେ :

ତପଃ କ୍ୱ ବତ୍ସେ କ୍ୱ ଚ ତାବକଂ ବପୁଃ ।
ପଦଂ ସହେତ ଭ୍ରମରସ୍ୟ ପେଲବଂ
ଶିରୀଷପୁଷ୍ପଂ ନ ପୁନଃ ପତତ୍ରିଣଃ ।[୨]

—କଠୋର ଦେହସାଧ୍ୟ ତପସ୍ୟା କେଉଁଠାରେ, ଆଉ ତୁମର ଏହି ସୁକୋମଳ ଦେହ ବା କେଉଁଠାରେ ? ସୁକୁମାର ଶିରୀଷପୁଷ୍ପ ଭ୍ରମରର ଚରଣପାତ ହିଁ ସହିପାରେ; କିନ୍ତୁ ପକ୍ଷୀର ପଦଭାର କଦାଚ ସହ୍ୟ କରିପାରେ ନାହିଁ । ଅତଏବ ଉମା, ମା ମୋର, ତୁମେ ତପସ୍ୟା କରିବାକୁ ଯାଅ ନାହିଁ । ଅଧିକ ଗାଉଥିଲେ :

ଏସ ମା, ଏସ ମା, ଓ ହୃଦୟରମା ପରାଣପୁତଳୀ ଗୋ,
ହୃଦୟ-ଆସନେ ହଓ ମା ଆସୀନ, ନିରଖି ତୋମାରେ ଗୋ ।

---

୧ ଗୀତା, ୨।୬୯ ୨ କୁମାରସମ୍ଭବ, ୫।୪

ଆଛୁ ଜନ୍ମାବଧି ତୋର ମୁଖ ଚେୟେ,
ଜାନ ଗୋ ଜନନୀ କି ଯାତନା ସୟେ,
ଏକବାର ହୃଦୟ-କମଲ ବିକାଶ କରିୟେ ପ୍ରକାଶ ତାହେ ଆନନ୍ଦମୟୀ ।

ପ୍ରାୟ ମଧ୍ୟେ ମଧ୍ୟେ ଗୀତା ସମ୍ବନ୍ଧରେ (ସେହି ବିସ୍ମୟକର କବିତା, ଯେଉଁଥିରେ ଦୁର୍ବଳତା ବା କାପୁରୁଷତ୍ୱର ଲେଶ ମାତ୍ର ଚିହ୍ନ ନାହିଁ !) ଦୀର୍ଘ କଥୋପକଥନ ହେଉଥିଲା । ଦିନେ ସେ କହିଲେ ଯେ, ସ୍ତ୍ରୀଲୋକଙ୍କର ଏବଂ ଶୂଦ୍ରଙ୍କର ଜ୍ଞାନଚର୍ଚ୍ଚାର ଅଧିକାର ନାହିଁ—ଏ ଅଭିଯୋଗ ସମ୍ପୂର୍ଣ୍ଣ ଅଯୌକ୍ତିକ । କାରଣ, ସକଳ ଉପନିଷଦ୍‌ର ସାରଭାଗ ଗୀତାରେ ନିହିତ । ବାସ୍ତବିକ୍ ଗୀତା ବ୍ୟତୀତ ସେଗୁଡ଼ିକୁ ବୁଝିବା ଏକପ୍ରକାର ଅସମ୍ଭବ, ଏବଂ ସ୍ତ୍ରୀଗଣ ଓ ସବୁ ଜାତି ହିଁ ମହାଭାରତ-ପାଠରେ[1] ଅଧିକାରୀ ଥିଲେ ।

୪ ଜୁଲାଇ । ଅତି ଉଲ୍ଲାସର ସହିତ ଗୋପନରେ ସ୍ୱାମୀଜୀ ଏବଂ ତାଙ୍କର ଏକ ଶିଷ୍ୟ (ଶିଷ୍ୟଗଣଙ୍କ ମଧ୍ୟରେ କେବଳ ସେ ହିଁ ଆମେରିକାବାସୀ ନୁହନ୍ତି) ଜୁଲାଇ ୪ ତାରିଖରେ ଗୋଟାଏ ଉତ୍ସବ କରିବାର ଆୟୋଜନ କଲେ । 'ଆମମାନଙ୍କର ଆମେରିକା ଜାତୀୟ ପତାକା ନାହିଁ ଏବଂ ଥିଲେ ତଦ୍ୱାରା ଆମମାନଙ୍କ ଦଳର ଅପର ଯାତ୍ରୀଗଣଙ୍କୁ ସେମାନଙ୍କ ଜାତୀୟ ଉତ୍ସବ ଉପଲକ୍ଷେ ପ୍ରାତଃ-ଭୋଜନ କାଳରେ ଅଭିନନ୍ଦନ କରାଯାଇପାରିଥାନ୍ତା, ' ଏପରି ବିଷୟରେ ଜଣେ ଦୁଃଖ କରୁଛନ୍ତି—ଏହା ତାଙ୍କର କର୍ଣ୍ଣଗୋଚର ହେଲା । ୩ ତାରିଖ ଅପରାହ୍ଣରେ ସେ ମହା-ବ୍ୟସ୍ତତାର ସହିତ ଏକ କାଶ୍ମୀରୀ ପଣ୍ଡିତ ଦରଜୀଙ୍କୁ ନେଇ ଆସିଲେ ଏବଂ ବୁଝାଇ ଦେଲେ ଯେ, ଯଦି ଏହି ବ୍ୟକ୍ତିଙ୍କୁ ପତାକାଟି କିପରି କରିବାକୁ ହେବ, କହିଦିଆଯାଏ, ତାହା-ହେଲେ ସେ ଆନନ୍ଦରେ ସେହିଭଳି କରିଦେବେ । ଫଳରେ ତାରକା ଓ ଡୋରି ଦାଗଗୁଡ଼ିକୁ (Stars and Stripes ) ଅତି ସ୍ଥୂଳ ଭାବରେ ଖଣ୍ଡିଏ ବସ୍ତ୍ରରେ ଆରୋପିତ ହେଲା ଏବଂ ତାହା ଚିରଶ୍ୟାମଳ ଗଛର (ever-green) କେତୋଟି ଶାଖାସହ ଭୋଜନାଗାରରୂପେ ବ୍ୟବହୃତ ନୌକାଖଣ୍ଡିକର ଶିରୋଭାଗର କଣ୍ଠାରେ ଆଣି ଦିଆହେଲା । ଏପରି ସମୟରେ ଆମେରିକାବାସୀଗଣ ସ୍ୱାଧୀନତାଲାଭ ଦିବସରେ (Independence Day) ପ୍ରାତଃକାଳୀନ ଚା'ପାନ କରିବା ନିମିତ୍ତ ନୌକାଖଣ୍ଡିକରେ ପଦାର୍ପଣ କଲେ । ସ୍ୱାମୀଜୀ ଏହି କ୍ଷୁଦ୍ର ଉତ୍ସବଟିରେ ଉପସ୍ଥିତ ରହିବା ନିମିତ୍ତ ଅନ୍ୟ ଏକ ଜାଗାକୁ ଯିବା ସ୍ଥଗିତ ରଖିଥିଲେ ଏବଂ ସେ ଅନ୍ୟାନ୍ୟ ଅଭିଭାଷଣର ସହିତ ନିଜେ ଗୋଟିଏ କବିତା[2] ଉପହାର ଦେଲେ । ତାହା ସେତେବେଳେ ସ୍ୱାଗତ-ଗୀତିକାରୂପେ ସର୍ବସମକ୍ଷରେ ପଠିତ ହେଲା : To the Fourth of July.

୫ ଜୁଲାଇ । ସେହି ଦିନ ସନ୍ଧ୍ୟାବେଳେ ଜଣେ ପାଶ୍ଚାତ୍ୟସମାଜରେ ପ୍ରଚଳିତ ସ୍ତ୍ରୀ-ଆଗ୍ରହ ଅନୁଯାୟୀ ପରିହାସଛଳରେ କେବେ ତାଙ୍କର ବିବାହ ହେବ ଦେଖିବା ପାଇଁ ନିଜ

---

[1] ଲକ୍ଷ୍ୟଣୀୟ : ଗୀତା ମହାଭାରତର ଭୀଷ୍ମପର୍ବର ଅନ୍ତର୍ଗତ ।

[2] ସ୍ୱାମୀଜୀଙ୍କ ବାଣୀ ଓ ରଚନାର ୭ମ ଖଣ୍ଡରେ ଏହାର ଅନୁବାଦ 'ମୁକ୍ତ' କବିତା ଦ୍ରଷ୍ଟବ୍ୟ ।

ଥାଳୀରେ କେତୋଟି ଚେରିଫଳର ମଞ୍ଜି ବଳିଛୁ, ଗଣି ଦେଖିଲେ ! ସ୍ୱାମୀଜୀ ଏଥିରେ ଦୁଃଖିତ ହେଲେ । କେଜାଣି କାହିଁକି, ସ୍ୱାମୀଜୀ ଏହି ଖେଳଟିକୁ ସତ୍ୟ ବୋଲି ଧରିନେଲେ ଏବଂ ପରଦିନ ପ୍ରାତଃକାଳରେ ଯେତେବେଳେ ସେ ଆସିଲେ, ସେତେବେଳେ ଦେଖିଲୁ ଶ୍ରେଷ୍ଠ ତ୍ୟାଗର ଆଦର୍ଶ ପ୍ରତି ତାଙ୍କର ପ୍ରବଳ ଅନୁରାଗ ଉଚ୍ଛୁଳି ପଡ଼ୁଛି ।

୬ ଜୁଲାଇ । ଅପରାଧୀର ସହିତ ଗୋଟିଏ ଚନ୍ଦ୍ରାଲୋକରେ ଛିଡ଼ା ହେବାର ସହୃଦୟ ବାସନା ଯେପରି ତାଙ୍କଠାରେ ପ୍ରାୟ ପରିଲକ୍ଷିତ ହେଉଥିଲା; ସେ ସ୍ୱେଚ୍ଛାପ୍ରଣୋଦିତ ହୋଇ କହିଉଠିଲେ, 'ଏହିସବୁ ଗାର୍ହସ୍ଥ୍ୟ ଏବଂ ବିବାହିତ ଜୀବନର ଛାୟା ମୋ ମନରେ ମଧ୍ୟ ମଝିରେ ମଝିରେ ଦେଖାଦିଏ ' କିନ୍ତୁ ଏହି ପ୍ରସଙ୍ଗରେ, ଯେ ଯେଉଁମାନେ ଗାର୍ହସ୍ଥ୍ୟ ଜୀବନର ଜୟଗାନ କରନ୍ତି, ସେମାନଙ୍କ ପ୍ରତି ଦାରୁଣ ଅବଜ୍ଞାରେ ତ୍ୟାଗାଦର୍ଶ ଉପରେ ଜୋର୍ ଦେବା ବେଳେ ଯେପରି ବହୁ ଉଚ୍ଚକୁ ଉଠିଗଲେ । ସେ କହିଉଠିଲେ, 'ଜନକ ହେବା କଅଣ ଏତେ ସହଜ ? —ସମ୍ପୂର୍ଣ୍ଣରୂପେ ଅନାସକ୍ତ ହୋଇ ରାଜସିଂହାସନରେ ବସିବା ? ଧନ ବା ଯଶ ଅଥବା ସ୍ତ୍ରୀ-ପୁତ୍ର ନିମିତ୍ତ କୌଣସି ଖିଆଲ ନ ରଖିବା ?—ପାଶ୍ଚାତ୍ୟରେ ମୋତେ, ବହୁ ଲୋକ କହିଛନ୍ତି ଯେ, ସେମାନେ ଏ ଅବସ୍ଥାରେ ଉପନୀତ ହୋଇଛନ୍ତି । କିନ୍ତୁ ମୁଁ ଏତକ ମାତ୍ର କହିପାରିଥିଲି—ଏପରି ମହାପୁରୁଷ ତ ଭାରତବର୍ଷରେ ଜନ୍ମନ୍ତି ନାହିଁ ।'

ତତ୍ପରେ ସେ ଅନ୍ୟ ଦିଗଟିର କଥା କହିବାକୁ ଲାଗିଲେ ।

ଶ୍ରୋତୃଗଣଙ୍କ ମଧ୍ୟରେ ଜଣଙ୍କୁ ସେ କହିଲେ : ଏକଥା ମନେ ମନେ କହିବାକୁ ଏବଂ ତୁମର ସନ୍ତାନମାନଙ୍କୁ ଶିଖାଇବାକୁ କେବେହେଲେ ଭୁଲି ନାହିଁ ଯେ—

'ମେରୁସର୍ଷପୟୋର୍ଯଦ୍‌ବତ୍ ସୂର୍ଯ୍ୟଖଦ୍ୟୋତୟୋରିବ ।
ସରିତ୍‌ସାଗରୟୋର୍ଯଦ୍‌ବତ୍ ତଥା ଭିକ୍ଷୁଗୃହସ୍ଥୟୋଃ ॥'

—ମେରୁ ଏବଂ ସୋରିଷ ମଧ୍ୟରେ ଯେଉଁ ପ୍ରଭେଦ, ସୂର୍ଯ୍ୟ ଏବଂ ଖଦ୍ୟୋତ ମଧ୍ୟରେ ଯେଉଁ ପ୍ରଭେଦ, ସମୁଦ୍ର ଏବଂ କ୍ଷୁଦ୍ର ଜଳାଶୟ ମଧ୍ୟରେ ଯେଉଁ ପ୍ରଭେଦ, ସନ୍ନ୍ୟାସୀ ଏବଂ ଗୃହସ୍ଥଠାରେ ମଧ୍ୟ ସେହି ପ୍ରଭେଦ ।

'ସର୍ବଂ ବସ୍ତୁ ଭୟାନ୍ୱିତଂ ଭୁବି ନୃଣାଂ ବୈରାଗ୍ୟମେବାଭୟମ୍ ।'

—ପୃଥିବୀରେ ସକଳ ବସ୍ତୁ ହିଁ ଭୟଯୁକ୍ତ, କେବଳ ମାନବର ବୈରାଗ୍ୟ ହିଁ ଭୟରହିତ ।

ଭଣ୍ଡ ସାଧୁମାନେ ମଧ୍ୟ ଧନ୍ୟ ଏବଂ ଯେଉଁମାନେ ବ୍ରତ ଉଦ୍‌ଯାପନ କରିବାକୁ ଅକ୍ଷମ ହୋଇଛନ୍ତି, ସେମାନେ ମଧ୍ୟ ଧନ୍ୟ; କାରଣ ସେମାନେ ମଧ୍ୟ ଆଦର୍ଶର ଶ୍ରେଷ୍ଠତା ବିଷୟରେ ସାକ୍ଷ୍ୟ ଦେଇଛନ୍ତି ଏବଂ ଏହି ଭାବରେ କେତେକାଂଶରେ ଅନ୍ୟର ସଫଳତାର କାରଣ । ଆମେ ଯେପରି କେବେହେଲେ ଆମମାନଙ୍କ ଆଦର୍ଶ ନ ଭୁଲୁ—କୌଣସିମତେ ହିଁ ନ ଭୁଲୁ ।

ଏହିସବୁ ମୁହୂର୍ତ୍ତରେ ପ୍ରତିପାଦ୍ୟ ଭାବଟି ସହିତ ସେ ସର୍ବତୋଭାବରେ ଏକ ହୋଇଯାଉଥିଲେ । ଏହିସବୁ କଥାବାର୍ତ୍ତା ଯେତେବେଳେ ହେଲା, ସେତେବେଳେ ଆମେମାନେ ଡାଲହ୍ରଦରୁ ଶ୍ରୀନଗରକୁ ଫେରିଥାଉ । ଡାଲହ୍ରଦର ଦର୍ଶନ ହିଁ ଆମମାନଙ୍କର ଜୁଲାଇ ୪ ଉତ୍ସବର ପ୍ରକୃତ ଆନନ୍ଦ-ଅନୁଷ୍ଠାନ ।

ପରବର୍ତ୍ତୀ ରବିବାର, ୧୦ ଜୁଲାଇ ରାତିରେ ବିଭିନ୍ନ ସୂତ୍ରରୁ ଆମେ ସମ୍ବାଦ ପାଇଲୁ ଯେ, ଆଚାର୍ଯ୍ୟଦେବ ସୋନ୍‌ମାର୍ଗ ରାସ୍ତା ଦେଇ ଅମରନାଥ ଯାଇଛନ୍ତି ଏବଂ ଅନ୍ୟ ଏକ ପଥ ଦେଇ ଫେରିବେ । ସେ କପର୍ଦ୍ଦକମାତ୍ର ନ ନେଇ ଯାତ୍ରା କରିଥିଲେ; କିନ୍ତୁ ହିନ୍ଦୁଶାସିତ ଦେଶୀୟ ରାଜ୍ୟରେ ଏ ବ୍ୟାପାର ତାଙ୍କର ବନ୍ଧୁବର୍ଗଙ୍କର କୌଣସି ଉଦ୍‌ବେଗର କାରଣ ହୋଇ ନ ଥିଲା ।

୧୫ ଜୁଲାଇ । ଶୁକ୍ରବାର ଅପରାହ୍ଣ ପାଞ୍ଚଟା ସମୟରେ ଆମେ ନଦୀର ଅନୁକୂଳ ସ୍ରୋତରେ କାଶ୍ମୀର ଯିବା ନିମିତ୍ତ ନୌକାଟିକୁ ଖୋଲିଦେଇଛୁ ମାତ୍ର, ଏପରି ସମୟରେ ଭୃତ୍ୟଗଣ ଦୂରରୁ ସେମାନଙ୍କର କେତେକ ବନ୍ଧୁଙ୍କୁ ଚିହ୍ନି ପାରିଲେ ଏବଂ ଆମମାନଙ୍କୁ ସମ୍ବାଦ ଦେଲେ ଯେ, ସ୍ୱାମୀଜୀଙ୍କ ନୌକା ଆମମାନଙ୍କ ଅଭିମୁଖରେ ଆସୁଛି ।

ଏକ ଘଣ୍ଟା ପରେ ହିଁ ତାଙ୍କର ଆମମାନଙ୍କ ସହିତ ଭେଟ ହେଲା ଏବଂ ସେ କହିଲେ, ଫେରି ଆସି ସେ ଆନନ୍ଦ ଅନୁଭବ କରିଛନ୍ତି । ଏଥର ଗ୍ରୀଷ୍ମଋତୁରେ ଅସ୍ୱାଭାବିକ ଗରମ ପଡ଼ିଥିଲା ଏବଂ କେତୋଟି ତୁଷାରବର୍ତ୍ତ (glacier) ଧସିଯାଇ ସୋନମାର୍ଗ-ଅମରନାଥ ଦେଇ ରାସ୍ତାଟି ଦୁର୍ଗମ ହୋଇଯାଇଥିଲା । ଏହି ଘଟଣାରେ ସେ ଫେରିଆସିଲେ ।

କିନ୍ତୁ ଆମମାନଙ୍କ କାଶ୍ମୀରବାସର କେତେକ ମାସ ମଧ୍ୟରେ ଆମେ ସ୍ୱାମୀଜୀଙ୍କର ଯେଉଁ ଅନୋଟି ମହାନ୍ ଦର୍ଶନ ଓ ତଜ୍ଜନିତ ଆନନ୍ଦାତିଶଯ୍ୟର ପରିଚୟ ପାଇଥିଲୁ, ତା'ର ପ୍ରଥମଟିର ସୂତ୍ରପାତ ହିଁ ଏହି ସମୟରୁ । ଯେପରିକି ଆମେ ସ୍ୱଚକ୍ଷୁରେ ତାଙ୍କର ଗୁରୁଦେବଙ୍କର ସେହି ଉକ୍ତିର ଯାଥାର୍ଥ୍ୟ ଅନୁଭବ କରିପାରିଥିଲୁ :

ଜ୍ଞେତେଙ୍କଟା ଅଜ୍ଞାନ ରହିଛି ସତ । ସେତିକି ମୋର ବ୍ରହ୍ମମୟୀ ମା ହିଁ ତାଙ୍କର କାର୍ଯ୍ୟ ହେବ ବୋଲି ତା' ଭିତରେ ରଖିଦେଇଛନ୍ତି । କିନ୍ତୁ ଏହା ଫିନ୍‌ଫିନ୍ ପତଳା କାଗଜର ପରଦା ଭଳି ଯାହାକୁ ନିମିଷକ ମଧ୍ୟରେ ହିଁ ଛିଣ୍ଡାଇ ଦିଆଯାଇପାରେ ।

## ୮

ସ୍ଥାନ—କାଶ୍ମୀର (ପାଣ୍ଡ୍ରେଣ୍ଠାନର ମନ୍ଦିର)
କାଳ—ଜୁଲାଇ ୧୬ରୁ ୧୯

୧୬ ଜୁଲାଇ । ପର ଦିନ ଜଣେକା ଶିଷ୍ୟାଙ୍କର ସ୍ୱାମୀଜୀଙ୍କ ସହିତ ଖଣ୍ଡେ ଛୋଟ ନୌକା କରି ନଦୀବକ୍ଷରେ ଗମନର ସୁଯୋଗ ଘଟିଥିଲା । ନୌକା ସ୍ରୋତର ଅନୁକୂଳରେ ଚାଲିଛି, ଆଉ ସେ ମଧ୍ୟ ରାମପ୍ରସାଦର ଗୀତଗୁଡ଼ିକ ଗୋଟିକ ପରେ ଗୋଟିଏ ଗାଇ ଚାଲିଛନ୍ତି ଏବଂ ମଝିରେ ମଝିରେ ଗୋଟିଏ ଅଧେ ଅନୁବାଦ କରିଦେଉଛନ୍ତି, ଯେପରିକି —

'ଭୂତଲେ ଆନିଏ ମା ଗୋ କରଲି ଆମାୟ ଲୋହା-ପେଟା,
(ଆମି) ତବୁ କାଲୀ ବ'ଲେ ଡାକି, ମା, ସାବାସ୍ ଆମାର ବୁକେର ପାଟା ।'

ଅଥବା, 'ମନ କେନ ରେ ଭାବିସ୍ ଏତ,
ଯେନ ମାତୃହୀନ ବାଲକେର ମତ ।' ଇତ୍ୟାଦି ।

ତାହାପରେ ଶିଶୁ କ୍ରୁଦ୍ଧ ହେଲେ ଯେପରି ଗର୍ବ ଓ ଅଭିମାନରେ କହିଥାଏ, ସେହି ଭାବର ଗୋଟିଏ ଗୀତ ଗାଇଲେ । ତାହାର ଶେଷ ଭାଗଟି ଏହି—

'ଆମି ଏମନ ମାୟେର ଛେଲେ ନଇ ଯେ,
ବିମାତାକେ ମା ବଲିବ ।'

ଜୁଲାଇ ୧୭ ତାରିଖ । ସମ୍ଭବତଃ ଏହାର ପରଦିନ ସେ ଧୀରା-ମାତାଙ୍କ ନୌକାରେ ଆସି ଭକ୍ତି-ପ୍ରସଙ୍ଗ କିଛି କହିଥାନ୍ତି । ପ୍ରଥମେ ହିଁ ଏକାଧାରରେ ହରଗୌରୀ-ମିଳନସ୍ୱରୂପ ସେହି ଅଦ୍ଭୁତ ହିନ୍ଦୁଭାବଟି କଥିତ ହେଲା । ତାହାର କଥାଗୁଡ଼ିକ ଏଠାରେ ଦେବା ସହଜ; କିନ୍ତୁ ସେହି କଣ୍ଠସ୍ୱର ଅଭାବରେ ତାହା ଅପେକ୍ଷାକୃତ କପରି ପ୍ରାଣହୀନ ଜଣାଯାଉଛି ! ତାହା ଛଡ଼ା ସେତେବେଳର ଚତୁଃପାର୍ଶ୍ୱର ଦୃଶ୍ୟ କି ଅପରୂପ ଥିଲା ଛବିଟି ଭଳି ଶ୍ରୀନଗର-ଲମ୍ବାର୍ଡ଼ୀ-ଦେଶସୁଲଭ ସମୁନ୍ନତଶିର ପପ୍‌ଲର ଗଛଗୁଡ଼ିକ ଏବଂ ଦୂରରେ ଚିରତୁଷାରରାଶି ସେହି ନଦୀଗର୍ଭ ଉପତ୍ୟକାରେ ମହାନ୍ ପର୍ବତରାଜିର ପାଦଦେଶରୁ କିଞ୍ଚିତ୍ ଦୂରରେ ସେ ଆବୃତ୍ତି କଲେ :

କସ୍ତୁରିକାଚନ୍ଦନଲେପନାୟୈ, ଶ୍ମଶାନଭସ୍ମାଙ୍ଗବିଲେପନାୟ ।
ସତ୍କୁଣ୍ଡଲାୟୈ ଫଣିକୁଣ୍ଡଲାୟ, ନମଃ ଶିବାୟୈ ଚ ନମଃ ଶିବାୟ ॥
ମନ୍ଦାରମାଲାପରିଶୋଭିତାୟୈ, କପାଲମାଲାପରିଶୋଭିତାୟ ।
ଦିବ୍ୟାମ୍ବରାୟୈ ଚ ଦିଗମ୍ବରାୟ, ନମଃ ଶିବାୟୈ ଚ ନମଃ ଶିବାୟ ॥

× × ×

ସଦାଶିବାନାଂ ପରିଭୂଷଣାୟୈ ସଦାଶିବାନାଂ ପରିଭୂଷଣାୟ ।
ଶିବାନ୍ୱିତାୟୈ ଚ ଶିବାନ୍ୱିତାୟ, ନମଃ ଶିବାୟୈ ଚ ନମଃ ଶିବାୟ ॥

ଏବଂ ପରମୁହୂର୍ତ୍ତରେ ସେହି ଭାବର ରୂପାନ୍ତରସ୍ୱରୂପ ଅପର ଭାବରେ ମଗ୍ନ ହୋଇ ସେ ଆବୃତ୍ତି କଲେ :

"କିଶୋରୀ ପ୍ରେମ ଦିବି ଆୟ, ପ୍ରେମେର ଜୋୟାର ବୟେ ଯାୟ ।
ବଇଛେ ରେ ପ୍ରେମ ଶତଧାରେ, ଯେ ଯତ ଚାୟ ତତ ପାୟ ।
ପ୍ରେମେର କିଶୋରୀ—ପ୍ରେମ ବିଲାଚ୍ଛେନ ସାଧ କରି,
ରାଧାର ପ୍ରେମେ ବଲରେ ହରି ।
ପ୍ରେମେ ପ୍ରାଣ ମତ୍ତ କରେ ପ୍ରେମତରଙ୍ଗେ ପ୍ରାଣ ମାତାୟ,
ରାଧାର ପ୍ରେମେ ହରି ବଲେ ଆୟ, ଆୟ, ଆୟ ॥

ସେ ଏତେ ତନ୍ମୟ ହୋଇଯାଇଥିଲେ ଯେ, ତାଙ୍କର ପ୍ରାତଃଭୋଜନ ପ୍ରସ୍ତୁତ ହୋଇ ଅନେକ ସମୟ ପର୍ଯ୍ୟନ୍ତ ପଡ଼ିରହିଲା ଏବଂ ଅବଶେଷରେ 'ଯେତେବେଳେ ଏହିସବୁ ଭକ୍ତିର ପ୍ରସଙ୍ଗ ଚାଲିଥିଲା ? ସେତେବେଳେ ଆଉ ଖାଇବା କଅଣ ଦରକାର ?'—ଏହା କହି ସେ ଅନିଚ୍ଛା-

ହସ୍ତେ ଉଠିଗଲେ ଏବଂ ଅତି ଶୀଘ୍ର ଫେରି ଆସି ସେହି ବିଷୟର ପୁନରାଲୋଚନାରେ ପ୍ରବୃତ୍ତ ହେଲେ ।

କିନ୍ତୁ—ହୁଏତ ଏହି ସମୟରେ କି ଅନ୍ୟ କୌଣସି ସମୟରେ ସେ କହିଥିଲେ ଯେ, ଯାହା ନିକଟରୁ ସେ ବଡ଼ ବଡ଼ କାର୍ଯ୍ୟର ପ୍ରତ୍ୟାଶା କରନ୍ତି, ତା' ନିକଟରେ ସେ ରାଧାକୃଷ୍ଣ-ପ୍ରସଙ୍ଗ ଉତ୍ଥାପନ କରନ୍ତି ନାହିଁ । କଠୋର ଏବଂ ଆସକ୍ତିଶୂନ୍ୟ କର୍ମୀର ଜନକ ଶିବ ଏବଂ କର୍ମୀ ପକ୍ଷରେ ତାଙ୍କ ପଦରେ ଉତ୍ସୃଷ୍ଟ ହେବା ଉଚିତ ।

ପରଦିନ ସ୍ୱାମୀଜୀ ଆମମାନଙ୍କୁ ଶ୍ରୀରାମକୃଷ୍ଣଙ୍କର ଗୋଟିଏ ଚମତ୍କାର ଉପଦେଶ ଶୁଣାଇଲେ । ସେଥିରେ ଅପରର ଗୁଣଦୋଷଦର୍ଶୀଗଣଙ୍କୁ ସେ ମହୁମାଛି ବା ମାଛି ସହିତ ତୁଳନା କରିଥିଲେ । ଯେଉଁମାନେ ମଧୁ ଅନ୍ୱେଷଣ କରିଥାନ୍ତି, ସେମାନେ ମହୁମାଛି; ଆଉ ଯେଉଁମାନେ ବାଛି ବାଛି ଘା'ରେ ବସନ୍ତି, ସେମାନେ ମାଛି ।

ତତ୍ପରେ ଆମେମାନେ ଇସ୍‌ଲମାବାଦ ଅଭିମୁଖରେ ଯାତ୍ରା କଲୁ । ଘଟନାଚକ୍ରରେ ଏହା ହିଁ ବାସ୍ତବିକ୍ ଆମର ଅମରନାଥ-ଯାତ୍ରା ହୋଇଥିଲା ।

୧୯ ଜୁଲାଇ । ପ୍ରଥମ ଅପରାହ୍ଣରେ ବିତସ୍ତା ନଦୀତୀରରେ ଏକ ଜଙ୍ଗଲ ମଧ୍ୟରେ ଆମେ ଚିର-ଅନ୍ୱେଷିତ ପାଣ୍ଡ୍ରେଣ୍ଠାନ ମନ୍ଦିର ଆବିଷ୍କାର କଲୁ । (ପାଣ୍ଡ୍ରେଣ୍ଠାନ କ'ଣ ପାଣ୍ଡବଗଣଙ୍କର ସ୍ଥାନ ?)

ସ୍ୱାମୀଜୀଙ୍କ ଚକ୍ଷୁରେ ସେହି ସ୍ଥାନଟି ଇତିହାସର ଅତି ମଧୁର ସ୍ମୃତି-ବିଜଡ଼ିତ । ଏହା ବୌଦ୍ଧଧର୍ମର ପ୍ରତ୍ୟକ୍ଷ ନିଦର୍ଶନସ୍ୱରୂପ ଏବଂ ସେ ଇତପୂର୍ବେ କାଶ୍ମୀରର ଇତିହାସକୁ ଯେଉଁ ଚାରିଟି ଧର୍ମଯୁଗରେ ବିଭକ୍ତ କରିଥିଲେ, ଏହା ସେମାନଙ୍କ ମଧ୍ୟରେ ଅନ୍ୟତମ ।

(୧) ବୃକ୍ଷ ଓ ସର୍ପପୂଜାର ଯୁଗ—ଏହି ସମୟରୁ ନାଗ-ଶବ୍ଦାନ୍ତ କୁଣ୍ଡନାମଗୁଡ଼ିକର ପ୍ରଚଳନ, ଯଥା ବେରନାଗ ଇତ୍ୟାଦି, (୨) ବୌଦ୍ଧଧର୍ମର ଯୁଗ, (୩) ସୌରୋପାସନା ଆକାରରେ ପ୍ରଚଳିତ ହିନ୍ଦୁଙ୍କର ଯୁଗ ଏବଂ (୪) ମୁସଲମାନ ଧର୍ମର ଯୁଗ । ସେ କହିଲେ, ସ୍ଥାପତ୍ୟ ହିଁ ବୌଦ୍ଧଧର୍ମର ବିଶେଷ ଶିଳ୍ପ ଏବଂ ସୂର୍ଯ୍ୟଚକ୍ରାଙ୍କିତ ଚକ୍ର ଅଥବା ପଦ୍ମ ଏହାର ଖୁବ୍ ମାମୁଲି କାରୁକାର୍ଯ୍ୟ-ସାମଗ୍ରୀ । ସର୍ପସମ୍ବଳିତ ମୂର୍ତ୍ତିଗୁଡ଼ିକରେ ବୌଦ୍ଧଧର୍ମ ପୂର୍ବବର୍ତ୍ତୀ ଯୁଗର ଆଭାସ ମିଳେ । କିନ୍ତୁ ସୌରୋପାସନା କାଳରେ ଭାସ୍କର୍ଯ୍ୟର ଯଥେଷ୍ଟ ଅବନତି ହୋଇଥିଲା । ଏଥି ନିମିତ୍ତ ସୂର୍ଯ୍ୟମୂର୍ତ୍ତିଟି ନୈପୁଣ୍ୟବର୍ଜିତ ।...

ସେତେବେଳେ ସୂର୍ଯ୍ୟାସ୍ତର ସମୟ—କି ଅପରୂପ ସୂର୍ଯ୍ୟାସ୍ତ ! ପଶ୍ଚିମଦିଗର ପର୍ବତ-ଗୁଡ଼ିକ ଗାଢ଼ ନୀଳରଙ୍ଗରେ ଚକ୍‌ଚକ୍ କରୁଛି । ଆହୁରି ଉତ୍ତରରେ ବରଫ ଏବଂ ମେଘରେ ସେଗୁଡ଼ିକ ନୀଳ ଦେଖାଯାଉଥିଲା । ଆକାଶ ହରିତ୍ ଏବଂ ପୀତ, ତାହା ସହିତ ଈଷତ୍ ନୀଳ-ଉଜ୍ଜ୍ୱଳ ଅଗ୍ନିଶିଖା ରଙ୍ଗର ଏବଂ ଡ୍ୟାଫୋଡିଲ ଫୁଲ ପରି ହରିଦ୍ରାବର୍ଣ୍ଣ; ତା' ପଛରେ ହିଁ ନୀଳ ଏବଂ ଓପଲ୍ ପରି ଶୁଭ୍ର ପଛଭୂମି । ଆମେ ଛିଡ଼ା ହୋଇ ଦେଖିବାକୁ ଲାଗିଲୁ ଏବଂ ତତ୍ପରେ 'ସୁଲେମାନର ସିଂହାସନ' (ଯାହାକି ଇତିମଧ୍ୟରେ ଆମର ପ୍ରିୟପାତ୍ର ହୋଇ ଉଠିଥିଲା, ସେହି କ୍ଷୁଦ୍ର ଚିହ୍ନିତ) ନଜରରେ ପଡ଼ିବା ମାତ୍ରକେ ଆଗ୍ରହ୍ୟଦେବ କହି ଉଠିଥିଲେ, 'ମନ୍ଦିର ସ୍ଥାପନରେ

ହିନ୍ଦୁମାନେ କି ପ୍ରଭଙ୍ଗର ବିକାଶ ଦେଖାନ୍ତି ! ଯେଉଁଠି ଚମତ୍କାର ଦୃଶ୍ୟ ସେମାନେ ସେହି ସ୍ଥାନଟି ବାଛି ନିଅନ୍ତି ! ଦେଖ, ଏହି ତଖ୍ତରୁ ସମଗ୍ର କାଶ୍ମୀର ଉପତ୍ୟକା ଦେଖିବାକୁ ମିଳୁଛି । ନୀଳ ଜଳରାଶି ମଧ୍ୟରୁ ଲୋହିତାଭ ହରିପର୍ବତ ଉଠିଛି, ଯେପରି ମୁକୁଟ ପିନ୍ଧି ଗୋଟିଏ ସିଂହ ଅର୍ଦ୍ଧଶାୟିତ ଭାବରେ ଅବସ୍ଥାନ କରୁଛି । ପୁଣି ମାର୍ତ୍ତଣ୍ଡ ମନ୍ଦିରର ପାଦତଳେ ଗୋଟିଏ ଉପତ୍ୟକା ରହିଅଛି ।'

ଆମମାନଙ୍କ ନୌକାଗୁଡ଼ିକୁ ବନପ୍ରାନ୍ତରରୁ ଅନତିଦୂରରେ ନଙ୍ଗର ପକା ଯାଇଥିଲି ଏବଂ ଆମେମାନେ ଦେଖିବାକୁ ପାଇଲୁ ଯେ, ଆମମାନଙ୍କର ସଦ୍ୟ-ଆବିଷ୍କୃତ ନିସ୍ତବ୍ଧ ଦେବାଳୟ ଏବଂ ବୁଦ୍ଧମୂର୍ତ୍ତି ସ୍ୱାମୀଜୀଙ୍କ ମନରେ ଗଭୀର ଭାବର ଉଦ୍ରେକ କରିଛି । ସେହିଦିନ ସନ୍ଧ୍ୟା ସମୟରେ ଆମେମାନେ ଧୀରାମାତାଙ୍କ ନିକଟରେ ଏକତ୍ରିତ ହେଲୁ ଏବଂ ସେଠାର କଥୋପକଥନର କିୟଦଂଶ ଏଠାରେ ଲିପିବଦ୍ଧ ହେଲା ।

ଈଶାହି ଧର୍ମର କର୍ମକାଣ୍ଡ ବୌଦ୍ଧଧର୍ମର କର୍ମକାଣ୍ଡରୁ ଉଦ୍ଭୂତ—ଆଗୁସ୍ଥିଦେବ ଏହି ମର୍ମରେ କହିଥିଲେ; କିନ୍ତୁ ଆମମାନଙ୍କ ମଧ୍ୟରୁ ଜଣେ ଏହି ମତ ଆଦୌ ମାନିବାକୁ ପ୍ରସ୍ତୁତ ନ ଥିଲେ ।

ଉକ୍ତ ରମଣୀ : ବୌଦ୍ଧ କର୍ମକାଣ୍ଡ ବା କେଉଁଠୁ ଆସିଲା ?

ସ୍ୱାମୀଜୀ : ବୈଦିକ କର୍ମକାଣ୍ଡରୁ ।

ପ୍ରଶ୍ନକର୍ତ୍ତ୍ରୀ : 'ଅଥବା, ଏହା ଦକ୍ଷିଣ ଇଉରୋପରେ ପ୍ରଚଳିତ ଥିଲା ବୋଲି ଏ ପ୍ରକାର ସିଦ୍ଧାନ୍ତ କରିବା କ'ଣ ଠିକ୍ ନୁହେଁ ଯେ, ବୌଦ୍ଧ, ଈଶାହି ଏବଂ ବୈଦିକ କ୍ରିୟାକାଣ୍ଡ ସମସ୍ତ ହିଁ ଏକ ସାଧାରଣ ଭିତ୍ତିରୁ ଉଦ୍ଭୂତ ?

ସ୍ୱାମୀଜୀ : ନା, ତାହା ହୋଇ ନ ପାରେ ! ତୁମେ ଭୁଲିଯାଉଛ ଯେ, ବୌଦ୍ଧଧର୍ମ ସମ୍ପୂର୍ଣ୍ଣ ଭାବରେ ହିନ୍ଦୁଧର୍ମର ହିଁ ଅନ୍ତର୍ଭୁକ୍ତ ଥିଲା ! ଏପରିକି ଜାତିବିଭାଗ ବିରୋଧରେ ମଧ୍ୟ ବୌଦ୍ଧଧର୍ମ କିଛି କହି ନାହିଁ ! ଅବଶ୍ୟ ଜାତିବିଭାଗ ସେତେବେଳେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ରୂପ ଲାଭ କରି ନ ଥିଲା ଏବଂ ବୁଦ୍ଧଦେବ ଆଦର୍ଶଟିକୁ ପୁନଃ ସ୍ଥାପନ କରିବାକୁ ପ୍ରୟାସୀ ହୋଇଥିଲେ ମାତ୍ର । ମନୁ କହିଛନ୍ତି ଯେ ଏହି ଜୀବନରେ ଭଗବତ୍-ସାକ୍ଷାତ୍କାର କରେ, ସେ ହିଁ ବ୍ରାହ୍ମଣ । ବୁଦ୍ଧଦେବ ସାଧାରଣତଃ ଏହାକୁ ହିଁ କାର୍ଯ୍ୟରେ ପରିଣତ କରିବାକୁ ଚାହିଁଥିଲେ ମାତ୍ର ।

ପ୍ରଶ୍ନକର୍ତ୍ତ୍ରୀ : କିନ୍ତୁ ଈଶାହି ଏବଂ ବୈଦିକ କର୍ମକାଣ୍ଡ ମଧ୍ୟରେ କି ସମ୍ବନ୍ଧ ? ସେମାନେ ଏକ, ଏହା କେବେହେଲେ କ'ଣ ସମ୍ଭବ ହୋଇପାରେ ? ଏପରିକି, ଆମମାନଙ୍କ ପୂଜାପଦ୍ଧତିର ଯାହା ମେରୁଦଣ୍ଡ-ସ୍ୱରୂପ, ଆପଣମାନଙ୍କ ଧର୍ମରେ ତାହାର ନାମଗନ୍ଧ ମଧ୍ୟ ନାହିଁ ।

ସ୍ୱାମୀଜୀ : ନିଶ୍ଚୟ ଅଛି । ବୈଦିକ କର୍ମକାଣ୍ଡରେ ମଧ୍ୟ ମାସ୍ (Mass) ଅଛି । ତାହା ହିଁ ଦେବତାଙ୍କ ଉଦ୍ଦେଶ୍ୟରେ ଭୋଗ ନିବେଦନ କରିବା, ଆଉ ତୁମମାନଙ୍କର Blessed Sacrament ଆମମାନଙ୍କର 'ପ୍ରସାଦ'-ସ୍ଥାନୀୟ । କେବଳ ଗ୍ରୀଷ୍ମପ୍ରଧାନ ଦେଶର ପ୍ରଥାନୁଯାୟୀ ଆଣ୍ଠୁ ନ ମାଡ଼ି ବସି ବସି ନିବେଦନ କରାଯାଏ । ତିବ୍ବତର ଲୋକେ ଆଣ୍ଠୁ ମାଡ଼ିଥାନ୍ତି । ଏତଦ୍ଭିନ୍ନ ବୈଦିକ କର୍ମକାଣ୍ଡରେ ମଧ୍ୟ ଧୂପଦୀପ ଦାନ ଏବଂ ଗୀତବାଦ୍ୟର

ପ୍ରଥା ଅଛି ।

ପ୍ରଶ୍ନକର୍ତ୍ତା : କିନ୍ତୁ ଈଶାଇ ଧର୍ମ ପର ଏଥିରେ କୌଣସି ପ୍ରାର୍ଥନା ଅଛି କି ?

କେହି ଏହି ଭଳରେ ଆପତ୍ତି ଉଠାଇଲେ ସ୍ୱାମୀଜୀ ବରାବର ତାହାର ଉତ୍ତରରେ କୌଣସି ନିର୍ଭୀକ ଆପାତ-ବିରୁଦ୍ଧ, କିନ୍ତୁ ଅଭ୍ରାନ୍ତ ମତ ପ୍ରୟୋଗ କରୁଥିଲେ ଏବଂ ତା' ମଧ୍ୟରେ କୌଣସି ଅଭିନବ ଏବଂ ଅଚିନ୍ତ୍ୟ-ପୂର୍ବ ସାମାନ୍ୟ ଅବସ୍ଥାର ନିହିତ ରହୁଥିଲା ।

ସ୍ୱାମୀଜୀ : ନା; ପୁଣି ଈଶାଇ ଧର୍ମରେ ତ କସ୍ମିନକାଳେ ନ ଥିଲା । ଏ ତ ଖାଣ୍ଟି-ପ୍ରୋଟେଷ୍ଟାଣ୍ଟ ଧର୍ମ ଏବଂ ପ୍ରୋଟେଷ୍ଟାଣ୍ଟ ଧର୍ମ, ମୁସଲମାନଙ୍କ ନିକଟରୁ ସମ୍ଭବତଃ ମୁର୍ ଜାତିର ପ୍ରଭାବ ମଧ୍ୟ ଦେଇ ଏହା ଗ୍ରହଣ କରିଥିଲା ।

ପୌରୋହିତ୍ୟର ଭାବ ଏକାବେଳକେ ଭୂମିସାତ୍ କରିଦେବା, ତାହା ଏକମାତ୍ର ମୁସଲମାନ ଧର୍ମ ହିଁ କରିଛି । ଯେଉଁମାନେ ଅଗ୍ରଣୀ ହୋଇ ପ୍ରାର୍ଥନା ପାଠ କରନ୍ତି, ସେ ଶ୍ରୋତୃବର୍ଗଙ୍କ ଆଡ଼କୁ ପଛକରି ଛିଡ଼ା ହୁଅନ୍ତି ଏବଂ କେବଳ କୋରାନ୍ ପାଠ ହିଁ ବେଦୀରୁ ହୋଇ-ପାରେ—ପ୍ରୋଟେଷ୍ଟାଣ୍ଟ ଧର୍ମ ଏହି ଭାବ ଆଣିବାକୁ ଚେଷ୍ଟା କରିଛି ।

ଏପରି କି 'tonsure' ପର୍ଯ୍ୟନ୍ତ ଭାରତବର୍ଷରେ ପ୍ରଚଳିତ ଥିଲା, ତାହା ହିଁ ଆମମାନଙ୍କର ମୁଣ୍ଡନ । ଜାଷ୍ଟିନିୟାନ୍ ଦୁଇ ଜଣ ସନ୍ନ୍ୟାସୀଙ୍କ ନିକଟରୁ ମୁସାଙ୍କ ଯୁଗରେ ପ୍ରଚଳିତ ବାଧ୍ୟନିଷେଧ ଗ୍ରହଣ କରୁଛନ୍ତି, ମୁଁ ଏହିପରି ଖଣ୍ଡିଏ ଚିତ୍ର ଦେଖିଛି । ସେଥିରେ ସାଧୁଦ୍ୱୟଙ୍କ ମସ୍ତକ ସମ୍ପୂର୍ଣ୍ଣ ମୁଣ୍ଡିତ । ବୌଦ୍ଧଯୁଗର ପ୍ରାକ୍‌କାଳରେ ହିନ୍ଦୁଧର୍ମରେ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ ଦୁହେଁ ବିଦ୍ୟମାନ ଥିଲେ । ଇଉରୋପ ନିଜ ଧର୍ମସମ୍ପ୍ରଦାୟଗୁଡ଼ିକ 'ଥିବେଇଡ୍'-* ଠାରୁ ପାଇଛି ।

ପ୍ରଶ୍ନକର୍ତ୍ତା : ଏହି ହିସାବରେ ତାହାହେଲେ ଆପଣ କ୍ୟାଥଲିକ୍ ଧର୍ମର କର୍ମକାଣ୍ଡକୁ ଆର୍ଯ୍ୟ କର୍ମକାଣ୍ଡ ବୋଲି ସ୍ୱୀକାର କରନ୍ତି ?

ସ୍ୱାମୀଜୀ : ହଁ । ପ୍ରାୟ ସମଗ୍ର ଈଶାଇ ଧର୍ମ ହିଁ ଆର୍ଯ୍ୟଧର୍ମ ବୋଲି ମୋର ବିଶ୍ୱାସ । ମୋର ମନେହୁଏ, ଖ୍ରୀଷ୍ଟ ବୋଲି କେହି କେବେ ନ ଥିଲେ । କ୍ରୀଟ ଦ୍ୱୀପର ଅଦୂରରେ ମୁଁ ସେହି ସ୍ୱପ୍ନ** ଦେଖିବା ପରଠାରୁ ଏପର୍ଯ୍ୟନ୍ତ ବରାବର ଏହି ସନ୍ଦେହ । ଆଲେକଜାଣ୍ଡ୍ରିଆରେ ଭାରତୀୟ ଏବଂ ମିଶରୀୟ ଭାବର ସମ୍ମିଶ୍ରଣ ହେଲା ଏବଂ ତାହା ହିଁ ଇହୁଦୀ ଓ ଯାବନିକ (ଗ୍ରୀକ୍) ଧର୍ମଦ୍ୱାରା ଅନୁରଞ୍ଜିତ ହୋଇ ଜଗତରେ ଈଶାଇ-ଧର୍ମ ନାମରେ ପ୍ରଚାରିତ ହୋଇଅଛି ।

---

* ଷ୍ଟାସିଉସ-ପ୍ରଣୀତ ଥିବସ୍-ସମ୍ବନ୍ଧୀୟ ଲାଟିନ୍ କାବ୍ୟ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ରଚିତ । ଥିବସ୍ ପ୍ରାଚୀନ ଗ୍ରୀସ୍‌ର ଏକ ଅଂଶର ସମୃଦ୍ଧ ରାଜଧାନୀ ଥିଲା । ସିଂହାସନାର୍ଥୀ ଭ୍ରାତୃଦ୍ୱୟଙ୍କ ଯୁଦ୍ଧ ଉକ୍ତ ଗ୍ରନ୍ଥର ବିଷୟ ।

** ୧୮୯୭ ଖ୍ରୀଷ୍ଟାବ୍ଦର ଜାନୁଆରି ମାସରେ ଭାରତ-ପ୍ରତ୍ୟାଗମନ ପଥରେ ନେପଲ୍‌ସରୁ ପୋର୍ଟ ସୟିଦ୍ ଆସିବା ସମୟରେ ସ୍ୱାମୀଜୀ ସ୍ୱପ୍ନ ଦେଖିଥିଲେ ଯେ, ଏକ ଶ୍ମଶ୍ରୁଧାରୀ ବୃଦ୍ଧ ତାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ତାଙ୍କୁ କହିଲେ, 'ଏହି କ୍ରୀଟ ଦ୍ୱୀପ ଏବଂ ସେ ସେପରି ପରେ

'ଜାଣ ତ 'କାର୍ଯ୍ୟକଳାପ' ଏବଂ 'ପତ୍ରାବଳୀ' (Acts and Epistles) 'ଜୀବନୀଚତୁଷ୍ଟୟ' (gospels)-ରୁ ପ୍ରାଚୀନତର, ଏବଂ ସେଣ୍ଟ ଜନ୍ ଗୋଟିଏ କଳ୍ପନା । ମାତ୍ର ଜଣେ ଲୋକ ସମ୍ବନ୍ଧରେ ଆମେ ନିଃସନ୍ଦେହ—ସେ ସେଣ୍ଟ ପଲ୍ । ସେ ମଧ୍ୟ ପୁଣି ସ୍ୱଚକ୍ଷୁରେ ଘଟଣାଗୁଡ଼ିକ ଦେଖି ନାହାନ୍ତି···

ନା ! ଧର୍ମାଚାର୍ଯ୍ୟଗଣଙ୍କ ମଧ୍ୟରେ କେବଳ ମାତ୍ର ବୁଦ୍ଧ ଏବଂ ମହମ୍ମଦ ହିଁ ସ୍ପଷ୍ଟ ଐତିହାସିକ ସତ୍ତା ରୂପେ ଦଣ୍ଡାୟମାନ; କାରଣ ସୌଭାଗ୍ୟକ୍ରମେ ସେମାନେ ଜୀବଦ୍ଦଶାରେ

---

ଏହାକୁ ଚିହ୍ନି ପାରିବେ, ସେଥିନିମିତ୍ତ ଉକ୍ତ ଦ୍ୱୀପର ଗୋଟିଏ ସ୍ଥାନ ତାଙ୍କୁ ଦେଖାଇଦେଲେ । ଉକ୍ତ ସ୍ୱପ୍ନର ମର୍ମ ଏହା ଥିଲା—ଈଶାଙ୍କ ଧର୍ମର ଉତ୍ପତ୍ତି କ୍ରୀଟ ଦ୍ୱୀପରେ ଏବଂ ଏହା ସମ୍ବନ୍ଧରେ ସେ ତାହାଙ୍କୁ ଦୁଇଟି ଇଉରୋପୀୟ ଶବ୍ଦ ଶୁଣାଇଲେ—ସେଗୁଡ଼ିକ ମଧ୍ୟରେ ଗୋଟିଏ 'ଥେରାପିଉଟି' (Therapeutae)—ଏବଂ କହିଲେ ଉଭୟ ହିଁ 'ସଂସ୍କୃତ-ଶବ୍ଦଜ' । ଥେରାପିଉଟି ଶବ୍ଦର ଅର୍ଥ···ଥେରା ଅର୍ଥାତ୍ ବୌଦ୍ଧ ଭିକ୍ଷୁମାନଙ୍କର ପୁତ୍ର (ଶିଷ୍ୟ)ଗଣ; ପିଉଟି—ସଂସ୍କୃତ 'ପୁତ୍ର'ଶବ୍ଦଜ । ଏଥିରୁ ସ୍ୱାମୀଜୀ ଯେପରି ବୁଝିପାରିଲେ ଯେ, ଈଶାଙ୍କ ଧର୍ମ ବୌଦ୍ଧଧର୍ମର ଦଳେ ପ୍ରଚାରକଙ୍କଠାରୁ ଉଦ୍ଭୂତ ହୋଇଅଛି; ଏହା ହିଁ ତାଙ୍କର ଅଭିପ୍ରେତ ଥିଲା । ଭୂମିଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ବୃଦ୍ଧ ଆହୁରି ମଧ୍ୟ କହିଲେ, 'ପ୍ରମାଣସବୁ ଏହିଠାରେ ହିଁ ଅଛି, ଖୋଳିଲେ ଦେଖିବାକୁ ପାଇବ ।'

ନିଦ୍ରାଭଙ୍ଗ ପରେ ଏହା ସାମାନ୍ୟ ସ୍ୱପ୍ନ ନୁହେଁ—ଅନୁଭବ କରି ସ୍ୱାମୀଜୀ ଶଯ୍ୟାତ୍ୟାଗ କଲେ ଏବଂ ବାହାରି ପଡ଼ି ଡେକ୍ ଉପରକୁ ଆସିଲେ । ସେଠାରେ ଜଣେ କର୍ମଚାରୀ ତା'ର ପହରା ଶେଷକରି ଫେରି ଆସୁଥିବାର ସେ ଦେଖିବାକୁ ପାଇଲେ । ତାଙ୍କୁ ପଚାରିଲେ, 'କେତେଟା ବାଜିଛି ?' ଉତ୍ତର ମିଳିଲା, 'ରାତ୍ରି ଦ୍ୱିପ୍ରହର ।' ପୁନରାୟ ପଚାରିଲେ, 'ଆମେମାନେ ବର୍ତ୍ତମାନ କେଉଁଠି ?' ସେତେବେଳେ ବିସ୍ମୟବିହ୍ୱଳ ଚିତ୍ତରେ ଉତ୍ତର ଶୁଣିଲେ : 'କ୍ରୀଟର ପଚାଶ ମାଇଲ ଦୂରରେ ।'

ଏହି ସ୍ୱପ୍ନ ତାଙ୍କ ଉପରେ ଯେପରି ପ୍ରବଳ ପ୍ରଭାବ ବିସ୍ତାର କରିଥିଲା, ତାହା ଦେଖି ଆଚାର୍ଯ୍ୟଦେବ ନିଜେ ହିଁ ନିଜକୁ ହାସ୍ୟାସ୍ପଦ ମନେକରୁଥିଲେ; କିନ୍ତୁ ସେ କେବେହେଲେ ଏହାକୁ ଦୂର କରିଦେଇପାରି ନ ଥିଲେ । ଶବ୍ଦଦ୍ୱୟ ମଧ୍ୟରୁ ଦ୍ୱିତୀୟଟି ଯେ ହଜିଯାଇଛି, ଏହା ଅନେକ ପରିତାପର ବିଷୟ । ସ୍ୱାମୀଜୀ ସ୍ୱୀକାର କରିଥିଲେ ଯେ, ଏହି ସ୍ୱପ୍ନ ଦେଖିବା ପୂର୍ବରୁ କେବେହେଲେ ତାଙ୍କର ଈଶାଚରିତର ସମ୍ପୂର୍ଣ୍ଣ ଐତିହାସିକ ସତ୍ୟତା ବିଷୟରେ ସନ୍ଦିହାନ ହେବାର ଖିଆଲ ହୋଇ ନ ଥିଲା । କିନ୍ତୁ ଆମମାନଙ୍କର ସ୍ମରଣ ରଖିବା ଉଚିତ ଯେ, ହିନ୍ଦୁ-ଦର୍ଶନ ମତରେ ଭାବବିଶେଷର ସର୍ବାଙ୍ଗ ସମ୍ପୂର୍ଣ୍ଣତା ହିଁ ଅସଲ କଥା, ଏହାର ଐତିହାସିକ ପ୍ରାମାଣିକତା ନୁହେଁ । ସ୍ୱାମୀଜୀ ବାଲ୍ୟକାଳରେ ଏକଦା ଶ୍ରୀରାମକୃଷ୍ଣଙ୍କୁ ଏହି କଥା ପଚାରିଥିଲେ । ତାଙ୍କର ଗୁରୁଦେବ ଉତ୍ତର ଦେଇଥିଲେ, 'ଯେଉଁମାନଙ୍କ ମୁଣ୍ଡରୁ ଏପରି ସବୁ ଜନଶ୍ରୁତି ବାହାରିଛି, ସେମାନେ ଯେ ତାହା ହିଁ ଥିଲେ, ଏକଥା କ'ଣ ତୁମର ମନେହୁଏ ନାହିଁ ?' —ଲେଖିକା

ଶକୁନ୍ତଳା ଉଭୟ ହିଁ ଲାଭ କରିଥିଲେ । ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ମୋର ସନ୍ଦେହ ଅଛି; ଯୋଗୀ, ଗୋପ ଏବଂ ପରାକ୍ରାନ୍ତ ନରପତି—ଏହିସବୁ ଏକତ୍ର ହୋଇ ଗୀତା ହସ୍ତରେ ଗୋଟିଏ ନୟନାଭିରାମ ମୂର୍ତ୍ତିର ସୃଷ୍ଟି କରିଛି ।

ରେନାଙ୍କର ଈଶାଙ୍କଜୀବନୀ ତ କେବଳ ଫେଣା ହୋଇଛି । ଏହା ଷ୍ଟ୍ରସ୍‌ଙ୍କର ସମକକ୍ଷ ହୋଇ ନ ପାରେ । ଷ୍ଟ୍ରସ୍ ହିଁ ସତ୍ୟ ପ୍ରକୃତତତ୍ତ୍ୱବିତ୍ । ଈଶାଙ୍କ ଜୀବନରେ ଦୁଇଟି ଜିନିଷ ଜୀବନ୍ତ ବ୍ୟକ୍ତିଗତ ଲକ୍ଷଣରେ ଭୂଷିତ—ପାହାଡ଼ର ସର୍ବାପେକ୍ଷା ସୁନ୍ଦର ଉପାଖ୍ୟାନ, ବ୍ୟଭିଚାର-ଅପରାଧରେ ଧୃତା ସେହି ରମଣୀ ଏବଂ କୂପପାର୍ଶ୍ୱବର୍ତ୍ତିନୀ ସେହି ନାରୀ ।

ଏହି ଶେଷୋକ୍ତ ଘଟଣାର ଭାରତୀୟ ଜୀବନ ସହିତ କି ଅଦ୍ଭୁତ ସୁସଙ୍ଗତି ! ଗୋଟିଏ ସ୍ତ୍ରୀଲୋକ ପାଣି ଆଣିବାକୁ ଆସି ଦେଖିଲା, କୂଅଧାରରେ ବସି ଜଣେ ପୀତବସ୍ତ୍ର ପରିହିତ ସାଧୁ ତାକୁ ପାଣି ମାଗୁଛନ୍ତି । ତା'ପରେ ସେ ତାକୁ ଉପଦେଶ ଦେଲେ ଏବଂ ତା' ମନର କେତେକ କଥା କହିଦେଲେ ।···କେବଳ ଭାରତୀୟ ଗଳ୍ପରେ ଉପସଂହାରଟା ଏହିପରି ହେବ ଯେ, ଯେତେବେଳେ ଉକ୍ତ ନାରୀ ଗ୍ରାମବାସୀଗଣଙ୍କୁ ଦେଖିବା ପାଇଁ ଏବଂ ସାଧୁଙ୍କର କଥା ଶୁଣିବା ପାଇଁ ଡାକିବାକୁ ଗଲେ, ସେହି ଅବସରରେ ସାଧୁ ସୁଯୋଗ ବୁଝି ପଳାଇ ବନମଧ୍ୟରେ ଆଶ୍ରୟ ନେଲେ ।

ମୋଟ ଉପରେ ମୋର ମନେହୁଏ, ଜ୍ଞାନବୃଦ୍ଧ ହ୍ୱିଲେଲ୍ ହିଁ (Rabbi Hillel) ଈଶାଙ୍କ ଉପଦେଶାବଳୀର ଉଦ୍ଭାବକର୍ତ୍ତା, ଏବଂ ନ୍ୟାଜାରେନ୍ ନାମଧାରୀ ଏକ ବହୁ ପ୍ରାଚୀନ, କିନ୍ତୁ ଅଖ୍ୟାତ ୟାହୁଦୀ ସମ୍ପ୍ରଦାୟ ସେହି ସେଣ୍ଟ ପଲଙ୍କଠାରୁ ଯେପରି ବୈଦ୍ୟୁତିକ ଶକ୍ତିରେ ଅନୁପ୍ରାଣିତ ହୋଇ ଏକ ପୌରାଣିକ ବ୍ୟକ୍ତିଙ୍କୁ ପୂଜାସ୍ପଦ ବସ୍ତୁ ବୋଲି ଯୋଗାଇଦେଇଛି ।

ପୁନରୁତ୍ଥାନ ( Resurrection ) ବିଷୟଟା ତ ବସନ୍ତ-ଦାହ ( Spring cremation ) ପ୍ରଥାର ହିଁ ରୂପାନ୍ତର ମାତ୍ର । ଯାହା ହେଉନା କାହିଁକି, ଦାହପ୍ରଥା କେବଳ ଧନୀ ଯବନ (ଗ୍ରୀକ୍) ଓ ରୋମୀୟଗଣଙ୍କ ମଧ୍ୟରେ ହିଁ ପ୍ରଚଳିତ ଥିଲା; ଆଉ ସୂର୍ଯ୍ୟୋଦ୍‌ଘଟିତ ନବ ଉପାଖ୍ୟାନଟି ସେହି ଅଳ୍ପସଂଖ୍ୟକ ଲୋକଙ୍କ ମଧ୍ୟରେ ହିଁ ତାକୁ ନିବଦ୍ଧ କରିଥିବ ।

କିନ୍ତୁ ବୁଦ୍ଧ ପୃଥିବୀରେ ଯେତେ ଲୋକ ଜନ୍ମଗ୍ରହଣ କରିଛନ୍ତି; ତନ୍ମଧ୍ୟରେ ସେ ହିଁ ଯେ ସର୍ବଶ୍ରେଷ୍ଠ, ଏ ବିଷୟରେ ଅଣୁମାତ୍ର ସନ୍ଦେହ ନାହିଁ । ସେ ନିଜ ପାଇଁ ଥରେ ମାତ୍ର ନିଃଶ୍ୱାସ ନେଇ ନାହାନ୍ତି ! ସର୍ବୋପରି ସେ କେବେହେଲେ ପୂଜା ଆକାଙ୍କ୍ଷା କରି ନାହାନ୍ତି । ସେ କହିଥିଲେ : ବୁଦ୍ଧ କୌଣସି ବ୍ୟକ୍ତି ନୁହନ୍ତି, ତାହା ଏକ ଅବସ୍ଥାବିଶେଷ । ମୁଁ ଦ୍ୱାର ଖୋଲି ପାଇଛି; ଆସ, ତୁମେମାନେ ସମସ୍ତେ ପ୍ରବେଶ କର ।

ସେ 'ପତିତା' ଅମ୍ବାପାଲୀର ନିମନ୍ତ୍ରଣରେ ଯାଇଥିଲେ । ସେ ଅନ୍ତ୍ୟଜର ଗୃହରେ ଭୋଜନଦ୍ୱାରା ତାଙ୍କର ପ୍ରାଣ ନାଶ ହେବ ଜାଣି ମଧ୍ୟ ଭୋଜନ କରିଥିଲେ ଏବଂ ମୃତ୍ୟୁକାଳରେ ତାଙ୍କୁ ଅତିଥି ସତ୍କାରକଙ୍କର ଏହି ମହାମୂଲ୍ୟ ଦାନ ନିମିତ୍ତ ଧନ୍ୟବାଦ ଦେଇ ତାଙ୍କ ନିକଟକୁ ଲୋକ ପଠାଇଥିଲେ । ସର୍ବୋଲତ ପୂର୍ବରୁ ମଧ୍ୟ ଗୋଟିଏ କ୍ଷୁଦ୍ର ଛାଗଶିଶୁ ନିମିତ୍ତ ସ୍ନେହ ଓ ଦୟାରେ ସେ କାତର ହୋଇଥିଲେ । ତୁମମାନଙ୍କର ସ୍ମରଣ ଅଛି, କିପରି ରାଜପୁତ୍ର ଏବଂ

ସନ୍ନ୍ୟାସୀ ହୋଇ ମଧ୍ୟ ସେ ନିଜ ମସ୍ତକ ପର୍ଯ୍ୟନ୍ତ ଦେବାକୁ ଚାହୁଁଥିଲେ, ଯଦି ରାଜା କେବଳ ଯେଉଁ ଗ୍ରାମଗିଣ୍ଠିକୁ ବଳିଦେବାକୁ ଉଦ୍ୟତ ହୋଇଥିଲେ ତାକୁ ମୁକ୍ତ ଦଅନ୍ତ ଏବଂ ନାଭଳି ସେହି ରାଜା ତାଙ୍କ ଅନୁକମ୍ପା ନିଦର୍ଶନରେ ମୁଗ୍ଧ ହୋଇ ଗ୍ରାମଗିଣ୍ଠିକୁ ଜୀବନ ଦାନ କରନ୍ତ । ଜ୍ଞାନବଗ୍ରତ ଏବଂ ସହୃଦୟତାର ଏପରି ଅପୂର୍ବ ସମ୍ମିଶ୍ରଣ ଆଉ କେଉଁଠି ଦେଖାଯାଏ ନାହିଁ । ନିଶ୍ଚୟ ତାଙ୍କ ପରି ଆଉ କେହି ଯେ ଜନ୍ମି ନାହାନ୍ତି, ଏ ବିଷୟରେ ଦ୍ୱିରୁକ୍ତି ନାହିଁ ।

## ୯

ସ୍ଥାନ—କାଶ୍ମୀର (ବିତସ୍ତା ନଦୀ କୂଳରେ)
କାଳ—ଜୁଲାଇ ୨୦ରୁ ୨୨

ସେଦିନ ପ୍ରାତଃକାଳରେ ନଦୀ ପ୍ରଶସ୍ତ, ଅଗଭୀର ଏବଂ ନିର୍ମଳ ଥିଲା । ଆମମାନଙ୍କ ମଧ୍ୟରୁ ଦୁଇ ଜଣ ସ୍ୱାମୀଜୀଙ୍କ ସହିତ ନଦୀ କୂଳରେ ଥିବା କ୍ଷେତ ଉପର ଦେଇ ପ୍ରାୟ ତିନି ମାଇଲ ବୁଲିଥିଲେ । ସ୍ୱାମୀଜୀ ପ୍ରଥମେ ପାପବୋଧ-ସମ୍ବନ୍ଧରେ କଥା ଆରମ୍ଭ କଲେ : ଜାପରି ତାହା ମିଶର, ଶେମ-ବଂଶାଧିଷ୍ଠିତ ଜନପଦସମୂହ ଏବଂ ଆର୍ଯ୍ୟଭୂମି—ଏହି ତନୋଟି ସହିତ ସଶ୍ଳିଷ୍ଟ । ବେଦରେ ଏହାର ନିଦର୍ଶନ ମିଳିଥାଏ; କିନ୍ତୁ ତାହା ଅତି ସଂକ୍ଷିପ୍ତ । ବେଦରେ ସଇତାନକୁ କ୍ରୋଧର ଅଧୀଶ୍ୱର ବୋଲି ବର୍ଣ୍ଣନା କରାଯାଇଛି । ପରେ ବୌଦ୍ଧମାନଙ୍କ ମଧ୍ୟରେ ତାହା କାମର ଅଧୀଶ୍ୱର 'ମାର' ନାମରେ ପରିଚିତ ଏବଂ ଭଗବାନ ବୁଦ୍ଧଙ୍କର ଗୋଟିଏ ସର୍ବଜନପ୍ରିୟ ନାମ 'ମାରଜିତ୍'* । କିନ୍ତୁ ସଇତାନ ଯେପରି ବାଇବେଲର ହ୍ୟାମଲେଟ୍ । ହିନ୍ଦୁଶାସ୍ତ୍ରରେ କ୍ରୋଧର ଅଧୀଶ୍ୱର କେବେହେଲେ ସେପରି ସୃଷ୍ଟିକୁ ଦୁଇ ଭାଗ କରିପକାଏ ନାହିଁ । ସେ ସର୍ବଦା ମଳିନତାର ଉଦାହରଣ ସ୍ଥଳ, କଦାପି ଦ୍ୱୈତସତ୍ତାର ନୁହେଁ ।


ଜରାଥୁଷ୍ଟ୍ର କୌଣସି ପ୍ରାଚୀନ ଧର୍ମର ସଂସ୍କାରକ ଥିଲେ; ତାଙ୍କ ମତରେ ଅର୍ମାଜ୍‌ଦ ଏବଂ ଅହ୍ରିମାନ୍ ମଧ୍ୟ ସର୍ବଶ୍ରେଷ୍ଠ ନୁହନ୍ତି, ସେମାନେ ସର୍ବଶ୍ରେଷ୍ଠ ଦେବତାର ବିକାଶ ମାତ୍ର । ସେହି ପ୍ରାଚୀନତର ଧର୍ମ ବୈଦାନ୍ତିକ ନ ହୋଇ ରହି ନ ପାରେ । ସୁତରାଂ ମିଶରୀୟଗଣ ଏବଂ ଶେମ-ବଂଶଧରଗଣ ପାପବାଦ ଧରି ରଖିଲେ, ଏବଂ ଆର୍ଯ୍ୟଗଣ—ଯଥା ଭାରତବାସୀ ଏବଂ ଗ୍ରୀକ୍ ଯବନମାନେ—ଶୀଘ୍ର ତାହା ପରିତ୍ୟାଗ କରିଥିଲେ । ଭାରତବର୍ଷରେ ପୁଣ୍ୟ ଏବଂ ପାପ—ବିଦ୍ୟା ଓ ଅବିଦ୍ୟାରେ ପରିଣତ ହେଲା, ଉଭୟକୁ ହିଁ ଛାଡ଼ିଯିବାକୁ ହେବ । ଆର୍ଯ୍ୟଗଣଙ୍କ ମଧ୍ୟରେ ପାରସିକ ଏବଂ ଇଉରୋପୀୟଗଣ ଧର୍ମଚିନ୍ତାରେ ଶେମ-ବଂଶଧରଗଣଙ୍କର ଲକ୍ଷଣା-

---

* ସଂସ୍କୃତ ଅଭିଧାନ 'ଅମରକୋଷ' ଦ୍ରଷ୍ଟବ୍ୟ । ସ୍ୱାମୀଜୀ ଚାରିବର୍ଷ ବୟସରେ ଝର୍ଣ୍ଣି ଝର୍ଣ୍ଣି ଦରୋଟି ଭାଷାରେ ତାହାକୁ ଆବୃତ୍ତି କରିବାକୁ ଶିଖିଥିଲେ ।

ଶାନ୍ତ ହେଲେ; ଏହି ହେତୁରୁ ହିଁ ସେମାନଙ୍କ ମଧ୍ୟରେ ପାପବୋଧ ।

ତତ୍ପରେ ଏହିମନ୍ତ କଥା ଛାଡ଼ି ବିଷୟାନ୍ତର—ଭାରତବର୍ଷ ଓ ତାହାର ଭବିଷ୍ୟତର ପ୍ରସଙ୍ଗ ଉଠିଲା । ଏପ୍ରକାର ପ୍ରାୟ ଘଟୁଥିଲା । କୌଣସି ଜାତିରେ ବଳସଞ୍ଚାର କରିବାକୁ ହେଲେ ତାକୁ କିପରି ଭାବ ଦେବା ଉଚିତ ? ତାହାର ନିଜର ଉନ୍ନତିର ଗତି ଏକ ଦିଗରେ ଚାଲିଛି, ତାହାକୁ 'କ' କୁହାଯାଉ । ଯେଉଁ ନୂତନ ବଳ ସଞ୍ଚାରିତ ହେବ, ତାହା କ'ଣ ସଙ୍ଗେ




ସଙ୍ଗେ ତା'ର କିଞ୍ଚିତ୍ ହ୍ରାସ ମଧ୍ୟ କରିବ, ଯେପରି କି 'ଖ' ? ଏହା ଫଳରେ ଉଭୟର ମଧ୍ୟପଥବର୍ତ୍ତୀ ଏକ ପରିଣତି (Resultant) ଯେପରିକି 'ଗ', ଏହା ତ ଜ୍ୟାମିତିକ ପରିବର୍ତ୍ତନ ମାତ୍ର । ଏପରି ତ ଚାଲିବ ନାହିଁ । ଜାତୀୟ ଜୀବନ ଜୈବିକ ଶକ୍ତିର ଘଟଣା । ଆମମାନଙ୍କୁ ସେହି ଜୀବନ-ସ୍ରୋତରେ ହିଁ ବଳାଧାନ କରିବାକୁ ହେବ, ଅବଶିଷ୍ଟ କାର୍ଯ୍ୟ ସେ ନିଜେ ନିଜେ କରିନେବେ । ବୁଦ୍ଧ 'ତ୍ୟାଗ' ପ୍ରଚାର କଲେ, ଭାରତ ମଧ୍ୟ ତାହା ଶୁଣିଲା; ତଥାପି ଏକ ହଜାର ବର୍ଷର ମଧ୍ୟରେ ଭାରତ ଜାତୀୟସମ୍ପଦର ଉଚ୍ଚତମ ଶିଖରରେ ଆରୋହଣ କଲା । 'ତ୍ୟାଗ' ହିଁ ଭାରତର ଜାତୀୟଜୀବନର ଉତ୍ସ । ସେବା ଓ ମୁକ୍ତି ତାହାର ଶ୍ରେଷ୍ଠ ଆଦର୍ଶ । ହିନ୍ଦୁଜନନୀ ସମସ୍ତଙ୍କ ପରେ ଭୋଜନ କରନ୍ତି । ବିବାହ ବ୍ୟକ୍ତିଗତ ସୁଖ ନିମିତ୍ତ ନୁହେଁ, ତାହା ଜାତି ଓ ବଂଶର କଲ୍ୟାଣ ନିମିତ୍ତ । ନବ୍ୟ ସଂସ୍କାରଗଣଙ୍କ ମଧ୍ୟରେ କତିପୟ ବ୍ୟକ୍ତି ସମସ୍ୟା-ପୂରଣର ଅନୁପଯୋଗୀ ଏକ ପରୀକ୍ଷାରେ ହସ୍ତକ୍ଷେପ କରି ଜୀବନ ଆହୁତି ଦେଇଛନ୍ତି, ଏବଂ ସମଗ୍ର ଜାତି ସେମାନଙ୍କ ଉପରେ ଦେଇ ଚାଲିଯାଉଛି ।

ତତ୍ପରେ ପୁନର୍ବାର କଥାବାର୍ତ୍ତାର ଭାବ ବଦଳିଗଲା ଏବଂ କେବଳ ହସଖୁସି, କୌତୁକ ହେଉଥିଲୁ । ଏପରି ସମୟରେ ନୌକା ଆସି ପହଞ୍ଚିଲା ଏବଂ ସେଦିନ ପାଇଁ କଥାବାର୍ତ୍ତା ଶେଷ ହେଲା ।

ସେଦିନର ଉପରଓଳି ଏବଂ ସାରା ରାତି ସ୍ୱାମୀଜୀ ପୀଡ଼ିତ ହୋଇ ନିଜ ନୌକାରେ ଶୋଇଥିଲେ । କିନ୍ତୁ ପରଦିନ ଆମେ ଯେତେବେଳେ ବଜ୍‌ବେହାର ମନ୍ଦିରରେ ଅବତରଣ କଲୁ—ଇତିମଧ୍ୟରେ ସେଠାରେ ଅମରନାଥ-ଯାତ୍ରୀଙ୍କ ଭିଡ଼ ଲାଗିଯାଇଛି—ସେତେବେଳେ ସେ ଆମମାନଙ୍କ ସହିତ କାରୁକାର୍ଯ୍ୟ ନିରୀକ୍ଷଣ ପାଇଁ ମିଳିତ ହେବାକୁ ସମର୍ଥ ହୋଇଥିଲେ । 'ଶୀଘ୍ର ଆରୋଗ୍ୟଲାଭ କରିବା ଏବଂ ଶୀଘ୍ର ରୋଗରେ ପଡ଼ିବା'—ଚିରକାଳ ହିଁ ତାଙ୍କର ବିଶେଷତ୍ୱ ଥିଲା, ଏକଥା ସେ ମଧ୍ୟ ନିଜ ସମ୍ବନ୍ଧରେ କହୁଥିଲେ । ତା'ପରଦିନ ଅଧିକାଂଶ ସମୟ ସେ ଆମମାନଙ୍କ ସହିତ ଥିଲେ ଏବଂ ଅପରାହ୍ଣରେ ଆମେ ଇସ୍‌ଲାମାବାଦରେ ପହଞ୍ଚିଲୁ ।

ସେହିଦିନ ଅପରାହ୍ଣରେ ଗୋଧୂଳି ସମୟରେ ଆଚାର୍ଯ୍ୟଦେବ ଧୀରାମାତା ଓ ଜୟାଙ୍କୁ ନିଜ ସମ୍ବନ୍ଧରେ କହୁଥିଲେ । ସେ ଦୁଇଖଣ୍ଡି ପଥର ହାତରେ ଧରି କହୁଥିଲେ, 'ସୁସ୍ଥ ଅବସ୍ଥାରେ ମୋ ମନ ଏଇଟା, ସେଇଟା ବା ଗୋଟାଏ କିଛି ବିଷୟ ଧରି ରହିପାରେ; ଅଥବା ମୋ ସଂକଳ୍ପର ଜୋର୍ କମିଯାଇଛି ବୋଲି ମନେହୋଇପାରେ; କିନ୍ତୁ ସାମାନ୍ୟ ଟିକିଏ ଯନ୍ତ୍ରଣା ବା ପୀଡ଼ା ଆସିଗଲେ ମୁହୂର୍ତ୍ତିକ ପାଇଁ ହେଲେ ସୁଦ୍ଧା ଯଦି ମୁଁ ମୃତ୍ୟୁର ସମ୍ମୁଖୀନ ହୁଏ,

ତତ୍କ୍ଷଣାତ୍ ମୁଁ ଏହିପରି ଶକ୍ତ ହୋଇଯାଏ' —ଏହା କହି ପଥର ଦୁଇଖଣ୍ଡିକୁ ପରସ୍ପର ଦେହରେ ବାଡ଼େଇଲେ—'କାରଣ ମୁଁ ଈଶ୍ୱରଙ୍କ ପାଦପଦ୍ମ ସ୍ପର୍ଶ କରିଛି ।'

ଗଛତଳେ ଘାସ ଉପରେ ବସି ଆମେମାନେ ନାନା କଥା କହିବାକୁ ଲାଗିଲୁ ଏବଂ ଘଣ୍ଟାଏ ଦୁଇଘଣ୍ଟା ଅଧା-ଲଘୁ ଓ ଅଧା-ଗମ୍ଭୀର ଆଲୋଚନା ଚାଲିଲା । ବୃନ୍ଦାବନରେ ବାନର-ଗୁଡ଼ିକ କିଭଳି ଦୁଷ୍ଟାମି କରିପାରନ୍ତି, ତା'ର ଅନେକ ବର୍ଣ୍ଣନା ଶୁଣିଲୁ ଏବଂ ଆମେ ନାନା ପ୍ରଶ୍ନ ପଚାରି ଜାଣିପାରିଲୁ ଯେ, ପରିବ୍ରାଜକ ଜୀବନରେ ଦୁଇଟି ବିଭିନ୍ନ ଘଟଣାରେ ବିପଦରେ ଯେ ସାହାଯ୍ୟ ଆସୁଛି, ସ୍ୱାମୀଜୀ ତାହା ପୂର୍ବରୁ ଜାଣିପାରିଥିଲେ ଏବଂ ଭବିଷ୍ୟତ୍-ଦର୍ଶନ ସତ୍ୟ ହୋଇଥିଲା । ଥରେ କିଛି ଦିନ ଧରି କିଛି ଖାଇବାକୁ ପାଇ ନ ଥାନ୍ତି; ଗୋଟିଏ ରେଳ-ଷ୍ଟେସନ ର କ୍ଲାନ୍ତିହେତୁ ମୃତକଳ୍ପ ହୋଇପଡ଼ିଥିଲେ; ଏପରି ସମୟରେ ସହସା ତାଙ୍କର ମନେହେଲା ଯେ, ତାଙ୍କୁ ଉଠି କୌଣସି ଗୋଟିଏ ରାସ୍ତା ଦେଇ ଯିବାକୁ ହେବ, ଏବଂ ସେଠାରେ ସେ ଜଣେ ଲୋକର ଦେଖା ପାଇବେ, ଯେ କି ତାଙ୍କୁ ସାହାଯ୍ୟ କରିବ । ସେ ତଦନୁସାରେ କାର୍ଯ୍ୟ କଲେ ଏବଂ ଥାଳିଏ ଖାଦ୍ୟଦ୍ରବ୍ୟ ହାତରେ ଧରିଥିବା ଜଣେ ଲୋକର ଦେଖା ପାଇଲେ । ଏହି ବ୍ୟକ୍ତି ତାଙ୍କ ନିକଟକୁ ଆସି ତାଙ୍କୁ ଭଲ କରି ନିରୀକ୍ଷଣ କଲା ଏବଂ ପଚାରିଲା 'ଯାହାଙ୍କ ନିକଟକୁ ମୁଁ ପ୍ରେରିତ ହୋଇଛି, ଆପଣ କ'ଣ ସେହି ?'

ତତ୍ପରେ ଗୋଟିଏ ଶିଶୁ ଆମମାନଙ୍କ ନିକଟକୁ ଆନୀତ ହେଲା, ତାହାର ହାତ ଜୋର୍‌ରେ କଟିଯାଇଛି । ସ୍ୱାମୀଜୀ ମଧ୍ୟ ବୃଦ୍ଧାମାନଙ୍କ ମଧ୍ୟରେ ପରିଚିତ ଗୋଟିଏ ଔଷଧ ପ୍ରୟୋଗ କଲେ—ସେ କ୍ଷତସ୍ଥାନଟିକୁ ପାଣିରେ ଧୋଇଦେଇ ରକ୍ତ ବୋହିବା ବନ୍ଦ କରିବା ନିମନ୍ତେ ଖଣ୍ଡିଏ କନା ପୋଡ଼ି ତାହାର ପାଉଁଶ ଉକ୍ତ ସ୍ଥାନରେ ମାଡ଼ିଦେଲେ । ଗ୍ରାମବାସୀ-ଗଣ ଆଶ୍ୱସ୍ତ ହୋଇ ଶାନ୍ତ ହେଲେ ଏବଂ ସେତିକି ପାଇଁ ଆମମାନଙ୍କର ଗଳ୍ପଗୁଜବ ବନ୍ଦ ହେଲା ।

୨୩ ଜୁଲାଇ । ପରଦିନ ପ୍ରାତଃକାଳରେ ବିଭିନ୍ନ ଧରଣର ଦଳେ କୁଲି ଆମମାନଙ୍କୁ ମାର୍ତ୍ତଣ୍ଡ-ମନ୍ଦିରର ଧ୍ୱଂସାବଶେଷ ଦେଖାଇବାକୁ ନେବା ନିମିତ୍ତ ଆପେଲ ଗଛଗୁଡ଼ିକ ତଳେ ଏକତ୍ରିତ ହୋଇଥିଲେ । ମାର୍ତ୍ତଣ୍ଡ-ମନ୍ଦିର ଗୋଟିଏ ଅଦ୍ଭୁତ ପ୍ରାଚୀନ ସୌଧ । ସେଥିରେ ସ୍ପଷ୍ଟତଃ ମନ୍ଦିର ଅପେକ୍ଷା ମଠର ଲକ୍ଷଣ ବେଶୀ ଥିଲା । ଏହା ଗୋଟିଏ ଅପୂର୍ବ ସ୍ଥାନରେ ଅବସ୍ଥିତ ଏବଂ ଯେଉଁସବୁ ବିଭିନ୍ନ ଯୁଗର ମଧ୍ୟଦେଇ ତାହା ଶ୍ରୀବୃଦ୍ଧି ଲାଭ କରିଥିଲା, ସେଗୁଡ଼ିକର ବିଭିନ୍ନ ନିର୍ମାଣପଦ୍ଧତିର ସ୍ପଷ୍ଟ ଏକତ୍ର ସମାବେଶ ହେତୁ ତାହା ଅତୀବ ଆକର୍ଷଣୀୟ ହୋଇଥିଲା ।··· ସୂର୍ଯ୍ୟାସ୍ତର ଆଲୋକରେ ଅଶ୍ୱପୃଷ୍ଠରେ ପ୍ରତ୍ୟାବର୍ତ୍ତନ ଅତୀବ ଆନନ୍ଦଦାୟକ ହୋଇଥିଲା । ପୂର୍ବ ଏବଂ ପରଦିନ ଯେଉଁ ସମସ୍ତ କଥୋପକଥନ ହୋଇଥିଲା ସେଥିର କିଛି କିଛି ଅଂଶ ଏବେ ମଧ୍ୟ ମନେପଡ଼ୁଛି :

'କୌଣସି ଜାତି ସେ ଯବନ (Greek) ହେଉ ବା ଅନ୍ୟ କୌଣସି ଜାତି ହେଉ, କସ୍ମିନ୍‌କାଳେ ଜାପାନୀଙ୍କ ଭଳି ସ୍ୱଦେଶପ୍ରେମର ପରାକାଷ୍ଠା ଦେଖାଇ ଯାଇ ନାହାନ୍ତି । ସେମାନେ କଥାରେ ନୁହେଁ, କାମରେ କରନ୍ତି—ଦେଶ ନିମିତ୍ତ ସର୍ବସ୍ୱ ବିସର୍ଜନ ଦିଅନ୍ତି ।

ଆଜିକାଲି ଜାପାନରେ ୯୦ଶ ହଜୁ ଜମିଦାର ଅଛନ୍ତି—ଯେଉଁମାନେ ସାମ୍ରାଜ୍ୟର ଏକଚ୍ଛ-ତ୍ରାଧାନ ନିମିତ୍ତ ବିନା ବାଦ୍ୟବ୍ୟଯ୍ୱରେ ସେମାନଙ୍କର ଜମିଦାରୀ ଛାଡ଼ିଦେଇ କୃଷିଜୀବୀ ହୋଇଛନ୍ତି ।* ପୁଣି ଜାପାନ-ଯୁଦ୍ଧରେ ଜଣେ ସୁଦ୍ଧା ବିଶ୍ୱାସଘାତକ ଦେଖିବାକୁ ମିଳେ ନାହିଁ । ଥରେ ତାହା ଭାବି ଦେଖ ତ ।'

ପୁଣି କେତେଗୁଡ଼ିଏ ଲୋକ ଭାବପ୍ରକାଶରେ ଅକ୍ଷମ—ଏହି କଥାପ୍ରସଙ୍ଗରେ କହିଥିଲେ, 'ମୁଁ ବରାବର ଲକ୍ଷ୍ୟ କରିଛି ଯେ, ଲାଜକୁଳା ଓ ଗମ୍ଭୀର ସ୍ୱଭାବର ଲୋକେ ଉତ୍ତେଜିତ ହେଲେ ସବୁଠାରୁ ବେଶୀ ଆସୁରିକ-ଭାବାପନ୍ନ ହୋଇଥାଆନ୍ତି ।'

ଆଉ ଥରେ ସନ୍ନ୍ୟାସୀଙ୍କ ଜୀବନର ଓ ବ୍ରହ୍ମଚର୍ଯ୍ୟର ବିଧି-ନିଷେଧ ପ୍ରସଙ୍ଗରେ ସ୍ପଷ୍ଟ କହି-ଥିଲେ, 'ଯସ୍ମାଦ୍ଭି କ୍ଷୁଦ୍ହିରଣ୍ୟଂ ରସେନ ଗ୍ରାହ୍ୟଂ ଚ ସ ଆତ୍ମହା ଭବେତ୍'—ଯେଉଁ ସନ୍ନ୍ୟାସୀ ସକାମ ଭାବରେ ସୁବର୍ଣ୍ଣ ଗ୍ରହଣ କରେ, ସେ ଆତ୍ମଘାତୀ ଇତ୍ୟାଦି ।

୨୪ ଜୁଲାଇ । ଅନ୍ଧକାରମୟୀ ରାତ୍ରି ଏବଂ ଅରଣ୍ୟାନୀ, ଦ୍ରୁମରାଜି ତଳେ ଏକ ବୃହତ୍ ସରଳ ପାଇନ କାଷ୍ଠର ଅଗ୍ନିକୁଣ୍ଡ, ଦୁଇ-ତିନୋଟି ତମ୍ବୁ ଅନ୍ଧକାର ମଧ୍ୟରେ ଶ୍ୱେତକାୟ ଧାରଣକରି ଦଣ୍ଡାୟମାନ, ଦୂରରେ ଅଗ୍ନିକୁଣ୍ଡ ପାର୍ଶ୍ୱରେ ଉପବିଷ୍ଟ ଭକ୍ତ୍ୟଗଣଙ୍କର ଆକୃତି ଓ କଣ୍ଠସ୍ୱର ଏବଂ ତିନିଜଣ ଶିଷ୍ୟ ସମଭିବ୍ୟାହାରରେ ଆଚାର୍ଯ୍ୟଦେବ—ପରବର୍ତ୍ତୀ ଚିତ୍ରଟି ଏହିପରି । ସହସା ଆଚାର୍ଯ୍ୟଦେବ ଆମମାନଙ୍କ ମଧ୍ୟରୁ ଜଣଙ୍କ ଆଡ଼କୁ ଅନାଇ କହିଲେ, 'କାହିଁ, ତୁମେ ତ ଆଜିକାଲି ତୁମ ସ୍କୁଲର କୌଣସି କଥା କହୁ ନାହିଁ; ତୁମେ କ'ଣ ମଝିରେ ମଝିରେ ତାହାର କଥା ଭୁଲିଯାଅ ?' ପରେ କହିବାକୁ ଲାଗିଲେ, 'ଦେଖ, ମୋର ଭାବିବାର ଢେର ଜିନିଷ ରହିଛି । ଦିନେ ମୁଁ ମାଡ୍ରାଜ ଆଡ଼େ ମନ ଦିଏ, ଅଉ ସେଠାର କାର୍ଯ୍ୟକଥା ଭାବେ । ଆଉ ଦିନେ ମୁଁ ସମସ୍ତ ମନଟା ଆମେରିକା ବା ଇଂଲଣ୍ଡ ବା ସିଂହଳ ଅଥବା କଲିକତାରେ ଦିଏ । ବର୍ତ୍ତମାନ ମୁଁ ତୁମ ସ୍କୁଲ କଥା ଭାବୁଛି ।'

ପରୀକ୍ଷା କରି ଦେଖିବା ନିମିତ୍ତ ଗୋଟିଏ ଅସ୍ଥାୟୀ କାର୍ଯ୍ୟପ୍ରଣାଳୀ ଯେ ଅନେକ ଚିନ୍ତା ପରେ ସ୍ଥିରୀକୃତ ହୋଇଛି, ତାହାର ପ୍ରାରମ୍ଭ ଯେ ସାମାନ୍ୟ ହେବ ଏବଂ ଶେଷପର୍ଯ୍ୟନ୍ତ ସର୍ବ-ଶାସ୍ତ୍ର ପ୍ରସାରତାର ଭାବ ବାତିଲ କରିବାର ଝୁଙ୍କ ଏବଂ ସମଗ୍ର ଶିକ୍ଷାଦାନ-ଚେଷ୍ଟାକୁ ଯେ ଧର୍ମ-ଜୀବନ ଏବଂ ଶ୍ରୀରାମକୃଷ୍ଣ-ପୂଜା ଉପରେ ପ୍ରତିଷ୍ଠିତ କରିବାର ଦୃଢ଼ସଂକଳ୍ପ ହୋଇଛି—ଏ ସମସ୍ତ କଥା ସେ ମନୋଯୋଗ ସହିତ ଶୁଣିଲେ ।

ସେ କହିଲେ : ତୁମେ ସେହି ଉତ୍ସାହ ବଜାୟ ରଖିବା ନିମିତ୍ତ ସାଂପ୍ରଦାୟିକ ଭାବ ଆଶ୍ରୟ କରିବ, ନୁହେଁ କି ? ସମସ୍ତ ସମ୍ପ୍ରଦାୟକୁ ପାର ହୋଇ ଚାଲିଯିବା ନିମିତ୍ତ ତୁମେ ଗୋଟିଏ ସମ୍ପ୍ରଦାୟ ସୃଷ୍ଟି କରିବ । ହଁ, ମୁଁ ବୁଝିପାରୁଛି ।

କେତେଗୁଡ଼ିଏ ବାଧା ସ୍ପଷ୍ଟତଃ ରହିବ ହିଁ ରହିବ । ନାନା କାରଣରୁ ପ୍ରସ୍ତାବିତ

---

* ଜାପାନୀ ସାମୁରାଇଗଣ ସେମାନଙ୍କ ଜମିଦାରୀ ଛାଡ଼ି ଦେଇ ନାହାନ୍ତି; ସେମାନଙ୍କ ରାଜନୈତିକ ବିଶେଷ ବିଶେଷ ଅଧିକାରଗୁଡ଼ିକ ଛାଡ଼ି ଦେଇଥିଲେ ମାତ୍ର । —ନିବେଦିତା

ଆୟୋଜନରେ ହୁଏତ ଅନୁଷ୍ଠାନଟି ପ୍ରାୟ ଅସମ୍ଭବ ଶୁଣାଯାଏ । କିନ୍ତୁ ଏହି ମୁହୂର୍ତ୍ତରେ କେବଳ ଏତିକି ମାତ୍ର ଲକ୍ଷ୍ୟ ରଖିବାକୁ ହେବ, ଯେପରିକି ଅନୁଷ୍ଠାନଟି ଠିକ୍ ଠିକ୍ ଭାବରେ ସଂକଳ୍ପ କରାଯାଏ ଏବଂ କାର୍ଯ୍ୟପ୍ରଣାଳୀ ନିର୍ଦ୍ଦୋଷ ହେଲେ ଉପାୟ ଉପକରଣାଦି ମିଳିବ ହିଁ ମିଳିବ । ସବୁ ଶୁଣି ସେ କିଛିକାଳ ଚୁପ୍ କରି ରହିଲେ; ପରେ କହିଲେ :

'ତୁମେ ମୋତେ ଏହାର ସମାଲୋଚନା କରିବାକୁ କହୁଛ; କିନ୍ତୁ ମୁଁ ତାହା କରି-ପାରିବି ନାହିଁ । କାରଣ ମୁଁ ତୁମକୁ ଐଶୀଶକ୍ତିରେ ଅନୁପ୍ରାଣିତ—ମୁଁ ଯେତିକି ଅନୁପ୍ରାଣିତ ଠିକ୍ ସେତିକି ଅନୁପ୍ରାଣିତ—ବୋଲି ମନେକରେ । ଅନ୍ୟାନ୍ୟ ଧର୍ମରେ ଏବଂ ଆମମାନଙ୍କ ଧର୍ମରେ ଏହିତକି ପ୍ରଭେଦ । ଅନ୍ୟାନ୍ୟ ଧର୍ମାବଲମ୍ବୀଗଣ ବିଶ୍ୱାସ କରନ୍ତି ଯେ, ଏହି ସମସ୍ତ ଧର୍ମର ସଂସ୍ଥାପକ-ଗଣ ଐଶୀଶକ୍ତିରେ ଅନୁପ୍ରାଣିତ, ଆମେମାନେ ମଧ୍ୟ ତାହା ହିଁ ବିଶ୍ୱାସ କରିଥାଉ । କିନ୍ତୁ ମୁଁ ମଧ୍ୟ ତାହାଙ୍କପରି ଅନୁପ୍ରାଣିତ, ଏବଂ ତୁମେ ମଧ୍ୟ ମୋପରି; ପୁଣି ତୁମ ପରେ ତୁମର ବାଳିକାମାନେ ଓ ସେମାନଙ୍କ ଶିଷ୍ୟଗଣ ମଧ୍ୟ ତଦ୍ରୂପ ହେବେ । ସୁତରାଂ ତୁମେ ଯାହା ସବାପେକ୍ଷା ଭଲ ବୋଲି ବିବେଚନା କରୁଛ· ମୁଁ ତାହା ହିଁ କରିବାକୁ ତୁମକୁ ସାହାଯ୍ୟ କରିବି ।'

ତତ୍ପରେ ଧୀରମାତା ଏବଂ ଜୟା ଆଡ଼କୁ ଅନାଇ କହିବାକୁ ଲାଗିଲେ : ଯେଉଁ ଶିଷ୍ୟଟି ସ୍ତ୍ରୀଗଣଙ୍କ ଉନ୍ନତିବିଧାନର ପ୍ରତିନିଧିରୂପେ ଦଣ୍ଡାୟମାନା ହେବେ, ତାହାଙ୍କ ଉପରେ ସେ ପାଶ୍ଚାତ୍ୟଦେଶକୁ ଗମନ କାଳରେ ଯେ କି ମହାନ୍ ଦାୟିତ୍ୱ ଅର୍ପଣ କରିଯିବେ ତାହା ଯେ ପୁରୁଷଗଣଙ୍କ ନିମିତ୍ତ ଯେଉଁ କାର୍ଯ୍ୟ ଅନୁଷ୍ଠିତ ହେବ, ତଦପେକ୍ଷା ଗୁରୁତର ଦାୟିତ୍ୱପୂର୍ଣ୍ଣ ହେବ, ତାହା ମଧ୍ୟ କହିବାକୁ ଲାଗିଲେ । ଆମମାନଙ୍କ ମଧ୍ୟରେ ଉକ୍ତ ସେବିକାଟି (worker) ଆଡ଼କୁ ଚାହିଁ ଆହୁରି ମଧ୍ୟ କହିଲେ, 'ହଁ, ତୁମର ବିଶ୍ୱାସ ଅଛି; କିନ୍ତୁ ଯେଉଁ ଜ୍ୱଳନ୍ତ ଉତ୍ସାହ ଦରକାର, ତାହା ତୁମର ନାହିଁ । ତୁମକୁ 'ଦଗ୍ଧେନ୍ଧନମିବାନଳମ୍' ହେବାକୁ ହେବ । ଶିବ ! ଶିବ !—ଏହା କହି ମହାଦେବଙ୍କ ଆଶୀର୍ବାଦ ପ୍ରାର୍ଥନା କରି ସେ ଆମମାନଙ୍କ ନିକଟରୁ ସେହି ରାତିକ ପାଇଁ ବିଦାୟ ନେଲେ ଏବଂ ଆମେମାନେ ମଧ୍ୟ ଅନତିବିଲମ୍ବରେ ଶୟନ କଲୁ ।

୨୫ ଜୁଲାଇ । ପରଦିନ ପ୍ରାତଃକାଳରେ ଆମେମାନେ ତମ୍ବୁଗୁଡ଼ିକ ମଧ୍ୟରୁ ଗୋଟିକରେ ଶୀଘ୍ର ଶୀଘ୍ର ପ୍ରାତଃଭୋଜନ ସମ୍ପନ୍ନ କରି ଅଚ୍ଛାବଲ ପର୍ଯ୍ୟନ୍ତ ଚାଲିଲୁ । ଆମମାନଙ୍କ ମଧ୍ୟରେ ଜଣେ ସ୍ୱପ୍ନ ଦେଖିଥିଲେ ଯେ, ସେ କେତେଗୁଡ଼ିଏ ପୁରାତନ ରତ୍ନ ହଜାଇ ଦେଇଥିଲେ ସେଗୁଡ଼ିକ ପୁନରାୟ ମିଳିଛି; ସେହିସବୁଗୁଡ଼ିକ ସବୁ ଉଜ୍ଜ୍ୱଳ ଓ ନୂତନ ହୋଇଯାଇଛି । କିନ୍ତୁ ସ୍ୱାମୀଜୀ ଈଷତ୍ ହାସ୍ୟ କରି ଏହି ଗଳ୍ପ କହିବା ବନ୍ଦ କରିଦେଲେ ଏବଂ କହିଲେ, 'ଏଭଳି ଭଲ ସ୍ୱପ୍ନର କଥା କହିବା ଉଚିତ୍ ନୁହେଁ !'

ଅଚ୍ଛାବଲରେ ଆମେମାନେ ଜାହାଙ୍ଗୀରଙ୍କର ଆଉରି ଅନେକ ବଗିଚା ଦେଖିବାକୁ ପାଇଲୁ ।

ଆମେମାନେ ବଗିଚାଗୁଡ଼ିକର ଚାରିପଟେ ବୁଲିଲୁ ଏବଂ ଗୋଟିଏ ସ୍ଥିର ଜଳାଶୟରେ ସ୍ନାନ କଲୁ । ପରେ ଆମେମାନେ ପ୍ରଥମ ବଗିଚାଟିରେ ମଧ୍ୟାହ୍ନ ପୂର୍ବରୁ ଜଳଯୋଗ ସମ୍ପନ୍ନ କଲୁ ଏବଂ ଉପରଓଳି ଅଶ୍ୱପୃଷ୍ଠରେ ଇସ୍‌ଲାମାବାଦକୁ ଚାଲିଆସିଲୁ ।

ସେହି ଜଲଟିଆ ସମୟରେ ଯେତେବେଳେ ସମସ୍ତେ ବସିଥିଲେ, ସେତେବେଳେ ସ୍ୱାମୀଜୀ ତାଙ୍କର କନ୍ୟାକୁ ତାଙ୍କ ସଙ୍ଗରେ ଅମରନାଥ-ଗୁହାକୁ ଯାତ୍ରା କରିବା ଏବଂ ସେଠାରେ ମହାଦେବଙ୍କ ଚରଣରେ ନିବେଦିତ ହେବା ନିମିତ୍ତ ଆହ୍ୱାନ କଲେ । ଧୀରାମାତା ସହାସ୍ୟ ଅନୁମତି ଦେଲେ ଏବଂ ପରବର୍ତ୍ତୀ ଅର୍ଦ୍ଧଘଣ୍ଟା ଉଲ୍ଲାସ ଓ ଆନନ୍ଦ-ପ୍ରକାଶରେ ବ୍ୟତୀତ ହେଲା । ଇତିପୂର୍ବରୁ ବନ୍ଦୋବସ୍ତ ହୋଇଥିଲା ଯେ, ଆମେ ସମସ୍ତେ ପହଲଗାମ୍ ପର୍ଯ୍ୟନ୍ତ ଯିବୁ ଏବଂ ସେଠାରେ ସ୍ୱାମୀଜୀଙ୍କ ତୀର୍ଥଯାତ୍ରାରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ଅପେକ୍ଷା କରିବୁ । ସୁତରାଂ ଆମେ ସେହିଦିନ ସନ୍ଧ୍ୟା ସମୟରେ ନୌକାରେ ପହଞ୍ଚି ଜିନିଷପତ୍ର ସଜାଡ଼ି ନେଲୁ ଓ ପଶ୍ଚାତ ଲେଟିଲୁ । ପରଦିନ ଉପରଓଳି ବଓସ୍ୱାନ୍ ଯାତ୍ରା କଲୁ ।

# ୧୦

ସ୍ଥାନ—କାଶ୍ମୀର (ଅମରନାଥ)
କାଳ—ଜୁଲାଇ ୨୯ରୁ ଅଗଷ୍ଟ ୮

୨୯ ଜୁଲାଇ । ଏହି ସମୟରୁ ଆମେମାନେ ସ୍ୱାମୀଜୀଙ୍କୁ ଖୁବ୍ କମ୍ ଦେଖିବାକୁ ପାଉଥିଲୁ । ସେ ତୀର୍ଥଯାତ୍ରା ସମ୍ବନ୍ଧରେ ଖୁବ୍ ଆଗ୍ରହାନ୍ୱିତ ଥିଲେ । ଅଧିକାଂଶ ଦିନ ଓଳିଏ ଖାଉଥିଲେ ଏବଂ ସାଧୁସଙ୍ଗ ଭିନ୍ନ ଅନ୍ୟ ସଙ୍ଗ ଚାହୁଁ ନ ଥିଲେ । କେଉଁଠାରେ ତମ୍ବୁ ପଡ଼ିଲେ କେବେ କେବେ ସେ ମାଳାହସ୍ତରେ ସେଠାକୁ ଆସୁଥିଲେ । ବଓସ୍ୱାନ୍ ଜାଗାଟି ଗୋଟିଏ ପଲ୍ଲୀଗ୍ରାମର ମେଳା ଭଳି—ସମସ୍ତଟା ଉପରେ ଗୋଟିଏ ଧର୍ମ ଭାବର ଛାପ ରହିଛି; ପୁଣି ପୁଣ୍ୟକୁଣ୍ଡଗୁଡ଼ିକ ଏ ଧର୍ମଭାବର କେନ୍ଦ୍ରସ୍ୱରୂପ । ଏହା ପରେ ଧୀରାମାତାଙ୍କ ସହିତ ତମ୍ବୁର ଦ୍ୱାର ନିକଟକୁ ଯାଇ ଦେଖିଲୁ ଯେ, ବହୁସଂଖ୍ୟକ ହିନ୍ଦୀଭାଷୀ ସାଧୁ ସ୍ୱାମୀଜୀଙ୍କୁ ପ୍ରଶ୍ନ ଉପରେ ପ୍ରଶ୍ନ କରୁଥିଲେ, ସେମାନଙ୍କ କଥାବାର୍ତ୍ତା ଶୁଣିବାକୁ ଆମେ ସମର୍ଥ ହୋଇଥିଲୁ ।

ଗୁରୁବାର ଦିନ ଆମେ ପହଲଗାମ୍‌ରେ ପହଞ୍ଚିଲୁ; ଉପତ୍ୟକାଟିର ନିମ୍ନପ୍ରାନ୍ତରେ ଆମେମାନଙ୍କ ଛାଉଣୀ ପଡ଼ିଲା । ଦେଖିଲୁ ଯେ, ଆମମାନଙ୍କୁ ଆଦୌ ପଶିବାକୁ ଦିଆହେବ କି ନାହିଁ, ସେ ବିଷୟରେ ସ୍ୱାମୀଜୀଙ୍କୁ ଗୁରୁତର ଆପତ୍ତିସମୂହ ନିରାକରଣ କରିବାକୁ ପଡ଼ୁଛି । ନାଗା ସାଧୁଗଣ ତାଙ୍କୁ ସମର୍ଥନ କରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲେ, 'ସ୍ୱାମୀଜୀ, ଏହା ସତ୍ୟ ଯେ, ଆପଣଙ୍କର ଏହି ଶକ୍ତି ଅଛି; କିନ୍ତୁ ଆପଣଙ୍କର ଏହା ପ୍ରକାଶ କରିବା ଉଚିତ ନୁହେଁ !' କହିବାମାତ୍ରେ ସ୍ୱାମୀଜୀ ଚୁପ୍ ହୋଇଗଲେ ! ଯାହାହେଉ, ସେହିଦିନ ଅପରାହ୍ଣରେ ତାଙ୍କ କନ୍ୟାକୁ ଆଶୀର୍ବାଦ ଲାଭରେ ଧନ୍ୟ ହେବା ନିମନ୍ତେ ଛାଉଣୀର ଚାରିପାଖରେ ବୁଲାଇ ଆଣିଲେ —ପ୍ରକୃତ ପକ୍ଷରେ ତାହା ଭିକ୍ଷା-ବିତରଣ ଭିନ୍ନ ଆଉ କିଛି ହିଁ ନ ଥିଲା । ପୁଣି ଲୋକେ ତାଙ୍କୁ ଧନୀ ବୋଲି ଧରିନେଇଥିଲେ ଅଥବା ଶକ୍ତିମାନ୍ ବୋଲି ବୁଝିନେଇଥିଲେ, ତେଣୁ ପରଦିନ ଆମ ତମ୍ବୁଟିକୁ ଛାଉଣୀର ପୂର୍ବଭାଗରେ ଗୋଟିଏ ମନୋହର ପାହାଡ଼ ଉପରକୁ ଉଠାଇ

ନେଇଯିବାକୁ ହୋଇଥିଲା ।

ପରବର୍ତ୍ତୀ ବିଶ୍ରାମସ୍ଥାନ ଚନ୍ଦନବାଡ଼ି ଯିବାର ରାସ୍ତାଟି କି ସୁନ୍ଦର ! ଆମେମାନେ ଚନ୍ଦନବାଡ଼ିର ଗୋଟିଏ ଗମ୍ଭୀର ଗିରିବର୍ତ୍ତ୍ମ କଡ଼ରେ ଛାଉଣୀ ପକାଇଲୁ । ସମସ୍ତ ଉପରଓଳି ଧିରି ବୃଷ୍ଟି ହୋଇଛି, ଏବଂ ସ୍ୱାମୀଜୀ ମାତ୍ର ପାଞ୍ଚ ମିନିଟ୍ ପାଇଁ ମୋ ସହିତ ଦେଖା କରିବାକୁ ଆସି କଥାବାର୍ତ୍ତା କରିଥିଲେ ।

ଚନ୍ଦନବାଡ଼ି ନିକଟରେ ସ୍ୱାମୀ ଜିଦ୍ କଲେ ଯେ, ଏହା ହିଁ ମୋର ପ୍ରଥମ ତୁଷାରବର୍ତ୍ତ୍ମ, ତେଣୁ ମୋତେ ଖାଲିପାଦରେ ଏହାକୁ ଅତିକ୍ରମ କରିବାକୁ ହେବ । ଜ୍ଞାତବ୍ୟ ପ୍ରତ୍ୟେକ ଝିକିନଟିର ଉଲ୍ଲେଖ କରିବାକୁ ସେ ଭୁଲିଲେ ନାହିଁ । ଏହା ପରେ ହିଁ ଏକ ବହୁ ସହସ୍ର ଫୁଟ ବ୍ୟାପୀ ଦୁର୍ଗମ ଉଠାଣି ଆମମାନଙ୍କ ଭାଗ୍ୟରେ ପଡ଼ିଲା । ତାହାପରେ ଏକ ସରୁ ରାସ୍ତା ପାହାଡ଼ ପରେ ପାହାଡ଼ ଘୂରି ଅଙ୍କାବଙ୍କା ହୋଇ ଚାଲିଛି; ସେହି ଦୀର୍ଘ ପଥ ଧରି ଚାଲିଲୁ ଏବଂ ସର୍ବଶେଷରେ ଆଉ ଗୋଟିଏ ତୀକ୍ଷ୍ଣ ଉଠାଣି । ପ୍ରଥମ ପର୍ବତଟିର ଉପରିଭାଗରେ ଜମିକୁ ଏକଜାତୀୟ କ୍ଷୁଦ୍ର କ୍ଷୁଦ୍ର ଘାସ (Edelweiss)ଠିକ୍ ଯେପରି ଗାଲିଚା ଭଳି ଘୋଡ଼ାଇ ରଖିଛି । ତତ୍ପରେ ରାସ୍ତାଟି ଶେଷନାଗରୁ ପାଞ୍ଚଶତ ଫୁଟ ଉଚ୍ଚ ଦେଇ ଚାଲିଛି । ଶେଷନାଗର ଜଳ ଗାଢ଼ସବୁଜ । ଅବଶେଷରେ ଆମେମାନେ ତୁଷାର-ମଣ୍ଡିତ ଶିଖରଗୁଡ଼ିକ ମଧ୍ୟରେ ୧୮୦୦୦ ଫୁଟ ଉଚ୍ଚରେ ଅଣ୍ଡା ସନ୍‌ସନ୍‌ଆ ଜାଗାରେ ଛାଉଣୀ ପକାଇଲୁ । ଫାର୍ ଗଛଗୁଡ଼ିକ ବହୁ ନିମ୍ନରେ ଥିଲା । ସୁତରାଂ ସାରା ଉପରଓଳି ଓ ସନ୍ଧ୍ୟାରେ କୁଲିମାନେ ଚାରିଦିଗରୁ ଜୁନିପାର୍ ଗଛ ସଂଗ୍ରହ କରିବାକୁ ବାଧ୍ୟ ହୋଇଥିଲେ । ସ୍ଥାନୀୟ ତହସିଲଦାରଙ୍କର, ସ୍ୱାମୀଜୀଙ୍କର ଏବଂ ମୋର ତମ୍ବୁଗୁଡ଼ିକ ଖୁବ୍ ପାଖାପାଖି ଥିଲା । ସନ୍ଧ୍ୟାରେ ସମ୍ମୁଖଭାଗରେ ଏକ ବୃହତ୍ ଅଗ୍ନି ପ୍ରଜ୍ୱଳିତ ହେଲା । ଆମମାନଙ୍କ ଛାଉଣୀ ପଡ଼ିବା ପରେ ମୁଁ ଆଉ ସ୍ୱାମୀଜୀଙ୍କୁ ଦେଖି ନାହିଁ ।

ପାଞ୍ଚଟି ନଦୀର ମିଳନସ୍ଥଳ 'ପଞ୍ଚତରଣୀ' ଯିବାର ରାସ୍ତା ଏତେ ଦୀର୍ଘ ନ ଥିଲା । ଅଧିକନ୍ତୁ ତାହା ଶେଷନାଗ ଅପେକ୍ଷା ତଳୁଆ ଥିଲା ଏବଂ ଏଠାକାର ଅଣ୍ଡା ମଧ୍ୟ ବେଶ୍ ଶୁଷ୍କ ଓ ପ୍ରୀତିପ୍ରଦ ଥିଲା । ଛାଉଣୀର ସମ୍ମୁଖରେ ଏକ କଙ୍କରମୟ ଶୁଷ୍କ ନଦୀଗର୍ଭ; ତାହାର ମଧ୍ୟଦେଇ ପାଞ୍ଚଟି ନଦୀ ବହି ଚାଲିଛି । ଏସବୁଥିରେ ଗୋଟିକ ପରେ ଗୋଟିଏ କରି ଓଦାଲୁଗାରେ ଚାଲି ଚାଲି ଯାଇ ସ୍ନାନ କରିବାର ବିଧି । ସମ୍ପୂର୍ଣ୍ଣରୂପେ ଲୋକ-ଲୋଚନର ଅନ୍ତରାଳରେ ସ୍ୱାମୀଜୀ ଏବିଷୟକ ନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ ।

ଏହି ସକଳ ଉଚ୍ଚ ସ୍ଥାନରେ ପ୍ରାୟ ଦେଖୁଥିଲି ଯେ, ଆମେମାନେ ତୁଷାର-ଶୃଙ୍ଗରାଜିର ମହାନ୍ ପରିଧି ମଧ୍ୟରେ ରହିଛୁ—ଏହି ନିର୍ବାକ୍ ହିମଶୁଭ୍ରକାୟ ପର୍ବତଗୁଡ଼ିକ ହିଁ ହିନ୍ଦୁ ମନରେ ଭସ୍ମାନୁଲିପ୍ତ ଭଗବାନ ଶଙ୍କରଙ୍କର ଭାବ ଉଦ୍ରେକ କରିଦେଇଛି !

୨ ଅଗଷ୍ଟ । ଅଗଷ୍ଟ ୨ ତାରିଖ ମଙ୍ଗଳବାର, ଅମରନାଥର ସେହି ମହୋତ୍ସବ-ଦିନ ଆମେମାନେ ପୂର୍ଣ୍ଣିମାର ଜ୍ୟୋତ୍ସ୍ନାଲୋକରେ ଯାତ୍ରା କଲୁ ! ସଙ୍କୀର୍ଣ୍ଣ ଉପତ୍ୟକାଟିରେ ପହଞ୍ଚିଲୁ —ସୂର୍ଯ୍ୟୋଦୟ ହେଲା । ରାସ୍ତାର ଏହି ଅଂଶଟିରେ ଯାତାୟାତ ସେତେ ଖୁବ୍ ନିରାପଦ ଥିଲା, ତାହା ନୁହେଁ । କିନ୍ତୁ ଯେତେବେଳେ ଆମେ ଦାଣ୍ଡି ଛାଡ଼ି ଚଢ଼ା ଆରମ୍ଭ କଲୁ, ସେତେବେଳେ ପ୍ରକୃତ

ବିପଦର ସୂତ୍ରପାତ ହେଲା । କୌଣସିମତେ ସେପାରର ଗଡ଼ାଣିଟିର ତଳଦେଶରେ ପହଞ୍ଚି ଆମମାନଙ୍କୁ ଅମରନାଥଙ୍କ ଗୁହା ପର୍ଯ୍ୟନ୍ତ କୋଶ ପରେ କୋଶ ତୁଷାରବର୍ତ୍ମ ଉପର ଦେଇ ବହୁ କଷ୍ଟରେ ଯିବାକୁ ପଡ଼ିଥିଲା ।

ସ୍ୱାମୀଜୀ କ୍ଲାନ୍ତ ହୋଇ ଇତିମଧ୍ୟରେ ପଛରେ ପଡ଼ିଯାଇଥିଲେ । ଅନେକ ବିଲମ୍ବରେ ସେ ଆସି ପହଞ୍ଚିଲେ ଏବଂ 'ସ୍ନାନ କରିବାକୁ ଯାଉଛି' ମାତ୍ର ଏତିକି କହି ମୋତେ ଅଗ୍ରସର ହେବାକୁ କହିଲେ । ଅର୍ଦ୍ଧଘଣ୍ଟା ପରେ ସେ ଗୁହା ମଧ୍ୟରେ ପ୍ରବେଶ କଲେ । ସସ୍ମିତ ବଦନରେ ପ୍ରଥମେ ସେ ଅର୍ଦ୍ଧବୃତ୍ତଟିର ଏକ ପ୍ରାନ୍ତରେ, ପରେ ଅପର ପ୍ରାନ୍ତଟିରେ ଭୂମିଷ୍ଠ ହୋଇ ପ୍ରଣାମ କଲେ । ସ୍ଥାନଟି ବିଶାଳ ଥିଲା, ଏତେ ବଡ଼ ଯେ, ସେଠାରେ ଗୋଟିଏ ଗୀର୍ଜା ରହିପାରେ ଏବଂ ସୁବୃହତ୍ ତୁଷାରମୟ ଶିବଲିଙ୍ଗଟି ପ୍ରଗାଢ଼ ଛାୟା ଏକ ଗହ୍ୱରରେ ଅବସ୍ଥିତ ରହି ଯେପରି ନିଜ ସିଂହାସନରେ ହିଁ ଅଧିରୂଢ଼ ବୋଲି ମନେହେଉଥିଲା । କେତେକ ମିନିଟ କଟିଯିବା ପରେ ସେ ଗୁହା ତ୍ୟାଗ କରିବାର ଉଦ୍ୟୋଗ କଲେ ।

ତାଙ୍କ ଚକ୍ଷୁରେ ଯେପରି ସ୍ୱର୍ଗର ଦ୍ୱାରସମୂହ ଉଦ୍‌ଘାଟିତ ହୋଇଯାଇଥିଲା । ସେ ସଦାଶିବଙ୍କ ଶ୍ରୀପାଦପଦ୍ମ ସ୍ପର୍ଶ କରିଅଛନ୍ତି । ସେ ପରେ କହିଥିଲେ—କାଳେ ସେ 'ମୂର୍ଚ୍ଛିତ ହୋଇପଡ଼ିବେ' ସେଥିପାଇଁ ସେ ଅତ୍ୟନ୍ତ ସାବଧାନ ହୋଇ ରହିଥିଲେ । କିନ୍ତୁ ତାଙ୍କର ଦୈହିକ କ୍ଲାନ୍ତି ଏତେ ଅଧିକ ହୋଇଥିଲା ଯେ, ଜନୈକ ଡାକ୍ତର ପରେ କହିଥିଲେ—ତାଙ୍କର ହୃତ୍‌ପିଣ୍ଡର ଗତିରୋଧ ହେବାର ସମ୍ଭାବନା ଥିଲା, କିନ୍ତୁ ତତ୍ପରିବର୍ତ୍ତେ ତାହା ଚିରଦିନ ପାଇଁ ବର୍ଦ୍ଧିତାୟତନ ହୋଇଯାଇଥିଲା । ତାଙ୍କର ଗୁରୁଦେବଙ୍କର ସେହି କଥାଗୁଡ଼ିକ କି ଅଦ୍ଭୁତ ଭାବରେ ସଫଳ ହୋଇଥିଲା, 'ସେ ଯେତେବେଳେ ନିଜକୁ ଜାଣିପାରିବ, ସେତେବେଳେ ଆଉ ଏ ଦେହକୁ ରଖିବ ନାହିଁ' ।

ଅଧଘଣ୍ଟା ପରେ ନଦୀଧାରରେ ଖଣ୍ଡିଏ ପଥର ଉପରେ ବସି ସେହି ସହୃଦୟ ନାଗା ସନ୍ନ୍ୟାସୀ ଏବଂ ମୋ ସହିତ ଜଳଯୋଗ କରୁ କରୁ ସ୍ୱାମୀଜୀ କହିଲେ, 'ମୁଁ କି ଆନନ୍ଦ ଉପଭୋଗ କରିଛି ! ମୋର ମନେହେଉଥିଲା ଯେ, ତୁଷାରଲିଙ୍ଗଟି ସାକ୍ଷାତ୍ ଶିବ । ଆଉ ସେଠାରେ କୌଣସି ବିତ୍ତପିପାସୀ ବ୍ରାହ୍ମଣ ନ ଥିଲେ, କୌଣସି ବ୍ୟବସାୟ ନ ଥିଲା, କୌଣସି କିଛି ଖରାପ ନ ଥିଲା । [ସେଠାରେ] କେବଳ ନିରବଚ୍ଛିନ୍ନ ପୂଜାର ଭାବ । ଆଉ କୌଣସି ତୀର୍ଥକ୍ଷେତ୍ରରେ ମୁଁ ଆନନ୍ଦ ଉପଭୋଗ କରି ନାହିଁ ।

ପରେ ସେ ପ୍ରାୟ ଆମମାନଙ୍କୁ ତାଙ୍କର ସେହି ଚକ୍ଷୁବିହ୍ୱଳକାରୀ ଦର୍ଶନର କଥା କହିଥିଲେ: ତାହା ଯେପରି ତାଙ୍କୁ ଏକାବେଳକେ ସ୍ୱୀୟ ଘୂର୍ଣ୍ଣାବର୍ତ୍ତର ମଧ୍ୟକୁ ଟାଣି ନେବ ବୋଲି ବୋଧ ହେଉଥିଲା । ସେ ଶ୍ୱେତ ତୁଷାରଲିଙ୍ଗଟିର କାବ୍ୟମୟ ବର୍ଣ୍ଣନା କରିଥିଲେ ଏବଂ ସେ ହିଁ ଇଙ୍ଗିତ କରିଥିଲେ, ଦଳେ ମେଷପାଳକ ଉକ୍ତ ସ୍ଥାନଟିକୁ ପ୍ରଥମେ ଆବିଷ୍କାର କରିଥିଲେ । ସେମାନେ କୌଣସି ଏକ ନିଦାଘ-ଦିବସରେ ନିଜ ନିଜ ମେଷଯୂଥର ସନ୍ଧାନରେ ବହୁଦୂରକୁ ଚାଲିଯାଇଥିଲେ ଓ ଏହି ଗୁହା ମଧ୍ୟରେ ପ୍ରବେଶ କରି ଦେଖିଲେ ଯେ, ସେମାନେ ଅଦ୍ରବ-ତୁଷାରରୂପୀ ସାକ୍ଷାତ୍ ଶ୍ରୀଭଗବାନଙ୍କ ସାନ୍ନିଧ୍ୟକୁ ଆସିଯାଇଛନ୍ତି । ସେ ସର୍ବଦା ଏହା

ମଧ୍ୟ କହୁଥିଲେ, 'ସେହିଠାରେ ହିଁ ଅମରନାଥ ମୋତେ ଇଚ୍ଛାମୃତ୍ୟୁ ବର ଦେଇଛନ୍ତି ।' ଆଉ ମୋତେ ସେ କହିଲେ, 'ତୁମେ ବର୍ତ୍ତମାନ ବୁଝୁନାହିଁ; କିନ୍ତୁ ତୁମର ତୀର୍ଥଯାତ୍ରାଟି ସମ୍ପନ୍ନ ହୋଇଛି ଏବଂ ଏହାର ଫଳ ନିଶ୍ଚୟ ଫଳିବ । କାରଣ ରହିଲେ କାର୍ଯ୍ୟ ନିଶ୍ଚିତ ହେବ । ତୁମେ ପରେ ଆହୁରି ମଧ୍ୟ ଭଲ କରି ବୁଝିପାରିବ—ଫଳ ଅବଶ୍ୟମ୍ଭାବୀ ।'

ପରଦିନ ପ୍ରାତଃକାଳରେ ଆମେମାନେ ଯେଉଁ ରାସ୍ତାଦେଇ ପହଲଗାମ୍‌କୁ ପ୍ରତ୍ୟାବର୍ତ୍ତନ କଲୁ, ତାହା କି ସୁନ୍ଦର ରାସ୍ତା ! ସେହି ରାତିରେ ତମ୍ବୁକୁ ଫେରି ଆମେମାନେ ତମ୍ବୁ ଉଠାଇଲୁ ଏବଂ ଅନେକ ପରେ ପୁଣି ଏକ ଚଟିଭରି ରାସ୍ତାଦେଇ ଚାଲି ଚାଲି ଗୋଟିଏ ତୁଷାରମୟ ଗିରି-ସଙ୍କଟରେ ରାତିକ ପାଇଁ ଛାଉଣୀ ପକାଇଲୁ । ଏହିଠାରେ ଆମେମାନେ ଜଣେ କୁଲିକୁ କେତେ ପଇସା ଦେଇ ଖଣ୍ଡିଏ ଚିଠି ଦେଇ ଆଗରେ ପଠାଇ ଦେଇଥିଲୁ; କିନ୍ତୁ ପରଦିନ ମଧ୍ୟାହ୍ନରେ ପହଞ୍ଚି ଦେଖିଲୁ ଯେ, ଏହାର କୌଣସି ପ୍ରୟୋଜନ ନ ଥିଲା । କାରଣ ସମସ୍ତ ସକାଳଟା ଯାତ୍ରୀଗଣ ଦଳ ଦଳ ହୋଇ ଆମମାନଙ୍କ ତମ୍ବୁ ପାଖ ଦେଇ ଯିବା ସମୟରେ ଅତ୍ୟନ୍ତ ବନ୍ଧୁଭାବରେ ଅନ୍ୟ ସମସ୍ତଙ୍କୁ ଆମମାନଙ୍କ ସମ୍ବାଦ ଦେବା ପାଇଁ ଏବଂ ଆମେ ଯେ ଖୁବ୍ ଶୀଘ୍ର ଆସୁଅଛୁ, ଏହି କଥା ଜଣାଇଦେବା ପାଇଁ ଆମମାନଙ୍କ ତତ୍ତ୍ୱ ନେଇ ଯାଉଥିଲେ । ପ୍ରାତଃକାଳରେ ସୂର୍ଯ୍ୟୋଦୟର ବହୁ ପୂର୍ବରୁ ଆମେମାନେ ଗାତ୍ରୋତ୍ଥାନ କରି ଚାଲିବାକୁ ଆରମ୍ଭ କଲୁ । ସମ୍ମୁଖରେ ସୂର୍ଯ୍ୟ ଉଦିତ ହେଉଥିଲେ ଏବଂ ପଶ୍ଚାତ୍‌ରେ ଚନ୍ଦ୍ର ଅସ୍ତ ଯାଉଥିଲେ; ଏପରି ସମୟରେ ଆମେମାନେ 'ହ୍ରଡଆର୍ ଡଲବ୍' (Lake of Death) ନାମକ ହ୍ରଦର ଉପରିଭାଗର ରାସ୍ତା ଦେଇ ଚାଲିବାକୁ ଲାଗିଲୁ । ଏହି ସେହି ହ୍ରଦ—ଯେଉଁଠାରେ ବର୍ଷେ ପ୍ରାୟ ଚାଳିଶିଜଣ ଯାତ୍ରୀ ସେମାନଙ୍କର ସ୍ତୋତ୍ରପାଠ କମ୍ପନରେ ସ୍ଥାନଚ୍ୟୁତ ଗୋଟିଏ ତୁଷାରପ୍ରବାହ (avalanche) କର୍ତ୍ତୃକ ସବେଗରେ ନିକ୍ଷିପ୍ତ ହୋଇ ନିଧନପ୍ରାପ୍ତ ହୋଇଥିଲେ ! ଗୋଟିଏ କ୍ଷୁଦ୍ର ପଗଦାଣ୍ଡୀ ରାସ୍ତା ତାଙ୍କ ପାହାଡ଼ର ଗାତ ଦେଇ ତଳକୁ ଚାଲିଆସିଛି । ଅତଃପର ଆମେମାନେ ସେଠାରେ ଉପସ୍ଥିତ ହେଲୁ ଏବଂ ଏହି ରାସ୍ତାରେ ଯାଇ ବହୁ ଦୂରତ୍ୱକୁ କମାଇ ଦେବାକୁ ସମର୍ଥ ହୋଇଥିଲୁ । ଏହି ରାସ୍ତାରେ ସମସ୍ତଙ୍କୁ ପାଦରେ ଚାଲି ଶୀଘ୍ର ଶୀଘ୍ର କଷ୍ଟେମଷ୍ଟେ ଠେଲିପେଲି ଅତିକ୍ରମ କରିବାକୁ ପଡ଼ିଥିଲା । ତାହାର ତଳଦେଶରେ ଗ୍ରାମବାସୀଗଣ ପ୍ରାତଃକାଳୀନ ଜଳଯୋଗ ଭଳି ଗୋଟାଏ କିଛି ପ୍ରସ୍ତୁତ କରି ରଖିଥିଲେ । ସ୍ଥାନେ ସ୍ଥାନେ ଅଗ୍ନି ପ୍ରଜ୍ୱଳିତ ହେଉଥିଲା; ଚପାଟି ସେକା ହେଉଥିଲା ଏବଂ ଚା ମଧ୍ୟ ପ୍ରସ୍ତୁତ ଥିଲା, ଖାଲି ଢାଳିଲେ ହିଁ ହେଲା । ଏହିଠାରୁ ଯେଉଁ ଯେଉଁଠାରେ ରାସ୍ତା ପୃଥକ୍ ହୋଇଯାଇଛି, ସେହିଠାରେ ଯାତ୍ରୀଗଣ ଦଳକୁ-ଦଳ ମୁଖ୍ୟ ଦଳରୁ ପୃଥକ୍ ହୋଇଯିବାକୁ ଲାଗିଲେ ଏବଂ ଏହି ସାରା ରାସ୍ତା ଧରି ଆମମାନଙ୍କ ମଧ୍ୟରେ ଯେଉଁ ଏକତ୍ୱର ଭାବ ଜନ୍ମିଥିଲା, ତାହା କ୍ରମଶଃ ହ୍ରାସ ପାଇବାକୁ ଲାଗିଲା ।

ସେହି ଦିନ ସନ୍ଧ୍ୟା ସମୟରେ ପହଲଗାମ୍‌ର ଉପରିଭାଗରେ ଆମେମାନେ ଏକ ଗୋଲ ପାହାଡ଼ ଉପରେ ପାଇନ-କାଠର ଏକ ବୃହତ୍ ଅଗ୍ନି ପ୍ରଜ୍ୱଳିତ କରି ଏବଂ ସତରଞ୍ଚି ବିଛାଇ ଗଳ୍ପ କରିବାକୁ ଲାଗିଲୁ । ଆମମାନଙ୍କ ବନ୍ଧୁ ସେହି ନାଗା ସନ୍ନ୍ୟାସୀ ଆମମାନଙ୍କ ସହିତ ଯୋଗ ଦେଲେ ଏବଂ ଯଥେଷ୍ଟ କୌତୁକ-ପରିହାସାଦି ଚାଲିବାକୁ ଲାଗିଲା । କିନ୍ତୁ ଶୀଘ୍ର

ଆମମାନଙ୍କର କ୍ଷୁଦ୍ର ଦଳଟି ବ୍ୟସ୍ତ ଆଉ ସମସ୍ତେ ଗୁଲ୍‌ଗଲେ । ଉପରେ ଚନ୍ଦ୍ରଦେବ ହସୁଛନ୍ତି, ତୁଷାରଶୃଙ୍ଗଗୁଡ଼ିକ ମସ୍ତକ ଟେକି ଦଣ୍ଡାୟମାନ, ନଦୀ ଖରତର ବେଗରେ ପ୍ରବାହିତା ଏବଂ ସ୍ନିଗ୍ଧବନରେ ଅସଂଖ୍ୟ ପାର୍ବତ୍ୟ ପାଇନ୍‌ବୃକ୍ଷ—ଆମେ ବସି ଏହିସବୁ ଦୃଶ୍ୟ ଉପଭୋଗ କରିବାକୁ ଲାଗିଲୁ ।

୮ ଅଗଷ୍ଟ । ପରଦିନ ଆମେମାନେ ଇସ୍‌ଲାମାବାଦ ଯାତ୍ରା ଜାଲୁ ଏବଂ ସୋମବାର ପ୍ରଭାତରେ ପ୍ରାତଃକାଳୀନ ଜଳଯୋଗରେ ବସିଛୁ, ଏପରି ସମୟରେ ମାଝିମାନେ ଦଉଡ଼ ଟାଣି ନୌକାଗୁଡ଼ିକୁ ନିରାପଦରେ ଶ୍ରୀନଗରରେ ଆଣି ଲଗାଇଦେଲେ ।

# ୧୧

ସ୍ଥାନ—ପ୍ରତ୍ୟାବର୍ତ୍ତନ-ପଥରେ (ଶ୍ରୀନଗର)
କାଳ—ଅଗଷ୍ଟ ୯ରୁ ୧୩

୯ ଅଗଷ୍ଟ । ଏହି ସମୟରେ ଆଚାର୍ଯ୍ୟଦେବ କ୍ରମାଗତ ଆମମାନଙ୍କ ନିକଟରୁ ବିଦାୟ ନେବାର କଥା କହୁଥିଲେ । ସୁତରାଂ ଯେତେବେଳେ ମୁଁ ଖାତାରେ 'ରମ୍‌ତା ସାଧୁ ବହତା ପାନି, ଇସ୍‌ମେ ନ କୋଇ ମୈଲ ଲଖାନି'—ଏହି ବାକ୍ୟଟି ଲିପିବଦ୍ଧ ଦେଖିବାକୁ ପାଏ, ମୁଁ ସ୍ପଷ୍ଟ ଜାଣିପାରେ ଏହାର ଅର୍ଥ କ'ଣ ? 'ଯେତେବେଳେ ମୋତେ କଷ୍ଟ ସହ୍ୟ କରିବାକୁ ଏବଂ ଭିକ୍ଷୋପଜୀବୀ ହେବାକୁ ହୁଏ, ସେତେବେଳେ ମୁଁ ଯେ କେତେ ବେଶୀ ଭଲ ଥାଏ !' ଏହି ସାଗର ନାଡଗୋଲ, ସ୍ୱାଧୀନତା ଏବଂ ସାଧାରଣ ଲୋକଙ୍କ ସଙ୍ଗରେ ମିଳାମିଶା କରିବା ତୀବ୍ର ଆକାଙ୍‌କ୍ଷା, ପଦବ୍ରଜରେ ସ୍ୱୀୟ ଦେଶଭ୍ରମଣର ବାଞ୍ଛନ ଏବଂ ଘରକୁ ଫେରିବା ନିମନ୍ତ ପୁନରାୟ ଆମମାନଙ୍କ ସହିତ ବାରମୁଲାରେ ସାକ୍ଷାତ୍—ଏହିସବୁ ହିଁ ତାହାର ଅର୍ଥ ।

ନୌକାରେ ଯେଉଁ ମାଝିମାନେ ସ୍ୱାମୀଜୀଙ୍କ ପରିବାରସ୍ୱରୂପ ହୋଇଯାଇଥିଲେ ଏବଂ ଯେଉଁମାନଙ୍କୁ ସେ ଦୁଇଟି ଗୁରୁ ଧରି ସଂଭୋଗରେ ସାହାଯ୍ୟ କରି ଆସିଛନ୍ତି, ଆଜି ସେମାନେ ଆମମାନଙ୍କ ନିକଟରୁ ବିଦାୟ ନେଲେ । ସହୃଦୟତା ଏବଂ ସହୃଷ୍ଟତାର ଯେ ଆଚରଣୀୟ ହୋଇପାରେ, ତାହାର ପ୍ରମାଣସ୍ୱରୂପ ପରେ ସେ ନିଜ ସହିତ ମାଝିମାନଙ୍କ ସମ୍ବନ୍ଧର ସମସ୍ତ କଥା ଉଲ୍ଲେଖ କରୁଥିଲେ ।

୧୦ ଅଗଷ୍ଟ । ସନ୍ଧ୍ୟା ହୋଇଯାଇଛି । ଆମେ ସମସ୍ତେ ଜଣଙ୍କ ସହିତ ଦେଖା କରିବା ନିମନ୍ତ ବାହାରିଲୁ । ଫେରିବା ସମୟରେ ସ୍ୱାମୀଜୀ ତାଙ୍କର ଶିଷ୍ୟା ନିବେଦିତାକୁ ତାଙ୍କ ସହିତ କ୍ଷେତଗୁଡ଼ିକର ଉପରଦେଇ ବୁଲିଆସିବା ପାଇଁ ଡାକିଲେ । ତାଙ୍କର ସମସ୍ତ କଥାବାର୍ତ୍ତା ସ୍ତ୍ରୀଶିକ୍ଷା-କାର୍ଯ୍ୟ ଓ ସେହି ସମ୍ବନ୍ଧରେ ତାଙ୍କର ଅଭିପ୍ରାୟ କ'ଣ, ଏହି ବିଷୟରେ ଥିଲା । ସ୍ୱଦେଶ ଓ ତାହାର ଧର୍ମସମୂହ ସମ୍ବନ୍ଧରେ ତାଙ୍କର ଧାରଣା ଯେ ସମନ୍ୱୟମୂଳକ, ତାଙ୍କ ନିଜର

ବିଶେଷତ୍ୱ କେବଳ ଏତିକି ଯେ, ସେ ଗୃହୀଁନ୍ତି—ହିନ୍ଦୁଧର୍ମ ନିଷ୍କ୍ରିୟ ନ ରହି ସକ୍ରିୟ ହେଉ, ଏବଂ ଅନ୍ୟ ଉପରେ ପ୍ରଭାବ ବିସ୍ତାର କରି ସେମାନଙ୍କୁ ସ୍ୱମତକୁ ଆନୟନ କରିବାର ସାମର୍ଥ୍ୟ ଲାଭକରୁ ! କେବଳ ଅସ୍ପୃଶ୍ୟତାକୁ ସେ ଅସ୍ୱୀକାର କରୁଥିଲେ—ସେହିସବୁ ସମ୍ବନ୍ଧରେ ସେ କହିବାକୁ ଲାଗିଲେ । ତତ୍ପରେ ସେ ଗଭୀର ଭାବରେ ସହିତ, ଯେଉଁମାନେ ଖୁବ୍ ପ୍ରାଚୀନପନ୍ଥୀ (orthodx) ସେମାନଙ୍କ ମଧ୍ୟରେ ଅନେକଙ୍କର ଅସାଧାରଣ ଧର୍ମଭାବ ସମ୍ବନ୍ଧରେ କହିଲେ । ସେ କହିଲେ, 'ଭାରତର ଅଭାବ କାର୍ଯ୍ୟକୁଶଳତା (ptacticality); କିନ୍ତୁ ସେଥିନିମିତ୍ତ ଭାରତ ଯେପରି କଦାପି ପୁରାତନ ଚିନ୍ତାଶୀଳ ଜୀବନ ଉପରେ ତାହାର ଅଧିକାର ଛାଡ଼ି ନ ଦିଏ ।'

'ଶ୍ରୀଶ୍ରୀରାମକୃଷ୍ଣ କହିଛନ୍ତି, ସମୁଦ୍ର ପରି ଗଭୀର ଏବଂ ଆକାଶ ପରି ଉଦାର ହେବା ହିଁ ଆଦର୍ଶ । କିନ୍ତୁ ନିୟମ-ନିଷ୍ଠାର ସହିତ ଗଭୀର ଅନ୍ତର୍ଜୀବନର କୌଣସି ଅପରିହାର୍ଯ୍ୟ ସମ୍ପର୍କ ନାହିଁ ! ଏହି ସମ୍ପର୍କ ଆକସ୍ମିକ । ଆଉ ଯଦି ଆମେ ନିଜେ ନିଜକୁ ଠିକ୍ ରଖୁ, ତାହାହେଲେ ଜଗତ ମଧ୍ୟ ଠିକ୍ ହୋଇଯିବ, କାରଣ ଆମେ ସମସ୍ତେ କ'ଣ ଏକ ନୋହୁ ? ଶ୍ରୀରାମକୃଷ୍ଣ ପରମହଂସ ତାଙ୍କ ଭିତରର ନିଗୂଢ଼ ତତ୍ତ୍ୱଗୁଡ଼ିକର ମଧ୍ୟ ପୁଙ୍ଖାନୁପୁଙ୍ଖ ଖବର ରଖୁଥିଲେ; ତଥାପି ବାହ୍ୟଦଶାରେ ପୂରାପୂରି କର୍ମତତ୍ପର ଏବଂ କର୍ମପଟୁ ଥିଲେ ।'

ତତ୍ପରେ ସେ ତାଙ୍କର ଗୁରୁଦେବଙ୍କର ପୂଜାରୂପକ ସେହି ଜଟିଳ ପ୍ରଶ୍ନ ସମ୍ବନ୍ଧରେ କହିଲେ, 'ମୋ ନିଜର ଜୀବନ ସେହି ମହାପୁରୁଷଙ୍କ ଚରଣ ପ୍ରତି ପ୍ରଗାଢ଼ ଅନୁରାଗଦ୍ୱାରା ଚାଳିତ; କିନ୍ତୁ ଏହା ଅନ୍ୟ ପକ୍ଷରେ କେତେଦୂର ପ୍ରଯୋଜ୍ୟ, ତାହା ସେମାନେ ନିଜେ ନିଜେ ହିଁ ଠିକ୍ କରିନେବେ । ଅତୀନ୍ଦ୍ରିୟ ତତ୍ତ୍ୱସକଳ କେବଳ ଯେ ଜଣେ ଲୋକର ମଧ୍ୟ ଦେଇ ଜଗତରେ ପ୍ରସାରିତ ହୁଏ, ଏପରି ନୁହେଁ ।'

୧୧ ଅଗଷ୍ଟ । ଏହି ଦିନ କରକୋଷ୍ଠୀ ବିଗ୍ରହ ନିମିତ୍ତ ଆମମାନଙ୍କ ମଧ୍ୟରୁ ଜଣଙ୍କୁ ସ୍ୱାମୀଜୀଙ୍କ ନିକଟରୁ ଭର୍ତ୍ସନା ସହ୍ୟ କରିବାକୁ ହୋଇଥିଲା । ସେ କହିଲେ, 'ଏ ଜିନିଷଟାକୁ ସମସ୍ତେ ଗୃହୀଁନ୍ତି, ତଥାପି ସମଗ୍ର ଭାରତ ଏହାକୁ ହେୟଜ୍ଞାନ ଏବଂ ଘୃଣା କରେ । ଜଣକର ଏ ବିଷୟରେ ବିଶେଷ ପକ୍ଷ ସମର୍ଥନର ଉତ୍ତରରେ ସେ କହିଲେ, 'ହଁ, ଚେଚେହେରା ଦେଖି ଚରିତ୍ର କହିଦେବା ମଧ୍ୟ ମୁଁ ସମର୍ଥନ କରେ ନାହିଁ । ସତ କହିଲେ, ତୁମମାନଙ୍କର ଅବତାର ଏବଂ ତାଙ୍କର ଶିଷ୍ୟବର୍ଗ ଯଦି ତାଙ୍କର ବିଭୂତି-ଶକ୍ତି ଦେଖାଇ ନ ଥାନ୍ତେ, ତାହାହେଲେ ମୁଁ ସେମାନଙ୍କୁ ଅଧିକ ସତ୍ୟସନ୍ଧ ବୋଲି ମନେକରନ୍ତି । ଏହି କାର୍ଯ୍ୟ ପାଇଁ ବୁଦ୍ଧ ଗୋଟିଏ ଭିକ୍ଷୁକୁ ସଂଘରୁ କାଢ଼ିଦେଇଥିଲେ ।'

୧୨ ଓ ୧୩ ଅଗଷ୍ଟ । ସ୍ୱାମୀଜୀ ଆଜକାଲି ଜଣେ ବ୍ରାହ୍ମଣ ପାଚକ ରଖିଛନ୍ତି । ଜଣେ ମୁସଲମାନ ପର୍ଯ୍ୟନ୍ତ ତାଙ୍କୁ ରାନ୍ଧି ଦେଇପାରେ; ତାଙ୍କର ଏହିଭଳି ଅଭିପ୍ରାୟ ବିରୋଧରେ ଅମରନାଥଯାତ୍ରୀ ସାଧୁଗଣଙ୍କ ଯୁକ୍ତିସବୁ ଅତି ମର୍ମସ୍ପର୍ଶୀ ଥିଲା । ସେମାନେ କହିଥିଲେ, 'ଅନ୍ତତଃ ଶିଖମାନଙ୍କ ଦେଶରେ ଏଇଟି କରିବେ ନାହିଁ, ସ୍ୱାମୀଜୀ !' ଏବଂ ସେ ମଧ୍ୟ ଅବଶେଷରେ ଏଥିରେ ସମ୍ମତ ଦେଇଥିଲେ । କିନ୍ତୁ ସେତେବେଳେ ବି ତାଙ୍କର ମୁସଲମାନ ମାଝିର ଶିଶୁକନ୍ୟାଟିକୁ

ଉମାରୂପେ ପୂଜା କରୁଥିଲେ । ଭଲ ପାଇବା କହିଲେ ସେ କେବଳ ସେବା କରିବା ବୁଝୁଥିଲା, ଏବଂ ସ୍ୱାମୀଜୀଙ୍କ କାଶ୍ମୀରତ୍ୟାଗ ଦିନ ସେହି କ୍ଷୁଦ୍ର ଶିଶୁ ତାଙ୍କ ପାଇଁ ଆଳିଏ ଆପେଲ୍ ଆଣିବା ସହକାରେ ନିଜେ ସମସ୍ତ ପଥ ଚାଲି ଚାଲି ଆସି ଟାଙ୍ଗାରେ ଦେଇଯାଇଥିଲା । ସ୍ୱାମୀଜୀଙ୍କୁ ଯେତେବେଳେ ସମ୍ପୂର୍ଣ୍ଣ ଉଦାସୀନ ବୋଧହେଲେ ମଧ୍ୟ ସେ ବାଳିକାଟିକୁ କେବେହେଲେ ଭୁଲିଯାଇ ନାହାନ୍ତି । କାଶ୍ମୀରରେ ଥିବାବେଳେ ଗୋଟିଏ ଦିନର କଥା ପ୍ରାୟ ସେ ସାନନ୍ଦରେ ସ୍ମରଣ କରୁଥିଲେ । ବାଳିକା ସେଦିନ—ନୌକାର ଗୁଣ ଟାଣିବା ରାସ୍ତାରେ ଗୋଟିଏ ନୀଳ-ବର୍ଣ୍ଣର ଫୁଲ ଦେଖିବାକୁ ପାଇଥିଲା ଏବଂ ସେଠାରେ ବସି ତାହାକୁ ଥରେ ଏକଡ଼ରେ ଥରେ ସେକଡ଼ରେ ଆଘାତ କରି କରି କୋଡ଼ିଏ ମିନିଟ୍ କାଳ ସେହି ଫୁଲଟି ସହିତ ଏକାକୀ କଟାଇ-ଥିଲା ।

ନଦୀତଟରେ ଖଣ୍ଡିଏ ଜମି ଥିଲା, ତାହା ଉପରେ ତିନୋଟି ଚେନାର୍ ଗଛ ଜନ୍ମିଥିଲା । ସେହି ଗଛ କଥା ଭାବିଲେ ଆମେମାନେ ଏହି ସମୟରେ ଏକ ବିଶେଷ ଆନନ୍ଦ ଅନୁଭବ କରୁ-ଥିଲୁ । କାରଣ, କାଶ୍ମୀରର ମହାରାଜା ତାହା ସ୍ୱାମୀଜୀଙ୍କୁ ଦେବା ନିମିତ୍ତ ଉତ୍ସୁକ ହୋଇଥିଲେ ଏବଂ ଆମମାନଙ୍କର ଭାବୀ କାର୍ଯ୍ୟରେ 'ଦେଶର ଲୋକଙ୍କଦ୍ୱାରା, ଦେଶର ଲୋକଙ୍କ ନିମିତ୍ତ ଏବଂ ସେବକ ସେବ୍ୟ ଉଭୟଙ୍କର ହିଁ ପ୍ରୀତିକର'—ଏହି ମହାନ୍ ଭାବ ରୂପାୟିତ ହେବ । ଉକ୍ତ ସ୍ଥାନଟିକୁ ତାହାର ଏକ କର୍ମକେନ୍ଦ୍ର ବୋଲି ଆମେମାନେ ଧ୍ୟାନରେ ଏକ ମାନଚିତ୍ର ଅଙ୍କନ କଲୁ ।

ସ୍ତ୍ରୀମାନେ ହିଁ ଗୃହନିର୍ମାଣ ସ୍ଥାନର ମାଙ୍ଗଳିକ କାର୍ଯ୍ୟ ବିଧାନ କରିବେ, ଭାରତରେ ପ୍ରଚଳିତ ଏହି ଧାରଣା ଜଣାଥିବାରୁ ଜଣେ କହି ଉଠିଲେ, ଆମେମାନେ ଉକ୍ତ ସ୍ଥାନକୁ ଯାଇ କିଛି ସମୟ ନିମିତ୍ତ ଛାଉଣୀ ପକାଇ ତାକୁ ଦଖଲ କରିନେଲେ କପରି ହେବ ? ଉକ୍ତ ସ୍ଥାନ ଇଉରୋପୀୟଗଣ କର୍ତ୍ତୃକ ବ୍ୟବହୃତ ଛାଉଣୀ ପକାଇବାର ଶ୍ରେଷ୍ଠ ସ୍ଥାନଗୁଡ଼ିକ ମଧ୍ୟରୁ ଅନ୍ୟତମ ଥିଲା ବୋଲି ଏହା ସମ୍ଭବପର ହୋଇଥିଲା ।

## ୧୨

ସ୍ଥାନ—ଚେନାବ ତଳେ ଛାଉଣୀ, ଶ୍ରୀନଗର
କାଳ—ଅଗଷ୍ଟ ୧୪ରୁ ୨୦

୧୪ ଅଗଷ୍ଟ—୩ ସେପ୍ଟେମ୍ବର । ରବିବାର ପ୍ରାତଃକାଳ; ପରବର୍ତ୍ତୀ ଅପରାହ୍ଣରେ ସ୍ୱାମୀଜୀ ଆମମାନଙ୍କ ନିର୍ବନ୍ଧ ଅନୁରୋଧରେ ଆମମାନଙ୍କ ସହିତ ଚା-ପାନ କରିବାକୁ ଆସିବା ପାଇଁ ସମ୍ମତ ହୋଇଥିଲେ । ଜଣେ ଇଉରୋପୀୟଙ୍କ ସହିତ ସାକ୍ଷାତ୍ କରିବା ଏହାର ଉଦ୍ଦେଶ୍ୟ ଥିଲା । ଏହି ଇଉରୋପୀୟଙ୍କୁ ବେଦାନ୍ତର ଜଣେ ଅନୁରାଗୀ ବୋଲି ମନେକରାଯାଉଥିଲା । ଏ ବିଷୟରେ ସ୍ୱାମୀଜୀଙ୍କର କିନ୍ତୁ କୌଣସି ପ୍ରକାର ଉତ୍ସାହ ଦେଖାଗଲା ନାହିଁ । ସେ ଉକ୍ତ

ଜିଜ୍ଞାସୁଙ୍କୁ ବୁଝାଇବା ନିମିତ୍ତ ଯଥୋପଯୁକ୍ତ କ୍ଳେଶ ସ୍ୱୀକାର କରିଥିଲେ ସତ; କିନ୍ତୁ ତାଙ୍କର ଚେଷ୍ଟା ଏକାବେଳକେ ନିଷ୍ଫଳ ହୋଇଗଲା । ଅନ୍ୟାନ୍ୟ କଥା ସହିତ ସେ କହିଥିଲେ, 'ମୁଁ ତ ଚାହେଁ—ନିୟମଭଙ୍ଗ କରିବା ସମ୍ଭବପର ହେଉ; କିନ୍ତୁ ତାହା କେଉଁଠି ହେଉଛି ? ଯଦି ସତକୁ ସତ ଆମେ କୌଣସି ନିୟମ ଭଙ୍ଗ କରିବାକୁ ସମର୍ଥ ହେଉଥାନ୍ତୁ, ତାହାହେଲେ ତ ଆମେ ମୁକ୍ତ ହୋଇଯାଆନ୍ତୁ । ଯାହାକୁ ଆପଣ ନିୟମଭଙ୍ଗ କହନ୍ତି, ତାହା ତ ଅନ୍ୟ ଏକ-ପ୍ରକାରରେ ନିୟମପାଳନ ମାତ୍ର ।' ତତ୍ପରେ ସେ ତୁରୀୟ ଅବସ୍ଥା ସମ୍ବନ୍ଧରେ କିଛି ବୁଝାଇବାକୁ ଚେଷ୍ଟା କରିଥିଲେ; କିନ୍ତୁ ଯାହାଙ୍କୁ ସେ କଥାଗୁଡ଼ିକ କହିଲେ, ତାଙ୍କର ଶୁଣିବାର କାନ ନ ଥିଲା ।

୧୭ ସେପ୍ଟେମ୍ବର । ମଙ୍ଗଳବାର ଦିନ ସେ ଆଉ ଥରେ ମଧ୍ୟାହ୍ନଭୋଜନ ନିମିତ୍ତ ଆମମାନଙ୍କ କ୍ଷୁଦ୍ର କୁଡ଼ିଆକୁ ଆସିଲେ । ଅପରାହ୍ଣରେ ଏପରି ଜୋର୍‌ରେ ବୃଷ୍ଟି ହେବାକୁ ଆରମ୍ଭ କଲା ଯେ, ତାଙ୍କର ଫେରିଯିବା ସମ୍ଭବ ହେଲା ନାହିଁ । ନିକଟରେ ଖଣ୍ଡିଏ ଟଡ୍‌କୃତ 'ରାଜସ୍ଥାନ' ବହି ପଡ଼ିଥିଲା, ତାକୁ ହିଁ ଉଠାଇନେଇ କଥା ହେଉ ହେଉ ମୀରାବାଈଙ୍କର କଥା ପଡ଼ିଲେ । କହିଲେ, 'ବଙ୍ଗଳାର ଆଧୁନିକ ଜାତୀୟ ଭାବସମୂହର ଦୁଇ-ତୃତୀୟାଂଶ ଏହି ବହି ଖଣ୍ଡିକରୁ ଗୃହୀତ ହୋଇଅଛି ।' ଯାହାର ସମସ୍ତ ଅଂଶ ଉତ୍ତମ, ସେହି ଟଡ଼ ମଧ୍ୟରେ—ଯେ ରାଣୀ ହୋଇ ମଧ୍ୟ ଉକ୍ତ ପଦ ପରିତ୍ୟାଗ କରି କୃଷ୍ଣ-ପ୍ରେମିକାଗଣଙ୍କ ସଙ୍ଗରେ ଭୂମଣ୍ଡଳରେ ବିଚରଣ କରିବାକୁ ଚାହିଁଥିଲେ, ସେହି ମୀରାବାଈଙ୍କର ଗଳ୍ପଟି ତାଙ୍କର ସର୍ବାପେକ୍ଷା ପ୍ରିୟ ଥିଲା । ସେ ଯେ ଶରଣାଗତି, ପ୍ରାର୍ଥନାପରତା ଏବଂ ସର୍ବଜୀବସେବା ପ୍ରଚାର କରିଥିଲେ ଏବଂ ତାହା ଯେ ଶ୍ରୀଚୈତନ୍ୟପ୍ରଚାରିତ 'ନାମେ ରୁଚି, ଜୀବେ ଦୟା'ର ଭାବଠାରୁ କିପରି ଭିନ୍ନ ତାହା ମଧ୍ୟ ଉଲ୍ଲେଖ କରିଥିଲେ । ମୀରାବାଈ ସ୍ୱାମୀଜୀଙ୍କର ଅନ୍ୟତମ ମୁଖ୍ୟ ପ୍ରେରଣାଦାତ୍ରୀ । ବିଖ୍ୟାତ ଦସ୍ୟୁଦ୍ୱୟଙ୍କର ହଠାତ୍ ସ୍ୱଭାବ-ପରିବର୍ତ୍ତନ ଏବଂ ଶ୍ରୀକୃଷ୍ଣ ଆବିର୍ଭୂତ ହୋଇ ତାଙ୍କ ନିଜ ବିଗ୍ରହରେ ଲୀନ କରିଦେଇଥିଲେ—ଏହି ଯେଉଁ ସବୁ ଗଳ୍ପର କଥା ଲୋକେ ଅନ୍ୟାନ୍ୟ ସୂତ୍ରରେ ଅବଗତ ଅଛନ୍ତି, ସେଗୁଡ଼ିକୁ ସେ ମୀରାବାଈଙ୍କ ଗଳ୍ପର ଅନ୍ତର୍ଭୁକ୍ତ କରିଥିଲେ । ଥରେ ସେ ମୀରାବାଈଙ୍କର ଗୋଟିଏ ଗୀତ ଆବୃତ୍ତି ଏବଂ ଅନୁବାଦ କରି ଜଣେ ମହିଳାଙ୍କୁ ଶୁଣାଉଥିବାର ଶୁଣିଥିଲି—ଆହା, ଯଦି ଏହା ପୂରାପୂରି ମନେରଖିପାରିଥାନ୍ତି ! ତାଙ୍କର ଅନୁବାଦର ପ୍ରଥମ କଥାଗୁଡ଼ିକ ଏହିପରି—'ଭାଇ ଲାଗିଥାଅ, ଲାଗିଥାଅ, ଲାଗିଥାଅ !' ଏବଂ ତାହାର ଶେଷାଂଶ ଥିଲା—'ସେହି ଅଙ୍କାବଙ୍କା ନାମକ ଦସ୍ୟୁ ଭ୍ରାତୃଦ୍ୱୟ, ସେହି ନିଷ୍ଠୁର ସୁଜନ କଂସାଇ ଏବଂ ଯେ ଖେଳଛଳରେ ତାଙ୍କର ଶୁକପକ୍ଷୀକୁ କୃଷ୍ଣନାମ ଜପ କରିବାକୁ ଶିଖାଇଥିଲେ, ସେହି ଗଣିକା, ସେମାନେ ଯଦି ଉଦ୍ଧାର ପାଇଥାନ୍ତି, ତେବେ ସମସ୍ତଙ୍କର ମଧ୍ୟ ଆଶା ଅଛି ।'*

---

* ମୂଳ ଗୀତଟି ଏହି :

ହରିସେ ଲାଗି ରହୋ ରେ ଭାଇ

ତେରି ବନତ ବନତ ବନ ଯାଇ ।

ପୁଣି ମୁଁ ତାଙ୍କଠାରୁ ମୀରାବାଈଙ୍କର ସେହି ଅଦ୍ଭୁତ ଗଳ୍ପଟି ଶୁଣିଛୁ । ମୀରାବାଈ ବୃନ୍ଦାବନରେ ପହଞ୍ଚି ଜନୈକ ବିଖ୍ୟାତ ସାଧୁଙ୍କୁ* ନିମନ୍ତ୍ରଣ କରିଥିଲେ । ବୃନ୍ଦାବନରେ ପୁରୁଷଙ୍କ ସହିତ ସ୍ତ୍ରୀଗଣଙ୍କ ସାକ୍ଷାତ୍ ନିଷିଦ୍ଧ ଥିଲା । ଏହି କାରଣରୁ ସାଧୁ ଯିବାକୁ ଅସ୍ୱୀକାର କରିଥିଲେ । ଯେତେବେଳେ ତିନିଥର ଏହିପରି ଘଟିଲା, ସେତେବେଳେ ମୀରାବାଈ 'ବୃନ୍ଦାବନରେ ଆଉ ଯେ କେହି ପୁରୁଷ ଅଛନ୍ତି, ତାହା ମୁଁ ଜାଣେ ନାହିଁ, ମୋର ଧାରଣା ଥିଲା—ଶ୍ରୀକୃଷ୍ଣ ହିଁ ଏକମାତ୍ର ପୁରୁଷରୂପେ ବିରାଜମାନ କରିଛନ୍ତି !' ଏହା କହି ମୀରାବାଈ ସ୍ୱୟଂ ତାଙ୍କ ନିକଟକୁ ଗମନ କଲେ ଏବଂ ଯେତେବେଳେ ବିସ୍ମିତ ସାଧୁଙ୍କ ସଙ୍ଗେ ତାଙ୍କର ସାକ୍ଷାତ୍ ହେଲା, ସେତେବେଳେ—'ନିର୍ବୋଧ, ତୁମେ କଅଣ ନିଜକୁ ପୁରୁଷ ବୋଲି ଅଭିହିତ କର ?'—ଏହା କହି ସ୍ୱୀୟ ଅବଗୁଣ୍ଠନ ସମ୍ପୂର୍ଣ୍ଣରୂପେ ଉନ୍ମୋଚନ କରି ପକାଇଲେ । ଆଉ ଯେତେବେଳେ ସାଧୁ ସଭୟରେ ଚିତ୍କାର କରି ତାଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କଲେ, ସେତେବେଳେ ସେ ମଧ୍ୟ ତାଙ୍କୁ ମାତା ଯେପରି ସନ୍ତାନକୁ ଆଶୀର୍ବାଦ କରନ୍ତି, ସେହିଭଳି ଆଶୀର୍ବାଦ କଲେ ।

ଅଦ୍ୟ ସ୍ୱାମୀଜୀ ଆକ୍‌ବରଙ୍କ ପ୍ରସଙ୍ଗ ଉତ୍ଥାପନ କଲେ ଏବଂ ଉକ୍ତ ବାଦଶାହାଙ୍କର ସଭାକବି ତାନ୍‌ସେନଙ୍କ ରଚିତ ତାଙ୍କ ସିଂହାସନାରୋହଣ-ବିଷୟକ ଗୀତ ଆମମାନଙ୍କ ନିକଟରେ ଗାଇଲେ ।

ତତ୍ପରେ ସ୍ୱାମୀଜୀ ନାନା କଥା କହୁ କହୁ 'ଆମମାନଙ୍କର ଜାତୀୟ ବୀର' ପ୍ରତାପ ସିଂହଙ୍କ ସମ୍ବନ୍ଧରେ କହିବାକୁ ଲାଗିଲେ : କେହି ତାଙ୍କୁ କେବେହେଲେ ବଶ୍ୟତା ସ୍ୱୀକାର କରାଇପାରି ନାହିଁ । ହଁ, ଥରେ ମୁହୂର୍ତ୍ତିକ ପାଇଁ ସେ ପରାଭବ ସ୍ୱୀକାର କରିବାକୁ ପ୍ରଲୁବ୍ଧ ହୋଇଥିଲେ ସତ ! ବନେ ଚତୋରରୁ ପଳାୟନ ପରେ ମହାରାଣୀ ସ୍ୱୟଂ ରନ୍ଧିର ସାମାନ୍ୟ ଖାଦ୍ୟ ପ୍ରସ୍ତୁତ କରିଥିଲେ । ଏପରି ସମୟରେ ଏକ କ୍ଷୁଧିତ ମାର୍ଜ୍ଜାର ପିଲାମାନଙ୍କ ନିମିତ୍ତ ଯେଉଁ ରୁଟିଖଣ୍ଡି ନିର୍ଦ୍ଦିଷ୍ଟ ଥିଲା, ତାହାକୁ ଝାମ ମାରି ନେଇଗଲା । ମିବାର-ରାଜ ସ୍ୱୀୟ ଶିଶୁସନ୍ତାନ-ମାନଙ୍କ ଖାଦ୍ୟ ନିମିତ୍ତ କାନ୍ଦିବାର ଦେଖିଲେ । ସେତେବେଳେ ବାସ୍ତବିକ ତାଙ୍କର ବୀର ହୃଦୟ ଅବସନ୍ନ ହୋଇପଡ଼ିଲା । ଅଦୂରରେ ସ୍ୱାଚ୍ଛନ୍ଦ୍ୟ ଶାନ୍ତିର ଚିହ୍ନ ଦେଖି ସେ ପ୍ରଲୁବ୍ଧ ହେଲେ ଏବଂ ମୁହୂର୍ତ୍ତିକ ନିମିତ୍ତ ସେ ଏହି ଅସମାନ ଯୁଦ୍ଧରୁ ବିରତ ହୋଇ ଆକବରଙ୍କ ସହିତ ବନ୍ଧୁତ୍ୱ-ସ୍ଥାପନର ସଂକଳ୍ପ କରିଥିଲେ; କିନ୍ତୁ ତାହା କେବଳ ଏକ ମୁହୂର୍ତ୍ତ ପାଇଁ । ସନାତନ ବିଶ୍ୱନିୟନ୍ତା ପରମେଶ୍ୱର ତାଙ୍କର ନିଜ ଲୋକଙ୍କୁ ରକ୍ଷା କରିଥାନ୍ତି । ଉକ୍ତ ଚିହ୍ନ ପ୍ରତାପଙ୍କ ମାନସପଟରୁ ଅନ୍ତର୍ହିତ ହେଉ ନ ହେଉଣୁ ଏକ ରାଜପୁତ ନରପତିଙ୍କ ନିକଟରୁ ଦୂତ ଆସି ତାଙ୍କୁ ସେହି ପ୍ରସିଦ୍ଧ କାଗଜପତ୍ରଗୁଡ଼ିକ ଦେଲା । ସେଥିରେ ଲେଖାଥିଲା, 'ବିଧର୍ମୀ ସଂସ୍ପର୍ଶରେ

---

ଅଙ୍ଗୀ ତାରେ, ବଙ୍କା ତାରେ, ତାରେ ସୁଜନ କସାଇ ।
ସୁଗା ପଢ଼ାୟକେ ଗଣିକା ତାରେ, ତାରେ ମୀରାବାଈ ॥

* ଶ୍ରୀଚୈତନ୍ୟଙ୍କ ପ୍ରସିଦ୍ଧ ସନ୍ନ୍ୟାସୀ ଶିଷ୍ୟ ସନାତନ ଗୋସ୍ୱାମୀ । ସେ ବଙ୍ଗଳାର ନବାବଙ୍କ ଉଚ୍ଚପଦ ପରିତ୍ୟାଗ କରି ସାଧୁ ହୋଇଥିଲେ ।

ଯାହାଙ୍କ ଶୋଣିତ କଳୁଷିତ ହୋଇ ନାହିଁ, ଏପରି ଲୋକ ଆମମାନଙ୍କ ମଧ୍ୟରେ ଜଣେ ଅଛନ୍ତି । ତାଙ୍କର ମସ୍ତକ ମଧ୍ୟ ଭୂମି ସ୍ପର୍ଶ କରିଛି, ଏକଥା ଯେପରି କେହି ହେଲେ କେବେ କହି ନ ପାରେ ।' ପାଠ କରିବା ମାତ୍ରେ ପ୍ରତାପଙ୍କ ହୃଦୟ ସାହସ ଏବଂ ନୂତନ ଆତ୍ମପ୍ରତ୍ୟୟରେ ସଞ୍ଜୀବିତ ହୋଇଉଠିଲା । ସେ ବୀରଗଣରେ ଦେଶରୁ ଶତ୍ରୁକୁଳକୁ ନିର୍ମୂଳ କରି ଉଦୟପୁରକୁ ନିଜପଦରେ ପ୍ରତ୍ୟାବର୍ତ୍ତନ କଲେ ।

ତାହାପରେ ଅନୂଢ଼ା ରାଜନନ୍ଦିନୀ କୃଷ୍ଣାକୁମାରୀଙ୍କର ସେହି ଅଦ୍ଭୁତ ଗଳ୍ପ ଶୁଣିଲୁ । ଏକାଧିକ ନରପତି ଏକସଙ୍ଗେ ତାଙ୍କର ପାଣିଗ୍ରହଣ କରିବାକୁ ଚାହିଁଥିଲେ । ଆଉ ଯେତେବେଳେ ତନୋଟି ବୃହତ୍ ବାହିନୀ ପୁରଦ୍ୱାରରେ ଉପସ୍ଥିତ ହେଲେ, ତାଙ୍କର ପିତା ଉପାୟାନ୍ତର ନ ଦେଖି ତାଙ୍କୁ ବିଷ ଦେବାକୁ ମନସ୍ଥ କଲେ । କୃଷ୍ଣାକୁମାରୀଙ୍କ ଖୁଡ଼ୁତାଙ୍କ ଉପରେ ଏହି ଭାର ଅର୍ପିତ ହେଲା । ବାଳିକା ଯେତେବେଳେ ନିଦ୍ରିତା, ସେହି ସମୟରେ ଖୁଡ଼ୁତା ଉକ୍ତ କାର୍ଯ୍ୟ-ସମ୍ପାଦନାର୍ଥେ ତାଙ୍କ କକ୍ଷରେ ପ୍ରବେଶ କଲେ । କିନ୍ତୁ ତାଙ୍କର ସୌନ୍ଦର୍ଯ୍ୟ ଓ କୋମଳ ବୟସ ଦେଖି ଏବଂ ତାଙ୍କର ଶିଶୁକାଳର ମୁଖ ମନରେ ପଡ଼ିବାରୁ ତାଙ୍କର ଯୋଦ୍ଧୃହୃଦୟ ଦବିଗଲା ଏବଂ ସେ ତାଙ୍କର ନିର୍ଦ୍ଦିଷ୍ଟ କାମ କରିବାକୁ ଅକ୍ଷମ ହେଲେ । କୃଷ୍ଣାକୁମାରୀ ଶବ୍ଦ ଶୁଣି ଚେଇଁ ଉଠିଲେ ଏବଂ ନିର୍ଦ୍ଧାରିତ ସଂକଳ୍ପ ବିଷୟ ଅବଗତ ହୋଇ ହାତ ବଢ଼ାଇ ସେ ବିଷପାତ୍ରଟିକୁ ନେଲେ ଏବଂ ହସି ହସି ସେହି ବିଷ ପାନ କରି ପକାଇଲେ । ଏହିପରି ଭୂରି ଭୂରି ଗଳ୍ପ ଶୁଣିବାକୁ ଲଗିଲୁ । କାରଣ ରାଜପୁତ୍-ବୀରଗଣଙ୍କର ଏବଂବିଧ ଗଳ୍ପ ଅସଂଖ୍ୟ ।

୨୦ ସେପ୍ଟେମ୍ବର । ଶନିବାର ଦିନ ସ୍ୱାମୀଜୀ ଦୁଇ ଦିନ ପାଇଁ ଆମେରିକାର ରାଜଦୂତ ଓ ତାଙ୍କର ପତ୍ନୀଙ୍କର ଆତିଥ୍ୟ ସ୍ୱୀକାର କରିବାକୁ ଡାଲ୍‌ହ୍ରଦକୁ ଗମନ କଲେ । ସୋମବାର ଦିନ ଫେରିଆସିଲେ ଏବଂ ମଙ୍ଗଳବାର ସ୍ୱାମୀଜୀ ଆମମାନଙ୍କର ନୂତନ ମଠକୁ (ଆମେମାନେ ଛାଉଣୀର ଏହି ଆଖ୍ୟା ଦେଇଥିଲୁ) ଆସିଲେ ଏବଂ ଯେପରି ସେ ଗାଣ୍ଡେର୍‌ବଲ୍ ଯାତ୍ରା କରିବା ପୂର୍ବରୁ କିଛି ଦିନ ଆମମାନଙ୍କ ସଙ୍ଗେ ବାସ କରିପାରନ୍ତି—ଏହି ଉଦ୍ଦେଶ୍ୟରେ ତାଙ୍କର ନୌକାଖଣ୍ଡିକୁ ଆମମାନଙ୍କ ନୌକାର ଖୁବ୍ ନିକଟରେ ଲଗାଇଲେ ।

[ ସମ୍ପାଦକ (ସ୍ୱାମୀ ସାରଦାନନ୍ଦଙ୍କ) ଲିଖିତ ପରିଶିଷ୍ଟ ]

ଗାଣ୍ଡେର୍‌ବଲ୍‌ରୁ ସ୍ୱାମୀଜୀ ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ଫେରିଆସିଲେ, ଏବଂ ବିଶେଷ କୌଣସି କାରଣବଶତଃ ସେ ଯେ କେତେକ ଦିନ ମଧ୍ୟରେ ବଙ୍ଗଳା ଦେଶକୁ ଯିବାକୁ ସଂକଳ୍ପ କରିଛନ୍ତି, ତାହା ସମସ୍ତଙ୍କ ନିକଟରେ ପ୍ରକାଶ କଲେ । ସ୍ୱାମୀଜୀଙ୍କର ଇଉରୋପୀୟ

ସଙ୍ଗୀଗଣ ଇତିପୂର୍ବରୁ ଶୀତ ପଡ଼ିଲେ ଲାହୋର, ଦିଲ୍ଲୀ, ଆଗ୍ରା ପ୍ରଭୃତି ଉତ୍ତର-ଭାରତର ମୁଖ୍ୟ ନଗରଗୁଡ଼ିକ ଦେଖିବାର ସଂକଳ୍ପ କରିଥିଲେ । ଅତଏବ ସମସ୍ତେ ଏକାଠି ଲାହୋରକୁ ପ୍ରତ୍ୟାବର୍ତ୍ତନ କଲେ । ଏଠାରେ ସ୍ୱାମୀଜୀ କେତେଜଣଙ୍କୁ ଉତ୍ତର-ଭାରତର କେତେକ ସ୍ଥାନ ଦର୍ଶନ କରିବାର ସଂକଳ୍ପ କାର୍ଯ୍ୟରେ ପରିଣତ କରିବା ପାଇଁ ରଖି କଲିକତାକୁ ଫେରିଆସିଲେ ।

# ସ୍ୱାମୀଜୀଙ୍କ କଥା

# ସ୍ୱାମୀଜୀଙ୍କ ଅସ୍ଫୁଟ ସ୍ମୃତି[1]

୧୮୯୭ ଖ୍ରୀଷ୍ଟାବ୍ଦର ଫେବୃଆରି ମାସ । ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟ ଦେଶ ବିଜୟ କରି ଅଳ୍ପ କେତେଦିନ ପୂର୍ବରୁ ଭାରତବର୍ଷରେ ପଦାର୍ପଣ କରିଥାଆନ୍ତି । ଯେଉଁଦିନ ସ୍ୱାମୀଜୀ ଚିକାଗୋ ଧର୍ମସଭାରେ ହିନ୍ଦୁଧର୍ମର ବିଜୟକେତନ ଉଡ଼ାଇଥିଲେ, ସେହିଦିନଠାରୁ ତାଙ୍କ ସମ୍ପର୍କରେ ଯେକୌଣସି ବିଷୟ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି, ସେସମସ୍ତ ମୁଁ ଆଗ୍ରହରେ ପାଠ କରୁଥିଲି । ସେତେବେଳକୁ ମାତ୍ର ଦୁଇ ତିନି ବର୍ଷ ହେଲା କଲେଜ ଛାଡ଼ିଥାଏ, କୌଣସି ପ୍ରକାର ଅର୍ଥୋପାର୍ଜନାଦି କରୁ ନ ଥିଲି । ସୁତରାଂ କେତେବେଳେ ବନ୍ଧୁ-ବାନ୍ଧବମାନଙ୍କ ଘରକୁ ଯାଇ, କେତେବେଳେ ବା ଘର ନିକଟବର୍ତ୍ତୀ ଧର୍ମତାଲାସ୍ଥିତ 'ଇଣ୍ଡିଆନ ମିରର୍' (ବାହାରେ ଥିବା ବୋର୍ଡ-ସଂଲଗ୍ନ) 'ଇଣ୍ଡିଆନ ମିରର୍' ପତ୍ରିକାରେ ସ୍ୱାମୀଜୀଙ୍କ ସମ୍ବନ୍ଧରେ ଯେକୌଣସି ସମ୍ବାଦ କିମ୍ବା ତାଙ୍କର ଯେକୌଣସି ବକ୍ତୃତା ପ୍ରକାଶିତ ହୋଇଥାଏ, ତାହା ଆଗ୍ରହର ସହିତ ପାଠ କରୁଥାଏ । ଏହିଭଳି ଭାବରେ ସ୍ୱାମୀଜୀ ଭାରତରେ ପଦାର୍ପଣ କରିବା ପରଠାରୁ ସିଂହଳ ବା ମାନ୍ଦ୍ରାଜରେ ଯାହା କିଛି କହିଥିଲେ, ସେସମସ୍ତ ପ୍ରାୟ ପାଠ କରିଥିଲି । ଏତଦ୍‌ବ୍ୟତୀତ ଆଲମ୍‌ବଜାର ମଠକୁ ଯାଇ ତାଙ୍କର ଗୁରୁଭ୍ରାତାମାନଙ୍କ ନିକଟରୁ ଏବଂ ମଠକୁ ଯାତାୟାତ କରୁଥିବା ବନ୍ଧୁବାନ୍ଧବଙ୍କ ନିକଟରୁ ସ୍ୱାମୀଜୀଙ୍କ ସମ୍ବନ୍ଧରେ ଅନେକ କଥା ଶୁଣିଥିଲି ଓ ଶୁଣୁଥିଲି । ବିଭିନ୍ନ ସଂପ୍ରଦାୟର ମୁଖପତ୍ରସମୂହ ଯଥା—ବଙ୍ଗବାସୀ, ଅମୃତବଜାର, ହୋପ୍, ଥିଓଜଫିଷ୍ଟ ପ୍ରଭୃତି, ଯାହାର ଯେଭଳି ଭାବନା, ତଦନୁସାରେ କେହି ବିଦ୍ରୂପ ଛଳରେ, କେହି ଉପଦେଶ-ଦାନ ଛଳରେ, କେହି ବା ମୁରବ୍ବିଆଲି ଦେଖାଇ ତାଙ୍କ ସମ୍ବନ୍ଧରେ ଯେ ଯାହା କିଛି ଲେଖୁଥିଲେ, ତାହା ମଧ୍ୟ ଜାଣିବାକୁ କିଛି ବାକି ରଖି ନ ଥିଲି ।

ଆଜି ସେହି ସ୍ୱାମୀ ବିବେକାନନ୍ଦ ଶିଆଲଦହ ଷ୍ଟେସନରେ ତାଙ୍କ ଜନ୍ମଭୂମି କଲିକତା ନଗରୀରେ ପଦାର୍ପଣ କରିବେ, ଆଜି ତାଙ୍କ ଶ୍ରୀମୂର୍ତ୍ତି-ଦର୍ଶନରେ ଚକ୍ଷୁକର୍ଣ୍ଣର ବିବାଦ ଭଞ୍ଜନ ହେବ; ତେଣୁ ପ୍ରତ୍ୟୁଷରୁ ଉଠି ଶିଆଲଦହ ଷ୍ଟେସନରେ ଯାଇ ଉପସ୍ଥିତ ହେଲି । ଏତେ ପ୍ରତ୍ୟୁଷରୁ ମଧ୍ୟ ସ୍ୱାମୀଜୀଙ୍କ ଅଭ୍ୟର୍ଥନା ପାଇଁ ବହୁଲୋକଙ୍କର ସମାଗମ ହୋଇଥାଏ । ଅନେକ ପରିଚିତ ବ୍ୟକ୍ତିଙ୍କ ସହିତ ସାକ୍ଷାତ୍ ହେଲା; ସ୍ୱାମୀଜୀଙ୍କ ସଂପର୍କରେ କଥାବାର୍ତ୍ତା ହେବାକୁ ଲାଗିଲା । ଦେଖିଲି, ଇଂରେଜୀରେ ମୁଦ୍ରିତ ଦୁଇ ଖଣ୍ଡି ପ୍ରଶସ୍ତିପତ୍ର ବିତରଣ କରାଯାଉଛି । ପଢ଼ି ଦେଖିଲି, ଲଣ୍ଡନବାସୀ ଓ ଆମେରିକାବାସୀ ଶିଷ୍ୟବୃନ୍ଦ ବିଦାୟ କାଳରେ ତାଙ୍କର ଗୁଣଗ୍ରାମ ବର୍ଣ୍ଣନା କରି ତାଙ୍କ ପ୍ରତି କୃତଜ୍ଞତାସୂଚକ ଯେଉଁ ଅଭିନନ୍ଦନପତ୍ରଦ୍ୱୟ ପ୍ରଦାନ କରିଥିଲେ, ଏ ଦୁଇ ଖଣ୍ଡି ତାହାର ଅନୁଲିପି । କ୍ରମେ ସ୍ୱାମୀଜୀ-ଦର୍ଶନାର୍ଥୀ ଦଳେ ଦଳେ ଆସି ଜୁଟି ହେବାକୁ ଲାଗିଲେ । ଷ୍ଟେସନ-ପ୍ଲାଟଫର୍ମ ଲୋକାରଣ୍ୟ ହୋଇଗଲା । ସମସ୍ତେ ପରସ୍ପରକୁ ସାଗ୍ରହରେ ପଚରାପଚରି

---

୧ ସ୍ୱାମୀ ଶୁଦ୍ଧାନନ୍ଦଙ୍କ ଲିଖିତ ପ୍ରବନ୍ଧ : ୧୩୨୦ ସାଲ ଆଷାଢ଼ ମାସର 'ଉଦ୍‌ବୋଧନ'ରେ ପ୍ରକାଶିତ ।

କରୁଥାଆନ୍ତି, ସ୍ୱାମୀଜୀଙ୍କ ଆସିବା ଆଉ କେତେ ବିଳମ୍ବ ? ଶୁଣାଗଲା, ସେ ଗୋଟିଏ ସ୍ପେଶାଲ ଟ୍ରେନରେ ଆସିବେ, ପହଞ୍ଚିବାରେ ଆଉ ବିଳମ୍ବ ନାହିଁ । ହେଇଟି, ଗାଡ଼ିର ଶବ୍ଦ ଶୁଣାଯାଉଛି, କ୍ରମେ ସଶବ୍ଦ ଟ୍ରେନଟି ପ୍ଲାଟଫର୍ମରେ ପ୍ରବେଶ କଲା ।

ସ୍ୱାମୀଜୀ ଯେଉଁ ଡବାରେ ଥିଲେ, ସେ ଡବା ଯେଉଁ ସ୍ଥାନରେ ଆସି ଲାଗିଲା, ସୌଭାଗ୍ୟ-କ୍ରମେ ମୁଁ ଠିକ୍ ତା'ର ସମ୍ମୁଖରେ ଠିଆ ହୋଇଥିଲି । ଯେମିତ ଗାଡ଼ି ଠିଆ ହେଲା ଦେଖିଲି, ସ୍ୱାମୀଜୀ ଠିଆ ହୋଇ ସମବେତ ଜନତାଙ୍କୁ କର ଯୋଡ଼ି ପ୍ରଣାମ କଲେ । ଏହି ଗୋଟିଏ ପ୍ରଣାମରୁ ସ୍ୱାମୀଜୀ ମୋର ହୃଦୟ ଆକର୍ଷଣ କରିନେଲେ । ସେତେବେଳେ ଟ୍ରେନ୍ ମଧ୍ୟସ୍ଥ ସ୍ୱାମୀଜୀଙ୍କ ମୂର୍ତ୍ତି ମୋଟାମୋଟି ଦେଖିନେଲି । ତାହାପରେ ଅଭ୍ୟର୍ଥନା ସମିତିର ଶ୍ରୀଯୁକ୍ତ ନରେନ୍ଦ୍ରନାଥ ସେନ୍ ପ୍ରମୁଖ ବ୍ୟକ୍ତିଗଣ ଆସି ତାଙ୍କୁ ଟ୍ରେନରୁ ପାଛୋଟି ନେଇ ଅଳ୍ପ ଦୂରରେ ରହିଥିବା ଗୋଟିଏ ଘୋଡ଼ାଗାଡ଼ିରେ ବସାଇଲେ । ଅନେକେ ସ୍ୱାମୀଜୀଙ୍କୁ ପ୍ରଣାମ ଓ ତାଙ୍କ ପଦଧୂଳି ଗ୍ରହଣ କରିବାକୁ ଅଗ୍ରସର ହେଲେ । ସେଠାରେ ଖୁବ୍ ଭିଡ଼ ଜମିଗଲା । ଏଣେ ଦର୍ଶକ-ମାନଙ୍କ ଅନ୍ତରରୁ ସ୍ୱତଃ 'ଜୟ ସ୍ୱାମୀ ବିବେକାନନ୍ଦଜୀ କି ଜୟ', 'ଜୟ ରାମକୃଷ୍ଣ ପରମହଂସ ଦେବ କି ଜୟ'—ଏହି ଆନନ୍ଦଧ୍ୱନି ଉତ୍ଥିତ ହେବାକୁ ଲାଗିଲା । ମୁଁ ମଧ୍ୟ ପ୍ରାଣ ଭରି ସେହି ଆନନ୍ଦଧ୍ୱନିରେ ଯୋଗ ଦେଇ ଜନତା ସହିତ ଅଗ୍ରସର ହେବାକୁ ଲାଗିଲି । କ୍ରମେ ଯେତେ-ବେଳେ ଷ୍ଟେସନ ବାହାରେ ଆସି ପହଞ୍ଚିଲି, ସେତେବେଳେ ଦେଖିଲି, ଅନେକଗୁଡ଼ିଏ ଯୁବକ ସ୍ୱାମୀଜୀଙ୍କ ଗାଡ଼ିରୁ ଘୋଡ଼ାଙ୍କୁ ଫିଟାଇଦେଇ ନିଜେ ଗାଡ଼ି ଟାଣି ନେଇଯିବା ପାଇଁ ଅଗ୍ରସର ହେଉଛନ୍ତି । ମୁଁ ମଧ୍ୟ ସେମାନଙ୍କ ସଙ୍ଗରେ ଯୋଗ ଦେବାକୁ ଚେଷ୍ଟା କଲି, ଅତ୍ୟଧିକ ଭିଡ଼ ହେତୁ ପାରିଲି ନାହିଁ । ସୁତରାଂ ସେ ଚେଷ୍ଟା ତ୍ୟାଗ କରି ସାମାନ୍ୟ ଦୂରରେ ରହି ସ୍ୱାମୀଜୀଙ୍କ ଗାଡ଼ି ସହିତ ଅଗ୍ରସର ହେଲି । ଷ୍ଟେସନରେ ସ୍ୱାମୀଜୀଙ୍କ ଅଭ୍ୟର୍ଥନା ପାଇଁ ଗୋଟିଏ ହରିନାମ ସଙ୍କୀର୍ତ୍ତନ-ଦଳକୁ ଦେଖିଥିଲି । ରାସ୍ତାରେ ଗୋଟିଏ ବ୍ୟାଣ୍ଡବାଜା ଦଳ ବାଦ୍ୟ ବଜାଇ ବଜାଇ ସ୍ୱାମୀଜୀଙ୍କ ସଙ୍ଗରେ ଚାଲିବାର ଦେଖିଲି । ରିପନ୍ କଲେଜ ପର୍ଯ୍ୟନ୍ତ ରାସ୍ତା ନାନାବିଧ ପତାକା, ଲତା, ପତ୍ରପୁଷ୍ପରେ ସଜ୍ଜିତ ହୋଇଥିଲା । ଗାଡ଼ି ଆସି ରିପନ୍ କଲେଜ ସମ୍ମୁଖରେ ଠିଆହେଲା । ଏଥରକ ସ୍ୱାମୀଜୀଙ୍କୁ ବେଶ୍ ପରିଷ୍କାର ରୂପେ ଦେଖିବାର ସୁଯୋଗ ପାଇଲି । ଦେଖିଲି, ସେ ମୁହଁ ବଢ଼ାଇ କୌଣସି ପରିଚିତ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା ହେଉଛନ୍ତି । ମୁଖମଣ୍ଡଳ ତପ୍ତ-କାଞ୍ଚନବର୍ଣ୍ଣ, ଯେପରିକି ଜ୍ୟୋତି ଫୁଟି ବାହାରୁଛି; ତେବେ ପଥଶ୍ରାନ୍ତ ହେତୁ କିଛିଟା ଘର୍ମାକ୍ତ ଓ ମଳିନ ହୋଇଛି ମାତ୍ର । ଦୁଇ ଖଣ୍ଡି ଗାଡ଼ି—ଗୋଟିକରେ ସ୍ୱାମୀଜୀ ଏବଂ ମିଃ ଓ ମିସେସ୍ ସେଭିଅର୍—ମାନନୀୟ ଚାରୁଚନ୍ଦ୍ର ମିତ୍ର ଏହି ଗାଡ଼ିରେ ଠିଆ ହୋଇ ହାତ ବଢ଼ାଇ ଜନତାଙ୍କୁ ନିୟନ୍ତ୍ରିତ କରୁଥାନ୍ତି । ଅନ୍ୟ ଗାଡ଼ିରେ ଗୁଡ୍‌ଉଇନ୍, ହାରିସନ୍ (ସିଂହଳଠାରୁ ସ୍ୱାମୀଜୀଙ୍କ ସଙ୍ଗୀ ହୋଇଥିବା ଜନୈକ ବୌଦ୍ଧଧର୍ମାବଲମ୍ବୀ ସାହେବ), ଜି. ଜି., କିଡି ଓ ଆଲାସିଙ୍ଗା ନାମକ ତିନି ଜଣ ମାନ୍ଦ୍ରାଜୀ ଶିଷ୍ୟ ଏବଂ ତ୍ରିଗୁଣାତୀତ ସ୍ୱାମୀ ।

ଯାହା ହେଉ, ଅଳ୍ପ ସମୟ ଗାଡ଼ି ଠିଆ ହେବା ପରେ ଅନେକଙ୍କ ଅନୁରୋଧରେ ସ୍ୱାମୀଜୀ ରିପନ୍ କଲେଜ ଭବନରେ ପ୍ରବେଶ କରି ସମବେତ ଜନତାଙ୍କୁ ସମ୍ବୋଧନ କରି ଦୁଇ

ତିନି ମିନିଟ ଇଂରାଜୀରେ ଭାଷଣ ଦେଇ ପୁଣି ଫେରିଆସି ଗାଡ଼ିରେ ବସିଲେ । ଏହା ପରେ ଆଉ ଶୋଭାଯାତ୍ରା କରାଗଲା ନାହିଁ । ଗାଡ଼ି ବାଗ୍‌ବଜାରସ୍ଥ ପଶୁପତିବାବୁଙ୍କ ବାସଭବନ ଆଡ଼କୁ ଗ୍ଳଲା । ମୁଁ ମନେ ମନେ ସ୍ୱାମୀଜୀଙ୍କୁ ପ୍ରଣାମ କରି ଘରକୁ ଫେରିଲି ।

***

ଆହାରାଦି ପରେ ମଧ୍ୟାହ୍ନରେ ଚାଁପାତଳାସ୍ଥ ଖଗେନ୍ (ସ୍ୱାମୀ ବିମଳାନନ୍ଦ)-ଙ୍କ ଗୃହକୁ ଗଲି । ସେଠାରୁ ଖଗେନ୍ ଓ ମୁଁ ଗୋଟିଏ ଟମ୍‌ଟମ୍‌ରେ ବସି ପଶୁପତି ବସୁଙ୍କ ଗୃହାଭିମୁଖରେ ଯାତ୍ରା କଲୁ । ସ୍ୱାମୀଜୀ ଉପର ମହଲରେ ବିଶ୍ରାମ କରୁଥିଲେ । ବେଶୀ ଲୋକଙ୍କୁ ଉପରକୁ ଛାଡ଼ି ଦିଆଯାଉ ନ ଥାଏ । ସୌଭାଗ୍ୟକ୍ରମେ ଆମମାନଙ୍କ ସହିତ ପରିଚିତ ସ୍ୱାମୀଜୀଙ୍କର ଅନେକ ଗୁରୁଭାଇଙ୍କର ଦେଖା ମିଳିଲା । ସ୍ୱାମୀ ଶିବାନନ୍ଦ ଆମମାନଙ୍କୁ ସ୍ୱାମୀଜୀଙ୍କ ନିକଟକୁ ନେଇଗଲେ ଏବଂ ପରିଚୟ କରାଇଦେଲେ—'ଏମାନେ ଆପଣଙ୍କର ଖୁବ୍ admirer (ମୁଗ୍ଧ ଭକ୍ତ) ।'

ସ୍ୱାମୀଜୀ ଓ ଯୋଗାନନ୍ଦ-ସ୍ୱାମୀ ପଶୁପତିବାବୁଙ୍କ ଦ୍ୱିତଳସ୍ଥ ଗୋଟିଏ ସୁସଜ୍ଜିତ ବୈଠକ-ଖାନାରେ ଲଗାଲଗି ହୋଇ ପଡ଼ିଥିବା ଦୁଇଟି ଚୌକିରେ ବସିଥିଲେ; ଅନ୍ୟ ସ୍ୱାମୀମାନେ ଉଜ୍ଜ୍ୱଳ ଗୈରିକ ବସ୍ତ୍ର ପରିଧାନ କରି ଏପାଖ-ସେପାଖରେ ବୁଲୁଥିଲେ । ତଳେ କାର୍ପେଟ ବିଛା-ଯାଇଥିଲା । ଆମେମାନେ ପ୍ରଣାମ କରି ସେହି କାର୍ପେଟ ଉପରେ ବସିଲୁ । ସେତେବେଳେ ସ୍ୱାମୀଜୀ ଯୋଗାନନ୍ଦ-ସ୍ୱାମୀଙ୍କ ସହିତ କଥାବାର୍ତ୍ତା ହେଉଥିଲେ । ଆମେରିକା, ଇଉରୋପରେ ସ୍ୱାମୀଜୀ କଅଣ ଦେଖିଲେ, ସେହି ପ୍ରସଙ୍ଗ ପଡ଼ିଥିଲା । ସ୍ୱାମୀଜୀ କହୁଥିଲେ :

ଦେଖ୍ ଯୋଗେନ୍, କଅଣ ଦେଖିଲି ଜାଣିଛୁ ?—ସମସ୍ତ ପୃଥିବୀରେ ଗୋଟିଏ ମହାଶକ୍ତି ଖେଳା କରୁଛି । ଆମମାନଙ୍କ ପିତୃପିତାମହ ତାକୁ religion (ଧର୍ମ) ଢଙ୍ଗରେ ପ୍ରକାଶ କରିଥିଲେ, ଆଉ ଆଧୁନିକ ପାଶ୍ଚାତ୍ୟଦେଶବାସୀ ତାହାକୁ ମହାରଜୋଗୁଣର କ୍ରିୟା ରୂପେ ପ୍ରକାଶିତ କରୁଛନ୍ତି । ବାସ୍ତବିକ୍ ସମଗ୍ର ଜଗତରେ ସେହି ଗୋଟିଏ ମହାଶକ୍ତିର ବିଭିନ୍ନ ଖେଳ ହିଁ ଚାଲିଛି ।

ଖଗେନ ଆଡ଼କୁ ଚାହିଁ ତାକୁ ଖୁବ୍ ରୋଗଣା ଦେଖି ସ୍ୱାମୀଜୀ କହିଲେ, 'ଏ ପିଲାଟିକୁ ଭାରି sickly (ରୁଗ୍‌ଣ) ଦେଖୁଛି ଯେ '

ସ୍ୱାମୀ ଶିବାନନ୍ଦ ଉତ୍ତର ଦେଲେ, 'ଏ ଅନେକ ଦିନରୁ କ୍ରମାଗତ chronic dys-pepsia (ଅଜୀର୍ଣ୍ଣରୋଗ) ଭୋଗୁଛି ।'

ସ୍ୱାମୀଜୀ କହିଲେ, 'ଆମର ବଙ୍ଗଳା ଦେଶଟା ଅତ୍ୟନ୍ତ sentimental (ଭାବପ୍ରବଣ) ତ, ସେଥିପାଇଁ ଏଠାରେ ଏତେ dyspepsia (ଅଜୀର୍ଣ୍ଣ ରୋଗ) ।'

ଅଳ୍ପ କିଛି ସମୟ ପରେ ଆମେ ପ୍ରଣାମ କରି ଉଠି ଘରକୁ ଫେରିଲୁ ।

***

ସ୍ୱାମୀଜୀ ଓ ତାଙ୍କ ଶିଷ୍ୟ ମିଷ୍ଟର ଓ ମିସେସ୍ ସେଭିଅର୍ କାଶୀପୁରସ୍ଥ ସ୍ୱର୍ଗୀୟ ଗୋପାଳଲାଲ ଶୀଲ୍‌ଙ୍କ ଉଦ୍ୟାନ-ଭବନରେ ଅବସ୍ଥାନ କରୁଥିଲେ । ସ୍ୱାମୀଜୀଙ୍କ ମୁହଁରୁ କଥା ଭଲରୂପେ ଶୁଣିବା ଲାଗି ସେହି ସ୍ଥାନକୁ ବିଭିନ୍ନ ବନ୍ଧୁବାନ୍ଧବଙ୍କ ସଙ୍ଗରେ ଧରି ଉକଟଭାବନ

ଯାଇଥିଲି । ସେଥିମଧ୍ୟରୁ ଯାହା କିଛି ସ୍ମରଣ ହେଉଛି, ବର୍ତ୍ତମାନ ତାହା ବର୍ଣ୍ଣନା କରିବାକୁ ଚେଷ୍ଟା କରିବି ।

ସ୍ୱାମୀଜୀଙ୍କ ସହିତ ମୋର ସାକ୍ଷାତ୍ କଥୋପକଥନ ପ୍ରଥମେ ଏହି ଉଦ୍ୟାନଭବନରେ ଗୋଟିଏ କକ୍ଷରେ ହୋଇଥିଲା । ସ୍ୱାମୀଜୀ ଆସି ବସିଥିଲେ, ମୁଁ ଯାଇ ପ୍ରଣାମ କରି ବସିଲି । ସେଠାରେ ଆଉ କେହି ନ ଥିଲେ । ହଠାତ୍ କେଜାଣି 'କାହିଁକି ସ୍ୱାମୀଜୀ ମୋତେ ପଚାରିଲେ, 'ତୁ ତମାଖୁ ଖାଉ ?' ମୁଁ କହିଲି, 'ଆଜ୍ଞା, ନା ।'

ତାହା ଶୁଣି ସ୍ୱାମୀଜୀ କହିଲେ, 'ହଁ, ଅନେକେ କହନ୍ତି—ତମାଖୁ ଖାଇବା ଭଲ ନୁହେଁ—ମୁଁ ବି ଛାଡ଼ିବାକୁ ଚେଷ୍ଟା କରୁଛି ।'

ଅନ୍ୟ ଗୋଟିଏ ଦିନ ସ୍ୱାମୀଜୀଙ୍କ ପାଖକୁ ଜଣେ ବୈଷ୍ଣବ ଆସିଥିଲେ, ତାଙ୍କ ସହିତ ସ୍ୱାମୀଜୀ କଥାବାର୍ତ୍ତା ହେଉଥିଲେ । ମୁଁ ଟିକିଏ ଦୂରରେ ରହିଥାଏ, ସେଠାରେ ଆଉ କେହି ନ ଥାନ୍ତି । ସ୍ୱାମୀଜୀ କହିଲେ, 'ବାବାଜୀ, ଆମେରିକାରେ ମୁଁ ଥରେ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ବକ୍ତୃତା ଦେଇଥିଲି । ସେହି ବକ୍ତୃତା ଶୁଣି ଅଗାଧ ଐଶ୍ୱର୍ଯ୍ୟର ଅଧିକାରିଣୀ ଜଣେ ପରମାସୁନ୍ଦରୀ ଯୁବତୀ ସର୍ବସ୍ୱ ତ୍ୟାଗ କରି ଗୋଟିଏ ନିର୍ଜନ ଦ୍ୱୀପକୁ ଯାଇ କୃଷ୍ଣଧ୍ୟାନରେ ଉନ୍ମତ୍ତ ହୋଇଉଠିଲେ ।' ତାହାପରେ ସ୍ୱାମୀଜୀ ତ୍ୟାଗ ସମ୍ପର୍କରେ କହିବାକୁ ଲାଗିଲେ, 'ଯେଉଁସବୁ ଧର୍ମ-ସମ୍ପ୍ରଦାୟରେ ତ୍ୟାଗଭାବର ପ୍ରଚୁର ସୁସ୍ପଷ୍ଟଭାବରେ ନାହିଁ, ସେହି ସମ୍ପ୍ରଦାୟର ଅତି ଶୀଘ୍ର ଅବନତି ହୋଇଥାଏ—ଯଥା, ବଲ୍ଲଭାଚାର୍ଯ୍ୟ ସମ୍ପ୍ରଦାୟ ।

ଆଉ ଗୋଟିଏ ଦିନ ଯାଇଥିଲି । ଦେଖିଲି, ଅନେକଗୁଡ଼ିଏ ଲୋକ ବସିଛନ୍ତି ଏବଂ ଜଣେ ଯୁବକଙ୍କୁ ଲକ୍ଷ୍ୟ କରି ସ୍ୱାମୀଜୀ କଥା କହୁଛନ୍ତି । ଯୁବକଟି ବେଙ୍ଗଲ ଥିଓଜଫିକାଲ୍ ସୋସାଇଟିର ଗୃହରେ ରହେ । ସେ କହୁଛି, 'ମୁଁ ନାନା ସମ୍ପ୍ରଦାୟର ଲୋକଙ୍କ ନିକଟକୁ ଯାଉଛି; କିନ୍ତୁ ସତ୍ୟ କଅଣ, ତାହା ନିର୍ଣ୍ଣୟ କରିପାରୁ ନାହିଁ ।'

ସ୍ୱାମୀଜୀ ଅତି ସ୍ନେହପୂର୍ଣ୍ଣ ସ୍ୱରରେ କହିଲେ, 'ଦେଖ ବାବା, ମୋର ମଧ୍ୟ ଦିନେ ତୁମରି ଭଳି ଅବସ୍ଥା ଥିଲା; ତେବେ ତୁମର ଭାବନା କଅଣ ? ଭିନ୍ନ ଭିନ୍ନ ଲୋକ ତୁମକୁ କଅଣ ସବୁ କହିଛନ୍ତି ଏବଂ ତୁମେ କିପରି କଅଣ କରିଛ, ତାହା କୁହ ତ ଦେଖି ।'

ଯୁବକ କହିବାକୁ ଲାଗିଲେ, "ମହାଶୟ, ଆମ ସୋସାଇଟିରେ ଭବାନୀଶଙ୍କର ନାମକ ଜଣେ ପଣ୍ଡିତ ଅଛନ୍ତି । ମୂର୍ତ୍ତିପୂଜାଦ୍ୱାରା ଆଧ୍ୟାତ୍ମିକ ଉନ୍ନତିରେ ଯେ ବିଶେଷ ସହାୟତା ମିଳେ, ସେ ମୋତେ ତାହା ସୁନ୍ଦରରୂପେ ବୁଝାଇ ଦେଇଥିଲେ । ମୁଁ ମଧ୍ୟ ସେହି ଅନୁସାରେ କେତେକ ଦିନ ଖୁବ୍ ପୂଜା ଅର୍ଚ୍ଚନା କଲି; ମାତ୍ର ସେଥିରେ ଶାନ୍ତି ପାଇଲି ନାହିଁ । ସେହି ସମୟରେ ଜଣେ ମୋତେ ଉପଦେଶ ଦେଲେ, 'ମନଟାକୁ ଏକାବେଳକେ ଶୂନ୍ୟ କରିବାର ଚେଷ୍ଟା କରି ଦେଖ, ତାହାହେଲେ ପରମ ଶାନ୍ତି ପାଇବ ।' ମୁଁ କେତେକ ଦିନ ସେହି ଚେଷ୍ଟା କରିବାକୁ ଲାଗିଲି; କିନ୍ତୁ ସେଥିରେ ମଧ୍ୟ ମୋ ମନ ଶାନ୍ତ ହେଲା ନାହିଁ । ବର୍ତ୍ତମାନ ମଧ୍ୟ ମୁଁ ଗୋଟିଏ

ଘରେ କବାଟ ଝରକା ବନ୍ଦ କରି ଯେତେ ସମସ୍ତ ସମ୍ଭବ ବସି ରହୁଛି; କିନ୍ତୁ କୌଣସିମତେ ଶାନ୍ତିଲାଭ ହେଉ ନାହିଁ । କହିପାରିବେ କି, କିପରି ଶାନ୍ତି ପାଇବି ?"

ସ୍ୱାମୀଜୀ ସ୍ନେହପୂର୍ଣ୍ଣ ସ୍ୱରରେ କହିଲେ, 'ବାବା, ମୋ କଥାଟି ଯଦି ଶୁଣିବ, ତେବେ ପ୍ରଥମେ ତୁମକୁ ତୁମ ଘରର କବାଟଟି ଖୋଲି ରଖିବାକୁ ହେବ । ତୁମର ଘର ପାଖରେ, ପାଢ଼ି ମଧ୍ୟରେ କେତେ ଯେ ଅଭାବଗ୍ରସ୍ତ ଲୋକ ଅଛନ୍ତି, ତୁମକୁ ସେମାନଙ୍କର ଯଥାସାଧ୍ୟ ସେବା କରିବାକୁ ହେବ । ଯେ ପୀଡ଼ିତ, ତାକୁ ଔଷଧପତ୍ର ଯୋଗାଡ଼ କରି ଆଣି ଦେବ ଏବଂ ନିଜେ ସେବାଶୁଶ୍ରୂଷା କରିବ । ଯେ ଖାଇବାକୁ ପାଉ ନାହିଁ, ତାକୁ ଖୁଆଇବ । ଯେ ଅଜ୍ଞାନ, ତୁମେ ଯେ ଏତେ ଲେଖାପଢ଼ା ଶିଖିଛ, ମୁହେଁ ମୁହେଁ ଯେତେ ଦୂର ସମ୍ଭବ ତାକୁ ବୁଝାଇଦେବ । ମୋର ପରାମର୍ଶ ଯଦି ଶୁଣ, ତେବେ ଏହିଭଳି ଯଥାସାଧ୍ୟ ଲୋକଙ୍କର ସେବା କରିପାରିଲେ ତୁମେ ମନରେ ଶାନ୍ତି ପାଇବ ।'

ଯୁବକଟି କହିଲେ, 'ଆଚ୍ଛା ମହାଶୟ, ଧରାଯାଉ, ମୁଁ ଜଣେ ରୋଗୀର ସେବା କରିବାକୁ ଗଲି; କିନ୍ତୁ ତା' ପାଇଁ ରାତି ଅନିଦ୍ରା ହୋଇ, ଠିକ୍ ସମୟରେ ନ ଖାଇ, ଶରୀର ଉପରେ ଅତ୍ୟାଚାର କରି ମୁଁ ନିଜେ ଯଦି ରୋଗରେ ପଡ଼େ ?'

ସ୍ୱାମୀଜୀ ଏପର୍ଯ୍ୟନ୍ତ ଯୁବକଟି ସହିତ ସ୍ନେହପୂର୍ଣ୍ଣ ସ୍ୱରରେ ସହାନୁଭୂତିର ସହିତ କଥା-ବାର୍ତ୍ତା କରୁଥିଲେ । ଏହି ଶେଷ କଥାଟିରେ ସେ କିଛିଏ ବିରକ୍ତ ହେଲା ପରି ବୋଧ ହେଲେ । ସେ ବିଦ୍ରୂପ ସ୍ୱରରେ କହିଉଠିଲେ—ଦେଖ ବାବା, ରୋଗୀର ସେବା କରିବାକୁ ଗଲେ ତୁମେ ନିଜେ ରୋଗର ଆଶଙ୍କା କରୁଛ, କିନ୍ତୁ ତୁମର କଥାବାର୍ତ୍ତା ଶୁଣି ଏବଂ ଗତିବିଧି ଦେଖି ମୋର ବୋଧ ହେଉଛି ଏବଂ ଏଠାରେ ଯେଉଁମାନେ ଉପସ୍ଥିତ ଅଛନ୍ତି, ସେମାନେ ବେଶ୍ ବୁଝି-ପାରୁଛନ୍ତି ଯେ, ତୁମେ କୌଣସି ସମୟରେ ଏଭଳି ଭାବରେ ରୋଗୀ ସେବା କରିବ ନାହିଁ, ଯଦ୍ଦ୍ୱାରା କି ତୁମେ ନିଜେ ରୋଗରେ ପଡ଼ିଯିବ ।'

ଯୁବକଟି ସହିତ ଆଉ ବିଶେଷ କିଛି କଥାବାର୍ତ୍ତା ହେଲା ନାହିଁ ।

ଆଉ ଥରେ ମାଷ୍ଟର* ମହାଶୟଙ୍କ ସହିତ କଥାବାର୍ତ୍ତା ଚାଲିଥିଲା । ମାଷ୍ଟର ମହାଶୟ କହିଲେ, 'ତୁମେ ଯେ ଦୟା, ପରୋପକାର ବା ଜୀବସେବା କଥା କହୁଛ, ତାହା ତ ମାୟାରାଜ୍ୟର କଥା । ଯେତେବେଳେ ବେଦାନ୍ତ ମତରେ ମାନବର ଚରମ ଲକ୍ଷ୍ୟ ମୁକ୍ତିଲାଭ —ସମସ୍ତ ମାୟାର ବନ୍ଧନ ଛେଦନ, ସେତେବେଳେ ଏସବୁ ମାୟାଜଞ୍ଜାଳରେ ଲିପ୍ତ ହେବା ପାଇଁ ଲୋକଙ୍କୁ ଏଭଳି ଉପଦେଶ ଦେବାରେ ଫଳ କଅଣ ?'

ସ୍ୱାମୀଜୀ ବିନ୍ଦୁମାତ୍ର ଚିନ୍ତା ନ କରି ଉତ୍ତର ଦେଲେ, 'ମୁକ୍ତିଟା କଅଣ ମାୟାର ଅନ୍ତର୍ଗତ ନୁହେଁ ? ଆତ୍ମା ତ ନିତ୍ୟମୁକ୍ତ, ପୁଣି ତାହାର ମୁକ୍ତି ପାଇଁ ଚେଷ୍ଟା କାହିଁକି ?'

ମାଷ୍ଟର ମହାଶୟ ଚୁପ୍ କରି ରହିଲେ ।

ଥମାସ୍ ଆ କେମ୍ପିସ୍‌ଙ୍କ 'Imitation of Christ' ( ଈଶାନୁସରଣ ) ପ୍ରସଙ୍ଗ

* 'ଶ୍ରୀଶ୍ରୀରାମକୃଷ୍ଣକଥାମୃତ'ର ପ୍ରଣେତା ଶ୍ରୀମ ।

ଉଠିଲା । ସ୍ୱାମୀଜୀ ସଂସାର ତ୍ୟାଗ କରିବା ପୂର୍ବରୁ ଏହି ଗ୍ରନ୍ଥଖଣ୍ଡିକର ଚର୍ଚ୍ଚା ବିଶେଷ ଭାବରେ କରିଥିଲେ ଏବଂ ବରାହନଗର ମଠରେ ଅବସ୍ଥାନ କରିବା ସମୟରେ ତାଙ୍କର ଗୁରୁଭାଇମାନେ ସ୍ୱାମୀଜୀଙ୍କ ଦୃଷ୍ଟାନ୍ତରେ ଏହି ଗ୍ରନ୍ଥଖଣ୍ଡିକ ସାଧକ-ଜୀବନର ବିଶେଷ ସହାୟକ ଜ୍ଞାନ କରି ସଦାସର୍ବଦା ତା'ର ଆଲୋଚନା କରୁଥିଲେ । ସ୍ୱାମୀଜୀ ଏହି ଗ୍ରନ୍ଥର ଏଭଳି ଅନୁରାଗୀ ଥିଲେ ଯେ, ତଦାନୀନ୍ତନ 'ସାହିତ୍ୟ କଳ୍ପଦ୍ରୁମ' ନାମକ ମାସିକପତ୍ରରେ ଏହାର ଗୋଟିଏ ସୂଚନା ଲେଖି 'ଈଶାନୁସରଣ' ନାମରେ ଧାରାବାହିକ ଅନୁବାଦ ପ୍ରକାଶ କରିବାକୁ ଆରମ୍ଭ କରିଥିଲେ । ଉପସ୍ଥିତ ଲୋକଙ୍କ ଭିତରୁ ଜଣେ ବୋଧହୁଏ ଉକ୍ତ ଗ୍ରନ୍ଥ ଉପରେ ସ୍ୱାମୀଜୀଙ୍କ କି ଧାରଣା ଅଛି, ତାହା ଜାଣିବା ପାଇଁ, ଏହା ଭିତରେ ଦୀନତାର ଯେଉଁ ଉପଦେଶ ଅଛି, ସେହି ପ୍ରସଙ୍ଗ ଉତ୍ଥାପନ କଲେ ଏବଂ କହିଲେ, 'ନିଜକୁ ଏହିପରି ଏକାନ୍ତ ହୀନ ଭାବି ନ ପାରିଲେ ଆଧ୍ୟାତ୍ମିକ ଉନ୍ନତି କିପରି ବା ସମ୍ଭବପର ହେବ ?' ସ୍ୱାମୀଜୀ ତାହା ଶୁଣି କହିବାକୁ ଲାଗିଲେ—'ଆମେ ପୁଣି ହୀନ କେଉଁଥିରେ ? ଆମମାନଙ୍କର ପୁଣି ଅନ୍ଧକାର କେଉଁଠି ? ଆମେ ଯେ ଜ୍ୟୋତିଃ-ରାଜ୍ୟରେ ବାସ କରୁଛୁ, ଆମେ ଯେ ଜ୍ୟୋତିର ତନୟ ।'

ତାହାଙ୍କର ଏହିଭଳି ପ୍ରତ୍ୟୁତ୍ତରରେ ବୁଝିଲି, ସ୍ୱାମୀଜୀ ଉକ୍ତ ଗ୍ରନ୍ଥୋକ୍ତ ପ୍ରାଥମିକ ସାଧନ-ସୋପାନ ଅତିକ୍ରମ କରି ସାଧନ-ରାଜ୍ୟର କେତେ ଉଚ୍ଚ ଭୂମିରେ ଉପନୀତ ହୋଇଛନ୍ତି !

ଆମେମାନେ ବିଶେଷ ଭାବରେ ଲକ୍ଷ୍ୟ କଲୁ ସଂସାରର ଅତି ସାମାନ୍ୟ ଘଟଣା ମଧ୍ୟ ତାଙ୍କର ତୀକ୍ଷ୍ଣ ଦୃଷ୍ଟିକୁ ଅତିକ୍ରମ କରିପାରୁ ନ ଥିଲା; ଏବଂ ତାହାର ସହାୟତାରେ ସେ ଉଚ୍ଚ ଧର୍ମଭାବ ପ୍ରଚାରର ଚେଷ୍ଟା କରୁଥିଲେ ।

ଶ୍ରୀଶ୍ରୀରାମକୃଷ୍ଣଦେବଙ୍କ ଭ୍ରାତୃଷ୍ପୁତ୍ର ଶ୍ରୀଯୁକ୍ତ ରାମଲାଲ ଚଟ୍ଟୋପାଧ୍ୟାୟ, ମଠର ପ୍ରାଚୀନ ସାଧୁଗଣ ଯାହାଙ୍କୁ 'ରାମଲାଲ-ଦାଦା' ବୋଲି ସମ୍ବୋଧନ କରୁଥିଲେ, ଦକ୍ଷିଣେଶ୍ୱରରୁ ଦିନେ ସ୍ୱାମୀଜୀଙ୍କ ସହିତ ଦେଖା କରିବାକୁ ଆସିଥିଲେ । ସ୍ୱାମୀଜୀ ଖଣ୍ଡିଏ ଚୌକି ଅଣାଇ ବସିବାକୁ ତାଙ୍କୁ ଅନୁରୋଧ କଲେ ଏବଂ ନିଜେ ପଦଚାରଣ କରିବାକୁ ଲାଗିଲେ । ଶ୍ରଦ୍ଧାବନମ୍ର ଦାଦା ସେଥିରେ ଟିକିଏ ସଂକୁଚିତ ହୋଇ କହିଲେ, 'ଆପଣ ବସନ୍ତୁ ।' ସ୍ୱାମୀଜୀ କିନ୍ତୁ କୌଣସିମତେ ଛାଡ଼ିବାର ପାତ୍ର ନୁହନ୍ତି । ଅନେକ କହି ବୋଲି ଦାଦାଙ୍କୁ ଚୌକିରେ ବସାଇଲେ ଏବଂ ନିଜେ ପଦଚାରଣ କରୁ କରୁ କହିଲେ, 'ଗୁରୁବତ୍ ଗୁରୁପୁତ୍ରେଷୁ ।'

ଅନେକଗୁଡ଼ିଏ ଛାତ୍ର ଆସିଥିଲେ । ସ୍ୱାମୀଜୀ ଖଣ୍ଡିଏ ଚୌକିରେ ଖୋଲା ଜାଗାରେ ବସିଥିଲେ । ସ୍ୱାମୀଜୀଙ୍କ ପାଖକୁ ଆସି ତାଙ୍କଠାରୁ ଦୁଇ ପଦ କଥା ଶୁଣିବାକୁ ସମସ୍ତେ ଉଦ୍‌ଗ୍ରୀବ, ଅଥଚ ସେଠାରେ ଆଉ କୌଣସି ଆସନ ନାହିଁ, ଯେଉଁଠାରେ କି ପିଲାମାନଙ୍କୁ ବସିବା ପାଇଁ କୁହାଯିବ । ଫଳରେ ସେମାନଙ୍କୁ ଭୂମିରେ ବସିବାକୁ ପଡ଼ିଲା । ସ୍ୱାମୀଜୀ ବୋଧହୁଏ ଭାବୁଥିଲେ, ବସିବା ପାଇଁ ଏମାନଙ୍କୁ କୌଣସି ଆସନ ଦେଇପାରିଲେ ଭଲ ହୁଅନ୍ତା । ମାତ୍ର ମନେହେଲା, ତାଙ୍କ ହୃଦୟରେ ଯେପରି ଅନ୍ୟ ଭାବର ଉଦୟ ହେଲା । ସେ କହିଉଠିଲେ, 'ବେଶ୍, ତୁମେମାନେ ଠିକ୍ ଆସନ ଗ୍ରହଣ କରିଛ, ଟିକିଏ ତପସ୍ୟା କରିବା ଭଲ ।'

ଆମ ସାହୁର ଚଣ୍ଡୀଚରଣ ବର୍ଦ୍ଧନଙ୍କୁ ଦିନେ ସାଙ୍ଗରେ ଧରି ଯାଇଥିଲି । ଚଣ୍ଡୀବାବୁ Hindhu Boys' School (ହିନ୍ଦୁ ବାଳକ ସ୍କୁଲ) ନାମକ ଗୋଟିଏ ଗ୍ରେଡ ବିଦ୍ୟାଳୟର ସ୍ୱତ୍ୱାଧିକାରୀ; ସେଥିରେ ଇଂରେଜୀ ସ୍କୁଲର ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟାପନା କରାଯାଏ । ସେ ଆଗରୁ ଖୁବ୍ ଈଶ୍ୱରାନୁରାଗୀ ଥିଲେ; ପରେ ସ୍ୱାମୀଜୀଙ୍କ ବକ୍ତୃତାଦି ପାଠ କରି ତାହାଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୋଇଉଠିଲେ ।

ଚଣ୍ଡୀବାବୁ ଆସି ସ୍ୱାମୀଜୀଙ୍କୁ ଭକ୍ତିଭାବରେ ପ୍ରଣାମ କରି ପଚାରିଲେ 'ସ୍ୱାମୀଜୀ, କେଉଁଭଳି ବ୍ୟକ୍ତିଙ୍କୁ ଗୁରୁ କରାଯାଇପାରେ ?'

ସ୍ୱାମୀଜୀ କହିଲେ, 'ଯେ ତୁମର ଭୂତ ଭବିଷ୍ୟତ କହିଦେଇପାରିବେ, ସେ ହିଁ ତୁମର ଗୁରୁ; ଦେଖୁ ନାହିଁ, ମୋ ଗୁରୁ ମୋର ଭୂତ ଭବିଷ୍ୟତ ସମସ୍ତ କହିଦେଇଥିଲେ ?'

ଚଣ୍ଡୀବାବୁ ପୁଣି ପଚାରିଲେ, 'ଆଚ୍ଛା ସ୍ୱାମୀଜୀ, କୌପୀନ ଧାରଣ କଲେ କ'ଣ କାମଦମନରେ ବିଶେଷ ସହାୟତା ମିଳେ ?'

ସ୍ୱାମୀଜୀ ଉତ୍ତର ଦେଲେ, 'ସାମାନ୍ୟ କିଛି ସାହାଯ୍ୟ ମିଳିପାରେ; କିନ୍ତୁ ଯେତେବେଳେ ଏ ବୃତ୍ତି ପ୍ରବଳ ହୋଇଉଠେ, ସେତେବେଳେ କୌପୀନ କ'ଣ ତାହାକୁ ଅଟକାଇ ପାରିବ ? ମନଟା ଭଗବାନଙ୍କଠାରେ ଏକାବେଳକେ ତନ୍ମୟ ହୋଇ ନ ଗଲେ କୌଣସି ବାହ୍ୟ ଉପାୟରେ କାମ କଦାପି ଯାଏ ନାହିଁ । ତେବେ କ'ଣ ଜାଣ—ଯେପର୍ଯ୍ୟନ୍ତ ଲୋକେ ସେହି ଅବସ୍ଥା ସମ୍ପୂର୍ଣ୍ଣ ଲାଭ ନ କରିଛନ୍ତି, ସେପର୍ଯ୍ୟନ୍ତ ନାନା ବାହ୍ୟ ଉପାୟ ଅବଲମ୍ବନର ଚେଷ୍ଟା ସ୍ୱଭାବତଃ କରିଥାଆନ୍ତି । ମୋର ଥରେ ଏତେଦୂର କାମର ଉଦୟ ହୋଇଥିଲା ଯେ, ମୁଁ ନିଜ ଉପରେ ମହାବିରକ୍ତ ହୋଇ ନିଆଁ ଉହ୍ଲେଇ ଉପରେ ବସି ପଡ଼ିଥିଲି । ଶେଷରେ ସେହି ଘା ଶୁଖିବାକୁ ଅନେକ ଦିନ ଲାଗିଥିଲା ।'

ଚଣ୍ଡୀବାବୁ ଟିକିଏ ଭାବପ୍ରବଣ ପ୍ରକୃତିର ଲୋକ ଥିଲେ । ହଠାତ୍ ପୂର୍ବୋକ୍ତ ଭାବରେ ଉତ୍ତେଜିତ ହୋଇ ଉଠି ଚିତ୍କାର୍ କରି ଇଂରାଜୀରେ କହିଲେ, 'Oh Great Teacher, tear up the veil of hipocrisy and teach the world the one thing needful—how to conquer lust.'*

ସ୍ୱାମୀଜୀ ଚଣ୍ଡୀବାବୁଙ୍କୁ ଶାନ୍ତ ଓ ଆଶ୍ୱସ୍ତ କରାଇଲେ ।

ପରେ Edward Carpenterଙ୍କ ପ୍ରସଙ୍ଗ ପଡ଼ିଲା । ସ୍ୱାମୀଜୀ କହିଲେ, 'ଲଣ୍ଡନରେ ସେ ଅନେକ ସମୟରେ ମୋ ପାଖକୁ ଆସି ବସି ରହୁଥିଲେ; ଆଉ ଅନେକ Socialist Democrat ପ୍ରଭୃତି ଆସୁଥିଲେ । ସେମାନେ ବେଦାନ୍ତୋକ୍ତ ଧର୍ମରେ ନିଜ ନିଜ ମତର ପୋଷକତା ପାଇ ବେଦାନ୍ତ ପ୍ରତି ଖୁବ୍ ଆକୃଷ୍ଟ ହୋଇଥିଲେ ।'

ସ୍ୱାମୀଜୀ ସେହି କାର୍‌ପେଣ୍ଟର ସାହେବଙ୍କ 'Adam's Peak to Elephanta' ନାମକ ପୁସ୍ତକ ଖଣ୍ଡିକ ପଢ଼ିଥିଲେ । ଏଥିରକି ଉକ୍ତ ପୁସ୍ତକରେ ମୁଦ୍ରିତ ଚଣ୍ଡୀବାବୁଙ୍କ ଛବିର

* ହେ ଆଚାର୍ଯ୍ୟବର ! ଆମର କପଟତାର ଆବରଣ ଛିନ୍ନ କରିଦିଅନ୍ତୁ, ଏବଂ ବିଶ୍ୱକୁ କାମଜୟର ରହସ୍ୟ ଶିକ୍ଷା ଦିଅନ୍ତୁ ।

କଥା ତାଙ୍କ ମନରେ ଖେଳିଗଲା । ସେ କହିଲେ, 'ଆପଣଙ୍କ ଚେହେରା ତ ବହିରେ ଆଗରୁ ଦେଖିଛୁ ।' ଆଉ କିଛି ସମୟ କଥାବାର୍ତ୍ତା ପରେ ସନ୍ଧ୍ୟା ହୋଇ ଆସିବାରୁ ସ୍ୱାମୀଜୀ ବିଶ୍ରାମ ନେବା ପାଇଁ ଉଠିଲେ । ସେତେବେଳେ ଚଣ୍ଡୀବାବୁଙ୍କୁ ସମ୍ବୋଧନ କରି କହିଲେ, 'ଚଣ୍ଡୀବାବୁ, ଆପଣମାନେ ତ ଅନେକ ପିଲାଙ୍କ ସମ୍ପର୍କରେ ଆସୁଛନ୍ତି; ମୋତେ କେତେ ଜଣ ସୁନ୍ଦର ପିଲା ଦେଇପାରିବେ ?' ଚଣ୍ଡୀବାବୁ ବୋଧହୁଏ କିଛିଏ ଅନ୍ୟମନସ୍କ ହୋଇପଡ଼ିଥିଲେ । ସ୍ୱାମୀଜୀଙ୍କ କଥାର ସମ୍ପୂର୍ଣ୍ଣ ମର୍ମ ଗ୍ରହଣ କରି ନ ପାରି ସ୍ୱାମୀଜୀ ଯେତେବେଳେ ବିଶ୍ରାମ ଗୃହମଧ୍ୟକୁ ପ୍ରବେଶ କରୁଥିଲେ, ସେତେବେଳେ ତାଙ୍କ ପାଖକୁ ଯାଇ ପ୍ରଶ୍ନ କଲେ, 'ସୁନ୍ଦର ପିଲାଙ୍କ କଥା କ'ଣ କହୁଥିଲେ ?'

ସ୍ୱାମୀଜୀ କହିଲେ, 'ଚେହେରା ଦେଖିବାକୁ ସୁନ୍ଦର, ଏଭଳି ପିଲା ମୁଁ ଚାହୁଁ ନାହିଁ— ମୁଁ ଚାହୁଁଛି, ବେଶ୍ ସୁସ୍ଥ ଶରୀର, କର୍ମଠ, ସତ୍‌ପ୍ରକୃତିର କେତେଗୁଡ଼ିଏ ପିଲା; ସେମାନଙ୍କୁ ଶିକ୍ଷା ଦେବି—ଯଦ୍ଵାରା କି ସେମାନେ ନିଜର ମୁକ୍ତି-ସାଧନ ପାଇଁ ଏବଂ ଜଗତର କଲ୍ୟାଣ-ସାଧନ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ।'

ଆଉ ଦିନେ ଯାଇ ଦେଖିଲି, ସ୍ୱାମୀଜୀ ଇତସ୍ତତଃ ହେଉଅଛନ୍ତି, ଶ୍ରୀଯୁକ୍ତ ଶରତ୍‌ଚନ୍ଦ୍ର ଚକ୍ରବର୍ତ୍ତୀ* ସ୍ୱାମୀଜୀଙ୍କ ସହିତ ଖୁବ୍ ପରିଚିତ ଭାବରେ ଆଳାପ କରୁଛନ୍ତି । ସ୍ୱାମୀଜୀଙ୍କୁ ଗୋଟିଏ ପ୍ରଶ୍ନ ପଚାରିବା ପାଇଁ ମୋର ଅତ୍ୟନ୍ତ କୌତୂହଳ ଜାତ ହେଲା । ପ୍ରଶ୍ନଟି ହେଲା : ଅବତାର ଏବଂ ମୁକ୍ତ ବା ସିଦ୍ଧପୁରୁଷଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ? ସ୍ୱାମୀଜୀଙ୍କ ନିକଟରେ ଏହି ପ୍ରଶ୍ନଟିକୁ ଉତ୍ଥାପିତ କରିବା ପାଇଁ ଶରତ୍‌ବାବୁଙ୍କୁ ଆମେ ବିଶେଷ ଅନୁରୋଧ କରିବାରୁ ସେ ଅଗ୍ରସର ହୋଇ ତାହା ପଚାରିଥିଲେ । ଆମେମାନେ ଶରତ୍‌ବାବୁଙ୍କ ପଛେ ପଛେ ସ୍ୱାମୀଜୀଙ୍କ ପାଖକୁ ଯାଇ ସେ ପ୍ରଶ୍ନର କି ଉତ୍ତର ଦେବେ, ତାହା ଶୁଣିବାକୁ ଲାଗିଲୁ । ସ୍ୱାମୀଜୀ ଉକ୍ତ ପ୍ରଶ୍ନର ସାକ୍ଷାତ୍ ସମ୍ବନ୍ଧରେ କୌଣସି ଉତ୍ତର ନ ଦେଇ କହିଲେ, 'ବିଦେହ ମୁକ୍ତି ଯେ ସର୍ବୋଚ୍ଚ ଅବସ୍ଥା—ଏହା ହିଁ ମୋର ସିଦ୍ଧାନ୍ତ । ତେବେ ମୁଁ ସାଧନାବସ୍ଥାରେ ଯେତେବେଳେ ଭାରତର ବିଭିନ୍ନ ଅଞ୍ଚଳ ଭ୍ରମଣ କରୁଥିଲି, ସେତେବେଳେ କେତେ ନିର୍ଜନ ଗୁହାରେ ବସି କେତେ ସମୟ କଟାଇଛି, କେତେ ଥର ମୁକ୍ତିଲାଭ ହେଲା ନାହିଁ ବୋଲି ପ୍ରାୟୋପବେଶନ କରି ଦେହତ୍ୟାଗ କରିବାର ସଂକଳ୍ପ କରିଛି, କେତେ ଧ୍ୟାନ, କେତେ ସାଧନ-ଭଜନ କରିଛି; ମାତ୍ର ବର୍ତ୍ତମାନ ଆଉ ମୁକ୍ତି-ଲାଭ ପାଇଁ ସେ ବିକଟାଗ୍ରହ ଆଗ୍ରହ ନାହିଁ । ଏବେ କେବଳ ମନେହେଉଛି, ଯେତେଦିନ ପର୍ଯ୍ୟନ୍ତ ପୃଥିବୀର ଜଣେ ଲୋକ ମଧ୍ୟ ଅମୁକ୍ତ ରହିଛି, ସେତେଦିନ ଯାଏ ମୋ ନିଜର ମୁକ୍ତିର କୌଣସି ପ୍ରୟୋଜନ ନାହିଁ ।'

ମୁଁ ସ୍ୱାମୀଜୀଙ୍କର ଏହି କଥା ଶୁଣି ତାଙ୍କ ହୃଦୟର ଅପାର କରୁଣା କଥା ଭାବି ବିସ୍ମିତ ହୋଇପଡ଼ିଲି । ଆଉ ମଧ୍ୟ ଭାବିଲି, ଏ କ'ଣ ନିଜ ଦୃଷ୍ଟାନ୍ତ ଦେଇ ଅବତାର-ପୁରୁଷଙ୍କ ଲକ୍ଷଣ ବୁଝାଇଦେଲେ ? ଏ କ'ଣ ଜଣେ ଅବତାର ? ପୁଣି ମନେହେଲା, ସ୍ୱାମୀଜୀ ବର୍ତ୍ତମାନ

* 'ସ୍ୱାମୀଜୀ-ଶିଷ୍ୟ-ସମ୍ବାଦ'ର ପ୍ରଣେତା

ମୁକ୍ତ ହୋଇଗଲେଣି; ତେଣୁ ବୋଧହୁଏ ମୁକ୍ତି ବିଷୟରେ ତାଙ୍କର ଆଉ ଆଗ୍ରହ ନାହିଁ ।

ଆଉ ଦିନେ ମୁଁ ଓ ଖଗେନ (ସ୍ୱାମୀ ବିମଳାନନ୍ଦ) ସନ୍ଧ୍ୟା ପରେ ଯାଇଥିଲୁ । ଠାକୁରଙ୍କ ଭକ୍ତ ହରମୋହନ ବାବୁ ଆମମାନଙ୍କୁ ସ୍ୱାମୀଜୀଙ୍କ ସହିତ ବିଶେଷଭାବରେ ପରିଚିତ କରାଇଦେବା ଉଦ୍ଦେଶ୍ୟରେ କହିଲେ, 'ସ୍ୱାମୀଜୀ, ଏମାନେ ଆପଣଙ୍କର ଖୁବ୍ admirer (ଭକ୍ତ) ଏବଂ ଖୁବ୍ ବେଦାନ୍ତ ଆଲୋଚନା କରନ୍ତି ।' ସ୍ୱାମୀଜୀ ବେଦାନ୍ତର କଥା ଶୁଣିବାମାତ୍ରକେ ପ୍ରଶ୍ନ କଲେ, 'ଉପନିଷଦ୍ କିଛି ପଢ଼ିଛ ?'

ମୁଁ କହିଲି, 'ଆଜ୍ଞା ହଁ, ସାମାନ୍ୟ କିଛି ଦେଖିଛି ।'

ସ୍ୱାମୀଜୀ : କେଉଁ ଉପନିଷଦ୍ ପଢ଼ିଛ ?

ମୁଁ : କଠ ଉପନିଷଦ୍ ପଢ଼ିଛି ।

ସ୍ୱାମୀଜୀ : ଆଚ୍ଛା, କଠ ହିଁ କୁହ । କଠ ଉପନିଷଦ୍ ଖୁବ୍ grand—କବିତ୍ୱପୂର୍ଣ୍ଣ ।

ମୁଁ : କଠ-ଟା ମୁଖସ୍ଥ ନାହିଁ; ଗୀତାରୁ କିଛି ବୋଲିବି ?

ସ୍ୱାମୀଜୀ : ଆଚ୍ଛା, ବୋଲ ।

ଗୀତାର ଏକାଦଶ ଅଧ୍ୟାୟର ଶେଷଭାଗସ୍ଥ 'ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ତ୍ୟା' ଠାରୁ ଆରମ୍ଭ କରି ଅର୍ଜୁନଙ୍କର ସମସ୍ତ ସ୍ତବ ଗାଇଗଲି ।

ଶୁଣିସାରି ସ୍ୱାମୀଜୀ ଉତ୍ସାହ ଦେବା ଲାଗି 'ବେଶ୍, ବେଶ୍' କହିଲେ । ଏହାର ପରଦିନ ବନ୍ଧୁବର ରାଜେନ୍ଦ୍ରନାଥ ଘୋଷଙ୍କୁ ସଙ୍ଗରେ ଧରି ସ୍ୱାମୀଜୀଙ୍କ ଦର୍ଶନ ପାଇଁ ଯାଇଥିଲି । ରାଜେନଙ୍କୁ କହିଥିଲି, 'ଭାଇ, କାଲି ସ୍ୱାମୀଜୀଙ୍କ ନିକଟରେ ଉପନିଷଦ୍ ଲାଗି ଖୁବ୍ ଅପ୍ରସ୍ତୁତ ହୋଇଛି । ତୁମ ପାଖରେ କିଛି ଉପନିଷଦ୍ ଅଛି ତ ପକେଟରେ ଧରି ଚାଲ । ଯଦି କାଲି ଭଳି ଉପନିଷଦ୍ କଥା ଉଠାନ୍ତି ତ ତାହାହେଲେ ତାକୁଇ ପଢ଼ିଲେ ଚଳିବ ।' ରାଜେନଙ୍କ ପାଖରେ ପ୍ରସନ୍ନକୁମାର ଶାସ୍ତ୍ରୀଙ୍କ କୃତ ଖଣ୍ଡିଏ ଈଶକେନକଠାଦି ଉପନିଷଦ୍ ଓ ତାହାର ବଙ୍ଗାନୁବାଦର ପକେଟ ସଂସ୍କରଣ ଥିଲା । ସେ ଖଣ୍ଡିକ ପକେଟରେ ପୁରାଇ ଗଲୁ । ଆଜି ଅପରାହ୍ଣରେ ବହୁତ ଲୋକ ବସିଥିଲେ । ଯାହା ଭାବିଥିଲି, ତାହା ହିଁ ହେଲା । ଆଜି ମଧ୍ୟ, କିଭଳି ଠିକ୍ ମନେ ନାହିଁ—କଠ ଉପନିଷଦ୍‌ର ପ୍ରସଙ୍ଗ ଉଠିଲା । ମୁଁ ତତ୍‌କ୍ଷଣାତ୍ ପକେଟରୁ ବାହାର କରି ଉପନିଷଦ୍ ଖଣ୍ଡିକ ପ୍ରଥମରୁ ପଢ଼ିବାକୁ ଆରମ୍ଭ କଲି । ପାଠ ମଝିରେ ସ୍ୱାମୀଜୀ ନଚିକେତାଙ୍କ ଶ୍ରଦ୍ଧାର କଥା—ଯେଉଁ ଶ୍ରଦ୍ଧାବଳରେ ସେ ନିର୍ଭୀକ ଚିତ୍ତରେ ଯମଭବନକୁ ଯିବାକୁ ମଧ୍ୟ ସାହସୀ ହୋଇଥିଲେ—ତାହା କହିବାକୁ ଲାଗିଲେ । ଯେତେବେଳେ ନଚିକେତାଙ୍କ ଦ୍ୱିତୀୟ ବର ସ୍ୱର୍ଗପ୍ରାପ୍ତି କଥା ପଢ଼ାହେଲା, ସେତେବେଳେ ସେହି ସ୍ଥାନଟା ବେଶୀ ନ ପଢ଼ି କିଛି କିଛି ଛାଡ଼ିଦେଇ ତୃତୀୟ ବରର ସ୍ଥାନଟା ପଢ଼ିବାକୁ ନିର୍ଦ୍ଦେଶ ଦେଲେ ।

ନଚିକେତା କହୁଛନ୍ତି, ମୃତ୍ୟୁ ପରେ ଲୋକଙ୍କର ସନ୍ଦେହ—ଦେହ ଗଲେ କିଛି ରହେ କି ନାହିଁ, ତା'ପରେ ଯମଙ୍କର ନଚିକେତାଙ୍କୁ ପ୍ରଲୋଭନ-ପ୍ରଦର୍ଶନ ଓ ନଚିକେତାଙ୍କର ଦୃଢ଼ଭାବରେ ସେସବୁର ପ୍ରତ୍ୟାଖ୍ୟାନ । ଏହିସମସ୍ତ ବିଷୟର କେତେକ ଅଂଶ ପଢ଼ାହେଲା ପରେ ସ୍ୱାମୀଜୀ ତାଙ୍କର ସ୍ୱଭାବସୁଲଭ ଓଜସ୍ୱିନୀ ଭାଷାରେ ଏ ସମ୍ବନ୍ଧରେ କେତେ କ'ଣ

କହୁଗଲେ ।...

କିନ୍ତୁ ଏହି ଦୁଇ ଦିନର ଉପନିଷଦ୍ ପ୍ରସଙ୍ଗରେ ସ୍ୱାମୀଜୀଙ୍କର ଉପନିଷଦ୍ ପ୍ରତି ଶ୍ରଦ୍ଧା ଓ ଅନୁରାଗର କିଯଦଂଶ ମୋ ମଧ୍ୟରେ ସଞ୍ଚାରିତ ହୋଇଯାଇଥିଲା । କାରଣ ତା'ପରଠାରୁ ଯେତେବେଳେ ସୁଯୋଗ ପାଇଛି, ପରମ ଶ୍ରଦ୍ଧାର ସହିତ ଉପନିଷଦ୍ ଅଧ୍ୟୟନ କରିବାର ଚେଷ୍ଟା କରିଛି ଏବଂ ଏବେ ମଧ୍ୟ କରୁଛି । ବିଭିନ୍ନ ସମୟରେ ତାଙ୍କ ମୁଖରୁ ଉଚ୍ଚାରିତ ଅପୂର୍ବ ସ୍ୱର, ଲୟ, ତାଲ ଓ ତେଜସ୍ୱିତାର ସହିତ ପଠିତ ଉପନିଷଦ୍‌ର ଗୋଟିଏ ଗୋଟିଏ ମନ୍ତ୍ର ଯେପରିକି ବର୍ତ୍ତମାନ ମଧ୍ୟ ଦିବ୍ୟ କର୍ଣ୍ଣରେ ଶୁଣିବାକୁ ପାଏ । ଯେତେବେଳେ ପରଚର୍ଚ୍ଚାରେ ମଗ୍ନ ରହି ଆତ୍ମଚର୍ଚ୍ଚା ଭୁଲିଯାଏ, ସେତେବେଳେ କର୍ଣ୍ଣକୁହରରେ ବାଜିଉଠେ—ତାଙ୍କର ସେହି ସୁପରିଚିତ କିନ୍ନର-କଣ୍ଠୋଚ୍ଚାରିତ ଉପନିଷଦୁକ୍ତ ବାଣୀର ଦିବ୍ୟ ଗମ୍ଭୀର ଘୋଷଣା—

'ତମେବୈକଂ ଜାନଥ ଆତ୍ମାନମ୍ ଅନ୍ୟା ବାଚୋ ବିମୁଞ୍ଚଥାମୃତସ୍ୟୈଷ ସେତୁଃ ।'[୧]

—ସେହି ଏକମାତ୍ର ଆତ୍ମାକୁ ଜାଣ, ଅନ୍ୟ ବାକ୍ୟସବୁ ପରିତ୍ୟାଗ କର; ସେହି ହିଁ ଅମୃତର ସେତୁ ।

ଯେତେବେଳେ ଆକାଶ ଘୋରଘନଚ୍ଛନ୍ନ ହୋଇ ବିଦ୍ୟୁଲ୍ଲତା ଚମକୁଥାଏ, ସେତେବେଳେ ଯେପରି ଶୁଣିବାକୁ ପାଏ—ସ୍ୱାମୀଜୀ ସେହି ଆକାଶସ୍ଥ ସୌଦାମିନୀ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହୁଛନ୍ତି :

'ନ ତତ୍ର ସୂର୍ଯ୍ୟୋ ଭାତି ନ ଚନ୍ଦ୍ରତାରକମ୍
ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମଗ୍ନିଃ ।
ତମେବ ଭାନ୍ତମନୁଭାତି ସର୍ବଂ
ତସ୍ୟ ଭାସା ସର୍ବମିଦଂ ବିଭାତି ।'[୨]

—ସେଠାରେ ସୂର୍ଯ୍ୟ ପ୍ରକାଶ ପାଏ ନାହିଁ; ଚନ୍ଦ୍ର ତାରା ମଧ୍ୟ ନୁହନ୍ତି; ଏହି ସମସ୍ତ ବିଦ୍ୟୁତ୍ ମଧ୍ୟ ସେଠାରେ ପ୍ରକାଶ ପାଏ ନାହିଁ—ଆଉ ଏହି ସାମାନ୍ୟ ଅଗ୍ନି କଥା ବା କ'ଣ ? ସେ ପ୍ରକାଶିତ ହେବାରୁ ତାହାଙ୍କ ପଶ୍ଚାତ୍‌ରେ ସମୁଦାୟ ପ୍ରକାଶିତ ହେଉଅଛି—ତାଙ୍କର ପ୍ରକାଶରେ ଏସମସ୍ତ ପ୍ରକାଶିତ ହେଉଛି ।

ଅଥବା ଯେତେବେଳେ ତତ୍ତ୍ୱଜ୍ଞାନକୁ ସୁଦୂରପରାହତ ମନେକରି ହୃଦୟ ହତାଶରେ ଆଚ୍ଛନ୍ନ ହୋଇପଡ଼େ, ସେତେବେଳେ ମୋତେ ଯେପରିକି ଶୁଭେ—ସ୍ୱାମୀଜୀ ଆନନ୍ଦୋତ୍ଫୁଲ୍ଲମୁଖରେ ଉପନିଷଦ୍‌ର ଏହି ଆଶ୍ୱାସବାଣୀ ଆବୃତ୍ତି କରୁଛନ୍ତି :

ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରା
ଆ ଯେ ଧାମାନି ଦିବ୍ୟାନି ତସ୍ଥୁଃ ।

ବେଦାହମେତଂ ପୁରୁଷଂ ମହାନ୍ତମ୍
ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ।

---

୧ ମୁଣ୍ଡକ ଉପ., ୨।୨।୫, ୨ କଠୋପନିଷଦ୍, ୨।୨।୧୫

ତମେବ ବିଦିତ୍ୱାଽତିମୃତ୍ୟୁମେତି
ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।*

—ହେ ଅମୃତର ପୁତ୍ରଗଣ, ହେ ଦିବ୍ୟଧାମନିବାସୀଗଣ, ତୁମେମାନେ ଶୁଣ ! ମୁଁ ସେହି ମହାନ୍ ପୁରୁଷଙ୍କୁ ଜାଣିଛି—ଯେ ଆଦିତ୍ୟଙ୍କ ପରି ଜ୍ୟୋତିର୍ମୟ ଓ ଅଜ୍ଞାନାନ୍ଧକାରର ଅତୀତ । ତାହାଙ୍କୁ ଜାଣିଲେ ହିଁ ଲୋକ ମୃତ୍ୟୁକୁ ଅତିକ୍ରମ କରେ—ମୁକ୍ତିର ଆଉ ଦ୍ୱିତୀୟ ପନ୍ଥା ନାହିଁ ।

***

୧୮୯୭ ଖ୍ରୀଷ୍ଟାବ୍ଦ ଅପ୍ରେଲ ମାସର ଶେଷଭାଗ । ଆଲମ୍‌ବଜାର ମଠ । ମାତ୍ର ଗୁରି ପାଞ୍ଚ ଦିନ ହେଲା ଘର ଛାଡ଼ି ଆସି ମଠରେ ରହିଛି । ପୁରାତନ ସନ୍ନ୍ୟାସୀମାନଙ୍କ ମଧ୍ୟରେ ସ୍ୱାମୀ ନିର୍ମଳାନନ୍ଦ ଓ ସ୍ୱାମୀ ସୁବୋଧାନନ୍ଦ ମାତ୍ର ଅଛନ୍ତି । ସ୍ୱାମୀଜୀ ଦାର୍ଜିଲିଂରୁ ଆସିବେ—ସଙ୍ଗରେ ସ୍ୱାମୀ ବ୍ରହ୍ମାନନ୍ଦ, ସ୍ୱାମୀ ଯୋଗାନନ୍ଦ, ସ୍ୱାମୀଜୀଙ୍କ ମାନ୍ଦ୍ରାଜୀ ଶିଷ୍ୟ ଆଲସିଙ୍ଗା ପେରୁମଲ, ଜିଡି, ଜି. ଜି. ପ୍ରଭୃତି ।

ସ୍ୱାମୀ ନିତ୍ୟାନନ୍ଦ ଅଳ୍ପ କେତେଦିନ ହେଲା ସ୍ୱାମୀଜୀଙ୍କ ନିକଟରୁ ସନ୍ନ୍ୟାସ-ବ୍ରତରେ ଦୀକ୍ଷିତ ହୋଇଛନ୍ତି । ସେ ସ୍ୱାମୀଜୀଙ୍କୁ କହିଲେ, 'ଏବେ ଅନେକ ନୂତନ ନୂତନ ବାଳକ ସଂସାର ତ୍ୟାଗ କରି ମଠବାସୀ ହେଉଛନ୍ତି; ସେମାନଙ୍କ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ନିୟମରେ ଶିକ୍ଷା-ଦାନର ବ୍ୟବସ୍ଥା କଲେ ଖୁବ୍ ଭଲ ହୁଅନ୍ତା ।'

ସ୍ୱାମୀଜୀ ତାଙ୍କର ଅଭିପ୍ରାୟକୁ ଅନୁମୋଦନ କରି କହିଲେ, 'ହଁ, ହଁ—ଗୋଟାଏ ନିୟମ କରିବା ବାସ୍ତବିକ ଠିକ୍ ହେବ । ସମସ୍ତଙ୍କୁ ଡାକ ।' ସମସ୍ତେ ଆସି ବଡ଼ଘରେ ଏକତ୍ରିତ ହେଲେ । ସ୍ୱାମୀଜୀ କହିଲେ, 'ଜଣେ କେହି ଲେଖିଯାଅ, ମୁଁ କହୁଛି ।' ସେତେବେଳେ ଏ ତାକୁ ସେ ତାକୁ ଆଗକୁ ଠେଲିବାକୁ ଲାଗିଲେ, କେହି ଆଗକୁ ଯାଉ ନ ଥାନ୍ତି; ଶେଷରେ ମୋତେ ଆଗକୁ ଠେଲିଦେଲେ । ସେତେବେଳେ ମଠରେ ଲେଖାପଢ଼ା ଉପରେ ସାଧାରଣତଃ ଗୋଟାଏ ବିତୃଷ୍ଣା ଥିଲା । ସାଧନ-ଭଜନ କରି ଭଗବାନଙ୍କୁ ସାକ୍ଷାତ୍ ଉପଲବ୍ଧି କରିବା—ଏହା ହିଁ ସାର; ଆଉ ଲେଖାପଢ଼ା—ସେଥିରେ ଯଶଖ୍ୟାତିଲାଭର ଇଚ୍ଛା ଉଦ୍ରେକ ହେବ, ଯେଉଁମାନେ ଭଗବାନଙ୍କଦ୍ୱାରା ଆଦିଷ୍ଟ ହୋଇ ପ୍ରଚାରକାର୍ଯ୍ୟାଦି କରିବେ, ସେମାନଙ୍କ ପକ୍ଷରେ ଆବଶ୍ୟକ ହେଲେ ମଧ୍ୟ ସାଧକମାନଙ୍କ ପକ୍ଷରେ ଏହାର ପ୍ରୟୋଜନ ତ ନାହିଁ, ବରଂ ଏହା ହାନିକର—ଏହି ଧାରଣା ପ୍ରବଳ ଥିଲା । ଯାହା ହେଉ, ଆଗରୁ କହିଛି, ମୁଁ କେତେକ ପରିମାଣରେ forward (ଅଗ୍ରଗାମୀ) ଓ ବେପରୁଆ ଥିଲି । ମୁଁ ଅଗ୍ରସର ହେଲି । ସ୍ୱାମୀଜୀ ଥରେ ଶୂନ୍ୟକୁ ଗୁହିଁ ପଚାରିଲେ, 'ଏ କଅଣ ରହିବ ?' (ଅର୍ଥାତ୍ ମୁଁ କଅଣ ମଠରେ ବ୍ରହ୍ମଚାରୀ ରୂପେ ରହିବି କିମ୍ବା ଦିନେ ଦୁଇ ଦିନ ପାଇଁ ବୁଲିବା ଲାଗି ମଠକୁ ଆସିଛି, ପୁଣି ଫେରିଯିବି ?) ସନ୍ନ୍ୟାସୀମାନଙ୍କ ମଧ୍ୟରୁ ଜଣେ କହିଲେ, 'ହଁ ।' ସେତେବେଳକୁ ମୁଁ କାଗଜ କଲମ ପ୍ରଭୃତି ଠିକ୍ କରି ଗଣେଶଙ୍କର ଆସନ ଗ୍ରହଣ କରିସାରିଲିଣି । ନିୟମଗୁଡ଼ିକ କହିବା ପୂର୍ବରୁ ସ୍ୱାମୀଜୀ

* ଶ୍ୱେତାଶ୍ୱତର ଉପ., ୨।୫; ୩।୮

କହିବାକୁ ଲାଗିଲେ, 'ଦେଖ, ଏହିସବୁ ନିୟମ କରାଯାଇଛି ସତ; କିନ୍ତୁ ପ୍ରଥମେ ଆମକୁ ବୁଝିବାକୁ ହେବ ଯେ, ଏଗୁଡ଼ିକ କରିବାର ମୂଳ ଲକ୍ଷ୍ୟ କ'ଣ ? ଆମମାନଙ୍କର ମୂଳ ଉଦ୍ଦେଶ୍ୟ ହେଉଛି—ସବୁ ନିୟମର ବାହାରକୁ ଯିବା । ତେବେ ନିୟମ-ପ୍ରଣୟନର ଅର୍ଥ ଏହି ଯେ, ଆମମାନଙ୍କର ସ୍ୱଭାବତଃ କେତେଗୁଡ଼ିଏ କୁ-ନିୟମ ରହିଛି—ସୁ-ନିୟମଦ୍ୱାରା ସେହି କୁ-ନିୟମଗୁଡ଼ିକୁ ଦୂର କରିଦେଇ ଶେଷରେ ସମସ୍ତ ନିୟମର ବାହାରକୁ ଯିବାର ଚେଷ୍ଟା କରିବାକୁ ହେବ, ଯେପରିକି କଣ୍ଟାଦ୍ୱାରା ପାଦର କଣ୍ଟା କଢ଼ାଯାଏ ଏବଂ ଶେଷରେ ଦୁଇଟିଯାକ କଣ୍ଟା ଫିଙ୍ଗିଦେବାକୁ ହୁଏ ।'

ତାହା ପରେ ନିୟମଗୁଡ଼ିକ ଲେଖା ହେବାକୁ ଲାଗିଲା । ପ୍ରାତଃ ଓ ସାୟାହ୍ନରେ ଜପ ଧ୍ୟାନ, ମଧ୍ୟାହ୍ନରେ ବିଶ୍ରାମ ପରେ ନିଜେ ନିଜେ ଶାସ୍ତ୍ରଗ୍ରନ୍ଥାଦି ଅଧ୍ୟୟନ ଓ ଅପରାହ୍ନରେ ସମସ୍ତେ ମିଶି ଜଣେ ପାଠକ ନିକଟରୁ କୌଣସି ନିର୍ଦ୍ଦିଷ୍ଟ ଶାସ୍ତ୍ର-ଗ୍ରନ୍ଥାଦି ଶ୍ରବଣ—ଏହି ବ୍ୟବସ୍ଥା କରାଗଲା । ପ୍ରତ୍ୟହ ପ୍ରାତଃକାଳରେ ଓ ଅପରାହ୍ନରେ କିଛି କିଛି ଡେଲସାର୍ଟ ବ୍ୟାୟାମ କରିବାକୁ ହେବ, ତାହା ମଧ୍ୟ ନିର୍ଦ୍ଦିଷ୍ଟ ହେଲା । ମାଦକଦ୍ରବ୍ୟ ମଧ୍ୟରେ ତମାଖୁ ବ୍ୟତୀତ ଆଉ କିଛି ଚଳିବ ନାହିଁ—ଏହି ଭାବରେ ଗୋଟିଏ ନିୟମ ଲିପିବଦ୍ଧ ହେଲା । ଶେଷରେ ସମୁଦାୟ ଲେଖା ଶେଷ କରି ସ୍ୱାମୀଜୀ କହିଲେ, 'ଦେଖ, ଟିକିଏ ଦେଖି ସୁଦ୍ଧି ନିୟମଗୁଡ଼ିକ ଭଲରୂପେ କପି କରିନିଅ । ଯଦି କୌଣସି ନିୟମ negative (ନେତିବାଚକ) ଭାବରେ ଲେଖା ହୋଇଥାଏ, ତେବେ ତାହାକୁ positive (ଅସ୍ତି ବାଚକ) କରିଦେବ ।'

ଏହି ଶେଷୋକ୍ତ ଆଦେଶ ପ୍ରତିପାଳନ କରିବାରେ ଆମମାନଙ୍କୁ ଟିକିଏ ଅସୁବିଧା ଭୋଗିବାକୁ ପଡ଼ିଥିଲା । ସ୍ୱାମୀଜୀଙ୍କର ଉପଦେଶ ଥିଲା—ଲୋକଙ୍କୁ ଖରାପ କହିବା ବା ତାଙ୍କ ବିରୋଧରେ କୁ-ସମାଲୋଚନା କରିବା, ତାହାଙ୍କ ଦୋଷ ଦେଖାଇବା, ତାହାଙ୍କୁ 'ତୁମେ ଏହା କର ନାହିଁ, ତାହା କର ନାହିଁ'—ଏଭଳି ନେତିବାଚକ ଉପଦେଶ ଦେବାଦ୍ୱାରା ତାଙ୍କର ଉନ୍ନତିରେ ବିଶେଷ ସାହାଯ୍ୟ ମିଳିବ ନାହିଁ; କିନ୍ତୁ ତାଙ୍କୁ ଯଦି ଗୋଟିଏ ଆଦର୍ଶ ଦେଖାଇ ଦିଆଯାଏ, ତାହାହେଲେ ତାଙ୍କର ସହଜରେ ଉନ୍ନତି ହୋଇପାରେ; ତାଙ୍କର ଦୋଷସବୁ ମନକୁମନ ଚାଲିଯାଏ । ଏହା ହିଁ ସ୍ୱାମୀଜୀଙ୍କର ମୂଳ କଥା । ସ୍ୱାମୀଜୀଙ୍କର ସମସ୍ତ ନିୟମ ଅସ୍ତି ବାଚକ (positive) କରିଦେବାର ଉପଦେଶରେ ମୋ ମନରେ ଏହି କଥା ହିଁ ବାରମ୍ବାର ଉଦିତ ହେବାକୁ ଲାଗିଲା; କିନ୍ତୁ ତାଙ୍କର ଆଦେଶ ମୁତାବକ ଯେତେବେଳେ ମୁଁ ସମସ୍ତ ନିୟମ-ଗୁଡ଼ିକ ମଧ୍ୟରୁ 'ନା' କଥାଟିର ସମ୍ପର୍କ ରହିତ କରିବା ପାଇଁ ଚେଷ୍ଟା କଲି, ସେତେବେଳେ ଦେଖିଲି, ଆଉ କୌଣସି ନିୟମରେ କିଛି ଗୋଳମାଳ ନାହିଁ; ମାତ୍ର ମାଦକଦ୍ରବ୍ୟ ସମ୍ବନ୍ଧୀୟ ନିୟମଟାରେ ହିଁ ଯାହା ଟିକିଏ ଅସୁବିଧା । ତାହା ପ୍ରଥମେ ଏହି ଭାବରେ ଲେଖା ହୋଇଥିଲା—'ମଠରେ ତମାଖୁ ବ୍ୟତୀତ କେହି ଅନ୍ୟ କୌଣସି ମାଦକଦ୍ରବ୍ୟ ସେବନ କରିପାରିବେ ନାହିଁ ।' ଯେତେବେଳେ ମୁଁ ଏହାର ମଧ୍ୟଗତ 'ନା' କୁ ବାଦ୍ ଦେବା ପାଇଁ ଚେଷ୍ଟା କଲି, ସେତେବେଳେ ତାହା ପ୍ରଥମେ ଏହିଭଳି ହେଲା, 'ସମସ୍ତେ ତମାଖୁ ଖାଇବେ ।' କିନ୍ତୁ ଏଭଳି ବାକ୍ୟଦ୍ୱାରା ସମସ୍ତଙ୍କ ଉପରେ (ଯେ ନ ଖାଆନ୍ତି, ତାଙ୍କ ଉପରେ ମଧ୍ୟ) ତମାଖୁ ଖାଇବାର

ବିଧି ଆସି ପଡ଼ୁଥିବାର ଦେଖି ଶେଷରେ ଅନେକ ମୁଣ୍ଡ ଖେଳାଇ ବାକ୍ୟଟିକୁ ଏହିପରି ଲେଖିଲି—'ମଠରେ କେବଳ ମାତ୍ର ତମାଖୁ ସେବନ କରିପାରିବେ ।' ଯାହାହେଉ, ବର୍ତ୍ତମାନ ମନେହେଉଛି—ଆମେ ଗୋଟାଏ ଉତ୍କଟ ଆପୋଷ କରିଥିଲୁ । ଟିକିନିଖି (detail) ଭିତରକୁ ଆସିଲେ, ବିଧି-ନିଷେଧ ମଧ୍ୟରେ ନିଷେଧଟିକୁ ଏକାବେଳକେ ଉଡ଼ାଇ ଦିଆଯାଇ ନ ପାରେ । ତେବେ ଏହା ମଧ୍ୟ ସତ୍ୟ ଯେ, ଏହି ବିଧିନିଷେଧଗୁଡ଼ିକ ଯେତେ ମୂଳ ଭାବର ଅନୁଗାମୀ ହୁଏ, ସେତେ ଅଧିକ ଉପଯୋଗିତା ଏଥିରେ ପ୍ରକାଶ ପାଏ । ସ୍ୱାମୀଜୀଙ୍କର ମଧ୍ୟ ଏହିଭଳି ଅଭିପ୍ରାୟ ଥିଲା ।

ଦିନେ ଅପରାହ୍ଣରେ ବଡ଼ଘରେ ଲୋକ ପୂର୍ଣ୍ଣ ହୋଇ ରହିଛନ୍ତି । ତନ୍ମଧ୍ୟରେ ସ୍ୱାମୀଜୀ ଅପୂର୍ବ ଶୋଭା ଧାରଣ କରି ବସିଛନ୍ତି । ନାନା ପ୍ରସଙ୍ଗ ପଡ଼ିଛି । ତା' ଭିତରେ ଆମମାନଙ୍କ ବନ୍ଧୁ ବିଜୟକୃଷ୍ଣ ବସୁ (ଆଲିପୁର ଅଦାଲତର ସ୍ୱନାମଧନ୍ୟ ଓକିଲ) ମହାଶୟ ମଧ୍ୟ ଅଛନ୍ତି । ସେତେବେଳେ ବିଜୟବାବୁ ସମୟ ସମୟରେ ନାନା ସଭାରେ, ଏପରିକି କେବେ କେବେ କଂଗ୍ରେସ ଅଧିବେଶନରେ ମଧ୍ୟ ଇଂରାଜୀ ଭାଷାରେ ବକ୍ତୃତା ଦେଉଥିଲେ । ତାଙ୍କର ଏହି ବକ୍ତୃତା -ଶକ୍ତିର କଥା କେହି ସ୍ୱାମୀଜୀଙ୍କ ନିକଟରେ ଉଲ୍ଲେଖ କରିବାରୁ ସ୍ୱାମୀଜୀ କହିଲେ; 'ତା ବେଶ୍ ବେଶ୍ । ଆଚ୍ଛା ଅନେକ ଲୋକ ଏଠାରେ ସମବେତ ହୋଇଛନ୍ତି—ଏଠାରେ ଠିଆ ହୋଇ ଟିକିଏ ବକ୍ତୃତା କର ଦେଖି । Soul (ଆତ୍ମା) ସମ୍ବନ୍ଧରେ ତୁମର ଯାହା idea (ଧାରଣା), ସେଥିରୁ କିଛି କୁହ ।' ବିଜୟବାବୁ ନାନା ଆପତ୍ତି ଉଠାଇଲେ—ସ୍ୱାମୀଜୀ ଏବଂ ଆଉ ଅନେକେ ତାଙ୍କୁ ଜୋର୍‌ଜବରଦସ୍ତି କରିବାକୁ ଲାଗିଲେ । ଅନ୍ତତଃ ପନ୍ଦର ମିନିଟ ଅନୁରୋଧ-ଉପରୋଧ ପରେ ଯେତେବେଳେ କେହି ତାଙ୍କର ସଙ୍କୋଚ ଭାଙ୍ଗିବାକୁ କୃତକାର୍ଯ୍ୟ ହେଲେ ନାହିଁ, ସେତେବେଳେ ବାଧ୍ୟ ହୋଇ ପରାଜୟ ମାନି ସେମାନଙ୍କର ଦୃଷ୍ଟି ବିଜୟବାବୁଙ୍କ ଉପରୁ ଆସି ମୋ ଉପରେ ପଡ଼ିଲା । ମୁଁ ମଠରେ ଯୋଗ ଦେବା ଆଗରୁ କେବେ କେବେ ଧର୍ମ ସମ୍ବନ୍ଧରେ ବଙ୍ଗଳା ଭାଷାରେ ଭାଷଣ ଦେଉଥିଲି; ଆଉ ଆମର ଗୋଟିଏ ଡିବେଟିଂ କ୍ଲବ ଥିଲା, ସେଥିରେ ଇଂରାଜୀରେ କହିବାର ଅଭ୍ୟାସ କରୁଥିଲି । ମୋ ସମ୍ପର୍କରେ ଏହି ସମସ୍ତ ବିଷୟ କେହି ଉଲ୍ଲେଖ କରିବାରୁ ଏଥରକ ମୋ ଉପରେ ମାଡ଼ ପଡ଼ିଲା । ମୁଁ ଆଗରୁ କହିଛି ଯେ, ମୁଁ ଅନେକଟା ବେପରୁଆ । ମୋତେ ବେଶୀ କହିବା ଦରକାର ନାହିଁ । ମୁଁ ସଙ୍ଗେସଙ୍ଗେ ଠିଆ ହୋଇଗଲି ଏବଂ ବୃହଦାରଣ୍ୟକ ଉପନିଷଦ୍‌ର ଯାଜ୍ଞବଲ୍‌କ୍ୟ-ମୈତ୍ରେୟୀ-ସମ୍ବାଦାନ୍ତର୍ଗତ ଆତ୍ମତତ୍ତ୍ୱ ବିଷୟରୁ ଆରମ୍ଭ କରି 'ଆତ୍ମା' ସମ୍ବନ୍ଧରେ ପ୍ରାୟ ଅଧଘଣ୍ଟାଏ ଧରି ଯାହା ମୁହଁକୁ ଆସିଲା କହିଗଲି । ଭାଷା ବା ବ୍ୟାକରଣଗତ ଭୁଲ ହେଉଛି କମ୍ବା ଭାବର ଅସାମଞ୍ଜସ୍ୟ ରହୁଛି, ଏସବୁକୁ ଖିଆଲ ମଧ୍ୟ କରି ନ ଥିଲି । ଦୟାର ସାଗର ସ୍ୱାମୀଜୀ ମୋର ଏହି ପ୍ରକାର ବକ୍ତବ୍ୟରେ ତିଳେ ମାତ୍ର ବିରକ୍ତ ନ ହୋଇ ମୋତେ ଖୁବ୍ ଉତ୍ସାହ ଦେବାକୁ ଲାଗିଲେ । ମୋ ପରେ ସ୍ୱାମୀଜୀଙ୍କଠାରୁ ନୂତନ ସନ୍ନ୍ୟାସାଶ୍ରମରେ ଦୀକ୍ଷିତ ପ୍ରକାଶାନନ୍ଦ ସ୍ୱାମୀ ପ୍ରାୟ ଦଶମିନିଟ ଯାଏ ଆତ୍ମତତ୍ତ୍ୱ ସମ୍ବନ୍ଧରେ କହିଲେ । ସେ ସ୍ୱାମୀଜୀଙ୍କ ବକ୍ତୃତାର ପ୍ରାରମ୍ଭର ଅନୁକରଣ କରି ବେଶ୍ ଗମ୍ଭୀର ସ୍ୱରରେ ନିଜ

ବକ୍ତବ୍ୟ କହିଗଲେ । ସ୍ୱାମୀଜୀ ତାଙ୍କ ବକ୍ତୃତାର ଖୁବ୍ ପ୍ରଶଂସା କଲେ ।

ଆହା ! ସ୍ୱାମୀଜୀ ବାସ୍ତବିକ୍ କାହାରି ଦୋଷ ଦେଖୁ ନ ଥିଲେ । ଯାହାଠାରେ ଯେଉଁ ସାମାନ୍ୟ ଗୁଣ ବା ଶକ୍ତି ଦେଖୁଥିଲେ, ତାହାକୁ ଉତ୍ସାହ ଦେଇ ଯଦ୍ଦ୍ୱାରା ତାହା ଭିତରର ଅବ୍ୟକ୍ତ ଶକ୍ତି ସମସ୍ତ ପ୍ରକାଶିତ ହୋଇପାରିବ, ତାହାର ଚେଷ୍ଟା କରୁଥିଲେ ।··· କାହୁଁ ବା ପାଇବୁ ଏଭଳି ବ୍ୟକ୍ତି, ଯେ ଶିଷ୍ୟମାନଙ୍କୁ ଲେଖିପାରିବେ—'I want each one of my children to be a hundred times greater than I could ever be. Everyone of you must be a giant—must, that is my word !'—ମୁଁ ଚାହେଁ, ତୁମ ଭିତରୁ ପ୍ରତ୍ୟେକେ, ମୁଁ ଯାହା ହୋଇପାରିଥାନ୍ତି, ତଦପେକ୍ଷା ଶତ-ଗୁଣରେ ବଡ଼ ହୁଅ । ତୁମ ଭିତରୁ ପ୍ରତ୍ୟେକଙ୍କୁ ହିଁ ଶୂରବୀର ହେବାକୁ ହେବ—ନିଶ୍ଚୟ ହେବ, ନ ହେଲେ ଚଳିବ ନାହିଁ ।

ସେହି ସମୟରେ ସ୍ୱାମୀଜୀଙ୍କ ଇଂଲଣ୍ଡରେ ପ୍ରଦତ୍ତ ଜ୍ଞାନଯୋଗ ସମ୍ବନ୍ଧୀୟ ବକ୍ତୃତା-ସମୂହ ଲଣ୍ଡନରୁ ଇ. ଟି. ଷ୍ଟର୍ଡି ସାହେବଙ୍କ ଦ୍ୱାରା କ୍ଷୁଦ୍ର କ୍ଷୁଦ୍ର ପୁସ୍ତିକାକାରରେ ମୁଦ୍ରିତ ହେଉଥାଏ—ମଠକୁ ମଧ୍ୟ ସେଥିରୁ ଖଣ୍ଡିଏ ଦୁଇଖଣ୍ଡ ପୁସ୍ତିକା ଆସୁଥାଏ । ସ୍ୱାମୀଜୀ ଦାର୍ଜିଲିଂରୁ ଫେରି ନ ଥାନ୍ତି—ମୁଁ ପରମ ଆଗ୍ରହ ସହକାରେ ସେହି ଉଦ୍ଦୀପନା-ପୂର୍ଣ୍ଣ ଅଦ୍ୱୈତତତ୍ତ୍ୱର ଅପୂର୍ବ ବ୍ୟାଖ୍ୟାସ୍ୱରୂପ ବକ୍ତୃତାଗୁଡ଼ିକ ପାଠ କରୁଥିଲି । ବୃଦ୍ଧ ସ୍ୱାମୀ ଅଦ୍ୱୈତାନନ୍ଦ ଭଲରୂପେ ଇଂରାଜୀ ଜାଣି ନ ଥିଲେ; କିନ୍ତୁ ତାଙ୍କର ବିଶେଷ ଆଗ୍ରହ, 'ନରେନ୍' ବେଦାନ୍ତ ସମ୍ବନ୍ଧରେ ବିଲାତରେ କ'ଣ କହି ଲୋକଙ୍କୁ ମୁଗ୍ଧ କରିଛି—ତାହା ଶୁଣନ୍ତେ । ତାଙ୍କ ଅନୁରୋଧରେ ମୁଁ ତାହାଙ୍କୁ ସେହି ପୁସ୍ତିକାଗୁଡ଼ିକ ପାଠ କରି ତାହାର ଅନୁବାଦ କରି ଶୁଣାଏ । ଦିନେ ସ୍ୱାମୀ ପ୍ରେମାନନ୍ଦ ନୂତନ ସନ୍ନ୍ୟାସୀ-ବ୍ରହ୍ମଚାରୀଙ୍କୁ କହିଲେ, 'ତୁମେମାନେ ସ୍ୱାମୀଜୀଙ୍କର ଏହି ବକ୍ତୃତା-ସବୁକୁ ବଙ୍ଗଳାରେ ଅନୁବାଦ କରୁ ନାହଁ ?' ସେତେବେଳେ ଆମେ ଅନେକ ନିଜ ନିଜ ଖୁସି-ମୁତାବକ ସେହି pamphlet (ପୁସ୍ତିକା)-ଗୁଡ଼ିକ ମଧ୍ୟରୁ ଯାହାର ଯେଉଁ ଖଣ୍ଡିକ ଇଚ୍ଛା, ସେହି ଖଣ୍ଡିକ ପସନ୍ଦ କରି ଅନୁବାଦ ଆରମ୍ଭ କଲୁ । ଇତିମଧ୍ୟରେ ସ୍ୱାମୀଜୀ ଆସିଗଲେ । ଦିନେ ସ୍ୱାମୀ ପ୍ରେମାନନ୍ଦ ସ୍ୱାମୀଜୀଙ୍କୁ କହିଲେ, 'ପିଲାମାନେ ତୁମର ବକ୍ତୃତାସବୁର ଅନୁବାଦ ଆରମ୍ଭ କରିଛନ୍ତି ।' ପରେ ଆମମାନଙ୍କୁ ଲକ୍ଷ୍ୟ କରି କହିଲେ, 'ତୁମେମାନେ କିଏ କ'ଣ ଅନୁବାଦ କରିଛ, ସ୍ୱାମୀଜୀଙ୍କୁ ପଢ଼ି ଶୁଣାଅ ।' ସେତେବେଳେ ସମସ୍ତେ ନିଜ ନିଜ ଅନୁବାଦ ଆଣି କିଛି କିଛି ଅଂଶ ସ୍ୱାମୀଜୀଙ୍କୁ ଶୁଣାଇଲେ । ସ୍ୱାମୀଜୀ ମଧ୍ୟ ଅନୁବାଦ ସମ୍ବନ୍ଧରେ ଗୋଟିଏ ଦୁଇଟି ମନ୍ତବ୍ୟ ପ୍ରକାଶ କଲେ—ଏହି ଶବ୍ଦର ଏହିଭଳି ଅନୁବାଦ କରାଗଲେ ସୁନ୍ଦର ହେବ; ଏପରି କେତୋଟି କଥା କହିଲେ । ଦିନେ ସ୍ୱାମୀଜୀଙ୍କ ନିକଟରେ କେବଳ ମୁଁ ରହିଛି, ସେ ହଠାତ୍ ମୋତେ କହିଲେ, 'ରାଜଯୋଗ ଖଣ୍ଡିକ ଅନୁବାଦ କରୁ ନାହୁଁ ?' ମୋ ଭଳି ଅନୁପଯୁକ୍ତ ବ୍ୟକ୍ତିକୁ ଏପରି ଆଦେଶ ସ୍ୱାମୀଜୀ କାହିଁକି କଲେ ? ମୁଁ ତାହାର ବହୁଦିନ ଆଗରୁ ରାଜଯୋଗ ଅଭ୍ୟାସ କରିବାର ଚେଷ୍ଟା କରୁଥାଏ । ଏ ଯୋଗ ଉପରେ କେତେକ ଦିନ ଏତେ ଅନୁରାଗ

ହୋଇଥିଲି ଯେ, ଭକ୍ତି, ଜ୍ଞାନ ବା କର୍ମଯୋଗକୁ ଏକପ୍ରକାର ଅବଜ୍ଞା-ଦୃଷ୍ଟିରେ ଦେଖୁଥିଲି । ମନରେ ଭାବୁଥିଲି, ମଠର ସାଧୁମାନେ ଯୋଗ ସମ୍ପର୍କରେ କିଛି ଜାଣନ୍ତି ନାହିଁ, ସେଥିପାଇଁ ସେମାନେ ଯୋଗସାଧନରେ ଉତ୍ସାହ ଦେଉ ନାହାନ୍ତି । ସ୍ୱାମୀଜୀଙ୍କର ରାଜଯୋଗ ପଢ଼ି ଧାରଣା ହେଲି ଯେ, ସ୍ୱାମୀଜୀ କେବଳ ଯେ ରାଜଯୋଗରେ ବିଶେଷ ଦକ୍ଷ, ତାହା ନୁହେଁ, ହଠ ଯୋଗ ସମ୍ବନ୍ଧରେ ମୋର ଯେଉଁସବୁ ଧାରଣା ଥିଲା, ସେସମସ୍ତ ମଧ୍ୟ ସେ ଉତ୍ତମରୂପେ ବୁଝାଇଛନ୍ତି; ତାହାଛଡ଼ା ଭକ୍ତି, ଜ୍ଞାନ ପ୍ରଭୃତି ଅନ୍ୟାନ୍ୟ ଯୋଗ ସହିତ ରାଜଯୋଗର ସମ୍ବନ୍ଧ ମଧ୍ୟ ସେ ଅତି ସୁନ୍ଦର ଭାବେ ବିବୃତ କରିଛନ୍ତି । ସ୍ୱାମୀଜୀଙ୍କ ପ୍ରତି ମୋର ବିଶେଷ ଶ୍ରଦ୍ଧାର ଏହା ଅନ୍ୟତମ କାରଣ ଥିଲା । ରାଜଯୋଗର ଅନୁବାଦ କଲେ ଉକ୍ତ ଗ୍ରନ୍ଥର ଉତ୍ତମ ଚର୍ଚ୍ଚା ହେବ ଏବଂ ତାହା ମୋର ଆଧ୍ୟାତ୍ମିକ ଉନ୍ନତିରେ ସହାୟକ ହେବ, ସେହି ଉଦ୍ଦେଶ୍ୟରେ କ'ଣ ସେ ମୋତେ ଏହି କାର୍ଯ୍ୟରେ ପ୍ରବୃତ୍ତ କରାଇଲେ ? ଅଥବା ବଙ୍ଗଦେଶରେ ଯଥାର୍ଥ ରାଜଯୋଗ-ଚର୍ଚ୍ଚାର ଅଭାବ ଦେଖି ସର୍ବସାଧାରଣଙ୍କ ମଧ୍ୟରେ ଉକ୍ତ ଯୋଗର ଯଥାର୍ଥ ମର୍ମ ପ୍ରଚାର ଉଦ୍ଦେଶ୍ୟରେ କ'ଣ ତାଙ୍କର ବିଶେଷ ଆଗ୍ରହ ହୋଇଥିଲା ? ସେ ପ୍ରମଦାଦାସ ମିତ୍ରଙ୍କୁ ଲିଖିତ ଖଣ୍ଡିଏ ଚିଠିରେ ଲେଖିଥିଲେ, 'ବଙ୍ଗଳା ଦେଶରେ ରାଜଯୋଗ ଚର୍ଚ୍ଚାର ଏକାନ୍ତ ଅଭାବ—ଯାହା ଅଛି, ତାହା ସାମାନ୍ୟ ନିଃଶ୍ୱାସ ନେବା ଛଡ଼ା ଆଉ କିଛି ନୁହେଁ ।'

ଯାହା ହେଉ, ସ୍ୱାମୀଜୀଙ୍କ ଆଦେଶରେ ନିଜର ଅନୁପଯୁକ୍ତତା ପ୍ରଭୃତିର କଥା ନ ଭାବି ତାହାର ଅନୁବାଦରେ ସଙ୍ଗେ ସଙ୍ଗେ ପ୍ରବୃତ୍ତ ହୋଇଥିଲି ।

ଦିନେ ଅପରାହ୍ଣରେ ବହୁ ଲୋକ ବସିଛନ୍ତି, ସ୍ୱାମୀଜୀଙ୍କର ଖିଆଲ ହେଲା, ଗୀତା ପାଠ କରିବାକୁ ହେବ । ତତ୍‌କ୍ଷଣାତ୍ ଗୀତା ଅଣାଗଲା । ସ୍ୱାମୀଜୀ ଗୀତା ସମ୍ବନ୍ଧରେ କ'ଣ କହିବେ, ସମସ୍ତେ ଉଦ୍‌ଗ୍ରୀବ ହୋଇ ଶୁଣିବାକୁ ବସିରହିଲେ । ଗୀତା ସମ୍ବନ୍ଧରେ ସେଦିନ ସେ ଯାହାସବୁ କହିଥିଲେ, ତାହା ଦୁଇ ଚାରି ଦିନ ପରେ ସ୍ୱାମୀ ପ୍ରେମାନନ୍ଦଙ୍କ ଆଦେଶରେ ସ୍ମରଣ କରି ଲିପିବଦ୍ଧ କରିଥିଲି । ତାହା 'ଗୀତାତତ୍ତ୍ୱ' ନାମରେ ପ୍ରଥମେ 'ଉଦ୍‌ବୋଧନ'ର ଦ୍ୱିତୀୟ ବର୍ଷରେ ପ୍ରକାଶିତ ହୋଇଥିଲା ଏବଂ ପରେ 'ଭାରତରେ ବିବେକାନନ୍ଦ' ପୁସ୍ତକରେ ଅଙ୍ଗୀଭୂତ କରାଗଲା ।*

ଯେତେବେଳେ ସ୍ୱାମୀଜୀ ଆଲୋଚନା ଆରମ୍ଭ କଲେ, ସେତେବେଳେ ସେ ଜଣେ କଠୋର ସମାଲୋଚକ—କୃଷ୍ଣାର୍ଜୁନ, ବ୍ୟାସ, କୁରୁକ୍ଷେତ୍ର ଯୁଦ୍ଧ ପ୍ରଭୃତିର ଐତିହାସିକତା ସମ୍ବନ୍ଧରେ ସନ୍ଦେହର କାରଣ-ପରମ୍ପରା ଯେତେବେଳେ ଖିନ୍‌ଭିନ୍ କରି ବିବୃତ କରିବାକୁ ଲାଗିଲେ, ସେତେବେଳେ ସମୟ ସମୟରେ ବୋଧହେଲା, ଏ ବ୍ୟକ୍ତି ନିକଟରେ ଅତି କଠୋର ସମାଲୋଚକ ମଧ୍ୟ ପରାଜିତ ହେବ । ଐତିହାସିକ ତତ୍ତ୍ୱର ଏହିଭଳି ତୀବ୍ର ବିଶ୍ଳେଷଣ କଲେ ସତ; କିନ୍ତୁ ଏ ବିଷୟରେ ସ୍ୱାମୀଜୀ ନିଜର ମତାମତ ବିଶେଷଭାବରେ କିଛି ପ୍ରକାଶ ନ କରି ପରେ ବୁଝାଇଲେ, ଧର୍ମ ସହିତ ଏହି ଐତିହାସିକ ଗବେଷଣାରେ ଶାସ୍ତ୍ରବିବୃତ ବ୍ୟକ୍ତିଗଣ କାଳ୍ପନିକ ପ୍ରତିପନ୍ନ ହେଲେ ମଧ୍ୟ ସନାତନ ଧର୍ମର ଅଙ୍ଗରେ ତଦ୍ୱାରା ଟିକିଏ ଦାଗ ବି ଲାଗିବ ନାହିଁ ।

---

* ଏହି ଗ୍ରନ୍ଥାବଳୀର ୫ମ ଖଣ୍ଡରେ ଦ୍ରଷ୍ଟବ୍ୟ

ଆଚ୍ଛା, ଯଦି ଧର୍ମସାଧନ ସହିତ ଐତିହାସିକ ଗବେଷଣାର କୌଣସି ସମ୍ପର୍କ ନ ରହିଲା, ତେବେ ଐତିହାସିକ ଗବେଷଣାର କ'ଣ କିଛି ମୂଲ୍ୟ ନାହିଁ ? ଏହି ପ୍ରଶ୍ନର ସମାଧାନରେ ସ୍ୱାମୀଜୀ ବୁଝାଇଥିଲେ, ନିର୍ଭୀକଭାବରେ ଏହି ସମସ୍ତ ଐତିହାସିକ ସତ୍ୟାନୁସନ୍ଧାନର ମଧ୍ୟ ଗୋଟାଏ ବିଶେଷ ପ୍ରୟୋଜନୀୟତା ଅଛି । ଉଦ୍ଦେଶ୍ୟ ମହାନ୍ ହେଲେ ମଧ୍ୟ ସେଥିପାଇଁ ମିଥ୍ୟା ଇତିହାସ ରଚନା କରିବାର କିଛି ହେଲେ ପ୍ରୟୋଜନ ନାହିଁ । ବରଂ ଯଦି ଲୋକେ ସମସ୍ତ ବିଷୟରେ ସତ୍ୟକୁ ସମ୍ପୂର୍ଣ୍ଣରୂପେ ଆଶ୍ରୟ କରିବା ପାଇଁ ପ୍ରାଣପଣେ ଚେଷ୍ଟା କରନ୍ତି, ତେବେ ସେମାନେ ଦିନେ ନା ଦିନେ ସତ୍ୟସ୍ୱରୂପ ଭଗବାନଙ୍କର ସାକ୍ଷାତ୍କାର ଲାଭ କରିପାରିବେ । ତତ୍ପରେ ଗୀତାର ମୂଳତତ୍ତ୍ୱସ୍ୱରୂପ ସର୍ବମତ-ସମନ୍ୱୟ ଓ ନିଷ୍କାମ କର୍ମର ବ୍ୟାଖ୍ୟା ସଂକ୍ଷେପରେ କରି ଶ୍ଳୋକ ପଢ଼ିବାକୁ ଆରମ୍ଭ କଲେ । ଦ୍ୱିତୀୟ ଅଧ୍ୟାୟର 'କ୍ଲୈବ୍ୟଂ ମାସ୍ମ ଗମଃ ପାର୍ଥ' ଇତ୍ୟାଦି ଅର୍ଜୁନଙ୍କ ପ୍ରତି ଶ୍ରୀକୃଷ୍ଣଙ୍କର ଯୁଦ୍ଧାର୍ଥ ଉତ୍ତେଜନା-ବାକ୍ୟ ପଢ଼ି ସେ ନିଜେ ସର୍ବସାଧାରଣଙ୍କୁ ଯେଉଁ ଭାବରେ ଉପଦେଶ ଦିଅନ୍ତି, ତାହା ତାଙ୍କର ମନେପଡ଼ିଗଲା—'ନୈତତ୍ତ୍ୱୟ୍ୟୁପପଦ୍ୟତେ' । ଏହା ତ ତୁମକୁ ଶୋଭାପାଏ ନାହିଁ । ତୁମେ ସର୍ବଶକ୍ତିମାନ୍, ତୁମେ ବ୍ରହ୍ମ, ତୁମଠାରେ ଯେ ନାନାପ୍ରକାର ଭାବବିକୃତି ଦେଖୁଛି, ତାହା ତ ତୁମ ପକ୍ଷରେ ଶୋଭନୀୟ ନୁହେଁ । ଦେବଦୂତଙ୍କ ଭଳି ଓଜସ୍ୱିନୀ ଭାଷାରେ ଏହି ତତ୍ତ୍ୱ ବୁଝାଉ ବୁଝାଉ ତାଙ୍କର ହୃଦୟଭିତରୁ ଯେପରିକି ତେଜ ନିର୍ଗତ ହେବାକୁ ଲାଗିଲା । ସ୍ୱାମୀଜୀ କହିବାକୁ ଲାଗିଲେ, 'ଯେତେବେଳେ ଅନ୍ୟକୁ ବ୍ରହ୍ମଦୃଷ୍ଟିରେ ଦେଖିବାକୁ ହେବ, ସେତେବେଳେ ମହାପାପୀକୁ ମଧ୍ୟ ଘୃଣା କଲେ ଚଳିବ ନାହିଁ ।' 'ମହା-ପାପୀକୁ ଘୃଣା କର ନାହିଁ'—ଏହି କଥା କହୁ କହୁ ସ୍ୱାମୀଜୀଙ୍କ ମୁଖରେ ଯେଉଁ ଭାବାନ୍ତର ହେଲା, ସେହି ଛବି ଏବେ ମଧ୍ୟ ମୋ ଅନ୍ତରରେ ଅଙ୍କିତ ହୋଇ ରହିଛି—ଯେପରିକି ତାଙ୍କ ମୁଖମଣ୍ଡଳରୁ ପ୍ରେମ ଶତଧାରାରେ ପ୍ରବାହିତ ହେବାକୁ ଲାଗିଲା । ମୁଖମଣ୍ଡଳ ପ୍ରେମରେ ଯେପରି ସରସ ହୋଇଉଠିଛି—ସେଥିରେ ଲେଶମାତ୍ର କଠୋରତାର ଚିହ୍ନ ନ ଥିଲା ।

ଏ ଗୋଟିଏ ଶ୍ଳୋକ ମଧ୍ୟରେ ସ୍ୱାମୀଜୀ ସମଗ୍ର ଗୀତାର ସାର ନିହିତ ବୋଲି କହି ଉପସଂହାରରେ କହିଲେ, 'ଏହି ଗୋଟିକ ମାତ୍ର ଶ୍ଳୋକ ପାଠ କଲେ ସମଗ୍ର ଗୀତାପାଠର ଫଳ ଲାଭ ହେବ ।'

ଦିନେ ବ୍ରହ୍ମସୂତ୍ର ଆଣିବାକୁ ନିର୍ଦ୍ଦେଶ ଦେଲେ । କହିଲେ, 'ବ୍ରହ୍ମସୂତ୍ରର ଭାଷ୍ୟ ନ ପଢ଼ି ସମସ୍ତେ ସ୍ୱାଧୀନଭାବରେ ସୂତ୍ରଗୁଡ଼ିକର ଅର୍ଥ ବୁଝିବାକୁ ଚେଷ୍ଟା କର ।' ପ୍ରଥମ ଅଧ୍ୟାୟର ପ୍ରଥମ ପାଦର ସୂତ୍ରଗୁଡ଼ିକ ପଢ଼ାହେଲା । ସ୍ୱାମୀଜୀ ଯଥାଯଥ ଭାବରେ ସଂସ୍କୃତ ଉଚ୍ଚାରଣ ଶିକ୍ଷା ଦେବାକୁ ଲାଗିଲେ । କହିଲେ, 'ସଂସ୍କୃତ ଭାଷା ଆମେ ଠିକ୍ ଉଚ୍ଚାରଣ କରିପାରୁ ନ ଥାଉଁ; ଅଥଚ ଏହାର ଉଚ୍ଚାରଣ ଏତେ ସହଜ ଯେ, ଟିକିଏ ଚେଷ୍ଟା କଲେ ସମସ୍ତେ ଶୁଦ୍ଧ ସଂସ୍କୃତ ଉଚ୍ଚାରଣ କରିପାରିବେ । ଆମେ ପିଲାଦିନରୁ ଅନ୍ୟ ପ୍ରକାର ଉଚ୍ଚାରଣ କରିବାରେ ଅଭ୍ୟସ୍ତ, ତେଣୁ ଏ ଭଳି ଉଚ୍ଚାରଣ ବର୍ତ୍ତମାନ ଆମମାନଙ୍କୁ ବିସଦୃଶ ଓ କଠିନ ବୋଧ ହେଉଅଛି । ଆମେମାନେ 'ଆତ୍ମା' ଶବ୍ଦକୁ 'ଆତ୍ମା'—ଏହିପରି ଭାବରେ ନ କରି 'ଆତ୍ଁମା' ଏହି ଭାବରେ

ଉଚ୍ଚାରଣ କରୁ କାହିଁକି ? ମହର୍ଷି ପତଞ୍ଜଳି ତାହାଙ୍କ ମହାଭାଷ୍ୟରେ କହିଛନ୍ତି, ଅପଶବ୍ଦ-ଉଚ୍ଚାରଣକାରୀମାନେ ମ୍ଳେଚ୍ଛ—ଆମେ ସମସ୍ତେ ତ ପତଞ୍ଜଳିଙ୍କ ମତରେ ମ୍ଳେଚ୍ଛ ହୋଇଛେ ।' ତତ୍ପରେ ନୂତନ ବ୍ରହ୍ମଚାରୀ ସନ୍ନ୍ୟାସୀବୃନ୍ଦ ଗୋଟିଏ ଗୋଟିଏ କରି ଯଥାସାଧ୍ୟ ଠିକ୍ ଠିକ୍ ଉଚ୍ଚାରଣପୂର୍ବକ ବ୍ରହ୍ମସୂତ୍ରର ସୂତ୍ରଗୁଡ଼ିକୁ ପଢ଼ିଲେ । ସୂତ୍ରର ପ୍ରତ୍ୟେକ ଶବ୍ଦର ଅକ୍ଷରାର୍ଥ ଯେପରି କରାଯାଇପାରେ, ସ୍ୱାମୀଜୀ ତା'ର ଉପାୟ ଦେଖାଇଦେଇ କହିଲେ, 'ସୂତ୍ରଗୁଡ଼ିକ ଯେ କେବଳ ଅଦ୍ୱୈତମତର ପୋଷକ, ଏ କଥା କିଏ କହିଲା ?' ଶଙ୍କର ଅଦ୍ୱୈତବାଦୀ ଥିଲେ—ସମସ୍ତ ସୂତ୍ରକୁ ସେ କେବଳ ଅଦ୍ୱୈତମତରେ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଛନ୍ତି । ମାତ୍ର ତୁମେମାନେ ସୂତ୍ରର ଅକ୍ଷରାର୍ଥ ବାହାର କରିବାର ଚେଷ୍ଟା କର—ବ୍ୟାସଦେବଙ୍କ ଯଥାର୍ଥ ଅଭିପ୍ରାୟ କ'ଣ, ତାହା ବୁଝିବାର ଚେଷ୍ଟା କର । ଉଦାହରଣ ସ୍ୱରୂପ ଦେଖ—'ଅସ୍ମିନ୍ନସ୍ୟ ଚ ତଦ୍‌ଯୋଗଂ ଶାସ୍ତି'*—ଏହି ସୂତ୍ରର ପ୍ରକୃତ ବ୍ୟାଖ୍ୟା କଲେ ମୋର ମନେହୁଏ, ଏଥିରେ ଅଦ୍ୱୈତ ଓ ବିଶିଷ୍ଟାଦ୍ୱୈତ ଉଭୟ ବାଦ ହିଁ ଭଗବାନ ବେଦବ୍ୟାସଙ୍କ ଦ୍ୱାରା ସୂଚିତ ହୋଇଛି ।"

ସ୍ୱାମୀଜୀ ଗୋଟିଏ ଦିଗରେ ଯେପରି ଗମ୍ଭୀରାତ୍ମା ଥିଲେ, ଅନ୍ୟ ଦିଗରେ ସେହିପରି ସୁରସିକ ମଧ୍ୟ ଥିଲେ । ପଢ଼ୁ ପଢ଼ୁ 'କାମାଚ୍ଚ ନାନୁମାନାପେକ୍ଷା' ସୂତ୍ରଟି ଆସିଲା । ସ୍ୱାମୀଜୀ ଏହି ସୂତ୍ରଟି ଶ୍ରବଣମାତ୍ରକେ ସ୍ୱାମୀ ପ୍ରେମାନନ୍ଦଙ୍କ ନିକଟରେ ଏହାର ବିକୃତ ଅର୍ଥ କରି କହିବାକୁ ଲାଗିଲେ । ସୂତ୍ରଟିର ପ୍ରକୃତ ଅର୍ଥ ହେଉଛି—ଯେତେବେଳେ ଉପନିଷଦ୍‌ରେ ଜଗତ୍କାରଣର ପ୍ରସଙ୍ଗ ଉଠାଇ 'ସୋଽକାମୟତ'—ସେ (ଅର୍ଥାତ୍ ସେହି ଜଗତ୍‌କାରଣ) କାମନା କଲେ, ଏହିପରି କଥା ଅଛି, ସେତେବେଳେ 'ଅନୁମାନଗମ୍ୟ' (ଅଚେତନ) ପ୍ରଧାନ ବା ପ୍ରକୃତିକୁ ଜଗତ୍‌କାରଣ ରୂପରେ ସ୍ୱୀକାର କରିବାର କୌଣସି ଆବଶ୍ୟକତା ନାହିଁ । ଯେଉଁମାନେ ନିଜ ନିଜ ଅଦ୍ଭୁତ ରୁଚି ଅନୁଯାୟୀ ଶାସ୍ତ୍ରଗ୍ରନ୍ଥର କଦର୍ଥ କରି ଏଭଳି ପବିତ୍ର ସନାତନ ଧର୍ମକୁ ଘୋର ବିକୃତ କରି ପକାଉଛନ୍ତି, ଯାହା କଦିମନ୍‌କାଳେ ଗ୍ରନ୍ଥକାରଙ୍କ ଅଭିପ୍ରାୟ ନ ଥିଲା, ସ୍ୱାମୀଜୀ କ'ଣ ସେମାନଙ୍କୁ ଉପହାସ କରୁଥିଲେ ?

ଯାହାହେଉ, ପାଠ ଚାଲିଲା । କ୍ରମେ 'ଶାସ୍ତ୍ରଦୃଷ୍ଟ୍ୟା ତୂପଦେଶୋ ବାମଦେବବତ୍'** ସୂତ୍ର ଆସିଗଲା । ଏହି ସୂତ୍ରର ବ୍ୟାଖ୍ୟା କରି ସ୍ୱାମୀଜୀ ପ୍ରେମାନନ୍ଦ ସ୍ୱାମୀଙ୍କ ମୁଖକୁ ଚାହିଁ କହିଲେ, 'ଦେଖ୍, ତୁମ ଠାକୁର ଯେ ନିଜକୁ ଭଗବାନ୍ କହୁଥିଲେ, ସେ ଏହି ଭାବରେ ତନ୍ମୟ ହୋଇ କହୁଥିଲେ ।' ଏହା କହିବା ସଙ୍ଗେ ସଙ୍ଗେ ସଙ୍ଗେ ସ୍ୱାମୀଜୀ ଅନ୍ୟ ଦିଗକୁ ମୁହଁ ବୁଲାଇ କହିବାକୁ ଲାଗିଲେ, 'ସେ କିନ୍ତୁ ତାଙ୍କର ନାଭିଶ୍ୱାସ ସମୟରେ ମୋତେ କହିଥିଲେ : ଯେ ରାମ, ଯେ କୃଷ୍ଣ, ସେ ହିଁ ଏବେ ରାମକୃଷ୍ଣ, ତୋର ବେଦାନ୍ତ ଦିଗରୁ ନୁହେଁ ।' ଏହା କହି ପୁଣି ସୂତ୍ର ପାଠ କରିବାକୁ ନିର୍ଦ୍ଦେଶ ଦେଲେ ।

---

* ବ୍ରହ୍ମସୂତ୍ର, ୧।୧୯

** ବ୍ରହ୍ମସୂତ୍ର, ୧।୧।୩୦

ସ୍ୱାମୀଜୀଙ୍କର ଅପାର ଦୟା, ସେ ଆମମାନଙ୍କୁ ସନ୍ଦେହ ତ୍ୟାଗ କରିବାକୁ କହି ନାହାନ୍ତି, ଶୁଣିବା ମାତ୍ରକେ କାହାରି କଥା ବିଶ୍ୱାସ କରିଯିବାକୁ ଉପଦେଶ ଦେଇ ନାହାନ୍ତି । ସେ କହିଛନ୍ତି 'ଏହି ଅଦ୍ଭୁତ ରାମକୃଷ୍ଣ ଚରିତ୍ର ତୁମର କ୍ଷୁଦ୍ର ବିଦ୍ୟାବୁଦ୍ଧିଦ୍ୱାରା ଯେତେଦୂର ସାଧ୍ୟ ଅଛି ଆଲୋଚନା କର, ଅଧ୍ୟୟନ କର—ମୁଁ ତ ତାହାର ଲକ୍ଷାଂଶରୁ ଏକାଂଶ ମଧ୍ୟ ଏପର୍ଯ୍ୟନ୍ତ ବୁଝିପାରି ନାହିଁ—ଯେ ଯେତେ ବୁଝିବାକୁ ଚେଷ୍ଟା କରିବ, ସେ ସେତେ ସୁଖ ପାଇବ, ସେତେ ମଜ୍ଜିବ ।'

ସ୍ୱାମୀଜୀ ଦିନେ ଆମ ସମସ୍ତଙ୍କୁ ଠାକୁରଘରକୁ ନେଇଯାଇ ସାଧନ-ଭଜନ ଶିକ୍ଷା ଦେଲେ । କହିଲେ, 'ପ୍ରଥମେ ସମସ୍ତେ ଆସନ କରି ବସ । ଭାବ, ମୋର ଆସନ ଦୃଢ଼ ହେଉ, ଏହି ଆସନ ଅଟଳ ଅଚଳ ହେଉ, ଏହାରି ସାହାଯ୍ୟରେ ହିଁ ମୁଁ ଭବ-ସମୁଦ୍ର ଉତ୍ତୀର୍ଣ୍ଣ ହେବି ।' ସମସ୍ତେ ବସି କେତେକ ସମୟ ଏହିପରି ଚିନ୍ତା କଲା ପରେ ସେ କହିଲେ, 'ଚିନ୍ତା କର, ମୋର ଶରୀର ନୀରୋଗ ଓ ସୁସ୍ଥ ଓ ବଜ୍ର ପରି ଦୃଢ଼—ଏହି ଶରୀର ସାହାଯ୍ୟରେ ମୁଁ ସଂସାରର ଅପର ପାରକୁ ଚାଲିଯିବି ।' ଏହିଭଳି କିଛି କ୍ଷଣ ସମସ୍ତେ ଚିନ୍ତା କଲା ପରେ, ପୁଣି ସ୍ୱାମୀଜୀ କହିଲେ, 'ଏହିପରି ଭାବ ଯେ, ମୋ ନିକଟରୁ ଉତ୍ତର, ଦକ୍ଷିଣ ପୂର୍ବ, ପଶ୍ଚିମ ଚତୁର୍ଦ୍ଦିଗକୁ ପ୍ରେମର ପ୍ରବାହ ପ୍ରବାହିତ ହେଉଛି—ହୃଦୟ ଭିତରୁ ସମଗ୍ର ଜଗତ ପାଇଁ ଶୁଭକାମନା ଜାତ ହେଉଛି—ସମସ୍ତଙ୍କର ମଙ୍ଗଳ ହେଉ, ସମସ୍ତେ ସୁସ୍ଥ ଓ ନୀରୋଗ ହୁଅନ୍ତୁ । ଏହିଭଳି ଭାବନା ପରେ କିଛି ସମୟ ପ୍ରାଣାୟାମ କରିବ; ଅଧିକ ନୁହେଁ, ତିନୋଟି ପ୍ରାଣାୟାମ କଲେ ମଧ୍ୟ ଚଳିବ । ତାହାପରେ ଅନ୍ତରରେ ନିଜ ନିଜର ଇଷ୍ଟମୂର୍ତ୍ତିଙ୍କ ଚିନ୍ତା ଓ ମନ୍ତ୍ରଜପ—ଏହା ଅଧଘଣ୍ଟା ପର୍ଯ୍ୟନ୍ତ କରିବ ।' ସମସ୍ତେ ସ୍ୱାମୀଜୀଙ୍କ ଉପଦେଶ ଅନୁସାରେ ଚିନ୍ତା ଆରମ୍ଭ କରିବାକୁ ଚେଷ୍ଟା କଲେ ।

ଏହିଭଳି ଭାବରେ ସମବେତ ସାଧନାନୁଷ୍ଠାନ ଦୀର୍ଘକାଳ ଧରି ମଠରେ ଅନୁଷ୍ଠିତ ହୋଇଥିଲା ଏବଂ ସ୍ୱାମୀ ତୁରୀୟାନନ୍ଦ ସ୍ୱାମୀଜୀଙ୍କ ଆଦେଶରେ ନୂତନ ସନ୍ନ୍ୟାସୀବ୍ରହ୍ମଚାରୀମାନଙ୍କୁ ଧରି ବହୁ ଦିନ ପର୍ଯ୍ୟନ୍ତ 'ଏଥରକ ଏହିଭଳି ଚିନ୍ତା କର, ତାହା ପରେ ଏହିପରି କର' ବୋଲି ଉପଦେଶ ଦେଇ ଏବଂ ନିଜେ ଅନୁଷ୍ଠାନ କରି ସ୍ୱାମୀଜୀଙ୍କ ନିର୍ଦ୍ଦେଶିତ ସାଧନପ୍ରଣାଳୀ ଅଭ୍ୟାସ କରାଇଥିଲେ ।

***

ଦିନେ ସକାଳ ନଅଟା ବା ଦଶଟା ସମୟରେ ମୁଁ ଗୋଟିଏ ଘର ଭିତରେ ବସି କ'ଣ କରୁଥିଲି—ହଠାତ୍ ତୁଳସୀ ମହାରାଜ (ସ୍ୱାମୀ ନିର୍ମଳାନନ୍ଦ) ଆସି କହିଲେ, 'ସ୍ୱାମୀଜୀଙ୍କ ନିକଟରୁ ଦୀକ୍ଷା ନେବୁ ?' ମୁଁ କହିଲି, 'ଆଜ୍ଞା, ହଁ ।' ଏହା ପୂର୍ବରୁ ମୁଁ କୁଳଗୁରୁ କିମ୍ବା ଅନ୍ୟ କାହାରି ନିକଟରୁ କୌଣସି ପ୍ରକାର ମନ୍ତ୍ରଗ୍ରହଣ କରି ନ ଥିଲି । ନିର୍ମଳାନନ୍ଦ ସ୍ୱାମୀଜୀଙ୍କର ଏହି ଅଯାଚିତ ଆହ୍ୱାନରେ ମନରେ ଆଉ ଦ୍ୱିଧା ରହିଲା ନାହିଁ । 'ଦୀକ୍ଷା ନେବି' କହି ତାହାଙ୍କ

ହେବତ ଠାକୁରଘର ଆଡ଼କୁ ଅଗ୍ରସର ହେଲି । ଜାଣି ନ ଥିଲି ଯେ ସେଦିନ ଶ୍ରୀଯୁକ୍ତ ଶରଚ୍ଚନ୍ଦ୍ର ଚକ୍ରବର୍ତ୍ତୀ ଦୀକ୍ଷା ଗ୍ରହଣ କରୁଛନ୍ତି—ସେତେବେଳ ପର୍ଯ୍ୟନ୍ତ ଦୀକ୍ଷାଦାନ ଶେଷ ହୋଇ ନାହିଁ ବୋଲି ଠାକୁରଘର ବାହାରେ କିଛି ସମୟ ଅପେକ୍ଷା କରିବାକୁ ପଡ଼ିଥିଲା । ତାହା ପରେ ଶରତ୍‌ବାବୁ ବାହାରକୁ ଆସିବା ମାତ୍ରକେ ତୁଳସୀ ମହାରାଜ ମୋତେ ଭିତରକୁ ନେଇଗଲେ ଏବଂ ସ୍ୱାମୀଜୀଙ୍କୁ କହିଲେ, 'ଏ ଦୀକ୍ଷା ନେବେ ।' ସ୍ୱାମୀଜୀ ମୋତେ ବସିବା ପାଇଁ ନିର୍ଦ୍ଦେଶ ଦେଲେ । ପ୍ରଥମେ ପ୍ରଶ୍ନ କଲେ, 'ତୋତେ ସାକାର ଭଲ ଲାଗେ ନା ନିରାକାର ଭଲ ଲାଗେ ?' ମୁଁ କହିଲି, 'କେତେବେଳେ ସାକାର ଭଲ ଲାଗେ, କେତେବେଳେ ପୁଣି ନିରାକାର ଭଲ ଲାଗେ ।'

ସେ ତାହା ଶୁଣି କହିଲେ, 'ତାହା ନୁହେଁ; କାହାର କେଉଁ ପଥ, ଗୁରୁ ତାହା ବୁଝିପାରନ୍ତି । ହାତଟା ଦେଖା ତ ।' ଏହା କହି ମୋର ଦକ୍ଷିଣହସ୍ତ କସ୍ୱତ୍ୱକ୍ଷଣ ପାଇଁ ଧରି ଅଳ୍ପ ସମୟ ଯେପରିକି ଧ୍ୟାନ କରିବାକୁ ଲାଗିଲେ । ତାହା ପରେ ହାତ ଛାଡ଼ିଦେଇ କହିଲେ, 'ତୁ କେବେ ଘଟ ସ୍ଥାପନ କରି ପୂଜା କରିଛୁ ?' ମୁଁ ଗୃହତ୍ୟାଗ କରିବାର କିଛିଦିନ ଆଗରୁ ଘଟସ୍ଥାପନା କରି କୌଣସି ପୂଜା ଅନେକ ସମୟ ଧରି କରିଥିଲି—ତାହା କହିଲି । ସେ ସେତେବେଳେ ଗୋଟିଏ ଦେବତାଙ୍କ ମନ୍ତ୍ର କହିଦେଇ ତାହା ଉତ୍ତମ ରୂପେ ବୁଝାଇ ଦେଲେ ଏବଂ କହିଲେ, 'ଏହି ମନ୍ତ୍ରରେ ତୋର ସୁବିଧା ହେବ; ଏବଂ ଘଟସ୍ଥାପନା କରି ପୂଜା କଲେ ତୋର ସୁବିଧା ହେବ ।' ତତ୍ପରେ ମୋ ସମ୍ପର୍କରେ ଗୋଟିଏ ଭବିଷ୍ୟତ୍‌-ବାଣୀ କଲେ । ସମ୍ମୁଖରେ କେତୋଟି ଲିଚୁ ପଡ଼ିଥିଲା—ତାହା ନେଇ ଗୁରୁଦକ୍ଷିଣାସ୍ୱରୂପ ତାଙ୍କୁ ଦେବାକୁ ମୋତେ କହିଲେ ।

ମୁଁ ଦେଖିଲି, ଯଦି ମୋତେ ଭଗବତ୍‌-ଶକ୍ତିସ୍ୱରୂପ କୌଣସି ଦେବତାଙ୍କର ଉପାସନା କରିବାକୁ ହେବ, ତେବେ ସ୍ୱାମୀଜୀ ଯେଉଁ ଦେବତାଙ୍କ କଥା ମୋତେ ଉପଦେଶ ଦେଲେ, ତାହା ହିଁ ମୋର ସମ୍ପୂର୍ଣ୍ଣ ପ୍ରକୃତିସଙ୍ଗତ । ଶୁଣିଥିଲି, ଯଥାର୍ଥ ଗୁରୁ ଶିଷ୍ୟର ପ୍ରକୃତି ବୁଝି ମନ୍ତ୍ର ଦିଅନ୍ତି; ସ୍ୱାମୀଜୀଙ୍କଠାରେ ଆଜ ତାହାର ପ୍ରତ୍ୟକ୍ଷ ପ୍ରମାଣ ପାଇଲି ।

ଦୀକ୍ଷାଗ୍ରହଣର କିଛି ସମୟ ପରେ ସ୍ୱାମୀଜୀ ଆହାର କଲେ । ସ୍ୱାମୀଜୀଙ୍କ ଭୁକ୍ତାବଶିଷ୍ଟ ପ୍ରସାଦ ମୁଁ ଓ ଶରତ୍‌ବାବୁ ଉଭୟେ ଗ୍ରହଣ କଲୁ ।

ସେତେବେଳେ ଶ୍ରୀଯୁକ୍ତ ନରେନ୍ଦ୍ରନାଥ ସେନ ସମ୍ପାଦିତ 'ଇଣ୍ଡିଆନ୍ ମିରର୍' ନାମକ ଇଂରାଜୀ ଦୈନିକ ସମ୍ବାଦପତ୍ର ବିନାମୂଲ୍ୟରେ ମଠକୁ ଆସୁଥିଲା, କିନ୍ତୁ ମଠର ସନ୍ନ୍ୟାସୀମାନଙ୍କର ତାହାର ଡାକଖରଚଟା ଦେବା ପାଇଁ ମଧ୍ୟ ସମ୍ବଳ ନ ଥିଲା । ଉକ୍ତ ପତ୍ର ବରାହନଗର ପର୍ଯ୍ୟନ୍ତ ପିଅନ ଆଣୁଥିଲା । ବରାହନଗରରେ 'ଦେବାଲୟ'ର ପ୍ରତିଷ୍ଠାତା ସ୍ୱେବାବ୍ରତୀ ଶ୍ରୀଶଶିପଦ ବନ୍ଦୋପାଧ୍ୟାୟ ପ୍ରତିଷ୍ଠିତ ଗୋଟିଏ ବିଧବାଶ୍ରମ ଥିଲା । ସେହି ଆଶ୍ରମ ପାଇଁ ଖଣ୍ଡିଏ ଲେଖାଏଁ ଉକ୍ତ ପତ୍ରିକା ଆସୁଥିଲା । 'ଇଣ୍ଡିଆନ୍ ମିରର୍'ର ପିଅନର ଏହି ପର୍ଯ୍ୟନ୍ତ 'ବିଟ୍' ବୋଲି ମଠର କାଗଜଖଣ୍ଡିକ ମଧ୍ୟ ସେ ସେହିଠାରେ ଦେଇଯାଏ ଏବଂ ସେଠାରୁ ପ୍ରତ୍ୟହ ତାହା ମଠକୁ ଅଣାଯାଏ । ଉକ୍ତ ବିଧବାଶ୍ରମ ଉପରେ ସ୍ୱାମୀଜୀଙ୍କର ଯଥେଷ୍ଟ ସହାନୁଭୂତି ଥିଲା । ତାଙ୍କ

ଇଚ୍ଛାନୁସାରେ ସେ ଆମେରିକାରେ ଅବସ୍ଥାନ କରୁଥିବା ସମୟରେ ଏହି ଆଶ୍ରମର ସାହାଯ୍ୟ ପାଇଁ ସ୍ୱାମୀଜୀ ଗୋଟିଏ benefit ( ସାହାଯ୍ୟକଳ୍ପେ ) ବକ୍ତୃତା ଦେଇଥିଲେ । ଉକ୍ତ ବକ୍ତୃତା ପାଇଁ ଟିକେଟ ବିକି ଯାହା କିଛି ଆୟ ହୋଇଥିଲା, ତାହା ଏହି ଆଶ୍ରମକୁ ଦିଆଯାଇଥିଲା । ଯାହାହେଉ, ସେତେବେଳେ ମଠର ବଜାର କରିବା, ଠାକୁର ସେବାର ଆୟୋଜନ ପ୍ରଭୃତି ସମୁଦାୟ କାର୍ଯ୍ୟ କାନାଇ ମହାରାଜ ବା ସ୍ୱାମୀ ନିର୍ଭୟାନନ୍ଦଙ୍କୁ କରିବାକୁ ପଡ଼ୁଥିଲା । କହିବା ବାହୁଲ୍ୟ ଯେ, ଏହି 'ଇଣ୍ଡିଆନ୍ ମିରର୍' କାଗଜ ଆଣିବା ଦାୟିତ୍ୱ ତାଙ୍କର ଉପରେ ଥିଲା । ସେତେବେଳେ ଆମେ ଅନେକଗୁଡ଼ିଏ ନବଦୀକ୍ଷିତ ସନ୍ନ୍ୟାସୀ-ବ୍ରହ୍ମଚାରୀ ମଠରେ ଏକତ୍ରିତ ହୋଇଥିଲୁ, ଅଥଚ ମଠର ପ୍ରୟୋଜନୀୟ ସମସ୍ତ କର୍ମକୁ ପ୍ରଣାଳୀପୂର୍ବକ ବିଭାଗ କରି ସମସ୍ତଙ୍କ ଉପରେ ଅଳ୍ପାଧିକ ପରିମାଣରେ କାର୍ଯ୍ୟର ଦାୟିତ୍ୱ ଦିଆଯାଉ ନ ଥିଲା । ସୁତରାଂ ନିର୍ଭୟାନନ୍ଦ ସ୍ୱାମୀଙ୍କୁ ଯଥେଷ୍ଟ କାର୍ଯ୍ୟ କରିବାକୁ ପଡ଼ୁଥାଏ । ତେଣୁ ସେ ମନରେ ଭାବିଲେ, ତାଙ୍କ କର୍ତ୍ତବ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରୁ କିଛି କିଛି ଯଦି ନୂତନ ସାଧୁମାନଙ୍କୁ ଦିଆଯାଆନ୍ତା, ତେବେ ସେ ସେତିକି ପରିମାଣରେ ଅବକାଶ ପାଆନ୍ତେ । ସେହି ଉଦ୍ଦେଶ୍ୟରେ ସେ ମୋତେ କହିଲେ, 'ଯେଉଁ ସ୍ଥାନକୁ 'ଇଣ୍ଡିଆନ୍ ମିରର୍' ଆସେ, ତୁମକୁ ସେସ୍ଥାନ ଦେଖାଇଦେବି; ତୁମେ ପ୍ରତ୍ୟହ ଯାଇ ସେଠାରୁ ପତ୍ରିକା ଖଣ୍ଡିକ ଆଣିବ ।' ମୁଁ ମଧ୍ୟ ଏହା ଅତି ସହଜ କାର୍ଯ୍ୟ ଭାବି ଏବଂ ତଦ୍ଦ୍ୱାରା ଜଣକର କାର୍ଯ୍ୟଭାର କିଞ୍ଚିତ୍ ଲାଘବ ହେବ ବୋଲି ବୁଝି ସହଜରେ ସ୍ୱୀକୃତ ହେଲି । ଦିନେ ଦ୍ୱିପ୍ରହର ସମୟରେ ପ୍ରସାଦ ସେବନାନ୍ତେ କିଛି ସମୟ ବିଶ୍ରାମ ନେଲାପରେ ନିର୍ଭୟାନନ୍ଦ ମୋତେ କହିଲେ, 'ଚାଲ, ସେହି ବିଧବାଶ୍ରମଟି ତୁମକୁ ଦେଖାଇଦେବି ।' ମୁଁ ତାହାଙ୍କ ସହିତ ଯିବାକୁ ଉଦ୍ୟତ ହେଉଛି, ସ୍ୱାମୀଜୀ ତାହା ଦେଖିପାରି କହିଲେ, 'ଆସ, ବେଦାନ୍ତ ପାଠ କରିବା ।' ଅମୁକ କାର୍ଯ୍ୟରେ ଯାଉଛି ବୋଲି କହିବାରୁ ସେ ଆଉ କିଛି କହିଲେ ନାହିଁ । ମୁଁ କାନାଇ ମହାରାଜାଙ୍କ ସହିତ ଯାଇ ସେହି ସ୍ଥାନ ଦେଖି ଆସିଲି । ଫେରିଆସି ମଠର ଜଣୈକ ବ୍ରହ୍ମଚାରୀ ବନ୍ଧୁଙ୍କଠାରୁ ଶୁଣିଲି, ମୁଁ ଚାଲିଯିବାର କିଛି ସମୟ ପରେ ସ୍ୱାମୀଜୀ ଅନ୍ୟ କାହା ନିକଟରେ କହୁଥିଲେ, 'ପିଲଟା ଗଲା କୁଆଡ଼େ ? ସ୍ତ୍ରୀଲୋକ ଦେଖିବାକୁ ଗଲା ନା କଅଣ ?' ଏହି କଥା ଶୁଣିବା ମାତ୍ରକେ କାନାଇ ମହାରାଜଙ୍କୁ କହିଲି, 'ଭାଇ, ଆଶ୍ରମ ଦେଖିଆସିଲି ସତ; ମାତ୍ର କାଗଜ ଅଣିବା ଲାଗି ସେଠାକୁ ଆଉ ମୁଁ ଯିବି ନାହିଁ ।'

ଶିଷ୍ୟମାନଙ୍କର, ବିଶେଷତଃ ନୂତନ ବ୍ରହ୍ମଚାରୀମାନଙ୍କର ଯଦ୍ଦ୍ୱାରା ଚରିତ୍ରରକ୍ଷା ହେବ, ତଦ୍‌ବିଷୟରେ ସ୍ୱାମୀଜୀ ଏତେ ସାବଧାନ ଥିଲେ । ବିଶେଷ ପ୍ରୟୋଜନ ବ୍ୟତୀତ ମଠର କୌଣସି ସାଧୁବ୍ରହ୍ମଚାରୀ କଲିକତା ଯାଇ ସେଠାରେ ବାସ କରିବେ, ରହିବେ ବା ରାତି କଟାଇବେ—ଏହା ତାଙ୍କର ଆଦୌ ଅଭିପ୍ରାୟ ନ ଥିଲା, ବିଶେଷତଃ ଯେଉଁଠାରେ ସ୍ତ୍ରୀଲୋକ-ମାନଙ୍କର ସଂସ୍ପର୍ଶରେ ଆସିବାକୁ ହୁଏ । ଏହାର ଶତ ଶତ ଉଦାହରଣ ମୁଁ ଦେଖିଅଛି ।

ସ୍ୱାମୀଜୀ ଯେଉଁଦିନ ଆଲମୋଡ଼ା ଯାତ୍ରା ଉଦ୍ଦେଶ୍ୟରେ ମଠ ଛାଡ଼ି କଲିକତା ଯାତ୍ରା କଲେ, ସେଦିନ ସିଡ଼ିପାଖ ବାରଣ୍ଡାରେ ଠିଆ ହୋଇ ଅତିଶୟ ଆଗ୍ରହର ସହିତ ନୂତନ ବ୍ରହ୍ମଚାରୀଗଣଙ୍କୁ ସମ୍ବୋଧନ କରି ବ୍ରହ୍ମଚର୍ଯ୍ୟ ସମ୍ବନ୍ଧରେ ଯେଉଁସବୁ କଥା କହୁଥିଲେ, ତାହା

ବର୍ତ୍ତମାନ ମଧ୍ୟ ମୋ କାନରେ ବାଜୁଥାଉଛି :

'ଦେଖ ବାବା, ବ୍ରହ୍ମଚର୍ଯ୍ୟ ବ୍ୟତୀତ କିଛି ହେବ ନାହିଁ । ଧର୍ମଜୀବନ ଲାଭ କରିବାକୁ ହେଲେ ବ୍ରହ୍ମଚର୍ଯ୍ୟ ହିଁ ତା'ର ଏକମାତ୍ର ସହାୟ । ତୁମେମାନେ ସ୍ତ୍ରୀଲୋକମାନଙ୍କର ସଂସ୍ପର୍ଶରେ କୌଣସିମତେ ଆସିବ ନାହିଁ । ସ୍ତ୍ରୀଲୋକଙ୍କୁ ଘୃଣା କରିବା ପାଇଁ ମୁଁ ତୁମକୁ କହୁ ନାହିଁ, ସେମାନେ ସାକ୍ଷାତ୍ ଭଗବତୀସ୍ୱରୂପା; ମାତ୍ର ନିଜକୁ ରକ୍ଷା କରିବା ପାଇଁ ସେମାନଙ୍କ ନିକଟରୁ ଦୂରରେ ରହିବା ଲାଗି ମୁଁ ତୁମମାନଙ୍କୁ ଏ କଥା କହୁଛି । ତୁମେ ମୋର ଯେଉଁ ବକ୍ତୃତାସବୁ ପଢ଼ିଛ—ସଂସାରରେ ରହି ମଧ୍ୟ ଧର୍ମ ପାଳନ କରାଯିବ, ଅନେକ ସ୍ଥାନରେ ମୁଁ ଏକଥା କହିଛି; ସେଥିରୁ ମନେକର ନାହିଁ ଯେ, ମୋ ମତରେ ବ୍ରହ୍ମଚର୍ଯ୍ୟ ବା ସନ୍ନ୍ୟାସ ଧର୍ମଜୀବନ ପାଇଁ ଅତ୍ୟାବଶ୍ୟକ ନୁହେଁ । କଅଣ କରିବି ? ସେସମସ୍ତ ବକ୍ତୃତାର ଶ୍ରୋତୃମଣ୍ଡଳୀ ସମସ୍ତେ ସଂସାରୀ, ସମସ୍ତେ ଗୃହୀ—ସେମାନଙ୍କ ନିକଟରେ ଯଦି ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟପାଳନ କଥା କହୁଥାନ୍ତି, ତେବେ ତା' ପରଦିନଠାରୁ ଆଉ କେହି ମୋ ବକ୍ତୃତା ଶୁଣିବାକୁ ଆସି ନଥାନ୍ତେ । ସେମାନଙ୍କ ମତରେ କେତେକ ପରିମାଣରେ ଏକମତ ହୋଇ ଯଦ୍ୱାରା ସେମାନଙ୍କର କ୍ରମେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ଉପରେ ଝୁଙ୍କ ବଢ଼ିବ, ସେଥିପାଇଁ ଏପରି ବକ୍ତୃତାମାନ ଦେଇଥିଲି; କିନ୍ତୁ ମୋର ଅନ୍ତରର କଥା ତୁମମାନଙ୍କୁ କହୁଛି—ବ୍ରହ୍ମଚର୍ଯ୍ୟ ବ୍ୟତୀତ ସାମାନ୍ୟ ମାତ୍ର ଧର୍ମଲାଭ ବି ହେବ ନାହିଁ । କାୟମନୋବାକ୍ୟରେ ତୁମେମାନେ ଏହି ବ୍ରହ୍ମଚର୍ଯ୍ୟ ପାଳନ କରିବ ।'

***

ଥରେ ବିଲାତରୁ ଖଣ୍ଡେ କଅଣ ଚିଠି ଆସିଥିଲା । ସେହି ଚିଠିଖଣ୍ଡିକ ପଢ଼ି ତତ୍-ପ୍ରସଙ୍ଗରେ ଧର୍ମପ୍ରଚାରକଙ୍କର କି କି ଗୁଣ ଥିଲେ ସେ କୃତକାର୍ଯ୍ୟ ହୋଇପାରିବେ, ତାହା କହିବାକୁ ଲାଗିଲେ । ନିଜ ଶରୀରର ଭିନ୍ନ ଭିନ୍ନ ଅଂଶକୁ ଉଦ୍ଦେଶ୍ୟ କରି କହିଲେ, ଧର୍ମପ୍ରଚାରକର ଏହିସବୁ ଅଂଶ ଖୋଲା ରହିବା ଆବଶ୍ୟକ ଓ ଏହି ଅଂଶଗୁଡ଼ିକ ବନ୍ଦ ରଖିବାକୁ ହେବ । ଅର୍ଥାତ୍ ତାହାର ମସ୍ତିଷ୍କ, ହୃଦୟ ଓ ମୁଖ ଖୋଲା ରହିବା ଦରକାର; ସେ ପ୍ରବଳ ମେଧାବୀ, ହୃଦୟବାନ୍ ଓ ବାଗ୍ମୀ ହେବା ଉଚିତ; ଆଉ ତା'ର ଅଧୋଦେଶର କାର୍ଯ୍ୟ ଯେପରି ବନ୍ଦ ଥାଏ —ଯେପରି ସେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟବାନ୍ ହୁଏ । ଜଣେକ ପ୍ରଚାରକଙ୍କୁ ଲକ୍ଷ୍ୟ କରି କହିଲେ, ତାଙ୍କର ଅନ୍ୟାନ୍ୟ ସମସ୍ତ ଗୁଣ ଅଛି; କେବଳ ଟିକିଏ ହୃଦୟର ଅଭାବ—ଯାହାହେଉ, କ୍ରମେ ହୃଦୟ ଖୋଲିଯିବ ।

ସେହି ପତ୍ରରେ ସିଷ୍ଟର ନିବେଦିତା (ସେତେବେଳେ ମିସ୍ ନୋବ୍ଲ) ବିଲାତରୁ ଶୀଘ୍ର ଭାରତ ଆସିବେ, ଏହି ସମ୍ବାଦ ଥିଲା । ମିସ୍ ନୋବ୍ଲଙ୍କ ପ୍ରଶଂସାରେ ସ୍ୱାମୀଜୀ ଶତମୁଖ ହୋଇଉଠିଲେ; କହିଲେ, 'ବିଲାତରେ ଏଭଳି ସୁଚରିତା, ମହାନୁଭବା ନାରୀ ଖୁବ୍ କମ୍ । ମୁଁ ଯଦି କାଲି ମରିଯାଏ, ସେ ମୋ କାର୍ଯ୍ୟ ବଜାୟ ରଖିବ ।' ସ୍ୱାମୀଜୀଙ୍କ ଭବିଷ୍ୟତ-ବାଣୀ ସଫଳ ହୋଇଥିଲା ।

***

ବେଦାନ୍ତର ଶ୍ରୀଭାଷ୍ୟର ଇଂରାଜୀ ଅନୁବାଦକ, ସ୍ୱାମୀଜୀଙ୍କ ପୃଷ୍ଠପୋଷକତାରେ ପ୍ରତିଷ୍ଠିତ

ମାନ୍ଦ୍ରାଜରୁ ପ୍ରକାଶିତ 'ବ୍ରହ୍ମବାଦୀନ୍' ପତ୍ରିକାର ପ୍ରଧାନ ଲେଖକ, ମାନ୍ଦ୍ରାଜର ବିଖ୍ୟାତ ଅଧ୍ୟାପକ ଶ୍ରୀଯୁକ୍ତ ରଙ୍ଗାଚାର୍ଯ୍ୟ ତୀର୍ଥଭ୍ରମଣ ଉପଲକ୍ଷରେ ଶୀଘ୍ର କଲିକତା ଆସିବେ ବୋଲି ସ୍ୱାମୀଜୀଙ୍କ ପାଖକୁ ପତ୍ର ଆସିଛି । ସ୍ୱାମୀଜୀ ମଧ୍ୟାହ୍ନରେ ମୋତେ କହିଲେ, 'କାଗଜ କଲମ ଆଣି ଚିଠି ଖଣ୍ଡେ ଲେଖିଲୁ; ଆଉ ମଧ୍ୟ ପିଇବା ପାଣି ଗ୍ଲାସେ ଆଣ୍ ।' ମୁଁ ଏକ ଗ୍ଲାସ ପାଣି ସ୍ୱାମୀଜୀଙ୍କୁ ଦେଇ ଭୟର ସହିତ ଆସ୍ତେ ଆସ୍ତେ କହିଲି, 'ମୋ ହସ୍ତାକ୍ଷର ସେତେ ଭଲ ନୁହେଁ ।' ମୁଁ ମନେକରିଥିଲି, ବିଲାତ ବା ଆମେରିକାକୁ କୌଣସି ଚିଠି ଲେଖିବାକୁ ପଡ଼ିବ । ସ୍ୱାମୀଜୀ ଅଭୟ ଦେଇ କହିଲେ, 'ଲେଖ foreign letter (ବିଲାତୀ ଚିଠି) ନୁହେଁ ।' ତତ୍ପରେ ମୁଁ କାଗଜ କଲମ ଆଣି ଚିଠି ଲେଖିବାକୁ ବସିଲି । ସ୍ୱାମୀଜୀ ଇଂରାଜୀରେ ଡାକଦେଇ ଗଲେ, ମୁଁ ଲେଖିଲି । ଅଧ୍ୟାପକ ରଙ୍ଗାଚାର୍ଯ୍ୟଙ୍କ ପାଖକୁ ଖଣ୍ଡିଏ ପତ୍ର ଲେଖାଇଲେ; ଆଉ ଖଣ୍ଡିଏ ପତ୍ର କାହା ପାଖକୁ ଲେଖାଇଥିଲେ—ଠିକ୍ ମନେ ନାହିଁ । ମନେ ଅଛି, ରଙ୍ଗାଚାର୍ଯ୍ୟଙ୍କୁ ଅନ୍ୟାନ୍ୟ କଥା ଭିତରେ ଏହିକଥା ଲେଖିଥିଲେ—'ବଙ୍ଗଳା ଦେଶରେ ବେଦାନ୍ତର ସେପରି ଚର୍ଚ୍ଚା ନାହିଁ; ଅତଏବ ଆପଣ ଯେତେବେଳେ କଲିକତା ଆସୁଛନ୍ତି, ସେତେବେଳେ 'Give a rub to the people of Calcutta'—କଲିକତାବାସୀଙ୍କୁ ଟିକିଏ ଝୁଣ୍କାଇ ଦେଇ ଯାଆନ୍ତୁ । କଲିକତାରେ ଯେପରି ବେଦାନ୍ତର ଚର୍ଚ୍ଚା ବଢ଼େ, କଲିକତାବାସୀ ଯଦ୍ଦ୍ୱାରା ଟିକିଏ ସଚେତନ ହୁଅନ୍ତି, ସେଥିପାଇଁ ସ୍ୱାମୀଜୀଙ୍କର କେତେଦୂର ଦୃଷ୍ଟି ଥିଲା ! ନିଜର ସ୍ୱାସ୍ଥ୍ୟଭଙ୍ଗ ହେବାରୁ ଚିକିତ୍ସକମାନଙ୍କ ନିର୍ବନ୍ଧ ଅନୁରୋଧରେ ସ୍ୱାମୀଜୀ କଲିକତାରେ ଦୁଇଟି ମାତ୍ର ବକ୍ତୃତା ଦେଇ ନିଜେ ବକ୍ତୃତା-ଦାନରୁ ବିରତ ହୋଇଥିଲେ । ତଥାପି ଯେତେବେଳେ ସୁବିଧା ପାଉଥିଲେ, ସେତେବେଳେ କଲିକତାବାସୀଙ୍କ ମଧ୍ୟରେ ଧର୍ମଭାବ ଜାଗରିତ କରାଇବାକୁ ଚେଷ୍ଟା କରୁଥିଲେ । ସ୍ୱାମୀଜୀଙ୍କର ଏହି ପତ୍ର ଫଳରେ କଲିକତାବାସୀ ଷ୍ଟାର୍ ରଙ୍ଗମଞ୍ଚରେ ଉକ୍ତ ପଣ୍ଡିତପ୍ରବରଙ୍କ 'The Priest and the Prophet' (ପୁରୋହିତ ଓ ଋଷି) ନାମକ ସାରଗର୍ଭକ ବକ୍ତୃତା ଶୁଣିବାର ସୌଭାଗ୍ୟ ଲାଭ କରିଥିଲେ ।

***

ଜଣେ ବୟସ୍କ ବଙ୍ଗାଳୀ ଯୁବକ ସେହି ସମୟରେ ମଠକୁ ଆସି ସେଠାରେ ସାଧୁରୂପେ ବାସ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ସ୍ୱାମୀଜୀ ଓ ମଠର ଅନ୍ୟାନ୍ୟ ସାଧୁବୃନ୍ଦ ତାହାଙ୍କ ଚରିତ୍ର ପୂର୍ବରୁ ବିଶେଷଭାବରେ ଅବଗତ ଥିଲେ । ଆଶ୍ରମଭୁକ୍ତ ହେବାର ଅନୁପଯୁକ୍ତ ଜାଣି ତାଙ୍କୁ ମଠଭୁକ୍ତ କରିବାକୁ କେହି ସମ୍ମତ ହେଲେ ନାହିଁ । ତାହାଙ୍କ ପୁନଃପୁନଃ ପ୍ରାର୍ଥନାରେ ସ୍ୱାମୀଜୀ ତାଙ୍କୁ କହିଲେ, 'ମଠରେ ଯେଉଁସବୁ ସାଧୁ ଅଛନ୍ତି, ସେସମସ୍ତଙ୍କର ଯଦି ମତ ହୁଏ, ତେବେ ଏଠାରେ ତୁମେ ରହିପାରିବ ।' ଏହି କଥା କହି ସୁପରିଚିତ ସାଧୁମାନଙ୍କୁ ଡକାଇ ପଚାରିଲେ—'ଏହାଙ୍କୁ ମଠରେ ରଖାଇବାରେ ତୁମମାନଙ୍କ ମତ କଅଣ ?' ସେତେବେଳେ ସମସ୍ତେ ଏକବାକ୍ୟରେ ତାହାଙ୍କୁ ମଠରେ ରଖିବାକୁ ଅମତ ପ୍ରକାଶ କରିବାରୁ ଉକ୍ତ ଯୁବକଙ୍କୁ ଆଉ ମଠରେ ସ୍ଥାନ ଦିଆଗଲା ନାହିଁ ।

***

ଦିନେ ଅପରାହ୍ଣ ସମୟରେ ସ୍ୱାମୀଜୀ ମଠ ବାରଣ୍ଡାରେ ଆମ ସମସ୍ତଙ୍କୁ ବେଦାନ୍ତ ପଢ଼ାଇବାକୁ ବସିଛନ୍ତି । ସନ୍ଧ୍ୟା ହେବା ଉପରେ । ସ୍ୱାମୀ ରାମକୃଷ୍ଣାନନ୍ଦ ଏହାର କିଛି କାଳ ପୂର୍ବରୁ ସ୍ୱାମୀଜୀଙ୍କ କର୍ତ୍ତୃକ ପ୍ରଚାରକାର୍ଯ୍ୟ ଉଦ୍ଦେଶ୍ୟରେ ମାନ୍ଦ୍ରାଜକୁ ପ୍ରେରିତ ହୋଇଥିଲେ । ତାଙ୍କ ପରେ ଅନ୍ୟ ଜଣେ ଗୁରୁଭ୍ରାତା ସେତେବେଳେ ମଠରେ ପୂଜା-ଆରାତ୍ରିକାଦି କାର୍ଯ୍ୟଭାର ଗ୍ରହଣ କରିଥିଲେ । ଆରାତ୍ରିକାଦି କାର୍ଯ୍ୟରେ ଯେଉଁମାନେ ତାଙ୍କୁ ସାହାଯ୍ୟ କରୁଥିଲେ, ସେମାନଙ୍କୁ ବସାଇ ସ୍ୱାମୀଜୀ ବେଦାନ୍ତ ପଢ଼ାଉଥିଲେ । ହଠାତ୍ ଉକ୍ତ ଗୁରୁଭ୍ରାତା ଆସି ନୂତନ ସନ୍ନ୍ୟାସୀ-ବ୍ରହ୍ମଚାରୀମାନଙ୍କୁ କହିଲେ, 'ଆସ, ଆସ, ଆରତି କରିବାକୁ ହେବ ।' ସେତେବେଳେ ଗୋଟିଏ ଦିଗରେ ସ୍ୱାମୀଜୀଙ୍କ ଆଦେଶରେ ସମସ୍ତେ ବେଦାନ୍ତପାଠରେ ନିଯୁକ୍ତ, ଅନ୍ୟ ଦିଗରେ ଏହାଙ୍କ ଆଦେଶ—ଠାକୁରଙ୍କ ଆରତିକରେ ଯୋଗଦାନ କରିବାକୁ ହେବ—ନୂତନ ସାଧୁମାନେ ଟିକିଏ ସନ୍ଦେହରେ ପଡ଼ି ଇତସ୍ତତଃ ହେବାକୁ ଲାଗିଲେ । ସେତେବେଳେ ସ୍ୱାମୀଜୀ ତାଙ୍କର ଏହି ଗୁରୁଭ୍ରାତାଙ୍କୁ ସମ୍ବୋଧନ କରି ଉତ୍ତେଜିତ ଭାବରେ କହିଲେ, 'ଏଇ ଯେ ବେଦାନ୍ତ ପଢ଼ାହେଉଛି, ଏହା କଅଣ ଠାକୁରଙ୍କ ପୂଜା ନୁହେଁ ? କେବଳ ଖଣ୍ଡିଏ ଛବି ସମ୍ମୁଖରେ ବଳିତା ଜାଳି ହଲାଇଲେ, ପୁଣି ଘଣ୍ଟାଝାଞ୍ଜ ପିଟିଲେ ମନେକରୁଛ କଅଣ ଭଗବାନଙ୍କର ଯଥାର୍ଥ ଆରାଧନା କରାଗଲା ? ତୁମେ ସବୁ ଅତି କ୍ଷୁଦ୍ର-ବୁଦ୍ଧି— ।' ଏହିଭଳି କହୁ କହୁ ଅଧିକତର ଉତ୍ତେଜିତ ହୋଇ ବେଦାନ୍ତପାଠରେ ବ୍ୟାଘାତ ଜନ୍ମାଇଥିବାରୁ ତାଙ୍କ ପ୍ରତି କର୍କଶବାକ୍ୟ ପ୍ରୟୋଗ କଲେ । ଫଳରେ ବେଦାନ୍ତପାଠ ବନ୍ଦ ହୋଇଗଲା । କିଛି ସମୟ ପରେ ଆରତି ମଧ୍ୟ ଶେଷ ହେଲା । ଆରତି ପରେ ଉକ୍ତ ଗୁରୁଭ୍ରାତାଙ୍କୁ କେହି ଦେଖିବାକୁ ପାଇଲେ ନାହିଁ । ସେତେବେଳେ ସ୍ୱାମୀଜୀ ଅତିଶୟ ବ୍ୟାକୁଳ ହୋଇଉଠି 'ସେ କୁଆଡ଼େ ଗଲା, ମୋଠାରୁ ଗାଳି ଖାଇ କଅଣ ଗଙ୍ଗାକୁ ଡେଇଁ ପଡ଼ିଲା ?'—ଇତ୍ୟାଦି କଥା କହିକହି ସମସ୍ତଙ୍କୁ ତାଙ୍କର ଅନୁସନ୍ଧାନରେ ଚତୁର୍ଦ୍ଦିଗକୁ ପଠାଇଲେ । ବହୁସମୟ ପରେ ମଠର ଉପରେ ଛାତରେ ଚିନ୍ତାନ୍ୱିତଭାବରେ ସେ ବସି ରହିଥିବାର ଦେଖି ସେଠାରୁ ତାଙ୍କୁ ସ୍ୱାମୀଜୀଙ୍କ ନିକଟକୁ ଅଣାଗଲା । ସେତେବେଳକୁ ସ୍ୱାମୀଜୀଙ୍କ ଭାବ ସମ୍ପୂର୍ଣ୍ଣ ବଦଳିଗଲାଣି । ସେ ତାଙ୍କୁ କେତେ ଯତ୍ନ କଲେ, କେତେ ପ୍ରକାର ମିଠା କଥା କହି ସାନ୍ତ୍ୱନା ଦେଲେ । ସ୍ୱାମୀଜୀଙ୍କର ଗୁରୁଭ୍ରାତାଙ୍କ ପ୍ରତି ଅପୂର୍ବ ସ୍ନେହଭକ୍ତି ଦେଖି ଆମେମାନେ ମୁଗ୍ଧ ହୋଇଗଲୁ । ବୁଝିଲୁ, ଗୁରୁଭାଇମାନଙ୍କ ଉପରେ ସ୍ୱାମୀଜୀଙ୍କର ଅଗାଧ ବିଶ୍ୱାସ ଓ ସ୍ନେହଶ୍ରଦ୍ଧା, ଯଦ୍ଦ୍ୱାରା ସେମାନେ ସେମାନଙ୍କ ନିଷ୍ଠା ବଜାୟ ରଖି ଉଦାର-ତର ହୋଇପାରିବେ, କେବଳ ସେଥିପାଇଁ ତାଙ୍କର ବିଶେଷ ଉଦ୍ୟମ । ପରେ ସ୍ୱାମୀଜୀଙ୍କ ମୁଖରୁ ବହୁତ ଥର ଶୁଣିଛୁ, ଯାହାଙ୍କୁ ସ୍ୱାମୀଜୀ ବେଶୀ ଗାଳି ଦିଅନ୍ତି, ସେ ହିଁ ତାଙ୍କର ବିଶେଷ ପ୍ରିୟପାତ୍ର ।

***

ଦିନେ ବାରଣ୍ଡାରେ ବୁଲି ବୁଲି ସ୍ୱାମୀଜୀ ମୋତେ କହିଲେ, 'ଦେଖ୍, ମଠର ଗୋଟାଏ ଡାଇରୀ ରଖିବୁ ଏବଂ ପ୍ରତି ସପ୍ତାହରେ ମଠର ଗୋଟାଏ ରିପୋର୍ଟ ପଠାଇବୁ ।' ସ୍ୱାମୀଜୀଙ୍କର ଏହି ଆଦେଶ ପ୍ରତିପାଳିତ ହୋଇଥିଲା ।

# ସ୍ୱାମୀଜୀଙ୍କ କଥା*

ମୁଁ ନକେ ଅବଶ୍ୟ ବେଦର ସେହି ଅଂଶଗୁଡ଼ିକ ମାନେ, ଯାହା କେବଳ ଯୁକ୍ତି ସହିତ ମେଳ ଖାଏ । ବେଦର ଅନେକ ଅଂଶ ସ୍ପଷ୍ଟତଃ ସ୍ୱବିରୋଧୀ । Inspired ବା ପ୍ରତ୍ୟାଦିଷ୍ଟ କହିଲେ ପାଶ୍ଚାତ୍ୟ ଦେଶରେ ଯାହା ବୁଝାଏ, ବେଦକୁ ଆମ ଶାସ୍ତ୍ରରେ ସେପରି ପ୍ରତ୍ୟାଦିଷ୍ଟ କୁହାଯାଏ ନାହିଁ । ତେବେ ଏହା କଅଣ ? ନା, ଭଗବାନଙ୍କ ସମସ୍ତ ଜ୍ଞାନର ସମଷ୍ଟି । ଏହି ଜ୍ଞାନର-ସମଷ୍ଟି ଯୁଗାରମ୍ଭରେ ପ୍ରକାଶିତ ବା ବ୍ୟକ୍ତ ଓ ଯୁଗାବସାନରେ ସୂକ୍ଷ୍ମ ବା ଅବ୍ୟକ୍ତ ଭାବ ଧାରଣ କରେ । ଯୁଗର ଆରମ୍ଭ ହେଲେ ଏହା ପୁଣି ପ୍ରକାଶିତ ହୁଏ । ଶାସ୍ତ୍ରର ଏହି କଥା-ଗୁଡ଼ିକ ଅବଶ୍ୟ ଠିକ୍; କିନ୍ତୁ କେବଳ 'ବେଦ' ନାମଧେୟ ଗ୍ରନ୍ଥସମୂହ ହିଁ ଏହି ଜ୍ଞାନସମଷ୍ଟି — ଏ କଥା ଭାବିବା ମନକୁ ଆଖିଠାର ମାତ୍ର । ମନୁ ଗୋଟିଏ ସ୍ଥାନରେ କହୁଛନ୍ତି, ବେଦର ଯେଉଁ ଅଂଶ ଯୁକ୍ତି ସହିତ ମିଶିଥାଏ, ତାହା ବେଦ; ଅନ୍ୟ ଅଂଶ ବେଦ ନୁହେଁ । ଆମମାନଙ୍କ ମଧ୍ୟରେ ଅନେକ ଦାର୍ଶନିକଙ୍କର ମଧ୍ୟ ଏହି ମତ ।

ଅଦ୍ୱୈତବାଦ ବିରୋଧରେ ଯେତେ ତର୍କବିତର୍କ ହୋଇଥାଏ, ତା'ର ଅସଲ କଥା ହେଉଛି, ସେଥିରେ ଇନ୍ଦ୍ରିୟ-ସୁଖଭୋଗର ସ୍ଥାନ ନାହିଁ । ଆମେ ଆନନ୍ଦର ସହିତ ଏ କଥା ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛୁ ।

ବେଦାନ୍ତର ପ୍ରଥମ କଥା ହେଉଛି—ସଂସାର ଦୁଃଖମୟ, ଶୋକର ଆଗାର, ଅନିତ୍ୟ ଇତ୍ୟାଦି । ବେଦାନ୍ତ ଖୋଲିଲେ ହିଁ ପ୍ରଥମରୁ ଦୁଃଖ ଦୁଃଖ ଶୁଣି ଲୋକେ ଅସ୍ଥିର ହୋଇ-ପଡ଼ନ୍ତି; କିନ୍ତୁ ତାହାର ଶେଷରେ ପରମ ସୁଖ—ଯଥାର୍ଥ ସୁଖର କଥା ମିଳିଥାଏ । ବିଷୟ-ଜଗତ୍ ଓ ଇନ୍ଦ୍ରିୟ-ଜଗତ୍ ଯେ ଯଥାର୍ଥ ସୁଖଦ ହୋଇପାରେ, ଏହା ଆମେ ଅସ୍ୱୀକାର କରିଥାଉ ଏବଂ କହିଥାଉ, ଇନ୍ଦ୍ରିୟାତୀତ ବସ୍ତୁରେ ହିଁ ଯଥାର୍ଥ ସୁଖ; ପୁଣି ଏହି ସୁଖ, ଏହି ଆନନ୍ଦ ସମସ୍ତ ମନୁଷ୍ୟ ଭିତରେ ହିଁ ରହିଛି । ଆମେ ଜଗତରେ ଯେଉଁ 'ସୁଖବାଦ' ଦେଖିବାକୁ ପାଉ, ଯାହା ମତରେ ଜଗତଟା ପରମ ସୁଖର ସ୍ଥାନ—ତାହା ମନୁଷ୍ୟକୁ ଇନ୍ଦ୍ରିୟପରାୟଣ କରି ସର୍ବନାଶ-ପଥରେ ନେଇଯାଏ ।

ଆମ ଦର୍ଶନରେ ତ୍ୟାଗର ବିଶେଷ ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ବାସ୍ତବିକ୍ ତ୍ୟାଗ ବ୍ୟତୀତ ଆମର କୌଣସି ଦର୍ଶନରେ ଲକ୍ଷ୍ୟବସ୍ତୁ ପାଇବା ଅସମ୍ଭବ । କାରଣ ତ୍ୟାଗ ଅର୍ଥ ହେଉଛି—ଅସଲ ସତ୍ୟ ଯେଉଁ ଆତ୍ମା, ତାହାର ପ୍ରକାଶରେ ସାହାଯ୍ୟ କରିବା । ଏହା ଇନ୍ଦ୍ରିୟଦ୍ୱାରା ଉପଲବ୍ଧ ଜଗତକୁ ଏକାବେଳକେ ଉଡ଼ାଇ ଦେବାକୁ ଚାହେଁ । ତାହାର ଉଦ୍ଦେଶ୍ୟ ହେଉଛି, ସେ ସତ୍ୟ-ଜଗତର ଜ୍ଞାନଲାଭ କରିବା ।

ଜଗତରେ ଯେତେ ଶାସ୍ତ୍ର ଅଛି, ତାହା ମଧ୍ୟରେ କେବଳ ବେଦ ହିଁ କହନ୍ତି ଯେ, ବେଦପାଠ—ଅପରା ବିଦ୍ୟା । ପରା ବିଦ୍ୟା ହେଉଛି, ଯାହାଦ୍ୱାରା ସେହି ଅକ୍ଷର ପୁରୁଷଙ୍କୁ ଜଣାଯାଏ । ତାହା ପଢ଼ିବାଦ୍ୱାରା ହୁଏ ନାହିଁ, ବିଶ୍ୱାସ କରିବାଦ୍ୱାରା ହୁଏ ନାହିଁ, ତର୍କ କରି

* ସ୍ୱାମୀ ଶୁଦ୍ଧାନନ୍ଦଙ୍କର ସଂକଳନ

ମଧ୍ୟ ହୁଏ ନାହିଁ, କେବଳ ସମାଧି-ଅବସ୍ଥା ଲାଭ କଲେ ଯାଇ ସେହି ପରମପୁରୁଷଙ୍କୁ ଜାଣିହୁଏ ।

ଜ୍ଞାନଲାଭ ହେଲେ ଆଉ ସାଂପ୍ରଦାୟିକତା ରହେ ନାହିଁ; ତା' ବୋଲି ଜ୍ଞାନୀ କୌଣସି ସଂପ୍ରଦାୟକୁ ଯେ ଘୃଣା କରନ୍ତି, ତାହା ନୁହେଁ । ନଦୀସବୁ ଯେପରି ସମୁଦ୍ରରେ ଯାଇ ପଡ଼ନ୍ତି ଓ ସେଠାରେ ଏକ ହୋଇଯାଆନ୍ତି, ସେହିପରି ସବୁ ସଂପ୍ରଦାୟ—ସବୁ ମତଦ୍ୱାରା ଜ୍ଞାନଲାଭ କରାଯାଇପାରେ, ସେତେବେଳେ ଆଉ କୌଣସି ପ୍ରକାର ମତଭେଦ ରହେ ନାହିଁ ।

ଜ୍ଞାନୀ କହନ୍ତି, ସଂସାର ତ୍ୟାଗ କରିବାକୁ ହେବ । ତା'ର ଅର୍ଥ ଏହା ନୁହେଁ ଯେ, ସ୍ତ୍ରୀ-ପୁତ୍ର-ପରିଜନଙ୍କୁ ଭସାଇଦେଇ ବନକୁ ଚାଲିଯିବାକୁ ହେବ । ପ୍ରକୃତ ତ୍ୟାଗ ହେଉଛି—ସଂସାରରେ ଅନାସକ୍ତ ହୋଇ ରହିବା ।

ମନୁଷ୍ୟର ପୁନଃ ପୁନଃ ଜନ୍ମ ହୁଏ କାହିଁକି ? ପୁନଃ ପୁନଃ ଶରୀରଧାରଣରେ ଦେହ ଓ ମନର ବିକାଶ ହେବାର ସୁବିଧା ହୁଏ ଏବଂ ଅନ୍ତରସ୍ଥ ବ୍ରହ୍ମଶକ୍ତିର ପ୍ରକାଶ ହୋଇଥାଏ ।

ବେଦାନ୍ତ ମନୁଷ୍ୟର ବିଚାରଶକ୍ତିକୁ ଯଥେଷ୍ଟ ଆଦର କରିଥାଏ ସତ; ମାତ୍ର ଏହା ମଧ୍ୟ କହେ ଯେ, ଯୁକ୍ତି-ବିଚାରର ଅପେକ୍ଷା ବି ବଡ଼ ଜିନିଷ ରହିଛି ।

ଭକ୍ତିଲାଭ କିପରି ହୁଏ ?—ଭକ୍ତି ତୁମ ଅନ୍ତରରେ ହିଁ ବିଦ୍ୟମାନ; କେବଳ ତା' ଉପରେ କାମକାଞ୍ଚନର ଗୋଟିଏ ଆବରଣ ପଡ଼ିଯାଇଛି; ତାହାକୁ ଘୁଞ୍ଚାଇ ଦେଇପାରିଲେ ଭକ୍ତି ଆପଣା ମନକୁ ପ୍ରକାଶିତ ହେବ ।

ଜିଭ ଚଳିଲେ ହିଁ ଅନ୍ୟାନ୍ୟ ଇନ୍ଦ୍ରିୟ ଚଳିବ ।

ଜ୍ଞାନ, ଭକ୍ତି, ଯୋଗ, କର୍ମ—ଏହି ଚାରିଟି ପଥରେ ହିଁ ମୁକ୍ତିଲାଭ ହୁଏ । ଯେ ଯେଉଁ ପଥର ଉପଯୁକ୍ତ ତାହାକୁ ସେହି ପଥ ଦେଇ ଯିବାକୁ ହେବ; କିନ୍ତୁ ବର୍ତ୍ତମାନ ଯୁଗରେ କର୍ମଯୋଗ ଉପରେ ଟିକିଏ ବିଶେଷ ଜୋର୍ ଦେବାକୁ ହେବ ।

ଧର୍ମ କଳ୍ପନାର ଜିନିଷ ନୁହେଁ, ପ୍ରତ୍ୟକ୍ଷ ଜିନିଷ । ଯେ ଗୋଟିଏ ଭୂତକୁ ଦେଖିଛି, ସେ ଅନେକ ବହିପଢ଼ା ପଣ୍ଡିତଙ୍କଠାରୁ ମଧ୍ୟ ବଡ଼ ।

ଥରେ ସ୍ୱାମୀଜୀ କୌଣସି ବ୍ୟକ୍ତିଙ୍କର ଖୁବ୍ ପ୍ରଶଂସା କଲେ । ତାହା ଶୁଣି ତାଙ୍କ ନିକଟରେ ଥିବା ଜଣେ ଲୋକ କହିଲେ, 'ସେ ତ ଆପଣଙ୍କୁ ମାନନ୍ତି ନାହିଁ ।' ତାହା ଶୁଣି ସ୍ୱାମୀଜୀ କହିଉଠିଲେ, 'ମୋତେ ମାନିବାକୁ ହେବ, ଏଭଳି କ'ଣ କିଛି ଲେଖାପଢ଼ା ଅଛି ? ସେ ଭଲ କାର୍ଯ୍ୟ କରୁଛନ୍ତି. ସେଥିପାଇଁ ସେ ପ୍ରଶଂସାର ପାତ୍ର ।'

ଅସଲ ଧର୍ମରାଜ୍ୟ ଯେଉଁଠାରେ, ସେଠାରେ ଲେଖାପଢ଼ାର ପ୍ରବେଶାଧିକାର ନାହିଁ ।

କେହି କେହି କହନ୍ତି, ଆଗେ ସାଧନଭଜନ କରି ସିଦ୍ଧ ହୁଅ, ତା'ପରେ କର୍ମ କରିବାର ଅଧିକାର । ଆଉ କେହି କେହି କହନ୍ତି, ପ୍ରଥମରୁ ହିଁ କର୍ମ କରିବାକୁ ହେବ । ଏହାର ସାମଞ୍ଜସ୍ୟ କେଉଁଠାରେ ?

—ତୁମେ ଦୁଇଟି ଜିନିଷ ଗୋଳମାଳିଆ କରିପକାଉଛ । କର୍ମ ଅର୍ଥ ପ୍ରଥମତଃ ଜୀବସେବା, ଦ୍ୱିତୀୟତଃ ପ୍ରଚାର । ପ୍ରକୃତ ପ୍ରଚାରର୍ ଅବଶ୍ୟ ସିଦ୍ଧପୁରୁଷ ବ୍ୟତୀତ ଅନ୍ୟ କାହାରି

ଅଧିକାର ନାହିଁ । ସେବାରେ କିନ୍ତୁ ସମସ୍ତଙ୍କର ଅଧିକାର; କେବଳ ଅଧିକାର ନୁହେଁ, ସେବା କରିବାକୁ ସମସ୍ତେ ବାଧ୍ୟ—ଯେପର୍ଯ୍ୟନ୍ତ ସେମାନେ ଅନ୍ୟର ସେବା ଗ୍ରହଣ କରୁଛନ୍ତି ।

ଧର୍ମ-ସମ୍ପ୍ରଦାୟ ଭିତରେ ଯେଉଁଦିନଠାରୁ ବଡ଼ଲୋକଙ୍କର ଖାତିର ଆରମ୍ଭ ହେବ, ସେହିଦିନଠାରୁ ତା'ର ପତନ ଆରମ୍ଭ ।

ଭଗବାନ ଶ୍ରୀକୃଷ୍ଣ ଚୈତନ୍ୟଙ୍କଠାରେ ଭାବ (feelings)-ର ଯେଭଳି ବିକାଶ ହୋଇଥିଲା, ସେଭଳି ଆଉ କୌଣସିଠାରେ ଦେଖାଯାଏ ନାହିଁ ।

ଅସତ୍ କର୍ମ କରିବାକୁ ଇଚ୍ଛା ହୁଏ ତ ଗୁରୁଜନଙ୍କ ଆଗରେ କରିବ ।

ମତାନ୍ଧତାଦ୍ୱାରା ଖୁବ୍ ଶୀଘ୍ର ଧର୍ମପ୍ରଚାର ହୁଏ ସତ, କିନ୍ତୁ ସମସ୍ତଙ୍କୁ ମତର ସ୍ୱାଧୀନତା ଦେଇ ଗୋଟିଏ ଉଚ୍ଚ ପଥକୁ ଉଠାଇବାକୁ ବିଳମ୍ବ ହେଲେ ମଧ୍ୟ ଧର୍ମପ୍ରଚାର ଦୃଢ଼ ହୁଏ ।

ସାଧନାରେ ଯଦି ଦେହ ଯାଏ, ତେବେ ଯାଉ ।

ସାଧୁସଙ୍ଗରେ ରହୁ ରହୁ ଧର୍ମଲାଭ ହୋଇଯିବ ।

ଗୁରୁଙ୍କ ଆଶୀର୍ବାଦରେ ଶିଷ୍ୟ ନ ପଢ଼ି ମଧ୍ୟ ପଣ୍ଡିତ ହୋଇଯାଏ ।

ଗୁରୁ କାହାକୁ କୁହାଯିବ ?—ଯେ ତୁମର ଭୂତ ଭବିଷ୍ୟତ କହିଦେଇପାରିବେ, ସେହିଁ ତୁମର ଗୁରୁ । ଆଚାର୍ଯ୍ୟ ଯେକେହି ଲୋକ ହୋଇପାରନ୍ତି ନାହିଁ; କିନ୍ତୁ ମୁକ୍ତପୁରୁଷ ଅନେକେ ହୋଇପାରିବେ । ଯେ ମୁକ୍ତ, ତାଙ୍କ ନିକଟରେ ସମୁଦାୟ ଜଗତ୍ ସ୍ୱପ୍ନବତ୍; କିନ୍ତୁ ଆଚାର୍ଯ୍ୟଙ୍କୁ ଉଭୟ ଅବସ୍ଥାର ମଧ୍ୟଭାଗରେ ରହିବାକୁ ହେବ । ତାଙ୍କର ଜଗତକୁ ସତ୍ୟ ଜ୍ଞାନ କରିବା ଆବଶ୍ୟକ, ତାହା ନ ହେଲେ ସେ କାହିଁକି ଉପଦେଶ ଦେବେ ? ପୁଣି ଯଦି ତାଙ୍କର ସ୍ୱପ୍ନ-ଜ୍ଞାନ ନ ହେଲା, ତେବେ ସେ ତ ସାଧାରଣ ଲୋକଙ୍କ ଭଳି ହୋଇଗଲେ; ସେ କି ଶିକ୍ଷା ଦେବେ ? ଆଚାର୍ଯ୍ୟଙ୍କୁ ଶିଷ୍ୟର ପାପଭାର ନେବାକୁ ପଡ଼େ । ତାହାଦ୍ୱାରା ଶକ୍ତିମାନ୍ ଆଚାର୍ଯ୍ୟ-ଦେବଙ୍କ ଶରୀରରେ ଆଧିବ୍ୟାଧି ହୋଇଥାଏ । କିନ୍ତୁ କଞ୍ଚା ଥିଲେ ତାଙ୍କ ମନକୁ ମଧ୍ୟ ତାହା ଆକ୍ରମଣ କରେ; ତାଙ୍କର ପତନ ହୁଏ । ଆଚାର୍ଯ୍ୟ—ଯେକେହି ହୋଇପାରନ୍ତି ନାହିଁ ।

ଏପରି ସମୟ ଆସିବ, ଯେତେବେଳେ ଚିଲମେ ତମାଖୁ ସାଜି ଲୋକଙ୍କୁ ସେବା କରିବା କୋଟି କୋଟି ଧ୍ୟାନ ଅପେକ୍ଷା ବଡ଼ ବୋଲି ବୁଝିପାରିବ ।

## ସ୍ୱାମୀଜୀଙ୍କ ସହିତ କେତୋଟି ଦିନ*

ବେଲଗାଁଓ—୧୮୯୨ ଖ୍ରୀଷ୍ଟାବ୍ଦର ଅକ୍ଟୋବର ୧୮ ତାରିଖ, ମଙ୍ଗଳବାର । ପ୍ରାୟ ଦୁଇ ଘଣ୍ଟା ହେଲା ସନ୍ଧ୍ୟା ହୋଇଛି । ଜଣେ ସ୍ଥୂଳକାୟ ପ୍ରସନ୍ନବଦନ ଯୁବ ସନ୍ନ୍ୟାସୀ ମୋର ଜନୈକ ଦେଶୀୟ ଓକିଲଙ୍କ ସହିତ ମୋ ବସାରେ ଆସି ଉପସ୍ଥିତ ହେଲେ । ଓକିଲ ବନ୍ଧୁଟି କହିଲେ, 'ଏ ଜଣେ ବିଦ୍ୱାନ୍ ବଙ୍ଗାଳୀ ସନ୍ନ୍ୟାସୀ, ଆପଣଙ୍କ ସହିତ ସାକ୍ଷାତ୍ କରିବାକୁ

* ବମ୍ବେ ନିକଟସ୍ଥ ବେଲଗାଁଓ-ର ଫରେଷ୍ଟ ଅଫିସର୍ ହରିପଦ ମିତ୍ରଙ୍କ ଦ୍ୱାରା ଲିଖିତ ।

ଆସିଛନ୍ତି ।' ଚାହିଁ ଦେଖିଲି—ପ୍ରଶାନ୍ତ ମୂର୍ତ୍ତି, ଦୁଇ ଚକ୍ଷୁରୁ ଯେପରିକି ବିଦ୍ୟୁତ୍‌ର ଆଲୋକ ବାହାରୁଛି, କଳା ଦାଢ଼ୀ ଖୋର, ଅଙ୍ଗରେ ଗେରୁଆ ଆଲଖାଲ୍ଲା; ପାଦରେ ମହାରାଷ୍ଟ୍ରୀୟ ଦେଶର 'ବାହାନା' ଚଟି-ଯୋତା, ମୁଣ୍ଡରେ ଗେରୁଆ କନାର ପଗଡ଼ି । ସନ୍ନ୍ୟାସୀଙ୍କର ସେହି ଅପରୂପ ମୂର୍ତ୍ତିଙ୍କୁ ସ୍ମରଣ କଲେ ବର୍ତ୍ତମାନ ମଧ୍ୟ ଯେପରିକି ତାଙ୍କୁ ଆଖି ଆଗରେ ଦେଖୁଛି ।

କିଛି ସମୟ ପରେ ନମସ୍କାର କରି ପଚାରିଲି, 'ଆଜ୍ଞା, ଆପଣ କଅଣ ତମାଖୁ ଖାଆନ୍ତି ? ମୁଁ କାୟସ୍ଥ, ମୋର ଗୋଟିଏ ଛଡ଼ା ଅନ୍ୟ ହୁକ୍କା ନାହିଁ । ଆପଣଙ୍କର ଯଦି ମୋ ହୁକ୍କାରେ ତମାଖୁ ଖାଇବାକୁ ଆପତ୍ତି ନ ଥାଏ, ତାହାହେଲେ ତମାଖୁ ସଜାଇ ଆଣିବା ପାଇଁ କହିବି ।' ସେ କହିଲେ, 'ତମାଖୁ, ଚୁରୁଟ୍—ଯେତେବେଳେ ଯାହା ପାଏ, ସେତେବେଳେ ତାହା ଖାଏ । ଆଉ ଆପଣଙ୍କ ହୁକ୍କାରେ ଖାଇବା ପାଇଁ କୌଣସି ଆପତ୍ତି ନାହିଁ ।' ତମାଖୁ ସଜାଇଦେଲି ।

ତାଙ୍କୁ ମୋ ବସାରେ ରହିବାକୁ କହିଲି ଓ ତାଙ୍କ ଜିନିଷପତ୍ର ମୋ ବସାକୁ ଅଣାଇବି କି ନାହିଁ ବୋଲି ପଚାରିଲି । ସେ କହିଲେ, 'ମୁଁ ଓକିଲବାବୁଙ୍କ ଘରେ ବେଶ୍ ରହିଛି । ଆଉ ବଙ୍ଗାଳୀ ଦେଖି ତାଙ୍କ ନିକଟରୁ ଚାଲିଆସିଲେ ତାଙ୍କ ମନରେ ଦୁଃଖ ହେବ; କାରଣ ସେମାନେ ସମସ୍ତେ ମୋତେ ଅତ୍ୟନ୍ତ ସ୍ନେହ ଓ ଭକ୍ତି କରନ୍ତି—ତେଣୁ ଆସିବା ବିଷୟ ପରେ ବିବେଚନା କରାଯିବ ।'

ସେହି ରାତିରେ ବେଶୀ କିଛି କଥାବାର୍ତ୍ତା ହେଲା ନାହିଁ; କିନ୍ତୁ ଦୁଇ ଚାରି କଥା ଯାହା କହିଲେ ସେଥିରୁ ବେଶ୍ ବୁଝିଗଲି, ସେ ମୋ ଅପେକ୍ଷା ହଜାରେ ଗୁଣ ବିଦ୍ୱାନ୍ ଓ ବୁଦ୍ଧିମାନ୍; ଇଚ୍ଛା କଲେ ଅନେକ ଟଙ୍କା ଉପାର୍ଜନ କରିପାରନ୍ତେ, ତଥାପି ଟଙ୍କା ପଇସା ଛୁଅଁନ୍ତି ନାହିଁ ଓ ସୁଖୀ ହେବାର ସମସ୍ତ ବିଷୟର ଅଭାବ ସତ୍ତ୍ୱେ ମୋ ଅପେକ୍ଷା ସହସ୍ର ଗୁଣରେ ସୁଖୀ ।

ମୋ ବସାରେ ରହିବେ ନାହିଁ ଜାଣି ପୁନରାୟ କହିଲି, 'ଯଦି ଚା ଖାଇବାରେ ଆପତ୍ତି ନ ଥାଏ, ତା'ହେଲେ କାଲି ସକାଳେ ମୋ ସହିତ ଚା' ଖାଇବାକୁ ଆସିଲେ ସୁଖୀ ହେବି ।' ସେ ଆସିବାକୁ ସ୍ୱୀକାର କଲେ ଏବଂ ଓକିଲଙ୍କ ସହିତ ତାଙ୍କ ଘରକୁ ଫେରିଗଲେ । ରାତିରେ ତାଙ୍କ ବିଷୟ ବହୁତ ଭାବିଲି । ମନେହେଲା—ଏଭଳି ନିସ୍ପୃହ, ଚିରସୁଖୀ, ସଦାସନ୍ତୁଷ୍ଟ, ପ୍ରଫୁଲ୍ଲମୁଖ ପୁରୁଷ ତ କେବେ ଦେଖି ନାହିଁ ।

ପରଦିନ ୧୯ ଅକ୍ଟୋବର । ପ୍ରାତଃକାଳରେ ୬ଟା ସମୟରେ ଉଠି ସ୍ୱାମୀଜୀଙ୍କ ପଥ ପ୍ରତୀକ୍ଷାରେ ରହିଲି । ଦେଖୁ ଦେଖୁ ଆଠଟା ବାଜିଗଲା; କିନ୍ତୁ ସ୍ୱାମୀଜୀଙ୍କ ଦେଖା ନାହିଁ । ଆଉ ଅପେକ୍ଷା ନ କରି ମୁଁ ଜଣେ ବନ୍ଧୁଙ୍କୁ ସଙ୍ଗରେ ଧରି ସ୍ୱାମୀଜୀ ଯେଉଁଠାରେ ଥିଲେ, ସେଠାକୁ ଗଲି । ଯାଇ ଦେଖିଲି, ସେଠାରେ ଗୋଟିଏ ମହାସଭା; ସ୍ୱାମୀଜୀ ବସିଛନ୍ତି ଓ ନିକଟରେ ଅନେକ ସମ୍ଭ୍ରାନ୍ତ ଓକିଲ ଓ ବିଦ୍ୱାନ୍ ଲୋକଙ୍କ ସହିତ କଥାବାର୍ତ୍ତା ଚାଲିଛି । ସ୍ୱାମୀଜୀ କାହା ସହିତ ଇଂରାଜୀରେ, କାହା ସହିତ ସଂସ୍କୃତରେ ଏବଂ କାହା ସହିତ ମଧ୍ୟ ହିନ୍ଦୁସ୍ଥାନୀରେ ସେମାନଙ୍କ ପ୍ରଶ୍ନର ଉତ୍ତର ଟିକିଏ ମାତ୍ର ଚିନ୍ତା ନ କରି ଦେଉଛନ୍ତି । ମୋ ଭଳି କେହି କେହି ହକ୍ସଲେଙ୍କ ଫିଲୋସଫିକୁ ପ୍ରାମାଣିକ ମନେକରି ତଦବଲମ୍ବନରେ

ସ୍ୱାମୀଜୀଙ୍କ ସହିତ ତର୍କ କରିବାକୁ ଉଦ୍ୟତ । ସେ କିନ୍ତୁ କାହାକୁ ଅଛା ଛଳରେ, କାହାରିକୁ ବା ଗମ୍ଭୀର ଭାବରେ ଯଥାଯଥ ଉତ୍ତର ଦେଇ ସମସ୍ତଙ୍କୁ ନିରସ୍ତ କରୁଛନ୍ତି । ମୁଁ ଯାଇ ପ୍ରଣାମ କରି ଅବାକ୍ ହୋଇ ବସି ଶୁଣିବାକୁ ଲାଗିଲି ଓ ଭାବିଲି—ଏ କ'ଣ ମନୁଷ୍ୟ ନା ଦେବତା ?

କୌଣସି ମାନ୍ୟଗଣ୍ୟ ବ୍ରାହ୍ମଣ ଏକାଳ ପ୍ରଶ୍ନ କଲେ, 'ସ୍ୱାମୀଜି, ସନ୍ଧ୍ୟା ଆହ୍ନିକ ପ୍ରଭୃତିର ମନ୍ତ୍ରାଦି ସଂସ୍କୃତ ଭାଷାରେ ରଚିତ, ଆମେ ତାହା ବୁଝିପାରୁ ନାହିଁ । ଆମମାନଙ୍କର ସେହିସବୁ ମନ୍ତ୍ରୋଚ୍ଚାରଣରେ କିଛି ଫଳ ଅଛି କି ?'

ସ୍ୱାମୀଜୀ ଉତ୍ତର ଦେଲେ, 'ଅବଶ୍ୟ ଫଳ ଅଛି, ବ୍ରାହ୍ମଣର ସନ୍ତାନ ହୋଇ ଏହି କେତୋଟି ସଂସ୍କୃତ ମନ୍ତ୍ରାଦି ତ ଇଚ୍ଛା କଲେ ଅନାୟାସରେ ବୁଝିନେଇପାର, ତଥାପି ବୁଝିବାକୁ ଚେଷ୍ଟା କର ନାହିଁ । ଏହା କାହାର ଦୋଷ ? ଆଉ ଯଦି ମନ୍ତ୍ରର ଅର୍ଥ ବୁଝି ନ ପାର, ତଥାପି ଯେତେବେଳେ ସନ୍ଧ୍ୟା ଆହ୍ନିକ କରିବାକୁ ବସ, ସେତେବେଳେ ଧର୍ମକର୍ମ କରୁଛ ମନେକର ନା କିଛି ପାପ କରୁଛ ବୋଲି ମନେକର ? ଯଦି ଧର୍ମକର୍ମ କରୁଛ ବୋଲି ମନେକରି ବସ, ତାହାହେଲେ ଉତ୍ତମ ଫଳ ଲାଭ କରିବାରେ ତାହା ହିଁ ଯଥେଷ୍ଟ ।'

ଅନ୍ୟ ଜଣେ ଏହି ସମୟରେ ସଂସ୍କୃତରେ କହିଲେ, 'ଧର୍ମ ସମ୍ବନ୍ଧରେ କଥୋପକଥନ ମ୍ଳେଚ୍ଛ ଭାଷାରେ କରିବା ଉଚିତ ନୁହେଁ; ଅମୁକ ପୁରାଣରେ ଏହିପରି ଲେଖାଅଛି ।'

ସ୍ୱାମୀଜୀ ଉତ୍ତର ଦେଲେ, 'ଯେକୌଣସି ଭାଷାରେ ଧର୍ମଚର୍ଚ୍ଚା କରାଯାଇପାରେ, ଏବଂ ଏହି ବାକ୍ୟର ସମର୍ଥନରେ ଶ୍ରୁତି ପ୍ରଭୃତିର ବଚନ ପ୍ରମାଣସ୍ୱରୂପ ଦେଇ କହିଲେ, 'ହାଇକୋର୍ଟର ନିଷ୍ପତ୍ତି ନିମ୍ନ ଅଦାଲତ ଦ୍ୱାରା ଖଣ୍ଡନ ହୋଇପାରେ ନାହିଁ ।'

ଏହିପରି ଭାବରେ ନଅଟା ବାଜିଗଲା । ଯେଉଁମାନଙ୍କୁ ଅଫିସ୍ ବା କୋର୍ଟକୁ ଯିବାକୁ ହେବ, ସେମାନେ ଚାଲିଗଲେ । କେହି କେହି ବା ସେତେବେଳ ପର୍ଯ୍ୟନ୍ତ ମଧ୍ୟ ବସି ରହିଲେ । ସ୍ୱାମୀଜୀଙ୍କ ଦୃଷ୍ଟି ମୋ ଉପରେ ପଡ଼ିବାରୁ ପୂର୍ବଦିନର ଗୀତ ଶୁଣିବାକୁ ଯିବା କଥା ସ୍ମରଣ ହେବାରୁ କହିଲେ, 'ବାବା, ଅନେକ ଲୋକଙ୍କ ମନ କ୍ଷୁଣ୍ଣ କରି ଯାଇପାରିଲି ନାହିଁ; କିଛି ମନେକରିବ ନାହିଁ ।' ପରେ ମୁଁ ତାଙ୍କୁ ମୋ ଘରକୁ ଆସି ରହିବା ପାଇଁ ବିଶେଷ ଅନୁରୋଧ କରିବାରୁ ସେ ଅବଶେଷରେ କହିଲେ, 'ମୁଁ ଯାହାଙ୍କର ଅତିଥି, ତାଙ୍କୁ ସମ୍ମତ କରିପାରିଲେ ମୁଁ ତୁମ ନିକଟରେ ରହିବାକୁ ପ୍ରସ୍ତୁତ ।' ଓକିଲଙ୍କୁ ବିଶେଷ ଭାବରେ ବୁଝାଇ ସ୍ୱାମୀଜୀଙ୍କୁ ସଙ୍ଗରେ ଧରି ମୋ ବସାକୁ ଆସିଲି । ସଙ୍ଗରେ ମାତ୍ର ଗୋଟିଏ କମଣ୍ଡଳୁ ଓ ଗେରୁଆ ଲୁଗାରେ ବନ୍ଧା ଖଣ୍ଡିଏ ପୁସ୍ତକ । ସ୍ୱାମୀଜୀ ସେ ସମୟରେ ଫ୍ରାନ୍ସ ଦେଶର ସଙ୍ଗୀତ ସମ୍ବନ୍ଧରେ ଖଣ୍ଡେ ପୁସ୍ତକ ଅଧ୍ୟୟନ କରୁଥିଲେ । ପରେ ବସାକୁ ଆସି ଦଶଟା ସମୟରେ ଗୀତ ଶୁଣାଇଥିଲେ, ତାହା ପରେ ଏକ ଗ୍ଲାସ ଥଣ୍ଡା ପାଣି ମଧ୍ୟ ନିଜେ ମାଗି ପିଇଲେ । ମୋ ମନରେ ଯେଉଁସବୁ କଠିନ ସମସ୍ୟା ଥିଲା, ସେସବୁ ତାଙ୍କୁ ପଚାରିବାକୁ ସାହସ ଭରସା ହେଉ ନ ଥିଲା । ଏହା ଜାଣିପାରି ସେ ନିଜେ ମୋର ବିଦ୍ୟାବୁଦ୍ଧିର ପରିଚୟ ଅଳ୍ପ କେତୋଟି କଥାରେ ବୁଝିନେଲେ ।

ଏହାପୂର୍ବରୁ 'ଟାଇମ୍‌ସ୍' ସମ୍ବାଦପତ୍ରରେ ଜଣେ ଗୋଟିଏ ସୁନ୍ଦର କବିତାରେ 'ଈଶ୍ୱର କ'ଣ', 'କେଉଁ ଧର୍ମ ସତ୍ୟ' ପ୍ରଭୃତି ତତ୍ତ୍ୱ ବୁଝିବା ଅତ୍ୟନ୍ତ କଠିନ ବୋଲି ଲେଖିଥିଲେ;

ସେହି କବିତାଟି ମୋର ସେସମୟର ଧର୍ମବିଶ୍ୱାସ ସହିତ ଠିକ୍ ମେଳ ଖାଉଥିବାରୁ, ମୁଁ ତାହାକୁ ଯତ୍ନ କରି ରଖିଥିଲି । ତାହା ହିଁ ପଢ଼ିବାକୁ ଦେଲି । ପଢ଼ିସାରି ସେ କହିଲେ, 'ଲୋକଟା ଗୋଳମାଳରେ ପଡ଼ିଛି ।' ମୋର ମଧ୍ୟ କ୍ରମେ ସାହସ ବଢ଼ିବାକୁ ଲାଗିଲା । ଖ୍ରୀଷ୍ଟାନ୍ ମିଶନାରୀମାନଙ୍କ ସହିତ 'ଈଶ୍ୱର ଦୟାମୟ ଓ ନ୍ୟାୟବାନ୍, ଏକ ସମୟରେ ଏ ଦୁଇଟା ସାକ ହୋଇ ନ ପାରନ୍ତି'—ଏହି ତର୍କର ମୀମାଂସା ହୋଇପାରି ନ ଥିଲା । ମନେକଲି, ଏ ସମସ୍ୟା ପୂରଣ ସ୍ୱାମୀଜୀ ମଧ୍ୟ କରିପାରିବେ ନାହିଁ ।

ସ୍ୱାମୀଜୀଙ୍କୁ ପ୍ରଶ୍ନ କରିବାରୁ ସେ କହିଲେ, 'ଦେଖୁଛି, ତୁମେ ତ Science (ବିଜ୍ଞାନ) ଅନେକ ପଢ଼ିଛ । ପ୍ରତ୍ୟେକ ଜଡ଼ ପଦାର୍ଥରେ ଦୁଇଟି opposite forces (ବିରୁଦ୍ଧ ଶକ୍ତି) —centripetal and centrifugal କିଅଣ act (କାର୍ଯ୍ୟ) କରେ ନାହିଁ ? ଯଦି ଦୁଇଟି opposite forces(ବିପରୀତ ଶକ୍ତି) ଜଡ଼ବସ୍ତୁରେ ରହିବା ସମ୍ଭବ ହୁଏ, ତାହାହେଲେ ଦୟା ଓ ନ୍ୟାୟ opposite ହେଲେ ମଧ୍ୟ କିଅଣ ଈଶ୍ୱରଙ୍କଠାରେ ରହିବା ସମ୍ଭବ ହେବ ନାହିଁ ? 'All I can say is that you have a very poor idea of your God.' (ମୁଁ କେବଳ କହିପାରେ ଯେ, ତୁମେ ମନରେ ଈଶ୍ୱରଙ୍କ ସମ୍ପର୍କରେ ଅତି ଦରିଦ୍ର ଧାରଣା ରହିଛି ) ।

ମୁଁ ତ ନିସ୍ତବ୍ଧ । ମୋର ପୂର୍ଣ୍ଣ ବିଶ୍ୱାସ—Truth is absolute. (ସତ୍ୟ-ନିରପେକ୍ଷ) । ସମସ୍ତ ଧର୍ମ କେବେହେଲେ ଏକ ସମୟରେ ସତ୍ୟ ହୋଇ ନ ପାରେ । ସ୍ୱାମୀଜୀ ସେହିବୁ ପ୍ରଶ୍ନର ଉତ୍ତରରେ କହିଲେ :

ଆମେ ଯେଉଁ ବିଷୟରେ ଯାହା କିଛି ସତ୍ୟ ବୋଲି ଜାଣୁ ବା ପରେ ଜାଣିବୁ, ସେ ସମସ୍ତ ହିଁ ଆପେକ୍ଷିକ ସତ୍ୟ (Relative truths) । Absolute truth (ନିରପେକ୍ଷ ସତ୍ୟର) ଧାରଣା ଆମମାନଙ୍କ ସୀମାବଦ୍ଧ ମନ-ବୁଦ୍ଧି ପାଖରେ ବିଭିନ୍ନ ଆକାରରେ ପ୍ରକାଶିତ ହୁଏ । ସତ୍ୟର ସେହି ବିଭିନ୍ନ ଆକାର ବା ଭାବଗୁଡ଼ିକ ନିରପେକ୍ଷ (Absolute) ସତ୍ୟକୁ ଅବଲମ୍ବନ କରି ପ୍ରକାଶିତ ହୁଏ ବୋଲି ସେସମସ୍ତ ଏକ ପ୍ରକାରର ବା ଏକ ଶ୍ରେଣୀର । ଯେପରି ଦୂର ଓ ସନ୍ନିକଟ ସ୍ଥାନରୁ ଫଟୋଗ୍ରାଫ୍ ନେଲେ ଏକ ସୂର୍ଯ୍ୟର ଛବି ନାନା ପ୍ରକାର ଦେଖାଯାଏ, ମନେହୁଏ ପ୍ରତ୍ୟେକ ଛବି ହିଁ ଗୋଟିଏ ଗୋଟିଏ ଭିନ୍ନ ଭିନ୍ନ ସୂର୍ଯ୍ୟର, ସେହିପରି ଆପେକ୍ଷିକ ସତ୍ୟ ସବୁ (Relative truths) ନିରପେକ୍ଷ ସତ୍ୟ (Alsolute truth)-ର ସମ୍ବନ୍ଧରେ ଠିକ୍ ଏହି ଭାବରେ ଅବସ୍ଥିତ । ପ୍ରତ୍ୟେକ ଧର୍ମ ହିଁ ନିତ୍ୟ ସତ୍ୟର ଆଭାସ ବୋଲି ସତ୍ୟ ।

ବିଶ୍ୱାସ ହିଁ ଧର୍ମର ମୂଳ କହିବାରୁ ସ୍ୱାମୀଜୀ ଈଷତ୍ ହାସ୍ୟ କରି କହିଲେ, 'ରାଜା ହେଲେ ଆଉ ଖାଇବାପିଇବାର କଷ୍ଟ ରହେ ନାହିଁ; କିନ୍ତୁ ରାଜା ହେବା ଯେ କଠିନ । ବିଶ୍ୱାସ କିଅଣ କେବେ ଜୋର୍ କରି ହୁଏ ? ଅନୁଭବ ନ ହେଲେ ଠିକ୍ ଠିକ୍ ବିଶ୍ୱାସ ହେବା ଅସମ୍ଭବ ।' କୌଣସି କଥାପ୍ରସଙ୍ଗରେ ତାଙ୍କୁ 'ସାଧୁ' ବୋଲି କହିବାରୁ ସେ ଉତ୍ତର ଦେଲେ, 'ଆମେ କି ସାଧୁ ? ଏଭଳି ଅନେକ ସାଧୁ ଅଛନ୍ତି, ଯାହାଙ୍କର ଦର୍ଶନ ବା ସ୍ପର୍ଶ ମାତ୍ରେ

ଦିବ୍ୟଜ୍ଞାନର ଉଦୟ ହୋଇଥାଏ ।'

'ସନ୍ନ୍ୟାସୀମାନେ ଏଭଳି ଅଳସ ହୋଇ କାହିଁକି କାଳକ୍ଷେପ କରନ୍ତି ? ଅନ୍ୟର ସାହାଯ୍ୟ ଉପରେ କାହିଁକି ନିର୍ଭର କରି ରହନ୍ତି ? ସମାଜର ହିତକର କୌଣସି କାର୍ଯ୍ୟ କାହିଁକି କରନ୍ତି ନାହିଁ ?'—ପ୍ରଭୃତି ପ୍ରଶ୍ନ କରିବାରୁ ସ୍ୱାମୀଜୀ କହିଲେ, 'ଆଚ୍ଛା କହ ଦେଖି—ତୁମେ ଏତେ କଷ୍ଟରେ ଅର୍ଥ ଉପାର୍ଜନ କରୁଛ, ସେଥିରୁ ଯତ୍ ସାମାନ୍ୟ ଅଂଶ କେବଳ ନିଜ ପାଇଁ ଖର୍ଚ୍ଚ କରୁଛ, ବାକି କେତେକ ଅନ୍ୟ କେତେଗୁଡ଼ିଏ ଲୋକଙ୍କୁ ଆପଣାର ଭାବି ସେମାନଙ୍କ ପାଇଁ ଖର୍ଚ୍ଚ କରୁଛ । ସେମାନେ ସେଥିପାଇଁ ତୁମକୃତ ଉପକାର ମାନନ୍ତି ନା ଯାହା ବ୍ୟୟ କର ସେଥିରେ ସନ୍ତୁଷ୍ଟ ରହନ୍ତି ? ବାକି ଯକ୍ଷ ଭଳି ପ୍ରାଣପଣେ ଜମାଉଛ; ତୁମେ ମରିଗଲେ ଅନ୍ୟ କେହି ତାହା ଭୋଗ କରିବ; ପୁଣି ହୁଏତ ଆଉ ଅଧିକ ଟଙ୍କା ରଖି ଯାଇ ନାହଁ ବୋଲି ଗାଳି ଦେବେ । ଏହି ତ ଗଲା ତୁମର ଦଶା । ଆଉ ମୁଁ ଏସବୁ କିଛି କରୁ ନାହିଁ । କ୍ଷୁଧା ହେଲେ ପେଟ ବାଡ଼େଇ, ହାତ ମୁହଁକୁ ଟେକି ଦେଖାଏ; ଯାହା ପାଏ, ତାହା ଖାଏ; କିଛି କଷ୍ଟ କରେ ନାହିଁ । କିଛି ସଂଗ୍ରହ କରେ ନାହିଁ । ଆମ ଭିତରେ କିଏ ବୁଦ୍ଧିମାନ୍ ? —ତୁମେ ନା ମୁଁ ?' ମୁଁ ତ ଶୁଣି ଅବାକ୍ । ଏହା ପୂର୍ବରୁ ମୋ ସମ୍ମୁଖରେ ଏଭଳି ସ୍ପଷ୍ଟ କଥା କହିବାରେ ତ କାହାରି ସାହସ ଦେଖି ନ ଥିଲି !

ଆହାରାଦି ସାରି ଟିକିଏ ବିଶ୍ରାମ ପରେ ପୁନର୍ବାର ସେହି ବନ୍ଧୁ ଓକିଲଙ୍କ ବସାକୁ ଗଲୁ ଏବଂ ସେଠାରେ ଅନେକ ବାଦାନୁବାଦ ଓ କଥୋପକଥନ ଚାଲିଲା । ରାତି ନଅଟା ସମୟରେ ସ୍ୱାମୀଜୀଙ୍କୁ ନେଇ ପୁଣି ମୋ ବସାକୁ ଫେରିଲି । ଆସୁ ଆସୁ କହିଲି, 'ସ୍ୱାମୀଜୀ, ଆଜିର ତର୍କ ବିତର୍କରେ ଆପଣଙ୍କୁ ଅନେକ କଷ୍ଟ ହୋଇଛି ।'

ସେ କହିଲେ, 'ବାବା, ତୁମେମାନେ ଯେପରି utilitarian (ଉପଯୋଗବାଦୀ), ଯଦି ମୁଁ ଚୁପ୍ କରି ବସିରହେ, ତେବେ ତୁମେମାନେ କଅଣ ମୋତେ ମୁଠାଏ ଖାଇବାକୁ ଦେବ ? ମୁଁ ଏହିପରି ବକ୍ ବକ୍ ହୁଏ, ଲୋକମାନେ ଶୁଣି ଆମୋଦ ପାଆନ୍ତି; ତେଣୁ ଦଳ ଦଳ ହୋଇ ଆସନ୍ତି । କିନ୍ତୁ ଜାଣ, ଯେଉଁସବୁ ଲୋକ ସଭାରେ ତର୍କବିତର୍କ କରନ୍ତି, ପ୍ରଶ୍ନ ପଚାରନ୍ତି, ସେମାନେ ବାସ୍ତବିକ ସତ୍ୟ ଜାଣିବା ଇଚ୍ଛାରେ ଏଭଳି କରନ୍ତି ନାହିଁ । ମୁଁ ମଧ୍ୟ ବୁଝିପାରେ, କିଏ କେଉଁ ଭାବରେ କଥା କହୁଛି ଓ ତାକୁ ସେହିଭଳି ଉତ୍ତର ଦିଏ ।'

ମୁଁ ପ୍ରଶ୍ନ କଲି, 'ଆଚ୍ଛା ସ୍ୱାମୀଜୀ, ସମସ୍ତ ପ୍ରଶ୍ନର ଏଭଳି ବାଛା ବାଛା ଉତ୍ତର ଆପଣଙ୍କ ମନରେ ତତ୍କ୍ଷଣାତ୍ ଆସିଯାଏ କିପରି ?'

ସେ କହିଲେ, 'ଏ ସମସ୍ତ ପ୍ରଶ୍ନ ତୁମମାନଙ୍କ ପକ୍ଷରେ ନୂତନ; କିନ୍ତୁ ମୋତେ କେତେ ଲୋକ କେତେ ଥର ଏହିସବୁ ପ୍ରଶ୍ନ ପଚାରନ୍ତି, ଆଉ ତାହାର ଉତ୍ତର ମୁଁ କେତେ ଥର ଦେଇଛି ।'

ରାତିରେ ଆହାର କରିବାକୁ ବସି କେତେ କଥା କହିଲେ । ପଇସା ନ ଛୁଇଁ ଦେଶ-ଭ୍ରମଣରେ କେତେ ସ୍ଥାନରେ କେତେ କି ଘଟଣା ଘଟିଥିଲା, ସେସବୁ କହିବାକୁ ଲାଗିଲେ । ଶୁଣୁ ଶୁଣୁ ମୋର ମନେହେଲା, ଆହା, ଏ କେତେ କଷ୍ଟ, କେତେ ଉତ୍ପାତ ସହ୍ୟ କରି ନାହାନ୍ତି;

କିନ୍ତୁ ସେ ସେସବୁ ଘଟଣା ଯେପରିକି କେତେ ମଜାର କଥା, ଏହିପରି ଭାବରେ ହସିହସି ସମସ୍ତ ସେ କହିଯାଉଥାଆନ୍ତି । କେଉଁଠାରେ ତିନି ଦିନ ଉପବାସ, କେଉଁ ସ୍ଥାନରେ ଲଙ୍କାମରିଚ ଖାଇ ଏଭଳି ପେଟ ପୋଡ଼ିଲା ଯେ, ଗିନାଏ ତେନ୍ତୁଳିରସ ଖାଇ ମଧ୍ୟ ତାହା କମିଲା ନାହିଁ । କେଉଁଠି—'ଏଠାରେ ସାଧୁସନ୍ନ୍ୟାସୀଙ୍କ ପାଇଁ ସ୍ଥାନ ନାହିଁ'—ଏହା କହି ଅନ୍ୟର ତାଡ଼ନା ବା ଗୁପ୍ତ ପୋଲିସର ସୂକ୍ଷ୍ମ ଦୃଷ୍ଟି ପ୍ରଭୃତି ଯାହା ଶୁଣିଲେ ଆମ ଦେହର ରକ୍ତ ପାଣି ହୋଇଯିବ, ସେସମସ୍ତ ଘଟଣା ତାଙ୍କ ପକ୍ଷରେ ଯେପରି ତମାସା ମାତ୍ର ।

ରାତି ଅନେକ ହୋଇଛି ଦେଖି ତାଙ୍କ ପାଇଁ ବିଛଣା କରିଦେଇ ମୁଁ ମଧ୍ୟ ଶୋଇବାକୁ ଗଲି; କିନ୍ତୁ ସେ ରାତିରେ ଆଉ ନିଦ ହେଲା ନାହିଁ । ଭାବିବାକୁ ଲାଗିଲି, ଏତେ ବର୍ଷର କଠୋର ସନ୍ଦେହ ଓ ଅବିଶ୍ୱାସ ସ୍ୱାମୀଜୀଙ୍କୁ ଦେଖି ଓ ତାଙ୍କଠାରୁ ଦୁଇ ଚାରି କଥା ଶୁଣିବା ମାତ୍ରକେ ସମସ୍ତ ଦୂର ହୋଇଗଲା, ଆଉ ପ୍ରଶ୍ନ କରିବାର କିଛି ନାହିଁ ! କ୍ରମେ ଯେତେ ଦିନ ଗଡ଼ିଯିବାକୁ ଲାଗିଲା, ମୋର କାହିଁକି ଆମ ଘରର ଚାକର-ବାକରଙ୍କର ତାଙ୍କ ପ୍ରତି ଏତେ ଭକ୍ତି-ଶ୍ରଦ୍ଧା ହେଲା ଯେ, ସେମାନଙ୍କ ସେବାରେ ଓ ଆଗ୍ରହରେ ସ୍ୱାମୀଜୀ ବେଳେ ବେଳେ ବିରକ୍ତ ହୋଇଯାଉଥିଲେ ।

୨୦ ଅକ୍ଟୋବର । ସକାଳେ ଉଠି ସ୍ୱାମୀଜୀଙ୍କୁ ନମସ୍କାର କଲି । ଏବେ ସାହସ ବଢ଼ିଛି, ଭକ୍ତି ମଧ୍ୟ ହୋଇଛି । ସ୍ୱାମୀଜୀ ମଧ୍ୟ ଅନେକ ବନ, ନଦୀ, ଅରଣ୍ୟର ବିବରଣ ମୋଠାରୁ ଶୁଣି ସନ୍ତୁଷ୍ଟ ହୋଇଛନ୍ତି । ଏହି ସହରରେ ବାସ କରିବାର ଆଜିକୁ ଚାରି ଦିନ ହେଲା । ପଞ୍ଚମ ଦିନ ସେ କହିଲେ, 'ସନ୍ନ୍ୟାସୀମାନଙ୍କର ନଗରରେ ତିନି ଦିନରୁ ବେଶୀ ଓ ଗ୍ରାମରେ ଦିନକରୁ ବେଶୀ ରହିବା ଉଚିତ୍ ନୁହେଁ । ମୁଁ ଶୀଘ୍ର ଯିବା ପାଇଁ ଇଚ୍ଛା କରୁଛି ।' କିନ୍ତୁ ମୁଁ ଏକଥା କୌଣସିମତେ ଶୁଣିବି ନାହିଁ, ଏହା ତର୍କ କରି ବୁଝାଇଦେବା ଦରକାର । ପରେ ଅନେକ ବାଦାନୁବାଦ ପରେ କହିଲେ, 'ଗୋଟିଏ ସ୍ଥାନରେ ଅଧିକ ଦିନ ରହିଲେ ମାୟାମମତା ବଢ଼ିଯାଏ । ଆମେମାନେ ଗୃହ ଓ ଆତ୍ମୀୟ ବନ୍ଧୁ ତ୍ୟାଗ କରିଛୁ; ସେପରି ମାୟାରେ ମୁଗ୍ଧ ହେବାର ଯେତେ ଉପାୟ ଅଛି, ତାହାଠାରୁ ଦୂରରେ ରହିବା ହିଁ ଆମ ପକ୍ଷରେ ଭଲ ।'

ମୁଁ କହିଲି ଯେ, 'ଆପଣ କେବେହେଲେ ମୁଗ୍ଧ ହେବାର ଲୋକ ନୁହନ୍ତି ।' ପରିଶେଷରେ ମୋର ଅତିଶୟ ଆଗ୍ରହ ଦେଖି ଆହୁରି ଦୁଇ ଚାରି ଦିନ ରହିବା ଲାଗି ସ୍ୱୀକୃତ ହେଲେ । ଏହା ମଧ୍ୟରେ ମୋର ମନେହେଲା, ସ୍ୱାମୀଜୀ ଯଦି ସାଧାରଣଙ୍କ ପାଇଁ ବକ୍ତୃତା ଦିଅନ୍ତେ, ତା'ହେଲେ ଆମେମାନେ ମଧ୍ୟ ତାଙ୍କ 'ଲେକ୍ଚର' ଶୁଣନ୍ତୁ ଏବଂ ଅପର କେତେ ଲୋକଙ୍କର ମଧ୍ୟ କଲ୍ୟାଣ ହୁଅନ୍ତା । ଅନେକ ଅନୁରୋଧ କଲି; କିନ୍ତୁ ବକ୍ତୃତା ଦେଲେ ହୁଏତ ନାମଯଶର ଇଚ୍ଛା ହେବ, ଏହା କହି ସେ କୌଣସି ପ୍ରକାରେ ସେଥିରେ ସ୍ୱୀକୃତ ହେଲେ ନାହିଁ; ତେବେ ସଭାରେ ପ୍ରଶ୍ନର ଉତ୍ତର ଦାନ (conversational meeting) କରିବାକୁ ତାଙ୍କର କୌଣସି ଆପତ୍ତି ନାହିଁ, ଏ କଥା ଜଣାଇଲେ ।

ଦିନେ କଥାପ୍ରସଙ୍ଗରେ ସ୍ୱାମୀଜୀ Pickwick Papers* ମୁଖସ୍ଥ ଦୁଇ ତିନି ପୃଷ୍ଠା

* Charles Dickensଙ୍କ ରଚିତ ।

କହିଲେ । ମୁଁ ଏହା ବହୁତ ଥର ପଢ଼ିଛି; କୁହିଲ—ପୁସ୍ତକର କେଉଁ ସ୍ଥାନରୁ ସେ ଆବୃତ୍ତି କଲେ । ଶୁଣି ମୋତେ ବିଶେଷ ଆଶ୍ଚର୍ଯ୍ୟ ବୋଧ ହେଲା । ଭାବିଲି, ସନ୍ନ୍ୟାସୀ ହୋଇ ସାମାଜିକ ଗ୍ରନ୍ଥରୁ କିପରି ସେ ଏତେଗୁଡ଼ାଏ ମୁଖସ୍ଥ କଲେ ? ଆଗରୁ ବୋଧହୁଏ ଅନେକ ଥର ଏହି ପୁସ୍ତକ ପଢ଼ିଥିଲେ । ପଚାରିବାରୁ କହିଲେ, 'ଦୁଇ ଥର ପଢ଼ିଛି । ଥରେ ସ୍କୁଲରେ ପଢ଼ିବା ଓ ଆଜକୁ ପାଞ୍ଚ ଛ ମାସ ହେବ ଆଉ ଥରେ ।'

ଅବାକ୍ ହୋଇ ପଚାରିଲି, 'ତେବେ କିପରି ମନେ ରହିଲା ? ଆମମାନଙ୍କର କାହିଁକି ରହେ ନାହିଁ ?'

ସ୍ୱାମୀଜୀ କହିଲେ 'ଏକାନ୍ତ ମନରେ ପଢ଼ିବା ଦରକାର; ପୁଣି ଖାଦ୍ୟର ସାରଭାଗରୁ ପ୍ରସ୍ତୁତ ବୀର୍ଯ୍ୟର ଅପଚୟ ନ କରି ପୁନର୍ବାର ତାହା assimilate କରିବା ଦରକାର ।'

ଆଉ ଦିନେ ସ୍ୱାମୀଜୀ ମଧ୍ୟାହ୍ନରେ ଏକାକୀ ବିଛଣାରେ ଶୋଇ ଖଣ୍ଡିଏ ପୁସ୍ତକ ଧରି ପଢ଼ୁଥିଲେ । ମୁଁ ଅନ୍ୟ ଘରେ ଥିଲି । ହଠାତ୍ ଏଭଳି ଉଚ୍ଚସ୍ୱରରେ ହସିଉଠିଲେ ଯେ, ମୁଁ ଏ ହସର ବିଶେଷ କୌଣସି କାରଣ ଅଛି ଭାବି ତାଙ୍କ ଘର ଦୁଆର ନିକଟରେ ଆସି ଉପସ୍ଥିତ ହେଲି । ଦେଖିଲି, ବିଶେଷ କିଛି ହୋଇ ନାହିଁ । ସେ ଯେପରି ବହି ପଢ଼ୁଥିଲେ, ସେହିପରି ପଢ଼ୁଛନ୍ତି । ପ୍ରାୟ ପନ୍ଦର ମିନିଟ ଠିଆ ହୋଇ ରହିଲି; ତଥାପି ସେ ମୋତେ ଦେଖିପାରିଲେ ନାହିଁ । ବହି ବ୍ୟତୀତ ଅନ୍ୟ କୌଣସି ଦିଗକୁ ତାଙ୍କର ମନ ନାହିଁ । ପରେ ମୋତେ ଦେଖି ଭିତରକୁ ଯିବା ଲାଗି ଡାକିଲେ ଏବଂ ମୁଁ କେତେ ସମୟ ଧରି ଠିଆ ହୋଇଥିବାର ଶୁଣି କହିଲେ, 'ଯେତେବେଳେ ଯେଉଁ କାର୍ଯ୍ୟ କରାଯାଏ, ସେତେବେଳେ ତାହା ଏକମନ ଏକପ୍ରାଣରେ—ସମସ୍ତ କ୍ଷମତାର ସହିତ କରିବାକୁ ହୁଏ । ଗାଜିପୁରର ପଓହାରି ବାବା ଧ୍ୟାନ, ଜପ, ପୂଜା, ପାଠ ଯେଭଳି ଏକମନରେ କରୁଥିଲେ, ତାଙ୍କର ପିତ୍ତଳ ଲୋଟାଟି ମାଜିବା ମଧ୍ୟ ସେହିପରି ଏକମନରେ କରୁଥିଲେ । ଏପରି ମାଜୁଥିଲେ ଯେ, ସୁନା ପରି ଦିଶୁଥାଏ ।'

ଥରେ ମୁଁ ପଚାରିଲି, 'ସ୍ୱାମୀଜୀ, ଚୋରି କରିବା ପାପ କାହିଁକି ? ସମସ୍ତ ଧର୍ମରେ ଚୋରି କରିବା ନିଷେଧ କରାଯାଇଛି କାହିଁକି ? ମୋର ମନେହୁଏ, ଏହା ଆମର, ତାହା ଅପରର—ଇତ୍ୟାଦି ଭାବିବା କେବଳ କଳ୍ପନା ମାତ୍ର । କାହିଁକି, ମୋତେ ନ ଜଣାଇ ମୋର ଆତ୍ମୀୟ ବନ୍ଧୁ କେହି ମୋର କୌଣସି ଦ୍ରବ୍ୟ ବ୍ୟବହାର କଲେ ତ ତାହା ଚୋରି କରିବା ହୁଏ ନାହିଁ ? ପୁଣି ପଶୁପକ୍ଷୀ ଆଦି ଆମର କୌଣସି ଜିନିଷ ନଷ୍ଟ କଲେ ତାହାକୁ ମଧ୍ୟ ତ ଚୋରି ବୋଲି କହୁ ନାହିଁ ?'

ସ୍ୱାମୀଜୀ କହିଲେ, 'ଅବଶ୍ୟ ସବାବସ୍ଥାରେ ସବୁ ସମୟରେ ମନ୍ଦ ଓ ପାପ ବୋଲି ଗଣ୍ୟ ହୋଇପାରେ, ଏପରି କୌଣସି ଜିନିଷ ବା କାର୍ଯ୍ୟ ନାହିଁ । ପୁଣି ଅବସ୍ଥାଭେଦରେ ପ୍ରତ୍ୟେକ ଜିନିଷ ମନ୍ଦ ଓ ପ୍ରତ୍ୟେକ କାର୍ଯ୍ୟ ହିଁ ପାପ ବୋଲି ଗଣ୍ୟ ହୋଇପାରେ । ତେବେ ଯଦ୍ୱାରା ଅନ୍ୟ କାହାରି କୌଣସି ପ୍ରକାର କଷ୍ଟ ଉପସ୍ଥିତ ହେବ ଏବଂ ଯାହା କଲେ ଶାରୀରିକ, ମାନସିକ ବା ଆଧ୍ୟାତ୍ମିକ କୌଣସି ପ୍ରକାର ଦୁର୍ବଳତା ଆସିବ, ସେ କର୍ମ କରିବ ନାହିଁ; ତାହା ହିଁ ପାପ ଏବଂ ତଦ୍‌ବିପରୀତ କର୍ମ ହିଁ ପୁଣ୍ୟ । ମନେକର ତୁମର କୌଣସି ଜିନିଷ କେହି ଚୋରି

କଲେ ତୁମର ଦୁଃଖ ହୁଏ କି ନାହିଁ ? ତୁମର ଯେପରି, ସମସ୍ତ ଜଗତର ସେହିପରି ଜାଣିବ । ଏହି ଦୁଇଦିନିଆ ଜଗତରେ ସାମାନ୍ୟ କିଛି ଜିନିଷ ପାଇଁ ଯଦି ତୁମେ ଗୋଟିଏ ପ୍ରାଣୀକୁ ଦୁଃଖ ଦେଇପାର, ତାହାହେଲେ କ୍ରମେ କ୍ରମେ ଭବିଷ୍ୟତରେ ତୁମେ କି ମନ୍ଦ କର୍ମ ନ କରି-ପାରିବ ? ପୁଣି ପାପପୁଣ୍ୟ ନ ଥିଲେ ସମାଜ ଚାଲିବ ନାହିଁ । ସମାଜରେ ରହିବାକୁ ହେଲେ ତାହାର ନିୟମାଦି ପାଳନ କରିବା ଦରକାର । ବଣକୁ ଯାଇ ଲଙ୍ଗଳା ହୋଇ ନାଚ, ଛିଡ଼ ନାହିଁ—କେହି ତୁମକୁ କିଛି କହିବେ ନାହିଁ । କିନ୍ତୁ ସହରରେ କଲେ ପୋଲିସ୍ ଦ୍ୱାରା ଧରାଇ ତୁମକୁ କୌଣସି ନିର୍ଜନ ସ୍ଥାନରେ ବନ୍ଦୀ କରି ରଖିବା ହିଁ ଉଚିତ ।'

ସ୍ୱାମୀଜୀ ଅନେକ ସମୟରେ ଥଟ୍ଟା,ବିଦ୍ରୂପ ମଧ୍ୟରେ ବିଶେଷ ଶିକ୍ଷା ଦେଉଥିଲେ । ସେ ଗୁରୁ ହେଲେ ମଧ୍ୟ ତାଙ୍କ ପାଖରେ ବସି ରହିବା ମାଷ୍ଟରଙ୍କ ନିକଟରେ ବସିବା ଭଳି ନ ଥିଲା । ଖୁବ୍ ରଙ୍ଗରସ ଚାଲିଛି; ବାଳକ ପରି ହସି ହସି ଥଟ୍ଟା ଛଳରେ କେତେ କଥା କହୁଛନ୍ତି, ସମସ୍ତଙ୍କୁ ହସାଉଛନ୍ତି; ପୁଣି ତତ୍କ୍ଷଣାତ୍ ଏପରି ଗମ୍ଭୀର ଭାବରେ ଜଟିଳ ପ୍ରଶ୍ନସମୂହର ବ୍ୟାଖ୍ୟା କରିବାକୁ ଆରମ୍ଭ କରନ୍ତି ଯେ, ଉପସ୍ଥିତ ସମସ୍ତେ ଅବାକ୍ ହୋଇ ଭାବନ୍ତି—ଏହାଙ୍କ ଭିତରେ ଏତେ ଶକ୍ତି ! ଏହି ତ ଦେଖୁଥିଲି, ଆମରି ପରି ଜଣେ ଲୋକ ! ସବୁ ସମୟରେ ତାଙ୍କ ନିକଟକୁ ଲୋକେ ଶିକ୍ଷା ପାଇବା ଲାଗି ଆସନ୍ତି । ସଦାବେଳେ ହିଁ ତାଙ୍କର ଅବାରିତ ଦ୍ୱାର ଥିଲା । ତାହା ଭିତରେ ନାନା ଲୋକେ ନାନା ଭାବରେ ମଧ୍ୟ ଆସୁଥିଲେ—କେହି ବା ତାଙ୍କୁ ପରୀକ୍ଷା କରିବା ଲାଗି, କେହି ବା ଖୁସିଗପ ଶୁଣିବାକୁ, କେହି ବା ତାହାଙ୍କ ପାଖକୁ ଆସିଲେ ଅନେକ ଧନୀ ବଡ଼ଲୋକଙ୍କ ସହିତ ଆଳାପ କରିପାରିବେ ବୋଲି, ପୁଣି କେହି ବା ସଂସାର-ତାପରେ ଜର୍ଜରିତ ହୋଇ ତାଙ୍କ ପାଖରେ ଦୁଇ ଦଣ୍ଡ ଶାନ୍ତିଲାଭ କରିବେ ଏବଂ ଜ୍ଞାନ ଓ ଧର୍ମଲାଭ କରିବେ ବୋଲି; କିନ୍ତୁ ତାଙ୍କର ଏପରି ଆଶ୍ଚର୍ଯ୍ୟ କ୍ଷମତା ଥିଲା, ଯେ ଯେଉଁ ଭାବରେ ଆସୁନା କାହିଁକି, ତାହା ତତ୍କ୍ଷଣାତ୍ ବୁଝିପାରୁଥିଲେ ଏବଂ ତାଙ୍କ ସହିତ ସେହିପରି ବ୍ୟବହାର କରୁଥିଲେ । ତାହାଙ୍କର ମର୍ମଭେଦୀ ଦୃଷ୍ଟିରୁ କାହାରି ଖସିଯିବାର ବା କିଛି ଗୋପନ କରିବାର ସାଧ୍ୟ ନ ଥିଲା । ଥରେ କୌଣସି ସମ୍ଭ୍ରାନ୍ତ ଧନୀବ୍ୟକ୍ତିଙ୍କର ଏକମାତ୍ର ସନ୍ତାନ ୟୁନିଭର୍ସିଟି ପରୀକ୍ଷାରୁ ଖସିଯିବ ବୋଲି ସ୍ୱାମୀଜୀଙ୍କ ନିକଟକୁ ଘନଘନ ଆସିବାକୁ ଲାଗିଲା ଏବଂ ସାଧୁ ହେବ—ଏହି ଭାବ ପ୍ରକାଶ କରିବାକୁ ଲାଗିଲା । ସେ ପୁଣି ମୋର ଜଣେ ବନ୍ଧୁଙ୍କ ପୁତ୍ର । ମୁଁ ସ୍ୱାମୀଜୀଙ୍କୁ ପଚାରିଲି, 'ସେ ପିଲାଟି ଆପଣଙ୍କ ପାଖକୁ କି ମତଲବରେ ଏତେ ବେଶୀ ଆସୁଛି ? ତାକୁ କଅଣ ସନ୍ନ୍ୟାସୀ ହେବା ଲାଗି ଉପଦେଶ ଦେବେ ? ତା'ର ପିତା ମୋର ଜଣେ ବନ୍ଧୁ ।'

ସ୍ୱାମୀଜୀ କହିଲେ, 'ତା'ର ପରୀକ୍ଷା ନିକଟରେ । ପରୀକ୍ଷା ଦେବା ଭୟରେ ସାଧୁ ହେବାର ଇଚ୍ଛା । ମୁଁ ତାକୁ କହିଛି, ଏମ୍. ଏ. ପାସ୍ କରି ସାଧୁ ହେବାକୁ ଆସିବୁ; ବରଂ ଏମ୍. ଏ. ପାସ୍ କରିବା ସହଜ; କିନ୍ତୁ ସାଧୁ ହେବା ତଦପେକ୍ଷା କଠିନ ।'

ସ୍ୱାମୀଜୀ ମୋ ବସାରେ ଯେତେ ଦିନ ଥିଲେ, ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ତାଙ୍କ କଥୋପକଥନ ଶୁଣିବା ଲାଗି ଯେପରି କି ସଭା ବସିଯାଏ—ବହୁତ ଅଧିକ ଲୋକଙ୍କର ସମାଗମ ହେଉଥିଲା । ସେହି ସମୟରେ ଦିନେ ମୋ ବସାରେ ଗୋଟିଏ ଚନ୍ଦନଗଛ ମୂଳରେ ଚୌକିଆକୁ

ଆଉଜ ବସି ସେ ଯେଉଁ କଥାଗୁଡ଼ିକ କହିଥିଲେ, ଏ ଜନ୍ମରେ ତାହା ଭୁଲିପାରିବି ନାହିଁ । ସେ ପ୍ରସଙ୍ଗ ଉତ୍ଥାପନରେ ଅନେକ କଥା କହିବାକୁ ହେବ ।...

କିଛି ଦିନ ଆଗରୁ ଗୁରୁଙ୍କ ନିକଟରୁ ମନ୍ତ୍ର-ଦୀକ୍ଷା ଗ୍ରହଣ କରିବା ପାଇଁ ମୋ ସ୍ତ୍ରୀଙ୍କର ଆଗ୍ରହ ହୋଇଥିଲା । ମୋର ସେଥିରେ ଆପତ୍ତି ନ ଥିଲା । ତେବେ ମୁଁ ତାଙ୍କୁ କହିଥିଲି, 'ଏଭଳି ଲୋକଙ୍କୁ ଗୁରୁ କର, ଯାହାଙ୍କୁ ମୁଁ ମଧ୍ୟ ଭକ୍ତି କରିପାରିବି । ଗୁରୁ ଘରକୁ ପଶିଲେ ହିଁ ଯଦି ମୋର ଭାବାନ୍ତର ହୁଏ, ତା'ହେଲେ ତୁମର କିଛି ହେଲେ ଆନନ୍ଦ ବା ଉପକାର ହେବ ନାହିଁ । କୌଣସି ସତ୍ପୁରୁଷଙ୍କୁ ଯଦି ଗୁରୁରୂପେ ପାଇବା, ତେବେ ଉଭୟେ ମନ୍ତ୍ରଗ୍ରହଣ କରିବା, ନ ହେଲେ ନାହିଁ ।' ସେ ମଧ୍ୟ ସେଥିରେ ରାଜି ହେଲେ । ସ୍ୱାମୀଜୀଙ୍କ ଆଗମନ ପରେ ତାଙ୍କୁ ପଚାରିଲି, 'ଏହି ସନ୍ନ୍ୟାସୀ ଯଦି ତୁମର ଗୁରୁ ହୁଅନ୍ତି, ତା'ହେଲେ ତୁମେ ଶିଷ୍ୟା ହେବାକୁ ଇଚ୍ଛା କର କି ?' ସେ ଆଗ୍ରହର ସହିତ କହିଲେ, 'ସେ କଅଣ ଗୁରୁ ହେବେ ? ହେଲେ ତ ଆମେ କୃତାର୍ଥ ହୁଅନ୍ତେ ।'

ସ୍ୱାମୀଜୀଙ୍କୁ ଦିନେ ଡରି ଡରି ପଚାରିଲି, 'ସ୍ୱାମୀଜୀ, ମୋର ଗୋଟିଏ ପ୍ରାର୍ଥନା ପୂରଣ କରିବେ କି ?' ସ୍ୱାମୀଜୀ ପ୍ରାର୍ଥନା ଜଣାଇବାର ଆଦେଶ କରିବାରୁ ଆମ ଦୁହିଁଙ୍କୁ ଦୀକ୍ଷା ଦେବା ଲାଗି ତାଙ୍କୁ ଅନୁରୋଧ କଲି । ସେ କହିଲେ, 'ଗୃହସ୍ଥଙ୍କ ପକ୍ଷରେ ଗୃହସ୍ଥ ଗୁରୁ ହିଁ ଭଲ । ଗୁରୁ ହେବା ଅତ୍ୟନ୍ତ କଠିନ, ଶିଷ୍ୟର ସମସ୍ତ ଭାର ଗ୍ରହଣ କରିବାକୁ ପଡ଼େ । ଦୀକ୍ଷା ପୂର୍ବରୁ ଗୁରୁଙ୍କ ସହିତ ଶିଷ୍ୟର ଅନ୍ତତଃ ତିନି ଥର ସାକ୍ଷାତ୍ ହେବା ଆବଶ୍ୟକ ।' ପ୍ରଭୃତି ନାନା କଥା କହି ମୋତେ ନିରସ୍ତ କରିବାର ଚେଷ୍ଟା କଲେ । ଯେତେବେଳେ ଦେଖିଲେ, ମୁଁ କୌଣସି ପ୍ରକାରେ ଛାଡ଼ିବି ନାହିଁ, ସେତେବେଳେ ଅଗତ୍ୟା ସ୍ୱୀକାର କଲେ ଏବଂ ଅକ୍ଟୋବର ୨୫, ୧୮୯୨ ଦିନ ଆମ ଦୁହିଁଙ୍କୁ ଦୀକ୍ଷା ପ୍ରଦାନ କଲେ । ବର୍ତ୍ତମାନ ଆମମାନଙ୍କର ଭାରି ଇଚ୍ଛା ହେଲା, ସ୍ୱାମୀଜୀଙ୍କ ଫଟୋ ଉଠାଇ ରଖିବା । ସେ ସହଜରେ ସ୍ୱୀକୃତ ହେଲେ ନାହିଁ । ପରେ ଅନେକ ବାଦାନୁବାଦ ପରେ ମୋର ଅତ୍ୟନ୍ତ ଆଗ୍ରହ ଦେଖି ୨୮ ତାରିଖରେ ଫଟୋ ଉଠାଇବା ଲାଗି ସମ୍ମତ ହେଲେ ଓ ଫଟୋ ନିଆଗଲା । ଇତିପୂର୍ବରୁ ସେ ଜଣଙ୍କର ଆଗ୍ରହ ସତ୍ତ୍ୱେ ଫଟୋ ଉଠାଇବାକୁ ରାଜି ହୋଇ ନ ଥିଲେ ବୋଲି ଦୁଇ କପି ଫଟୋ ତାଙ୍କ ପାଖକୁ ପଠାଇଦେବା ଲାଗି ମୋତେ କହିଲେ । ମୁଁ ମଧ୍ୟ ସେକଥା ସାନନ୍ଦରେ ସ୍ୱୀକାର କଲି ।

ଦିନେ ସ୍ୱାମୀଜୀ କହିଲେ, 'ତୁମ ସହିତ ଜଙ୍ଗଲରେ ତମ୍ବୁ ଟାଙ୍ଗି କିଛି ଦିନ କଟାଇବା ପାଇଁ ମୋର ଇଚ୍ଛା ହେଉଛି; କିନ୍ତୁ ଚିକାଗୋରେ ଧର୍ମସଭା ହେବ, ଯଦି ଯିବାର ସୁବିଧା ହୁଏ ତେବେ ସେଠାକୁ ଯିବି ।' ମୁଁ ଗୃନ୍ଦାର ଲକ୍ଷ୍ୟ କରି ଟଙ୍କା ସଂଗ୍ରହର ପ୍ରସ୍ତାବ କରିବାରୁ ସେ କଅଣ ଭାବି ସ୍ୱୀକାର କଲେ ନାହିଁ । ସେହି ସମୟରେ ସ୍ୱାମୀଜୀଙ୍କର ବ୍ରତ ଥିଲା, ଟଙ୍କା ପଇସା ସ୍ପର୍ଶ ବା ଗ୍ରହଣ କରିବେ ନାହିଁ । ମୁଁ ବହୁ ଅନୁରୋଧ କରି ତାଙ୍କର ମରହଟ୍ଟୀ ଜୋତା ପରିବର୍ତ୍ତରେ ହାଲେ ଜୋତା ଓ ଖଣ୍ଡେ ବେତବାଡ଼ି ଦେଇଥିଲି । ଏହା ପୂର୍ବରୁ କୋଲ୍ହାପୁରର ରାଣୀ ଅନେକ ଅନୁରୋଧ କରି ମଧ୍ୟ ସ୍ୱାମୀଜୀଙ୍କୁ କିଛି ହେଲେ ଗ୍ରହଣ କରାଇ ନ ପାରି ଅବଶେଷରେ ଦୁଇ ଖଣ୍ଡି ଗେରୁଆ ବସ୍ତ୍ର ପଠାଇ ଦେଇଥିଲେ । ସ୍ୱାମୀଜୀ ତାହା ଗ୍ରହଣ କରି ଯେଉଁ ବସ୍ତ୍ରାଦି

ପରିଧାନ କରିଥିଲେ, ତାହା ସେହି ସ୍ଥାନରେ ତ୍ୟାଗ କରିଥିଲେ ଏବଂ କହିଥିଲେ, 'ସନ୍ନ୍ୟାସୀର ବୋଝ ଯେତେ କମ୍ ହୁଏ, ସେତେ ଭଲ ।'

ଏହା ପୂର୍ବରୁ ମୁଁ ଭଗବଦ୍‌ଗୀତା ଅନେକ ଥର ପଢ଼ିବାକୁ ଚେଷ୍ଟା କରିଥିଲି; କିନ୍ତୁ ବୁଝିପାରୁ ନ ଥିବାରୁ ପରିଶେଷରେ ସେଥିରେ ବୁଝିବାର ବେଶୀ କିଛି ନାହିଁ ମନେକରି ଛାଡ଼ି ଦେଇଥିଲି । ସ୍ୱାମୀଜୀ ଗୀତା ସଂପର୍କରେ ଆମମାନଙ୍କୁ ଦିନେ ବୁଝାଇବାକୁ ଲାଗିଲେ । ସେତେବେଳେ ଦେଖିଲି, ଏହା କି ଅଦ୍ଭୁତ ଗ୍ରନ୍ଥ ! ଗୀତାର ମର୍ମ ଗ୍ରହଣ କରିବା ନିମିତ୍ତ ତାଙ୍କଠାରୁ ଯେପରି ଶିଖିଥିଲି, ସେହିପରି ପୁଣି ଅନ୍ୟ ଦିଗରେ Jules Verne ଙ୍କର Scientific Novels ଏବଂ Carlyle-ଙ୍କର Sartor Resartus ପଢ଼ିବା ପାଇଁ ତାଙ୍କଠାରୁ ଶିଖିଥିଲି ।

ସେହି ସମୟରେ ମୁଁ ସ୍ୱାସ୍ଥ୍ୟ ପାଇଁ ଅନେକ ଔଷଧାଦି ବ୍ୟବହାର କରୁଥିଲି । ସେକଥା ଜାଣିପାରି ଦିନେ ସେ କହିଲେ, 'ଯେତେବେଳେ ଦେଖିବ, କୌଣସି ରୋଗ ଏତେ ପ୍ରବଳ ହୋଇଛି ଯେ ଶଯ୍ୟାଶାୟୀ କରିଛି, ଆଉ ଉଠିବାର ଶକ୍ତି ନାହିଁ, ସେତେବେଳେ ଯାଇ ଔଷଧ ଖାଇବ; ନହେଲେ ନାହିଁ । Nervous debility (ସ୍ନାୟବିକ ଦୁର୍ବଳତା) ପ୍ରଭୃତି ରୋଗର ଶତକଡ଼ା ୯୦ ଭାଗ କାଳ୍ପନିକ । ସେସବୁ ରୋଗରୁ ଡାକ୍ତରମାନେ ଯେତେ ଲୋକଙ୍କୁ ବଞ୍ଚାନ୍ତି, ତା' ଅପେକ୍ଷା ବେଶୀ ଲୋକଙ୍କୁ ମାରନ୍ତି । ପୁଣି ଏଭଳି ସର୍ବଦା ରୋଗ ରୋଗ କହି ବା କ'ଣ ହେବ ? ଯେତେଦିନ ବଞ୍ଚିବ, ଆନନ୍ଦରେ କଟାଅ; ତେବେ ଯେଉଁ ଆନନ୍ଦରେ ଥରେ ସନ୍ତାପ ଆସିଛି, ତାହା ଆଉ କର ନାହିଁ । ତୁମ ମୋ ଭଳି ଗୋଟାଏ ମଲେ ପୃଥିବୀ ନିଜର କେନ୍ଦ୍ରରୁ ଦୂରକୁ ଯିବ ନାହିଁ ବା ଜଗତର କୌଣସି କିଛି ବ୍ୟାଘାତ ହେବ ନାହିଁ ।'

ଏହି ସମୟରେ ପୁଣି ଅନେକ କାରଣବଶତଃ ଉପରିସ୍ଥ କର୍ମଚାରୀ ସାହେବମାନଙ୍କ ସହିତ ମୋର ଟିକିଏ ପଡ଼ୁ ନ ଥିଲା । ସେମାନେ ସାମାନ୍ୟ କିଛି କହିଲେ, ମୋର ମୁଣ୍ଡ ଗରମ ହୋଇ ଉଠୁଥିଲା ଏବଂ ଏପରି ଭଲ ଚାକିରି ପାଇ ମଧ୍ୟ ଦିନକ ପାଇଁ ହେଲେ ସୁଖୀ ହୋଇ ନ ଥିଲି । ତାଙ୍କୁ ଏ ସମସ୍ତ କଥା କହିବାରୁ ସେ କହିଲେ, 'ଚାକିରି କାହିଁକି କରୁଛ ? ବେତନ ପାଇଁ ତ ? ତୁମେ ବେତନ ତ ପ୍ରତି ମାସରେ ଠିକ୍ ନିୟମିତ ପାଉଛ, ତେବେ କାହିଁକି ମନରେ କଷ୍ଟ ପାଉଛ ? ପୁଣି ଇଚ୍ଛା ହେଲେ ଯେତେବେଳେ ଚାକିରି ଛାଡ଼ି ଦେଇପାର, କେହି ବାନ୍ଧି ରଖିବେ ନାହିଁ—ସେତେବେଳେ 'ବିଷମ ବନ୍ଧନରେ ପଡ଼ିଛି' ଭାବି ଦୁଃଖର ସଂସାରରେ ଆଉ ଦୁଃଖ ବଢ଼ାଉଛ କାହିଁକି ? ଆଉ ଗୋଟିଏ କଥା; କହ ତ ଦେଖି, ଯେଉଁ କାର୍ଯ୍ୟ ପାଇଁ ବେତନ ପାଉଛ, ଅଫିସ୍‌ର ସେହି କାର୍ଯ୍ୟଗୁଡ଼ିକ କରିଦେବା ଛଡ଼ା ତୁମର ଉପରିସ୍ଥ ସାହେବମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ କେବେ କିଛି କରିଛ କି ? କେବେହେଲେ ସେଥିପାଇଁ ଚେଷ୍ଟା କରି ନାହଁ, ଅଥଚ ସେମାନେ ତୁମ ପ୍ରତି ସନ୍ତୁଷ୍ଟ ନୁହନ୍ତି ବୋଲି ସେମାନଙ୍କ ଉପରେ ବିରକ୍ତ ! ଏହା କ'ଣ ବୁଦ୍ଧିମାନର କାର୍ଯ୍ୟ ? ଜାଣି ରଖ, ଆମେମାନେ ଅନ୍ୟ ପ୍ରତି ହୃଦୟରେ ଯେଉଁ ଭାବ ପୋଷଣ କରୁ, ତାହା ହିଁ କାର୍ଯ୍ୟରେ ପ୍ରକାଶ ନ କଲେ ମଧ୍ୟ ସେମାନଙ୍କ ହୃଦୟରେ ଆମ ପ୍ରତି ସେହି ଭାବ ଉଦ୍ଭବ ହୋଇଥାଏ । ଆମ ଭିତରର ଛବି ହିଁ

ଜଗତରେ ପ୍ରକାଶିତ ରହିବାର ଦେଖୁ । 'ନିଜେ ଭଲ ତ ଜଗତ ଭଲ—ଏ କଥା ଯେ କେତେ ଦୂର ସତ୍ୟ, କେହି ଜାଣନ୍ତି ନାହିଁ । ଆଜିଠାରୁ ମନ୍ଦଟାକୁ ଦେଖିବା ଏକାବେଳକେ ଛାଡ଼ିଦେବାକୁ ଚେଷ୍ଟା କର । ଦେଖିବ, ଯେଉଁ ପରିମାଣରେ ତୁମେ ତାହା କରିପାରିବ, ସେହି ପରିମାଣରେ ସେମାନଙ୍କ ଭିତରର ଭାବ ଏବଂ କାର୍ଯ୍ୟ ପରିବର୍ତ୍ତିତ ହୋଇଛି ।' କହିବା ବାହୁଲ୍ୟ, ସେହିଦିନଠାରୁ ମୋର ଔଷଧ ଖାଇବା ଝୁଙ୍କ ଦୂର ହେଲା ଏବଂ ଅନ୍ୟ ଉପରେ ଦୋଷଦୃଷ୍ଟି ତ୍ୟାଗ କରିବାର ଚେଷ୍ଟା କରିବା ଫଳରେ କ୍ରମେ ମୋର ଜୀବନର ଗୋଟିଏ ନୂତନ ପୃଷ୍ଠା ଖୋଲିଗଲା ।

ସ୍ୱାମୀଜୀଙ୍କ ପାଖରେ ଥରେ ଭଲ କଅଣ ଏବଂ ମନ୍ଦ ବା କଅଣ—ଏହି ବିଷୟରେ ପ୍ରଶ୍ନ ଉତ୍ଥାପିତ ହେବାରୁ ସେ କହିଲେ, 'ଯାହା ଅଭୀଷ୍ଟ କାର୍ଯ୍ୟର ସାଧନୀଭୂତ, ତାହା ହିଁ ଭଲ ଏବଂ ଯାହା ତାହାର ପ୍ରତିରୋଧକ, ତାହା ହିଁ ମନ୍ଦ । ଭଲ-ମନ୍ଦର ବିଚାର ଆମେମାନେ ସ୍ଥାନ ଉଚ୍ଚ ନୀଚ ବିଚାର ପରି କରିଥାଉ । ଯେତେ ଉପରକୁ ଉଠିବ, ସେତେ ଦୁଇ ଏକ ହୋଇଯିବ । ଚନ୍ଦ୍ରରେ ପାହାଡ଼ ଓ ସମତଳ ଅଛି ବୋଲି କହନ୍ତି; କିନ୍ତୁ ଆମେ ସବୁ ଏକ ଦେଖୁ, ସେହିପରି ।' ସ୍ୱାମୀଜୀଙ୍କର ଗୋଟିଏ ଅସାଧାରଣ ଶକ୍ତି ଥିଲା, ଯେ ଯାହା କିଛି ପ୍ରଶ୍ନ କରନ୍ତୁ ନା କାହିଁକି, ତାହାର ଉପଯୁକ୍ତ ଉତ୍ତର ତତ୍‌କ୍ଷଣାତ୍ ତାଙ୍କ ଅନ୍ତଃସ୍ଥଳରୁ ଏଭଳି ଭାବରେ ଆସୁଥିଲା ଯେ, ମନର ସନ୍ଦେହ ଏକାବେଳକେ ଦୂର ହୋଇଯାଉଥିଲା ।

ଆଉ ଗୋଟିଏ ଦିନର କଥା, 'କଲିକତାରେ ଜଣେ ଲୋକ ଅନାହାରରେ ମରିଛି' —ଖବରକାଗଜରେ ଏ କଥା ପଢ଼ି ସ୍ୱାମୀଜୀ ଏତେ ଦୁଃଖିତ ହୋଇଥିଲେ ଯେ, ତାହା ଭାଷାରେ କହିହେବ ନାହିଁ । ବାରମ୍ବାର କହିବାକୁ ଲାଗିଲେ, 'ଏଥର ଦେଶଟା ଉଚ୍ଛନ୍ନ ହୋଇଯିବ !' କାହିଁକି ବୋଲି ପଚାରିବାରୁ କହିଲେ, 'ଦେଖୁ ନାହଁ; ଅନ୍ୟ ଦେଶମାନଙ୍କରେ କେତେ poor-house, work-house, charity fund ଇତ୍ୟାଦି ଥିବା ସତ୍ତ୍ୱେ ଶତ ଶତ ଲୋକ ପ୍ରତିବର୍ଷ ଅନାହାରରେ ମରନ୍ତି, ଏହା ଖବରକାଗଜରୁ ଦେଖିବାକୁ ମିଳେ । ଆମ ଦେଶରେ କିନ୍ତୁ ମୁଷ୍ଟି ଭିକ୍ଷା-ପଦ୍ଧତି ପ୍ରଚଳିତ ଥିବାରୁ ଅନାହାରରେ ଲୋକ ମରିବାର କେବେ ଶୁଣାଯାଏ ନାହିଁ । ମୁଁ ଏହି ପ୍ରଥମ କାଗଜରେ ଏକଥା ପଢ଼ିଲି ଯେ, ଦୁର୍ଭିକ୍ଷ ଭିନ୍ନ ଅନ୍ୟ ସମୟରେ କଲିକତାରେ ଅନାହାରରେ ଲୋକ ମରନ୍ତି ।

ଇଂରାଜୀ ଶିକ୍ଷାର କୃପାରୁ ଦୁଇ-ଚାରି ପଇସା ଭିକ୍ଷୁକଙ୍କୁ ଦାନ କରିବାଟା ମୁଁ ଅପବ୍ୟୟ ମନେକରୁଥିଲି । ମନେ ହେଉଥିଲା; ଏପରି ଯତ୍‌ସାମାନ୍ୟ ଯାହା କିଛି ଦାନ କରାଯାଏ, ସେଥିରେ ସେମାନଙ୍କର କୌଣସି ଉପକାର ତ ହୁଏ ନାହିଁ, ବରଂ ବିନା ପରିଶ୍ରମରେ ପଇସା ପାଇ ତାହା ମଦ-ଗଞ୍ଜେଇରେ ଖର୍ଚ୍ଚ କରି ସେମାନଙ୍କର ଆହୁରି ଅଧଃପତନ ହୁଏ, ଲାଭ ମଧ୍ୟରେ ଦାତାଙ୍କର କିଛି ବୃଥା ଖର୍ଚ୍ଚ ବଢ଼ିଯାଏ । ସେଥିପାଇଁ ମୋର ମନେ ହେଉଥିଲା, ଲୋକଙ୍କୁ କିଛି କିଛି ଦେବା ଅପେକ୍ଷା ଜଣକୁ ବେଶୀ ଦେବା ଭଲ । ସ୍ୱାମୀଜୀଙ୍କୁ ପଚାରିବାରୁ ସେ କହିଲେ, 'ଭିକାରି ଆସିଲେ ଯଦି ଶକ୍ତି ଥାଏ ତ, ଯାହା ହେଉ କିଛି ଦେବା ଭଲ । ଦେବ ତ ଗୋଟିଏ କି ଦୁଇଟି ପଇସା, ସେଥିପାଇଁ ସେ ତାହା କେଉଁଥିରେ ଖର୍ଚ୍ଚ କରିବ, ସେଥିଲାଗି ହେବ କି

ଅପବ୍ୟୟ ହେବ, ଏସବୁ ପାଇଁ ଏତେ ମୁଣ୍ଡ ଖେଳାଇବା ଦରକାର କଅଣ ? ଆଉ ସତରେ ଯଦି ସେ ପଇସାକୁ ଗଞ୍ଜେଇ ଖାଇ ଉଡ଼ାଏ, ତା'ହେଲେ ମଧ୍ୟ ତାକୁ ଦେବାରେ ସମାଜର ଲାଭ ଛଡ଼ା ଲୋକସାନ ନାହିଁ । କାହିଁକି ନା, ତୁମ ପରି ଲୋକ ତାକୁ ଦୟା କରି କିଛି କିଛି ନ ଦେଲେ, ସେ ତାହା ତୁମମାନଙ୍କ ନିକଟରୁ ଚୋରିକରି ନେବ । ତାହା ଅପେକ୍ଷା ଦୁଇ ପଇସା ଭିକ୍ଷା କରି ଗଞ୍ଜେଇ ଟାଣି ଚୁପ୍ ହୋଇ ବସିରହେ—ଏହା କଅଣ ତୁମ ପକ୍ଷରେ ଭଲ ନୁହେଁ ? ଅତଏବ ଏ ପ୍ରକାର ଦାନରେ ମଧ୍ୟ ସମାଜର ଉପକାର ଛଡ଼ା ଅପକାର ନାହିଁ ।'

ପ୍ରଥମରୁ ହିଁ ସ୍ୱାମୀଜୀ ବାଲ୍ୟବିବାହ ଉପରେ ଅତ୍ୟନ୍ତ ବିରକ୍ତ ଥିବାର ଦେଖିଛି । ସର୍ବଦା ସବୁ ଲୋକଙ୍କୁ ବିଶେଷତଃ ବାଳକମାନଙ୍କୁ ସାହସ ବାନ୍ଧି ସମାଜର ଏହି କଳଙ୍କ ବିପକ୍ଷରେ ଛିଡ଼ା ହେବାକୁ ସେ ଉପଦେଶ ଦେଉଥିଲେ । ସ୍ୱଦେଶ ପ୍ରତି ଏପରି ଅନୁରାଗ ମୁଁ କୌଣସି ମନୁଷ୍ୟଠାରେ ଦେଖି ନାହିଁ । ପାଶ୍ଚାତ୍ୟ ଦେଶରୁ ଫେରିବା ପରେ ଯେଉଁମାନେ ସ୍ୱାମୀଜୀଙ୍କର ପ୍ରଥମ ଦର୍ଶନ ପାଇଛନ୍ତି, ସେମାନେ ଜାଣନ୍ତି ନାହିଁ, ସେଠାକୁ ଯିବା ପୂର୍ବରୁ ସେ ସନ୍ନ୍ୟାସ-ଆଶ୍ରମର କଠୋର ନିୟମାଦି ପାଳନ କରି, କାଞ୍ଚନ ମାତ୍ର ସ୍ପର୍ଶ ନ କରି କେତେ କାଳ ଭାରତବର୍ଷର ସମସ୍ତ ପ୍ରଦେଶରେ ଭ୍ରମଣ କରିଥିଲେ । ତାଙ୍କ ପରି ଶକ୍ତିମାନ୍ ପୁରୁଷଙ୍କର ଏତେ ଧରାବନ୍ଧା ନିୟମାଦିର ଆବଶ୍ୟକତା ନାହିଁ—କୌଣସି ଲୋକ ଥରେ ଏ କଥା କହିବାରୁ ସେ କହିଥିଲେ, 'ଦେଖ, ଏ ମନଟା ବଡ଼ ପାଗଳ—ଘୋର ମାତାଲ; ତୁନି ହୋଇ କଦାପି ରହେ ନାହିଁ, ଟିକିଏ ସୁଯୋଗ ପାଇଲେ ହିଁ ଆପଣା ବାଟକୁ ନେଇଯିବ । ସେଥିପାଇଁ ସମସ୍ତେ ଧରାବନ୍ଧା ନିୟମ ଭିତରେ ରହିବା ଆବଶ୍ୟକ । ସନ୍ନ୍ୟାସୀଙ୍କୁ ମଧ୍ୟ ସେହି ମନ ଉପରେ ଦଖଲ ରଖିବା ପାଇଁ ନିୟମରେ ଚଳିବାକୁ ହୁଏ । ସମସ୍ତେ ଭାବନ୍ତି, ମନ ଉପରେ ସେମାନଙ୍କର ଖୁବ୍ ଦଖଲ ଅଛି, ତେଣୁ ଇଚ୍ଛା କରି କେତେବେଳେ କେତେବେଳେ ଟିକିଏ କୋହଳ କରିଦିଅନ୍ତି ମାତ୍ର । କିନ୍ତୁ କାହାର କେତେ ଦୂର ଦଖଲ ହୋଇଛି, ତାହା ଥରେ ଧ୍ୟାନ କରିବାକୁ ବସିଲେ ହିଁ ଜଣାପଡ଼ିଯିବ । ଗୋଟିଏ ବିଷୟ ଉପରେ ଚିନ୍ତା କରିବି ମନେକରି ବସିଲେ ଦଶ ମିନିଟ ମଧ୍ୟ ସେ ବିଷୟରେ ଏକାଦିକ୍ରମେ ମନ ସ୍ଥିର ରଖି ହୁଏ ନାହିଁ । ପ୍ରତ୍ୟେକେ ମନେକରନ୍ତି, ସେମାନେ ସ୍ତ୍ରୈଣ ନୁହନ୍ତି, ତେବେ ଆଦର କରି ସ୍ତ୍ରୀକୁ ଆଧିପତ୍ୟ କରିବାକୁ ଦେଇଛନ୍ତି ମାତ୍ର । ମନକୁ ବଶରେ ରଖିଛି—ଭାବିବାଟା ଠିକ୍ ସେହିପରି । ମନକୁ ବିଶ୍ୱାସ କରି କେବେହେଲେ ନିଶ୍ଚିନ୍ତ ରହି ନାହିଁ ।'

ଦିନେ କଥାପ୍ରସଙ୍ଗରେ ମୁଁ କହିଲି, 'ସ୍ୱାମୀଜୀ, ଦେଖୁଛି ଧର୍ମକୁ ଠିକ୍ ଠିକ୍ ବୁଝିବାକୁ ହେଲେ ଅନେକ ଲେଖାପଢ଼ା ଜାଣିବା ଦରକାର ।'

ସେ କହିଲେ, 'ନିଜେ ଧର୍ମ ବୁଝିବା ଲାଗି ଲେଖାପଢ଼ାର ଆବଶ୍ୟକତା ନାହିଁ; କିନ୍ତୁ ଅନ୍ୟକୁ ବୁଝାଇବାକୁ ହେଲେ ତାହା ବିଶେଷ ଆବଶ୍ୟକ । ପରମହଂସ ରାମକୃଷ୍ଣଦେବ 'ରାମକେଷ୍ଟ' ବୋଲି ଦସ୍ତଖତ କରୁଥିଲେ; କିନ୍ତୁ ଧର୍ମର ସାରତତ୍ତ୍ୱ ତାଙ୍କ ଅପେକ୍ଷା କିଏ ଅଧିକ ବୁଝିଥିଲା ?'

ମୋର ବିଶ୍ୱାସ ଥିଲା, ସାଧୁ-ସନ୍ନ୍ୟାସୀମାନେ ସ୍ଥୂଳକାୟ ଓ ସଦାସନ୍ତୁଷ୍ଟଚିତ୍ତ ହେବା

ଅପ୍ରମତ୍ତ । ଥରେ ହସି ହସି ତାହାଙ୍କ ପ୍ରତି କଟାକ୍ଷ କରି ସେହି କଥା କହିବାରୁ ସେ ବିଦ୍ରୂପ-ଛଳରେ ଉତ୍ତର ଦେଇଥିଲେ, 'ଏହା ହିଁ ତ ମୋର Famine Insurance Fund— ଯଦି ପାଞ୍ଚ ସାତ ଦିନ ଖାଇବାକୁ ନ ପାଏ, ତେବେ ମଧ୍ୟ ମୋର ଚର୍ବି ମୋତେ ଜୀବିତ ରଖିବ । ତୁମେମାନେ ଦିନେ ନ ଖାଇଲେ ସବୁ ଅନ୍ଧକାର ଦେଖିବ । ପୁଣି ଯେଉଁ ଧର୍ମ ମନୁଷ୍ୟକୁ ସୁଖୀ କରେ ନାହିଁ, ତାହା ବାସ୍ତବିକ୍ ଧର୍ମ ନୁହେଁ; dyspepsia (ଅଜୀର୍ଣ୍ଣତା)-ପ୍ରସୂତ ରୋଗବିଶେଷ ବୋଲି ଜାଣିବ ।'

ସ୍ୱାମୀଜୀ ସଙ୍ଗୀତ-ବିଦ୍ୟାରେ ବିଶେଷ ପାରଦର୍ଶୀ ଥିଲେ । ଥରେ ଗୋଟିଏ ଗୀତ ଆରମ୍ଭ ମଧ୍ୟ କରିଥିଲେ; କିନ୍ତୁ ମୁଁ 'ସେ ରସେ ବଞ୍ଚିତ ଗୋବିନ୍ଦ ଦାସ'; ତା'ପରେ ଶୁଣିବାକୁ ମୋର ଅବସର ବା କାହିଁ ? ତାଙ୍କ କଥା ଓ ଗଳ୍ପ ହିଁ ଆମମାନଙ୍କୁ ମୋହିତ କରିଥିଲା ।

ଆଧୁନିକ ପାଶ୍ଚାତ୍ୟ ବିଜ୍ଞାନର ସମସ୍ତ ବିଭାଗରେ, ଯଥା—Chemistry, Physics, Geology, Astronomy, Mixed Mathematics ପ୍ରଭୃତିରେ ତାଙ୍କର ବିଶେଷ ଦଖଲ ଥିଲା ଏବଂ ତତ୍ସମ୍ବନ୍ଧୀୟ ସମସ୍ତ ପ୍ରଶ୍ନ ହିଁ ସେ ଅତି ସରଳ ଭାଷାରେ ଦୁଇ ଚାରି କଥାରେ ବୁଝାଇ ଦେଉଥିଲେ । ପୁଣି ଧର୍ମବିଷୟକ ମୀମାଂସା ସବୁ ପାଶ୍ଚାତ୍ୟବିଜ୍ଞାନ ସାହାଯ୍ୟରେ ଏବଂ ଦୃଷ୍ଟାନ୍ତ ଦେଇ ବିଶଦଭାବରେ ବୁଝାଇବାରେ ଏବଂ ଧର୍ମ ଓ ବିଜ୍ଞାନର ଲକ୍ଷ୍ୟ ଏବଂ ଗତି ଗୋଟିଏ ଦିଗରେ—ଏହା ଦେଖାଇବାରେ ତାଙ୍କ ପରି ଅଦ୍ୱିତୀୟ କ୍ଷମତା ଆଉ କାହାରିଠାରେ ମୁଁ ଦେଖି ନାହିଁ ।

ଲଙ୍କାମରିଚ ପ୍ରଭୃତି ତୀକ୍ଷ୍ଣ ଦ୍ରବ୍ୟ ତାଙ୍କର ବଡ଼ ପ୍ରିୟ ଥିଲା । କାରଣ ପଚାରିବାରୁ ଥରେ କହିଥିଲେ, 'ପର୍ଯ୍ୟଟନ ସମୟରେ ସନ୍ନ୍ୟାସୀମାନଙ୍କୁ ଦେଶ-ବିଦେଶରେ ନାନା ପ୍ରକାର ଦୂଷିତ ଜଳ ପାନ କରିବାକୁ ପଡ଼ିଥାଏ; ତଦ୍ୱାରା ଶରୀର ଖରାପ ହୁଏ । ଏହି ଦୋଷ ନିବାରଣ ପାଇଁ ସେମାନଙ୍କ ମଧ୍ୟରୁ ଅନେକେ ଗଞ୍ଜେଇ, ଚରସ ପ୍ରଭୃତି ନିଶା ବ୍ୟବହାର କରିଥାନ୍ତି । ମୁଁ ମଧ୍ୟ ସେଥିପାଇଁ ଏତେ ଲଙ୍କା ଖାଏଁ ।'

ରାଜପୁତାନାର ଓ ଖେତ୍ରିର ରାଜା, କୋଲାପୁର ଛତ୍ରପତି ଓ ଦାକ୍ଷିଣାତ୍ୟର ଅନେକ ରାଜାରାଜୁଡ଼ା ତାଙ୍କୁ ବିଶେଷ ଭକ୍ତି କରୁଥିଲେ । ସେମାନଙ୍କୁ ମଧ୍ୟ ସେ ଅତ୍ୟନ୍ତ ଭଲ ପାଉଥିଲେ । ଅସାମାନ୍ୟ ତ୍ୟାଗୀ ହୋଇ ମଧ୍ୟ ରାଜାରାଜୁଡ଼ାମାନଙ୍କ ସହିତ କାହିଁକି ସେ ଏତେ ମିଳାମିଶା କରନ୍ତି, ଏକଥା ଅନେକଙ୍କର ହୃଦୟଙ୍ଗମ ହୁଏ ନାହିଁ; କୌଣସି କୌଣସି ନିର୍ବୋଧ ଲୋକ ଏଥିପାଇଁ ତାଙ୍କୁ କଟାକ୍ଷ କରିବାକୁ ମଧ୍ୟ ଛାଡ଼ୁ ନ ଥିଲେ ।

ଏହାର କାରଣ ପଚାରିବାରୁ ଥରେ ସେ କହିଲେ : ହଜାର ହଜାର ଦରିଦ୍ର ଲୋକଙ୍କୁ ଉପଦେଶ ଦେଇ ଓ ସତ୍କାର୍ଯ୍ୟ ଅନୁଷ୍ଠାନ ପ୍ରତି ଆକୃଷ୍ଟ କରାଇ ଯେଉଁ ଫଳ ହେବ, ଜଣେ ମାତ୍ର ଶ୍ରୀମାନ୍ ରାଜାଙ୍କୁ ସେହି ଦିଗରେ ଆଣିପାରିଲେ ତଦପେକ୍ଷା କେତେ ଅଧିକ ଫଳ ହେବ, ତାହା ଥରେ ଚିନ୍ତା କରି ଦେଖ ! ଗରିବ ପ୍ରଜାର ଇଚ୍ଛା ହେଲେ ମଧ୍ୟ ସତ୍କାର୍ଯ୍ୟ କରିବାର କ୍ଷମତା ତାହାର କାହିଁ ? କିନ୍ତୁ ରାଜାଙ୍କ ହାତରେ ସହସ୍ର ସହସ୍ର ପ୍ରଜାଙ୍କ ମଙ୍ଗଳବିଧାନର କ୍ଷମତା ପୂର୍ବରୁ ରହିଛି, କେବଳ ତାହା କରିବାର ଇଚ୍ଛା ନାହିଁ । ସେହି ଇଚ୍ଛା ଯଦି କୌଣସି

ପ୍ରକାରେ ତାଙ୍କ ମନରେ ଥରେ ଜାଗ୍ରତ କରାଯାଇପାରେ, ତାହାହେଲେ ସଙ୍ଗେ ସଙ୍ଗେ ତାଙ୍କ ଅଧୀନସ୍ଥ ସମସ୍ତ ପ୍ରଜାଙ୍କର ଅବସ୍ଥା ବଦଳିଯିବ ଏବଂ ଜଗତର ଅନେକ ବେଶୀ କଲ୍ୟାଣ ହୋଇପାରିବ ।

ବାଗ୍‌ବିତଣ୍ଡାରେ ଧର୍ମ ନାହିଁ । ଧର୍ମ ଅନୁଭବ-ପ୍ରତ୍ୟକ୍ଷର ବିଷୟ, ଏହି କଥା ବୁଝାଇବାକୁ ଯାଇ ସେ କଥାରେ କଥାରେ କହୁଥିଲେ : Test of pudding lies in eating । ଅନୁଭବ କର; ତାହା ନ ହେଲେ କିଛି ବୁଝିବ ନାହିଁ । ସେ କପଟ ସନ୍ନ୍ୟାସୀମାନଙ୍କ ଉପରେ ଅତ୍ୟନ୍ତ ବିରକ୍ତ ଥିଲେ । କହୁଥିଲେ, ଘରେ ରହି ମନ ଉପରେ ଅଧିକାର ସ୍ଥାପନ କରି ବାହାରକୁ ଯିବା ଭଲ; ନଚେତ୍ ନବାନୁରାଗଟିକକ କମିବା ପରେ ପ୍ରାୟ ଗଞ୍ଜେଡ଼ ସନ୍ନ୍ୟାସୀଙ୍କ ଦଳରେ ପଡ଼ିବାକୁ ହୁଏ ।

ମୁଁ କହିଲି, କିନ୍ତୁ ଘରେ ରହି ସେତିକ ହେବା ଯେ ଅତ୍ୟନ୍ତ କଠିନ; ସମସ୍ତ ଜୀବଙ୍କୁ ସମାନ ଦୃଷ୍ଟିରେ ଦେଖିବା, ରାଗ, ଦ୍ୱେଷ ତ୍ୟାଗ କରିବା ପ୍ରଭୃତି ଯେଉଁସବୁ କାର୍ଯ୍ୟ ଧର୍ମଲାଭର ପ୍ରଧାନ ସହାୟ ବୋଲି ଆପଣ କହୁଛନ୍ତି, ତାହା ଯଦି ମୁଁ ଆଜଠାରୁ ଅନୁଷ୍ଠାନ କରେ, ତାହାହେଲେ କାଲିଠାରୁ ମୋ ଚାକର ଓ ଅଧୀନସ୍ଥ କର୍ମଚାରୀମାନେ ଏବଂ ଦେଶବାସୀ ମଧ୍ୟ ମୋତେ ଦଣ୍ଡେ ମାତ୍ର ଶାନ୍ତିରେ ରହିବାକୁ ଦେବେ ନାହିଁ ।

ଉତ୍ତରରେ ସେ ପରମହଂସ ଶ୍ରୀରାମକୃଷ୍ଣଦେବଙ୍କ 'ସର୍ପ ଓ ସନ୍ନ୍ୟାସୀ' ଗଳ୍ପଟି କହିସାରି କହିଲେ : କେବେହେଲେ 'ଫଁ' ଛାଡ଼ ନାହିଁ, ଆଉ କର୍ତ୍ତବ୍ୟ ପାଳନ କରୁଛ ବୋଲି ମନେକରି ସମସ୍ତ କର୍ମ କର । କେହି ଦୋଷ କଲେ ଦଣ୍ଡ ଦେବ; କିନ୍ତୁ ଦଣ୍ଡ ଦେବାକୁ ଯାଇ କେବେ ରାଗ କର ନାହିଁ । ପରେ ପୂର୍ବ ପ୍ରସଙ୍ଗ ପୁନର୍ବାର ଉଠାଇ କହିଲେ :

ଥରେ ମୁଁ ଗୋଟିଏ ତୀର୍ଥସ୍ଥାନରେ ପୋଲିସ ଇନ୍‌ସପେକ୍‌ଟରଙ୍କ ଅତିଥି ହୋଇଥିଲି । ଲୋକଟିର ବେଶ୍ ଧର୍ମଜ୍ଞାନ ଓ ଭକ୍ତି ଥିଲା । ତାହାର ବେତନ ଟ ୧୨୫; କିନ୍ତୁ ଦେଖିଲି, ତାହାର ବାସାଖର୍ଚ୍ଚ ମାସକୁ ଦୁଇ ତିନି ଶହ ଟଙ୍କା ହେବ । ଯେତେବେଳେ ବେଶୀ ଜଣାଶୁଣା ହେଲା, ସେତେବେଳେ ପଚାରିଲି, 'ଆପଙ୍କର ତ ଆୟ ଅପେକ୍ଷା ଖର୍ଚ୍ଚ ବେଶୀ ଦେଖୁଛି—ଚଳାଉଛନ୍ତି କିପରି ?' ସେ ଈଷତ୍ ହାସ୍ୟ କରି କହିଲେ, 'ଆପଣମାନେ ହିଁ ଚଳାଉଛନ୍ତି । ଏହି ତୀର୍ଥସ୍ଥଳକୁ ଯେଉଁସବୁ ସାଧୁସନ୍ନ୍ୟାସୀ ଆସୁଛନ୍ତି, ସେମାନଙ୍କ ଭିତରେ ସମସ୍ତେ କିଛି ଆପଣଙ୍କ ପରି ନୁହଁନ୍ତି । ସନ୍ଦେହ ହେଲେ ସେମାନଙ୍କ ପାଖରେ କଅଣ ଅଛି, ନ ଅଛି ତଲାସ କରିଥାଏ । ଅନେକଙ୍କ ପାଖରୁ ପ୍ରଚୁର ଟଙ୍କା-ପଇସା ବାହାରେ । ଯେଉଁମାନଙ୍କୁ ଚୋର ବୋଲି ସନ୍ଦେହ କରେ, ସେମାନେ ଟଙ୍କା ପଇସା ପକାଇ ପଳାନ୍ତି, ଆଉ ମୁଁ ସେସମସ୍ତ ଆତ୍ମସାତ୍ କରେ । ଅନ୍ୟପ୍ରକାର ଲାଞ୍ଚ କିଛି ନିଏ ନାହିଁ ।'

ସ୍ୱାମୀଜୀଙ୍କ ସହିତ ଦିନେ 'ଅନନ୍ତ' (Infinity)ସମ୍ବନ୍ଧରେ କଥାବାର୍ତ୍ତା ହୋଇଥିଲା । 'There can be no two infinities' । ସମୟ ଅନନ୍ତ(Time is infinite) ଓ ଆକାଶ ଅନନ୍ତ (Space is infinite) ବୋଲି ମୁଁ କହିବାରୁ ସେ କହିଥିଲେ, 'ଆକାଶ ଅନନ୍ତ, ତାହା ବୁଝିଲି; କିନ୍ତୁ ସମୟ ଯେ ଅନନ୍ତ, ତାହା ବୁଝିପାରିଲି ନାହିଁ ।

ଯାହାହେଉ, ଗୋଟାଏ ପଦାର୍ଥ ଅନନ୍ତ—ଏକଥା ବୁଝୁଛି; କିନ୍ତୁ ଦୁଇଟା ଜିନିଷ ଅନନ୍ତ ହେଲେ କେଉଁଟା କେଉଁଠାରେ ରହିବ ? ଆଉ ଟିକିଏ ଆଗେଇ ଗଲେ ଦେଖିବ,—ସମସ୍ତ ଯାହା ଆକାଶ ମଧ୍ୟ ତାହା; ଆହୁରି ଅଗ୍ରସର ହେଲେ ବୁଝିପାରିବ, ସମସ୍ତ ପଦାର୍ଥ ଅନନ୍ତ ଏବଂ ସେସମସ୍ତ ଅନନ୍ତ ପଦାର୍ଥ ଗୋଟିଏ ଛଡ଼ା ଦୁଇଟା ବା ଦଶଟା ନୁହେଁ ।'

ଏହିପରି ଭାବରେ ସ୍ୱାମୀଜୀଙ୍କ ପଦାର୍ପଣଦ୍ୱାରା ଅକ୍ଟୋବର ମାସ ୨୭ ତାରିଖ ପର୍ଯ୍ୟନ୍ତ ମୋ ବସାରେ ଆନନ୍ଦର ସ୍ରୋତ ବହିଥିଲା । ୨୭ ତାରିଖରେ କହିଲେ, 'ଆଉ ରହିବି ନାହିଁ; ରାମେଶ୍ୱର ଯିବି ମନେକରି ଅନେକ ଦିନ ହେଲା ଏ ଆଡ଼େ ବୁଲୁଛି । ଯଦି ଏହି ଭାବରେ ଅଗ୍ରସର ହୁଏ, ତା'ହେଲେ ଏ ଜନ୍ମରେ ଆଉ ରାମେଶ୍ୱରରେ ପହଞ୍ଚି ପାରିବି ନାହିଁ ।' ୨୭ ଅକ୍ଟୋବରରେ ମେଲ୍ ଟ୍ରେନ୍‌ରେ ସେ ମର୍ମାଗୋଆ ଯାତ୍ରା କରିବେ ସ୍ଥିର ହେଲା । ଏହି ଅଳ୍ପ ସମୟ ମଧ୍ୟରେ ସେ କେତେ ଲୋକଙ୍କୁ ଯେ ମୋହିତ କରିଛନ୍ତି, ତାହା କହିହେବ ନାହିଁ । ଟିକଟ କିଣି ତାଙ୍କୁ ଗାଡ଼ିରେ ବସାଇ ମୁଁ ସାଷ୍ଟାଙ୍ଗ ପ୍ରଣାମ କଲି ଓ କହିଲି, 'ସ୍ୱାମୀଜୀ, ଜୀବନରେ ଆଜ ପର୍ଯ୍ୟନ୍ତ କାହାରିକୁ ଆନ୍ତରିକ ଭକ୍ତି ସହକାରେ ପ୍ରଣାମ କରି ନାହିଁ, ଆଜ ଆପଣଙ୍କୁ ପ୍ରଣାମ କରି କୃତାର୍ଥ ହେଲି ।'

***

ସ୍ୱାମୀଜୀଙ୍କ ସହିତ ମୋର ତିନି ଥର ମାତ୍ର ସାକ୍ଷାତ୍ ହୋଇଛି । ପ୍ରଥମ—ଆମେରିକା ଯିବା ପୂର୍ବରୁ । ସେଥରର ଦେଖା ବିଷୟ ଅନେକାଂଶରେ କହିଲି । ଦ୍ୱିତୀୟ—ଯେତେବେଳେ ସେ ଦ୍ୱିତୀୟ ଥର ବିଲାତ ଓ ଆମେରିକା ଯାତ୍ରା କଲେ, ତାହାର କିଛି ଦିନ ପୂର୍ବରୁ । ତୃତୀୟ ଏବଂ ଶେଷଥର ଦେଖାହେଲା, ତାହାଙ୍କ ଦେହତ୍ୟାଗର ଛଅ ସାତ ମାସ ପୂର୍ବରୁ । ଏହି କେତେ ଥରରେ ମୁଁ ତାଙ୍କଠାରୁ ଯାହା କିଛି ଶିକ୍ଷା କରିଥିଲି, ତାହାର ସମସ୍ତ ବିବରଣ ଦେବା ଅସମ୍ଭବ । ଯାହା ମନେ ଅଛି, ତାହା ମଧ୍ୟରେ ସାଧାରଣ ପାଠକଙ୍କ ଉପଯୋଗୀ ବିଷୟଗୁଡ଼ିକ ଜଣାଇବାକୁ ଚେଷ୍ଟା କରିବି ।

ବିଲାତରୁ ଫେରିଆସି ସେ ହିନ୍ଦୁମାନଙ୍କ ଜାତିବିଚାର ସମ୍ବନ୍ଧରେ ଏବଂ କୌଣସି କୌଣସି ସମ୍ପ୍ରଦାୟର ବ୍ୟବହାର ଉପରେ ତୀବ୍ର କଟାକ୍ଷ କରି ଯେଉଁସବୁ ବକ୍ତୃତା ମାନ୍ଦ୍ରାଜରେ ଦେଇଥିଲେ, ତାହା ପାଠକରି ମୁଁ ଭାବିଥିଲି, ସ୍ୱାମୀଜୀଙ୍କ ଭାଷା ଟିକିଏ ବେଶୀ କଡ଼ା ହୋଇଛି । ତାଙ୍କ ନିକଟରେ ମଧ୍ୟ ସେକଥା ପ୍ରକାଶ କରିଥିଲି । ଶୁଣି ସେ କହିଲେ : ଯାହା କିଛି କହିଛି, ସମସ୍ତ ସତ୍ୟ; ଏବଂ ଯେଉଁମାନଙ୍କ ସମ୍ବନ୍ଧରେ ସେହି ପ୍ରକାର ଭାଷା ବ୍ୟବହାର କରିଛି, ସେମାନଙ୍କ କାର୍ଯ୍ୟ ତୁଳନାରେ ତାହା ବିନ୍ଦୁମାତ୍ର ମଧ୍ୟ ଅଧିକ କଡ଼ା ନୁହେଁ । ସତ୍ୟ କଥା ସଙ୍କୋଚ ବା ଗୋପନ କରିବାର ତ କୌଣସି କାରଣ ଦେଖୁ ନାହିଁ । ତେବେ ସେପ୍ରକାର କାର୍ଯ୍ୟର ସେପରି ସମାଲୋଚନା କରିଛି ବୋଲି ମନେକର ନାହିଁ ଯେ, ସେମାନଙ୍କ ଉପରେ ମୋର ରାଗ ଥିଲା ବା ଅଛି; ଅଥବା କେହି କେହି ଯେପରି ଭାବିଥାନ୍ତି, କର୍ତ୍ତବ୍ୟବୋଧରେ ଯାହା କରିଛି, ସେଥିପାଇଁ ବର୍ତ୍ତମାନ ପାଇଁ ମୁଁ ଦୁଃଖିତ—ଏସବୁ କଥାର ଗୋଟିଏ ହେଲେ ସତ୍ୟ ନୁହେଁ । ମୁଁ ରାଗରେ ସେ କାର୍ଯ୍ୟ କରି ନାହିଁ ଏବଂ କରିଛି ବୋଲି ଦୁଃଖିତ ମଧ୍ୟ

ନୁହେଁ । ବର୍ତ୍ତମାନ ମଧ୍ୟ ସେପରି କୌଣସି ଅପ୍ରିୟ କାର୍ଯ୍ୟ କରିବା କର୍ତ୍ତବ୍ୟ ବୋଲି ବୋଧହେଲେ, ତାହା ସେହିପରି ନିଃସଙ୍କୋଚରେ ନିଶ୍ଚୟ କରିବ ।

ଭଣ୍ଡ ସନ୍ନ୍ୟାସୀମାନଙ୍କ ସମ୍ବନ୍ଧରେ ଆଉ ଥରେ କଥା ଉଠିବାରୁ କହିଲେ : ଅବଶ୍ୟ ଅନେକ ବଦମାସ୍ ଲୋକ ଓ୍ୱାରେଣ୍ଟ ଭୟରେ କିମ୍ବା ଉତ୍କଟ ଦୁଷ୍କର୍ମ କରି ଲୁଚିବା ପାଇଁ ସନ୍ନ୍ୟାସୀ ବେଶରେ ବୁଲନ୍ତି ସତ; କିନ୍ତୁ ତୁମମାନଙ୍କର ମଧ୍ୟ ଟିକିଏ ଦୋଷ ଅଛି । ତୁମେମାନେ ଭାବ, କେହି ସନ୍ନ୍ୟାସୀ ହେଲେ ହିଁ ତାଙ୍କର ଈଶ୍ୱରଙ୍କ ପରି ତ୍ରିଗୁଣାତୀତ ହେବା ଦରକାର । ସେ ପେଟ ପୂରାଇ ଭଲ ଖାଇଲେ ଦୋଷ, ବିଛଣାରେ ଶୋଇଲେ ଦୋଷ, ଏପରି କି ଯୋତା ବା ଛତା ପର୍ଯ୍ୟନ୍ତ ତା'ର ବ୍ୟବହାର କରିବାର ଉପାୟ ନାହିଁ । କାହିଁକି ? ସେମାନେ ବି ତ ମନୁଷ୍ୟ ! ତୁମମାନଙ୍କ ମତରେ ପୂର୍ଣ୍ଣ ପରମହଂସ ନ ହେଲେ ଗେରୁଆବସ୍ତ୍ର ପରିଧାନ କରିବାର ଅଧିକାର ନାହିଁ—ଏହା ଭୁଲ । ଥରେ ମୋର ଜଣେ ସନ୍ନ୍ୟାସୀଙ୍କ ସହିତ ଆଲାପ ହୋଇଥିଲା । ତାଙ୍କର ଭଲ ପୋଷାକ ଉପରେ ଭାରି ଝୁଙ୍କ୍ । ତୁମେ ତାଙ୍କୁ ଦେଖିଲେ ନିଶ୍ଚୟ ଘୋର ବିଳାସୀ ବୋଲି ଭାବିବ; କିନ୍ତୁ ବାସ୍ତବିକ୍ ସେ ଯଥାର୍ଥ ସନ୍ନ୍ୟାସୀ ।

ସ୍ୱାମୀଜୀ କହୁଥିଲେ : ଦେଶ, କାଳ ଓ ପାତ୍ର ଭେଦରେ ମାନସିକଭାବ ଓ ଅନୁଭବର ଅନେକ ତାରତମ୍ୟ ହୋଇଥାଏ; ଧର୍ମ ସମ୍ବନ୍ଧରେ ମଧ୍ୟ ସେହିପରି । ପ୍ରତ୍ୟେକ ମନୁଷ୍ୟର ପୁଣି ଗୋଟାଏ ନା ଗୋଟାଏ ବିଷୟରେ ଅଧିକ ଝୁଙ୍କ୍ ଥିବାର ଦେଖିବାକୁ ମିଳେ । ଜଗତରେ ସମସ୍ତେ ହିଁ ନିଜକୁ ବେଶୀ ବୁଦ୍ଧିମାନ୍ ମନେକରନ୍ତି, ସେଥିରେ କ୍ଷତି ନାହିଁ; କିନ୍ତୁ 'ମୁଁ କେବଳ ବୁଝେ, ଅନ୍ୟମାନେ ବୁଝିପାରନ୍ତି ନାହିଁ'—ଏଇଥିରେ ହିଁ ଯେତେ ଗଣ୍ଡଗୋଳ ଉପସ୍ଥିତ ହୁଏ । ସମସ୍ତେ ଚାହାଁନ୍ତି, ପ୍ରତ୍ୟେକ ବିଷୟ ଅନ୍ୟ ସମସ୍ତେ ତାଙ୍କରି ପରି ଦେଖନ୍ତୁ ଓ ବୁଝନ୍ତୁ । ସେ ଯାହା ସତ୍ୟ ବୋଲି ବୁଝିଛି ବା ଯାହା ଜାଣିଛି, ତାହା ଛଡ଼ା ଆଉ କୌଣସି ସତ୍ୟ ଥାଇ ନ ପାରେ । ସାଂସାରିକ ବିଷୟରେ ହେଉ କିମ୍ବା ଧର୍ମ ସମ୍ବନ୍ଧୀୟ କୌଣସି ବିଷୟରେ ହେଉ, ସେପରି ଭାବ କୌଣସିମତେ ମନରେ ଆଣିବା ଉଚିତ ନୁହେଁ ।

'ଜଗତରେ କୌଣସି ବିଷୟରେ ସମସ୍ତଙ୍କ ପାଇଁ ଗୋଟିଏ ଆଇନ ଚଳେ ନାହିଁ । ଦେଶ-କାଳ-ପାତ୍ରଭେଦରେ ନୀତି ଓ ସୌନ୍ଦର୍ଯ୍ୟବୋଧରେ ମଧ୍ୟ ବିଭିନ୍ନତା ଦେଖାଯାଏ । ତିବ୍ବତ ଦେଶରେ ଗୋଟିଏ ସ୍ତ୍ରୀଲୋକର ବହୁ ପତି ରହିବା ପ୍ରଥା ପ୍ରଚଳିତ ଅଛି । ହିମାଳୟ ଭ୍ରମଣ ସମୟରେ ମୋର ସେଭଳି ଗୋଟିଏ ତିବ୍ବତୀୟ ପରିବାର ସହିତ ସାକ୍ଷାତ୍ ହୋଇଥିଲା । ସେ ପରିବାରରେ ଛଅଜଣ ପୁରୁଷ ଏବଂ ସେହି ଛଅ ଜଣଙ୍କର ଜଣେ ମାତ୍ର ସ୍ତ୍ରୀ ଥିଲା । କ୍ରମେ ପରିଚୟ ଗାଢ଼ତର ହେବାରୁ ମୁଁ ଥରେ ସେମାନଙ୍କର ସେହି କୁପ୍ରଥା ସମ୍ବନ୍ଧରେ କହିବାରୁ ସେମାନେ ବିରକ୍ତ ହୋଇ କହିଲେ, 'ତୁମେ ସାଧୁ ସନ୍ନ୍ୟାସୀ ହୋଇ ଲୋକଙ୍କୁ ସ୍ୱାର୍ଥପରତା ଶିଖାଇବାକୁ ଚାହୁଁଛ ? ଏହା ଆମର ହିଁ ଉପଭୋଗ୍ୟ, ଅନ୍ୟର ନୁହେଁ—ଏଭଳି ଭାବ କଅଣ ଅନ୍ୟାୟ ନୁହେଁ ?' ମୁଁ ତ ଶୁଣି ଅବାକ୍ ।

'ନାସିକା ଓ ପାଦର ଖର୍ବତାରେ ହିଁ ଚୀନର ସୌନ୍ଦର୍ଯ୍ୟ-ବିଚାର, ଏକଥା ସମସ୍ତଙ୍କୁ ଜଣାଅଛି । ଆହାରାଦି ସମ୍ବନ୍ଧରେ ମଧ୍ୟ ସେହିପରି । ଇଂରେଜମାନେ ଆମ୍ଭପରି ସୁବାସିତ ଚାଉଳର

ଅନ୍ନ ପସନ୍ଦ କରନ୍ତି ନାହିଁ । ଥରେ କୌଣସି ଗୋଟିଏ ସ୍ଥାନର ଜଜ୍‌ସାହେବଙ୍କର ଅନ୍ୟତ୍ର ବଦଳି ହେବାରୁ ସେଠାରେ କେତେକ ଓକିଲ, ମୁକ୍ତାର ତାହାଙ୍କ ସମ୍ମାନାର୍ଥେ ଉତ୍ତମ ଛଞ୍ଚା ପଠାଇଥିଲେ; ତାହା ମଧ୍ୟରେ କେତେ ସେର ସୁବାସିତ ଚାଉଳ ଥିଲା । ଜଜ୍‌ସାହେବ ସୁବାସିତ ଚାଉଳର ଭାତ ଖାଇ ତାହା ପଚା ଚାଉଳ ବୋଲି ମନେକଲେ ଏବଂ ଓକିଲଙ୍କ ସହିତ ସାକ୍ଷାତ୍ ହେବାରୁ କହିଲେ, 'You ought not to have given me rotten rice.' (ତୁମମାନଙ୍କର ପଚା ଚାଉଳଗୁଡ଼ାକ ମୋତେ ଦେବା ଭଲ ହୋଇ ନାହିଁ ।)

ଥରେ ଟ୍ରେନରେ ଯାଉଥିଲି; ସେହି ଡବାରେ ଚାରି ପାଞ୍ଚ ଜଣ ସାହେବ ଥିଲେ । କଥା ପ୍ରସଙ୍ଗରେ ତମାଖୁ ବିଷୟରେ ମୁଁ କହିଲି, 'ସୁବାସିତ ଗୁଡ଼ାଖୁ ଜଳପୂର୍ଣ୍ଣ ହୁକ୍‌କାରେ ବ୍ୟବହାର କରିବା ହିଁ ତମାଖୁ-ସେବନରେ ଶ୍ରେଷ୍ଠ ଉପଭୋଗ ।' ମୋ ପାଖରେ ଖୁବ୍ ଭଲ ତମାଖୁ ଥିଲା । ସେମାନଙ୍କୁ ତାହା ଦେଖିବାକୁ ମଧ୍ୟ ଦେଲି । ସେମାନେ ଆଘ୍ରାଣ କରିବାମାତ୍ରେ କହିଲେ, 'ଏ ତ ଅତି ଦୁର୍ଗନ୍ଧ । ଏହାକୁ ତୁମେ ସୁଗନ୍ଧ କହୁଛ ?' ଏହିପରି ଗନ୍ଧ, ଆସ୍ୱାଦ, ସୌନ୍ଦର୍ଯ୍ୟ ପ୍ରଭୃତି ସମସ୍ତ ବିଷୟରେ ସମାଜ-ଦେଶ-କାଳଭେଦରେ ଭିନ୍ନ ଭିନ୍ନ ମତ ।

ସ୍ୱାମୀଜୀଙ୍କର ପୂର୍ବୋକ୍ତ କଥାଗୁଡ଼ିକ ହୃଦୟଙ୍ଗମ କରିବାକୁ ମୋ ପକ୍ଷରେ ବିଳମ୍ବ ହୋଇ ନ ଥିଲା । ମୋର ମନେପଡ଼ିଲା, ପୂର୍ବେ ଶିକାର କରିବା ମୋର ଅତି ପ୍ରିୟ ଥିଲା, କୌଣସି ପଶୁପକ୍ଷୀ ଦେଖିଲେ, କେତେବେଳେ ତାକୁ ମାରିବି, ସେଥିପାଇଁ ମନ ଛଟପଟ ହେଉଥିଲା । ମାରି ନ ପାରିଲେ ଅତ୍ୟନ୍ତ କଷ୍ଟବୋଧ ହେଉଥିଲା । ବର୍ତ୍ତମାନ ସେପ୍ରକାର ପ୍ରାଣୀବଧ ଆଦୌ ଭଲ ଲାଗୁ ନାହିଁ । ସୁତରାଂ କୌଣସି ଜିନିଷ ଭଲ ଲାଗିବା ବା ମନ୍ଦ ଲାଗିବା କେବଳ ଅଭ୍ୟାସର କାର୍ଯ୍ୟ ।

ନିଜର ମତ ବଜାୟ ରଖିବା ପାଇଁ ପ୍ରତ୍ୟେକ ମନୁଷ୍ୟର ଗୋଟାଏ ବିଶେଷ ଜିଦ୍ ଦେଖାଯାଏ । ଧର୍ମମତ ସମ୍ବନ୍ଧରେ ପୁଣି ତାହାର ବିଶେଷ ପ୍ରକାଶ । ସ୍ୱାମୀଜୀ ସେସମ୍ବନ୍ଧରେ ଗୋଟିଏ ଗଳ୍ପ କହୁଥିଲେ । ଥରେ ଗୋଟିଏ କ୍ଷୁଦ୍ର ରାଜ୍ୟ ଜୟ କରିବା ଲାଗି ଅନ୍ୟ ଜଣେ ରାଜା ସଦଳବଳେ ଉପସ୍ଥିତ ହେଲେ । ତେଣୁ ଶତ୍ରୁହାତରୁ କିପରି ରକ୍ଷା ପାଇବାକୁ ହେବ ସ୍ଥିର କରିବା ପାଇଁ ସେହି ରାଜ୍ୟରେ ଗୋଟିଏ ମହାସଭା ଆହୂତ ହେଲା । ସଭାରେ ଇଞ୍ଜିନିୟର, ସୂତ୍ରଧର, ଚର୍ମକାର, କର୍ମକାର, ଓକିଲ, ପୁରୋହିତ ପ୍ରଭୃତି ସଭାସଦ୍‌ଗଣ ଉପସ୍ଥିତ ହେଲେ । ଇଞ୍ଜିନିୟର କହିଲେ, 'ସହରର ଚାରିଆଡ଼େ ପାଚେରି ଉଠାଇ ତା' ଚାରି ପାଖରେ ଗୋଟିଏ ବୃହତ୍ ଖାଇ ଖନନ କର ।' ସୂତ୍ରଧର କହିଲା, 'କାଠର କାନ୍ଥ ଦିଆଯାଉ ।' ଚର୍ମକାର କହିଲା, 'ଚମଡ଼ା ପରି ମଜଭୁତ ଆଉ କିଛି ନାହିଁ; ତେଣୁ ଚମଡ଼ାର ବାଡ଼ ଦିଅ ।' କମାର କହିଲା, 'ଏସବୁ କାମର କଥା ନୁହେଁ; ଲୁହାର କାନ୍ଥ ହିଁ ଭଲ । ତାକୁ ଭେଦ କରି ଗୁଳିଗୁଳା ଆସି-ପାରିବ ନାହିଁ ।' ଓକିଲ କହିଲେ 'କିଛି କରିବା ଦରକାର ନାହିଁ; ଆମ ରାଜ୍ୟ ନେବାରେ ଶତ୍ରୁମାନଙ୍କର କୌଣସି ଅଧିକାର ନାହିଁ—ଏହି କଥାଟା ସେମାନଙ୍କୁ ଯୁକ୍ତିତର୍କଦ୍ୱାରା ବୁଝାଇ ଦିଆଯାଉ ।' ପୁରୋହିତ କହିଲେ, 'ତୁମେ ସମସ୍ତେ ବାତୁଳ ପରି ପ୍ରଳାପ କରୁଛ । ହୋମ ଯଜ୍ଞ କର, ସ୍ୱସ୍ତ୍ୟୟନ କର, ତୁଳସୀ ଚଢ଼ାଅ, ଶତ୍ରୁମାନେ କିଛି କରିପାରିବେ ନାହିଁ ।' ଏପରିଭାବରେ

ରାଜ୍ୟକୁ ବଞ୍ଚାଇବାର କୌଣସି ଉପାୟ ସ୍ଥିର ନ କରି ସେମାନେ ନିଜ ମତ ଧରି ମହା ହୁଲସ୍ଥୂଲ ତର୍କ ଆରମ୍ଭ କଲେ । ଏପରି କରିବା ହିଁ ମନୁଷ୍ୟର ସ୍ୱଭାବ ।

ଗଳ୍ପଟି ଶୁଣି ମୋର ମଧ୍ୟ ମନୁଷ୍ୟ ମନର ଗତାନୁଗତିକ ଝୁଙ୍କ ସମ୍ବନ୍ଧରେ ଗୋଟିଏ କଥା ମନେପଡ଼ିଗଲା । ସ୍ୱାମୀଜୀଙ୍କୁ କହିଲି, 'ସ୍ୱାମୀଜୀ, ମୁଁ ପିଲାଦିନେ ପାଗଳଙ୍କ ସହିତ ଆଳାପ କରିବାକୁ ଖୁବ୍ ଭଲ ପାଉଥିଲି । ଦିନେ ଗୋଟିଏ ପାଗଳକୁ ଦେଖିଲି, ବେଶ୍ ବୁଦ୍ଧି-ମାନ୍, ଇଂରାଜୀ ମଧ୍ୟ କିଛି କିଛି ଜାଣେ; ତା'ର ଦରକାର କେବଳ ପାଣି ପିଇବା । ସାଙ୍ଗରେ ଗୋଟିଏ ଭଙ୍ଗା ଡାଲା । ଯେଉଁଠାରେ ପାଣି ପାଏ—ଖାଲ ହେଉ, ହାଉଦା ହେଉ—ନୂଆ ଗୋଟାଏ ପାଣି ଥିବା ସ୍ଥାନ ଦେଖିଲେ ହିଁ ସେଠାରୁ ପାଣି ପିଉଥିଲା । ମୁଁ ତାକୁ ଏତେ ପାଣି ପିଇବାର କାରଣ ପଚାରିବାରୁ ସେ କହିଲା, 'Nothing like water, Sir !'—ପାଣି ପରି କୌଣସି ଜିନିଷ ନାହିଁ ଆଜ୍ଞା; ତାକୁ ମୁଁ ଗୋଟିଏ ଭଲ ଡାଲା ଦେବା ପାଇଁ ଇଚ୍ଛା ପ୍ରକାଶ କଲି, ସେ ତାହା କୌଣସିମତେ ନେଲା ନାହିଁ । କାରଣ ପଚାରିବାରୁ କହିଲା, 'ଏଇଟି ଭଙ୍ଗା ଡାଲା ବୋଲି ଏତେଦିନ ଅଛି । ଭଲ ହୋଇଥିଲେ କେବେ ଚୋରି କରି ନେଇ-ଯାଆନ୍ତିଣି ।'

ସ୍ୱାମୀଜୀ ଗଳ୍ପ ଶୁଣି କହିଲେ, 'ସେ ତ ବେଶ୍ ମଜାର ପାଗଳ ! ଏମାନଙ୍କୁ monomaniac କୁହାଯାଏ । ଆମ ସମସ୍ତଙ୍କର ମଧ୍ୟ ସେପ୍ରକାର ଗୋଟାଏ ଗୋଟାଏ ଝୁଙ୍କ ଅଛି । ଆମମାନଙ୍କର ତାହା ଚାପିରଖିବାର କ୍ଷମତା ଅଛି, ପାଗଳର ତାହା ନାହିଁ । ପାଗଳ ଓ ଆମ ଭିତରେ ଏତିକି ପ୍ରଭେଦ । ରୋଗ, ଶୋକ, ଅହଙ୍କାର, କାମ, କ୍ରୋଧ, ହିଂସା ବା ଅନ୍ୟ କୌଣସି ଅତ୍ୟାଚାର ବା ଅନାଚାରରେ ମନୁଷ୍ୟ ଦୁର୍ବଳ ହୋଇ ଏହି ସଂଯମଟିକକ ହରାଇଲେ ହିଁ ମୁସ୍କିଲ । ମନର ଆବେଗ ଆଉ ଚାପିରଖିପାରେ ନାହିଁ । ଆମେମାନେ ସେତେବେଳେ କହୁ, ଲୋକଟା ପାଗଳ ହୋଇଯାଇଛି । ଏହା ହିଁ ତ ଆଉ କଅଣ ?'

ସ୍ୱାମୀଜୀଙ୍କ ସ୍ୱଦେଶାନୁରାଗ ଅତ୍ୟନ୍ତ ପ୍ରବଳ ଥିଲା; ଏକଥା ଆଗରୁ କହିଛି । ଦିନେ ସେସମ୍ବନ୍ଧରେ କଥା ପଡ଼ିବାରୁ ତାଙ୍କୁ କୁହାଗଲା ଯେ, ସଂସାରୀ ଲୋକଙ୍କର ନିଜ ନିଜ ଦେଶ ପ୍ରତି ଅନୁରାଗ ନିତ୍ୟ କର୍ତ୍ତବ୍ୟ ହେଲେ ମଧ୍ୟ ସନ୍ନ୍ୟାସୀ ପକ୍ଷରେ ନିଜ ଦେଶର ମାୟା ତ୍ୟାଗ କରିବା ଏବଂ ସବୁ ଦେଶ ଉପରେ ସମଦୃଷ୍ଟି ଅବଲମ୍ବନ କରି ସବୁ ଦେଶର କଲ୍ୟାଣଚିନ୍ତାକୁ ହୃଦୟରେ ସ୍ଥାନ ଦେବା ଭଲ । ଏହି କଥାର ଉତ୍ତରରେ ସ୍ୱାମୀଜୀ ଯେଉଁସବୁ ଜ୍ୱଳନ୍ତ କଥା-ଗୁଡ଼ିକ କହିଲେ, ତାହା କଦାପି ଏ ଜନ୍ମରେ ମଧ୍ୟ ଭୁଲିପାରିବି ନାହିଁ । ସେ କହିଲେ, 'ଯେ ନିଜର ମାଆକୁ ଭାତ ଦିଏ ନାହିଁ, ସେ ଅନ୍ୟର ମାଆକୁ ପୁଣି କଅଣ ପୋଷିବ ?'

ଆମମାନଙ୍କ ପ୍ରଚଳିତ ଧର୍ମରେ, ଆଚାର-ବ୍ୟବହାରରେ, ସାମାଜିକ ପ୍ରଥାରେ ଯେ ଅନେକ ଦୋଷ ଅଛି, ସ୍ୱାମୀଜୀ ଏକଥା ସ୍ୱୀକାର କରୁଥିଲେ ଓ କହୁଥିଲେ, 'ସେସବୁ ସଂଶୋ-ଧନ କରିବା ପାଇଁ ଚେଷ୍ଟା କରିବା ଆମମାନଙ୍କର ସର୍ବତୋଭାବରେ କର୍ତ୍ତବ୍ୟ; କିନ୍ତୁ ତାହା ବୋଲି ସମ୍ବାଦପତ୍ରରେ ଇଂରେଜମାନଙ୍କ ନିକଟରେ ସେସବୁ ଘୋଷଣା କରିବାର ଆବଶ୍ୟକତା କଅଣ ? ଘରର ଦୋଷ-ତ୍ରୁଟି ବାହାରେ ଯେ ଦେଖାଏ, ତାହା ଭଳି ଗର୍ଦ୍ଦଭ ଆଉ କିଏ

ଅଛି ? Dirty linen must not be exposed in the street.' (ମଇଳା ଲୁଗାପଟା ରାସ୍ତାକଡ଼ରେ, ଲୋକଙ୍କ ଦୃଷ୍ଟି ରେ ରଖିବା ଉଚିତ ନୁହେଁ ।)

ଖ୍ରୀଷ୍ଟାନ୍ ମିଶନାରୀମାନଙ୍କ ସମ୍ବନ୍ଧରେ ଦିନେ କଥାବାର୍ତ୍ତା ହେଲା । ସେମାନେ ଆମ ଦେଶର କେତେ ଉପକାର କରିଛନ୍ତି ଓ କରୁଛନ୍ତି, ପ୍ରସଙ୍ଗକ୍ରମେ ମୁଁ ଏ କଥା କହିଲି । ଶୁଣି ସେ କହିଲେ, 'କିନ୍ତୁ ଅପକାର ମଧ୍ୟ କିଛି କମ୍ କରି ନାହାନ୍ତି । ଦେଶର ଲୋକଙ୍କ ମନର ଶ୍ରଦ୍ଧାକୁ ଏକାବେଳକେ ଲୋପ କରିଦେବାର ଚମତ୍କାର ବ୍ୟବସ୍ଥା କରିଛନ୍ତି । ଶ୍ରଦ୍ଧା ନାଶ ସଙ୍ଗେ ସଙ୍ଗେ ମନୁଷ୍ୟତ୍ୱର ମଧ୍ୟ ନାଶ ହୁଏ—ଏକଥା କେହି କଅଣ ବୁଝନ୍ତି ? ଆମମାନଙ୍କ ଦେବଦେବୀଙ୍କ ନିନ୍ଦା, ଆମମାନଙ୍କ ଧର୍ମର କୁତ୍ସା ନ କରି କଅଣ ସେମାନଙ୍କ ନିଜ ଧର୍ମର ଶ୍ରେଷ୍ଠତ୍ୱ ଦେଖାଇ ହେବ ନାହିଁ ? ଆଉ ଗୋଟିଏ କଥା, ଯେ ଯେଉଁ ଧର୍ମମତ ପ୍ରଚାର କରିବାକୁ ଚାହାଁନ୍ତି, ସେଥିରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିବା ଦରକାର ଓ ତଦନୁଯାୟୀ ସେ କାର୍ଯ୍ୟ କରିବା ଉଚିତ । ଅଧିକାଂଶ ମିଶନାରୀଙ୍କର ମୁହଁରେ ଗୋଟାଏ, କାମରେ ଆଉ ଗୋଟାଏ । ମୁଁ କପଟତା ଉପରେ ଭାରି ଚଢ଼େ ।'

ଦିନେ ସେ ଧର୍ମ ଓ ଯୋଗ ସମ୍ବନ୍ଧରେ ଅନେକ କଥା ଅତି ସୁନ୍ଦରଭାବରେ କହିଥିଲେ । ତାହାର ମର୍ମ ଯେତେ ଦୂର ମନେ ଅଛି, ଏଠାରେ ଲେଖୁଛି :

ସମସ୍ତ ପ୍ରାଣୀ ସତତ ସୁଖୀ ହେବା ଚେଷ୍ଟାରେ ବ୍ୟଗ୍ର; କିନ୍ତୁ ଖୁବ୍ କମ୍ ଲୋକ ହିଁ ସୁଖୀ । କାମ୍ୟକର୍ମ ମଧ୍ୟ ସମସ୍ତେ ଅନବରତ କରୁଛନ୍ତି; କିନ୍ତୁ ତାହାର ଅଭିଳଷିତ ଫଳ ପାଇବା ପ୍ରାୟ ଦେଖାଯାଏ ନାହିଁ । ଏପରି ବିପରୀତ ଫଳ ଦେଖା ଦେବାର କାରଣ କଅଣ, ତାହା ମଧ୍ୟ ବୁଝିବାକୁ ସମସ୍ତେ ଚେଷ୍ଟା କରନ୍ତି ନାହିଁ । ସେଇଥିପାଇଁ ମନୁଷ୍ୟ ଦୁଃଖ ପାଏ । ଧର୍ମ ସମ୍ବନ୍ଧରେ ଯେପରି ବିଶ୍ୱାସ ଥାଉ ନା କାହିଁକି, କେହି ଯଦି ସେହି ବିଶ୍ୱାସବଳରେ ନିଜକୁ ଯଥାର୍ଥ ସୁଖୀ ବୋଲି ଅନୁଭବ କରେ, ତା'ହେଲେ ତାହାର ଏହି ମତ ପରିବର୍ତ୍ତନ କରିବା ଲାଗି ଚେଷ୍ଟା କରିବା କାହାରି ପକ୍ଷରେ ଉଚିତ ନୁହେଁ ଏବଂ କଲେ ମଧ୍ୟ ଏଥିରେ ସୁଫଳ ଫଳିବ ନାହିଁ । ତେବେ ମୁହଁରେ ସେ ଯାହା କହୁ ନା କାହିଁକି, ଯେତେବେଳେ ଦେଖିବ କାହାରି ଧର୍ମ ସମ୍ବନ୍ଧରେ କଥାବାର୍ତ୍ତା ଶୁଣିବାକୁ କେବଳ ମାତ୍ର ଆଗ୍ରହ ଅଛି, ତାହାର କୌଣସି ଅନୁଷ୍ଠାନର ଚେଷ୍ଟା ନାହିଁ, ସେତେବେଳେ ଜାଣିବ ଯେ, ତା'ର କୌଣସି ଗୋଟାଏ ବିଷୟରେ ଦୃଢ଼ ବିଶ୍ୱାସ ହୋଇ ନାହିଁ ।

ଧର୍ମର ମୂଳ ଉଦ୍ଦେଶ୍ୟ ମନୁଷ୍ୟକୁ ସୁଖୀ କରିବା' କିନ୍ତୁ ପରଜନ୍ମରେ ସୁଖୀ ହେବ ବୋଲି ଇହଜନ୍ମରେ ଦୁଃଖଭୋଗ କରିବା ମଧ୍ୟ ବୁଦ୍ଧିମାନ୍‌ର କାର୍ଯ୍ୟ ନୁହେଁ । ଏହି ଜନ୍ମରେ ଏହି ମୁହୂର୍ତ୍ତରୁ ହିଁ ସୁଖୀ ହେବାକୁ ହେବ । ଯେଉଁ ଧର୍ମଦ୍ୱାରା ତାହା ସମ୍ପାଦିତ ହେବ, ତାହା ହିଁ ମନୁଷ୍ୟ ପକ୍ଷରେ ଉପଯୁକ୍ତ ଧର୍ମ । ଇନ୍ଦ୍ରିୟଭୋଗଜନିତ ସୁଖ କ୍ଷଣସ୍ଥାୟୀ ଓ ତାହା ସହିତ ଅବଶ୍ୟମ୍ଭାବୀ ଦୁଃଖଭୋଗ ମଧ୍ୟ ଅନିବାର୍ଯ୍ୟ । ଶିଶୁ, ଅଜ୍ଞାନ, ପଶୁପ୍ରକୃତିର ଲୋକମାନେ କେବଳ ସେହି କ୍ଷଣସ୍ଥାୟୀ ଦୁଃଖମିଶ୍ରିତ ସୁଖକୁ ବାସ୍ତବିକ୍ ସୁଖ ବୋଲି ମନେକରନ୍ତି । ଯଦି ସେ ସୁଖକୁ କେହି ଜୀବନର ଏକମାତ୍ର ଉଦ୍ଦେଶ୍ୟ ମନେକରି ଚିରକାଳ ସମ୍ପୂର୍ଣ୍ଣରୂପେ ନିଶ୍ଚିନ୍ତ ଓ ସୁଖୀ

ରହିପାରେ, ତେବେ ତାହା ମଧ୍ୟ ମନ୍ଦ ନୁହେଁ; କିନ୍ତୁ ଆଜିପର୍ଯ୍ୟନ୍ତ ଏପରି ଲୋକ ଦେଖାଯାଇ ନାହିଁ । ସଚରାଚର ଏହା ହିଁ ଦେଖାଯାଏ ଯେ, ଯେଉଁମାନେ ଇନ୍ଦ୍ରିୟଚରିତାର୍ଥତାକୁ ହିଁ ସୁଖ ମନେକରନ୍ତି, ସେମାନେ ନିଜ ଅପେକ୍ଷା ଧନବାନ୍, ବିଳାସୀ ଲୋକମାନଙ୍କୁ ଅଧିକ ସୁଖୀ ମନେକରି ଦ୍ୱେଷ କରିଥାଆନ୍ତି ଏବଂ ସେମାନଙ୍କର ବହୁ ବ୍ୟୟସାଧ୍ୟ ଉଚ୍ଚ ଶ୍ରେଣୀର ଇନ୍ଦ୍ରିୟ-ଭୋଗ ଦେଖି ତାହା ପାଇବା ପାଇଁ ଲାଳାୟିତ ହୋଇ ଅସୁଖୀ ହୋଇଥାଆନ୍ତି । ସମ୍ରାଟ ଆଲେକ୍‌ଜାଣ୍ଡାର ସମସ୍ତ ପୃଥିବୀ ଜୟ କରି ପୃଥିବୀରେ ଆଉ ଜୟ କରିବା ପାଇଁ ଦେଶ ନାହିଁ ଭାବି ଦୁଃଖିତ ହୋଇଥିଲେ । ସେଥିପାଇଁ ବୁଦ୍ଧିମାନ୍ ମନୀଷୀମାନେ ଅନେକ ଦେଖି, ଶୁଣି, ବିଚାର କରି ଅବଶେଷରେ ସିଦ୍ଧାନ୍ତ କରିଛନ୍ତି ଯେ, କୌଣସି ଗୋଟାଏ ଧର୍ମରେ ଯଦି ପୂର୍ଣ୍ଣ ବିଶ୍ୱାସ ହୁଏ, ତେବେ ମନୁଷ୍ୟ ନିଶ୍ଚିନ୍ତ ଓ ଯଥାର୍ଥ ସୁଖୀ ହୋଇପାରିବ ।

ବିଦ୍ୟା ବୁଦ୍ଧି ପ୍ରଭୃତି ସକଳ ବିଷୟରେ ପ୍ରତ୍ୟେକ ମନୁଷ୍ୟର ପ୍ରକୃତି ଭିନ୍ନ ଭିନ୍ନ ଦେଖାଯାଏ । ସେଥିପାଇଁ ସେମାନଙ୍କ ଉପଯୋଗୀ ଧର୍ମ ମଧ୍ୟ ଭିନ୍ନ ଭିନ୍ନ ହେବା ଆବଶ୍ୟକ; ନଚେତ୍ କୌଣସି ପ୍ରକାରେ ମଧ୍ୟ ତାହା ସେମାନଙ୍କର ସନ୍ତୋଷପ୍ରଦ ହେବ ନାହିଁ; କୌଣସି ପ୍ରକାରେ ସେମାନେ ତାହା ଅନୁଷ୍ଠାନ କରି ଯଥାର୍ଥ ସୁଖୀ ହୋଇପାରିବେ ନାହିଁ । ନିଜ ନିଜ ପ୍ରକୃତିର ଉପଯୋଗୀ ସେହି ସେହି ଧର୍ମମତ ସେମାନେ ନିଜେ ଭାବିଚିନ୍ତି, ଦେଖି, ଠିକ୍ ବାଛିନେବା ଉଚିତ । ଏହା ବ୍ୟତୀତ ଅନ୍ୟ ଉପାୟ ନାହିଁ । ଧର୍ମଗ୍ରନ୍ଥ ପାଠ, ଗୁରୂପଦେଶ, ସାଧୁଦର୍ଶନ, ସତ୍‌ପୁରୁଷଙ୍କ ସଙ୍ଗ ପ୍ରଭୃତି ସେ ବିଷୟରେ ତାକୁ ସାହାଯ୍ୟ କରେ ମାତ୍ର ।

କର୍ମ ସମ୍ବନ୍ଧରେ ମଧ୍ୟ ଜାଣିବା ଆବଶ୍ୟକ ଯେ, କୌଣସି ନା କୌଣସି ପ୍ରକାର କର୍ମ ନ କରି କେହି ହେଲେ ରହିପାରିବ ନାହିଁ ଏବଂ କେବଳ ଭଲ କିମ୍ବା କେବଳ ମନ୍ଦ ଜଗତରେ ଏପରି କୌଣସି କର୍ମ ନାହିଁ । ଭଲ କରିବାକୁ ଗଲେ ହିଁ ସଙ୍ଗେସଙ୍ଗେ କିଛି ନା କିଛି ମନ୍ଦ କରିବାକୁ ହେବ; ଆଉ ସେଥିପାଇଁ କର୍ମଦ୍ୱାରା ଯେପରି ସୁଖ ଆସିବ, କିଛି ନା କିଛି ଦୁଃଖ ଏବଂ ଅଭାବବୋଧ ମଧ୍ୟ ତାହା ସଙ୍ଗେ ସଙ୍ଗେ ଆସିବ ହିଁ ଆସିବ—ତାହା ଅବଶ୍ୟମ୍ଭାବୀ । ସେ ଦୁଃଖଟିକକୁ ଯଦି ନ ଭୋଗିବା ପାଇଁ ଇଚ୍ଛା ଥାଏ, ତେବେ ବିଷୟଭୋଗଜନିତ ଆପାତ ସୁଖ-ଲାଭର ଆଶା ମଧ୍ୟ ଛାଡ଼ିବାକୁ ହେବ । ଅର୍ଥାତ୍ ସ୍ୱାର୍ଥସୁଖ ଅନ୍ୱେଷଣ ନ କରି କର୍ତ୍ତବ୍ୟବୁଦ୍ଧିରେ ସବୁ କାର୍ଯ୍ୟ କରିଯିବାକୁ ହେବ; ତାହାର ନାମ ନିଷ୍କାମ କର୍ମ । ଗୀତାରେ ଭଗବାନ୍ ଅର୍ଜୁନଙ୍କୁ ତାହାର ଉପଦେଶ ଦେବା ପାଇଁ କହୁଛନ୍ତି, 'କାର୍ଯ୍ୟ କର, କିନ୍ତୁ ଫଳଟା ମୋତେ ଦିଅ; ଅର୍ଥାତ୍ ମୋ ପାଇଁ ହିଁ କାର୍ଯ୍ୟ କର ।'

ଗୀତା, ବାଇବେଲ, କୋରାନ୍, ପୁରାଣ ପ୍ରଭୃତି ଅତି ପ୍ରାଚୀନ ଗ୍ରନ୍ଥସ୍ଥ ଘଟଣାବଳୀର ଯଥାଯଥ ଐତିହାସିକତ୍ୱ ସମ୍ବନ୍ଧରେ ମୋର ଆଦୌ ବିଶ୍ୱାସ ହେଉ ନ ଥିଲା । ସ୍ୱାମୀଜୀଙ୍କୁ ଥରେ ପଚାରିଲି ଯେ, 'କୁରୁକ୍ଷେତ୍ର ଯୁଦ୍ଧର ଅନତିପୂର୍ବେ ଅର୍ଜୁନଙ୍କ ପ୍ରତି ଭଗବାନ୍ ଶ୍ରୀକୃଷ୍ଣଙ୍କ ଧର୍ମ-ଉପଦେଶ, ଯାହା ଭଗବଦ୍‌ଗୀତାରେ ଲିପିବଦ୍ଧ ଅଛି, ତାହା ଯଥାର୍ଥ ଐତିହାସିକ ଘଟଣା କି ନୁହେଁ ?' ଉତ୍ତରରେ ସେ ଯାହା କହିଥିଲେ ତାହା ଅତି ଚମତ୍କାର । ସେ କହିଲେ, 'ଗୀତା ଅତି ପ୍ରାଚୀନ ଗ୍ରନ୍ଥ । ପ୍ରାଚୀନ କାଳରେ ଇତିହାସ ଲେଖା କିମ୍ବା ପୁସ୍ତକାଦି

ଛପାଇବାର ଆଜିକାଲିକା ପରି ଏତେ ଧୂମ୍‌ଧାମ୍ ନ ଥିଲା; ସେଥିପାଇଁ ତୁମମାନଙ୍କ ପରି ଲୋକଙ୍କ ପାଖରେ ଭଗବଦ୍‌ଗୀତାର ଐତିହାସିକତ୍ୱ ପ୍ରମାଣ କରିବା କଠିନ। କିନ୍ତୁ ଗୀତୋକ୍ତ ଘଟଣା ଯଥାଯଥ ଘଟିଥିଲା କି ନାହିଁ, ସେଥିପାଇଁ ତୁମମାନଙ୍କର ମୁଣ୍ଡ ଖେଳାଇବାର କାରଣ ମଧ୍ୟ ମୁଁ କିଛି ଦେଖୁ ନାହିଁ। କାହିଁକି ନା, ଯଦି କେହି ଶ୍ରୀଭଗବାନ୍ ସାରଥୀ ହୋଇ ଅର୍ଜୁନଙ୍କୁ ଗୀତା କହିଥିଲେ, ଏହା ଅକାଟ୍ୟ ପ୍ରମାଣ ପ୍ରୟୋଗଦ୍ୱାରା ତୁମମାନଙ୍କୁ ବୁଝାଇ ଦେଇପାରେ, ତା'ହେଲେ ହିଁ କଅଣ ତୁମେମାନେ ଗୀତାରେ ଯାହା କିଛି ଲେଖାଅଛି, ତାହା ବିଶ୍ୱାସ କରିବ ? ସାକ୍ଷାତ୍ ଭଗବାନ୍ ଯେତେବେଳେ ତୁମମାନଙ୍କ ନିକଟକୁ ମୂର୍ତ୍ତିମାନ୍ ହୋଇ ଆସିଲେ ମଧ୍ୟ ତୁମେମାନେ ତାଙ୍କୁ ପରୀକ୍ଷା କରିବାକୁ ଧାଇଁଯାଅ ଓ ତାଙ୍କର ଈଶ୍ୱରତ୍ୱ ପ୍ରମାଣ କରିବାକୁ କହ, ସେତେବେଳେ ଗୀତା ଐତିହାସିକ କି ନୁହେଁ, ଏ ବୃଥା ସମସ୍ୟା ନେଇ କାହିଁକି ଘୂରି ବୁଲୁଛ ? ଯଦି ପାରି ଗୀତାର ଉପଦେଶଗୁଡ଼ିକୁ ଯେତେ ଦୂର ସମ୍ଭବ ଜୀବନରେ ପରିଣତ କରି କୃତାର୍ଥ ହୁଅ। ପରମହଂସଦେବ କହୁଥିଲେ, 'ଆମ୍ବ ଖାଅ, ଗଛର ପତ୍ର ଗଣି କଅଣ ହେବ ?' ମୋର ବୋଧହୁଏ, ଧର୍ମଶାସ୍ତ୍ରରେ ଲିପିବଦ୍ଧ ଘଟଣା ଉପରେ ବିଶ୍ୱାସ-ଅବିଶ୍ୱାସ କରିବା 'is a matter of personal equation' (ବ୍ୟକ୍ତିଗତ ବ୍ୟାପାର)—ଅର୍ଥାତ୍ ମନୁଷ୍ୟ କୌଣସି ଏକ ଅବସ୍ଥାବିଶେଷରେ ପଡ଼ି ସେଥିରୁ ଉଦ୍ଧାର କାମନାରେ ପଥ ଖୋଜୁଥାଏ ଏବଂ ଧର୍ମଶାସ୍ତ୍ରରେ ଲିପିବଦ୍ଧ କୌଣସି ଘଟଣା ସହିତ ତାହାର ନିଜ ଅବସ୍ଥା ଠିକ୍ ଠିକ୍ ମିଳିଯାଉଛି ଦେଖିଲେ, ଏହି ଘଟଣା ଐତିହାସିକ ବୋଲି ସେ ନିଶ୍ଚିତ ବିଶ୍ୱାସ କରେ। ଆଉ ଧର୍ମଶାସ୍ତ୍ରୋକ୍ତ ସେ ଅବସ୍ଥାର ଉପଯୋଗୀ ଉପାୟକୁ ମଧ୍ୟ ଆଗ୍ରହର ସହିତ ଗ୍ରହଣ କରେ।'

ଅଭୀଷ୍ଟ କାର୍ଯ୍ୟ ନିମିତ୍ତ ଶାରୀରିକ ଏବଂ ମାନସିକ ଶକ୍ତି ସଂରକ୍ଷଣ କରିବା ଯେ ପ୍ରତ୍ୟେକର କେତେ ଦୂର କର୍ତ୍ତବ୍ୟ, ତାହା ଅତି ସୁନ୍ଦରଭାବରେ ଆମମାନଙ୍କୁ ବୁଝାଇଥିଲେ। 'ଅନଧିକାର ଚର୍ଚ୍ଚାରେ ବା ବୃଥା କାର୍ଯ୍ୟରେ ଯେ ଶକ୍ତି କ୍ଷୟ କରେ, ଅଭୀଷ୍ଟ କାର୍ଯ୍ୟସିଦ୍ଧି ପାଇଁ ପର୍ଯ୍ୟାପ୍ତ ଶକ୍ତି ସେ ଆଉ କେଉଁଠାରୁ ପାଇବ ? The sum-total of the energy which can be exhibited by an ago is a constant quantity—ଅର୍ଥାତ୍ ପ୍ରତ୍ୟେକ ଜୀବାତ୍ମା ମଧ୍ୟରେ ନାନାଭାବରେ ପ୍ରକାଶ କରିବାର ଯେଉଁ ଶକ୍ତି ବର୍ତ୍ତମାନ ରହିଛି, ତାହା ସସୀମ; ସୁତରାଂ ସେହି ଶକ୍ତିର ଅଧିକାଂଶ ଗୋଟିଏ ଭାବରେ ପ୍ରକାଶିତ ହେଲେ ସେତେ ପରିମାଣରେ ଆଉ ଅନ୍ୟ ଭାବରେ ପ୍ରକାଶିତ ହୋଇପାରିବ ନାହିଁ। ଧର୍ମର ଗଭୀର ସତ୍ୟସବୁ ଜୀବନରେ ପ୍ରତ୍ୟକ୍ଷ କରିବାକୁ ହେଲେ ଅନେକ ଶକ୍ତିର ପ୍ରୟୋଜନ; ସେଥିପାଇଁ ଧର୍ମପଥର ପଥିକମାନଙ୍କ ପ୍ରତି ବିଷୟଭୋଗ ଇତ୍ୟାଦିରେ ଶକ୍ତି କ୍ଷୟ ନ କରି ବ୍ରହ୍ମଚର୍ଯ୍ୟାଦିଦ୍ୱାରା ଶକ୍ତି-ସଂରକ୍ଷଣର ଉପଦେଶ ସମସ୍ତ ଜାତିର ଧର୍ମଗ୍ରନ୍ଥରେ ହିଁ ଦେଖିବାକୁ ମିଳେ।'

ସ୍ୱାମୀଜୀ ବଙ୍ଗଳା ଦେଶର ପଲ୍ଲୀଗ୍ରାମ ଓ ସେଠାର ଲୋକଙ୍କର କେତେଗୁଡ଼ିଏ ଆଚରଣ ଉପରେ ବିଶେଷ ସନ୍ତୁଷ୍ଟ ନ ଥିଲେ। ପଲ୍ଲୀଗ୍ରାମରେ ଗୋଟିଏ ପୁଷ୍କରିଣୀରେ ସ୍ନାନ, ଜଳଶୌଚ ପ୍ରଭୃତି ଏବଂ ସେହି ପୁଷ୍କରିଣୀର ଜଳ ପାନ କରିବା ପ୍ରଥା ଉପରେ ସେ ଭାରି ବିରକ୍ତ ହେଉଥିଲେ।

ସ୍ୱାମୀଜୀଙ୍କର ଗୋଟିଏ ଗୋଟିଏ ଦିନର ଏପରି କଥାବାର୍ତ୍ତା ସଂଗ୍ରହ କରି ରଖିପାରି-ଥିଲେ ଖଣ୍ଡେ ଖଣ୍ଡେ ପୁସ୍ତକ ହୋଇଥାଆନ୍ତା । ଗୋଟାଏ ପ୍ରଶ୍ନର ବାରଂବାର ଗୋଟାଏ ଭାବରେ ଉତ୍ତର ଦେବା ଏବଂ ଗୋଟିଏ ଦୃଷ୍ଟାନ୍ତ ସାହାଯ୍ୟରେ ବୁଝାଇବା ତାଙ୍କର ରୀତି ନ ଥିଲା । ଯେତେ ଥର ସେହି ପ୍ରଶ୍ନର ଉତ୍ତର ଦିଅନ୍ତି, ସେତେ ଥର ତାହା ନୂତନ ଭାବରେ ନୂତନ ଦୃଷ୍ଟାନ୍ତ ସାହାଯ୍ୟରେ ବୁଝାଇବାର କ୍ଷମତା ତାଙ୍କର ଏପରି ଥିଲା ଯେ, ଲୋକଙ୍କୁ ତାହା ସମ୍ପୂର୍ଣ୍ଣ ନୂତନ ବୋଲି ବୋଧ ହେଉଥିଲା ଏବଂ ତାଙ୍କ କଥା ଶୁଣି ଶୁଣି କ୍ଳାନ୍ତ ବୋଧ କରିବା ଦୂରେ ଥାଉ, ଆଗ୍ରହ ଓ ଅନୁରାଗ ଉତ୍ତରୋତ୍ତର ବୃଦ୍ଧି ପାଉଥିଲା । ବକ୍ତୃତା ଦେବା ସମ୍ବନ୍ଧରେ ମଧ୍ୟ ସେ ଏହି ପନ୍ଥା ଧରୁଥିଲେ । ଭାବିଚିନ୍ତି, ବକ୍ତୃତାର ବିଷୟଗୁଡ଼ିକ ଲେଖିନେଇ ସେ କେବେହେଲେ ବକ୍ତୃତା ଦେବାକୁ ଯାଆନ୍ତି ନାହିଁ । ବକ୍ତୃତାର ଅବ୍ୟବହିତ ପୂର୍ବ ପର୍ଯ୍ୟନ୍ତ ହାସପରିହାସ, ସାଧାରଣ ଭାବରେ କଥାବାର୍ତ୍ତା ଏବଂ ବକ୍ତୃତା ସହିତ ସମ୍ପୂର୍ଣ୍ଣ ସମ୍ବନ୍ଧବିହୀନ ବିଷୟସବୁ ଉପରେ ଚର୍ଚ୍ଚା କରୁଥାଆନ୍ତି ।

ଆଗରୁ କହିଛି, ପାଶ୍ଚାତ୍ୟ ବିଜ୍ଞାନ ସାହାଯ୍ୟରେ ହିନ୍ଦୁଧର୍ମ ବୁଝାଇବାରେ ଏବଂ ବିଜ୍ଞାନ ଓ ଧର୍ମ ମଧ୍ୟରେ ସାମଞ୍ଜସ୍ୟ ଦେଖାଇବାରେ ସ୍ୱାମୀଜୀଙ୍କ ପରି ଆଉ କାହାକୁ ଦେଖାଯାଇ ନାହିଁ । ସେହି ସମ୍ପର୍କରେ ଦୁଇ ଚାରି ଗୋଟି କଥା ଉପହାର ଦେବାକୁ ଇଚ୍ଛା ।

ସ୍ୱାମୀଜୀ କହୁଥିଲେ : ଚେତନ ଅଚେତନ, ସ୍ଥୂଳ ସୂକ୍ଷ୍ମ ସମସ୍ତେ ଏକତ୍ୱ ଆଡ଼କୁ ଊର୍ଦ୍ଧ୍ୱଶ୍ୱାସରେ ଧାବମାନ । ପ୍ରଥମେ ମନୁଷ୍ୟ ଯେତେ ପ୍ରକାରର ଜିନିଷ ଦେଖିବାକୁ ପାଇଲା, ତନ୍ମଧ୍ୟରୁ ପ୍ରତ୍ୟେକକୁ ବିଭିନ୍ନ ଜିନିଷ ମନେକରି ଭିନ୍ନ ଭିନ୍ନ ନାମ ଦେଲା; ପରେ ବିଚାର କରି ଏ ସମସ୍ତ ଦ୍ରବ୍ୟ ମୌଳିକ ଦ୍ରବ୍ୟ (element)-ରୁ ଉତ୍ପନ୍ନ ହୋଇଛି ବୋଲି ସିଦ୍ଧାନ୍ତ କଲା ।

ଏହି ମୌଳିକ ଦ୍ରବ୍ୟଗୁଡ଼ିକ ମଧ୍ୟରେ ପୁଣି ଅନେକ ମିଶ୍ରଦ୍ରବ୍ୟ (compound) ବୋଲି ଏବେ ଅନେକଙ୍କର ସନ୍ଦେହ ହେଉଛି, ଆଉ ଯେତେବେଳେ ରସାୟନ-ଶାସ୍ତ୍ର (Chemistry) ଶେଷ ମୀମାଂସାରେ ପହଞ୍ଚିବ, ସେତେବେଳେ ସମସ୍ତ ଜିନିଷ ଯେ ଗୋଟିଏ ଜିନିଷର ଅବସ୍ଥାଭେଦ ମାତ୍ର, ତାହା ବୁଝାଯିବ । ପ୍ରଥମରେ ଉତ୍ତାପ, ଆଲୋକ ଓ ତଡ଼ିତ୍ (heat, light and electricity) ବିଭିନ୍ନ ଜିନିଷ ବୋଲି ସମସ୍ତେ ଜାଣିଥିଲେ । ବର୍ତ୍ତମାନ ପ୍ରମାଣିତ ହେଲାଣି ଯେ, ଏ ସମସ୍ତ ଏକ, ଗୋଟିଏ ଶକ୍ତିର ଅବସ୍ଥାନ୍ତର ମାତ୍ର । ଲୋକ ପ୍ରଥମେ ସମସ୍ତ ପଦାର୍ଥକୁ ଚେତନ, ଅଚେତନ ଓ ଉଦ୍ଭିଦ—ଏହି ତିନି ଶ୍ରେଣୀରେ ବିଭକ୍ତ କଲେ । ତାହା ପରେ ଯେତେବେଳେ ଦେଖିଲେ ଯେ, ଠିକ୍ ଅନ୍ୟ ସମସ୍ତ ଚେତନ-ପ୍ରାଣୀ ଭଳି ଉଦ୍ଭିଦର ପ୍ରାଣ ଅଛି, କେବଳ ଗମନ ଶକ୍ତି ନାହିଁ, ସେତେବେଳେ କେବଳ ଦୁଇଟି ଶ୍ରେଣୀ ରହିଲା—ଚେତନ ଓ ଅଚେତନ । ପୁଣି କିଛି ଦିନ ପରେ ଦେଖାଯିବ, ଆମେ ଯାହାଙ୍କୁ ଅଚେତନ କହୁଛୁ, ସେମାନଙ୍କର ସ୍ୱଳ୍ପବିସ୍ତର ଚୈତନ୍ୟ ରହିଛି ।*

---

* ସ୍ୱାମୀଜୀ ଯେଉଁ ସମୟରେ ଏହି କଥା ସବୁ କହିଥିଲେ, ସେତେବେଳକୁ ଅଧ୍ୟାପକ

ପୃଥିବୀରେ ଯେଉଁ ଉଚ୍ଚନୀଚ ଜମି ଦେଖାଯାଏ, ତାହା ମଧ୍ୟ ସତତ ସମତଳ ହୋଇ ଗୋଟିଏ ରୂପରେ ପରିଣତ ହେବା ପାଇଁ ଚେଷ୍ଟା କରୁଛି । ବର୍ଷାଜଳରେ ପର୍ବତାଦି ଉଚ୍ଚଜମି ଧୋଇ ହୋଇଯାଇ ଖାଲଖମା ପଟୁରେ ପୂର୍ଣ୍ଣ ହେଉଛି । ଗୋଟାଏ ଉଷ୍ଣ ପଦାର୍ଥକୁ କୌଣସି ସ୍ଥାନରେ ରଖିଦେଲେ ତାହା କ୍ରମେ ଚତୁଃପାର୍ଶ୍ୱସ୍ଥ ଦ୍ରବ୍ୟ ସହିତ ସମାନ ଉଷ୍ଣଭାବ ଧାରଣ କରିବାକୁ ଚେଷ୍ଟା କରେ । ଉଷ୍ଣତା ଶକ୍ତି ଏହିଭଳି ସଞ୍ଚାଳନ, ସଂବାହନ, ବିକିରଣାଦି (conduction, convection and radiation) ଉପାୟ ଅବଲମ୍ବନରେ ସର୍ବଦା ସମଭାବ ବା ଏକତ୍ୱ ଦିଗରେ ଅଗ୍ରସର ହେଉଛି ।

ଗଛର ଫଳ, ଫୁଲ, ପତ୍ର, ଚେର ଆମେ ଭିନ୍ନ ଭିନ୍ନ ଭାବରେ ଦେଖିଲେ ମଧ୍ୟ ପ୍ରକୃତରେ ଏହା ଯେ ଏକ, ବିଜ୍ଞାନ ତାହା ପ୍ରମାଣ କରିଛି । ତ୍ରିକୋଣ (ପ୍ରିଜମ୍) କାଚ ମଧ୍ୟରେ ଦେଖିଲେ ଗୋଟିଏ ଧଳା ରଙ୍ଗ ଇନ୍ଦ୍ରଧନୁର ସାତଗୋଟି ରଙ୍ଗ ପରି ପୃଥକ୍ ପୃଥକ୍ ଦେଖାଯାଏ । ଖାଲି ଆଖିରେ ଦେଖିଲେ ଗୋଟିଏ ରଙ୍ଗ, ପୁଣି ନାଲି, ନେଳି ଚଷମା ଲଗାଇ ଦେଖିଲେ ସମସ୍ତ ଲାଲ ବା ନୀଳ ଦେଖାଯାଏ ।

ସେହିପରି ଯାହା ସତ୍ୟ ତାହା ଏକ, ମାୟାଦ୍ୱାରା ଆମେ ପୃଥକ୍ ପୃଥକ୍ ଦେଖୁ ମାତ୍ର । ଅତଏବ ଦେଶକାଳାତୀତ ଅବିଭକ୍ତ ଅଦ୍ୱୈତ ସତ୍ୟାବଲମ୍ବନରେ ମନୁଷ୍ୟର ଯେତେ ପ୍ରକାର ଭିନ୍ନ ଭିନ୍ନ ପଦାର୍ଥଜ୍ଞାନର ଧାରଣା ହେଲେ ମଧ୍ୟ ମନୁଷ୍ୟ ସେହି ସତ୍ୟକୁ ଧରିପାରେ ନାହିଁ, ଦେଖିବାକୁ ପାଏ ନାହିଁ ।

ଏସମସ୍ତ କଥା ଶୁଣି କହିଲି, 'ସ୍ୱାମୀଜୀ ! ଆମର ଆଖିରେ ଦେଖିବାଟା କଅଣ ସବୁ ସମୟରେ ସତ୍ୟ ? ଦୁଇଟି ରେଲଗାଡ଼ିର ଧାରଣା ସମାନ୍ତରାଳ ଭାବରେ ରଖିଲେ ଦେଖାଯାଏ ଯେ, ତାହା ଯେପରି କ୍ରମେ ଗୋଟିଏ ସ୍ଥାନରେ ମିଳିତ ହୋଇଯାଇଛି; ମରୀଚିକା, ରଜ୍ଜୁରେ ସର୍ପ ଭ୍ରମ ପ୍ରଭୃତି optical illusion (ଦୃଷ୍ଟିବିଭ୍ରମ) ସର୍ବଦା ତ ଲାଗିରହିଛି । Fluorspar ନାମକ ପଥରତଳେ ଥିବା ଗୋଟିଏ ରେଖାକୁ double refractionଦ୍ୱାରା ଦୁଇଟି ପରି ଦେଖାଯାଏ । ଗୋଟିଏ ପେନ୍‌ସିଲକୁ ଅଧଗ୍ଲାସ ଜଳରେ ବୁଡ଼ାଇ ରଖିଲେ ପେନ୍‌ସିଲର ଜଳମଗ୍ନ ଅଂଶଟା ଉପର ଭାଗ ଅପେକ୍ଷା ମୋଟା ଦେଖାଯାଏ । ପୁଣି ସମସ୍ତ ପ୍ରାଣୀଙ୍କ ଚକ୍ଷୁ ଭିନ୍ନ ଭିନ୍ନ କ୍ଷମତାବିଶିଷ୍ଟ ଗୋଟିଏ ଗୋଟିଏ ଲେନ୍‌ସ (lens) ମାତ୍ର । ଆମେମାନେ ଯେଉଁ ଦ୍ରବ୍ୟକୁ ଯେତେ ବଡ଼ ଦେଖୁଁ ଘୋଡ଼ା ପ୍ରଭୃତି ଅନେକ ପ୍ରାଣୀ ତାହାକୁ ହିଁ ତଦପେକ୍ଷା ବଡ଼ ଦେଖିଥାନ୍ତି; କାରଣ ସେମାନଙ୍କ ଚକ୍ଷୁର ଲେନ୍‌ସ ବିଭିନ୍ନ ଶକ୍ତିବିଶିଷ୍ଟ । ଅତଏବ ଆମେ ଯାହା ସ୍ୱଚକ୍ଷୁରେ ଦେଖୁଆଉଁ, ତାହା ଯେ ସତ୍ୟ, ତାହାର ତ ପ୍ରମାଣ ନାହିଁ । ଜନ୍ ଷ୍ଟୁଆର୍ଟ ମିଲ୍ କହିଛନ୍ତି : ମନୁଷ୍ୟ ସତ୍ୟ ସତ୍ୟ ବୋଲି ପାଗଳ; କିନ୍ତୁ ପ୍ରକୃତ ସତ୍ୟ ( Absolute

---

ଜଗଦୀଶଚନ୍ଦ୍ର ବସୁଙ୍କ ପ୍ରଦର୍ଶିତ ତଡ଼ିତ୍-ପ୍ରବାହ ଯୋଗରେ ଜଡ଼ବସ୍ତୁର ଚେତନତ୍ୱ-ରୂପ- (Response of Inorganic matter to Electric current) ଅପୂର୍ବ ତତ୍ତ୍ୱ ପ୍ରକାଶିତ ହୋଇ ନ ଥିଲା ।

Truth ) ବୁଝିବାର କ୍ଷମତା ମନୁଷ୍ୟର ନାହିଁ, କାରଣ ଘଟଣାକ୍ରମେ ପ୍ରକୃତ ସତ୍ୟ ମନୁଷ୍ୟର ହସ୍ତଗତ ହେଲେ, ତାହା ଯେ ବାସ୍ତବିକ ସତ୍ୟ, ଏହା ସେ ବୁଝିବ କିପରି ? ଆମମାନଙ୍କର ସମସ୍ତ ଜ୍ଞାନ relative (ଆପେକ୍ଷିକ), Absolute (ପ୍ରକୃତ) ବୁଝିବାର କ୍ଷମତା ନାହିଁ । ଅତଏବ Absolute ଭଗବାନ୍ ବା ଜଗତ୍କାରଣଙ୍କୁ ମନୁଷ୍ୟ କେବେ ହେଲେ ବୁଝିପାରିବ ନାହିଁ ।

ସ୍ୱାମୀଜୀ କହିଲେ : ତୁମର ବା ସଚରାଚର ଲୋକଙ୍କର Absolute ଜ୍ଞାନ ନ ଥାଇପାରେ; ତାହା ବୋଲି ଯେ କାହାରି ନାହିଁ, ଏ କଥା କିପରି କହୁଛ ? ଅଜ୍ଞାନ ବା ମିଥ୍ୟାଜ୍ଞାନ ନାମରେ ଦୁଇ ପ୍ରକାରର ଭାବ ବା ଅବସ୍ଥା ରହିଛି । ବର୍ତ୍ତମାନ ତୁମେ ଯାହାକୁ ଜ୍ଞାନ କହୁଛ, ବାସ୍ତବିକ୍ ତାହା ମିଥ୍ୟାଜ୍ଞାନ; ସତ୍ୟଜ୍ଞାନର ଉଦୟ ହେଲେ ଏହା ଅନ୍ତର୍ହିତ ହୋଇଯିବ, ସେତେବେଳେ ସମସ୍ତ ଏକ ଦେଖାଯିବ, ଦ୍ୱୈତଜ୍ଞାନ ଅଜ୍ଞାନପ୍ରସୂତ ।

ମୁଁ ଉତ୍ତର ଦେଲି : ସ୍ୱାମୀଜୀ, ଏହା ତ ଅତ୍ୟନ୍ତ ଭୟଙ୍କର କଥା ! ଯଦି ଜ୍ଞାନ ଓ ମିଥ୍ୟାଜ୍ଞାନ, ଏଭଳି ଦୁଇଟି ଜିନିଷ ଥାଏ, ତାହାହେଲେ ଆପଣ ଯାହାକୁ ସତ୍ୟଜ୍ଞାନ ଭାବୁଛନ୍ତି, ତାହା ତ ମଧ୍ୟ ମିଥ୍ୟାଜ୍ଞାନ ହୋଇପାରେ; ପୁଣି ଆମମାନଙ୍କର ଦ୍ୱୈତଜ୍ଞାନକୁ ଯେ ଆପଣ ମିଥ୍ୟାଜ୍ଞାନ କହୁଛନ୍ତି, ତାହା ମଧ୍ୟ ତ ସତ୍ୟ ହୋଇପାରେ ?

ସ୍ୱାମୀଜୀ କହିଲେ : ଠିକ୍ କହିଛ, ସେଥିପାଇଁ ତ ବେଦକୁ ବିଶ୍ୱାସ କରିବା ଦରକାର । ପୂର୍ବକାଳରେ ଆମମାନଙ୍କର ମୁନିଋଷିଗଣ ସମସ୍ତ ଦ୍ୱୈତଜ୍ଞାନର ସୀମା ପାର ହୋଇ ଏହି ଅଦ୍ୱୈତ ସତ୍ୟ ଅନୁଭବ କରି ଯାହା କହିଯାଇଅଛନ୍ତି, ତାହାକୁ ହିଁ ବେଦ କୁହାଯାଏ । ସ୍ୱପ୍ନ ଓ ଜାଗ୍ରତ ଅବସ୍ଥା ମଧ୍ୟରେ କେଉଁଟି ସତ୍ୟ, କେଉଁଟି ବା ଅସତ୍ୟ, ତାହା ବିଚାର କରି କହିବାର କ୍ଷମତା ଆମର ନାହିଁ । ଯେତେ ସମୟ ପର୍ଯ୍ୟନ୍ତ ଏହି ଦୁଇ ଅବସ୍ଥାକୁ ପାର ହୋଇଯାଇ ଏ ଦୁଇ ଅବସ୍ଥାକୁ ପରୀକ୍ଷା କରି ଦେଖି ନ ପାରିବା, ସେତେବେଳ ପର୍ଯ୍ୟନ୍ତ କିପରି କହିବା ଯେ, କେଉଁଟା ସତ୍ୟ, କିଏ ଅସତ୍ୟ ? କେବଳ ଦୁଇଟି ବିଭିନ୍ନ ଅବସ୍ଥାର ଅନୁଭବ କରାଯାଉଛି—ଏତିକି ମାତ୍ର କୁହାଯାଇପାରେ । ଗୋଟିଏ ଅବସ୍ଥାରେ ଯେତେବେଳ ପର୍ଯ୍ୟନ୍ତ ରହିବ, ସେତେବେଳେ ଅନ୍ୟଟା ଭୁଲ ବୋଲି ମନେହେବ । ସ୍ୱପ୍ନରେ ହୁଏତ କଲିକତାରେ କିଣାବିକା କଲ; ମାତ୍ର ନିଦ୍ରାଭଙ୍ଗ ପରେ ଦେଖିଲ, ବିଛଣାରେ ଶୋଇଛ । ଯେତେବେଳେ ସତ୍ୟଜ୍ଞାନର ଉଦୟ ହେବ, ସେତେବେଳେ ଏକ ଭିନ୍ନ ଦୁଇ ଦେଖାଯିବ ନାହିଁ ଏବଂ ପୂର୍ବର ଦ୍ୱୈତଜ୍ଞାନ ମିଥ୍ୟା ବୋଲି ବୁଝାଯିବ । ମାତ୍ର, ଏସବୁ ତ ଅତି ଦୂରର କଥା, ବିଦ୍ୟାରମ୍ଭ ନ ହେଉଣୁ ରାମାୟଣ, ମହାଭାରତ ପଢ଼ିବା ପାଇଁ ଇଚ୍ଛା କଲେ ଚଳିବ କିପରି ? ଧର୍ମ ଅନୁଭବର ଜିନିଷ, ବୁଦ୍ଧି ବଳରେ ବୁଝିବାର ନୁହେଁ । ନିଜେ ସାଧନା କରିବାକୁ ହେବ, ତେବେ ଯାଇ ଏହାର ସତ୍ୟାସତ୍ୟ ବୁଝିପାରିବ । ଏହି କଥା ତ ତୁମର ପାଶ୍ଚାତ୍ୟ Chemistry (ରସାୟନ), Physics ( ପଦାର୍ଥବିଦ୍ୟା ), Geology ( ଭୂତତ୍ତ୍ୱବିଦ୍ୟା ) ପ୍ରଭୃତି ଦ୍ୱାରା ଅନୁମୋଦିତ । ଦୁଇ ବୋତଲ Hydrogen (ଉଦ୍ଜାନ) ଏବଂ ଏକ ବୋତଲ Oxygen (ଅମ୍ଳଜାନ) ଧରି 'ପାଣି କାହିଁ' ବୋଲି କହିଲେ କଅଣ ପାଣି ହୋଇଯିବ ? ସେମାନଙ୍କୁ ଗୋଟାଏ ଶକ୍ତ

ସ୍ଥାନରେ ରଖି ତା' ଭିତରେ electric current (ତଡ଼ିତ୍-ପ୍ରବାହ) ପ୍ରବେଶ କରାଇ ସେମାନଙ୍କର combination (ସଂଯୋଗ—ମିଶ୍ରଣ ନୁହେଁ) କଲେ ଯାଇ ପାଣି ଦେଖିବାକୁ ମିଳିବ; ଏବଂ ସେତେବେଳେ ବୁଝିବ ଯେ, ପାଣି Hydrogen ଓ Oxygen ନାମକ ଗ୍ୟାସ୍‌ର ସଂଯୋଗରେ ଉତ୍ପନ୍ନ । ଅଦ୍ୱୈତଜ୍ଞାନ ଉପଲବ୍ଧି କରିବାକୁ ହେଲେ ସେହିଭଳି ଧର୍ମରେ ବିଶ୍ୱାସ, ଆଗ୍ରହ, ଅଧ୍ୟବସାୟ ଓ ପ୍ରାଣପଣେ ଯତ୍ନ କରିବା ଦରକାର; ତା'ହେଲେ କିଛି ହୋଇପାରେ । ଗୋଟିଏ ମାସର ଅଭ୍ୟାସ ତ୍ୟାଗ କରିବା କେତେ କଠିନ ? ଦଶବର୍ଷର ଅଭ୍ୟାସ ତ୍ୟାଗର କଥା ତ ଉଠୁ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଶତ ଶତ କର୍ମଫଳ ପିଠିରେ ବନ୍ଧା ହୋଇଛି । ମୁହୂର୍ତ୍ତେ ମାତ୍ର ଶ୍ମଶାନ ବୈରାଗ୍ୟ ଆସିଗଲା, ସଙ୍ଗେ ସଙ୍ଗେ କହିଲ କ'ଣ ନା, 'କାହିଁ ମୁଁ ତ ସବୁ ଏକାକାର ଦେଖୁ ନାହିଁ ?'

ମୁଁ କହିଲି, 'ସ୍ୱାମୀଜୀ, ଆପଣଙ୍କର ଏହି କଥା ସତ୍ୟ ହେଲେ ଯେ fatalism (ଅଦୃଷ୍ଟବାଦ) ଆସିଯାଏ । ଯଦି ବହୁ ଜନ୍ମର କର୍ମଫଳ ଗୋଟିଏ ଜନ୍ମରେ ଯିବାର ନୁହେଁ, ତେବେ ଆଉ ଚେଷ୍ଟା କରି, ଆଗ୍ରହ ପ୍ରକାଶ କରି ଲାଭ କ'ଣ ? ଯେତେବେଳେ ସମସ୍ତଙ୍କର ମୁକ୍ତି ହେବ, ସେତେବେଳେ ମୋର ମଧ୍ୟ ହେବ ।

ସ୍ୱାମୀଜୀ କହିଲେ, ତାହା ନୁହେଁ । କର୍ମଫଳ ତ ଅବଶ୍ୟ ଭୋଗ କରିବାକୁ ପଡ଼ିବ; କିନ୍ତୁ ଅନେକ କାରଣରୁ ଏ ସମସ୍ତ କର୍ମଫଳ ଖୁବ୍ ଅଳ୍ପ ସମୟ ମଧ୍ୟରେ ନିଃଶେଷ ହୋଇପାରେ । ମ୍ୟାଜିକ୍-ଲଣ୍ଠନରେ ପଚିଶ ଖଣ୍ଡ ଛବି ଦଶ ମିନିଟ୍ ମଧ୍ୟରେ ଦେଖାଇ ହେବ, ପୁଣି ଦେଖାଉ ଦେଖାଉ ସମସ୍ତ ରାତି ବି କଟାଇ ଦେଇ ହେବ । ଏହା ନିଜର ଆଗ୍ରହ ଉପରେ ନିର୍ଭର କରେ ।

ସୃଷ୍ଟି-ରହସ୍ୟ ସମ୍ବନ୍ଧରେ ସ୍ୱାମୀଜୀଙ୍କର ବ୍ୟାଖ୍ୟା ଅତି ସୁନ୍ଦର : ସୃଷ୍ଟ ବସ୍ତୁ ମାନଙ୍କେ ହିଁ ଚେତନ ଓ ଅଚେତନ (ସୁବିଧା ଲାଗି) ଏହି ଦୁଇ ଭାଗରେ ବିଭକ୍ତ । ସୃଷ୍ଟ ବସ୍ତୁର ଚେତନ ଶ୍ରେଣୀ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ ପ୍ରାଣୀବିଶେଷ । କୌଣସି କୌଣସି ଧର୍ମମତରେ ଈଶ୍ୱର ନିଜର ରୂପବିଶିଷ୍ଟ ସର୍ବଶ୍ରେଷ୍ଠ ମାନବଜାତି ନିର୍ମାଣ କରିଛନ୍ତି; କେହି କେହି କହନ୍ତି ମନୁଷ୍ୟ ଲାଙ୍ଗୁଳବିହୀନ ବାନର ବିଶେଷ । କେହି ମତ ଦିଅନ୍ତି, କେବଳ ମନୁଷ୍ୟର ହିଁ ବିବେଚନାଶକ୍ତି ଅଛି, ତାହାର କାରଣ ମନୁଷ୍ୟର ମସ୍ତିଷ୍କରେ ଜଳଭାଗ ବେଶୀ । ସେ ଯାହାହେଉ, ମନୁଷ୍ୟ ପ୍ରାଣୀବିଶେଷ ଏବଂ ପ୍ରାଣୀସମୂହ ସୃଷ୍ଟ ପଦାର୍ଥର ଅଂଶ ମାତ୍ର—ଏ ବିଷୟରେ ମତଭେଦ ନାହିଁ । ବର୍ତ୍ତମାନ ସୃଷ୍ଟ ପଦାର୍ଥ କ'ଣ—ଏହା ବୁଝିବା ପାଇଁ ଗୋଟିଏ ଦିଗରେ ପାଶ୍ଚାତ୍ୟ ପଣ୍ଡିତଗଣ ସଂଶ୍ଳେଷଣ-ବିଶ୍ଳେଷଣରୂପକ ଉପାୟ ଅବଲମ୍ବନ କରି ଏଇଟା କ'ଣ ସେଇଟା କ'ଣ ଏହି ଅନୁସନ୍ଧାନ କରିବାରେ ଲାଗିଗଲେ; ପୁଣି ଅନ୍ୟ ଦିଗରେ ଆମମାନଙ୍କ ପୂର୍ବପୁରୁଷଗଣ ଭାରତବର୍ଷର ଉଷ୍ଣ ଜଳବାୟୁ ଓ ଉର୍ବର ଭୂମିରେ ଶରୀର ରକ୍ଷା ପାଇଁ ଯତ୍‌ସାମାନ୍ୟ ସମୟ ମାତ୍ର ବ୍ୟୟ କରି, କୌପୀନ ପିନ୍ଧି, ପ୍ରଦୀପର କ୍ଷୀଣ ଆଲୋକରେ ବସି ଅହୋରାତ୍ର ପାଣି ପିଇ ବିଚାର କରିବାକୁ ଲାଗିଲେ—ଏଭଳି ଜିନିଷ କ'ଣ ଅଛି, ଯାହାକୁ ଜାଣିଲେ ସମସ୍ତ ଜିନିଷ ଜଣାଯିବ ? ସେମାନଙ୍କ ମଧ୍ୟରେ ଅନେକ କିସମର ଲୋକ ରହିଥିଲେ । ଫଳରେ ଚାର୍ବାକଙ୍କ

ଦୃଶ୍ୟ-ସତ୍ୟ ମତଠାରୁ ଆରମ୍ଭ କରି ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ ମତ ପର୍ଯ୍ୟନ୍ତ ସମସ୍ତ ଆମ ଧର୍ମରେ ମିଳେ । ଦୁଇ ଦଳଯାକ କ୍ରମେ ଗୋଟିଏ ସ୍ଥାନରେ ଉପନୀତ ହୋଇଛନ୍ତି ଏବଂ ଗୋଟିଏ କଥା କହିବାକୁ ଆରମ୍ଭ କରିଛନ୍ତି । ଦୁଇଦଳ ହିଁ କହୁଛନ୍ତି—ଏହି ବ୍ରହ୍ମାଣ୍ଡର ସମସ୍ତ ପଦାର୍ଥ ଏକ ଅନିର୍ବଚନୀୟ ଅନାଦି ଅନନ୍ତ ବସ୍ତୁର ପ୍ରକାଶ ମାତ୍ର । କାଳ ଓ ଆକାଶ (time and space) ମଧ୍ୟ ତାହା ହିଁ । କାଳ ଅର୍ଥାତ୍ ଯୁଗ, କଳ୍ପ, ବର୍ଷ, ମାସ, ଦିନ ଓ ମୁହୂର୍ତ୍ତ ପ୍ରଭୃତି ସମୟଜ୍ଞାପକ କାଳ—ଯାହା ଅନୁଭବ କରିବାରେ ସୂର୍ଯ୍ୟର ଗତି ଆମମାନଙ୍କର ପ୍ରଧାନ ସହାୟ; ଭାବି ଦେଖିଲ, ସେହି କାଳକୁ କଅଣ ମନେକରାଯିବ ? ସୂର୍ଯ୍ୟ ଅନାଦି ନୁହେଁ; ଏଭଳି ସମୟ ଅବଶ୍ୟ ଥିଲା, ଯେତେବେଳେ କି ସୂର୍ଯ୍ୟର ସୃଷ୍ଟି ହୋଇ ନ ଥିଲା । ପୁଣି ସମୟ ଆସିବ, ଯେତେବେଳେ କି ସୂର୍ଯ୍ୟ ରହିବେ ନାହିଁ, ଏହା ମଧ୍ୟ ସୁନିଶ୍ଚିତ । ତାହାହେଲେ ଅଖଣ୍ଡ ସମୟ ଗୋଟିଏ ଅନିର୍ବଚନୀୟ ଭାବ ବା ବସ୍ତୁବିଶେଷ ଭିନ୍ନ ଆଉ କଅଣ ହୋଇପାରେ ? ଆକାଶ ବା ଅବକାଶ କହିଲେ ଆମେ ପୃଥିବୀ ବା ସୌରଜଗତ ସମ୍ବନ୍ଧୀୟ ସୀମାବଦ୍ଧ ସ୍ଥାନବିଶେଷକୁ ବୁଝୁ । କିନ୍ତୁ ଏହା ସମଗ୍ର ସୃଷ୍ଟିର ସୂକ୍ଷ୍ମ ଅଂଶ ବ୍ୟତୀତ ଆଉ କିଛି ନୁହେଁ । ଏପରି ଅବକାଶ ରହିବା ସମ୍ଭବ, ଯେଉଁଠାରେ କି କୌଣସି ସୃଷ୍ଟ ବସ୍ତୁ ନାହିଁ । ଅତଏବ ଅନନ୍ତ ଆକାଶ ମଧ୍ୟ ସମୟ ଭଳି ଅନିର୍ବଚନୀୟ ଗୋଟିଏ ଭାବ ବା ବସ୍ତୁବିଶେଷ । ତାହାହେଲେ ସୌରଜଗତ ଓ ସୃଷ୍ଟବସ୍ତୁ କେଉଁଠାରୁ କିଭଳି ଭାବରେ ଆସିଲା ? ସାଧାରଣତଃ ଆମେମାନେ କର୍ତ୍ତା ବ୍ୟତୀତ କ୍ରିୟା ଦେଖିବାକୁ ପାଉ ନାହିଁ । ତେଣୁ ମନେକରୁ ଏହି ସୃଷ୍ଟିର ଅବଶ୍ୟ କେହି କର୍ତ୍ତା ଅଛନ୍ତି । ମାତ୍ର ତାହାହେଲେ ସୃଷ୍ଟିକର୍ତ୍ତାର ତ ପୁଣି ସୃଷ୍ଟିକର୍ତ୍ତା ଆବଶ୍ୟକ; ତାହା ରହି ନ ପାରେ । ଅତଏବ ଆଦିକାରଣ ସୃଷ୍ଟିକର୍ତ୍ତା ବା ଈଶ୍ୱର ମଧ୍ୟ ତ ଅନାଦି, ଅନିର୍ବଚନୀୟ, ଅନନ୍ତ ଭାବ ବା ବସ୍ତୁବିଶେଷ । ଅନନ୍ତରେ ତ ବହୁତ୍ୱ ସମ୍ଭବେ ନାହିଁ; ତେଣୁ ଏସମସ୍ତ ଅନନ୍ତ ପଦାର୍ଥ ହିଁ ଏକ ଏବଂ ଏକ ହିଁ ଏସମସ୍ତ ରୂପରେ ପ୍ରକାଶିତ ।

ପରେ ମୁଁ ପ୍ରଶ୍ନ କରିଥିଲି, 'ସ୍ୱାମୀଜି, ମନ୍ତ୍ରାଦିରେ ବିଶ୍ୱାସ ଯାହା ସାଧାରଣରେ ପ୍ରଚଳିତ, ତାହା କଅଣ ସତ୍ୟ ?'

ସେ ଉତ୍ତର ଦେଲେ, 'ସତ୍ୟ ନ ହେବାର ତ କୌଣସି କାରଣ ଦେଖୁ ନାହିଁ । ତୁମକୁ କେହି କରୁଣ ସ୍ୱରରେ ମିଷ୍ଟ ଭାଷାରେ କୌଣସି କଥା ପଚାରିଲେ ତୁମେ ସନ୍ତୁଷ୍ଟ ହୁଅ; ଆଉ କଠୋର ତୀବ୍ର ଭାଷାରେ କହିଲେ, ତୁମେ କ୍ରୁଦ୍ଧ ହୁଅ । ତା'ହେଲେ ପ୍ରତ୍ୟେକ ଭୂତର ଅଧିଷ୍ଠାତ୍ରୀ ଦେବତା ଯେ ସୁଲଳିତ ଉତ୍ତମଶ୍ଳୋକ (ଯାହାକୁ ମନ୍ତ୍ର କୁହାଯାଏ) ଦ୍ୱାରା ସନ୍ତୁଷ୍ଟ ନ ହେବେ, ତାହାର ଅର୍ଥ କଅଣ ?'

ଏସମସ୍ତ କଥା ଶୁଣି ମୁଁ କହିଲି, 'ସ୍ୱାମୀଜୀ, ମୋର ବିଦ୍ୟାବୁଦ୍ଧିର ଦୌଡ଼ ତ ଆପଣ ସମସ୍ତ ବୁଝିପାରୁଛନ୍ତି; ବର୍ତ୍ତମାନ ମୋର କର୍ତ୍ତବ୍ୟ କଅଣ, ତାହା କହିଦିଅନ୍ତୁ ।'

ସ୍ୱାମୀଜୀ କହିଲେ, 'ପ୍ରଥମେ ଯେଉଁ ଉପାୟରେ ହେଉ ନା କାହିଁକି, ମନକୁ ବଶ କରିବାକୁ ଚେଷ୍ଟା କର; ପରେ ମନକୁ ମନ ସବୁ ହୋଇଯିବ । ପୁଣି ଜ୍ଞାନ—ଅଦ୍ୱୈତ ଜ୍ଞାନ ଅତି କଠିନ । ଜାଣିରଖ ଯେ, ଏହା ହିଁ ମନୁଷ୍ୟ-ଜୀବନର ପ୍ରଧାନ ଉଦ୍ଦେଶ୍ୟ ବା ଲକ୍ଷ୍ୟ

(highest ideal); କିନ୍ତୁ ଏହି ଲକ୍ଷ୍ୟରେ ପହଞ୍ଚିବା ଆଗରୁ ଅନେକ ଚେଷ୍ଟା ଓ ଆୟୋଜନର ଆବଶ୍ୟକତା ରହିଛି । ସାଧୁ-ସଙ୍ଗ ଓ ଯଥାର୍ଥ ବୈରାଗ୍ୟ ଭିନ୍ନ ଏହା ଅନୁଭବ କରିବାର ଅନ୍ୟ ଉପାୟ ନାହିଁ ।

## ସ୍ୱାମୀଜୀଙ୍କ ସ୍ମୃତି

[ପ୍ରିୟନାଥ ସିଂହ ସ୍ୱାମୀଜୀଙ୍କ ବାଲ୍ୟବନ୍ଧୁ ଓ ଏକା ସାହିର ପିଲା; ନରେନ୍ଦ୍ରନାଥଙ୍କୁ ଭଲ ପାଉଥିଲେ, ଶ୍ରଦ୍ଧା ମଧ୍ୟ କରୁଥିଲେ । ସେ କେଉଁଠାରେ ଅଛନ୍ତି, କଅଣ କରୁଛନ୍ତି—ସବୁ ଖବର ରଖୁଥିଲେ । ଆମେରିକାରେ ପ୍ରଚୁର-ସାଫଲ୍ୟରେ ଆନନ୍ଦିତ ହୋଇଥିଲେ, ମାନ୍ଦ୍ରାଜରେ ତାଙ୍କର ସମ୍ବର୍ଦ୍ଧନାରେ ଉତ୍ସାହିତ ହୋଇଥିଲେ, କଲିକତାରେ ନିଜେ ମଧ୍ୟ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ । ବର୍ତ୍ତମାନ ବାଲ୍ୟବନ୍ଧୁଙ୍କୁ ଏକାନ୍ତରେ ପାଇବା ଆଶାରେ କାଶୀପୁରର ଗୋପାଲ ଲାଲ ଶୀଲ୍ ଙ୍କ ବଗିଚାକୁ ଆସିଛନ୍ତି—]

ଟିକିଏ ଅବସର ପାଇ ତାଙ୍କୁ ଧରିଆଣି ଗଙ୍ଗାକୂଳସ୍ଥ ଉଦ୍ୟାନରେ ବୁଲିବାକୁ ଆସିଲି । ସେ ମଧ୍ୟ ଶୈଶବର ଖେଳସାଥୀକୁ ପାଇ ସେହି ପୂର୍ବଭଳି କଥାବାର୍ତ୍ତା ଆରମ୍ଭ କରିଦେଲେ । ଦୁଇ ଚାରି ପଦ କଥା କହୁ ନ କହୁଣୁ ତାଙ୍କରି ଉପରେ ଡାକରା ଆସିଲା—ଅନେକ ନୂଆ ଲୋକ ତାଙ୍କ ସହିତ ଦେଖା କରିବାକୁ ଆସିଛନ୍ତି । ଏଥିରକି ସେ ଟିକିଏ ବିରକ୍ତ ହୋଇ କହିଲେ, 'ବାବା, ଟିକିଏ ହେଲେ ବିଶ୍ରାମ ଦିଅ । ପିଲାଦିନର ଏହି ଖେଳସାଥୀ ସହିତ ଦୁଇପଦ କଥାବାର୍ତ୍ତା ହୁଏ, ଟିକିଏ ଖୋଲାପବନରେ ବୁଲେ । ଯେଉଁମାନେ ଆସିଛନ୍ତି, ସେମାନଙ୍କୁ ଯତ୍ନ କରି ବସାଅ, ତମାଖୁ ଖାଇବାକୁ ଦିଅ ।'

ସେ ଡାକିବାକୁ ଆସିଥିଲେ, ସେ ଚାଲିଗଲା ପରେ ପଚାରିଲି, 'ସ୍ୱାମୀଜୀ, ତୁମେ ସାଧୁ । ତୁମର ଅଭ୍ୟର୍ଥନା ପାଇଁ ଆମେମାନେ ଯେଉଁ ଟଙ୍କା ଚାନ୍ଦାଦ୍ୱାରା ସଂଗ୍ରହ କରିଥିଲୁ, ଆମେ ଭାବିଥିଲୁ, ତୁମେ ଦେଶରେ ଦୁର୍ଭିକ୍ଷ ପଡ଼ିଥିବା କଥା ଶୁଣି କଲିକତା ପହଞ୍ଚିବା ଆଗରୁ ଆମ ପାଖକୁ ଟେଲିଗ୍ରାମ୍ କରିବ—'ମୋ ଅଭ୍ୟର୍ଥନାରେ ଗୋଟିଏ ହେଲେ ପଇସା ଖର୍ଚ୍ଚ ନ କରି ଦୁର୍ଭିକ୍ଷ-ନିବାରଣ ପାଣ୍ଠିକୁ ଏ ସମସ୍ତ ଟଙ୍କା ଚାନ୍ଦା ଦେଇଦିଅ ।' କିନ୍ତୁ ଦେଖିଲି, ତୁମେ ତାହା କଲ ନାହିଁ । ଏହାର କାରଣ କଅଣ ?'

ସ୍ୱାମୀଜୀ କହିଲେ, 'ହଁ, ମୁଁ ଇଚ୍ଛା କରିଥିଲି ଯେ, ମୋ ଲାଗି ଗୋଟାଏ ଖୁବ୍ ଗହଳଚହଳ ହେଉ । କାରଣ କ'ଣ ଜାଣିଛୁ ? ଗୋଟାଏ ଗହଳଚହଳ ନ ହେଲେ ତାଙ୍କ (ଭଗବାନ ରାମକୃଷ୍ଣଙ୍କ) ନାମରେ ଲୋକେ ଚେତିବେ କିପରି ? ଏତେ ovation (ସମ୍ବର୍ଦ୍ଧନା) କଅଣ ମୋ ପାଇଁ ହେଲା, ନା ତାଙ୍କ ନାମର ହିଁ ଜୟ-ଜୟକାର ହେଲା ? ତାଙ୍କ ସମ୍ପର୍କରେ ଜାଣିବା ପାଇଁ ଲୋକଙ୍କ ମନରେ ଆଗ୍ରହ ଜନ୍ମିଲା । ଲୋକେ ଏଣିକି କ୍ରମେ ତାଙ୍କୁ ଜାଣିବେ, ତେବେ ଯାଇ ଦେଶର ମଙ୍ଗଳ ହେବ । ଯେ ଦେଶର ମଙ୍ଗଳ ପାଇଁ ଆସିଛନ୍ତି, ତାଙ୍କୁ ନ ଜାଣିଲେ ଲୋକଙ୍କର କିପରି ମଙ୍ଗଳ ହେବ ? ତାଙ୍କୁ ଠିକ୍ ଚହ୍ନିଲେ ଯାଇ ମନୁଷ୍ୟ ତିଆରି

ହେବେ; ପୁଣି ମନୁଷ୍ୟ ତିଆରି ହେଲେ ଦୁର୍ଭିକ୍ଷ ପ୍ରଭୃତିକୁ ତଡ଼ିଦେବାକୁ ବା କେତେ ସମୟର କଥା ! ମୋ ଲାଗି ଏହିଭଳି ବିରାଟ ସଭା କରି ଗହଳଚହଳ ଲଗାଇ ମନୁଷ୍ୟ ପ୍ରଥମେ ତାଙ୍କୁ ମାନୁ—ମୋର ଏହି ଇଚ୍ଛା ଥିଲା; ନ ହେଲେ ମୋ ନିଜ ପାଇଁ ଏତେ ଆୟୋଜନର ଦରକାର କଅଣ ଥିଲା ? ତୁମ ଘରକୁ ଯାଇ ଯେତେବେଳେ ଏକାସଙ୍ଗରେ ଖେଳୁଥିଲେ, ତା' ଅପେକ୍ଷା କଅଣ ମୁଁ ବେଶୀ ବଡ଼ ମଣିଷ ହୋଇଛି ? ମୁଁ ସେତେବେଳେ ଯାହା ଥିଲି, ବର୍ତ୍ତମାନ ମଧ୍ୟ ତାହା ଅଛି । ତୁ କହୁ ନାହୁଁ, ମୋର କଅଣ କିଛି ପରିବର୍ତ୍ତନ ଦେଖୁଛୁ ?'

ମୁଁ କହିଲି, 'ନା, ସେଭଳି ତ କିଛି ଦେଖୁ ନାହିଁ ।' ତେବେ ମନେହେଲା—ସାକ୍ଷାତ୍ ଦେବତା ହୋଇଛି ।

ସ୍ୱାମୀଜୀ କହିବାକୁ ଲାଗିଲେ, 'ଦୁର୍ଭିକ୍ଷ ତ ରହିଛି; ବର୍ତ୍ତମାନ ଯେପରିକି ତାହା ଦେଶର ଭୂଷଣ ହୋଇପଡ଼ିଛି; ଅନ୍ୟ କୌଣସି ଦେଶରେ ଦୁର୍ଭିକ୍ଷର ଏତେ ଉତ୍ପାତ ଅଛି କି ? ନାହିଁ, କାରଣ ସେସବୁ ଦେଶରେ 'ମନୁଷ୍ୟ' ଅଛନ୍ତି । ଆମ ଦେଶର ମନୁଷ୍ୟମାନେ ଏକା-ବେଳକେ ଜଡ଼ ପାଲଟି ଯାଇଛନ୍ତି । ତାଙ୍କୁ (ଭଗବାନ ଶ୍ରୀରାମକୃଷ୍ଣଙ୍କୁ) ଜାଣି, ଲୋକେ ସ୍ୱାର୍ଥତ୍ୟାଗ କରିବାକୁ ଶିଖନ୍ତୁ, ତେବେ ଯାଇ ଦୁର୍ଭିକ୍ଷନିବାରଣର ଠିକ୍ ଠିକ୍ ଉଦ୍ୟମ ହେବ । ଦେଖିବ କ୍ରମେ ସେହି ଚେଷ୍ଟା ମଧ୍ୟ କରିବି ।'

ମୁଁ : ତୁମେ ଏଠାରେ ଖୁବ୍ 'ଲେକ୍‌ଚର' (ବକ୍ତୃତା) ଦେବ ତ ? ତାହା ନ ହେଲେ ତାଙ୍କ ନାମ କିପରି ପ୍ରଚାରିତ ହେବ ?

ସ୍ୱାମୀଜୀ : ତୁ କଅଣ ପାଗଳ ହୋଇଛୁ ? ତାଙ୍କ ନାମ ପ୍ରଚାରର କଅଣ କିଛି ବାକି ଅଛି ? ବକ୍ତୃତା ଶୁଣାଇ ଏ ଦେଶରେ କିଛି ହେବ ନାହିଁ । ବଡ଼ଲୋକମାନେ ଶୁଣିବେ, 'ସାବାସ୍' ବୋଲି କହିବେ, ହାତତାଳି ଦେବେ; ତା'ପରେ ଘରକୁ ଯାଇ ଖାଇବା ସଙ୍ଗରେ ସବୁ ହଜମ କରିଦେବେ । ପୁରୁଣା ଲୁହା ଉପରେ ହାତୁଡ଼ି-ମାଡ଼ ବସାଇଲେ କଅଣ ହେବ ? ଖଣ୍ଡ ଗୁଣ୍ଡା ହୋଇଯିବ; ତାକୁ ପୋଡ଼ି ଲାଲ କରିବାକୁ ହେବ; ତେବେ ଯାଇ ହାତୁଡ଼ି ମାରି ଗୋଟାଏ ରୂପ ଦିଆଯାଇପାରିବ । ଏ ଦେଶରେ ଜ୍ୱଳନ୍ତ, ଜୀବନ୍ତ ଉଦାହରଣ ନ ଦେଖାଇଲେ କିଛି ହେବ ନାହିଁ । କେତେଗୁଡ଼ିଏ ପିଲା ଦରକାର, ଯେଉଁମାନେ ସମସ୍ତ ଛାଡ଼ିଦେଇ ଆସି ଦେଶ ପାଇଁ ଜୀବନ ଉତ୍ସର୍ଗ କରିବେ । ସେମାନଙ୍କ life ଆଗ ଗଢ଼ିବାକୁ ହେବ, ତେବେ ଯାଇ କାର୍ଯ୍ୟ ହେବ ।

ମୁଁ : ଆଚ୍ଛା ସ୍ୱାମୀଜୀ, ତୁମ ନିଜ ଦେଶର ଲୋକେ ନିଜ ଧର୍ମ ବୁଝି ନ ପାରି କିଏ ଖ୍ରୀଷ୍ଟାନ୍, କିଏ ମୁସଲମାନ, କେହି ବା ଅନ୍ୟ କୌଣସି ଧର୍ମ ଗ୍ରହଣ କରୁଛନ୍ତି । ସେମାନଙ୍କ ପାଇଁ ତୁମେ କିଛି ନ କରି, ଆମେରିକା, ଇଂଲଣ୍ଡରେ ଧର୍ମ ବାଣ୍ଟିବାକୁ ଗଲ ?

ସ୍ୱାମୀଜୀ : କ'ଣ ଜାଣିଛୁ, ତୁମ ଦେଶର ଲୋକଙ୍କର ଯଥାର୍ଥ ଧର୍ମ ଗ୍ରହଣ କରିବାର ଶକ୍ତି କଅଣ ଅଛି ? ରହିଛି କେବଳ ଗୋଟାଏ ଅହଂକାର ଯେ, ଆମେ ଖୁବ୍ ସତ୍ତ୍ୱଗୁଣୀ । ତୁମେ ଏକସମୟରେ ସାତ୍ତ୍ୱିକ ଥିଲ ସତ, କିନ୍ତୁ ବର୍ତ୍ତମାନ ତୁମର ବିରାଟ ପତନ ହୋଇଛି ।

ସତ୍ତ୍ୱରୁ ପତନ ହେଲେ ଏକାବେଳକେ 'ତମଃ'କୁ ଆସେ, ତୁମର ସେହି ଦଶା ହୋଇଛି । ମନେକରୁଛ—ଯେ ହଲଚଲ ହୁଏ ନାହିଁ, ଘର ଭିତରେ ବସିରହି ହରିନାମ କରେ, ସମ୍ମୁଖରେ ଅନ୍ୟ ଉପରେ ହଜାର ଅତ୍ୟାଚାର ଦେଖି ଚୁପ୍ କରି ରହେ, ସେ ହିଁ ସତ୍ତ୍ୱଗୁଣୀ । ମାତ୍ର ତାହା ନୁହେଁ, ତାକୁ ମହା-ତମଃ ଘେରିଛି । ଯେଉଁ ଦେଶର ଲୋକେ ପେଟ ପୂରାଇ ଖାଇବାକୁ ପାଆନ୍ତି ନାହିଁ, ତାଙ୍କର ଧର୍ମ କିପରି ହେବ ? ଯେଉଁ ଦେଶର ଲୋକଙ୍କ ମନରୁ ଭୋଗର କୌଣସି ଆଶା-ମେଣ୍ଟି ନାହିଁ, ତାଙ୍କର ନିବୃତ୍ତି ଆସିବ କିପରି ? ତେଣୁ ଯେପରି ଲୋକମାନେ ପ୍ରଥମେ ପେଟ ପୂରାଇ ଖାଇବାକୁ ପାଇବେ ଏବଂ କିଛି ଭୋଗବିଳାସ କରିପାରିବେ, ତା'ର ଉପାୟ କର, ତେବେ ଯାଇ କ୍ରମେ କ୍ରମେ ଠିକ୍ ବୈରାଗ୍ୟ ଆସିବ ଓ ଧର୍ମଲାଭ ହେବ । ବିଲାତ-ଆମେରିକାର ଲୋକମାନେ କିପରି ଜାଣିଛ ? ପୂର୍ଣ୍ଣ ରଜୋଗୁଣୀ; ବିଶ୍ୱବ୍ରହ୍ମାଣ୍ଡର ସକଳ ପ୍ରକାର ଭୋଗ କରି କରି ଥକିଗଲେଣି । ସେଥିରେ ପୁଣି ଖ୍ରୀଷ୍ଟାନ୍ ଧର୍ମ—ମାଇଚିଆ ଭକ୍ତିର ଧର୍ମ, ପୁରାଣର ଧର୍ମ । ଶିକ୍ଷାବିସ୍ତାର ଫଳରେ ଏ ଧର୍ମରେ ଆଉ ସେମାନେ ଶାନ୍ତି ପାଉ ନାହାନ୍ତି । ସେମାନେ ଯେଉଁ ଅବସ୍ଥାରେ ଅଛନ୍ତି, ସେଥିରେ ସେମାନଙ୍କୁ ଗୋଟାଏ ଧକ୍କା ଦେଇଦେଲେ ହିଁ ସେମାନେ ସତ୍ତ୍ୱଗୁଣରେ ପହଞ୍ଚିଯିବେ । ତା'ପରେ ଯେତେବେଳେ ଗୋଟାଏ ସାହେବ ଆସି ଧର୍ମ କଥା କହିବ, ତା' କଥା ତୁମେ ଯେତେ ମାନିବ, ଛିଣ୍ଡାକନା ପିନ୍ଧା ଜଣେ ସନ୍ନ୍ୟାସୀର କଥା କଅଣ ସେତେ ମାନିବ କି ?

ମୁଁ : ମହାରାଜ, ଏନ. ଘୋଷ ତ ଠିକ୍ ଏହି ଢଙ୍ଗର କଥା କହୁଥିଲେ ।

ସ୍ୱାମୀଜୀ : ହଁ, ମୋର ସେ-ଦେଶର ଚେଲାମାନେ ଯେତେବେଳେ ପ୍ରସ୍ତୁତ ହୋଇ ଏଠାକୁ ଆସି ତୁମକୁ କହିବେ, 'ତୁମେସବୁ କଅଣ କରୁଛ ? ତୁମର ଧର୍ମକର୍ମ, ରୀତିନୀତି କେଉଁଥିରେ ଶ୍ରେଷ୍ଠ ? ଦେଖ, ତୁମର ଧର୍ମକୁ ହିଁ ଆମେ ବଡ଼ ବୋଲି ମନେକରୁଛୁ'—ସେତେବେଳେ ଦେଖିବ, ଦଳ ଦଳ ଲୋକ ଆସି ସେକଥା ଶୁଣିବେ । ତଦ୍ୱାରା ଏ ଦେଶର ବିଶେଷ ଉପକାର ହେବ । ଭାବ ନାହିଁ ଯେ, ସେମାନେ ଧର୍ମର ଗୁରୁଗିରି କରିବାକୁ ଏ ଦେଶକୁ ଆସିବେ । ବିଜ୍ଞାନ ପ୍ରଭୃତି ବ୍ୟାବହାରିକ ଶାସ୍ତ୍ରରେ ସେମାନେ ତୁମର ଗୁରୁ ହେବେ ଏବଂ ଧର୍ମ ବିଷୟରେ ଏ ଦେଶର ଲୋକେ ସେମାନଙ୍କର ଗୁରୁ ହେବେ । ଭାରତ ସହିତ ସମସ୍ତ ଜଗତର ଧର୍ମ ବିଷୟରେ ଏହି ସମ୍ବନ୍ଧ ଚିରକାଳ ରହିବ ।

ମୁଁ : ସ୍ୱାମୀଜୀ ତାହା କିପରି ହେବ ? ସେମାନେ ଆମକୁ ଯେଭଳି ଘୃଣା କରନ୍ତି, ସେଥିରେ ସେମାନେ ଯେ କେବେ ନିଃସ୍ୱାର୍ଥଭାବରେ ଆମର ଉପକାର କରିବେ, ତାହା ତ ମନେହେଉ ନାହିଁ ।

ସ୍ୱାମୀଜୀ : ସେମାନେ ତୁମକୁ ଘୃଣା କରିବା ପାଇଁ ଅନେକ କାରଣ ଅଛି; ତେଣୁ ଘୃଣା କରନ୍ତି । ଏକେ ତ ତୁମେମାନେ ବିଜିତ, ତା' ଉପରେ ତୁମ ଭଳି କାଙ୍ଗାଳିଆ ଦଳ ଜଗତର ଆଉ କୌଣସି ସ୍ଥାନରେ ନାହାନ୍ତି । ତୁମ ଦେଶର ନୀଚ ଜାତିର ଲୋକମାନେ ଚିରଦିନ ଅତ୍ୟାଚାରରେ ଉଠିବା-ବସିବାରେ ବି ଜୋତା ଗୋଇଠା ଖାଇ ଏକାବେଳକେ ମନୁଷ୍ୟତ୍ୱ ହରାଇ ବର୍ତ୍ତମାନ professional (ପେଷାଦାର) ଭିକାରି ହୋଇଗଲେଣି । ତାଙ୍କ ଉପର

ଶ୍ରେଣୀର ଲୋକେ ଧାଡ଼ିଏ ଦ'ଧାଡ଼ି ଇଂରାଜୀ ପଢ଼ି ଦରଖାସ୍ତ ଧରି ସମସ୍ତ ଅଫିସ୍‌ର ଗଳିକନ୍ଦି ଘୁରି ବୁଲୁଛନ୍ତି । ଗୋଟାଏ କୋଡ଼ିଏ ଟଙ୍କିଆ ଚାକିରି ଖାଲି ହେଲେ ପାଞ୍ଚଶହ ବି. ଏ., ଏମ୍. ଏ. ଦରଖାସ୍ତ କରୁଛନ୍ତି । ସେ ପୋଡ଼ା ଦରଖାସ୍ତ ପୁଣି କପରି ?—'ଘରେ ଭାତ ନାହିଁ; ସ୍ତ୍ରୀ ପିଲା ଖାଇବାକୁ ପାଉ ନାହାନ୍ତି । ସାହେବ, ଦୁଇଟି ଖାଇବାକୁ ଦିଅ, ନ ହେଲେ ମରିଗଲି ।' ଚାକିରିରେ ପଶି ଦାସତ୍ୱର ଚୂଡ଼ାନ୍ତ କରିବାକୁ ହୁଏ । ତୁମର ଉଚ୍ଚଶିକ୍ଷିତ ବଡ଼ ବଡ଼ (?) ଲୋକମାନେ ଦଳ ବାନ୍ଧି 'ହାୟ୍, ଭାରତ ଗଲା; ହେ ଇଂରେଜ, ତୁମେ ଆମ ଲୋକମାନଙ୍କୁ ଚାକିରି ଦିଅ, ଦୁର୍ଭିକ୍ଷ ମୋଚନ କର' ଇତ୍ୟାଦି ଦିନରାତି କେବଳ 'ଦିଅ ଦିଅ' କରି ପାଟିତୁଣ୍ଡ କରୁଛନ୍ତି । ସମସ୍ତ କଥାର ଦୁଆ ହେଉଛି, 'ଇଂରେଜ, ଆମମାନଙ୍କୁ ଦିଅ ।' ବାବା ! ଆଉ କେତେ ଦେବେ ? ରେଳ ଦେଇଛନ୍ତି, ତାରରେ ଖବର ଦେଉଛନ୍ତି, ରାଜ୍ୟରେ ଶୃଙ୍ଖଳା ଦେଇଛନ୍ତି, ଡକାୟତଦଳଙ୍କୁ ପ୍ରାୟ ତଡ଼ି ଦେଇଛନ୍ତି, ବିଜ୍ଞାନଶିକ୍ଷା ଦେଇଛନ୍ତି । ପୁଣି କଅଣ ଦେବେ ? ନିଃସ୍ୱାର୍ଥଭାବରେ କିଏ କଅଣ ଦିଏ ? ଆରେ ବାବା, ସେମାନେ ତ ଏତେ ଦେଇଛନ୍ତି, ତୁମେ କଅଣ ଦେଇଛ ?

ମୁଁ : ଆମର ଦେବା ପାଇଁ କଅଣ ଅଛି ? ରାଜ୍ୟର କର ଦେଉଛୁ ?

ସ୍ୱାମୀଜୀ : ଆହା ! ତାହା କଅଣ ତୁମେ ଦେଉଛ ? ସେମାନେ ଜୋତା ମାରି ଆଦାୟ କରି ନେଉଛନ୍ତି—ରାଜ୍ୟ ରକ୍ଷା କରୁଛନ୍ତି ବୋଲି । ତୁମକୁ ଯେ ଏତେ ଦେଉଛନ୍ତି, ସେଥିପାଇଁ ତୁମେ କ'ଣ ଦେଉଛ କହ ? ତୁମର ଦେବା ପାଇଁ ଏଭଳି ଜିନିଷ ଅଛି, ଯାହା ସେମାନଙ୍କର ନାହିଁ । ତୁମେ ବିଲାତ ଯିବ—ସେ ପୁଣି ଭିକାରୀ ହୋଇ; କ'ଣ ନା ବିଦ୍ୟା ଦିଅ । କେହି ଯାଇ ଖୁବ୍ ବେଶୀରେ ସେମାନଙ୍କ ଧର୍ମର ଟିକିଏ ପ୍ରଶଂସା କରି ଆସିଲା—ଖୁବ୍ ବାହାଦୁରୀ ହେଲା । କାହିଁକି, ତୁମର ଦେବାର କଅଣ କିଛି ନାହିଁ ? ଅମୂଲ୍ୟ ରତ୍ନ ରହିଛି, ଦେଇପାରିବ ? ଧର୍ମ ଦିଅ, ମନୋବିଜ୍ଞାନ ଦିଅ । ସମସ୍ତ ଜଗତର ଇତିହାସ ପଢ଼ି ଦେଖ, ଯେତେ ଉଚ୍ଚ ଭାବ, ସେସବୁ ଭାରତରୁ ହିଁ ଉଦ୍ଭୂତ । ଚିରକାଳ ଭାରତ ଜନସମାଜରେ ଭାବର ଖଣି ହୋଇ ରହିଛି; ଭାବ ପ୍ରସବ କରି ସମସ୍ତ ଜଗତକୁ ଭାବ ବିତରଣ କରିଛି । ଆଜି ଇଂରେଜ ଭାରତକୁ ଆସିଛନ୍ତି ସେହି ଉଚ୍ଚ ଭାବ, ସେହି ବେଦାନ୍ତ ଜ୍ଞାନ, ସେହି ସନାତନ ଧର୍ମର ଗଭୀର ରହସ୍ୟ ପାଇବା ପାଇଁ । ତୁମେ ସେମାନଙ୍କ ନିକଟରୁ ଯାହା ପାଉଛ, ତା'ର ବିନିମୟରେ ତୁମର ଏହି ସମସ୍ତ ଅମୂଲ୍ୟ ରତ୍ନ ଦାନ କର । ତୁମର ଏହି 'ଭିକାରୀ' ନାମ ଘୁଞ୍ଚାଇଦେବା ପାଇଁ ଠାକୁର ମୋତେ ସେମାନଙ୍କ ଦେଶକୁ ନେଇଯାଇଥିଲେ । କେବଳ ଭିକ୍ଷା କରିବା ଲାଗି ବିଲାତ ଯିବା ଠିକ୍ ନୁହେଁ । ସେମାନେ ତୁମକୁ କାହିଁକି ଚିରଦିନ ଭିକ୍ଷା ଦେଉଥିବେ ? କେହି କଅଣ ଦିଏ ? କେବଳ କାଙ୍ଗାଳଙ୍କ ପରି ହାତ ପାତି ନେବା ଜଗତର ନିୟମ ନୁହେଁ । ଜଗତର ନିୟମ ହେଉଛି ଆଦାନ-ପ୍ରଦାନ । ଏହି ନିୟମ ଯେଉଁ ଲୋକ ବା ଜାତି ବା ଦେଶ ନ ମାନିବ, ତାହାର କଲ୍ୟାଣ ହେବ ନାହିଁ । ସେହି ନିୟମ ଆମମାନଙ୍କର ମଧ୍ୟ ପାଳନ କରିବା ଉଚିତ । ସେଥିପାଇଁ ଆମେରିକା ଯାଇଥିଲି । ସେମାନଙ୍କର ବର୍ତ୍ତମାନ ଏତେଦୂର ଧର୍ମ-ପିପାସା ଯେ, ମୋ ଭଳି ହଜାର ହଜାର ଲୋକ ଗଲେ ମଧ୍ୟ ସେମାନଙ୍କ ପାଇଁ ସ୍ଥାନ ଅଛି । ସେମାନେ

ଅନେକ ଧନ ହେଲ ସେମାନଙ୍କ ଧନରତ୍ନ ନେଇ ଆସିଛନ୍ତି, ତୁମେ ସେମାନଙ୍କୁ ବର୍ତ୍ତମାନ ଅମୂଲ୍ୟ ରତ୍ନ ଦିଅ । ଦେଖିବ, ଘୃଣା ପରିବର୍ତ୍ତିରେ ଶ୍ରଦ୍ଧାଭକ୍ତି ପାଇବ ଏବଂ ତୁମ ଦେଶର ଅଯାଚିତ ଉପକାର ସେମାନେ କରିବେ । ସେମାନେ ବୀରଜାତି, ଉପକାର ଭୁଲି ଯାଆନ୍ତି ନାହିଁ ।

ମୁଁ : ସେଦେଶରେ ବକ୍ତୃତା ଦେଇ ଆମର କେତେ ଗୁଣଗୌରବ ବ୍ୟାଖ୍ୟା କରି ଆସିଛ, ଆମର ଧର୍ମପ୍ରାଣତାର କେତେ ଉଦାହରଣ ଦେଇଛ । ତା' ସତ୍ତ୍ୱେ ପୁଣି କହୁଛ, ଆମେ ମହା ତମୋଗୁଣୀ ହୋଇଯାଇଛୁ । ଅଥଚ ଋଷିମାନଙ୍କର ସନାତନ ଧର୍ମ ବିତରଣ କରିବାର ଅଧିକାର ଆମକୁ ହିଁ କରାଉଛ—ଏ କିଭଳି କଥା ?

ସ୍ୱାମୀଜୀ : ତୁ କଅଣ କହୁଛୁ, ତୁମର ଦୋଷସବୁ ଦେଶବିଦେଶରେ ଗାଇ ବୁଲିବି, ନା ତୁମର ଯେଉଁ ସବୁ ଗୁଣ ଅଛି, ସେହି ଗୁଣର ମାହାତ୍ମ୍ୟ ଗାଇବି ? ଯାହାର ଦୋଷ, ତାକୁ ହିଁ ତାହା ବୁଝାଇଦେବା ସଙ୍ଗତ ଏବଂ ତା'ର ଗୁଣ ବର୍ଣ୍ଣନା କରି ବାହାରେ ଢୋଲ ପିଟିବା ଉଚିତ । ଠାକୁର କହୁଥିଲେ, 'ମନ୍ଦ ଲୋକକୁ ଭଲ ଭଲ କହିଲେ, ସେ ଭଲ ଲୋକ ହୋଇଯାଏ; ପୁଣି ଭଲ ଲୋକକୁ 'ମନ୍ଦ ମନ୍ଦ' କହିଲେ ସେ ମନ୍ଦ ହୋଇଯାଏ ।' ସେମାନଙ୍କର ଦୋଷ କଥା ସେମାନଙ୍କ ଆଗରେ ବହୁତ କହିଆସିଛି । ଏ ଦେଶରୁ ଯେତେ ଲୋକ ଏପର୍ଯ୍ୟନ୍ତ ସେଦେଶକୁ ଯାଇଛନ୍ତି, ସମସ୍ତେ ତାଙ୍କର ଗୁଣର ପ୍ରଶଂସା କରି ଆସିଛନ୍ତି, ଆଉ ଆମମାନଙ୍କର ଦୋଷର କଥା ଗାଇ ବୁଲୁଛନ୍ତି । ଫଳରେ ସେମାନେ ଆମକୁ ଘୃଣା କରିବାକୁ ଶିଖିଛନ୍ତି । ତେଣୁ ମୁଁ ତୁମମାନଙ୍କର ଗୁଣ ଓ ସେମାନଙ୍କର ଦୋଷ ସେମାନଙ୍କୁ ଦେଖାଇ ଆସିଛି । ତୁମେ ଯେତେ ତମୋଗୁଣୀ ହୁଅନା କାହିଁକି, ପୁରାତନ ଋଷିମାନଙ୍କ ଭାବଧାରା ତୁମ-ମାନଙ୍କ ଭିତରେ କିଛି ନା କିଛି ରହିଛି—ଅନ୍ତତଃ ତାହାର ଗ୍ରୁଣ୍ଟି ରହିଛି । ତେବେ ହଠାତ୍ ବଲ୍ଗା ଗ୍ରହଣ କଲେ ଯେ ଧର୍ମ-ଉପଦେଷ୍ଟା ହୋଇଯିବ; ତାହା ନୁହେଁ; ପ୍ରଥମେ ନିର୍ଜନରେ ବସି ଧର୍ମଜୀବନକୁ ବେଶ୍ କରି ଗଢ଼ିନେବାକୁ ହେବ; ପୂର୍ଣ୍ଣ ଭାବରେ ତ୍ୟାଗୀ ହେବାକୁ ହେବ, ପୁଣି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରକ୍ଷିବାକୁ ପଡ଼ିବ । ତୁମ ଭିତରେ ତମୋଗୁଣ ପ୍ରବେଶ କରିଛି, ସେଥିରେ କଅଣ ବା ହୋଇଗଲା ? ତମୋନାଶ କଅଣ ହୋଇପାରିବ ନାହିଁ ? ଗୋଟାଏ କଥାରେ ହୋଇଯାଇପାରେ । ଏହି ତମୋନାଶ କରିବା ଲାଗି ତ ଭଗବାନ ଶ୍ରୀରାମକୃଷ୍ଣଦେବ ଆସିଥିଲେ ।

ମୁଁ : ସ୍ୱାମୀଜୀ, ତୁମଭଳି ଆଉ କିଏ ହେବ ?

ସ୍ୱାମୀଜୀ : ତୁମେମାନେ ଭାବୁଛ, ମୁଁ ମଲେ ଆଉ 'ବିବେକାନନ୍ଦ' ହେବେ ନାହିଁ ! ଏହି ଯେ ନିଶାଖୋରମାନେ ଆସି କନସର୍ଟ ବଜାଇଦେଇ ଗଲେ, ଯେଉଁମାନଙ୍କୁ ତୁମେ ଏତେ ଘୃଣା କର, ମହା ଅପଦାର୍ଥ ମନେକର, ଠାକୁରଙ୍କ ଇଚ୍ଛା ହେଲେ ସେମାନଙ୍କ ଭିତରୁ ପ୍ରତ୍ୟେକେ ଗୋଟିଏ ଗୋଟିଏ 'ବିବେକାନନ୍ଦ' ହୋଇପାରିବେ । ଦରକାର ହେଲେ 'ବିବେକାନନ୍ଦ'ର ଅଭାବ ପଡ଼ିବ ନାହିଁ । କେଉଁଠାରୁ କେତେ କୋଟି କୋଟି ସଂଖ୍ୟାରେ ଆସି ଯେ ହାଜର ହୋଇଯିବେ, ତାହା କିଏ ଜାଣିଛି? ଏହା ବିବେକାନନ୍ଦର କାର୍ଯ୍ୟ ନୁହେଁ ରେ—

ତାଙ୍କର କାର୍ଯ୍ୟ । ଖୋଦ ରାଜାଙ୍କ କାର୍ଯ୍ୟ । ଗୋଟାଏ ଗଭର୍ଣ୍ଣର ଜେନେରାଲ ଗଲେ ତା' ସ୍ଥାନରେ ଆଉ ଜଣେ ଆସିବ ହିଁ ଆସିବ । ତୁମେ ଯେତେ ତମୋଗୁଣୀ ହୁଅନା କାହିଁକି, ମନମୁଖ ଏକ କରି ତାଙ୍କର ଶରଣ ନେଲେ ସମସ୍ତ ତମଃ କଟିଯିବ । ବର୍ତ୍ତମାନ ଯେ ସେହି ରୋଗର ବୈଦ୍ୟ ଆସିଛନ୍ତି । ତାଙ୍କର ନାମ କରି କାର୍ଯ୍ୟରେ ଲାଗିଗଲେ ସେ ନିଜେ ନିଜେ ସବୁ କରିନେବେ । ଏହି ତମଃ ଗୁଣଟା ସତ୍ତ୍ୱଗୁଣ ହୋଇଯିବ ।

ମୁଁ : ଯାହା କହ, ଏ କଥା ବିଶ୍ୱାସ ହେଉ ନାହିଁ । ତୁମ ଭଳି Philosophy (ଦର୍ଶନ)ରେ oratory (ବକ୍ତୃତା) କରିବାର କ୍ଷମତା କାହାର ହେବ ?

ସ୍ୱାମୀଜୀ : ତୁ ଜାଣି ନାହୁଁ । ଏ କ୍ଷମତା ସମସ୍ତଙ୍କର ହୋଇପାରେ । ଯେ ଭଗବାନଙ୍କ ପାଇଁ ବାର ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ସାଧନ କରିବ, ତା'ର ଏ କ୍ଷମତା ଆସିଯିବ । ମୁଁ ସେହିପରି ବ୍ରହ୍ମଚର୍ଯ୍ୟ ରକ୍ଷା କରିଛି; ତେଣୁ ମୋର ମସ୍ତିଷ୍କ ଭିତରୁ ଗୋଟାଏ ପର୍ଦ୍ଦା ଫିଟି-ଯାଇଛି । ସେଥିପାଇଁ ମୋତେ ଦର୍ଶନ ଭଳି ଜଟିଳ ବିଷୟର ବକ୍ତୃତା ଚିନ୍ତା କରି ବାହାର କରିବାକୁ ହୁଏ ନାହିଁ । ମନେକର, କାଲି ବକ୍ତୃତା ଦେବାକୁ ହେବ; ଯାହା ବକ୍ତୃତା ଦେବି, ତାହାର ସମସ୍ତ ଛବି ଆଜି ରାତିରେ ଗୋଟିକ ପରେ ଗୋଟିଏ ଆଖି ଆଗରେ ଭାସିଯିବାକୁ ଆରମ୍ଭ କରେ, ପରଦିନ ବକ୍ତୃତା ସମୟରେ ସେହିସବୁ କଥା କହେ । ଏବେ ବୁଝିଲୁ ତ, ଏଇଟା ମୋର ନିଜସ୍ୱ ଶକ୍ତି ନୁହେଁ । ଯେ ଅଭ୍ୟାସ କରିବ, ତାହାର ହେବ । ତୁ କର, ତୋର ବି ହେବ । ଅମୁକର ହେବ, ଅମୁକର ହେବ ନାହିଁ— ଏପରି କଥା ଆମ ଶାସ୍ତ୍ରରେ କୁହାଯାଇ ନାହିଁ ।

ମୁଁ : ମହାରାଜ, ତୁମର ମନେ ଅଛି, ତୁମେ ଯେତେବେଳେ ସନ୍ନ୍ୟାସ ଗ୍ରହଣ କରି ନ ଥିଲ, ଦିନେ ଆମେ ଜଣଙ୍କ ଘରେ ବସିଥିଲେ; ତୁମେ ସମାଧି ବ୍ୟାପାରଟା ମୋତେ ବୁଝାଇବାକୁ ଚେଷ୍ଟା କରିଥିଲ । କଳିକାଳରେ ଏସବୁ ହେବ ନାହିଁ କହି ମୁଁ ତୁମ କଥା ଉଡ଼ାଇ ଦେବାକୁ ଚେଷ୍ଟା କରିବାରୁ ତୁମେ ଜୋର୍ କରି କହିଥିଲ, 'ତୁ ସମାଧି ଦେଖିବାକୁ ଚାହୁଁ ନା ସମାଧିସ୍ଥ ହେବାକୁ ଚାହୁଁ ? ମୋର ସମାଧି ହୁଏ; ମୁଁ ତୋର ସମାଧି କରିଦେଇପାରିବି ।' ତୁମେ ଏହି କଥା କହିବା ପରେ ହିଁ ଜଣେ ନୂଆ ଲୋକ ଆସି ପହଞ୍ଚିଲେ, ଆଉ ଆମ ଭିତରେ ଏ ବିଷୟରେ କୌଣସି କଥା ପଡ଼ିଲା ନାହିଁ ।

ସ୍ୱାମୀଜୀ : ହିଁ, ମନେପଡ଼ୁଛି ।

ମୋତେ ସମାଧିସ୍ଥ କରିଦେବା ପାଇଁ ମୁଁ ତାଙ୍କୁ ବିଶେଷ ଭାବରେ ଜୋର୍ କରିବାରୁ ସ୍ୱାମୀଜୀ କହିଲେ, 'ଦେଖ ଗତ କେତେ ବର୍ଷ ଧରି କ୍ରମାଗତ ବକ୍ତୃତା ଦେଇ ଦେଇ କାମ କରି ମୋ ଭିତରେ ରଜୋଗୁଣ ବହୁତ ବଢ଼ିଯାଇଛି; ତେଣୁ ସେହି ଶକ୍ତି ବର୍ତ୍ତମାନ ଚାପା ପଡ଼ିଯାଇଛି । କିଛି ଦିନ ପରେ ସବୁ କାମ କାର୍ଯ୍ୟ ଛାଡ଼ି ହିମାଳୟରେ ଯାଇ ବସିଲେ ପୁଣି ସେହି ଶକ୍ତିର ଉଦୟ ହେବ ।'

ଦିନେ ଦୁଇ ଦିନ ପରେ ସ୍ୱାମୀଜୀଙ୍କ ସହିତ ଦେଖା କରିବି ବୋଲି ମୁଁ ଘରୁ ବାହାରିଛି, ଏହି ସମୟରେ ଦୁଇଜଣ ବନ୍ଧୁ ଆସି କହିଲେ ଯେ, ସେମାନେ ମଧ୍ୟ ସ୍ୱାମୀଜୀଙ୍କ ସହିତ ଦେଖା କରି ପ୍ରାଣାୟାମ ବିଷୟରେ କିଛି ପ୍ରଶ୍ନ ପଚାରିବାକୁ ଚାହାଁନ୍ତି । ସେମାନଙ୍କୁ ସାଙ୍ଗରେ ଧରି

କାଶୀପୁର ଉଦ୍ୟାନରେ ଆସି ଉପସ୍ଥିତ ହୋଇ ଦେଖିଲୁ, ସ୍ୱାମୀଜୀ ମୁହଁ ହାତ ଧୋଇ ବାହାରକୁ ଆସୁଛନ୍ତି । ଖାଲି ହାତରେ ଦେବତା ବା ସାଧୁ ଦର୍ଶନ କରିବାକୁ ଯିବା ଉଚିତ ନୁହେଁ ଶୁଣିଥିଲୁ; ତେଣୁ ଆମେ କିଛି ଫଳ ଓ ମିଷ୍ଟାନ୍ନ ସାଙ୍ଗରେ ଧରିଥିଲୁ । ସେ ଆସିବା ମାତ୍ରକେ ତାଙ୍କୁ ତାହା ଦେଲୁ । ସ୍ୱାମୀଜୀ ସେଗୁଡ଼ିକ ନେଇ ନିଜ ମୁଣ୍ଡରେ ଲଗାଇଲେ ଏବଂ ଆମେ ପ୍ରଣାମ କରିବା ଆଗରୁ ଆମମାନଙ୍କୁ ପ୍ରଣାମ କଲେ । ମୋ ସଙ୍ଗରେ ଥିବା ଦୁଇ ବନ୍ଧୁଙ୍କ ମଧ୍ୟରୁ ଜଣେ ତାଙ୍କର ସହପାଠୀ ଥିଲେ; ତାଙ୍କୁ ଚିହ୍ନିପାରି ବିଶେଷ ଆନନ୍ଦର ସହିତ ତାଙ୍କର ସମସ୍ତ କୁଶଳପ୍ରଶ୍ନାଦି କଲେ । ପରେ ତାଙ୍କ ନିକଟରେ ଆମମାନଙ୍କୁ ବସାଇଲେ । ଆମେ ଯେଉଁଠାରେ ବସିଲୁ, ସେଠାରେ ଆଉ ଅନେକ ଲୋକ ଉପସ୍ଥିତ ଥିଲେ । ସମସ୍ତେ ସ୍ୱାମୀଜୀଙ୍କ ମଧୁର କଥା ଶୁଣିବାକୁ ଆସିଥିଲେ । ଅନ୍ୟମାନଙ୍କର ଗୋଟିଏ ଦୁଇଟି ପ୍ରଶ୍ନର ଉତ୍ତର ଦେଇ କଥାପ୍ରସଙ୍ଗରେ ସ୍ୱାମୀଜୀ ନିଜେ ପ୍ରାଣାୟାମ କଥା କହିବାକୁ ଲାଗିଲେ । ମନୋବିଜ୍ଞାନଠାରୁ ଜଡ଼ବିଜ୍ଞାନର ଉତ୍ପତ୍ତି —ବିଜ୍ଞାନ ସହାୟତାରେ ପ୍ରଥମେ ତାହା ବୁଝାଇବା ପରେ ପ୍ରାଣାୟାମ ବସ୍ତୁଟା କଅଣ, ତାହା ବୁଝାଇବାକୁ ଲାଗିଲେ । ଏହା ଆଗରୁ ଆମ ଭିତରୁ କେତେ ଜଣ ତାଙ୍କର 'ରାଜଯୋଗ' ପୁସ୍ତକ ଖଣ୍ଡିକ ଭଲରୂପେ ପଢ଼ିଥିଲୁ; କିନ୍ତୁ ଆଜି ତାଙ୍କ ମୁହଁରୁ ପ୍ରାଣାୟାମ ସମ୍ବନ୍ଧରେ ଯେଉଁ ସମସ୍ତ କଥା ଶୁଣିଲୁ, ସେଥିରେ ମନେହେଲା ଯେ, ତାଙ୍କ ଭିତରେ ଯାହା ଅଛି, ସେଥିରୁ ଅତି ଅଳ୍ପ ମାତ୍ର ହିଁ ସେ ପୁସ୍ତକରେ ଲିପିବଦ୍ଧ ହୋଇଛି ।

ସେଦିନ ଆମେ ସ୍ୱାମୀଜୀଙ୍କ ନିକଟରେ ସାଢ଼େ ତିନିଟା ସମୟରେ ପହଞ୍ଚିଥିଲୁ । ତାଙ୍କର ପ୍ରାଣାୟାମ ବିଷୟକ କଥା ସାଢ଼େ ସାତଟା ପର୍ଯ୍ୟନ୍ତ ଚାଲିଥିଲା । ପରେ ସଭା ଭଙ୍ଗ ହେବାରୁ ଯେତେବେଳେ ବାହାରକୁ ଆସିଲୁ, ସେତେବେଳେ ସଙ୍ଗୀ-ଦୁହେଁ ମୋତେ ପଚାରିଲେ ଯେ, ସେମାନଙ୍କ ମନ ଭିତରର ପ୍ରଶ୍ନ ସ୍ୱାମୀଜୀ କିପରି ଜାଣିପାରିଲେ ? ମୁଁ କଅଣ ତାଙ୍କୁ ପୂର୍ବରୁ ଏ ପ୍ରଶ୍ନ ଜଣାଇଥିଲି ?

ଏହି ଘଟଣାର କିଛି ଦିନ ପରେ ଦିନେ ବାଗ୍‌ବଜାରର ପରଲୋକଗତ ପ୍ରିୟନାଥ ମୁଖୋପାଧ୍ୟାୟଙ୍କ ଗୃହରେ ଗିରିଶବାବୁ, ଅତୁଳବାବୁ, ସ୍ୱାମୀ ବ୍ରହ୍ମାନନ୍ଦ, ସ୍ୱାମୀ ଯୋଗାନନ୍ଦ ଏବଂ ଆଉ ଜଣେ ଦୁଇଜଣ ବନ୍ଧୁଙ୍କ ଉପସ୍ଥିତିରେ ସ୍ୱାମୀଜୀଙ୍କୁ ପ୍ରଶ୍ନ କଲି : ସ୍ୱାମୀଜୀ, ସେଦିନ ମୋ ସହିତ ଯେଉଁ ଦୁଇ ଜଣ ଲୋକ ତୁମକୁ ଦେଖିବାକୁ ଆସିଥିଲେ, ତୁମେ ଏ ଦେଶକୁ ଫେରିବା ପୂର୍ବରୁ ସେ ଦୁହେଁ ଆପଣଙ୍କ ପ୍ରଣୀତ 'ରାଜଯୋଗ' ପଢ଼ିଥିଲେ ଏବଂ କହିଥିଲେ ଯେ, ଯଦି ଆପଣଙ୍କ ସହିତ କେବେ ଦେଖାହେବ, ସେତେବେଳେ ତୁମକୁ ପ୍ରାଣାୟାମ ବିଷୟରେ କେତେଗୁଡ଼ିଏ ପ୍ରଶ୍ନ ପଚାରିବେ । କିନ୍ତୁ ସେଦିନ ସେମାନେ କୌଣସି ପ୍ରଶ୍ନ ପଚାରିବା ପୂର୍ବରୁ ତୁମେ ତାଙ୍କ ମନ ଭିତରେ ଥିବା ସନ୍ଦେହଗୁଡ଼ିକ ନିଜେ ଉଠାଇ ଏଭଳି ମୀମାଂସା କରିଦେଲ ଯେ, ସେମାନେ ମୋତେ ପଚାରୁଥିଲେ, ମୁଁ ତୁମକୁ ସେମାନଙ୍କ ପ୍ରଶ୍ନ କଥା ଆଗରୁ କହିଥିଲି କି ନାହିଁ ।

ସ୍ୱାମୀଜୀ କହିଲେ : ସେଦେଶରେ ମଧ୍ୟ ଅନେକ ସମୟରେ ଏଭଳି ଘଟଣା ଘଟିବାରୁ ଅନେକେ ମୋତେ ପଚାରୁଥିଲେ, 'ଆପଣ ଆମ ଅନ୍ତରର ପ୍ରଶ୍ନ କି ଭଳି ଜାଣିପାରିଲେ ?' ଏହା

ମୋର ସେପରି ହୁଏ ନାହିଁ; ଠାକୁରଙ୍କର ପ୍ରାୟ ସବୁ ସମୟରେ ହେଉଥିଲା ।'

ଏହି ପ୍ରସଙ୍ଗରେ ଅତୁଲବାବୁ ପଚାରିଲେ, 'ତୁମେ ରାଜଯୋଗରେ କହିଛ ଯେ, ପୂର୍ବଜନ୍ମର ସମସ୍ତ କଥା ଜଣାଯାଇପାରେ । ତୁମେ ନିଜେ କ'ଣ ଜାଣିପାର ?'

ସ୍ୱାମୀଜୀ : ହଁ, ପାରେ ।

ଅତୁଲବାବୁ : କଅଣ ଜାଣିପାର କହିବାରେ କଅଣ ବାଧା ଅଛି ?

ସ୍ୱାମୀଜୀ : ଜାଣିପାରେ—ଜାଣେ ମଧ୍ୟ; କିନ୍ତୁ ଖୁଣ୍ଟିନାଟି କିଛି କହିବି ନାହିଁ ।

***

ଆଷାଢ଼ ମାସ; ସନ୍ଧ୍ୟାର କିଛି ପୂର୍ବରୁ ଚତୁର୍ଦ୍ଦିଗ ଅନ୍ଧକାର ଓ ଭୟଙ୍କର ଗର୍ଜନ ତର୍ଜନ କରି ମୂଷଳଧାରାରେ ବର୍ଷା ଆରମ୍ଭ ହେଲା । ଆମେ ବେଲୁଡ଼ ମଠରେ ଥାଉଁ । ଶ୍ରୀଯୁକ୍ତ ଧର୍ମପାଳ ଆସିଛନ୍ତି, ନୂଆ ତିଆରି ହେଉଥିବା ମଠ ଦେଖିବେ ଏବଂ ସେଠାରେ ମିସେସ୍ ବୁଲ୍ ଅଛନ୍ତି, ତାଙ୍କ ସହିତ ସାକ୍ଷାତ୍ କରିବେ । ମଠର ଗୃହ ନିର୍ମାଣ ଆରମ୍ଭ ହୋଇଛି ମାତ୍ର । ପୁରୁଣା ଯେଉଁ ଦୁଇ ତିନୋଟି କୁଟୀର ଅଛି, ସେଥିରେ ମିସେସ୍ ବୁଲ୍ ରହୁଛନ୍ତି । ସାଧୁମାନେ ଠାକୁରଙ୍କୁ ଧରି ଶ୍ରୀଯୁକ୍ତ ନୀଳାମ୍ବର ମୁଖୋପାଧ୍ୟାୟ ମହାଶୟଙ୍କ ଘର ଭଡ଼ା ନେଇ ସେଠାରେ ବାସ କରୁଛନ୍ତି । ବର୍ଷା ହେବା ପୂର୍ବରୁ ଧର୍ମପାଳ ସେଠାରେ ସ୍ୱାମୀଜୀଙ୍କ ପାଖରେ ଆସି ପହଞ୍ଚିଥିଲେ । ପ୍ରାୟ ଘଣ୍ଟାଏ କଟିଗଲା, ବର୍ଷା କମିଲା ନାହିଁ । ଫଳରେ ବର୍ଷାରେ ତିନ୍ତି ତିନ୍ତି ନୂତନ ମଠକୁ ଯିବାକୁ ହେବ । ସ୍ୱାମୀଜୀ ସମସ୍ତଙ୍କୁ ଯୋତା ଖୋଲି ଛତା ଧରି ଯିବା ପାଇଁ କହିଲେ; ସମସ୍ତେ ଜୋତା ଖୋଲିଦେଲେ । ପିଲାଦିନ ପରି ଖାଲି ପାଦରେ ବର୍ଷାରେ ଓଦା ହୋଇ ହୋଇ କାଦୁଅ ଚକଟି ଯିବାକୁ ହେବ । ସ୍ୱାମୀଜୀଙ୍କର କି ଆନନ୍ଦ ! ଗୋଟାଏ ହସରୋଳ ଉଠିଲା, ଧର୍ମପାଳ କିନ୍ତୁ ପାଦରୁ ଯୋତା ଖୋଲିଲେ ନାହିଁ ଦେଖି ସ୍ୱାମୀଜୀ ତାଙ୍କୁ ବୁଝାଇ କହିଲେ, 'ବହୁତ କାଦୁଅ, ଯୋତାର ଦଫା ଲଫା ହୋଇଯିବ ।' ଧର୍ମପାଳ କହିଲେ 'Never mind, I will wade with my shoes on' (କିଛି ଚିନ୍ତା ନାହିଁ, ମୁଁ ଯୋତାରେ ପାଣି-କାଦୁଅ ଚକଟି ବେଶ୍ ଯାଇପାରିବି) । ଗୋଟିଏ ଗୋଟିଏ ଛତା ଧରି ସମସ୍ତେ ଚାଲିଲେ । ମଝିରେ ମଝିରେ କାହାର ପାଦ ଖସିଯାଉଥାଏ; ତା'ପରେ ଖୁବ୍ ଜୋର୍ ପାଣିଛାଟରେ ସମସ୍ତ ଦେହ ଓଦା ହୋଇଯାଉଥାଏ; ତାରି ଭିତରେ ସ୍ୱାମୀଜୀଙ୍କ ହାସ୍ୟରୋଳ; ମନେହେଲା, ସେହି ପିଲାଦିନର ଖେଳ ବୋଧହୁଏ ଚାଲିଛି । ଯା ହେଉ, ଅନେକ ଖାଲଖମାଣ ପାରି ହୋଇ ନୂତନ ମଠର ସୀମାକୁ ଆସିଗଲୁ ।

ସମସ୍ତଙ୍କ ହାତ ପାଦ ଧୁଆ ସରିଲା ପରେ ସମସ୍ତେ ମିସେସ୍ ବୁଲ୍ଙ୍କ ପାଖରେ ଯାଇ ବସିଲେ ଏବଂ ବହୁ ସମୟ ଧରି ଅନେକ ବିଷୟରେ କଥାବାର୍ତ୍ତା ହେବା ପରେ ଧର୍ମପାଳଙ୍କ ନୌକା ଆସିଯିବାରୁ ସମସ୍ତେ ଉଠିଗଲେ । ନୌକା ଆମମାନଙ୍କୁ ମଠରେ ଓହ୍ଲାଇ ଦେଇ ଧର୍ମପାଳଙ୍କୁ ନେଇ କଲିକତା ଯାତ୍ରା କଲା । ସେତେବେଳେ ମଧ୍ୟ ବେଶ୍ ଟପର ଟପର ବର୍ଷା ହେଉଥାଏ ।

ମଠକୁ ଆସି ସ୍ୱାମୀଜୀ ତାଙ୍କ ସନ୍ନ୍ୟାସୀ ଶିଷ୍ୟମାନଙ୍କ ସହିତ ଠାକୁରଘରକୁ ଧ୍ୟାନ

କରିବା ପାଇଁ ଗଲେ ଏବଂ ଠାକୁରଘରେ ଓ ତା'ର ପୂର୍ବଦିଗର ବାରଣ୍ଡାରେ ବସି ସମସ୍ତେ ଧ୍ୟାନମଗ୍ନ ହେଲେ । ମୋର ଆଉ ସେଦିନ ଧ୍ୟାନ ହେଲା ନାହିଁ । ପୂର୍ବର କଥାସମୂହ କେବଳ ମନରେ ଖେଳିବାକୁ ଲାଗିଲା । ପିଲାଦିନେ ମୁଗ୍ଧ ହୋଇ ଦେଖୁଥିଲି, ଏହି ଅଦ୍ଭୁତ ବାଳକ ନରେନ୍ ଆମମାନଙ୍କ ସଙ୍ଗରେ କେତେବେଳେ ହସୁଛି, ଖେଳୁଛି, ଗଳ୍ପ କରୁଛି, ପୁଣି କେତେବେଳେ ବା ସମସ୍ତଙ୍କର ମନୋମୁଗ୍ଧକର କିନ୍ନରସ୍ୱରରେ ଗୀତ ଗାଉଛି । କ୍ଲାସରେ ତ ବରାବର first (ପ୍ରଥମ) ହେଉଥିଲା; ଖେଳରେ ମଧ୍ୟ ତାହା ହିଁ, ବ୍ୟାୟାମରେ ସେହି କଥା, ବାଳକମାନଙ୍କ ନେତୃତ୍ୱ ନେବାରେ ମଧ୍ୟ ସେଇଆ, ଗୀତ ଗାଇବାରେ ତ କଥା ହିଁ ନାହିଁ—ସତେ ଯେପରି ଗନ୍ଧର୍ବରାଜ !

ସ୍ୱାମୀଜିମାନେ ଧ୍ୟାନ ସାରି ଉଠିଲେ । ଖୁବ୍ ଥଣ୍ଡା, ଗୋଟିଏ ଘରେ ଦରଜା ବନ୍ଦ କରି ବସି ସ୍ୱାମୀଜୀ ତାନପୁରା ବଜାଇ ଗୀତର ସ୍ୱର ଧରିଲେ । ତାହା ପରେ ସଙ୍ଗୀତ ଉପରେ ଅନେକ ଆଲୋଚନା ହେଲା । ସ୍ୱାମୀ ଶିବାନନ୍ଦ ପଚାରିଲେ, 'ବିଲାତି ସଙ୍ଗୀତ କିପରି ?'

ସ୍ୱାମୀଜୀ : ଖୁବ୍ ଭଲ, harmony (ସ୍ୱରସାମଞ୍ଜସ୍ୟ)-ର ଚୂଡ଼ାନ୍ତ—ଯାହା ଆମମାନଙ୍କର ଆଦୌ ନାହିଁ । ତେବେ ଆମମାନଙ୍କ ଅନଭ୍ୟସ୍ତ କାନକୁ ବେଶୀ ଭଲ ଲାଗେ ନାହିଁ । ମୋର ମଧ୍ୟ ଧାରଣା ଥିଲା ଯେ, ସେମାନେ କେବଳ ଶିଆଳ ଭଳି ଭୁକନ୍ତି । ଯେତେବେଳେ ବେଶ୍ ମନ ଦେଇ ଶୁଣିଲି ଓ ବୁଝିବାକୁ ଲାଗିଲି, ସେତେବେଳେ ଅବାକ୍ ହୋଇଗଲି । ଶୁଣି ଶୁଣି ମୋହିତ ହୋଇଗଲି । ସମସ୍ତ art (କଳା) ପକ୍ଷରେ ସେହି କଥା । ଥରେ ଆଖି ବୁଲାଇଦେଲେ ଗୋଟାଏ ଖୁବ୍ ଉତ୍କୃଷ୍ଟ ଛବିର କିଛି ବୁଝାଯାଇପାରେ ନାହିଁ । ତା'ପରେ ପୁଣି ଟିକିଏ ଶିକ୍ଷିତ ଆଖି ନ ହେଲେ ତ ତା'ର ଅନ୍ଧିସନ୍ଧି କିଛି ହିଁ ବୁଝିପାରିବ ନାହିଁ । ଆମ ଦେଶରେ ଯଥାର୍ଥ ସଙ୍ଗୀତ କେବଳ କୀର୍ତ୍ତନରେ ଧ୍ରୁପଦରେ ଅଛି । ଆଉ ସମସ୍ତ ଇସ୍‌ଲାମୀ ଛାଞ୍ଚରେ ଢଳାହୋଇ ବିଗିଡ଼ିଯାଇଛି । ତୁମେମାନେ ଭାବ, ବିଦ୍ୟୁତ୍ ଭଳି ଏହି ଯେ ଚମକ ଦେଇ ଅନୁନାସିକ ସ୍ୱରରେ ଟପ୍‌ପା ଗାନ ହୁଏ, ତାହା ବୋଧହୁଏ ଦୁନିଆରେ ଶ୍ରେଷ୍ଠ ଜିନିଷ—ତାହା ନୁହେଁ । ପ୍ରତ୍ୟେକ ପର୍ଦ୍ଦାରେ ସ୍ୱରର ପୂର୍ଣ୍ଣ ବିକାଶ ନ କଲେ music (ସଙ୍ଗୀତ)-ରେ science (ବିଜ୍ଞାନ) ରହେ ନାହିଁ । Painting (ଚିତ୍ରଶିଳ୍ପ)-ରେ nature (ପ୍ରକୃତି)-କୁ ବଜାୟ ରଖି ଯେତେ artistic (ସୁନ୍ଦର) କର ନା କାହିଁକି, ଭଲ ହେବ, ଦୋଷଦୁଷ୍ଟ ହେବ ନାହିଁ । ସେହିଭଳି music (ସଙ୍ଗୀତ)-ର science (ବିଜ୍ଞାନ) ବଜାୟ ରଖି ଯେତେ କାରସାଦି କର, ଭଲ ଲାଗିବ । ମୁସଲମାନମାନେ ଏ ଦେଶକୁ ଆସି ଏ ଦେଶର ରାଗରାଗିଣୀସବୁ ନେଇଛନ୍ତି; କିନ୍ତୁ ଟପ୍‌ପା-ବାଦ୍ୟରେ ସେମାନଙ୍କର ଏଭଳି ଗୋଟାଏ ନିଜସ୍ୱ ଛାପ ପକାଇଲେ ଯେ, ସେଥିରେ science ଆଉ ରହିଲା ନାହିଁ ।

ପ୍ରଶ୍ନ : କାହିଁକି science ଲୋପ ପାଇଲା ? ଟପ୍‌ପା ଜିନିଷଟା କାହାକୁ ଭଲ ନ ଲାଗେ ?

ସ୍ୱାମୀଜୀ : ଝିଙ୍କାରିର ଶବ୍ଦ ବି ଖୁବ୍ ଭଲ ଲାଗେ । ସାନ୍ତାଲମାନେ ସେମାନଙ୍କ ଗାନ ଅତ୍ୟୁତ୍କୃଷ୍ଟ ବୋଲି ଜାଣନ୍ତି । ତୁମେମାନେ ଏଇଟା ବୁଝିପାରୁ ନାହଁ ଯେ, ଗୋଟିଏ ସ୍ୱର ଉପରେ

ଆଉ ଗୋଟାଏ ସ୍ୱର ଏତେ ଶୀଘ୍ର ଆସି ପଡ଼େ ଯେ, ସେଥିରେ ଆଉ ସଙ୍ଗୀତର ମାଧୁର୍ଯ୍ୟ କିଛି ରହେ ନାହିଁ; ଓଲଟି discordance (ବେସୁରା) ହୋଇଯାଏ । ସାତଟା ପର୍ଦ୍ଦାର permutation combination (ପରିବର୍ତ୍ତନ ଓ ସଂଯୋଗ) ନେଇ ଗୋଟିଏ ଗୋଟିଏ ରାଗରାଗିଣୀ ହୁଏ ତ ? ଟପ୍ପାର ଗୋଟିଏ ଭୂଡ଼ିରେ ସମସ୍ତ ରାଗର ଆଭାସ ଦେଇ ଗୋଟାଏ ତାନ ସୃଷ୍ଟି କଲ, ପୁଣି ତା' ଉପରେ ଗଳାର କାରସାଦ ଦେଖାଇଲେ କପର ଆଉ ତା'ର ରାଗିଣୀତ୍ୱ ରହିବ ? ପୁଣି ଟ୍ରେଟ ଟ୍ରେଟ ତାନ ଏତେ ବେଶୀ ଯେ, ସଙ୍ଗୀତର କବିତ୍ୱ ଭାବଟା ତ ଏକାବେଳକେ ଗୁଲିଯାଏ । ଟପ୍ପାର ଯେତେବେଳେ ସୃଷ୍ଟି ହେଲା, ସେତେବେଳେ ସଙ୍ଗୀତର ଭାବ ବଜାୟ ରଖି ତାହା ଗାଇବା ଦେଶରୁ ଏକାବେଳକେ ଉଠି ଯାଇଥିଲା । ଆଜିକାଲି ଥିଏଟରର ଉନ୍ନତ ସଙ୍ଗେ ସଙ୍ଗେ ତାହା ଯେପରି ଟିକିଏ ଫେରିଆସୁଛି, ସେହିପରି କିନ୍ତୁ ରାଗରାଗିଣୀର ଶ୍ରାଦ୍ଧ ବିଶେଷଭାବରେ କରାଯାଉଛି ।

ଏଥିପାଇଁ ଯେ ଧ୍ରୁପଦୀ, ସେ ଟପ୍ପା ଶୁଣିଲେ ତା'ର କଷ୍ଟ ହୁଏ । ତେବେ ଆମମାନଙ୍କ ସଙ୍ଗୀତରେ cadence (ମୂର୍ଚ୍ଛନା) ଅତି ଉତ୍କୃଷ୍ଟ ଜିନିଷ । ଫରାସୀମାନେ ପ୍ରଥମେ ତାହା ବୁଝିଥିଲେ ଏବଂ ତାଙ୍କ music-ରେ ପୂରାଇଦେବା ପାଇଁ ଚେଷ୍ଟା କଲେ । ବର୍ତ୍ତମାନ ତାହା ଇଉରୋପର ସମସ୍ତେ ଖୁବ୍ ଆୟତ୍ତ କରିନେଲେଣି ।

ପ୍ରଶ୍ନ : ସେମାନଙ୍କର music-ଟା କେବଳ martial (ରଣବାଦ୍ୟ) ବୋଲି ବୋଧହୁଏ ଏବଂ ଆମ ସଙ୍ଗୀତରେ ଯେପରି ସେହି ଭାବଟା ଆଦୌ ନାହିଁ ।

ସ୍ୱାମୀଜୀ : ଅଛି, ଅଛି, ସେଥିରେ harmony (ଐକ୍ୟତାନ)-ର ବେଶୀ ଦରକାର । ଆମମାନଙ୍କର harmony-ର ଖୁବ୍ ଅଭାବ; ସେଥିପାଇଁ ତାହା ଏତେ ବେଶୀ ଦେଖାଯାଏ ନାହିଁ । ଆମ music-ର ଖୁବ୍ ଉନ୍ନତି ହୋଇଥିଲା । ସେହି ସମୟରେ ମୁସଲମାନମାନେ ଆସି ତାହାକୁ ଏଭଳି ଭାବରେ ବ୍ୟବହାର କଲେ ଯେ, ସଙ୍ଗୀତ-ବୃକ୍ଷଟି ଆଉ ବଢ଼ିପାରିଲା ନାହିଁ । ସେମାନଙ୍କର music ଖୁବ୍ ଉନ୍ନତ; କରୁଣରସ, ବୀରରସ ଉଭୟ ରହିଛି— ଯେପରି ରହିବା ଦରକାର । ଆମର କିନ୍ତୁ ସେହି ଏକତାରର ଅଉ ଉନ୍ନତି ହେଲା ନାହିଁ ।

ପ୍ରଶ୍ନ : କେଉଁ ରାଗରାଗିଣୀଗୁଡ଼ିକ martial (ରଣବାଦ୍ୟ) ?

ସ୍ୱାମୀଜୀ : ସମସ୍ତ ରାଗ ହିଁ martial ହେବ, ଯଦି harmony-ରେ ବସାଇ ଯନ୍ତ୍ରରେ ବଜାଯାଇପାରେ । ରାଗିଣୀ ମଧ୍ୟରୁ ବି କେତେଗୁଡ଼ିଏ ହେବ ।

ଏହାମଧ୍ୟରେ ଠାକୁରଙ୍କ ଭୋଗ ହେଲା ପରେ ସମସ୍ତେ ଭୋଜନ କରିବାକୁ ଗଲେ । ଆହାର ପରେ କଲିକତାର ଯେଉଁମାନେ ସେହି ରାତିରେ ମଠରେ ଉପସ୍ଥିତ ଥିଲେ, ସେମାନଙ୍କ ଶୟନର ବନ୍ଦୋବସ୍ତ କରି ତାହାପରେ ସ୍ୱାମୀଜୀ ନିଜେ ଶୟନ କରିବାକୁ ଗଲେ ।

***

ପ୍ରାୟ ଦୁଇ ବର୍ଷ ହେଲା ନୂତନ ମଠ ହୋଇଛି, ସ୍ୱାମୀଜୀମାନେ ସେଠାରେ ରହୁଛନ୍ତି । ଦିନେ ପ୍ରାତଃକାଳରେ ମୁଁ ଗୁରୁଦର୍ଶନକୁ ଯାଇଛି । ସ୍ୱାମୀଜୀ ମୋତେ ଦେଖି ହସି ହସି ସମସ୍ତ କୁଶଳ ଓ କଲିକତାର ସମସ୍ତ ଖବର ପଚାରି କହିଲେ, 'ଆଜି ରହିବୁ ତ !'

ମୁଁ 'ନଷ୍ଟସ୍ୱ' ବୋଲି କହି ଅନ୍ୟାନ୍ୟ ଅନେକ କଥା ପରେ ସ୍ୱାମୀଜୀଙ୍କୁ ପଚାରିଲି, 'ମହାରାଜ, ଛୋଟ ପିଲାମାନଙ୍କୁ ଶିକ୍ଷା ଦେବା ସଂପର୍କରେ ଆପଣଙ୍କର ମତ କଅଣ ?'

ସ୍ୱାମୀଜୀ : ଗୁରୁଗୃହରେ ବାସ ।

ପ୍ରଶ୍ନ : କିଭଳି ?

ସ୍ୱାମୀଜୀ : ସେହି ପୁରାକାଳର ବନ୍ଦୋବସ୍ତ । ତେବେ ତାହା ସହିତ ଆଜିକାଲିର ପାଶ୍ଚାତ୍ୟ ଦେଶର ଜଡ଼ବିଜ୍ଞାନ ମଧ୍ୟ ଆବଶ୍ୟକ । ଦୁଇଟାଯାକ ଦରକାର ।

ପ୍ରଶ୍ନ : କାହିଁକି ? ଆଜିକାଲିର ବିଶ୍ୱବିଦ୍ୟାଳୟର ଶିକ୍ଷାପ୍ରଣାଳୀରେ ଦୋଷ କଅଣ ?

ସ୍ୱାମୀଜୀ : ପ୍ରାୟ ଆମୂଳଚୂଳ ଦୋଷଦୁଷ୍ଟ । କେବଳ ଚୂଡ଼ାନ୍ତ କିରାଣୀ ଗଢ଼ିବା କଳ ବ୍ୟତୀତ ଆଉ କିଛି ନୁହେଁ । ଖାଲି ସେତିକି ହୋଇଥିଲେ ବି ବଞ୍ଚିଯାଇଥାଆନ୍ତି । ମନୁଷ୍ୟ-ଗୁଡ଼ାକ ଏକାବେଳକେ ଶ୍ରଦ୍ଧା-ବିଶ୍ୱାସ-ବର୍ଜିତ ହୋଇପଡ଼ୁଛନ୍ତି । ଗୀତାକୁ ପ୍ରକ୍ଷିପ୍ତ କହିବେ, ବେଦକୁ ଚଷାର ଗୀତ କହିବେ । ଭାରତର ବାହାରେ ଯାହା କିଛି ଅଛି, ତା'ର ନାଡ଼ୀନକ୍ଷତ୍ରର ଖବର ରଖୁଛନ୍ତି; ନିଜର କିନ୍ତୁ ସାତପୁରୁଷ ଚୁଲିକୁ ଯାଉ—ତିନିପୁରୁଷର ନାମ ମଧ୍ୟ ଜାଣନ୍ତି ନାହିଁ ।

ପ୍ରଶ୍ନ : ସେଥିରେ ବା କଅଣ ହୋଇଗଲା ? ବାପ ବଡ଼ବାପଙ୍କ ନାମ ନ ଜାଣିଲେ କ୍ଷତି କଅଣ ?

ସ୍ୱାମୀଜୀ : ନା ରେ, ଯାହାଙ୍କ ଦେଶର ଇତିହାସ ନାହିଁ, ତାଙ୍କର କିଛି ନାହିଁ । ତୁ ମନେକର ନା, ଯାହାର 'ମୁଁ ଏତେ ବଡ଼ ବଂଶର ପିଲା' ବୋଲି ଗୋଟାଏ ବିଶ୍ୱାସ ଓ ଗର୍ବ ଥାଏ, ସେ କେବେ କଅଣ ମନ୍ଦ ହୋଇପାରେ ? କିଭଳି ବା ହେବ, କହୁ ନାହୁଁ ? ତାହାର ସେହି ବିଶ୍ୱାସଟା ଏପରି ଲଗାମ୍ ଟାଣି ରଖିବ ଯେ, ସେ ମରିଗଲେ ମଧ୍ୟ କୌଣସି ମନ୍ଦ କାମ କରିପାରିବ ନାହିଁ । ସେହିପରି ଗୋଟାଏ ଜାତିର ଇତିହାସ ସେହି ଜାତିକୁ ଲଗାମ୍ ଟାଣି ରଖେ; କଦାପି ନୀଚ ହେବାକୁ ଦେବ ନାହିଁ । ମୁଁ ବୁଝୁଛି, ତୁ କହିବୁ, ଆମର history (ଇତିହାସ) ତ ନାହିଁ । ତୁମମାନଙ୍କ ମତରେ ନାହିଁ । ତୁମମାନଙ୍କ University (ବିଶ୍ୱବିଦ୍ୟାଳୟ)-ର ପଣ୍ଡିତମାନଙ୍କ ମତରେ ନାହିଁ; ପୁଣି ଏକାଦୌଡ଼ରେ ବିଲାତ ବୁଲି ଆସି ସାହେବ ସାଜି ଯେଉଁମାନେ କହନ୍ତି, 'ଆମର କିଛି ନାହିଁ, ଆମେ ବର୍ବର' —ସେମାନଙ୍କ ମତରେ ନାହିଁ । ମୁଁ କହୁଛି, ଅନ୍ୟାନ୍ୟ ଦେଶ ଭଳି ଆମର ନାହିଁ । ଆମେ ଭାତ ଖାଉ, ବିଲାତର ଲୋକେ ଭାତ ଖାଆନ୍ତି ନାହିଁ । ତା' ବୋଲି କଅଣ ସେମାନେ ଉପବାସରେ ମରି ଭୂତ ହେଉଛନ୍ତି ? ସେମାନଙ୍କ ଦେଶରେ ଯାହା ଅଛି, ସେମାନେ ତାହା ଖାଆନ୍ତି; ସେହିଭଳି ତୁମ ଦେଶର ଇତିହାସ ଯେପରି ରହିବା ଦରକାର ହୋଇଥିଲା, ସେହିପରି ଅଛି । ତୁମେ ଆଖି ବୁଜି 'ନାହିଁ, ନାହିଁ' ବୋଲି ପାଟି କଲେ କଅଣ ଇତିହାସ ଲୁପ୍ତ ହୋଇଯିବ ? ଯାହାଙ୍କର ଆଖି ଅଛି, ସେମାନେ ସେହି ଜ୍ୱଳନ୍ତ ଇତିହାସ ବଳରେ ଏପର୍ଯ୍ୟନ୍ତ ବଞ୍ଚିବ ଅଛନ୍ତି । ତେବେ ସେହି ଇତିହାସକୁ ନୂତନ ଛାଞ୍ଚରେ ଗଢ଼ିନେବାକୁ ହେବ । ବର୍ତ୍ତମାନ ପାଶ୍ଚାତ୍ୟଶିକ୍ଷା-ଧାରରେ ଲୋକଙ୍କର ଯେଉଁ ବୁଦ୍ଧି ଗଜୁରିଛି, ଠିକ୍ ସେହି ବୁଦ୍ଧି ଭଳି ଇତି-

ଇତିହାସକୁ ଉପଯୁକ୍ତ କରିନେବାକୁ ହେବ ।

ପ୍ରଶ୍ନ : ତାହା କିଭଳି ହେବ ?

ସ୍ୱାମୀଜୀ : ସେ ଅନେକ କଥା, ଆଉ ସେଥିପାଇଁ 'ଗୁରୁଗୃହବାସ' ଇତ୍ୟାଦି ଦରକାର । ଦରକାର Western Science (ପାଶ୍ଚାତ୍ୟ ବିଜ୍ଞାନ) ସହିତ ବେଦାନ୍ତ; ପୁଣି ମୂଳମନ୍ତ୍ର ବ୍ରହ୍ମଚର୍ଯ୍ୟ, ଶ୍ରଦ୍ଧା ଏବଂ ଆତ୍ମପ୍ରତ୍ୟୟ । ଆଉ ତୁ ଜାଣିରଖ, ଗ୍ରେଟ ପିଲାମାନଙ୍କୁ ଗଧପିଟା କରି ଘୋଡ଼ା ବନାଇବା ଭଳି ଶିକ୍ଷାଦେବାଟା ଏକାବେଳକେ ଉଠାଇଦେବାକୁ ହେବ ।

ପ୍ରଶ୍ନ : ତା'ର ଅର୍ଥ ?

ସ୍ୱାମୀଜୀ : ଆରେ, କେହି କାହାରିକୁ ଶିଖାଇପାରେ ନାହିଁ । ଶିକ୍ଷକ 'ଶିଖାଉଛି' ମନେକରି ସବୁ ମାଟି କରି ବସେ । କଥା କ'ଣ ଜାଣୁ; ବେଦାନ୍ତ କହେ, ଏ ମନୁଷ୍ୟ ଭିତରେ ସବୁ ଅଛି । ଗୋଟାଏ ପିଲା ଭିତରେ ମଧ୍ୟ ସବୁ ରହିଛି । କେବଳ ସେହିଗୁଡ଼ିକୁ ଜାଗ୍ରତ କରାଇବାକୁ ହେବ—ଏତିକି ମାତ୍ର ଶିକ୍ଷକର କାମ । ପିଲାମାନେ ଯଦ୍ଦ୍ୱାରା ନିଜ ନିଜ ହାତ, ଗୋଡ଼, ନାକ, କାନ, ମୁଖ, ଆଖି ବ୍ୟବହାର କରି, ନିଜର ବୁଦ୍ଧି ଖଟାଇ ନେବାକୁ ଶିକ୍ଷା-କରିପାରିବେ, ସେତିକି କରିଦେବାକୁ ହେବ । ତାହାହେଲେ ପରିଣାମରେ ସମସ୍ତ ସହଜ ହୋଇପଡ଼ିବ । କିନ୍ତୁ ପ୍ରଥମ କଥା ଧର୍ମ । ଧର୍ମଟା ଯେପରିକି ଭାତ, ଆଉ ସବୁ ତରକାରି । କେବଳ ମାତ୍ର ତରକାରି ଖାଇଲେ ବଦହଜମ ହୁଏ, କେବଳ ଭାତରେ ମଧ୍ୟ ସେୟା । ବୃଥା କେତେଗୁଡ଼ିଏ ବହିପତ୍ର ମୁଖସ୍ଥ କରାଇ ମନୁଷ୍ୟମାନଙ୍କ ମୁଣ୍ଡ ବିଗାଡ଼ି ଦେଉଥିଲେ । ଗୋଟିଏ ଦିଗରୁ ଦେଖିଲେ ତୁମର ବଡ଼ଲାଟଙ୍କ ପ୍ରତି କୃତଜ୍ଞ ହେବା ଉଚିତ । High education (ଉଚ୍ଚଶିକ୍ଷା) ଉଠାଇଦେଉଛି ବୋଲି ଦେଶଟା ଦମ୍ ନେଇ ବଞ୍ଚିବ । ବାପରେ ! ପାଶ୍ ପାଇଁ କି ଧୂମ୍‌ଧାମ୍; ପୁଣି ଦୁଇ ଦିନ ପରେ ସବୁ ଥଣ୍ଡା, ସବୁ ଚୁପ୍ ଚାପ୍—କ'ଣ ଶିଖିଲେ ?—ନା, ନିଜର ସମସ୍ତ ଖରାପ, ସାହେବମାନଙ୍କର ସମସ୍ତ ଭଲ । ଶେଷରେ ଅନ୍ନ ଜୁଟେ ନାହିଁ । ଏଭଳି high education ଥିଲେ କେତେ ବା ଗଲେ କେତେ ? ତାହା ଅପେକ୍ଷା କିଛିଏ technical education (କାରିଗରି ଶିକ୍ଷା) ପାଇଲେ ଲୋକମାନେ କିଛି କରି ଖାଇବାକୁ ପାଇବେ; ଚାକିରି ଚାକିରି କହି ଆଉ ପାଟିତୁଣ୍ଡ କରିବେ ନାହିଁ ।

ପ୍ରଶ୍ନ : ମାରୱାଡ଼ିମାନେ ବେଶ୍; ଚାକିରି କରନ୍ତି ନାହିଁ, ପ୍ରାୟ ସମସ୍ତେ ବ୍ୟବସାୟ କରନ୍ତି ।

ସ୍ୱାମୀଜୀ : ଦୂର୍, ସେମାନେ ଦେଶଟାକୁ ଉଚ୍ଛନ୍ନ କରିଦେବାକୁ ବସିଛନ୍ତି । ସେମାନଙ୍କର ବଡ଼ ହୀନ ବୁଦ୍ଧି । ତୁମେମାନେ ସେମାନଙ୍କ ଅପେକ୍ଷା ଅନେକ ଭଲ—manufacture (ଶିଳ୍ପଜାତ ଦ୍ରବ୍ୟ ନିର୍ମାଣ) ପ୍ରତି ନଜର ବେଶୀ; ସେମାନେ ଟଙ୍କା ଖଟାଇ ସାମାନ୍ୟ ଲାଭ କରନ୍ତି, ଆଉ 'ଗୋରାଙ୍କ' (ସାହେବ)ଙ୍କ ପେଟ ପୂରାନ୍ତି । ସେହି ଟଙ୍କାରେ ଯଦି କେତେଟା factory (ଶିଳ୍ପଶାଳା), workshop (କାରଖାନା) କରନ୍ତେ, ତା' ହେଲେ ଦେଶର କଲ୍ୟାଣ ହୁଅନ୍ତା, ପୁଣି ସେମାନଙ୍କର ତଦପେକ୍ଷା ଅନେକ ବେଶୀ ଲାଭ ହୁଅନ୍ତା । ଚାକିରି ବୁଝନ୍ତି ନାହିଁ କାବୁଲିମାନେ—ସ୍ୱାଧୀନତାର ଭାବ ସେମାନଙ୍କର ହାଡ଼େ ହାଡ଼େ । ସେମାନଙ୍କ ଭିତରୁ

ଜଣଙ୍କୁ ଗୁରୁଙ୍କର କଥା କହୁ ଦେଖ ତ ।

ପ୍ରଶ୍ନ : ମହାରାଜ higher education (ଉଚ୍ଚଶିକ୍ଷା) ଉଠାଇଦେଲେ ମନୁଷ୍ୟ ଯେଉଁଭଳି ଗୋରୁଗାଈ ଥିଲେ, ସେଭଳି ପୁଣି ଗୋରୁଗାଈ ହୋଇଯିବେ ଯେ !

ସ୍ୱାମୀଜୀ : ରାମ୍ ବୋଲ ! ସେମିତ ଚାହିଁକି ହେବ ? ସିଂହ୍ମ କଅଣ କେବେ ଶିଆଳ ହେବ ? ତୁ କଅଣ କହୁଛୁ ଯେଉଁ ଦେଶ ଚିରକାଳ ଜଗତକୁ ବିଦ୍ୟା ଦେଇଆସିଛି, Lord Curzon (ଲର୍ଡ଼ କର୍ଜନ) higher education ଉଠାଇଦେଲେ ବୋଲି କଅଣ ସେଦେଶବାସୀ ଲୋକେ ଗୋରୁଗାଈ ହୋଇଯିବେ ?

ପ୍ରଶ୍ନ : ଯେତେବେଳେ ଇଂରେଜମାନେ ଏ ଦେଶକୁ ଆସି ନ ଥିଲେ, ସେତେବେଳେ ଏ ଦେଶର ଲୋକ କଅଣ ଥିଲେ ? ଆଜି ବା କଅଣ ଅଛନ୍ତି ?

ସ୍ୱାମୀଜୀ : ବଡ଼ ବଡ଼ କଳକବ୍ଜା ତିଆରି କରିବା ଶିଖିଗଲେ high education ହୁଏ ନାହିଁ । Life-ର problem solve (ଜୀବନ-ସମସ୍ୟାର ସମାଧାନ) କରିବା ଦରକାର—ଯେଉଁ କଥା ଉପରେ ଆଜିକାଲି ସଭ୍ୟଜଗତ ଗଭୀର ଗବେଷଣାରେ ମଗ୍ନ, ଆଉ ଯାହାର ସିଦ୍ଧାନ୍ତ ହଜାରେ ବର୍ଷ ଆଗରୁ ଆମ ଦେଶରେ ହୋଇଯାଇଛି ।

ପ୍ରଶ୍ନ : ତେବେ ତୁମର ସେହି ବେଦାନ୍ତ ତ ବିଦାୟ ନେବାକୁ ବସିଥିଲା ?

ସ୍ୱାମୀଜୀ : ହଁ, ସମୟ ସମୟରେ ସେହି ବେଦାନ୍ତ-ଆଲୋକ ଟିକିଏ ଲିଭି ଲିଭି ଆସେ ଏବଂ ସେଥିପାଇଁ ଭଗବାନଙ୍କର ଆସିବା ଦରକାର ହୁଏ । ପୁଣି ସେ ଆସି ସେଥିରେ ଏଭଳି ଗୋଟାଏ ତେଜର ସଞ୍ଚାର କରିଦେଇ ଯାଆନ୍ତି ଯେ, ପୁଣି କିଛି କାଳ ପାଇଁ ତା'ର ଜ୍ୟୋତି ଲିଭେ ନାହିଁ । ବର୍ତ୍ତମାନ ସେହି ଶକ୍ତି ଆସିଯାଇଛି । ତୁମର ବଡ଼ଲାଟ high education ଉଠାଇଦେଲେ ଭଲ ହିଁ ହେବ ।

ପ୍ରଶ୍ନ : ଭାରତ ଯେ ସମଗ୍ର ଜଗତକୁ ବିଦ୍ୟାଦାନ କରିଆସିଛି, ତା'ର ପ୍ରମାଣ କଅଣ ?

ସ୍ୱାମୀଜୀ : ଇତିହାସ ହିଁ ତା'ର ପ୍ରମାଣ । ଏହି ବ୍ରହ୍ମାଣ୍ଡରେ ଯେତେ soul-elevating ideas (ପ୍ରାଣୋଦ୍ଦୀପକ ଭାବସମୂହ) ପ୍ରକାଶ ପାଇଛି; ପୁଣି ଯାହା କିଛି ବିଦ୍ୟା ଅଛି, ଅନୁସନ୍ଧାନ କଲେ ଦେଖିବାକୁ ମିଳିବ, ସେସବୁର ମୂଳ ଭାରତରେ ହିଁ ରହିଛି ।

ଏହି କଥା କହୁ କହୁ ସେ ଯେପରି ଉନ୍ମତ୍ତ ହୋଇଉଠିଲେ । ଏକେ ତ ଶରୀର ଅତ୍ୟନ୍ତ ଅସୁସ୍ଥ, ତାହା ଉପରେ ଦାରୁଣ ଗ୍ରୀଷ୍ମ; ମୁହୁର୍ମୁହୁଃ ତୃଷାର୍ତ୍ତ ହୋଇଉଠିଲେ । ଅନେକ ଥର ପାଣି ପିଇଲେ । ଏଥରକ କହିଲେ, 'ସିଂହ, ମୁନ୍ଦିଏ ବରଫଜଳ ପିଆ; ତୋତେ ସମସ୍ତ ବୁଝାଇ ଦେଉଛି ।'

ପାଣି ପିଇ ସାରି ପୁଣି କହିଲେ, 'ଆମମାନଙ୍କର କଅଣ ଦରକାର ଜାଣୁ ?—ସ୍ୱାଧୀନ ଭାବରେ ସ୍ୱଦେଶୀ ବିଦ୍ୟା ସହିତ ଇଂରାଜୀ ଓ science (ବିଜ୍ଞାନ) ପଢ଼ାଯାଉ । ଦରକାର technical education (କାରିଗରୀ ବିଦ୍ୟା ଶିକ୍ଷା)—ଯହିଁରେ industry (ଶିଳ୍ପ) ବଢ଼ିବ; ଲୋକମାନେ ଚାକିରି ନ କରି ଦୁଇ ପଇସା ଉପାର୍ଜନ କରି ଖାଇବାକୁ

ପାଇବେ ।’

ପ୍ରଶ୍ନ : ସେଦିନ ଟୋଲର କଥା କଅଣ କହୁଥିଲେ ?

ସ୍ୱାମୀଜୀ : ଉପନିଷଦ୍‌ର ଗଳ୍ପ କିଛି ପଢ଼ିଛୁ ତ ? ସତ୍ୟକାମ* ଗୁରୁଗୃହକୁ ବ୍ରହ୍ମଚର୍ଯ୍ୟ ଶିକ୍ଷା କରିବାକୁ ଗଲେ । ଗୁରୁ ତାଙ୍କୁ କେତେଗୁଡ଼ିଏ ଗୋରୁ ଦେଇ ଚରାଇବା ଲାଗି ବଣକୁ ପଠାଇଲେ । ଅନେକ ଦିନ ପରେ ଯେତେବେଳେ ଗୋରୁଙ୍କ ସଂଖ୍ୟା ଦୁଇ ଗୁଣ ହେଲା, ସେତେବେଳେ ସେ ଗୁରୁଗୃହକୁ ଫେରିବାର ଉପକ୍ରମ କଲେ । ଏହି ସମୟରେ ଗୋଟିଏ ଗୋରୁ, ଅଗ୍ନି ଏବଂ ଅନ୍ୟାନ୍ୟ କେତେଗୁଡ଼ିଏ ଜନ୍ତୁ ତାଙ୍କୁ ବ୍ରହ୍ମଜ୍ଞାନ ସମ୍ବନ୍ଧରେ ଅନେକ ଉପଦେଶ ଦେଲେ । ଯେତେବେଳେ ଶିଷ୍ୟ ଗୁରୁଗୃହକୁ ଫେରି ଆସିଲେ, ସେତେବେଳେ ଗୁରୁ ତାଙ୍କର ମୁଖ ଦେଖି ବୁଝିପାରିଲେ ଯେ, ଶିଷ୍ୟର ବ୍ରହ୍ମଜ୍ଞାନ ଲାଭ ହୋଇଅଛି । ଏହି ଗଳ୍ପର ଅର୍ଥ—ପ୍ରକୃତି ସହିତ ପ୍ରତିନିୟତ ବାସ କଲେ, ସେଥିରୁ ହିଁ ଯଥାର୍ଥ ଶିକ୍ଷା ମିଳିଥାଏ ।

ସେହିଭଳି ଉପାୟରେ ବିଦ୍ୟା ଉପାର୍ଜନ କରିବାକୁ ହେବ । ଖାଲି ପଣ୍ଡିତଙ୍କ ଟୋଲରେ ପଢ଼ିଲେ ବେଣପିନ୍ଧା ମାଙ୍କଡ଼ ହୋଇ ରହିଯିବ । ଗୋଟାଏ ଜ୍ୱଳନ୍ତ character (ଚରିତ୍ର) ନିକଟରେ ପିଲାଟି ବେଳରୁ ରହିବା ଦରକାର, ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖିବା ଆବଶ୍ୟକ । କେବଳ ‘ମିଥ୍ୟା କଥା କହିବା ବଡ଼ ପାପ’—ପଢ଼ିଲେ କିଛି ବି ହେବ ନାହିଁ । ପ୍ରତ୍ୟେକ ପିଲାକୁ Absolute (ଅଖଣ୍ଡ) ବ୍ରହ୍ମଚର୍ଯ୍ୟ ଶିକ୍ଷା ଦେବାକୁ ହେବ; ତେବେ ଯାଇ ଶ୍ରଦ୍ଧା ଓ ବିଶ୍ୱାସ ଆସିବ । ନଚେତ୍, ଯାହାର ଶ୍ରଦ୍ଧା ବିଶ୍ୱାସ ନାହିଁ, ସେ ମିଛ କଥା କାହିଁକି ନ କହିବ ? ଆମ ଦେଶରେ ଚିରକାଳ ତ୍ୟାଗୀ ଲୋକଙ୍କଦ୍ୱାରା ବିଦ୍ୟାର ପ୍ରଚାର ହୋଇଆସିଛି । ପଣ୍ଡିତମାନେ ହାତ ବଢ଼ାଇ ବିଦ୍ୟାକୁ ଟାଣିନେଇ କେତେଗୁଡ଼ିଏ ଟୋଲ୍ ଖୋଲି ଦେଶର ସର୍ବନାଶ କରି ବସିଛନ୍ତି । ଯେତେଦିନ ତ୍ୟାଗୀମାନେ ବିଦ୍ୟାଦାନ କରୁଥିଲେ, ସେତେଦିନ ଭାରତର କଲ୍ୟାଣ ହେଉଥିଲା ।

ପ୍ରଶ୍ନ : ଏହାର ଅର୍ଥ କଅଣ, ଆଜ୍ଞା ? ଅନ୍ୟ ସବୁ ଦେଶରେ ତ ତ୍ୟାଗୀ ସନ୍ନ୍ୟାସୀ ନାହାନ୍ତି, ତଥାପି ସେମାନଙ୍କ ବିଦ୍ୟାର ପ୍ରଭାବରେ ଭାରତ ତ ସେମାନଙ୍କ ଯୋତା ତଳେ ରହିଛି !

ସ୍ୱାମୀଜୀ : ଆରେ ବାବା, ପାଟି କର ନା, ଯାହା କହୁଛି ଶୁଣ୍ । ଭାରତ ଚିରକାଳ ମୁଣ୍ଡରେ ଯୋତା ବୋହିବ—ଯଦି ତ୍ୟାଗୀ ସନ୍ନ୍ୟାସୀମାନଙ୍କ ହାତରେ ପୁଣି ଭାରତକୁ ବିଦ୍ୟା-ଶିକ୍ଷା ଦେବାର ଦାୟିତ୍ୱ ନ ପଡ଼େ । ଜାଣୁ, ଗୋଟାଏ ନିରକ୍ଷର ତ୍ୟାଗୀ ପିଲା ପୁରୁଣାକାଳିଆ ବୁଢ଼ା ପଣ୍ଡିତମାନଙ୍କର ମୁଣ୍ଡ ଘୂରାଇ ଦେଇଥିଲା । ଦକ୍ଷିଣେଶ୍ୱରରେ ଠାକୁରଙ୍କ ପାଦ ଭୁଜାଟି ଭାଙ୍ଗି ପଡ଼ିଥିଲା । ପଣ୍ଡିତମାନେ ଆସି ସଭା କରି ପାଞ୍ଜି-ପୋଥି ଘିଣ୍ଟାଇ କହିଲେ, ‘ଏ ଠାକୁରଙ୍କ ସେବା ଚଳିବ ନାହିଁ; ନୂତନ ଠାକୁର ପ୍ରତିଷ୍ଠା କରିବାକୁ ହେବ ।’ ମହା ହୁଲସ୍ଥୂଲ ହେଲା । ଶେଷରେ ପରମହଂସ ମହାଶୟଙ୍କୁ ଡକାହେଲା । ସେ କହିଲେ, ‘ସ୍ୱାମୀର ଯଦି

---

* ଛାନ୍ଦୋଗ୍ୟ ଉପ., ୭।୪।୯

ପାଦ ଶ୍ରେଷ୍ଠ ହୋଇଯାଏ, ତେବେ ସ୍ତ୍ରୀ କଅଣ ସ୍ୱାମୀକୁ ତ୍ୟାଗ କରେ ?' ପଣ୍ଡିତ ବାବାଜୀମାନଙ୍କର ଆଉ ଟୀକା-ଟିପ୍ପଣୀ ଚଳିଲା ନାହିଁ । ଆରେ ବୋକା, ତାହା ଯଦି ହେବ ତ ପରମହଂସ ମହାଶୟ ଆସିବେ କାହିଁକି ? ପୁଣି ବିଦ୍ୟାକୁ ଏପରି ଉପେକ୍ଷା କରିବେ କାହିଁ ? ବିଦ୍ୟାଶିକ୍ଷାରେ ତାଙ୍କର ସେହି ନୂତନ ଶକ୍ତି ସଞ୍ଚାର ଦରକାର; ତେବେ ଯାଇ ଠିକ୍ ଠିକ୍ କାର୍ଯ୍ୟ ହେବ ।

ପ୍ରଶ୍ନ : ତାହା ତ ସହଜ କଥା ନୁହେଁ । କିପରି ହେବ ?

ସ୍ୱାମୀଜୀ : ସହଜ ହୋଇଥିଲେ ତାଙ୍କର ଆସିବା ଦରକାର ପଡ଼ନ୍ତା ନାହିଁ । ଏବେ ତୁମମାନଙ୍କୁ କଅଣ କରିବାକୁ ହେବ ଜାଣ ? ପ୍ରତି ଗ୍ରାମରେ, ପ୍ରତି ସହରରେ ମଠ ଖୋଲିବାକୁ ହେବ । କିଛି କରିପାରିବୁ ? କିଛି ହେଲେ କର । କଲିକତାରେ ବଡ଼ ଧରଣର ଗୋଟିଏ ମଠ କର । ଜଣେ ଲେଖାଏଁ ସୁଶିକ୍ଷିତ ସାଧୁ ସେଠାରେ ରହିବେ । ତାଙ୍କ ଅଧୀନରେ practical science (ବ୍ୟାବହାରିକ ବିଜ୍ଞାନ) ଓ ସମସ୍ତ ପ୍ରକାର art (କଳାକୌଶଳ) ଶିକ୍ଷା ଦେବା ପାଇଁ ପ୍ରତ୍ୟେକ branch (ବିଭାଗ)-ରେ specialist (ବିଶେଷଜ୍ଞ) ସନ୍ନ୍ୟାସୀ ରହିବେ ।

ପ୍ରଶ୍ନ : ସେଭଳି ସାଧୁ କେଉଁଠୁ ମିଳିବେ ?

ସ୍ୱାମୀଜୀ : ତିଆରି କରିନେବାକୁ ହେବ । ସେଥିପାଇଁ ତ କହୁଛି, କେତେଗୁଡ଼ିଏ ସ୍ୱଦେଶାନୁରାଗୀ ତ୍ୟାଗୀ ପିଲା ଦରକାର । ତ୍ୟାଗୀମାନେ ଯେତେ ଶୀଘ୍ର ଗୋଟାଏ ଗୋଟାଏ ବିଷୟ ଚୂଡ଼ାନ୍ତ ଭାବରେ ଶିଖିନେଇ ପାରିବେ, ସେଭଳି ତ ଆଉ କେହି ପାରିବେ ନାହିଁ ।

ତାହା ପରେ ସ୍ୱାମୀଜୀ କିଛି ସମୟ ଚୁପ୍ କରି ବସି ତମାଖୁ ଖାଇବାକୁ ଲାଗିଲେ । ପରେ କହିଉଠିଲେ, 'ଦେଖ ସିଂହ, ଗୋଟାଏ କିଛି କର । ଦେଶ ପାଇଁ କରିବାକୁ ଏତେ କାମ ଅଛି ଯେ, ତୋ ମୋ ଭଳି ହଜାର ହଜାର ଲୋକ ଦରକାର । ଖାଲି ଗପିଲେ କଅଣ ହେବ ? ଦେଶର ମହାଦୁର୍ଗତି ହୋଇଛି; କିଛି ନା କିଛି କର । ଶ୍ରେଷ୍ଠ ପିଲାମାନଙ୍କ ପଢ଼ିବା ପାଇଁ ଉପଯୁକ୍ତ ଖଣ୍ଡିଏ ବହି ବି ନାହିଁ ।'

ପ୍ରଶ୍ନ : ବିଦ୍ୟାସାଗର ମହାଶୟଙ୍କର ତ ଅନେକଗୁଡ଼ିଏ ବହି ଅଛି ।

ଏହି କଥା କହିବା ମାତ୍ରକେ ସ୍ୱାମୀଜୀ ଉଚ୍ଚସ୍ୱରରେ ହସିଉଠିଲେ । କହିଲେ, 'ଈଶ୍ୱର ନିରାକାର ଚୈତନ୍ୟସ୍ୱରୂପ', 'ଗୋପାଳ ଅତି ସୁବୋଧ ବାଳକ'—ଏଥିରେ କୌଣସି କାର୍ଯ୍ୟ ହେବ ନାହିଁ । ଏଥିରେ ମନ୍ଦ ବ୍ୟତୀତ ଭଲ ହେବ ନାହିଁ । ରାମାୟଣ, ମହାଭାରତ, ଉପନିଷଦ୍‌ରୁ ଶ୍ରେଷ୍ଠ ଶ୍ରେଷ୍ଠ ଗଳ୍ପ ନେଇ ଅତି ସହଜ ଭାଷାରେ କେତେଗୁଡ଼ିଏ ମାତୃଭାଷାରେ, ଆଉ କେତେଗୁଡ଼ିଏ ଇଂରାଜୀରେ ପୁସ୍ତକ ରଚନା କରିବା ଦରକାର । ସେହିଗୁଡ଼ିକ ଶ୍ରେଷ୍ଠ ପିଲାମାନଙ୍କୁ ପଢ଼ାଇବାକୁ ହେବ ।'

ସମୟ ପ୍ରାୟ ଏଗାରଟା; ଏହା ପୂର୍ବରୁ ପଶ୍ଚିମଦିଗରେ ଖଣ୍ଡେ ମେଘ ଦେଖା ଦେଇଥିଲା । ଏବେ ସେହି ମେଘ ସନ୍ ସନ୍ ଶବ୍ଦରେ ମାଡ଼ିଆସୁଛି । ସଙ୍ଗେ ସଙ୍ଗେ ବେଶ୍

ଶୀତଳ ପବନ ବହିଲା । ସ୍ୱାମୀଜୀଙ୍କର ଆନନ୍ଦର ସୀମା ନାହିଁ; ବୃଷ୍ଟି ହେବ । ସେ ଉଠି, 'ଆସ, ଗଙ୍ଗା କୂଳକୁ ଯିବା' କହି ମୋତେ ସଙ୍ଗରେ ଧରି ଭାଗୀରଥୀ କୂଳରେ ବୁଲିବାକୁ ଲାଗିଲେ । କାଳିଦାସଙ୍କ ମେଘଦୂତରୁ କେତେକ ଶ୍ଲୋକ ଆବୃତ୍ତି କଲେ; କିନ୍ତୁ ମନେ ମନେ ସେହି ଗୋଟିଏ ଚିନ୍ତା କରୁଥିଲେ—ଭାରତର ମଙ୍ଗଳ । କହିଲେ, 'ସିଂହ, ଗୋଟାଏ କାମ କରିପାରିବୁ ? ପିଲାଗୁଡ଼ାକଙ୍କର ଅଳ୍ପ ବୟସରେ ବିବାହ ବନ୍ଦ କରିଦେଇ ପାରିବୁ ?'

ମୁଁ ଉତ୍ତର ଦେଲି, 'ମହାରାଜ, ବିବାହ ବନ୍ଦ କରିବା ଚୁଲିକୁ ଯାଉ, ବାବୁମାନେ ଯଦ୍ଦ୍ୱାରା ବିବାହ ଶସ୍ତା ହେବ, ତା'ର କୌଶଳ କରୁଛନ୍ତି ।'

ସ୍ୱାମୀଜୀ : ପାଗଳ ହେଲୁ, କାହାର ସାଧ୍ୟ ଅଛି ସମୟର ଗତିକୁ ଫେରାଇବ ! ହଟ୍ଟଗୋଳ ହିଁ ସାର । ବିବାହ ଯେତେ ମହର୍ଘ ହେବ, ସେତେ ମଙ୍ଗଳ । ଯେଉଁଭଳି ପରୀକ୍ଷା ପାସ୍‌ର ଧୂମ୍, ସେହିଭଳି ବିବାହର ଧୂମ୍ ! ମନେହୁଏ, ଅବିବାହିତ ଆଉ କେହି ରହିଲେ ନାହିଁ; କିନ୍ତୁ ପରବର୍ଷ ପୁଣି ସେହି କଥା ।

ସ୍ୱାମୀଜୀ କିଛି ସମୟ ଚୁପ୍ ରହି ପୁନର୍ବାର କହିଲେ, 'ଯଦି କେତେଗୁଡ଼ିଏ ଅବିବାହିତ graduate (ଗ୍ରାଜୁଏଟ) ମିଳନ୍ତେ, ତାହାହେଲେ ସେମାନେ ଯେପରି ଜାପାନ ଯାଇ କାରିଗରୀ ଶିକ୍ଷା (technical education) ପାଇ ଆସନ୍ତେ । ତାହାର ଚେଷ୍ଟା କରାଗଲେ ଭାରି ଭଲ ହୁଅନ୍ତା ।'

ପ୍ରଶ୍ନ : କାହିଁକି ଆଜ୍ଞା ? ବିଲାତ ଯିବା ଅପେକ୍ଷା ଜାପାନ ଯିବା କାହିଁକି ଭଲ ?

ସ୍ୱାମୀଜୀ : ସହସ୍ର ଗୁଣରେ ! ମୁଁ କହେ, ଏ ଦେଶର ସମସ୍ତ ବଡ଼ଲୋକ ଓ ଶିକ୍ଷିତ ଲୋକ ଯଦି ଅନ୍ତତଃ ଥରେ ଜାପାନ ବୁଲି ଆସନ୍ତେ ତ ସେମାନଙ୍କ ଆଖି ଖୋଲିଯାଆନ୍ତା ।

ପ୍ରଶ୍ନ : କାହିଁକି ?

ସ୍ୱାମୀଜୀ : ସେଠାରେ ଏ ଦେଶ ଭଳି ବିଦ୍ୟାର ବଦ୍‌ହଜମ ନାହିଁ । ସେମାନେ ସାହେବମାନଙ୍କର ସବୁ କିଛି ଭଲ ଗୁଣ ନେଇଛନ୍ତି; କିନ୍ତୁ ସେମାନେ ଜାପାନୀ ହୋଇ ରହିଛନ୍ତି, ସାହେବ ହୋଇ ନାହାନ୍ତି । ତୁମ ଦେଶରେ ସାହେବ ହେବା ଯେ ଗୋଟାଏ ବିଷମ ରୋଗ ହୋଇଉଠିଛି ।

ମୁଁ : 'ମହାରାଜ, ମୁଁ କେତେଗୁଡ଼ିଏ ଜାପାନୀ ଛବି ଦେଖିଛି । ସେମାନଙ୍କ ଶିଳ୍ପ ଦେଖି ଅବାକ୍ ହେବାକୁ ହୁଏ । ପୁଣି ତାହାର ଭାବଟି ଯେପରି ସେମାନଙ୍କର ନିଜସ୍ୱ ବସ୍ତୁ—କାହାର ନକଲ କରିବାର ଯୁ ନାହିଁ ।

ସ୍ୱାମୀଜୀ : ଠିକ୍ । ଏହି ଶିଳ୍ପକଳା ପାଇଁ ସେମାନେ ଏତେ ବଡ଼ । ସେମାନେ ଯେ Asiatic (ଏସିଆବାସୀ) ! ଦେଖ୍ ନାହୁଁ, ଆମମାନଙ୍କର ସବୁ ଗଲାଣି; ତଥାପି ଯାହା ଅଛି, ତାହା ଅଦ୍ଭୁତ । Asiatic (ଏସିଆବାସୀ)-ମାନଙ୍କ ଜୀବନ କଳାରେ ରଞ୍ଜିତ । ପ୍ରତ୍ୟେକ ବସ୍ତୁରେ ଶିଳ୍ପକଳା ନ ରହିଲେ, ଏସିଆବାସୀ ତାହା ବ୍ୟବହାର କରନ୍ତି ନାହିଁ । ଆରେ, ଆମମାନଙ୍କର କଳା ଯେ ଧର୍ମର ଗୋଟାଏ ଅଙ୍ଗ । ଯେଉଁ କନ୍ୟା ଭଲ ଚିତା ପକାଇପାରେ, ତା'ର କେତେ ଆଦର ! ଠାକୁର ନିଜେ କେତେ ବଡ଼ artist (ଶିଳ୍ପୀ)

ଥିଲେ ।

ପ୍ରଶ୍ନ : ସାହେବମାନଙ୍କର ତ art (ଶିଳ୍ପକଳା) ବେଶ୍ ।

ସ୍ୱାମୀଜୀ : ଦୂର୍ ମୂର୍ଖ ! ଭୋଟେ ବା ଗ ଲଦେବ କାହିଁକି ? ଦେଶର ଦଶା ହିଁ ଏପରି ହୋଇଛି । ଦେଶ ଗୋଟାକର ଲୋକ ନିଜର ସୁନାକୁ ଗିଲ୍ଟି ଆଉ ପରର ଗିଲ୍ଟିକୁ ସୁନା ଦେଖୁଛନ୍ତି; ଏଇଟା ହେଉଛି ଆଜିକାଲିକାର ଶିକ୍ଷାର ଭେଲିକି । ଆରେ, ସାହେବମାନେ ଯେତେ ଧନୀ ହେଲେ ଏସିଆକୁ ଆସିଲେଣି, ସେହି ସମସ୍ତରୁ ସେମାନେ ଜୀବନରେ ଏହି ଶିଳ୍ପକଳାର ବିକାଶ କରାଇବାକୁ ଚେଷ୍ଟାକରିଛନ୍ତି ।

ମୁଁ : ମହାରାଜ, ଲୋକେ ଏଭଳି କଥା ଶୁଣିଲେ କହିବେ, ତୁମର ସବୁ ସମସ୍ତରେ pessimistic view (ନୈରାଶ୍ୟବାଦୀ ମତ) ।

ସ୍ୱାମୀଜୀ : ବାସ୍ତବିକ୍ ତ ତାହା । ମୋର ଇଚ୍ଛା ହୁଏ, ମୋ ଚକ୍ଷୁରେ ତୁମମାନଙ୍କୁ ସମସ୍ତ ଦେଖାନ୍ତି । ସେମାନଙ୍କର ଘରଦ୍ୱାରକୁ ଦେଖ—ସମସ୍ତ ସାଦାସିଧା । ତା'ର କୌଣସି ଅର୍ଥ ପାଇବ ? ଦେଖ ନା, ଏହି ଯେ ଏତେ ବଡ଼ବଡ଼ ଘର Government (ସରକାର)-ର ରହିଛି, ତାହାକୁ ଦେଖିଲେ ତା'ର କୌଣସି ଅର୍ଥ ବୁଝୁଛୁ ବୋଲି କହିପାରିବୁ ? ତାହାପରେ ସେମାନଙ୍କର ଲମ୍ବାପ୍ୟାଣ୍ଟ, ଚୁସ୍ତ କୋର୍ଟ, ଆମମାନଙ୍କ ମତରେ ଏକପ୍ରକାର ଲଙ୍ଗଳା । ନୁହେଁ ? ପୁଣି ତାହା ଉପରେ କି ଆଉଡ଼ା ! ଆମମାନଙ୍କ ଜନ୍ମଭୂମି ଥରେ ବୁଲି ଦେଖ । କେଉଁ building (ଅଟ୍ଟାଳିକା)-ଟାର ଅର୍ଥ ବୁଝି ନ ହେବ ? ସେଥିରେ ପୁଣି କେତେ ଶିଳ୍ପ ! ସେମାନଙ୍କ ପାଣି ପିଇବା ପାଇଁ ଗ୍ଲାସ, ଆମମାନଙ୍କର ତାଳ ବା ନୋଟା—କେଉଁଟାରେ art (ଶିଳ୍ପ) ରହିଛି ? ଆରେ ସାମାନ୍ୟ ଟିକିଏ Indian silk (ଭାରତୀୟ ରେଶମ) ଚୀନ ଦେଶରେ ନକଲ କରିବାକୁ ଯାଇ ପରାସ୍ତ ହେଲେ । ବର୍ତ୍ତମାନ ତାହା ଜାପାନ କିଣିନେଲା ୨୦ ହଜାର ଟଙ୍କାରେ, ସେମାନେ ଚେଷ୍ଟା କରି କୃତକାର୍ଯ୍ୟ ହୋଇଯାଇବେ ଭାବ ! ପଲ୍ଲୀଗ୍ରାମରେ ଗୃହୀମାନଙ୍କ ଘର ଦେଖିଛୁ ?

ଉତ୍ତର : ହଁ ।

ସ୍ୱାମୀଜୀ : କଅଣ ଦେଖିଛୁ ?

ମୁଁ ମୌନ ରହିଲି । କଅଣ ଦେଖିଛି, କଅଣ କହିବ ? ଶେଷରେ କହିଲି, 'ମହାରାଜ, ବେଶ୍ ଚକ୍‌କଣ—ପରିଷ୍କାର ।'

ସ୍ୱାମୀଜୀ : ସେମାନଙ୍କ ଧାନକୋଠୀ ଦେଖିଛୁ ? ସେଥିରେ କେତେ ଆର୍ଟ ! ମାଟି ଘର ଗୁଡ଼ିକ କିପରି ଚକଚକେ ! ପୁଣି ସାହେବମାନଙ୍କ ଦେଶରେ ଗରିବ ଲୋକମାନେ କିପରି ରହନ୍ତି, ତାହା ମଧ୍ୟ ଦେଖି ଆ । କଥା କଅଣ ଜାଣୁ ? ସାହେବମାନଙ୍କର utility (କାର୍ଯ୍ୟକାରିତା)ଏବଂ ଆମମାନଙ୍କର art (କଳା); ସେମାନଙ୍କର ସମସ୍ତ ଦ୍ରବ୍ୟରେ utility, ଆମମାନଙ୍କର ସର୍ବତ୍ର କଳା । ସେହି ଶିକ୍ଷା ଫଳରେ ଆମେମାନେ ଆମମାନଙ୍କର ଏତେ ସୁନ୍ଦର ଧାତୁନିର୍ମିତ ଜଳପାତ୍ର ଛାଡ଼ି ଏନାମେଲ୍ ଗ୍ଲାସକୁ ଘରକୁ ଆଣିଛୁ । ଏହିସବୁ utility ଆମ ଆମ ଭିତରେ ଏଭଳି ଭାବରେ ପ୍ରବେଶ କରିଛି ଯେ, ତାହା ବଦ୍‌ହଜମ ହୋଇପଡ଼ିଛି ।

ବର୍ତ୍ତମାନ ଦରକାର art ଓ utility (ଶିଳ୍ପ ଓ କାର୍ଯ୍ୟକାରିତା)-ର combination (ସମ୍ମିଶ୍ରଣ) । ଜାପାନ ଏହି ଗୁଣଟିକୁ ଅତି ଶୀଘ୍ର ଗ୍ରହଣ କରିପାରିଛି; ତେଣୁ ଏତେ ଶୀଘ୍ର ଉନ୍ନତି କରିଛି । ଏବେ ଓଲଟି ସେମାନେ ସାହେବମାନଙ୍କୁ ଶିକ୍ଷା ଦେବେ ।

ପ୍ରଶ୍ନ : ମହାରାଜ, କେଉଁ ଦେଶର ଲୁଗା ପିନ୍ଧା ଭଲ ?

ସ୍ୱାମୀଜୀ : ଆର୍ଯ୍ୟମାନଙ୍କର ଭଲ । ସାହେବମାନେ ଏ କଥା ସ୍ୱୀକାର କରନ୍ତି । କପଡ଼ା ଥାକ ଥାକ ସଜ୍ଜିତ ପୋଷାକ ! ଯେତେ ଦେଶର ରାଜପରିଚ୍ଛଦ, ସେସମସ୍ତ ଏକ ପ୍ରକାର ଆର୍ଯ୍ୟଜାତିମାନଙ୍କର ନକଲ; ସେହିଭଳି ଖାଙ୍ଗି ଖାଙ୍ଗି ରଖିବାର ଚେଷ୍ଟା, ଆଉ ତାହା ଜାତୀୟ ପୋଷାକର ସୀମା ବି ସ୍ପର୍ଶ କରେ ନାହିଁ । ଦେଖ ସିଂହ, ଏହି ହତଭାଗା ସାର୍ଟ ପିନ୍ଧିବା ଛାଡ଼ ।

ପ୍ରଶ୍ନ : କାହିଁକି ଆଜ୍ଞା ?

ସ୍ୱାମୀଜୀ : ଆରେ, ଏସବୁ ସାହେବମାନଙ୍କର underwear (ଅଧୋବାସ) । ସାହେବମାନେ ସେଗୁଡ଼ାକ ପିନ୍ଧିବାକୁ ଘୃଣା କରନ୍ତି । କି ହତଭାଗ୍ୟ ଦଶା ଆମମାନଙ୍କର ! ଯାହାହେଉ ଗୋଟାଏ କିଛି ପିନ୍ଧିଲେ ହିଁ ହେଲା । ଲୁଗା ପିନ୍ଧିବାର ଯେପରିକି ମା ବାପ ନାହିଁ । କାହାରି ଛୁଇଁବା ଖାଦ୍ୟ ଖାଇଲେ ଜାତି ଯାଏ, ଅସଙ୍ଗତ ଲୁଗାପଟା ପିନ୍ଧିଲେ ଯଦି ଜାତି ଯାଆନ୍ତା, ତେବେ ଖୁବ୍ ଭଲ ହୁଅନ୍ତା । କାହିଁକି, ଆମେମାନେ ନିଜ ଇଚ୍ଛାନୁସାରେ କିଅଣ କରିନେଇ ପାରିବା ନାହିଁ ? କୋଟ୍, ସାର୍ଟ ଦେହରେ ଗଳାଇବାକୁ ହେବ—ଏହାର ଅର୍ଥ କିଅଣ ?

ବର୍ଷା ହେଲା; ଆମମାନଙ୍କର ପ୍ରସାଦ ପାଇବାର ଘଣ୍ଟା ମଧ୍ୟ ବଜିଗଲା । ସ୍ୱାମୀଜୀ 'ଚାଲ, ଘଣ୍ଟା ବାଜିଲାଣି' କହି ମୋତେ ସାଙ୍ଗରେ ଧରି ପ୍ରସାଦ ପାଇବାକୁ ଗଲେ । ଆହାର କରୁ କରୁ ସ୍ୱାମୀଜୀ କହିଲେ, 'ଦେଖ ସିଂହ, concentrated food (ସାରଭୂତ ଖାଦ୍ୟ) ଖାଇବା ଉଚିତ । ଖାଲି ଗୁଡ଼ାଏ ଭାତରେ ପେଟ ଭର୍ତ୍ତି କରି ଖାଇବା ଆଳସ୍ୟର କାରଣ ।' ପୁଣି କିଛି ସମୟ ପରେ କହିଲେ, 'ଦେଖ, ଜାପାନୀମାନେ ଦିନ ଭିତରେ ଦୁଇ ଥର ବା ତିନି ଥର ଭାତ ଆଉ ଡାଲିର ଝୋଳ ଖାଆନ୍ତି । କିନ୍ତୁ ଖୁବ୍ ଯୁଆନ ଲୋକେ ବି ଅତି ଅଳ୍ପ ଖାଆନ୍ତି; ଥରେ କେବଳ ବେଶୀ । ପୁଣି ଯେଉଁମାନେ ସଙ୍ଗତିସମ୍ପନ୍ନ, ସେମାନେ ପ୍ରତ୍ୟହ ମାଂସ ଖାଆନ୍ତି । ଆମମାନଙ୍କର ଯେ ଦୁଇ ଥର ଆହାର ତଣ୍ଟି ପର୍ଯ୍ୟନ୍ତ ଠେସା । ପେଟେ ଭାତ ହଜମ କରିବାରେ ସମସ୍ତ energy (ଶକ୍ତି) ଚାଲିଯାଏ ।'

ପ୍ରଶ୍ନ : ମାଂସ ଖାଇବାଟା ଆମ ସମସ୍ତଙ୍କ ପକ୍ଷରେ ସୁବିଧାଜନକ କି ?

ସ୍ୱାମୀଜୀ : କାହିଁକି, କମ୍ କରି ଖାଇବ ? ପ୍ରତ୍ୟହ ଏକ ପାଆ ଖାଇଲେ ହିଁ ଖୁବ୍ ହେବ । କିଅଣ ଜାଣିଛୁ ? ଦରିଦ୍ରତାର ପ୍ରଧାନ କାରଣ ଆଳସ୍ୟ । ସାହେବ ରାଗରେ କଣକର ଦରମା କମାଇଦେଲେ; ସେ ପିଲାଙ୍କର ଦୁଧ କମାଇଦେଲା, ହୁଏତ ଓଳିଏ ମୁଢ଼ି ଖାଇ କଟାଇଦେଲା ।

ପ୍ରଶ୍ନ : ତାହା ନ କରି ଆଉ କିଅଣ କରିଥାନ୍ତା ?

ସ୍ୱାମୀଜୀ : କାହିଁକି ! ଆଉ ଅଧିକ ପରିଶ୍ରମ କରି ଯଦ୍ୱାରା ଖାଇବାଟା ଠିକ୍ ବଜାୟ ରଖାଯାଏ, ସେତିକି ସେ କରିପାରି ନ ଥାନ୍ତା ? ସାହିରେ ଦୁଇ ଘଣ୍ଟା ଆଡ୍ଡା ମାରିବା ଦରକାର ! ଲୋକେ ସମୟର ଯେ କେତେ ଅପବ୍ୟୟ କରନ୍ତି, ତାହା ଆଉ କଅଣ କହିବି !

ଆହାରାନ୍ତେ ସ୍ୱାମୀଜୀ ଟିକିଏ ବିଶ୍ରାମ କରିବାକୁ ଗଲେ ।

***

ଦିନେ ସ୍ୱାମୀଜୀ ବାଗ୍‌ବଜାରର ସ୍ୱର୍ଗୀୟ ବଲରାମ ବସୁଙ୍କ ଗୃହରେ ଥିଲେ, ମୁଁ ତାଙ୍କୁ ଦର୍ଶନ କରିବାକୁ ଗଲି । ତାଙ୍କ ସହିତ ଆମେରିକା ଓ ଜାପାନ ସମ୍ପର୍କରେ ଅନେକ ଆଲୋଚନା ହେଲା ପରେ ମୁଁ ପଚାରିଲି ।

ପ୍ରଶ୍ନ : ସ୍ୱାମୀଜୀ, ଆମେରିକାରେ କେତେ ଜଣ ଶିଷ୍ୟ କରିଛନ୍ତି ?

ସ୍ୱାମୀଜୀ : ଅନେକ ।

ପ୍ରଶ୍ନ : ଦୁଇ ଚାରି ହଜାର !

ସ୍ୱାମୀଜୀ : ତେର ବେଶୀ ।

ପ୍ରଶ୍ନ : କଅଣ ସମସ୍ତେ ମନ୍ତ୍ରଶିଷ୍ୟ ?

ସ୍ୱାମୀଜୀ : ହଁ ।

ପ୍ରଶ୍ନ : କି ମନ୍ତ୍ର ଦେଇଛନ୍ତି ସ୍ୱାମୀଜୀ ? ସମସ୍ତଙ୍କୁ କଅଣ ପ୍ରଣବଯୁକ୍ତ ମନ୍ତ୍ର ଦେଇଛନ୍ତି ?

ସ୍ୱାମୀଜୀ : ସମସ୍ତଙ୍କୁ ପ୍ରଣବଯୁକ୍ତ ମନ୍ତ୍ର ଦେଇଛି ।

ପ୍ରଶ୍ନ : ମହାରାଜ ! ଲୋକେ କହନ୍ତି, ଶୂଦ୍ରର ପ୍ରଣବରେ ଅଧିକାର ନାହିଁ; ସେମାନେ ତ ମ୍ଳେଚ୍ଛ । ସେମାନଙ୍କୁ କିପରି ଆପଣ ପ୍ରଣବମନ୍ତ୍ର ଦେଲେ ? ବ୍ରାହ୍ମଣଙ୍କ ବ୍ୟତୀତ ଆଉ କାହାର ତ ପ୍ରଣବ-ଉଚ୍ଚାରଣରେ ଅଧିକାର ନାହିଁ ?

ସ୍ୱାମୀଜୀ : ଯେଉଁମାନଙ୍କୁ ମନ୍ତ୍ର ଦେଇଛି, ସେମାନେ ଯେ ବ୍ରାହ୍ମଣ ନୁହନ୍ତି, ତାହା ତୁ କିପରି ଜାଣିଲୁ ?

ପ୍ରଶ୍ନ : ଭାରତ ବ୍ୟତୀତ ଆଉ ସମସ୍ତ ତ ଯବନ ଓ ମ୍ଳେଚ୍ଛଙ୍କ ଦେଶ; ସେମାନଙ୍କ ମଧ୍ୟରେ ପୁଣି ବ୍ରାହ୍ମଣ ଆସିଲେ କୁଆଡ଼ୁ ?

ସ୍ୱାମୀଜୀ : ମୁଁ ଯେଉଁମାନଙ୍କୁ ମନ୍ତ୍ର ଦେଇଛି, ସେମାନେ ସମସ୍ତେ ବ୍ରାହ୍ମଣ । ଏକଥା ଠିକ୍, ବ୍ରାହ୍ମଣ ନ ହେଲେ ପ୍ରଣବର ଅଧିକାରୀ ହୋଇ ନ ପାରନ୍ତି । ବ୍ରାହ୍ମଣର ପିଲା ଯେ ବ୍ରାହ୍ମଣ ହେବ, ତା'ର କିଛି ଅର୍ଥ ନାହିଁ; ହେବାର ଖୁବ୍ ସମ୍ଭାବନା, ମାତ୍ର ନ ହୋଇ ବି ପାରନ୍ତି । ବାଗ୍‌ବଜାରର ଅଘୋର ଚକ୍ରବର୍ତ୍ତୀର ପୁତୁରା ଯେ ମେହେନ୍ତର ହୋଇଛି । ମୁଣ୍ଡରେ ମୂତ୍ରର ମଇଳାହାଣ୍ଡି ବୋହିନିଏ ! ସେ ତ ପୁଣି ବ୍ରାହ୍ମଣସନ୍ତାନ !

ପ୍ରଶ୍ନ : ଆଜ୍ଞା, ଆପଣ ଆମେରିକା-ଇଂଲଣ୍ଡରେ ବ୍ରାହ୍ମଣ କେଉଁଠାରୁ ପାଇଲେ ?

ସ୍ୱାମୀଜୀ : ବ୍ରାହ୍ମଣ ଜାତି ଓ ବ୍ରାହ୍ମଣ୍ୟ ଗୁଣ—ଏ ଦୁଇଟି ଅଲଗା ଜିନିଷ । ଏଠାରେ ସମସ୍ତେ ଜାତିରେ ବ୍ରାହ୍ମଣ; ସେଠାରେ ଗୁଣରେ । ଯେଉଁଭଳି ସତ୍ତ୍ୱ, ରଜଃ, ତମଃ—ତିନୋଟି

ଗୁଣ ଅଛି ଜାଣ୍ତୁ; ସେହିପରି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର ବୋଲି ଗଣ୍ୟ ହେବାର ଗୁଣ ମଧ୍ୟ ଅଛି । ଏହି ତୁମ ଦେଶରେ କ୍ଷତ୍ରିୟ ଗୁଣ ମଧ୍ୟ ପ୍ରାୟ ଲୋପ ପାଇଯାଇଛି । ସେହିପରି ବ୍ରାହ୍ମଣ୍ୟ ଗୁଣଟା ମଧ୍ୟ ପ୍ରାୟ ଲୋପ ପାଇଛି । ସେଦେଶରେ ବର୍ତ୍ତମାନ ସମସ୍ତେ କ୍ଷତ୍ରିୟତ୍ୱରୁ ବ୍ରାହ୍ମଣତ୍ୱ ପାଉଛନ୍ତି ।

ପ୍ରଶ୍ନ : ତା' ଅର୍ଥ, ସେଠାର ସାତ୍ତ୍ୱିକ-ଭାବର ଲୋକମାନଙ୍କୁ ତୁମେ ବ୍ରାହ୍ମଣ କହୁଛ ?

ସ୍ୱାମୀଜୀ : ଠିକ୍ ତାହା । ସତ୍ତ୍ୱ, ରଜଃ, ତମଃ ଯେଉଁପରି ସମସ୍ତଙ୍କ ମଧ୍ୟରେ ଅଛି— କେଉଁଟା କାହା ମଧ୍ୟରେ କମ୍, କେଉଁଟା କାହା ମଧ୍ୟରେ ବେଶୀ, ସେହିଭଳି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ହେବାର କେତେକ ଗୁଣ ସମସ୍ତଙ୍କ ମଧ୍ୟରେ ରହିଛି । ତେବେ ଏ କେତେଟା ଗୁଣ ସମୟ ସମୟରେ କମ୍ ବେଶୀ ହୁଏ । ପୁଣି ସମୟ ସମୟରେ ଗୋଟାଏ ଗୋଟାଏ ବି ପ୍ରକାଶ ପାଏ । ଗୋଟାଏ ଲୋକ ଯେତେବେଳେ ଚାକିରି କରେ, ସେତେବେଳେ ସେ ଶୂଦ୍ରତ୍ୱ ପାଏ । ଯେତେବେଳେ ଦୁଇ ପଇସା ରୋଜଗାରର ଫିକରରେ ଥାଏ, ସେତେବେଳେ ସେ ବୈଶ୍ୟ; ପୁଣି ଯେତେବେଳେ ମାରାମାରି ଇତ୍ୟାଦି କରେ, ସେତେବେଳେ ତା' ଭିତରେ କ୍ଷତ୍ରିୟତ୍ୱ ପ୍ରକାଶ ପାଏ । ଆଉ ଯେତେବେଳେ ସେ ଭଗବାନଙ୍କ ଚିନ୍ତାରେ ବା ଭଗବତ୍-ପ୍ରସଙ୍ଗରେ ଜୀବନ କଟାଏ, ସେତେବେଳେ ସେ ବ୍ରାହ୍ମଣ । ଗୋଟିଏ ଜାତିରୁ ଆଉ ଗୋଟିଏ ଜାତି ହୋଇଯିବା ସ୍ୱାଭାବିକ । ବିଶ୍ୱାମିତ୍ର ଓ ପରଶୁରାମ—ଜଣେ ବ୍ରାହ୍ମଣ ଓ ଅନ୍ୟ ଜଣେ କ୍ଷତ୍ରିୟ କିପରି ହେଲେ ?

ପ୍ରଶ୍ନ : ଏ କଥା ତ ଖୁବ୍ ଠିକ୍ ବୋଲି ମନେହେଉଛି; କିନ୍ତୁ ଆମ ଦେଶରେ ଅଧ୍ୟାପକ ଏବଂ କୁଳଗୁରୁମାନେ ସେଭଳି ଭାବରେ ଶିକ୍ଷା ଦୀକ୍ଷା କାହିଁକି ଦେଉ ନାହାନ୍ତି ?

ସ୍ୱାମୀଜୀ : ଏହା ତୁମ ଦେଶର ଗୋଟିଏ ବିଷମ ରୋଗ । ଛାଡ଼ । ସେଦେଶରେ ଯେଉଁମାନେ ଧର୍ମ କରିବାକୁ ଆରମ୍ଭ କରନ୍ତି, ସେମାନେ କେତେ ନିଷ୍ଠାର ସହିତ ଜପ-ତପ, ସାଧନ-ଭଜନ କରନ୍ତି !

ପ୍ରଶ୍ନ : ଆଜ୍ଞା, ଶୁଣିବାକୁ ମିଳେ, ସେମାନଙ୍କ ଆଧ୍ୟାତ୍ମିକ ଶକ୍ତି ଅତି ଶୀଘ୍ର ପ୍ରକାଶ ପାଏ । ଶରତ୍ ମହାରାଜଙ୍କ ନିକଟରେ ତାଙ୍କର ଜଣେ ପାଶ୍ଚାତ୍ୟ ଶିଷ୍ୟ କେବଳ ଚାରି ମାସ ସାଧନଭଜନ କରି ଯେଉଁ ସମସ୍ତ କ୍ଷମତା ହାସଲ କରିଛନ୍ତି, ତାହା ଲେଖି ପଠାଇଛନ୍ତି । ଶରତ୍ ମହାରାଜ ତାହା ଦେଖାଉଥିଲେ ।

ସ୍ୱାମୀଜୀ : ହଁ, ତେବେ ବୁଝ, ସେମାନେ ବ୍ରାହ୍ମଣ କି ନାହିଁ—ତୁମ ଦେଶରେ ଯେ ମହାଅତ୍ୟାଚାର ଫଳରେ ସମସ୍ତ ଲୋପ ପାଇବାର ଉପକ୍ରମ ହେଉଛି ! ଗୁରୁଠାକୁର ମନ୍ତ୍ର ଦିଅନ୍ତି, ତାହା ସେମାନଙ୍କର ଗୋଟାଏ ବ୍ୟବସାୟ । ପୁଣି ଗୁରୁଶିଷ୍ୟ ସମ୍ବନ୍ଧଟା କିପରି ! ଠାକୁର-ମହାଶୟଙ୍କ ଘରେ ଚାଉଳ ନାହିଁ । ସ୍ତ୍ରୀ କହିଲେ, 'ଆହେ, ଟିକିଏ ଶିଷ୍ୟମାନଙ୍କ ଘରେ ବୁଲି ଆସ; ପଶା ଖେଳିଲେ କଅଣ ପେଟ ପୂରିବ ?' ବ୍ରାହ୍ମଣ ଉତ୍ତର ଦେଲେ, 'ହଁ ଲୋ, କାଲି ମନେପକାଇଦେବୁ । ଅମୁକ ସ୍ତ୍ରୀଲୋକର ଅବସ୍ଥା ବେଶ୍ ଭଲ ହୋଇଛି ବୋଲି ଶୁଣୁଛି; ପୁଣି ତା' ଘରକୁ ଅନେକ ଦିନ ହେଲାଣି ଯାଇ ନାହିଁ ।' ଏହି ତ ତୁମ ଦେଶର ଗୁରୁ; ପାଶ୍ଚାତ୍ୟ

ଦେଶରେ ଆଜଯାଏ ଏ ପ୍ରକାର ହୋଇ ନାହିଁ । ସେଠାରେ ଅନେକଟା ସୁବିଧା ରହିଛି ।

***

ପ୍ରତିବର୍ଷ ଶ୍ରୀଶ୍ରୀରାମକୃଷ୍ଣ ଉତ୍ସବ ଦିନ ଗୋଟିଏ ଅପରୂପ ଦୃଶ୍ୟ ଦେଖାଯାଏ । ବଙ୍ଗଦେଶରେ ଏହା ଯେ ଗୋଟିଏ ସୁବୃହତ୍ ମେଳା, ସେଥିରେ ଆଉ ସନ୍ଦେହ ନାହିଁ । ଏଠାରେ ଦଶ-ପନ୍ଦର ହଜାର ଲୋକ ଏକତ୍ର ହେଲେ ମଧ୍ୟ ସେଭଳି ଠେଲାପେଲା ହୁଏ ନାହିଁ; କାରଣ ଅଧିକାଂଶ ହିଁ ଶିକ୍ଷିତ ଭଦ୍ରସନ୍ତାନ । ମାତ୍ର ଏଠାରେ ମଧ୍ୟ ସମସ୍ତ ସମୟରେ ଏହି ଭଳିର ସଂପୂର୍ଣ୍ଣ ବିପରୀତ ଭାବ ପରିଲକ୍ଷିତ ହୁଏ । ଷ୍ଟିମର ଆସି ମଠ ପାଖରେ ଲାଗିଲା; ଆଉ ରକ୍ଷା ନାହିଁ—ସମସ୍ତଙ୍କୁ ହିଁ ଆଗ ଓହ୍ଲାଇବାକୁ ପଡ଼ିବ । ମଠରୁ ପ୍ରତ୍ୟାବର୍ତ୍ତନ ସମୟରେ ଷ୍ଟିମରରେ ଉଠିବା ଦେଖିଲେ ଠିକ୍ ସେହି ଅବସ୍ଥା । କିଏ କାହା ଉପରେ ପଡ଼େ ତା'ର ଠିକଣା ନାହିଁ ।

ସ୍ୱାମୀଜୀଙ୍କ ସହିତ ଦିନେ ମଠରେ ତାଙ୍କର ଜଣେ ବନ୍ଧୁଙ୍କ ସହିତ ଆମ ଜାତିର ଏହି ଅଂଯତ ଭାବ ବିଷୟରେ ଆଲୋଚନା ହେଲା । ସେ ଦୁଃଖ ପ୍ରକାଶ କରି କହିଥିଲେ, 'ଦେଖ, ଆମର ଗୋଟାଏ ପୁରୁଣା କଥା ଅଛି—

'ଯଦି ନ ପଢ଼େ ପୁଅ, ସଭାରେ ନେଇ ଥୁଅ ।' କଥାଟି ଖୁବ୍ ପୁରାତନ । ପୁଣି ସଭା ମାନେ ସାମାଜିକ ଗୋଟିଏ ଦୁଇଟି ମିଳନ—ଯାହା କେବେ କପରି କାହା ଗୃହରେ ହୁଏ, ତାହା ନୁହେଁ; ସଭା ହେଉଛି ରାଜ-ଦରବାର । ଆଗେ ଆମମାନଙ୍କ ଦେଶରେ ଯେଉଁ ସମସ୍ତ ସ୍ୱାଧୀନ ବଙ୍ଗାଳୀ ରାଜା ଥିଲେ, ସେମାନଙ୍କର ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ସଭା ବସୁଥିଲା । ସକାଳେ ସମସ୍ତ ରାଜକାର୍ଯ୍ୟ । ଖବରକାଗଜ ତ ଆଉ ନ ଥିଲା, ସମସ୍ତ ମୁଖିଆ ଭଦ୍ରଲୋକଙ୍କ ପାଖରୁ ରାଜ୍ୟର ପ୍ରାୟ ସବୁ ଖବର ସଂଗ୍ରହ କରାଯାଏ; ପୁଣି ସେହି ସଭାକୁ ରାଜଧାନୀର ସମସ୍ତ ଭଦ୍ରଲୋକ ଆସନ୍ତି । ଯଦି କେହି ନ ଆସନ୍ତି ତାଙ୍କର ଖୋଜ-ଖବର ନିଆ ହୁଏ । ଏହି ସମସ୍ତ ଦରବାର—ସଭା ଆମ ଦେଶର କିମ୍ବା ସମସ୍ତ ସଭ୍ୟ ଦେଶର ସଭ୍ୟତାର centre (କେନ୍ଦ୍ର) ଥିଲା । ପଶ୍ଚିମରେ ରାଜପୁତାନାରେ ତାହା ଆମଠାରୁ ଢେର୍ ଭଲ ଥିଲା । ସେଠାରେ ଆଜିକାଲି ମଧ୍ୟ ଏହିପରି ସଭା କେତେକ ପରିମାଣରେ ହୋଇଥାଏ ।

ପ୍ରଶ୍ନ : ବର୍ତ୍ତମାନ ଦେଶୀୟ ରାଜା ଆମ ଦେଶରେ ନାହାନ୍ତି ବୋଲି କଅଣ ଦେଶର ଲୋକମାନେ ଏତେ ଅସଭ୍ୟ ହୋଇ ଉଠିଛନ୍ତି ?

ସ୍ୱାମୀଜୀ : ଏସବୁ ଗୋଟାଏ ଅବନତି—ଯାହା ମୂଳରେ ସ୍ୱାର୍ଥପରତା!, ଏହା ତାହାର ଲକ୍ଷଣ । ଜାହାଜରେ ଉଠିବା ସମୟରେ 'ବୃହୁ, ନିଜର ପରାଣ ବଞ୍ଚା', ପୁଣି ସଙ୍ଗୀତ ଗାନ ସମୟରେ 'ଆମ୍‌ବଡ଼ା'—ଏହା ହିଁ ହେଉଛି ଭିତରର ଭାବ । ଟିକିଏ self-sacrifice (ଆତ୍ମତ୍ୟାଗ) ଶିକ୍ଷା କଲେ ଏ ସ୍ୱଭାବ ଯିବ । ଏହା ପିତାମାତାଙ୍କର ଦୋଷ—ଠିକ୍ ଠିକ୍ ସୌଜନ୍ୟ ଶିଖାଇ ନାହାନ୍ତି । ସୁ-ସଭ୍ୟତା ଆତ୍ମତ୍ୟାଗର ମୂଳ ପିଣ୍ଡ ।

ସ୍ୱାମୀଜୀ କହିବାକୁ ଲାଗିଲେ : ପିତାମାତାଙ୍କ ଅନ୍ୟାୟ ତାଗିଦା ଫଳରେ ପିଲାମାନେ ଯେ ଟିକିଏ ସ୍ଫୁର୍ତ୍ତି କରିପାରନ୍ତି ନାହିଁ । 'ଗୀତ ଗାଇବା ବଡ଼ ଦୋଷ'—ଗୋଟାଏ ଭଲ ଗୀତ

ଶୁଣିଲେ କଅଣ ପିଲାର ମନ ଛଟପଟ ହୁଏ—ସେ କିଭଳି ନିଜ ଗଳାରୁ ତାହା ବାହାର କରିବ । ତାହାଫଳରେ ସେ ଗୋଟାଏ ଆଡ୍‌ଡା ଖୋଜେ । 'ତମାଖୁ ଖାଇବାଟା ମହାପାପ' —ଫଳରେ ସେ ଚାକରମାନଙ୍କ ସହିତ ଆଡ୍‌ଡା ଦେବ ନାହିଁ ତ କଅଣ କରିବ ? ସମସ୍ତଙ୍କ ଭିତରେ ସେହି infinite (ଅନନ୍ତ) ଭାବ ରହିଛି—ସେହିସବୁ ଭାବର କୌଣସି ପ୍ରକାର ଅଭିବ୍ୟକ୍ତି ଦରକାର । ତୁମ ଦେଶରେ ତାହା ହେବାର ଉପାୟ ନାହିଁ । ତାହା କରିବାକୁ ହେଲେ ପିତା-ମାତାଙ୍କୁ ନୂଆ କରି ଶିକ୍ଷା ଦେବାକୁ ହେବ ! ଏହି ତ ଅବସ୍ଥା ! ସୁସଭ୍ୟ ନୁହନ୍ତି, ତା' ଉପରେ ପୁଣି ତୁମର ଶିକ୍ଷିତ ବଡ଼ ବଡ଼ ବାବୁମାନେ ଚାହାଁନ୍ତି କଅଣ କି— ଇଂରେଜମାନେ ରାଜ୍ୟଟାକୁ ବର୍ତ୍ତମାନ ସେମାନଙ୍କ ହାତରେ ଛାଡ଼ିଦିଅନ୍ତୁ, ସେମାନେ ରାଜ୍ୟଟା ଚଳାଇବେ । ଦୁଃଖ ହୁଏ, ହସ ମଧ୍ୟ ମାଡ଼େ । ଆରେ ସେ martial (ସାମରିକ) ଭାବ କାହିଁ ? ତାହାର ମୂଳରୁ ଯେ ଦାସଭାବ ସାଧନ କରିବା ଦରକାର, ନିର୍ଭରତା ଦରକାର । 'ହାମ୍‌ବଡ଼ା' martial ଭାବ ନୁହେଁ । ହୁକୁମ ମାନି ମୁଣ୍ଡ ଦେବାକୁ ହେବ, ତେବେ ଯାଇ ମୁଣ୍ଡ ନେଇପାରିବ । ଆମ ନିଜକୁ ବଳି ଦେବାକୁ ପଡ଼ିବ ।

ଶ୍ରୀଶ୍ରୀରାମକୃଷ୍ଣଦେବଙ୍କ କୌଣସି ଭକ୍ତ ଲେଖକ, ଯେଉଁମାନେ ଭଗବାନ୍ ରାମକୃଷ୍ଣ-ଦେବଙ୍କୁ ଈଶ୍ୱରାବତାର ବୋଲି ବିଶ୍ୱାସ କରନ୍ତି ନାହିଁ, ସେମାନଙ୍କ ପ୍ରତି କଟାକ୍ଷ କରି ତାଙ୍କର କୌଣସି ପୁସ୍ତକରେ ଲେଖିଥିଲେ ବୋଲି ସ୍ୱାମୀଜୀ ତାଙ୍କୁ ଡକାଇ ଉତ୍ତେଜିତ ଭାବରେ କହିବାକୁ ଲାଗିଲେ : ଏଭଳି ଭାବରେ ସମସ୍ତଙ୍କୁ ଗାଳିଦେଇ ଲେଖିବାର ତୋର କଅଣ ଦରକାର ଥିଲା ? ସେମାନେ ତୋ ଠାକୁରଙ୍କୁ ବିଶ୍ୱାସ କରନ୍ତି ନାହିଁ, ସେଥିରେ ବା କଅଣ ହୋଇଗଲା ? ଆମେ ଗୋଟାଏ ଦଳ ଗଢ଼ିଛୁ ନା କଅଣ ? ଆମେ କଅଣ ରାମକୃଷ୍ଣ-ଭଜା ଯେ, ତାଙ୍କୁ ଯେ ଭଜିବେ ନାହିଁ, ସେ ଆମର ଶତ୍ରୁ ? ତୁ ତ ତାଙ୍କୁ (ରାମକୃଷ୍ଣଦେବଙ୍କୁ) ନୀଚ କରି ପକାଇଲୁ, ଗ୍ରେଟ କରିଦେଲୁ । ତୋର ଠାକୁର ଯଦି ଭଗବାନ, ତା'ହେଲେ ଯେ ଯେପରି ଭାବରେ ଡାକୁଛି, ତାଙ୍କୁ ହିଁ ତ ଡାକୁଛି । ତା'ହେଲେ ତୁ ସମସ୍ତଙ୍କୁ ଗାଳି ଦେବାକୁ କିଏ ? ନା, ଗାଳି ଦେଲେ ସମସ୍ତେ ତୋ କଥା ଶୁଣିବେ ? ଆରେ ବୋକା, ମୁଣ୍ଡ ଦେଇପାରିଲେ ତେବେ ଯାଇ ମୁଣ୍ଡ ନେଇପାରିବୁ; ନ ହେଲେ ତୋ କଥା ଲୋକେ ଶୁଣିବେ କାହିଁକି ?

ସେ କିଛିକ୍ଷଣ ସ୍ଥିର ହୋଇ ପୁନର୍ବାର କହିବାକୁ ଲାଗିଲେ :

ବୀର ନ ହେଲେ କେହି କ'ଣ ବିଶ୍ୱାସ କରିପାରେ, ନା ନିର୍ଭର କରିପାରେ ? ବୀର ନ ହେଲେ ହିଂସାଦ୍ୱେଷ ତ ଯାଏ ନାହିଁ, ପୁଣି ସଭ୍ୟ ହେବ କିପରି ? ସେହି manly (ପୁରୁଷୋଚିତ) ଶକ୍ତି, ସେହି ବୀରଭାବ ତୁମ ଦେଶରେ କାହିଁ ? ନାହିଁ, ନାହିଁ, ଆଦୌ ନାହିଁ । ଏହା ମୁଁ ଢେର୍ ଖୋଜି ଦେଖିଛି; ଗୋଟାଏ ବ୍ୟତୀତ ଦ୍ୱିତୀୟ ଦେଖିବାକୁ ପାଇ ନାହିଁ ।

ପ୍ରଶ୍ନ : କାହାକୁ ଦେଖିଛନ୍ତି, ସ୍ୱାମୀଜୀ ?

ସ୍ୱାମୀଜୀ : କେବଳ G. C. (ଗିରିଶଚନ୍ଦ୍ର); ସେ ଯଥାର୍ଥ ନିର୍ଭରଶୀଳ; ଠିକ୍ ଦାସ-ଭାବ । ମୁଣ୍ଡ ଦେବା ପାଇଁ ପ୍ରସ୍ତୁତ । ସେହି କାରଣରୁ ଠାକୁର ତାଙ୍କର ଆମ୍‌ମୋକ୍ତାରନାମା

ନେଇଥିଲେ । କି ନିର୍ଭର ! ଏଭଳି ଆଉ ଦେଖି ନାହିଁ । ନିର୍ଭରତା ତାଙ୍କର୍ ପାଖରୁ ଶିଖିଛୁ ।

ଏହା କହି ସ୍ୱାମୀଜୀ ହାତ ଟେକି ଗିରିଶବାବୁଙ୍କ ଉଦ୍ଦେଶ୍ୟରେ ନମସ୍କାର କଲେ ।

***

ଦ୍ୱିତୀୟ ଥର ସ୍ୱାମୀଜୀଙ୍କର ଆମେରିକା ଯିବା ଲାଗି ସମସ୍ତ ଉଦ୍‌ଯୋଗ ହେଉଛି; ସେ ଅନେକ ପରିମାଣରେ ସୁସ୍ଥ ଅଛନ୍ତି । ଦିନେ ସକାଳେ କଲିକତାର କୌଣସି ବନ୍ଧୁଙ୍କ ସହିତ ସାକ୍ଷାତ୍ କରିବାକୁ ସେ ଯାଇଥିଲେ । ସେଠାରୁ ଫେରି ବାଗ୍‌ବଜାରରେ ସ୍ୱର୍ଗୀୟ ବଲରାମ-ବାବୁଙ୍କ ଗୃହରେ ଆସି ଉପସ୍ଥିତ ହେଲେ । ଜଣେ ନୌକା ଡାକିବାକୁ ଯାଇଥିଲେ— ସ୍ୱାମୀଜୀ ସଙ୍ଗେ ସଙ୍ଗେ ପୁଣି ମଠକୁ ଫେରିଯିବେ । ଇତି ମଧ୍ୟରେ ସ୍ୱାମୀଜୀ ତାଙ୍କର ଅନ୍ୟ ଜଣେ ବନ୍ଧୁଙ୍କୁ ଡକାଇ କହିଲେ : ଚାଲ, ମୋ ସହିତ ମଠକୁ ଯିବୁ—ଅନେକ କଥା ଅଛି ।

ବନ୍ଧୁ ଜଣକ ବସିବା ପରେ ସ୍ୱାମୀଜୀ ପୁଣି କହିଲେ, 'ଆଜି ଖୁବ୍ ମଜା ହୋଇଛି । ଜଣକର ଘରକୁ ଯାଇଥିଲି, ସେ ଗୋଟିଏ ଛବି ଆଙ୍କିଛନ୍ତି—କୃଷ୍ଣାର୍ଜୁନ-ସମ୍ବାଦ । କୃଷ୍ଣ ରଥ ଉପରେ ଠିଆ ହୋଇ ରହି ଘୋଡ଼ାର ଲଗାମ୍ ହାତରେ ଧରି ଅର୍ଜୁନଙ୍କୁ ଗୀତା କହୁଛନ୍ତି । ଛବିଟିକୁ ଦେଖାଇ ମୋତେ ପଚାରିଲେ, କିପରି ହୋଇଛି ? ମୁଁ କହିଲି, ମନ୍ଦ କଅଣ ? ସେ ଜିଦ୍ କରି କହିଲେ ଦୋଷଗୁଣ ସମସ୍ତ ବିଚାର କରି କହ, କିପରି ହୋଇଛି । ଫଳରେ କହିବାକୁ ପଡ଼ିଲା 'କହିଲି କିଛି ହିଁ ହୋଇ ନାହିଁ । ପ୍ରଥମତଃ ରଥଟା ଆଜିକାଲିର ପାଗୋଡ଼ା ରଥ ନୁହେଁ; ପୁଣି କୃଷ୍ଣଙ୍କ ଭାବ କିଛି ହେଲେ ଫୁଟି ନାହିଁ ।'

ପ୍ରଶ୍ନ : କାହିଁକି ପାଗୋଡ଼ା ରଥ ନୁହେଁ ?

ସ୍ୱାମୀଜୀ : ଆରେ, ବୁଦ୍ଧଦେବଙ୍କ ପରଠାରୁ ଦେଶରେ ସମସ୍ତ ଯେ ଖେଚେଡ଼ି ହୋଇଯାଇଛି । ପାଗୋଡା ରଥରେ ଚଢ଼ି ରାଜାମାନେ ଯୁଦ୍ଧ କରୁ ନ ଥିଲେ । ରାଜପୁତାନାରେ ଆଜିକାଲି ମଧ୍ୟ ରଥ ଅଛି; ଅନେକଟା ସେହି ପୂର୍ବକାଳର ରଥ ପରି । Grecian mythology (ଗ୍ରୀକ୍ ପୌରାଣିକ କାହାଣୀ) ପୁସ୍ତକରେ ଯେଉଁସବୁ ରଥର ଛବି ରହିଛି, ଦେଖିଛୁ ? ଦୁଇଚକର, ପଛବାଟ ଦେଇ ଚଢ଼ିବା ଓହ୍ଲାଇବାର ବ୍ୟବସ୍ଥା—ସେହି ରଥ ଆମମାନଙ୍କର ଥିଲା । ଗୋଟାଏ ଛବି ଆଙ୍କିଦେଲେ କଅଣ ହୋଇଗଲା ? ସେହି କାଳରେ ସମସ୍ତ ବିଷୟ ଯେଉଁଭଳି ଥିଲା, ତାହାର ଅନୁସନ୍ଧାନ କରି ସେହି ସମୟର ଜିନିଷସବୁ ଆଙ୍କିଲେ ତେବେ ଯାଇ ଛବି ହେବ ସିନା ! Truth represent (ସତ୍ୟ ପ୍ରଦର୍ଶନ) କରିବା ଦରକାର, ନ ହେଲେ କିଛି ହେବ ନାହିଁ । ଯେତେ ପିତାମାତାଙ୍କଦ୍ୱାରା ବିତାଡ଼ିତ ପିଲା, ଯେଉଁମାନଙ୍କର ସ୍କୁଲରେ ଲେଖାପଢ଼ା ହୁଏ ନାହିଁ, ଆମ ଦେଶରେ ସେହିମାନେ ହିଁ painting (ଚିତ୍ରବିଦ୍ୟା) ଶିଖିବାକୁ ଯାଇଥାଆନ୍ତି । ସେମାନଙ୍କ ହାତରେ କଅଣ କୌଣସି ଛବି ହୁଏ ? ଗୋଟିଏ ଛବି ଆଙ୍କିବା, ପୁଣି ଖଣ୍ଡିଏ perfect drama (ସର୍ବାଙ୍ଗସୁନ୍ଦର ନାଟକ) ଲେଖିବା ଏକ କଥା ।

ପ୍ରଶ୍ନ : କୃଷ୍ଣଙ୍କୁ ଏଠାରେ କିଭଳି ଭାବରେ ଆଙ୍କିବା ଉଚିତ ?

ସ୍ୱାମୀଜୀ : ଶ୍ରୀକୃଷ୍ଣ କିପରି ଜାଣିଛୁ ? ଯେତେବେଳେ ଅର୍ଜୁନଙ୍କର ମୋହ ଓ

କାପୁରୁଷତା ଆସିଛି, ଶ୍ରୀକୃଷ୍ଣ ତାଙ୍କୁ ଗୀତା ବୁଝାଉଛନ୍ତି—ସେତେବେଳେ ଶ୍ରୀକୃଷ୍ଣ ଗୀତା personified (ମୂର୍ତ୍ତିମାନ୍) ! ପୁଣି ତାଙ୍କର central idea (ମୁଖ୍ୟଭାବ) ତାଙ୍କ ସର୍ବାଙ୍ଗରୁ ଫୁଟି ବାହାରୁଛି ।

ଏହା କହି ଶ୍ରୀକୃଷ୍ଣଙ୍କୁ ଯେଉଁ ଭାବରେ ଆଙ୍କିବା ଉଚିତ, ସେହି ଭାବରେ ନିଜେ ଅବସ୍ଥାନ କରି ଦେଖାଇଦେଲେ ଏବଂ କହିଲେ :

ଏପରି ଜୋର୍‌ରେ ଘୋଡ଼ା ଦୁଇଟାର ଲଗାମ୍ ଟାଣି ଧରିଛନ୍ତି ଯେ, ଘୋଡ଼ାଙ୍କ ପଛ ଗୋଡ଼ ଦୁଇଟି ପ୍ରାୟ ଆଣ୍ଠୁ ମାଡ଼ି ପଡ଼ିଗଲା ଭଳି ଏବଂ ଆଗ ଗୋଡ଼ ଦୁଇଟି ଶୂନ୍ୟକୁ ଉଠିଯାଇଛି—ଘୋଡ଼ାଗୁଡ଼ାକ ଅବାକ୍ ହୋଇଯାଇଛନ୍ତି । ଏଥିରେ ଶ୍ରୀକୃଷ୍ଣଙ୍କ ଦେହରେ ଗୋଟାଏ ପ୍ରବଳ action (କ୍ରିୟା) ଖେଳୁଛି । ତାଙ୍କ ସଖା ତ୍ରିଭୁବନବିଖ୍ୟାତ ବୀର—ଦୁଇ ପକ୍ଷ ସେନାଦଳର ମଧ୍ୟଭାଗରେ ଧନୁଶର ଫିଙ୍ଗିଦେଇ କାପୁରୁଷ ଭଳି ରଥ ଉପରେ ବସିପଡ଼ିଛନ୍ତି । ଶ୍ରୀକୃଷ୍ଣ ସେହିପରି ଘୋଡ଼ାର ଲଗାମ୍ ଟାଣି ଚାବୁକହସ୍ତରେ ସମସ୍ତ ଶରୀରକୁ ବଙ୍କାଇ ତାଙ୍କର ସେହି ଅଲୌକିକ ପ୍ରେମକରୁଣାସିକ୍ତ ବାଳକପ୍ରାୟ ମୁଖ ଅର୍ଜୁନଙ୍କ ଆଡ଼କୁ ଫେରାଇ ସ୍ଥିର ଗମ୍ଭୀର ଦୃଷ୍ଟିରେ ଚାହିଁ ତାଙ୍କ ପ୍ରାଣର ସଖାଙ୍କୁ ଗୀତା କହୁଛନ୍ତି । ବର୍ତ୍ତମାନ ଗୀତାର preacher (ପ୍ରଚାରକ)-ର ଏ ଛବି ଦେଖି କଅଣ ବୁଝିଲୁ ?

ଉତ୍ତର : କ୍ରିୟା ଦରକାର, ପୁଣି ଗାମ୍ଭୀର୍ଯ୍ୟ, ଧୈର୍ଯ୍ୟ ମଧ୍ୟ ଦରକାର ।

ସ୍ୱାମୀଜୀ : ଠିକ୍ ! —ସମସ୍ତ ଶରୀରରେ intense action (ଉଗ୍ର କ୍ରିୟାଶୀଳତା), ପୁଣି ମୁଖ ସେପରିକି ନୀଳ ଆକାଶ ପରି ଧୀର, ଗମ୍ଭୀର ଓ ପ୍ରଶାନ୍ତ ! ଏହା ହିଁ ହେଲା ଗୀତାର central idea (ମୁଖ୍ୟଭାବ); ଦେହ, ଜୀବନ ଓ ପ୍ରାଣ ମନ ତାଙ୍କର ଶ୍ରୀପଦରେ ରଖି ସବୁ ପ୍ରକାର ଅବସ୍ଥାରେ ସ୍ଥିର ଓ ଗମ୍ଭୀର ।

'କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ ।
ସ ବୁଦ୍ଧିମାନ୍ ମନୁଷ୍ୟେଷୁ ସ ଯୁକ୍ତ କୃତ୍ସ୍ନକର୍ମକୃତ୍ ॥'*

—ଯେ କର୍ମ କରି ମଧ୍ୟ ତା' ଭିତରେ ଚିତ୍ତକୁ ପ୍ରଶାନ୍ତ ରଖିପାରେ ଏବଂ ବାହ୍ୟତଃ କୌଣସି କର୍ମ ନ କଲେ ବି ଅନ୍ତରରେ ଯାହାର ବ୍ରହ୍ମଚିନ୍ତା-ରୂପକ କର୍ମର ପ୍ରବାହ ଚାଲିଥାଏ, ସେହି ହିଁ ମନୁଷ୍ୟ ମଧ୍ୟରେ ବୁଦ୍ଧିମାନ୍, ସେହି ହିଁ ଯୋଗୀ, ତାଙ୍କର ହିଁ ସବୁ କର୍ମ କରାଯାଉଛି ।

ଯେ ନୌକା ଡାକିବାକୁ ଯାଇଥିଲେ, ଏହା ମଧ୍ୟରେ ସେ ଫେରିଆସି ସମ୍ବାଦ ଦେଲେ ଯେ, ନୌକା ଆସିଗଲାଣି । ସ୍ୱାମୀଜୀ ଯାହାଙ୍କ ସଙ୍ଗରେ କଥାବାର୍ତ୍ତା ହେଉଥିଲେ, ତାଙ୍କୁ କହିଲେ 'ଚାଲ୍, ମଠକୁ ଯିବା, ଘରେ କହି ଆସିଛୁ ତ ?'

ଉତ୍ତର : ଆଜ୍ଞା, ହଁ ।

ସମସ୍ତେ କଥା କହୁକହୁ ମଠକୁ ଯିବା ନିମନ୍ତେ ନୌକାରେ ଯାଇ ଉଠିଲେ ।

ସ୍ୱାମୀଜୀ : ଏହି ଭାବ ସମସ୍ତ ଲୋକଙ୍କ ଭିତରେ ଖେଳାଇଦେବା ଦରକାର । କର୍ମ,

* ଗୀତା, ୪।୧୮

କର୍ମ, ଅନନ୍ତ କର୍ମ, ତାହା ଫଳ ପ୍ରତି ଦୃଷ୍ଟି ନ ରଖି, ପୁଣି ପ୍ରାଣମନ ସେହି ରଙ୍ଗାପଦରେ ସମର୍ପଣ କର ।

ପ୍ରଶ୍ନ : ମହାରାଜ, ଏ ତ କର୍ମଯୋଗ ।

ସ୍ୱାମୀଜୀ : ହଁ, ଏହା କର୍ମଯୋଗ । କିନ୍ତୁ ସାଧନଭଜନ ନ କଲେ କର୍ମଯୋଗ ବି ହେବ ନାହିଁ । ଚତୁର୍ବିଧ ଯୋଗର ସାମଞ୍ଜସ୍ୟ ଦରକାର । ନ ହେଲେ ପ୍ରାଣମନ ତାଙ୍କଠାରେ କିପରି ଦେଇପାରିବୁ !

ପ୍ରଶ୍ନ : ଗୀତାର କର୍ମ ମାନେ ତ ଲୋକେ କହନ୍ତି ବୈଦିକ ଯଜ୍ଞାନୁଷ୍ଠାନ, ସାଧନ-ଭଜନ; ଏହାବ୍ୟତୀତ ସମସ୍ତ କର୍ମ ଅକର୍ମ ।

ସ୍ୱାମୀଜୀ : ଖୁବ୍ ଭଲ କଥା; ଠିକ୍ କଥା; କିନ୍ତୁ ତାକୁ ଆଉ ବଢ଼ାଇଦିଅ ନାହିଁ । ତୋର ପ୍ରତି ନିଃଶ୍ୱାସପ୍ରଶ୍ୱାସ, ପ୍ରତ୍ୟେକ ଚିନ୍ତା ପାଇଁ, ତୋର ପ୍ରତ୍ୟେକ କାର୍ଯ୍ୟ ପାଇଁ ଦାୟୀ କିଏ ? ତୁହି ତ ?

ଶିଷ୍ୟ : ତା' ସତ କି ସତ ନୁହେଁ—ଠିକ୍ ବୁଝିପାରୁ ନାହିଁ । ଅସଲ କଥା ତ ଦେଖୁଛି ଗୀତାର ଭାବ—'ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ' ଇତ୍ୟାଦି । ତା'ର ଅର୍ଥ ମୁଁ ତାଙ୍କର ଶକ୍ତିଦ୍ୱାରା ଚାଳିତ; ତେଣୁ ମୋର କାର୍ଯ୍ୟ ଲାଗି ମୁଁ ତ ଆଦୌ ଦାୟୀ ନୁହେଁ ।

ସ୍ୱାମୀଜୀ : ଏହା ବଡ଼ ଉଚ୍ଚ ଅବସ୍ଥାର କଥା । କର୍ମ କରି ଚିତ୍ତ ଶୁଦ୍ଧି ହେବା ପରେ ଯେତେବେଳେ ଦେଖିପାରିବୁ ସେ ସମସ୍ତ କରାଉଛନ୍ତି, ସେତେବେଳେ ଏ କଥା କହିବା ଠିକ୍ ହେବ, ନ ହେଲେ ସବୁ ମୁଖସ୍ଥ, ମିଥ୍ୟା ।

ପ୍ରଶ୍ନ : ମିଥ୍ୟା କାହିଁକି ? ଯଦି ଜଣେ ଠିକ୍ ବିଚାର କରି ବୁଝେ ଯେ, ସେ ହିଁ ସବୁ କରୁଛନ୍ତି ?

ସ୍ୱାମୀଜୀ : ବିଚାର କରି ଦେଖିଲା ପରେ ଯିନା ! ତାହା ଯେତେବେଳେ ହେବ, ସେତେବେଳେ ଯାଇ ଏହା କହିବା ଠିକ୍ ହେବ, ନ ହେଲେ ତା' ପୂର୍ବରୁ ନୁହେଁ । କଥା କଅଣ ଜାଣୁ ? ବେଶ୍ ଚିନ୍ତା କରି ଦେଖ । ଅହରହ ଯାହା କରୁଛୁ, ତାହା ତୁ କରୁଛୁ ବୋଲି ମନେକରି କରୁଛୁ ନା ନାହିଁ । ସେ କରାଉଛନ୍ତି, ଏ କଥା କେତେ ସମୟ ମନରେ ଥାଏ ? ତେବେ ଏହିଭଳି ବିଚାର କରୁ କରୁ ଏଭଳି ଗୋଟାଏ ଅବସ୍ଥା ଆସିବ ଯେ, 'ମୁଁ' ଟା ଚାଲିଯିବ, ପୁଣି ତା' ସ୍ଥାନରେ ହୃଷୀକେଶ ଆସିବସିବେ । ସେତେବେଳେ 'ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ' କହିବା ଠିକ୍ ହେବ । ଆରେ ବାବା, 'ମୁଁ'ଟି ହୃଦୟରେ ଅଧିକାର କରି ବସି ରହିଥିଲେ ତାଙ୍କର ବସିବାର ସ୍ଥାନ କାହିଁ ଯେ, ସେ ଆସିବେ ? ସେତେବେଳେ ହୃଷୀକେଶଙ୍କର ଅସ୍ତିତ୍ୱ ହିଁ ନ ଥିବ ।

ପ୍ରଶ୍ନ : କୁକର୍ମର ପ୍ରବୃତ୍ତିଟା ସେ ତ ଦେଇଛନ୍ତି ?

ସ୍ୱାମୀଜୀ : ନା ରେ ନା; ଏ ପ୍ରକାର ଭାବିଲେ ଭଗବାନଙ୍କୁ ଅପରାଧୀ କରାଯିବ । ସେ କୁକର୍ମର ପ୍ରବୃତ୍ତି ଦେଇ ନାହାନ୍ତି । ତାହା ତୋର ଆତ୍ମତୃପ୍ତିର ବାସନାରୁ ଉଠୁଛି । ଜୋର୍ କରି ସେ ସମସ୍ତ କରାଉଛନ୍ତି ବୋଲି କହି ଅସତ୍ କାର୍ଯ୍ୟ କଲେ ସର୍ବନାଶ ହୁଏ । ଏହିଠାରୁ ହିଁ ଭାବରେ ଘୋର ଆରମ୍ଭ ହୁଏ । ଭଲ କାର୍ଯ୍ୟ କଲେ କିପରି ଗୋଟାଏ elation (ଉଲ୍ଲାସ)

ହୁଏ; ଛାତି ଫୁଲିଉଠେ । ବେଶ୍ କରିଛି ବୋଲି କହି ନିଜକୁ ବାହାବା ଦେବାକୁ ହୁଏ । ଏହାକୁ ତ ଆଉ ଏଡ଼ାଇ ଦେବାର ଜୋ ନାହିଁ—ବାହାବା ଦେବାକୁ ହିଁ ହେବ । ଭଲ କାର୍ଯ୍ୟ ବେଳକୁ ମୁଁ, ଆଉ ମନ୍ଦ କାର୍ଯ୍ୟଟା ସମୟରେ ସେ—ଏହା ଗୀତା-ବେଦାନ୍ତ ବଦ୍‌ହଜମର ଫଳ, ଅତି ସର୍ବନାଶର କଥା, ଏଭଳି କଥା କହିବୁ ନାହିଁ । ବରଂ ସେ ଭଲଟା କରାଉଛନ୍ତି, ମୁଁ ମନ୍ଦଟା କରୁଛି—ଏହା କହ । ସେଥିରେ ଭକ୍ତି ଆସିବ, ବିଶ୍ୱାସ ଆସିବ, ତାଙ୍କର କୃପା ହାତେ ହାତେ ଦେଖିବାକୁ ପାଇବୁ । ଅସଲ କଥା କେହି ତୋତେ ସୃଷ୍ଟି କରି ନାହାନ୍ତି; ତୁ ନିଜକୁ ନିଜେ ସୃଷ୍ଟି କରିଛୁ କି ନା—ଏହା ହିଁ ବିଚାର, ଏହା ହିଁ ବେଦାନ୍ତ, ତେବେ ଉପଲବ୍ଧି ନ ହେଲେ ଏହା ବୁଝାଯିବ ନାହିଁ । ସେଥିପାଇଁ ପ୍ରଥମେ ସାଧକକୁ ଦ୍ୱୈତଭାବ ଧରି ଚଳିବାକୁ ହେବ । ସେ ଭଲଟା କରାନ୍ତି, ମୁଁ ମନ୍ଦଟା କରେ—ଏହା ହିଁ ହେଲା ଚିତ୍ତ-ଶୁଦ୍ଧିର ସହଜ ଉପାୟ । ତେଣୁ ବୈଷ୍ଣବମାନଙ୍କ ଭିତରେ ଦ୍ୱୈତଭାବ ଏତେ ପ୍ରବଳ । ଅଦ୍ୱୈତଭାବ ଆରମ୍ଭରୁ ଆଣିବା ଅତି କଠିନ । କିନ୍ତୁ ଏହି ଦ୍ୱୈତଭାବରୁ ପରେ ଅଦ୍ୱୈତଭାବର ଉପଲବ୍ଧି ହୁଏ ।

ସ୍ୱାମୀଜୀ ପୁଣି କହିବାକୁ ଲାଗିଲେ : ଦେଖ, ଧୂର୍ତ୍ତିପଣିଆ ଅତି ଖରାପ । ଭାବ-ଘରେ ଚୋରି ଯଦି ନ ଥାଏ, ଅର୍ଥାତ୍ ପ୍ରବୃତ୍ତିଟା ନ ହୁଏ, ପୁଣି ଯଦି ପ୍ରକୃତରେ ତା' ମନରେ ବିଶ୍ୱାସ ହୁଏ ଯେ, ଏହା ତ ଭଗବାନ କରାଉଛନ୍ତି, ତା'ହେଲେ କଅଣ ତାକୁ ବେଶୀ ଦିନ ସେହି ନୀଚ କାର୍ଯ୍ୟ କରିବାକୁ ହେବ ? ସମସ୍ତ ମଇଳା ସଙ୍ଗେ ସଙ୍ଗେ ଚଟ୍ କରି ସଫା ହୋଇଯାଏ । ଆମ ଦେଶର ଶାସ୍ତ୍ରକାରଗଣ ବେଶ୍ ବୁଝିଥିଲେ ଏବଂ ମୋର ମନେହୁଏ, ବୌଦ୍ଧଧର୍ମର ଯେତେବେଳେ ପତନ ଆରମ୍ଭ ହେଲା ଏବଂ ବୌଦ୍ଧମାନଙ୍କ ପୀଡ଼ନରେ ଲୋକମାନେ ଲୁଚି ଲୁଚି ବୈଦିକଯଜ୍ଞର ଅନୁଷ୍ଠାନ କଲେ—ବାବା, ଦୁଇ ମାସ ଧରି ଯଜ୍ଞ କରିବାର ଉପାୟ ନାହିଁ; ଗୋଟିଏ ରାତିରେ ଦଶ୍ୟାମାଟିର ମୂର୍ତ୍ତି ଗଢ଼ି ରାତାରାତି ପୂଜା ଶେଷ କରି ପୁଣି ତାକୁ ବିସର୍ଜନ କରିବାକୁ ହେବ—ଯେପରିକି ସାମାନ୍ୟ ଟିକିଏ ସୁଦ୍ଧା ଚିହ୍ନ ନ ରହିବ—ସେହି ସମୟଠାରୁ ତନ୍ତ୍ରର ଉତ୍ପତ୍ତି ହେଲା । ମନୁଷ୍ୟ ଗୋଟାଏ concrete (ସ୍ଥୂଳ) ଚାହେଁ, ନ ହେଲେ ମନ ବୁଝିବ କାହିଁକି ? ଘରେ ଘରେ ଏହି ଏକରାଶି ଯଜ୍ଞ ହେବାକୁ ଆରମ୍ଭ ହେଲା । କିନ୍ତୁ ପ୍ରବୃତ୍ତି ସକଳ sensual (ଇନ୍ଦ୍ରିୟଗତ) ହୋଇପଡ଼ିଛି । ଠାକୁର ଯେପରି କହୁଥିଲେ, 'କେହି କେହି ନର୍ଦ୍ଦମା ବାଟ ଦେଇ ଯା-ଆସ କରନ୍ତି'; ସେହିପରି ସଦ୍‌ଗୁରୁମାନେ ଦେଖିଲେ ଯେ, ଯାହାଙ୍କର ପ୍ରବୃତ୍ତି ନୀଚ ବୋଲି କୌଣସି ସତ୍‌କାର୍ଯ୍ୟର ଅନୁଷ୍ଠାନ କରିପାରୁ ନାହାନ୍ତି, ସେମାନଙ୍କୁ ମଧ୍ୟ ଧର୍ମ-ପଥରେ କ୍ରମଶଃ ନେଇଯିବା ଦରକାର । ସେହିମାନଙ୍କ ପାଇଁ ଏହିସବୁ କଦର୍ଯ୍ୟ ତନ୍ତ୍ର-ସାଧନାର ସୃଷ୍ଟି ହେଲା ।

ପ୍ରଶ୍ନ : ମନ୍ଦ କାର୍ଯ୍ୟର ଅନୁଷ୍ଠାନ ତ ସେ ଭଲ ଭାବି କରିବାକୁ ଲାଗିଲା; ଏଥିରେ ତା'ର ପ୍ରବୃତ୍ତିର ନୀଚତା ଯିବ କିପରି ?

ସ୍ୱାମୀଜୀ : ଏହି ଯେ ପ୍ରବୃତ୍ତିର ଦିଗ ବଦଳାଇ ଦେଲେ—ଭଗବାନଙ୍କୁ ପାଇବେ ବୋଲି ତ କଲେ ।

ପ୍ରଶ୍ନ : ମହାରାଜ ସତରେ କ'ଣ ତାହା ହୁଏ ?

ସ୍ୱାମୀଜୀ : ସେହି କଥା, ଉଦ୍ଦେଶ୍ୟ ଠିକ୍ ଥିଲେ ହିଁ ହେବ; ନ ହେବ କାହିଁକି ?

ପ୍ରଶ୍ନ : ପଞ୍ଚ 'ମକାର' ସାଧନାରେ କିନ୍ତୁ ଅନେକଙ୍କ ମନ ଯେ ମଦମାଂସରେ ଆବଦ୍ଧ ହୋଇଯାଏ ?

ସ୍ୱାମୀଜୀ : ସେଥିପାଇଁ ତ ପରମହଂସ ଦେବ ଆସିଥିଲେ । ଦେଶବରେ ତନ୍ତ୍ରସାଧନର ଦିନ ଚାଲିଯାଇଛି । ସେ (ପରମହଂସ ଦେବ) ମଧ୍ୟ ତନ୍ତ୍ରସାଧନ କରିଥିଲେ; କିନ୍ତୁ ସେଭାବରେ ନୁହେଁ । ଯେଉଁଠାରେ ମଦ୍ୟପାନର ବିଧି, ସେଠାରେ ସେ ତା'ର ଗୋଟାଏ ଟୋପା ମାରୁଥିଲେ । ତନ୍ତ୍ରଟା ବଡ଼ slippery ground (ପିଚ୍ଛିଳ ଭୂମି) । ସେଥିପାଇଁ କହୁଛି, ଏ ଦେଶରେ ତନ୍ତ୍ରଚର୍ଚ୍ଚାର ଚୂଡ଼ାନ୍ତ ହୋଇଯାଇଛି । ବର୍ତ୍ତମାନ ଆଉ ଉପରକୁ ଯିବା ଦରକାର । ବେଦର (ବେଦାନ୍ତର) ଚର୍ଚ୍ଚା ଆବଶ୍ୟକ । ଚତୁର୍ବିଧ ଯୋଗର ସାମଞ୍ଜସ୍ୟ ରଖି ସାଧନ କରିବାକୁ ହେବ, ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଦରକାର ।

ପ୍ରଶ୍ନ : ଚତୁର୍ବିଧ ଯୋଗର ସାମଞ୍ଜସ୍ୟ କଅଣ ?

ସ୍ୱାମୀଜୀ : ଜ୍ଞାନ-ବିଚାର, ବୈରାଗ୍ୟ, ଭକ୍ତି, କର୍ମ ଏବଂ ସଙ୍ଗେ ସଙ୍ଗେ ସାଧନା, ଏବଂ ପୁଣି ସ୍ତ୍ରୀଲୋକଙ୍କ ପ୍ରତି ପୂଜା-ଭାବ ଆବଶ୍ୟକ ।

ପ୍ରଶ୍ନ : ସ୍ତ୍ରୀଲୋକଙ୍କ ପ୍ରତି ପୂଜାଭାବ କିପରି ଆସେ ?

ସ୍ୱାମୀଜୀ : ସେମାନେ ହିଁ ଆଦ୍ୟାଶକ୍ତି । ଯେଉଁଦିନ ଆଦ୍ୟାଶକ୍ତିଙ୍କର ପୂଜା ଆରମ୍ଭ ହେବ, ସେହିଦିନ ମାଆଙ୍କ ନିକଟରେ ପ୍ରତ୍ୟେକ ଲୋକ ନିଜେ ନିଜକୁ ବଳି ଦେବ, ସେହି ଦିନ ହିଁ ଭାରତର ଯଥାର୍ଥ ମଙ୍ଗଳ ଆରମ୍ଭ ହେବ ।

ଏହି କଥା କହି ସ୍ୱାମୀଜୀ ଦୀର୍ଘନିଃଶ୍ୱାସ ଛାଡ଼ିଲେ ।

ଦିନେ ତାଙ୍କର କେତେଜଣ ବାଲ୍ୟବନ୍ଧୁ ତାଙ୍କ ସହିତ ସାକ୍ଷାତ କରିବାକୁ ଆସି କହିଲେ : ସ୍ୱାମୀଜୀ, ପିଲାଦିନେ ବିବାହପ୍ରସଙ୍ଗ ଉଠିଲେ ତୁମେ କହୁଥିଲ, 'ମୁଁ ବିବାହ କରିବି ନାହିଁ—କଅଣ ହେବ ଦେଖିବ ।' ସେହି ଯାହା କହୁଥିଲ, ତାହା ହିଁ କାର୍ଯ୍ୟରେ କଲ ।

ସ୍ୱାମୀଜୀ : ହଁ ଭାଇ, ତାହା ହିଁ କଲି । ତୁମେ ତ ଦେଖୁଛ, ଖାଇବାକୁ ପାଉ ନାହିଁ, ତା ଉପରେ ପୁଣି ଖଟଣି । ବାବା, କେତେ ଯେ ନ ଖାଟିଛି ! ଆଜି ଆମେରିକାବାସୀ ମୋର ସୁଖ ପାଇଁ ଖଟ, ବିଛଣା, ଗଦି ଦେଇଛନ୍ତି, ଦୁଇଟା ଖାଇବାକୁ ମଧ୍ୟ ପାଉଛି । କିନ୍ତୁ ଭାଇ, ଭୋଗ ମୋ ଅଦୃଷ୍ଟରେ ନାହିଁ । ଗଦିରେ ଶୋଇଲେ ହିଁ ରୋଗ ବଢ଼େ, ମୁଁ ଅନେଃଶ୍ୱାସୀ ହୋଇଯାଏ । ପୁଣି ତଳେ ଆସି ଶୁଏ, ତେବେ ଯାଇ ରକ୍ଷା ।

ରକ୍ତ ମାଂସର ଶରୀର, କେତେ ଆଉ ସହ୍ୟ ହେବ ? ଏହି ଦାରୁଣ ପରିଶ୍ରମ ଫଳରେ ଅକାଳରେ ସ୍ୱାମୀଜୀଙ୍କର ମହାପ୍ରସ୍ଥାନ ହେଲା ।

# ତନଧନର ସ୍ମୃତିଲିପି*

୧୮୯୮ ମସିହା ଜାନୁଆରି ୨୨ ତାରିଖ, ଶନିବାର । ସକାଳେ ଉଠି ମୁହଁହାତ ଧୋଇ ବାଗ୍‌ବଜାର ୫୭ ନମ୍ବର ରାମକାନ୍ତ ବସୁ ଷ୍ଟ୍ରିଟସ୍ଥ ବଳରାମବାବୁଙ୍କ ଗୃହରେ ସ୍ୱାମୀଜୀଙ୍କ ପାଖରେ ଉପସ୍ଥିତ ହେଲି । ଲୋକଗହଳରେ ଘର ପୂରିଯାଇଛି । ସ୍ୱାମୀଜୀ କହୁଛନ୍ତି : ଦରକାର ଶ୍ରଦ୍ଧା, ନିଜ ଉପରେ ବିଶ୍ୱାସ ଥିବା ଆବଶ୍ୟକ । Strength is life, weakness is death (ସଫଳତା ହିଁ ଜୀବନ, ଦୁର୍ବଳତା ହିଁ ମୃତ୍ୟୁ ) ଆମର ଆତ୍ମା ଅମର, ମୁକ୍ତ—pure, pure by nature (ପବିତ୍ର, ସ୍ୱଭାବତଃ ପବିତ୍ର) । ଆମେମାନେ କଅଣ କେବେ ପାପ କରି-ପାରୁ ? ଅସମ୍ଭବ ।—ଏହିପରି ବିଶ୍ୱାସ ଦରକାର । ଏହି ବିଶ୍ୱାସ ହିଁ ଆମମାନଙ୍କୁ ମନୁଷ୍ୟ କରେ, ଆଉ ଦେବତା କରି ଗଢ଼ିତୋଳେ । ଏହି ଶ୍ରଦ୍ଧାଭାବକୁ ହରାଇ ଦେଶ ଉଚ୍ଛନ୍ନ ହୋଇଗଲା !

ପ୍ରଶ୍ନ : ଏହି ଶ୍ରଦ୍ଧା ଆମର କିପରି ନଷ୍ଟ ହେଲା ?

ସ୍ୱାମୀଜୀ : ପିଲାଦିନରୁ ଆମେ negative education (ନେତିମୂଳକ ଶିକ୍ଷା) ପାଇଆସିଛୁ । ଆମେ କିଛି ନୋହୁ—ଏହି ଶିକ୍ଷା ହିଁ ପାଇଆସିଛୁ । ଆମ ଦେଶରେ ଯେ କେତେ ବଡ଼ଲୋକ ଜନ୍ମଗ୍ରହଣ କରିଛନ୍ତି, ତାହା ଆମେ ଜାଣିବାକୁ ପାଉ ନାହିଁ । Positive ( ଇତିମୂଳକ ) ଶିକ୍ଷା କିଛି ଆମେ ପାଇ ନାହୁଁ । ହାତପାଦର ବ୍ୟବହାର ତ ଜାଣିଲୁ ନାହିଁ । ଇଂରେଜମାନଙ୍କର ସାତପୁରୁଷର ଖବର ଜାଣୁ, କିନ୍ତୁ ନିଜର ପିତା ପିତାମହଙ୍କ ଖବର ଜଣା ନାହିଁ । ଶିଖିଛୁ କେବଳ ଦୁର୍ବଳତା । ଜାଣିଛୁ ଯେ, ଆମେ ବିଜିତ, ଦୁର୍ବଳ; ଆମର କୌଣସି ବିଷୟରେ ସ୍ୱାଧୀନତା ନାହିଁ । ଏଥିରେ ଶ୍ରଦ୍ଧା ନଷ୍ଟ ନ ହେବ କାହିଁକି ? ଏହି ଶ୍ରଦ୍ଧାର ଭାବ ଦେଶରେ ପୁଣି ଆଣିବାକୁ ହେବ । ନିଜ ଉପରେ ବିଶ୍ୱାସକୁ ପୁଣି ଜାଗ୍ରତ କରିବାକୁ ହେବ । ତାହାହେଲେ ଦେଶର ଯାହା କିଛି problems (ସମସ୍ୟାସବୁ) କ୍ରମଶଃ ମନକୁ ମନ solved (ମୀମାଂସିତ) ହୋଇଯିବ ।

ପ୍ରଶ୍ନ : ସବୁ ଦୋଷ ସୁଧୁରିଯିବ, ତାହା କ'ଣ କେବେ ହୁଏ ? ସମାଜରେ ଅସଂଖ୍ୟ ଦୋଷ ରହିଛି; ଦେଶରେ କେତେ ଅଭାବ ରହିଛି—ଯାହା ପୂରଣ କରିବା ପାଇଁ କଂଗ୍ରେସ ପ୍ରଭୃତି ଅନ୍ୟାନ୍ୟ ଦେଶହିତୈଷୀ ଦଳ କେତେ ଆନ୍ଦୋଳନ କରୁଛନ୍ତି, ଇଂରେଜ ବାହାଦୁରଙ୍କ ପାଖରେ କେତେ ପ୍ରାର୍ଥନା କରୁଛନ୍ତି ! ଏ ସମସ୍ତ ଅଭାବ କିପରି ପୂରଣ ହେବ ?

ସ୍ୱାମୀଜୀ : ଅଭାବ କାହାର ? ରାଜା ପୂରଣ କରିବେ ନା ତୁମେ ପୂରଣ କରିବ ?

ପ୍ରଶ୍ନ : ରାଜା ହିଁ ଅଭାବ ପୂରଣ କରିବେ । ରାଜା ନ ଦେଲେ ଆମେ କେଉଁଠାରୁ କଅଣ ପାଇବୁ, କିପରି ଅବା ପାଇବୁ ?

ସ୍ୱାମୀଜୀ : ଭିକାରୀର ଅଭାବ କେବେହେଲେ ପୂରଣ ହୁଏ ନାହିଁ । ରାଜା ଅଭାବ

---

* ସୁରେନ୍ଦ୍ରନାଥ ସେନଙ୍କ ଦ୍ୱାରା ଲିଖିତ

ପୂରଣ କଲେ ଯେ ସବୁ ରକ୍ଷିପାରିବ, ସେଭଳି ଲୋକ ଚାହିଁ ? ପ୍ରଥମେ ମନୁଷ୍ୟ ତିଆରି କର । ମନୁଷ୍ୟ ଦରକାର । ପୁଣି ଶ୍ରଦ୍ଧା ନ ଆସିଲେ ମନୁଷ୍ୟ କିପରି ହେବ ?

ପ୍ରଶ୍ନ : ମହାଶୟ, majority (ଅଧିକାଂଶଙ୍କ)-ର କିନ୍ତୁ ଏହି ମତ ନୁହେଁ ।

ସ୍ୱାମୀଜୀ : Majority (ଅଧିକାଂଶ) ତ fools (ନିର୍ବୋଧ), men of common intellect (ସାଧାରଣ ବୁଦ୍ଧିସମ୍ପନ୍ନ); ମଗଜ ଥିବା ଲୋକ ଅଳ୍ପ । ଏହି ମଗଜ ଥିବା ଲୋକମାନେ ସବୁ କାର୍ଯ୍ୟର ସବୁ department (ବିଭାଗ)-ର ନେତା । ଏହିମାନଙ୍କ ଇଙ୍ଗିତରେ majority ଚଳନ୍ତି । ଏହିମାନଙ୍କୁ ଆଦର୍ଶ କରି ଚଳିଲେ କାର୍ଯ୍ୟ ସବୁ ଠିକ୍ ହୁଏ । ନିର୍ବୋଧମାନେ ହିଁ କେବଳ ହାମ୍ବଡ଼ା ହୋଇ ଚଳନ୍ତି, ପରିଣାମରେ ମରନ୍ତି । ସମାଜସଂସ୍କାର ଆଉ କଅଣ କରିବେ ? ତୁମର ସମାଜ-ସଂସ୍କାର ଅର୍ଥାତ ବିଧବାବିବାହ ଏବଂ ସ୍ତ୍ରୀ-ସ୍ୱାଧୀନତା କିମ୍ବା ଏହିଭଳି ଆଉ କିଛି । ତୁମର ଗୋଟିଏ ଦୁଇଟି ବର୍ଣ୍ଣର ସଂସ୍କାର କଥା କହୁଛ ତ ? ଦୁଇଚାରିଜଣଙ୍କର ସଂସ୍କାର ହେଲା, ସେଥିରେ ସମସ୍ତ ଜାତିଟାର ଯାଏ ଆସେ କଅଣ ? ଏଇଟା ସଂସ୍କାର ନା ସ୍ୱାର୍ଥପରତା ? ନିଜର ଘର ପରିଷ୍କାର ହେଲା, ଆଉ ଯେ ମଲେ ମରନ୍ତୁ ।

ପ୍ରଶ୍ନ : ତା' ହେଲେ କଅଣ କହୁଛନ୍ତି ଯେ, କୌଣସି ସମାଜ-ସଂସ୍କାରର ଆବଶ୍ୟକତା ନାହିଁ ?

ସ୍ୱାମୀଜୀ : ଆବଶ୍ୟକତା ଅଛି, ନିଶ୍ଚୟ । ମୁଁ ସେହି ଦୃଷ୍ଟିରୁ କହୁ ନାହିଁ । କିନ୍ତୁ ତୁମମାନଙ୍କ ମୁହଁରୁ ଯେଉଁ ସଂସ୍କାର କଥା ଶୁଣିବାକୁ ପାଉଛି, ତା' ମଧ୍ୟରୁ ଅନେକଗୁଡ଼ିଏ ଅଧିକାଂଶ ଗରିବ ସାଧାରଣଙ୍କୁ ସ୍ପର୍ଶ ହିଁ କରିବ ନାହିଁ । ତୁମେମାନେ ଯାହା ଚାହୁଁ, ସେମାନଙ୍କର ତାହା ଅଛି । ସେଥିଲାଗି ସେମାନେ ଏଗୁଡ଼ାକୁ ସଂସ୍କାର ବୋଲି ମନେକରିବେ ନାହିଁ । ମୋ କଥାର ଅର୍ଥ ହେଲା, ଶ୍ରଦ୍ଧାର ଅଭାବ ହିଁ ଆମମାନଙ୍କ ମଧ୍ୟରେ ସମସ୍ତ evils (ଅନର୍ଥ) ସୃଷ୍ଟି କରିଛି ଓ କରୁଛି । ମୋର ଚିକିତ୍ସା ହେଉଛି ରୋଗର କାରଣକୁ ନିର୍ମୂଳ କରିବା —ରୋଗକୁ ଚପାଇ ଦେଇ ରଖିଦେବା ନୁହେଁ । ସଂସ୍କାର ଆଉ ଦରକାର ନାହିଁ ? ଯେପରି ଭାରତବର୍ଷରେ inter-marriage (ଅନ୍ତର୍ବିବାହ) ହେବା ଦରକାର, ତାହା ନ ହେବାରୁ ଜାତିଟା ଶାରୀରିକ ଦୁର୍ବଳତା ଭୋଗୁଛି ।

***

୧୮୯୮ ମସିହା ଜାନୁଆରି ୨୩ ତାରିଖ, ରବିବାର । ବାଗ୍‌ବଜାରର ବଳରାମ-ବାବୁଙ୍କ ଘରେ ସନ୍ଧ୍ୟା ପରେ ସଭା ବସିଛି । ସ୍ୱାମୀଜୀ ଉପସ୍ଥିତ ଅଛନ୍ତି । ସ୍ୱାମୀ ତୁରୀୟାନନ୍ଦ, ସ୍ୱାମୀ ଯୋଗାନନ୍ଦ, ସ୍ୱାମୀ ପ୍ରେମାନନ୍ଦ ପ୍ରଭୃତି ଅନେକେ ଆସିଛନ୍ତି । ସ୍ୱାମୀଜୀ ପୂର୍ବଦିଗସ୍ଥ ବାରଣ୍ଡାରେ ବସିଛନ୍ତି । ବାରଣ୍ଡାଟି ଲୋକରେ ପରିପୂର୍ଣ୍ଣ । ଦକ୍ଷିଣ ଉତ୍ତର ଦିଗରେ ବାରଣ୍ଡା ମଧ୍ୟ ସେହିପରି ଲୋକଙ୍କଦ୍ୱାରା ପୂର୍ଣ୍ଣ ହୋଇଛି । ସ୍ୱାମୀଜୀ କଲିକତାରେ ଥିଲେ ପ୍ରତ୍ୟହ ଏହିପରି ହେଉଥିଲା । ସ୍ୱାମୀଜୀ ସୁନ୍ଦର ସଙ୍ଗୀତ ଗାଇପାରନ୍ତି, ଅନେକେ ଶୁଣିଛନ୍ତି । ଅଧିକାଂଶ ଲୋକଙ୍କର ଗୀତ ଶୁଣିବାର ଇଚ୍ଛା ଦେଖି ମାଷ୍ଟର ମହାଶୟ ଫୁସ୍‌ଫୁସ୍ କରି ଜଣେ ଦୁଇ-

କଣଙ୍କୁ ସ୍ୱାମୀଜୀଙ୍କ ଗାନ ଶୁଣିବା ଲାଗି ଉତ୍ତେଜିତ କରୁଛନ୍ତି । ସ୍ୱାମୀଜୀ ନିକଟରେ ଥିଲେ, ମାଷ୍ଟର ମହାଶୟଙ୍କ କାଣ୍ଡ ଦେଖିବାକୁ ପାଇଲେ ।

ସ୍ୱାମୀଜୀ : କଅଣ କହୁଛ ମାଷ୍ଟର, କହୁ ନାହିଁ ? ଏଭଳି ଫୁସ୍‌ଫୁସ୍ ହେଉଛ କାହିଁକି ?

ମାଷ୍ଟର ମହାଶୟଙ୍କ ଅନୁରୋଧକ୍ରମେ ତା'ପରେ ସ୍ୱାମୀଜୀ 'ଯତନେ ହୃଦୟେ ରେଖୋ ଆଦରଣୀ ଶ୍ୟାମା ମାକେ' ସଙ୍ଗୀତଟି ଗାଇଲେ । ଯେପରିକି ବୀଣାର ଝଙ୍କାର ଉଠିବାକୁ ଲାଗିଲା ! ଯେଉଁମାନେ ସେତେବେଳେ ଆସୁଥିଲେ, ପ୍ରକୃତରେ ସେମାନେ ସିଡ଼ିପାଖରୁ ଶୁଣି ମନେକଲେ ଯେ, ବେହେଲାସ୍ୱରରେ ସ୍ୱର ମିଳାଇ ଏହି ସଙ୍ଗୀତଟି ବୋଲାଯାଉଛି । ସଙ୍ଗୀତ ଶେଷ ହେଲା ପରେ ସ୍ୱାମୀଜୀ ମାଷ୍ଟର ମହାଶୟଙ୍କୁ ଲକ୍ଷ୍ୟ କରି କହିଲେ, 'ହେଲା ତ ! ଆଉ ଗାଇବ ନାହିଁ, ନିଶା ଧରିଯିବ । ବକ୍ତୃତା ଦେଇ ଦେଇ କଣ୍ଠଟା ମୋଟା ହୋଇଗଲାଣି । Voice (ଗଳାସ୍ୱର) roll କରୁଛି (କମ୍ପୁଛି) ।'···

***

ତା'ପରେ ସ୍ୱାମୀଜୀ ଜଣେ ଶିଷ୍ୟ ବ୍ରହ୍ମଚାରୀଙ୍କୁ ମୁକ୍ତିର ସ୍ୱରୂପ ସମ୍ବନ୍ଧରେ କିଛି କହିବା ଲାଗି ନିର୍ଦ୍ଦେଶ ଦେଲେ । ବ୍ରହ୍ମଚାରୀ ଜଣଙ୍କ ସଭାସ୍ଥଳରେ ଠିଆ ହୋଇ କିଛି ସମୟ ଧରି ବକ୍ତୃତା ଦେଲେ । ବକ୍ତୃତା ଶେଷରେ ଶଚୀନବାବୁ ଓ ଆଉ ଜଣେ ଦୁଇଜଣ ବକ୍ତୃତା ସମ୍ବନ୍ଧରେ ଗୋଟିଏ ଦୁଇଟି କଥା କହିଲେ । ସ୍ୱାମୀଜୀ ତାଙ୍କର ଅନୁଗତ ଅନ୍ୟ ଜଣେ ଗୃହସ୍ଥ ଭକ୍ତଙ୍କୁ କହିଲେ, 'ଏହାର ସପକ୍ଷରେ କି ବିପକ୍ଷରେ ଯଦି କିଛି କହିବାର ଅଛି, ତେବେ କୁହ !' ସ୍ୱାମୀଜୀ ଉପସ୍ଥିତ ଭକ୍ତମାନଙ୍କ ମଧ୍ୟରୁ ଜଣେ ଦୁଇଜଣଙ୍କୁ 'ମୁକ୍ତିର ସ୍ୱରୂପ' ସମ୍ବନ୍ଧରେ କିଛି କହିବା ପାଇଁ କହିଲେ । ଦ୍ୱୈତ ଅଦ୍ୱୈତ ସପକ୍ଷରେ ଓ ବିପକ୍ଷରେ ବହୁ ଯୁକ୍ତିତର୍କ ହେଲା । ତର୍କ କ୍ରମାଗତ ବଢ଼ିଚାଲିଛି ଦେଖି ସ୍ୱାମୀଜୀ ଓ ତୁରୀୟାନନ୍ଦ ସ୍ୱାମୀ ଉଭୟେ ତର୍କବିତର୍କ ବନ୍ଦ କରାଇଦେଲେ ।

ସ୍ୱାମୀଜୀ : ରାଗିଉଠିଲ କାହିଁକି ? ତୁମେ ସବୁ ଗୋଳମାଳ କରୁଛ । ସେ (ପରମହଂସ ଦେବ) କହୁଥିଲେ, 'ଶୁଦ୍ଧ ଜ୍ଞାନ ଓ ଶୁଦ୍ଧା ଭକ୍ତି ଏକ ।' ଭକ୍ତିମତରେ ଭଗବାନଙ୍କୁ ପ୍ରେମମୟ କୁହାଯାଏ । 'ତାଙ୍କୁ ପ୍ରେମ କରେ'—ଏ କଥା ବି କୁହାଯାଇପାରେ ନାହିଁ । ସେ ଯେ ପ୍ରେମମୟ । ହୃଦୟରେ ଯେଉଁ ପ୍ରେମ ବିଦ୍ୟମାନ, ତାହା ଯେ ସେହି । ଏହିପରି ଯାହାର ଯେଉଁ ଆକର୍ଷଣ, ସେସମସ୍ତ ସେହି । ଚୋର ଚୋରି କରେ, ବେଶ୍ୟା ବେଶ୍ୟାଗିରି କରେ, ମା ପିଲାଙ୍କୁ ଭଲ ପାଏ—ସେସମସ୍ତ ସ୍ଥାନରେ ବି ସେହି । ଗୋଟାଏ ଜଗତ ଆଉ ଗୋଟାକୁ ଟାଣୁଛି, ସେଠାରେ ମଧ୍ୟ ସେହି । ସବୁଠି ହିଁ ସେ ବିଦ୍ୟମାନ । ଜ୍ଞାନମତରେ ମଧ୍ୟ ସର୍ବସ୍ଥାନରେ ତାଙ୍କୁ ଅନୁଭବ କରାଯାଏ । ଏହିଠାରେ ହିଁ ଜ୍ଞାନ ଓ ଭକ୍ତି ମଧ୍ୟରେ ସାମଞ୍ଜସ୍ୟ । ଯେତେବେଳେ ଭାବରେ ମଗ୍ନ ହୁଅ ଅଥବା ସମାଧି ହୁଏ, ସେତେବେଳେ ଦ୍ୱିତ୍ୱବୋଧ ରହିପାରେ ନାହିଁ; ଭକ୍ତ ସହିତ ଭଗବାନଙ୍କର ପୃଥକତ୍ୱ ରହେ ନାହିଁ । ଭକ୍ତିଶାସ୍ତ୍ରରେ ଭଗବାନଲାଭ ପାଇଁ ପାଞ୍ଚ ପ୍ରକାର ସାଧନାର କଥା ଅଛି, ଆଉ ଗୋଟିଏ ପ୍ରକାର ସାଧନା ତହିଁରେ ଯୋଗ କରାଯାଇପାରେ—ଭଗବାନଙ୍କୁ ଅଭେଦ ଭାବରେ ସାଧନ କରିବା । ଭକ୍ତମାନେ ଅଦ୍ୱୈତବାଦୀମାନଙ୍କୁ ଅଭେଦବାଦୀ ଭକ୍ତ କହିପାରନ୍ତି । ଯେପର୍ଯ୍ୟନ୍ତ ମାୟାରେ ଆବଦ୍ଧ,

ସେପର୍ଯ୍ୟନ୍ତ ଦ୍ୱୈତ ହିଁ ରହିବ । ଦେଶ, କାଳ, କାର୍ଯ୍ୟ ବା ନାମରୂପ ହିଁ ମାୟା । ଯେତେବେଳେ ଏହି ମାୟାର ସୀମାକୁ ଟପି ଯାଇହେବ, ସେତେବେଳେ ଏକତ୍ୱବୋଧ ଆସିବ । ସେତେବେଳେ ମନୁଷ୍ୟ ଦ୍ୱୈତବାଦୀ ବା ଅଦ୍ୱୈତବାଦୀ ହୋଇ ରହେ ନାହିଁ; ତା' ପାଖରେ ସେତେବେଳେ ସମସ୍ତ ଏକ—ଏହିପରି ବୋଧହୁଏ । ଜ୍ଞାନୀ ଓ ଭକ୍ତର ତଫାତ୍ କେଉଁଠାରେ ଜାଣ ? ଜଣେ ଭଗବାନଙ୍କୁ ବାହାରେ ଦେଖେ, ଅନ୍ୟ ଜଣକ ଭଗବାନଙ୍କୁ ଭିତରେ ଦେଖେ । ତେବେ ଠାକୁରେ କହନ୍ତି, ଭକ୍ତିର ଆଉ ଗୋଟିଏ ଅବସ୍ଥା-ଭେଦ ରହିଛି—ଯାହାକୁ ପରାଭକ୍ତି କୁହାଯାଏ । ମୁକ୍ତିଲାଭ କରି, ଅଦ୍ୱୈତଜ୍ଞାନରେ ଅବସ୍ଥିତ ହୋଇ ତାଙ୍କୁ ଭକ୍ତି କରିବା । ଯେବେ କୁହାଯାଏ—ମୁକ୍ତ ଯଦି ହୋଇଗଲି, ତେବେ ପୁଣି ଭକ୍ତି କରିବ କାହିଁକି ? ତା'ର ଉତ୍ତର ହେଉଛି—ମୁକ୍ତ ଯିଏ, ତା' ପକ୍ଷରେ କୌଣସି ନିୟମ ବା ପ୍ରଶ୍ନ ଉଠି ନ ପାରେ । ମୁକ୍ତ ହୋଇ ମଧ୍ୟ କେହିକେହି ଇଚ୍ଛା କରି ଭକ୍ତି ରଖିଥାଆନ୍ତି ।

ପ୍ରଶ୍ନ : ମହାଶୟ, ଏହା ତ ବଡ଼ ମୁସ୍କିଲ କଥା । ଚୋର ଚୋରି କରିବ; ବେଶ୍ୟା ବେଶ୍ୟାଗିରି କରିବ, ସେଠାରେ ମଧ୍ୟ 'ଭଗବାନ'; ତା'ହେଲେ ଭଗବାନ ତ ସମସ୍ତ ପାପରେ ଦାୟୀ ହେବେ ?

ସ୍ୱାମୀଜୀ : ଏହିଭଳି ଜ୍ଞାନ ଗୋଟାଏ ଅବସ୍ଥାର କଥା । ପ୍ରେମ ମାଧ୍ୟମରେ ଯେତେ-ବେଳେ ଭଗବାନ ବୋଲି ଧାରଣା ଜନ୍ମେ, କେବଳ ସେତେବେଳେ ହିଁ ଏଭଳି ମନେ-ହୋଇପାରେ । ସେହିପରି ହେବା ଆବଶ୍ୟକ । ଖାଣ୍ଟି realisation (ଉପଲବ୍ଧି) ହେବା ଦରକାର ।

ପ୍ରଶ୍ନ : ତା' ହେଲେ ତ କହିବାକୁ ହେବ ଯେ, ପାପରେ ମଧ୍ୟ ସେ ବିଦ୍ୟମାନ ।

ସ୍ୱାମୀଜୀ : ପାପ ଆଉ ପୁଣ୍ୟ ବୋଲି ସ୍ୱତନ୍ତ୍ର ଜିନିଷ ତ କିଛି ନାହିଁ । ଏଗୁଡ଼ିକ ବ୍ୟାବହାରିକ କଥା ମାତ୍ର । ଆମେ କୌଣସି ଜିନିଷର ଏକପ୍ରକାର ବ୍ୟବହାରର ନାମ 'ପାପ' ଓ ଅନ୍ୟ ଏକପ୍ରକାର ବ୍ୟବହାରର ନାମ 'ପୁଣ୍ୟ' ଦେଇଥାଉ । ଯେପରିକି, ଏହି ଆଲୁଅ ଜଳାଇବାଦ୍ୱାରା ଆମେ ଦେଖିପାରୁଛୁ ଓ କେତେ କାର୍ଯ୍ୟ କରୁଛୁ; ଆଲୋକର ଏହି ଏକମାତ୍ର ବ୍ୟବହାର । ପୁଣି ଏହି ଆଲୋକରେ ହାତ ଦିଅ, ହାତ ପୋଡ଼ିଯିବ । ତାହା ଏହି ଆଲୋକର ଅନ୍ୟ ଏକପ୍ରକାର ବ୍ୟବହାର । ଅତଏବ ବ୍ୟବହାରଦ୍ୱାରା ଜିନିଷଟା ଭଲ ଅବା ମନ୍ଦ ହୋଇ-ଥାଏ । ପାପପୁଣ୍ୟ ମଧ୍ୟ ଏହି ପ୍ରକାରର । ଆମ ଶରୀର ଓ ମନର କୌଣସି ଶକ୍ତିର ସୁବ୍ୟବହାରର ନାମ ପୁଣ୍ୟ ଏବଂ କୁବ୍ୟବହାର ବା ଅପଚୟର ନାମ ପାପ ।

ତାହା ପରେ ପ୍ରଶ୍ନ ଉପରେ ପ୍ରଶ୍ନ ଚାଲିଲା । ଜଣେ କହିଲେ, 'ଗୋଟାଏ ଜଗତ ଆଉ ଗୋଟାକୁ ଖାଉଛି, ସେଠାରେ ମଧ୍ୟ ଭଗବାନ—ଏ କଥା ସତ୍ୟ ହେଉ ବା ନ ହେଉ, ଏହା ମଧ୍ୟରେ poetry (କବିତ୍ୱ) ରହିଛି ।'

ସ୍ୱାମୀଜୀ : ନା ରେ ବାବା, ଏଇଟା poetry ନୁହେଁ । ଜ୍ଞାନ ହେଲେ ଏହା ଦେଖାଯାଏ ।

ତାହା ପରେ Mill (ମିଲ୍), Hamilton ( ହାମିଲଟନ୍ ), Herbert

Spencer (ହର୍‌ବର୍ଟ ସ୍ପେନ୍‌ସର୍) ପ୍ରମୁଖଙ୍କ ଦର୍ଶନରୁ ପ୍ରଶ୍ନ ଆସିବାକୁ ଲାଗିଲା । ସ୍ୱାମୀଜୀ ସମସ୍ତ ପ୍ରଶ୍ନର ଯଥାଯଥ ଉତ୍ତର ଦେଲେ । ସେହି ଉତ୍ତରରେ ସମସ୍ତେ ମହାସନ୍ତୁଷ୍ଟ ହେଲେ । ଅନେକେ ତାଙ୍କ ଉତ୍ତର-ଦାନରେ ତତ୍ପରତା ଓ ପାଣ୍ଡିତ୍ୟ ଦେଖି ମୁଗ୍ଧ ହୋଇଗଲେ । ଶେଷରେ ପୁଣି ପ୍ରଶ୍ନ ହେଲା :

ପ୍ରଶ୍ନ : ବ୍ୟାବହାରିକ ପ୍ରଭେଦ ବା କାହିଁକି ହୁଏ ? ମନୁଷ୍ୟର କୌଣସି ଶକ୍ତିକୁ ମନ୍ଦ-କାର୍ଯ୍ୟରେ ବ୍ୟବହାର କରିବାକୁ ପ୍ରବୃତ୍ତି ହୁଏ କାହିଁକି ?

ସ୍ୱାମୀଜୀ : ନିଜ ନିଜର କର୍ମ ଅନୁସାରେ ପ୍ରବୃତ୍ତି ହୁଏ । ସମସ୍ତ ହିଁ ନିଜର କର୍ମକୃତ; ସେଥିଲାଗି ପ୍ରବୃତ୍ତିକୁ ଦମନ ବା ତାହାକୁ ସୁପ୍ରବୃତ୍ତିରୂପେ ଚାଳନା କରିବା ସମ୍ପୂର୍ଣ୍ଣ ନିଜର ଆୟତ୍ତରେ ।

ପ୍ରଶ୍ନ : ସବୁ କିଛି କର୍ମର ଫଳ ହେଲେ ମଧ୍ୟ ସମସ୍ତର ଗୋଟିଏ ଆରମ୍ଭ ତ ଅଛି । ସେହି ଆରମ୍ଭରେ ଆମର ପ୍ରବୃତ୍ତି ଭଲ ମନ୍ଦ କାହିଁକି ହୁଏ ?

ସ୍ୱାମୀଜୀ : କିଏ କହିଲା ଆରମ୍ଭ ଅଛି ବୋଲି ? ସୃଷ୍ଟି ଯେ ଅନାଦି—ବେଦର ତ ଏହି ମତ । ଭଗବାନ ଯେତେ ଦିନ ଅଛନ୍ତି, ତାଙ୍କ ସୃଷ୍ଟି ମଧ୍ୟ ସେତେ ଦିନ ରହିଛି ।

ପ୍ରଶ୍ନ : 'ଆଚ୍ଛା ମହାଶୟ, ମାୟା କାହିଁକି ଅସିଲା ? ପୁଣି କେଉଁଠାରୁ ବା ଆସିଲା ?'

ସ୍ୱାମୀଜୀ : ଭଗବାନଙ୍କ ସମ୍ବନ୍ଧରେ 'କାହିଁକି' କହିବାଟା ଭୁଲ । 'କାହିଁକି' କୁହାଯାଏ କାହା ସମ୍ବନ୍ଧରେ ?—ଯାହାର ଅଭାବ ଅଛି, ତା' ସମ୍ବନ୍ଧରେ । ଯାହାର କିଛି ଅଭାବ ନାହିଁ, ଯେ ପୂର୍ଣ୍ଣ—ତା' ପକ୍ଷରେ 'କାହିଁକି'ର ପ୍ରଶ୍ନ ଉଠି ନ ପାରେ । 'ମାୟା କେଉଁଠାରୁ ଆସିଲା ?' —ଏଭଳି ପ୍ରଶ୍ନ ବି କରାଯାଇ ନ ପାରେ । ଦେଶ-କାଳ ନିମିତ୍ତର ନାମ ହିଁ ମାୟା । ତୁମେ, ମୁଁ ସମସ୍ତେ ଏହି ମାୟା ଭିତରେ ଆବଦ୍ଧ । ତୁମେ ମାୟାତୀତ ସମ୍ପର୍କରେ ପ୍ରଶ୍ନ କରୁଛ । ମାୟା ଭିତରେ ରହି ମାୟାର ସୀମା ବାହାରର ଜିନିଷ ସମ୍ପର୍କରେ କଅଣ କୌଣସି ପ୍ରଶ୍ନ ହୋଇପାରେ ?

ଏହା ପରେ ଅନ୍ୟ ଦୁଇ ଘଣ୍ଟା କଥାବାର୍ତ୍ତା ପରେ ସଭାଭଙ୍ଗ ହେଲା । ଆମେ ସମସ୍ତେ ଯେ ଯାହା ଘରକୁ ଫେରିଆସିଲୁ ।

୧୮୯୮ ଜାନୁଆରି ୨୪ ତାରିଖ ସୋମବାର । ଗତ ଶନିବାର ଦିନ ଯେଉଁ ବ୍ୟକ୍ତି ପ୍ରଶ୍ନ କରିଥିଲେ, ସେ ପୁଣି ଆସିଛନ୍ତି । ସେ intet-marriage (ଭିନ୍ନ ଜାତି ମଧ୍ୟରେ ବିବାହ) ସମ୍ପର୍କରେ ପୁଣି କଥା ଉଠାଇଲେ । କହିଲେ, 'ଭିନ୍ନ ଜାତି ସହିତ ଆମର କିଭଳି ଆଦାନପ୍ରଦାନ ହୋଇପାରିବ ?'

ସ୍ୱାମୀଜୀ : ବିଧର୍ମୀ ଜାତିମାନଙ୍କ ଭିତରେ ଆଦାନପ୍ରଦାନର କଥା ମୁଁ କହୁ ନାହିଁ । ଅନ୍ତତଃ ବର୍ତ୍ତମାନ ତାହା ସମାଜବନ୍ଧନକୁ ଶିଥିଳ କରି ନାନା ଉପଦ୍ରବର କାରଣ ହେବ— ଏ କଥା ନିଶ୍ଚିତ । ଜାଣ ତ, ଭଗବାନ ଶ୍ରୀକୃଷ୍ଣ କହିଛନ୍ତି—'ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନଂ' ଇତ୍ୟାଦି* ସମଧର୍ମୀମାନଙ୍କ ମଧ୍ୟରେ ବିବାହପ୍ରଚଳନର କଥା ମୁଁ କହୁଥାଏ ।

---

* ଗୀତା, ୧।୩୯

ପ୍ରଶ୍ନ : ତା'ହେଲେ ମଧ୍ୟ ଅନେକ ଅସୁବିଧା । ମନେକରନ୍ତୁ, ମୋର ଗୋଟିଏ କନ୍ୟା ଅଛି, ସେ ଏହି ଦେଶରେ ଜନ୍ମିଛି ଓ ପାଳିତ ହୋଇଛି । ତା'ର ବିବାହ ଦେଲି ଜଣେ ପଶ୍ଚିମା ଲୋକ କିମ୍ବା ମାନ୍ଦ୍ରାଜୀ ସଙ୍ଗରେ । ବିବାହ ପରେ କନ୍ୟା ଜାମାତାର ଭାଷା ବୁଝେ ନାହିଁ କି ଜାମାତା ମଧ୍ୟ କନ୍ୟାର ଭାଷା ବୁଝେ ନାହିଁ । ପୁଣି ପରସ୍ପରର ଦୈନିକ ବ୍ୟବହାରାଦିରେ ଅନେକ ତଫାତ୍ । ବର-କନ୍ୟା ସମ୍ବନ୍ଧରେ ତ ଏହି ଗଣ୍ଡଗୋଳ । ପୁଣି ସମାଜରେ ମଧ୍ୟ ମହା-ବିଶୃଙ୍ଖଳା ଆସି ଦେଖାଦେବ ।

ସ୍ୱାମୀଜୀ : ଏଭଳି ଧରଣର ବିବାହ ହେବାକୁ ଆମ ଦେଶରେ ବହୁତ ଡେରି ଅଛି । ପ୍ରଥମରୁ ଏପ୍ରକାର ବିବାହ ଦେବା ମଧ୍ୟ ଠିକ୍ ନୁହେଁ । କାର୍ଯ୍ୟର ଗୋଟାଏ secret (ରହସ୍ୟ) ହେଉଛି, to go by the way of least possible resistance (ଯେତେଦୂର ସମ୍ଭବ ବାଧାବିଘ୍ନ କମ୍ ଥିବା ପଥରେ ଚାଲିବା) । ସେଥିଲାଗି ପ୍ରଥମେ ଗୋଟିଏ ବର୍ଣ୍ଣ ମଧ୍ୟରେ ବିବାହ ଚାଲୁ । ବଙ୍ଗଳା ଦେଶର କାୟସ୍ଥମାନଙ୍କ କଥା ଧରାଯାଉ । ଏଠାରେ କାୟସ୍ଥମାନଙ୍କ ମଧ୍ୟରେ ଅନେକ ଶ୍ରେଣୀ ରହିଛି—ଉତ୍ତରରାଢ଼ୀ, ଦକ୍ଷିଣରାଢ଼ୀ, ବଙ୍ଗଜ ଇତ୍ୟାଦି । ଏମାନଙ୍କର ପରସ୍ପର ମଧ୍ୟରେ ବିବାହର ପ୍ରଚଳନ ନାହିଁ । ପ୍ରଥମେ ଉତ୍ତରରାଢ଼ୀ ଓ ଦକ୍ଷିଣରାଢ଼ୀଙ୍କ ମଧ୍ୟରେ ବିବାହ ଚାଲୁ । ଯଦି ତାହା ସମ୍ଭବ ନ ହୁଏ, ବଙ୍ଗଜ ଓ ଦକ୍ଷିଣରାଢ଼ୀଙ୍କ ଭିତରେ ବିବାହ ସମ୍ପର୍କ ପ୍ରତିଷ୍ଠା କରାଯାଉ । ଏହିପରି—ଯାହା ଅଛି, ତାକୁ ହିଁ ଗଢ଼ିବାକୁ ହେବ; ଭାଙ୍ଗିବାର ନାମ ସଂସ୍କାର ନୁହେଁ ।

ପ୍ରଶ୍ନ : ଆଚ୍ଛା ଧରନ୍ତୁ, ବିବାହ ହେଲା, ସେଥିରେ କଅଣ ଫଳ ହେବ ? କଅଣ ଉପକାର ହେବ ?

ସ୍ୱାମୀଜୀ : ଦେଖିପାରୁ ନାହଁ, ଆମ ସମାଜରେ ଗୋଟିଏ ଗୋଟିଏ ଶ୍ରେଣୀ ମଧ୍ୟରେ ଶହ ଶହ ବର୍ଷ ଧରି ବିବାହ ହୋଇ ବର୍ତ୍ତମାନ ଦେଖିବାକୁ ଗଲେ ଖୁଡ଼ୁତୁତୁଣୀମାନଙ୍କ ମଧ୍ୟରେ ବିବାହ ଆରମ୍ଭ ହୋଇଗଲାଣି । ତାହା ଫଳରେ ଶରୀର ଦୁର୍ବଳ ହୋଇପଡ଼ୁଛି; ତା'ସଙ୍ଗେ ସଙ୍ଗେ ଯେତେ ରୋଗ ପ୍ରଭୃତି ଆସି ଜୁଟୁଛି । ଅତି ଅଳ୍ପସଂଖ୍ୟକ ଲୋକଙ୍କ ଭିତରେ ରକ୍ତ ଚଳାଚଳ କରି ଦୂଷିତ ହୋଇପଡ଼ୁଛି । ସେମାନଙ୍କର ଶରୀରଗତ ରୋଗାଦି ନେଇ ଶିଶୁମାନେ ଜନ୍ମୁଛନ୍ତି । ସେଥିପାଇଁ ସେମାନଙ୍କ ଶରୀରର ରକ୍ତ ଜନ୍ମାବଧି ଖରାପ । ଫଳରେ କୌଣସି ରୋଗର ବୀଜକୁ resist କରିବାର (ବାଧା ଦେବାର) କ୍ଷମତା ସେସବୁ ଶରୀରରେ ଅତ୍ୟନ୍ତ କମ୍ ହୋଇଗଲାଣି । ଦେହରେ ସଂପୂର୍ଣ୍ଣ ନୂତନ ଅନ୍ୟ ଧରଣର ରକ୍ତ ବିବାହଦ୍ୱାରା ଆସି ମିଶିଲେ ଏହିର ରୋଗାଦି କବଳରୁ ପିଲାମାନେ ପରିତ୍ରାଣ ପାଇବେ ଓ ବର୍ତ୍ତମାନ ଅପେକ୍ଷା ଢେର active (କର୍ମଠ) ହେବେ ।

ପ୍ରଶ୍ନ : ଆଚ୍ଛା ମହାଶୟ, early marriage (ବାଲ୍ୟବିବାହ) ସମ୍ବନ୍ଧରେ ଆପଣଙ୍କର ମତ କଅଣ ?

ସ୍ୱାମୀଜୀ : ବଙ୍ଗଳା ଦେଶରେ ଶିକ୍ଷିତମାନଙ୍କ ମଧ୍ୟରେ ପିଲାମାନଙ୍କୁ ଅଳ୍ପ ବୟସରୁ ବିବାହ ଦେବାର ନିୟମଟା ଉଠିଗଲାଣି । କନ୍ୟାମାନଙ୍କ ଭିତରେ ମଧ୍ୟ ପୂର୍ବ ଅପେକ୍ଷା ବର୍ଷେ

ଦୁଇ ବର୍ଷ ବେଶୀ ବଡ଼ କରି ବିବାହ ଦେବା ଆରମ୍ଭ ହୋଇଛି; କିନ୍ତୁ ଏହା ହେଉଛି ଟଙ୍କା ଦାଉରେ ପଡ଼ି । ତାହା ଯେଉଁ କାରଣରୁ ହେଉ ନା କାହିଁକି, କନ୍ୟାମାନଙ୍କୁ ଆହୁରି ବଡ଼ କରି ବିବାହ ଦେବା ଉଚିତ । ମାତ୍ର ବାପ ବିଚାରାମାନେ କଅଣ କରିବେ ? କନ୍ୟା ବଡ଼ ହେଲାମାତ୍ରେ ଘରଣୀଠାରୁ ଆରମ୍ଭ କରି ଯେତେ ଆତ୍ମୀୟା ଓ ପଡ଼ୋଶୀ ସ୍ତ୍ରୀଲୋକମାନେ ବିବାହ ଦେବା ଲାଗି ବ୍ୟସ୍ତ କରିପକାଇବେ । ପୁଣି ତୁମର ଧର୍ମଧ୍ୱଜୀମାନଙ୍କ କଥା କହି ବା କଅଣ ହେବ ? ସେମାନଙ୍କର କଥା ତ ଆଉ କେହି ଶୁଣୁ ନାହାନ୍ତି; ତଥାପି ସେମାନେ ମନକୁ ମନ ଅଭିଭାବକ ସାଜୁଛନ୍ତି । ରାଜା କହିଲେ ଯେ, ବାର ବର୍ଷ ବୟସର କନ୍ୟା ସାଙ୍ଗରେ ସହବାସ କରିପାରିବ ନାହିଁ; ତତ୍‌କ୍ଷଣାତ୍ ଦେଶର ସମସ୍ତ ଧର୍ମଧ୍ୱଜୀମାନେ 'ଧର୍ମ ଗଲା, ଧର୍ମ ଗଲା' ବୋଲି ଚିତ୍କାର ଆରମ୍ଭ କରିଦେଲେ । ବାର-ତେର ବର୍ଷ ବୟସର ବାଳିକାର ଗର୍ଭ ନ ହେଲେ ସେମାନଙ୍କର ଧର୍ମ ହେବ ନାହିଁ ! ରାଜା ବି ମନେକରନ୍ତି—ସାବାସ୍ ଏମାନଙ୍କ ଧର୍ମ ! ଏମାନେ ହିଁ ପୁଣି political agitation (ରାଜନୈତିକ ଆନ୍ଦୋଳନ) କରନ୍ତି, political right (ରାଷ୍ଟ୍ରୀୟ ଅଧିକାର) ଚାହାଁନ୍ତି !

ପ୍ରଶ୍ନ : ତାହା ହେଲେ ଆପଣଙ୍କ ମତ ଯେ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କର ବେଶୀ ବୟସରେ ବିବାହ ହେବା ଉଚିତ ।

ସ୍ୱାମୀଜୀ : କିନ୍ତୁ ସଙ୍ଗେ ସଙ୍ଗେ ଶିକ୍ଷା ଦରକାର । ନ ହେଲେ ଅନାଚାର, ବ୍ୟଭିଚାର ଆରମ୍ଭ ହୋଇଯିବ । ତେବେ ଯେଉଁଭଳି ଶିକ୍ଷା ପ୍ରଚଳିତ ଅଛି, ସେପରି ନୁହେଁ ! Positive (ଇତିମୂଳକ) କିଛି ଶିକ୍ଷା କରିବା ଆବଶ୍ୟକ । କେବଳ ବହି ପଢ଼ି ଶିକ୍ଷା ହେଲେ ଚଳିବ ନାହିଁ । ଯଦ୍ୱାରା character form (ଚରିତ୍ର ଗଠନ) ହୁଏ, ମନର ଶକ୍ତି ବଢ଼େ, ବୁଦ୍ଧିର ବିକାଶ ହୁଏ, ନିଜ ପାଦରେ ନିଜେ ଠିଆ ହେବାକୁ ସମର୍ଥ ହୁଏ—ସେହି ପ୍ରକାର ଶିକ୍ଷା ଆବଶ୍ୟକ ।

ପ୍ରଶ୍ନ : ବାଳିକାମାନଙ୍କ ମଧ୍ୟରେ ଅନେକ ସଂସ୍କାର ଦରକାର ।

ସ୍ୱାମୀଜୀ : ଏହି ପ୍ରକାରର ଶିକ୍ଷା ପାଇଲେ, ବାଳିକାମାନଙ୍କ problems (ସମସ୍ୟା-ଗୁଡ଼ିକ) ବାଳିକାମାନେ ଆପଣାଛାଏଁ solve (ମୀମାଂସା) କରିନେବେ । ଆମମାନଙ୍କ ଝିଅମାନେ ବରାବର ନାକକାନ୍ଦଣା ଭାବ ଶିକ୍ଷା କରି ଆସୁଛନ୍ତି । ଗୋଟାଏ କିଛି ଘଟିଲେ କେବଳ କାନ୍ଦିବାକୁ ମଜଭୁତ । ବୀରତ୍ୱର ଭାବ ମଧ୍ୟ ଶିକ୍ଷା କରିବା ଦରକାର । ଏ ଯୁଗରେ ସେମାନଙ୍କର self-defence (ଆତ୍ମରକ୍ଷା) ବ୍ୟବସ୍ଥା ଶିକ୍ଷା କରିବା ଦରକାର ହୋଇ-ପଡ଼ିଛି । ଭାବି ଦେଖ ତ, ଝାନ୍ସୀର ରାଣୀ କିଭଳି ଥିଲେ !

ପ୍ରଶ୍ନ : ଆପଣ ଯାହା କହୁଛନ୍ତି, ତାହା ଖୁବ୍ ନୂଆ ଧରଣର । ଆମର ବାଳିକାମାନଙ୍କ ମଧ୍ୟରେ ସେଶିକ୍ଷାର ପ୍ରଚାର ହେବାକୁ ଏବେ ମଧ୍ୟ ବହୁତ ସମୟ ଲାଗିବ ।

ସ୍ୱାମୀଜୀ : ଚେଷ୍ଟା କରିବାକୁ ହେବ । ସେମାନଙ୍କୁ ଶିଖାଇବାକୁ ପଡ଼ିବ । ନିଜେ ମଧ୍ୟ ଶିଖିବ । କେବଳ ବାପ ହେଲେ ତ ହେବ ନାହିଁ; ଅନେକ ଦାୟିତ୍ୱ ନିଜ କାନ୍ଧରେ ନେବାକୁ ହେବ । ଆମ ଦେଶର କନ୍ୟାମାନଙ୍କୁ ଗୋଟିଏ ଶିକ୍ଷା ତ ସହଜରେ ଦିଆଯାଇପାରେ ।

ହିନ୍ଦୁ କନ୍ୟା—ସତୀତ୍ୱ କ'ଣ ଜିନିଷ, ସହଜରେ ସେମାନେ ତାହା ବୁଝିପାରିବେ; ଏହା ତାଙ୍କର heritage (ଉତ୍ତରାଧିକାରସୂତ୍ରରେ ପ୍ରାପ୍ତ ଗୁଣ) ତ ! ପ୍ରଥମେ ସେହି ଭାବକୁ ଉତ୍ତମ ରୂପେ ସେମାନଙ୍କ ମଧ୍ୟରେ ଉଦ୍ରେକ କରିଦେଇ ସେମାନଙ୍କର character form (ଚରିତ୍ର ଗଠନ) କରିବାକୁ ହେବ—ଯଦ୍ୱାରା ସେମାନେ ବିବାହିତା ହୁଅନ୍ତୁ କିମ୍ବା କୁମାରୀ ରହନ୍ତୁ, ସମସ୍ତ ଅବସ୍ଥାରେ ସତୀତ୍ୱ ରକ୍ଷା ପାଇଁ ପ୍ରାଣ ଦେବାକୁ କାତର ହେବେ ନାହିଁ । କୌଣସି ଗୋଟିଏ ଆଦର୍ଶ ପାଇଁ ଜୀବନ ଦେଇପାରିବା କ'ଣ କମ୍ ବୀରତ୍ୱ ? ବର୍ତ୍ତମାନ ଯେଭଳି ସମୟ ପଡ଼ିଛି, ସେଥିରେ ସେମାନଙ୍କର ସେହି ଭାବଟି ଯେ ବହୁ କାଳରୁ ରହିଆସିଛି, ତା' ବଳରେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଚିରକୁମାରୀ କରି ରଖି ତ୍ୟାଗଧର୍ମ ଶିକ୍ଷା ଦେବାକୁ ହେବ । ସଙ୍ଗେ ସଙ୍ଗେ ବିଜ୍ଞାନ ପ୍ରଭୃତି ଅନ୍ୟ ସବୁ ପ୍ରକାର ଶିକ୍ଷା, ଯଦ୍ୱାରା ସେମାନଙ୍କର ନିଜର ଓ ଅନ୍ୟର କଲ୍ୟାଣ ହେବ, ତାହା ମଧ୍ୟ ଶିଖାଇବାକୁ ପଡ଼ିବ । ତା'ହେଲେ ସେମାନେ ଅତି ସହଜରେ ଏ ସମସ୍ତ ଶିଖିପାରିବେ ଏବଂ ଏହିଭଳି ଶିକ୍ଷା କରିବାରେ ଆନନ୍ଦ ମଧ୍ୟ ପାଇବେ । ଆମ ଦେଶର ଯଥାର୍ଥ ମଙ୍ଗଳ ପାଇଁ ଏହିଭଳି କେତେଜଣ ପବିତ୍ରଜୀବନ ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀ ସୃଷ୍ଟି କରିବା ଦରକାର ହୋଇପଡ଼ିଛି ।

ପ୍ରଶ୍ନ : ଏହିଭଳି ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀ ହେଲେ ଦେଶର ମଙ୍ଗଳ କିପରି ହେବ ?

ସ୍ୱାମୀଜୀ : ସେମାନଙ୍କୁ ଦେଖି ଓ ସେମାନଙ୍କ ଉଦ୍ୟମରେ ଦେଶର ଆଦର୍ଶ ବଦଳିଯିବ । ବର୍ତ୍ତମାନ ଅବସ୍ଥା ହୋଇଛି—ଝିଅମାନଙ୍କୁ ବିବାହଟା ଦେଇପାରିଲେ ହେଲା । ତା'ର ବୟସ ନଅ ବର୍ଷ ହୋଇଥାଉ ବା ଦଶ ବର୍ଷ ହୋଇଥାଉ । ଏବେ ଏଭଳି ହୋଇଛି ଯେ, ତେର ବର୍ଷ ବୟସରେ କନ୍ୟାର ସନ୍ତାନ ହେଲେ ପରିବାର ଭିତରେ କେତେ ଆନନ୍ଦ, କେତେ ଧୁମ୍‌ଧାମ୍ ! ଏହି ଭାବଟା ଓଲଟିଗଲେ କ୍ରମଶଃ ଦେଶରେ ଶ୍ରଦ୍ଧା ମଧ୍ୟ ଆସିଯିବ । ଯେଉଁମାନେ ଏହିଭଳି ବ୍ରହ୍ମଚର୍ଯ୍ୟ ରକ୍ଷା କରିବେ, ସେମାନଙ୍କର ତ କଥା ନାହିଁ—ସେମାନଙ୍କର କେତେ ଯେ ଶ୍ରଦ୍ଧା, ନିଜ ଉପରେ କେତେ ଯେ ବିଶ୍ୱାସ ହେବ, ତାହା କୁହାଯାଇ ନ ପାରେ ।

ଶ୍ରୋତା ମହାଶୟ ଏତେ ସମୟ ପରେ ସ୍ୱାମୀଜୀଙ୍କୁ ପ୍ରଣାମ କରି ଉଠିବାକୁ ଉଦ୍ୟତ ହେଲେ । ସ୍ୱାମୀଜୀ କହିଲେ, 'ମଝିରେ ମଝିରେ ଆସୁଥିବ ।' ସେ କହିଲେ, 'ଢେର ଉପକାର ପାଇଲି, ଅନେକ ନୂତନ କଥା ଶୁଣିଲି, ଏଭଳି ଆଉ କେବେ କେଉଁଠାରେ ଶୁଣି ନାହିଁ ।' ସକାଳପହରୁ କଥାବାର୍ତ୍ତା ଚାଲିଥିଲା । ବହୁତ ବେଳ ହୋଇଯିବାର ଦେଖି ମୁଁ ମଧ୍ୟ ସ୍ୱାମୀଜୀଙ୍କୁ ପ୍ରଣାମ କରି ବସାକୁ ଫେରି ଆସିଲି ।

ସ୍ନାନ, ଆହାରାଦି ସାରି ଓ ସାମାନ୍ୟ ସମୟ ବିଶ୍ରାମ ନେଇ ପୁଣି ବାଗ୍‌ବଜାରକୁ ଗଲି । ଆସି ଦେଖିଲି, ସ୍ୱାମୀଜୀଙ୍କ ନିକଟରେ ଅନେକ ଲୋକ । ଶ୍ରୀଚୈତନ୍ୟଦେବଙ୍କ କଥା ପଡ଼ିଛି । ହସତାମସା ମଧ୍ୟ ଚାଲିଛି । ଜଣେ କହିଉଠିଲେ, 'ମହାପ୍ରଭୁଙ୍କ କଥାପ୍ରସଙ୍ଗରେ ଏତେ ରଙ୍ଗରସର କାରଣ କ'ଣ ? ଆପଣମାନେ କ'ଣ ମନେକରନ୍ତି ଯେ, ସେ ମହାପୁରୁଷ ନ ଥିଲେ ? ସେ ଜୀବର ମଙ୍ଗଳ ପାଇଁ କୌଣସି କାର୍ଯ୍ୟ କରି ନାହାନ୍ତି ?'

ସ୍ୱାମୀଜୀ : ତୁମେ କଏ ବାବା ? ତାହାଙ୍କୁ ନେଇ ରଙ୍ଗରହସ୍ୟ କରିବାକୁ ହେବ ? କଅଣ ତୁମକୁ ନେଇ ? ମହାପ୍ରଭୁଙ୍କୁ ନେଇ ରଙ୍ଗରହସ୍ୟ କରିବାଟାକୁ ଖାଲି ଦେଖୁଛ ବୋଧହୁଏ ? ତାଙ୍କର କାମ-କାଞ୍ଚନ-ତ୍ୟାଗର ଜ୍ୱଳନ୍ତ ଆଦର୍ଶ ଗ୍ରହଣ କରି ଏତେଦିନ ଯେ ଜୀବନ ଗଢ଼ିବାର ଓ ଲୋକଙ୍କ ଭିତରେ ସେହି ଭାବ ପ୍ରବେଶ କରିବାର ଚେଷ୍ଟା କରାଯାଉଛି, ତାହା କ'ଣ ଦେଖିପାରୁ ନାହିଁ ? ଶ୍ରୀଚୈତନ୍ୟଦେବ ମହାତ୍ୟାଗୀପୁରୁଷ ଥିଲେ; ସ୍ତ୍ରୀଲୋକଙ୍କ ସଂସ୍ପର୍ଶରେ ମଧ୍ୟ ଆସୁ ନ ଥିଲେ । କିନ୍ତୁ ପରେ ଲୋକମାନେ ତାଙ୍କ ନାମ ନେଇ ବାବାଜି ଓ ମାତା ଦଳ ଗଢ଼ିଲେ । ପୁଣି ସେ ଯେଉଁ ପ୍ରେମର ଭାବ ନିଜ ଜୀବନରେ ଦେଖାଇଲେ, ତାହା ସ୍ୱାର୍ଥଶୂନ୍ୟ, କାମଗନ୍ଧହୀନ ପ୍ରେମ । ତାହା କେବେହେଲେ ସାଧାରଣ ସମ୍ପତ୍ତି ହୋଇ ନ ପାରେ । ଅଥଚ ତାଙ୍କର ପରବର୍ତ୍ତୀ ବୈଷ୍ଣବ ଗୁରୁମାନେ ପ୍ରଥମେ ତାଙ୍କର ତ୍ୟାଗଭାବ ଶିକ୍ଷା ଦେବା ଦଗରେ ମନ ନ ଦେଇ ପ୍ରେମକୁ ସାଧାରଣ ମଧ୍ୟରେ ଖେଳାଇଦେବାର ଚେଷ୍ଟା କଲେ । ଫଳରେ ସାଧାରଣ ଲୋକେ ସେହି ଉଚ୍ଚ ପ୍ରେମଭାବ ଗ୍ରହଣ କରିପାରିଲେ ନାହିଁ ଏବଂ ତାହାକୁ ନାୟକ-ନାୟିକାର ଦୂଷିତ ପ୍ରେମରେ ପରିଣତ କରିଦେଲେ ।

ପ୍ରଶ୍ନ : ଆଜ୍ଞା, ସେ ତ ଆଚଣ୍ଡାଳ ହରିନାମ ପ୍ରଚାର କରିଗଲେ; ତା'ହେଲେ ତାହା ସାଧାରଣ ସମ୍ପତ୍ତି ନ ହେବ କାହିଁକି ?

ସ୍ୱାମୀଜୀ : ପ୍ରଚାରର କଥା ହେଉ ନାହିଁ, ତା'ଙ୍କ ଭାବର କଥା ପଡ଼ୁଛି—ପ୍ରେମ, ପ୍ରେମ —ରାଧାପ୍ରେମ । ଯେଉଁଥିଲାଗି ସେ ଦିନରାତି ମାତିଥିଲେ, ସେହି କଥା ପଡ଼ୁଛି ।

ପ୍ରଶ୍ନ : ତାହା ସାଧାରଣ ସମ୍ପତ୍ତି ନ ହେବ କାହିଁକି ?

ସ୍ୱାମୀଜୀ : ସାଧାରଣ ସମ୍ପତ୍ତି କିଭଳି ହୁଏ, ତାହା ଏହି ଜାତିକୁ ଦେଖି ବୁଝୁ ନାହିଁ ? ଏହି ପ୍ରେମ ପ୍ରଚାର କରି ତ ସମସ୍ତ ଜାତିଟା ନାରୀସୁଲଭ ହୋଇଯାଉଛି । ସମସ୍ତ ଓଡ଼ିଶା କାପୁରୁଷ ଓ ଭୀରୁଙ୍କର ବାସସ୍ଥଳୀ ହୋଇଉଠିଛି, ଯାହା ଆଗରୁ ବୀରଭୂମି ଥିଲା । ପୁଣି ଏହି ବଙ୍ଗଳା ଦେଶରେ ଚାରି ଶହ ବର୍ଷ ଧରି ରାଧାପ୍ରେମ କରି କଅଣ ହୋଇଛି ଦେଖ ! ଏଠାରେ ମଧ୍ୟ ପୁରୁଷତ୍ୱର ଭାବ ପ୍ରାୟ ଲୋପ ପାଇ ଯାଇଛି । ଲୋକଗୁଡ଼ାକ କେବଳ କାନ୍ଦିବାରେ ମଜଭୂତ ହୋଇଛନ୍ତି । ଭାଷାରୁ ହିଁ ଭାବର ପରିଚୟ ମିଳିଥାଏ—ଚାରି ଶହ ବର୍ଷ ଧରି ବଙ୍ଗଳା ଭାଷାରେ ଯାହା କିଛି ଲେଖା ହୋଇଛି, ସେସମସ୍ତ କେବଳ କାନ୍ଦଣାର ସ୍ୱର । ନାକକାନ୍ଦଣା ବ୍ୟତୀତ ଆଉ କିଛି ନାହିଁ । ଗୋଟାଏ ବୀରସୂଚକ କବିତାର ଜନ୍ମ ମଧ୍ୟ ଦେଇପାରି ନାହିଁ ! !

ପ୍ରଶ୍ନ : ଏହି ପ୍ରେମର ଅଧିକାରୀ ତେବେ କେଉଁମାନେ ହୋଇପାରିବେ ?

ସ୍ୱାମୀଜୀ : କାମ ଥିବାଯାଏ ପ୍ରେମ ହୁଏ ନାହିଁ—ଏକ ବିନ୍ଦୁ ଥିଲେ ମଧ୍ୟ ହେବ ନାହିଁ । ମହାତ୍ୟାଗୀ, ମହାବୀର ପୁରୁଷଙ୍କ ବ୍ୟତୀତ ସେହି ପ୍ରେମର ଅଧିକାରୀ କେହି ନୁହନ୍ତି । ସେହି ପ୍ରେମକୁ ସାଧାରଣ ସମ୍ପତ୍ତି କରିବାକୁ ଗଲେ ନିଜର ବର୍ତ୍ତମାନ ଭିତର ଭାବଟା ହିଁ ଫୁଟିଉଠିବ । ଭଗବାନଙ୍କ ଉପରେ ପ୍ରେମକଥା ମନରେ ନ ପଡ଼ି ଘରର ସ୍ତ୍ରୀ ସହିତ ଯେଉଁ ପ୍ରେମ, ସେହି କଥା ଉଙ୍କି ମାରିବ । ସେଥିରେ ପ୍ରେମର ଯେଉଁ ଅବସ୍ଥା ହେବ, ତାହା ତ ଦେଖିପାରୁଛ !

ପ୍ରଶ୍ନ : ତେବେ କ'ଣ ହେବ୍ଧି ପ୍ରେମ-ପଥରେ ଭଜନ କରି ଭଗବାନଙ୍କୁ ସ୍ୱାମୀ ଓ ନିଜକୁ ସ୍ତ୍ରୀ ଭାବ ସାଧନା କରି ତାଙ୍କୁ (ଭଗବାନଙ୍କୁ) ଲାଭ କରିବା ଗୃହସ୍ଥ ପକ୍ଷରେ ଅସମ୍ଭବ ?

ସ୍ୱାମୀଜୀ : ଜଣେ ଦୁଇ ଜଣଙ୍କ ପକ୍ଷରେ ସମ୍ଭବ ହେଲେ ମଧ୍ୟ ସାଧାରଣ ଗୃହସ୍ଥ ପକ୍ଷରେ ଯେ ଅସମ୍ଭବ, ଏକଥା ନିଶ୍ଚିତ । ପୁଣି ଏ କଥା ପଶୁରିବାର ଏତେ ଆବଶ୍ୟକତା କ'ଣ ? ମଧୁରଭାବ ବ୍ୟତୀତ ଭଗବାନଙ୍କୁ ଭଜନ କରିବାର କ'ଣ ଆଉ କୌଣସି ପଥ ନାହିଁ ? ଆହୁରି ଚାରିଟା ଭାବ ତ ଅଛି—ସେଗୁଡ଼ିକୁ ଧରି ଭଜନ କରୁ ନାହଁ ? ପ୍ରାଣଭରି ତାଙ୍କ ନାମ ନେଉ ନାହଁ ? ହୃଦୟ ଖୋଲିଯିବ; ତା' ପରେ ଯାହା ହେବାର ତାହା ସ୍ୱୟଂ ସ୍ୱୟଂ ହୋଇଯିବ । ତେବେ ଏ କଥା ନିଶ୍ଚିତ ଭାବରେ ଜାଣ ଯେ, କାମ ଥିଲେ ପ୍ରେମ ହେବ ନାହିଁ ! କାମଶୂନ୍ୟ ହେବାର ଚେଷ୍ଟା ଆଗେ କରୁ ନାହଁ ! କହିବ, ତାହା କିପରି ହେବ ?-ମୁଁ ଯେ ଗୃହସ୍ଥ ! ଗୃହସ୍ଥ ହେଲି ବୋଲି କ'ଣ କାମର ଗୋଟାଏ ମାଠିଆ ହେବାକୁ ପଡ଼ିବ ? ସ୍ତ୍ରୀ ସହିତ କେବଳ କାମଜ ସମ୍ବନ୍ଧ ରଖିବାକୁ ହିଁ ହେବ ? ତେଣୁ ମଧୁରଭାବ ଉପରେ ଏତେ ଝୁଙ୍କ ବା କାହିଁକି ? ପୁରୁଷ ହୋଇ ସ୍ତ୍ରୀଲୋକର ଭାବ ନେବା କ'ଣ ଦରକାର ?

ପ୍ରଶ୍ନ : ହଁ ନାମକୀର୍ତ୍ତନଟା ବେଶ୍ । ତାହା ଭଲ ବି ଲାଗେ; ଶାସ୍ତ୍ରରେ ମଧ୍ୟ କୀର୍ତ୍ତନର କଥା ରହିଛି । ଚୈତନ୍ୟଦେବ ତାହା ହିଁ ପ୍ରଚାର କରିଗଲେ । ଯେତେବେଳେ ଖୋଲ ବାଜଉଠେ, ସେତେବେଳେ ପ୍ରାଣଟା ଯେପରି ମାତି ଉଠେ, ନାଚିବାକୁ ଇଚ୍ଛା ହୁଏ ।

ସ୍ୱାମୀଜୀ : ବେଶ୍ କଥା, କିନ୍ତୁ କୀର୍ତ୍ତନ ଅର୍ଥ କେବଳ ନାଚିବା ବୋଲି ଭାବ ନାହିଁ । କୀର୍ତ୍ତନ ଅର୍ଥ ଭଗବାନଙ୍କର ଗୁଣଗାନ—ତାହା ଯେଉଁ ଭାବରେ ହେଉ ପଛକେ । ବୈଷ୍ଣବ-ମାନଙ୍କର ଭଆଁ ତେଉଁ ଓ ନାଚକୁଦ ଭଲ ସତ; କିନ୍ତୁ ସେଥିରେ ଗୋଟିଏ ଦୋଷ ଅଛି । ସେଠାରୁ ନିଜକୁ ବଞ୍ଚାଇ ରଖ । କି ଦୋଷ ଜାଣ ? ପ୍ରଥମେ ଏତାବେଳକେ ଭାବଟା ଖୁବ୍ ଜମେ, ଆଖିରୁ ଲୁହର ଗଡ଼େ, ମୁଣ୍ଡ ଭିତର ଝାଇଁଝାଇଁ ହୋଇଯାଏ । ତାହା ପରେ ଯେମିତି ସଂକୀର୍ତ୍ତନ ବନ୍ଦ ହୁଏ, ତାହ ସଙ୍ଗେସଙ୍ଗେ ସେ ଭାବଟା ହୁ ହୁ କରି ତଳକୁ ଖସିଆସେ । ତେଉ ଯେତେ ଉଚ୍ଚକୁ ଉଠେ, ଖସିବା ସମୟରେ ତାହା ସେତିକ ତଳକୁ ଖସିଅସେ । ବିଚାରବୁଦ୍ଧି ନ ଥିଲେ ସର୍ବନାଶ, ସେସମୟରେ ରକ୍ଷା ପାଇବା କଷ୍ଟ । କାମାଦି ନୀଚଭାବର ଅଧୀନ ହୋଇପଡ଼ିବାକୁ ହୁଏ । ଆମେରିକାରେ ମଧ୍ୟ ଏହିଭଳି ଦେଖିଛି, କେତେଗୁଡ଼ିଏ ଲୋକ ଗୀର୍ଜାକୁ ଯାଇ ବେଶ୍ ପ୍ରାର୍ଥନା କଲେ, ଭାବମୟ ସହକାରେ ଗାଇଲେ, ବକ୍ତୃତା ଶୁଣି କାନ୍ଦ ପକାଇଲେ—ତା'ପରେ ଗୀର୍ଜାରୁ ବାହାରି ଆସି ବେଶ୍ୟାଳୟରେ ପଶିଲେ ।

ପ୍ରଶ୍ନ : ତା'ହେଲେ ଆଜ୍ଞା, ଚୈତନ୍ୟଦେବଙ୍କଦ୍ୱାରା ପ୍ରବର୍ତ୍ତିତ ଭାବସମୂହ ଭିତରୁ କେଉଁଗୁଡ଼ିକୁ ଗ୍ରହଣ କଲେ ଆମକୁ କୌଣସି ପ୍ରକାର ଭ୍ରମରେ ପଡ଼ିବାକୁ ହେବ ନାହିଁ, ପୁଣି ମଙ୍ଗଳ ହେବ ?

ସ୍ୱାମୀଜୀ : ଜ୍ଞାନମିଶ୍ରା ଭକ୍ତି ସହିତ ଭଗବାନଙ୍କୁ ଡାକିବ; ଭକ୍ତି ସହିତ ବିଚାରବୁଦ୍ଧି ରଖିବ । ଏହା ବ୍ୟତୀତ ଚୈତନ୍ୟଦେବଙ୍କ ନିକଟରୁ ଆହୁରି ଗ୍ରହଣ କରିବ ତାଙ୍କର heart

( ହୃଦୟବତ୍ତା ), ସର୍ବଜୀବପ୍ରତି ସ୍ନେହ, ଭଗବାନଙ୍କ ପାଇଁ ବ୍ୟାକୁଳତା; ପୁଣି ତାଙ୍କର ତ୍ୟାଗକୁ ଜୀବନର ଆଦର୍ଶ କରିବ ।

ପ୍ରଶ୍ନ : ( ସ୍ୱାମୀଜୀଙ୍କୁ ଲକ୍ଷ୍ୟ କରି ) ଠିକ୍ କହୁଛନ୍ତି ଆଜ୍ଞା, ମୁଁ ଆପଣଙ୍କ ଭାବ ପ୍ରଥମେ ବୁଝିପାରି ନ ଥିଲି । ( କର ଯୋଡ଼ି ) କ୍ଷମା କରିବେ । ତେଣୁ ବୈଷ୍ଣବମାନଙ୍କର ମଧୁରଭାବ ସମ୍ପର୍କରେ ଆପଣ ଅଛା ତାମସା କରିବାର ଦେଖି ମନରେ ଖଟକା ଲାଗିଥିଲା ।

ସ୍ୱାମୀଜୀ : ( ହସିହସି ) ଦେଖ, ଗାଳିଗୁଲଜ ଯଦି କରିବାକୁ ହୁଏ ତ, ତେବେ ଭଗବାନଙ୍କୁ ଗାଳିଦେବା ହିଁ ଭଲ । ତୁମେ ଯଦି ମୋତେ ଗାଳିଦେବ, ମୁଁ ତୁମକୁ ମାରି- ଗୋଡ଼ାଇବି । ମୁଁ ତୁମକୁ ଗାଳିଦେଲେ, ତୁମେ ମଧ୍ୟ ତା'ର ପ୍ରତିଶୋଧ ନେବା ପାଇଁ ଚେଷ୍ଟା କରିବ । ଭଗବାନ ତ ତାହା କରିପାରିବେ ନାହିଁ ।

ପ୍ରଶ୍ନକର୍ତ୍ତା ସ୍ୱାମୀଜୀଙ୍କ ପଦଧୂଳି ଗ୍ରହଣ କରି ଚାଲିଗଲେ । ସ୍ୱାମୀଜୀ ଦର୍ଶନାର୍ଥୀମାନଙ୍କୁ ଫେରାଇଦେବାକୁ ଚାହୁଁ ନ ଥିଲେ । ତାଙ୍କ ଦେହ ଅସୁସ୍ଥ ଥିବା ସତ୍ତ୍ୱେ ଏ ସମ୍ବନ୍ଧରେ କାହାରି କଥା ସେ ରଖୁ ନ ଥିଲେ । କହୁଥିଲେ, 'ସେମାନେ ଏତେ କଷ୍ଟ କରି ଦୂରରୁ ଚାଲିଚାଲି ଆସିପାରୁଛନ୍ତି, ଅଥଚ ମୁଁ ଏଠାରେ ବସି ବସି ନିଜ ଦେହ ଟିକିଏ ଖରାପ ହେବ ବୋଲି ସେମାନଙ୍କ ସଙ୍ଗରେ ଦୁଇ ପଦ କଥାବାର୍ତ୍ତା ହୋଇପାରିବ ନାହିଁ ?'

ସେହି ଦିନ ଅପରାହ୍ନ ତିନଟା ଚାରିଟା ହେବ । ଉପସ୍ଥିତ କେତେଜଣଙ୍କ ସହିତ ସ୍ୱାମୀଜୀଙ୍କର ଅନ୍ୟ କଥାବାର୍ତ୍ତା ଚାଲିଲା । ଇଂଲଣ୍ଡ ଓ ଆମେରିକାର କଥା ସେ କହିବାକୁ ଲାଗିଲେ । ପ୍ରସଙ୍ଗକ୍ରମେ ସ୍ୱାମୀଜୀ କହିଲେ : ଇଂଲଣ୍ଡରୁ ଆସିବା ବେଳେ ବାଟରେ ଗୋଟାଏ ମଜା ସ୍ୱପ୍ନ ଦେଖିଥିଲି । ଭୂମଧ୍ୟସାଗରରେ ଆସୁ ଆସୁ ଜାହାଜରେ ଶୋଇପଡ଼ିଥିଲି । ସ୍ୱପ୍ନ ଦେଖିଲି—ଋଷିଭାବାପନ୍ନ ଜଣେ ଅତିଶୟ ବୃଦ୍ଧଲୋକ ମୋତେ କହୁଛନ୍ତି—'ତୁମେମାନେ ଆସ, ଆମମାନଙ୍କୁ ପୁନରୁଦ୍ଧାର କର, ଆମେମାନେ ହେଉଛୁ ସେହି ପୁରାତନ ଥେରାପୁଉ ସମ୍ପ୍ରଦାୟ— ଭାରତର ଋଷିମାନଙ୍କ ଭାବଧାରାରେ ଯାହା ଗଠିତ ହୋଇଛି । ଖ୍ରୀଷ୍ଟାନ୍‌ମାନେ ଆମମାନଙ୍କ ପ୍ରଚାରିତ ଭାବ ଓ ସତ୍ୟସମୂହ ଯୀଶୁଙ୍କଦ୍ୱାରା ପ୍ରଚାରିତ ବୋଲି ପ୍ରକାଶ କରିଛନ୍ତି । ନ' ହେଲେ ଯୀଶୁ ନାମରେ ବାସ୍ତବିକ କୌଣସି ବ୍ୟକ୍ତି ନ ଥିଲେ । ଏହି ବିଷୟକ ନାନା ପ୍ରମାଣାଦି ଏହି ସ୍ଥାନ ଖନନ କଲେ ମିଳିବ ।' ମୁଁ କହିଲି, 'କେଉଁଠାରେ ଖନନ କଲେ ଏହି ସମସ୍ତ ପ୍ରମାଣ- ଚିହ୍ନ ପ୍ରଭୃତି ମିଳିପାରିବ ?' ବୃଦ୍ଧ କହିଲେ, 'ଏଇ ଦେଖନା ଏହି ସ୍ଥାନରେ ।' ଏହା କହି ତୁର୍କୀର ନିକଟବର୍ତ୍ତୀ ଗୋଟିଏ ସ୍ଥାନ ଦେଖାଇଦେଲେ । ତାହା ପରେ ନିଦ ଭାଙ୍ଗିଗଲା । ଶଯ୍ୟାରୁ ଉଠି ସଙ୍ଗେ ସଙ୍ଗେ ଉପରକୁ ଯାଇ କପ୍ତାନକୁ ପଚାରିଲି, 'ବର୍ତ୍ତମାନ ଜାହାଜ କେଉଁ ସ୍ଥାନରେ ପହଞ୍ଚିଛି ?' କପ୍ତାନ କହିଲେ, 'ଏହି ସମ୍ମୁଖରେ ତୁର୍କୀ ଏବଂ କ୍ରୀଟ ଦ୍ୱୀପ ଦେଖା- ଯାଉଛି ।'

# କଥୋପକଥନ

# ଲଣ୍ଡନରେ ଭାରତୀୟ ଯୋଗୀ

ୱେଷ୍ଟମିନିଷ୍ଟର ଗେଜେଟ୍, ୨୩ ଅକ୍ଟୋବର, ୧୮୯୫

ଜନୈକ ସମ୍ବାଦଦାତା ଆମମାନଙ୍କୁ ଲେଖିଛନ୍ତି : ପାଶ୍ଚାତ୍ୟ ଜାତି ନିକଟରେ ଏକ ପ୍ରକାର ସମ୍ପୂର୍ଣ୍ଣ ନୂତନ ବୋଲି ପ୍ରତୀତ ବେଦାନ୍ତ ଧର୍ମର ପ୍ରଚାରକ ସ୍ୱାମୀ ବିବେକାନନ୍ଦଙ୍କ ସହିତ ମୁଁ ସାକ୍ଷାତ୍ କରିବାକୁ ଯାଇଥିଲି । ସେ ପ୍ରକୃତରେ ହିଁ ଜଣେ ଭାରତୀୟ ଯୋଗୀ—ଯୁଗ-ଯୁଗାନ୍ତ ଧରି ସନ୍ନ୍ୟାସୀ ଓ ଯୋଗୀଗଣ ଶିଷ୍ୟପରମ୍ପରାକ୍ରମରେ ଯେଉଁ ଶିକ୍ଷା ଦେଇ ଆସୁଛନ୍ତି, ତାହା ହିଁ ବ୍ୟାଖ୍ୟା କରିବା ପାଇଁ ସେ ଅକୁତୋଭୟ ହୋଇ ପାଶ୍ଚାତ୍ୟଦେଶକୁ ଆଗମନ କରିଛନ୍ତି ଏବଂ ସେହି ଉଦ୍ଦେଶ୍ୟରେ ଗତ ସନ୍ଧ୍ୟାରେ ପ୍ରିନ୍ସେସ୍ ହଲ୍‌ରେ ସେ ଗୋଟିଏ ବକ୍ତୃତା ଦେଇଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ମୁଣ୍ଡରେ କଳା କନାର ପଗଡ଼ି, ମୁଖର ଭାବ ଶାନ୍ତ ଓ ପ୍ରସନ୍ନ—ଦେଖିବା ମାତ୍ରେ ତାଙ୍କ ମଧ୍ୟରେ କିଛି ବିଶେଷତ୍ୱ ଅଛି ବୋଲି ବୋଧହୁଏ ।

ମୁଁ : ସ୍ୱାମୀଜୀ, ଆପଣଙ୍କର ନାମରେ କୌଣସି ଅର୍ଥ ଅଛି କି ?—ଯଦି ଥାଏ, ମୁଁ ଜାଣିପାରିବି କି ?

ସ୍ୱାମୀଜୀ : ମୁଁ ବର୍ତ୍ତମାନ ଯେଉଁ ନାମ (ସ୍ୱାମୀ ବିବେକାନନ୍ଦ)-ରେ ପରିଚିତ, ତାହାର ପ୍ରଥମ ଶବ୍ଦଟିର ଅର୍ଥ ସନ୍ନ୍ୟାସୀ, ଅର୍ଥାତ୍ ଯେ ବିଧିପୂର୍ବକ ସଂସାରାଶ୍ରମ ତ୍ୟାଗ କରି ସନ୍ନ୍ୟାସାଶ୍ରମ ଗ୍ରହଣ କରିଛନ୍ତି; ଆଉ ଦ୍ୱିତୀୟଟି ଗୋଟିଏ ଉପାଧି—ସଂସାର ତ୍ୟାଗ ପରେ ଏହା ମୁଁ ଗ୍ରହଣ କରିଛି । ସବୁ ସନ୍ନ୍ୟାସୀ ହିଁ ଏହିପରି କରିଥାନ୍ତି । ଏହାର ଅର୍ଥ—ବିବେକ ଅର୍ଥାତ୍ ସଦସତ୍ ବିଚାରରେ ଆନନ୍ଦ ।

ମୁଁ : ଆଚ୍ଛା ସ୍ୱାମୀଜୀ, ସଂସାରର ସବୁ ଲୋକେ ଯେଉଁ ବାଟରେ ଚାଲିଥାନ୍ତି, ଆପଣ ତାହା ତ୍ୟାଗ କଲେ କାହିଁକି ?

ସ୍ୱାମୀଜୀ : ବାଲ୍ୟକାଳରୁ ହିଁ ଧର୍ମ ଓ ଦର୍ଶନର ଚର୍ଚ୍ଚାରେ ମୋର ବିଶେଷ ଆଗ୍ରହ ଥିଲା । ଆମମାନଙ୍କର ଶାସ୍ତ୍ରର ଉପଦେଶ—ମାନବ ପକ୍ଷରେ ତ୍ୟାଗ ହିଁ ଶ୍ରେଷ୍ଠତମ ଆଦର୍ଶ । ପରେ ରାମକୃଷ୍ଣ ପରମହଂସ ନାମକ ଜଣେ ଉନ୍ନତ ଧର୍ମାଚାର୍ଯ୍ୟଙ୍କ ସହିତ ମୋର ମିଳନ ହେଲା । ମୁଁ ଦେଖିଲି, ମୋର ଯାହା ଶ୍ରେଷ୍ଠତମ ଆଦର୍ଶ, ତାହା ସେ ଜୀବନରେ ପରିଣତ କରିଛନ୍ତି । ସୁତରାଂ ତାଙ୍କ ସହିତ ସାକ୍ଷାତ୍ ହେବାପରେ, ସେ ସ୍ୱୟଂ ଯେଉଁ ପଥର ପଥିକ, ଥିଲେ, ମୋର ମଧ୍ୟ ସେହି ପଥ ଅବଲମ୍ବନ କରିବା ପାଇଁ ପ୍ରବଳ ଆକାଙ୍‌କ୍ଷା ଜାଗରିତ ହେଲା; ତେଣୁ ସନ୍ନ୍ୟାସ ଗ୍ରହଣ କରିବାର ସଂକଳ୍ପ କଲି ।

ମୁଁ : ତେବେ କ'ଣ ସେ ଗୋଟିଏ ସମ୍ପ୍ରଦାୟ ସ୍ଥାପନ କରିଯାଇଛନ୍ତି ଏବଂ ଆପଣ ବର୍ତ୍ତମାନ ତାହାର ପ୍ରତିନିଧିସ୍ୱରୂପ ?

ସ୍ୱାମୀଜୀ : ନା, ନା, ସାମ୍ପ୍ରଦାୟିକତା ଓ ରକ୍ଷଣଶୀଳତା ଦ୍ୱାରା ଆଧ୍ୟାତ୍ମିକ ଜଗତରେ ସର୍ବତ୍ର ଯେଉଁ ଗୋଟାଏ ଗଭୀର ବ୍ୟବଧାନ ସୃଷ୍ଟି ହୋଇଛି, ତାହା ଦୂର କରିବା ପାଇଁ ତାଙ୍କର ସମଗ୍ର ଜୀବନ ବ୍ୟୟିତ ହୋଇଥିଲା । ସେ କୌଣସି ସମ୍ପ୍ରଦାୟ ସ୍ଥାପନ କରି ନାହାନ୍ତି; ବରଂ

ତାହାର ସମ୍ପୂର୍ଣ୍ଣ ବିପରୀତ କାର୍ଯ୍ୟ କରିଯାଇଛନ୍ତି । ସାଧାରଣ ଲୋକେ ଯେଉଁଥିରେ ଯଥାର୍ଥ ରୂପରେ ସ୍ୱାଧୀନ-ଚିନ୍ତାପରାୟଣ ହୁଅନ୍ତି, ସେବିଷୟରେ ସେ ପରିପୂର୍ଣ୍ଣ ପୋଷକତା କରୁଥିଲେ ଏବଂ ସେଥିପାଇଁ ସେ ପ୍ରାଣପଣେ ଚେଷ୍ଟା କରିଯାଇଛନ୍ତି । ସେ ଜଣେ ଅତି ବଡ଼ ଯୋଗୀ ଥିଲେ ।

ମୁଁ : ତାହାହେଲେ ତ ଏ ଦେଶର କୌଣସି ସମାଜ ବା ସମ୍ପ୍ରଦାୟ ସହିତ ଆପଣଙ୍କର କୌଣସି ସମ୍ବନ୍ଧ ନାହିଁ ? ଯଥା—ଥିଓଜଫିକାଲ ସୋସାଇଟି, ଖ୍ରୀଷ୍ଟିଆନ ସାଇଣ୍ଟିଷ୍ଟ* ବା ଅପର କୌଣସି ସମ୍ପ୍ରଦାୟ ସହିତ ?

ସ୍ୱାମୀଜୀ ସ୍ପଷ୍ଟ ହୃଦୟସ୍ପର୍ଶୀ ସ୍ୱରରେ କହିଲେ : ନା, ଆଦୌ ମାତ୍ର ନାହିଁ । ( ସ୍ୱାମୀଜୀ ଯେତେବେଳେ କଥା କହନ୍ତି, ସେତେବେଳେ ତାଙ୍କ ମୁଖ ବାଳକର ମୁଖ ପରି ଉଜ୍ଜ୍ୱଳ ହୋଇଉଠେ—ମୁଖ ଖଣ୍ଡିକ ଏତେ ସରଳ, ଅକପଟ ଓ ସଦ୍‌ଭାବପୂର୍ଣ୍ଣ ! ) ମୁଁ ଯାହା ଶିକ୍ଷା ଦିଏ, ସେଥିରେ ମୋ ଗୁରୁଙ୍କ ଉପଦେଶର ଅନୁଗାମୀ ହୋଇ ଆମର ପ୍ରାଚୀନ ଶାସ୍ତ୍ର ସମୂହକୁ ମୁଁ ନିଜେ ଯେପରି ବୁଝିଛି, ତାହା ହିଁ ବ୍ୟାଖ୍ୟା କରିଥାଏ । ଅଲୌକିକ ଉପାୟରେ ଲବ୍ଧ କୌଣସି ପ୍ରକାର ଅଲୌକିକ ବିଷୟ ଶିକ୍ଷା ଦେବା ମୁଁ ଦାବି କରେ ନାହିଁ । ମୋ ଉପଦେଶ ମଧ୍ୟରେ ଯେତେ ଟିକିଏ ତୀକ୍ଷ୍ଣ ବିଚାର-ବୁଦ୍ଧିର ଉପାଦେୟ ଏବଂ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ଦ୍ୱାରା ଗ୍ରାହ୍ୟ ବୋଲି ବୋଧ ହେବ, କେବଳ ସେତିକ ଲୋକେ ଗ୍ରହଣ କଲେ ହିଁ ମୁଁ ଯଥେଷ୍ଟ ପୁରସ୍କୃତ ହେବି ।

ସେ ପୁଣି କହିଲେ : ସବୁ ଧର୍ମର ହିଁ ଲକ୍ଷ୍ୟ—କୌଣସି ବିଶେଷ ମାନବ-ଜୀବନକୁ ଆଦର୍ଶସ୍ୱରୂପ ଧରି ସ୍ଥୂଳ ଭାବରେ ଭକ୍ତି, ଜ୍ଞାନ ବା ଯୋଗ ଶିକ୍ଷା ଦେବା । ଉକ୍ତ ଆଦର୍ଶଗୁଡ଼ିକୁ ଅବଲମ୍ବନ କରି ଭକ୍ତି, ଜ୍ଞାନ ଓ ଯୋଗ ବିଷୟକ ଯେଉଁ ସାଧାରଣ ଭାବ ଓ ସାଧନ-ପ୍ରଣାଳୀ ରହିଛି, ବେଦାନ୍ତ ତାହାର ବିଜ୍ଞାନସ୍ୱରୂପ । ମୁଁ ସେହି ବିଜ୍ଞାନ ହିଁ ପ୍ରଚାର କରିଥାଏ, ଏବଂ ସେହି ବିଜ୍ଞାନ ସାହାଯ୍ୟରେ ନିଜ ନିଜ ସାଧନାର ଉପାସ୍ୟ ରୂପେ ଅବଲମ୍ବିତ ବିଶେଷ ବିଶେଷ ସ୍ଥୂଳାଦର୍ଶଗୁଡ଼ିକ ପ୍ରତ୍ୟେକେ ନିଜେ ନିଜେ ହିଁ ବୁଝି ନିଅନ୍ତୁ—ଏହି କଥା କହିଥାଏ । ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କର ନିଜ ନିଜର ଅଭିଜ୍ଞତାକୁ ହିଁ ପ୍ରମାଣସ୍ୱରୂପରେ ଗ୍ରହଣ କରିବା ପାଇଁ କହିଥାଏ, ଆଉ ଯେଉଁଠାରେ କୌଣସି ଗ୍ରନ୍ଥର କଥା ପ୍ରମାଣସ୍ୱରୂପ ଉପସ୍ଥାପିତ କରେ, ସେଠାରେ ବୁଝିବାକୁ ହେବ, ସେଗୁଡ଼ିକ ଚେଷ୍ଟା କଲେ ସଂଗ୍ରହ କରାଯାଇପାରେ, ଆଉ ସମସ୍ତେ ହିଁ ଇଚ୍ଛା କଲେ ନିଜେ ନିଜେ ତାହା ପଢ଼ିନେଇ ପାରନ୍ତି । ସର୍ବୋପରି, ମୁଁ ପ୍ରତ୍ୟକ୍ଷ ପ୍ରତିନିଧିମାନଙ୍କ ଦ୍ୱାରା ଆଦେଶପ୍ରାପ୍ତିର କାହାଣୀ—ସାଧାରଣ ଚକ୍ଷୁର ଅନ୍ତରାଳରେ ସର୍ବଥା ଅବସ୍ଥିତ ମହାପୁରୁଷମାନଙ୍କ ଉପରେ ବିଶ୍ୱାସ ବା ସେମାନଙ୍କର ଉପଦେଶ ବୋଲି କୌଣସି କିଛି ପ୍ରମାଣସ୍ୱରୂପ ମୁଁ ଉପସ୍ଥାପିତ କରେ ନାହିଁ, ଅଥବା ଗୋପନୀୟ ଗ୍ରନ୍ଥ ବା ହସ୍ତଲିପିରୁ ମୁଁ କିଛି ଶିଖିଛି ବୋଲି ଦାବି କରେ ନାହିଁ । ମୁଁ କୌଣସି ଗୁପ୍ତ ସମିତିର ମୁଖପାତ୍ର ନୁହେଁ,

* ତଥ୍ୟପଞ୍ଜୀ ଦ୍ରଷ୍ଟବ୍ୟ ।

ଅଥବା ସେପରି ସମିତିସମୂହ ଦ୍ୱାରା କୌଣସି ପ୍ରକାର କଲ୍ୟାଣ ହୋଇପାରେ ବୋଲି ମଧ୍ୟ ମୋର ବିଶ୍ୱାସ ନାହିଁ । ସତ୍ୟ ନିଜେ ହିଁ ନିଜର ପ୍ରମାଣ, ତାହାର ଅନ୍ଧକାରରେ ଲୁଚି ରହିବାର କୌଣସି ପ୍ରୟୋଜନ ହୁଏ ନାହିଁ, ତାହା ଅନାୟାସରେ ଦିବାଲୋକ ସହ୍ୟ କରିପାରେ ।

ମୁଁ : ତେବେ, ସ୍ୱାମୀଜୀ, ଆପଣଙ୍କର କୌଣସି ସମାଜ ବା ସମିତି ପ୍ରତିଷ୍ଠା କରିବା ସଂକଳ୍ପ ନାହିଁ ?

ସ୍ୱାମୀଜୀ : ନା, ମୋର କୌଣସି ପ୍ରକାର ସମିତି ବା ସମାଜ ପ୍ରତିଷ୍ଠା କରିବାର ଇଚ୍ଛା ନାହିଁ । ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟରେ ଗୁଢ଼ ଭାବରେ ଅବସ୍ଥିତ ଓ ସର୍ବସାଧାରଣଙ୍କର ସମ୍ପତ୍ତି-ସ୍ୱରୂପ ଆତ୍ମାର ତତ୍ତ୍ୱ ଉପଦେଶ ଦେଇଥାଏ । କେତେଜଣ ଦୃଢ଼ଚିତ୍ତ ବ୍ୟକ୍ତି ଆତ୍ମଜ୍ଞାନ ଲାଭ କଲେ ଓ ସେହି ଜ୍ଞାନ ଅବଲମ୍ବନରେ ଦୈନନ୍ଦିନ ଜୀବନର କାର୍ଯ୍ୟ କରିଗଲେ ପୁରାତନ ଯୁଗ ପରି ଏ ଯୁଗରେ ମଧ୍ୟ ଜଗତଟାକୁ ସମ୍ପୂର୍ଣ୍ଣ ଓଲଟ ପାଲଟ କରିଦେଇ ପାରନ୍ତେ । ପୂର୍ବ-କାଳରେ ଜଣେ ଜଣେ ଦୃଢ଼ଚିତ୍ତ ମହାପୁରୁଷ ସେହି ଭାବରେ ସେମାନଙ୍କ ନିଜ ନିଜ ସମୟରେ ଯୁଗାନ୍ତର ଆନୟନ କରିଥିଲେ ।

ମୁଁ : ସ୍ୱାମୀଜୀ, ଆପଣ କଅଣ ଏବେ ମାତ୍ର ଭାରତରୁ ଆସୁଛନ୍ତି ?

ସ୍ୱାମୀଜୀ : ନା । ୧୮୯୩ ଖ୍ରୀଷ୍ଟାବ୍ଦରେ ଚିକାଗୋଠାରେ ଯେଉଁ ଧର୍ମମହାସଭା ହୋଇଥିଲା, ମୁଁ ସେଥିରେ ହିନ୍ଦୁଧର୍ମର ପ୍ରତିନିଧିର କାର୍ଯ୍ୟ କରିଥିଲି । ସେହି ସମୟରୁ ମୁଁ ଆମେରିକାର ଯୁକ୍ତରାଜ୍ୟରେ ଭ୍ରମଣ କରୁଛି ଓ ବକ୍ତୃତା ଦେଉଛି । ମାର୍କିନ ଜାତି ପରମ ଆଗ୍ରହ ସହକାରେ ମୋ ବକ୍ତୃତା ଶୁଣୁଛି ଏବଂ ମୋ କାର୍ଯ୍ୟ ଏପରି ଦୃଢ଼ମୂଳ ହୋଇଛି ଯେ, ମୋତେ ସେଠାକୁ ଶୀଘ୍ର ଫେରିଯିବାକୁ ହେବ ।

ମୁଁ : ପାଶ୍ଚାତ୍ୟ ଧର୍ମସମୂହ ପ୍ରତି ଆପଣଙ୍କର ଭାବ କପରି, ସ୍ୱାମୀଜୀ ?

ସ୍ୱାମୀଜୀ : ମୁଁ ଏପରି ଗୋଟିଏ ଦର୍ଶନ ପ୍ରଚାର କରିଥାଏ, ଯାହା ଜଗତରେ ଯେତେ ପ୍ରକାର ଧର୍ମ ଥିବା ସମ୍ଭବ, ସେସମୁଦାୟର ହିଁ ଭିତ୍ତିସ୍ୱରୂପ ହୋଇପାରେ, ଆଉ ମୋର ସେ-ଗୁଡ଼ିକ ଉପରେ ହିଁ ସମ୍ପୂର୍ଣ୍ଣ ସହାନୁଭୂତି ଅଛି, ମୋର ଉପଦେଶ କୌଣସି ଧର୍ମର ବିରୋଧୀ ନୁହେଁ । ମୁଁ ବ୍ୟକ୍ତିଗତ ଜୀବନର ଉନ୍ନତିସାଧନରେ ହିଁ ବିଶେଷ ଭାବରେ ଲକ୍ଷ୍ୟ ରଖିଥାଏ, ବ୍ୟକ୍ତିକୁ ହିଁ ତେଜସ୍ୱୀ କରିବାର ଚେଷ୍ଟା କରେ । ପ୍ରତ୍ୟେକ ବ୍ୟକ୍ତି ହିଁ ସ୍ୱୟଂ ଈଶ୍ୱରାଂଶ ବା ବ୍ରହ୍ମ—ଏହି କଥା ଶିକ୍ଷା ଦିଏ, ଆଉ ସର୍ବସାଧାରଣଙ୍କୁ ସେମାନଙ୍କର ଅନ୍ତର୍ନିହିତ ଏହି ବ୍ରହ୍ମ-ଭାବ ସମ୍ବନ୍ଧରେ ସଚେତନ ହେବା ପାଇଁ ଆହ୍ୱାନ କରିଥାଏ । ଜ୍ଞାତସାରରେ ବା ଅଜ୍ଞାତ-ସାରରେ ଏହା ପ୍ରକୃତ ପକ୍ଷରେ ସବୁ ଧର୍ମର ଆଦର୍ଶ ।

ମୁଁ : ଏ ଦେଶରେ ଆପଣଙ୍କର କାର୍ଯ୍ୟ କି ଧରଣରେ ହେବ ?

ସ୍ୱାମୀଜୀ : ମୋର ଆଶା ଏହି ଯେ, ମୁଁ କେତେଜଣ ଲୋକଙ୍କୁ ପୂର୍ବୋକ୍ତ ଭାବରେ ଶିକ୍ଷା ଦେବି, ଆଉ ସେମାନଙ୍କୁ ନିଜ ନିଜ ଭାବରେ ଅପର ନିକଟରେ ତାହା ବ୍ୟକ୍ତ କରିବାକୁ ଉତ୍ସାହିତ କରିବି । ମୋ ଉପଦେଶ ସେମାନେ ଯେତେ ଇଚ୍ଛା ରୂପାନ୍ତରିତ କରନ୍ତୁ, ସତ୍ୟ

ନାହିଁ । ମୁଁ ଅବଶ୍ୟ ବିଶ୍ୱାସ୍ୟ ମତବାଦ ରୂପରେ କିଛି ଶିକ୍ଷା ଦେବି ନାହିଁ, କାରଣ ପରିଣାମରେ ହର୍ଣ୍ଣର ଜାଗ୍ୟ ନିଶ୍ଚିତ୍ୟ ହୋଇଥାଏ ।

ପ୍ରକାଶ୍ୟରେ ଯେଉଁସବୁ କାର୍ଯ୍ୟ ମୁଁ କରେ, ତାହାର ଭାର ମୋର ଗୋଟିଏ ଦୁଇଟି ବନ୍ଧୁଙ୍କ ହାତରେ ଅଛି । ସେମାନେ ୨୨ ତାରିଖ ଅକ୍ଟୋବର ସନ୍ଧ୍ୟା ସାଢ଼େ ଆଠଟା ସମୟରେ ପିକାଡେଲି ପ୍ରିନ୍‌ସେସ୍ ହଲ୍‌ରେ ଶ୍ରୋତୃବୃନ୍ଦଙ୍କ ସମ୍ମୁଖରେ ମୋର ଗୋଟିଏ ବକ୍ତୃତା ଦେବାର ବନ୍ଦୋବସ୍ତ କରିଛନ୍ତି । ଖବରକାଗଜରେ ଏହି ବିଷୟରେ ବିଜ୍ଞାପନ ଦିଆଯାଉଛି । ବିଷୟ—ମତ୍ପ୍ରବର୍ତ୍ତିତ ଦର୍ଶନର ମୂଳତତ୍ତ୍ୱ—'ଆତ୍ମଜ୍ଞାନ' ।[୧] ତା'ପରେ ମୋ ଉଦ୍ଦେଶ୍ୟ ସଫଳ କରିବାର ଯେଉଁ ରାସ୍ତା ଦେଖିପାରିବି, ତାହାର ହିଁ ଅନୁସରଣ କରିବା ପାଇଁ ମୁଁ ପ୍ରସ୍ତୁତ ଅଛି, ଲୋକଙ୍କ ବୈଠକଖାନାରେ ବା ଅନ୍ୟ ସ୍ଥାନରେ ସଭାରେ ଯୋଗ ଦେବା, ପତ୍ରର ଉତ୍ତର ଦେବା ବା ସାକ୍ଷାତ୍ ଭାବରେ ବିଚାର କରିବା—ସବୁକିଛି କରିବା ପାଇଁ ମୁଁ ପ୍ରସ୍ତୁତ ଅଛି । ଏହି ଅର୍ଥ-ଲାଳସାପ୍ରଧାନ ଯୁଗରେ ମୁଁ କିନ୍ତୁ ଏ କଥା ସମସ୍ତଙ୍କୁ କହିବାକୁ ଚାହେଁ, ଅର୍ଥଲାଭ ପାଇଁ ମୋର କୌଣସି କାର୍ଯ୍ୟ ଅନୁଷ୍ଠିତ ହୁଏ ନାହିଁ !'

ମୁଁ ଏଥର ତାଙ୍କ ନିକଟରୁ ବିଦାୟ ନେଲି—ମୋ ସହିତ ଯେତେ ବ୍ୟକ୍ତିଙ୍କର ସାକ୍ଷାତ୍କାର ହୋଇଛି, ସେ ତନ୍ମଧ୍ୟରେ ଜଣେ ସର୍ବାପେକ୍ଷା ଅଧିକ ମୌଳିକ ଭାବପୂର୍ଣ୍ଣ—ଏ ବିଷୟରେ ମୋର ତିଳେ ମାତ୍ର ସନ୍ଦେହ ନାହିଁ ।

## ଭାରତର ଜୀବନବ୍ରତ

ସଣ୍ଡେ ଟାଇମସ୍, ଲଣ୍ଡନ, ୧୮୯୬

ଇଂଲଣ୍ଡବାସୀମାନେ ଯେ ଭାରତର 'ପ୍ରବାଳ ଉପକୂଳକୁ'[୨] ଧର୍ମ-ପ୍ରଚାରକ ପ୍ରେରଣ କରିଥାଆନ୍ତି, ତାହା ଇଂଲଣ୍ଡର ଜନସାଧାରଣ ବିଶେଷ ଭାବରେ ଅବଗତ । କିନ୍ତୁ ଭାରତ ମଧ୍ୟ ଇଂଲଣ୍ଡକୁ ଧର୍ମ ପ୍ରଚାରକ ପଠାଇପାରେ, ଏ ବିଷୟ ଇଂଲଣ୍ଡର ଜନସାଧାରଣଙ୍କର ଧାରଣା ନାହିଁ ।

ସେଣ୍ଟ ଜର୍ଜେସ୍ ରୋଡ୍, ସାଉଥ ଉଏଷ୍ଟ, ୬୩ ନମ୍ବର ଭବନରେ ସ୍ୱାମୀ ବିବେକାନନ୍ଦ ଅଳ୍ପକାଳ ପାଇଁ ବାସ କରୁଛନ୍ତି । ଦୈବଯୋଗରେ ( ଯଦି 'ଦୈବ' ଏହି ଶବ୍ଦଟି ପ୍ରୟୋଗ କରିବାରେ କେହି ଆପତ୍ତି ନ କରନ୍ତି ) ସେଠାରେ ସ୍ୱାମୀ ବିବେକାନନ୍ଦଙ୍କ ସହିତ ମୋର ସାକ୍ଷାତ୍ ହେଲା । ସେ କି କାର୍ଯ୍ୟ କରୁଛନ୍ତି ଏବଂ ଇଂଲଣ୍ଡକୁ ଆସିବାର ତାଙ୍କର ଉଦ୍ଦେଶ୍ୟ ହିଁ

---

୧ ଜ୍ଞାନଯୋଗର ବକ୍ତୃତା

୨ Coral-strands—ଭାରତର ସମୁଦ୍ର-ତୀରରେ ଯଥେଷ୍ଟ ପ୍ରବାଳ ମିଳୁଥିଲା, ପ୍ରାଚୀନ କାଳରେ ପାଶ୍ଚାତ୍ୟ ଲୋକମାନେ ଭାରତର ଏହି ପରିଚୟ ହିଁ ଜାଣିଥିଲେ ।

ବା କଅଣ ଏସବୁ ବିଷୟରେ କଥାବାର୍ତ୍ତା କରିବାରେ ତାଙ୍କର କୌଣସି ପ୍ରକାର ଆପତ୍ତି ନ ଥିବାରୁ ସେହି ସ୍ଥାନକୁ ଆସି ମୁଁ ତାଙ୍କ ସହିତ ସେବିଷୟରେ କଥାବାର୍ତ୍ତା ଆରମ୍ଭ କଲି । ସେ ଯେ ମୋ ଅନୁରୋଧ ରକ୍ଷା କରି ମୋ ସହିତ ସେହିଭାବରେ କଥୋପକଥନ କରିବା ପାଇଁ ସମ୍ମତ ହେଲେ, ସେଥିରେ ମୁଁ ପ୍ରଥମେ ହିଁ ଧନ୍ୟବାଦ ପ୍ରକାଶ କଲି ।

ସ୍ୱାମୀଜୀ କହିଲେ : ଆମେରିକାରେ ବାସ କରିବା କାଳରୁ ହିଁ ଏ ପ୍ରକାର ସମ୍ବାଦ-ପତ୍ର ତରଫରୁ ସାକ୍ଷାତ୍ କରିବା ପାଇଁ ଉପସ୍ଥିତ ବ୍ୟକ୍ତିମାନଙ୍କ ସହିତ ଦେଖା କରିବା ମୋର ସମ୍ପୂର୍ଣ୍ଣ ଅଭ୍ୟାସ ହୋଇଯାଇଛି । ମୋ ଦେଶରେ ସେପରି ପ୍ରଥା ନାହିଁ ବୋଲି ଯେ ମୁଁ ସର୍ବସାଧାରଣଙ୍କୁ ଯାହା ଜଣାଇବାକୁ ଇଚ୍ଛା କରେ, ତାହା ଜଣାଇବା ପାଇଁ ବିଦେଶକୁ ଯାଇ ସେଠାରେ ପ୍ରଚଳିତ ପ୍ରଥାଗୁଡ଼ିକୁ ଅବଲମ୍ବନ କରିବି ନାହିଁ, ଏହା କେବେ ହେଁ ଯୁକ୍ତିସଙ୍ଗତ ହୋଇପାରେ ନାହିଁ । ୧୮୯୩ ଖ୍ରୀଷ୍ଟାବ୍ଦରେ ଆମେରିକାର ଚିକାଗୋ ସହରରେ ଯେଉଁ ସମଗ୍ର ପୃଥିବୀର ଧର୍ମମହାସଭା ବସିଥିଲା, ସେଥିରେ ମୁଁ ହିନ୍ଦୁଧର୍ମର ପ୍ରତିନିଧି ଥିଲି । ମହୀଶୂରର ରାଜା ଏବଂ କେତେଜଣ ବନ୍ଧୁ ମୋତେ ସେଠାକୁ ପଠାଇଥିଲେ । ମୋର ମନେ-ହୁଏ, ମୁଁ ଆମେରିକାରେ କିଛି ପରିମାଣରେ କୃତକାର୍ଯ୍ୟ ହୋଇଛି । ଚିକାଗୋ ବ୍ୟତୀତ ଆମେରିକାର ବଡ଼ ବଡ଼ ସହରକୁ ମୁଁ ବହୁଥର ନିମନ୍ତ୍ରିତ ହୋଇଛି । ମୁଁ ଦୀର୍ଘକାଳ ଧରି ଆମେରିକାରେ ବାସ କରିଛି । ଗତବର୍ଷ ଗ୍ରୀଷ୍ମକାଳରେ ଥରେ ଇଂଲଣ୍ଡକୁ ଆସିଥିଲି, ଏ ବର୍ଷ ମଧ୍ୟ ଏଠାରେ ଦେଖୁଛନ୍ତି, ଆସିଛି; ପ୍ରାୟ ତିନି ବର୍ଷ ଆମେରିକାରେ ରହିଛି । ମୋ ବିବେ-ଚନାରେ ଆମେରିକାର ସଭ୍ୟତା ଅତି ଉଚ୍ଚ ଧରଣର । ମୁଁ ଦେଖିଲି, ମାର୍କିନ ଜାତିର ଚିତ୍ତ ସହଜରେ ହିଁ ନୂତନ ନୂତନ ଭାବ ଧାରଣା ଓ ଗ୍ରହଣ କରିପାରେ । କୌଣସି ଜିନିଷ ନୂତନ ବୋଲି ସେମାନେ ପରିତ୍ୟାଗ କରନ୍ତି ନାହିଁ, ତାହାର ବାସ୍ତବିକ୍ କୌଣସି ଗୁଣାଗୁଣ ଅଛି କି ନାହିଁ, ଆଗ ତାହା ପରୀକ୍ଷା କରି ଦେଖନ୍ତି—ତା'ପରେ ତାହା ଗ୍ରାହ୍ୟ କି ତ୍ୟାଜ୍ୟ, ବିଚାର କରନ୍ତି ।

ମୁଁ : ଇଂଲଣ୍ଡର ଲୋକମାନେ ଅନ୍ୟ ପ୍ରକାର,—ଏହା ହିଁ ବୋଧହୁଏ ଆପଣଙ୍କର କହିବାର ଉଦ୍ଦେଶ୍ୟ ?

ସ୍ୱାମୀଜୀ : ହଁ, ଇଂଲଣ୍ଡର ସଭ୍ୟତା ଆମେରିକାଠାରୁ ପୁରାତନ । ଶତାବ୍ଦୀ ପରେ ଶତାବ୍ଦୀ ଯେପରି ଚାଲିଛି, ସେହିପରି ହିଁ ସେଥିରେ ଅନେକ ନୂତନ ବିଷୟ ସଂଯୋଜିତ ହୋଇ ତାହାର ବିକାଶ ହେଉଛି । ସେହି ପ୍ରକାରରେ ଅନେକଗୁଡ଼ିଏ କୁସଂସ୍କାର ମଧ୍ୟ ଆସି ଜୁଟିଛି । ସେଗୁଡ଼ିକୁ ଭାଙ୍ଗିବାକୁ ହେବ । ଏବେ ଯେକୌଣସି ବ୍ୟକ୍ତି ଆପଣମାନଙ୍କ ଭିତରେ ନୂତନ ଭାବ ପ୍ରଚାର କରିବା ପାଇଁ ଚେଷ୍ଟା କରିବେ, ତାଙ୍କୁ ହିଁ ସେଗୁଡ଼ିକ ପ୍ରତି ବିଶେଷ ରୂପରେ ଦୃଷ୍ଟି ଦେଇ ଚାଲିବାକୁ ହେବ ।

ମୁଁ : ଲୋକେ ଏହିପରି କହୁଥାଆନ୍ତି ସତ । ମୁଁ ଯେତେଦୂର ଜାଣେ, ଆପଣ ଆମେରିକାରେ କୌଣସି ନୂତନ ଧର୍ମ-ସମ୍ପ୍ରଦାୟ ବା ଧର୍ମମତ ପ୍ରତିଷ୍ଠା କରିବାକୁ ଆସି ନାହାନ୍ତି ।

ସ୍ୱାମୀଜୀ : ଏ କଥା ସତ୍ୟ । ସମ୍ପ୍ରଦାୟ ସଂଖ୍ୟା ବୃଦ୍ଧି କରିବା ଆମ ଭାବର ବିରୁଦ୍ଧ; କାରଣ, ସମ୍ପ୍ରଦାୟ ତ ଯଥେଷ୍ଟ ରହିଛି । ଆଉ ସମ୍ପ୍ରଦାୟ କରିବାକୁ ଗଲେ ତାହାର ତତ୍ତ୍ୱାବଧାନ ପାଇଁ ଲୋକର ପ୍ରୟୋଜନ । ବର୍ତ୍ତମାନ ଭାବ ଦେଖନ୍ତୁ, ଯେଉଁମାନେ ସନ୍ନ୍ୟାସ ଅବଲମ୍ବନ କରିଛନ୍ତି, ଅର୍ଥାତ୍ ସାଂସାରିକ ପଦମର୍ଯ୍ୟାଦା, ବିଷୟ, ସମ୍ପତ୍ତି, ନାମ ପ୍ରଭୃତି ସବୁ ଛାଡ଼ିଛନ୍ତି ଏବଂ ଆଧ୍ୟାତ୍ମିକ ଜ୍ଞାନାନ୍ୱେଷଣକୁ ହିଁ ଜୀବନର ଉଦ୍ଦେଶ୍ୟ କରିଛନ୍ତି, ସେମାନେ ଏପରି କାର୍ଯ୍ୟର ଭାର ନେଇପାରିବେ ନାହିଁ । ବିଶେଷତଃ ସେପରି କାର୍ଯ୍ୟ ଯେତେବେଳେ ଅନ୍ୟମାନଙ୍କ ଦ୍ୱାରା ଚଳୁଛି, ସେତେବେଳେ ପୁଣି ସେହି ଭାବରେ କାର୍ଯ୍ୟରେ ଅଗ୍ରସର ହେବା ନିଷ୍ପ୍ରୟୋଜନ ।

ମୁଁ : ଆପଣଙ୍କର ଶିକ୍ଷା କଅଣ ଧର୍ମ-ସମୂହର ତୁଳନାତ୍ମକ ସମାଲୋଚନା କରିବା ?

ସ୍ୱାମୀଜୀ : ସବୁ ପ୍ରକାର ଧର୍ମର ସାରଭାଗ ଶିକ୍ଷା ଦେବା କହିଲେ ବରଂ ମୋର ପ୍ରଦତ୍ତ ଶିକ୍ଷା ସମ୍ବନ୍ଧରେ ଗୋଟିଏ ସ୍ପଷ୍ଟତର ଧାରଣା ହୋଇପାରିବ । ଧର୍ମ-ସମୂହର ଗୌଣ ଅଙ୍ଗଗୁଡ଼ିକୁ ବାଦ୍ ଦେଇ ସେମାନଙ୍କ ମଧ୍ୟରେ ଯେଉଁଟି ମୁଖ୍ୟ, ଯେଉଁଟି ସେମାନଙ୍କର ମୂଳ ଭିତ୍ତି, ତାହା ପ୍ରତି ବିଶେଷ ଭାବରେ ଦୃଷ୍ଟି ଆକର୍ଷଣ କରିବା ହିଁ ମୋର କାର୍ଯ୍ୟ । ମୁଁ ରାମକୃଷ୍ଣ ପରମହଂସଙ୍କର ଜଣେ ଶିଷ୍ୟ । ସେ ଜଣେ ସିଦ୍ଧ ସନ୍ନ୍ୟାସୀ ଥିଲେ । ତାଙ୍କ ଜୀବନ ଓ ଉପଦେଶ ମୋ ଉପରେ ବିଶେଷ ପ୍ରଭାବ ବିସ୍ତାର କରିଅଛି । ଏହି ସନ୍ନ୍ୟାସୀଶ୍ରେଷ୍ଠ କୌଣସି ଧର୍ମକୁ ମଧ୍ୟ କେବେହେଲେ ସମାଲୋଚନା ଦୃଷ୍ଟିରେ ଦେଖୁ ନ ଥିଲେ; ସେଗୁଡ଼ିକ ଭିତରେ 'ଏହି ଏହି ଭାବ ଠିକ୍ ନୁହେଁ'—ଏ କଥା କହୁ ନ ଥିଲେ । ସେ ପ୍ରତ୍ୟେକ ଧର୍ମର ଭଲ ଦିଗଟା ହିଁ ଦେଖାଇ ଦେଉଥିଲେ । କିପରି ସେସବୁ ଅନୁଷ୍ଠାନ କରି ସେସବୁର ଉପଦିଷ୍ଟ ଭାବଗୁଡ଼ିକୁ ଆମେ ଆମର ଜୀବନରେ ପରିଣତ କରିପାରୁ, ତାହା ହିଁ ଦେଖାଇ ଦେଉଥିଲେ । କୌଣସି ଧର୍ମ ସହିତ ବିରୋଧ କରିବା ବା ତାହାର ବିପରୀତ ପକ୍ଷ ଆଶ୍ରୟ କରିବା—ତାଙ୍କ ଶିକ୍ଷାର ସମ୍ପୂର୍ଣ୍ଣ ବିରୁଦ୍ଧ; କାରଣ, ତାଙ୍କ ଉପଦେଶର ମୂଳ ସତ୍ୟ ଏହି ଯେ, ସମସ୍ତ ଜଗତ୍ ପ୍ରେମ ବଳରେ ପରିଚାଳିତ । ଆପଣମାନେ ଜାଣନ୍ତି, ହିନ୍ଦୁଧର୍ମ କେବେ ହେଁ ଅପର ଧର୍ମାବଲମ୍ବୀ-ମାନଙ୍କ ଉପରେ ଅତ୍ୟାଚାର କରି ନାହିଁ । ଆମ ଦେଶରେ ସବୁ ସମ୍ପ୍ରଦାୟ ହିଁ ଶାନ୍ତି ଓ ପ୍ରେମର ସହିତ ବାସ କରିପାରନ୍ତି । ମୁସଲମାନମାନେ ଭାରତକୁ ଆସିବା ସଙ୍ଗେ ସଙ୍ଗେ ଧର୍ମ ସମ୍ବନ୍ଧୀୟ ମତାମତ ନେଇ ହତ୍ୟା, ଅତ୍ୟାଚାର ପ୍ରଭୃତି ପ୍ରବେଶ କରିଛି; କିନ୍ତୁ ସେମାନଙ୍କର ଆସିବା ପୂର୍ବ ପର୍ଯ୍ୟନ୍ତ ଭାରତର ଆଧ୍ୟାତ୍ମିକ ରାଜ୍ୟରେ ଶାନ୍ତି ବିରାଜିତ ଥିଲା । ଦୃଷ୍ଟାନ୍ତ ସ୍ୱରୂପ ଦେଖନ୍ତୁ, ଜୈନମାନେ, ଯେଉଁମାନେ ଈଶ୍ୱରଙ୍କ ଅସ୍ତିତ୍ୱରେ ଅବିଶ୍ୱାସୀ ଏବଂ ସେପରି ବିଶ୍ୱାସକୁ ଭ୍ରାନ୍ତ ବୋଲି ପ୍ରଚାର କରନ୍ତି—ସେମାନଙ୍କର ମଧ୍ୟ ଇଚ୍ଛାମତେ ଧର୍ମାନୁଷ୍ଠାନରେ କେହି କୌଣସି ଦିନ ବ୍ୟାଘାତ କରି ନାହାନ୍ତି; ଆଜି ପର୍ଯ୍ୟନ୍ତ ସେମାନେ ଭାରତରେ ରହିଛନ୍ତି । ଭାରତ ସେ ବିଷୟରେ ଶାନ୍ତି ଓ ସହୃଦୟତାର ଯଥାର୍ଥ ଦୃଷ୍ଟାନ୍ତ ଦେଖାଇଛି । ଯୁଦ୍ଧ, ଅସୀମ ସାହସିକତା, ପ୍ରଚଣ୍ଡ ଆଘାତର ଶକ୍ତି—ଏଗୁଡ଼ିକ ଧର୍ମ ଜଗତରେ ଦୁର୍ବଳତାର ଚିହ୍ନ ।

ମୁଁ : ଆପଣଙ୍କ କଥାଗୁଡ଼ିକ ଟଲଷ୍ଟୟଙ୍କ ମତପରି ଲାଗୁଛି । ବ୍ୟକ୍ତି ବିଶେଷଙ୍କ ପକ୍ଷରେ

ଏହି ମତ ଅନୁସରଣୀୟ ହୋଇପାରେ—ସେସମ୍ବନ୍ଧରେ ମଧ୍ୟ ମୋର ସନ୍ଦେହ ଅଛି—କିନ୍ତୁ ସମଗ୍ର ଜାତି ପକ୍ଷରେ ସେହି ନିୟମରେ ବା ଆଦର୍ଶରେ ଚଳିବା କିପରି ସମ୍ଭବ ?[୧]

ସ୍ୱାମୀଜୀ : ଜାତି ପକ୍ଷରେ ମଧ୍ୟ ସେହି ମତ ଅତି ଉତ୍ତମ ରୂପରେ କାର୍ଯ୍ୟକାରୀ ହେବା ଦେଖାଯାଏ । ଭାରତର କର୍ମଫଳ—ଭାରତର ଅଦୃଷ୍ଟ—ଅପର ଜାତିସମୂହ ଦ୍ୱାରା ବିଜିତ ହେବାର ଦେଖାଯାଏ; କିନ୍ତୁ ପୁଣି ସମୟରେ ସେ ସବୁ ବିଜେତାମାନଙ୍କୁ ଧର୍ମବଳରେ ଜୟ କରିଥାଏ । ଭାରତ ତା'ର ମୁସଲମାନ ବିଜେତାମାନଙ୍କୁ ଇତିମଧ୍ୟରେ ଜୟ କରିଛି । ଶିକ୍ଷିତ ମୁସଲମାନମାନେ ସମସ୍ତେ ହିଁ ସୁଫି[୨]; ସେମାନଙ୍କୁ ହିନ୍ଦୁଙ୍କଠାରୁ ପୃଥକ୍ କରିବାର ଉପାୟ ନାହିଁ । ହିନ୍ଦୁ ଭାବ ସେମାନଙ୍କର ସଭ୍ୟତାର ହାଡ଼େ ହାଡ଼େ ପ୍ରବେଶ କରିଯାଇଛି—ସେମାନେ ଭାରତ ନିକଟରେ ଶିକ୍ଷାର୍ଥୀ ଭାବ ଧାରଣ କରିଛନ୍ତି । ମୋଗଲ ସମ୍ରାଟ ମହାତ୍ମା ଆକବର କାର୍ଯ୍ୟତଃ ଜଣେ ହିନ୍ଦୁ ଥିଲେ । ପୁଣି ଇଂଲଣ୍ଡର ପାଳି ଆସିଲେ ତାକୁ ମଧ୍ୟ ଭାରତ ଜୟ କରିବ । ଆଜି ଇଂଲଣ୍ଡ ହସ୍ତରେ ତରବାରି ରହିଛି, କିନ୍ତୁ ଭାବ-ଜଗତରେ ତାହାର ଉପଯୋଗିତା ତ ନାହିଁ; ବରଂ ସେଥିରେ ଅପକାର ହିଁ ହୋଇଥାଏ । ଆପଣ ଜାଣନ୍ତି, ଶୋପେନହାଉଆର୍[୩] ଭାରତୀୟ ଭାବ ଓ ଚିନ୍ତା ସମ୍ବନ୍ଧରେ କଅଣ କହିଥିଲେ । ସେ ଭବିଷ୍ୟତବାଣୀ କରିଥିଲେ ଯେ, 'ତମୋଯୁଗ'[୪] ପରେ ଗ୍ରୀକ୍ ଓ ଲାଟିନ ବିଦ୍ୟାର ଅଭ୍ୟୁଦୟ ଫଳରେ ଯେପରି ଇଉରୋପ ମହାଦେଶରେ ଗୁରୁତର ପରିବର୍ତ୍ତନ ହୋଇଥିଲା, ଭାରତୀୟ ଭାବ ଇଉରୋପରେ ସୁପରିଚିତ ହେଲେ ତଦ୍ରୂପ ଗୁରୁତର ପରିବର୍ତ୍ତନ ସାଧିତ ହେବ ।

ମୁଁ : ମୋତେ କ୍ଷମା କରିବେ,—କିନ୍ତୁ ସମ୍ପ୍ରତି ତ ଏହାର ବିଶେଷ କିଛି ଲକ୍ଷଣ ଦେଖାଯାଉ ନାହିଁ ।

ସ୍ୱାମୀଜୀ ଗମ୍ଭୀର ଭାବରେ କହିଲେ : ଦେଖା ନ ଯାଇପାରେ; କିନ୍ତୁ ଏ କଥା ମଧ୍ୟ ଭଲ ଭାବରେ କହି ହେବ ଯେ, ଇଉରୋପର ସେହି 'ଜାଗରଣ'[୫] ସମୟରେ ଏବଂ ତାହାର

---

୧ Count Leo Tolstoi—ରୁଷିଆ-ଦେଶବାସୀ ପ୍ରସିଦ୍ଧ ପରହିତବ୍ରତୀ ଚିନ୍ତାଶୀଳ ଲେଖକ ଓ ସଂସ୍କାରକ ।

୨ ଆବୁ ସୟିଦ୍ ଆବୁଲ୍‌ଖେର୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ମୁସଲମାନ ସମ୍ପ୍ରଦାୟ-ବିଶେଷ । ଏହି ସମ୍ପ୍ରଦାୟର ମତ ସହିତ ବେଦାନ୍ତର ଅଦ୍ୱୈତବାଦର ବହୁ ସାମଞ୍ଜସ୍ୟ ଅଛି ।

୩ ଶୋପେନହାଉଆର୍ (Schopenhaur)—ଜନୈକ ବିଖ୍ୟାତ ଦାର୍ଶନିକ । ତାଙ୍କ ଦର୍ଶନରେ ବେଦାନ୍ତର ପ୍ରଭାବ ବିଶେଷ ଭାବରେ ପ୍ରବେଶ କରିଛି ।

୪ ତମୋଯୁଗ (Dark Ages)—୫ମଠାରୁ ୧୫ଶ ଶତାବ୍ଦୀ ପର୍ଯ୍ୟନ୍ତ ହଜାର ବର୍ଷ କାଳ ଇଉରୋପ ମହାଦେଶ ଅଜ୍ଞାନ-ଅନ୍ଧକାରରେ ଆଚ୍ଛନ୍ନ ଥିଲା ।

୫ Renaissance—ପଞ୍ଚଦଶ ଶତାବ୍ଦୀର ପରଠାରୁ ଯେତେବେଳେ ଇଉରୋପରେ ସାହିତ୍ୟ-ଶିଳ୍ପାଦି ଚର୍ଚ୍ଚାର ପୁନରଭ୍ୟୁଦୟ ହୋଇଥିଲା, ସେହି କାଳ ହିଁ ଇତିହାସରେ 'ଏହି' ନାମରେ ପ୍ରସିଦ୍ଧ ।

ଆବିର୍ଭାବ ହେବା ପରେ ମଧ୍ୟ ତାହା ଯେ ଆସିଛି, ଅନେକେ ତାହା ବୁଝିପାରି ନ ଥିଲେ । ଯେଉଁମାନେ ସମସ୍ତର ଲକ୍ଷଣ ବିଶେଷ ଭାବରେ ଅବଗତ, ସେମାନେ କିନ୍ତୁ ଭଲରୂପେ ବୁଝି-ପାରୁଛନ୍ତି ଯେ, ଗୋଟିଏ ମହାନ୍ ଆନ୍ଦୋଳନ ଆଜିକାଲି ଭିତରେ ଭିତରେ ଚାଲିଛି । ସମ୍ପ୍ରତି କେତେ ବର୍ଷ ଧରି ପ୍ରାଚ୍ୟତତ୍ତ୍ୱାନୁସନ୍ଧାନ ବହୁ ଦୂର ଅଗ୍ରସର ହୋଇଛି । ବର୍ତ୍ତମାନ ଏହା ପଣ୍ଡିତମାନଙ୍କ ହସ୍ତରେ ରହିଛି ଏବଂ ସେମାନେ ଯେତେଦୂର କାର୍ଯ୍ୟ କରିଛନ୍ତି, ତାହା ଲୋକଙ୍କ ନିକଟରେ ଶୁଷ୍କ ନୀରସ ବୋଲି ବୋଧ ହେଉଛି । କିନ୍ତୁ କ୍ରମେ ତାହା ଲୋକେ ବୁଝିବେ, କ୍ରମେ ଜ୍ଞାନାଲୋକର ପ୍ରକାଶ ହେବ ।

ମୁଁ : ଆପଣଙ୍କ ମତରେ ତାହାହେଲେ ଭାରତ ହିଁ ଭବିଷ୍ୟତରେ ଶ୍ରେଷ୍ଠ ବିଜେତାର ଆସନ ପାଇବ ! ତଥାପି ଭାରତ ତାହାର ଭାବରାଜି-ପ୍ରଚାର ପାଇଁ ଅନ୍ୟାନ୍ୟ ଦେଶକୁ ଅଧିକ ଧର୍ମପ୍ରଚାରକ ପଠାଉ ନାହିଁ କାହିଁକି ? ବୋଧହୁଏ ଯେତେଦିନ ସମଗ୍ର ଜଗତ ଆସି ତା'ର ପାଦତଳେ ନ ପଡ଼ିଛି, ସେତେଦିନ ସେ ଅପେକ୍ଷା କରିବ !

ଭାରତ ପ୍ରାଚୀନ ଯୁଗରେ ଧର୍ମପ୍ରଚାର କାର୍ଯ୍ୟରେ ଗୋଟିଏ ପ୍ରବଳ ଶକ୍ତି ହୋଇ ଛିଡ଼ା ହୋଇଥିଲା । ଇଂଲଣ୍ଡ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାର ଶହ ଶହ ବର୍ଷ ପୂର୍ବେ ବୁଦ୍ଧ ସମଗ୍ର ଏସିଆକୁ ତାଙ୍କର ମତାବଲମ୍ବୀ କରିବା ପାଇଁ ଧର୍ମପ୍ରଚାରକ ପଠାଇଥିଲେ । ବର୍ତ୍ତମାନ କାଳରେ ଚିନ୍ତାଜଗତ୍ ଧୀରେ ଧୀରେ ଭାରତର ଭାବ ଗ୍ରହଣ କରୁଛି । ବର୍ତ୍ତମାନ ଏହା ଆରମ୍ଭ ହୋଇଛି ମାତ୍ର । ବିଶେଷ କୌଣସି ପ୍ରକାର ଧର୍ମ-ଅବଲମ୍ବନରେ ଅନିଚ୍ଛୁକ ବ୍ୟକ୍ତିଗଣଙ୍କ ସଂଖ୍ୟା ଖୁବ୍ ବଢ଼ୁଛି, ଆଉ ଶିକ୍ଷିତ ବ୍ୟକ୍ତିଗଣଙ୍କ ଭିତରେ ହିଁ ଏହି ଭାବ ବିସ୍ତୃତ ହେଉଛି । ସମ୍ପ୍ରତି ଆମେରିକାରେ ଯେଉଁ ଜନଗଣନା ହୋଇଥିଲା, ସେଥିରେ ଅନେକ ଲୋକ ନିଜ ନିଜକୁ କୌଣସି ପ୍ରକାର ବିଶେଷ ଧର୍ମାବଲମ୍ବୀ ବୋଲି ଶ୍ରେଣୀବଦ୍ଧ କରିବାକୁ ଅସ୍ୱୀକୃତ ହୋଇଥିଲେ । ମୁଁ କହେ, ସବୁ ଧର୍ମସମ୍ପ୍ରଦାୟ ହିଁ ଗୋଟାଏ ମୂଳ ସତ୍ୟର ବିଭିନ୍ନ ବିକାଶ-ମାତ୍ର । ହୁଏତ ସବୁଗୁଡ଼ିକର ହିଁ ଉନ୍ନତି ହେବ, ନଚେତ୍ ସବୁଗୁଡ଼ିକ ହିଁ ବିନଷ୍ଟ ହେବ । ସେଗୁଡ଼ିକ ସେହି ଗୋଟାଏ ମୂଳ ସତ୍ୟରୂପକ କେନ୍ଦ୍ରରୁ ବହୁ ବ୍ୟାସାର୍ଦ୍ଧ ପରି ବାହାରିଛନ୍ତି, ଏବଂ ବିଭିନ୍ନ ପ୍ରକୃତିବିଶିଷ୍ଟ ମାନବ-ମନର ଉପଯୋଗୀ ସତ୍ୟର ପ୍ରକାଶସ୍ୱରୂପ ହୋଇ ରହିଛନ୍ତି ।

ମୁଁ : ବର୍ତ୍ତମାନ ଆମେ ଅନେକ ପରିମାଣରେ ମୂଳ ପ୍ରସଙ୍ଗ ନିକଟକୁ ଆସୁଛୁ—ସେହି କେନ୍ଦ୍ରୀଭୂତ ସତ୍ୟଟି କ'ଣ ?

ସ୍ୱାମୀଜୀ : ମନୁଷ୍ୟର ଆଭ୍ୟନ୍ତରୀଣ ବ୍ରହ୍ମଶକ୍ତି; ପ୍ରତ୍ୟେକ ବ୍ୟକ୍ତି—ସେ ଯେତେ ମନ୍ଦ ପ୍ରକୃତିର ହେଉ ନା କାହିଁକି, ଭଗବାନଙ୍କ ପ୍ରକାଶ-ସ୍ୱରୂପ । ଏହି ବ୍ରହ୍ମଶକ୍ତି ଆବୃତ ଥାଏ, ମନୁଷ୍ୟର ଦୃଷ୍ଟିରୁ ଲୁକ୍କାୟିତ ଥାଏ । ଏ କଥାରେ ମୋର ଭାରତୀୟ ସିପାହୀ-ବିଦ୍ରୋହର ଗୋଟାଏ ଘଟଣା ମନେପଡ଼ୁଛି । ସେହି ସମୟରେ ଜଣେ ମୁସଲମାନ ବହୁ ବର୍ଷ ଧରି ମୌନବ୍ରତଧାରୀ ଜଣେ ସନ୍ନ୍ୟାସୀଙ୍କୁ ନିଦାରୁଣ ଆଘାତ କରିଥିଲେ । ମୁଖ୍ୟର ଅବ୍ୟବହିତ ପୂର୍ବରୁ ଲୋକେ ସେହି ଆଘାତକାରୀକୁ ଧରି ତାଙ୍କ ପାଖକୁ ନେଇ ଯାଇ କହିଲେ, 'ସ୍ୱାମୀନ୍,

ଆପଣ ଥରେ କହନ୍ତୁ, ତାହାହେଲେ ଏ ବ୍ୟକ୍ତି ନିହତ ହେବ !' ସନ୍ନ୍ୟାସୀ ଅନେକ ଦିନର ମୌନବ୍ରତ ଭଙ୍ଗ କରି ତାଙ୍କର ଶେଷ ନିଃଶ୍ୱାସ ସହିତ କହିଲେ, 'ବନ୍ଧୁଗଣ, ତୁମେମାନେ ବଡ଼ ଭୁଲ୍ କରୁଛ—ସେ ବ୍ୟକ୍ତି ଯେ ସାକ୍ଷାତ୍ ଭଗବାନ୍ !' ସମସ୍ତଙ୍କ ପଛରେ ସେହି ଏକହିଁ ରହିଛି—ତାହା ହିଁ ଆମମାନଙ୍କ ଜୀବନରେ ଶିକ୍ଷା କରିବାର ପ୍ରଧାନ ବିଷୟ । ତାଙ୍କୁ ଗଡ୍, ଆଲ୍ଲା, ଜିହୋବା, ପ୍ରେମ ବା ଆତ୍ମା ଯାହା ହିଁ କହନ୍ତୁ ନା କାହିଁକି, ସେହି ଏକ ବସ୍ତୁ ଅତି କ୍ଷୁଦ୍ରତମ ପ୍ରାଣୀଠାରୁ ମହତ୍ତମ ମାନବ ପର୍ଯ୍ୟନ୍ତ ସମୁଦାୟ ପ୍ରାଣୀ ଭିତରେ ପ୍ରାଣସ୍ୱରୂପରେ ବିଦ୍ୟମାନ । ଏହି ଚିତ୍ରଟିକୁ ମନେ ମନେ ଭାବନ୍ତୁ ଦେଖି, ଯେପରିକି ବରଫରେ ଢ଼ଙ୍କା ହୋଇଥିବା ସମୁଦ୍ର ମଧ୍ୟରେ ଅନେକଗୁଡ଼ିଏ ବିଭିନ୍ନ ଆକାରର ଗର୍ତ୍ତ କରାଯାଇଛି—ସେହି ପ୍ରତ୍ୟେକ ଗର୍ତ୍ତ ହିଁ ଗୋଟିଏ ଗୋଟିଏ ଆତ୍ମା—ଗୋଟିଏ ଗୋଟିଏ ମନୁଷ୍ୟ ସଦୃଶ—ନିଜ ନିଜ ବୁଦ୍ଧିଶକ୍ତିର ତାରତମ୍ୟାନୁସାରେ ବନ୍ଧନ କାଟାଇ ସେହି ବରଫକୁ ଭାଙ୍ଗି ବାହାରକୁ ଆସିବା ପାଇଁ ଚେଷ୍ଟା କରୁଛନ୍ତି !

ମୁଁ : ମୋର ବୋଧହୁଏ, ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଜାତିର ଲକ୍ଷ୍ୟ ମଧ୍ୟରେ ଗୋଟିଏ ବିଶେଷ ପ୍ରଭେଦ ରହିଛି । ଆପଣମାନେ ସନ୍ନ୍ୟାସ, ଏକାଗ୍ରତା ପ୍ରଭୃତି ଉପାୟରେ ଖୁବ୍ ଉନ୍ନତ ବ୍ୟକ୍ତି ଗଠନ କରିବା ପାଇଁ ଚେଷ୍ଟା କରୁଛନ୍ତି । ଆଉ ପାଶ୍ଚାତ୍ୟ ଜାତିର ଆଦର୍ଶ—ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣତା ସାଧନ କରିବା । ସେଥିପାଇଁ ଆମେମାନେ ସାମାଜିକ ଓ ରାଜନୈତିକ ସମସ୍ୟାସମୂହର ମୀମାଂସାରେ ହିଁ ବିଶେଷ ଭାବରେ ନିଯୁକ୍ତ; କାରଣ, ସର୍ବସାଧାରଣଙ୍କ କଲ୍ୟାଣ ଉପରେ ଆମମାନଙ୍କ ସଭ୍ୟତାର ସ୍ଥାୟିତ୍ୱ ନିର୍ଭର କରୁଛି—ଆମେମାନେ ଏହିପରି ବିବେଚନା କରୁ ।

ସ୍ୱାମୀଜୀ ଖୁବ୍ ଦୃଢ଼ତା ଓ ଆଗ୍ରହର ସହିତ କହିଲେ : କିନ୍ତୁ ସାମାଜିକ ବା ରାଜନୈତିକ ସର୍ବବିଧ ବିଷୟର ସଫଳତାର ମୂଳ ଭିତ୍ତି—ମନୁଷ୍ୟର ସାଧୁତା । ପାର୍ଲିଆମେଣ୍ଟ ଦ୍ୱାରା ବିଧିବଦ୍ଧ କୌଣସି ଆଇନ ଦ୍ୱାରା କେବେ ହେଁ ଜାତିବିଶେଷ ଉନ୍ନତ ବା ଭଲ ହୁଏ ନାହିଁ, କିନ୍ତୁ ସେହି ଜାତିର ଅନ୍ତର୍ଗତ ଲୋକଗୁଡ଼ିକ ଉନ୍ନତ ଓ ଭଲ ହୋଇପାରିଲେ ଜାତି ମଧ୍ୟ ଭଲ ହୋଇଥାଏ । ମୁଁ ଚୀନ ଦେଶକୁ ଯାଇଥିଲି—ଏକ ସମୟରେ ସେହି ଜାତି ହିଁ ସର୍ବାପେକ୍ଷା ଚମତ୍କାର ଶୃଙ୍ଖଳାବଦ୍ଧ ଥିଲା । କିନ୍ତୁ ଆଜି ସେହି ଚୀନ—ଛନ୍ନଭଙ୍ଗ କେତେଗୁଡ଼ାଏ ସାମାନ୍ୟ ଲୋକର ସମଷ୍ଟିରେ ପରିଣତ ହୋଇଛି । ଏହାର କାରଣ—ପ୍ରାଚୀନ କାଳରେ ଉଦ୍ଭାବିତ ସେହିସବୁ ଶାସନ-ପ୍ରଣାଳୀ ପରିଚାଳନା କରିବା ପାଇଁ ଉପଯୁକ୍ତ ଲୋକସବୁ ବର୍ତ୍ତମାନ ସେଜାତିରେ ଆଉ ଜନ୍ମିଲେ ନାହିଁ । ଧର୍ମ ସବୁ ବିଷୟର ମୂଳ-ଦେଶ ପର୍ଯ୍ୟନ୍ତ ଯାଇ ସେସବୁର ତତ୍ତ୍ୱାନ୍ୱେଷଣ କରିଥାଏ । ମୂଳଟି ଯଦି ଠିକ୍ ଥାଏ, ତେବେ ଅଙ୍ଗ-ପ୍ରତ୍ୟଙ୍ଗ ସବୁ ଠିକ୍ ଥାଏ ।

ମୁଁ : ଭଗବାନ ସମସ୍ତଙ୍କ ଭିତରେ ରହିଛନ୍ତି, କିନ୍ତୁ ସେ ଆବୃତ ରହିଛନ୍ତି—ଏ କଥାଟା ଯେପରି କି ଅସ୍ପଷ୍ଟ ଓ ବ୍ୟାବହାରିକ ଜଗତଠାରୁ ଅନେକ ଦୂରରେ ବୋଲି ବୋଧ ହେଉଛି । ଲୋକେ ତ ଆଉ ସଦାସର୍ବଦା ସେହି ବ୍ରହ୍ମଙ୍କର ସନ୍ଧାନ କରିପାରିବେ ନାହିଁ !

ସ୍ୱାମୀଜୀ : ଲୋକେ ଅନେକ ସମସ୍ତରେ ଗୋଟିଏ ଉଦ୍ଦେଶ୍ୟରେ ହିଁ କାର୍ଯ୍ୟ କରିଥାନ୍ତି, କିନ୍ତୁ ତାହା ବୁଝିପାରନ୍ତି ନାହିଁ । ଏହା ସ୍ୱୀକାର କରିବାକୁ ହେବ ଯେ, ଆଇନ, ଗଭର୍ଣ୍ଣମେଣ୍ଟ, ରାଜନୀତି—ଏଗୁଡ଼ିକ ମାନବଜୀବନର ଚରମ ଉଦ୍ଦେଶ୍ୟ ନୁହେଁ । ଏସବୁକୁ ଛାଡ଼ି ସେମାନଙ୍କର ଚରମ ଲକ୍ଷ୍ୟସ୍ଥଳ ଏପରି ଗୋଟିଏ ଅଛି—ଯେଉଁଠାରେ ଆଇନର ଆଉ କୌଣସି ପ୍ରୟୋଜନୀୟତା ରହେ ନାହିଁ । ଏଠାରେ କହି ରଖେ, 'ସନ୍ନ୍ୟାସୀ' ଶବ୍ଦଟିର ଅର୍ଥ—ବିଧି-ନିୟମତ୍ୟାଗୀ ବ୍ରହ୍ମତତ୍ତ୍ୱାନ୍ୱେଷୀ—କିମ୍ବା ସନ୍ନ୍ୟାସୀ କହିଲେ ନେତିବାଦୀ ବ୍ରହ୍ମଜ୍ଞାନୀ ମଧ୍ୟ କହି ହେବ । ତେବେ ଏପରି ଶବ୍ଦ ବ୍ୟବହାର କଲେ ସଙ୍ଗେ ସଙ୍ଗେ ଗୋଟାଏ ଭୁଲ ଧାରଣା ଆସିଥାଏ । ଶ୍ରେଷ୍ଠ ଆଚାର୍ଯ୍ୟଗଣ ଏକା ବିଷୟ ହିଁ ଶିକ୍ଷା ଦେଇଥାନ୍ତି । ଯୀଶୁଖ୍ରୀଷ୍ଟ ବୁଝିଥିଲେ, ନିୟମପ୍ରତିପାଳନ ହିଁ ଉନ୍ନତିର ମୂଳ ନୁହେଁ, ଯଥାର୍ଥ ପବିତ୍ରତା ଓ ଚରିତ୍ର ହିଁ ଶକ୍ତି । ଆପଣ ଯେ କହୁଥିଲେ, ପ୍ରାଚ୍ୟଦେଶର ଲକ୍ଷ୍ୟ ଆତ୍ମାର ଉଚ୍ଚତର ଉନ୍ନତିଲାଭ ଦିଗରେ—ଅବଶ୍ୟ ଆପଣ ବୋଧହୁଏ ଏ କଥା ବିସ୍ମୃତ ହୋଇ ନାହାନ୍ତି ଯେ, ଆତ୍ମା ଦୁଇ ପ୍ରକାର : କୂଟସ୍ଥ ଚୈତନ୍ୟ—ଯାହା ଆତ୍ମାର ଯଥାର୍ଥ ସ୍ୱରୂପ; ଆଉ ଆଭାସ ଚୈତନ୍ୟ—ଆପାତତଃ ଯାହାକୁ ଆମମାନଙ୍କର ଆତ୍ମା ବୋଲି ବୋଧ ହେଉଛି ।

ମୁଁ : ବୋଧହୁଏ, ଆପଣଙ୍କର ଭାବ ଏହି ଯେ, ଆମେମାନେ ଆଭାସ ଉଦ୍ଦେଶ୍ୟରେ କାମ କରୁଛୁ, ଆଉ ଆପଣମାନେ ପ୍ରକୃତ ଚୈତନ୍ୟ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛନ୍ତି ।

ସ୍ୱାମୀଜୀ : ମନ ନିଜର ପୂର୍ଣ୍ଣତର ବିକାଶ ପାଇଁ ନାନା ସୋପାନ ଦେଇ ଅଗ୍ରସର ହୋଇଥାଏ । ପ୍ରଥମେ ତାହା ସ୍ଥୂଳକୁ ଅବଲମ୍ବନ କରି କ୍ରମଶଃ ସୂକ୍ଷ୍ମ ଆଡ଼କୁ ଅଗ୍ରସର ହୋଇଥାଏ । ଆହୁରି ମଧ୍ୟ ଦେଖନ୍ତୁ, ସାର୍ବଜନୀନ ଭ୍ରାତୃଭାବର ଧାରଣା ମନୁଷ୍ୟ କିପରି ଲାଭ କରିଥାଏ । ପ୍ରଥମତଃ ତାହା ସାମ୍ପ୍ରଦାୟିକ ଭ୍ରାତୃଭାବ ଆକାରରେ ଆବିର୍ଭୂତ ହୋଇଥାଏ—ସେତେବେଳେ ସେଥିରେ ସଙ୍କୀର୍ଣ୍ଣ, ସୀମାବଦ୍ଧ, ଅପରକୁ ବାଦ୍ ଦେବା ଭାବ ଥାଏ । ପରେ କ୍ରମେ କ୍ରମେ ଆମେମାନେ ଉଦାରତର ଭାବରେ, ସୂକ୍ଷ୍ମତର ଭାବରେ ପହଞ୍ଚିଥାଉ ।

ମୁଁ : ତାହାହେଲେ ଆପଣ କ'ଣ ମନେକରନ୍ତି, ଏହି ସବୁ ସମ୍ପ୍ରଦାୟ, ଯାହା ଆମେମାନେ ଓ ଇଂରେଜମାନେ ଏତେ ଭଲ ପାଉ, ସବୁ ଲୋପ ପାଇବ ? ଆପଣ ଜାଣନ୍ତି ବୋଧହୁଏ, ଜଣେକ ଫରାସୀ କହିଥିଲେ—ଇଂଲଣ୍ଡରେ ସମ୍ପ୍ରଦାୟ ସହସ୍ର ସହସ୍ର, କିନ୍ତୁ ସାର ଜିନିଷ ଅତି ଅଳ୍ପ ।

ସ୍ୱାମୀଜୀ : ସେସବୁ ସମ୍ପ୍ରଦାୟ ଯେ ଲୋପ ପାଇବ, ତତ୍ସମ୍ବନ୍ଧରେ ମୋର କୌଣସି ସଂଶୟ ନାହିଁ । ସେମାନଙ୍କର ଅସ୍ତିତ୍ୱ ଅସାର ବା ଗୌଣ କେତେଗୁଡ଼ିଏ ବିଷୟ ଉପରେ ପ୍ରତିଷ୍ଠିତ । ଅବଶ୍ୟ ସେମାନଙ୍କର ମୁଖ୍ୟ ବା ସାର ଭାବଟି ରହିଯିବ ଏବଂ ତାହା ସାହାଯ୍ୟରେ ଅପର ନୂତନ ଗୃହ ନିର୍ମିତ ହେବ । ଆପଣମାନଙ୍କୁ ଅବଶ୍ୟ ସେହି ପ୍ରାଚୀନ ଉକ୍ତି ଜଣାଅଛି ଯେ, ଗୋଟିଏ ଚର୍ଚ୍ଚ ବା ସମ୍ପ୍ରଦାୟବିଶେଷର ଭିତରେ ଜନ୍ମିବା ଭଲ, କିନ୍ତୁ ଆମରଣ ତାହାର ଗଣ୍ଡି ଭିତରେ ଆବଦ୍ଧ ରହିବା ଭଲ ନୁହେଁ ।

ମୁଁ : ଇଂଲଣ୍ଡରେ ଆପଣଙ୍କ କାର୍ଯ୍ୟର କିପରି ବିସ୍ତାର ହେଉଛି, ଅନୁଗ୍ରହପୂର୍ବକ

କହିବେ କି ?

ସ୍ୱାମୀଜୀ : ଧୀରେ ଧୀରେ ହେଉଛି, ଏହାର କାରଣ ମୁଁ ପୂର୍ବେ କହିଛି— ଯେଉଁଠାରେ ମୂଳକୁ ଧରି କାର୍ଯ୍ୟ, ସେଠାରେ ପ୍ରକୃତ ଉନ୍ନତ ବା ବିସ୍ତାର ଅବଶ୍ୟ ହିଁ ଧୀରେ ଧୀରେ ହୋଇଥାଏ । ଅବଶ୍ୟ ଏହା କହିବା ବାହୁଲ୍ୟ ଯେ, ଯେକୌଣସି ଉପାୟରେ ହିଁ ହେଉ ଏସବୁ ଭାବ ବିସ୍ତୃତ ହେବ ହିଁ ହେବ ଏବଂ ଆମମାନଙ୍କ ମଧ୍ୟରୁ ଅନେକଙ୍କ ନିକଟରେ ସେସବୁର ପ୍ରଚାର ପାଇଁ ଯଥାର୍ଥ ସମୟ ଉପସ୍ଥିତ ହୋଇଛି ।

## ଭାରତ ଓ ଇଂଲଣ୍ଡ

'ଇଣ୍ଡିଆ', ଲଣ୍ଡନ, ୧୮୯୭

ଲଣ୍ଡନରେ ଏହା ମୌସୁମୀ ସମୟ । ସ୍ୱାମୀ ବିବେକାନନ୍ଦ ତାଙ୍କର ମତ ଓ ଦର୍ଶନ ଦ୍ୱାରା ଆକୃଷ୍ଟ ଅନେକ ବ୍ୟକ୍ତିଙ୍କ ସମ୍ମୁଖରେ ବକ୍ତୃତା କରୁଛନ୍ତି ଓ ସେମାନଙ୍କୁ ଶିକ୍ଷା ଦେଉଛନ୍ତି । ସ୍ୱାମୀଜୀଙ୍କ ସହିତ ତାଙ୍କର ସାମୟିକ ବାସସ୍ଥାନ ଦକ୍ଷିଣ ବେଲଗ୍ରେଭିଆରେ ସାକ୍ଷାତ୍ କରିବା ପାଇଁ ଯାଇଥିଲି । ଭାରତର ପୁଣି ଇଂଲଣ୍ଡକୁ କହିବାର ଆଉ କ'ଣ ଅଛି, ଜାଣିବା ପାଇଁ ମୋର ଆଗ୍ରହ ହେଲା ।

ସ୍ୱାମୀଜୀ ସ୍ଥିର ଭାବରେ କହିଲେ : ଭାରତ ପକ୍ଷରେ ଏଠାକୁ ଧର୍ମପ୍ରଚାରକ-ପ୍ରେରଣ କିଛି ନୂଆ ଘଟଣା ନୁହେଁ । ଯେତେବେଳେ ବୌଦ୍ଧଧର୍ମ ନବୀନ ତେଜରେ ଅଭ୍ୟୁଦିତ ହେଉଥିଲା—ଯେତେବେଳେ ଭାରତର ଚତୁଃପାର୍ଶ୍ୱସ୍ଥ ଜାତିଗୁଡ଼ିକୁ ତାହାର କିଛି ଶିଖାଇବାକୁ ଥିଲା, ସେତେବେଳେ ସମ୍ରାଟ ଅଶୋକ ଚାରିଆଡ଼କୁ ଧର୍ମପ୍ରଚାରକ ପଠାଇଥିଲେ ।

ପ୍ରଶ୍ନ : ଆଚ୍ଛା, ଏ କଥା କ'ଣ ପ୍ରଶ୍ନ କରିଯାଇପାରେ, କାହିଁକି ଭାରତ ସେହି ପ୍ରକାର ଧର୍ମପ୍ରଚାରକମାନଙ୍କୁ ପ୍ରେରଣ କରିବା ବନ୍ଦ କରିଥିଲା, ପୁଣି କାହିଁକି ବା ଏବେ ଆରମ୍ଭ କଲା ?

ଉତ୍ତର : ବନ୍ଦ କରିବାର କାରଣ—ଭାରତ କ୍ରମଶଃ ସ୍ୱାର୍ଥପର ହୋଇଯାଇ ଏ ତତ୍ତ୍ୱ ଭୁଲିଯାଇଥିଲା ଯେ, ଆଦାନପ୍ରଦାନ-ପ୍ରଣାଳୀକ୍ରମରେ ହିଁ ବ୍ୟକ୍ତି ଏବଂ ଜାତି ଉଭୟ ଜୀବିତ ରହେ ଓ ଉନ୍ନତି ଲାଭ କରେ । ଭାରତ ଚିରଦିନ ଜଗତରେ ଏହି ଗୋଟିଏ ବାର୍ତ୍ତା ବହନ କରିଛି । ଭାରତର ବାର୍ତ୍ତା ଆଧ୍ୟାତ୍ମିକ । ଅନନ୍ତ ଯୁଗରୁ ଅନ୍ତରର ଭାବରାଜ୍ୟରେ ହିଁ ତାହାର ଏକଚାଟିଆ ଅଧିକାର; ସୂକ୍ଷ୍ମ ବିଜ୍ଞାନ, ଦର୍ଶନ, ନ୍ୟାୟଶାସ୍ତ୍ର—ଏଥିରେ ଭାରତର ବିଶେଷ ଅଧିକାର । ପ୍ରକୃତ ପକ୍ଷରେ ମୋର ଇଂଲଣ୍ଡକୁ ପ୍ରଚାରକାର୍ଯ୍ୟରେ ଆଗମନ—ଇଂଲଣ୍ଡର ଭାରତ-ଗମନର ହିଁ ଫଳସ୍ୱରୂପ । ଇଂଲଣ୍ଡ ଭାରତକୁ ଜୟ କରି ଶାସନ କରୁଛି—ତାହାର ପଦାର୍ଥବିଦ୍ୟାଜ୍ଞାନ ନିଜର ଓ ଆମମାନଙ୍କର କାର୍ଯ୍ୟରେ ଲଗାଉଛି । ଭାରତ ଜଗତକୁ କ'ଣ ଦେଇଛି ଓ କ'ଣ ଦେଇପାରେ, ମୋଟାମୋଟି କହିବାକୁ ଗଲେ ମୋର ଗୋଟିଏ ସଂସ୍କୃତ ଓ ଗୋଟିଏ ଇଂରେଜୀ ବାକ୍ୟ ମନେପଡ଼ୁଛି ।

କୌଣସି ଲୋକ ମରିଗଲେ ଆପଣମାନେ କହନ୍ତି, ସେ ଆତ୍ମା ପରିତ୍ୟାଗ କଲା (He gave up the ghost); ଆଉ ଆମେମାନେ କହୁ, 'ସେ ଦେହ ତ୍ୟାଗ କଲା' । ଏହିପରି ଭାବରେ ଆପଣମାନେ କହିଥାଆନ୍ତି, ମନୁଷ୍ୟର ଆତ୍ମା ଅଛି, ସେଥିରେ ଆପଣମାନେ ଯେପରିକି ଏହା ହିଁ ଲକ୍ଷ୍ୟ କରିଥାଆନ୍ତି ଯେ, ଦେହ ହିଁ ମନୁଷ୍ୟର ପ୍ରଧାନ ଜିନିଷ । କିନ୍ତୁ ଆମେମାନେ କହୁ, ମନୁଷ୍ୟ ଆତ୍ମାସ୍ୱରୂପ—ତାହାର ଗୋଟାଏ ଦେହ ଅଛି । ଏଗୁଡ଼ିକ ଅବଶ୍ୟ ଜାତୀୟ ଚିନ୍ତାତରଙ୍ଗର ଉପରିଭାଗସ୍ଥ କ୍ଷୁଦ୍ର ବୁଦ୍‌ବୁଦ ମାତ୍ର, କିନ୍ତୁ ଏଥିରେ ଆପଣମାନଙ୍କର ଜାତୀୟ ଚିନ୍ତାତରଙ୍ଗର ଗତି ପ୍ରକାଶିତ ହୋଇଯାଉଛି ।

ମୋର ଇଚ୍ଛା ହେଉଛି, ଆପଣଙ୍କୁ ଶୋପେନହାଉଅର୍‌ଙ୍କ ଭବିଷ୍ୟତ୍‌ବାଣୀଟି ସ୍ମରଣ କରାଇଦିଏ ଯେ, ଅନ୍ଧକାର ଯୁଗର (Dark Ages) ଅବସାନରେ ଗ୍ରୀକ୍ ଓ ଲାଟିନ୍ ବିଦ୍ୟାର ଅଭ୍ୟୁଦୟରେ ଇଉରୋପରେ ଯେପରି ଗୁରୁତର ପରିବର୍ତ୍ତନ ଉପସ୍ଥିତ ହୋଇଥିଲା, ଭାରତୀୟ ଦର୍ଶନ ଇଉରୋପରେ ସୁପରିଚିତ ହେଲେ ସେପ୍ରକାର ଗୋଟିଏ ଗୁରୁତର ପରିବର୍ତ୍ତନ ଆସିବ । ପ୍ରାଚ୍ୟତତ୍ତ୍ୱଗବେଷଣା ଅତି ପ୍ରବଳ ବେଗରେ ଅଗ୍ରସର ହେଉଛି । ସତ୍ୟାନ୍ୱେଷୀମାନଙ୍କ ସମ୍ମୁଖରେ ନୂତନ ଭାବସ୍ରୋତର ଦ୍ୱାର ଉନ୍ମୁକ୍ତ ହେଉଛି ।

ପ୍ରଶ୍ନ : ତେବେ କଅଣ ଆପଣ କହିବାକୁ ଚାହାନ୍ତି, ଭାରତ ଅବଶେଷରେ ତାହାର ବିଜେତାଙ୍କୁ ଜୟ କରିବ ?

ଉତ୍ତର : ହଁ, ଭାବରାଜ୍ୟରେ । ବର୍ତ୍ତମାନ ଇଂଲଣ୍ଡ ହାତରେ ତରବାରି—ସେ ବର୍ତ୍ତମାନ ଜଡ଼ଜଗତର ପ୍ରଭୁ, ଯେପରି, ଇଂଲଣ୍ଡ ପୂର୍ବରୁ ଆମମାନଙ୍କର ମୁସଲମାନ ବିଜେତାମାନେ ଥିଲେ । ସମ୍ରାଟ ଆକବର କିନ୍ତୁ ପ୍ରକୃତପକ୍ଷରେ ଜଣେ ହିନ୍ଦୁ ହୋଇ-ଯାଇଥିଲେ । ଶିକ୍ଷିତ ମୁସଲମାନଙ୍କ ସହିତ—ସୁଫୀମାନଙ୍କ ସହିତ—ହିନ୍ଦୁମାନଙ୍କର ସହଜରେ ପ୍ରଭେଦ କରାଯାଇପାରେ ନାହିଁ । ସେମାନେ ଗୋମାଂସ ଭକ୍ଷଣ କରନ୍ତି ନାହିଁ ଏବଂ ଅନ୍ୟାନ୍ୟ ନାନା ବିଷୟରେ ଆମମାନଙ୍କ ଆଚାର ବ୍ୟବହାରର ଅନୁସରଣ କରିଥାଆନ୍ତି । ସେମାନଙ୍କ ଚିନ୍ତାପ୍ରଣାଳୀ ଆମମାନଙ୍କ ଦ୍ୱାରା ବିଶେଷଭାବରେ ଅନୁରଞ୍ଜିତ ହୋଇଛି ।

ପ୍ରଶ୍ନ : ତା' ହେଲେ ଆପଣଙ୍କ ମତରେ ଦୁର୍ଦ୍ଧର୍ଷପ୍ରତାପ ସାହେବଙ୍କ ଅଦୃଷ୍ଟରେ ମଧ୍ୟ ଭବିଷ୍ୟତରେ ଏହିପରି ଘଟିବ ? କିନ୍ତୁ ବର୍ତ୍ତମାନ ମୁହୂର୍ତ୍ତରେ ସେହି ଭବିଷ୍ୟତ ଅନେକ ଦୂରରେ ବୋଲି ବୋଧହୁଏ ।

ଉତ୍ତର : ନା, ଆପଣ ଯେତେ ଦୂର ଭାବୁଛନ୍ତି, ସେତେ ଦୂର ନୁହେଁ । ଧର୍ମ ବିଷୟରେ ହିନ୍ଦୁ ଓ ଇଂରେଜ ଭାବ ଅନେକ ବିଷୟରେ ଏକ ପ୍ରକାର । ଆଉ ଅନ୍ୟାନ୍ୟ ଧର୍ମସମ୍ପ୍ରଦାୟ ସହିତ ମଧ୍ୟ ଯେ ହିନ୍ଦୁର ଐକ୍ୟ ଅଛି, ତାହାର ଯଥେଷ୍ଟ ପ୍ରମାଣ ଅଛି । ଯଦି କୌଣସି ଇଂରେଜ ଶାସନକର୍ତ୍ତା ବା ସିଭିଲ ସର୍ଭ୍ୟାଣ୍ଟଙ୍କର ଭାରତୀୟ ସାହିତ୍ୟ, ବିଶେଷତଃ ଭାରତୀୟ ଦର୍ଶନ ସମ୍ବନ୍ଧରେ କିଛିମାତ୍ର ଜ୍ଞାନ ଥାଏ, ତେବେ ଦେଖାଯାଏ, ତାହା ତାଙ୍କର ହିନ୍ଦୁମାନଙ୍କ ପ୍ରତି ସହାନୁଭୂତିର କାରଣ ହୁଏ । ସେହି ସହାନୁଭୂତି-ଭାବ ଦିନକୁ ଦିନ ବଢ଼ୁଛି । କେତେଗୁଡ଼ିଏ ଲୋକ ଯେ ବର୍ତ୍ତମାନ ମଧ୍ୟ ଭାରତୀୟ ଭାବକୁ ଅତି ସଂକୀର୍ଣ୍ଣ—ଏପରିକି,

କେବେ କେବେ ଅବଜ୍ଞାପୂର୍ଣ୍ଣ ଦୃଷ୍ଟିରେ ଦେଖିଥାଆନ୍ତି, କେବଳ ଅଜ୍ଞାନ ଯେ ତାହାର କାରଣ, ଏହା କହିଲେ କିଛି ମାତ୍ର ଅନ୍ୟାୟ କୁହାଯିବ ନାହିଁ ।

ପ୍ରଶ୍ନ : ହଁ, ଏହା ଅଜ୍ଞତାର ପରିଚାୟକ ତଥ୍ୟ । ଆପଣ ଇଂଲଣ୍ଡକୁ ନ ଆସି ଯେ ଆମେରିକାକୁ ଧର୍ମପ୍ରଚାର କାର୍ଯ୍ୟ ପାଇଁ ଗଲେ, ଏହାର କାରଣ କଅଣ କହିବେ କି ?

ଉତ୍ତର : ତାହା କେବଳ ଦୈବ ଘଟଣା ମାତ୍ର—ବିଶ୍ୱଧର୍ମ-ସଭା ଲଣ୍ଡନରେ ନ ବସି ଚିକାଗୋରେ ବସିଥିଲା ବୋଲି ମୋତେ ସେଠାକୁ ଯିବାକୁ ହୋଇଥିଲା । କିନ୍ତୁ ସ୍ୱାଭାବିକ ଭାବରେ ଲଣ୍ଡନରେ ତାହାର ଅଧିବେଶନ ହେବା ଉଚିତ ଥିଲା । ମହୀଶୂରର ରାଜା ଏବଂ ଆଉ କେତେ ଜଣ ବନ୍ଧୁ ସେଠାକୁ ମୋତେ ହିନ୍ଦୁଧର୍ମର ପ୍ରତିନିଧି ରୂପେ ପଠାଇଥିଲେ । ମୁଁ ସେଠାରେ ତିନିବର୍ଷ ଥିଲି, କେବଳ ଗତ ବର୍ଷ ଗ୍ରୀଷ୍ମକାଳରେ ମୁଁ ଲଣ୍ଡନରେ ବକ୍ତୃତା ଦେବା ପାଇଁ ଆସିଥିଲି ଏବଂ ଏ ଗ୍ରୀଷ୍ମରେ ମଧ୍ୟ ଆସିଛି । ମାର୍କିନମାନେ ଗୋଟିଏ ବଡ଼ ଜାତି—ସେମାନଙ୍କର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ । ମୁଁ ସେମାନଙ୍କ ପ୍ରତି ବିଶେଷ ଶ୍ରଦ୍ଧାସମ୍ପନ୍ନ—ସେମାନଙ୍କ ମଧ୍ୟରେ ମୁଁ ଅନେକ ସହୃଦୟ ବନ୍ଧୁ ପାଇଥିଲି । ଇଂରେଜମାନଙ୍କ ଅପେକ୍ଷା ସେମାନଙ୍କର କୁସଂସ୍କାର ଅଳ୍ପ—ସେମାନେ ସବୁ ନୂତନ ଭାବକୁ ଓଜନ କରି ଦେଖିବା ବା ପରୀକ୍ଷା କରିବା ପାଇଁ ପ୍ରସ୍ତୁତ—ନୂତନତ୍ୱ ସତ୍ତ୍ୱେ ସେସବୁର ଆଦର କରିବା ପାଇଁ ପ୍ରସ୍ତୁତ । ସେମାନେ ମଧ୍ୟ ବିଶେଷ ଅତିଥି-ପରାୟଣ । ଲୋକଙ୍କର ବିଶ୍ୱାସପାତ୍ର ହେବା ପାଇଁ ସେଠାରେ ଅପେକ୍ଷାକୃତ ଅଳ୍ପ ସମୟ ଲାଗେ । ମୋ ପରି ଆପଣ ମଧ୍ୟ ଆମେରିକାର ସହର ସହର ବୁଲି ବକ୍ତୃତା ଦେଇପାରନ୍ତି—ସର୍ବତ୍ର ହିଁ ବନ୍ଧୁ ଜୁଟିବେ । ମୁଁ ବୋଷ୍ଟନ, ନିଉୟର୍କ, ଫିଲାଡେଲ୍‌ଫିଆ, ବାଲ୍‌ଟିମୋର୍, ଓ୍ୱାସିଂଟନ୍, ଡେସ୍‌ମୋଇନସ୍, ମେମ୍‌ଫିସ୍ ଏବଂ ଅନ୍ୟାନ୍ୟ ଅନେକ ସ୍ଥାନକୁ ଯାଇଥିଲି ।

ପ୍ରଶ୍ନ : ଆଉ ପ୍ରତ୍ୟେକ ଜାଗାରେ ଶିଷ୍ୟ କରି ଆସିଛନ୍ତି ?

ଉତ୍ତର : ହଁ, ଶିଷ୍ୟ କରି ଆସିଛି—କିନ୍ତୁ କୌଣସି ସମାଜ ଗଠନ କରି ନାହିଁ । ଏହା ମୋ କାର୍ଯ୍ୟର ଅନ୍ତର୍ଗତ ନୁହେଁ । ସମାଜ ବା ସମିତି ତ ଯଥେଷ୍ଟ ଅଛି । ତଦ୍‌ଭିନ୍ନ ସମ୍ପ୍ରଦାୟ କଲେ ତାହା ପରିଚାଳନା ପାଇଁ ପୁଣି ଲୋକ ଦରକାର—ସମ୍ପ୍ରଦାୟ ଗଠିତ ହେଲେ ଟଙ୍କାର ପ୍ରୟୋଜନ, କ୍ଷମତାର ପ୍ରୟୋଜନ, ମୁରବିର ପ୍ରୟୋଜନ । ଅନେକ ସମୟରେ ସମ୍ପ୍ରଦାୟସମୂହ ପ୍ରଭୁତ୍ୱ ପାଇଁ ଚେଷ୍ଟା କରିଥାଆନ୍ତି, କେବେ କେବେ ଅପରଙ୍କ ସହିତ ଲଢ଼େଇ ପର୍ଯ୍ୟନ୍ତ କରିଥାଆନ୍ତି ।

ପ୍ରଶ୍ନ : ତେବେ କଅଣ ଆପଣଙ୍କ ଧର୍ମପ୍ରଚାର କାର୍ଯ୍ୟର ଭାବ ସଂକ୍ଷେପରେ ଏହିପରି କୁହାଯାଇପାରେ ଯେ, ଆପଣ ବିଭିନ୍ନ ଧର୍ମର ତୁଳନାମୂଳକ ଆଲୋଚନା କରି ତାହା ହିଁ ପ୍ରଚାର କରିବାକୁ ଚାହାଁନ୍ତି ।

ଉତ୍ତର : ମୁଁ ପ୍ରଚାର କରିବାକୁ ଚାହେଁ—ଧର୍ମର ଦାର୍ଶନିକ ତତ୍ତ୍ୱ; ଧର୍ମର ବାହ୍ୟ ଅନୁଷ୍ଠାନଗୁଡ଼ିକର ଯାହା ସାର, ତାହା ହିଁ ମୁଁ ପ୍ରଚାର କରିବାକୁ ଚାହେଁ । ସବୁ ଧର୍ମର ହିଁ ଗୋଟିଏ ମୁଖ୍ୟ ଓ ଗୌଣ ଭାଗ ଅଛି । ସେହି ଗୌଣଭାବଗୁଡ଼ିକୁ ଛାଡ଼ିଦେଲେ ଯାହା ରହିବ,

ତାହା ହିଁ ସବୁ ଧର୍ମର ପ୍ରକୃତ ଭିତ୍ତିସ୍ୱରୂପ, ତାହା ହିଁ ସବୁ ଧର୍ମର ସାଧାରଣ ସମ୍ପତ୍ତି । ସବୁ ଧର୍ମର ଅନ୍ତରାଳରେ ସେହି ଏକତ୍ୱ ରହିଛି—ଆମେମାନେ ତାଙ୍କୁ ଗଡ୍, ଆଲ୍ଲା, ଜିହୋଭା, ଆତ୍ମା, ପ୍ରେମ—ଯାହାକିଛି ନାମ ଦେଇପାରୁ । ସେହି ଏକ ସତ୍ତା ହିଁ ସମସ୍ତ ପ୍ରାଣୀଙ୍କର ପ୍ରାଣରୂପେ ବିରାଜିତ—ପ୍ରାଣୀଜଗତର ଅତି ନିକୃଷ୍ଟତମ ବିକାଶଠାରୁ ସର୍ବୋଚ୍ଚ ବିକାଶ ମାନବ ପର୍ଯ୍ୟନ୍ତ ସର୍ବତ୍ର । ଆମେମାନେ ସେହି ଏକତ୍ୱ ଉପରେ ହିଁ ସମସ୍ତଙ୍କର ବିଶେଷ ଭାବରେ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁ; କିନ୍ତୁ ପାଶ୍ଚାତ୍ୟରେ—କେବଳ ପାଶ୍ଚାତ୍ୟରେ କାହିଁକି, ସର୍ବତ୍ର ଲୋକେ ଗୌଣ ବିଷୟଗୁଡ଼ିକ ପ୍ରତି ବିଶେଷ ଭାବରେ ଦୃଷ୍ଟି ଦେଇଥାଆନ୍ତି । ଲୋକେ ଧର୍ମର ବାହ୍ୟ ଅନୁଷ୍ଠାନଗୁଡ଼ିକୁ ଧରି, ଅପରକୁ ଠିକ୍ ନିଜ ପରି କାର୍ଯ୍ୟ କରାଇବା ପାଇଁ ପରସ୍ପର ସହିତ ବିବାଦ ଏବଂ ପରସ୍ପରକୁ ହତ୍ୟା ମଧ୍ୟ କରିଥାନ୍ତି । ଭଗବଦ୍‌ଭକ୍ତି ଓ ମାନବପ୍ରୀତି ଯେତେବେଳେ ଜୀବନର ସାର ବସ୍ତୁ, ସେତେବେଳେ ଏହିସବୁ ବିବାଦବିସମ୍ବାଦକୁ କଠିନତର ଭାଷାରେ ନିର୍ଦ୍ଦେଶ ନ କଲେ ମଧ୍ୟ ଆଶ୍ଚର୍ଯ୍ୟଜନକ ବିଷୟ ବୋଲି କହିବାକୁ ହୁଏ ।

ପ୍ରଶ୍ନ : ମୋର ବୋଧହୁଏ, ହିନ୍ଦୁ କେବେହେଲେ ଅନ୍ୟ ଧର୍ମାବଲମ୍ବୀଙ୍କ ଉପରେ ଉତ୍ପୀଡ଼ନ କରିପାରେ ନାହିଁ ।

ଉତ୍ତର : ଏପର୍ଯ୍ୟନ୍ତ ତ କେବେ ମଧ୍ୟ କରି ନାହିଁ । ଜଗତରେ ଯେତେ ଜାତି ଅଛି, ତନ୍ମଧ୍ୟରେ ହିନ୍ଦୁ ସର୍ବାପେକ୍ଷା ଅଧିକ ପରଧର୍ମସହିଷ୍ଣୁ । ହିନ୍ଦୁ ଗଭୀର ଧର୍ମଭାବାପନ୍ନ ବୋଲି ଲୋକେ ମନେକରିପାରନ୍ତି ଯେ, ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଉପରେ ଅବିଶ୍ୱାସୀ, ତାହା ଉପରେ ସେ ଅତ୍ୟାଚାର କରିବ । କିନ୍ତୁ ଦେଖନ୍ତୁ, ଜୈନମାନେ ତ ଈଶ୍ୱରବିଶ୍ୱାସ ସମ୍ପୂର୍ଣ୍ଣ ଭ୍ରମାତ୍ମକ ବୋଲି ମନେକରନ୍ତି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ହିନ୍ଦୁ ଜୈନଙ୍କ ଉପରେ ଅତ୍ୟାଚାର କରି ନାହିଁ । ଭାରତରେ ମୁସଲମାନମାନେ ପ୍ରଥମେ ପରଧର୍ମାବଲମ୍ବୀ ବିରୋଧରେ ତରବାରି ଧାରଣ କରିଥିଲେ ।

ପ୍ରଶ୍ନ : ଇଂଲଣ୍ଡରେ ଏହି 'ମୂଳ ଏକତ୍ୱବାଦ' ମତ କିପରି ଭାବରେ ପ୍ରସାର ଲାଭ କରୁଛି ? ଏଠାରେ ତ ସହସ୍ର ସହସ୍ର ସମ୍ପ୍ରଦାୟ ।

ଉତ୍ତର : ସ୍ୱାଧୀନ ଚିନ୍ତା ଓ ଜ୍ଞାନବୃଦ୍ଧି ସହିତ ଧୀରେ ଧୀରେ ସେଗୁଡ଼ିକ ଲୋପ ପାଇବ । ସେସବୁ ଗୌଣ ବିଷୟାବଲମ୍ବନ ଉପରେ ପ୍ରତିଷ୍ଠିତ—ସେଥିପାଇଁ କଦାପି ଚିରକାଳ ରହିପାରିବ ନାହିଁ । ସେହି ସମ୍ପ୍ରଦାୟସମୂହ ସେମାନଙ୍କର ଉଦ୍ଦେଶ୍ୟ ସାଧନ କରିଛନ୍ତି । ସେହି ଉଦ୍ଦେଶ୍ୟରେ ସମ୍ପ୍ରଦାୟାନ୍ତର୍ଗତ ବ୍ୟକ୍ତିବର୍ଗଙ୍କ ଧାରଣାନୁଯାୟୀ ସଙ୍କୀର୍ଣ୍ଣ ଭ୍ରାତୃଭାବର ପ୍ରତିଷ୍ଠା । ବର୍ତ୍ତମାନ ସେସବୁ ବିଭିନ୍ନ ବ୍ୟକ୍ତିଙ୍କର ସମଷ୍ଟି ମଧ୍ୟରେ ଯେଉଁ ଭେଦରୂପକ ପ୍ରାଚୀର ବ୍ୟବଧାନ ରହିଛି, ସେଗୁଡ଼ିକୁ ଭାଙ୍ଗିଦେଇ କ୍ରମେ ଆମେମାନେ ସାର୍ବଜନୀନ ଭ୍ରାତୃଭାବରେ ପହଞ୍ଚିପାରୁ । ଇଂଲଣ୍ଡରେ ଏକାର୍ଯ୍ୟ ଅତି ଧୀରେ ଧୀରେ ଚାଲୁଛି—ତାହାର କାରଣ ସମ୍ଭବତଃ ବର୍ତ୍ତମାନ ସୁଦ୍ଧା ଉପଯୁକ୍ତ ସମୟ ଉପସ୍ଥିତ ହୋଇ ନାହିଁ । କିନ୍ତୁ ତାହା ହେଲେ ମଧ୍ୟ ଧୀରେ ଧୀରେ ଏ ଭାବ ପ୍ରସାରିତ ହେଉଛି । ଇଂଲଣ୍ଡ ମଧ୍ୟ ଭାରତରେ

ସେହି କାର୍ଯ୍ୟ କରିବାକୁ ନିଯୁକ୍ତ ରହିଛି, ମୁଁ ତତ୍ ପ୍ରତି ଆପଣଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଇଚ୍ଛା କରେ । ଆଧୁନିକ ଜାତିଭେଦ ଭାରତର ଉନ୍ନତିର ଗୋଟାଏ ବିଶେଷ ପ୍ରତିବନ୍ଧକ । ତାହା ସଂକୀର୍ଣ୍ଣତା ଓ ଭେଦ ଆନୟନ କରେ । ବିଭିନ୍ନ ସମ୍ପ୍ରଦାୟ ଭିତରେ ଗୋଟାଏ ସୀମାରେଖା କାଟିଦିଏ । ଚିନ୍ତାର ଉନ୍ନତି ସଙ୍ଗେ ସଙ୍ଗେ ତାହା ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯିବ ।

ପ୍ରଶ୍ନ : କିନ୍ତୁ କେତେଜଣ ଇଂରେଜ—ଆଉ ସେମାନେ ଭାରତ ପ୍ରତି କମ୍ ସହାନୁଭୂତି-ସମ୍ପନ୍ନ ନୁହନ୍ତି, କିମ୍ବା ତା'ର ଇତିହାସ ସମ୍ବନ୍ଧରେ ଖୁବ୍ ଅଜ୍ଞ ନୁହନ୍ତି—ଜାତିଭେଦକୁ ମୁଖ୍ୟତଃ କଲ୍ୟାଣକର ବୋଲି ମନେକରନ୍ତି । ଲୋକେ ସହଜରେ ହିଁ ପ୍ରାୟ ସାହେବୀ ଭାବାପନ୍ନ ହୋଇଯାଇପାରନ୍ତି । ଆପଣ ମଧ୍ୟ ଆମର ଅନେକ ଆଦର୍ଶକୁ ଜଡ଼ବାଦାତ୍ମକ ବୋଲି ନିନ୍ଦା କରନ୍ତି ।

ଉତ୍ତର : ସତ୍ୟ । କିନ୍ତୁ କୌଣସି ବୁଦ୍ଧିମାନ୍ ବ୍ୟକ୍ତି ଭାରତକୁ ଇଂଲଣ୍ଡରେ ପରିଣତ କରିବା ପାଇଁ ଇଚ୍ଛା କରନ୍ତି ନାହିଁ । ଶରୀରର ଅନ୍ତରାଳରେ ଯେଉଁ ଚିନ୍ତା ରହିଛି, ତଦ୍ୱାରା ଏ ଶରୀର ଗଠିତ ହୋଇଛି । ସୁତରାଂ ସମଗ୍ର ଜାତିଟି ଜାତୀୟ ଚିନ୍ତାର ବିକାଶମାତ୍ର ଏବଂ ଭାରତରେ ତାହା ସହସ୍ର ସହସ୍ର ବର୍ଷ ଚିନ୍ତାର ବିକାଶସ୍ୱରୂପ । ସୁତରାଂ ଭାରତକୁ ଇଉରୋପୀୟ ଭାବାପନ୍ନ କରିବା ଗୋଟିଏ ଅସମ୍ଭବ ବ୍ୟାପାର ଏବଂ ତାହା ପାଇଁ ଚେଷ୍ଟା କରିବା ମଧ୍ୟ ନିର୍ବୋଧତାର କାର୍ଯ୍ୟ । ଭାରତରେ ଚିରଦିନ ହିଁ ସାମାଜିକ ଉନ୍ନତିର ଉପାଦାନ ସ୍ପଷ୍ଟଭାବରେ ବିଦ୍ୟମାନ ଥିଲା; ଯେତେବେଳେ ଶାନ୍ତିମୟ ଶାସନପ୍ରଣାଳୀ ସ୍ଥାପିତ ହୋଇଛି, ସେତେବେଳେ ହିଁ ତାହାର ଅସ୍ତିତ୍ୱର ପରିଚୟ ମିଳିଛି । ଉପନିଷଦ୍-ଯୁଗଠାରୁ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଆମମାନଙ୍କର ସମସ୍ତ ବଡ଼ ବଡ଼ ଆଚାର୍ଯ୍ୟମାନେ ଜାତି-ଭେଦର ବାଡ଼ ଭାଙ୍ଗିବାକୁ ଚେଷ୍ଟା କରିଛନ୍ତି । ଅବଶ୍ୟ ମୂଳ ଜାତି-ବିଭାଗକୁ ନୁହେଁ, ସେମାନେ ତାହାର ବିକୃତ ଓ ଅବନତ ଅବସ୍ଥାକୁ ହିଁ ଭାଙ୍ଗିବା ପାଇଁ ଚେଷ୍ଟା କରିଥିଲେ । ପ୍ରାଚୀନ ଜାତି-ବିଭାଗରେ ଅତି ସୁନ୍ଦର ସାମାଜିକ ବ୍ୟବସ୍ଥା ଥିଲା—ବର୍ତ୍ତମାନ ଜାତିଭେଦ ମଧ୍ୟରେ ଯେଉଁଟିକିକ ଭଲ ଦେଖିବାକୁ ପାଉଛନ୍ତି, ତାହା ସେହି ପ୍ରାଚୀନ ଜାତିବିଭାଗରୁ ହିଁ ଆସିଛି । ବୁଦ୍ଧ ଜାତିବିଭାଗକୁ ତାହାର ପ୍ରାଚୀନ ମୌଳିକ ଆକାରରେ ପୁନଃ ପ୍ରତିଷ୍ଠିତ କରିବା ପାଇଁ ଚେଷ୍ଟା କରିଥିଲେ । ଭାରତ ଥରକୁ ଥର ଯେତେବେଳେ ଜାଗିଛି, ସେତେବେଳେ ହିଁ ଜାତିଭେଦ ଭାଙ୍ଗିବା ପାଇଁ ପ୍ରବଳ ଚେଷ୍ଟା ହୋଇଛି । କିନ୍ତୁ ଏହି କାର୍ଯ୍ୟ ଚିରକାଳ ଆମମାନଙ୍କୁ ହିଁ କରିବାକୁ ହେବ—ଆମମାନଙ୍କୁ ହିଁ ପ୍ରାଚୀନ ଭାରତର ପରିଣତି ଓ କ୍ରମବିକାଶକଲ୍ପେ ନୂତନ ଭାରତ ଗଠନ କରିବାକୁ ହେବ; ଯେକୌଣସି ବୈଦେଶିକ ଭାବ ସେହି କାର୍ଯ୍ୟରେ ସାହାଯ୍ୟ କରିବ, ତାହା ଯେଉଁଠାରେ ମିଳୁ ନା କାହିଁକି, ତାହାକୁ ଆପଣାର କରିନେବାକୁ ହେବ । ଅନ୍ୟମାନେ କେବେ ଆମର ହୋଇ ସେହି କାର୍ଯ୍ୟ କରିପାରିବେ ନାହିଁ । ସମସ୍ତ ଉନ୍ନତି ହିଁ ବ୍ୟକ୍ତି ବା ଜାତିବିଶେଷର ଭିତରୁ ହେବା ପ୍ରୟୋଜନ । ଇଂଲଣ୍ଡ କେବଳ ଭାରତକୁ ତାହାର ନିଜ ଉଦ୍ଧାର ସାଧନରେ ସାହାଯ୍ୟ କରିପାରେ—ଏହି ପର୍ଯ୍ୟନ୍ତ ! ମୋ ମତରେ ଯେଉଁ ଜାତି ଭାରତର ଭଣ୍ଟି ଚିପି ରଖିଛି, ତା'ର ନିର୍ଦ୍ଦେଶରେ ଯେଉଁ ଉନ୍ନତି ହେବ, ତାହାର ମୂଲ୍ୟ

ନାହିଁ । ଜାତିଦାସ ଭାବରେ କାର୍ଯ୍ୟ କଲେ ଅତି ଉଚ୍ଚତମ କାର୍ଯ୍ୟର ମଧ୍ୟ ଶେଷରେ ଅବନତି ଘଟିଥାଏ ।

ପ୍ରଶ୍ନ : ଆପଣ କଅଣ ଭାରତୀୟ ଜାତୀୟ ମହାସମିତିର ଆନ୍ଦୋଳନ (Indian National Congress Movement) ପ୍ରତି କେବେହେଲେ ମନୋଯୋଗ ଦେଇଛନ୍ତି ?

ଉତ୍ତର : ମୁଁ ସେବିଷୟ ପ୍ରତି ବିଶେଷ ମନଯୋଗ ଦେଇଛି ବୋଲି କହିପାରିବି ନାହିଁ । ମୋ କାର୍ଯ୍ୟକ୍ଷେତ୍ର ଅନ୍ୟ ବିଭାଗରେ । କିନ୍ତୁ ମୁଁ ସେହି ଆନ୍ଦୋଳନ ଦ୍ୱାରା ଭବିଷ୍ୟତରେ ବିଶେଷ ଶୁଭଫଳ ଲାଭର ସମ୍ଭାବନା ଅଛି ବୋଲି ମନେକରେ ଏବଂ ହୃଦୟର ସହିତ ତାହାର ସିଦ୍ଧି କାମନା କରେ । ଏହାଦ୍ୱାରା ଭାରତର ବିଭିନ୍ନ କ୍ଷୁଦ୍ର କ୍ଷୁଦ୍ର ଜାତିଙ୍କୁ ନେଇ ଗୋଟିଏ ବୃହତ୍ ଜାତି ବା 'ନେଶନ୍' ଗଠିତ ହେଉଛି । ମୋର କେବେ କେବେ ମନେହୁଏ, ଭାରତର ବିଭିନ୍ନ ଜାତି ଇଉରୋପର ବିଭିନ୍ନ ଜାତି ଅପେକ୍ଷା କମ୍ ବିଚିତ୍ର ନୁହନ୍ତି । ଅତୀତ କାଳରେ ଇଉରୋପର ବିଭିନ୍ନ ଜାତିସବୁ ଭାରତରେ ବାଣିଜ୍ୟ ବିସ୍ତାର ପାଇଁ ବିଶେଷ ପ୍ରୟାସ କରିଥିଲେ; ଆଉ ଏହି ଭାରତୀୟ ବାଣିଜ୍ୟ ଜଗତରେ ସଭ୍ୟତା ବିସ୍ତାରଦିଗରେ ଗୋଟାଏ ପ୍ରବଳ ଶକ୍ତିରୂପେ କାର୍ଯ୍ୟ କରିଛି । ଏହି ଭାରତୀୟ ବାଣିଜ୍ୟାଧିକାର-ଲାଭକୁ ମନୁଷ୍ୟଜାତିର ଇତିହାସରେ ଏକ ପ୍ରକାର ଭାଗ୍ୟଚକ୍ର-ପରିବର୍ତ୍ତିନକାରୀ ଘଟଣା ରୂପେ ନିର୍ଦ୍ଦେଶ କରାଯାଇ-ପାରେ । ଆମେମାନେ ଦେଖିବାକୁ ପାଉ, ଓଲନ୍ଦାଜ, ପର୍ତ୍ତୁଗୀଜ, ଫରାସୀ ଓ ଇଂରେଜମାନେ କ୍ରମାନ୍ୱୟରେ ସେଥିପାଇଁ ଚେଷ୍ଟା କରିଛନ୍ତି । ଭେନିସ୍‌ବାସୀଗଣ ପ୍ରାଚ୍ୟଦେଶରେ ବାଣିଜ୍ୟ-ବ୍ୟବସାୟରେ କ୍ଷତିଗ୍ରସ୍ତ ହୋଇ ସୁଦୂର ପାଶ୍ଚାତ୍ୟରେ ସେହି କ୍ଷତି ପୂରଣ ପାଇଁ ଚେଷ୍ଟା କରିବା ଫଳରେ ଯେ ଆମେରିକାର ଆବିଷ୍କୃତ ହେଲା, ଏହା ମଧ୍ୟ କୁହାଯାଇପାରେ ।

ପ୍ରଶ୍ନ : ଏହାର ପରିଣତି କେଉଁଠାରେ ?

ଉତ୍ତର : ଅବଶ୍ୟ ଏହାର ପରିଣତି ହେବ ଭାରତ ମଧ୍ୟରେ ସାମ୍ୟଭାବ-ସ୍ଥାପନରେ, ଭାରତବାସୀ ସମସ୍ତଙ୍କର ବ୍ୟକ୍ତିଗତ ସମାନ ଅଧିକାର-ଲାଭରେ । ଜ୍ଞାନ କେତେଜଣ ଶିକ୍ଷିତ ବ୍ୟକ୍ତିଙ୍କର ଏକଚାଟିଆ ସମ୍ପତ୍ତି ହୋଇ ରହିବ ନାହିଁ, ତାହା ଉଚ୍ଚ ଶ୍ରେଣୀରୁ କ୍ରମେ କ୍ରମେ ନିମ୍ନଶ୍ରେଣୀକୁ ବିସ୍ତୃତ ହେବ । ସର୍ବସାଧାରଣଙ୍କ ମଧ୍ୟରେ ଶିକ୍ଷା ବିସ୍ତାରର ଚେଷ୍ଟା ହେଉଛି, ପରେ ବାଧ୍ୟ କରି ସମସ୍ତଙ୍କୁ ଶିକ୍ଷା ଦେବାର ବନ୍ଦୋବସ୍ତ ହେବ । ଭାରତୀୟ ସର୍ବସାଧାରଣଙ୍କ ମଧ୍ୟରେ ନିହିତ ଅଗାଧ କାର୍ଯ୍ୟକାରୀ ଶକ୍ତିକୁ ବ୍ୟବହାରରେ ଆଣିବାକୁ ହେବ । ଭାରତର ଅଭ୍ୟନ୍ତରରେ ମହତୀ ଶକ୍ତି ନିହିତ ଅଛି, ତାହାକୁ ଜାଗ୍ରତ କରିବାକୁ ହେବ ।

ପ୍ରଶ୍ନ : ପ୍ରବଳ ଯୁଦ୍ଧକୁଶଳ ଜାତି ନ ହୋଇ କେହି କଅଣ କେବେହେଲେ ବଡ଼ ହୋଇଛି ?

ସ୍ୱାମୀଜୀ ମୁହୂର୍ତ୍ତମାତ୍ର ଇତସ୍ତତଃ ନ ହୋଇ କହିଲେ : ହଁ, ଚୀନ ହୋଇଛି । ଅନ୍ୟାନ୍ୟ ଦେଶ ମଧ୍ୟରେ ମୁଁ ଚୀନ ଓ ଜାପାନରେ ମଧ୍ୟ ଭ୍ରମଣ କରିଛି । ଆଜି ଚୀନ ଗୋଟିଏ ଛନ୍ନଭଙ୍ଗ ଦଳପରି ଛିଡ଼ା ହୋଇଛି, କିନ୍ତୁ ଉନ୍ନତି ସମୟରେ ତାହାର ଯେପରି ଶୃଙ୍ଖଳାବଦ୍ଧ

ସମାଜ-ବ୍ୟବସ୍ଥା ଥିଲା, ଆଉ କୌଣସି ଜାତିର ଏପର୍ଯ୍ୟନ୍ତ ସେପରି ହୋଇ ନାହିଁ । ଅନେକ ବିଷୟ—ଯାହାକୁ ଆମେ ଆଜିକାଲି 'ଆଧୁନିକ' ବୋଲି ଆଖ୍ୟା ଦେଇଥାଉ, ଚୀନରେ ଶତ ଶତ—ଏପରିକି ସହସ୍ର ସହସ୍ର ବର୍ଷ ଧରି ତାହା ପ୍ରଚଳିତ ଥିଲା । ଦୃଷ୍ଟାନ୍ତସ୍ୱରୂପ 'ପ୍ରତିଯୋଗିତା-ପରୀକ୍ଷା' କଥା ଧରନ୍ତୁ ।

ପ୍ରଶ୍ନ : ଚୀନ ବର୍ତ୍ତମାନ ଛତ୍ରଭଙ୍ଗ ହେଲା କାହିଁକି ?

ଉତ୍ତର : କାରଣ, ଚୀନ ତାହାର ସାମାଜିକ ପ୍ରଥା ଅନୁଯାୟୀ ମଣିଷ ତିଆରି କରି-ପାରିଲା ନାହିଁ । ଆପଣମାନଙ୍କର ଗୋଟିଏ ପ୍ରଚଳିତ କଥା ଅଛି ଯେ, ପାର୍ଲିଆମେଣ୍ଟର ଆଇନ ବଳରେ ମନୁଷ୍ୟକୁ ଧାର୍ମିକ କରିହେବ ନାହିଁ । ଚୀନାମାନେ ଆପଣମାନଙ୍କ ପୂର୍ବରୁ ସେକଥା ଠୋକର ଖାଇ ଶିଖିଥିଲେ । ସେହି କାରଣରୁ ରାଜନୀତି ଅପେକ୍ଷା ଧର୍ମର ଆବଶ୍ୟକତା ଗଭୀରତର । କାରଣ, ଧର୍ମ ବ୍ୟାବହାରିକ ଜୀବନର ମୂଳତତ୍ତ୍ୱ ଆଲୋଚନା କରେ ।

ପ୍ରଶ୍ନ : ଆପଣ ଭାରତର ଯେଉଁ ଜାଗରଣ କଥା କହୁଛନ୍ତି, ଭାରତ କଅଣ ସେ ବିଷୟରେ ସଚେତନ ?

ଉତ୍ତର : ସମ୍ପୂର୍ଣ୍ଣ ସଚେତନ । ସମସ୍ତେ ସମ୍ଭବତଃ କଂଗ୍ରେସ ଆନ୍ଦୋଳନରେ ଏବଂ ସମାଜ-ସଂସ୍କାରକ୍ଷେତ୍ରରେ ଏହି ଜାଗରଣ ଦେଖିଥାଆନ୍ତି, କିନ୍ତୁ ଅପେକ୍ଷାକୃତ ଧୀର ଭାବରେ କାର୍ଯ୍ୟ ଚାଲିଲେ ମଧ୍ୟ ଧର୍ମବିଷୟରେ ସେହି ଜାଗରଣ ବାସ୍ତବିକ୍ ହିଁ ହୋଇଛି ।

ପ୍ରଶ୍ନ : ପାଶ୍ଚାତ୍ୟ ଓ ପ୍ରାଚ୍ୟ ଦେଶର ଆଦର୍ଶ ମଧ୍ୟରେ ପାର୍ଥକ୍ୟ ଅତି ଅଧିକ । ଆମମାନଙ୍କର ଆଦର୍ଶ—ସାମାଜିକ ଅବସ୍ଥାର ପୂର୍ଣ୍ଣତା ସାଧନ ବୋଲି ବୋଧହୁଏ । ଆମେମାନେ ବର୍ତ୍ତମାନ ଏସବୁ ବିଷୟର ଆଲୋଚନାରେ ବ୍ୟସ୍ତ ରହିଛୁ, ଆଉ ପ୍ରାଚ୍ୟବାସୀଗଣ ସେହି ସମୟରେ ସୂକ୍ଷ୍ମ ତତ୍ତ୍ୱସମୂହର ଧ୍ୟାନରେ ନିଯୁକ୍ତ । ସୁଦାନ ଯୁଦ୍ଧରେ ଭାରତୀୟ ସୈନ୍ୟ-ମାନଙ୍କର ବ୍ୟୟଭାର କେଉଁଠାରେ ନିର୍ବାହ ହେବ, ଏଠାରେ ପାର୍ଲିଆମେଣ୍ଟ ଏ ବିଷୟର ବିଚାରରେ ବ୍ୟସ୍ତ । ରକ୍ଷଣଶୀଳ ସମ୍ପ୍ରଦାୟର ଭଦ୍ର ସମ୍ବାଦପତ୍ର ମାନେ ହିଁ ସରକାରଙ୍କର ଅନ୍ୟାୟ ମୀମାଂସା ବିରୋଧରେ ଖୁବ୍ ଚିତ୍କାର କରୁଛନ୍ତି; କିନ୍ତୁ ଆପଣ ହୁଏତ ଭାବୁଛନ୍ତି, ସେବିଷୟଟା ଆଦୌ ମନୋଯୋଗ ଦେବାର ଯୋଗ୍ୟ ନୁହେଁ ।

ସ୍ୱାମୀଜୀ ସମ୍ମୁଖସ୍ଥିତ ସମ୍ବାଦପତ୍ରଟିକୁ ନେଇ ଏବଂ ରକ୍ଷଣଶୀଳ ସମ୍ପ୍ରଦାୟର କାଗଜରୁ ଉଦ୍ଧୃତାଂଶସମୂହ ଉପରେ ଆଖି ବୁଲାଇ କହିଲେ—କିନ୍ତୁ ଏ ବିଷୟରେ ଆପଣ ସମ୍ପୂର୍ଣ୍ଣ ଭୁଲ ବୁଝିଛନ୍ତି । ଏ ବିଷୟରେ ମୋର ସହାନୁଭୂତି ସ୍ୱଭାବତଃ ମୋ ଦେଶ ସହିତ ହେବ । ତଥାପି ମୋର ଗୋଟିଏ ସଂସ୍କୃତ କିମ୍ବଦନ୍ତୀ ମନେପଡ଼ୁଛି—'ବିକ୍ରୀତେ କରିଣି କିମଙ୍କୁଶେ ବିବାଦଃ'—ଅର୍ଥାତ୍ 'ହାତୀକୁ ବିକି ବର୍ତ୍ତମାନ ଅଙ୍କୁଶ ପାଇଁ ଆଉ ବିବାଦ କାହିଁକି ?' ଭାରତ ହିଁ ଚିରକାଳ ଦେଇ ଆସିଛି । ରାଜନୀତିଜ୍ଞମାନଙ୍କର ବିବାଦ ଅତି ଅଦ୍ଭୁତ ! ରାଜନୀତି ଭିତରେ ଧର୍ମ ପ୍ରବେଶ କରାଇବା ପାଇଁ ଅନେକ ଯୁଗ ଲାଗିବ ।

ପ୍ରଶ୍ନ : ତାହାହେଲେ ମଧ୍ୟ ସେଥିପାଇଁ ଅତିଶୀଘ୍ର ଚେଷ୍ଟା କରିବା ତ ଆବଶ୍ୟକ ?

ଉତ୍ତର : ହଁ, ଜଗତ ମଧ୍ୟରେ ବୃହତ୍ତମ ଶାସନଯନ୍ତ୍ର ସୁମହାନ୍ ଲଣ୍ଡନ ନଗରୀର ହୃଦୟାଭ୍ୟନ୍ତରରେ କୌଣସି ଭାବବୀଜ ରୋପଣ କରିବା ବିଶେଷ ପ୍ରୟୋଜନ । ମୁଁ ଅନେକ ସମୟରେ ଏହାର କାର୍ଯ୍ୟପ୍ରଣାଳୀ ପର୍ଯ୍ୟବେକ୍ଷଣ କରିଥାଏ—କପରି ତେଜ ଓ କପରି ସମ୍ପୂର୍ଣ୍ଣ ଭାବରେ ଅତି ସୂକ୍ଷ୍ମତମ ଶିରରେ ମଧ୍ୟ ତାହାର ପ୍ରଭାବ ଛୁଟିଛି ! ତାହାର ଭାବବିସ୍ତାର—ଗ୍ରହଆଡ଼େ ଶକ୍ତିସଞ୍ଚାଳନ ପ୍ରଣାଳୀ କି ଅଦ୍ଭୁତ ! ଏହା ଦେଖିଲେ ସମଗ୍ର ସାମ୍ରାଜ୍ୟଟି କେତେ ବୃହତ୍ ଓ ତାହାର କାର୍ଯ୍ୟ କି ଗୁରୁତର, ତାହା ବୁଝିବାକୁ ସହଜ ହୋଇଥାଏ । ଅନ୍ୟାନ୍ୟ ବିଷୟ ବିସ୍ତାରର ସହିତ ତାହାର ଭାବ ମଧ୍ୟ ବିସ୍ତୃତ ହୁଏ । ଏହି ମହାନ୍ ଯନ୍ତ୍ରର ଅନ୍ତଃସ୍ଥଳରେ କେତେଗୁଡ଼ିଏ ଭାବ ପ୍ରବେଶ କରାଇଦେବା ବିଶେଷ ପ୍ରୟୋଜନ. ଯେଉଁଥିରେ ଅତି ଦୂରବର୍ତ୍ତୀ ଦେଶ ପର୍ଯ୍ୟନ୍ତ ତାହା ସଞ୍ଚାରିତ ହୋଇପାରିବ ।

## ଇଂଲଣ୍ଡରେ ଭାରତୀୟ ଧର୍ମପ୍ରଚାରକ

ଲଣ୍ଡନରୁ ପ୍ରକାଶିତ 'ଏକୋ' ନାମକ ସମ୍ବାଦପତ୍ର, ୧୮୯୬

···ବୋଧହୁଏ ନିଜ ଦେଶ ହେଲେ ସ୍ୱାମୀଜୀ ଗଛମୂଳରେ, ବେଶୀ ହେଲେ କୌଣସି ମନ୍ଦିର ସନ୍ନିକଟରେ ଥାଆନ୍ତେ, ନିଜ ଦେଶର ଲୁଗା ପିନ୍ଧିଥାନ୍ତେ ଓ ତାଙ୍କ ମୁଣ୍ଡ ଲଣ୍ଡା ହୋଇଥାଆନ୍ତା । କିନ୍ତୁ ଲଣ୍ଡନରେ ସେ ଏସବୁ କିଛି କରନ୍ତି ନାହିଁ । ସୁତରାଂ ମୁଁ ଯେତେବେଳେ ସ୍ୱାମୀଜୀଙ୍କ ସହିତ ଦେଖାକଲି, ସେ ଅନ୍ୟ ଲୋକଙ୍କ ପରି ବାସ କରୁଥିବାର ଦେଖିଲି । ପୋଷାକ ମଧ୍ୟ ଅନ୍ୟାନ୍ୟ ଲୋକଙ୍କ ପରି—ତଫାତ୍ କେବଳ ଏତିକ ଯେ, ସେ ଗେରୁଆ ରଙ୍ଗର ଗୋଟାଏ ଲମ୍ବା ଜାମା ପିନ୍ଧନ୍ତି ।

ମୁଁ ପ୍ରଥମେ ସେ ଭାରତୀୟ ଯୋଗୀଙ୍କୁ ତାଙ୍କ ନାମ ଖୁବ୍ ଧୀରେ ଧୀରେ ବନାନ କରିବାକୁ କହିଲି ।

ପ୍ରଶ୍ନ : ଆପଣ କ'ଣ ମନେକରନ୍ତି, ଆଜିକାଲି ଲୋକଙ୍କର ଅସାର ଓ ଗୌଣ ବିଷୟରେ ହିଁ ଅଧିକ ଦୃଷ୍ଟି ?

ଉତ୍ତର : ମୋର ତ ଏହା ମନେହୁଏ—ଅନୁନ୍ନତ ଜାତିସମୂହ ମଧ୍ୟରେ ଏବଂ ପାଶ୍ଚାତ୍ୟ ଦେଶର ସଭ୍ୟ ଜାତିମାନଙ୍କ ମଧ୍ୟରେ ଯେଉଁମାନେ ଅପେକ୍ଷାକୃତ ଅଳ୍ପ ଶିକ୍ଷିତ, ସେମାନଙ୍କ ଭିତରେ ମଧ୍ୟ ଏହି ଭାବ । ଆପଣଙ୍କ ପ୍ରଶ୍ନର ଭାବରୁ ବୋଧହୁଏ ଧନୀ ଓ ଶିକ୍ଷିତ ବ୍ୟକ୍ତିଗଣଙ୍କ ମଧ୍ୟରେ ଅନ୍ୟ ଭାବ । ବାସ୍ତବିକ୍ ତାହା ସତ୍ୟ । ଧନୀ ଲୋକମାନେ ହୁଏତ ଐଶ୍ୱର୍ଯ୍ୟଭୋଗରେ ମଗ୍ନ, ଅଥବା ଆହୁରି ଅଧିକ ଧନ-ସଞ୍ଚୟର ଚେଷ୍ଟାରେ ବ୍ୟସ୍ତ । ସେମାନେ ଏବଂ ସଂସାର-କର୍ମରେ ବ୍ୟସ୍ତ ଅନେକ ଲୋକ ଧର୍ମକୁ ଗୋଟିଏ ଅନର୍ଥକ ବାଜେ ଜିନିଷ ବୋଲି ମନେ କରନ୍ତି । ସେମାନେ ଏହା ସରଳ ଭାବରେ ହିଁ ମନେକରିଥାଆନ୍ତି । ପ୍ରଚଳିତ ଧର୍ମ ହେଉଛି—ଦେଶହିତୈଷିତା ଓ ଲୋକାଚାର । ଲୋକେ ବିବାହ ସମୟରେ ବା କାହାରିକୁ ସମାଧିଦେବା ସମୟରେ କେବଳ ଧର୍ମମନ୍ଦିରକୁ (ଚର୍ଚ୍ଚକୁ) ଯାଆନ୍ତି ।

ପ୍ରଶ୍ନ : ଆପଣ ଯାହା ପ୍ରଚାର କରୁଛନ୍ତି, ତାହା ଫଳରେ କଅଣ ଲୋକଙ୍କର ଚର୍ଚ୍ଚ ପ୍ରତି ଗଡବନ୍ଧି ଅଧିକ ହେବ ?

ଉତ୍ତର : ମୋର ତ ତାହା ବୋଧ ହେଉ ନାହିଁ । କାରଣ, ବାହ୍ୟ ଅନୁଷ୍ଠାନ ବା ମତବାଦ ସହିତ ମୋର କୌଣସି ସମ୍ପର୍କ ନାହିଁ । ଧର୍ମ ଯେ ମାନବଜୀବନର ସର୍ବସ୍ୱ ଏବଂ ସବୁକିଛି ଭିତରେ ହିଁ ଯେ ଧର୍ମ ଅଛି, ତାହା ଦେଖାଇବା ମୋ ଜୀବନବ୍ରତ । ...ଆଉ ଏଠାରେ, ଇଂଲଣ୍ଡରେ, କ ଭାବ ଚାଲୁଛି ? ହାବଭାବ ଦେଖି ବୋଧହୁଏ ଯେ, ସୋସ୍ୟାଲିଜମ୍ ବା ଅନ୍ୟ କୌଣସି ପ୍ରକାର ଗଣତନ୍ତ୍ର, ତାହାର ନାମ ଯାହା ହଅନ୍ତୁ ନା କାହିଁକି, ଶୀଘ୍ର ପ୍ରଚଳିତ ହେବ । ଲୋକେ ଅବଶ୍ୟ ସେମାନଙ୍କର ସାଧାରଣ ପ୍ରୟୋଜନୀୟ ବିଷୟଗୁଡ଼ିକର ଆକାଙ୍କ୍ଷା ମେଣ୍ଟାଇବାକୁ ଚାହିଁବେ । ସେମାନେ ଚାହିଁବେ—ଯେଉଁଥିରେ ସେମାନଙ୍କ କାର୍ଯ୍ୟ ପୂର୍ବାପେକ୍ଷା କମିଯିବ, ଯେଉଁଥିରେ ସେମାନେ ଭଲ ଖାଇବାକୁ ପାଇବେ ଏବଂ ଅତ୍ୟାଚାର ଓ ଯୁଦ୍ଧବିଗ୍ରହ ଏକାବେଳକେ ବନ୍ଦ ହୋଇଯିବ । କିନ୍ତୁ ଯଦି ଏଦେଶର ସଭ୍ୟତା ବା ଅନ୍ୟ କୌଣସି ସଭ୍ୟତା ଧର୍ମ ଉପରେ, ମାନବର ସାଧୁତା ଉପରେ ପ୍ରତିଷ୍ଠିତ ନ ହୁଏ, ତେବେ ତାହା ଯେ ତିଷ୍ଠି ରହିବ, ତାହାର ନିଶ୍ଚିତତା କଅଣ ? ଏହା ନିଶ୍ଚିତ ଜାଣିବେ ଯେ, ଧର୍ମ ସବୁ ବିଷୟର ମୂଳଦେଶ ପର୍ଯ୍ୟନ୍ତ ପ୍ରବେଶ କରିଥାଏ । ଯଦି ତାହା ଠିକ୍ ଥାଏ, ତେବେ ସବୁ ଠିକ୍ ।

ପ୍ରଶ୍ନ : କିନ୍ତୁ ଧର୍ମର ସାର ଦାର୍ଶନିକ ଭାବ ଲୋକଙ୍କ ମନରେ ପ୍ରବେଶ କରାଇଦେବା ତ ସହଜ କଥା ନୁହେଁ । ଲୋକେ ସଚରାଚର ଯେଉଁସବୁ ଚିନ୍ତା କରନ୍ତି ଓ ଭାବ ନେଇ ଥାଆନ୍ତି, ସେମାନେ ଯେଉଁ ଭାବରେ ଜୀବନଯାତ୍ରା ନିର୍ବାହ କରନ୍ତି, ତାହା ସହିତ ତ ଏହାର ଅନେକ ବ୍ୟବଧାନ ।

ଉତ୍ତର : ସବୁ ଧର୍ମ ବିଶ୍ଳେଷଣ କଲେ ହିଁ ଦେଖାଯାଏ, ପ୍ରଥମାବସ୍ଥାରେ ଲୋକେ କ୍ଷୁଦ୍ରତର ସତ୍ୟକୁ ଆଶ୍ରୟ କରିଥାଆନ୍ତି, ପରେ ତଦପେକ୍ଷା ବୃହତ୍ତର ସତ୍ୟରେ ଉପନୀତ ହୁଅନ୍ତି; ସୁତରାଂ ଅସତ୍ୟ ଛାଡ଼ି ସତ୍ୟ ଲାଭ ହେଲା, ଏହା କହିବା ଠିକ୍ ନୁହେଁ । ସୃଷ୍ଟିର ଅନ୍ତରାଳରେ ଗୋଟିଏ ବସ୍ତୁ ବିରାଜମାନ, କିନ୍ତୁ ଲୋକଙ୍କ ମନ ଭିନ୍ନ ଭିନ୍ନ ପ୍ରକାରର । 'ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତି ।' ସତ୍ୟ ବସ୍ତୁ ଗୋଟିଏ—ଜ୍ଞାନୀଗଣ ତାହାକୁ ନାନା ରୂପରେ ବର୍ଣ୍ଣନା କରିଥାଆନ୍ତି । ମୋର କହିବାର ଉଦ୍ଦେଶ୍ୟ ଏହି ଯେ, ଲୋକେ ସଙ୍କୀର୍ଣ୍ଣତର ସତ୍ୟରୁ ବ୍ୟାପକତର ସତ୍ୟକୁ ଅଗ୍ରସର ହୋଇଥାଆନ୍ତି; ସୁତରାଂ ଅପରିଣତ ବା ନିମ୍ନତର ଧର୍ମସମୂହ ମଧ୍ୟ ମିଥ୍ୟା ନୁହେଁ, ସତ୍ୟ; ତେବେ ସେମାନଙ୍କ ମଧ୍ୟରେ ସତ୍ୟର ଧାରଣା ବା ଅନୁଭୂତି ଅପେକ୍ଷାକୃତ ଅସ୍ପଷ୍ଟ ବା ଅପକୃଷ୍ଟ—ଏହି ମାତ୍ର । ଲୋକଙ୍କର ଜ୍ଞାନ-ବିକାଶ ଧୀରେ ଧୀରେ ହୋଇଥାଏ । ଏପରିକି, ଭୂତୋପାସନା ପର୍ଯ୍ୟନ୍ତ ସେହି ନିତ୍ୟ ସତ୍ୟ ସନାତନ ବ୍ରହ୍ମଙ୍କର ହିଁ ବିକୃତ ଉପାସନା ମାତ୍ର । ଧର୍ମର ଅନ୍ୟାନ୍ୟ ଯେଉଁସବୁ ରୂପ ଅଛି, ସେମାନଙ୍କ ଭିତରେ କମ୍‌ବେଶୀ ସତ୍ୟ ବିଦ୍ୟମାନ । ସତ୍ୟ କୌଣସି ଧର୍ମରେ ପୂର୍ଣ୍ଣ ରୂପରେ ବିଦ୍ୟମାନ ନାହିଁ ।

ପ୍ରଶ୍ନ : ଆପଣ ଇଂଲଣ୍ଡରେ ଏହି ଯେ ଧର୍ମପ୍ରଚାର କରିବାକୁ ଆସିଛନ୍ତି, ତାହା

ଆପଣଙ୍କର ଉଦ୍‌ଭାବିତ କି ନା, ଏ କଥା ପଚ୍ଛରିପାରେ କି ?

ଉତ୍ତର : ଏହା ମୋର ଉଦ୍ଭାବିତ କେବେହେଲେ ନୁହେଁ । ମୁଁ ରାମକୃଷ୍ଣ ପରମହଂସ ନାମକ ଜନୈକ ଭାରତୀୟ ମହାପୁରୁଷଙ୍କ ଶିଷ୍ୟ । ଆମମାନଙ୍କ ଦେଶର କେତେପସ୍ଥ ମହାତ୍ମାଙ୍କ ପରି ସେ ବିଶେଷ ପଣ୍ଡିତ ନ ଥିଲେ ସତ, କିନ୍ତୁ ଅତିଶୟ ପବିତ୍ରାତ୍ମା ଥିଲେ ଏବଂ ତାଙ୍କ ଜୀବନ ଓ ଉପଦେଶ ବେଦାନ୍ତ-ଦର୍ଶନର ଭାବଦ୍ୱାରା ବିଶେଷ ରୂପରେ ଅନୁରଞ୍ଜିତ ଥିଲା । ବେଦାନ୍ତ-ଦର୍ଶନ କହିଲି—କିନ୍ତୁ ତାହାକୁ ଧର୍ମ ମଧ୍ୟ କହି ହେବ, କାରଣ ପ୍ରକୃତ ପକ୍ଷରେ ତାହା 'ଧର୍ମ' ଓ 'ଦର୍ଶନ' ଉଭୟ । ସମ୍ପ୍ରତି 'ନାଇନ୍‌ଟିନ୍ଥ ସେଞ୍ଚୁରି' ପତ୍ରିକାର ଗୋଟିଏ ସଂଖ୍ୟାରେ ଅଧ୍ୟାପକ ମ୍ୟାକ୍‌ସମୁଲର ମହୋଦୟ ଆମ୍ଭର୍ଯ୍ୟଦେବଙ୍କ ବିଷୟରେ ଯେଉଁ ବିବରଣୀ ଲେଖିଛନ୍ତି, ତାହା ଅନୁଗ୍ରହପୂର୍ବକ ପଢ଼ି ଦେଖିବେ । ୧୮୩୬ ଖ୍ରୀଷ୍ଟାବ୍ଦରେ ହୁଗୁଲି ଜିଲ୍ଲାରେ ଶ୍ରୀରାମକୃଷ୍ଣଙ୍କ ଜନ୍ମ; ଆଉ ୧୮୮୬ ଖ୍ରୀଷ୍ଟାବ୍ଦରେ ତାଙ୍କର ଦେହତ୍ୟାଗ ହୋଇଥିଲା । କେଶବଚନ୍ଦ୍ର ସେନ୍ ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଜୀବନ ଉପରେ ସେ ପ୍ରବଳ ପ୍ରଭାବ ବିସ୍ତାର କରିଥିଲେ । ଶରୀର ଓ ମନର ସଂଯମ ଅଭ୍ୟାସ କରି ସେ ଆଧ୍ୟାତ୍ମିକ ଜଗତରେ ଗଭୀର ଅନ୍ତର୍ଦ୍ଦୃଷ୍ଟି ଲାଭ କରିଥିଲେ । ତାଙ୍କର ମୁହଁର ଭାବ ସାଧାରଣ ଲୋକଙ୍କ ପରି ନ ଥିଲା—ସେଥିରେ ବାଳକବତ୍ କମନୀୟତା, ଗଭୀର ନମ୍ରତା ଏବଂ ଅଦ୍ଭୁତ ପ୍ରଶାନ୍ତ ଓ ମଧୁର ଭାବ ପ୍ରକାଶ ପାଉଥିଲା । କେହି ତାଙ୍କ ମୁହଁକୁ ଦେଖି ଭାବ-ମୁଗ୍ଧ ନ ହୋଇ ରହିପାରୁ ନ ଥିଲେ ।

ପ୍ରଶ୍ନ : ତେବେ ଦେଖୁଛୁ, ଆପଣଙ୍କ ଉପଦେଶ ବେଦରୁ ଗୃହୀତ ।

ଉତ୍ତର : ହଁ, 'ବେଦାନ୍ତ'ର ଅର୍ଥ ବେଦର ଶେଷ ଭାଗ, ତାହା ବେଦର ତୃତୀୟ ଅଂଶ । ତାହାର ନାମ ଉପନିଷଦ୍ । ପ୍ରାଚୀନ ଭାଗରେ ଯେଉଁସବୁ ଭାବ ବୀଜାକାରରେ ଅବସ୍ଥିତ ବୋଲି ଦେଖିବାକୁ ମିଳେ, ସେହି ବୀଜଗୁଡ଼ିକ ହିଁ ସେଥିରେ ସୁପରିଣତ ହୋଇଛି । ବେଦର ଅତି ପ୍ରାଚୀନ ଭାଗର ନାମ 'ସଂହିତା' । ତାହା ଅତି ପ୍ରାଚୀନ ଧରଣର ସଂସ୍କୃତରେ ରଚିତ । ଯାସ୍କଙ୍କର ନିରୁକ୍ତ ନାମକ ଅତି ପ୍ରାଚୀନ ଅଭିଧାନ ସାହାଯ୍ୟରେ ହିଁ କେବଳ ତାହା ବୁଝାଯାଇପାରେ ।

× × ×

ପ୍ରଶ୍ନ : ଆମ, ଇଂରେଜମାନଙ୍କର ବରଂ ଧାରଣା, ଭାରତକୁ ଆମମାନଙ୍କ ନିକଟରୁ ଅନେକ କଥା ଶିକ୍ଷା କରିବାକୁ ହେବ । ଭାରତଠାରୁ ଇଂରେଜ ଯେ କିଛି ଶିଖିପାରେ, ଏ ସମ୍ବନ୍ଧରେ ସାଧାରଣ ଲୋକମାନେ ଏକପ୍ରକାର ଅଜ୍ଞ ବୋଲି କହିଲେ ଚଳେ ।

ଉତ୍ତର : ତାହା ଅବଶ୍ୟ ସତ୍ୟ । କିନ୍ତୁ ପଣ୍ଡିତମାନେ ଅତି ଉତ୍ତମ ରୂପରେ ଜାଣନ୍ତି, ଭାରତରୁ କେତେଦୂର ଶିକ୍ଷା ମିଳିପାରେ, ଆଉ ସେହି ଶିକ୍ଷା କେତେଦୂର ପ୍ରୟୋଜନୀୟ । ଆପଣ ଦେଖିବେ, ମ୍ୟାକ୍‌ସମୁଲର, ମୋନିୟର୍ ଉଇଲିୟମସ୍, ସାର୍ ଉଇଲିୟମ୍ ହଣ୍ଟର୍ ବା ବା ଜର୍ମାନ ପ୍ରାଚ୍ୟତତ୍ତ୍ୱବିତ୍ ପଣ୍ଡିତମାନେ ଭାରତୀୟ ସୂକ୍ଷ୍ମତତ୍ତ୍ୱ ବିଜ୍ଞାନକୁ ଅବଜ୍ଞା କରନ୍ତି ନାହିଁ ।

# ସ୍ୱାମୀଜୀଙ୍କ ସହିତ ମଦୁରାରେ ଏକ ଘଣ୍ଟା

'ହିନ୍ଦୁ', ମାନ୍ଦ୍ରାଜ, ଫେବୃଆରି, ୧୮୯୭

ପ୍ରଶ୍ନ : ମୋତେ ଯେତେଦୂର ଜଣାଅଛି, 'ଜଗତ୍ ମିଥ୍ୟା'—ଏହି ମତବାଦ କେତେ ପ୍ରକାରରେ ବ୍ୟାଖ୍ୟାତ ହୋଇଥାଏ—

(୧) ଅନନ୍ତ ତୁଳନାରେ ନଶ୍ୱର ନାମରୂପର ସ୍ଥାୟିତ୍ୱ ଏତେ ଅଳ୍ପ ଯେ, ତାହା କହିବା କଥା ନୁହେଁ । (୨) ଦୁଇଟି ପ୍ରଳୟ ଅନ୍ତର୍ଗତ କାଳ ଅନନ୍ତ ତୁଳନାରେ ସେହି ପ୍ରକାର । (୩) ଯେପରି ଶୁକ୍ତିରେ ରଜତଜ୍ଞାନ ବା ରଜ୍ଜୁରେ ସର୍ପଜ୍ଞାନ ଭ୍ରମାବସ୍ଥାରେ ସତ୍ୟ ଏବଂ ତେହି ଜ୍ଞାନ ମନର ଅବସ୍ଥାବିଶେଷ ଉପରେ ନିର୍ଭର କରେ, ସେହିପରି ଏହି ଜଗତର ମଧ୍ୟ ଗୋଟାଏ ଆପାତପ୍ରତୀୟମାନ ସତ୍ୟତା ଅଛି, ତାହାର ସତ୍ୟତାଜ୍ଞାନ ମନର ଅବସ୍ଥା-ବିଶେଷ ଉପରେ ନିର୍ଭର କରେ; କିନ୍ତୁ ପରମାର୍ଥତଃ (ଚରମରେ ବା ପରିଣାମରେ) ମିଥ୍ୟା । (୪) ବନ୍ଧ୍ୟାପୁତ୍ର ବା ଶଶଶୃଙ୍ଗ ଯେପରି ମିଥ୍ୟା, ଜଗତ୍ ମଧ୍ୟ ସେହିପରି ଗୋଟାଏ ମିଥ୍ୟା ସ୍ୱପ୍ନ ମାତ୍ର ।

ଏହି କେତୋଟି ଭାବ ମଧ୍ୟରୁ ଅଦ୍ୱୈତ ବେଦାନ୍ତ ଦର୍ଶନରେ 'ଜଗତ୍ ମିଥ୍ୟା' ଏହି ମତଟି କେଉଁ ଭାବରେ ଗୃହୀତ ହୋଇଛି ?

ଉତ୍ତର : ଅଦ୍ୱୈତବାଦୀମାନଙ୍କ ମଧ୍ୟରେ ଅନେକ ଶ୍ରେଣୀ ଅଛନ୍ତି—ପ୍ରତ୍ୟେକେ କିନ୍ତୁ ସେହିସବୁ ମଧ୍ୟରୁ କୌଣସି-ନା-କୌଣସି ଗୋଟାଏ ଭାବରେ ଅଦ୍ୱୈତବାଦ ବୁଝିଛନ୍ତି । ଶଙ୍କର ତୃତୀୟ ଭାବାନୁଯାୟୀ ଶିକ୍ଷା ଦେଇଛନ୍ତି । ତାଙ୍କର ଉପଦେଶ—ଏହି ଜଗତ୍ ଆମମାନଙ୍କ ନିକଟରେ ଯେଉଁଭଳି ଭାବରେ ପ୍ରତିଭାତ ହେଉଛି, ତାହା ସବୁ ବର୍ତ୍ତମାନ ଜ୍ଞାନ ପକ୍ଷରେ ବ୍ୟାବହାରିକ ଭାବରେ ସତ୍ୟ; କିନ୍ତୁ ଯେତେବେଳେ ମାନବର ଜ୍ଞାନ ଉଚ୍ଚ ଆକାର ଧାରଣ କରେ, ସେତେବେଳେ ତାହା ଏକାବେଳକେ ଅନ୍ତର୍ହିତ ହୁଏ । ସମ୍ମୁଖରେ ଗୋଟାଏ ସ୍ଥାଣୁକୁ ଦେଖି ନିଜର ଭୂତ ବୋଲି ଭ୍ରମ ହେଉଛି । ସେହି ସମୟ ପାଇଁ ସେହି ଭୂତଜ୍ଞାନଟା ସତ୍ୟ; କାରଣ ଯଥାର୍ଥ ଭୂତ ହେଲେ ତାହା ଆପଣଙ୍କ ମନରେ ଯେପରି କାର୍ଯ୍ୟ କରନ୍ତା, ଯେଉଁ ଫଳ ଉତ୍ପାଦନ କରନ୍ତା, ଏଥିରେ ମଧ୍ୟ ସେହି ଫଳ ହେଉଛି । ଯେତେବେଳେ ଆପଣ ବୁଝିବେ ତାହା ସ୍ଥାଣୁ ମାତ୍ର, ସେହି ସମୟରେ ହିଁ ଆପଣଙ୍କ ଭୂତଜ୍ଞାନ ଚାଲିଯିବ । ସ୍ଥାଣୁ ଓ ଭୂତ—ଉଭୟ ଜ୍ଞାନ ଏକତ୍ର ରହିପାରନ୍ତି ନାହିଁ । ଗୋଟାଏ ଯେତେବେଳେ ବର୍ତ୍ତମାନ ଥାଏ, ସେତେବେଳେ ଅପରଟି ରହେ ନାହିଁ ।

ପ୍ରଶ୍ନ : ଶଙ୍କରଙ୍କର କେତେଗୁଡ଼ିଏ ଗ୍ରନ୍ଥରେ କଅଣ ଚତୁର୍ଥ ଭାବଟି ଗୃହୀତ ହୋଇ ନାହିଁ ?

ଉତ୍ତର : ନା । କୌଣସି କୌଣସି ବ୍ୟକ୍ତି ଶଙ୍କରଙ୍କ 'ଜଗତ୍ ମିଥ୍ୟା' ଏହି ଉପଦେଶଟିର ମର୍ମ ଠିକ୍ ଧରି ନ ପାରି ତାହାକୁ ଏପରି ଭାବରେ ଅର୍ଥ କରିଛନ୍ତି, ସେହିମାନେ ହିଁ ସେମାନଙ୍କ ଗ୍ରନ୍ଥରେ ଚତୁର୍ଥ ଭାବଟିକୁ ଗ୍ରହଣ କରିଛନ୍ତି । ପ୍ରଥମ ଓ ଦ୍ୱିତୀୟ ଭାବଦ୍ୱୟ

ଅନ୍ୟାନ୍ୟ କେତେକ ଶ୍ରେଣୀର ଅଦ୍ୱୈତବାଦୀଙ୍କ ଗ୍ରନ୍ଥର ବିଶେଷତ୍ୱ ସତ୍ୟ, କିନ୍ତୁ ଶଙ୍କର କେବେହେଲେ ସେଗୁଡ଼ିକୁ ଅନୁମୋଦନ କରି ନାହାନ୍ତି ।

ପ୍ରଶ୍ନ : ଏହି ଆପାତପ୍ରତୀୟମାନ ସତ୍ୟତାର କାରଣ କଅଣ ?

ଉତ୍ତର : ସ୍ଥାଣୁରେ ଭୂତ-ଭ୍ରାନ୍ତିର କାରଣ କଅଣ ? ଜଗତ୍ ପ୍ରକୃତ ପକ୍ଷରେ ସର୍ବଦା ହିଁ ଏକ ପ୍ରକାର ରହିଛି, ଆପଣଙ୍କର ମନ ହିଁ ଏଥିରେ ନାନା ଅବସ୍ଥାବୈଚିତ୍ର୍ୟ ସୃଷ୍ଟି କରୁଛି ।

ପ୍ରଶ୍ନ : 'ବେଦ ଅନାଦି ଅନନ୍ତ'—ଏ କଥାର ବାସ୍ତବିକ୍ ତାତ୍ପର୍ଯ୍ୟ କଅଣ ? ତାହା କଅଣ ବୈଦିକ ମନ୍ତ୍ରରାଜି ସମ୍ବନ୍ଧରେ ବୁଝିବାକୁ ହେବ ? ଯଦି ବେଦମନ୍ତ୍ରରେ ନିହିତ ସତ୍ୟକୁ ଲକ୍ଷ୍ୟ କରି ବେଦକୁ ଅନାଦି ଅନନ୍ତ କୁହାଯାଇଥାଏ, ତେବେ ନ୍ୟାୟ, ଜ୍ୟାମିତି, ରସାୟନ ପ୍ରଭୃତି ଶାସ୍ତ୍ର ଅନାଦି ଅନନ୍ତ; କାରଣ ସେମାନଙ୍କ ଭିତରେ ମଧ୍ୟ ସନାତନ ସତ୍ୟ ରହିଛି ?

ଉତ୍ତର : ଏପରି ଗୋଟିଏ ସମୟ ଥିଲା, ଯେତେବେଳେ ବେଦ ଅନ୍ତର୍ଗତ ଆଧ୍ୟାତ୍ମିକ ସତ୍ୟସମୂହ ଅପରିଣାମୀ ଓ ସନାତନ, କେବଳ ମାନବ ନିକଟରେ ଅଭିବ୍ୟକ୍ତ ହୋଇଛି ମାତ୍ର—ଏହି ଭାବରେ ବେଦସମୂହ ଅନାଦି ଅନନ୍ତ ବିବେଚିତ ହେଉଥିଲା । ପରବର୍ତ୍ତୀ କାଳରେ ବୋଧହୁଏ ଯେପରିକି ଅର୍ଥଜ୍ଞାନ ସହିତ ବୈଦିକ ମନ୍ତ୍ରଗୁଡ଼ିକ ପ୍ରାଧାନ୍ୟ ଲାଭ କଲା ଏବଂ ସେହି ମନ୍ତ୍ରଗୁଡ଼ିକୁ ଈଶ୍ୱରପ୍ରସୂତ ବୋଲି ଲୋକେ ବିଶ୍ୱାସ କରିବାକୁ ଲାଗିଲେ । ଆହୁରି ପରବର୍ତ୍ତୀ କାଳରେ ମନ୍ତ୍ରଗୁଡ଼ିକର ଅର୍ଥରୁ ପ୍ରକାଶ ପାଇଲା ଯେ, ସେଗୁଡ଼ିକ ମଧ୍ୟରୁ ଅନେକଗୁଡ଼ିଏ କଦାପି ଈଶ୍ୱରପ୍ରସୂତ ହୋଇ ନ ପାରନ୍ତି; କାରଣ ସେଗୁଡ଼ିକ ମାନବଜାତିକୁ—ପ୍ରାଣୀଗଣଙ୍କୁ—ଯନ୍ତ୍ରଣାଦାନ ଇତ୍ୟାଦି ନାନାବିଧପାପକାର୍ଯ୍ୟର ବିଧାନ ଦେଇଛି, ଏବଂ ସେଗୁଡ଼ିକ ମଧ୍ୟରେ ଅନେକ 'କପୋଳକଳ୍ପିତ ଗଳ୍ପ' ମଧ୍ୟ ଦେଖିବାକୁ ମିଳେ । ବେଦ 'ଅନାଦି ଅନନ୍ତ'—ଏ କଥାର ଯଥାର୍ଥ ତାତ୍ପର୍ଯ୍ୟ ଏହି ଯେ, ତାହାଦ୍ୱାରା ମାନବଜାତି ନିକଟରେ ଯେଉଁ ବିଧି ବା ସତ୍ୟ ପ୍ରକାଶିତ ହୋଇଛି, ତାହା ନିତ୍ୟ ଓ ଅପରିଣାମୀ । ନ୍ୟାୟ, ଜ୍ୟାମିତି, ରସାୟନ ପ୍ରଭୃତି ଶାସ୍ତ୍ର ମଧ୍ୟ ମାନବଜାତି ନିକଟରେ ନିତ୍ୟ ଅପରିଣାମୀ ନିୟମ ବା ସତ୍ୟ ପ୍ରକାଶ କରିଥାଏ, ଆଉ ସେହି ଅର୍ଥରେ ସେମାନେ ମଧ୍ୟ ଅନାଦି, ଅନନ୍ତ । କିନ୍ତୁ ଏପରି ସତ୍ୟ ବା ବିଧି ନାହିଁ, ଯାହା ବେଦରେ ନାହିଁ; ଆଉ ମୁଁ ଆପଣ ସମସ୍ତଙ୍କୁ ଆହ୍ୱାନ କରୁଛି ଯେ, ସେଥିରେ ବ୍ୟାଖ୍ୟାତ ହୋଇ ନାହିଁ ଏପରି କୌଣସି ସତ୍ୟ ଅଛି, ଦେଖାଇ ଦିଅନ୍ତୁ ।

ପ୍ରଶ୍ନ : ଅଦ୍ୱୈତବାଦୀମାନଙ୍କର ମୁକ୍ତିର ଧାରଣା କିପରି ? ମୋର ପଚାରିବା ଉଦ୍ଦେଶ୍ୟ ଏହି ଯେ, ସେମାନଙ୍କ ମତରେ କଅଣ ସେହି ଅବସ୍ଥାରେ ଜ୍ଞାନ ଥାଏ ? ଅଦ୍ୱୈତବାଦୀମାନଙ୍କ ମୁକ୍ତି ଓ ବୌଦ୍ଧ ନିର୍ବାଣ ଭିତରେ କିଛି ପ୍ରଭେଦ ଅଛି କି ?

ଉତ୍ତର : ମୁକ୍ତିରେ ଏକ ପ୍ରକାର ଜ୍ଞାନ ଥାଏ, ତାହାକୁ ଆମେମାନେ 'ତୁରୀୟ ଜ୍ଞାନ' ବା 'ଜ୍ଞାନାତୀତ' ଅବସ୍ଥା କହୁଁ । ତାହା ସହିତ ଆପଣମାନଙ୍କ ବର୍ତ୍ତମାନ ଜ୍ଞାନର ପ୍ରଭେଦ ଅଛି । ମୁକ୍ତ-ଅବସ୍ଥାରେ କୌଣସି ପ୍ରକାର ଜ୍ଞାନ ନ ଥାଏ କହିବା ଯୁକ୍ତିବିରୁଦ୍ଧ । ଆଲୋକ ପରି ଜ୍ଞାନର ମଧ୍ୟ ତିନୋଟି ଅବସ୍ଥା—ମୃଦୁ ଜ୍ଞାନ, ମଧ୍ୟମ ଜ୍ଞାନ ଓ ଚରମ ଜ୍ଞାନ । ଯେତେ-

ବେଳେ ଆଲୋକ-ପରମାଣୁର କମ୍ପନ ଅତି ପ୍ରବଳ ହୁଏ, ସେତେବେଳେ ତାହାର ଔଜ୍ଜ୍ୱଲ୍ୟ ଏତେ ଅଧିକ ହୁଏ ଯେ, ତାହା ଆଖିକୁ ଜଳକା କରିଦିଏ; ଏବଂ ଅତି କ୍ଷୀଣ ଆଲୋକରେ ଯେପରି କିଛି ଦେଖିହୁଏ ନାହିଁ, ସେଥିରେ ମଧ୍ୟ ସେହିପରି କିଛି ଦେଖାଯାଏ ନାହିଁ । ଜ୍ଞାନ ସମ୍ବନ୍ଧରେ ମଧ୍ୟ ସେହିପରି । ବୌଦ୍ଧମାନେ ଯାହା କହନ୍ତୁ ନା କାହିଁକି, ବୌଦ୍ଧ-ନିର୍ବାଣରେ ମଧ୍ୟ ସେହି ପ୍ରକାର ଜ୍ଞାନ ବିଦ୍ୟମାନ । ଆମମାନଙ୍କ ମୁକ୍ତିର ସଂଜ୍ଞା ଅସ୍ତିତ୍ୱବାଚକ, ବୌଦ୍ଧ-ନିର୍ବାଣର ସଂଜ୍ଞା ନାସ୍ତିତ୍ୱବୋଧକ ।

ପ୍ରଶ୍ନ : ଗୁଣାତୀତ ବ୍ରହ୍ମ ଜଗତ୍-ସୃଷ୍ଟି ପାଇଁ ଅବସ୍ଥା ବିଶେଷକୁ ଆଶ୍ରୟ କରନ୍ତି କାହିଁକି ?

ଉତ୍ତର : ଏ ପ୍ରଶ୍ନଟି ହିଁ ଅଯୌକ୍ତିକ, ସମ୍ପୂର୍ଣ୍ଣ ନ୍ୟାୟଶାସ୍ତ୍ରବିରୁଦ୍ଧ । ବ୍ରହ୍ମ 'ଅବାଙ୍ମନ-ସୋଗୋଚରମ୍' ଅର୍ଥାତ୍ ବାକ୍ୟଦ୍ୱାରା ବା ମନଦ୍ୱାରା ତାଙ୍କୁ ଧରିହେବ ନାହିଁ । ଯାହା ଦେଶ-କାଳ-ନିମିତ୍ତର ଅତୀତ ପ୍ରଦେଶରେ ଅବସ୍ଥିତ, ତାକୁ ମାନବ-ମନ ଧାରଣା କରିପାରେ ନାହିଁ; ଆଉ ଦେଶକାଳ-ନିମିତ୍ତର ଅନ୍ତର୍ଗତ ରାଜ୍ୟରେ ହିଁ ଯୁକ୍ତି ଓ ଅନୁସନ୍ଧାନର ଅଧିକାର । ତାହା ଯଦି ହୁଏ, ତେବେ ଯେଉଁ ବିଷୟ ମାନବ-ବୁଦ୍ଧିଦ୍ୱାରା ଧାରଣା କରିବାର କୌଣସି ସମ୍ଭାବନା ନାହିଁ, ତତ୍ସମ୍ବନ୍ଧରେ ଜାଣିବା ଇଚ୍ଛା ବୃଥା ଚେଷ୍ଟା ମାତ୍ର ।

ପ୍ରଶ୍ନ : ଦେଖାଯାଏ—ଅନେକେ କହନ୍ତି, ପୁରାଣରୁ ସବୁର ଆପାତପ୍ରତୀୟମାନ ଅର୍ଥ ପଶ୍ଚାତ୍‌ରେ ଗୁହ୍ୟ ଅର୍ଥ ଅଛି । ସେମାନେ କହନ୍ତି, ସେସବୁ ଗୁହ୍ୟ ଭାବ ପୁରାଣରେ ରୂପକ-ଛଳରେ ଉପଦିଷ୍ଟ ହୋଇଛି । କେହି କେହି ପୁଣି କହନ୍ତି ଯେ, ପୁରାଣ ମଧ୍ୟରେ ଐତିହାସିକ ସତ୍ୟ କିଛି ମାତ୍ର ନାହିଁ—ଉଚ୍ଚତମ ଆଦର୍ଶସମୂହ ବୁଝାଇବା ପାଇଁ ପୁରାଣକାର କେତେଗୁଡ଼ିଏ କାଳ୍ପନିକ ଚରିତ୍ର ସୃଷ୍ଟି କରିଛନ୍ତି ମାତ୍ର । ଦୃଷ୍ଟାନ୍ତ ସ୍ୱରୂପ ବିଷ୍ଣୁପୁରାଣ, ରାମାୟଣ ବା ମହାଭାରତ କଥା ଧରନ୍ତୁ । ବର୍ତ୍ତମାନ ପ୍ରଶ୍ନ ଏହା, ବାସ୍ତବିକ କଅଣ ସେଗୁଡ଼ିକର ଐତିହାସିକ ସତ୍ୟତା କିଛି ଅଛି, ଅଥବା ସେସବୁ କେବଳ ଦାର୍ଶନିକ ତତ୍ତ୍ୱସମୂହର ରୂପକ ଭାବରେ ବର୍ଣ୍ଣନା, ଅଥବା ମାନବଜାତିର ଚରିତ୍ର ନିୟମିତ କରିବା ପାଇଁ ଉଚ୍ଚତମ ଆଦର୍ଶସମୂହର ଦୃଷ୍ଟାନ୍ତ କିମ୍ବା ସେସବୁ ମିଲଟନ୍ ହୋମର୍ ପ୍ରଭୃତିଙ୍କ କାବ୍ୟ ପରି ଉଚ୍ଚଭାବାତ୍ମକ କାବ୍ୟମାତ୍ର ।

ଉତ୍ତର : କିଛି ନା କିଛି ଐତିହାସିକ ସତ୍ୟ ସବୁ ପୁରାଣର ହିଁ ମୂଳ ଭିତ୍ତି । ପୁରାଣର ଉଦ୍ଦେଶ୍ୟ—ନାନା ଭାବରେ ପରମ ସତ୍ୟ ସମ୍ବନ୍ଧରେ ଶିକ୍ଷା ଦେବା । ଆଉ ଯଦ୍ୟପି ସେଥିରେ କିଛିମାତ୍ର ଐତିହାସିକ ସତ୍ୟ ନ ଥାଏ, ତଥାପି ସେସବୁ ଯେଉଁ ଉଚ୍ଚତମ ସତ୍ୟ ବିଷୟରେ ଉପଦେଶ ଦେଇଥାଅନ୍ତି, ସେ-ହିସାବରେ ଆମମାନଙ୍କ ନିକଟରେ ଅତି ଉଚ୍ଚ ପ୍ରାମାଣ୍ୟ ଗ୍ରନ୍ଥ । ଦୃଷ୍ଟାନ୍ତସ୍ୱରୂପ ରାମାୟଣ କଥା ଧରନ୍ତୁ—ଅଲଙ୍ଘନୀୟ ପ୍ରାମାଣ୍ୟ ଗ୍ରନ୍ଥ ରୂପରେ ତାକୁ ମାନିବାକୁ ହେଲେ ଯେ ରାମଙ୍କ ପରି କେହି କେବେ ଯଥାର୍ଥ ଥିଲେ ବୋଲି ସ୍ୱୀକାର କରିବାକୁ ହେବ, ତାହା ନୁହେଁ । ରାମାୟଣ ବା ମହାଭାରତ ମଧ୍ୟରେ ଧର୍ମର ଯେଉଁ ମାହାତ୍ମ୍ୟ ଘୋଷିତ ହୋଇଛି, ତାହା ରାମ ବା କୃଷ୍ଣଙ୍କର ଅସ୍ତିତ୍ୱ-ନାସ୍ତିତ୍ୱ ଉପରେ ନିର୍ଭର କରେ ନାହିଁ; ସୁତରାଂ

ଏମାନଙ୍କ ଅସ୍ତିତ୍ୱରେ ଅବିଶ୍ୱାସୀ ହୋଇ ମଧ୍ୟ ରାମାୟଣ-ମହାଭାରତକୁ ମାନବଜାତି ନିକଟରେ ଉପଦିଷ୍ଟ ମହାନ୍ ଭାବସମୂହ ସମ୍ବନ୍ଧରେ ଉଚ୍ଚ ପ୍ରାମାଣ୍ୟ ଗ୍ରନ୍ଥ ବୋଲି ସ୍ୱୀକାର କରିହେବ । ଆମମାନଙ୍କ ଦର୍ଶନ ତାହାର ସତ୍ୟତା ପାଇଁ କୌଣସି ବ୍ୟକ୍ତିବିଶେଷଙ୍କ ଉପରେ ନିର୍ଭର କରେ ନାହିଁ । ଦେଖନ୍ତୁ, କୃଷ୍ଣ ଜଗତ ସମକ୍ଷରେ ନୂତନ ବା ମୌଳିକ କିଛି ହିଁ ଶିକ୍ଷା ଦେଇ ନାହାନ୍ତି, ଆଉ ରାମାୟଣକାର ମଧ୍ୟ ଏପରି କିଛି କଥା କହି ନାହାନ୍ତି, ଯାହା ଆମମାନଙ୍କ ବେଦାନ୍ତ ଶାସ୍ତ୍ରରେ ଆଦୌ ଉପଦିଷ୍ଟ ହୋଇ ନାହିଁ । ଏହା ବିଶେଷ ଭାବରେ ଲକ୍ଷ୍ୟ କରିବେ, ଖ୍ରୀଷ୍ଟଧର୍ମ ଖ୍ରୀଷ୍ଟଙ୍କ ବ୍ୟତୀତ, ମୁସଲମାନଧର୍ମ ମହମ୍ମଦଙ୍କ ବ୍ୟତୀତ ଏବଂ ବୌଦ୍ଧ-ଧର୍ମ ବୁଦ୍ଧଙ୍କ ବ୍ୟତୀତ ତିଷ୍ଠିପାରିବ ନାହିଁ; କିନ୍ତୁ ହିନ୍ଦୁଧର୍ମ କୌଣସି ବ୍ୟକ୍ତିବିଶେଷଙ୍କ ଉପରେ ଆଦୌ ନିର୍ଭର କରେ ନାହିଁ । ଆଉ କୌଣସି ପୁରାଣରେ ବର୍ଣ୍ଣିତ ଦାର୍ଶନିକ ସତ୍ୟ କେତେ-ଦୂର ପ୍ରାମାଣ୍ୟ, ତାହାର ବିଚାର କରିବାକୁ ହେଲେ ସେହି ପୁରାଣରେ ବର୍ଣ୍ଣିତ ବ୍ୟକ୍ତିଗଣ ବାସ୍ତବିକ୍ ଥିଲେ, ଅଥବା ସେମାନେ କାଳ୍ପନିକ ଚରିତମାତ୍ର, ଏ ବିଚାରର କୌଣସି ଆବଶ୍ୟକତା ନାହିଁ । ପୁରାଣର ଉଦ୍ଦେଶ୍ୟ ଥିଲା ମାନବଜାତିର ଶିକ୍ଷା—ଆଉ ଯେଉଁସବୁ ଋଷି ସେହି ପୁରାଣସମୂହ ରଚନା କରିଥିଲେ, ସେମାନେ କେତେଗୁଡ଼ିଏ ଐତିହାସିକ ଚରିତକୁ ଧରି ସେମାନଙ୍କର ଇଚ୍ଛାମତେ ଯେତେ ଭଲ ବା ମନ୍ଦ ଗୁଣ ସେମାନଙ୍କ ଉପରେ ଆରୋପ କରୁଥିଲେ—ସେମାନେ ଏପରି ଭାବରେ ମାନବଜାତିର ପରିଚାଳନା ପାଇଁ ଧର୍ମ-ବିଧାନ ଦେଇଯାଇଛନ୍ତି । ରାମାୟଣରେ ବର୍ଣ୍ଣିତ ଦଶମୁଖ ରାବଣର ଅସ୍ତିତ୍ୱ—ଗୋଟାଏ ଦଶମୁଣ୍ଡଯୁକ୍ତ ରାକ୍ଷସ ଅବଶ୍ୟ ହିଁ ଥିଲା—ମାନିବାକୁ ହେବ, ଏପରି କିଛି କଥା ଅଛି କି ? ଦଶମୁଖ ବୋଲି କୌଣସି ବ୍ୟକ୍ତି ବାସ୍ତବିକ ଥାଆନ୍ତୁ, ବା ତାହା କବି-କଳ୍ପନା ହେଉ, ସେହି ଚରିତ-ସହାୟତାରେ ଏପରି କିଛି ଶିକ୍ଷା ଦିଆଯାଇଛି, ଯାହା ଆମମାନଙ୍କର ବିଶେଷ ପ୍ରଣିଧାନ-ଯୋଗ୍ୟ । ଆପଣ ବର୍ତ୍ତମାନ କୃଷ୍ଣଙ୍କୁ ଆହୁରି ମନୋହର ଭାବରେ ବର୍ଣ୍ଣନା କରିପାରନ୍ତି, ଆପଣଙ୍କ ବର୍ଣ୍ଣନା ଆଦର୍ଶର ଉଚ୍ଚତା ଉପରେ ନିର୍ଭର କରିବ, କିନ୍ତୁ ପୁରାଣରେ ନିବଦ୍ଧ ମହୋଚ୍ଚ ଦାର୍ଶନିକ ସତ୍ୟସମୂହ ଚିରକାଳ ହିଁ ଏକ ପ୍ରକାର ।

ପ୍ରଶ୍ନ : ଯଦି କୌଣସି ବ୍ୟକ୍ତି ସିଦ୍ଧ (adept) ହୁଅନ୍ତି, ତେବେ କଅଣ ତାଙ୍କ ପକ୍ଷରେ ତାଙ୍କର ପୂର୍ବ ପୂର୍ବ ଜନ୍ମର ଘଟଣାସମୂହ ସ୍ମରଣ କରିବା ସମ୍ଭବ ? ପୂର୍ବଜନ୍ମର ସ୍ଥୂଳ ମସ୍ତିଷ୍କ—ଯାହା ମଧ୍ୟରେ ତାଙ୍କ ପୂର୍ବାନୁଭୂତିର ସଂସ୍କାରସମୂହ ସଞ୍ଚିତ ଥିଲା—ବର୍ତ୍ତମାନ ତାହା ଆଉ ନାହିଁ, ଏ ଜନ୍ମରେ ସେ ଗୋଟିଏ ନୂତନ ମସ୍ତିଷ୍କ ପାଇଛନ୍ତି । ତାହା ଯଦି ହେଲା, ତେବେ ବର୍ତ୍ତମାନ ମସ୍ତିଷ୍କ ପକ୍ଷରେ ଅଧୁନା ଅବିଦ୍ୟମାନ ଅପର ଯନ୍ତ୍ରଦ୍ୱାରା ଗୃହୀତ ସଂସ୍କାରସମୂହକୁ ଗ୍ରହଣ କରିବା କି ପ୍ରକାରେ ସମ୍ଭବ ହୋଇପାରେ ?

ସ୍ୱାମୀଜୀ : ଆପଣ ସିଦ୍ଧ (adept) କହିଲେ କଅଣ ଲକ୍ଷ୍ୟ କରୁଛନ୍ତି ?

ସମ୍ବାଦଦାତା : ଯେ ନିଜର 'ଗୁହ୍ୟ' ଶକ୍ତିସମୂହର 'ବିକାଶ' କରିଛନ୍ତି ।

ସ୍ୱାମୀଜୀ : 'ଗୁହ୍ୟ' ଶକ୍ତି କି ପ୍ରକାରେ 'ବିକାଶପ୍ରାପ୍ତ' ହେବ, ତାହା ମୁଁ ବୁଝିପାରୁ ନାହିଁ । ଆପଣଙ୍କର ଭାବ ମୁଁ ବୁଝୁଛି, କିନ୍ତୁ ମୋର ବିଶେଷ ଇଚ୍ଛା ଯେ, ଯେଉଁସବୁ ଶବ୍ଦ

ବ୍ୟବହାର କରିବାକୁ ହେବ, ସେଗୁଡ଼ିକର ଅର୍ଥରେ ଯେପରି କୌଣସି ପ୍ରକାର ଅନିର୍ଦ୍ଦିଷ୍ଟ ବା ଅସ୍ପଷ୍ଟ ଭାବର ଗୁପ୍ତମାତ୍ର ନ ଥାଏ । ଯେଉଁଠାରେ ଯେଉଁ ଶବ୍ଦଟି ଯଥାର୍ଥ ଉପଯୋଗୀ, ସେଠାରେ ଯେପରି ଠିକ୍ ସେହି ଶବ୍ଦଟି ବ୍ୟବହୃତ ହୁଏ । ଆପଣ କହିପାରନ୍ତି, 'ଗୁହ୍ୟ' ବା 'ଅବ୍ୟକ୍ତ' ଶକ୍ତି 'ବ୍ୟକ୍ତ' ବା 'ନିରାବରଣ' ହୁଏ । ଯେଉଁମାନଙ୍କ ଅବ୍ୟକ୍ତ ଶକ୍ତି ବ୍ୟକ୍ତ ହୋଇଛି, ସେମାନେ ସେମାନଙ୍କ ପୂର୍ବଜନ୍ମର ଘଟଣାସମୂହ ସ୍ମରଣ କରିପାରନ୍ତି । କାରଣ, ମୃତ୍ୟୁ ପରେ ଯେଉଁ ସୂକ୍ଷ୍ମ ଶରୀର ଥାଏ, ତାହା ହିଁ ସେମାନଙ୍କର ବର୍ତ୍ତମାନ ମସ୍ତିଷ୍କର ବୀଜସ୍ୱରୂପ ।

ପ୍ରଶ୍ନ : ଅହିନ୍ଦୁଙ୍କୁ ହିନ୍ଦୁଧର୍ମାବଲମ୍ବୀ କରିବା କଅଣ ହିନ୍ଦୁଧର୍ମର ଭାବର ଅବିରୋଧୀ, ଆଉ ଚଣ୍ଡାଳ ଯଦି ଦର୍ଶନଶାସ୍ତ୍ରର ବ୍ୟାଖ୍ୟା କରେ, ବ୍ରାହ୍ମଣ କଅଣ ତାହା ଶୁଣିପାରିବେ ?

ଉତ୍ତର : ଅହିନ୍ଦୁଙ୍କୁ ହିନ୍ଦୁ କରିବା ହିନ୍ଦୁଧର୍ମ ଆପତ୍ତିକର ଜ୍ଞାନ ମନେକରେ ନାହିଁ । ଯେ କୌଣସି ବ୍ୟକ୍ତି—ସେ ଶୂଦ୍ର ହୁଅନ୍ତୁ ବା ଚଣ୍ଡାଳ ହୁଅନ୍ତୁ—ବ୍ରାହ୍ମଣଙ୍କ ନିକଟରେ ମଧ୍ୟ ଦର୍ଶନଶାସ୍ତ୍ରର ବ୍ୟାଖ୍ୟା କରିପାରନ୍ତି । ଅତି ନୀଚ ବ୍ୟକ୍ତି ନିକଟରୁ ମଧ୍ୟ—ସେ ଯେକୌଣସି ଜାତି ହୁଅନ୍ତୁ ବା ଯେକୌଣସି ଧର୍ମାବଲମ୍ବୀ ହୁଅନ୍ତୁ—ସତ୍ୟ ଶିକ୍ଷା କରାଯାଇପାରେ ।

ସ୍ୱାମୀଜୀ ତାଙ୍କର ଏ ମତ ସପକ୍ଷରେ ଖୁବ୍ ପ୍ରାମାଣ୍ୟ ସଂସ୍କୃତ ଶ୍ଳୋକସମୂହ ଉଦ୍ଧୃତ କଲେ । ଏହିଠାରେ କଥାବାର୍ତ୍ତା ବନ୍ଦ ହେଲା, କାରଣ ତାଙ୍କର ମନ୍ଦିରଦର୍ଶନକୁ ଯିବା ପାଇଁ ନିର୍ଦ୍ଧାରିତ ସମୟ ଉପସ୍ଥିତ ହୋଇଥିଲା । ସୁତରାଂ ସେ ଉପସ୍ଥିତ ଭଦ୍ରଲୋକମାନଙ୍କ ନିକଟରୁ ବିଦାୟ ଗ୍ରହଣ କରି ମନ୍ଦିର ଦର୍ଶନ ପାଇଁ ଯାତ୍ରା କଲେ ।

## ଭାରତ ଓ ଅନ୍ୟାନ୍ୟ ଦେଶର ନାନା ସମସ୍ୟା ଆଲୋଚନା

'ହିନ୍ଦୁ', ମାନ୍ଦ୍ରାଜ, ଫେବ୍ରୁଆରି, ୧୮୯୭

ଆମମାନଙ୍କର ଜନୈକ ପ୍ରତିନିଧି ଚିଙ୍ଗଲପୁଟ୍ ଷ୍ଟେସନଠାରେ ସ୍ୱାମୀଜୀଙ୍କ ସହିତ ଟ୍ରେନ୍‌ରେ ସାକ୍ଷାତ୍ କରିଥିଲେ ଏବଂ ତାଙ୍କ ସହିତ ଟ୍ରେନ୍‌ରେ ମାନ୍ଦ୍ରାଜ ପର୍ଯ୍ୟନ୍ତ ଆସିଥିଲେ । ଗାଡ଼ିରେ ଉଭୟଙ୍କ ମଧ୍ୟରେ ନିମ୍ନଲିଖିତ କଥୋପକଥନ ହୋଇଥିଲା :

'ହିନ୍ଦୁ' ପ୍ରତିନିଧି : ସ୍ୱାମୀଜୀ, ଆପଣ ଆମେରିକା କାହିଁକି ଯାଇଥିଲେ ?

ସ୍ୱାମୀଜୀ : ସଂକ୍ଷେପରେ ଏହାର ଉତ୍ତର ଦେବା ଅତ୍ୟନ୍ତ କଠିନ । ବର୍ତ୍ତମାନ ମୁଁ କେବଳ ଏହାର ଆଂଶିକ ଉତ୍ତର ଦେଇପାରେ । ଭାରତର ସବୁ ଜାଗାରେ ମୁଁ ବୁଲିଥିଲି,—ଦେଖିଲି, ଭାରତରେ ଯଥେଷ୍ଟ ବୁଲା ହୋଇଛି । ସେତେବେଳେ ଅନ୍ୟ ଅନ୍ୟ ଦେଶକୁ ଯିବା ପାଇଁ ଇଚ୍ଛା ହେଲା । ମୁଁ ଜାପାନ ଆଉ ଆମେରିକାକୁ ଯାଇଥିଲି ।

ହି. ପ୍ର. : ଆପଣ ଜାପାନରେ କଅଣ ଦେଖିଲେ ? ଜାପାନ ଯେଉଁ ଉନ୍ନତି-ପଥରେ ଚାଲିଛି, ଭାରତ କଅଣ ତାକୁ ଅନୁସରଣ କରିବାର କୌଣସି ସମ୍ଭାବନା ଅଛି, ମନେକରନ୍ତି ?

ସ୍ୱାମୀଜୀ : କୌଣସି ସମ୍ଭାବନା ନାହିଁ, ଯେତେଦିନ ଭାରତର ତିରିଶ କୋଟି ଲୋକ

ମିଶି ଗୋଟାଏ ଜାତି ହୋଇ ଛିଡ଼ା ହୋଇ ନାହାନ୍ତି । ଜାପାନୀଙ୍କ ପରି ଏପରି ସ୍ୱଦେଶହିତୈଷୀ ଓ ଶିଳ୍ପପଟୁ ଜାତି ଆଉ ଦେଖାଯାଏ ନାହିଁ । ଇଉରୋପ ଓ ଅନ୍ୟାନ୍ୟ ସ୍ଥାନରେ ଏକ ଆଡ଼େ ଯେପରି ଶିଳ୍ପର ସୌନ୍ଦର୍ଯ୍ୟ, ଅନ୍ୟ ଆଡ଼େ ପୁଣି ସେହିପରି ଅପରିଷ୍କାର; କିନ୍ତୁ ଜାପାନୀମାନଙ୍କର ଗୋଟାଏ ବିଶେଷତ୍ୱ ଏହି ଯେ, ଶିଳ୍ପର ଯେପରି ସୌନ୍ଦର୍ଯ୍ୟ, ପୁଣି ସେହିପରି ସେମାନେ ଅତି ପରିଷ୍କାର ପରିଚ୍ଛନ୍ନ । ମୋର ଇଚ୍ଛା, ଆମର ଯୁବକମାନେ ଜୀବନ ମଧ୍ୟରେ ଅନ୍ତତଃ ଥରେ ମଧ୍ୟ ଜାପାନରେ ବୁଲି ଆସନ୍ତୁ । ଯିବା ମଧ୍ୟ କିଛି କଷ୍ଟକର ନୁହେଁ । ଜାପାନୀମାନେ ହିନ୍ଦୁମାନଙ୍କର ସବୁ ହିଁ ଖୁବ୍ ଭଲ ବୋଲି ମନେକରନ୍ତି, ଆଉ ଭାରତକୁ ତୀର୍ଥସ୍ୱରୂପ ଜ୍ଞାନ କରନ୍ତି । ସିଂହଳର ବୌଦ୍ଧଧର୍ମ ଆଉ ଜାପାନର ବୌଦ୍ଧଧର୍ମ ମଧ୍ୟରେ ବହୁତ ତଫାତ୍ । ଜାପାନର ବୌଦ୍ଧଧର୍ମ ବେଦାନ୍ତ ଛଡ଼ା ଆଉ କିଛି ନୁହେଁ । ସିଂହଳର ବୌଦ୍ଧଧର୍ମ ନାସ୍ତିକବାଦଦ୍ୱାରା ଦୂଷିତ, ଜାପାନର ବୌଦ୍ଧଧର୍ମ ଆସ୍ତିକ ।

ହି. ପ୍ର. : ଜାପାନ ହଠାତ୍ ଏପରି ବଡ଼ ହେଲା କିପରି ? ଏହାର ରହସ୍ୟ କଅଣ ?

ସ୍ୱାମୀଜୀ : ଜାପାନୀମାନଙ୍କର ଆତ୍ମପ୍ରତ୍ୟୟ ଆଉ ସେମାନଙ୍କର ସ୍ୱଦେଶ-ପ୍ରେମ । ଯେତେବେଳେ ଭାରତରେ ଏପରି ଲୋକ ଜନ୍ମିବେ, ଯେଉଁମାନେ ଦେଶ ପାଇଁ ସବୁ ଛାଡ଼ିବାକୁ ପ୍ରସ୍ତୁତ ଏବଂ ଯେଉଁମାନଙ୍କର ମନମୁହଁ ଏକ ହେବ, ସେତେବେଳେ ଭାରତ ସବୁ ବିଷୟରେ ବଡ଼ ହେବ । ମନୁଷ୍ୟଙ୍କୁ ନେଇ ତ ଦେଶର ଗୌରବ । ଖାଲି ଦେଶରେ କଅଣ ଅଛି ? ଜାପାନୀମାନେ ସାମାଜିକ ଓ ରାଜନୈତିକ ବିଷୟରେ ଯେପରି ସଚ୍ଚା, ତୁମମାନଙ୍କର ଯେତେବେଳେ ତାହା ହେବ, ତୁମେମାନେ ମଧ୍ୟ ସେତେବେଳେ ଜାପାନୀମାନଙ୍କ ପରି ବଡ଼ ହେବ । ଜାପାନୀମାନେ ସେମାନଙ୍କ ଦେଶ ପାଇଁ ସବୁ ତ୍ୟାଗ କରିବାକୁ ପ୍ରସ୍ତୁତ । ସେଥିରେ ହିଁ ସେମାନେ ବଡ଼ ହୋଇଛନ୍ତି । ତୁମେମାନେ ଯେ କାମିନୀକାଞ୍ଚନ ପାଇଁ ସବୁ ତ୍ୟାଗ କରିବାକୁ ପ୍ରସ୍ତୁତ !

ହି. ପ୍ର. : ଆପଣଙ୍କର କଅଣ ଇଚ୍ଛା ଯେ ଭାରତ ଜାପାନ ପରି ହେଉ ?

ସ୍ୱାମୀଜୀ : ତାହା କେବେ ହେଁ ନୁହେଁ । ଭାରତ ଭାରତ ହିଁ ରହିବ । ଭାରତ କିପରି ଜାପାନ ବା ଅନ୍ୟ ଜାତି ପରି ହେବ ? ଯେପରି ସଙ୍ଗୀତରେ ଗୋଟାଏ ଲେଖାଏଁ ପ୍ରଧାନ ସ୍ୱର ଥାଏ, ସେହିପରି ପ୍ରତ୍ୟେକ ଜାତିର ଗୋଟାଏ ଗୋଟାଏ ମୁଖ୍ୟ ଭାବ ଥାଏ, ଅନ୍ୟାନ୍ୟ ଭାବଗୁଡ଼ିକ ତାହାର ଅନୁଗତ । ଭାରତର ମୁଖ୍ୟ ଭାବ ହେଉଛି ଧର୍ମ । ସମାଜ-ସଂସ୍କାର କହନ୍ତୁ, ଆଉ ଯାହା ହିଁ କହନ୍ତୁ, ସବୁ ଗୌଣ । ଲୋକେ କହନ୍ତି, ହୃଦୟଟା ଉନ୍ମୁକ୍ତ ହେଲେ ଚିନ୍ତାପ୍ରବାହ ଆସେ । ଭାରତର ହୃଦୟ ମଧ୍ୟ ଏକ ସମୟରେ ନିଶ୍ଚୟ ଉନ୍ମୁକ୍ତ ହେବ, ସେତେବେଳେ ଧର୍ମତରଙ୍ଗ ଖେଳିଯିବ ! ଭାରତ ଭାରତ ହିଁ । ଆମେମାନେ ଜାପାନୀମାନଙ୍କ ପରି ନୋହୁ, ଆମେମାନେ ହିନ୍ଦୁ । ଭାରତର ହାଉଆ ମଧ୍ୟ କିପରି ଶାନ୍ତି ଆଣିଦିଏ ! ମୁଁ ଏଠାରେ ସର୍ବଦା କାମ କରୁଛି; କିନ୍ତୁ ଏହା ଭିତରେ ମୁଁ ବିଶ୍ରାମ ଲାଭ କରୁଛି । ଭାରତରେ ଧର୍ମକାର୍ଯ୍ୟ କଲେ ଶାନ୍ତି ମିଳେ, ଏଠାରେ ସାଂସାରିକ କାର୍ଯ୍ୟ କରିବାକୁ ଗଲେ ଶେଷରେ ମୃତ୍ୟୁ ହୁଏ—ବହୁମୂତ୍ର ହୋଇ ।

ହି. ପ୍ର. : ଜାପାନ କଥା ଥାଉ । ଆଚ୍ଛା, ସ୍ୱାମୀଜୀ, ଆପଣ ଆମେରିକାକୁ ଯାଇ ପ୍ରଥମେ କଅଣ ଦେଖିଲେ ?

ସ୍ୱାମୀଜୀ : ମୂଳରୁ ଶେଷ ପର୍ଯ୍ୟନ୍ତ ମୁଁ ଭଲ ହିଁ ଦେଖିଲି । କେବଳ ମିଶନାରି ଆଉ 'ଚର୍ଚ୍ଚ ସ୍ତ୍ରୀଲୋକ' ଛଡ଼ା ଆମେରିକାନ୍‌ମାନେ ସମସ୍ତେ ଅତ୍ୟନ୍ତ ଅତିଥି-ପରାୟଣ, ସତ୍‌ସ୍ୱଭାବ ଓ ସହୃଦୟ ।

ହି. ପ୍ର. : 'ଚର୍ଚ୍ଚ ସ୍ତ୍ରୀଲୋକ'—ଏହା କଅଣ ସ୍ୱାମୀଜୀ ?

ସ୍ୱାମୀଜୀ : ମାର୍କିନ ସ୍ତ୍ରୀଲୋକମାନେ ଯେତେବେଳେ ବାହା ହେବା ପାଇଁ ଉଠିପଡ଼ି ଲାଗନ୍ତି, ସେତେବେଳେ ସବୁ ପ୍ରକାର ସମୁଦ୍ରତୀରବର୍ତ୍ତୀ ସ୍ନାନ-ଜାଗାରେ ବୁଲୁଥାଆନ୍ତି, ଆଉ ଗୋଟାଏ ପୁରୁଷକୁ ଧରିପକାଇବା ପାଇଁ ଯେତେ ପ୍ରକାର କୌଶଳ କରିବାର ଚେଷ୍ଟା କରନ୍ତି । ସବୁ ଚେଷ୍ଟା କରି ଯେତେବେଳେ ବିଫଳ ହୁଅନ୍ତି, ସେତେବେଳେ ସେମାନେ ଚର୍ଚ୍ଚରେ ଯୋଗ ଦିଅନ୍ତି, ସେତେବେଳେ ସେମାନଙ୍କୁ ସେଠାରେ 'ଓଲ୍‌ଡ ମେଡ୍' କୁହାଯାଏ । ସେମାନଙ୍କ ମଧ୍ୟରୁ ଅନେକେ ଚର୍ଚ୍ଚ ବିଷୟରେ ଅତି ରକ୍ଷଣଶୀଳା ହୋଇପଡ଼ନ୍ତି । ସେମାନେ ଭୟଙ୍କର ରକ୍ଷଣଶୀଳା । ସେମାନେ ପୁରୋହିତମାନଙ୍କ ମୁଠା ଭିତରେ । ପୁରୋହିତମାନଙ୍କ ସହିତ ମିଶି ସେମାନେ ସଂସାରଟାକୁ ନରକରେ ପରିଣତ କରନ୍ତି, ଆଉ ଧର୍ମଟାକୁ ଯାହା ତାହା କରିପକାନ୍ତି । ଏମାନଙ୍କୁ ବାଦ୍ ଦେଲେ, ଆମେରିକାନ୍‌ମାନେ ଖୁବ୍ ଭଲ ମଣିଷ । ସେମାନେ ମୋତେ ଖୁବ୍ ଭଲ ପାଉଥିଲେ, ମୁଁ ମଧ୍ୟ ସେମାନଙ୍କୁ ଖାସା ଭଲ ପାଉଥିଲି । ମୁଁ ଯେପରି ସେମାନଙ୍କ ମଧ୍ୟରୁ ଜଣେ, ସେହିପରି ବୋଧ କରୁଥିଲି ।

ହି. ପ୍ର. : ଚିକାଗୋ ଧର୍ମମହାସଭା ହୋଇ ଫଳ କଅଣ ହେଲା, ଆପଣଙ୍କ ଧାରଣା ?

ସ୍ୱାମୀଜୀ : ମୋର ଧାରଣା, ଚିକାଗୋ ଧର୍ମମହାସଭାର ଉଦ୍ଦେଶ୍ୟ ଥିଲା—ଜଗତ୍ ଆଗରେ ଅଖ୍ରୀଷ୍ଟାନ ଧର୍ମସବୁକୁ ହୀନ ପ୍ରତିପନ୍ନ କରିବା । କିନ୍ତୁ ହେଲା ଅଖ୍ରୀଷ୍ଟାନ୍ ଧର୍ମର ପ୍ରାଧାନ୍ୟ । ସୁତରାଂ ଖ୍ରୀଷ୍ଟାନ୍‌ମାନଙ୍କ ଦୃଷ୍ଟିରେ ସେ ମହାସଭାର ଉଦ୍ଦେଶ୍ୟ ସିଦ୍ଧ ହୋଇ ନାହିଁ । ଦେଖନ୍ତୁ କପରି, ଏବେ ପ୍ୟାରିସ୍‌ରେ ଆଉ ଗୋଟାଏ ମହାସଭା ହେବାର କଥା ହେଉଛି, କିନ୍ତୁ ରୋମାନ୍ କ୍ୟାଥଲିକ୍‌ମାନେ, ଯେଉଁମାନେ ଚିକାଗୋ ମହାସଭାର ଉଦ୍ୟୋକ୍ତା ଥିଲେ, ସେମାନେ ହିଁ ବର୍ତ୍ତମାନ ଯେପରି ପ୍ୟାରିସ୍‌ଠାରେ ଧର୍ମମହାସଭା ନ ହୁଏ, ସେଥିପାଇଁ ବିଶେଷ ଚେଷ୍ଟା କରୁଛନ୍ତି । କିନ୍ତୁ ଚିକାଗୋ ସଭା ଦ୍ୱାରା ଭାରତୀୟ ଚିନ୍ତାର ବିଶେଷ ରୂପରେ ବିସ୍ତାର ପାଇଁ ସୁବିଧା ହୋଇଛି । ସେଥିରେ ବେଦାନ୍ତର ବିସ୍ତାର ହେବାର ସୁବିଧା ହୋଇଛି—ଏବେ ସମଗ୍ର ଜଗତ୍ ବେଦାନ୍ତ-ବନ୍ୟାରେ ଭାସି ଯାଉଛି । ଅବଶ୍ୟ ଆମେରିକାନ୍‌ମାନେ ଚିକାଗୋ ସଭାର ଏହି ପରିଣାମରେ ବିଶେଷ ସୁଖୀ—କେବଳ ରକ୍ଷଣଶୀଳ ପୁରୋହିତ ଆଉ 'ଚର୍ଚ୍ଚ ସ୍ତ୍ରୀଲୋକ'ଙ୍କୁ ଛାଡ଼ି ।

ହି. ପ୍ର. : ସ୍ୱାମୀଜୀ, ଇଂଲଣ୍ଡରେ ଆପଣଙ୍କ ପ୍ରଚାରକାର୍ଯ୍ୟର କପରି ଆଶା ଦେଖୁଛନ୍ତି ?

ସ୍ୱାମୀଜୀ : ଖୁବ୍ ଆଶା ଅଛି । ଦଶ ବର୍ଷ ମଧ୍ୟ ଲାଗିବ ନାହିଁ—ଅଧିକାଂଶ ଇଂରେଜ ବେଦାନ୍ତୀ ହେବେ । ଆମେରିକାଠାରୁ ଇଂଲଣ୍ଡରେ ବେଶୀ ଆଶା । ଆମେରିକାନ୍‌ମାନେ

ତ ଦେଖୁଛ ସବୁ ବିଷୟରେ ଗୋଟାଏ ଚହଲ ପକାଇ ଦିଅନ୍ତି । ଇଂରେଜମାନେ ଚହଲପ୍ରିୟ ନୁହନ୍ତି । ବେଦାନ୍ତ ନ ବୁଝିଲେ ଖ୍ରୀଷ୍ଟାନ୍‌ମାନେ ସେମାନଙ୍କର ନିଉଟେଷ୍ଟାମେଣ୍ଟ୍‌କୁ ମଧ୍ୟ ବୁଝିପାରିବେ ନାହିଁ । ବେଦାନ୍ତ ସବୁଧର୍ମର ଯୁକ୍ତିସଙ୍ଗତ ବ୍ୟାଖ୍ୟା ସ୍ୱରୂପ । ବେଦାନ୍ତକୁ ଛାଡ଼ିଦେଲେ ସବୁ ଧର୍ମ ହିଁ କୁସଂସ୍କାର । ବେଦାନ୍ତକୁ ଧରିଲେ ସବୁ ଧର୍ମ ହିଁ ଧର୍ମ ହୋଇ ଛିଡ଼ାହେବ ।

ହି. ପ୍ର. : ଆପଣ ଇଂରେଜ-ଚରିତ୍ରରେ ବିଶେଷ କେଉଁ ଗୁଣ ଦେଖିଲେ ?

ସ୍ୱାମୀଜୀ : ଇଂରେଜମାନେ କୌଣସି ବିଷୟରେ ବିଶ୍ୱାସ କଲେ ତତ୍‌କ୍ଷଣାତ୍ କାର୍ଯ୍ୟରେ ଲଗିଯାଆନ୍ତି । ସେମାନଙ୍କର କାର୍ଯ୍ୟ କରିବାର ଶକ୍ତି ଅସାଧାରଣ । ଇଂରେଜ ପୁରୁଷ ଓ ମହିଳାଙ୍କ ଅପେକ୍ଷା ଉନ୍ନତ ନରନାରୀ ସମଗ୍ର ପୃଥିବୀରେ ଦେଖିବାକୁ ମିଳନ୍ତି ନାହିଁ । ଏଥିପାଇଁ ସେମାନଙ୍କ ଉପରେ ମୋର ବେଶୀ ବିଶ୍ୱାସ । ଅବଶ୍ୟ ପ୍ରଥମେ ସେମାନଙ୍କ ମୁଣ୍ଡରେ କିଛି ପୂରାଇବା ଅତି କଠିନ; ଅନେକ ଚେଷ୍ଟା କରି ଉଠିପଡ଼ି ଲଗିଲେ ଯାଇ ସେମାନଙ୍କ ମୁଣ୍ଡରେ ଗୋଟାଏ ଭାବ ପଶିଥାଏ । କିନ୍ତୁ ଥରେ ସେହି ଭାବ ସେମାନଙ୍କୁ ଦେଇପାରିଲେ ଆଉ ସହଜରେ ତାହା ବାହାରେ ନାହିଁ । ଇଂଲଣ୍ଡରେ କୌଣସି ମିଶନାରି ବା ଅନ୍ୟ କୌଣସି ଲୋକ ମୋ ବିରୋଧରେ କିଛି କହି ନାହାନ୍ତି—ଜଣେ ମଧ୍ୟ ମୋର କୌଣସି ପ୍ରକାର ନିନ୍ଦା କରିବା ପାଇଁ ଚେଷ୍ଟା କରି ନାହାନ୍ତି । ମୁଁ ଦେଖି ଆଶ୍ଚର୍ଯ୍ୟ ହେଲି, ଅଧିକାଂଶ ବନ୍ଧୁ 'ଚର୍ଚ୍ଚ ଅଫ୍ ଇଂଲଣ୍ଡ'ର ଅନ୍ତର୍ଭୁକ୍ତ । ମୁଁ ଜାଣିଛି ଯେଉଁସବୁ ମିଶନାରି ଏ ଦେଶକୁ ଆସନ୍ତି, ସେମାନେ ଇଂଲଣ୍ଡରେ ଅତି ନିମ୍ନଶ୍ରେଣୀଭୁକ୍ତ । କୌଣସି ଭଦ୍ର ଇଂରେଜ ସେମାନଙ୍କ ସଙ୍ଗରେ ମିଶନ୍ତି ନାହିଁ । ଏଠାପରି ଇଂଲଣ୍ଡରେ ମଧ୍ୟ ଜାତି-ବିଭାଗ ଖୁବ୍ କଡ଼ାକଡ଼ି । ଆଉ ଚର୍ଚ୍ଚର ଅନ୍ତର୍ଭୁକ୍ତ ଇଂରେଜ ସବୁ ଭଦ୍ରଶ୍ରେଣୀଭୁକ୍ତ । ଆପଣଙ୍କ ସହିତ ସେମାନଙ୍କର ମତଭେଦ ଥାଇପାରେ, କିନ୍ତୁ ସେଥିରେ ଆପଣଙ୍କ ସହିତ ସେମାନଙ୍କର ବନ୍ଧୁତ୍ୱ ହେବାରେ କିଛି ବ୍ୟାଘାତ ହେବ ନାହିଁ । ଏଥିପାଇଁ ମୁଁ ମୋର ସ୍ୱଦେଶବାସୀଙ୍କୁ ଏହି ଗୋଟାଏ ପରାମର୍ଶ ଦେବାକୁ ଚାହେଁ ଯେ, ମିଶନାରିମାନେ କଅଣ, ତାହା ତ ଏବେ ଜାଣିଛ; ବର୍ତ୍ତମାନ ଏହା କର୍ତ୍ତବ୍ୟ ଯେ କଲିରଣ୍ଡିଆ ମିଶନାରିମାନଙ୍କୁ ଆଦୌ ପ୍ରଶ୍ରୟ ନ ଦେବା । ଆମେମାନେ ତ ସେମାନଙ୍କୁ ପ୍ରଶ୍ରୟ ଦେଉଛୁ । ଏବେ ସେମାନଙ୍କୁ ଆଦୌ ଗ୍ରାହ୍ୟ ଭିତରକୁ ନ ଆଣିବା ଉଚିତ ।

ହି. ପ୍ର. : ସ୍ୱାମୀଜୀ, ଅନୁଗ୍ରହ କରି ଆପଣ ମୋତେ ଆମେରିକା ଓ ଇଂଲଣ୍ଡର ସମାଜସଂସ୍କାରକମାନଙ୍କ କାର୍ଯ୍ୟପ୍ରଣାଳୀ ବିଷୟରେ, ଏ ସମ୍ବନ୍ଧରେ କିଛି କହିବେ କି ?

ସ୍ୱାମୀଜୀ : ସବୁ ସମାଜ-ସଂସ୍କାରକ, ଅନ୍ତତଃ ସେମାନଙ୍କ ନେତାମାନେ, ଏବେ ସେମାନଙ୍କ ସାମ୍ୟବାଦ ଭଳି ଗୋଟାଏ ଧର୍ମଭିତ୍ତି ବାହାର କରିବା ପାଇଁ ଚେଷ୍ଟା କରୁଛନ୍ତି— ଆଉ ସେହି ଧର୍ମଭିତ୍ତି କେବଳ ବେଦାନ୍ତରେ ମିଳେ । ଅନେକ ନେତା, ଯେଉଁମାନେ ମୋ ବକ୍ତୃତା ଶୁଣିବାକୁ ଆସୁଥିଲେ, ମୋତେ କହିଛନ୍ତି, ନୂତନ ଭାବରେ ସମାଜ ଗଠନ କରିବାକୁ ହେଲେ ବେଦାନ୍ତକୁ ଭିତ୍ତିସ୍ୱରୂପ ଗ୍ରହଣ କରିବା ଦରକାର ।

ହି.ପ୍ର. : ଭାରତର ଜନସାଧାରଣଙ୍କ ସମ୍ବନ୍ଧରେ ଆପଣଙ୍କ ଧାରଣାର କଅଣ ?

ସ୍ୱାମୀଜୀ : ଆମେମାନେ ଅତ୍ୟନ୍ତ ଗରିବ । ଆମମାନଙ୍କ ଜନସାଧାରଣ ଲୌକିକ ବିଦ୍ୟାରେ ଅତ୍ୟନ୍ତ ଅଜ୍ଞ । କିନ୍ତୁ ସେମାନେ ଖୁବ୍ ଭଲ । କାରଣ, ଏଠାରେ ଦାରିଦ୍ର୍ୟ ଗୋଟିଏ ରାଜଦଣ୍ଡଯୋଗ୍ୟ ଅପରାଧ ବୋଲି ବିବେଚିତ ହୁଏ ନାହିଁ । ଏମାନେ ଦୁର୍ଦ୍ଦାନ୍ତ ମଧ୍ୟ ନୁହନ୍ତି । ଆମେରିକା ଓ ଇଂଲଣ୍ଡରେ ଅନେକ ସମୟରେ ମୋ ପୋଷାକ ଯୋଗୁଁ ଜନସାଧାରଣ ଉତ୍ତେଜିତ ହୋଇ ଅନେକଥର ମୋତେ ମାରିବା ପାଇଁ ଯୋଗାଡ଼ କରିଥିଲେ । କିନ୍ତୁ ଭାରତରେ କାହାର ଅସାଧାରଣ ପୋଷାକ ଯୋଗୁଁ ଜନସାଧାରଣ ଉତ୍ତେଜିତ ହୋଇ ମାଡି ଉଠିଛନ୍ତି, ଏପରି କଥା ତ କେବେ ଶୁଣି ନାହିଁ । ଅନ୍ୟାନ୍ୟ ସବୁ ବିଷୟରେ ମଧ୍ୟ ଆମ ଜନସାଧାରଣ ଇଉରୋପର ଜନସାଧାରଣଙ୍କଠାରୁ ଢେର ସଭ୍ୟ ।

ହି. ପ୍ର. : ଭାରତୀୟ ଜନସାଧାରଣଙ୍କ ଉନ୍ନତି ପାଇଁ କଅଣ କରିବା ଭଲ ବୋଲି ଆପଣ ଭାବୁଛନ୍ତି ?

ସ୍ୱାମୀଜୀ : ସେମାନଙ୍କୁ ଲୌକିକ ବିଦ୍ୟା ଶିଖାଇବାକୁ ହେବ । ଆମ ପୂର୍ବପୁରୁଷମାନେ ଯେଉଁ ପ୍ରଣାଳୀ ଦେଖାଇ ଯାଇଛନ୍ତି, ତାହାର ହିଁ ଅନୁସରଣ କରିବାକୁ ହେବ, ଅର୍ଥାତ୍ ବଡ଼ ବଡ଼ ଆଦର୍ଶଗୁଡ଼ିକୁ ଧୀରେ ଧୀରେ ସାଧାରଣଙ୍କ ଭିତରେ ସଞ୍ଚାରିତ କରିବାକୁ ହେବ । ଧୀରେ ଧୀରେ ସେମାନଙ୍କୁ ଉଠାଅ, ଧୀରେ ଧୀରେ ସେମାନଙ୍କୁ ସମାନ କରିନିଅ । ଲୌକିକ ବିଦ୍ୟା ମଧ୍ୟ ଧର୍ମ ଭିତରେ ଶିଖାଇବାକୁ ହେବ ।

ହି. ପ୍ର. : କିନ୍ତୁ ସ୍ୱାମୀଜୀ, ଆପଣ କଅଣ ମନେକରନ୍ତି, ଏ କାର୍ଯ୍ୟ ସହଜରେ ହୋଇପାରିବ ?

ସ୍ୱାମୀଜୀ : ଅବଶ୍ୟ ଏହା ଧୀରେ ଧୀରେ କାର୍ଯ୍ୟରେ ପରିଣତ କରିବାକୁ ହେବ । କିନ୍ତୁ ଯଦି ମୁଁ ଅନେକଗୁଡ଼ିଏ ସ୍ୱାର୍ଥତ୍ୟାଗୀ ଯୁବକ ପାଏ, ଯେଉଁମାନେ ମୋ ସହିତ କାର୍ଯ୍ୟ କରିବାକୁ ପ୍ରସ୍ତୁତ, ତାହାହେଲେ କାଲି ମଧ୍ୟ ଏହା ହୋଇପାରିବ । କେବଳ ଏହି କାର୍ଯ୍ୟରେ ଯେଉଁ ପରିମାଣରେ ଉତ୍ସାହ ଓ ସ୍ୱାର୍ଥତ୍ୟାଗ କରିଯିବ ତାହାରି ଉପରେ ଏହାର ଶୀଘ୍ର ବା ବିଳମ୍ବରେ ସିଦ୍ଧି ନିର୍ଭର କରୁଛି ।

ହି. ପ୍ର. : କିନ୍ତୁ ଯଦି ବର୍ତ୍ତମାନ ହୀନାବସ୍ଥା ସେମାନଙ୍କର ଅତୀତର କର୍ମ ଯୋଗୁଁ ହୋଇଥାଏ, ତେବେ ସ୍ୱାମୀଜୀ, ଆପଣ କିପରି ମନେକରନ୍ତି, ସହଜରେ ଏହା ଘୁଞ୍ଚିଯିବ ଆଉ ଆପଣ ସେମାନଙ୍କୁ କିପରି ବା ସାହାଯ୍ୟ କରିବାକୁ ଇଚ୍ଛା କରନ୍ତି ?

ସ୍ୱାମୀଜୀ ମୁହୂର୍ତ୍ତେମାତ୍ର ଚିନ୍ତା ପାଇଁ ଅବସର ନ ନେଇ ଉତ୍ତର ଦେଲେ : କର୍ମବାଦ ହିଁ ଅନନ୍ତ କାଳ ମାନବର ସ୍ୱାଧୀନତା ଘୋଷଣା କରୁଛି । ଯଦି କର୍ମ ହିଁ ଆପଣମାନଙ୍କୁ ହୀନ ଅବସ୍ଥାକୁ ଆଣିପାରିଛି, ଏହା ସତ୍ୟ ହୁଏ, ତେବେ କର୍ମଦ୍ୱାରା ହିଁ ଆମମାନଙ୍କ ଅବସ୍ଥାର ଉନ୍ନତିସାଧନ ମଧ୍ୟ ନିଶ୍ଚୟ ହୋଇପାରିବ । ଅଧିକନ୍ତୁ ଗୋଟାଏ କଥା, ଜନସାଧାରଣ କେବଳ ଯେ ନିଜ କର୍ମଦ୍ୱାରା ନିଜର ଏ ହୀନାବସ୍ଥା ଆଣିଛନ୍ତି, ତାହା ନୁହେଁ । ତେଣୁ ସେମାନଙ୍କୁ ଉନ୍ନତ କରିବା ପାଇଁ ଅଧିକ ସୁବିଧା ଦେବାକୁ ହେବ । ମୁଁ ସବୁ ଜାତିକୁ ଏକାକାର କରିବାକୁ

କହୁ ନାହିଁ । ଜାତି-ବିଭାଗ ଖୁବ୍ ଭଲ । ଏହି ଜାତିବିଭାଗ-ପ୍ରଣାଳୀକୁ ହିଁ ଆମେମାନେ ଅନୁସରଣ କରିବାକୁ ଚାହୁଁ । ଜାତିବିଭାଗ ଯଥାର୍ଥ କି ନୁହେଁ, ତାହା ଜଣେ ମଧ୍ୟ ବୁଝନ୍ତି କି ନାହିଁ ସନ୍ଦେହ । ପୃଥିବୀରେ ଏପରି କୌଣସି ଦେଶ ନାହିଁ, ଯେଉଁଠାରେ ଜାତି ନାହିଁ । ଭାରତରେ ଆମେମାନେ ଜାତିବିଭାଗ ମାଧ୍ୟମରେ ତାହାର ଅତୀତ ଅବସ୍ଥାକୁ ଯାଇଥାଉ । ଜାତିବିଭାଗ ସେହି ମୂଳସୂତ୍ର ଉପରେ ପ୍ରତିଷ୍ଠିତ । ଭାରତରେ ଏହି ଜାତି-ବିଭାଗ-ପ୍ରଣାଳୀର ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କୁ ବ୍ରାହ୍ମଣ କରିବା—ବ୍ରାହ୍ମଣ ହିଁ ଆଦର୍ଶ ମନୁଷ୍ୟ । ଯଦି ଭାରତର ଇତିହାସ ପଢ଼ି ଦେଖ, ତେବେ ଦେଖିବ, ଏଠାରେ ବରାବର ନିମ୍ନ ଜାତିକୁ ଉନ୍ନତ କରିବା ପାଇଁ ଚେଷ୍ଟା ହୋଇଛି । ଅନେକ ଜାତିକୁ ମଧ୍ୟ ଉନ୍ନତ କରାହୋଇଛି । ଆହୁରି ମଧ୍ୟ ଅନେକେ ହେବେ । ଶେଷରେ ସମସ୍ତେ ବ୍ରାହ୍ମଣ ହେବେ । ଏହା ଆମର କାର୍ଯ୍ୟ-ପ୍ରଣାଳୀ । କାହାକୁ ତଳକୁ ଆଣିବାକୁ ହେବ ନାହିଁ—ସମସ୍ତଙ୍କୁ ଉଠାଇବାକୁ ହେବ । ଆଉ ଏହାକୁ ପ୍ରଧାନତଃ ବ୍ରାହ୍ମଣମାନଙ୍କୁ କରିବାକୁ ହେବ, କାରଣ ପ୍ରତ୍ୟେକ ଅଭିଜାତ ସମ୍ପ୍ରଦାୟର କର୍ତ୍ତବ୍ୟ, ନିଜର ମୂଳୋଚ୍ଛେଦ କରିବା । ଆଉ ଯେତେ ଶୀଘ୍ର ସେମାନେ ଏହା କରନ୍ତି, ସେତେ ହିଁ ସମସ୍ତଙ୍କ ପକ୍ଷରେ ମଙ୍ଗଳ । ଏ ବିଷୟରେ ଡେରି କରିବା ଉଚିତ ନୁହେଁ, ବିନ୍ଦୁମାତ୍ର କାଳକ୍ଷେପ କରିବା ଉଚିତ ନୁହେଁ । ଇଉରୋପ-ଆମେରିକାର ଜାତିବିଭାଗଠାରୁ ଭାରତର ଜାତିବିଭାଗ ଅନେକ ଭଲ । ଅବଶ୍ୟ ମୁଁ ଏକଥା କହୁ ନାହିଁ ଯେ, ଏହା ଏକାଥରକେ ସମ୍ପୂର୍ଣ୍ଣ ଭଲ । ଯଦି ଜାତିବିଭାଗ ନ ଥାଆନ୍ତା, ତେବେ ତୁମେମାନେ ଥାଆନ୍ତ କେଉଁଠି ? ଜାତିବିଭାଗ ନ ଥିଲେ ତୁମମାନଙ୍କର ବିଦ୍ୟା ଓ ଆଉସବୁ ଜିନିଷ କେଉଁଠି ଥାଆନ୍ତା ? ଜାତିବିଭାଗ ନ ଥିଲେ ଇଉରୋପୀୟମାନଙ୍କର ପଢ଼ିବା ପାଇଁ ଏସବୁ ଶାସ୍ତ୍ରାଦି ଥାଆନ୍ତା କେଉଁଠି ? ମୁସଲମାନମାନେ ତ ସବୁ ନଷ୍ଟ କରିଥାଆନ୍ତେ । ଭାରତୀୟ ସମାଜ ସ୍ଥିତିଶୀଳ, କେବେ ଦେଖିଛ ? ଏ ସମାଜ ସର୍ବଦା ହିଁ ଗତିଶୀଳ । କେବେ କେବେ, ଯେପରିକି ବିଜାତୀୟ ଆକ୍ରମଣ ସମୟରେ, ଏ ଗତି ଅତି ମୃଦୁ ହୋଇଥିଲା; ଅନ୍ୟ ସମୟରେ ପୁଣି ଦ୍ରୁତ । ମୁଁ ମୋର ସ୍ୱଦେଶବାସୀଙ୍କୁ ଏହି କଥା କହେ । ମୁଁ ସେମାନଙ୍କୁ ଗାଳି ଦେଉ ନାହିଁ । ମୁଁ ଅତୀତ ଆଡ଼କୁ ଦେଖେ । ଅଉ ଦେଖିବାକୁ ପାଏ, ଦେଶ-କାଳ-ଅବସ୍ଥା ବିବେଚନା କଲେ କୌଣସି ଜାତି ଏହାଠାରୁ ମହତ୍ତ୍ୱ କର୍ମ କରିପାରିନଥାନ୍ତା । ମୁଁ କହେ, ତୁମେମାନେ ଭଲ କରୁଛ, ଏବେ ଆହୁରି ଭଲ କରିବାକୁ ଚେଷ୍ଟା କର ।

ଦ୍ୱି. ପ୍ର. : ଜାତିବିଭାଗ ସହିତ କର୍ମକାଣ୍ଡର ସମ୍ବନ୍ଧ ବିଷୟରେ ଆପଣଙ୍କର ମତ କଅଣ, ସ୍ୱାମୀଜୀ ?

ସ୍ୱାମୀଜୀ : ଜାତିବିଭାଗ-ପ୍ରଣାଳୀ ମଧ୍ୟ କ୍ରମାଗତ ବଦଳୁଛି, କ୍ରିୟାକାଣ୍ଡ ମଧ୍ୟ କ୍ରମାଗତ ବଦଳୁଛି । କେବଳ ମୂଳତତ୍ତ୍ୱ ବଦଳୁ ନାହିଁ । ଆମର ଧର୍ମ କଅଣ, ଜାଣିବାକୁ ଗଲେ ବେଦ ପଢ଼ିବାକୁ ହେବ । ବେଦ ଛଡ଼ା ଆଉସବୁ ଶାସ୍ତ୍ର ହିଁ ଯୁଗଭେଦରେ ବଦଳିଯିବ । ବେଦର ଶାସନ ନିତ୍ୟ । ଅନ୍ୟାନ୍ୟ ଶାସ୍ତ୍ରର ଶାସନ ନିର୍ଦ୍ଦିଷ୍ଟ ସମୟ ପାଇଁ ସୀମାବଦ୍ଧ । ଯେକୌଣସି 'ସ୍ମୃତି' ଗୋଟାଏ ଯୁଗ ପାଇଁ, ଆଉ ଗୋଟାଏ 'ସ୍ମୃତି' ଆଉ ଗୋଟାଏ ଯୁଗ ପାଇଁ । ବଡ଼

ବଡ଼ ମହାପୁରୁଷ ଅବତାରମାନେ ସବଦା ହିଁ ଆସୁଛନ୍ତି, ଆଉ କେଉଁ ଭାବରେ କାର୍ଯ୍ୟ କରିବାକୁ ହେବ, ଦେଖାଇ ଯାଉଛନ୍ତି । କେତେକ ମହାପୁରୁଷ ନିମ୍ନ ଜାତିଙ୍କର ଉନ୍ନତି ପାଇଁ ଚେଷ୍ଟା କରିଯାଇଛନ୍ତି । କେହି କେହି, ଯେପରି ମଧ୍ୱାଚାର୍ଯ୍ୟ, ସ୍ତ୍ରୀଲୋକମାନଙ୍କୁ ବେଦ ପଢ଼ିବାର ଅଧିକାର ଦେଇଛନ୍ତି । ଜାତିବିଭାଗ କେବେହେଁ ଯାଇ ନ ପାରେ, ତେବେ ତାକୁ ମଝିରେ ମଝିରେ ନୂଆ ଛାଞ୍ଚରେ ଢାଳିବାକୁ ହେବ । ପ୍ରାଚୀନ ସମାଜପ୍ରଣାଳୀ ଭିତରେ ଏପରି ଜୀବନୀ ଶକ୍ତି ଅଛି, ଯେଉଁଥିରେ ସହସ୍ର ସହସ୍ର ନୂତନ ସମାଜ-ବ୍ୟବସ୍ଥା ଗଠିତ ହୋଇପାରେ । ଜାତି-ବିଭାଗ ଉଠାଇ ଦେବା ପାଇଁ ଇଚ୍ଛା କରିବା ପାଗଳାମି ମାତ୍ର । ପୁରାତନର ହିଁ ନବବିବର୍ତ୍ତିତ ବା ବିକାଶ—ଏହା ହିଁ ନୂତନ କାର୍ଯ୍ୟପ୍ରଣାଳୀ ।

ହି. ପ୍ର. : ହିନ୍ଦୁମାନଙ୍କର କଅଣ ସମାଜ-ସଂସ୍କାର ଦରକାର ନାହିଁ ?

ସ୍ୱାମୀଜୀ : ଖୁବ୍ ଅଛି । ପ୍ରାଚୀନକାଳରେ ମହାପୁରୁଷମାନେ ଉନ୍ନତର ନୂତନ ନୂତନ ପ୍ରଣାଳୀ ଉଦ୍ଭାବନ କରୁଥିଲେ, ଆଉ ରାଜାମାନେ ଆଇନ କରି ତାହା ଚଳାଇ ଦେଉଥିଲେ । ପ୍ରାଚୀନକାଳରେ ଏହି ପ୍ରକାରେ ସମାଜର ଉନ୍ନତି ହେଉଥିଲା । ବର୍ତ୍ତମାନ-କାଳରେ ଏହି ପ୍ରକାରେ ସାମାଜିକ ଉନ୍ନତି କରିବାକୁ ଗଲେ ଏପରି ଗୋଟିଏ ଶକ୍ତି ଦରକାର, ଯାହାଙ୍କ କଥା ଲୋକେ ଗ୍ରହଣ କରିବେ । ଏବେ ହିନ୍ଦୁ-ରାଜା ନୁହେଁ, ଏବେ ଲୋକଙ୍କୁ ନିଜ ସମାଜର ସଂସ୍କାର, ଉନ୍ନତି ପ୍ରଭୃତି ପାଇଁ ଚେଷ୍ଟା କରିବାକୁ ହେବ । ଯେତେଦିନ ପର୍ଯ୍ୟନ୍ତ ଲୋକେ ଶିକ୍ଷିତ ହୋଇ ନିଜ ଅଭାବ ନିଜେ ନ ବୁଝିଛନ୍ତି, ଆଉ ନିଜ ସମସ୍ୟା ନିଜେ ହିଁ ପୂରଣ କରିବାକୁ ପ୍ରସ୍ତୁତ ଓ ସମର୍ଥ ନ ହୋଇଛନ୍ତି, ସେତେଦିନ ପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ହେବ । କୌଣସି ସଂସ୍କାର ସମ୍ବନ୍ଧରେ ସଂସ୍କାର ସପକ୍ଷରେ ଖୁବ୍ ଅଳ୍ପ ଲୋକ ମିଳନ୍ତି, ଏହାଠାରୁ ଆଉ ଦୁଃଖର ବିଷୟ କିଛି ହୋଇ ନ ପାରେ । ଏହି କାରଣରୁ କେବଳ କେତେ-ଗୁଡ଼ିଏ କାଳ୍ପନିକ ସଂସ୍କାରରେ—ଯାହା କେବେ କାର୍ଯ୍ୟରେ ପରିଣତ ହେବ ନାହିଁ, ବୃଥା ଶକ୍ତିକ୍ଷୟ ନ କରି, ଆମର ଉଚିତ ଏକାଥରକେ ମୂଳରୁ ପ୍ରତିକାରର ଚେଷ୍ଟା କରିବା—ଏପରି ଦଳେ ଲୋକ ତିଆରି କରିବା, ଯେଉଁମାନେ ନିଜ ଆଇନ୍ ନିଜେ ହିଁ କରିବେ । ଅର୍ଥାତ୍ ଏଥିପାଇଁ ଲୋକମାନଙ୍କୁ ଶିକ୍ଷା ଦେବାକୁ ହେବ—ସେଥିରେ ସେମାନେ ନିଜ ସମସ୍ୟା ନିଜେ ହିଁ ପୂରଣ କରିନେବେ । ତା ନ ହେଲେ ଏସବୁ ସଂସ୍କାର ଆକାଶ-କୁସୁମ ହୋଇ ରହିଯିବ । ନୂତନ ପ୍ରଣାଳୀ ହେଲା ନିଜ ଦ୍ୱାରା ନିଜର ଉନ୍ନତିସାଧନ । ଏହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ସମୟ ଲାଗିବ, ବିଶେଷତଃ ଭାରତବର୍ଷରେ; କାରଣ, ପ୍ରାଚୀନକାଳରେ ଏଠାରେ ବରାବର ହିଁ ରାଜାଙ୍କର ଶାସନ ଅବ୍ୟାହତ ଥିଲା ।

ହି. ପ୍ର. : ଆପଣ କଅଣ ମନେକରନ୍ତି, ହିନ୍ଦୁସମାଜ ଇଉରୋପୀୟ ସମାଜର ରୀତିନୀତି ଗ୍ରହଣ କରି କୃତକାର୍ଯ୍ୟ ହୋଇପାରେ ?

ସ୍ୱାମୀଜୀ : ନା, କଦାପି ନୁହେଁ । ମୁଁ କହେ ଯେ, ଗ୍ରୀକ୍-ମନ—ଯାହା ଇଉରୋପୀୟ ଜାତିର ବହିର୍ମୁଖ ଶକ୍ତିରେ ପ୍ରକାଶ ପାଉଛି—ତାହା ସହିତ ହିନ୍ଦୁ-ମନ ଯୋଗ ହେଲେ ତାହା ହିଁ ଭାରତ ପକ୍ଷରେ ସମାଜର ଆଦର୍ଶ ହେବ । ଉଦାହରଣ ସ୍ୱରୂପ ଦେଖନ୍ତୁ, ବୃଥାରେ

ଶକ୍ତିକ୍ଷୟ, ଆଉ ଧନଗ୍ରନ୍ଥ କେତେଗୁଡ଼ିଏ ବାଜେ କାଳ୍ପନିକ ବିଷୟରେ ବାକ୍ୟବ୍ୟୟ ନ କରି ଇଂରେଜମାନଙ୍କ ନିକଟରୁ ଆମମାନଙ୍କୁ ଶିକ୍ଷା କରିବାକୁ ପଡ଼ିବ—ଆଜ୍ଞାମାତ୍ରେ ନେତାଙ୍କର ଆଦେଶ ପ୍ରତିପାଳନ, ଈର୍ଷାହୀନତା, ଅଦମ୍ୟ ଅଧ୍ୟବସାୟ ଓ ନିଜଠାରେ ଅନନ୍ତ ବିଶ୍ୱାସ ସ୍ଥାପନ କରିବା । ଜଣେ ଇଂରେଜ କାହାରିକୁ ନେତା ବୋଲି ସ୍ୱୀକାର କଲେ ତାକୁ ସବୁ ଅବସ୍ଥାରେ ମାନି ଚଳିବ, ସବୁ ଅବସ୍ଥାରେ ତା'ର ଆଜ୍ଞାଧୀନ ହେବ । ଭାରତରେ ସମସ୍ତେ ନେତା ହେବାକୁ ଚାହାଁନ୍ତି, ହୁକୁମ୍ ପାଳନ କରିବା ପାଇଁ କେହି ନାହିଁ । ହୁକୁମ୍ କରିବା ଆଗରୁ ହୁକୁମ୍ ତାମିଲ୍ କରିବାକୁ ଶିଖିବା ସମସ୍ତଙ୍କ ପକ୍ଷରେ ଉଚିତ । ଆମମାନଙ୍କର ଈର୍ଷାର ଅନ୍ତ ନାହିଁ । ହିନ୍ଦୁର ପଦମର୍ଯ୍ୟାଦା ଯେତେ ବଢ଼େ, ଈର୍ଷା ମଧ୍ୟ ସେତେ ବଢ଼େ । ଯେପର୍ଯ୍ୟନ୍ତ ଏହି ଈର୍ଷାଦ୍ୱେଷ ନ ଯାଇଛି ଓ ନେତାଙ୍କର ଆଜ୍ଞାବହତା ହିନ୍ଦୁମାନେ ଶିକ୍ଷା ନ କରିଛନ୍ତି, ସେତେଦିନ ଗୋଟାଏ ସମାଜ ସଂହତ ହୋଇପାରିବ ନାହିଁ । ସେତେଦିନ ଆମେମାନେ ଏକପ୍ରକାର ଛନ୍ନଭଙ୍ଗ ହୋଇ ରହିଥିବୁ, କିଛି କରିପାରିବୁ ନାହିଁ । ଇଉରୋପ ନିକଟରୁ ଭାରତକୁ ଶିଖିବାକୁ ହେବ ବହିଃପ୍ରକୃତିର ଜୟ, ଏବଂ ଭାରତ ନିକଟରୁ ଇଉରୋପକୁ ଶିଖିବାକୁ ହେବ ଅନ୍ତଃପ୍ରକୃତିର ଜୟ । ତାହାହେଲେ ଆଉ ହିନ୍ଦୁ, ଇଉରୋପୀୟ ବୋଲି କିଛି ରହିବ ନାହିଁ; ଉଭୟେ ପ୍ରକୃତିଜୟୀ ଗୋଟାଏ ଆଦର୍ଶ ମନୁଷ୍ୟସମାଜ ଗଠିତ ହେବ । ଆମେମାନେ ମନୁଷ୍ୟତ୍ୱର ଗୋଟାଏ ଦିଗର ବିକାଶ କରିଛୁ, ସେମାନେ ଆଉ ଗୋଟାଏ ଦିଗର ବିକାଶ କରିଛନ୍ତି । ଏହି ଦୁଇଟିର ମିଳନ ଦରକାର । ମୁକ୍ତି, ଯାହା ଆମମାନଙ୍କ ଧର୍ମର ମୂଳମନ୍ତ୍ର, ତା'ର ପ୍ରକୃତ ଅର୍ଥ ହିଁ ଦୈହିକ, ମାନସିକ, ଆଧ୍ୟାତ୍ମିକ—ସବୁ ପ୍ରକାର ସ୍ୱାଧୀନତା ।

ଶି. ପ୍ର. : ସ୍ୱାମୀଜି, କ୍ରିୟାକାଣ୍ଡ ସହିତ ଧର୍ମର କି ସମ୍ବନ୍ଧ ?

ସ୍ୱାମୀଜି : କ୍ରିୟାକାଣ୍ଡ ହେଉଛି ଧର୍ମର 'କିଣ୍ଡରଗାର୍ଟେନ' ବିଦ୍ୟାଳୟ । ଜଗତର ବର୍ତ୍ତମାନ ଯେଉଁ ଅବସ୍ଥା, ସେଥିରେ ତାହା ବର୍ତ୍ତମାନ ସମ୍ପୂର୍ଣ୍ଣ ଆବଶ୍ୟକ । ତେବେ ଲୋକଙ୍କୁ ନୂଆ ନୂଆ ଅନୁଷ୍ଠାନ ଦେବାକୁ ହେବ । କେତେଗୁଡ଼ିଏ ଚିନ୍ତାଶୀଳ ବ୍ୟକ୍ତିଙ୍କ ପକ୍ଷରେ ଉଚିତ ଏ କାର୍ଯ୍ୟର ଭାର ନେବା । ପୁରାତନ କ୍ରିୟାକାଣ୍ଡ ଉଠାଇ ଦେବାକୁ ହେବ, ନୂତନ ଆଚାର-ଅନୁଷ୍ଠାନ ପ୍ରବର୍ତ୍ତନ କରିବାକୁ ହେବ ।

ଶି. ପ୍ର. : ତେବେ ଆପଣ କ୍ରିୟାକାଣ୍ଡ ଏକାବେଳକେ ଉଠାଇ ଦେବାକୁ କହୁ ନାହାନ୍ତି ଦେଖୁଛି !

ସ୍ୱାମୀଜି : ନା, ମୋର ମୂଳମନ୍ତ୍ର ଗଠନ, ବିନାଶ ନୁହେଁ । ବର୍ତ୍ତମାନ କ୍ରିୟାକାଣ୍ଡରୁ ନୂଆ ନୂଆ କ୍ରିୟାକାଣ୍ଡ କରିବାକୁ ହେବ । ସବୁ ବିଷୟର ହିଁ ଅନନ୍ତ ଉନ୍ନତି ହେବାର ସମ୍ଭାବନା ରହିଛି—ଏହା ହିଁ ମୋର ବିଶ୍ୱାସ । ଗୋଟାଏ ପରମାଣୁର ପଶ୍ଚାତ୍‌ରେ ସମଗ୍ର ଜଗତର ଶକ୍ତି ରହିଛି । ହିନ୍ଦୁଜାତିର ଇତିହାସରେ କେବେହେଲେ ବିନାଶର ଚେଷ୍ଟା ହୋଇ ନାହିଁ, ଗଠନର ଚେଷ୍ଟା ହିଁ ହୋଇଛି । ଗୋଟିଏ ସମ୍ପ୍ରଦାୟ ବିନାଶର ଚେଷ୍ଟା କରିଥିଲେ, ତାହା ଫଳରେ ଭାରତରୁ ବିତାଡ଼ିତ ହେଲେ—ସେମାନଙ୍କ ନାମ ବୌଦ୍ଧ । ଆମମାନଙ୍କର ଶଙ୍କର, ରାମାନୁଜ, ଚୈତନ୍ୟ ପ୍ରଭୃତି ଅନେକ ସଂସ୍କାରକ ହୋଇଥିଲେ । ସେମାନେ ସମସ୍ତେ

ହିଁ ଖୁବ୍ ଉଚ୍ଚ ଦରର ସଂସ୍କାରକ ଥିଲେ—ସେମାନେ ସର୍ବଦା ଗଠନରେ ହିଁ ବ୍ୟାପୃତ ଥିଲେ । ସେମାନେ ଦେଶକାଳ ଅନୁସାରେ ଯେଉଁ ସମାଜ ଗଠନ କରିଥିଲେ, ତାହା ହିଁ ଆମର କାର୍ଯ୍ୟପ୍ରଣାଳୀର ବିଶେଷତ୍ୱ । ଆମମାନଙ୍କର ଆଧୁନିକ ସଂସ୍କାରକ ସମସ୍ତେ ହିଁ ଇଉରୋପୀୟ ଧ୍ୱଂସମୂଳକ ସଂସ୍କାର ଚଳାଇବାକୁ ଚେଷ୍ଟା କରନ୍ତି—ଏଥିରେ କାହାରି କୌଣସି ଉପକାର ହୋଇ ନାହିଁ, ହେବ ନାହିଁ ମଧ୍ୟ । କେବଳ ଜଣେ ମାତ୍ର ଆଧୁନିକ ସଂସ୍କାରକ ସମ୍ପୂର୍ଣ୍ଣ ଗଠନକାରୀ ଥିଲେ—ରାଜା ରାମମୋହନ ରାୟ । ହିନ୍ଦୁଜାତି ବରାବର ହିଁ ବେଦାନ୍ତର ଆଦର୍ଶକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଚେଷ୍ଟା କରିଆସୁଛି । ସୌଭାଗ୍ୟରୁ ହେଉ ବା ଦୁର୍ଭାଗ୍ୟରୁ ହେଉ, ସବୁ ଅବସ୍ଥାରେ ବେଦାନ୍ତର ଏହି ଆଦର୍ଶକୁ କାର୍ଯ୍ୟରେ ପରିଣତ କରିବା ପାଇଁ ପ୍ରାଣପଣ ଚେଷ୍ଟା କରିବା ହିଁ ଭାରତୀୟ ଜୀବନର ସମଗ୍ର ଇତିହାସ । ଯେଉଁଠାରେ ଏପରି କୌଣସି ସଂସ୍କାରକ, ସମ୍ପ୍ରଦାୟ ବା ଧର୍ମ ଉଠିଛି, ଯେଉଁମାନେ ବେଦାନ୍ତର ଆଦର୍ଶକୁ ଛାଡ଼ି ଦେଇଛନ୍ତି, ସେମାନେ ତତ୍କ୍ଷଣାତ୍ ଏକାଥରକେ ଉଡ଼ିଯାଇଛନ୍ତି ।

ହି. ପ୍ର. : ଆପଣଙ୍କର ବର୍ତ୍ତମାନ କାର୍ଯ୍ୟପ୍ରଣାଳୀ କି ପ୍ରକାର ?

ସ୍ୱାମୀଜୀ : ମୁଁ ମୋ ସଂକଳ୍ପକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଦୁଇଟି ଅନୁଷ୍ଠାନ ସ୍ଥାପନ କରିବାକୁ ଚାହେଁ—ଗୋଟିଏ ମାନ୍ଦ୍ରାଜରେ, ଆଉ ଗୋଟିଏ କଲିକତାରେ । ଅଭି ମୋ ସଂକଳ୍ପ ବିଷୟ ସଂକ୍ଷେପରେ କହିବାକୁ ଗଲେ ଏହା ହିଁ କୁହାଯାଇପାରିବ ଯେ, ବେଦାନ୍ତର ଆଦର୍ଶକୁ ପ୍ରତ୍ୟେକଙ୍କ ଜୀବନରେ ପରିଣତ କରିବାର ଚେଷ୍ଟା—ସେ ସାଧୁ ହୁଅନ୍ତୁ ବା ପାପୀ ହୁଅନ୍ତୁ, ଜ୍ଞାନୀ ହୁଅନ୍ତୁ ବା ଅଜ୍ଞାନ ହୁଅନ୍ତୁ, ବ୍ରାହ୍ମଣ ହୁଅନ୍ତୁ ବା ଚଣ୍ଡାଳ ହୁଅନ୍ତୁ ।

ଏଥର ଆମମାନଙ୍କ ପ୍ରତିନିଧି ଭାରତର ରାଜନୈତିକ ସମସ୍ୟା ସମ୍ବନ୍ଧରେ କେତେଗୁଡ଼ିଏ ପ୍ରଶ୍ନ କଲେ, କିନ୍ତୁ ତାହାର କିଛି ଉତ୍ତର ପାଇବା ପୂର୍ବରୁ ଟ୍ରେନ୍ ମାନ୍ଦ୍ରାଜର ଏଗ୍‌ମୋର୍ ଷ୍ଟେସନ ପ୍ଲାଟ୍‌ଫର୍ମରେ ଲାଗିଲା । ଏତିକି ମାତ୍ର ସ୍ୱାମୀଜୀଙ୍କ ମୁଖରୁ ଶୁଣାଗଲା, ଭାରତ ଓ ଇଂଲଣ୍ଡର ସମସ୍ୟାଗୁଡ଼ିକୁ ରାଜନୀତି ସହିତ ଜଡ଼ିତ କରିବାର ସେ ଘୋର ବିରୋଧୀ ।

## ପାଶ୍ଚାତ୍ୟରେ ପ୍ରଥମ ହିନ୍ଦୁ ସନ୍ନ୍ୟାସୀଙ୍କର ପ୍ରଚାର

'ମାନ୍ଦ୍ରାଜ ଟାଇମ୍‌ସ୍', ଫେବୃଆରି ୧୮୯୭

ଗତ ଶନିବାର ଆମମାନଙ୍କ ସମ୍ବାଦପତ୍ରର ଜନୈକ ଭାରତୀୟ ପ୍ରତିନିଧି ସ୍ୱାମୀଜୀଙ୍କ ନିକଟରୁ ପାଶ୍ଚାତ୍ୟ ଦେଶରେ ତାଙ୍କ ଧର୍ମପ୍ରଚାରର ସଫଳତାର ବିବରଣ ଜାଣିବା ପାଇଁ ତାଙ୍କ ସହିତ ସାକ୍ଷାତ୍ କରିଥିଲେ । ସ୍ୱାମୀଜୀଙ୍କର ଶିଷ୍ୟ ସାଙ୍କେତିକ ଲେଖନବିତ୍ ମି. ଗୁଡ୍‌ଉଇନ୍ ଆମମାନଙ୍କ ପ୍ରତିନିଧିଙ୍କୁ ଉକ୍ତ ମହାପୁରୁଷଙ୍କ ସହିତ ପରିଚୟ କରାଇଦେଲେ । ସେ ସେତେବେଳେ ଗୋଟିଏ ସୋଫାରେ ବସି ସାଧାରଣ ଲୋକପରି ଜଳଯୋଗ କରୁଥିଲେ । ସ୍ୱାମୀଜୀ

ଆମମାନଙ୍କ ପ୍ରତିନିଧିଙ୍କୁ ଅତି ଭଦ୍ରଭାବରେ ଅଭ୍ୟର୍ଥନା କରି ପାର୍ଶ୍ୱବର୍ତ୍ତୀ ଖଣ୍ଡେ ଚେୟାର୍‌ରେ ବସିବାକୁ କହିଲେ । ସ୍ୱାମୀଜୀ ଗୈରିକ-ବସନ-ପରିହିତ ଓ ତାଙ୍କ ଆକୃତି ଧୀର ସ୍ଥିର ଶାନ୍ତ ମହିମାବ୍ୟଞ୍ଜକ । ତାଙ୍କୁ ଦେଖି ବୋଧହେଲା, ଯେପରିକି ଯେକୌଣସି ପ୍ରଶ୍ନ କରାଯିବ, ତାହାର ହିଁ ଉତ୍ତର ଦାନ ପାଇଁ ସେ ପ୍ରସ୍ତୁତ । ଆମମାନଙ୍କ ପ୍ରତିନିଧି ସାଙ୍କେତିକ-ଲିପି (Short hand) ଦ୍ୱାରା ସ୍ୱାମୀଜୀଙ୍କ କଥାଗୁଡ଼ିକ ଲେଖି ନେଇଥିଲେ; ଆମେମାନେ ଏଠାରେ ତାହା ପ୍ରକାଶ କରୁଛୁ ।

ଆମମାନଙ୍କ ପ୍ରତିନିଧି ପ୍ରଶ୍ନ କଲେ : ସ୍ୱାମୀଜୀ, ଆପଣଙ୍କ ବାଲ୍ୟଜୀବନ ସମ୍ବନ୍ଧରେ କଅଣ ମୁଁ କିଛି ଜାଣିପାରିବି କି ?

ସ୍ୱାମୀଜୀ କହିଲେ (ତାଙ୍କ ଉଚ୍ଚାରଣରେ ଟିକିଏ ବଙ୍ଗାଳୀ ଛାଞ୍ଚ ମିଳେ) : କଲିକତାର ବିଦ୍ୟାଳୟରେ ଅଧ୍ୟୟନକାଳରୁ ହିଁ ମୋ ପ୍ରକୃତି ଧର୍ମପ୍ରବଣ ଥିଲା । ସେହି ସମୟରୁ ହିଁ ମୋର ସବୁ ଜିନିଷକୁ ପରୀକ୍ଷା କରିନେବା ସ୍ୱଭାବ ଥିଲା—କେବଳ କଥାରେ ମୋର ତୃପ୍ତି ହେଉ ନ ଥିଲା । ତାହାର କିଛିକାଳ ପରେ ରାମକୃଷ୍ଣ ପରମହଂସଙ୍କ ସହିତ ମୋର ସାକ୍ଷାତ୍ ହୋଇଥିଲା । ତାଙ୍କ ସହିତ ଦୀର୍ଘକାଳ ବାସ କରି ତାଙ୍କ ନିକଟରୁ ହିଁ ମୁଁ ଧର୍ମଶିକ୍ଷା କରିଥିଲି । ତାଙ୍କର ଦେହତ୍ୟାଗ ପରେ ମୁଁ ଭାରତରେ ଭ୍ରମଣ କରିବା ଆରମ୍ଭ କଲି ଏବଂ କଲିକତାରେ ଗୋଟିଏ କ୍ଷୁଦ୍ର ମଠ ସ୍ଥାପନ କଲି । ଭ୍ରମଣ କରୁ କରୁ ମୁଁ ମାନ୍ଦ୍ରାଜକୁ ଆସିଲି ଏବଂ ମହୀଶୂରର ସ୍ୱର୍ଗୀୟ ରାଜା ଓ ରାମନାଦର ରାଜାଙ୍କ ନିକଟରୁ ମୁଁ ସାହାଯ୍ୟ ଲାଭ କରିଥିଲି ।

ପ୍ରତିନିଧି : ଆପଣ ପାଶ୍ଚାତ୍ୟ ଦେଶରେ ହିନ୍ଦୁଧର୍ମ ପ୍ରଚାର କରିବା ପାଇଁ ଗଲେ କାହିଁକି ?

ସ୍ୱାମୀଜୀ : ମୋର ଅଭିଜ୍ଞତା-ସଞ୍ଚୟର ଇଚ୍ଛା ହୋଇଥିଲା । ମୋ ମତରେ ଆମମାନଙ୍କ ଜାତୀୟ ଅବନତିର ମୂଳ କାରଣ—ଅପରାପର ଜାତିଙ୍କ ସହିତ ନ ମିଶିବା । ତାହା ହିଁ ଅବନତିର ଏକମାତ୍ର କାରଣ । ପାଶ୍ଚାତ୍ୟ ସହିତ ଆମେମାନେ କେବେହେଲେ ପରସ୍ପରର ଭାବ ତୁଳନାତ୍ମକ ଭାବରେ ଆଲୋଚନା କରିବାର ସୁଯୋଗ ପାଇ ନାହୁଁ । ଆମେ-ମାନେ ଚିରକାଳ କୂପମଣ୍ଡୂକ ହୋଇ ରହିଛୁ ।

ପ୍ରତିନିଧି : ଆପଣ ପାଶ୍ଚାତ୍ୟ ଦେଶରେ ବୋଧହୁଏ ଅନେକ ସ୍ଥାନରେ ଭ୍ରମଣ କରିଛନ୍ତି ?

ସ୍ୱାମୀଜୀ : ମୁଁ ଇଉରୋପର ଅନେକ ସ୍ଥାନରେ ଭ୍ରମଣ କରିଛି—ଜର୍ମାନୀ ଓ ଫ୍ରାନ୍ସକୁ ମଧ୍ୟ ଯାଇଛି; ତେବେ ଇଂଲଣ୍ଡ ଓ ଆମେରିକା ହିଁ ମୋର ପ୍ରଧାନ କାର୍ଯ୍ୟକ୍ଷେତ୍ର ଥିଲା । ପ୍ରଥମେ ମୁଁ ଟିକିଏ ଅସୁବିଧାରେ ପଡ଼ିଯାଇଥିଲି । ତାହାର କାରଣ, ଭାରତବର୍ଷରୁ ଯେଉଁମାନେ ସେଠାକୁ ଯାଇଥିଲେ, ସେମାନେ ପ୍ରାୟ ସମସ୍ତେ ହିଁ ଭାରତୀୟମାନଙ୍କ ବିରୋଧରେ କହୁଥିଲେ । ମୋର କିନ୍ତୁ ଚିରକାଳ ଧାରଣା, ଭାରତବାସୀ ହିଁ ସମଗ୍ର ଜଗତ ମଧ୍ୟରେ ସର୍ବାପେକ୍ଷା ନୀତିପରାୟଣ ଓ ଧାର୍ମିକ ଜାତି । ସେଥିପାଇଁ ହିନ୍ଦୁ ସହିତ ଅନ୍ୟ କୌଣସି ଜାତିର ହିଁ ସେ ବିଷୟରେ ତୁଳନା କରିବାଟା ସମ୍ପୂର୍ଣ୍ଣ ଭୁଲ । ସାଧାରଣଙ୍କ ନିକଟରେ ହିନ୍ଦୁ

ଜାତିର ଶ୍ରେଷ୍ଠତ୍ୱ ପ୍ରଚାର ପାଇଁ ପ୍ରଥମେ ପ୍ରଥମେ ଅନେକେ ମୋର ପ୍ରବଳ ନିନ୍ଦାବାଦ ଆରମ୍ଭ କରିଥିଲେ ଏବଂ ମୋ ବିରୋଧରେ ନାନା ମିଥ୍ୟା ଅପବାଦ ମଧ୍ୟ ସୃଷ୍ଟି କରିଥିଲେ । ସେମାନେ କହିଲେ—ମୁଁ ଜଣେ ଜୁଆଚୋର; ମୋର ଗୋଟିଏ ଦୁଇଟି ନୁହେଁ, ଅନେକଗୁଡ଼ିଏ ସ୍ତ୍ରୀ ଓ ପିଲେ ପିଲା ଅଛନ୍ତି । କିନ୍ତୁ ସେସବୁ ଧର୍ମପ୍ରଚାରକଗଣଙ୍କ ସମ୍ବନ୍ଧରେ ମୁଁ ଯେତେ ଅଭିଜ୍ଞତା ଲାଭ କଲି, ସେତେ ସେମାନେ ଧର୍ମ ନାମରେ ଯେ କେତେଦୂର ଅଧର୍ମ କରିପାରନ୍ତି, ତଦ୍-ବିଷୟରେ ମୋର ଚକ୍ଷୁ ଫିଟିଗଲା । ଇଂଲଣ୍ଡରେ ଏହିପରି ମିଶନାରିଙ୍କ ଉତ୍ପାତ କିଛିମାତ୍ର ନ ଥିଲା । ସେମାନେ କେହି ମଧ୍ୟ ସେଠାରେ ମୋ ସହିତ ଲଢ଼େଇ କରିବାକୁ ଆସି ନାହାନ୍ତି । ଆମେରିକାରେ କେହି କେହି ମୋ ନାମରେ ଗୋପନରେ ନିନ୍ଦା କରିବାକୁ ଲାଗିଥିଲେ, କିନ୍ତୁ ଲୋକେ ତାଙ୍କ କଥା ଶୁଣିବାକୁ ଚାହିଁଲେ ନାହିଁ; କାରଣ, ମୁଁ ସେତେବେଳେ ଲୋକଙ୍କର ଅତି ପ୍ରିୟପାତ୍ର ହୋଇଉଠିଥିଲି । ମୁଁ ଯେତେବେଳେ ପୁନର୍ବାର ଇଂଲଣ୍ଡକୁ ଆସିଲି, ସେତେବେଳେ ଭାବିଥିଲି, ଏହି ମିଶନାରିମାନେ ସେଠାରେ ମୋ ବିରୋଧରେ ଲାଗିବେ; କିନ୍ତୁ 'ଟ୍ରୁଥ୍' ସମ୍ବାଦପତ୍ର ତାଙ୍କୁ ଚୁପ୍ କରାଇଦେଲା । ଇଂଲଣ୍ଡର ସାମାଜିକ-ବନ୍ଧନ ଭାରତର ଜାତି-ବିଭାଗଠାରୁ ମଧ୍ୟ କଠୋରତର । ଇଂଲିସ୍ ଚର୍ଚ୍ଚ ସଦସ୍ୟମାନଙ୍କ ମଧ୍ୟରୁ ସମସ୍ତେ ହିଁ ଭଦ୍ରବଂଶଜ—ମିଶନାରି-ମାନଙ୍କ ମଧ୍ୟରୁ ଅଧିକାଂଶ କିନ୍ତୁ ତାହା ନୁହନ୍ତି । ଚର୍ଚ୍ଚର ସଦସ୍ୟମାନେ ମୋ ପ୍ରତି ଯଥେଷ୍ଟ ସହାନୁଭୂତି ପ୍ରକାଶ କରିଥିଲେ । ମୋର ବୋଧହୁଏ ପ୍ରାୟ ତିରିଶ ଜଣ ଇଂଲିସ୍ ଚର୍ଚ୍ଚର ପ୍ରଚାରକ ଧର୍ମ ବିଷୟକ ନାନା ବିଷୟରେ ମୋ ସହିତ ସମ୍ପୂର୍ଣ୍ଣ ଏକମତ । କିନ୍ତୁ ମୁଁ ଦେଖିଛି, ଇଂଲଣ୍ଡର ପ୍ରଚାରକ ବା ପୁରୋହିତମାନଙ୍କର କେତେକ ବିଷୟରେ ମୋ ସହିତ ମତଭେଦ ହୋଇଥିଲେ ମଧ୍ୟ କେବେହେଲେ ସେମାନେ ଗୋପନରେ ମୋର ନିନ୍ଦାବାଦ କରି ନାହାନ୍ତି । ଏଥିରେ ମୋର ଆନନ୍ଦ ଓ ବିସ୍ମୟ ଉଭୟ ହୋଇଥିଲା । ତାହା ହିଁ ଜାତିବିଭାଗ ଓ ବଂଶପରମ୍ପରାଗତ ଶିକ୍ଷାର ଫଳ ।

ପ୍ରଶ୍ନକର୍ତ୍ତା : ଆପଣ ପାଶ୍ଚାତ୍ୟ ଦେଶରେ ଧର୍ମପ୍ରଚାର ବିଷୟରେ କେତେଦୂର କୃତକାର୍ଯ୍ୟ ହୋଇଥିଲେ ?

ସ୍ୱାମୀଜୀ : ଆମେରିକାର ଅନେକ ଲୋକ—ଇଂଲଣ୍ଡ ଅପେକ୍ଷା ଅନେକ ବେଶୀ ଲୋକ—ମୋ ସହିତ ସହାନୁଭୂତି ପ୍ରକାଶ କରିଥିଲେ । ନିମ୍ନଜାତୀୟ ମିଶନାରିମାନଙ୍କ ନିନ୍ଦା ସେଠାରେ ମୋ କାର୍ଯ୍ୟର ସହାୟତା ହିଁ କରିଥିଲା । ଆମେରିକାରେ ପହଞ୍ଚିବା ସମୟରେ ମୋ ନିକଟରେ ଟଙ୍କା ପଇସା ବିଶେଷ ନ ଥିଲା । ଭାରତର ଲୋକେ କେବଳ ମୋ ଯିବାର ଭଡ଼ାଟି ଦେଇଥିଲେ । ଅତି ଅଳ୍ପ ଦିନ ମଧ୍ୟରେ ତାହା ଖର୍ଚ୍ଚ ହୋଇଗଲା । ସେଥିପାଇଁ ସେଠାରେ ମଧ୍ୟ ଏହିପରି ସାଧାରଣଙ୍କ ଉପରେ ନିର୍ଭର କରି ମୋତେ ବାସ କରିବାକୁ ହୋଇଥିଲା । ମାର୍କିନମାନେ ଅତ୍ୟନ୍ତ ଅତିଥି-ପରାୟଣ । ଆମେରିକାର ଏକ-ତୃତୀୟାଂଶ ଲୋକ ଖ୍ରୀଷ୍ଟାନ୍ । ଅବଶିଷ୍ଟ ଲୋକଙ୍କର କୌଣସି ଧର୍ମ ନାହିଁ, ଅର୍ଥାତ୍ ସେମାନେ କୌଣସି ବିଶେଷ ସମ୍ପ୍ରଦାୟଭୁକ୍ତ ନୁହନ୍ତି; କିନ୍ତୁ ସେମାନଙ୍କ ମଧ୍ୟରେ ବିଶିଷ୍ଟ ଧାର୍ମିକ ଲୋକ ମିଳନ୍ତି । ତେବେ ବୋଧହୁଏ, ଇଂଲଣ୍ଡରେ ମୋର ଯେତେ ଟିକିଏ କାମ ହୋଇଛି, ତାହା ପକ୍କା ହୋଇଛି । ଯଦି ମୁଁ

କାଲି ମରିଯାଏ ଏବଂ କାର୍ଯ୍ୟ ଚଳାଇବା ପାଇଁ ସେଠାକୁ କୌଣସି ସନ୍ନ୍ୟାସୀ ପଠାଇ ନ ପାରେ, ତାହାହେଲେ ମଧ୍ୟ ଇଂଲଣ୍ଡରେ କାମ ଚାଲିବ । ଇଂରେଜମାନେ ଖୁବ୍ ଭଲ ଲୋକ । ଅତି ବାଲ୍ୟକାଳରୁ ହିଁ ତାଙ୍କୁ ସମୁଦାୟ ଭାବ ଚାପି ରଖିବା ପାଇଁ ଶିକ୍ଷା ଦିଆଯାଏ । ଇଂରେଜଙ୍କର ମସ୍ତିଷ୍କ ଟିକିଏ ମୋଟା, ଫରାସୀ ବା ମାର୍କିନ୍‌ଙ୍କ ପରି ସେମାନେ କୌଣସି ଜିନିଷ ଚଟ୍ କରି ଧରିପାରନ୍ତି ନାହିଁ । କିନ୍ତୁ ଇଂରେଜମାନେ ଭାରି ଦୃଢ଼କର୍ମୀ । ମାର୍କିନ ଜାତିର ଏବେ ମଧ୍ୟ ଏତେ ଅଧିକ ବୟସ ହୋଇ ନାହିଁ ଯେ, ସେମାନେ ତ୍ୟାଗର ମାହାତ୍ମ୍ୟ ବୁଝିବେ । ଇଂଲଣ୍ଡ ଶତ ଶତ ଯୁଗ ଧରି ବିଳାସିତା ଓ ଐଶ୍ୱର୍ଯ୍ୟ ଭୋଗ କରିଛି—ସେଥିପାଇଁ ସେଠାରେ ଅନେକେ ତ୍ୟାଗ ପାଇଁ ପ୍ରସ୍ତୁତ । ପ୍ରଥମ ଥର ଇଂଲଣ୍ଡକୁ ଯାଇ ଯେତେବେଳେ ମୁଁ ବକ୍ତୃତା ଆରମ୍ଭ କରିଥିଲି, ସେତେବେଳେ ମୋ କ୍ଲାସ୍‌କୁ ଆଦୌ କୋଡ଼ିଏ ତିରିଶ ଜଣ ମାତ୍ର ଆସୁଥିଲେ । ସେଠାରୁ ଆମେରିକା ଚାଲିଯିବା ପରେ ମଧ୍ୟ ସେହିପରି କ୍ଲାସ୍ ଚାଲିଲା । ପରେ ପୁନଶ୍ଚ ଯେତେବେଳେ ଆମେରିକାରୁ ଇଂଲଣ୍ଡକୁ ଫେରିଗଲି, ସେତେବେଳେ ମୁଁ ଯଦି ଚାହିଁଥାଆନ୍ତି, ଏକ ସହସ୍ର ଶ୍ରୋତା ପାଇଥାଆନ୍ତି । ଆମେରିକାରେ ତାହା ଅପେକ୍ଷା ମଧ୍ୟ ଅନେକ ଅଧିକ ଶ୍ରୋତା ପାଉଥିଲି; କାରଣ ମୁଁ ଆମେରିକାରେ ତିନି ବର୍ଷ ଓ ଇଂଲଣ୍ଡରେ ବର୍ଷେ କଟାଇଥିଲି । ମୁଁ ଇଂଲଣ୍ଡରେ ଜଣେ ଓ ଆମେରିକାରେ ଜଣେ ସନ୍ନ୍ୟାସୀଙ୍କୁ ରଖି ଆସିଛି । ସେହିପରି ଅନ୍ୟାନ୍ୟ ଦେଶକୁ ମଧ୍ୟ ପ୍ରଚାରକାର୍ଯ୍ୟ ପାଇଁ ସନ୍ନ୍ୟାସୀ ପଠାଇବା ଲାଗି ମୋର ଇଚ୍ଛା ଅଛି ।

ଇଂରେଜ ଜାତି ଅତ୍ୟନ୍ତ କଠୋର କର୍ମୀ । ସେମାନଙ୍କୁ ଯଦି ଗୋଟିଏ ଭାବ ଦିଆଯାଏ, ଅର୍ଥାତ୍ ସେହି ଭାବଟିକୁ ସେମାନେ ଯଦି ଯଥାର୍ଥ ଧରିନିଅନ୍ତି, ତେବେ ଜାଣିବେ, ତାହା କେବେ ହେଲେ ବୃଥା ହେବ ନାହିଁ । ଏଦେଶର ଲୋକେ ବର୍ତ୍ତମାନ ବେଦକୁ ଜଳାଞ୍ଜଳି ଦେଇଛନ୍ତି; ସମୁଦାୟ ଧର୍ମ ଓ ଦର୍ଶନ ବର୍ତ୍ତମାନ ଏ ଦେଶରେ ରନ୍ଧାଘରେ ପଶିଛି । 'ଛୁଆଁମାର୍ଗ' ହିଁ ଭାରତର ବର୍ତ୍ତମାନ ଧର୍ମ—ଏ ଧର୍ମକୁ ଇଂରେଜମାନେ କୌଣସି କାଳରେ ହିଁ ଗ୍ରହଣ କରିବେ ନାହିଁ । କିନ୍ତୁ ଆମର ପୂର୍ବପୁରୁଷମାନଙ୍କର ଚିନ୍ତାସମୂହ ଏବଂ ସେମାନେ ଦାର୍ଶନିକ ଓ ଆଧ୍ୟାତ୍ମିକ ଜଗତରେ ଯେଉଁ ଅପୂର୍ବ ତତ୍ତ୍ୱସମୂହ ଆବିଷ୍କାର କରିଥିଲେ, ତାହାକୁ ପ୍ରତ୍ୟେକ ଜାତି ହିଁ ଗ୍ରହଣ କରିବ । ଇଂଲିସ୍ ଚର୍ଚ୍ଚର ପ୍ରଧାନ ପ୍ରଧାନ ଜ୍ଞାନୀ ବ୍ୟକ୍ତିମାନେ କହନ୍ତି, ମୋ ଚେଷ୍ଟାରେ ବାଇବେଲ ଭିତରେ ବେଦାନ୍ତର ଭାବ ପ୍ରବିଷ୍ଟ ହୋଇଯାଇଛି । ଆଧୁନିକ ହିନ୍ଦୁଧର୍ମ ଆମମାନଙ୍କ ପ୍ରାଚୀନ ଧର୍ମର ଅବନତ ଭାବ ମାତ୍ର । ପାଶ୍ଚାତ୍ୟ ଦେଶରେ ଆଜିକାଲି ଯେଉଁସବୁ ଦାର୍ଶନିକ ଗ୍ରନ୍ଥ ପ୍ରଣୀତ ହୋଇଛି, ସେସବୁ ଭିତରେ ଏପରି ଖଣ୍ଡିଏ ମଧ୍ୟ ଗ୍ରନ୍ଥ ନାହିଁ, ଯେଉଁଥିରେ ଆମର ବୈଦାନ୍ତିକ ଧର୍ମର କିଛି-ନା-କିଛି ପ୍ରସଙ୍ଗ ନାହିଁ । ହାର୍ବର୍ଟ ସ୍ପେନ୍‌ସର୍‌ଙ୍କ ଗ୍ରନ୍ଥରେ ମଧ୍ୟ ସେହିପରି ଅଛି । ବର୍ତ୍ତମାନ ଦର୍ଶନରାଜ୍ୟରେ ଅଦ୍ୱୈତବାଦର କାଳ ଆସିଛି । ସମସ୍ତେ ହିଁ ବର୍ତ୍ତମାନ ତାହାରି କଥା କହୁଛନ୍ତି । ତେବେ ଇଉରୋପରେ ସେମାନେ ସେଥିରେ ନିଜର ମୌଳିକତ୍ୱ ଦେଖାଇବାକୁ ଚାହାଁନ୍ତି । ଏଆଡ଼େ ହିନ୍ଦୁମାନଙ୍କ ପ୍ରତି ସେମାନେ ଅତିଶୟ ଘୃଣା ପ୍ରକାଶ କରିଥାନ୍ତି; କିନ୍ତୁ ପୁଣି ହିନ୍ଦୁମାନଙ୍କ ପ୍ରଚାରିତ ସତ୍ୟସବୁକୁ

ନେବା ପାଇଁ ମଧ୍ୟ ପ୍ରସ୍ତୁତ ନାହିଁ । ଅଧ୍ୟାପକ ମ୍ୟାକ୍ସମୁଲର ଜଣେ ପୂରା ବୈଦାନ୍ତିକ । ସେ ବେଦାନ୍ତ ପାଇଁ ଯଥେଷ୍ଟ କାର୍ଯ୍ୟ କରିଛନ୍ତି । ସେ ପୂର୍ବଜନ୍ମବାଦରେ ବିଶ୍ୱାସ କରନ୍ତି ।

ପ୍ରତିନିଧି : ଆପଣ ଭାରତର ପୁନରୁଦ୍ଧାର ପାଇଁ କ'ଣ କରିବାକୁ ଇଚ୍ଛା କରନ୍ତି ?

ସ୍ୱାମୀଜୀ : ମୋର ମନେହୁଏ, ଦେଶର ଜନସାଧାରଣଙ୍କୁ ଅବହେଳା କରିବା ହିଁ ଆମମାନଙ୍କର ପ୍ରବଳ ଜାତୀୟ ପାପ ଏବଂ ତାହା ହିଁ ଆମମାନଙ୍କ ଅବନତିର ଅନ୍ୟତମ କାରଣ । ଯେତେଦିନ ଭାରତର ସର୍ବସାଧାରଣ ଉତ୍ତମରୂପେ ଶିକ୍ଷିତ ହୋଇ ନାହାନ୍ତି, ଉତ୍ତମରୂପେ ଖାଇବାକୁ ପାଇ ନାହାନ୍ତି, ଅଭିଜାତ ବ୍ୟକ୍ତିମାନେ ଯେତେଦିନ ସେମାନଙ୍କର ଉତ୍ତମରୂପେ ଯତ୍ନ ନ ନେଇଛନ୍ତି, ସେତେଦିନ ଯାଏ ଯେତେ ରାଜନୈତିକ ଆନ୍ଦୋଳନ କରାଯାଉ ନା କାହିଁକି, କାହିଁରେ କିଛି ଫଳ ହେବ ନାହିଁ । ସେସବୁ ଜାତି ଆମମାନଙ୍କ ଶିକ୍ଷା ପାଇଁ (ରାଜକର-ରୂପରେ) ପଇସା ଦେଇଛନ୍ତି । ଆମମାନଙ୍କର ଧର୍ମଲାଭ ପାଇଁ ସେମାନଙ୍କର ଶାରୀରିକ ପରିଶ୍ରମରେ ବଡ଼ ବଡ଼ ମନ୍ଦିର ନିର୍ମାଣ କରିଦେଇଛନ୍ତି । କିନ୍ତୁ ଏସବୁ ବିନିମୟରେ ସେମାନେ ଚିରକାଳ ଗୋଇଠାମାଡ଼ ଖାଇ ଆସିଛନ୍ତି । ସେମାନେ ପ୍ରକୃତ ପକ୍ଷରେ ଆମମାନଙ୍କର କ୍ରୀତଦାସସ୍ୱରୂପ ହୋଇ ରହିଛନ୍ତି । ଭାରତର ପୁନରୁଦ୍ଧାର ପାଇଁ ଆମମାନଙ୍କୁ ସେମାନଙ୍କ ପାଇଁ ଅବଶ୍ୟ କାର୍ଯ୍ୟ କରିବାକୁ ହେବ । ମୁଁ ଯୁବକମାନଙ୍କୁ ଧର୍ମପ୍ରଚାରକରୂପେ ଶିକ୍ଷା ଦେବା ପାଇଁ ପ୍ରଥମେ ଦୁଇଟି କେନ୍ଦ୍ରୀୟ ଅନୁଷ୍ଠାନ ବା ମଠ ସ୍ଥାପନ କରିବାକୁ ଚାହେଁ—ଗୋଟିଏ ମାନ୍ଦ୍ରାଜରେ ଓ ଅପରଟି କଲିକତାରେ । କଲିକତାରେ ମଠ ସ୍ଥାପନ କରିବା ପାଇଁ ଟଙ୍କାର ଯୋଗାଡ଼ କରିଛି । ମୋର ଉଦ୍ଦେଶ୍ୟସିଦ୍ଧି ପାଇଁ ଇଂରେଜମାନେ (ବିଦେଶୀମାନେ) ଟଙ୍କା ଦେବେ ।

ଉଦୀୟମାନ ଯୁବକ-ସମ୍ପ୍ରଦାୟ ଉପରେ ମୋର ବିଶ୍ୱାସ । ସେମାନଙ୍କ ଭିତରୁ ମୁଁ କର୍ମୀ ପାଇବି । ସେମାନେ ହିଁ ସିଂହ-ବିକ୍ରମରେ ଦେଶର ଯଥାର୍ଥ ଉନ୍ନତି କରିଲେ ସମସ୍ତ ସମସ୍ୟା ପୂରଣ କରିବେ । ବର୍ତ୍ତମାନ ଅନୁଷ୍ଠେୟ ଆଦର୍ଶକୁ ମୁଁ ଗୋଟିଏ ସୁନିର୍ଦ୍ଦିଷ୍ଟ ଆକାରରେ ବ୍ୟକ୍ତ କରିଛି ଏବଂ ତାହାକୁ କାର୍ଯ୍ୟରେ ସଫଳ କରିବା ପାଇଁ ମୋ ଜୀବନ ସମର୍ପଣ କରିଛି । ମୁଁ ଯଦି ସେବିଷୟରେ ସିଦ୍ଧି ଲାଭ ନ କରେ, ତାହାହେଲେ ମୋ ପରେ ମୋ ଅପେକ୍ଷା କେହି ଶ୍ରେଷ୍ଠ ବ୍ୟକ୍ତି ଭବିଷ୍ୟତରେ ଜନ୍ମ ଗ୍ରହଣ କରି ତାହାକୁ କାର୍ଯ୍ୟରେ ପରିଣତ କରିବେ । ମୁଁ ଏଥିପାଇଁ ପ୍ରାଣପଣେ ଚେଷ୍ଟା କରିବାରେ ସନ୍ତୁଷ୍ଟ ହେବି । ମୋ ମତରେ ବର୍ତ୍ତମାନ ଦେଶର ସର୍ବସାଧାରଣଙ୍କୁ କେବଳ ସେମାନଙ୍କର ଅଧିକାର-ପ୍ରଦାନ କରିବା ଦ୍ୱାରା ହିଁ ବର୍ତ୍ତମାନର ଭାରତର ସମସ୍ୟାଗୁଡ଼ିକର ଅଚିରେ ସମାଧାନ ହୋଇପାରିବ । ଜଗତ ମଧ୍ୟରେ ଭାରତର ଧର୍ମ ସର୍ବଶ୍ରେଷ୍ଠ, ଅଥଚ ଦେଶର ସର୍ବସାଧାରଣଙ୍କୁ କେବଳ କେତେଗୁଡ଼ିଏ ନକଲି ଜିନିଷ ଦେଇ ଆମେମାନେ ଚିରକାଳ ଭୁଲାଇ ଆସିଛୁ । ସମ୍ମୁଖରେ ଅଫୁରନ୍ତ ଉତ୍ସ ପ୍ରବାହିତ ଥିଲେ ମଧ୍ୟ, ଆମେମାନେ ସେମାନଙ୍କୁ କେବଳ ପୟଃପ୍ରଣାଳୀର ଜଳ ପାନ କରିବାକୁ ଦେଉଛୁ । ଦେଖନ୍ତୁ ନା, ମାନ୍ଦ୍ରାଜର ଗ୍ରାଜୁଏଟଗଣ ଜଣେ ନିମ୍ନଜାତୀୟ ଲୋକଙ୍କୁ ସ୍ପର୍ଶ ମଧ୍ୟ କରିବେ ନାହିଁ, କିନ୍ତୁ ନିଜ ଶିକ୍ଷାର ସହାୟତାକଲେ ସେମାନଙ୍କ ନିକଟରୁ (ରାଜକର ବା

ଅନ୍ୟ କୌଣସି ଉପାୟରେ) ଟଙ୍କା ନେବା ପାଇଁ ପ୍ରସ୍ତୁତ । ମୁଁ ପ୍ରଥମେ ଧର୍ମପ୍ରଚାରକମାନଙ୍କର ଶିକ୍ଷା ପାଇଁ ପୂର୍ବୋକ୍ତ ଦୁଇଟି ଶିକ୍ଷାଳୟ ସ୍ଥାପନ କରିବାକୁ ଇଚ୍ଛା କରେ—ସେମାନେ ସର୍ବସାଧାରଣଙ୍କୁ ଧର୍ମ ଓ ଲୌକିକ ବିଦ୍ୟା ଉଭୟ ଶିଖାଇବେ । ଶିକ୍ଷାପ୍ରାପ୍ତ ପ୍ରଚାରକଗଣ ଗୋଟିଏ କେନ୍ଦ୍ରରୁ ଅନ୍ୟ କେନ୍ଦ୍ର ବିସ୍ତାର କରିବେ—ଏ ପ୍ରକାରେ ଆମେମାନେ ସମଗ୍ର ଭାରତରେ ପ୍ରସାରଲାଭ କରିବୁ । ଆମମାନଙ୍କର ସର୍ବାପେକ୍ଷା ଗୁରୁତର ପ୍ରୟୋଜନ—ନିଜ ଉପରେ ବିଶ୍ୱାସ-ସମ୍ପନ୍ନ ହେବା; ଏପରିକି ଭଗବାନଙ୍କୁ ବିଶ୍ୱାସ କରିବା ପୂର୍ବରୁ ମଧ୍ୟ ସମସ୍ତଙ୍କୁ ଆତ୍ମବିଶ୍ୱାସସମ୍ପନ୍ନ ହେବାକୁ ହେବ । ଦୁଃଖର ବିଷୟ, ଆମର ଭାରତବାସୀ ଦିନକୁ ଦିନ ଏହି ଆତ୍ମବିଶ୍ୱାସ ହରାଉଛନ୍ତି । ସଂସ୍କାରକମାନଙ୍କ ବିରୋଧରେ ମୋର ସେଥିପାଇଁ ଏତେ ଆପତ୍ତି । ରକ୍ଷଣଶୀଳମାନଙ୍କ ଭାବ ଅପରିପକ୍ୱ ହେଲେ ମଧ୍ୟ ସେମାନଙ୍କର ନିଜ ଉପରେ ଅଧିକ ବିଶ୍ୱାସ ଅଛି । ସେଥିପାଇଁ ସେମାନଙ୍କର ମନର ତେଜ ମଧ୍ୟ ବେଶୀ । କିନ୍ତୁ ଏଠାରେ ସଂସ୍କାରକମାନେ ଇଉରୋପୀୟମାନଙ୍କ ହାତର ପିତୁଳା ପରି ହୋଇ କେବଳ ସେମାନଙ୍କ ଅହମିକାର ପୋଷକତା କରୁଛନ୍ତି । ଅନ୍ୟାନ୍ୟ ଦେଶ ସହିତ ତୁଳନା କଲେ ଆମ ଦେଶର ଜନସାଧାରଣ ଦେବତାସ୍ୱରୂପ । ଭାରତ ହିଁ କେବଳ ଗୋଟାଏ ଦେଶ ଯେଉଁଠାରେ ଦାରିଦ୍ର୍ୟ ପାପ ବୋଲି ଗଣ୍ୟ ନୁହେଁ । ନୀଚ ବର୍ଣ୍ଣର ଭାରତବାସୀମାନଙ୍କର ମଧ୍ୟ ଶରୀର ଦେଖିବାକୁ ସୁନ୍ଦର—ସେମାନଙ୍କର ମନର କମନୀୟତା ମଧ୍ୟ ଅଧିକ । କିନ୍ତୁ ଆମେ ଅଭିଜାତମାନେ ସେମାନଙ୍କୁ କ୍ରମାଗତ ଘୃଣା କରି ଆସିବା ଯୋଗୁଁ ସେମାନେ ଆତ୍ମବିଶ୍ୱାସ ହରାଇଛନ୍ତି । ସେମାନେ ମନେକରନ୍ତି, ସେମାନେ ଦାସ ହୋଇ ଜନ୍ମିଛନ୍ତି । ସେମାନଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କଲେ ସେମାନେ ନିଜ ଉପରେ ନିର୍ଭର କରି ଉଠି ଛିଡ଼ା ହେବେ । ଜନସାଧାରଣଙ୍କୁ ଏ ପ୍ରକାର ଅଧିକାର ପ୍ରଦାନ କରିବା ମାର୍କିନ୍ ସଭ୍ୟତାର ମହତ୍ତ୍ୱ । ଭଙ୍ଗା-ଆଣ୍ଠୁ, ଅର୍ଦ୍ଧାଶନକ୍ଳିଷ୍ଟ, ହାତରେ ଖଣ୍ଡେ ସାନ ବାଡ଼ି ଓ ପୁଟୁଳିଟିଏ ଲୁଗାପଟା ଧରି ସେମାନେ ଏବେ ମାତ୍ର ଜାହାଜରୁ ଆମେରିକାରେ ଓହ୍ଲାଉଛନ୍ତି, ଏତାଦୃଶାକାର ଜଣେ ଆଇରିସ୍‌ମ୍ୟାନ୍ ସହିତ କେତେ ମାସ ଆମେରିକାରେ ବାସ କରିବା ପରେ ତାଙ୍କ ଅବସ୍ଥା ଓ ଆକାର ତୁଳନା କରନ୍ତୁ । ଦେଖିବେ, ତାଙ୍କର ସେତେବେଳେ ସେହି ସଭୟ ଭାବ ଚାଲିଯାଇଛି—ସେ ଦର୍ପଣରେ ଘୂରି ବୁଲୁଛନ୍ତି । କାରଣ, ସେ ଏପରି ଦେଶରୁ ଆସିଥିଲେ, ଯେଉଁଠାରେ ସେ ନିଜକୁ ଦାସ ବୋଲି ଜାଣୁଥିଲେ; ବର୍ତ୍ତମାନ ଏପରି ସ୍ଥାନକୁ ଆସିଛନ୍ତି, ଯେଉଁଠାରେ ସମସ୍ତେ ପରସ୍ପରର ଭାଇ ଭାଇ ଓ ସମାନାଧିକାରପ୍ରାପ୍ତ ।

ବିଶ୍ୱାସ କରିବାକୁ ହେବ ଯେ, ଆତ୍ମା ଅବିନାଶୀ, ଅନନ୍ତ ଓ ସର୍ବଶକ୍ତିମାନ୍ । ମୋର ବିଶ୍ୱାସ, ଗୁରୁଙ୍କର ସାକ୍ଷାତ୍ ସଂସ୍ପର୍ଶରେ ଆସି ଗୁରୁଗୃହବାସ ଦ୍ୱାରା ପ୍ରକୃତ ଶିକ୍ଷା ହୋଇଥାଏ । ଗୁରୁଙ୍କ ସହିତ ସାକ୍ଷାତ୍ ସଂସ୍ପର୍ଶରେ ନ ଆସିଲେ କୌଣସି ପ୍ରକାର ଶିକ୍ଷା ହୋଇପାରିବ ନାହିଁ ! ବର୍ତ୍ତମାନ ବିଶ୍ୱବିଦ୍ୟାଳୟଗୁଡ଼ିକର କଥା ଧରନ୍ତୁ । ପଚାଶ ବର୍ଷ ହେଲା ସେଗୁଡ଼ିକର ପ୍ରତିଷ୍ଠା ହୋଇଛି; କିନ୍ତୁ ଫଳ କଅଣ ହୋଇଛି ? ସେଗୁଡ଼ିକ ଜଣେ ମଧ୍ୟ ମୌଳିକଭାବାପନ୍ନ ବ୍ୟକ୍ତି ଗଠନ କରିପାରି ନାହାନ୍ତି । ସେମାନେ କେବଳ ମାତ୍ର ପରୀକ୍ଷାକେନ୍ଦ୍ରରୂପରେ ଦଣ୍ଡାୟମାନ

ହୋଇଛନ୍ତି । ସାଧାରଣଙ୍କ କଲ୍ୟାଣ ପାଇଁ ଆତ୍ମତ୍ୟାଗ-ଭାବ ଆମମାନଙ୍କ ଭିତରେ ଏବେ ମଧ୍ୟ କିଛି ମାତ୍ର ବିକାଶପ୍ରାପ୍ତ ହୋଇ ନାହିଁ ।

ପ୍ରତିନିଧି : ମିସେସ୍ ବେଶାନ୍ତ ଓ ଥିଓସଫି ସମ୍ବନ୍ଧରେ ଆପଣଙ୍କର କଅଣ ମତ ?

ସ୍ୱାମୀଜୀ : ମିସେସ୍ ବେଶାନ୍ତ ଜଣେ ଅତି ଭଦ୍ର ସ୍ତ୍ରୀ-ଲୋକ । ମୁଁ ତାଙ୍କର ଲଣ୍ଡନ ଲଜ୍‌କୁ* ବକ୍ତୃତା ଦେବା ପାଇଁ ନିମନ୍ତ୍ରିତ ହୋଇଥିଲି । ମୁଁ ପ୍ରତ୍ୟକ୍ଷଭାବରେ ତାଙ୍କ ବିଷୟରେ କିଛି ଜାଣେ ନାହିଁ । ତେବେ ଆମ ଧର୍ମ ସମ୍ବନ୍ଧରେ ତାଙ୍କର ଜ୍ଞାନ ଅତି ଅଳ୍ପ । ସେ କେବଳ ଏଆଡ଼୍ ସେଆଡ଼୍ ଟିକିଏ ଅଧେ ଭାବ ସଂଗ୍ରହ କରିଛନ୍ତି । ସମ୍ପୂର୍ଣ୍ଣ ଭାବରେ ହିନ୍ଦୁଧର୍ମ ବିଷୟରେ ଆଲୋଚନା କରିବା ପାଇଁ ତାଙ୍କର ସମୟ ହୋଇ ନାହିଁ । ତଥାପି ସେ ଯେ ଜଣେ ପରମ ଅକପଟ ମହିଳା, ଏହା ତାଙ୍କର ପରମ ଶତ୍ରୁ ମଧ୍ୟ ସ୍ୱୀକାର କରିବ । ଇଂଲଣ୍ଡରେ ସେ ସର୍ବଶ୍ରେଷ୍ଠ ବକ୍ତା ବୋଲି ପରିଗଣିତ ହୋଇଥାଆନ୍ତି । ସେ ଜଣେ 'ସନ୍ନ୍ୟାସିନୀ' । କିନ୍ତୁ ମୁଁ 'ମହାତ୍ମା', 'କୁଥୁମି' ପ୍ରଭୃତିରେ ବିଶ୍ୱାସୀ ନୁହେଁ । ସେ ଥିଓସଫିକାଲ୍ ସୋସାଇଟିର ସଂସ୍ରବ ଛାଡ଼ିଦିଅନ୍ତୁ ଏବଂ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ ଯାହା ସତ୍ୟ ମନେକରନ୍ତି, ତାହା ପ୍ରଚାର କରନ୍ତୁ ।

ସମାଜ-ସଂସ୍କାର ସମ୍ବନ୍ଧରେ କଥା ପକାଇବାରୁ ସ୍ୱାମୀଜୀ ବିଧବା-ବିବାହ ସମ୍ବନ୍ଧରେ ନିଜର ମତ ଏପରି ଭାବରେ ପ୍ରକାଶ କଲେ : ମୁଁ ଏପର୍ଯ୍ୟନ୍ତ ଏପରି କୌଣସି ଜାତି ଦେଖି ନାହିଁ, ଯାହାର ଉନ୍ନତି ବା ଶୁଭାଶୁଭ ତାହାର ବିଧବାମାନଙ୍କର ପତିଙ୍କର ସଂଖ୍ୟା ଉପରେ ନିର୍ଭର କରେ ।

କେତେଜଣ ବ୍ୟକ୍ତି ସ୍ୱାମୀଜୀଙ୍କ ସହିତ ସାକ୍ଷାତ୍କାର ଲାଭ ପାଇଁ ତଳ ମହଲାରେ ଅପେକ୍ଷା କରିଥିବାର ଆମମାନଙ୍କ ପ୍ରତିନିଧି ଜାଣିଥିଲେ । ସୁତରାଂ ସେ ଯେ ସଂବାଦପତ୍ର ତରଫରୁ ଏ ପ୍ରକାର ଉତ୍ପୀଡ଼ନ ସହ୍ୟ କରିବା ପାଇଁ ଅନୁଗ୍ରହପୂର୍ବକ ସମ୍ମତ ହୋଇଥିଲେ, ସେଥିପାଇଁ ତାଙ୍କୁ ଧନ୍ୟବାଦ ପ୍ରଦାନ କରି ଆମମାନଙ୍କ ପ୍ରତିନିଧି ଏଥର ବିଦାୟ ଗ୍ରହଣ କଲେ ।

## ଜାତୀୟ ଭିତ୍ତିରେ ହିନ୍ଦୁଧର୍ମର ପୁନର୍ବୋଧନ

'ପ୍ରବୁଦ୍ଧ ଭାରତ', ସେପ୍ଟେମ୍ବର ୧୮୯୮

ସମ୍ପ୍ରତି 'ପ୍ରବୁଦ୍ଧ ଭାରତ'ର ଜନୈକ ପ୍ରତିନିଧି କେତେଗୁଡ଼ିଏ ବିଷୟରେ ସ୍ୱାମୀ ବିବେକାନନ୍ଦଙ୍କ ମତାମତ ଜାଣିବା ପାଇଁ ତାଙ୍କ ସହିତ ସାକ୍ଷାତ୍ କରିଥିଲେ । 'ପ୍ରବୁଦ୍ଧ ଭାରତ'ର ପ୍ରତିନିଧି ସେହି ଆଚାର୍ଯ୍ୟଶ୍ରେଷ୍ଠଙ୍କୁ ପଚାରିଲେ : ସ୍ୱାମୀଜୀ, ଆପଣଙ୍କ ମତରେ ଆପଣଙ୍କ ଧର୍ମପ୍ରଚାରର ବିଶେଷତ୍ୱ କଅଣ ?

* Lodge—ବକ୍ତୃତାଗୃହ

ପ୍ରଶ୍ନ ଶୁଣିବା ମାତ୍ରେ ସ୍ୱାମୀଜୀ ଉତ୍ତର ଦେଲେ : ପରବ୍ୟୂହଭେଦ (aggression); ଅବଶ୍ୟ ଏ ଶବ୍ଦ କେବଳ ଆଧ୍ୟାତ୍ମିକ ଅର୍ଥରେ ହିଁ ବ୍ୟବହାର କରୁଛୁ । ଅନ୍ୟାନ୍ୟ ସମାଜ ଓ ସମ୍ପ୍ରଦାୟ ଭାରତରେ କେବଳ ପ୍ରଚାର କରିଛନ୍ତି, କିନ୍ତୁ ବୁଦ୍ଧଙ୍କ ପରେ ପ୍ରଥମେ ଆମେମାନେ ହିଁ ଭାରତର ସୀମା ଲଙ୍ଘନ କରୁଛୁ ଏବଂ ସମଗ୍ର ଜଗତରେ ଧର୍ମପ୍ରଚାରର ତରଙ୍ଗ ପ୍ରବାହିତ କରିବା ପାଇଁ ଚେଷ୍ଟା କରୁଛୁ ।

ପ୍ର. ଭା. ପ୍ର : ଭାରତରେ ଆପଣଙ୍କ ଧର୍ମାନ୍ଦୋଳନ କେଉଁ ଉଦ୍ଦେଶ୍ୟ ସାଧନ କରିବ ବୋଲି ଆପଣ ମନେକରନ୍ତି ?

ସ୍ୱାମୀଜୀ : ହିନ୍ଦୁଧର୍ମର ସାଧାରଣ ଭିତ୍ତି ଆବିଷ୍କାର କରିବା ଓ ଜାତୀୟ ଚେତନାକୁ ଜାଗ୍ରତ କରିଦେବା । ବର୍ତ୍ତମାନ କାଳରେ ହିନ୍ଦୁ କହିଲେ ଭାରତର ତିନୋଟି ସମ୍ପ୍ରଦାୟକୁ ବୁଝାଏ । ପ୍ରଥମ—ରକ୍ଷଣଶୀଳ ବା ଗତାନୁଗତିକ ସମ୍ପ୍ରଦାୟ; ଦ୍ୱିତୀୟ—ମୁସଲମାନ ଅମଳର ସଂସ୍କାରକ ସମ୍ପ୍ରଦାୟସମୂହ; ଏବଂ ତୃତୀୟ—ବର୍ତ୍ତମାନକାଳର ସଂସ୍କାରକ ସମ୍ପ୍ରଦାୟସମୂହ । ଆଜିକାଲି ଦେଖୁଛୁ, ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସବୁ ହିନ୍ଦୁ କେବଳ ଗୋଟିଏ ବିଷୟରେ ଏକମତ—ଗୋମାଂସ ଭୋଜନରେ ସବୁ ହିନ୍ଦୁଙ୍କର ହିଁ ଆପତ୍ତି ।

ପ୍ର. ଭା. ପ୍ର. : ବେଦବିଶ୍ୱାସ ବିଷୟରେ କଅଣ ସମସ୍ତେ ଏକମତ ନୁହନ୍ତି ?

ସ୍ୱାମୀଜୀ : ଆଦୌ ନୁହେଁ । ଠିକ୍ ଏହିଟିକୁ ଆମେମାନେ ପୁଣି ଜଗାଇବାକୁ ଚାହୁଁ । ଭାରତ ଏବେ ମଧ୍ୟ ବୁଦ୍ଧଙ୍କ ଭାବ ଆତ୍ମସାତ୍ କରିପାରି ନାହିଁ । ବୁଦ୍ଧଙ୍କ ବାଣୀ ଶୁଣି ପ୍ରାଚୀନ ଭାରତ ମନ୍ତ୍ରମୁଗ୍ଧବତ୍ ହୋଇଛି, ନବବଳରେ ସଞ୍ଜୀବିତ ହୋଇ ନାହିଁ ।

ପ୍ର. ଭା. ପ୍ର. : ବର୍ତ୍ତମାନ କାଳରେ ଭାରତରେ ବୌଦ୍ଧଧର୍ମର ପ୍ରଭାବ ଆପଣ କେଉଁ ବିଷୟରେ ପ୍ରତିଭାତ ବୋଲି ଦେଖୁଛନ୍ତି ?

ସ୍ୱାମୀଜୀ : ବୌଦ୍ଧଧର୍ମର ପ୍ରଭାବ ତ ସ୍ପଷ୍ଟ ଜାଜ୍ୱଲ୍ୟମାନ ଦେଖାଯାଏ । ଆପଣ ଦେଖିବେ—ଭାରତ କେବେ କିଛି ପାଇ ହରାଏ ନାହିଁ; କେବଳ ତାହାକୁ ଆୟତ୍ତ କରିବା ପାଇଁ, ନିଜର ଅଙ୍ଗୀଭୂତ କରିନେବା ପାଇଁ ତାହାର ସମୟର ପ୍ରୟୋଜନ ହୁଏ । ବୁଦ୍ଧ ଯଜ୍ଞରେ ପ୍ରାଣୀବଧ-ମୂଳରେ କୁଠାରାଘାତ କଲେ, ଭାରତ ସେହି ଭାବ ଆଉ ଫିଙ୍ଗିଦେଇପାରି ନାହିଁ । ବୁଦ୍ଧ କହିଲେ, 'ଗୋ ବଧ କର ନାହିଁ'—ବର୍ତ୍ତମାନ ଦେଖନ୍ତୁ, ଗୋ-ବଧ ଆମମାନଙ୍କ ପକ୍ଷରେ ନିଷିଦ୍ଧ ସଂସ୍କାରରେ ପରିଣତ ହୋଇଛି ।

ପ୍ର. ଭା. ପ୍ର. : ସ୍ୱାମୀଜୀ, ଆପଣ ପୂର୍ବେ ଯେଉଁ ତିନି ସମ୍ପ୍ରଦାୟର ନାମ ଉଲ୍ଲେଖ କଲେ ତନ୍ମଧ୍ୟରେ ଆପଣ ନିଜକୁ କେଉଁ ସମ୍ପ୍ରଦାୟଭୁକ୍ତ ବୋଲି ମନେକରୁଛନ୍ତି ?

ସ୍ୱାମୀଜୀ : ମୁଁ ସବୁ ସମ୍ପ୍ରଦାୟର । ଆମେମାନେ ହେଲୁ ସନାତନ ହିନ୍ଦୁ ।

ଏହି କଥା କହି ସେ ସହସା ପ୍ରବଳ ଆବେଗର ସହିତ ଓ ଗମ୍ଭୀର ଭାବରେ କହିଲେ—କିନ୍ତୁ 'ଛୁଆଁ-ଅଛୁଆଁ ଭେଦ' ସହିତ ଆମମାନଙ୍କର କିଛିମାତ୍ର ସମ୍ପର୍କ ନାହିଁ । ତାହା ହିନ୍ଦୁଧର୍ମ ନୁହେଁ, ତାହା ଆମମାନଙ୍କର କୌଣସି ଶାସ୍ତ୍ରରେ ନାହିଁ । ତାହା ପ୍ରାଚୀନ ଆଚାର ଦ୍ୱାରା ଅନୁମୋଦିତ ଗୋଟିଏ କୁସଂସ୍କାର—ଆଉ ଚିରକାଳ ତାହା ଜାତୀୟ ଅଭ୍ୟୁଦୟରେ

ପ୍ରତିବନ୍ଧକ ସୃଷ୍ଟି କରୁଛ ।

ପ୍ର. ଭା. ପ୍ର. : ତାହା ହେଲେ ଆପଣ ବୁଝାନ୍ତି ପ୍ରକୃତ 'ଜାତୀୟ ଅଭ୍ୟୁଦୟ' ?

ସ୍ୱାମୀଜୀ : ନିଶ୍ଚିତ । ଭାରତ କାହିଁକି ସମଗ୍ର ଆର୍ଯ୍ୟଜାତିର ପଶ୍ଚାତ୍ଦେଶରେ ପଡ଼ିଥିବ ? ତାହିଁର କଅଣ କୌଣସି ଯୁକ୍ତି ଆପଣ ନିର୍ଦ୍ଦେଶ କରିପାରନ୍ତି ? ଭାରତ କଅଣ ବୁଦ୍ଧିବୃତ୍ତିହୀନ ? କଳାକୌଶଳହୀନ ? ତାହାର ଶିଳ୍ପ, ତାହାର ଗଣିତ, ତାହାର ଦର୍ଶନ ଆଡ଼କୁ ଦୃଷ୍ଟି ଦେଲେ ଆପଣ କଅଣ ତାକୁ କୌଣସି ବିଷୟରେ ହୀନ କହିପାରିବେ । କେବଳ ପ୍ରୟୋଜନ ଏତିକି ଯେ, ତାକୁ ମୋହନିଦ୍ରାରୁ ଶତ ଶତ ଶତାବ୍ଦୀ ବ୍ୟାପୀ ଦୀର୍ଘ ନିଦ୍ରାରୁ ଜଗାଇବାକୁ ହେବ ଏବଂ ଜଗତର ସମଗ୍ର ଜାତି ମଧ୍ୟରେ ତାହାକୁ ଉଚିତ ସ୍ଥାନ ଗ୍ରହଣ କରିବାକୁ ହେବ ।

ପ୍ର. ଭା. ପ୍ର. : କିନ୍ତୁ ଭାରତ ଚିରଦିନ ଗଭୀର ଅନ୍ତର୍ଦୃଷ୍ଟିସମ୍ପନ୍ନ । ତାହାକୁ କାର୍ଯ୍ୟ-କୁଶଳ କରାଇବା ପାଇଁ ଚେଷ୍ଟା କରିବାକୁ ଗଲେ ତାହା ନିଜର ଏକମାତ୍ର ସମ୍ବଳ—ଧର୍ମ-ରୂପକ ପରମ ଧନକୁ ହରାଇପାରେ, ଆପଣଙ୍କର ଏହି ପ୍ରକାର ଆଶଙ୍କା ହୁଏ ନାହିଁ କି ?

ସ୍ୱାମୀଜୀ : ଆଦୌ ନୁହେଁ । ଅତୀତ ଇତିହାସରୁ ଦେଖାଯାଏ ଯେ, ଏତେଦିନ ଧରି ଭାରତରେ ଆଧ୍ୟାତ୍ମିକ ବା ଅନ୍ତର୍ଜୀବନ ଏବଂ ପାଶ୍ଚାତ୍ୟଦେଶରେ ବାହ୍ୟଜୀବନ ବା କର୍ମ-କୁଶଳତା ବିକାଶପ୍ରାପ୍ତ ହୋଇଆସିଛି । ଏପର୍ଯ୍ୟନ୍ତ ଉଭୟେ ବିପରୀତ ପଥରେ ଉନ୍ନତି ଆଡ଼କୁ ଅଗ୍ରସର ହେଉଥିଲେ; ବର୍ତ୍ତମାନ ଉଭୟଙ୍କର ସମ୍ମେଳନ-କାଳ ଉପସ୍ଥିତ ହୋଇଛି । ରାମକୃଷ୍ଣ ପରମହଂସ ଗଭୀର-ଅନ୍ତର୍ଦୃଷ୍ଟିପରାୟଣ ଥିଲେ, କିନ୍ତୁ ବହିର୍ଜଗତରେ ମଧ୍ୟ ତାଙ୍କ ପରି କର୍ମତତ୍ପରତା ଆଉ କ'ଣ କାହାର ଅଛି ? ଏହା ହିଁ ରହସ୍ୟ । ଜୀବନ ସମୁଦ୍ର ପରି ଗଭୀର ହେବ ସତ, ପୁଣି ଆକାଶ ପରି ପ୍ରଶସ୍ତ ହେବା ମଧ୍ୟ ଦରକାର ।

ସ୍ୱାମୀଜୀ କହିବାକୁ ଲାଗିଲେ : ଆଶ୍ଚର୍ଯ୍ୟର ବିଷୟ, ଅନେକ ସମୟରେ ଦେଖାଯାଏ, ବାହାରର ପାରିପାର୍ଶ୍ୱିକ ଅବସ୍ଥାଗୁଡ଼ିକ ସଙ୍କୀର୍ଣ୍ଣତାର ପରିପୋଷକ ଓ ଉନ୍ନତିର ପ୍ରତିକୂଳ ହେଲେ ମଧ୍ୟ ଆଧ୍ୟାତ୍ମିକ ଜୀବନ ଅତି ଗଭୀର ଭାବରେ ବିକାଶପ୍ରାପ୍ତ ହୋଇଛି । କିନ୍ତୁ ଏହି ଦୁଇ ବିପରୀତ ଭାବର ପରସ୍ପର ଏକତ୍ରାବସ୍ଥାନ କେବଳ ଆକସ୍ମିକ ମାତ୍ର, ଅପରିହାର୍ଯ୍ୟ ନୁହେଁ । ଆଉ ଯଦି ଆମେମାନେ ଭାରତରେ ସେବିଷୟର ପ୍ରତିକାର କରିପାରୁ, ତେବେ ସମଗ୍ର ଜଗତ୍ ମଧ୍ୟ ଠିକ୍ ବାଟରେ ଚାଲିବ । କାରଣ, ମୂଳତଃ ଆମେମାନେ ସମସ୍ତେ କଅଣ ଏକ ନୋହୁଁ ?

ପ୍ର. ଭା. ପ୍ର. : ସ୍ୱାମୀଜୀ, ଆପଣଙ୍କର ଶେଷ ମନ୍ତବ୍ୟଗୁଡ଼ିକ ଶୁଣି ମନରେ ଆଉ ଗୋଟିଏ ପ୍ରଶ୍ନ ଉଦିତ ହେଉଛି । ଏହି ପୁନରୁଜ୍ଜୀବିତ ହିନ୍ଦୁଧର୍ମରେ ଶ୍ରୀରାମକୃଷ୍ଣଙ୍କ ସ୍ଥାନ କେଉଁଠି ?

ସ୍ୱାମୀଜୀ : ଏ ବିଷୟରେ ମୀମାଂସାର ଭାର ମୋର ନୁହେଁ । ମୁଁ କେବେହେଲେ କୌଣସି ବ୍ୟକ୍ତିବିଶେଷଙ୍କୁ ପ୍ରଚାର କରି ନାହିଁ । ମୋର ନିଜ ଜୀବନ ଏ ମହାତ୍ମାଙ୍କ ପ୍ରତି ଅଗାଧ ଶ୍ରଦ୍ଧାଭକ୍ତିବଶରେ ପରିଚାଳିତ, କିନ୍ତୁ ଅନ୍ୟ ଲୋକେ ମୋର ଏ ଭାବ କେତେଦୂର

ଗ୍ରହଣ କରିବେ, ତାହା ସେମାନେ ନିଜେ ସ୍ଥିର କରିବେ । ଯେତେ ବଡ଼ ହେଉ, କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଜୀବନଧାରା ଦେଇ ଜଗତରେ ଚିରକାଳ ଐଶୀଶକ୍ତିସ୍ରୋତ ପ୍ରବାହିତ ହୁଏ ନାହିଁ । ପ୍ରତ୍ୟେକ ଯୁଗକୁ ନୂତନ କରି ପୁଣି ସେହି ଶକ୍ତି ଲାଭ କରିବାକୁ ହେବ । କାରଣ, ଆମେ ସମସ୍ତେ କଅଣ ବ୍ରହ୍ମସ୍ୱରୂପ ନୋହୁଁ ?

ପ୍ର. ଭ୍ର. ପ୍ର : ଧନ୍ୟବାଦ ! ମୋର ଆପଣଙ୍କୁ ଆଉ ଗୋଟିଏ ମାତ୍ର ପ୍ରଶ୍ନ ପଚାରିବାର ଅଛି । ଆପଣ ଆପଣଙ୍କ ନିଜ ଜାତି ପକ୍ଷରେ ଆପଣଙ୍କ ପ୍ରଚାରକାର୍ଯ୍ୟର ଉଦ୍ଦେଶ୍ୟ ଓ ସାର୍ଥକତା ବର୍ଣ୍ଣନା କରିଛନ୍ତି । ଏହି ଭାବରେ ତାହାର କାର୍ଯ୍ୟପ୍ରଣାଳୀ ସମ୍ବନ୍ଧରେ ବର୍ତ୍ତମାନ ବର୍ଣ୍ଣନା କରିବେ କି ?

ସ୍ୱାମୀଜୀ : ଆମମାନଙ୍କ କାର୍ଯ୍ୟପ୍ରଣାଳୀ ଅତି ସହଜରେ ହିଁ ବର୍ଣ୍ଣିତ ହୋଇପାରିବ । ସେ ପ୍ରଣାଳୀ ଆଉ କିଛି ନୁହେଁ, କେବଳ ଜାତୀୟ ଜୀବନାଦର୍ଶକୁ ପୁନରାୟ ସ୍ଥାପନ କରିବା । ବୁଦ୍ଧ ତ୍ୟାଗ ପ୍ରଚାର କଲେ, ଭାରତ ଶୁଣିଲା, କିନ୍ତୁ ଛଅ ଶତାବ୍ଦୀ ଯାଇଛି କି ନାହିଁ, ସେ ତାହାର ସର୍ବୋଚ୍ଚ ଗୌରବଶିଖରରେ ଆରୋହଣ କଲା । ଏହା ହିଁ ରହସ୍ୟ । ତ୍ୟାଗ ଓ ସେବା ହିଁ ଭାରତର ଜାତୀୟ ଆଦର୍ଶ—ସେହି ଦୁଇଟି ବିଷୟରେ ତାହାକୁ ଉନ୍ନତ କରନ୍ତୁ; ତାହାହେଲେ ଅବଶିଷ୍ଟ ଯାହା କିଛି ତାହା ନିଜେ ନିଜେ ଉନ୍ନତ ହେବ । ଏଦେଶରେ ଧର୍ମର ପତାକା ଯେତେ ଉଚ୍ଚ କରାଯାଉ, ତାହା କାହିଁରେ ପର୍ଯ୍ୟାପ୍ତ ହେବ ନାହିଁ । କେବଳ ଏହାର ଉପରେ ହିଁ ଭାରତର ଉଦ୍ଧାର ନିର୍ଭର କରୁଛି ।

## ଭାରତୀୟ ନାରୀ—ସେମାନଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍

'ପ୍ରବୁଦ୍ଧ ଭାରତ', ଡିସେମ୍ବର ୧୮୯୮

ଭାରତୀୟ ରମଣୀମାନଙ୍କର ଅବସ୍ଥା ଓ ଅଧିକାର ଏବଂ ସେମାନଙ୍କର ଭବିଷ୍ୟତ୍ ସମ୍ବନ୍ଧରେ ସ୍ୱାମୀ ବିବେକାନନ୍ଦଙ୍କ ମତାମତ ଜାଣିବା ପାଇଁ ହିମାଳୟର ଗୋଟିଏ ସୁନ୍ଦର ଉପତ୍ୟକାରେ ତାଙ୍କ ସହିତ ସାକ୍ଷାତ୍ କଲି । ମୁଁ ଯେତେବେଳେ ସ୍ୱାମୀଜୀଙ୍କ ନିକଟରେ ମୋର ଆଗମନର ଉଦ୍ଦେଶ୍ୟ ବିବୃତ କଲି, ସେତେବେଳେ ସେ କହିଲେ—'ଚାଲ, ଟିକିଏ ବୁଲି ଆସିବା ।' ସଙ୍ଗେ ସଙ୍ଗେ ଆମେମାନେ ବୁଲି ବାହାରିଲୁ ।

କିଛି ସମୟ ପରେ ସ୍ୱାମୀଜୀ ମୌନ ଭଙ୍ଗ କରି କହିଲେ : ନାରୀ ସମ୍ବନ୍ଧରେ ଆର୍ଯ୍ୟ ଓ ସେମିଟିକମାନଙ୍କ ଆଦର୍ଶ ଚିରଦିନ ହିଁ ସମ୍ପୂର୍ଣ୍ଣ ବିପରୀତ : ସେମାଇଟ୍‌ମାନଙ୍କ ମଧ୍ୟରେ ସ୍ତ୍ରୀ-ଲୋକମାନଙ୍କର ଉପସ୍ଥିତି ଉପାସନାର ଘୋର ବିଘ୍ନସ୍ୱରୂପ ବୋଲି ବିବେଚିତ । ସେମାନଙ୍କ ମତରେ ସ୍ତ୍ରୀ-ଲୋକଙ୍କର କୌଣସି ପ୍ରକାର ଧର୍ମ-କର୍ମରେ ଅଧିକାର ନାହିଁ, ଏପରିକି ଆହାର ପାଇଁ ପକ୍ଷୀ ମାରିବା ମଧ୍ୟ ସେମାନଙ୍କ ପକ୍ଷରେ ନିଷିଦ୍ଧ । କିନ୍ତୁ ଆର୍ଯ୍ୟମାନଙ୍କ ମତରେ ସହଧର୍ମିଣୀ ବ୍ୟତୀତ ପୁରୁଷ କୌଣସି ଧର୍ମକାର୍ଯ୍ୟ କରିପାରିବ ନାହିଁ ।

ମୁଁ ଏପ୍ରକାର ଅପ୍ରତ୍ୟାଶିତ ଓ ସ୍ପଷ୍ଟ କଥାରେ ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିଲି : କିନ୍ତୁ ସ୍ୱାମୀଜୀ, ହିନ୍ଦୁଧର୍ମ କଅଣ ଆର୍ଯ୍ୟଧର୍ମର ଅଙ୍ଗବିଶେଷ ନୁହେଁ ?

ସ୍ୱାମୀଜୀ ଧୀରେ ଧୀରେ କହିଲେ : ଆଧୁନିକ ହିନ୍ଦୁଧର୍ମ ପୌରାଣିକ ଭାବବହୁଳ, ଅର୍ଥାତ୍ ତାହାର ଉତ୍ପତ୍ତିକାଳ ବୌଦ୍ଧଧର୍ମର ପରବର୍ତ୍ତୀ । ଦୟାନନ୍ଦ ସରସ୍ୱତୀ ଦେଖାଇ ଦେଇଥିଲେ ଯେ : ଗାର୍ହସ୍ପତ୍ୟ ଅଗ୍ନିରେ ଆହୁତିଦାନରୂପକ ବୈଦିକ କ୍ରିୟାର ଅନୁଷ୍ଠାନ ଯେଉଁ ସହଧର୍ମିଣୀ ବ୍ୟତୀତ ହୋଇପାରେ ନାହିଁ, ତାହାର ପୁଣି ଶାଳଗ୍ରାମଶିଳା ଅଥବା ଗୃହଦେବତାଙ୍କୁ ସ୍ପର୍ଶ କରିବାର ଅଧିକାର ନାହିଁ—ଏହାର କାରଣ ଏହି ଯେ, ସେସବୁ ପୂଜା ପରବର୍ତ୍ତୀ ପୌରାଣିକ ସମୟରୁ ପ୍ରଚଳିତ ହୋଇଛି ।

ମୁଁ : ତାହି ହେଲେ ଆମମାନଙ୍କ ମଧ୍ୟରେ ନରନାରୀଙ୍କ ଭିତରେ ଯେଉଁ ଅଧିକାର-ବୈଷମ୍ୟ ଦେଖାଯାଏ, ତାହା ଆପଣ ସମ୍ପୂର୍ଣ୍ଣରୂପରେ ବୌଦ୍ଧଧର୍ମର ପ୍ରଭାବସମ୍ଭୂତ ବୋଲି ମନେକରନ୍ତି ?

ସ୍ୱାମୀଜୀ : ଯଦି କେଉଁଠାରେ ବାସ୍ତବିକ୍ ଅଧିକାର-ବୈଷମ୍ୟ ଥାଏ, ସେହି କ୍ଷେତ୍ରରେ ମୁଁ ତାହା ହିଁ ମନେକରେ । ପାଶ୍ଚାତ୍ୟ ସମାଲୋଚନାର ଆକସ୍ମିକ ସ୍ରୋତରେ ଏବଂ ତୁଳନାରେ ପାଶ୍ଚାତ୍ୟ ନାରୀମାନଙ୍କର ଅବସ୍ଥା-ବୈଷମ୍ୟ ଦେଖି ଆମେ ଯେପରି ଆମ ଦେଶର ନାରୀମାନଙ୍କର ହୀନ ଦଶା କଥା ଅତି ସହଜରେ ମାନି ନ ନେଉ । ବହୁ ଶତାବ୍ଦୀର ବହୁ ଘଟଣା-ବିପର୍ଯ୍ୟୟ ଦ୍ୱାରା ନାରୀମାନଙ୍କୁ ଟିକିଏ ଅନ୍ତଃପୁରରେ ରକ୍ଷା କରିବା ପାଇଁ ଆମେମାନେ ବାଧ୍ୟ ହୋଇଛୁ । ଏହି ସତ୍ୟ ପ୍ରତି ଲକ୍ଷ୍ୟ ରଖି ଆମମାନଙ୍କର ସାମାଜିକ ରୀତିନୀତି ପରୀକ୍ଷା କରିବାକୁ ହେବ, ସ୍ତ୍ରୀଜାତିର ହୀନ ଅବସ୍ଥାକୁ ଭିତ୍ତି କରି ନୁହେଁ ।

ମୁଁ : ତାହାହେଲେ ସ୍ୱାମୀଜୀ, ଆମ ସମାଜର ନାରୀମାନଙ୍କର ବର୍ତ୍ତମାନ ଅବସ୍ଥାରେ ଆପଣ କଅଣ ସନ୍ତୁଷ୍ଟ ?

ସ୍ୱାମୀଜୀ : ନା, କଦାପି ନୁହେଁ । କିନ୍ତୁ ନାରୀମାନଙ୍କ ସମ୍ବନ୍ଧରେ ହସ୍ତକ୍ଷେପ କରିବାର ଅଧିକାର ଆମମାନଙ୍କ ପକ୍ଷରେ କେବଳ ସେମାନଙ୍କୁ ଶିକ୍ଷା ଦେବା ପର୍ଯ୍ୟନ୍ତ; ନାରୀମାନଙ୍କୁ ଏପରି ଯୋଗ୍ୟତା ଅର୍ଜନ କରାଇବାକୁ ହେବ, ଯେଉଁଥିରେ ସେମାନେ ସେମାନଙ୍କର ସମସ୍ୟାକୁ ନିଜ ଭାବରେ ମୀମାଂସା କରିନେଇପାରିବେ । ସେମାନଙ୍କ ତରଫରୁ ଅନ୍ୟ କେହି ଏ କାର୍ଯ୍ୟ କରିପାରିବେ ନାହିଁ, କରିବା ପାଇଁ ଚେଷ୍ଟା କରିବା ମଧ୍ୟ ଉଚିତ ନୁହେଁ । ଆଉ ଜଗତର ଅନ୍ୟାନ୍ୟ ସ୍ଥାନର ନାରୀମାନଙ୍କ ପରି ଆମମାନଙ୍କର ନାରୀମାନେ ମଧ୍ୟ ଏହି ଯୋଗ୍ୟତା ଲାଭ କରିବାକୁ ସମର୍ଥ ।

ମୁଁ : ଆପଣ ନାରୀଜାତିର ଅଧିକାର-ବୈଷମ୍ୟର କାରଣ ଦର୍ଶାଇ ବୌଦ୍ଧଧର୍ମ ଉପରେ ଦୋଷାରୋପ କରୁଛନ୍ତି । କିନ୍ତୁ ବୌଦ୍ଧଧର୍ମ କିପରି ନାରୀଜାତିର ଅବନତିର କାରଣ ହେଲା ?

ସ୍ୱାମୀଜୀ : ସେହି କାରଣର ଉତ୍ପତ୍ତି ବୌଦ୍ଧଧର୍ମର ଅବନତି ସମୟରେ ଘଟିଥିଲା । ପ୍ରତ୍ୟେକ ଆନ୍ଦୋଳନରେ କୌଣସି ଅସାଧାରଣ ବିଶେଷତ୍ୱ ଥାଏ ବୋଲି ତାହାର ଜୟ ଓ

ଅଭ୍ୟୁଦୟ ହୋଇଥାଏ; କିନ୍ତୁ ପୁଣି ତାହାର ଅବନତି ସମୟରେ, ଯାହାକୁ ଧରି ତାହାର ଗୌରବ, ତାହା ହିଁ ତାହାର ଦୁର୍ବଳତାର ପ୍ରଧାନ ଉପାଦାନ ହୁଏ । ନରଶ୍ରେଷ୍ଠ ଭଗବାନ ବୁଦ୍ଧଙ୍କର ସମ୍ପ୍ରଦାୟଗଠନ ଓ ପରିଚାଳନା-ଶକ୍ତି ଅଦ୍ଭୁତ ଥିଲା, ଆଉ ସେହି ଶକ୍ତିରେ ସେ ଜଗତକୁ ଜୟ କରିଥିଲେ । କିନ୍ତୁ ତାଙ୍କର ଧର୍ମ କେବଳ ସନ୍ନ୍ୟାସୀ-ସମ୍ପ୍ରଦାୟର ଉପଯୋଗୀ ଧର୍ମ । ସେଥିରୁ ଏହି ଅଶୁଭ ଫଳ ହେଲା ଯେ, ସନ୍ନ୍ୟାସୀର ଭେକ ପର୍ଯ୍ୟନ୍ତ ସମ୍ମାନିତ ହେବାକୁ ଲାଗିଲା । ପୁଣି ସେ ହିଁ ସର୍ବପ୍ରଥମେ ମଠ-ପ୍ରଥା ଅର୍ଥାତ୍ ଗୋଟିଏ ଧର୍ମସଂଘରେ ବାସ କରିବାର ପ୍ରଥା ପ୍ରବର୍ତ୍ତିତ କଲେ । ଏଥିପାଇଁ ତାଙ୍କୁ ବାଧ୍ୟ ହୋଇ ନାରୀଜାତିକୁ ପୁରୁଷାପେକ୍ଷା ନିମ୍ନାଧିକାର ଦେବାକୁ ହେଲା, କାରଣ ବଡ଼ ବଡ଼ ମଠାଧ୍ୟକ୍ଷାମାନେ ମଧ୍ୟ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ମଠାଧ୍ୟକ୍ଷଙ୍କ ଅନୁମତି ବ୍ୟତୀତ କୌଣସି ଗୁରୁତର ବିଷୟରେ ହସ୍ତକ୍ଷେପ କରିପାରୁ ନ ଥିଲେ । ଏଥିରେ ଉଦ୍ଦିଷ୍ଟ ଆଶୁ ଫଳଲାଭ, ଅର୍ଥାତ୍ ତାଙ୍କ ଧର୍ମସଂଘ ମଧ୍ୟରେ ସୁଶୃଙ୍ଖଳା ସ୍ଥାପିତ ହୋଇଥିଲା, ଏହା ଆପଣ ବୁଝିପାରୁଛନ୍ତି । କେବଳ ସୁଦୂର ଭବିଷ୍ୟତରେ ଏହାର ଯେଉଁ ଫଳ ହୋଇଥିଲା, ସେଥିପାଇଁ ହିଁ ଅନୁଶୋଚନା କରିବାକୁ ହୁଏ ।

ମୁଁ : କିନ୍ତୁ ବେଦରେ ତ ସନ୍ନ୍ୟାସର ବିଧି ଅଛି ?

ସ୍ୱାମୀଜୀ : ଅବଶ୍ୟ ଅଛି, କିନ୍ତୁ ସେହି ସମୟରେ ସେହି ବିଷୟରେ ନରନାରୀ ମଧ୍ୟରେ କୌଣସି ପ୍ରଭେଦ କରାଯାଉ ନ ଥିଲା । ଯାଜ୍ଞବଲ୍କ୍ୟଙ୍କୁ ଜନକ ରାଜାଙ୍କ ସଭାରେ କିପରି ପ୍ରଶ୍ନ କରାଯାଇଥିଲା, ତାହା ଆପଣଙ୍କର ସ୍ମରଣ ଅଛି ତ ?* ତାଙ୍କର ପ୍ରଧାନ ପ୍ରଶ୍ନକର୍ତ୍ତ୍ରୀ ଥିଲେ ବାକ୍‌ପଟୁ କୁମାରୀ ବାଚକ୍ନବୀ । ସେକାଳରେ ଏପରି ମହିଳାମାନଙ୍କୁ 'ବ୍ରହ୍ମବାଦିନୀ' କୁହାଯାଉଥିଲା । ସେ କହିଥିଲେ 'ମୋର ଏହି ପ୍ରଶ୍ନଦ୍ୱୟ ଦକ୍ଷ ଧାନୁଷ୍କଙ୍କର ହସ୍ତସ୍ଥିତ ଦୁଇଟି ଶାଣିତ ଶରପରି'; ଏ ସ୍ଥଳରେ ତାଙ୍କର ନାରୀତ୍ୱ ସମ୍ବନ୍ଧରେ କୌଣସି ପ୍ରକାର ପ୍ରସଙ୍ଗ ମଧ୍ୟ ଉଠାଯାଇ ନ ଥିଲା । ଆମମାନଙ୍କର ପ୍ରାଚୀନ ଅରଣ୍ୟ-ଶିକ୍ଷାକେନ୍ଦ୍ରମାନଙ୍କରେ ବାଳକବାଳିକାଙ୍କର ଯେଉଁ ସମାନାଧିକାର ଥିଲା, ତଦପେକ୍ଷା ଅଧିକତର ସାମ୍ୟଭାବ ଅଉ କଅଣ ହୋଇପାରେ ? ଆମର ସଂସ୍କୃତ ନାଟକଗୁଡ଼ିକ ପଢ଼ନ୍ତୁ—ଶକୁନ୍ତଳା ଉପାଖ୍ୟାନ ପଢ଼ନ୍ତୁ, ତା'ପରେ ଦେଖନ୍ତୁ —ଟେନିସନ୍‌ଙ୍କ 'ପ୍ରିନ୍‌ସେସ୍'ଙ୍କଠାରୁ ଆଉ ଆମମାନଙ୍କର ନୂଆ କିଛି ଶିଖିବାର ଅଛି କି ନାହିଁ ।

ମୁଁ : ସ୍ୱାମୀଜୀ, ଆପଣ ଅଦ୍ଭୁତ ଭାବରେ ଆମ ଅତୀତର ମହିମା-ଗୌରବ ଆମମାନଙ୍କ ସମକ୍ଷରେ ପ୍ରକାଶ କରିପାରନ୍ତି !

ସ୍ୱାମୀଜୀ ଶାନ୍ତ ଭାବରେ କହିଲେ : ହଁ, ତାହାର କାରଣ ସମ୍ଭବତଃ ମୁଁ ଜଗତର ଦୁଇଟାଯାକ ଦିଗ ଦେଖିଛି । ଆଉ ମୁଁ ଜାଣେ, ଯେଉଁ ଜାତି ସୀତା-ଚରିତ୍ର ପ୍ରସବ କରିଛି— ସେହି ଚରିତ୍ର କାଳ୍ପନିକ ହେଲେ ମଧ୍ୟ, ସ୍ୱୀକାର କରିବାକୁ ହେବ ଯେ, ନାରୀ ଜାତି ଉପରେ ସେହି ଜାତିର ଯେପରି ଶ୍ରଦ୍ଧା, ଜଗତରେ ତାହାର ତୁଳନା ନାହିଁ । ପାଶ୍ଚାତ୍ୟ ମହିଳା-

* ବୃହଦାରଣ୍ୟକ ଉପନିଷଦ୍, ୩।୮

ମାନଙ୍କ ପାଇଁ ଆଇନରେ ଯେଉଁସବୁ ବଜ୍ରବନ୍ଧନ ରହିଛି, ଆମ ଦେଶର ଲୋକମାନେ ତ ସେସବୁ ଆଦୌ ଜାଣନ୍ତି ନାହିଁ । ଆମମାନଙ୍କର ନିଶ୍ଚୟ ଅନେକ ଦୋଷ ଅଛି, ଆମମାନଙ୍କ ସମାଜରେ ବହୁ ଅନ୍ୟାୟ ଅଛି, କିନ୍ତୁ ଏସବୁ ସେମାନଙ୍କର ମଧ୍ୟ ଅଛି । ଆମେମାନେ କେବେହେଲେ ଭୁଲିଯିବା ଉଚିତ ନୁହେଁ ଯେ, ସମଗ୍ର ଜଗତରେ ପ୍ରେମ, କୋମଳତା ଓ ସାଧୁତାକୁ ବାହାର କାର୍ଯ୍ୟରେ ବ୍ୟକ୍ତ କରିବା ପାଇଁ ଗୋଟିଏ ସାଧାରଣ ଚେଷ୍ଟା ଚାଲିଛି, ଏବଂ ବିଭିନ୍ନ ଜାତୀୟ ପ୍ରଥାଗୁଡ଼ିକ ଦ୍ୱାରା ଯେତେଦୂର ସମ୍ଭବ ସେସବୁ ଭାବ ପ୍ରକାଶ କରାହୋଇଥାଏ । ଗାର୍ହସ୍ଥ୍ୟ ଧର୍ମ ସମ୍ବନ୍ଧରେ ମୁଁ ଏକଥା ନିଃସଙ୍କୋଚରେ କହିପାରେ ଯେ, ଅନ୍ୟାନ୍ୟ ଦେଶର ପ୍ରଥାସମୂହଠାରୁ ଭାରତୀୟ ପ୍ରଥାସମୂହର ନାନା ଭାବରେ ଅଧିକ ଉପଯୋଗିତା ଅଛି ।

ମୁଁ : ତେବେ ସ୍ୱାମୀଜି, ଆମର ନାରୀମାନଙ୍କର ମୀମାଂସୋପଯୋଗୀ କୌଣସି ପ୍ରକାର ସମସ୍ୟା କିଛି ଅଛି କି ?

ସ୍ୱାମୀଜି : ଅବଶ୍ୟ ଅଛି—ଅନେକ ସମସ୍ୟା ଅଛି—ସମସ୍ୟାଗୁଡ଼ିକ ମଧ୍ୟ ଅତ୍ୟନ୍ତ ଗୁରୁତର । କିନ୍ତୁ ଏପରି ଗୋଟିଏ ମଧ୍ୟ ସମସ୍ୟା ନାହିଁ, 'ଶିକ୍ଷା'—ଏହି ମନ୍ତ୍ରବଳରେ ଯାହାର ସମାଧାନ ନ ହୋଇପାରେ । ପ୍ରକୃତ ଶିକ୍ଷାର ଧାରଣା କିନ୍ତୁ ଏବେ ମଧ୍ୟ ଆମମାନଙ୍କ ମଧ୍ୟରେ ଉଦିତ ହୋଇ ନାହିଁ ।

ମୁଁ : ତାହାହେଲେ ଆପଣ ପ୍ରକୃତ ଶିକ୍ଷାର କି ସଂଜ୍ଞା ଦେବେ ?

ସ୍ୱାମୀଜି ଈଷତ୍ ହାସ୍ୟ ସହକାରେ କହିଲେ : ମୁଁ କେବେ କୌଣସି ବିଷୟର ସଂଜ୍ଞା ନିର୍ଦ୍ଦେଶ କରେ ନାହିଁ । ତଥାପି ଏହି ଭାବରେ ବର୍ଣ୍ଣନା କରାଯାଇପାରେ ଯେ, ଶିକ୍ଷା କହିଲେ କେତେଗୁଡ଼ିଏ ଶବ୍ଦ ଶିଖିବା ନୁହେଁ; ଆମର ବୃତ୍ତିଗୁଡ଼ିକର ଶକ୍ତିସମୂହର ବିକାଶକୁ ହିଁ ଶିକ୍ଷା କୁହାଯାଇପାରେ; ଅଥବା କୁହାଯାଇପାରେ—ଶିକ୍ଷା କହିଲେ ବ୍ୟକ୍ତିକୁ ଏପରି ଭାବରେ ଗଠିତ କରିବା, ଯେଉଁଥିରେ କି ତାହାର ଇଚ୍ଛା ସଦ୍‌ବିଷୟ ପ୍ରତି ଧାବିତ ଓ ସିଦ୍ଧ ହୋଇଥାଏ । ଏପରି ଭାବରେ ଶିକ୍ଷିତା ହେଲେ ଭାରତର କଲ୍ୟାଣ-ସାଧନରେ ସମର୍ଥା ନିର୍ଭୀକ-ହୃଦୟା ମହୀୟସୀ ନାରୀମାନଙ୍କର ଅଭ୍ୟୁଦୟ ହେବ । ସେମାନେ ସଂଘମିତ୍ରା, ଲୀଳା, ଅହଲ୍ୟାବାଈ ଓ ମୀରାବାଈ ପ୍ରଭୃତିଙ୍କର ପଦାଙ୍କାନୁସରଣରେ ସମର୍ଥ ହେବେ । ସେମାନେ ପବିତ୍ର ସ୍ୱାର୍ଥଗନ୍ଧ-ଶୂନ୍ୟା ବୀରରମଣୀ ହେବେ । ଭଗବାନଙ୍କ ପାଦପଦ୍ମସ୍ପର୍ଶରେ ଯେଉଁ ବୀର୍ଯ୍ୟ ଲାଭ ହୁଏ, ସେମାନେ ସେହି ବୀର୍ଯ୍ୟଶାଳିନୀ ହେବେ; ସୁତରାଂ ସେମାନେ ବୀରପ୍ରସବିନୀ ହେବା ପାଇଁ ଯୋଗ୍ୟା ହେବେ ।

ମୁଁ : ତାହାହେଲେ ସ୍ୱାମୀଜି, ଆପଣଙ୍କ ଶିକ୍ଷା ଭିତରେ ଧର୍ମଶିକ୍ଷା ମଧ୍ୟ କିଛି ରହିବା ଉଚିତ ବୋଲି ଆପଣ ମନେକରନ୍ତି ?

ସ୍ୱାମୀଜି ଗମ୍ଭୀର ଭାବରେ କହିଲେ :—ମୁଁ ଧର୍ମକୁ ଶିକ୍ଷା ଭିତରର ସାର ଜିନିଷ ବୋଲି ମନେକରେ । ଏହା କିନ୍ତୁ ମନେରଖିବେ ଯେ, ମୁଁ ମୋ ନିଜର ବା ଅନ୍ୟ କାହାର ଧର୍ମ ସମ୍ବନ୍ଧରେ ମତାମତକୁ 'ଧର୍ମ' ବୋଲି କହୁ ନାହିଁ । ମୋ ବିବେଚନାରେ ଅନ୍ୟାନ୍ୟ ବିଷୟରେ ଯେପରି, ଏ ବିଷୟରେ ମଧ୍ୟ ତଦ୍ରୂପ ଶିକ୍ଷୟିତ୍ରୀ ଛାତ୍ରୀର ଭାବ ଓ ଧାରଣାନୁଯାୟୀ

ଶିକ୍ଷା ଦେବାକୁ ଆରମ୍ଭ କରିବେ ଏବଂ ତାକୁ ଉନ୍ନତ କରିବାର ଏପରି ସହଜ ପଥ ଦେଖାଇ ଦେବେ, ଯେଉଁଥିରେ ତାକୁ ଖୁବ୍ କମ୍ ବାଧା ପାଇବାକୁ ହେବ ।

ମୁଁ : କିନ୍ତୁ ଧର୍ମ-ଦୃଷ୍ଟିରେ, ଯେଉଁମାନେ ବ୍ରହ୍ମଚର୍ଯ୍ୟକୁ ବଡ଼ କରି ଜନନୀ ଓ ସହ-ଧର୍ମିଣୀର ସମ୍ବନ୍ଧ ତ୍ୟାଗ କରି ବ୍ରହ୍ମଗୃହିଣୀ ହୋଇଛନ୍ତି, ସେମାନଙ୍କୁ ଉତ୍ସାହନ ଦେବା ନିଶ୍ଚୟ ନାରୀମାନଙ୍କ ଉନ୍ନତିରେ ସ୍ପଷ୍ଟ ଭାବରେ ଆଘାତ କରିବ—ନୁହେଁ କି ?

ସ୍ୱାମୀଜୀ : ଅପଣଙ୍କର ମନେରଖିବା କର୍ତ୍ତବ୍ୟ ଯେ, ଧର୍ମ ଯଦି ନାରୀମାନଙ୍କ ପକ୍ଷରେ ବ୍ରହ୍ମଚର୍ଯ୍ୟକୁ ଉତ୍ସାହନ ଦେଇଥାଏ, ପୁରୁଷ ଜାତି ପକ୍ଷରେ ମଧ୍ୟ ଠିକ୍ ତଦ୍ରୂପ କରିଛି । ଅଧିକନ୍ତୁ ମଧ୍ୟ ଆପଣଙ୍କ ପ୍ରଶ୍ନ ଶୁଣି ବୋଧ ହେଉଛି, ଏ ବିଷୟରେ ଆପଣଙ୍କ ନିଜ ମନରେ ମଧ୍ୟ ଯେପରି କିଛିଏ କିଛି ଗୋଳମାଳ ରହିଛି । ହିନ୍ଦୁଧର୍ମ ମାନବାତ୍ମାଙ୍କ ପକ୍ଷରେ ଗୋଟିଏ—କେବଳ ମାତ୍ର ଗୋଟିଏ କର୍ତ୍ତବ୍ୟ ନିର୍ଦ୍ଦେଶ କରିଥାଏ—ଅନିତ୍ୟ ଭିତରେ ନିତ୍ୟବସ୍ତୁକୁ ସାକ୍ଷାତ୍କାରର ଚେଷ୍ଟା । କିନ୍ତୁ ଏହା କିପରି ସାଧିତ ହୋଇପାରିବ, ତାହାର ଏକମାତ୍ର ପନ୍ଥା ନିର୍ଦ୍ଦେଶ କରିବାରେ କେହି ସାହସୀ ହୁଅନ୍ତି ନାହିଁ । ବିବାହ ବା ବ୍ରହ୍ମଚର୍ଯ୍ୟ, ଭଲ ବା ମନ୍ଦ, ପାଣ୍ଡିତ୍ୟ ବା ମୂର୍ଖତା—ଯେକୌଣସି ବିଷୟ ସେହି ଚରମ ଲକ୍ଷ୍ୟକୁ ନେଇଯିବାରେ ସହାୟତା କରେ, ତାହାର ହିଁ ସାର୍ଥକତା ଅଛି । ଏ ବିଷୟରେ ହିନ୍ଦୁଧର୍ମ ସହିତ ବୌଦ୍ଧଧର୍ମର ବିଶେଷ ପ୍ରଭେଦ ବିଦ୍ୟମାନ । କାରଣ, ବୌଦ୍ଧଧର୍ମର ପ୍ରଧାନ ଉପଦେଶ—ବହିର୍ଜଗତର ଅନିତ୍ୟତା ଉପଲବ୍ଧି, ଏବଂ ମୋଟ ଉପରେ କହିବାକୁ ଗଲେ ସେହି ଉପଲବ୍ଧି କେବଳ ଗୋଟିଏ ମାତ୍ର ଉପାୟରେ ସାଧିତ ହୋଇପାରେ । ମହାଭାରତର ସେହି ଅଳ୍ପବୟସ୍କ ଯୋଗୀଙ୍କ କଥା କଅଣ ଆପଣଙ୍କର ମନେପଡ଼ୁଛି ? ସେହି ଯୋଗୀ କ୍ରୋଧଜାତ ତୀବ୍ର ଇଚ୍ଛାଶକ୍ତିବଳରେ ଗୋଟିଏ କାକ ଓ ବକର ଦେହ ଭସ୍ମ କରି ନିଜ ଯୋଗ-ବିଭୂତିରେ ହର୍ଷାନ୍ୱିତ ହୋଇଥିଲେ, ଏବଂ ତା'ପରେ ନଗରକୁ ଯାଇ ପ୍ରଥମେ ରୁଗ୍ଣ ପତିଙ୍କର ଶୁଶ୍ରୂଷାକାରିଣୀ ଜଣେ ନାରୀ ଓ ପରେ ଧର୍ମ-ବ୍ୟାଧଙ୍କ ସହିତ ତାଙ୍କର ସାକ୍ଷାତ୍ ହେଲା—ଯେଉଁମାନେ କର୍ତ୍ତବ୍ୟନିଷ୍ଠାରୂପକ ଗୋଟିଏ ମାର୍ଗ ଅବଲମ୍ବନରେ ତତ୍ତ୍ୱଜ୍ଞାନ ଲାଭ କରିଥିଲେ ।*

ମୁଁ : ତାହାହେଲେ ଆପଣ ଏଦେଶର ନାରୀମାନଙ୍କୁ କଅଣ କହିବାକୁ ଚାହାନ୍ତି ?

ସ୍ୱାମୀଜୀ : କାହିଁକି, ମୁଁ ପୁରୁଷମାନଙ୍କୁ ଯାହା କହିଥାଏ, ସ୍ତ୍ରୀଲୋକମାନଙ୍କୁ ଠିକ୍ ତାହା ହିଁ କହିବି । ଭାରତ ଓ ଭାରତୀୟ ଧର୍ମରେ ଶ୍ରଦ୍ଧା ସ୍ଥାପନ କର, ତେଜସ୍ୱିନୀ ହୁଅ, ଆଶାରେ ଛାତିକୁ ଦମ୍ଭ କର, ଭାରତରେ ଜନ୍ମଗ୍ରହଣ କରିଛ ବୋଲି ଲଜ୍ଜିତ ନ ହୋଇ ସେଥିରେ ଗୌରବ ଅନୁଭବ କର, ଆଉ ମନେରଖ, ଆମମାନଙ୍କୁ ଅପରାପର ଜାତି ନିକଟରୁ କିଛି ନେବାକୁ ହେବ ସତ, କିନ୍ତୁ ଜଗତର ଅନ୍ୟାନ୍ୟ ଜାତି ଅପେକ୍ଷା ଆମର ଅନ୍ୟକୁ ଦେବା ପାଇଁ ସହସ୍ର ଗୁଣ ବେଶୀ ବସ୍ତୁ ଅଛି ।

---

* ମହାଭାରତ, ବନପର୍ବ, ଧର୍ମବ୍ୟାଧ-ଉପାଖ୍ୟାନ । ଏହି ଗ୍ରନ୍ଥାବଳୀର ୧ମ ଖଣ୍ଡରେ 'କର୍ମଯୋଗ'ରେ ଗଳ୍ପଟି ବିବୃତ ।

# ହିନ୍ଦୁଧର୍ମର ସୀମା

'ପ୍ରବୁଦ୍ଧ ଭାରତ', ଅପ୍ରେଲ ୧୮୯୯

ଆମର ପ୍ରତିନିଧି ଲେଖିଛନ୍ତି—ଅନ୍ୟଧର୍ମାବଲମ୍ବୀଙ୍କୁ ହିନ୍ଦୁଧର୍ମକୁ ଆନୟନ ସମ୍ବନ୍ଧରେ ସ୍ୱାମୀ ବିବେକାନନ୍ଦଙ୍କ ମତାମତ ଜାଣିବା ପାଇଁ ତାଙ୍କ ସହିତ ସାକ୍ଷାତ୍ କରିବା ନିମିତ୍ତ ସମ୍ପାଦକ ମହାଶୟ କର୍ତ୍ତୃକ ମୁଁ ଆଦିଷ୍ଟ ହୋଇଥିଲି । ସେତେବେଳକୁ ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଛି । ଆମେମାନେ ବେଲୁଡ଼ସ୍ଥ ଶ୍ରୀ-କୃଷ୍ଣ ମଠର ଘାଟ ନିକଟରେ ନୌକା ଲଗାଇଛୁ । ସ୍ୱାମୀଜୀ ମଠରୁ ନୌକା ଉପରକୁ ଆସି ମୋ ସହିତ କଥାବାର୍ତ୍ତା କଲେ । ଗଙ୍ଗା ଭିତରେ ନୌକାର ଛାତ ଉପରେ ବସି ତାଙ୍କ ସହିତ କଥୋପକଥନର ସୁଯୋଗ ମିଳିଲା ।...

ମୁଁ ପ୍ରଥମେ କଥା ଆରମ୍ଭ କରି କହିଲି : ଯେଉଁମାନେ ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଛନ୍ତି, ସେମାନଙ୍କୁ ହିନ୍ଦୁଧର୍ମରେ ପୁନର୍ଗ୍ରହଣ ବିଷୟରେ ଆପଣଙ୍କର ମତାମତ କଅଣ, ତାହା ଜାଣିବା ପାଇଁ ଆପଣଙ୍କ ସହିତ ସାକ୍ଷାତ୍ କରିବାକୁ ଆସିଛି । ସେମାନଙ୍କୁ କଅଣ ପୁନର୍ଗ୍ରହଣ କରାଯାଇପାରେ ? ଆପଣଙ୍କର ମତ କଅଣ ?

ସ୍ୱାମୀଜୀ କହିଲେ : ନିଶ୍ଚୟ । ସେମାନଙ୍କୁ ଅନାୟାସରେ ଗ୍ରହଣ କରାଯାଇପାରେ, କରିବା ମଧ୍ୟ ଉଚିତ ।

ସେ ମୁହୂର୍ତ୍ତିକାଳ ଗମ୍ଭୀର ଭାବରେ ଚିନ୍ତା କରି କହିବାକୁ ଆରମ୍ଭ କଲେ :

ଆଉ ଗୋଟିଏ କଥା, ସେମାନଙ୍କୁ ପୁନର୍ଗ୍ରହଣ ନ କଲେ ଆମମାନଙ୍କର ସଂଖ୍ୟା କ୍ରମଶଃ ହ୍ରାସ ପାଇଯିବ । ଯେତେବେଳେ ମୁସଲମାନମାନେ ପ୍ରଥମେ ଏ ଦେଶକୁ ଆସିଥିଲେ, ସେତେବେଳେ ପ୍ରାଚୀନତମ ମୁସଲମାନ ଐତିହାସିକ ଫେରିସ୍ତାଙ୍କ ମତରେ ଭାରତରେ ୬୦ କୋଟି ହିନ୍ଦୁ ଥିଲେ, ବର୍ତ୍ତମାନ ଆମେ କୋଡ଼ିଏ କୋଟିରେ ପରିଣତ ହୋଇଛୁ । ଆଉ, କୌଣସି ଲୋକ ହିନ୍ଦୁସମାଜ ତ୍ୟାଗ କଲେ ସମାଜରେ ଯେ ଗୋଟିଏ ଲୋକ କମ୍ ପଡ଼ିଯାଏ, କେବଳ ତାହା ନୁହେଁ, ଗୋଟିଏ ଲେଖାଏଁ ଶତ୍ରୁ ମଧ୍ୟ ବୃଦ୍ଧି ହୁଏ ।

ତା'ପରେ ପୁଣି ହିନ୍ଦୁଧର୍ମତ୍ୟାଗୀ ମୁସଲମାନ ଓ ଖ୍ରୀଷ୍ଟିଆନଙ୍କ ମଧ୍ୟରେ ଅଧିକାଂଶ ତରବାରିବଳରେ ସେହି ସେହି ଧର୍ମ ଗ୍ରହଣ କରିବା ପାଇଁ ବାଧ୍ୟ ହୋଇଛନ୍ତି, ଅଥବା ଯେଉଁମାନେ ଇତିପୂର୍ବେ ସେହିପରି କରିଛନ୍ତି, ସେମାନଙ୍କର ହିଁ ବଂଶଧର । ଏମାନଙ୍କର ହିନ୍ଦୁଧର୍ମକୁ ଫେରି ଆସିବା ପକ୍ଷରେ ନାନା ପ୍ରକାର ଆପତ୍ତି ଉତ୍ଥାପନ କରିବା ବା ପ୍ରତିବନ୍ଧକାଚରଣ କରିବା ସ୍ପଷ୍ଟତଃ ଅନ୍ୟାୟ । ଆଉ ଯେଉଁମାନେ କୌଣସିକାଳେ ହିନ୍ଦୁସମାଜଭୁକ୍ତ ନ ଥିଲେ, ସେମାନଙ୍କ ସମ୍ବନ୍ଧରେ ମଧ୍ୟ କଅଣ ଆପଣ ପଚାରିଥିଲେ ? ଦେଖନ୍ତୁ, ଅତୀତକାଳରେ ଏ ପ୍ରକାର ଲକ୍ଷ ଲକ୍ଷ ବିଧର୍ମୀଙ୍କୁ ହିନ୍ଦୁଧର୍ମକୁ ଆନୟନ କରାହୋଇଛି, ଆଉ ବର୍ତ୍ତମାନ ମଧ୍ୟ ସେହିପରି ଚାଲିଛି ।

ମୋ ନିଜର ମତ ଏହି ଯେ, ଭାରତର ଆଦିବାସୀ ଜାତିସମୂହ, ବାହାରୁ ଆସିଥିବା ଜାତିସମୂହ ଏବଂ ମୁସଲମାନାଧିକାର ପୂର୍ବବର୍ତ୍ତୀ ଆମମାନଙ୍କର ପ୍ରାୟ ସବୁ ବିଜେତୃବର୍ଗଙ୍କ

ପକ୍ଷରେ ସେହି କଥା ପ୍ରଯୁକ୍ତ ହୋଇପାରେ । କେବଳ ସେତିକି ନୁହେଁ, ପୁରାଣସମୂହରେ ଯେଉଁସବୁ ଜାତିଙ୍କର ବିଶେଷ ଉତ୍ପତ୍ତିର ବିଷୟ କଥିତ ହୋଇଛି, ସେମାନଙ୍କ ସମ୍ବନ୍ଧରେ ମଧ୍ୟ ସେହି କଥା ଖାଟିବ । ମୋ ମତରେ ସେମାନେ ବିଧର୍ମୀ ଥିଲେ, ସେମାନଙ୍କୁ ହିନ୍ଦୁ କରି ନିଆ ହୋଇଥିଲା ।

ଯେଉଁମାନେ ଇଚ୍ଛାପୂର୍ବକ ଧର୍ମାନ୍ତର ପରିଗ୍ରହ କରିଥିଲେ, କିନ୍ତୁ ବର୍ତ୍ତମାନ ପୁଣି ହିନ୍ଦୁସମାଜକୁ ଫେରି ଆସିବାକୁ ଚାହାଁନ୍ତି, ସେମାନଙ୍କ ପକ୍ଷରେ ପ୍ରାୟଶ୍ଚିତ୍ତ-କ୍ରିୟା ଆବଶ୍ୟକ, ସେଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଯେଉଁମାନଙ୍କୁ ବଳପୂର୍ବକ ଧର୍ମାନ୍ତରିତ କରା ହୋଇଥିଲା— ଯେପରିକି କାଶ୍ମୀର ଓ ନେପାଳରେ ଅନେକ ଲୋକ ଦେଖାଯାଆନ୍ତି, ଅଥବା ଯେଉଁମାନେ କେବେହେଲେ ହିନ୍ଦୁ ନ ଥିଲେ, ବର୍ତ୍ତମାନ ହିନ୍ଦୁସମାଜରେ ପ୍ରବେଶ କରିବାକୁ ଚାହାଁନ୍ତି, ସେମାନଙ୍କ ପକ୍ଷରେ କୌଣସି ପ୍ରକାର ପ୍ରାୟଶ୍ଚିତ୍ତର ବ୍ୟବସ୍ଥା କରିବା ଉଚିତ ନୁହେଁ ।

ମୁଁ ସାହସପୂର୍ବକ ପଚାରିଲି : ସ୍ୱାମୀଜୀ, କିନ୍ତୁ ଏମାନେ କେଉଁ ଜାତି ହେବେ ? ସେମାନଙ୍କର କିଛି ହେଲେ ଜାତି ରହିବା ଦରକାର, ନତୁବା ସେମାନେ କେବେହେଲେ ବିଶାଳ ହିନ୍ଦୁସମାଜର ଅଙ୍ଗୀଭୂତ ହୋଇପାରିବେ ନାହିଁ । ହିନ୍ଦୁ ସମାଜରେ ସେମାନଙ୍କର ଯଥାର୍ଥ ସ୍ଥାନ କେଉଁଠି ?

ସ୍ୱାମୀଜୀ ଧୀର ସ୍ୱରରେ କହିଲେ : ଯେଉଁମାନେ ପୂର୍ବେ ହିନ୍ଦୁ ଥିଲେ, ସେମାନେ ଅବଶ୍ୟ ସେମାନଙ୍କ ଜାତି ଫେରି ପାଇବେ । ଆଉ ନୂତନ ଯେଉଁମାନେ, ସେମାନେ ନିଜ ଜାତି ନିଜେ ହିଁ କରିନେବେ ।

ସେ ଆହୁରି ମଧ୍ୟ କହିଲେ : ଆପଣ ମନେରଖିବା ଉଚିତ ଯେ, ବୈଷ୍ଣବ ସମାଜରେ ଇତିପୂର୍ବରୁ ଏପରି ଘଟଣା ଘଟିଯାଇଛି ଏବଂ ଅହିନ୍ଦୁ ଓ ହିନ୍ଦୁଧର୍ମର ବିଭିନ୍ନ ଜାତିରୁ ଯେଉଁମାନେ ଧର୍ମାନ୍ତର ଗ୍ରହଣ କରିଥିଲେ, ସମସ୍ତେ ବୈଷ୍ଣବ-ସମାଜରେ ଆଶ୍ରୟ ଲାଭ କରି ନିଜର ଗୋଟାଏ ଜାତି ଗଠନ କରିନେଇଥିଲେ, ଆଉ ସେହି ଜାତି ଅତି ହୀନ ଜାତି ନୁହେଁ, ବେଶ୍ ଭଦ୍ର ଜାତି । ରାମାନୁଜଙ୍କଠାରୁ ଆରମ୍ଭ କରି ବଙ୍ଗଦେଶରେ ଶ୍ରୀଚୈତନ୍ୟଙ୍କ ପର୍ଯ୍ୟନ୍ତ ସବୁ ବଡ଼ ବଡ଼ ବୈଷ୍ଣବ ଆଚାର୍ଯ୍ୟ ହିଁ ଏହା କରିଥିଲେ ।

ମୁଁ : ଯେଉଁମାନେ ନୂଆ ଆସିବେ, ସେମାନଙ୍କର କେଉଁଠାରେ ବିବାହ ହେବ ?
ସ୍ୱାମୀଜୀ ସ୍ଥିରଭାବେ କହିଲେ : ଏବେ ଯେପରି ଚାଲିଛି, ନିଜ ନିଜ ମଧ୍ୟରେ ।

ମୁଁ : ତା'ପରେ ନାଆଁ କଥା । ମୋର ବୋଧହୁଏ, ଅହିନ୍ଦୁ ଓ ଯେଉଁସବୁ ସ୍ୱଧର୍ମ-ତ୍ୟାଗୀ ଅହିନ୍ଦୁ ନାମ ନେଇଛନ୍ତି, ସେମାନଙ୍କର ନୂତନ ନାମକରଣ କରିବା ଉଚିତ । ସେମାନଙ୍କୁ କେଉଁ ଜାତିସୂଚକ ନାମ ବା ଆଉ କେଉଁ ପ୍ରକାର ନାମ ଦିଆଯିବ ?

ସ୍ୱାମୀଜୀ ଚିନ୍ତା କରୁକରୁ କହିଲେ : ଅବଶ୍ୟ ନାମର ଗୋଟିଏ ଶକ୍ତି ଅଛି, ଏକଥା ସତ ।

କିନ୍ତୁ ସେବିଷୟରେ ଆଉ ଅଧିକ କିଛି କହିଲେ ନାହିଁ । କିନ୍ତୁ ତା' ପରେ ମୁଁ ଯାହା ପଚାରିଲି, ସେଥିରେ ଯେପରି ତାଙ୍କ ଆଗ୍ରହ ଉଦ୍ଦୀପ୍ତ ହେଲା ।

ମୁଁ ପ୍ରଶ୍ନ କଲି : ସ୍ୱାମୀଜି, ଏହି ନବାଗନ୍ତୁକଗଣ କ'ଣ ହିନ୍ଦୁଧର୍ମର ବିଭିନ୍ନ ପ୍ରକାର ଶାସ୍ତ୍ରରୁ ନିଜ ଧର୍ମପ୍ରଣାଳୀ ନିଜେ ହିଁ ନିର୍ବାଚନ କରିନେବେ ଅଥବା ଆପଣ ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଧର୍ମପ୍ରଣାଳୀ ନିର୍ବାଚନ କରିଦେବେ ।

ସ୍ୱାମୀଜି କହିଲେ : ଏ କଥା କ'ଣ ପୁଣି ପଚାରିବାକୁ ହେବ ? ସେମାନେ ନିଜ ନିଜର ପଥ ନିଜେ ହିଁ ବାଛି ନେବେ । କାରଣ ନିଜେ ନିର୍ବାଚନ କରି ନ ନେଲେ ହିନ୍ଦୁଧର୍ମର ମୂଳ ଭାବଟିକୁ ନଷ୍ଟ କରାଯିବ । ଆମ ଧର୍ମର ସାର ଏତିକ ଯେ, ପ୍ରତ୍ୟେକର ନିଜ ନିଜ ଇଷ୍ଟ-ନିର୍ବାଚନର ଅଧିକାର ଅଛି ।

ମୁଁ ଏ କଥାଟିକୁ ବିଶେଷ ମୂଲ୍ୟବାନ୍ ବୋଲି ମନେକଲି । କାରଣ, ମୋର ମନେହୁଏ ମୋର ସମ୍ମୁଖସ୍ଥ ଏହି ବ୍ୟକ୍ତି ଜଗତର ବର୍ତ୍ତମାନ ଅନ୍ୟସବୁ ବ୍ୟକ୍ତିଙ୍କ ଅପେକ୍ଷା ବୈଜ୍ଞାନିକ ଭାବରେ ଓ ସହାନୁଭୂତିର ଦୃଷ୍ଟିରେ ହିନ୍ଦୁଧର୍ମର ସାଧାରଣ ଭିତ୍ତିସମୂହର ଆଲୋଚନାରେ ଅଧିକ ବର୍ଷ କଟାଇଛନ୍ତି ଏବଂ ଇଷ୍ଟ-ନିର୍ବାଚନର ସ୍ୱାଧୀନତାରୂପକ ତତ୍ତ୍ୱ ଏତେ ଉଦାର ଯେ, ସମଗ୍ର ଜଗତକୁ ଏହା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇପାରେ ।...

# ପ୍ରଶ୍ନୋତ୍ତର

## ୧

### ମଠର ଦୈନନ୍ଦିନ ଲିପିରୁ ସଂଗୃହୀତ

ପ୍ର : ଗୁରୁ କାହାକୁ କୁହାଯାଇପାରେ ?

ଉ : ଯେ ତୁମର ଭୂତ-ଭବିଷ୍ୟତ କହିଦେଇ ପାରିବେ, ସେ ତୁମର ଗୁରୁ । ଦେଖୁ ନାହଁ, ମୋ ଗୁରୁ ମୋର ଭୂତ-ଭବିଷ୍ୟତ୍ କହି ଦେଇଥିଲେ ।

ପ୍ର : ଭକ୍ତିଲାଭ କିପରି ହେବ ?

ଉ : ଭକ୍ତି ତୁମ ଭିତରେ ହିଁ ରହିଛି, କେବଳ ତା' ଉପରେ କାମ-କାଞ୍ଚନର ଗୋଟିଏ ଆବରଣ ପଡ଼ିଛି । ସେହି ଆବରଣଟିକୁ ଘୁଞ୍ଚାଇ ଦେଲେ ସେହି ଭିତରର ଭକ୍ତି ନିଜେ ନିଜେ ପ୍ରକାଶିତ ହୋଇଯିବ ।

ପ୍ର : ଆପଣ କହିଥାଆନ୍ତି, ନିଜ ଗୋଡ଼ରେ ଛିଡ଼ା ହୁଅ; ଏଠାରେ 'ନିଜର' କହିଲେ କ'ଣ ବୁଝିବି ?

ଉ : ଅବଶ୍ୟ ପରମାତ୍ମାଙ୍କ ଉପରେ ନିର୍ଭର କରିବାକୁ କହିବା ହିଁ ମୋର ଉଦ୍ଦେଶ୍ୟ । ତେବେ ଏହି 'କଞ୍ଚା ମୁଁ' ଉପରେ ନିର୍ଭର କରିବା ଅଭ୍ୟାସ କଲେ ମଧ୍ୟ କ୍ରମେ ତାହା ଆମମାନଙ୍କୁ ଠିକ୍ ଜାଗାକୁ ନେଇଯିବ । କାରଣ, ଜୀବାତ୍ମା ସେହି ପରମାତ୍ମାଙ୍କର ହିଁ ମାୟିକ ପ୍ରକାଶ ଛଡ଼ା ଆଉ କିଛି ନୁହେଁ ।

ପ୍ର : ଯଦି ଗୋଟିଏ ବସ୍ତୁ ଯଥାର୍ଥ ସତ୍ୟ ହୁଏ, ତେବେ ଏହି ଦ୍ୱୈତବୋଧ—ଯାହା

ସଦାସର୍ବଦା ସମସ୍ତଙ୍କର ହେଉଛି, ତାହା ଆସିଲ କୁଆଡ଼ୁ ?

ଉ : ବିଷୟ ଯେତେବେଳେ ପ୍ରଥମେ ଅନୁଭୂତ ହୁଏ, ଠିକ୍ ସେହି ସମୟରେ କେବେ ହେଲେ ଦ୍ୱୈତବୋଧ ହୁଏ ନାହିଁ। ଇନ୍ଦ୍ରିୟ ସହିତ ବିଷୟର ସଂଯୋଗ ହେବା ପରେ ଯେତେବେଳେ ଆମେ ସେହି ଜ୍ଞାନକୁ ବୁଦ୍ଧିରେ ଆରୂଢ଼ କରୁଁ, ସେତେବେଳେ ଦ୍ୱୈତବୋଧ ଆସିଥାଏ। ବିଷୟାନୁଭୂତି ସମୟରେ ଯଦି ଦ୍ୱୈତବୋଧ ଥାଆନ୍ତା, ତେବେ ଜ୍ଞେୟ ଜ୍ଞାତା-ଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରରୂପରେ ଏବଂ ଜ୍ଞାତା ମଧ୍ୟ ଜ୍ଞେୟଠାରୁ ସ୍ୱତନ୍ତ୍ରରୂପରେ ଅବସ୍ଥାନ କରିପାରନ୍ତା।

ପ୍ର : ସାମଞ୍ଜସ୍ୟ-ପୂର୍ଣ୍ଣ ଚରିତ୍ର-ଗଠନର ପ୍ରକୃଷ୍ଟ ଉପାୟ କଅଣ ?

ଉ : ଯେଉଁମାନଙ୍କ ଚରିତ୍ର ସେହି ଭାବରେ ଗଠିତ ହୋଇଛି, ସେମାନଙ୍କର ସଙ୍ଗ କରିବା ହୋଇ ସର୍ବୋତ୍କୃଷ୍ଟ ଉପାୟ।

ପ୍ର : ବେଦ ସମ୍ବନ୍ଧରେ ଆମମାନଙ୍କର କି ପ୍ରକାର ଧାରଣା ରଖିବା କର୍ତ୍ତବ୍ୟ ?

ଉ : ବେଦ ହିଁ ଏକମାତ୍ର ପ୍ରମାଣ—ଅବଶ୍ୟ ବେଦର ଯେଉଁ ଅଂଶଗୁଡ଼ିକ ଯୁକ୍ତିବିରୋଧୀ, ସେଗୁଡ଼ିକ ବେଦ-ଶବ୍ଦବାଚ୍ୟ ନୁହେଁ। ଅନ୍ୟାନ୍ୟ ଶାସ୍ତ୍ର, ଯଥା ପୁରାଣାଦି—ସେହି ଅଂଶତକ ଗ୍ରାହ୍ୟ, ଯାହା ବେଦର ଅବିରୋଧୀ। ବେଦ ପରେ ଜଗତର ଯେକୌଣସି ଧର୍ମଭାବର ଆବିର୍ଭାବ ହୋଇଛି, ତାହା ବେଦରୁ ନିଆ ହୋଇଛି ବୋଲି ବୁଝିବାକୁ ହେବ।

ପ୍ର : ଏହି ଯେ ସତ୍ୟ, ତ୍ରେତା, ଦ୍ୱାପର, କଳି—ଚାରିଯୁଗ ବିଷୟ ଶାସ୍ତ୍ରରେ ପଢ଼ାଯାଏ, ଏହା କଅଣ କୌଣସି ପ୍ରକାର ଜ୍ୟୋତିଷଶାସ୍ତ୍ରର ଗଣନାସମ୍ମତ ଅଥବା କେବଳ କାଳ୍ପନିକ ?

ଉ : ବେଦରେ ତ ଏ ପ୍ରକାର ଚତୁର୍ଯୁଗର କୌଣସି ଉଲ୍ଲେଖ ନାହିଁ, ତାହା ପୌରାଣିକ ଯୁଗର କଳ୍ପନା ମାତ୍ର।

ପ୍ର : ଶବ୍ଦ ଓ ଭାବ ମଧ୍ୟରେ ବାସ୍ତବିକ କଅଣ କୌଣସି ନିତ୍ୟ ସମ୍ବନ୍ଧ ଅଛି, ନା ଯେ-କୌଣସି ଶବ୍ଦ ଦ୍ୱାରା ଯେକୌଣସି ଭାବକୁ ବୁଝାଇ ହେବ ? ଲୋକେ କଅଣ ଇଚ୍ଛାନୁଯାୟୀ ଯେକୌଣସି ଶବ୍ଦରେ ଯେକୌଣସି ଭାବକୁ ଯୋଡ଼ି ଦେଇଛନ୍ତି ?

ଉ : ଏ ବିଷୟ ଉପରେ ବହୁ ତର୍କ ହୋଇପାରେ, ସ୍ଥିର ସିଦ୍ଧାନ୍ତ କରିବା ଦୁଃସାଧ୍ୟ। ବୋଧହୁଏ ଯେପରି ଶବ୍ଦ ଓ ଭାବ ମଧ୍ୟରେ କୌଣସି ପ୍ରକାର ସମ୍ବନ୍ଧ ଅଛି, କିନ୍ତୁ ସେହି ସମ୍ବନ୍ଧ ଯେ ନିତ୍ୟ, ତାହା ବା କିପରି କହି ହେବ ? ଦେଖ ନା ହିଁ, ଗୋଟିଏ ଭାବ ବୁଝାଇବା ପାଇଁ ବିଭିନ୍ନ ଭାଷାରେ କେତେ ପ୍ରକାର ବିଭିନ୍ନ ଶବ୍ଦ ରହିଛି। କୌଣସି ପ୍ରକାର ସୂକ୍ଷ୍ମ ସମ୍ବନ୍ଧ ଥାଇପାରେ, ଯାହା ଆମେମାନେ ଏପର୍ଯ୍ୟନ୍ତ ଧରିପାରୁ ନାହୁଁ।

ପ୍ର : ଭାରତର କାର୍ଯ୍ୟପ୍ରଣାଳୀ କିପରି ହେବା ଉଚିତ ?

ଉ : ପ୍ରଥମତଃ ସମସ୍ତେ ଯେପରି କାମିକା ଲୋକ ହୁଅନ୍ତି ଏବଂ ସେମାନଙ୍କର ଦେହ ଯେଉଁଥିରେ ସବଳ ହୁଏ, ସେହି ପ୍ରକାର ଶିକ୍ଷା ଦେବାକୁ ହେବ। ଏପରି ଦ୍ୱାଦଶଜଣ ପୁରୁଷ-

ସିଂହ ଜଗତକୁ ଜୟ କରିବେ; କିନ୍ତୁ ଲକ୍ଷ ଲକ୍ଷ ମେଣ୍ଢାପଲ ଦ୍ୱାରା ତାହା ହେବ ନାହିଁ। ଦ୍ୱିତୀୟତଃ ଯେତେ ବଡ଼ ହେଉ ନା କାହିଁକି, କୌଣସି ବ୍ୟକ୍ତି-ଆଦର୍ଶ ଶିକ୍ଷା ଦେବା ଉଚିତ ନୁହେଁ।

ପ୍ର : ରାମକୃଷ୍ଣ ମିଶନ ଭାରତର ପୁନରୁତ୍ଥାନ କାର୍ଯ୍ୟରେ କେଉଁ ଅଂଶ ଗ୍ରହଣ କରିବ ?

ଉ : ଏହି ମଠରୁ ଚରିତ୍ରବାନ୍ ଲୋକସବୁ ବାହାରି ସମଗ୍ର ଜଗତକୁ ଆଧ୍ୟାତ୍ମିକତାର ବନ୍ୟାରେ ପ୍ଲାବିତ କରିବେ। ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ବିଷୟରେ ମଧ୍ୟ ଉନ୍ନତି ହେଉଥିବ। ଏହି ପ୍ରକାରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟଜାତିର ଅଭ୍ୟୁଦୟ ହେବ, ଶୂଦ୍ରଜାତି ଆଉ ରହିବ ନାହିଁ। ସେମାନେ ଯେଉଁସବୁ କାର୍ଯ୍ୟ ଏବେ କରୁଛନ୍ତି, ସେସବୁ ଯନ୍ତ୍ରଦ୍ୱାରା ହେବ। ଭାରତର ବର୍ତ୍ତମାନ ଅଭାବ—କ୍ଷତ୍ରିୟଶକ୍ତି।

ପ୍ର : ମନୁଷ୍ୟର ଜନ୍ମାନ୍ତରରେ କଅଣ ପଶ୍ୱାଦି ନୀଚଯୋନି ହେବା ସମ୍ଭବ ?

ଉ : ଖୁବ୍ ସମ୍ଭବ। ପୁନର୍ଜନ୍ମ କର୍ମ ଉପରେ ନିର୍ଭର କରେ। ଯଦି ଲୋକେ ପଶୁପରି କାର୍ଯ୍ୟ କରନ୍ତି, ତେବେ ସେ ପଶୁଯୋନିକୁ ଆକୃଷ୍ଟ ହେବେ।

ପ୍ର : ମନୁଷ୍ୟ ପୁଣି ପଶୁଯୋନିପ୍ରାପ୍ତ ହେବ କିପରି, ତାହା ବୁଝିପାରୁ ନାହିଁ। କ୍ରମବିକାଶର ନିୟମରେ ସେ ଯେତେବେଳେ ଥରେ ମାନବ-ଦେହ ପାଇଛି, ସେତେବେଳେ ସେ ପୁଣି କିପରି ପଶୁଯୋନିପ୍ରାପ୍ତ ହୋଇପାରିବ ?

ଉ : କାହିଁକି, ପଶୁରୁ ଯଦି ମନୁଷ୍ୟ ହୋଇପାରନ୍ତି, ମନୁଷ୍ୟରୁ ପଶୁ ନ ହେବ କାହିଁକି ? ଗୋଟିଏ ସତ୍ତା ତ ବାସ୍ତବିକ୍ ଅଛି—ମୂଳରେ ତ ସବୁ ଏକ।

ପ୍ର : କୁଣ୍ଡଳିନୀ ବୋଲି ବାସ୍ତବିକ୍ କୌଣସି ପଦାର୍ଥ ଆମମାନଙ୍କ ସ୍ଥୂଳ ଦେହ ମଧ୍ୟରେ ଅଛି କି ?

ଉ : ଶ୍ରୀରାମକୃଷ୍ଣଦେବ କହୁଥିଲେ, 'ଯୋଗୀମାନେ ଯାହାକୁ ପଦ୍ମ କହନ୍ତି, ବାସ୍ତବିକ୍ ତାହା ମାନବ-ଦେହରେ ନାହିଁ। ଯୋଗାଭ୍ୟାସଦ୍ୱାରା ସେଗୁଡ଼ିକର ଉତ୍ପତ୍ତି ହୋଇଥାଏ।'

ପ୍ର : ମୂର୍ତ୍ତିପୂଜା ଦ୍ୱାରା କଅଣ ମୁକ୍ତିଲାଭ ହୋଇପାରେ ?

ଉ : ମୂର୍ତ୍ତିପୂଜାଦ୍ୱାରା ସାକ୍ଷାତ୍ ଭାବରେ ମୁକ୍ତି ହୋଇପାରିବ ନାହିଁ—ତେବେ ତାହା ମୁକ୍ତିଲାଭର ଗୌଣ କାରଣସ୍ୱରୂପ, ସେହି ପଥର ସହାୟକ। ମୂର୍ତ୍ତିପୂଜାର ନିନ୍ଦା କରିବା ଉଚିତ ନୁହେଁ, କାରଣ, ଅନେକଙ୍କ ପକ୍ଷରେ ତାହା ଅଦ୍ୱୈତଜ୍ଞାନ ଉପଲବ୍ଧି ପାଇଁ ମନକୁ ପ୍ରସ୍ତୁତ କରିଦିଏ—ସେହି ଅଦ୍ୱୈତଜ୍ଞାନଲାଭଦ୍ୱାରା ହିଁ ମାନବର ମୁକ୍ତି ହୋଇପାରେ।

ପ୍ର : ଆମମାନଙ୍କ ଚରିତ୍ରର ସର୍ବୋଚ୍ଚ ଆଦର୍ଶ କଅଣ ହେବା ଉଚିତ ?

ଉ : ତ୍ୟାଗ।

ପ୍ର : ଆପଣ କହନ୍ତି, ବୌଦ୍ଧଧର୍ମ ତାହାର ଦାୟସ୍ୱରୂପ ଭାରତରେ ଘୋର ଅବନତି ଆନୟନ କରିଥିଲା—ଏହା କିପରି ହେଲା ?

ଉ : ବୌଦ୍ଧମାନେ ପ୍ରତ୍ୟେକ ଭାରତବାସୀଙ୍କୁ ସନ୍ନ୍ୟାସୀ ବା ସନ୍ନ୍ୟାସିନୀ କରିବାକୁ

ଚେଷ୍ଟା କରଥିଲେ । ସମସ୍ତେ ତ ଆଉ ତାହା ହୋଇପାରିବେ ନାହିଁ । ଏହି ଭାବରେ ଯିଏ ଯିଏ ଭଗ୍ନ ହେବାରୁ ସେମାନଙ୍କର ଭିତରେ କ୍ରମଶଃ ତ୍ୟାଗର ଭାବ କମି ଆସିବାକୁ ଲାଗିଲା । ଆଉ ଗୋଟାଏ କାରଣ—ଧର୍ମ ନାମରେ ତଦନ୍ତ ଓ ଅନ୍ୟାନ୍ୟ ଦେଶର ବର୍ବର ଆଚାର-ବ୍ୟବହାରର ଅନୁକରଣ । ସେସବୁ ସ୍ଥାନକୁ ଧର୍ମପ୍ରଚାର କରିବାକୁ ଯାଇ ଏମାନଙ୍କ ଭିତରେ ସେମାନଙ୍କର ଦୂଷିତ ଆଚାରଗୁଡ଼ାକ ପଶିଲା । ଶେଷରେ ଭାରତରେ ସେଗୁଡ଼ିକୁ ଚଳାଇ-ଦିଆଗଲା ।

ପ୍ର : ମାୟା କ'ଣ ଅନାଦି ଅନନ୍ତ ?

ଉ : ସମଷ୍ଟିଭାବରେ ଧରିଲେ ଅନାଦି ଅନନ୍ତ ସତ୍ୟ, କିନ୍ତୁ ବ୍ୟଷ୍ଟିଭାବରେ ସାନ୍ତ ।

ପ୍ର : ମାୟା କ'ଣ ?

ଉ : ବସ୍ତୁ ପ୍ରକୃତ ପକ୍ଷରେ କେବଳ ଗୋଟିଏ ଅଛି—ତାକୁ ଜଡ଼ ବା ଚୈତନ୍ୟ ଯେଉଁ ନାମରେ ଅଭିହିତ କର ନା କାହିଁକି—ସେମାନଙ୍କ ମଧ୍ୟରୁ ଗୋଟିକୁ ଛାଡ଼ି ଅନ୍ୟ ଗୋଟିକୁ ଭାବିବା କେବଳ କଠିନ ନୁହେଁ, ଅସମ୍ଭବ । ଏହା ହିଁ ମାୟା ବା ଅଜ୍ଞାନ ।

ପ୍ର : ମୁକ୍ତି କ'ଣ ?

ଉ : ମୁକ୍ତି ଅର୍ଥ ସମ୍ପୂର୍ଣ୍ଣ ସ୍ୱାଧୀନତା—ଭଲ-ମନ୍ଦ ଉଭୟର ବନ୍ଧନରୁ ହିଁ ମୁକ୍ତ ହେବା । ଲୁହାର ଶିକୁଳି ମଧ୍ୟ ଶିକୁଳି, ସୁନାର ଶିକୁଳି ମଧ୍ୟ ଶିକୁଳି । ଶ୍ରୀରାମକୃଷ୍ଣଦେବ କହୁଥିଲେ—ଗୋଡ଼ରେ ଗୋଟିଏ କଣ୍ଟା ଫୁଟିଲେ ସେହି କଣ୍ଟା କାଢ଼ିବା ପାଇଁ ଆଉ ଗୋଟିଏ କଣ୍ଟାର ପ୍ରୟୋଜନ ହୁଏ । କଣ୍ଟା ବାହାରିଗଲେ ଦୁଇଟାଯାକ କଣ୍ଟାକୁ ପକାଇ ଦିଆଯାଏ । ଏହିପରି ସତ୍‌ପ୍ରବୃତ୍ତିଦ୍ୱାରା ଅସତ୍ ପ୍ରବୃତ୍ତିଗୁଡ଼ାକୁ ଦମନ କରିବାକୁ ହେବ; ତା'ପରେ କିନ୍ତୁ ସତ୍‌ପ୍ରବୃତ୍ତି-ଗୁଡ଼ିକୁ ମଧ୍ୟ ଜୟ କରିବାକୁ ହେବ ।

ପ୍ର : ଭଗବତ୍‌କୃପା ବ୍ୟତୀତ କ'ଣ ମୁକ୍ତିଲାଭ ହୋଇପାରେ ?

ଉ : ମୁକ୍ତି ସହିତ ଈଶ୍ୱରଙ୍କର କୌଣସି ସମ୍ବନ୍ଧ ନାହିଁ । ମୁକ୍ତି ଆମମାନଙ୍କ ଭିତରେ ପୂର୍ବରୁ ହିଁ ବିଦ୍ୟମାନ ।

ପ୍ର : ଆମମାନଙ୍କ ଭିତରେ ଯାହାକୁ 'ମୁଁ' କୁହାଯାଏ, ତାହା ଯେ ଦେହାଦିରୁ ଉତ୍ପନ୍ନ ନୁହେଁ, ତାହାର ପ୍ରମାଣ କ'ଣ ?

ଉ : ଅନାତ୍ମା ପରି 'ମୁଁ' ମଧ୍ୟ ଦେହ-ମନାଦିରୁ ଉତ୍ପନ୍ନ । ପ୍ରକୃତ 'ମୁଁ'ର ଅସ୍ତିତ୍ୱର ଏକମାତ୍ର ପ୍ରମାଣ ପ୍ରତ୍ୟକ୍ଷ ଉପଲବ୍ଧି ।

ପ୍ର : ପ୍ରକୃତ ଜ୍ଞାନୀ ଓ ପ୍ରକୃତ ଭକ୍ତ କାହାକୁ କୁହାଯାଏ ?

ଉ : ପ୍ରକୃତ ଜ୍ଞାନୀ ସେ, ଯାହାଙ୍କ ହୃଦୟରେ ଅଗାଧ ପ୍ରେମ ବିଦ୍ୟମାନ, ଆଉ ଯେ ସର୍ବାବସ୍ଥାରେ ଅଦ୍ୱୈତତତ୍ତ୍ୱ ସାକ୍ଷାତ୍କାର କରନ୍ତି । ଆଉ ସେ ହିଁ ପ୍ରକୃତ ଭକ୍ତ, ଯେ ଜୀବାତ୍ମାକୁ ପରମାତ୍ମାଙ୍କ ସହିତ ଅଭେଦ-ଭାବରେ ଉପଲବ୍ଧି କରି ଅନ୍ତରରେ ପ୍ରକୃତ ଜ୍ଞାନସମ୍ପନ୍ନ ହୋଇଛନ୍ତି ଏବଂ ସମସ୍ତଙ୍କୁ ଯେ ଭଲ ପାଆନ୍ତି, ସମସ୍ତଙ୍କ ପାଇଁ ଯାହାଙ୍କର ପ୍ରାଣ କାନ୍ଦେ । ଜ୍ଞାନ ଓ ଭକ୍ତି ମଧ୍ୟରେ ଯେ ଗୋଟିକର ପକ୍ଷପାତୀ ହୋଇ ଅପରଟିର ବିରୋଧ କରନ୍ତି, ସେ

ଜ୍ଞାନୀ ନୁହନ୍ତି କି ଭକ୍ତ ମଧ୍ୟ ନୁହନ୍ତି—ଚୋର, ଠକ ।

ପ୍ର : ଈଶ୍ୱରଙ୍କୁ ସେବା କରିବା ଦରକାର କିଅଣ ?

ଉ : ଯଦି ଈଶ୍ୱରଙ୍କ ଅସ୍ତିତ୍ୱ ଥରେ ସ୍ୱୀକାର କର, ତେବେ ତାଙ୍କୁ ସେବା କରିବାର ଯଥେଷ୍ଟ କାରଣ ପାଇବ । ସବୁ ଶାସ୍ତ୍ର ମତରେ ଭଗବତ୍‌ସେବା ଅର୍ଥ 'ସ୍ମରଣ' । ଯଦି ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସୀ ହୁଅ, ତେବେ ତୁମ ଜୀବନର ପ୍ରତି ପଦକ୍ଷେପରେ ତାଙ୍କୁ ସ୍ମରଣ କରିବାର ହେତୁ ଉପସ୍ଥିତ ହେବ ।

ପ୍ର : ମାୟାବାଦ କିଅଣ ଅଦ୍ୱୈତବାଦଠାରୁ କିଛି ଅଲଗା ?

ଉ : ନା—ଏକ । ମାୟାବାଦ ବ୍ୟତୀତ ଅଦ୍ୱୈତବାଦର କୌଣସି ବ୍ୟାଖ୍ୟା ସମ୍ଭବପର ନୁହେଁ ।

ପ୍ର : ଈଶ୍ୱର ଅନନ୍ତ, ସେ ମନୁଷ୍ୟରୂପ ଧରି ଏତେ ଟିକିଏ ହୋଇପାରନ୍ତି କିପରି ?

ଉ : ଈଶ୍ୱର ଅନନ୍ତ ସତ୍ୟ, କିନ୍ତୁ ତୁମେମାନେ ଯେପରି ଭାବରେ ଅନନ୍ତ ମନେକରୁଛ, ଅନନ୍ତ ମାନେ ତାହା ନୁହେଁ । ତୁମେମାନେ ଅନନ୍ତ କହିଲେ ଗୋଟିଏ ଅତି ପ୍ରକାଣ୍ଡ ଜଡ଼ବସ୍ତୁ ମନେକରି ଗୋଳମାଳରେ ପଡ଼ୁଛ । ଭଗବାନ ମନୁଷ୍ୟରୂପ ଧରିପାରନ୍ତି ନାହିଁ କହିଲେ ତୁମେମାନେ ବୁଝୁଛ—ଗୋଟିଏ ଅତି ପ୍ରକାଣ୍ଡ ଜଡ଼ ସାକାର ପଦାର୍ଥକୁ ଏତେ ଟିକିଏ କରି ହେବ ନାହିଁ । କିନ୍ତୁ ଈଶ୍ୱର ସେ ହିସାବରେ ଅନନ୍ତ ନୁହନ୍ତି—ତାଙ୍କ ଅନନ୍ତତ୍ୱ ଚୈତନ୍ୟର ଅନନ୍ତତ୍ୱ । ସୁତରାଂ ସେ ମାନବାକାରରେ ଆପଣାକୁ ଅଭିବ୍ୟକ୍ତ କଲେ ମଧ୍ୟ ତାଙ୍କ ସ୍ୱରୂପର କୌଣସି ହାନି ହୁଏ ନାହିଁ ।

ପ୍ର : କେହି କେହି କହନ୍ତି, ଆଗେ ସିଦ୍ଧ ହୁଅ, ତା'ପରେ କାର୍ଯ୍ୟରେ ତୁମର ଅଧିକାର ହେବ; ପୁଣି କେହି କେହି କହନ୍ତି, ମୂଳରୁ ହିଁ କର୍ମ କରିବା ଉଚିତ । ଏହି ଦୁଇଟି ବିଭିନ୍ନ ମତର ସାମଞ୍ଜସ୍ୟ-ସାଧନ କିପରି ହୋଇପାରିବ ?

ଉ : ତୁମେମାନେ ଦୁଇଟି ବିଭିନ୍ନ ଜିନିଷକୁ ଗୋଳିଆ କରି ପକାଉଛ । 'କର୍ମ' ମାନେ ମାନବଜାତିର ସେବା ବା ଧର୍ମ-ପ୍ରଚାର । ପ୍ରକୃତ ପ୍ରଚାରରେ ଅବଶ୍ୟ ସିଦ୍ଧ ପୁରୁଷଙ୍କ ବ୍ୟତୀତ ଆଉ କାହାରି ଅଧିକାର ନାହିଁ; କିନ୍ତୁ ସେବାରେ ସମସ୍ତଙ୍କର ଅଧିକାର ଅଛି । କେବଳ ସେତିକି ନୁହେଁ, ଯେପର୍ଯ୍ୟନ୍ତ ଆମେମାନେ ଅପରର ସେବା ନେଉଛୁ, ସେପର୍ଯ୍ୟନ୍ତ ଆମେମାନେ ଅପରକୁ ସେବା କରିବାକୁ ବାଧ୍ୟ ।

## ୨

### ବ୍ରୁକଲିନ୍ ନୈତିକ ସଭା, ବ୍ରୁକ୍‌ଲିନ୍, ଆମେରିକା

ପ୍ର : ଆପଣ କହନ୍ତି, ସବୁ ହିଁ ମଙ୍ଗଳ ପାଇଁ; କିନ୍ତୁ ଦେଖିବାକୁ ମିଳେ, ଜଗତରେ ଅମଙ୍ଗଳ, ଦୁଃଖ, କଷ୍ଟ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହୋଇ ରହିଛି । ଆପଣଙ୍କର ସେହି ମତ ସହିତ ଏହି ପ୍ରତ୍ୟକ୍ଷଦୃଷ୍ଟ ବିଷୟର ସାମଞ୍ଜସ୍ୟ ଆପଣ କିପରି କରିବେ ?

ଉ : ଯଦି ଆପଣ ପ୍ରଥମେ ଅମଙ୍ଗଳର ଅସ୍ତିତ୍ୱ ପ୍ରମାଣ କରିପାରନ୍ତି, ତାହାହେଲେ

ମୁଁ ସେହି ପ୍ରଶ୍ନର ଉତ୍ତର ଦେଇପାରିବି । କିନ୍ତୁ ବୈଦାନ୍ତିକ ଧର୍ମ ଅମଙ୍ଗଳର ଅସ୍ତିତ୍ୱକୁ ସ୍ୱୀକାର କରେ ନାହିଁ ! ସୁଖ ସହିତ ଅସଂଯୁକ୍ତ ଅନନ୍ତ ଦୁଃଖ ଥିଲେ ତାକୁ ଅବଶ୍ୟ ପ୍ରକୃତ ଅମଙ୍ଗଳ କୁହାଯାଇପାରେ । କିନ୍ତୁ ଯଦି ସାମୟିକ ଦୁଃଖକଷ୍ଟ ହୃଦୟର କୋମଳତା ଓ ମହତ୍ତ୍ୱ ବିଧାନ କରି ମନୁଷ୍ୟକୁ ଅନନ୍ତ ସୁଖ ଆଡ଼କୁ ଅଗ୍ରସର କରିଦିଏ, ତେବେ ତାହାକୁ ଆଉ ଅମଙ୍ଗଳ କହିବା ଚଳିବ ନାହିଁ—ବରଂ ତାକୁ ପରମ ମଙ୍ଗଳ ବୋଲି କୁହାଯାଇପାରିବ । ଆମେମାନେ କୌଣସି ଜିନିଷକୁ ମନ୍ଦ ବୋଲି କହିପାରିବୁ ନାହିଁ, ଯେପର୍ଯ୍ୟନ୍ତ ଆମେମାନେ ଅନନ୍ତ ରାଜ୍ୟରେ ତାହାର ପରିଣାମ କ'ଣ ହୁଏ ଅନୁସନ୍ଧାନ ନ କରିଛୁଁ ।

ଭୂତ ବା ପିଶାଚୋପାସନା ହିନ୍ଦୁଧର୍ମର ଅଙ୍ଗ ନୁହେଁ । ମାନବଜାତି କ୍ରମୋନ୍ନତି-ପଥରେ ଗ୍ଭଲିଛି, କିନ୍ତୁ ସମସ୍ତେ ଏକ ପ୍ରକାର ଅବସ୍ଥାରେ ଉପସ୍ଥିତ ହୋଇପାରି ନାହାନ୍ତି । ସେଥିପାଇଁ ଦେଖାଯାଏ, ପାର୍ଥିବ ଜୀବନରେ କେହି କେହି ଅନ୍ୟାନ୍ୟ ବ୍ୟକ୍ତି ଅପେକ୍ଷା ମହତ୍ତର ଓ ପବିତ୍ରତର । ପ୍ରତ୍ୟେକ ବ୍ୟକ୍ତି ପାଇଁ ତାହାର ବର୍ତ୍ତମାନ ଉନ୍ନତିକ୍ଷେତ୍ରର ସୀମା ମଧ୍ୟରେ ନିଜକୁ ଉନ୍ନତ କରିବାର ସୁଯୋଗ ବିଦ୍ୟମାନ । ଆମେମାନେ ନିଜକୁ ନଷ୍ଟ କରିପାରୁ ନାହିଁ, ଆମେମାନେ ଆମର ଆଭ୍ୟନ୍ତରୀଣ ଜୀବନୀଶକ୍ତିକୁ ନଷ୍ଟ ବା ଦୁର୍ବଳ କରିପାରୁ ନାହିଁ, କିନ୍ତୁ ତାହାକୁ ବିଭିନ୍ନ ଦିଗରେ ପରିଗ୍ଭଳିତ କରିବାର ସ୍ୱାଧୀନତା ଆମମାନଙ୍କର ଅଛି ।

ପ୍ର : ଜାଗତିକ ଜଡ଼ ପଦାର୍ଥର ସତ୍ୟତା କ'ଣ କେବଳ ଆମମାନଙ୍କ ନିଜ ମନର କଳ୍ପନା ନୁହେଁ ?

ଉ : ମୋ ମତରେ ବାହ୍ୟ ଜଗତର ଅବଶ୍ୟ ଗୋଟିଏ ସତ୍ତା ଅଛି—ଆମମାନଙ୍କ ମନର ଚିନ୍ତାର ବାହାରେ ମଧ୍ୟ ତାହାର ଗୋଟିଏ ଅସ୍ତିତ୍ୱ ଅଛି । ସମଗ୍ର ପ୍ରପଞ୍ଚ-ଚୈତନ୍ୟର କ୍ରମବିକାଶରୂପକ ମହାନ୍ ବିଧାନର ଅନୁବର୍ତ୍ତୀ ହୋଇ ଉନ୍ନତିପଥରେ ଅଗ୍ରସର ହେଉଛି । ଏହି ଚୈତନ୍ୟର କ୍ରମବିକାଶ ଜଡ଼ର କ୍ରମବିକାଶଠାରୁ ପୃଥକ୍ । ଜଡ଼ର କ୍ରମବିକାଶ ଚୈତନ୍ୟର ବିକାଶପ୍ରଣାଳୀର ପ୍ରତୀକସ୍ୱରୂପ, କିନ୍ତୁ ତାହା ସେହି ପ୍ରଣାଳୀର ବ୍ୟାଖ୍ୟା କରିପାରେ ନାହିଁ । ଆମେମାନେ ବର୍ତ୍ତମାନ ପାର୍ଥିବ ପାରିପାର୍ଶ୍ୱିକ ଅବସ୍ଥାରେ ବଦ୍ଧ ଥିବାରୁ ଏବେ ମଧ୍ୟ ଅଖଣ୍ଡ ବ୍ୟକ୍ତିତ୍ୱ ଲାଭ କରିପାରି ନାହୁଁ । ଆମେମାନେ ଯେତେଦିନ ସେହି ଉଚ୍ଚତର ଅବସ୍ଥା ଲାଭ ନ କରିଛୁଁ—ଯେଉଁ ଅବସ୍ଥାରେ ଆମମାନଙ୍କ ଅନ୍ତରାତ୍ମାର ପରମ ଲକ୍ଷଣସମୂହ ପ୍ରକାଶାର୍ଥେ ଆମେମାନେ ଉପଯୁକ୍ତ ଯନ୍ତ୍ରରୂପରେ ପରିଣତ ହେଉ—ସେତେଦିନ ଆମେମାନେ ପ୍ରକୃତ ବ୍ୟକ୍ତିତ୍ୱ ଲାଭ କରିପାରିବୁ ନାହିଁ ।

ପ୍ର : ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଗୋଟିଏ ଜନ୍ମାନ୍ଧ ଶିଶୁକୁ ଆଣି ପ୍ରଶ୍ନ କରାଯାଇଥିଲା—ଶିଶୁଟିର ନିଜର କୌଣସି ପାପବଶତଃ ଅଥବା ତାହାର ପିତାମାତାଙ୍କର ପାପ ପାଇଁ ସେ ଅନ୍ଧ ହୋଇ ଜନ୍ମିଛି ? ଆପଣ ଏହି ସମସ୍ୟାର କିପରି ମୀମାଂସା କରିବେ ?

ଉ : ଏହି ସମସ୍ୟା ଭିତରକୁ ପାପର କଥା ଆଣିବାର ତ କୌଣସି ପ୍ରୟୋଜନ ଦେଖାଯାଉ ନାହିଁ । ତେବେ ମୋର ଦୃଢ଼ ବିଶ୍ୱାସ—ଶିଶୁଟିର ଏହି ଅନ୍ଧତା ତାହାର ପୂର୍ବଜନ୍ମକୃତ କୌଣସି କାର୍ଯ୍ୟର ଫଳସ୍ୱରୂପ । ମୋ ମତରେ ଏହି ସମସ୍ୟାଗୁଡ଼ିକର କେବଳ

ପୂର୍ବଜନ୍ମ ସ୍ୱୀକାର କଲେ ହିଁ ବ୍ୟାଖ୍ୟା କରାଯାଇପାରିବ ।

ପ୍ର : ଆମମାନଙ୍କ ଆତ୍ମା କଅଣ ମୃତ୍ୟୁ ପରେ ଆନନ୍ଦ ଅବସ୍ଥା ପ୍ରାପ୍ତ ହୁଏ ?

ଉ : ମୃତ୍ୟୁ କେବଳ ଅବସ୍ଥାର ପରିବର୍ତ୍ତନ ମାତ୍ର । ଦେଶ କାଳ ଆତ୍ମା ମଧ୍ୟରେ ହିଁ ବିଦ୍ୟମାନ, ଆତ୍ମା ଦେଶକାଳର ଅନ୍ତର୍ଗତ ନୁହନ୍ତି । ଏହି ଟିକକ ଜାଣିଲେ ଯଥେଷ୍ଟ ଯେ, ଆମେମାନେ ଇହଲୋକରେ ବା ପରଲୋକରେ ଆମମାନଙ୍କ ଜୀବନକୁ ଯେତେ ପବିତ୍ରତର ଓ ମହତ୍ତର କରିବା, ସେତେ ଆମେମାନେ ସେହି ଭଗବାନଙ୍କର ସମୀପବର୍ତ୍ତୀ ହେବା, ଯେ ସମୁଦାୟ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ଓ ଅନନ୍ତ ଆନନ୍ଦର କେନ୍ଦ୍ରସ୍ୱରୂପ ।

## ୩

### 'ଟ୍ୱେଣ୍ଟିଏଥ୍ ସେଞ୍ଚୁରି କ୍ଲବ', ବୋଷ୍ଟନ୍, ଆମେରିକା

ପ୍ର : ବେଦାନ୍ତ କଅଣ ମୁସଲମାନ ଧର୍ମ ଉପରେ କୌଣସି ପ୍ରଭାବ ବିସ୍ତାର କରିଥିଲା ?

ଉ : ବେଦାନ୍ତର ଆଧ୍ୟାତ୍ମିକ ଉଦାରତା ମୁସଲମାନ ଧର୍ମ ଉପରେ ବିଶେଷ ପ୍ରଭାବ ବିସ୍ତାର କରିଥିଲା । ଭାରତର ମୁସଲମାନ ଧର୍ମ ଅନ୍ୟାନ୍ୟ ଦେଶର ମୁସଲମାନ ଧର୍ମଠାରୁ ସମ୍ପୂର୍ଣ୍ଣ ଭିନ୍ନ । କେବଳ ଯେତେବେଳେ ମୁସଲମାନମାନେ ଅପର ଦେଶରୁ ଆସି ସେମାନଙ୍କର ଭାରତୀୟ ସ୍ୱଧର୍ମୀଙ୍କ ନିକଟରେ କହିବାରେ ଲାଗିଥାଆନ୍ତି ଯେ, ସେମାନେ କିପରି ବିଧର୍ମୀମାନଙ୍କ ସହିତ ମିଳାମିଶି ରହିଛନ୍ତି, ସେତେବେଳେ ଅଶିକ୍ଷିତ ଧର୍ମାନ୍ଧ ମୁସଲମାନ ଉତ୍ତେଜିତ ହୋଇ ଦଙ୍ଗାହାଙ୍ଗାମା କରିଥାଆନ୍ତି ।

ପ୍ର : ବେଦାନ୍ତ କଅଣ ଜାତିଭେଦ ସ୍ୱୀକାର କରେ ?

ଉ : ଜାତିଭେଦ ବୈଦାନ୍ତିକ ଧର୍ମର ବିରୋଧୀ । ଜାତିଭେଦ ଗୋଟିଏ ସାମାଜିକ ପ୍ରଥା, ଏବଂ ଆମର ବଡ଼ ବଡ଼ ଆଚାର୍ଯ୍ୟମାନେ ତାକୁ ଭାଙ୍ଗିବା ପାଇଁ ଚେଷ୍ଟା କରିଛନ୍ତି । ବୌଦ୍ଧଧର୍ମଠାରୁ ଆରମ୍ଭ କରି ସବୁ ସମ୍ପ୍ରଦାୟ ହିଁ ଜାତିଭେଦ ବିରୋଧରେ ପ୍ରଚାର କରିଛନ୍ତି, କିନ୍ତୁ ଯେତେ ଏପରି ପ୍ରଚାର ହୋଇଛି, ସେତେ ଜାତିଭେଦର ନିଗଡ଼ ଦୃଢ଼ତର ହୋଇଛି । ଜାତିଭେଦ ରାଜନୈତିକ ବ୍ୟବସ୍ଥାସମୂହରୁ ଉତ୍ପନ୍ନ ହୋଇଛି ମାତ୍ର । ତାହା ବଂଶପରମ୍ପରାଗତ ବ୍ୟବସାୟୀ ସମ୍ପ୍ରଦାୟଗୁଡ଼ିକର ସମବାୟ (Trade Guild) । କୌଣସି ପ୍ରକାର ଉପଦେଶ ଅପେକ୍ଷା ଇଉରୋପ ସହିତ ବାଣିଜ୍ୟ ପ୍ରତିଯୋଗିତାରେ ଜାତିଭେଦ ବେଶୀ ଭାଙ୍ଗିଛି ।

ପ୍ର : ବେଦର ବିଶେଷତ୍ୱ କଅଣ ?

ଉ : ବେଦର ଗୋଟିଏ ବିଶେଷତ୍ୱ ଏହି ଯେ, ଯେତେ ଶାସ୍ତ୍ରଗ୍ରନ୍ଥ ଅଛି, ତନ୍ମଧ୍ୟରେ ଏକମାତ୍ର ବେଦ ହିଁ ବାରମ୍ବାର କହୁଛି—ବେଦକୁ ମଧ୍ୟ ଅତିକ୍ରମ କରିବାକୁ ହେବ । ବେଦ କହେ, ତାହା କେବଳ ଅଜ୍ଞ ଶିଶୁ-ମନ ପାଇଁ ଲିଖିତ । ପରିଣତ ଅବସ୍ଥାରେ ବେଦର ସୀମା ଅତିକ୍ରମ କରିବାକୁ ହେବ ।

ପ୍ର : ଆପଣଙ୍କ ମତରେ—ପ୍ରତ୍ୟେକ ଜୀବାତ୍ମା କଅଣ ନିତ୍ୟ ସତ୍ୟ ?

ଉ : ଜୀବସତ୍ତା କେତେଗୁଡ଼ିଏ ସଂସ୍କାର ବା ବୃତ୍ତିର ସମଷ୍ଟିସ୍ୱରୂପ, ଏବଂ ଏହି ବୃତ୍ତି-ସମୂହ ପ୍ରତି ମୁହୂର୍ତ୍ତରେ ହିଁ ପରିବର୍ତ୍ତିତ ହେଉଛି । ସୁତରାଂ ତାହା କଦାପି ଅନନ୍ତକାଳ ପାଇଁ ସତ୍ୟ ହୋଇପାରିବ ନାହିଁ । ଏହି ମାୟିକ ଜଗତ୍‌-ପ୍ରପଞ୍ଚ ମଧ୍ୟରେ ହିଁ ତାହାର ସତ୍ୟତା । ଜୀବାତ୍ମା ଚିନ୍ତା ଓ ସ୍ମୃତିର ସମଷ୍ଟି—ତାହା କିପରି ନିତ୍ୟସତ୍ୟ ହୋଇପାରିବ ?

ପ୍ର : ବୌଦ୍ଧଧର୍ମ ଭାରତରୁ ଲୋପ ପାଇଲା କାହିଁକି ?

ଉ : ବୌଦ୍ଧଧର୍ମ ପ୍ରକୃତ ପକ୍ଷରେ ଭାରତରୁ ଲୋପ ପାଇ ନାହିଁ । ତାହା କେବଳ ଗୋଟିଏ ବିପୁଳ ସାମାଜିକ ଆନ୍ଦୋଳନ ମାତ୍ର ଥିଲା । ବୁଦ୍ଧଙ୍କ ପୂର୍ବରୁ ଯଜ୍ଞ ପାଇଁ ଓ ଅନ୍ୟାନ୍ୟ କାରଣରୁ ଅନେକ ଜୀବହତ୍ୟା ହେଉଥିଲା, ଏବଂ ଲୋକେ ପ୍ରଚୁର ମଦ୍ୟପାନ ଓ ମାଂସ ଭୋଜନ କରୁଥିଲେ । ବୁଦ୍ଧଙ୍କ ଉପଦେଶ ଫଳରେ ମଦ୍ୟପାନ ଓ ଜୀବହତ୍ୟା ଭାରତରୁ ପ୍ରାୟ ଲୋପ ପାଇଛି ।

## ୪

ଆମେରିକାର ହାର୍ଟ୍‌ଫୋର୍ଡ଼ଠାରେ 'ଆତ୍ମା, ଈଶ୍ୱର ଓ ଧର୍ମ' ସମ୍ବନ୍ଧରେ ଗୋଟିଏ ବକ୍ତୃତାର ଶେଷରେ ଶ୍ରୋତୃବୃନ୍ଦ କେତୋଟି ପ୍ରଶ୍ନ କରିଥିଲେ । ସେହି ପ୍ରଶ୍ନଗୁଡ଼ିକ ଓ ସେସବୁର ଉତ୍ତର ନିମ୍ନରେ ଦିଆଗଲା ।

ଶ୍ରୋତୃବୃନ୍ଦଙ୍କ ମଧ୍ୟରୁ ଜନୈକ ବ୍ୟକ୍ତି କହିଲେ : ଯଦି ଖ୍ରୀଷ୍ଟୀୟ ଧର୍ମୋପଦେଷ୍ଟାଗଣ ଲୋକଙ୍କୁ ନରକାଗ୍ନି ଭୟ ନ ଦେଖାଇବେ, ତେବେ ଲୋକେ ଆଉ ସେମାନଙ୍କ କଥା ମାନିବେ ନାହିଁ ।

ଉ : ତାହା ଯଦି ହୁଏ, ତା'ହେଲେ ନ ମାନିବା ହିଁ ଭଲ । ଯାହାକୁ ଭୟ ଦେଖାଇ ଧର୍ମକର୍ମ କରାଇବାକୁ ହୁଏ, ବାସ୍ତବିକ୍ ତାହାର କୌଣସି ଧର୍ମ ହୁଏ ନାହିଁ । ଲୋକଙ୍କୁ ତାଙ୍କର ଆସୁରି ପ୍ରକୃତି କଥା କିଛି ନ କହି ତାଙ୍କ ଭିତରେ ଯେଉଁ ଦେବଭାବ ଅନ୍ତର୍ନିହିତ ରହିଛି, ସେହି ବିଷୟରେ ଉପଦେଶ ଦେବା ହିଁ ଭଲ ।

ପ୍ର : 'ସ୍ୱର୍ଗରାଜ୍ୟ ଏ ଜଗତର ନୁହେଁ'—ଏହି କଥା ପ୍ରଭୁ ଯୀଶୁଖ୍ରୀଷ୍ଟ କେଉଁ ଅର୍ଥରେ କହିଥିଲେ ?

ଉ : ତାଙ୍କର କହିବାର ଉଦ୍ଦେଶ୍ୟ ଥିଲା ଯେ, ସ୍ୱର୍ଗରାଜ୍ୟ ଆମମାନଙ୍କ ଭିତରେ ହିଁ ରହିଛି । ଇହୁଦୀମାନଙ୍କର ଧାରଣା ଥିଲା ଯେ, ଏହି ପୃଥିବୀରେ ହିଁ ସ୍ୱର୍ଗରାଜ୍ୟ ବୋଲି ଗୋଟିଏ ରାଜ୍ୟ ପ୍ରତିଷ୍ଠିତ ହେବ । ଯୀଶୁଙ୍କର ସେଭାବ ନ ଥିଲା ।

ପ୍ର : ଆପଣ କଅଣ ବିଶ୍ୱାସ କରନ୍ତି, ଆମେମାନେ ପୂର୍ବେ ପଶୁ ଥିଲୁ, ଏବେ ମାନବ ହୋଇଛୁ ?

ଉ : ମୋର ବିଶ୍ୱାସ—କ୍ରମବିକାଶର ନିୟମ ଅନୁସାରେ ଉଚ୍ଚତର ପ୍ରାଣୀସମୂହ ନିମ୍ନତର ଜୀବସମୂହରୁ ଆସିଛନ୍ତି ।

ପ୍ର : ଆପଣ କଅଣ ଏପରି କାହାରିକୁ ଜାଣନ୍ତି, ଯାହାଙ୍କର ପୂର୍ବଜନ୍ମ କଥା ମନେ

ଅଛି ?

ଉ : ମୋର ଏପରି କେତେକ ବ୍ୟକ୍ତିଙ୍କ ସହିତ ସାକ୍ଷାତ୍ ହୋଇଛି, ଯେଉଁମାନେ ମୋତେ କହିଛନ୍ତି ଯେ, ସେମାନଙ୍କର ପୂର୍ବଜନ୍ମ କଥା ସ୍ମରଣ ଅଛି । ସେମାନେ ଏପରି ଅବସ୍ଥା ଲାଭ କରିଛନ୍ତି, ଯାହା ଫଳରେ ସେମାନଙ୍କର ପୂର୍ବଜନ୍ମର ସ୍ମୃତି ଉଦିତ ହୋଇଛି ।

ପ୍ର : ଆପଣ ଖ୍ରୀଷ୍ଟଙ୍କର କ୍ରୁଶରେ ବିଦ୍ଧ ହେବା ଘଟଣା କଅଣ ବିଶ୍ୱାସ କରନ୍ତି ?

ଉ : ଖ୍ରୀଷ୍ଟ ଈଶ୍ୱରାବତାର ଥିଲେ—ଲୋକେ ତାଙ୍କୁ ହତ୍ୟା କରିପାରି ନାହାନ୍ତି । ସେମାନେ ଯାହାକୁ କ୍ରୁଶ-ବିଦ୍ଧ କରିଥିଲେ, ତାହା କେବଳ ଗୋଟାଏ ଛାୟା, ମରୁମରୀଚିକା-ସ୍ୱରୂପ ଗୋଟିଏ ଭ୍ରାନ୍ତି ମାତ୍ର ।

ପ୍ର : ଯଦି ସେ ସେହିପରି ଗୋଟିଏ ଛାୟାଶରୀର ନିର୍ମାଣ କରିପାରୁଥିଲେ, ତାହା ହେଲେ ତାହା କଅଣ ସର୍ବାପେକ୍ଷା ଅଲୌକିକ ଘଟଣା ନୁହେଁ ?

ଉ : ମୁଁ ଅଲୌକିକ ଘଟଣାସମୂହକୁ ସତ୍ୟଲାଭ-ପଥରେ ସର୍ବାପେକ୍ଷା ଅଧିକ ବିଘ୍ନକର ବୋଲି ମନେକରେ । ବୁଦ୍ଧଙ୍କର ଶିଷ୍ୟଗଣ ଥରେ ତାଙ୍କୁ ତଥାକଥିତ ଅଲୌକିକ କ୍ରିୟାକାରୀ ଜଣେ ବ୍ୟକ୍ତିଙ୍କ କଥା କହିଥିଲେ । ସେହି ବ୍ୟକ୍ତି ସ୍ପର୍ଶ ନ କରି ଖୁବ୍ ଉଚ୍ଚ ସ୍ଥାନରୁ ଗୋଟିଏ ପାତ୍ର ନେଇ ଆସିଥିଲେ । କିନ୍ତୁ ବୁଦ୍ଧଦେବଙ୍କୁ ସେହି ପାତ୍ରଟି ଦେଖାଇବା ମାତ୍ରେ ସେ ତାହା ନେଇ ପଦଦ୍ୱାରା ଚୂର୍ଣ୍ଣବିଚୂର୍ଣ୍ଣ କରିପକାଇଲେ, ଏବଂ ସେମାନଙ୍କୁ ଅଲୌକିକ କ୍ରିୟା ଉପରେ ଧର୍ମର ଭିତ୍ତି ନିର୍ମାଣ କରିବାକୁ ନିଷେଧ କରି କହିଲେ, 'ସନାତନ ତତ୍ତ୍ୱସମୂହ ମଧ୍ୟରେ ସତ୍ୟ ଅନ୍ୱେଷଣ କରିବାକୁ ହେବ ।' ସେ ସେମାନଙ୍କୁ ଯଥାର୍ଥ ଆଭ୍ୟନ୍ତରୀଣ ଜ୍ଞାନାଲୋକ ବିଷୟ, ଆତ୍ମତତ୍ତ୍ୱ, ଆତ୍ମଜ୍ୟୋତିର ବିଷୟ ଶିକ୍ଷା ଦେଇଥିଲେ—ଆଉ ସେହି ଆତ୍ମଜ୍ୟୋତିର ଆଲୋକରେ ଅଗ୍ରସର ହେବା ହିଁ ଏକମାତ୍ର ନିରାପଦ ପନ୍ଥା । ଅଲୌକିକ ବ୍ୟାପାରଗୁଡ଼ିକ ଧର୍ମପଥର କେବଳ ପ୍ରତିବନ୍ଧକ ମାତ୍ର । ସେଗୁଡ଼ିକୁ ସମ୍ମୁଖରୁ ଦୂର କରିଦେବାକୁ ହେବ ।

ପ୍ର : ଆପଣ କଅଣ ବିଶ୍ୱାସ କରନ୍ତି, ଯୀଶୁ ଶୈଳୋପଦେଶ (Sermon on the Mount) ଦେଇଥିଲେ ।

ଉ : ଯୀଶୁ ଶୈଳୋପଦେଶ ଦେଇଥିଲେ, ଏହା ମୁଁ ବିଶ୍ୱାସ କରେ । କିନ୍ତୁ ଏହି ବିଷୟରେ ଅପରାପର ଲୋକେ ଯେପରି ଗ୍ରନ୍ଥ ଉପରେ ନିର୍ଭର କରନ୍ତି, ମୋତେ ମଧ୍ୟ ତାହା ହିଁ କରିବାକୁ ହୁଏ; ଆଉ ଏହା ମୁଁ ଜାଣେ ଯେ, କେବଳ ଗ୍ରନ୍ଥର ପ୍ରମାଣ ଉପରେ ସମ୍ପୂର୍ଣ୍ଣ ଆସ୍ଥା ସ୍ଥାପନ କରାଯାଇ ନ ପାରେ । ତେବେ ସେହି ଶୈଳୋପଦେଶକୁ ଆମମାନଙ୍କ ଜୀବନର ପଥପ୍ରଦର୍ଶକ ରୂପେ ଗ୍ରହଣ କଲେ ଆମମାନଙ୍କର କୌଣସି ବିପଦର ସମ୍ଭାବନା ନାହିଁ । ଆଧ୍ୟାତ୍ମିକ କଲ୍ୟାଣପ୍ରଦ ବୋଲି ଆମମାନଙ୍କ ପ୍ରାଣକୁ ଯାହା ଛୁଇଁବ, ତାହାକୁ ହିଁ ଆମମାନଙ୍କୁ ଗ୍ରହଣ କରିବାକୁ ହେବ । ବୁଦ୍ଧ ଖ୍ରୀଷ୍ଟଙ୍କ ପାଞ୍ଚଶତ ବର୍ଷ ପୂର୍ବେ ଉପଦେଶ ଦେଇଯାଇଥିଲେ । ତାଙ୍କର ବାକ୍ୟାବଳୀ ପ୍ରେମ ଓ ଆଶୀର୍ବାଦରେ ପୂର୍ଣ୍ଣ । କେବେହେଲେ ତାଙ୍କ ମୁଖରୁ କାହାରି ପ୍ରତି ଗୋଟିଏ ଅଭିଶାପବାଣୀ ଉଚ୍ଚାରିତ ହୋଇ ନାହିଁ । ତାଙ୍କ ଜୀବନରେ କୌଣସି ଅଶୁଭ-

ଅନୁଧ୍ୟାନର କଥା ଶୁଣାଯାଏ ନାହିଁ । ଜରଥୁଷ୍ଟ୍ର ବା କନ୍‌ଫୁସିଅସଙ୍କ ମୁହଁରୁ ମଧ୍ୟ କେବେହେଲେ ଅଭିଶାପବାଣୀ ନିର୍ଗତ ହୋଇ ନାହିଁ ।

ଝ

ବ୍ରୁକ୍‌ଲିନ୍ ସଭାର ପରିଶିଷ୍ଟରୁ ସଂଗୃହୀତ

ପ୍ର : ଆତ୍ମାର ପୁନର୍ଦେହଧାରଣ ସମ୍ବନ୍ଧୀୟ ମତବାଦଟି କିପରି ?

ଉ : ବୈଜ୍ଞାନିକମାନଙ୍କର 'ଶକ୍ତି ବା ଜଡ଼-ସାତତ୍ୟ' (Conservation of Energy or Matter)-ମତ ଯେଉଁ ଭିତ୍ତି ଉପରେ ପ୍ରତିଷ୍ଠିତ, ଏହା ମଧ୍ୟ ସେହି ଭିତ୍ତି ଉପରେ ସ୍ଥାପିତ । ଏହି ମତବାଦ ଆମ ଦେଶର ଜଣେକ ଦାର୍ଶନିକ ହିଁ ପ୍ରଥମେ ପ୍ରକାଶ କରିଥିଲେ । ଏହି ମତବାଦର ଦାର୍ଶନିକମାନେ ସୃଷ୍ଟିରେ ବିଶ୍ୱାସ କରୁ ନ ଥିଲେ । 'ସୃଷ୍ଟି' କହିଲେ ବୁଝାଏ—'କିଛି ନାହିଁ'ରୁ 'କିଛି' ହେବା । ଏହା ଅସମ୍ଭବ । ଯେପରି କାଳର ଆଦି ନାହିଁ, ସେହିପରି ସୃଷ୍ଟିର ମଧ୍ୟ ଆଦି ନାହିଁ । ଈଶ୍ୱର ଓ ସୃଷ୍ଟି ଯେପରି ଦୁଇଟି ସମାନ୍ତରାଳ ରେଖା—ସେମାନଙ୍କର ଆଦି ନାହିଁ, ଅନ୍ତ ନାହିଁ—ସେମାନେ ନିତ୍ୟ ପୃଥକ୍ । ସୃଷ୍ଟି ସମ୍ବନ୍ଧରେ ଆମମାନଙ୍କ ମତ ଏହି ଯେ : ତାହା ଥିଲା, ଅଛି ଓ ରହିବ । ପାଶ୍ଚାତ୍ୟ-ଦେଶୀୟମାନଙ୍କୁ ଭାରତଠାରୁ ଗୋଟିଏ ବିଷୟ ଶିଖିବାକୁ ହେବ—ପରଧର୍ମ-ସହିଷ୍ଣୁତା । କୌଣସି ଧର୍ମ ମନ୍ଦ ନୁହେଁ, କାରଣ ସବୁ ଧର୍ମର ସାରଭାଗ ଏକ ପ୍ରକାର ।

ପ୍ର : ଭାରତର ନାରୀମାନେ ସେତେ ଉନ୍ନତ ନୁହନ୍ତି କାହିଁକି ?

ଉ : ବିଭିନ୍ନ ଯୁଗରେ ଯେଉଁ ଅନେକ ଅସଭ୍ୟ ଜାତି ଭାରତ ଆକ୍ରମଣ କରିଥିଲେ, ପ୍ରଧାନତଃ ସେଥିପାଇଁ ଭାରତର ମହିଳାଗଣ ଏତେ ଅନୁନ୍ନତ । କେତେକ ପରିମାଣରେ ତାହା ଭାରତବାସୀଙ୍କର ନିଜର ଦୋଷ ।

ଥରେ ଆମେରିକାରେ ସ୍ୱାମୀଜୀଙ୍କୁ କୁହାଯାଇଥିଲା, ହିନ୍ଦୁଧର୍ମ କେବେହେଲେ ଅନ୍ୟଧର୍ମାବଲମ୍ବୀଙ୍କୁ ନିଜ ଧର୍ମକୁ ଆନୟନ କରେ ନାହିଁ; ସେଥିରେ ସେ କହିଥିଲେ : ଯେପରି ପ୍ରାଚ୍ୟ ଭୂଭାଗରେ ଘୋଷଣା କରିବା ପାଇଁ ବୁଦ୍ଧଙ୍କର ବିଶେଷ ଗୋଟିଏ ବାଣୀ ଥିଲା, ମୋର ମଧ୍ୟ ତଦ୍ରୂପ ପାଶ୍ଚାତ୍ୟ ଦେଶରେ ଘୋଷଣା କରିବା ପାଇଁ ଗୋଟିଏ ବାଣୀ ରହିଛି ।

ପ୍ର : ଆପଣ କଅଣ ଏ ଦେଶରେ (ଆମେରିକାରେ) ହିନ୍ଦୁଧର୍ମର କ୍ରିୟାକଳାପ ଅନୁଷ୍ଠାନାଦିର ପ୍ରବର୍ତ୍ତନ କରିବାକୁ ଇଚ୍ଛା କରନ୍ତି ?

ଉ : ମୁଁ କେବଳ ଦାର୍ଶନିକ ତତ୍ତ୍ୱ ପ୍ରଚାର କରୁଛି ।

ପ୍ର : ଆପଣଙ୍କର କଅଣ ମନେହୁଏ ନାହିଁ, ଯଦି ନରକର ଭୟ ଲୋକଙ୍କ ମନରୁ ଅପସାରିତ କରାଯାଏ, ତେବେ ସେମାନଙ୍କୁ କୌଣସି ପ୍ରକାର ଶାସନ କରାଯାଇ ପାରିବ ନାହିଁ ?

ଉ : ନା, ବରଂ ମୋର ମନେହୁଏ, ଭୟ ଅପେକ୍ଷା ହୃଦୟରେ ପ୍ରେମ ଓ ଆଶାର ସଞ୍ଚାର ହେଲେ ତାହା ଢେର ଭଲ ହେବ ।

# ତଥ୍ୟପଞ୍ଜୀ

## ସ୍ୱାମୀ-ଶିଷ୍ୟ-ସମ୍ବାଦ

ଗ୍ରନ୍ଥ-ପରିଚୟ : ଭୂମିକା ଦ୍ରଷ୍ଟବ୍ୟ

ବ୍ୟକ୍ତି-ପରିଚୟ : ୭ମ ଖଣ୍ଡ ଦ୍ରଷ୍ଟବ୍ୟ

ପୃଷ୍ଠା ଧାଡ଼ି

୩ ୩ 'ପ୍ରଥମଥର ସ୍ୱାମୀଜୀ ବିଲାତରୁ ଫେରିବା ପରେ'—୧୮୯୭ ମସିହା ଜାନୁଆରି ୧୫ ତାରିଖ କଲମ୍ବୋରେ, ୨୭ ତାରିଖରେ ଭାରତରେ (ରାମନାଦରେ) ପଦାର୍ପଣ କଲେ ଏବଂ ମାନ୍ଦ୍ରାଜରେ କିଛି ଦିନ ଅବସ୍ଥାନ କରି ଫେବୃଆରି ୨୦ ତାରିଖରେ କଲିକତାରେ ପହଞ୍ଚିଲେ ।

୧୨ ଶ୍ରୀରାମକୃଷ୍ଣସ୍ତୋତ୍ର : ଶିଷ୍ୟ (ଶ୍ରୀଶରଚ୍ଚନ୍ଦ୍ର ଚକ୍ରବର୍ତ୍ତୀ)-ଙ୍କ ରଚିତ 'ଶ୍ରୀଶ୍ରୀରାମକୃଷ୍ଣାଦ୍ୟସ୍ତବମାଲା' ପୁସ୍ତିକାର ପ୍ରଥମ ସ୍ତୋତ୍ର ।

୪ ୭ ମିରର୍ : 'Indian Mirror' ଇଂରାଜୀ ଦୈନିକ, ୧୮୬୧ ଖ୍ରୀଷ୍ଟାବ୍ଦରେ କେଶବ ସେନ୍‌ଙ୍କ କର୍ତ୍ତୃକ ପ୍ରଥମ ପ୍ରକାଶିତ । ମନୋମୋହନ ଘୋଷ ଏହାର ପ୍ରଥମ ସମ୍ପାଦକ । ପରେ ନରେନ୍ଦ୍ରନାଥ ସେନ୍ ଏହାର ସମ୍ପାଦକ ହେଲେ । 'ମିରର୍' ପ୍ରଥମେ ପାକ୍ଷିକ ଥିଲା, ପରେ ସାପ୍ତାହିକରେ ପରିଣତ ହେଲା ଏବଂ ୧୮୭୧ ଖ୍ରୀଃଠାରୁ ଦୈନିକରେ ପରିଣତ ହେଲା । ସ୍ୱାମୀଜୀ ବିଦେଶରେ ଥିବାବେଳେ ମଧ୍ୟ ତାଙ୍କ ସମ୍ବନ୍ଧରେ ଅନେକ ସମ୍ବାଦ ଏହି ପତ୍ରିକାରେ ପ୍ରାୟ ପ୍ରକାଶିତ ହେଉଥିଲା ।

୭ ୨୫ କର୍ମବାଦ : ହିନ୍ଦୁ ଶାସ୍ତ୍ର ମତରେ ପୂର୍ବଜନ୍ମର କର୍ମଫଳ ଏହି ଜୀବନର ଏବଂ ଏହି ଜୀବନର କର୍ମଫଳ ଭବିଷ୍ୟତ ଜୀବନର ସୁଖଦୁଃଖ ନିୟନ୍ତ୍ରଣ କରେ ।

୮ ୧୨ ଚତୁଃସାଧନ : (୧) ନିତ୍ୟାନିତ୍ୟବସ୍ତୁବିବେକ (କେଉଁଟା ସତ୍ୟ, କେଉଁଟା ଅସତ୍ୟ, ଏହି ବିଚାର); (୨) ଇହାମୁତ୍ରଫଳଭୋଗବିରାଗ (ଇହଲୋକର ଓ ସ୍ୱର୍ଗାଦିର ଫଳଭୋଗରେ ଅନାସକ୍ତି); (୩) ଶମଦମାଦି ଷଟ୍‌ସମ୍ପତ୍ତି (ବହିରନ୍ତର ଇନ୍ଦ୍ରିୟସଂଯମ ପ୍ରଭୃତି); (୪) ମୁମୁକ୍ଷୁତ୍ୱ (ମୁକ୍ତି ପାଇବାର ଇଚ୍ଛା) ।

୯ ୫ ହାଇଡ୍ରଲିକ୍ ବ୍ରିଜ୍ : ହୁଗୁଲି ନଦୀ ଓ ବାଗ୍‌ବଜାର ନାଳର ସଂଯୋଗ ସ୍ଥାନରେ ଥିବା ରେଲ୍‌ୱେ ପୋଲ । ସେହି ସମୟରେ ବୋଧହୁଏ ଏହା ଜଳଶକ୍ତିଦ୍ୱାରା ଉଠାସରା ହେଉଥିଲା, ବର୍ତ୍ତମାନ କିନ୍ତୁ ଏହା ମୋଟର୍-ଚାଳିତ ।

୧୨ ୭ 'କରତଳାମଳକବତ୍'—ହାତରେ ଥିବା ଅଁଳା ପରି ସ୍ପଷ୍ଟ, ସମ୍ପୂର୍ଣ୍ଣ-ଆୟତ୍ତାଧୀନ ।

| ପୃଷ୍ଠା | ଧାଡ଼ି | |
|---|---|---|
| ୧୨ | ୧୮ | ଗୀତଗୋବିନ୍ଦ : ପ୍ରାୟ ସାତଶହ ବର୍ଷ ପୂର୍ବେ ବର୍ତ୍ତମାନର ବୀରଭୂମି ଜିଲ୍ଲା ଅନ୍ତର୍ଗତ ଅଜୟ-ନଦୀର ତୀରବର୍ତ୍ତୀ କେନ୍ଦୁବିଲ୍ୱ ନିବାସୀ ସଂସ୍କୃତ କବି ଜୟଦେବଙ୍କ ଦ୍ୱାରା ରଚିତ । ଏହି କାବ୍ୟ କୃଷ୍ଣଲୀଳା-ବିଷୟକ । |
| ୧୩ | ୨୦ | 'ଆମର ଇତିହାସ ତ କହୁଛି' : ବର୍ମାଦେଶ, ଇଣ୍ଡୋଚୀନ୍, ଇଣ୍ଡୋନେସିଆ ପ୍ରଭୃତି ଦେଶରେ ହିନ୍ଦୁମାନେ ଉପନିବେଶ ଓ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ସୁବର୍ଣ୍ଣ ଦ୍ୱୀପରେ ଶୈଳେନ୍ଦ୍ର ରାଜାମାନେ ଅଷ୍ଟମ ଶତାବ୍ଦୀରେ ବିରାଟ ସାମ୍ରାଜ୍ୟ ସ୍ଥାପନ କଲେ । ମାଳୟ ଉପଦ୍ୱୀପ ଓ ସମଗ୍ର ଇଣ୍ଡୋନେସିଆ (ଯବ, ବାଲି, ସୁମାତ୍ରା, ବୋର୍ଣ୍ଣିଓ ପ୍ରଭୃତି) ଦ୍ୱୀପରେ ଏହା ବିସ୍ତୃତ ଥିଲା । ଖ୍ରୀଃର ଦ୍ୱିତୀୟ, ତୃତୀୟ ଶତକରେ ଆନାମ୍ ଦେଶରେ ଗୋଟିଏ ହିନ୍ଦୁ ରାଜ୍ୟ ସ୍ଥାପିତ ହେଲା । 'ଚମ୍ପା' ତା'ର ରାଜଧାନୀ ଥିଲା । ଖେମର୍ ଦେଶରେ (କାମ୍ବୋଡ଼ିଆ) କୌଣ୍ଡିନ୍ୟ ନାମରେ ଜଣେ ବ୍ରାହ୍ମଣ ଗୋଟିଏ ରାଜ୍ୟ ସ୍ଥାପନ କଲେ । ପରେ ଏହା କମ୍ବୁଜ ନାମରେ ବିଖ୍ୟାତ ହେଲା । ଏହି ସବୁ ଦେଶରେ ସଭ୍ୟତାର ଆଲୋକ ଭାରତର ଔପନିବେଶିକ ଓ ରାଜାମାନେ ହିଁ ପ୍ରଜ୍ୱଳିତ କରିଥିଲେ । ଯବ ଦ୍ୱୀପରେ ବରବୁଦୁର୍ (Barabudur), କାମ୍ବୋଡ଼ିଆରେ ଆଙ୍କରଭଟ୍ (Angkar Vat) ଓ ବ୍ରହ୍ମଦେଶରେ ପାଗାନ୍ (Pagan) ନାମକ ସ୍ଥାନରେ 'ଆନନ୍ଦ' ମନ୍ଦିର ପ୍ରଭୃତି ଏବେ ମଧ୍ୟ ସେମାନଙ୍କର ସଭ୍ୟତା ଓ ଶିଳ୍ପକଳାର ଉତ୍କର୍ଷତାର ସାକ୍ଷୀରୂପେ ବିଦ୍ୟମାନ । |
| ୧୭ | ୧୭ | 'ତଦାକାରକାରିତ'—ଇଷ୍ଟଙ୍କର ସ୍ୱରୂପତାପ୍ରାପ୍ତି; ଯାହାଙ୍କ ବିଷୟ ଚିନ୍ତା କରାଯାଏ, ତାଙ୍କପରି ହୋଇଯିବା । |
| ୧୯ | ୧୯ | 'ଦୁଇ ଜଣ ଇଂରେଜ ମହିଳା'—ମିସେସ୍ ସେଭିଆର୍ ଓ ମିସ୍ ମୁଲାର୍ । |
| ୨୧ | ୧୪ | 'ଲୋକସଂଗ୍ରହ ନିମିତ୍ତ'—ଲୋକମାନଙ୍କୁ ସେମାନଙ୍କର ନିଜ ନିଜର ଧର୍ମରେ ପ୍ରବର୍ତ୍ତିତ କରିବା ଓ ସେମାନଙ୍କୁ ଅଧର୍ମରୁ ରକ୍ଷା କରିବାର ନାମ 'ଲୋକ-ସଂଗ୍ରହ' । ଦ୍ରଷ୍ଟବ୍ୟ ଗୀତା, ୩।୨୦, ଶାଙ୍କର ଭାଷ୍ୟ । |
| ୨୨ | ୨ | 'ସିଆ-ସୁନ୍ନିଙ୍କ ଭିତରେ ପିଟାପିଟି'—ସିଆମାନେ ଆଲି ଓ ଆଲିଙ୍କର ସନ୍ତାନମାନଙ୍କୁ ହଜରତ୍ ମହମ୍ମଦଙ୍କର ଉତ୍ତରାଧିକାରୀ ଓ ଖଲିଫା ବୋଲି ମାନନ୍ତି । ସୁନ୍ନିମାନେ ମନେକରନ୍ତି ଯେ, ଯେଉଁମାନେ ନିର୍ବାଚିତ ହେବେ, ସେହିମାନେ ହିଁ ଖଲିଫା ହେବେ । ସେମାନେ ଆଲି ଓ ତାଙ୍କର ସନ୍ତାନ-ମାନଙ୍କୁ ଖଲିଫା ବୋଲି ସ୍ୱୀକାର କରନ୍ତି ନାହିଁ । ଏଥିଯୋଗୁଁ ବିରୋଧ ଏବଂ କାରବାଲର ହତ୍ୟାକାଣ୍ଡ ଏହାର ମର୍ମାନ୍ତିକ ପରିଣତି । ମହରମ୍ ପର୍ବ ଏହି ଘଟଣାର ବାର୍ଷିକ ସ୍ମୃତି-ଅନୁଷ୍ଠାନ । |
| ୨୩ | ୧ | ଜେନ୍ଦାବେସ୍ତା : (Zend Avesta) ଜରଥୁଷ୍ଟ୍ର-ପ୍ରବର୍ତ୍ତିତ ପାରସିକ- |

ପୃଷ୍ଠା ଧାଡ଼ି

ମାନଙ୍କର ଧର୍ମଗ୍ରନ୍ଥ । ଏହାର ପ୍ରଥମ ଅଂଶ ପ୍ରାଚୀନ ଆବେସ୍ତାନ ଭାଷାରେ ଓ ଶେଷ ଅଂଶ ଜେନ୍ଦ ବା ପହ୍ଲବୀ ଭାଷାରେ ଲିଖିତ । ଶୁଭ ଓ ଅଶୁଭ— ଏହି ଦୁଇ ଶକ୍ତିର ନିୟତ ସଂଗ୍ରାମ ହିଁ ଏହି ଧର୍ମ-ମତର ଗୋଟିଏ ପ୍ରଧାନ ତତ୍ତ୍ୱ ।

୨୫ ୮ 'କର୍ଣ୍ଣଓ୍ୱାଲିସ୍ ଷ୍ଟ୍ରିଟସ୍ଥ ବ୍ରାହ୍ମସମାଜ'—ଉତ୍ତର କଲିକତାର 'ସାଧାରଣ ବ୍ରାହ୍ମସମାଜ' । ଯୁବାବସ୍ଥାରେ 'ନରେନ୍ଦ୍ରନାଥ' ଏହାର ସଦସ୍ୟ ଥିଲେ ।

୧୧ 'ମହାକାଳୀ ପାଠଶାଳାର ସ୍ଥାପନକର୍ତ୍ତ୍ରୀ ତପସ୍ୱିନୀ ମାତା'—ଗଙ୍ଗାବାଈ ମହାରାଷ୍ଟ୍ରଦେଶୀୟା ବିଦୁଷୀ, ରାଜବଂଶୀୟା ଦୁହିତା—ଝାନ୍ସୀର ରାଣୀଙ୍କ ପାଖରେ ରହି ଯୁଦ୍ଧ କରିଥିଲେ, ପରେ ନେପାଳରେ କିଛିକାଳ ତପସ୍ୟା ଉତ୍ତାରେ କଲିକତା ଆସିଲେ । ଦେଶରେ ଧର୍ମଭାବହୀନ ଓ ହିନ୍ଦୁଧର୍ମ-ବିରୋଧୀ ଶିକ୍ଷା ଦେଖି ୧୮୯୩ ଖ୍ରୀ:ରେ ବାଳିକାମାନଙ୍କ ମଧ୍ୟରେ ଧର୍ମ-ଭିତ୍ତିକ ଶିକ୍ଷାର ବିସ୍ତାର ପାଇଁ ଏହି ବିଦ୍ୟାଳୟଟି ପ୍ରତିଷ୍ଠା କଲେ । ବର୍ତ୍ତମାନ ଏହି ବିଦ୍ୟାଳୟଟି କୈଳାସ ବସୁ (ପୁରାତନ ସୁକିୟା) ଷ୍ଟ୍ରିଟ୍‌ରେ ଅବସ୍ଥିତ ।

୨୫ ୨୧ ତପସ୍ୱିନୀ ମାତାଜୀ : ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ (୧୮୦୫ ଖ୍ରୀ:) ଦକ୍ଷିଣ ଭାରତର ଭେଲୋର୍ ନାମକ ଏକ କ୍ଷୁଦ୍ର କରଦରାଜ୍ୟର ରାଜାଙ୍କ କନ୍ୟାର ଗର୍ଭରେ ମାତାଜୀ ତପସ୍ୱିନୀ ଜନ୍ମଗ୍ରହଣ କରିଥିଲେ । ପିଲାବେଳେ ତାଙ୍କ ନାମ ଥିଲା ସୁନନ୍ଦା ଦେବୀ । ଚିରକୁମାରୀ ରହିବାର ସଂକଳ୍ପ କରି ସୁନନ୍ଦା ପଞ୍ଚାଗ୍ନି ବ୍ରତ ପାଳନ କଲେ । ପରେ ମାନ୍ଦ୍ରାଜର ତାମ୍ରଲିପ୍ତା ନଦୀ ତୀରରେ ବହୁକାଳ ତପସ୍ୟା କରି ମାତାଜୀ ନାମ ଗ୍ରହଣ କଲେ । ଏହି ପୁଣ୍ୟବତୀ ମହିଳା କଲିକତା ମହାକାଳୀ ପାଠଶାଳାର ସ୍ଥାପୟିତ୍ରୀ । (ଉପେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ)

୨୬ ୧୬ ଗାର୍ଗୀ : ବୃହଦାରଣ୍ୟକ ଉପନିଷଦ୍‌ରେ ଉଲ୍ଲିଖିତ ବ୍ରହ୍ମବାଦିନୀ, ବଚକ୍ନୁ ଋଷିଙ୍କର କନ୍ୟା; ଖନା : ଜ୍ୟୋତିର୍ବିଦ ନାରୀ, ବିକ୍ରମାଦିତ୍ୟଙ୍କ ସଭାର ଜ୍ୟୋତିଷଶାସ୍ତ୍ରବିତ୍ ବରାହପୁତ୍ର ମିହିରଙ୍କର ପତ୍ନୀଭାବରେ ପ୍ରସିଦ୍ଧା; ଲୀଳାବତୀ : ଗଣିତଶାସ୍ତ୍ରରେ ବିଶେଷ ପାରଦର୍ଶିନୀ, ଭାସ୍କରାଚାର୍ଯ୍ୟଙ୍କର କନ୍ୟା ।

୨୯ ୩ 'ମ୍ୟାକ୍ସମୁଲରଙ୍କ ଦ୍ୱାରା ମୁଦ୍ରିତ ବହୁସଂଖ୍ୟାରେ ସଂପୂର୍ଣ୍ଣ ଋଗ୍‌ବେଦ'— ପ୍ରାଚ୍ୟତତ୍ତ୍ୱବିଦ୍ ଓ ଭାରତୀୟ ଧର୍ମର ଅନୁରାଗୀ ଏହି ଜର୍ମାନ୍ ପଣ୍ଡିତଙ୍କଦ୍ୱାରା ସଂପାଦିତ 'ଋଗ୍‌ବେଦ' (Sacred Books of the East Series) ଆଜି ପର୍ଯ୍ୟନ୍ତ ନିର୍ଭରଯୋଗ୍ୟ ସଂସ୍କରଣ ।

୨୨ ସାୟନ ବା ସାୟନାଚାର୍ଯ୍ୟ : ବେଦର ଭାଷ୍ୟକାର; ଦାକ୍ଷିଣାତ୍ୟର ବିଜୟନଗର ରାଜ୍ୟର ସଂଗମବଂଶୀୟ ରାଜା ହରିହରଙ୍କର (ରାଜତ୍ୱକାଳ

୧୩୭୭—୧୪୦୪ ଖ୍ରୀ:) ପ୍ରଧାନମନ୍ତ୍ରୀ ଥିଲେ । ତାଙ୍କର ଭାଇ ମାଧବଙ୍କର ଅପର ନାମ ଥିଲା ବିଦ୍ୟାରଣ୍ୟ ମୁନି । ବିଦ୍ୟାରଣ୍ୟଙ୍କ ନାମରେ ବିଜୟନଗରର ଅପର ନାମ ଥିଲା ବିଦ୍ୟାନଗର । ୧୩୮୭ ଖ୍ରୀ:ରେ ସାୟନାଚାର୍ଯ୍ୟଙ୍କର ମୃତ୍ୟୁ ହୋଇଥିଲା ।

୩୦ ୨ 'ଇଷ୍ଟ ଇଣ୍ଡିଆ କମ୍ପାନୀ (East India Company)…ନବେ ଦେଇଥିଲେ'—ବହୁଶ୍ରମସାଧ୍ୟ ପ୍ରାଚୀନ ବୈଦିକ ଶାସ୍ତ୍ରର ପାଠୋଦ୍ଧାର ଏବଂ ତାହାର ପ୍ରକାଶନ ପାଇଁ ଭାରତର ତତ୍କାଳୀନ ଶାସନ-କର୍ତ୍ତୃପକ୍ଷ ଇଷ୍ଟ ଇଣ୍ଡିଆ କମ୍ପାନୀ ଏସିଆଟିକ୍ ସୋସାଇଟି ମାଧ୍ୟମରେ ବହୁ ଅର୍ଥ ବ୍ୟୟ କରିଥିଲେ ।

୩୦ ୨୧ 'ପ୍ରଥମେ ମୀନାବତାରରେ'—ମତ୍ସ୍ୟ କୂର୍ମ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମଚନ୍ଦ୍ର, ବଳରାମ, ବୁଦ୍ଧ ଓ କଲ୍କି ଏହି ଦଶ ଅବତାର-ମାନଙ୍କ ମଧ୍ୟରେ ମତ୍ସ୍ୟାବତାର ପ୍ରଥମ ।

୩୪ ୨୭ 'ମୂକାସ୍ୱାଦନବତ୍' : ନାରଦଭକ୍ତିସୂତ୍ର, ୭।୫୨। ମୂକ ବ୍ୟକ୍ତି ଯେପରି କୌଣସି ସ୍ୱାଦଯୁକ୍ତ ଦ୍ରବ୍ୟ ଆସ୍ୱାଦନ କରି ଯଥେଷ୍ଟ ଆନନ୍ଦ ପାଇଲେ ମଧ୍ୟ କିଛି ପ୍ରକାଶ କରିପାରେ ନାହିଁ, ସେହିପରି ସିଦ୍ଧ ସାଧକମାନେ ଈଶ୍ୱର-ଦର୍ଶନରୁ ଯେଉଁ ଆନନ୍ଦ ଲାଭ କରନ୍ତି, ତାହାକୁ କଥାରେ ପ୍ରକାଶ କରିପାରନ୍ତି ନାହିଁ ।

୩୫ ୧୪ 'ମୁକ୍ତିଃ କରଫଳାୟତେ'—ବିବେକଚୂଡ଼ାମଣି, ୪୮୫ । ମୋକ୍ଷ କରତଳସ୍ଥିତ ଫଳପରି ସ୍ପଷ୍ଟ ହୁଏ, ଅର୍ଥାତ୍ ସିଦ୍ଧ ସାଧକ ସର୍ବଦା ଅନୁଭବ କରନ୍ତି ଯେ, ସେ ସର୍ବପ୍ରକାର ବନ୍ଧନବିହୀନ, ନିତ୍ୟମୁକ୍ତ ।

୪୩ ୨୬ ଗୋଭିଲ ଗୃହ୍ୟସୂତ୍ର : ଗୋଭିଲ୍ଙ୍କ କୃତ ସୂତ୍ରଗ୍ରନ୍ଥ—ଗୃହସ୍ଥର ଧର୍ମକର୍ମ, ବିବାହ ଆଦି ବିଷୟକ ସୂତ୍ରଶାସ୍ତ୍ର ।

୪୮ ୨୮-୯ 'ସ୍ୱାମୀଜୀ ଯେତେଦିନ ପର୍ଯ୍ୟନ୍ତ ପୁନରାୟ ବିଲାତ ଗମନ କରି ନ ଥିଲେ'—୧୮୯୯ ଖ୍ରୀ: ୨୦ ଜୁନ୍‌ରେ ସ୍ୱାମୀଜୀ ୨ୟ ଥର କଲିକତାରୁ ଜାହାଜରେ ପାଶ୍ଚାତ୍ୟ ଅଭିମୁଖେ ଯାତ୍ରା କରିଥିଲେ । ସ୍ୱାମୀ ତୁରୀୟାନନ୍ଦ ଓ ଭଗିନୀ ନିବେଦିତା ତାଙ୍କ ସଙ୍ଗରେ ମଧ୍ୟ ଯାଇଥିଲେ ।

୫୦ ୧୬ 'ନର ଓ ନାରାୟଣ ନାମରେ'—ଶ୍ରୀଭଗବାନଙ୍କର ଅବତାର ଦୁଇ ଋଷି, ଏମାନେ ଜଗତର କଲ୍ୟାଣ ପାଇଁ ବଦରିକାଶ୍ରମରେ ତପସ୍ୟା କରିଥିଲେ ।

୫୧ ୩୨ 'ଦୁର୍ଯ୍ୟୋଧନ ଏବଂ ଅର୍ଜୁନ ବିଶ୍ୱରୂପ ଦେଖିଥିଲେ'—କୁରୁକ୍ଷେତ୍ର ଯୁଦ୍ଧର ପ୍ରାରମ୍ଭରେ ଶ୍ରୀକୃଷ୍ଣ ଯେତେବେଳେ ସନ୍ଧିର ପ୍ରସ୍ତାବ ନେଇ ଯାଇଥିଲେ, ଦୁର୍ଯ୍ୟୋଧନ ତାହାଙ୍କୁ ବନ୍ଦୀ କରିବାକୁ ଉଦ୍ୟତ ହୋଇଲା । ଭଗବାନ ସେତେବେଳେ ତାହାକୁ ତାଙ୍କର ବିଶ୍ୱରୂପ ଦର୍ଶନ କରାଇଥିଲେ । ଦୁର୍ଯ୍ୟୋଧନ ମନେକଲା ଏହା ଗୋଟିଏ ଭେଳକିବାଜି । କିନ୍ତୁ ଯୁଦ୍ଧର ଠିକ୍ ପୂର୍ବରୁ ଅର୍ଜୁନ

ପୃଷ୍ଠା ଧାଡ଼ି

ଶ୍ରୀକୃଷ୍ଣ-ଶରୀରରେ ବିଶ୍ୱରୂପ ଦେଖି ତଦ୍‌ଗତ ଚିତ୍ତରେ ସ୍ତବ କରିଥିଲେ । (ଗୀତା, ୧୧ ଅଧ୍ୟାୟ)

୫୩ ୮ ପରମପୁରୁଷାର୍ଥ : ପୁରୁଷର ପ୍ରୟୋଜନୀୟ ଚତୁର୍ବର୍ଗ—ଧର୍ମ, ଅର୍ଥ, କାମ, ଓ ମୋକ୍ଷକୁ 'ପୁରୁଷାର୍ଥ' କହନ୍ତି । ବିଭିନ୍ନ ଭାରତୀୟ ଦର୍ଶନମାନଙ୍କରେ ପୁରୁଷର (ମନୁଷ୍ୟ ବା ସାଧକର) ଚୂଡ଼ାନ୍ତ ଆଧ୍ୟାତ୍ମିକ ଲକ୍ଷ୍ୟ ମୋକ୍ଷକୁ 'ପରମପୁରୁଷାର୍ଥ' କୁହାଯାଏ ।

୫୪ ୨୫ 'ଆଜି ସୂର୍ଯ୍ୟଗ୍ରହଣ—ସର୍ବଗ୍ରାସୀ'—୨୨ ଜାନୁଆରି ୧୮୯୮ ।

୫୭ ୧୮ 'ପରାଞ୍ଚି ଖାନି ବ୍ୟତୃଣତ୍ ସ୍ୱୟମ୍ଭୂଃ'—କଠୋପନିଷଦ୍ ୨।୧।୧; ଇନ୍ଦ୍ରିୟମାନଙ୍କୁ ବହିର୍ମୁଖୀ କରି ସ୍ରଷ୍ଟା ଯେପରି ଆମମାନଙ୍କୁ ହିଂସା କରିଛନ୍ତି; ଇନ୍ଦ୍ରିୟମାନଙ୍କୁ ଅନ୍ତର୍ମୁଖୀ କରିପାରିଲେ ଅନ୍ତରାତ୍ମାଙ୍କର ଦର୍ଶନ ହୁଏ ।

୫୮ ୨-୩ 'ସଂ ସଂ ଲୋକଂ ସଂବିଭାତି'—ମୁଣ୍ଡକ ଉପନିଷଦ୍, ୨।୧୦

୫୯ ୩-୪ 'ଦୁଃଖିନୀ ବ୍ରାହ୍ମଣୀ କୋଳେ'—ଗିରିଶଚନ୍ଦ୍ର ଘୋଷଙ୍କ ରଚିତ ଶ୍ରୀରାମକୃଷ୍ଣଙ୍କର ଜନ୍ମତିଥି ସମ୍ବନ୍ଧୀୟ ସଙ୍ଗୀତ ।

୬୦ ୧୫ 'ନୀଳାମ୍ବର ବାବୁଙ୍କ ବଗିଚା'—ବେଲୁଡ଼ରେ ବର୍ତ୍ତମାନ ମଠାଦି ପ୍ରତିଷ୍ଠା ପୂର୍ବରୁ (୧୮୯୮ ଖ୍ରୀ: ୧୩ ଫେବୃଆରିଠାରୁ) ବେଲୁଡ଼ସ୍ଥ ନୀଳାମ୍ବର ମୁଖୋପାଧ୍ୟାୟଙ୍କ ଗଙ୍ଗାତୀରସ୍ଥ ବଗିଚାଘର ଭଡ଼ା ନିଆ ହୋଇଥିଲା । ନୀଳାମ୍ବର ବାବୁ କାଶ୍ମୀରର ଦେୱାନ୍ (?) ଥିଲେ । ଘରଟି ବେଲୁଡ଼ମଠର ଦକ୍ଷିଣକୁ ଅବସ୍ଥିତ ।

୬୨ ୪-୫ 'କେତେ ମଣି ପଡ଼ିଅଛି ଚିନ୍ତାମଣିଙ୍କ ନାଚଦୁଆରେ'—କମଲାକାନ୍ତ-ବିରଚିତ ମାତୃସଙ୍ଗୀତ 'ଆପନାତେ ଆପନି ଥେକୋ ମନ'—ଏହି ଗୀତର ଶେଷ ପଦ । ନାଚଦୁଆର—ସଦର ଦରଜା ।

୬୪ ୯ 'ପଞ୍ଚମପୁରୁଷାର୍ଥ' : ଧର୍ମ, ଅର୍ଥ, କାମ, ମୋକ୍ଷ—ଏହି ଚାରୋଟି ପୁରୁଷାର୍ଥ; ଭକ୍ତିଶାସ୍ତ୍ର ମତରେ ପଞ୍ଚମ ପୁରୁଷାର୍ଥ—ପ୍ରେମ ବା ପୂର୍ଣ୍ଣ ନିର୍ଭରତା ।

୧୨ 'ଠାକୁରଙ୍କ ଦେହ ଗୋହତ୍ୟା-ପାପର ଗଳ୍ପ'—ବଗିଚାର ଫୁଲଗଛ ନଷ୍ଟ କରିବାରୁ ଜଣେ ବ୍ରାହ୍ମଣ ଗୋଟିଏ ଗୋରୁକୁ ହତ୍ୟା କଲେ । ଗୋ-ହତ୍ୟା-ପାପ ତାଙ୍କୁ ସ୍ପର୍ଶ କରିବାକୁ ଆସିବାରୁ ବ୍ରାହ୍ମଣ କହିଲେ, 'ହାତର ଅଧିପତି ଦେବତା ଇନ୍ଦ୍ରଙ୍କୁ ଯାଇ ଧର ।' ଏହି କଥା ଶୁଣି ଇନ୍ଦ୍ର ବ୍ରାହ୍ମଣଙ୍କୁ ପରୀକ୍ଷା କରିବାକୁ ଆସି ବଗିଚାଟିର ଖୁବ୍ ସୁଖ୍ୟାତି କରି ବ୍ରାହ୍ମଣଙ୍କୁ ପଚାରିଲେ, 'ଏ ବଗିଚା କିଏ କରିଛି ?' 'ମୁଁ କରିଛି' ବୋଲି ବ୍ରାହ୍ମଣ ଉତ୍ତର ଦେଲେ । 'ଗୋରୁ କିଏ ମାରିଛି ?' ପଚାରିବାରୁ ବ୍ରାହ୍ମଣ ଇନ୍ଦ୍ରଙ୍କ ଉପରେ ଦୋଷ ଲଦିବାକୁ ଚେଷ୍ଟା କଲେ । ଇନ୍ଦ୍ର କହିଲେ, 'ଯିଏ ବଗିଚା କରିଛି, ସିଏ

ପୃଷ୍ଠା ଧାଡ଼ି

ଗୋରୁ ମାରୁଛୁ ।' ଅର୍ଥାତ୍ କର୍ତ୍ତୃତ୍ୱବୋଧ ଥିବା ପର୍ଯ୍ୟନ୍ତ ଶୁଭ ଓ ଅଶୁଭ ଉଭୟର ଦାୟିତ୍ୱ ନେବାକୁ ପଡ଼ିବ ।

୭୦ ୮ ଜୀବନ୍ମୁକ୍ତ ଅବସ୍ଥା : ଶରୀର ଥିବା ସମୟରେ ମୁକ୍ତ ଅବସ୍ଥା-ଲାଭର ନାମ 'ଜୀବନ୍ମୁକ୍ତି' । ଦେହତ୍ୟାଗ ପରେ ଯେଉଁ ମୁକ୍ତି, ତା'ର ନାମ 'ବିଦେହ ମୁକ୍ତି' ।

୭୦ ୨୫ 'ମଜ୍‌ଲେ ଆମାର ମନ୍-ଭ୍ରମରା କାଲୀପଦ-ନୀଲକମଲେ'—ରଚୟିତା ସାଧକ କମଲାକାନ୍ତ ।

୭୧ ୧୪ ଗୁରୁଗୋବିନ୍ଦ : ଗୁରୁଗୋବିନ୍ଦ ଶିଖମାନଙ୍କର ୧୦ମ ଗୁରୁ । ତାଙ୍କ ସମୟରେ ଶିଖ୍‌ମାନେ ମହାପରାକ୍ରାନ୍ତ ଯୋଦ୍ଧା ଜାତିରୂପେ ଗଠିତ ହୋଇଥିଲେ ।

୭୪ ୯ 'ମାନ୍ଦ୍ରାଜରେ ଯେତେବେଳେ ମନ୍ମଥ ବାବୁଙ୍କ ଘରେ ଥିଲି'—୧୮୯୨ ଖ୍ରୀ: ଡିସେମ୍ବର ମାସରେ ମାନ୍ଦ୍ରାଜର ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ ମନ୍ମଥନାଥ ଭଟ୍ଟାଚାର୍ଯ୍ୟ ସ୍ୱାମୀଜୀଙ୍କୁ ପଣ୍ଡିଚେରୀରୁ ମାନ୍ଦ୍ରାଜ ଆଣିଥିଲେ । ୧୮୯୩ ଫେବ୍ରୁଆରି ୧୦ ତାରିଖ ପର୍ଯ୍ୟନ୍ତ ସ୍ୱାମୀଜୀ ମାନ୍ଦ୍ରାଜରେ ରହିଥିଲେ । ମନ୍ମଥବାବୁ ମହାମହୋପାଧ୍ୟାୟ ମହେଶଚନ୍ଦ୍ର ନ୍ୟାୟରତ୍ନଙ୍କ ପୁଅ ।

୭୫ ୫ 'କାକତାଲୀୟ ନ୍ୟାୟ'—ନ୍ୟାୟଶାସ୍ତ୍ରର ପ୍ରସିଦ୍ଧ ଦୃଷ୍ଟାନ୍ତ । କୁଆଟି ଗଛରେ ବସିବା ସଙ୍ଗେ ସଙ୍ଗେ ତାଳଟି ପଡ଼ିଲା; ଲୋକଙ୍କ ଧାରଣା ହେଲା, କୁଆ ବସିବା ତାଳ ପଡ଼ିବାର କାରଣ; କିନ୍ତୁ ବାସ୍ତବିକ ତାହା ନୁହେଁ । ପରସ୍ପର ସମ୍ବନ୍ଧ-ହୀନ ଅଥଚ ଅକସ୍ମାତ୍ ଏକାସାଙ୍ଗରେ ସଂଘଟିତ ଦୁଇଟି ଘଟଣା ଦେଖି ମନେହୁଏ, ଯେପରି ସେହି ଦୁଇଟି ପରସ୍ପର କାର୍ଯ୍ୟକାରଣ-ସମ୍ବନ୍ଧଯୁକ୍ତ ।

୭୯ ୧୭ 'ହିନ୍ଦୁଧର୍ମ କ'ଣ ?'—ସ୍ୱାମୀଜୀଙ୍କ ଲିଖିତ 'ଭାବିବାର କଥା' ପୁସ୍ତକରେ ସନ୍ନିବେଶିତ 'ହିନ୍ଦୁଧର୍ମ ଓ ଶ୍ରୀରାମକୃଷ୍ଣ' ପ୍ରବନ୍ଧ ।

୮୭ ୨୭ ଅଷ୍ଟାଧ୍ୟାୟୀ ପାଣିନି : ବ୍ୟାକରଣର ପାଣିନି-ସୂତ୍ର ଆଠ ଅଧ୍ୟାୟରେ ବିଭକ୍ତ । ମହର୍ଷି ପତଞ୍ଜଳିଙ୍କ କୃତ ଏହାର ଭାଷ୍ୟ 'ମହାଭାଷ୍ୟ' ନାମରେ ପରିଚିତ ।

୮୫ ୧୬ 'ଅନାବୃତ୍ତିଃ ଶବ୍ଦାତ୍' :—ବେଦାନ୍ତସୂତ୍ର, ୪।୪।୨୨ । ମୁକ୍ତ ପୁରୁଷଙ୍କର ପୁନରାବୃତ୍ତି (ସଂସାରରେ ପୁନର୍ଜନ୍ମ) ହୁଏ ନାହିଁ ।

୮୭ ୧୭ ପଞ୍ଚଦଶୀକାର : 'ପଞ୍ଚଦଶୀ' ଶ୍ରୀମଦ୍ ଭାରତୀତୀର୍ଥ ମୁନୀଶ୍ୱର-ବିରଚିତ । 'ତତ୍ତ୍ୱବିବେକ', 'ଭୂତବିବେକ', 'ପଞ୍ଚକୋଷବିବେକ', 'ଦ୍ୱୈତବିବେକ', 'ମହାବାକ୍ୟବିବେକ' ପ୍ରଭୃତି 'ପଞ୍ଚଦଶ' ପରିଚ୍ଛେଦରେ ବର୍ଣ୍ଣିତ ବେଦାନ୍ତର ଗୋଟିଏ ବିଶିଷ୍ଟ ପ୍ରକରଣଗ୍ରନ୍ଥ । ଉଦ୍ଧୃତଟି ପଞ୍ଚକୋଷ ବିବେକର ୪୦ ସଂଖ୍ୟକ ଶ୍ଳୋକ ।

୯୩ ୧୫ 'ଗଲ୍ ଜାତିର ହାତରେ ପଡ଼ି'—ରୋମ୍ ସାମ୍ରାଜ୍ୟର ଧ୍ୱଂସର ଅନ୍ୟତମ କାରଣ ଗଲ୍ ପ୍ରଭୃତି ବର୍ବର ଜାତିମାନଙ୍କର ପୁନଃ ପୁନଃ ଆକ୍ରମଣ ।

ପୃଷ୍ଠା ଧାଡ଼ି

ଗଲ୍‌ମାନେ କେଲ୍ଟଜାତିର ସମଗୋତ୍ରୀୟ; କାଳକ୍ରମେ ସେମାନେ ଫ୍ରାନ୍ସରେ ବସବାସ କଲେ । ଜୁଲିୟସ ସିଜର ସେମାନଙ୍କୁ ପରାଜିତ କଲେ । କିନ୍ତୁ ତାଙ୍କ ମୃତ୍ୟୁପରେ ସେମାନେ ପୁଣି ପ୍ରବଳ ହୋଇଉଠିଲେ ।

୧୦୧ ୨୦ 'ଡାରଉଇନ୍‌ଙ୍କର କ୍ରମବିକାଶବାଦ' : ଚାର୍ଲସ ରବର୍ଟ ଡାରଉଇନ୍‌ଙ୍କର 'Origin of Species' ଗ୍ରନ୍ଥରେ ବର୍ଣ୍ଣିତ କ୍ରମବିକାଶବାଦରେ (Theory of Evolution) ନିମ୍ନସ୍ତରର ପ୍ରାଣୀରୁ ଉଚ୍ଚସ୍ତରର ପ୍ରାଣୀ ପର୍ଯ୍ୟନ୍ତ କ୍ରମପରିବର୍ତ୍ତନର କଥା ଆଲୋଚିତ ହୋଇଅଛି ।

୧୧୧ ୧୨ 'ସନ୍ନାପ୍ୟସନ୍ନାପ୍ୟୁଭୟାତ୍ମିକା ନୋ'—ବିବେକଚୂଡ଼ାମଣି, ୧୧୩ । ମାୟା ସତ୍‌, ଅସତ୍‌ ବା ଉଭୟ ଭାବମିଶ୍ରିତ କୌଣସି ପଦାର୍ଥ ନୁହେଁ । ଏଥିପାଇଁ ମାୟାକୁ ଶଙ୍କର 'ଅନିର୍ବଚନୀୟ' କହିଛନ୍ତି ।

୨୦ 'ଠାକୁରଙ୍କର ସେହି ମୋଚି ବୋହିଆର ଗଳ୍ପ'—ଗଳ୍ପଟି ଶ୍ରୀରାମକୃଷ୍ଣ-କଥିତ । ଜଣେ ବ୍ରାହ୍ମଣ ତାଙ୍କ ଗଣ୍ଠିଲିଟି ବୋହିବା ପାଇଁ ଜଣକୁ ସାଙ୍ଗରେ ନେଲେ । ସେ ଜାଣି ନ ଥିଲେ ଯେ ସେ ଲୋକଟି ଗୋଟିଏ ମୋଚି । କିଛି ବାଟ ଯାଇ ସେ ଲୋକର କୌଣସି ଅନାଚାର ଦେଖି ବ୍ରାହ୍ମଣ କହିଲେ, 'ତୁ କ'ଣ ମୋଚି କିରେ ?' ସେତେବେଳେ ସେ ଲୋକଟି କହିଲା, 'ବ୍ରାହ୍ମଣ ମହାଶୟ, ମୁଁ ତେବେ ଯାଉଛି ।' ବ୍ରାହ୍ମଣ ପଚାରିଲେ, 'କ'ଣ ହେଲା କିରେ ?' ମୋଚି କହିଲା 'ଆପଣ ଯେ ମୋତେ ଚିହ୍ନି ପକାଇଲେ !'

୧୨୦ ୪ 'ନ (ମୁକ୍ତିଃ) ସିଧ୍ୟତି ବ୍ରହ୍ମଶତାନ୍ତରେଽପି'—ବିବେକଚୂଡ଼ାମଣି, ୬ ।

୭ 'ନ ଧନେନ, ନ ଚେଜ୍ୟୟା ତ୍ୟାଗେନୈକେ'—ତୁଳନୀୟ କୈବଲ୍ୟୋପନିଷଦ୍‌, ୩ ।

୧୩୦ ୧୫ 'ଆହାରଶୁଦ୍ଧୌ ସତ୍ତ୍ୱଶୁଦ୍ଧିଃ ସତ୍ତ୍ୱଶୁଦ୍ଧୌ ଧ୍ରୁବା ସ୍ମୃତିଃ ସ୍ମୃତିଲମ୍ଭେ ସର୍ବଗ୍ରନ୍ଥୀନାଂ ବିପ୍ରମୋକ୍ଷଃ'—ଛାନ୍ଦୋଗ୍ୟ ଉପ. ୭।୨୬।୨; ନାରଦ-ସନତ୍କୁମାର ସମ୍ବାଦ ।

୧୩୩ ୧୮ 'ବୈଦିକ କଳ୍ପ, ଗୃହ୍ୟ ଓ ଶ୍ରୌତସୂତ୍ର'—(୧) କଳ୍ପସୂତ୍ର : ବୈଦିକ କର୍ମାନୁଷ୍ଠାନର ପ୍ରତିପାଦକ ସୂତ୍ର; (୨) ଗୃହ୍ୟସୂତ୍ର : ସ୍ମୃତି ଅବଲମ୍ବନରେ ଗୃହସ୍ଥମାନଙ୍କର ଅନୁଷ୍ଠେୟ ଧର୍ମ; (୩) ଶ୍ରୌତସୂତ୍ର : ବେଦର କର୍ମକାଣ୍ଡ ବିଷୟରେ ନିର୍ଦ୍ଦେଶ ।

୧୯ ରଘୁନନ୍ଦନଙ୍କ ଶାସନ : ଆଧୁନିକ ବଙ୍ଗଦେଶରେ ପ୍ରଚଳିତ ଯୁକ୍ତିଦ୍ୱାରା ପ୍ରତିଷ୍ଠିତ ବିଧିବ୍ୟବସ୍ଥା । ମିତାକ୍ଷରାର ଶାସନ : ବିଜ୍ଞାନେଶ୍ୱର-ରଚିତ ଉତ୍ତରାଧିକାର ଇତ୍ୟାଦି ନିର୍ଦ୍ଦେଶକ ସ୍ମୃତିଗ୍ରନ୍ଥ; ବଙ୍ଗଦେଶ ବ୍ୟତୀତ ଭାରତର ଅପର ପ୍ରଦେଶମାନଙ୍କରେ ଏହି ସ୍ମୃତିର ଶାସନ ପ୍ରଚଳିତ । ବଙ୍ଗଦେଶରେ 'ଦାୟଭାଗ'ର ଶାସନ ପ୍ରଚଳିତ । ମନୁସ୍ମୃତିର ଶାସନ : 'ମନୁସଂହିତା' ହିଁ

ପୃଷ୍ଠା ଧାଡ଼ି

ଆର୍ଯ୍ୟ ସଂସ୍କାର-ବିଧିବ୍ୟବସ୍ଥାର ମୂଳଗ୍ରନ୍ଥ ।

୧୩୭ ୩ 'ଗିରି ଗଣେଶ ଆମାର ଶୁଭକାରି'—ଦାଶରଥୀ ରାୟଙ୍କ ରଚିତ ଆଗମନୀ ଗୀତିର ପ୍ରଥମ ପଙ୍‌କ୍ତି ।

୧୪୧ ୧୭ ନଡାଲର ରାୟ ବାବୁ : ଯଶୋହର ଜିଲ୍ଲାର ନଡାଇଲ ପ୍ରଗନାର ଜମିଦାର । ବର୍ତ୍ତମାନ ଏମାନେ କାଶୀପୁରରେ ରହୁଛନ୍ତି ।

୧୪୬ ୨୫ 'ନାଗ ମହାଶୟ ଘରେ ପାଞ୍ଚ ଦିନ ଉପାସ କରି…' : ସ୍ୱାମୀ ଅଖଣ୍ଡାନନ୍ଦଙ୍କ ଲିଖିତ 'ସ୍ମୃତିକଥା' ।

୧୪୭ ୧୩ 'ପାକ୍ଷିକ ପତ୍ରିକା ବାହାର କରିବାର ପ୍ରସ୍ତାବ'—ଉଦ୍‌ବୋଧନ ପତ୍ରିକା ବଙ୍ଗଳା ୧୩୦୫ ସାଲ ପହିଲି ମାଘ ମାସରେ ପ୍ରଥମେ ପାକ୍ଷିକ ପତ୍ରିକାରୂପେ ପ୍ରକାଶିତ ହୋଇଥିଲା । ୧୦ମ ବର୍ଷ ୧୩୧୪, ମାଘଠାରୁ ଏହା ମାସିକ ପତ୍ରିକା ରୂପେ ପ୍ରକାଶିତ ହେଉଅଛି ।

୧୮ 'ପତ୍ରର ପ୍ରସ୍ତାବନା'—'ଉଦ୍‌ବୋଧନ' ପତ୍ରିକାରେ ସ୍ୱାମୀଜୀଙ୍କ ଲିଖିତ ପ୍ରସ୍ତାବନା 'ବର୍ତ୍ତମାନ ସମସ୍ୟା'; ଏହି ଗ୍ରନ୍ଥାବଳୀର ୬ଷ୍ଠ ଖଣ୍ଡ, ପୃ. ୨୪ ଦ୍ରଷ୍ଟବ୍ୟ ।

୧୫୨ ୨୭ ଶୁଦ୍ଧାଦ୍ୱୈତବାଦ : ଏଠାରେ ଆଚାର୍ଯ୍ୟ ଶଙ୍କରଙ୍କର ଅଦ୍ୱୈତବାଦ ବୋଲି ବୁଝିବାକୁ ହେବ ।

୧୫୩ ୧୪ 'ଆବ୍ରହ୍ମସ୍ତମ୍ବପର୍ଯ୍ୟନ୍ତ'—ବ୍ରହ୍ମାଙ୍କଠାରୁ ତୃଣ ପର୍ଯ୍ୟନ୍ତ, ଅର୍ଥାତ୍ ବିଶ୍ୱଜଗତର ଚରାଚର ସବୁକିଛି ।

୧୫୪ ୪ 'ବର୍ତ୍ତମାନ ନାଲି କାଟି ପାଣି ଆଣିବା'—ଅନାବୃଷ୍ଟି ବେଳେ ଦୃଢ଼ପ୍ରତିଜ୍ଞ କୃଷୀର ନାଲି ଖୋଳି ଜମିକୁ ପାଣି ଆଣିବାର କାହାଣୀଟି ଶ୍ରୀଶ୍ରୀରାମକୃଷ୍ଣ କହୁଥିଲେ ।

୨୫ 'ମନଟାକୁ ମାରିବାକୁ ହେବ'—ମନର ବହିର୍ମୁଖୀ ବୃତ୍ତିକୁ ପ୍ରଶମିତ କରିବାକୁ ହେବ । ଉତ୍ତରାଖଣ୍ଡର ସାଧୁମାନଙ୍କ ମଧ୍ୟରେ ପ୍ରଚଳିତ ଗୋଟିଏ ଉକ୍ତି : 'ମନକୋ ମାର, ତନ୍‌କୋ ଜାରୋ' ।

୧୫୫ ୨୮ 'ସ୍ତିମିତ-ସଲିଲରାଶି-ପ୍ରଖ୍ୟମାଖ୍ୟାବିହୀନମ୍'—ନିର୍ବିକଳ୍ପ ସମାଧିର ଅବସ୍ଥା ସ୍ଥିରସାଗରର ତରଙ୍ଗ-ରହିତ ଅବସ୍ଥା ସହିତ ତୁଳନା କରାଯାଇଅଛି । ବିବେକଚୂଡ଼ାମଣି, ୪୧୭ ।

୧୫୮ ୮ 'ବିନଶ୍ୟତ୍ୟସଦ୍‌ଗ୍ରହାତ୍'—ଆତ୍ମଜ୍ଞାନହୀନ ବ୍ୟକ୍ତି ଅସତ୍ୟ ବସ୍ତୁ ଗ୍ରହଣ କରି ବିନଷ୍ଟ ହୁଏ ।—ବିବେକଚୂଡ଼ାମଣି, ୪ ।

୧୫୯ ୧୯ ପ୍ୟାରିସ୍ ପ୍ରଦର୍ଶନୀ—ଏହି ଗ୍ରନ୍ଥାବଳୀର ୭ଷ୍ଟ ଖଣ୍ଡ, ପୃଷ୍ଠା ୩୯ ଦ୍ରଷ୍ଟବ୍ୟ ।

୧୬୪ ୫ 'ପରମଧନ ସେ ପରଶମଣି'—କମଲାକାନ୍ତଙ୍କ ଗୀତ 'ଆପନାତେ ଆପନି

ପୃଷ୍ଠା ଧାଡ଼ି

ଥେକୋ ମନ' ଗୀତର ତୃତୀୟ ପଙ୍‌କ୍ତି ।

୧୬୫ ୨୬ 'ଢାକାର ମୋହିନୀବାବୁଙ୍କ ଘରେ'—ଢାକାର ଜମିଦାର ମୋହିନୀ ମୋହନ ଦାସଙ୍କ ଫରାସଗଞ୍ଜ ରୋଡ଼ସ୍ଥ ଘରେ ସ୍ୱାମୀଜୀଙ୍କ ରହିବାର ବ୍ୟବସ୍ଥା ହୋଇଥିଲା ।

୧୬୬ ୧୦ 'ହ-ର ସ୍ତ୍ରୀ'—ସାଧୁ ନାଗମହାଶୟଙ୍କର ଭକ୍ତ ଢାକାର ହରପ୍ରସନ୍ନ ମଜୁମଦାର ମହାଶୟଙ୍କର ସ୍ତ୍ରୀ ।

୩୦ କଟନ୍ ସାହେବ : ଭାରତହିତୈଷୀ ସାର୍ ହେନେରୀ କଟନ୍ ତତ୍‌କାଳରେ ଆସାମର Chief Commissioner ଥିଲେ ।

୧୬୭ ୪ 'ଶଙ୍କରଦେବଙ୍କ ନାମ'—ଆସାମରେ ଭକ୍ତି-ଆନ୍ଦୋଳନର ପୁରୋଧା ଶ୍ରୀଶଙ୍କରଦେବ ବା 'ଶଙ୍କରଦେବ' ଷୋଡ଼ଶ ଶତାବ୍ଦୀର ଅସାମୀୟା ସାହିତ୍ୟର ଶ୍ରେଷ୍ଠ କବି । ଶଙ୍କରଦେବ ଭକ୍ତିମୂଳକ (ବୈଷ୍ଣବ) ଭାବଧାରାର ପ୍ରବର୍ତ୍ତକ ମହାପୁରୁଷ । ତାଙ୍କ ରଚନାବଳୀ—ରାମାୟଣ ଉତ୍ତରାକାଣ୍ଡ, ପଦାବଳୀ, ରୁକ୍ମିଣୀହରଣ ନାଟ, ଶ୍ରୀରାମବିଜୟ ନାଟ, ଭାଗବତପୁରାଣ, ଅନାଦି ପାତନ, ଭକ୍ତିପ୍ରଦୀପ । କେହିକେହି ମନେ କରନ୍ତି ଶଙ୍କରଦେବଙ୍କ ସହିତ ଶ୍ରୀଶ୍ରୀଚୈତନ୍ୟଦେବଙ୍କର ସାକ୍ଷାତ୍ ହୋଇଥିଲା—(ଦ୍ରଃ ବଙ୍ଗଳା ସାହିତ୍ୟର ଇତିହାସ—ଡଃ ସୁକୁମାର ସେନ୍)

୧୭୦ ୨୫ 'ବୌଦ୍ଧଯୁଗର ସ୍ତ୍ରୀମଠ'—ବୌଦ୍ଧଯୁଗରେ ପ୍ରଥମ ସ୍ତ୍ରୀମଠ ସ୍ଥାପିତ ହୁଏ; ଶିଷ୍ୟ ଆନନ୍ଦଙ୍କର ଅନୁରୋଧରେ ଭଗବାନ ବୁଦ୍ଧ ଏଥିପାଇଁ ଅନୁମତି ଦେଇଥିଲେ । ବୁଦ୍ଧଙ୍କ ପାଳୟିତ୍ରୀ ମାତୃଷ୍ୱସା ମହାପ୍ରଜାପତି ଗୌତମୀ ସ୍ତ୍ରୀ-ମଠର ପ୍ରଥମ ଅଧ୍ୟକ୍ଷା ହୋଇଥିଲେ ।

୧୭୩ ୩ 'ଯେଉଁ ବିଦେଶୀ ଝିଅମାନେ ମୋର ଚେଲା ହୋଇଥିଲେ'—ମିସେସ୍ ସେଭିଅର୍, ମିସେସ୍ ଓଲ୍ ବୁଲ୍, ମିସ୍ ନୋବଲ୍ ପ୍ରଭୃତି ସ୍ୱାମୀଜୀଙ୍କର କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଭାରତବର୍ଷକୁ ଆସିଥିଲେ ।

୪୫୨ ୧୧ 'ଜି. ସି. କପରି ନୂତନ ଛନ୍ଦରେ'—ଶ୍ରୀରାମକୃଷ୍ଣଙ୍କ ପରମ ଭକ୍ତ ଓ ନାଟ୍ୟକାର ଗିରିଶଚନ୍ଦ୍ର ଘୋଷ (ସ୍ୱାମୀଜୀ ତାହାଙ୍କୁ ଇଂରାଜୀ ନାମର ପ୍ରଥମ ଅକ୍ଷର ଅନୁସାରେ ଜି. ସି. ବୋଲି ଡାକୁଥିଲେ) ଅମିତ୍ରାକ୍ଷର ଛନ୍ଦ ନୂଆ କରି ତାଙ୍କ ନାଟକରେ ବ୍ୟବହାର କରିଥିଲେ । ଏହି ନୂତନ ଛନ୍ଦ 'ଗୈରିଶ ଛନ୍ଦ' ନାମରେ ପରିଚିତ ।

୪୫୪ ୧୧ ଶ୍ରୀରାମକୃଷ୍ଣସ୍ତବମାଳା : ସ୍ୱାମୀଜୀଙ୍କ ରଚିତ ଶ୍ରୀରାମକୃଷ୍ଣଙ୍କ ଆରାତ୍ରିକ-ସ୍ତୋତ୍ର 'ଓଁ ହ୍ରୀଂ ଋତଂ ତ୍ୱମଚଳୋ' ଇତ୍ୟାଦି—୪ର୍ଥ ଖଣ୍ଡ ପୃଷ୍ଠା ୨୫୮ ଦ୍ରଷ୍ଟବ୍ୟ ।

୪୫୪ ୩୨ 'ଠାକୁରଙ୍କ କଥା ସାପ ଧରିବା ଓ ସାପର ଛୁଁ ଉଚ୍ଚାରିବ'—ଗୋଟିଏ ସାପ,

ପୃଷ୍ଠା ଧାଡ଼ି

କେତେବେଳେ ଗୃଳେ, ପୁଣି କେତେବେଳେ ନିଷ୍କ୍ରିୟ ହୋଇ ଓ କୁଣ୍ଡଳୀ ପକାଇ ଶୋଇ ରହେ; ସେହିପରି ସେହି ଏକ ବ୍ରହ୍ମ କେତେବେଳେ ସଗୁଣ ଓ କେତେବେଳେ ନିର୍ଗୁଣ ରୂପରେ ପ୍ରତିଭାତ ହୁଅନ୍ତି । ଯେତେବେଳେ ସେ ସୃଷ୍ଟି ସ୍ଥିତି, ପ୍ରଳୟ କରନ୍ତି, ସେତେବେଳେ ତାଙ୍କୁ ଈଶ୍ୱର ବା 'ସଗୁଣ ବ୍ରହ୍ମ' କୁହାଯାଏ । ଯେତେବେଳେ ସେ ଏସବୁର ଊର୍ଦ୍ଧ୍ୱରେ ଶୁଦ୍ଧସ୍ୱରୂପରେ ଅବସ୍ଥିତ ହୁଅନ୍ତି, ସେତେବେଳେ ତାଙ୍କୁ 'ନିର୍ଗୁଣ ବ୍ରହ୍ମ' କୁହାଯାଏ ।

୧୯୦ ୨୨ 'ଗୋଟିଏ ଶ୍ରେଣୀର ବେଦାନ୍ତବାଦୀମାନଙ୍କର ଏହିପରି ମତ ଅଛି'—ବ୍ୟକ୍ତିଗତ ମୁକ୍ତି ଯଥାର୍ଥ ମୁକ୍ତି ନୁହେଁ, ସମଷ୍ଟିର ମୁକ୍ତି ହିଁ ମୁକ୍ତି; ଏହା ଅପ୍‌ପୟ ଦୀକ୍ଷିତଙ୍କର ମତ ।

୧୯୨ ୧୪ 'ରଘୁନନ୍ଦନଙ୍କର ଅଷ୍ଟାବିଂଶତି-ତତ୍ତ୍ୱ'—ଚୈତନ୍ୟଦେବଙ୍କ ସମସାମୟିକ ସ୍ମାର୍ତ୍ତ ପଣ୍ଡିତ ରଘୁନନ୍ଦନଙ୍କ ଲିଖିତ ସ୍ମୃତିଗ୍ରନ୍ଥ; ତିଥିତତ୍ତ୍ୱ, ପ୍ରାୟଶ୍ଚିତ୍ତତତ୍ତ୍ୱ ପ୍ରଭୃତି କ୍ରିୟାକାଣ୍ଡ ଏଥିରେ ଆଲୋଚିତ ହୋଇଅଛି ।

'ପ୍ରିୟତମଙ୍କ ମୁହଁର······ ବାଣ୍ଟି ଦେଇପାରେ'—ତୁଳନୀୟ : ଅଗର ଆଁ ତୁରକେ ସିରାଜୀ ବଦସ୍ତ ଆରଦ ଦିଲେ ମାରା ବଖାଲେ ହିନ୍ଦଓଶ୍ ବକସମ୍ ସମରକନ୍ଦୋ ବୋଖାରାରା ।—ହାଫିଜ୍ : ଯଦି ସେହି ସିରାଜୀ ଆମମାନଙ୍କର ହୃଦୟ ଗ୍ରହଣ କରନ୍ତି, ତେବେ ଏହି ତିଲଟି ପାଇଁ ମୁଁ ସମରକନ୍ଦ ଓ ବୋଖାରା ଦେଇ ଦେଇପାରେ ।

୧୯୫ ୫ 'ସଂସ୍କୃତ ଭାଷାରେ ଗୋଟିଏ ସ୍ତବ'—'ଶିଷ୍ୟ' ରଚିତ ଶ୍ରୀରାମକୃଷ୍ଣାଦ୍ୟ-ସ୍ତବମାଳା (ପ୍ରଥମ ସଂସ୍କରଣ) ପୁସ୍ତିକାର ଅଷ୍ଟମ ସ୍ତବ—'ଶ୍ରୀରାମକୃଷ୍ଣ-ଜନ୍ମଲୀଳା-ସ୍ତୋତ୍ରମ୍' ।

୧୯୮ ୧୨-୩ 'ମୁଁ କିଛିଦିନ ଗାଜିପୁରରେ ପଓହାରୀ ବାବାଙ୍କ ସଙ୍ଗ କରେ'—ଦ୍ର: ପତ୍ରାବଳୀରେ ଏହି ପ୍ରସଙ୍ଗ ଏବଂ ୮ମ ଖଣ୍ଡରେ 'ପଓହାରୀ ବାବା' ପ୍ରବନ୍ଧ ।

## ସ୍ୱାମୀଜୀଙ୍କ ସହ ହିମାଳୟରେ

୨୨୫ ୭ 'ନଦୀତୀରବର୍ତ୍ତୀ ବେଲୁଡ଼ କୁଟୀରରେ'—ମଠ ଜମିରେ ଆଗରୁ କେତୋଟି ଘର ଥିଲା, ସେଥିଭିତରୁ ଗୋଟିଏରେ ମିସେସ୍ ବୁଲ୍ ରହୁଥିଲେ, ନିବେଦିତା ମଧ୍ୟ ମଝିରେ ମଝିରେ ଆସୁଥିଲେ । ସ୍ୱାମୀଜୀ ଓ ଅନ୍ୟାନ୍ୟ ସନ୍ନ୍ୟାସୀମାନେ ସେତେବେଳେ ଅଳ୍ପଦୂରରେ ଦକ୍ଷିଣରେ ଗଙ୍ଗାକୂଳରେ ନୀଳାମ୍ବର ମୁଖୋପାଧ୍ୟାୟଙ୍କ ବଗିଚାରେ ରହୁଥିଲେ ।

ପୃଷ୍ଠା ଧାଡ଼ି

୨୨୬ ୨୨ 'ସ୍ୱାମୀଜୀଙ୍କ ଅଷ୍ଟବର୍ଷବ୍ୟାପୀ ଭ୍ରମଣ'—ଶ୍ରୀରାମକୃଷ୍ଣଙ୍କ ମହାସମାଧି ପରେ ୧୮୮୬ ଖ୍ରୀ: ଅଗଷ୍ଟଠାରୁ ୧୮୯୩ ଖ୍ରୀ: ମେ ମାସ ୩୧ ତାରିଖରେ ଆମେରିକା ଯିବା ପର୍ଯ୍ୟନ୍ତ କେତେବର୍ଷ ସ୍ୱାମୀଜୀ ପ୍ରାୟ ସମଗ୍ର ଭାରତବର୍ଷ ଭ୍ରମଣ କରିଥିଲେ ।

୨୨୯ ୬ 'ଆମ ତିନିଜଣ'—ମିସ୍ ମାକ୍‌ଲାଉଡ୍ (ଜୟା), ମିସେସ୍ ବୁଲ୍ (ଧୀରାମାତା) ଓ ମାର୍ଗାରେଟ୍ (ନିବେଦିତା) ।

୮ 'ଜଣକୁ ବ୍ରହ୍ମଚର୍ଯ୍ୟ-ବ୍ରତରେ ଦୀକ୍ଷିତ କଲେ'—ମିସ୍ ମାର୍ଗାରେଟ୍ ନୋବଲ୍; ଖ୍ରୀ: ୧୮୯୮ ମାର୍ଚ୍ଚ ୨୫ ତାରିଖରେ ଦୀକ୍ଷା-ଗ୍ରହଣ ପରେ ତାଙ୍କର ନାମ ହେଲା 'ନିବେଦିତା' ।

୧୩ 'ଦାୟରୂପେ ପ୍ରାପ୍ତ ସେହି ମହତ୍ କାର୍ଯ୍ୟ'—ଶିବଜ୍ଞାନରେ ଜୀବସେବା ଏବଂ ସଂସାରର ମଙ୍ଗଳ ହେବାପରି କାର୍ଯ୍ୟ; ଶ୍ରୀରାମକୃଷ୍ଣ ମଠ ଓ ମିଶନ ପ୍ରତିଷ୍ଠାଦ୍ୱାରା ସ୍ୱାମୀଜୀ ଏହି ମହତ୍ କାର୍ଯ୍ୟର ସୂଚନା ଦେଇଯାଇଛନ୍ତି ।

୧୬ 'ସେତେବେଳର ରାଜନୈତିକ ଗଠନ···ଗୋଟିଏ ଝଡ଼ର ସୂଚନା'—ପ୍ଲେଗ୍ ପ୍ରତିରୋଧ ପାଇଁ ବ୍ରିଟିଶ ସୈନିକ ନିୟୋଗ ଏବଂ ସେମାନଙ୍କର କାର୍ଯ୍ୟକଳାପ ଫଳରେ ଦେଶରେ ଆତଙ୍କର ସୃଷ୍ଟି ହେଲା । ପୁନାର ପ୍ଲେଗ୍ କମିଶନର୍ ମି: ର୍‍ୟାଣ୍ଡ (Rand) ଓ ଅଉ ଜଣେ ଲେ: ଆୟାରଷ୍ଟ୍ (Lt. Ayerst) ଦାମୋଦର ଚାପେକର୍ ନାମକ ଜଣେ ଦେଶପ୍ରେମିକ ତରୁଣଙ୍କ ଦ୍ୱାରା ନିହତ ହେଲେ ।

୨୬ 'ମହାମାରୀ ଦେଖାଦେଇଥିଲା ଏବଂ ଜନସାଧାରଣଙ୍କୁ ସାହସ ଦେବା ନିମିତ୍ତ ବ୍ୟବସ୍ଥା ମଧ୍ୟ ଚାଲିଥିଲା'—୧୮୯୮ ଖ୍ରୀ:ରେ କଲିକତାର ମହାମାରୀ ପ୍ଲେଗ୍ ଦୂର କରିବା ପାଇଁ ସ୍ୱାମୀଜୀ ଓ ଭଗିନୀ ନିବେଦିତାଙ୍କର ଜନସେବାମୂଳକ ପ୍ରଚେଷ୍ଟା ଜନସାଧାରଣଙ୍କ ମନରୁ ଆତଙ୍କ ଦୂର କରିଥିଲା ।

୨୩୦ ୧ 'ଗୋଟିଏ ବଡ଼ ଦଳ'—ଦାର୍ଜିଲିଂରୁ ଫେରି ୧୮୯୮ ଖ୍ରୀ: ମେ ମାସ ୧୧ ତାରିଖରେ ସ୍ୱାମୀଜୀ କେତେଜଣ ଗୁରୁଭ୍ରାତା ଏବଂ ମିସେସ୍ ଓଲି ବୁଲ, ମିସ୍ ମାକ୍ଲାଉଡ୍ ଓ ନିବେଦିତାଙ୍କ ସହିତ ଆଲମୋଡ଼ା ଯାତ୍ରା କଲେ । ତାଙ୍କ ସଙ୍ଗରେ କଲିକତାସ୍ଥ ଆମେରିକାନ୍ କନସଲ୍ ଜେନେରାଲ୍‌ଙ୍କ ପତ୍ନୀ ମିସେସ୍ ପ୍ୟାଟରସନ୍ ମଧ୍ୟ ଥିଲେ । ଦ୍ର: ସ୍ୱାମୀ ଶ୍ରଦ୍ଧାନନ୍ଦ-ପ୍ରଣୀତ 'ଅତୀତର ସ୍ମୃତି', ପୃ.-୧୦୫, ବଙ୍ଗ ଭାଷାରେ ।

୬ 'ଜଣେ ମୁସଲମାନ ଭଦ୍ରଲୋକଙ୍କ ଉକ୍ତି'—୧୮୯୮ ଖ୍ରୀ: ମେ ମାସ ୧୩ ତାରିଖରେ ନୈନିତାଲରେ ସ୍ୱାମୀଜୀଙ୍କ ସହିତ ଜଣେ ମୁସଲମାନ ଭଦ୍ରଲୋକଙ୍କର ପରିଚୟ ହୁଏ । ଭଦ୍ରଲୋକ ସ୍ୱାମୀଜୀଙ୍କର ଅସାଧାରଣ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ କହିଥିଲେ "ସ୍ୱାମୀଜୀ, ପରବର୍ତ୍ତୀକାଳରେ କେହି ଯଦି ଆପଣଙ୍କୁ ଈଶ୍ୱରଙ୍କର

ପୃଷ୍ଠା ଧାଡ଼ି

ଅବତାର ବୋଲି ଦାବି କରନ୍ତି, ତେବେ ମୁଁ ଜଣେ ମୁସଲମାନ ହୋଇ ସୁଦ୍ଧା ତାହାଙ୍କୁ ପ୍ରଥମ ଦାବି କରିବି । ଭଦ୍ରଲୋକ ସ୍ୱାମୀଜୀଙ୍କ ପ୍ରତି ବିଶେଷ ଭାବରେ ଆକୃଷ୍ଟ ହୋଇ ତଦବଧି ନିଜକୁ 'ମହମ୍ମଦାନନ୍ଦ' ନାମରେ ସ୍ୱାମୀଜୀଙ୍କର ଶିଷ୍ୟରୂପେ ଭାବୁଥିଲେ ।

୨୩୧ ୨୧-୫ 'କ୍ୟାପ୍‌ଟେନ୍ ସେଭିଅରଙ୍କ ଘରେ'—ସେଭିଅର-ଦମ୍ପତି ସେହି ସମୟରେ ଆଲମୋଡ଼ାର ଲାଲା ବଦ୍ରୀଶାଙ୍କ ବଗିଚା-ଘରେ କିଛିଦିନ ଅବସ୍ଥାନ କରିଥିଲେ । ସ୍ୱାମୀଜୀ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟଲାଭ ପାଇଁ ଏହିଠାରେ କିଛିଦିନ ଥିଲେ ।

୨୮ 'ଜଣେ ଇଂରେଜ ମହିଳା ଦୀକ୍ଷିତା'—ଭଗିନୀ ନିବେଦିତା ଏହି ଦଳରେ ଏକମାତ୍ର ଦୀକ୍ଷିତା ଇଂରେଜ ମହିଳା । ଅନ୍ୟ ଦୁଇ ଜଣ ମିସେସ୍ ବୁଲ୍ ଓ ମିସ୍ ମାକ୍ଲାଉଡ୍ ଆମେରିକାନ୍ ।

୨୩୩ ୨୨ 'ମ୍ୟାଟ୍‌ସିନି' (୧୮୦୫-୧୮୭୨) : ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଇଟାଲୀର ଚନ୍ଦ୍ରାବୀର ଯୋସେଫ ମ୍ୟାଟସିନିଙ୍କର ଆବିର୍ଭାବ ହୁଏ । ଫରାସୀ ଲେଖକମାନଙ୍କର ରଚନାବଳୀ ଓ ରୋମ୍‌ର ଅତୀତ ଇତିହାସ ତାଙ୍କ ମନରେ ସ୍ୱାଧୀନତା-ସ୍ପୃହା ଉଦ୍ଦୀପିତ କଲା । ଯୁବାବସ୍ଥାରେ ସେ ଗୋଟିଏ ଗୁପ୍ତ ସମିତିରେ ଯୋଗ ଦେଲେ ଏବଂ ଅଷ୍ଟ୍ରିୟା ସାମ୍ରାଜ୍ୟର ଅଧୀନତାରୁ ଇଟାଲୀକୁ ଉଦ୍ଧାର କରିବା ପାଇଁ ଆଜୀବନ ସଂଗ୍ରାମ କରିଥିଲେ ।

୨୪ 'ସାଧୁ ବେଶରେ ବର୍ଷେ କାଳ ଭ୍ରମଣ'—ଶିବାଜୀ ଓ ତାଙ୍କ ପୁଅ ଶମ୍ଭୁଜୀ । କୌଶଳରେ ଫଳ-ଟୋକେଇରେ ଆତ୍ମଗୋପନ କରି ଆଗ୍ରାରୁ ପଳାଇ ଆସିଲେ ଏବଂ ସାଧୁବେଶରେ ବହୁତୀର୍ଥ ଭ୍ରମଣ କରି ୧୬୬୬ ଖ୍ରୀ: ଶେଷ ଭାଗରେ ଘରେ ପହଞ୍ଚିଲେ ।

୨୩୪ ୨. 'ଛେଳିଛୁଆ ପାଇଁ ପ୍ରାଣ ଦେବାକୁ ଉଦ୍ୟତ'—ବୁଦ୍ଧଦେବଙ୍କ ଜୀବନର ଗୋଟିଏ ବିଶେଷ ଘଟଣା । ମଗଧର ରାଜା ବିମ୍ବିସାର ପୁତ୍ରେଷ୍ଟି-ଯଜ୍ଞ ପାଇଁ ହଜାରେ ଛେଳିଛୁଆ ବଳି ଦେବାକୁ ସଂକଳ୍ପ କରିଛନ୍ତି ଶୁଣି ବୁଦ୍ଧଦେବ ନିରୀହ ଛେଳିଛୁଆମାନଙ୍କର ପ୍ରାଣରକ୍ଷା ପାଇଁ ନିଜର ଜୀବନ ବଳି ଦେବା ପାଇଁ ଉଦ୍ୟତ ହେଲେ । ରାଜା ସେଥିଯୋଗୁ ଯଜ୍ଞରୁ ନିବୃତ୍ତ ହେଲେ ଏବଂ ତାଙ୍କ ରାଜ୍ୟରେ ପଶୁବଳି ବନ୍ଦ କରିଦେଲେ । ନାଟ୍ୟକାର ଗିରିଶଚନ୍ଦ୍ର ତାଙ୍କର 'ବୁଦ୍ଧଚରିତ' ନାଟକରେ ଏହାକୁ ବିଶେଷଭାବରେ ପରିସ୍ଫୁଟ କରିଛନ୍ତି ।

୨୩୫ ୪ 'ରୂପସୀ ଅମ୍ବାପାଲୀ'—ବୈଶାଳୀର ବାରବନିତା । ଯେତେବେଳେ ଭଗବାନ ବୁଦ୍ଧଦେବ ବୈଶାଳୀକୁ ଆସିଲେ, ତାଙ୍କର ଅନ୍ୟାନ୍ୟ ଭକ୍ତମାନଙ୍କ ସହିତ ଅମ୍ବାପାଲୀ ବା ଆମ୍ରପାଲୀ ତାହାଙ୍କୁ ଦର୍ଶନ କରିବାକୁ ଆସିଲେ ଓ

ପୃଷ୍ଠା ଧାଡ଼ି

ନିଜର ପତିତ ଜୀବନର କାହାଣୀ କହି ତାଙ୍କର ଶରଣାପନ୍ନ ହେଲେ । ଭଗବାନ ବୁଦ୍ଧ ତାଙ୍କୁ ଅଭୟ ଦେଇ ନବଜୀବନର ପଥ ପ୍ରଦର୍ଶନ କଲେ ।

୨୩୫ ୧୪ 'ପାରସ୍ୟର ବାବ-ପନ୍ଥୀଗଣ' (Babists) : ୧୮୪୪-୪୫ ଖ୍ରୀ:ରେ ମିର୍ଜା ଅଲ୍ଲୀ ମହମ୍ମଦ ନାମକ ୨୫ ବର୍ଷ ବର୍ଷୀୟ ଜଣେ ଯୁବକ ଏକ ନୂତନ ଧର୍ମ ପ୍ରତିଷ୍ଠା କଲେ । ତାଙ୍କର ମତାବଲମ୍ବୀମାନେ ବାବପନ୍ଥୀ (Babists) ନାମରେ ପରିଚିତ; ଏମାନେ ହଜରତ୍ ମହମ୍ମଦଙ୍କୁ ଈଶ୍ୱରଙ୍କର ଆଦିଷ୍ଟ ବ୍ୟକ୍ତି ଓ କୋରାନ୍‌କୁ ଐଶୀବାଣୀ ବୋଲି ସ୍ୱୀକାର କଲେ ମଧ୍ୟ କୋରାନ୍‌କୁ ଭଗବାନଙ୍କର ଶେଷବାଣୀ ବୋଲି ମାନନ୍ତି ନାହିଁ । ୧୮୯୦ ଖ୍ରୀ:ରେ ପାରସ୍ୟ ସରକାର ମିର୍ଜା ଅଲ୍ଲୀଙ୍କୁ ସର୍ବସମକ୍ଷରେ ଗୁଳି କରି ନିହତ କଲେ । ତାଙ୍କ ମୃତ୍ୟୁ ପରେ ତାଙ୍କର ମତାବଲମ୍ବୀମାନେ 'ଆଜାଲି' (Azali) ଏବଂ 'ବହାଇ' (Bahai) ଏହି ଦୁଇ ଦଳରେ ବିଭକ୍ତ ହେଲେ । ବହାଇମାନେ ପାଶ୍ଚାତ୍ୟ ଦେଶରେ ଏବଂ ଭାରତବର୍ଷରେ ଧର୍ମ ପ୍ରଚାର କଲେ । ଏବେ ବି ଏହି-ସବୁ ସ୍ଥାନରେ ବହୁ ବାବପନ୍ଥୀ ଅଛନ୍ତି ।

୨୩୬ ୧୪ 'ଏହି ଦୁଇବ୍ୟକ୍ତି ଏବଂ ଶ୍ରୀରାମକୃଷ୍ଣ···ଜନ୍ମିଥିଲେ'—ରାଜା ରାମମୋହନ ରାୟ ହୁଗୁଳି ଜିଲ୍ଲାର ରାଧାନଗର ଗ୍ରାମରେ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ମେଦିନୀପୁର ଜିଲ୍ଲାର ବୀରସିଂହ ଗ୍ରାମରେ ଏବଂ ଶ୍ରୀରାମକୃଷ୍ଣ ହୁଗୁଳି ଜିଲ୍ଲାର କାମାରପୁକୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଏହି ତିନୋଟି ଗ୍ରାମ ଆରାମବାଗ୍ ଅଞ୍ଚଳର କେତେମାଇଲ ମଧ୍ୟରେ ଅବସ୍ଥିତ ।

୨୩୭ ୧୯ ଡେଭିଡ୍ ହେୟାର୍ : ୧୭୭୫ ଖ୍ରୀ:ରେ ସ୍କଟଲ୍ୟାଣ୍ଡରେ ହେୟାର୍‌ଙ୍କ ଜନ୍ମ । ୧୮୦୦ ଖ୍ରୀ:ରେ ଘଣ୍ଟା ବ୍ୟବସାୟ କରିବା ପାଇଁ ସେ କଲିକତା ଆସିଥିଲେ । ୧୮୨୦ ଖ୍ରୀ:ରେ ଘଣ୍ଟା ବ୍ୟବସାୟ ବିକି କରି ଦେଇ ସମ୍ପୂର୍ଣ୍ଣରୂପେ ଲୋକହିତବ୍ରତରେ ଆତ୍ମୋତ୍ସର୍ଗ କଲେ । ସେ ଏଦେଶରେ ଇଂରେଜ-ଶିକ୍ଷାର ଅନ୍ୟତମ ପ୍ରବର୍ତ୍ତକ ଓ ଅଦ୍ୱିତୀୟ ଛାତ୍ରପ୍ରେମୀ ।

୩୨ 'ପୁରାତନ ଶିକ୍ଷକ ସ୍କଟଲାଣ୍ଡବାସୀ ହେଷ୍ଟି ସାହେବ'—ଜେନେରାଲ ଆସେମ୍ବ୍ଲିଜ୍ କଲେଜର ଅଧ୍ୟକ୍ଷ Rev. W.Hastie ସାହେବଙ୍କ ପାଖରେ ନରେନ୍ଦ୍ରନାଥ କ୍ଲାସରେ ଓ୍ୱାର୍ଡସ୍ ଓ୍ୱାର୍ଥଙ୍କର କବିତା ପଢ଼ିବା ସମୟରେ ପ୍ରଥମେ ଶୁଣିଲେ ଯେ, ସମାଧି-ଅବସ୍ଥା ପ୍ରତ୍ୟକ୍ଷ କରିବାକୁ ହେଲେ ଦକ୍ଷିଣେଶ୍ୱରରେ ଶ୍ରୀରାମକୃଷ୍ଣଦେବଙ୍କ ପାଖକୁ ଯିବାକୁ ହେବ ।

୨୪୨ ୨୬-୭ 'ବୈଷ୍ଣବମାନେ କଳ୍ପନାମୂଳକ ଗୀତିକାବ୍ୟର ପରାକାଷ୍ଠା'—ହିନ୍ଦରେ ସୁରଦାସ, ମୀରାବାଈ ପ୍ରଭୃତିଙ୍କର ଭଜନ, ଦାକ୍ଷିଣାତ୍ୟରେ ଆଲୋୟାର-ମାନଙ୍କର ଭକ୍ତିମୂଳକ ଗୀତ ଏବଂ ବଙ୍ଗଦେଶର ବୈଷ୍ଣବ କବିମାନଙ୍କର

ପୃଷ୍ଠା ଧାଡ଼ି

ପଦାବଳୀରୁ ଏକସଙ୍ଗରେ ଈଶ୍ୱରପ୍ରୀତି ଓ ସାହିତ୍ୟିକ ଉତ୍କର୍ଷତାର ପରିଚୟ ଦିଅନ୍ତି ।

୨୪୫ ୧୫ 'କାଶୀର ସେହି ବୃଦ୍ଧ ସନ୍ନ୍ୟାସୀଙ୍କ କଥା'—୧୮୮୮ ଖ୍ରୀ:ରେ ତୀର୍ଥ-ପର୍ଯ୍ୟଟନ କାଳରେ କାଶୀର ଦୁର୍ଗାବାଡ଼ି ନିକଟରେ ଦଳେ ବାନର ସ୍ୱାମୀଜୀଙ୍କୁ ଗୋଡ଼ାଇଲେ । ଜଣେ ବୃଦ୍ଧ ସନ୍ନ୍ୟାସୀଙ୍କର ନିର୍ଦ୍ଦେଶରେ ସ୍ୱାମୀଜୀ ବାନର-ମାନଙ୍କର ସାମନା କରିବାରୁ ସେମାନେ ପଳାଇଗଲେ । ଏଥିରୁ ସ୍ୱାମୀଜୀ ଶିକ୍ଷା କଲେ : 'Face the brute'—ପଶୁଶକ୍ତିର ସମ୍ମୁଖୀନ ହୁଅ, ପଳାଇଯାଅ ନାହିଁ ।

୨୨ 'ଏହା ହିଁ ବୁଦ୍ଧଙ୍କର ଜନ୍ମଭୂମି'—ଯଥାର୍ଥ ଜନ୍ମଭୂମି କପିଳବାସ୍ତୁ ହିମାଳୟର ପାଦଦେଶସ୍ଥ ତରାଇ ଅଞ୍ଚଳଠାରୁ ଅନେକ ଦୂରରେ ନେପାଳର ଅନ୍ତର୍ଗତ ।

୨୪୬ ୭ ଚନ୍ଦ୍ରଗୁପ୍ତଙ୍କ ଆବିର୍ଭାବ : ଆନୁମାନିକ ଖ୍ରୀ:ପୂ: ୩୨୨ରେ ନନ୍ଦବଂଶର ଧ୍ୱଂସ ସାଧନ କରି ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ମଗଧର ସିଂହାସନ ଆରୋହଣ କଲେ । ପଞ୍ଜାବ ଓ ସିନ୍ଧୁ ପ୍ରଦେଶରୁ ଗ୍ରୀକ୍‌ମାନଙ୍କୁ ବିତାଡ଼ନ କରି, ମହାବୀର ଆଲେକ୍‌-ଜାଣ୍ଡାରଙ୍କର (Alexander the Great) ଅନ୍ୟତମ ଶ୍ରେଷ୍ଠ ସେନାପତି ସେଲ୍ୟୁକସ୍‌-ଙ୍କର ଭାରତ ଆକ୍ରମଣକୁ ପ୍ରତିହତ କରି ସୀମାନ୍ତର ଗ୍ରୀକ୍‌ବିଜିତ ପ୍ରଦେଶମାନଙ୍କୁ ପୁନରୁଦ୍ଧାର କରି ଏବଂ ଭାରତବର୍ଷରେ ଏକ ସୁଦୂରପ୍ରସାରୀ ସାମ୍ରାଜ୍ୟ ସ୍ଥାପନ ପ୍ରଭୃତି କାର୍ଯ୍ୟ ପାଇଁ ସମ୍ରାଟ ଚନ୍ଦ୍ରଗୁପ୍ତ ଇତିହାସରେ ପ୍ରସିଦ୍ଧି ଲାଭ କରିଅଛନ୍ତି ।

୨୪୬ ୮-୯ 'ଯେଉଁଠାରେ ବିଜୟୀ ସିକନ୍ଦର୍ ପ୍ରତିହତ ହୋଇଥିଲେ'—ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାରଙ୍କର ଭାରତ-ଅଭିଯାନ ଯେ ଏକାବେଳକେ ସହଜସାଧ୍ୟ ନ ଥିଲା, ପରନ୍ତୁ ପଦେ ପଦେ ପ୍ରତିରୁଦ୍ଧ ହୋଇଥିଲା—ଐତିହାସିକମାନେ ତାହା ପ୍ରମାଣ କରିଯାଇଛନ୍ତି । ଗ୍ରୀକ୍ ଐତିହାସିକ-ବର୍ଣ୍ଣିତ ପୋରସ୍ (Porus) ଅର୍ଥାତ୍ ପୁରୁ ଝେଲମ୍ ଓ ଚେନାବ୍ ନଦୀଦ୍ୱୟର ମଧ୍ୟବର୍ତ୍ତୀ ଏକ କ୍ଷୁଦ୍ର ରାଜ୍ୟର ଅଧିପତି ଥିଲେ । ସିକନ୍ଦର ତାହାଙ୍କ ବିରୋଧରେ ତାଙ୍କର ଯୁଦ୍ଧ ଓ ଶୌର୍ଯ୍ୟବୀର୍ଯ୍ୟର କାହାଣୀ ସୁବିଦିତ ।

୧୦ ଗାନ୍ଧାର ଭାସ୍କର୍ଯ୍ୟ : ତକ୍ଷଶୀଳାର ଧ୍ୱଂସାବଶେଷ ଓ ଆଫଗାନିସ୍ଥାନର ପ୍ରାଚୀନ ସ୍ଥାନମାନଙ୍କରେ ଏହି ଭାସ୍କର୍ଯ୍ୟର ନିଦର୍ଶନ ମିଳେ । ବୁଦ୍ଧମୂର୍ତ୍ତି ଓ ବୌଦ୍ଧଯୁଗର ସ୍ଥାପତ୍ୟସମୂହ ଏହାର ଅନ୍ତର୍ଗତ । ଗାନ୍ଧାର ଭାସ୍କର୍ଯ୍ୟର କଳା-କୌଶଳ ଗ୍ରୀକ୍ ଶିଳ୍ପରୁ ଗୃହୀତ ହୋଇଛି ବୋଲି ଏହାକୁ ଇଣ୍ଡୋଗ୍ରୀକ୍ ଭାସ୍କର୍ଯ୍ୟ ବୋଲି ମଧ୍ୟ କୁହାଯାଏ । କୁଶାନ-ଯୁଗରେ ଚୀନ୍, ତୁର୍କୀସ୍ଥାନ ଓ ଦୂରପ୍ରାଚ୍ୟର ଦେଶମାନଙ୍କରେ ଏହି ଶିଳ୍ପ ବିସ୍ତୃତି ହୋଇଯାଇଛି ।

ପୃଷ୍ଠା ଧାଡ଼ି

୨୫୩ ୫ ବୀର ଚେଙ୍ଗିଜ୍ ଖାଁ : ମୋଗଲ ସର୍ଦ୍ଦାର ଚେଙ୍ଗିଜ୍ ଖାଁ (୧୧୬୨-୧୨୨୭) ନିଜର ଆତ୍ମବିଶ୍ୱାସ, କଷ୍ଟସହିଷ୍ଣୁତା ଓ ସାହସ ବଳରେ ପୂର୍ବରେ ପ୍ରଶାନ୍ତ ମହାସାଗରଠାରୁ ପଶ୍ଚିମରେ କୃଷ୍ଣସାଗର ପର୍ଯ୍ୟନ୍ତ ବିଶାଳ ସାମ୍ରାଜ୍ୟ ଗଠନ କରିଥିଲେ, ମଧ୍ୟ ଓ ପଶ୍ଚିମ ଏସିଆର ଦେଶମାନଙ୍କୁ ଆକ୍ରମଣ କରିଥିଲେ ଏବଂ ଦିଲ୍ଲୀରେ ଇଲ୍‌ତୁତ୍‌ମିସ୍‌ଙ୍କର ରାଜତ୍ୱକାଳରେ ପଞ୍ଜାବ ପର୍ଯ୍ୟନ୍ତ ଆସିଥିଲେ । ଚୀନାଭାଷାରେ 'cheng-saze' ଶବ୍ଦର ଅର୍ଥ 'ଶ୍ରେଷ୍ଠ ଯୋଦ୍ଧା' । ବାଲ୍ୟକାଳ ର ଏହାଙ୍କର ନାମ ଥିଲା 'ତେମୁଚିନ' ।

୨୫୩ ୧୬ " 'ପ୍ରବୁଦ୍ଧ ଭାରତ' ମାୟାବତୀରେ ନବପ୍ରତିଷ୍ଠିତ ଆଶ୍ରମକୁ ସ୍ଥାନାନ୍ତରିତ"— ମାନ୍ଦ୍ରାଜରୁ ପ୍ରକାଶିତ ଇଂରାଜୀ ପତ୍ରିକା 'ପ୍ରବୁଦ୍ଧ ଭାରତ'ର ସମ୍ପାଦକ ରାଜମ୍ ଆୟାର୍ ୧୮୯୮ ଖ୍ରୀ: ଜୁନ୍ ମାସରେ ପରଲୋକ ଗମନ କଲେ । କ୍ୟାପ୍‌ଟେନ୍ ସେଭିଅର୍‌ଙ୍କର ସାହାଯ୍ୟରେ ଆଲମୋଡ଼ା ଜିଲ୍ଲାର ମାୟାବତୀ ଅଞ୍ଚଳରେ ଜଣେ ସାହେବଙ୍କର ଗୃହ ବଗିଚା, ଜମି ଓ ଘର କିଣାଯାଇ ସେଠାରେ ୧୮୯୯ ଖ୍ରୀ: ମାର୍ଚ୍ଚ ମାସରେ ଅଦ୍ୱୈତ ଆଶ୍ରମ ସ୍ଥାପିତ ହେଲା । ତା'ପରେ ସ୍ୱାମୀଜୀଙ୍କ ନିର୍ଦ୍ଦେଶରେ 'ପ୍ରବୁଦ୍ଧ ଭାରତ' କାର୍ଯ୍ୟାଳୟ ମାନ୍ଦ୍ରାଜରୁ ଏହି ଅଦ୍ୱୈତ ଆଶ୍ରମକୁ ସ୍ଥାନାନ୍ତରିତ ହେଲା । ସ୍ୱାମୀଜୀ ତାଙ୍କର ଶିଷ୍ୟ ସ୍ୱାମୀ ସ୍ୱରୂପାନନ୍ଦଙ୍କୁ ଏହି 'ଅଦ୍ୱୈତ ଆଶ୍ରମ'ର ପ୍ରଥମ ଅଧ୍ୟକ୍ଷ ଓ 'ପ୍ରବୁଦ୍ଧ ଭାରତ' ପତ୍ରିକାର ସମ୍ପାଦକ କରି ପଠାଇଲେ ।

୨୫୫ ୧ 'ରାମଙ୍କ ରୂପ ଧରି ସୀତାଙ୍କୁ ପ୍ରତାରଣା କରିବାର ପରାମର୍ଶ'—ଏହା 'ତୁଚ୍ଛଂ ବ୍ରହ୍ମପଦଂ ପରବଧୂସଙ୍ଗଃ କୁତଃ' ସହିତ ତୁଳନୀୟ ।

୨୫୭ ୧୦ 'ତାଙ୍କର ଏକ ଶିଷ୍ୟା'—ଏହି ଶିଷ୍ୟା ନିଃସନ୍ଦେହରେ ନିବେଦିତା ସ୍ୱୟଂ, କାରଣ ଉପସ୍ଥିତ ଶିଷ୍ୟାମାନଙ୍କ ମଧ୍ୟରେ ସେ ହିଁ ଆମେରିକାନ୍ ନ ଥିଲେ ।

୧୧ '୪ ଜୁଲାଇରେ ଗୋଟିଏ ଉତ୍ସବ'—୪ ଜୁଲାଇ ହେଉଛି ଆମେରିକା ଯୁକ୍ତରାଷ୍ଟ୍ରର ସ୍ୱାଧୀନତା-ଦିବସ ।

୨୬୦ ୩୧ 'ସୁଲେମାନର ସିଂହାସନ'—ତଖ୍‌ତ୍-ଇ-ସୁଲେମାନ୍ ପର୍ବତ ।

୨୬୨ ୧୪ ଜାଷ୍ଟିନିଆନ୍ (୪୮୩ରୁ ୫୬୫) : ଜାଷ୍ଟିନିଆନ୍ ସୁପ୍ରସିଦ୍ଧ ପ୍ରାଚ୍ୟ ରୋମକ ସମ୍ରାଟ୍ (Estern Roman Emperor); ତାଙ୍କର ରାଜତ୍ୱକାଳ ୫୨୮ରୁ ୫୬୬ ଖ୍ରୀ: । ଆଇନ୍‌ସଂସ୍କାରକରୂପେ ସେ ବିଶେଷ ପ୍ରସିଦ୍ଧି ଲାଭ କରିଥିଲେ ।

୨୬୩ ୧ କାର୍ଯ୍ୟକଳାପ ଓ ପତ୍ରାବଳୀ : Acts of Apostles ଏବଂ Epistles of St. Paul & others. ଯୀଶୁଖ୍ରୀଷ୍ଟଙ୍କର ଜୀବନୀ ଓ ବାଣୀ ବ୍ୟତୀତ ଏସବୁ ମାଧ୍ୟମରେ ଖ୍ରୀଷ୍ଟଧର୍ମ ପ୍ରଚାରିତ ହୋଇଥିଲା ।

ପୃଷ୍ଠା ଧାଡ଼ି

୨୭୩ ୨ ଜୀବନୀଚତୁଷ୍ଟୟ : ବାଇବେଲର ନିଉ ଟେଷ୍ଟାମେଣ୍ଟର ପ୍ରଥମାଂଶରେ ଯୀଶୁଖ୍ରୀଷ୍ଟଙ୍କ ଜୀବନ ଓ ଉପଦେଶ ବର୍ଣ୍ଣିତ ହୋଇଅଛି । ଏସବୁ ମାଥ୍ୟୁ, ମାର୍କ, ଲ୍ୟୁକ୍ ଓ ଜନ୍‌ଙ୍କର ରଚିତ, ଗସ୍‌ପେଲ୍ (Gospel) ନାମରେ ଅଭିହିତ । ପ୍ରଥମ ୩ଜଣଙ୍କ ରଚିତ ଗ୍ରନ୍ଥକୁ Synoptic Gospels ବୋଲି କୁହାଯାଏ ।

୨ ସେଣ୍ଟ ଜନ୍ : ଜନ୍ ଗାଲିଲ୍ ପ୍ରଦେଶର ଏକ ଧୀବରଙ୍କର ପୁତ୍ର । ତାଙ୍କ ମାତା ସାଲୋମୀ ଈଶା-ଜନନୀ ମରିୟମ୍‌ଙ୍କର ଭଉଣୀ ଥିଲେ । ଈଶାଙ୍କ ମହିମା ଉପଲବ୍‌ଧି କରି ଜନ୍ ୧୫ ବର୍ଷ ବୟସରେ ତାଙ୍କର ଶିଷ୍ୟ ହେଲେ । ଯୀଶୁଙ୍କ ମୃତ୍ୟୁପରେ ଜନ୍ ଜେରୁଜେଲମ୍ ଓ ପରେ ମଧ୍ୟ-ଏସିଆରେ ଧର୍ମପ୍ରଚାର କଲେ । ତାଙ୍କ ଲିଖିତ ଜୀବନୀ ଓ ବ୍ୟାଖ୍ୟା 'Gospel according to St. John' ନାମରେ ପରିଚିତ ।

୩ ସେଣ୍ଟ୍ ପଲ୍ (୩-୬୭ ?) : ସାଇଲେସିଆ ପ୍ରଦେଶରେ ସଲ୍ ବୋଲି ଜଣେ ବ୍ୟକ୍ତିଜାତ ହୋଇଥିଲେ । ସେ ଜଣେ ମଧ୍ୟବିତ୍ତ କାଠବ୍ୟବସାୟୀଙ୍କ ପୁତ୍ର; ପ୍ରଥମ ଜୀବନରେ ସେ ଜଣେ ଖ୍ରୀଷ୍ଟ-ବିଦ୍ୱେଷୀ ଥିଲେ ଏବଂ ଖ୍ରୀଷ୍ଟଙ୍କର ଶିଷ୍ୟ ଓ ଭକ୍ତ-ମାନଙ୍କ ଉପରେ ଅତ୍ୟାଚାର କରିବା ପାଇଁ ଜେରୁଜେଲମ୍ ଆସୁଥିଲେ; ରାସ୍ତାରେ ସେ ଅଲୌକିକ ଭାବରେ ଖ୍ରୀଷ୍ଟଙ୍କର ଆଦେଶ ପାଇ ପୂର୍ବ ସଂକଳ୍ପ ପରିତ୍ୟାଗ କଲେ, ଏବଂ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସୀ ହୋଇ 'ପଲ୍' ନାମରେ ପରିଚିତ ହେଲେ । ବହୁ ନିର୍ଯ୍ୟାତନା ସହ୍ୟ କରି ସେ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଖ୍ରୀଷ୍ଟ-ବିରୋଧୀ ରୋମାନ୍ ସମ୍ରାଟ ନିରୋଙ୍କ ଆଦେଶରେ ସେ ଘାତକ-ହସ୍ତରେ ନିହତ ହେଲେ । ପଲ୍‌ଙ୍କର ଗୋଟିଏ ଗୋଟିଏ ଚିଠି ପାଶ୍ଚାତ୍ୟଦେଶରେ ପ୍ରଚଳିତ ଖ୍ରୀଷ୍ଟଧର୍ମର ସ୍ତମ୍ଭସ୍ୱରୂପ ।

୨୭୪ ୧୫ ରବିବୃଦ୍ଧ ହିଲେଲ୍ : (ଆନୁମାନିକ ଖ୍ରୀ:ପୂ: ୭୦-୧୦) ଇହୁଦୀ ଧର୍ମୋ-ପଦେଷ୍ଟା । ସେ ଡେଭିଡ୍‌ଙ୍କର ବଂଶଜାତ । ତାଙ୍କର ଉପଦେଶଗୁଡ଼ିକ ସହିତ ଯୀଶୁଖ୍ରୀଷ୍ଟଙ୍କ ଉପଦେଶାବଳୀର ଅନେକ ସାଦୃଶ୍ୟ ଦେଖାଯାଏ । ଯଥା, ସେ କହୁଥିଲେ : My abasement is my Exaltation. What is unpleasant to thyself that do not do to thy neighbours. Judge not thy neighbour until thou art in his place.—ଇତ୍ୟାଦି ।

୨୭୭ ୧୦ 'ନଦୀକୂଳରେ ଖଣ୍ଡିଏ ଜମି ଥିଲା'—ଝେଲମ୍ ନଦୀତୀରରେ ଖଣ୍ଡିଏ ଜମି କାଶ୍ମୀରର ତେତେବେଳର ରାଜା ସ୍ୱାମୀଜୀଙ୍କୁ ଦେବାକୁ ଚାହିଁଥିଲେ । ସେହି ଜମିରେ ସଂସ୍କୃତ-ଚର୍ଚ୍ଚା ପାଇଁ ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ସ୍ୱାମୀଜୀଙ୍କର ଇଚ୍ଛା ଥିଲା ।

| ପୃଷ୍ଠା | ଧାଡ଼ି | |
|---|---|---|
| ୨୭୭ | ୧୪ | ଟଡ୍‌ଙ୍କର ରାଜସ୍ଥାନ : ଟଡ୍ ସାହେବଙ୍କର ଲେଖା 'Annals of Rajastan' ଗ୍ରନ୍ଥ ୧୬୮୦ ସାଲରେ ବଙ୍ଗଳା ଭାଷାରେ ଅନୂଦିତ ହୋଇଥିଲା । ତାରାବାଈ, ମିରାବାଈ, କୃଷ୍ଣାକୁମାରୀ, ଚଣ୍ଡ ପ୍ରଭୃତି ବଙ୍ଗଳା ସାହିତ୍ୟର ବହୁ ଗ୍ରନ୍ଥର କାହାଣୀ ଏହି ଟଡ୍‌ଙ୍କ 'ରାଜସ୍ଥାନ' ଗ୍ରନ୍ଥରୁ ଗୃହୀତ । ଊନବିଂଶ ଶତାବ୍ଦୀର ନୂତନ ଶିକ୍ଷାରେ ଶିକ୍ଷିତ ବଙ୍ଗବାସୀମାନେ ତାଙ୍କର ଜାତୀୟଭାବର ପ୍ରେରଣା ହିସାବରେ ଏହି ପୁସ୍ତକରୁ ରାଜପୁତାନାର ବହୁ କାହାଣୀ ଗ୍ରହଣ କରିଥିଲେ । |
| | ୧୮ | 'ଶ୍ରୀଚୈତନ୍ୟ-ପ୍ରଚାରିତ "ନାମେ ରୁଚି ଜୀବେ ଦୟା" '—ଶ୍ରୀଚୈତନ୍ୟଦେବ 'ନାମେ ରୁଚି' ( ଭଗବାନଙ୍କ ନାମ ଓ କୀର୍ତ୍ତନରେ ଆଗ୍ରହ ) 'ଜୀବେ ଦୟା' ( ମନୁଷ୍ୟ ଓ ଅନ୍ୟ ଜୀବମାନଙ୍କ ପ୍ରତି ଦୟା ପ୍ରକାଶ କରିବା ) ଏବଂ ବୈଷ୍ଣବସେବା (ବିଷ୍ଣୁଭକ୍ତ ଅର୍ଥାତ୍ ଭଗବଦନୁରାଗୀ ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାପୂର୍ବକ ପରିଚର୍ଯ୍ୟା )—ଏହି ଆଦର୍ଶ ପ୍ରଚାର କରିଥିଲେ । |
| ୨୭୮ | ୪-୭ | 'ଶ୍ରୀକୃଷ୍ଣ ହିଁ ଏକମାତ୍ର ପୁରୁଷରୂପେ ବିରାଜିତ'—ବୈଷ୍ଣବଧର୍ମରେ ମଧୁରଭାବର ସାଧକ ନିଜକୁ ପ୍ରକୃତି ବା ସ୍ତ୍ରୀରୂପେ କଳ୍ପନା କରି ଶ୍ରୀକୃଷ୍ଣଙ୍କୁ ପତିରୂପେ ପାଇବାକୁ ଚେଷ୍ଟା କରନ୍ତି । ବୈଷ୍ଣବମାନଙ୍କ ମତରେ ଏକମାତ୍ର ଶ୍ରୀକୃଷ୍ଣ ହିଁ ପୁରୁଷ ଓ ଅନ୍ୟମାନେ ପ୍ରକୃତି । |
| ୨୭୯ | ୧୮ | 'ଆମେରିକାର ରାଜଦୂତ ଓ ତାଙ୍କ ପତ୍ନୀଙ୍କର ଆତିଥ୍ୟ'—କଲିକତାରେ ଆମେରିକାର କନ୍‌ସଲ୍ ଜେନେରାଲ ମିଃ ପ୍ୟାଟରସନ୍ ଓ ତାଙ୍କର ସହଧର୍ମିଣୀ । |

## ସ୍ୱାମୀଜୀଙ୍କ କଥା

| | | |
|---|---|---|
| ୨୮୪ | ୯ | ଶ୍ରୀଯୁକ୍ତ ନରେନ୍ଦ୍ରନାଥ ସେନ୍ : Indian Mirror ନାମକ ଇଂରାଜୀ ଦୈନିକ ପତ୍ରିକାର ସମ୍ପାଦକ; କଲିକତାରେ ସ୍ୱାମୀଜୀଙ୍କୁ ଅଭିନନ୍ଦନ ଦେବାରେ ଅନ୍ୟତମ ପ୍ରଧାନ ଉଦ୍ୟୋକ୍ତା ଥିଲେ । |
| | ୨୨ | ରିପନ୍ କଲେଜ : ଭାରତର ବଡ଼ଲାଟ ଉଦାରପ୍ରକୃତି ଲର୍ଡ ରିପନ୍‌ଙ୍କର ନାମାନୁଯାୟୀ ରାଷ୍ଟ୍ରଗୁରୁ ସୁରେନ୍ଦ୍ରନାଥ ବନ୍ଦୋପାଧ୍ୟାୟଙ୍କ ଦ୍ୱାରା କଲିକତାରେ ପ୍ରତିଷ୍ଠିତ, ଅଧୁନା 'ସୁରେନ୍ଦ୍ରନାଥ କଲେଜ' ନାମରେ ପରିଚିତ । |
| ୨୮୭ | ୧୭ | ବଲ୍ଲଭାଚାର୍ଯ୍ୟ ସମ୍ପ୍ରଦାୟ : ଶୁଦ୍ଧାଦ୍ୱୈତବାଦୀ, ଏମାନେ ମାୟା ସ୍ୱୀକାର କରନ୍ତି ନାହିଁ । |

୯-୨୯

ପୃଷ୍ଠା ଧାଡ଼ି

୨୮୭ ୩୦ 'ଅମାସ୍-ଆ-କେମ୍ପିସ୍‌ଙ୍କ Imitation of Chirst'—ସ୍ୱାମୀଜୀଙ୍କଦ୍ୱାରା ଏହାର ଅନୁବାଦ 'ଈଶାନୁସରଣ' ଏହି ଗ୍ରନ୍ଥାବଳୀର ଷଷ୍ଠ ଖଣ୍ଡରେ ଦେଖି-ପାରିବେ ।

୨୯୩ ୨୯ 'ଗଣେଶଙ୍କ ଆସନ' ଅର୍ଥାତ ଲିପିକାରର ଆସନ । ମହାଭାରତର ଲିପିକାର ଗଣେଶ ।

୨୯୪ ୧୧ 'ଡେଲସାର୍ଟ ବ୍ୟାୟାମ'—କୌଣସି ଯନ୍ତ୍ରପାତିର ବିନାସାହାଯ୍ୟରେ ହାତ-ଗୋଡ଼ ଚାଳନା କରି ଶରୀରର ସ୍ୱାସ୍ଥ୍ୟ ରକ୍ଷା କରିବା ବ୍ୟାୟାମ; ଆରମ୍ଭରେ ଆଲମବଜାର ମଠରେ ଏହାର ଖୁବ୍ ପ୍ରଚଳନ ଥିଲା ।

୨୯୭ ୧୪ 'ତାହା ସାମାନ୍ୟ ନିଃଶ୍ୱାସ ନେବା ଛଡ଼ା ଆଉ କିଛି ନୁହେଁ'—ପୂରକ, କୁମ୍ଭକ, ରେଚକ ପ୍ରଭୃତି ପ୍ରାଣାୟାମର ପ୍ରାଥମିକ ଅଭ୍ୟାସକୁ ଏଠାରେ ଲକ୍ଷ୍ୟ କରା-ଯାଇଅଛି ।

୨୯୮ ୨୪ ବ୍ରହ୍ମସୂତ୍ର-ଭାଷ୍ୟ : ଶଙ୍କର, ରାମାନୁଜ, ମଧ୍ୱ, ବଲ୍ଲଭ, ନିମ୍ବାର୍କ ଭାସ୍କର, ଶ୍ରୀକଣ୍ଠ ପ୍ରଭୃତି ପ୍ରତ୍ୟେକେ ନିଜର ମତ ପ୍ରତିଷ୍ଠା ପାଇଁ 'ବ୍ରହ୍ମସୂତ୍ରଭାଷ୍ୟ' ଲେଖି-ଯାଇଛନ୍ତି ।

୩୦୧ ୨୮-୯ ଶଶିପଦ ବନ୍ଦୋପାଧ୍ୟାୟ—ବରାହନଗରରେ ଗୋଟିଏ ବିଧବାଶ୍ରମ ପ୍ରତିଷ୍ଠା କରିଥିଲେ । ୧୮୯୫ ଖ୍ରୀ:ର ପ୍ରଥମଭାଗରେ ଭାରତୀୟ ବିଧବାମାନଙ୍କର ଅବସ୍ଥା ସମ୍ବନ୍ଧରେ ବୃକ୍‌ଲିନ୍‌ସ୍ଥ ରମାବାଈ ସର୍କଲ୍ ସହିତ ମତଭେଦ ହେବାରୁ ସ୍ୱାମୀଜୀ ବୃକ୍‌ଲିନ୍‌ରେ ଭାରତୀୟ ନାରୀମାନଙ୍କ ବିଷୟରେ ଗୋଟିଏ ବକ୍ତୃତା ଦେଇଥିଲେ ଏବଂ ସଂଗୃହୀତ ଅର୍ଥ ଏହି ଶଶିପଦ ବାବୁଙ୍କ ବିଧବା-ଶ୍ରମକୁ ଦାନ କରିଥିଲେ ।

୩୦୪ ୧୭ 'କଲିକତାରେ ଦୁଇଟି ମାତ୍ର ବକ୍ତୃତା' : ପ୍ରଥମ ବକ୍ତୃତା ରାଜା ରାଧାକାନ୍ତ ଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ଅଭିନନ୍ଦନ-ସଭାରେ, ଦ୍ୱିତୀୟଟି ଷ୍ଟାର୍ ଥିଏଟର୍‌ରେ ପ୍ରଦତ୍ତ ।

୩୧୨ ୧୯ Utilitarian (ଉପଯୋଗିତାବାଦୀ) : ବେନ୍ଥାମ୍, ମିଲ୍, ହାର୍ବର୍ଟ ସ୍ପେନ୍‌ସର୍ ପ୍ରଭୃତି ପାଶ୍ଚାତ୍ୟ ଦାର୍ଶନିକମାନଙ୍କ ଦ୍ୱାରା ବ୍ୟାଖ୍ୟାତ ଓ ପ୍ରଚାରିତ 'Utilitarianism'ର ସମର୍ଥକ । 'Greatest good for the greatest number' ଅର୍ଥାତ ସର୍ବାଧିକ ଲୋକଙ୍କର ସର୍ବାପେକ୍ଷା ବେଶୀ ସୁଖର ବ୍ୟବସ୍ଥା କରିବା ହିଁ ଏହି ମତର ଲକ୍ଷ୍ୟ ।

୩୧୭ ୩୦ 'କୋଲାପୁରର ରାଣୀ : କୋଲାପୁର ରାଜବଂଶ ଶିବାଜୀଙ୍କ ବଂଶଧର ବୋଲି ଦାବି କରନ୍ତି । ଏଠାର ରାଣୀ ସ୍ୱାମୀଜୀଙ୍କୁ ବିଶେଷ ଶ୍ରଦ୍ଧା କରୁଥିଲେ । କୌଣସି ଦାନ ଗ୍ରହଣ ନ କରିବାରୁ ରାଣୀ ସ୍ୱାମୀଜୀ ବେଲଗାଁରେ ଥିବାବେଳେ

ପୃଷ୍ଠା ଧାଡ଼ି

ତାଙ୍କ ପାଇଁ ୨ ଖଣ୍ଡି ଗେରୁଆବସ୍ତ୍ର ପଠାଇଥିଲେ । (୧୮୯୦ ଅକ୍ଟୋବର)

୩୧୭ ୭-୮ 'ଜୁଲ୍ ଭର୍ଣ୍ଣେଙ୍କର Scientific novels'—Jules Verne (୧୮୨୮-୧୯୦୫) 'Five Weeks in a Balloon', 'Journey to the Centre of the Earth', 'Round the World in Eighty Days', 'Three Thousand Leagues under the Sea' ପ୍ରଭୃତି ବିଜ୍ଞାନମୂଳକ କଳ୍ପନାଶ୍ରୟୀ ଉପନ୍ୟାସଗୁଡ଼ିକର ବିଖ୍ୟାତ ଫରାସୀ ରଚୟିତା ।

୮ କାର୍ଲାଇଲ (୧୭୯୫-୧୮୮୧) : ସ୍କଟଲାଣ୍ଡର ପ୍ରତିଭାଶାଳୀ ଲେଖକ । ତାଙ୍କର Sartor Resartus ୧୮୩୩ ଖ୍ରୀ:ରେ ବୈଜ୍ଞାନିକ ଯୁକ୍ତିବାଦ ଉପରେ ତୀବ୍ର କଟାକ୍ଷପୂର୍ଣ୍ଣ ଏବଂ ଦାର୍ଶନିକ ଓ ନୈତିକ ଆଦର୍ଶବାଦ ପକ୍ଷରେ ଲିଖିତ ଗ୍ରନ୍ଥ ।

୩୨୦ ୮ 'ସେ ରସେ ବଞ୍ଚିତ ଗୋବିନ୍ଦ ଦାସ'—ଗୋବିନ୍ଦ ଦାସ ଶ୍ରୀଚୈତନ୍ୟଙ୍କର ପରବର୍ତ୍ତୀ ଯୁଗର ବୈଷ୍ଣବ ଭକ୍ତ ଓ ପଦାବଳୀ-ଲେଖକ । କଳ୍ପନାରେ ସେ ଚୈତନ୍ୟଙ୍କ ମହିମା ଓ ରୂପ ଆସ୍ୱାଦନ କରି କବିତାରେ ବର୍ଣ୍ଣନା କରି-ଯାଇଛନ୍ତି । ଶ୍ରୀଚୈତନ୍ୟଙ୍କର ସାକ୍ଷାତ୍ ଦର୍ଶନ ପାଇନଥିଲେ ବୋଲି ଅନେକ ପଦର ଶେଷରେ ଗୋବିନ୍ଦ ଦାସ ଏହି ଧରଣର ଆକ୍ଷେପ କରିଯାଇଛନ୍ତି ।

୩୨୯ ୨୦ '୯୩ ମୌଳିକ ଦ୍ରବ୍ୟ (93 elements)'—ସ୍ୱାମୀଜୀଙ୍କର ଏହି ଆଲୋଚନା ପରେ ଅର୍ଦ୍ଧଶତାବ୍ଦୀ-କାଳ ମଧ୍ୟରେ ବୈଜ୍ଞାନିକମାନେ ଆହୁରି କେତେ-ଗୋଟି ମୂଳଦ୍ରବ୍ୟ ଆବିଷ୍କାର କରିଛନ୍ତି । ଅବଶ୍ୟ ଇଲେକ୍ଟ୍ରନ୍-ତତ୍ତ୍ୱ ପରମାଣୁ-ତତ୍ତ୍ୱର ଧାରଣା ଆମୂଳ ପରିବର୍ତ୍ତନ କରିଦେଇଛି ।

୩୩୦ ୨୭ ଜନ୍ ଷ୍ଟୁଆର୍ଟ ମିଲ୍ (୧୮୦୬-୧୮୭୩) : ଅର୍ଥନୀତି, ଧର୍ମ, ତର୍କବିଜ୍ଞାନ, ରାଜନୀତି ଓ ସମାଜତତ୍ତ୍ୱ ବିଷୟକ ବହୁ ବିଭିନ୍ନ ଗ୍ରନ୍ଥର ପ୍ରଣେତା । ୧୮୬୫ ଖ୍ରୀ:ରୁ ସେ ବ୍ରିଟିଶ ପାର୍ଲାମେଣ୍ଟର ସଦସ୍ୟ ଥିଲେ ।

୩୩୨ ୩୨ 'ଚାର୍ବାକଙ୍କ ଦୃଶ୍ୟ-ସତ୍ୟ ମତ'—ଚାର୍ବାକ ସମ୍ପ୍ରଦାୟ ପ୍ରତ୍ୟକ୍ଷକୁ ହିଁ ସତ୍ୟ ବୋଲି ମନେକରନ୍ତି । ସେମାନଙ୍କର ମତ—'ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ ?'

୩୪୫ ୨୯ 'ଗୋରାଙ୍ଗଙ୍କର ପେଟ ପୂରାଇବା'—ଏଠାରେ 'ଗୋରାଙ୍ଗ' ଶବ୍ଦର ଅର୍ଥ ଶ୍ୱେତକାୟ ଇଂରେଜ ।

୩୪୮ ୨୫-୭ 'ଈଶ୍ୱର ନିରାକାର ଚୈତନ୍ୟସ୍ୱରୂପ, ଗୋପାଳ ଅତି ସୁବୋଧ ବାଳକ'—ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବାଳକବାଳିକାମାନଙ୍କର ଶିକ୍ଷା ପାଇଁ 'ବୋଧୋଦୟ' 'ବର୍ଣ୍ଣପରିଚୟ' ପ୍ରଭୃତି ପୁସ୍ତକ ରଚନା କରିଥିଲେ ।

ପୃଷ୍ଠା ଧାଡ଼ି

ଏହବୁରେ ସେ ଭଗବାନଙ୍କ ସମ୍ବନ୍ଧରେ ଧାରଣା ଦେବା ପାଇଁ ଲେଖିଥିଲେ— 'ଈଶ୍ୱର ନିରାକାର ଚୈତନ୍ୟସ୍ୱରୂପ' । ପୁଣି ସୁବୋଧ ବାଳକ ଚରିତ୍ରର ଆଦର୍ଶଦ୍ୱାରା ଗଠିତ ବାଳକମାନେ ନିଜକୁ ନିରୀହ, ଅସହାୟ ଅନୁଭବ କରନ୍ତି । ଏହି ଧରଣର ଶିକ୍ଷାଦ୍ୱାରା ପିଲାମାନଙ୍କର ପ୍ରକୃତ ଚରିତ୍ର ଗଠିତ ହୁଏ ନାହିଁ—ଏହା ଥିଲା ସ୍ୱାମୀଜୀଙ୍କର ଅଭିମତ ।

୩୫୬ ୩ 'ଦ୍ୱିତୀୟଥର ଆମେରିକା ଯିବାର ଉଦ୍‌ଯୋଗ'—ତଥ୍ୟପଞ୍ଜୀ ୨୮ ପୃଷ୍ଠା ଦ୍ରଷ୍ଟବ୍ୟ ।

୩୬୩ ୩୦ 'ପାଞ୍ଚ ଭାବର ସାଧନର କଥା'—ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର—ବୈଷ୍ଣବମାନଙ୍କର ଏହି ପଞ୍ଚଭାବର ସାଧନା ।

୩୬୪ ୩୨ Hamilton : ସାର୍ ଉଇଲିୟମ୍ ହାମିଲ୍‌ଟନ୍ (୧୭୮୮-୧୮୫୬) ସ୍କଟଲାଣ୍ଡର ଦାର୍ଶନିକ ।

୩୬୫ ୩୦ 'ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନଂ… ।' ଏହା ଅର୍ଜୁନଙ୍କ ଉକ୍ତି—ଗୀତା, ୧,୩୯ ।

୩୬୬ ୨୬ ଝାନ୍‌ସୀର ରାଣୀ : ଲକ୍ଷ୍ମୀବାଈ ସିପାହୀ-ବିଦ୍ରୋହ ସମୟରେ ନିଜ ରାଜ୍ୟରକ୍ଷା ପାଇଁ ଇଂରେଜ ସରକାରଙ୍କ ବିରୋଧରେ ଯୁଦ୍ଧ କରିଥିଲେ ଏବଂ ଏହି ଯୁଦ୍ଧରେ ପ୍ରାଣ ବିସର୍ଜନ କରିଥିଲେ ।

୩୬୯ ୨୦ ଥେରାପୁତ୍ର : ବୌଦ୍ଧମାନଙ୍କ ଏକ ସମ୍ପ୍ରଦାୟ; ଏହା 'ସ୍ଥବିରପୁତ୍ର'ର ଅପଭ୍ରଂଶ ।

## କଥୋପକଥନ

୩୭୯ ୧୨ ମହୀଶୂରର ରାଜା : ଶ୍ରୀଚାମରାଜେନ୍ଦ୍ର ଉଦୀୟାର; ୧୮୯୨ ଖ୍ରୀ:ର ଶେଷଭାଗରେ ସ୍ୱାମୀଜୀ ମହୀଶୂରର ରାଜପ୍ରାସାଦରେ କିଛିକାଳ ଅବସ୍ଥାନ କରିଥିଲେ ।

୩୮୬ ୪ ପ୍ରାଚ୍ୟତତ୍ତ୍ୱାନୁସନ୍ଧାନ : ଇଉରୋପୀୟ ପଣ୍ଡିତ ମହଲରେ ପ୍ରାଚ୍ୟ ଧର୍ମ ଓ ସଂସ୍କୃତି ବିଷୟକ ଆଲୋଚନା 'Oriental Research' ନାମରେ ପରିଚିତ ।

୩୯୧ ୧୯ 'ସୁଦାନ ଯୁଦ୍ଧରେ ଭାରତୀୟ ସୈନ୍ୟ'—୧୮୮୨ ଖ୍ରୀ:ରେ 'ଆରବି ପାଶା'ର ବିଦ୍ରୋହ ଦମନ କରି ଇଂରେଜମାନେ ମିଶରର ପ୍ରକୃତ ମାଲିକ ହେଲେ । କିନ୍ତୁ ସୁଦାନ ପ୍ରଦେଶରେ 'ମାହଦି'-ଆଖ୍ୟାଧାରୀ ଜଣେ ମୁସଲମାନ ନେତା ତାଙ୍କର ଶାସନ ପ୍ରତିଷ୍ଠା କରିଥିଲେ । ତାଙ୍କୁ ଦମନ କରିବାକୁ ଯାଇ ବ୍ରିଟିଶ ସେନାପତି ଗର୍ଡନ ନିହତ ହେଲେ । ଅବଶେଷରେ ୧୮୯୮ ଖ୍ରୀ:ରେ କର୍ଣ୍ଣେଲ କିଚେନାର୍ ଅମଦାର୍‌ମାନ୍ ଯୁଦ୍ଧରେ ମାହଦିଙ୍କ ସୈନ୍ୟମାନଙ୍କୁ ପରାଭୂତ କରି ସୁଦାନକୁ ଇଂରେଜ-ଶାସନାଧୀନ କଲେ । ଏହି ଯୁଦ୍ଧରେ

ପୃଷ୍ଠା ଧାଡ଼ି

ଭାରତୀୟମାନଙ୍କର ସମ୍ମତିର ଅପେକ୍ଷା ନ ରଖି ଭାରତୀୟ ସୈନ୍ୟ ବ୍ୟବହୃତ ହୋଇଥିଲେ ।

୩୯୪ ୨୧ 'ଯାସ୍କଙ୍କ 'ନିରୁକ୍ତ' : ଯାସ୍କ ବୈଦିକ ଶବ୍ଦାର୍ଥବୋଧକ ଶାସ୍ତ୍ରକାର, 'ନିରୁକ୍ତ' ନାମକ ବେଦାଙ୍ଗ-ଗ୍ରନ୍ଥର ପ୍ରଣେତା । ଏହା ସର୍ବପ୍ରାଚୀନ ପ୍ରାମାଣ୍ୟ ବୈଦିକ ଅଭିଧାନ ।

୨୮ ମୋନିୟାର୍ ଉଇଲିୟମ୍‌ସ୍—(୧୮୧୯-୧୮୯୯) ବମ୍ବେରେ ଜନ୍ମ । ସେ ପ୍ରଖ୍ୟାତ ଇଂରେଜ ପ୍ରାଚ୍ୟତତ୍ତ୍ୱବିତ୍ ଓ ଅକ୍‌ସଫୋର୍ଡରେ ସଂସ୍କୃତ ଅଧ୍ୟାପକ ଥିଲେ । ସଂସ୍କୃତ ବ୍ୟାକରଣ (୧୮୪୬), ଇଂରାଜୀ-ସଂସ୍କୃତ ଅଭିଧାନ (୧୮୫୧), ସଂସ୍କୃତ-ଇଂରାଜୀ ଅଭିଧାନ (୧୮୭୨) ପ୍ରଭୃତି ବହୁ ଗ୍ରନ୍ଥର ପ୍ରଣେତା ।

୨୮ ସାର୍ ଉଇଲିୟମ୍ ହଣ୍ଟର୍—(୧୮୪୦-୧୯୦୦) ଇଂରେଜ ପରିସଂଖ୍ୟାନବିଦ୍ ଓ ଲେଖକ; ୧୮୬୨ ଖ୍ରୀ:ରେ ଭାରତୀୟ ସିଭିଲ୍ ସର୍ଭିସରେ ଯୋଗଦାନ କରିଥିଲେ । A Comparative Dictionary of Languages of India and High Asia (୧୮୬୮) ଓ ଅନ୍ୟାନ୍ୟ ବହୁ ଗ୍ରନ୍ଥର ରଚୟିତା ।

୩୯୬ ୨୩ ମିଲ୍‌ଟନ୍ ଓ ହୋମର୍ : 'Paradise Lost', 'Paradise Regained' ପ୍ରଭୃତି କାବ୍ୟ-ଗ୍ରନ୍ଥର ପ୍ରଣେତା ଇଂରେଜ କବି ମିଲ୍‌ଟନ୍; 'ଇଲିୟାଡ୍' ଓ 'ଓଡିସି' ଏହି ଦୁଇ ପ୍ରାଚୀନ ଗ୍ରୀକ୍ ମହାକାବ୍ୟ ହୋମର୍‌ଙ୍କ ଦ୍ୱାରା ରଚିତ ।

୪୦୨ ୩ ନିଉ ଟେଷ୍ଟାମେଣ୍ଟ : ବାଇବେଲର ଯେଉଁ ଅଂଶ ଖ୍ରୀଷ୍ଟଶିଷ୍ୟ ବା ପ୍ରେରିତ ପୁରୁଷଙ୍କ ଦ୍ୱାରା ରଚିତ, ତାହା 'ନିଉ ଟେଷ୍ଟାମେଣ୍ଟ' ନାମରେ ପରିଚିତ । ବାଇବେଲର ପ୍ରଥମାଂଶ ହିବ୍ରୁଭାଷାରେ ଓ ଶେଷର କିଛି ଅଂଶ ଗ୍ରୀକ୍ ଭାଷାରେ ରଚିତ ।

୪୦୫ ୪ ମଧ୍ୱାଚାର୍ଯ୍ୟ (୧୨ ଶ ଶତାବ୍ଦୀ) : ଦ୍ୱୈତବାଦର ଶ୍ରେଷ୍ଠ ଆଚାର୍ଯ୍ୟ ।

୪୦୬ ୨୦ କିଣ୍ଡରଗାର୍ଟେନ ବିଦ୍ୟାଳୟ : ଜର୍ମାନ ଭାଷାରେ 'କିଣ୍ଡର୍ ଗାର୍ଟେନ୍' ଶବ୍ଦର ଅର୍ଥ ଶିଶୁମାନଙ୍କର ଉଦ୍ୟାନ (Garden of Children) । (Fredrich Froebel) ନାମକ ଜଣେ ଶିକ୍ଷାବିତ୍ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଶିଶୁଶିକ୍ଷାର ଏହି ନୂତନ ପଦ୍ଧତି ଆବିଷ୍କାର କରିଥିଲେ । ଚିତ୍ତବିନୋଦନକାରୀ ଖେଳନା, ଖେଳ, ଗୀତବାଦ୍ୟ ପ୍ରଭୃତି ମଧ୍ୟ ଦେଇ ଶିଶୁଶିକ୍ଷାର ଏହି ପଦ୍ଧତି 'କିଣ୍ଡରଗାର୍ଟେନ୍' ନାମରେ ପରିଚିତ ।

୪୧୦ ୧୪ 'ଇଂଲଣ୍ଡରେ ଜଣେ ଓ ଆମେରିକାରେ ଜଣେ'—୧୮୯୬ ଖ୍ରୀ:ରେ ପାଶ୍ଚାତ୍ୟରୁ ଭାରତକୁ ଫେରିବାବେଳେ ସ୍ୱାମୀଜୀ ଆମେରିକାରେ ସ୍ୱାମୀ ସାରଦାନନ୍ଦଙ୍କୁ ଓ

ପୃଷ୍ଠା ଧାଡ଼ି

ଇଂଲଣ୍ଡରେ ସ୍ୱାମୀ ଅଭେଦାନନ୍ଦଙ୍କୁ ରଖିଆସିଥିଲେ ।

୪୧୨ ୧୪ 'ସେ ଏପରି ଗୋଟିଏ ଦେଶରୁ ଆସିଥିଲେ'—ଏଠାରେ ତତ୍କାଳୀନ ପରାଧୀନ ଦେଶ ଆୟାର୍ଲ୍ୟାଣ୍ଡର କଥା କୁହାଯାଇଛି ।

୪୧୩ ୨୧ 'ମହାତ୍ମା', 'କୁଥୁମି' ପ୍ରଭୃତିରେ ମୁଁ ବିଶ୍ୱାସ କରେ ନାହିଁ—ଥିଓସଫିଷ୍ଟମାନେ 'ମହାତ୍ମା' ପ୍ରଭୃତିରେ ବିଶ୍ୱାସୀ । ୫ମ ଖଣ୍ଡରେ ତଥ୍ୟପଞ୍ଜୀର ୪୮୨-୮୩ ପୃଷ୍ଠା ଦ୍ରଷ୍ଟବ୍ୟ ।

୪୧୬ ୨୮-୯ 'ହିମାଳୟର ଗୋଟିଏ ସୁନ୍ଦର ଉପତ୍ୟକା'—ସ୍ୱାମୀଜୀ ଦେହ ହମସ୍ୟରେ ସ୍ୱାସ୍ଥ୍ୟଲାଭ ପାଇଁ ଆଲମୋଡ଼ାର ଲାଲ ବଦ୍ରୀଶାଙ୍କ 'ଟମସନ୍ ହାଉସ୍'ରେ ରହୁଥିଲେ ।

୪୧୭ ୪ ଦୟାନନ୍ଦ ସରସ୍ୱତୀ (୧୮୨୪-୮୩) : ଆର୍ଯ୍ୟସମାଜର ସ୍ୱନାମଧନ୍ୟ ପ୍ରତିଷ୍ଠାତା ।

୪୧୮ ୧୬ 'ପ୍ରଧାନ ପ୍ରଶ୍ନକର୍ତ୍ତ୍ରୀ'—ଜନକଙ୍କ ସଭାରେ ଏହି ଗାର୍ଗୀ ଯାଜ୍ଞବଲ୍କ୍ୟଙ୍କ ସହିତ ବ୍ରହ୍ମତତ୍ତ୍ୱ ଆଲୋଚନା କରିଥିଲେ । ବଚକ୍ନୁ ଋଷିଙ୍କ କନ୍ୟା ବୋଲି ସେ 'ବାଚକ୍ନବୀ' ନାମରେ ପରିଚିତା ।

୨୩ 'ଟେନିସନ୍‌ଙ୍କ ପ୍ରିନ୍‌ସେସ୍'—ଇଂଲଣ୍ଡର ରାଜକବି ଲର୍ଡ ଆଲ୍‌ଫ୍ରେଡ୍ ଟେନିସନ୍ (୧୮୦୯-୧୮୯୨)-ଙ୍କ ଲିଖିତ କାବ୍ୟ 'ପ୍ରିନ୍‌ସେସ୍' (୧୮୪୭) ।

୪୧୯ ୨୨ ସଙ୍ଘମିତ୍ରା : ସମ୍ରାଟ ଅଶୋକଙ୍କ କନ୍ୟା । ଭିକ୍ଷୁଣୀ ଭାବରେ ସେ ସିଂହଳରେ ବୌଦ୍ଧଧର୍ମ ପ୍ରଚାର କରିଥିଲେ ।

୨୨ ଅହଲ୍ୟାବାଈ : (୧୭୬୭-୯୫) ହୋଲକାର-ରାଜ୍ୟ ଶାସନ କରୁଥିଲେ । ମଲହର ରାଓଙ୍କ ପୁତ୍ରବଧୂ ଓ କାଣ୍ଡେରାଓ ହୋଲକାରଙ୍କର ବିଧବା ପତ୍ନୀ । ରାଜକାର୍ଯ୍ୟରେ ତାଙ୍କର ଅଶେଷ ଦକ୍ଷତା ଓ ଧର୍ମପରାୟଣତା ଥିଲା । ସେ ସେ ଅତିଶୟ ଦାନଶୀଳା ଥିଲେ ।

୪୨୧ ୧୬ 'ଫେରିସ୍ତାଙ୍କ ମତରେ'—ପାରସ୍ୟର ଐତିହାସିକ ଫେରିସ୍ତା କାସ୍ପିଆନ୍ ସାଗରର ଉପକୂଳସ୍ଥ ଆସ୍ତାବାଦ ସହରରେ ଆନୁମାନିକ ୧୫୭୦ ଖ୍ରୀ:ରେ ଜନ୍ମଗ୍ରହଣ କରିଥିଲେ । ସେ ୧୫୮୯ ଖ୍ରୀ:ରେ ବିଜାପୁର ଯାଇଥିଲେ ଓ ଦ୍ୱିତୀୟ ଆଦିଲ ଶାହଙ୍କ ଦ୍ୱାରା ଭାରତର ଇତିହାସ ଲେଖିବା ପାଇଁ ନିଯୁକ୍ତ ହୋଇଥିଲେ । ତାଙ୍କ ରଚିତ ଭାରତର ଇତିହାସ ଜେନେରାଲ ବ୍ରିଗ୍‌ସଙ୍କ ଦ୍ୱାରା 'History of the Rise of Mohamedan Power in India' ନାମରେ ଇଂରେଜିରେ ଅନୂଦିତ ହୋଇଛି । ୧୬୧୧ ଖ୍ରୀ:ରେ ବିଜାପୁରରେ ଫେରିସ୍ତାଙ୍କର ମୃତ୍ୟୁ ହୋଇଥିଲା ।

# ନିର୍ଦ୍ଦେଶିକା


ଅଖଣ୍ଡାନନ୍ଦ (ସ୍ୱାମୀ) ୬୮
ଅତୁଲବାବୁ ୩୪୦
ଅଦୃଷ୍ଟବାଦ ୩୩୨
ଅଦ୍ୱୈତ -ବାଦ ୧୧୦, ୩୦୬, ୪୧୦, ୪୨୭; -ବାଦୀ ୩୯୫; -ଜ୍ଞାନ ୩୩୩, ୪୨୫; -ବାଦୀର ମୁକ୍ତିର ଧାରଣା ୩୯୬
ଅଦ୍ୱୈତାନନ୍ଦ (ସ୍ୱାମୀ) ୨୦୧, ୨୯୬
ଅନାଥ ଆଶ୍ରମ ୧୧୬
ଅନ୍ତର୍ବିବାହ ୩୬୨
'ଅନ୍ଧକାରଯୁଗ' ୩୮୧, ୩୮୬
ଅନ୍ନ -ଛତ୍ର ୧୦୬; -ଦାନ ୧୦୭
ଅପରୋକ୍ଷାନୁଭୂତି—ଆଚାର୍ଯ୍ୟ ଶଙ୍କରଙ୍କ ମତରେ ୪୬, ୮୬, ୧୧୮; ଏହାର ଆଦର୍ଶ ଶୁକଦେବ ୨୩୫
ଅବତାର-ବାଦ ୧୮, ୧୫୭
ଅମରନାଥ (ତୀର୍ଥ) ୬୬, ୨୪୮-୯, ୨୭୦-୭୧
ଅମୃତ ବଜାର (ପତ୍ରିକା) ୨୮୩
ଅମ୍ବାପାଲି ୨୩୫, ୨୬୪
ଅର୍ମୀଜଦ୍ ୨୬୫
ଅଶୋକ (ସମ୍ରାଟ୍) ୨୫୨, ୩୮୫
ଅଷ୍ଟାଧ୍ୟାୟୀ (ପାଣିନି) ୮୨
ଅଷ୍ଟବିଂଶତି ତତ୍ତ୍ୱ (ରଘୁନନ୍ଦନ) ୧୯୨
ଅହଲ୍ୟାବାଈ (ଇନ୍ଦୋରର ରାଣୀ) ୪୧୯
ଅହଂ-ଭାବ ୪୫; ଗୀତାରେ ୧୪୮
ଅହିଂସା ୧୨୮
ଆଇରିଶମ୍ୟାନ୍ ୪୧୨
ଆକବର—ତାଙ୍କର ସମାଧି ୨୩୩; ବାଦ୍‌ଶାହ ୨୬୮; ମୋଗଲ୍ ସମ୍ରାଟ ୩୮୧
ଆଚାର୍ଯ୍ୟ—ସେମାନଙ୍କର ଲକ୍ଷଣ ୩୦୮
ଆତ୍ମ -ତତ୍ତ୍ୱ ୩୮, ୪୩, ୧୪୮, ୨୯୫; -ଜ୍ଞାନ ୬୯, ୭୫, ୧୫୭, ୧୬୯, ୧୯୭, ୩୬୮; -ଦର୍ଶନ ୯୮; -ସ୍ଥ ୧୪୮; -ବୋଧ ୧୯୭
ଆମ୍ବରତପର ୧୮୨
ଆତ୍ମା -ପ୍ରତ୍ୟକ୍ଷ ହେବା ୧୨, ୪୬; ପ୍ରତ୍ୟେକ- ୭୫; ହିଁ ଅନନ୍ତ ୯୮; -କୁ ଦର୍ଶନ ୯୯,

୧୮୨; -କୁ ଯେକୌଣସି ନାମ ଦେଇପାରେ ୩୮୩, ୩୮୮
ଆପ୍ତ - ପୁରୁଷ ୮୬; -ବାକ୍ୟ ୧୧୮
ଆବ୍ଦୁସେମ୍ୟଦ ଆବୁଲର୍ ୩୮୧ (ପା: ଟୀ:)
ଆମେରିକା -ବାସୀ ୪; ସେଠାରେ ସ୍ୱାଧୀନତା ଦିବସ ୨୫୬; ଏହାର ସଭ୍ୟତା ୩୭୯; ଆବିଷ୍କାର ୩୯୦; -ବାସୀଙ୍କର ମହତ୍ତ୍ୱ ୪୧୨
ଆର୍ଯ୍ୟ -ଜାତିର ଲକ୍ଷଣ ୨୩୩; ସିନ୍ଧୁତୀରରେ ୨୪୬; ଭାରତବାସୀ ଓ ଗ୍ରୀକ୍ ଯବନ ୨୬୫
ଆଲମ୍ବଜାର ମଠ ୭, ୩୬, ୪୨, ୬୦, ୬୫, ୧୪୭, ୨୮୩, ୨୯୩
ଆଲମୋଡ଼ା ୨୨୪, ୨୨୫, ୨୩୧, ୨୪୪, ୩୦୨
ଆଲାସିଙ୍ଗା (ପେରୁମଲ) ୭୪, ୨୮୪, ୨୯୩
ଆଲେକ୍‌ଜାଣ୍ଡାର୍ (ସିକନ୍ଦର୍) —ପ୍ରତିହତ ୨୪୬; ଦିଗ୍‌ବିଜୟୀ ୨୫୩; ତାଙ୍କର ଦୁଃଖର କାରଣ ୩୨୭
ଆଲେକ୍‌ଜାଣ୍ଡ୍ରିୟା ୨୬୨
ଆଶ୍ରମ-ଚତୁଷ୍ଟୟ ୩୯
ଆହାର —ଏହାର ସଂଯମ ୮; -ସମ୍ବନ୍ଧରେ ଉପଦେଶ ୧୬; -ଆମିଷ ୧୨୯; -ଅର୍ଥ ଓ ବସ୍ତ୍ର ୧୩୦; ଜାପାନୀ- ୩୫୨
ଆହ୍ରିମାନ ୨୬୫
ଇଉରୋପ୍—ଏହାର ଜାଗରଣ ୩୮୧; ଏହାର ଓ ଭାରତର ବିଭିନ୍ନ ଜାତି ୩୯୦
ଇଉରୋପୀୟ—ଲୋକମାନଙ୍କର ପାପବୋଧ ୨୬୫; ସମାଜର ସ୍ଥିତିଶୀଳ ୪୦୫
ଇଂରେଜ —Conservative ୪; -ମାନଙ୍କୁ criticise ୯୦; -ଦ୍ୱାରା ଭାରତରେ ବାଣିଜ୍ୟ-ବିସ୍ତାର ୩୯୦; -କଠୋର କର୍ମୀ ୪୧୦
ଇଂଲଣ୍ଡ—ସେଠାରେ ପ୍ରଚାର ୪, ୩୮୮, ୪୦୧; ସେଠାକୁ ଆସିବାର ଉଦ୍ଦେଶ୍ୟ ୩୮୫; ସେଠାକାର ସଭ୍ୟତା ୩୭୯; ସେଠାରେ ହଜାରେ ସମ୍ପ୍ରଦାୟ ୩୮୮; ସେଠାରେ ସମାଜ-ବନ୍ଧନ ୪୦୯
ଇଟାଲୀ—ଇଉରୋପୀୟ ଦେଶଗୁଡ଼ିକର ଶୀର୍ଷସ୍ଥାନୀୟ ୨୩୩
'ଇଣ୍ଡିଆନ୍ ମିରର୍' (ପତ୍ରିକା) ୨୮୩
ଇସ୍ଲାମାବାଦ ୨୬୦, ୨୬୬, ୨୭୪
ଇଷ୍ଟ ଇଣ୍ଡିଆ କମ୍ପାନୀ ୩୦
ଈଶା (ଯୀଶୁଖ୍ରୀଷ୍ଟ)—ପ୍ରଭୁ ୧୮, ୧୨୪; ଭଗବାନ ୨୧୫; ତାଙ୍କର ଉପଦେଶ ୨୬୪
'ଈଶା ଜୀବନୀ'—ରେଁନା-ଲିଖିତ ୨୬୪
'ଈଶାନୁସରଣ' ୨୫୫, ୨୮୮
ଈଶାହି —କ୍ଷାପନୋତ୍ସବ ୨୨୯; ଧର୍ମ ୨୫୨, ୨୬୧; ଓ ବୈଦିକ କ୍ରିୟାକାଣ୍ଡ ୨୬୧

ଈଶ୍ୱରଚନ୍ଦ୍ର ଭଟ୍ଟାଚାର୍ଯ୍ୟ ୧୯୩
ଉଇଲ୍ସ୍ମନ୍ଦ, ମୋନ୍ସ୍ୟୁର୍ ୩୯୪
ଉତ୍କାମଣ୍ଡ ୨୩୯
ଉଦୟପୁର ୨୭୯
'ଉଦ୍ବୋଧନ' (ପତ୍ରିକା) ୮୦, ୧୪୭, ୧୪୯, ୨୯୭
ଉପନୟନ—ସଂସ୍କାର ୪୩, ୬୭
ଉପନିଷଦ୍—କଠ ୧୧, ୪୪, ୮୨, ୯୯, ୧୧୨ ୨୯୨; ମୁଣ୍ଡକ- ୧୧, ୧୧୧, ୧୫୩, ୧୫୭; ଈଶ- ୪୫, ୨୯୧; ବୃହଦାରଣ୍ୟକ- ୪୬, ୨୪୮, ୪୪୮; ଶ୍ୱେତାଶ୍ୱତର- ୨୯୩
ଉପଯୋଗବାଦୀ ୩୧୨
ଋକ୍‌ବେଦ—ଏହାର ସାୟନ-ଭାଷ୍ୟ ୨୯; ଏହାର ଆବୃତ୍ତି ୨୪୭
ଏନ୍‌ସାଇକ୍ଲୋପିଡ଼ିଆ ବ୍ରିଟାନିକା ୧୬୪, ୧୭୯
ଏସିଆ-ବାସୀ ୩୪୯
'ଓଁ'କାର ୩୧-୨
ଓ୍ୱାଶିଂଟନ୍ (ସହର) ୩୮୭
'ଉଏଷ୍ଟ୍ ମିନିଷ୍ଟର୍ ଗେଜେଟ୍' (ପତ୍ରିକା) ୩୭୫
ଓଲନ୍ଦାଜ ୩୯୦
କମ୍ଟେ ୪୩୨
କଟନ୍ ସାହେବ ୧୬୭
କନିଷ୍କ (ସମ୍ରାଟ) ୨୫୨
କର୍ମ -ବାଦ ୭, ୧୩୮, ୪୦୩; -ସ୍ନାନ ୧୨, ୪୧; -ଯୋଗ ୬୦, ୧୩୮
କଲେଜ୍ ସ୍କୋୟାର୍ ୨୩୭
କଲ୍ପସୂତ୍ର ୧୩୩
କାମାକ୍ଷା ୧୬୭
କାର୍ପେଣ୍ଟର, ଏଡ୍‌ଓ୍ୱାର୍ଡ଼ ୨୮୯
କାର୍ଲାଇଲ୍ ୩୧୭
କାଳିଦାସ ୧୩, ୩୪୯
କାଳୀଘାଟ ୧୯୪, ୨୫୧
'କାଳୀ ଦ ମଦର୍' (କବିତା) ୧୬୧
କାଶୀପୁର—ବଗିଚା ୮, ୧୪, ୫୧, ୮୪, ୯୪, ୨୮୫
କାଶ୍ମୀର -ଯାତ୍ରା ୨୪୭; -ଉପତ୍ୟକା ୨୫୦; ଏହାର ଧର୍ମପୁସ୍ତକ ୨୭୦; ଏହାର ମହାରାଜ ୨୭୭
କିଡ୍ (ଫିଙ୍ଗାର୍ ଟଭଲ୍ ଗୁଡାଲ୍‌ଟ୍ରେ) ୨୮୪, ୨୯୩

'କୁଥୁମି' ୪୨୩
'କୁମାରସମ୍ଭବମ୍' ୧୫୫ (ପାːଟୀː)
କୁଲକୁଣ୍ଡଳିନୀ ୨୬୧
କୁଲଗୁରୁ -ପ୍ରଥା ୨୮
(ଶ୍ରୀ) କୃଷ୍ଣ -ଚରିତ ୨୧; ଏହାଙ୍କର ଅସ୍ତିତ୍ୱ ୧୪୧; ଏକମାତ୍ର ପୁରୁଷ ୧୭୮; -ଧ୍ୟାନ ୧୮୬; ମୂର୍ତ୍ତିମାନ୍ ଗୀତା ୩୫୭
କୃଷ୍ଣଲାଲ (ବ୍ରହ୍ମଗୃହୀ) ୨୯୩
କେଶବଚନ୍ଦ୍ର ସେନ୍ ୩୯୪
କୋରାନ୍ -ପାଠ ୧୬୧; ପ୍ରାଚୀନ ଗ୍ରନ୍ଥ ୩୧୭
କୋଲ୍ହପୁର -ରାଜ୍ୟର ରାଣୀ ୩୨୬; -ରାଜ୍ୟର ଛଡପତ୍ର ୩୧୦
କ୍ରମବିକାଶବାଦ ୨୦୨, ୪୧୫
କ୍ରିୟାକାଣ୍ଡ—ଈଶାହି ଓ ବୌଦ୍ଧ ୧୬୨; ବୈଦିକ- ୧୬୨; ଓ ଧର୍ମ ୪୩୧
ଖ୍ରୀଷ୍ଟିଆନ୍ ସାଇଣ୍ଟିଷ୍ଟ ୩୭୬
କ୍ରୀଟ୍ (ଦ୍ୱୀପ) ୧୬୧, ୩୬୨
କ୍ଷତ୍ରିୟ—ଏମାନଙ୍କର ସ୍ୱଧର୍ମ ୨୧; -ଜାତି ୨୩୧; -କୁଳ ୧୩୪; -ଶକ୍ତି ୪୧୫
କ୍ଷୀରଭବାନୀ—ଦେବୀ ୬୬; -ନାମକ ପ୍ରସ୍ରବଣ ୧୫୪
ଖଗେନ୍ (ବିମଳାନନ୍ଦ) ୧୮୫, ୧୯୨
ଖନା ୧୮
ଖେତଡ଼ି—ରାଜ୍ୟର ରାଜା ୧୩୦, ୩୧୦; ରାଜସଭାର ନର୍ତ୍ତକୀ ୧୩୦, ୧୪୫
ଖ୍ରୀଷ୍ଟ—ଏହାଙ୍କର ଅସ୍ତିତ୍ୱ ୧୪୧, ୧୬୧; -ଧର୍ମ ୩୮୧, ୩୯୮
ଗଙ୍ଗାଧର (ଅଖଣ୍ଡାନନ୍ଦ) ୧୨୩
ଗଲ୍ -ଜାତି ୯୩
ଗାଜିପୁର ୨୯୮
ଗାଣ୍ଡେରବଲ୍ ୨୬୯
ଗାନ୍ଧାର -ଭାସ୍କର୍ଯ୍ୟ ୧୪୬
ଗାର୍ଗୀ ୧୬, ୨୬୨, ୨୬୪
ଗିରିଶଚନ୍ଦ୍ର ଘୋଷ (ଜ. ସ୍ମି.) ୮, ୩୧, ୩୫, ୪୬, ୬୬-୭, ୭୦, ୨୧୭, ୨୮୨, ୨୧୮, ୩୪୦, ୩୫୫
ଗୀତଗୋବିନ୍ଦ ୨୧
ଗୀତା—ଯୁଦ୍ଧକ୍ଷେତ୍ରରେ ଉକ୍ତ ୨୧; ଏଥିରେ ତ୍ୟାଗ ୩୭; ଏହାର ଚରମ ଲକ୍ଷ୍ୟ ୨୫୮; ଏହାର ଆଧ୍ୟାତ୍ମିକ ଅର୍ଥ ୧୩୬, ୧୪୧; ଏହା ବ୍ୟତୀତ ଉପନିଷଦ୍ ବୁଝିବା ଅସମ୍ଭବ ୧୫୬; -ତତ୍ତ୍ୱ ୧୯୬; ଏହାର ମୂଳତତ୍ତ୍ୱ ୨୧୭; ଏହାର ଧର୍ମ ୩୨୭

ଗୁଡ୍‌ଉଇନ୍ (ଜେ. ଜେ.) ୨୨, ୧୮୪
ଗୁରୁ -ଭକ୍ତି ୩୪, ୯୦; ଯଥାର୍ଥ- ୪୩; ଘଣ୍ଟା ୧୮୭
ଗୁରୁଗୋବିନ୍ଦ (ଶିଖଗୁରୁ) ୭୨
ଗୃହ୍ୟସୂତ୍ର (ଗୋଭିଲ୍) ୪୩
ଗୋବିନ୍ଦକୁମାର ଚୌଧୁରୀ ୨୪୩
ଚଣ୍ଡୀଚରଣ ବର୍ଦ୍ଧନ ୧୮୯
ଚତୁଃସାଧନ ୮
ଚନ୍ଦନବାଡ଼ି ୧୭୨
ଚନ୍ଦ୍ରଗୁପ୍ତ (ମୌର୍ଯ୍ୟ) ୧୪୭
ଚତୁର୍ବର୍ଣ୍ଣ୍ୟ-ବିଭାଗ ୨୩୨
ଚର୍ଚ୍ଚ ଅଫ୍ ଇଂଲଣ୍ଡ ୪୦୧
ଚାର୍ବାକ୍ ୩୩୧-୩
ଚାରୁଚନ୍ଦ୍ର ମିତ୍ର ୧୮୪
ଚିକାଗୋ -ଧର୍ମ ମହାସଭା ୧୮୩, ୩୨୬, ୩୭୭, ୩୮୭, ୩୮୮
ଚୀନ୍—ସେଠାରେ ଧର୍ମପ୍ରଚାରକ ୨୩; -ଦେଶରେ ସମାଜ ବ୍ୟବସ୍ଥା ୩୯୨
ଚେଙ୍ଗିଜ୍ ଖାଁ ୧୫୩
ଚେତନ -ଶକ୍ତି ୯; ଏହାର ଲକ୍ଷଣ ୯; -ପଦାର୍ଥ ୮୭; ଅତି- ୩୯୭
(ଶ୍ରୀ) ଚୈତନ୍ୟଦେବ ୯୫, ୯୮, ୧୨୫, ୧୩୫, ୧୭୮, ୩୬୮, ୪୦୭, ୪୧୧; -ପ୍ରଚାରିତ ବାଣୀ ୧୭୭
(ଶ୍ରୀ) ଚୈତନ୍ୟଚରିତାମୃତ (ଗ୍ରନ୍ଥ) ୫୩
'ଛନ୍ଦୋବୋଧ' କାବ୍ୟ' ୨୮୨
ଛୁଁତମାର୍ଗ ୧୦୧, ୪୨୦, ୪୨୪
ଜଗଦୀଶ ଚନ୍ଦ୍ର ବସୁ ୩୩୦
ଜଗନ୍ନାଥ -କ୍ଷେତ୍ର ୯୮; -ଏହାଙ୍କ ରଥ ୯୮; -ଦେବ ୧୨୨
ଜଡ଼-ସାତନ୍ତ୍ର୍ୟ ମତ ୪୩୧
ଜନ୍ (ସେଣ୍ଟ) ୧୬୩
ଜନକ (ରାଜର୍ଷି) ୭୪, ୨୭୯, ୧୫୭, ୪୨୮
ଜୟଦେବ (କବି) ୨୧
ଜୟପୁର ୮୧
ଜସ୍ଥା (ମ୍ୟାକ୍‌ଲଉଡ୍) ୧୬୬, ୧୬୮
ଜରଥୁଷ୍ଟ୍ର ୧୬୫
ଜାତି—ମୂଲ୍ୟ ୩୮୯; -ବିଚାର ୩୧୧; -ବିଭାଗ ୪୦୪; ୪୦୭; -ଭେଦ ୪୧୯

ଜାତୀୟ ମହାସମିତି (Indian National Congress) ୯୧
'ଜାତ୍ୟନ୍ତର ପରିଣାମ' ୧୬
ଜାପାନ -ଦେଶ ୧୩, ୩୪୯, ୩୯୦; -ଯୁଦ୍ଧ ୨୬୮; -ର ବୌଦ୍ଧଧର୍ମ ୪୦୦
ଜର୍ମାନୀ ୪୦୮
ଜାଷ୍ଟିନିୟାନ୍ ୨୬୨
ଜାହାଙ୍ଗୀର (ବାଦ୍‌ଶାହ) ୨୬୯
ଜିହୋବା ୩୮୩, ୩୮୮
ଜୀବନ୍ମୁକ୍ତ ୬୦
ଜୀବସେବା ୩୫
ଜୁମ୍ମା ମସ୍‌ଜିଦ୍ ୧୫୯
ଜୁଲ୍ ଭର୍ଣ୍ଣ ୩୧୬
ଜେନ୍ଦାବେସ୍ତା ୨୩
ଜୈନ—ଈଶ୍ୱର-ଅବିଶ୍ୱାସୀ ଧର୍ମ-ସଂପ୍ରଦାୟ ୩୮୦, ୩୮୮
ଜ୍ଞାନ—କାଣ୍ଡ ୧୬; ମୁଖ୍ୟ- ୧୨୧; -ଯୋଗ ୨୯୬
ଟଡ୍—ତାଙ୍କର 'ରାଜସ୍ଥାନ' ୨୬୬
ଟମାସ୍ ଆ କେମ୍ପିସ୍ ୨୫୫, ୨୮୬
ଟଲ୍‌ଷ୍ଟୟ ୩୮୧
ଟାଇମ୍‌ସ୍ (ପତ୍ରିକା) ୩୧୦
ଟେନିସନ୍—ତାଙ୍କ ଲେଖା 'ପ୍ରିନ୍‌ସେସ୍' ୪୧୮
ଟ୍ରୁଥ୍ (ପତ୍ରିକା) ୪୦୯
ଡାର୍‌ୱିନ୍ (Darwin) ୧୦୧
ଡାଲ୍ -ହ୍ରଦ ୨୫୬, ୨୬୯
ଡିକେନ୍‌ସ (ଚାର୍ଲସ୍) ୩୧୪
ଡୁଲଇ ୨୪୬
ଡେଲ୍‌ସାର୍ଟ (ବ୍ୟାୟାମ) ୨୯୪
ଡେସ୍‌ମୋନସ୍ (ସହର) ୩୮୬
ତଖ୍ତ-ଇ-ସୁଲେମାନ୍ ୨୫୪, ୨୬୦
ତନ୍ତ୍ର -ଶାସ୍ତ୍ର ୧୬୨; -ସାଧନା ୩୫୯; ଏହାର ଚର୍ଚ୍ଚା ୩୬୦
ତପସ୍ୱିନୀ ମାତା ୨୫
ତମୋ—ଏହା ଦେଶକୁ ଘୋଡ଼ାଇ ପକାଇଛି—୧୩; -ଗୁଣ ୪୦, ୧୨୬; ଏହାର ଲକ୍ଷଣ ୧୨୯
ତା'ଜମହଲ ୧୫୯

ତାନ୍‌ସେନ୍ ୨୭୮
ତନ୍ତ୍ର ୧୩, ୧୫
ତୁରୀୟ -ଅବସ୍ଥା ୨୭୭; -ଜ୍ଞାନ ୩୯୬
ତୁରୀୟାନନ୍ଦ (ସ୍ୱାମୀ) ୩, ୩୬୨
ତୁଳସୀ (ସ୍ୱାମୀ ନିର୍ମଳାନନ୍ଦ) ୧୫, ୨୯୩, ୩୮୦
ତୁଳସୀଦାସ ୮୧, ୧୯୩
ତୁଷାର-ଲିଙ୍ଗ ୨୬୨
ତ୍ୟାଗ—ଏହାର ଉଚ୍ଚ ଆଦର୍ଶ ୩୬, ୪୨୫; ଛଡ଼ା ପରାଭକ୍ତି ହୁଏ ନାହିଁ ୩୭; -ବୈରାଗ୍ୟ ୪୪, ୨୧୫; ଶଙ୍କରଙ୍କ ୫୦; ଏହାର ମହିମା ୫୬; ଏହା ହିଁ ଅସଲ ୧୧୫; ଏହା ହିଁ ମୂଳମନ୍ତ୍ର ୧୯୫; -ରହିତ ଭକ୍ତି ୨୪୧; ଏହା ହିଁ ଭାରତର ଜାତୀୟ ଜୀବନର ଉତ୍ସ ୨୬୬; ପ୍ରକୃତ- ୩୦୭
ତ୍ରିଗୁଣାତୀତ (ସ୍ୱାମୀ) ୨୮୪
'ତ୍ରିପୁଟି ଭେଦ' ୧୫୫
ଥିଓଜଫିକାଲ୍ ସୋସାଇଟି ୩୬୬, ୪୧୩
ଥିଓଜଫିଷ୍ଟ (ପତ୍ରିକା) ୨୮୩
ଥିବେଇଡ୍ ୨୬୨
ଥେର, ଥେରାପିଉଟି ୨୬୩
ଥେରାପୁତ୍ର ସମ୍ପ୍ରଦାୟ ୩୬୧
ଦକ୍ଷିଣେଶ୍ୱର (କାଳୀମନ୍ଦିର) ୧୯, ୧୧୭, ୧୪୩
ଦଧୀଚି ୪୪
ଦମୟନ୍ତୀ ୨୮
ଦରିଦ୍ର -ନାରାୟଣ ସେବା ୨୦୧
ଦାର୍ଜିଲିଂ ୪୨, ୨୩୪, ୨୯୬
ଦାସ୍ୟଭାବ ୧୮୭
ଦିଲ୍ଲୀ (ନଗରୀ) ୨୨୫
ଦୁର୍ଭିକ୍ଷ ୭
ଦୁର୍ଯ୍ୟୋଧନ (କୌରବ) ୫୧-୨
ଦେଓଘର, ବୈଦ୍ୟନାଥ ୮୨
ଦେଓଖେର ୧୨୦
'ଦେବତାଙ୍କର ଆବେଶ' ୭୩
'ଦେବଦେବୀ ମୂର୍ତ୍ତି-ପୂଜା ୫୭
ଦେଶକାଳ -ନିମିତ୍ତ ୫୨, ୩୬୫, ୩୯୭; ବା ନାମରୂପ ୧୧୧; -ଯାନ ଭେଦ ୩୨୩

ଦେଶାନ୍ତର ୨୩୧, ୨୩୩
ଦ୍ୱିଜାତି ୬୮
ଦ୍ୱୈତ -ଭାବ ୮୪; -ଜ୍ଞାନ ୩୩୨
ଧର୍ମ—ପ୍ରତ୍ୟକ୍ଷ ଜ୍ଞାନର ୩୦୭; -ରାଜ୍ୟ ୩୦୭; -ଚର୍ଚ୍ଚା ୩୨୦; ଏହାର ସାରତତ୍ତ୍ୱ ୩୨୯;
ଏହାର ଲକ୍ଷ୍ୟ ୩୭୭; ଏହାର ମୂଳମନ୍ତ୍ର ୪୦୬; -ଶିକ୍ଷା ୪୨୬
ଧର୍ମଘଟ୍ଟ ୯୧
ଧର୍ମପାଲ ୩୪୨
ଧର୍ମବ୍ୟାଧ ୪୧୦
ଧୀରାମାତା (ମିସେସ୍ ଓଲ ବୁଲ୍) ୧୧୭, ୧୪୪, ୧୫୯, ୧୬୬, ୧୭୯
ଧ୍ୟାନ -ଧାରଣା ୪୯, ୫୧; ଏହାର ସ୍ୱରୂପ ୫୬
ଧ୍ରୁପଦ (ସଙ୍ଗୀତ) ୨୮୭
ନଚିକେତା ୨୨, ୪୩, ୨୧୧, ୨୮୬
ନବ ଗୋପାଲ ଘୋଷ ୫୮-୯
ନର ଓ ନାରାୟଣ ୫୦
ନରଓ୍ୱେ ୧୩୩
ନରକ ୪୩୧
ନରସିଂହ ଗୁଈଆଁ (ଜି. ଜି.) ୧୮୪, ୧୯୩
ନରେନ୍, ନରେନ୍ଦ୍ର (ସ୍ୱାମୀଜି) ୩୩, ୫୦
ନରେନ୍ଦ୍ରନାଥ ମିତ୍ର ୪୮
ନରେନ୍ଦ୍ରନାଥ ସେନ୍ ୪
'ନାଇଣ୍ଟିଥ୍ ସେଞ୍ଚୁରୀ' (ପତ୍ରିକା) ୩୯୪
ନାଗ ମହାଶୟ (ଦୁର୍ଗାଚରଣ) ୪, ୧୧, ୩୯, ୪୧, ୫୨, ୫୩, ୬୫, ୨୧୦, ୨୪୪, ୨୪୭,
୨୬୬-୭, ୧୨୩
ନାମକୀର୍ତ୍ତନ ୩୭୦
ନାମରୂପ ୨୨୦, ୨୨୨, ୨୫୧
ନାରଦୀୟ ଭକ୍ତି ୧୨୬
ନାରୀ ସମ୍ବନ୍ଧରେ ଆର୍ଯ୍ୟ ଓ ସେମିଟିକ୍ ଆଦର୍ଶ ୪୨୬
ନିଉୟର୍କ ୩୮୭
ନିଉ ଟେଷ୍ଟାମେଣ୍ଟ ୪୦୧
ନିତ୍ୟାନନ୍ଦ (ସ୍ୱାମୀ) ୩୬ (ପା.ଟୀ.), ୨୪୩
ନିବେଦିତା (ମିସ୍ ନୋବଲ୍) ୨୦୦, ୨୨୬, ୨୯୯, ୧୧୪, ୧୭୮, ୧୭୦; ସ୍ୱାମୀଜୀଙ୍କର
ମାନସ -କନ୍ୟା ୧୩୯

ନିମାଇଁ ସନ୍ନ୍ୟାସ (ନାଟକ) ୧୧୮
ନିରଞ୍ଜନ, ନିରଞ୍ଜନାନନ୍ଦ (ସ୍ୱାମୀ) ୧୦, ୧୧, ୨୭୦, ୨୭୮
ନିରୁକ୍ତ (ଯାସ୍କଙ୍କର) ୩୯୪
ନିର୍ବାଣ -ବୌଦ୍ଧମତରେ ୩୯୬
ନିର୍ଭୟାନନ୍ଦ (କାନାଇ ମହାରାଜ) ୩୬, ୨୪୩, ୨୮୧
ନୀଳାମ୍ବର ବାବୁଙ୍କ ବଗିଚା ୬୦, ୬୫, ୭୯, ୮୪, ୨୦୫, ୨୪୭
ନେପଲ୍‌ସ ୧୭୧
ନେପାଳ ୪୧୧
ନେପୋଲିୟନ୍ ୧୫୩
ନୈନିତାଲ ୧୧୪, ୧୩୦, ୧୩୬
ନ୍ୟାଜାରିନ୍ -ନାମକ ଇହୁଦୀ ସମ୍ପ୍ରଦାୟ ୧୬୪
ନ୍ୟାୟଶାସ୍ତ୍ର ୧୨୧
ପଓହାରୀ ବାବା ୨୯୮, ୧୪୦, ୩୨୪
ପରାଭକ୍ତି ୧୭୩
ପଞ୍ଚତରଣୀ ୧୭୨
ପଞ୍ଚଦଶୀକାର ୮୬
ପଞ୍ଚମ ପୁରୁଷାର୍ଥ ୬୪
ପଞ୍ଜାବ ୧୪୬
ପତଞ୍ଜଳି ୨୦୧
ପରମ ପୁରୁଷାର୍ଥ ୫୩, ୨୫୬
ପରମାର୍ଥ -ସ୍ତବ ୪୫; -ତତ୍ତ୍ୱ ୭୩, ୨୫୬
ପର୍ଶୁରାମ ୩୫୩
ପଶୁପତି ବସୁ ୧୮୫
ପହଲ ଗାଁ ୧୭୦, ୧୭୩
ପାଣିନି ୮୧
ପାଣ୍ଡ୍ରେଥାନ -ମନ୍ଦିର ୧୫୮
ପାପ -ଦୁର୍ବଳତା ୪୫; ପୁଣ୍ୟ ୪୫, ୩୨୪, ୩୬୪; -ବୋଧ ୧୬୫; -ବାଦ ୧୬୫
'ପିକୁଇକ୍ ପେପର୍ସ' ୩୨୩
ପିଙ୍ଗଳା (ନାଡ଼ୀ) ୧୩୮
ପୁନର୍ଜନ୍ମ -ବାଦ ୪୨୨; କର୍ମ ଉପରେ ନିର୍ଭର ୪୧୫
ପୁନରୁତ୍ଥାନ ୧୬୪
ପୁରାଣ -ରୂପକ ସ୍ୱରୂପରେ ଉପଦେଶ ୩୯୬; କୃଷ୍ଣ- ୩୯୭; ଏଣ୍ଟାଇ ଉଦ୍ଦେଶ୍ୟ ୩୯୮

ପୁରୁଷକାର ୫୩, ୧୭୯
ପୂର୍ବବଙ୍ଗ ୬୦, ୧୬୪
ପେରସ୍ଥା ୨୦୨
ପୋର୍ଟ ସୟଦ ୨୬୦
ପଣ୍ଡି ଗୀକ୍ ୩୯୦
ପୌରୋହିତ୍ୟ ୨୩୨ .
ପ୍ୟାରିସ୍ -ପ୍ରଦର୍ଶନୀ ୧୫୯; -ଧର୍ମମହାସଭା ୩୮୮
ପ୍ରକାଶାନନ୍ଦ (ସ୍ୱାମୀ) ୩୬, ୭୦, ୨୯୫
ପ୍ରତାପ ସିଂହ (ରାଣା) ୨୭୮
ପ୍ରତିଯୋଗିତା -ପରୀକ୍ଷା ୩୦୧
'ପ୍ରବାଳ -ଉପକୂଳ' ୩୭୬
'ପ୍ରବୁଦ୍ଧ ଭାରତ' (ପତ୍ରିକା) ୨୫୩, ୪୧୩, ୫୧୫, ୪୨୧; ଏହାର ପ୍ରତି (କବିତା) ୨୫୪
ପ୍ରମଦାଦାସ ମିତ୍ର ୨୯୭
ପ୍ରଳୟ ୩୦; ମହା- ୮୫
ପ୍ରହ୍ଲାଦ ୨୮
ପ୍ରାଚ୍ୟତତ୍ତ୍ୱାନୁସନ୍ଧାନ ୩୮୨
ପ୍ରାଣାୟାମ ୩୦୦, ୩୪୦, ୩୪୧
ପ୍ରିୟନାଥ ମୁଖୋପାଧ୍ୟାୟ ୩, ୮୨
ପ୍ରେମ -ଅନୁଭୂତ ୧୨୧; ରାଧା- ୩୬୯; ବା ଆତ୍ମା ୩୮୪
ପ୍ରେମାନନ୍ଦ (ସ୍ୱାମୀ), ବାବୁରାମ ମହାରାଜ ୫୫, ୮୭, ୯୪, ୧୪୪, ୧୪୬, ୧୭୭, ୧୭୮, ୨୧୧, ୨୯୩, ୨୯୬, ୨୯୯, ୩୬୨
ପ୍ରୋଟେଷ୍ଟାଣ୍ଟ -ଧର୍ମ ୨୬୨
ଫରାସୀ ୩୮୪, ୩୯୦
ଫିଲାଡେଲ୍ଫିଆ -୩୮୭
ଫେରସ୍ତା ୪୨୧
ଫ୍ରାନ୍ସ ୪୦୮
ବକଧାର୍ମିକ ୧୨୯
'ବଙ୍ଗବାସୀ' (ପତ୍ରିକା) ୨୮୩
'ବନ୍ଧ୍ୟାପୁତ୍ର' ୩୯୫
ବରାହନଗରର -ମଠ ୨୦୪, ୨୦୮, ୨୮୮
ବର୍ଣ୍ଣାଶ୍ରମ ୨୯; -ଧର୍ମ ୯୮
ବଲରାମ ବସୁ ୮, ୨୩, ୨୮, ୪୭, ୫୪, ୭୧, ୨୦୪, ୩୫୨, ୩୬୧; ତାଙ୍କ ଘରେ ସଭା ୪୮

ବଲ୍ଲଭାଚାର୍ଯ୍ୟ -ସମ୍ପ୍ରଦାୟ ୬୮୭
ବଶିଷ୍ଠ -ଅରୁନ୍ଧତୀ ୬୯
ବସନ୍ତ -ଦାହ ୬୭୪
ବାଇବେଲ୍ ୬୭୫, ୩୬୭, ୪୨୦
ବଙ୍ଗଳା -ଲିପି (ପ୍ରାଚୀନ) ୬୩୩
ବାଚକ୍ନବୀ ୪୧୮
ବାର-ପତ୍ନୀ ୬୩୫
ବାମାଚାର ୯୮, ୨୩୩, ୨୭୬
ବିକ୍ରମବିହାର -ମନ୍ଦିର ୬୭୭
ବିଜୟକୃଷ୍ଣ ବସୁ ୬୯୫
ବିଜ୍ଞାନାନନ୍ଦ (ସ୍ୱାମୀ) ୨୪୨, ୨୭୩
ବିତସ୍ତା (ନଦୀ) ୨୭୦
ବିଦୁର ୯୭
'ବିଦ୍ୟାମନ୍ଦିର' ୨୦୭
ବିଦ୍ୟାସାଗର (ଈଶ୍ୱରଚନ୍ଦ୍ର) ୬୩୬, ୬୩୭, ୩୪୮
ବିବାହ -ବାଲ୍ୟ ୬୭, ୨୮୦; ବହୁ- ୬୩୬; ବିଧବା- ୬୩୬, ୪୨୩; ଏହାର ଆଦର୍ଶ ୬୪୯; -ଜାତିର କଲ୍ୟାଣ ପାଇଁ ୬୭୭
'ବିବେକଚୂଡ଼ାମଣି' (ଗ୍ରନ୍ଥ) ୪, ୮
ବିଭୂତି -ଶକ୍ତି ୭୬
ବିରଜାନନ୍ଦ (ସ୍ୱାମୀ) ୩୬
ବିଶିଷ୍ଟାଦ୍ୱୈତବାଦୀ ୨୫୬
ବିଶ୍ୱାମିତ୍ର ୯୬
'ବୀରବାଣୀ' ୭୯, ୨୭୩, ୨୮୬ (ପାଦଟୀକା)
ବୁଦ୍ଧଦେବ—ତାଙ୍କର ଧର୍ମ ୨୮; -ତ୍ୟାଗୀ ୩୯; ତାଙ୍କ ହୃଦୟ ୫୦, ୯୭; ଐତିହାସିକ ଦୃଷ୍ଟିରେ ୬୪୬; ତାଙ୍କ ଜନ୍ମଭୂମି ୬୪୫; -ସର୍ବଶ୍ରେଷ୍ଠ ମାନବ ୬୭୪; ତାଙ୍କର ତ୍ୟାଗ ପ୍ରଚାର ୬୭୭; ଓ ଜାତି ବିଭାଗ ୩୮୯; -ବ୍ୟତୀତ ବୈଦିକ ଧର୍ମ ୩୯୮; ତାଙ୍କ ବାଣୀ ୪୨୪; ତାଙ୍କର ଅଦ୍ଭୁତ ସମ୍ପ୍ରଦାୟ-ଗଠନ ୪୧୮; ଖ୍ରୀଷ୍ଟଙ୍କ ପୂର୍ବବର୍ତ୍ତୀ ୪୩୨
ବୃନ୍ଦାବନ ଲୀଳା ୨୬, ୨୬୩; ସେଠାରେ ବାନର ୬୭୭
ବେଦ—ଏଥିରେ ଆତ୍ମ-ତତ୍ତ୍ୱ ୬୩; ଏହାର ଅର୍ଥ ୩୦; -ଜ୍ଞାନ ୫୦; ଏହାର ମହାବାକ୍ୟ ୨୮୩; -ପାଠ ୩୦୬; ଏହାର ଶାସନ ୪୦୪; ଏହା ହିଁ ଏକମାତ୍ର ପ୍ରମାଣ ୪୬୪; ଏହାର ବିଶେଷତ୍ୱ ୪୬୯
ବେଦାନ୍ତ -ଭାବ ୪; ଏହା ପ୍ରଚାର ୪; -ବାଦ ୪; -ଧର୍ମ ୪; ଏଥିରେ ଅଧିକାରୀର ଲକ୍ଷଣ ୮; ୯-୩୨

ଅଦ୍ୱୈତ- ୩୯୫; -ଭାଷ୍ୟ ୯୭; -ମୂର୍ତ୍ତି ୯୮; -ସୂତ୍ର ୧୫୮; ଏହାର ଟୋଲ୍ ୨୧୨; ଇସ୍‌ଲାମ୍ ଉପରେ ଏହାର ପ୍ରଭାବ ୪୨୯
ବେଲୁଡ଼ -ମଠ ୮୮, ୧୦୫, ୧୩୨, ୧୩୬, ୧୪୧, ୧୪୭, ୧୫୧, ୧୫୯, ୧୬୪, ୧୭୦, ୧୭୭, ୧୮୫, ୧୯୫, ୨୦୦, ୨୦୩, ୨୦୭, ୨୧୦, ୨୧୪, ୨୧୮, ୨୨୫, ୪୨୧; -ମଠରେ ଠାକୁର ପ୍ରତିଷ୍ଠା ୯୪; -ମଠର ଜମି ୧୦୫; ମଠରେ ଦୁର୍ଗୋତ୍ସବ ୧୯୩; -ମଠରେ ଶ୍ରୀରାମକୃଷ୍ଣଦେବଙ୍କ ତିଥି ଉତ୍ସବ ୧୯୫, ୧୯୯
ବେସାନ୍ତ (ମିସେସ୍) ୪୧୩
ବୈରାଗ୍ୟ -ଉପନିଷଦ୍‌ର ପ୍ରାଣ ୩୯; ତୀବ୍ର- ୧୨୦; ବଳରେ ୧୫୩; ଏହା ଭୟରହିତ ୨୫୭; ଯଥାର୍ଥ- ୩୩୪
ବୈଷ୍ଣବ -ଧର୍ମ ୧୨୮, ୧୩୩; ଭାରତବର୍ଷୀୟ- ୨୪୨
ବୌଦ୍ଧ -ଧର୍ମ ୩୯, ୧୨୯, ୧୩୩, ୧୫୯, ୨୫୨, ୨୬୦, ୩୮୫, ୩୯୮, ୪୧୪, ୪୧୭, ୪୨୫, ୪୨୯; -ସାମ୍ରାଜ୍ୟ ୨୪୬· -କର୍ମକାଣ୍ଡ ୨୬୧; -ନିର୍ବାଣ ୩୯୭; -ଧର୍ମ ଜାପାନରେ ୪୦୦; -ଧର୍ମ ସିଂହଳରେ ୪୦୦
'ବ୍ୟତିରେକୀ ବସ୍ତୁର' ୧୧୭
ବ୍ରହ୍ମ—ଶବ୍ଦ ୩୧; ପ୍ରତ୍ୟକ୍- ୩୨; ସିଦ୍ଧକଳ୍ପ- ୩୧; -ଜ୍ଞାନ ୩୮, ୪୯, ୧୩୭, ୧୭୭, ୩୪୭; -ଆଭାସ ୫୮; -ଜ୍ଞ ୭୫; ଏହାର ଅଭାବ ୮୭; -ବିଦ୍ୟା ୧୦୭, ୨୪୭; -ବିବିଦିଷା ୧୫୩; -ସଂସ୍ଥ ୧୫୪; -ତତ୍ତ୍ୱ ୧୫୭; -ଜ୍ଞାନୀ ୧୯୪; -ଶକ୍ତି ୩୮୦; ତୁରୀୟ- ୩୯୬
ବ୍ରହ୍ମଚର୍ଯ୍ୟ -ବିଷୟରେ ଉପଦେଶ ୩୬ -ଆଶ୍ରମ ୧୦୬; -ପାଳନ ୧୮୦; -ଶିକ୍ଷା ୨୧୨; -ପ୍ରାଚ୍ୟ ସଭ୍ୟତାର ଆଦର୍ଶ ୨୩୨; -ଧର୍ମଲାଭର ସହାୟ ୩୦୩; ଅଖଣ୍ଡ- ୩୩୮, ୩୪୭; ଏହାକୁ ଉଚ୍ଛାହନ ଦାନ ୪୨୦
'ବ୍ରହ୍ମବାଦିନ୍' (ପତ୍ରିକା) ୩୦୪
ବ୍ରହ୍ମବାଦିନୀ -ବ୍ୟାଖ୍ୟା ୪୮
ବ୍ରହ୍ମସୂତ୍ର -ଭାଷ୍ୟ ୨୧୦, ୨୯୯; -ପାଠ ୨୧୧
ବ୍ରହ୍ମାନନ୍ଦ (ସ୍ୱାମୀ) ୪୮, ୭୬, ୧୪୯, ୧୮୦, ୨୦୬, ୨୯୩, ୩୪୦
ବ୍ରାତ୍ୟ ୬୬, ୬୮
ବ୍ରୁକ୍‌ଲିନ୍ -ନୈତିକ ସଭା ୪୨୭
ଭକ୍ତି -ପରା ୩୭, ୧୨୨; ଉତ୍ତମା- ୫୩; ମୁଖ୍ୟ ଓ ଗୌଣ- ୧୨୩; -ଯୋଗ ୧୫୭; ଜ୍ଞାନମିଶ୍ରା- ୩୭୦
ଭବାନୀଶଙ୍କର (ପ୍ରଗୁରକ) ୨୮୬
ଭାଗବତ ୨୧୦
ଭାବ —ମଧୁର-ସଖ୍ୟାଦି ୧୨୩
ଭାରତଚନ୍ଦ୍ର (କବି) ୮୭

ଭାରତ, ଭାରତବର୍ଷ—ଏହାର ବର୍ତ୍ତମାନ ଶକ୍ତିହୀନତା ୯; ଏହାର ନୂତନ କାର୍ଯ୍ୟପ୍ରଣାଳୀ ୧୮, ୪୨୪-୫; -ରେ ଶ୍ରଦ୍ଧା ଓ ଆତ୍ମପ୍ରତ୍ୟୟର ଅଭାବ ୯୦; ସେଠାରେ ଇତର ଜାତି ୯୨; -ଏହାର ପୁନରଭ୍ୟୁତ୍ଥାନ ୧୧୪, ୪୨୪-୫; ଏହାର ଅଧଃପତନର କାରଣ ୧୭୧; ଏହାର ମିଶର ସହିତ ଭାବ-ସମ୍ମିଶ୍ରଣ ୨୬୨; ଭବିଷ୍ୟତରେ ବିଜେତାର ଆସନ ପାଇବ ୩୮୨; ଏହାର ଜନସାଧାରଣଙ୍କର ଉନ୍ନତି ୪୦୩; ଏହାର ଇତିହାସ ୪୦୪; ଏହାର ପୁନରୁଦ୍ଧାରର ପରିକଳ୍ପନା ୪୧୧; ସେଠାରେ ନାରୀର ଅବସ୍ଥା ୪୧୬-୨୦
ଭିନ୍ନସ୍ -ବାସୀ ୩୯୦
ମଠ—ମହାସମନ୍ୱୟ-କ୍ଷେତ୍ର ୧୦୯; ଏହାର ଆଦର୍ଶ ୧୭୧, ୧୯୫
ମଥୁରବାବୁ ୫୧
ମଧ୍ୱାଚାର୍ଯ୍ୟ ୪୦୫
ମନୁ -ସ୍ମୃତି ୧୩୪; -ସଂହିତା ୧୭୧
ମନ୍ମଥନାଥ ଭଟ୍ଟାଚାର୍ଯ୍ୟ ୭୦, ୮୮
ମହମ୍ମଦ (ହଜରତ୍)—ତାଙ୍କର ଉଦାର ଧର୍ମ ୨୨
ମହାବୀର (ହନୁମାନ) ୧୨, ୭୧
ମହାଭାରତ ୩୯, ୨୫୬, ୩୬୭, ୪୨୦ (ପାଃ ଟୀଃ)
ମହାଭାଷ୍ୟ ୨୯୯
ମହିମ୍ନସ୍ତବ ୨୩
ମହୀଶୂରର ରାଜା ୩୭୯, ୩୮୭, ୪୦୮
ମହେନ୍ଦ୍ରଲାଲ ସରକାର (ଡାକ୍ତର) ୨୪୩
ମାଇକେଲ୍ ମଧୁସୂଦନ ଦତ୍ତ ୧୮୦
(ଶ୍ରୀଶ୍ରୀ) ମାତାଠାକୁରାଣୀ ୧୭୨, ୧୯୬, ୨୨୯
'ମାନ୍ଦ୍ରାଜ୍ ଟାଇମ୍ସ୍' (ପତ୍ରିକା) ୪୦୭
ମାୟା -ରହସ୍ୟ ୫୦; -ଶକ୍ତି ୮୬; ଏହାର ମୂର୍ତ୍ତି ୧୭୧; ନାମରୂପ ହିଁ- ୩୬୪; ଦେଶ-କାଳ-ନିମିତ୍ତର ନାମ ହିଁ- ୩୬୫; ବ୍ୟାଖ୍ୟା ୪୨୭; -ବାଦ ୪୨୭
ମାୟାବତୀ ୨୫୩
'ମାର' ୫୭, ୨୬୫; -ଜିତ୍ ୨୬୫
ମାର୍ତ୍ତଣ୍ଡ -ମନ୍ଦିର ୨୬୭
ମାଷ୍ଟର୍ (ମହେନ୍ଦ୍ରନାଥ ଗୁପ୍ତ) ୭୮
ମିତାକ୍ଷର ୧୩୩
ମିଲ୍ (ଜନ୍ ଷ୍ଟୁଆର୍ଟ) ୩୬୦, ୩୬୪
ମିଲ୍ଟନ୍ ୩୯୭
ମିଶର -ଦେଶ ୨୬୫; -ବାସୀ ୨୬୫

ମୀନାବଜାର ୩୦

ମୀରା, ମୀରାବାଈ ୨୮, ୨୬୭, ୪୧୯

ମୁକ୍ତି—ଅର୍ଥ ୧୧, ୪୨୬; ଜନକ- ୩୫; -ତ୍ୟାଗ ଛଡ଼ା ହୁଏ ନାହିଁ ୩୭; ବା ଆତ୍ମଜ୍ଞାନ ୧୬୯; ବ୍ୟକ୍ତିଗତ ଓ ସମସ୍ତଙ୍କର- ୧୯୦; ବ୍ୟଷ୍ଟି ଓ ସମଷ୍ଟିର- ୧୯୦; ବେଦେଣ୍ଟ- ୨୯୦; ଅଦ୍ୱୈତବାଦୀମାନଙ୍କର- ୩୯୬; ଏହା ଧର୍ମର ମୂଳମନ୍ତ୍ର ୪୦୬

ମୁସଲ୍‌ମାନ -ଧର୍ମ ୨୫୨, ୨୬୨, ୩୯୮; -ବିଜେତା ୩୮୬

ମୁସାର ଯୁଗ ୨୬୨

'ମୂକାସ୍ୱାଦନବତ୍' ୩୪, ୧୧୨

ମୂର୍ତ୍ତିପୂଜା ୪୨୫

ମୂର୍ ଜାତି ୨୬୨

ମୂଲର୍ (ମିସ୍) ୨୩

'ମେଘଦୂତ' (କାବ୍ୟ) ୧୩

'ମେଘନାଦ ବଧ' (କାବ୍ୟ) ୧୮୧

ମୈତ୍ରେୟୀ ୧୬୧,

'ମୋହମୁଦ୍‌ଗର' ୯୩ (ପାଃ ଟୀଃ)

ମୋହନବାବୁ (ଢାକାର) ୧୬୫

ମୌଞ୍ଜି ମେଖଳା ୪୩

ମୌର୍ଯ୍ୟ-ରାଜତ୍ୱ ୨୩୪

ମ୍ୟାକ୍‌ସମୂଲର୍ ୨୯

ମ୍ୟାଟ୍‌ସିନ୍ ୨୩୩

ମ୍ଲେଚ୍ଛ ୨୯

ଯବନଦ୍ୱାରା ମନ୍ଦିର ଧ୍ୱଂସ ୭୭; -ମାନଙ୍କର ଅଭିଯାନ ୨୪୬; ସେମାନଙ୍କର ଧର୍ମ ୨୬୩; -ମାନଙ୍କ ମଧ୍ୟରେ ବାହଦ୍ରଥ ୨୬୪; ବା ଗ୍ରୀକ୍ ୨୬୭

ଯମ ୧୦୦

ଯାଜ୍ଞବଲ୍କ୍ୟ ଋଷି ୧୩୧ ୧୩୪, ୧୬୧, ୪୧୧; -ମୈତ୍ରେୟୀ ସମ୍ବାଦ ୨୯୫

ଯୀଶୁ, ଯୀଶୁଖ୍ରୀଷ୍ଟ—ତାଙ୍କର ଶୈଳୋପଦେଶ ୪୩୧

ଯୋଗବାଶିଷ୍ଠ ୩୮

ଯୋଗାନନ୍ଦ (ସ୍ୱାମୀ) ୧୫, ୨୮, ୪୮, ୪୯, ୫୩, ୫୫, ୭୪, ୭୫, ୧୦୦, ୧୦୩, ୨୮୫, ୨୯୩, ୩୪୦

ଯୋଗୀନ୍-ମା ୫୫

ରଘୁନନ୍ଦନ—ସ୍ମାର୍ତ୍ତ ୪୩; ବଙ୍ଗଳାରେ ତାଙ୍କର ଶାସନ ୧୩୩; ତାଙ୍କର ସ୍ମୃତି ୧୯୨; ତାଙ୍କର 'ଅଷ୍ଟାବିଂଶତି ତତ୍ତ୍ୱ' ୧୯୨

ରଘୁବଂଶ ୨୫
ରଙ୍ଗାଚାର୍ଯ୍ୟ (ଅଧ୍ୟାପକ) ୩୦୪
ରଜଃ ଗୁଣ ୧୩, ୪୦, ୧୨୯
ରଣଦାପ୍ରସାଦ ଦାସଗୁପ୍ତ ୧୫୯-୧୬୪
ରାଓଲପିଣ୍ଡି ୨୪୭
ରାଜ-ଯୋଗ ୧୫୭;
ରାଜେନ୍ଦ୍ରନାଥ ଘୋଷ ୩୦୨
ରାଧାକୃଷ୍ଣ ୨୨୭
(ଶ୍ରୀ) ରାମକୃଷ୍ଣ (ଠାକୁର)—ସ୍ତୋତ୍ର ୧; ସଭ୍ୟତାର ସଂଯୋଗ-ସାଧକ ୧୬; ସ୍ୱରାଜ୍ୟର ରାଜା ୧୬; ଅବତୀର୍ଣ୍ଣ ୧୮; ମହାସମନ୍ୱୟାଚାର୍ଯ୍ୟ ୧୮, ୨୧୫; ତାଙ୍କର ଜନ୍ମୋତ୍ସବ ୬୫, ୬୬; ଅନନ୍ତ ଭାବମୟ ୪୯, ୫୦; ଅବତାର ୫୦, ୫୧, ୧୨୪ ୨୯୯; -ସ୍ତବ ୧୮୩, ୧୯୫; -ଈଶ୍ୱରର ପରିକଳ୍ପନା ୧୯୭; -ଓସ୍ତାଦ୍ ମାଲୀ ୨୧୨; ତ୍ୟାଗୀର ବାଦ୍‌ଶାହା ୨୧୫; ତାନ୍ତ୍ରିକ କୌଳ ୨୧୬; ପୂର୍ଣ୍ଣଜ୍ଞାନମୟ ୨୪୩; ବାହ୍ୟ ଦଶାରେ କର୍ମପଟୁ ୨୬୫; -ଚରିତ ୩୦୦; ତାଙ୍କର ଜନ୍ମ ୩୯୪
(ଶ୍ରୀ) ରାମକୃଷ୍ଣ-ମିଶନ୍ ୨୮, ୧୪୭; -ମିଶନ୍‌ର ଉଦ୍ଦେଶ୍ୟ ୪୮; ମିଶନ୍‌ର ସିଲ୍ ମୋହର ୧୬୨
ରାମକୃଷ୍ଣାନନ୍ଦ (ଶଶି ମହାରାଜ) ୧୫, ୩୯, ୨୦୪, ୨୧୩
ରାମନାଦ ରାଜା ୪୦୮
ରାମପ୍ରସାଦ ୧୮୮
ରାମବ୍ରହ୍ମ ସାନ୍ୟାଲ୍ ୧୦୦, ୧୦୧
ରାମମୋହନ ରାୟ (ରାଜା) ୨୩୦, ୨୩୭
ରାମଲାଲ ଦାଦା (ଶ୍ରୀରାମକୃଷ୍ଣଙ୍କର ଭ୍ରାତୃପୁତ୍ର) ୨୮୮
ରାମାନନ୍ଦ ରାୟ ୨୩୫
ରାମାନୁଜ ୯୮, ୨୧୫, ୪୦୭, ୪୨୨; 'ଆହାର' ସମ୍ବନ୍ଧରେ ୧୨୯
ରାମାୟଣ ୬୧
ରାମେଶ୍ୱର ୩୨୨
ରାସମଣି (ରାଣୀ) ୧୯
ରିପନ୍ କଲେଜ୍ ୨୮୪
ରୁଷ୍‌ଦେଶୀୟ ଚାଷକରର ଗଳ୍ପ ୨୩୮
ରେଡ୍ ଇଣ୍ଡିଆନ୍ ୪୦
ରୋମକ-ସଭ୍ୟତା ୯୩; -ସାମ୍ରାଜ୍ୟ ୨୩୨
ଲଣ୍ଡନ ୩୮୭
ଲମ୍ବାର୍ଡି-ଦେଶ ୨୫୯

ଲୀଳା, ଲୀଳାବତୀ ୨୬, ୨୮
ଲୋକଗୁରୁ—ଏକମାତ୍ର ବ୍ରହ୍ମଜ୍ଞ ପୁରୁଷ ୧୮
ଲାଟିନ୍‌-ବିଦ୍ୟା ୩୮୬
ଶକୁନ୍ତଳା ୪୧୮
ଶଙ୍କର (ଆଚାର୍ଯ୍ୟ)—ଭାଷ୍ୟକାର- ୪୬, ୧୧୬; (ପାଃ ଟୀଃ); ତାଙ୍କର ତ୍ୟାଗ ୫୦; ତାଙ୍କର କ୍ଷୁରଧାର ବୁଦ୍ଧି ୯୭; ଅଦ୍ୱୈତବୋଧ ବଳରେ ରଖିଯାଇଛନ୍ତି ୧୦୯; -ମତରେ 'ଆହାର' ୧୨୯; -ମତରେ ସନ୍ନ୍ୟାସ-ତତ୍ତ୍ୱର ସାର୍ଥକତା ୧୫୩; -ମତରେ କର୍ମ ଜ୍ଞାନର ପରିପନ୍ଥୀ ୧୭୬; ତାଙ୍କର ଅନୁଷ୍ଠାନ ପ୍ରତି ଶ୍ରଦ୍ଧା ୧୯୪; ଓ ବେଦର ଧ୍ୱଜା ୨୪୬; ଅଦ୍ୱୈତବାଦୀ ୨୯୯; ତାଙ୍କର ଅଦ୍ୱୈତ ମତ ୩୩୫; ତାଙ୍କର ଶିକ୍ଷା ୩୯୫-୬
'ଶବ୍ଦଶକ୍ତି-ପ୍ରକାଶିକା'—ନ୍ୟାୟଗ୍ରନ୍ଥ ୩୨
ଶରତ୍‌-ଚନ୍ଦ୍ର ଚକ୍ରବର୍ତ୍ତୀ ୨୯୦, ୩୦୧
ଶରତ୍‌-ଚନ୍ଦ୍ର ସରକାର ୪୮
ଶଶୀଙ୍କ ୩୯୫
ଶଶିପଦ ବନ୍ଦ୍ୟୋପାଧ୍ୟାୟ ୩୦୧
ଶଶିଭୂଷଣ ଘୋଷ୍‌ ୪୧
ଶିଖ -ଜାତି ୭୧
ଶିବ ଓ ଉମା ୨୩୫
ଶିବାଜୀ ୨୩୩
ଶିବାନନ୍ଦ (ସ୍ୱାମୀ) ୧୫, ୨୧୯, ୨୨୦
ଶିୟା-ସୁନ୍ନୀ ୨୨
ଶିଳ୍ପକଳା ୧୫୯-୧୬୪
ଶୁକ, ଶୁକଦେବ ୫୦, ୨୩୫
ଶୁଦ୍ଧାଦ୍ୱୈତବାଦ ୧୫୨
ଶୁଦ୍ଧାନନ୍ଦ (ସୁଧୀର ମହାରାଜ) ୪୪, ୫୬, ୨୦୦
ଶୂନ୍ୟବାଦୀ ୧୫୨
ଶେଖ ବଂଶଧର ୨୬୫
ଶେଷନାଗ ୨୭୧
ଶୋପେନ ହାଉୟାର ୩୮୧, ୩୮୬
ଶ୍ରଦ୍ଧା ୧୨୨
ଶ୍ରମଣ (ବୌଦ୍ଧ) ୯୮
ଶ୍ରୀନଗର ୭୭, ୨୫୬, ୨୭୪, ୨୭୬; -ଉପତ୍ୟକା ୧୫୦
ଶ୍ରୀଭାଷ୍ୟ ୩୦୩

ଶ୍ରୀମ ('ମାଷ୍ଟର' ଦ୍ରଷ୍ଟବ୍ୟ) ୬୮
ଶ୍ରୁତି—ବେଦ ୩୮; -ବାକ୍ୟ ୨୪୮
ସଂହିତା -ବେଦର ଅତି ପ୍ରାଚୀନ ଭାଗ ୩୯
ସଂଘମିତ୍ରା ୪୧୯
ସତ୍ତ୍ୱଗୁଣ ୧୨୯
ସତ୍ୟକାମ ୩୪୭
ସଦାନନ୍ଦ (ସ୍ୱାମୀ) ୩୫
ସନାତନ ଗୋସ୍ୱାମୀ ୨୭୮ (ପାଃ ଟୀଃ)
ସନ୍ଧ୍ୟାମନ୍ତ୍ର ୩୦
ସନ୍ନ୍ୟାସ -ଆଶ୍ରମ ୩୬, ୩୯; ଏହାର ଉଦ୍ଦେଶ୍ୟ ୩୭; ଏହାର ଚତୁର୍ବିଧ ବିଧାନ ୩୮; ଏହାର ପ୍ରକାରଭେଦ ୪୧; ଅବଲମ୍ବନ ୩୧୧; ବେଦରେ ଏହାର ବିଧି ୪୮
ସନ୍ନ୍ୟାସୀ—ମୁକ୍ତିର ଉପଦେଷ୍ଟା ୪୧; -ମାନଙ୍କର ଚାଲିଚଳନ ୭୯; -ମାନଙ୍କର ପ୍ରଚାର ୭୯; ଓ ମୁକ୍ତିର ପ୍ରଭେଦ ୨୫୭
ସମାଧି - ଭାବ- ୧୭; ନିର୍ବିକଳ୍ପ- ୧୭, ୮୪, ୮୫, ୨୦୮; ନିଃଶେଷ -୮୪; -ଦେଖାଇବା ୩୩୯
ସମିତ୍-ପାଣି ୪୩
ସମ୍ପ୍ରଦାୟହୀନତା ୨୨
ସର୍ବଧର୍ମ -ସମନ୍ୱୟ ୨୫୨
ସାଂଖ୍ୟ -ଦର୍ଶନ ୧୦୧
ଶାହାଜାହାନ୍ (ବାଦ୍‌ଶାହା) ୨୩୩
ସଣ୍ଡେ ଟାଇମ୍‌ସ୍ (ପତ୍ରିକା) ୩୬୮
ସାବିତ୍ରୀ ୨୬ ୨୮, ୧୬୩
ସାମ୍ୟବାଦ ୪୦୨
ସାୟନ ୨୯
ସାରଦାନନ୍ଦ (ଶରତ୍ ମହାରାଜ) ୭୭, ୨୧୮, ୨୨୧
'ସାହିତ୍ୟ କଳ୍ପଦ୍ରୁମ' (ପତ୍ରିକା) ୨୮୮
ସିଙ୍ଗାଇ ୭୨, ୭୩
ସିପାହୀ-ବିଦ୍ରୋହ ୩୮୨
ସୀତା ୨୬, ୨୭, ୧୬୩
ସୁଇଜରଲ୍ୟାଣ୍ଡ ୨୩୩
ସୁଦାନ ଯୁଦ୍ଧ ୩୯୧
ସୁଫି -ସମ୍ପ୍ରଦାୟ ୩୮୧, ୩୮୬

ସୁମାତ୍ରା –୧୩
ସୁରଦାସ ୨୪୫
ସୁରେନ୍ଦ୍ରନାଥ ସେନ୍ ୩୬୧
ସୁରେଶ ମିତ୍ର ୨୦୪
ସୁଷୁମ୍ନା (ନାଡ଼ୀ) ୨୦୮
ସୃଷ୍ଟି -ବେଦରୁ ୩୦; ଶବ୍ଦ ହିଁ ଏହାର ମୂଳ ୩୧
ସେକେନ୍ଦ୍ରା ୨୩୩
ସେବା -ଧର୍ମ ୩୫; ଆଶ୍ରମ ୩୫, ୧୦୮
ସେଭିଆର—କ୍ୟାପ୍ଟେନ୍ ୨୩୧
ସୋନମାର୍ଗ ୨୫୮
ସୋସ୍ୟାଲିଜମ୍ ୩୯୩
ଷ୍ଟର୍ଡି (ଇ. ଟି.) ୨୯୬
ଷ୍ଟ୍ରସ୍—ସେଠା ପ୍ରତ୍ନତତ୍ତ୍ୱବିତ୍ ୨୬୪
ସ୍ତ୍ରୀ -ଶିକ୍ଷା ୨୬, ୨୮, ୧୭୫, ୨୪୭, ୨୬୪; -କେନ୍ଦ୍ର ୨୮; -ଆଶ୍ରମ ୧୩୦; -ମଠ ୧୬୦, ୧୬୨-୬୭
ସ୍ପେନ୍ସର୍ (ହର୍ବର୍ଟ) ୪୧୦
ସ୍ୱରୂପାନନ୍ଦ (ସ୍ୱାମୀ) ୨୧୦, ୨୫୩
ସ୍ୱାମୀଜୀ (ବିବେକାନନ୍ଦ)—ତାଙ୍କର କାର୍ଯ୍ୟପ୍ରଣାଳୀ ୧୭; 'ଅଖଣ୍ଡର ସ୍ୱର' ୫୦; ତାଙ୍କର ବାଲ୍ୟକାଳ ୬୦; ବେଦାନ୍ତବାଦୀ ଓ ବ୍ରହ୍ମଜ୍ଞାନୀ ୧୯୪; ତାଙ୍କର ଅଷ୍ଟ-ବର୍ଷବ୍ୟାପୀ ଭ୍ରମଣ ଓ ନାମ ପରିବର୍ତ୍ତନ ୨୨୬; ତାଙ୍କର ନିର୍ବିକଳ୍ପ ସମାଧି ୨୨୬; -ମହାଦେବଙ୍କ ପ୍ରସଙ୍ଗରେ ୨୪୮; ତାଙ୍କର ଭ୍ରମଣର ସମ୍ବଳ ୨୫୫; ତାଙ୍କର ପରିବ୍ରାଜକ ଜୀବନ ୨୬୭; ତାଙ୍କର ଈଶ୍ୱରଙ୍କ ପାଦ ସ୍ପର୍ଶ ୨୬୭; ତାଙ୍କର ଦର୍ଶନ-ପ୍ରଚାର ୩୬୭; ଏ ଦେଶରେ ତାଙ୍କର କାର୍ଯ୍ୟ-ପ୍ରଣାଳୀ ୩୭୭; -ମତରେ ଜାତିବିଭାଗ ଓ କର୍ମକାଣ୍ଡ ୪୦୪; ତାଙ୍କର ସଙ୍କଳ୍ପ ୪୦୭
ସ୍ମୃତି ୧୩୫, ୧୯୨
ହକ୍ସ୍ଲି - ଦାର୍ଶନିକ ୩୦୯
'ହଙ୍କରଦେବ' ୧୬୭
'ହାଉସ୍ଟାର୍' ପୋଖରୀ ୨୭୩
ହରମୋହନ ବାବୁ ୨୯୧
ହରି (ମହାରାଜ) ୨୧୩
ହାଇଡ୍ରଲିକ୍ ବ୍ରିକ୍ ୯
ହଙ୍ଗେରୀ ଦେଶୀୟ ୨୩୪
ହଣ୍ଟର୍ (ସାର୍ ଉଇଲିୟମ୍) ୩୯୪

ହିଂସା ଓ ଅହିଂସା ୨୧୯
'ହିନ୍ଦୁ' (ପତ୍ରିକା) ୩୯୫, ୩୯୯
ହିନ୍ଦୁ -ଜାତିର ବାହାହସ୍ତିତ ୧୩୧; ସେମାନଙ୍କର ମନ୍ଦିର-ସ୍ଥାପନରେ ପ୍ରଚାର ୧୭୨; ସେମାନଙ୍କର ପରଧର୍ମ-ସହିଷ୍ଣୁତା ୩୮୮; ସେମାନଙ୍କର ସମାଜ-ସଂସ୍କାରର ପ୍ରୟୋଜନୀୟତା ୪୦୮
ହିନ୍ଦୁଧର୍ମ -ବୌଦ୍ଧ ଧର୍ମର ତ୍ୟାଗ-ବୈରାଗ୍ୟ ହଜମ କରିଛି ୩୮; -ସମ୍ବନ୍ଧରେ ସ୍ୱାମୀଜୀଙ୍କ ଲେଖା ୭୯; ଏଥିରେ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ ୧୭୧; -ସହିଷ୍ଣୁ ହେଉ ୧୭୫; କୌଣସି ବ୍ୟକ୍ତିବିଶେଷଙ୍କ ଉପରେ ନିର୍ଭର କରେ ନାହିଁ ୩୯୭; ଅହିନ୍ଦୁଙ୍କୁ ହିନ୍ଦୁ କରାଯାଇପାରେ ୩୯୯; ଏହାର ସାଧାରଣ ଭିତ୍ତି ୪୨୪; ତ୍ୟାଗୀମାନଙ୍କର ପୁନର୍ଗ୍ରହଣ ୪୧୨; -ତ୍ୟାଗୀ ୪୧୨
ହିଲେଲ୍ ୧୭୪
ହୁନ୍ ୧୩୩
ହେସ୍ୟାର୍ (ଡେଭିଡ୍) ୧୩୭
ହେଷ୍ଟି ୧୩୭
ହୋପ୍ (ପତ୍ରିକା) ୧୮୩
ହୋମର୍ ୩୯୭
ହୋର୍ମିଲର୍ କମ୍ପାନୀ ୨୯
ହ୍ୟାମ୍ଲେଟ୍ ୧୭୫
ହ୍ୟାରିସନ୍ ୧୮୪
ହିବ୍ରୁଏ (ଇହୁଦୀ) -ଧର୍ମ ୧୭୧; ସମ୍ପ୍ରଦାୟ ୧୭୪; ସେମାନଙ୍କର ସ୍ୱର୍ଗର ଧାରଣା ୪୩୦